## ପ୍ରଥମ ଭାଗ
## (PART–A)

# ଭାରତରେ ରାଜନୀତି
# (POLITICS IN INDIA)

## ଭାରତରେ ଗଣତନ୍ତ୍ର
## [ DEMOCRACY IN INDIA ]

**1**
**UNIT**

### ପ୍ରଥମ ଅଧ୍ୟାୟ

## ଗଣତନ୍ତ୍ର
## [ DEMOCRACY ]

**ଗଣତନ୍ତ୍ର : ଅର୍ଥ, ପ୍ରକାରଭେଦ ଓ ବୈଶିଷ୍ଟ୍ୟ, ଭାରତୀୟ ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନ–ଅସମାନତା, ନିରକ୍ଷରତା, ଆଞ୍ଚଳିକତାବାଦ, ନକ୍ସଲ ସମସ୍ୟା, ଲିଙ୍ଗଗତ ବୈଷମ୍ୟ ।[ Democracy–Meaning, Types and Features, Challenges to Democratic Process in India–inequality, Illiteracy, Regionalism, Naxalite Problems, Gender Inequality. ]**

## ଅତିସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ୧ ନମ୍ବର)

**A.** ନିମ୍ନଲିଖିତ ମଧ୍ୟରୁ ସଠିକ୍ ବିକଳ୍ପଟି ଉତ୍ତର ବାଛି ଲେଖ **(Multiple Choice Questions)**

ପ୍ର.୧. "ଗଣତନ୍ତ୍ର ଲୋକମାନଙ୍କର, ଲୋକମାନଙ୍କଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର।" ଏହା କିଏ କହିଛନ୍ତି ?

(କ) ସିଲ୍ଲୀ (ଖ) ଲାସ୍କି

(ଗ) ଆବ୍ରାହମ୍ ଲିଙ୍କନ (ଘ) ଡାଇସୀ

ଉ : ଆବ୍ରାହମ ଲିଙ୍କନ

ପ୍ର.୨. "ଗଣତନ୍ତ୍ର ଏକ ସରକାର ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଅଛି।" ଏହା କିଏ କହିଛନ୍ତି ?

(କ) ସିଲ୍ଲୀ (ଖ) ଆବ୍ରାହମ ଲିଙ୍କନ

(ଗ) ଡାଇସୀ (ଘ) ଲାସ୍କି

eSikhya.in

ଉ : ସିଲ୍ଲୀ

ପ୍ର.୩. ନିମ୍ନଲିଖିତ ମଧ୍ୟରୁ କେଉଁଟି ଗଣତାନ୍ତ୍ରିକ ନୀତି ନୁହେଁ ?

(କ) ରାଜନୈତିକ ସମାନତା ପ୍ରତିଷ୍ଠା (ଖ) ଜନମତକୁ ସମ୍ମାନ

(ଗ) ବିରୋଧୀଦଳକୁ ଦମନ (ଘ) ସଂଖ୍ୟାଗରିଷ୍ଠର ଶାସନ

ଉ : ବିରୋଧୀଦଳକୁ ଦମନ

ପ୍ର.୪. ନିମ୍ନଲିଖିତ ରାଷ୍ଟ୍ରମଧ୍ୟରୁ କିଏ ଗଣତାନ୍ତ୍ରିକ ରାଷ୍ଟ୍ର ନୁହେଁ ?

(କ) ଭାରତ (ଖ) ଯୁକ୍ତରାଷ୍ଟ୍ର ଆମେରିକା

(ଗ) ଚୀନ (ଘ) ଇଂଲଣ୍ଡ

ଉ : ଚୀନ

ପ୍ର.୫. କେଉଁ ସରକାରରେ ଜନସାଧାରଣ ସାର୍ବଭୌମ ଭାବେ ପରିଗଣିତ ହୋଇଥାନ୍ତି ?

(କ) ରାଜତନ୍ତ୍ର (ଖ) ଗଣତନ୍ତ୍ର

(ଗ) ଏକଛତ୍ରବାଦ (ଘ) ଅଭିଜାତତନ୍ତ୍ର

ଉ : ଗଣତନ୍ତ୍ର

ପ୍ର.୬. ଗଣତନ୍ତ୍ରରେ ସର୍ବୋତ୍ତମ କର୍ତ୍ତା କିଏ ?

(କ) ବିଧାନମଣ୍ଡଳ (ଖ) କାର୍ଯ୍ୟପାଳିକା

(ଗ) ନ୍ୟାୟପାଳିକା (ଘ) ଜନସାଧାରଣ

ଉ : ଜନସାଧାରଣ

ପ୍ର.୭. କିଏ ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ?

(କ) ଚୀନ (ଖ) ଭାରତ

(ଗ) ଯୁକ୍ତରାଷ୍ଟ୍ର ଆମେରିକା (ଘ) ଇଟାଲୀ

ଉ : ଭାରତ

ପ୍ର.୮. ଆଧୁନିକ ବିଶ୍ୱରେ କେଉଁ ରାଷ୍ଟ୍ରରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରଚଳିତ ?

(କ) ଭାରତ (ଖ) ଇଟାଲୀ

(ଗ) ସୁଇଜରଲ୍ୟାଣ୍ଡ (ଘ) ଇଂଲଣ୍ଡ

ଉ : ସୁଇଜରଲ୍ୟାଣ୍ଡ

ପ୍ର.୯. ଏଥିମଧ୍ୟରୁ କେଉଁଟି ପ୍ରତ୍ୟକ୍ଷ ଗଣତନ୍ତ୍ରର ଉପାଦାନ ନୁହେଁ ?

(କ) ଗଣ ଭୋଟ (ଖ) ପ୍ରତ୍ୟାହାର

(ଗ) ଅଧ୍ୟାଦେଶ (ଘ) ଗଣଉଦ୍ୟୋଗ

ଉ. ଅଧ୍ୟାଦେଶ

ପ୍ର.୧୦. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗଣତନ୍ତ୍ରର ସଫଳତା ପାଇଁ ଆବଶ୍ୟକ ସର୍ତ୍ତ ନୁହେଁ ?

(କ) ରାଜନୈତିକ ସଚେତନତା (ଖ) ରାଜନୈତିକ ଦୁର୍ନୀତି

(ଗ) ସତତ୍ ଜାଗ୍ରତି (ଘ) ସଂଗଠିତ ଦଳୀୟବ୍ୟବସ୍ଥା

ଉ. ରାଜନୈତିକ ଦୁର୍ନୀତି

ପ୍ର.୧୧.ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗଣତନ୍ତ୍ରର ସଫଳତା ପାଇଁ ଆବଶ୍ୟକ ?

(କ) ରାଜନୈତିକ ଅସ୍ଥିରତା (ଖ) ରାଜନୈତିକ ସଚେତନତା

(ଗ) ରାଜନୈତିକ ଦୁର୍ନୀତି (ଗ) ରାଜନୈତିକ ଅପରିପକ୍ୱତା

ଉ. ରାଜନୈତିକ ସଚେତନତା

ପ୍ର.୧୨. ପ୍ରାଚୀନ ଗ୍ରୀକ୍ ନଗରରାଜ୍ୟରେ କେଉଁ ପ୍ରକାର ଶାସନ ପ୍ରଚଳିତ ଥିଲା ?

(କ) ରାଜତନ୍ତ୍ର (ଖ) ପ୍ରତ୍ୟକ୍ଷ ଗଣତନ୍ତ୍ର

(ଗ) ଅଭିଜାତ ତନ୍ତ୍ର (ଘ) ଏକଛତ୍ରବାଦ

ଉ. ପ୍ରତ୍ୟକ୍ଷ ଗଣତନ୍ତ୍ର

ପ୍ର.୧୩ . କିଏ ଗଣତନ୍ତ୍ରକୁ ଅଯୋଗ୍ୟତାର ଶାସନ ବୋଲି କହିଛନ୍ତି ?

(କ) ଡାଇସୀ (ଖ) ଲାସ୍କି

(ଗ) ଫୁଗୋ (ଘ) ବ୍ରାଇସ୍

ଉ. ଫୁଗୋ (Faguet)

ପ୍ର.୧୪. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭାରତର ଗଣତନ୍ତ୍ର ପ୍ରତି ଏକ ଆହ୍ୱାନ ନୁହେଁ ?

(କ) ଅସମାନତା (ଖ) ଜାତୀୟତାବାଦ

(ଗ) ନକ୍ସଲ ସମସ୍ୟା (ଘ) ନିରକ୍ଷରତା

ଉ. ଜାତୀୟତାବାଦ

ପ୍ର.୧୫. ନକସଲାଇଟ ସମସ୍ୟା ପ୍ରଥମେ କେଉଁ ରାଜ୍ୟରେ ଦେଖାଯାଇଥିଲା ?

(କ) ବିହାର (ଖ) ଓଡ଼ିଶା

(ଗ) ପଶ୍ଚିମ ବଙ୍ଗ (ଘ) ଉତ୍ତର ପ୍ରଦେଶ

ଉ. ପଶ୍ଚିମ ବଙ୍ଗ

## B. ଉପଯୁକ୍ତ ପଦ/ ସଂଖ୍ୟା / ତାରିଖ / ମସିହା ଦ୍ୱାରା ଶୂନ୍ୟସ୍ଥାନଗୁଡ଼ିକ ପୂରଣ କର: Fill in the blanks with appropriate terms/numbers/date/year:

ପ୍ର.୧. ଡିମୋକ୍ରାସି ଶବ୍ଦଟି ଗ୍ରୀକ୍ ଶବ୍ଦ ______ ଓ କ୍ରାଟିଆରୁ ଆନୀତ ।

ଉ. ଡିମୋସ୍

ପ୍ର.୨. ପରୋକ୍ଷଗଣତନ୍ତ୍ରକୁ ______ ଗଣତନ୍ତ୍ର ମଧ୍ୟ କୁହାଯାଏ ।

ଉ. ପ୍ରତିନିଧିମୂଳକ

ପ୍ର.୩. ପ୍ରତ୍ୟକ୍ଷ ଗଣତନ୍ତ୍ରକୁ ______ ଗଣତନ୍ତ୍ର ମଧ୍ୟ କୁହାଯାଏ ।

ଉ. ବିଶୁଦ୍ଧ

ପ୍ର.୪. ______ ଙ୍କ ମତରେ, "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର ।"

ଉ. ଆବ୍ରାହମ୍ ଲିଙ୍କନ

ପ୍ର.୫. ______ କୁ ସଂଖ୍ୟା ଗରିଷ୍ଠଙ୍କ ଶାସନ କୁହାଯାଏ ।

ଉ. ଗଣତନ୍ତ୍ର

ପ୍ର.୬. ଆରିଷ୍ଟଟଲଙ୍କ ମତରେ ବହୁତ ଲୋକଙ୍କ ଦ୍ୱାରା ଶାସିତ ଖରାପ ବ୍ୟବସ୍ଥାକୁ ______ କୁହାଯାଏ ।

ଉ. ଗଣତନ୍ତ୍ର

ପ୍ର.୭. "ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା, ଯେଉଁଥିରେ କି ପ୍ରତ୍ୟେକ ବ୍ୟକ୍ତିର ______ ଥାଏ ।"

ଉ. ଅଂଶ

ପ୍ର.୮. ପ୍ରାଚୀନ ଗ୍ରୀସରେ ______ ଗଣତନ୍ତ୍ର ପ୍ରଚଳିତ ଥିଲା ।

ଉ. ପ୍ରତ୍ୟକ୍ଷ

ପ୍ର.୯. ବର୍ତ୍ତମାନ ______ ରାଷ୍ଟ୍ରରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରଚଳିତ ।

ଉ. ସୁଇଜରଲ୍ୟାଣ୍ଡ

ପ୍ର.୧୦. ______ ଗଣତନ୍ତ୍ରରେ ସମସ୍ତ ନାଗରିକ ପ୍ରତ୍ୟକ୍ଷ ଭାବରେ ସରକାରରେ ଅଂଶଗ୍ରହଣ କରିଥାନ୍ତି ।

ଉ. ପ୍ରତ୍ୟକ୍ଷ

ପ୍ର.୧୧. ______ ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ।

ଉ. ଭାରତ

ପ୍ର.୧୨. ଶାସିତଙ୍କ ସ୍ୱୀକୃତିରେ ଗଠିତ ସରକାରଙ୍କୁ ______ ସରକାର କୁହାଯାଏ ।

ଉ. ଗଣତନ୍ତ୍ର

ପ୍ର.୧୩. ଗଣତନ୍ତ୍ର ______ ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥାଏ ।

ଉ. ଜନପ୍ରିୟ

ପ୍ର.୧୪. ଗଣଭୋଟ ଓ ଗଣଉଦ୍ୟୋଗ ______ ଗଣତନ୍ତ୍ରର ମୌଳିକ ଉପାଦାନ ।

ଉ. ପ୍ରତ୍ୟକ୍ଷ

ପ୍ର.୧୫. "ରେଫେରିଣ୍ଡମ୍" ଶବ୍ଦର ଇଂରେଜୀ ଭାଷାନ୍ତର ହେଲା

ଉ. Refer to the people (ଗଣଭୋଟ)

ପ୍ର.୧୬. ଭାରତର ନକ୍ସଲାଇଟ୍ ଆନ୍ଦୋଳନ ପ୍ରଥମେ ______ କାହା ଦ୍ୱାରା ଆରମ୍ଭ ହେଇଥିଲା ?

ଉ : ଚାରୁ ମଜୁମଦାର

## C. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ପ୍ରଦାନ କର (Answer in one Word)

ପ୍ର.୧. "ଗଣତନ୍ତ୍ର ଲୋକମାନଙ୍କର, ଲୋକମାନଙ୍କଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର ।" ଏହା କିଏ କହିଛନ୍ତି ?

ଉ. ଆବ୍ରାହମ୍ ଲିଙ୍କନ

ପ୍ର.୨. "ଗଣତନ୍ତ୍ର ଏକ ସରକାର ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଅଛି ।" ଏହା କିଏ କହିଛନ୍ତି ?

ଉ. ସିଲ୍ଲୀ

ପ୍ର.୩. କାହା ମତରେ 'ଗଣତନ୍ତ୍ର ହେଉଛି ଅଯୋଗ୍ୟତାର ମତବାଦ' ?

ଉ. ଫ୍ରଗୋ ।

ପ୍ର.୪. ଚୀନ୍ ଏକ ଗଣତାନ୍ତ୍ରିକ ରାଷ୍ଟ୍ର କି ?

ଉ. ନା ।

ପ୍ର.୫. କେଉଁ ସରକାରରେ ଜନସାଧାରଣ ସାର୍ବଭୌମ ଭାବେ ପରିଗଣିତ ହୋଇଥାନ୍ତି ?

ଉ. ଗଣତନ୍ତ୍ର

ପ୍ର.୬. ଗଣତନ୍ତ୍ରରେ ସର୍ବୋତ୍ତମ କର୍ତ୍ତା କିଏ ?

ଉ. ଜନସାଧାରଣ

ପ୍ର.୭. କିଏ ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ?

ଉ. ଭାରତ

ପ୍ର.୮. ଆଧୁନିକ ବିଶ୍ୱରେ କେଉଁ ରାଷ୍ଟ୍ରରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରଚଳିତ ?

ଉ. ସ୍ୱିଜରଲ୍ୟାଣ୍ଡ

ପ୍ର.୧୨. ପ୍ରାଚୀନ ଗ୍ରୀକ୍ ନଗରରାଜ୍ୟରେ କେଉଁ ପ୍ରକାର ଶାସନ ପ୍ରଚଳିତ ଥିଲା ?

ଉ.ପ୍ରତ୍ୟକ୍ଷ ଗଣତନ୍ତ୍ର

## D. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର (Answer in one Sentence)

ପ୍ର. ୧. ଗଣତନ୍ତ୍ର କହିଲେ କ'ଣ ବୁଝ ?

ଉ. ଗଣତନ୍ତ୍ର କହିଲେ ଲୋକମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ଶାସନ ବ୍ୟବସ୍ଥାକୁ ହିଁ ବୁଝାଇଥାଏ ।

ପ୍ର. ୨. "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର ।" ଏହା କିଏ କହିଛନ୍ତି ?

ଉ. ଏହି ଉକ୍ତିକୁ ଆମେରିକାର ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ କହିଛନ୍ତି ।

ପ୍ର. ୩. "ଗଣତନ୍ତ୍ର ହେଉଛି ଏକ ସରକାର ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଅଛି", ଏହା କିଏ କହିଛନ୍ତି ?

ଉ. ଏହା ଅଧ୍ୟାପକ ସିଲ୍ଲୀ କହିଛନ୍ତି ।

ପ୍ର. ୪. ଆରିଷ୍ଟଟଲଙ୍କ ମତରେ ବହୁତ ଲୋକଙ୍କ ଦ୍ୱାରା ଶାସିତ ଖରାପ ଶାସନ ବ୍ୟବସ୍ଥାକୁ କ'ଣ କୁହାଯାଏ ।

ଉ. ଆରିଷ୍ଟଟଲଙ୍କ ମତରେ ବହୁତ ଲୋକଙ୍କ ଦ୍ୱାରା ଶାସିତ ଖରାପ ଶାସନ ବ୍ୟବସ୍ଥାକୁ ଗଣତନ୍ତ୍ର କୁହାଯାଏ ।

ପ୍ର. ୫. ପ୍ରତ୍ୟକ୍ଷ ଗଣତନ୍ତ୍ର କାହାକୁ କୁହନ୍ତି ?

ଉ. ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ପ୍ରତ୍ୟକ୍ଷ ବା ସକ୍ରିୟ ଭାବରେ ଅଂଶଗ୍ରହଣ କରିଥାନ୍ତି, ତାହାକୁ ପ୍ରତ୍ୟକ୍ଷ ଗଣତନ୍ତ୍ର କୁହାଯାଏ ।

ପ୍ର. ୬. ପ୍ରତ୍ୟକ୍ଷ ଗଣତନ୍ତ୍ରର ଅସ୍ତ୍ରଗୁଡ଼ିକ କ'ଣ ?

ଉ. ଗଣ ଭୋଟ, ଗଣ ଉଦ୍ୟୋଗ ଓ ପ୍ରତ୍ୟାହାର ହେଉଛି ପ୍ରତ୍ୟକ୍ଷ ଗଣତନ୍ତ୍ରର ମୌଳିକ ଅସ୍ତ୍ର ।

ପ୍ର. ୭. ଗଣଭୋଟ୍ କ'ଣ ?

ଉ. ପ୍ରତ୍ୟକ୍ଷ ଗଣତନ୍ତ୍ରରେ ବ୍ୟବସ୍ଥାପିକା ସଭା ଦ୍ୱାରା ପ୍ରଣୀତ ଆଇନଗୁଡ଼ିକୁ କାର୍ଯ୍ୟକାରୀ ହେବା ପୂର୍ବରୁ ସେଗୁଡ଼ିକର ଅନୁମୋଦନ ପାଇଁ ନିର୍ବାଚକମାନଙ୍କ ପାଖରେ ଉପସ୍ଥାପନ କରିବାର ବ୍ୟବସ୍ଥାକୁ ଗଣଭୋଟ କୁହାଯାଏ ।

ପ୍ର. ୮. ଗଣଉଦ୍ୟୋଗ କ'ଣ ?

ଉ. ପ୍ରତ୍ୟକ୍ଷ ଗଣତନ୍ତ୍ରରେ ଭୋଟରମାନଙ୍କ ଉଦ୍ୟମରେ ଆଇନ ପ୍ରଣୟନ କରିବା ବ୍ୟବସ୍ଥାକୁ ଗଣଉଦ୍ୟୋଗ କୁହାଯାଏ ।

ପ୍ର. ୯. ବର୍ତ୍ତମାନ କେଉଁ ରାଷ୍ଟ୍ରରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରଚଳିତ ?

ଉ. ବର୍ତ୍ତମାନ ସୁଇଜରଲ୍ୟାଣ୍ଡରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରଚଳିତ ହେଉଅଛି ।

ପ୍ର.୧୦. ପୃଥିବୀର ସର୍ବବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର କିଏ ?

ଉ. ଭାରତ ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ।

ପ୍ର.୧୧. ପରୋକ୍ଷ ଗଣତନ୍ତ୍ର କାହାକୁ କୁହନ୍ତି ?

ଉ. ଯେଉଁ ଗଣତନ୍ତ୍ରରେ ନାଗରିକମାନେ ରାଷ୍ଟ୍ର ପରିଚାଳନାରେ ସିଧା ସଳଖ ଅଂଶ ଗ୍ରହଣ ନକରି ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ମାଧ୍ୟମରେ ଅଂଶ ଗ୍ରହଣ କରିଥାନ୍ତି, ତାହାକୁ ପରୋକ୍ଷ ଗଣତନ୍ତ୍ର କୁହାଯାଏ ।

## E. ଭ୍ରମ ସଂଶୋଧନ କର (Correct the Sentences)

ପ୍ର.୧. ସିଲ୍ଲୀଙ୍କ ମତରେ, "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର ।"

ଉ. ଆବ୍ରାହମ୍ ଲିଙ୍କନ ମତରେ, "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର ।"

ପ୍ର.୨. ରାଜତନ୍ତ୍ରକୁ ସଂଖ୍ୟା ଗରିଷ୍ଠଙ୍କ ଶାସନ କୁହାଯାଏ ।

ଉ. ଗଣତନ୍ତ୍ର କୁ ସଂଖ୍ୟା ଗରିଷ୍ଠଙ୍କ ଶାସନ କୁହାଯାଏ ।

ପ୍ର.୩. ଆରିଷ୍ଟଟଲଙ୍କ ମତରେ ବହୁତ ଲୋକଙ୍କ ଦ୍ୱାରା ଶାସିତ ଖରାପ ବ୍ୟବସ୍ଥାକୁ ଅଭିଜାତତନ୍ତ୍ର କୁହାଯାଏ ।

ଉ. ଆରିଷ୍ଟଟଲଙ୍କ ମତରେ ବହୁତ ଲୋକଙ୍କ ଦ୍ୱାରା ଶାସିତ ଖରାପ ବ୍ୟବସ୍ଥାକୁ ଗଣତନ୍ତ୍ର କୁହାଯାଏ ।

ପ୍ର.୪. ପ୍ରାଚୀନ ଗ୍ରୀସ୍‌ରେ ପରୋକ୍ଷ ଗଣତନ୍ତ୍ର ପ୍ରଚଳିତ ଥିଲା ।

ଉ. ପ୍ରାଚୀନ ଗ୍ରୀସ୍‌ରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରଚଳିତ ଥିଲା ।

ପ୍ର.୫. ବର୍ତ୍ତମାନ ଇଂଲଣ୍ଡରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରଚଳିତ ।

ଉ. ବର୍ତ୍ତମାନ ସୁଇଜରଲ୍ୟାଣ୍ଡରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରଚଳିତ ।

ପ୍ର.୬. ପରୋକ୍ଷ ଗଣତନ୍ତ୍ରରେ ସମସ୍ତ ନାଗରିକ ପ୍ରତ୍ୟକ୍ଷ ଭାବରେ ସରକାରରେ ଅଂଶଗ୍ରହଣ କରିଥାନ୍ତି ।

ଉ. ପ୍ରତ୍ୟକ୍ଷ ଗଣତନ୍ତ୍ରରେ ସମସ୍ତ ନାଗରିକ ପ୍ରତ୍ୟକ୍ଷ ଭାବରେ ସରକାରରେ ଅଂଶଗ୍ରହଣ କରିଥାନ୍ତି ।

ପ୍ର.୭. ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ।

ଉ. ଭାରତ ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ।

ପ୍ର.୮. ଶାସିତଙ୍କ ସ୍ୱୀକୃତିରେ ଗଠିତ ସରକାରଙ୍କୁ ରାଜତନ୍ତ୍ର କୁହାଯାଏ ।

ଉ. ଶାସିତଙ୍କ ସ୍ୱୀକୃତିରେ ଗଠିତ ସରକାରଙ୍କୁ ଗଣତନ୍ତ୍ର କୁହାଯାଏ ।

ପ୍ର.୯. ଗଣତନ୍ତ୍ର ଅଖଣ୍ଡ ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥାଏ ।

ଉ. ଗଣତନ୍ତ୍ର ଜନପ୍ରିୟ ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥାଏ ।

ପ୍ର.୧୦. ଗଣଭୋଟ ଓ ଗଣଉଦ୍ୟୋଗ ପରୋକ୍ଷ ଗଣତନ୍ତ୍ରର ମୌଳିକ ଉପାଦାନ ।

ଉ. ଗଣଭୋଟ ଓ ଗଣଉଦ୍ୟୋଗ ପ୍ରତ୍ୟକ୍ଷ ଗଣତନ୍ତ୍ରର ମୌଳିକ ଉପାଦାନ ।

## 'ଖ' ବିଭାଗ (Group–B)

### ସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

**A.** ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ପ୍ରଦାନ କର(Answer in two or three sentences)

ପ୍ର.୧. ଗଣତନ୍ତ୍ର (Democracy) :

ଉ : ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥାକୁ ଗଣତନ୍ତ୍ର କୁହାଯାଏ । ଆବ୍ରାହମ ଲିଙ୍କନଙ୍କ ମତରେ 'ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କଦ୍ୱାରା ଓ ଲୋକମାନଙ୍କପାଇଁ ଏକ ସରକାର । ଏଠାରେ ଜନପ୍ରିୟ ସାର୍ବଭୌମତ୍ୱ ପ୍ରତିଷ୍ଠା ହୋଇଥାଏ ।

ପ୍ର.୨. ପ୍ରତ୍ୟକ୍ଷ ଗଣତନ୍ତ୍ର (Direct Democracy) :

ଉ : ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ସିଧାସଳଖ ଭାବେ ଆଇନ ପ୍ରଣୟନ କ୍ଷେତ୍ରରେ ଅଂଶ ଗ୍ରହଣ କରିଥାନ୍ତି, ତାହାକୁ ପ୍ରତ୍ୟକ୍ଷ ଗଣତନ୍ତ୍ର କୁହଯାଏ । ଗଣଭୋଟ, ଗଣଉଦ୍ୟୋଗ, ଓ ପ୍ରତ୍ୟାହାର ପ୍ରତ୍ୟକ୍ଷ ଗଣତନ୍ତ୍ରର ମୌଳିକ ଅସ୍ତ୍ର ।

ପ୍ର.୩. ପରୋକ୍ଷ ଗଣତନ୍ତ୍ର ବା ପ୍ରତିନିଧିମୂଳକ ଗଣତନ୍ତ୍ର (Indirect or Representative Democracy) :

ଉ : ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକମାନେ ରାଷ୍ଟ୍ର ପରିଚାଳନାରେ ସିଧାସଳଖ ଅଂଶଗ୍ରହଣ ନ କରି ସେମାନଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ମାଧ୍ୟମରେ ଅଂଶ ଗ୍ରହଣ କରିଥାନ୍ତି, ତାହାକୁ ପରୋକ୍ଷ ଗଣତନ୍ତ୍ର କୁହାଯାଏ । ପରୋକ୍ଷ ଗଣତନ୍ତ୍ରର ଅନ୍ୟ ନାମ ହେଉଛି ପ୍ରତିନିଧିମୂଳକ ଗଣତନ୍ତ୍ର ।

ପ୍ର.୪. ଗଣଭୋଟ (Referendum) : Referendum

ଉ : ପ୍ରତ୍ୟକ୍ଷ ଗଣତନ୍ତ୍ରରେ ବ୍ୟବସ୍ଥାପିକା ସଭା ଦ୍ୱାରା ପ୍ରଣୀତ ଆଇନଗୁଡ଼ିକୁ କାର୍ଯ୍ୟକାରୀ ହେବା ପୂର୍ବରୁ ସେଗୁଡ଼ିକର ଅନୁମୋଦନ ପାଇଁ ନିର୍ବାଚକମାନଙ୍କ ପାଖରେ ଉପସ୍ଥାପନ କରିବାର ବ୍ୟବସ୍ଥାକୁ ଗଣଭୋଟ କୁହାଯାଏ । ଏହି କ୍ଷମତାବଳରେ ନାଗରିକ ବ୍ୟବସ୍ଥାପିକା ଦ୍ୱାରା ଗୃହୀତ ବିଲ୍‌କୁ ନାକଚ କରିପାରିବେ ।

ପ୍ର.୫. ଗଣଉଦ୍ୟୋଗ (Initiative) : Initiative

ଉ : ପ୍ରତ୍ୟକ୍ଷ ଗଣତନ୍ତ୍ରରେ ଭୋଟରମାନଙ୍କ ଉଦ୍ୟମରେ ଆଇନ ପ୍ରଣୟନ କରିବାର ବ୍ୟବସ୍ଥାକୁ ଗଣଉଦ୍ୟୋଗ କୁହାଯାଏ । ଏହା ନାଗରିକମାନଙ୍କ ହାତରେ ଏକ ଅସ୍ତିବାଚକ କ୍ଷମତା । ଯାହାଦ୍ୱାରା ସେମାନେ ଆଇନ ପ୍ରଣୟନପାଇଁ ଚିଠା ପ୍ରସ୍ତୁତ କରିଥାନ୍ତି ।

ପ୍ର.୬. ପ୍ରତ୍ୟାହାର (Recall) :

ଉ : ପ୍ରତ୍ୟକ୍ଷ ଗଣତନ୍ତ୍ରରେ ପ୍ରତିନିଧିମାନେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ନିର୍ବାଚିତ ହୋଇଥାନ୍ତି । ମାତ୍ର ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କ ନିର୍ଦ୍ଧାରିତ କାର୍ଯ୍ୟ ସଠିକ୍‌ଭାବେ ସମ୍ପାଦନ ନ କଲେ ଭୋଟଦାତାମାନେ ସେମାନଙ୍କୁ ପଦଚ୍ୟୁତ କରିଥାନ୍ତି, ଯାହାକୁ 'ପ୍ରତ୍ୟାହାର' କୁହାଯାଏ ।

ପ୍ର.୭. ଗଣତନ୍ତ୍ରର ଲକ୍ଷଣ ।

ଉ : ଗଣତନ୍ତ୍ରର ଲକ୍ଷଣମାନ ହେଲା (୧) ଏଠାରେ ଗଣତନ୍ତ୍ରରେ ରାଷ୍ଟ୍ରୀୟ ସାର୍ବଭୌମତ୍ୱ କ୍ଷମତା ଜନସାଧାରଣଙ୍କ ହସ୍ତରେ ନ୍ୟସ୍ତ ରହିଥାଏ । (୨) ଏଠାରେ ଶାସନ ସଂଖ୍ୟାଗରିଷ୍ଠ ଲୋକଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ଜନମତକୁ ଆଧାର କରି ପରିଚାଳିତ ହୋଇଥାଏ ।

ପ୍ର.୮. ଗଣତନ୍ତ୍ରର ସୁଗୁଣ ।

ଉ : ଗଣତନ୍ତ୍ରର ମାନ ସୁଗୁଣ ହେଲା (୧) ଏହା ରାଜନୈତିକ ସମାନତା ପ୍ରଦାନ କରେ ଓ (୨) ନାଗରିକମାନଙ୍କୁ ରାଜନୈତିକ ଶିକ୍ଷା ପ୍ରଦାନ କରିଥାଏ । (୩) ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା କରିଥାଏ ।

ପ୍ର.୯. ଗଣତନ୍ତ୍ରର ଦୁର୍ଗୁଣ ।

ଉ : ଗଣତନ୍ତ୍ରର ମୁଖ୍ୟ ଦୁର୍ଗୁଣ ହେଲା (୧) ଏଠାରେ ଅଯୋଗ୍ୟମାନଙ୍କ ଦ୍ୱାରା ଶାସନ ପରିଚାଳିତ ହୋଇଥାଏ । (୨) ଏହା ଏକ ବ୍ୟୟବହୁଳ ଶାସନ ବ୍ୟବସ୍ଥା । (୩) ବିଳମ୍ବରେ ନିଷ୍ପତ୍ତି ନିଆଯାଇଥାଏ ।

ପ୍ର.୧୦. ପ୍ରତ୍ୟକ୍ଷ ଗଣତନ୍ତ୍ରର ସୁଗୁଣ ।

ଉ : ପ୍ରତ୍ୟକ୍ଷ ଗଣତନ୍ତ୍ରରେ ଲୋକମାନେ ପ୍ରତ୍ୟକ୍ଷଭାବେ ଆଇନ ପ୍ରଣୟନ ଓ ଶାସନ ସହିତ ସଂପୃକ୍ତ ହୋଇଥାନ୍ତି । ଏହା ଦାୟିତ୍ୱଶୀଳ ଓ ଜନହିତକାରୀ ଶାସନବ୍ୟବସ୍ଥା ।

ପ୍ର.୧୧. ପ୍ରତ୍ୟକ୍ଷ ଗଣତନ୍ତ୍ରର ଦୁର୍ଗୁଣମାନ ।

ଉ : ପ୍ରତ୍ୟକ୍ଷ ଗଣତନ୍ତ୍ର ବୃହତ ରାଷ୍ଟ୍ରପାଇଁ ଉପଯୁକ୍ତ ନୁହେଁ । ଦରିଦ୍ର, ନିରକ୍ଷର ଓ ଅନୁନ୍ନତ ରାଷ୍ଟ୍ରରେ ଏହା ସଫଳ ହୁଏ ନାହିଁ ।

ପ୍ର.୧୨. ଗଣତନ୍ତ୍ରର ସଫଳତା ପାଇଁ ସହାୟକ ଉପାଦାନ ।

ଉ : ବ୍ୟକ୍ତିର ନୈତିକ ଓ ବୌଦ୍ଧିକ ବିକାଶ ସହିତ ଶିକ୍ଷାର ପ୍ରସାର, ନିରପେକ୍ଷ ସମ୍ବାଦପତ୍ର, ଅର୍ଥନୈତିକ ଓ ସାମାଜିକ ସମାନତା ପ୍ରତିଷ୍ଠା ଗଣତନ୍ତ୍ର ପାଇଁ ସହାୟକ ଉପାଦାନ ଅଟେ ।

**B. ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର(Answer in Six Sentences)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

ପ୍ର.୧. ଗଣତନ୍ତ୍ରର ଅର୍ଥ ।

ଉ : ଆଧୁନିକ ବିଶ୍ୱରେ ଗଣତନ୍ତ୍ର ଏକ ପ୍ରକାର ସାର୍ବଜନୀନ ସରକାର ବା ଶାସନ ବ୍ୟବସ୍ଥା ଯେଉଁଥିରେ ଲୋକମାନେ ସିଧାସଳଖ ବା ପ୍ରତିନିଧିମାନଙ୍କ ମାଧ୍ୟମରେ ଶାସନ ପରିଚାଳନା କରିଥାନ୍ତି । ଗଣତନ୍ତ୍ର ଶବ୍ଦଟି ଦୁଇଟି ଗ୍ରୀକ୍‌ଶବ୍ଦ ଡିମୋସ୍ ଏବଂ କ୍ରାଟସ୍‌ରୁ ଆସିଅଛି ଯାହାର ଅର୍ଥ ଯଥାକ୍ରମେ ଗଣ-ଶାସନ । ଆବ୍ରାହମ ଲିଙ୍କନଙ୍କ ମତରେ ''ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଶାସନ ।'' ଅଧ୍ୟାପକ ସିଲୀଙ୍କ ମତରେ, ''ଗଣତନ୍ତ୍ର ଏପରି ଏକ ଶାସନବ୍ୟବସ୍ଥା ଯେଉଁଥିରେ କି ପ୍ରତ୍ୟେକ ବ୍ୟକ୍ତିର ଅଂଶ ଥାଏ ।'' ଅର୍ଥାତ୍ ଜନମତ ଉପରେ ପ୍ରତିଷ୍ଠିତ ଶାସନ ବ୍ୟବସ୍ଥା ବା ସରକାରକୁ 'ଗଣତନ୍ତ୍ର' କୁହାଯାଏ । ଜନପ୍ରିୟ ସାର୍ବଭୌମତ୍ୱ, ରାଜନୈତିକ ସମାନତା, ଜନ ପରାମର୍ଶ, ରାଜନୈତିକ ସ୍ୱାତନ୍ତ୍ରତା ଓ ସଂଖ୍ୟାଗରିଷ୍ଠଙ୍କ ଶାସନ ଇତ୍ୟାଦି ଗଣତନ୍ତ୍ରର ମୌଳିକ ବୈଶିଷ୍ଟ୍ୟ ।

ଦ୍ୱିତୀୟ ଅଧ୍ୟାୟ

# ଭାରତରେ ଦଳୀୟ ବ୍ୟବସ୍ଥା

## [ PARTY SYSTEM IN INDIA ]

**ଅର୍ଥ, ପ୍ରକାରଭେଦ, ଏକଦଳୀୟ ପ୍ରାଧାନ୍ୟ, ମେଣ୍ଟ ରାଜନୀତି, ଆଞ୍ଚଳିକ ଦଳମାନ**
**Meaning, Types, One Party Dominance, Coalition Politics, Regional Parties.**

କେତେକ ପ୍ରମୁଖ ଆଞ୍ଚଳିକ ରାଜନୈତିକ ଦଳ ;

| ଦଳର ନାମ | – | ରାଜ୍ୟର ନାମ |
|---|---|---|
| ବିଜୁ ଜନତା ଦଳ | – | ଓଡ଼ିଶା |
| ନ୍ୟାସନାଲ କନ୍‌ଫରେନ୍ସ | – | ଜାମ୍ମୁ ଓ କାଶ୍ମୀର |
| ଦ୍ରାଭିଡ଼ ମୁନାଦ୍ରା କାଜାଘମ୍ (DMK) | | |
| ଏ.ଆଇ.ଏଡ଼ି.ଏମ୍.କେ | – | ତାମିଲନାଡୁ |
| ତେଲୁଗୁଦେଶମ୍ ପାର୍ଟି | – | ଆନ୍ଧ୍ରପ୍ରଦେଶ |
| ଆସାମ ଗଣପରିଷଦ | – | ଆସାମ |
| ରାଷ୍ଟ୍ରୀୟ ଜନତାଦଳ | – | ବିହାର |
| ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା | – | ଝାଡ଼ଖଣ୍ଡ, ବିହାର, ଓଡ଼ିଶା |
| ତୃଣମୂଳ କଂଗ୍ରେସ | – | ପଶ୍ଚିମବଙ୍ଗ |
| ସମାଜବାଦୀ ପାର୍ଟି | – | ଉତ୍ତର ପ୍ରଦେଶ, ଉତ୍ତରାଞ୍ଚଳ |
| ଭାରତୀୟ ଲୋକଶକ୍ତି ପାର୍ଟି | – | ବିହାର |
| ଭାରତୀୟ ଲୋକଦଳ | – | ହରିଆନା |
| ଅକାଳୀ ଦଳ | – | ପଞ୍ଜାବ |
| ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (NCP) | – | ମହାରାଷ୍ଟ୍ର |

## 'କ' ବିଭାଗ (Group–A)

### ଅତିସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ୧ ନମ୍ବର)

**A.** ନିମ୍ନଲିଖିତ ମଧ୍ୟରୁ ସଠିକ୍ ବିକଳ୍ପଟି ଉତ୍ତର ବାଛି ଲେଖ **(Multiple Choice Questions)**

ପ୍ର.୧. କେଉଁ ଗୋଷ୍ଠୀ ସାମ୍ବିଧାନିକ ଉପାୟରେ ଶାସନ କ୍ଷମତା ହାସଲ ପାଇଁ ପ୍ରୟାସ କରିଥାନ୍ତି ।

(କ) ଚାପଗୋଷ୍ଠୀ (ଖ) ସ୍ୱାର୍ଥାନ୍ୱେଷୁ ଗୋଷ୍ଠୀ

(ଗ) ପରୋପକାରୀ ସଂଘ (ଘ) ରାଜନୈତିକ ଦଳ

ଉ. ରାଜନୈତିକ ଦଳ

ପ୍ର.୨. ''ରାଜନୈତିକ ଦଳମାନେ ଆଧୁନିକ ରାଜନୀତିର ଜୀବନରେଖା ।'' ଏହା କିଏ କହିଛନ୍ତି ?

(କ) ଲର୍ଡ଼ ବ୍ରାଇସ୍ (ଖ) ଲାସ୍କି

(ଗ) ନ୍ୟୁମ୍ୟାନ (ଘ) ଆବ୍ରାହମ୍ ଲିଙ୍କନ

ଉ. ନ୍ୟୁମ୍ୟାନ

ପ୍ର.୩. ସ୍ୱାର୍ଥ ସମ୍ମେଳନ କାହାର ମୁଖ୍ୟ କାର୍ଯ୍ୟ ?

(କ) ରାଜନୈତିକ ଦଳ
(ଖ) ଚାପଗୋଷ୍ଠୀ
(ଗ) ସ୍ୱାର୍ଥନ୍ୱେଷୀ ଗୋଷ୍ଠୀ
(ଘ) ଏଗୁଡ଼ିକ ମଧ୍ୟରୁ କେହି ନୁହେଁ ।

ଉ. ରାଜନୈତିକ ଦଳ

ପ୍ର.୪. ନିମ୍ନଲିଖିତ ରାଷ୍ଟ୍ର ମଧ୍ୟରୁ କେଉଁଠାରେ ଏକଦଳୀୟ ବ୍ୟବସ୍ଥା ପ୍ରଚଳିତ ।

(କ) ଚୀନ
(ଖ) ଇଂଲଣ୍ଡ
(ଗ) ଭାରତ
(ଘ) ଶ୍ରୀଲଙ୍କା

ଉ. ଚୀନ

ପ୍ର.୫. କେଉଁ ରାଷ୍ଟ୍ରରେ ଦ୍ୱି-ଦଳୀୟ ବ୍ୟବସ୍ଥା ପ୍ରଚଳନ ହେଉଅଛି ?

(କ) ଭାରତ
(ଖ) ଇଂଲଣ୍ଡ
(ଗ) ସୁଇଜରଲ୍ୟାଣ୍ଡ
(ଘ) ଚୀନ

ଉ. ଇଂଲଣ୍ଡ

ପ୍ର.୬. ଯୁକ୍ତରାଷ୍ଟ୍ର ଆମେରିକାରେ କେଉଁ ଦଳୀୟ ବ୍ୟବସ୍ଥା ପ୍ରଚଳିତ ?

(କ) ଏକ ଦଳୀୟ
(ଖ) ଦୁଇଦଳୀୟ
(ଗ) ବହୁଦଳୀୟ
(ଘ) ଦଳୀୟ ବ୍ୟବସ୍ଥା ନାହିଁ

ଉ. ଦ୍ୱିଦଳୀୟ

ପ୍ର.୭. ଫ୍ରାନ୍ସରେ କେଉଁ ଦଳୀୟ ବ୍ୟବସ୍ଥା ପ୍ରଚଳିତ ?

(କ) ଏକଦଳୀୟ
(ଖ) ଦ୍ୱିଦଳୀୟ
(ଗ) ବହୁଦଳୀୟ
(ଘ) ଦଳୀୟ ବ୍ୟବସ୍ଥା ନାହିଁ

ଉ. ବହୁଦଳୀୟ

ପ୍ର.୮. ଭାରତରେ କେଉଁ ଦଳୀୟ ବ୍ୟବସ୍ଥା ପ୍ରଚଳିତ ?

(କ) ଏକଦଳୀୟ
(ଖ) ଦ୍ୱିଦଳୀୟ
(ଗ) ବହୁଦଳୀୟ
(ଘ) ଦଳୀୟ ବ୍ୟବସ୍ଥା ନାହିଁ

ଉ. ବହୁଦଳୀୟ

ପ୍ର.୯. ଜାତିଦଳ କେଉଁ ରାଷ୍ଟ୍ରର ଏକ ପ୍ରମୁଖ ଦଳ ?

(କ) ଯୁକ୍ତରାଷ୍ଟ୍ର ଆମେରିକା
(ଖ) ଇଂଲଣ୍ଡ
(ଗ) ଫ୍ରାନ୍ସ
(ଘ) ଚୀନ

ଉ. ଇଂଲଣ୍ଡ

ପ୍ର.୧୦.ଶ୍ରମିକଦଳ କେଉଁ ରାଷ୍ଟ୍ରର ଏକ ପ୍ରମୁଖ ଦଳ ?

(କ) ଇଂଲଣ୍ଡ
(ଖ) ଭାରତ
(ଗ) ଚୀନ
(ଘ) ଆମେରିକା

ଉ. ଇଂଲଣ୍ଡ

ପ୍ର.୧୧. ଡେମୋକ୍ରାଟିକ ଦଳ କେଉଁ ରାଷ୍ଟ୍ରର ଏକ ପ୍ରଧାନ ଦଳ ?

(କ) ଇଂଲଣ୍ଡ
(ଖ) ଯୁକ୍ତରାଷ୍ଟ୍ର ଆମେରିକା
(ଗ) ସୁଇଜରଲ୍ୟାଣ୍ଡ
(ଘ) ଚୀନ

ଉ. ଯୁକ୍ତରାଷ୍ଟ୍ର ଆମେରିକା

ପ୍ର.୧୧. ରିପବ୍ଲିକାନ୍ ଦଳ କେଉଁ ରାଷ୍ଟ୍ରର ଏକ ପ୍ରମୁଖ ଦଳ ?

(କ) ଇଂଲଣ୍ଡ (ଖ) ଯୁକ୍ତରାଷ୍ଟ୍ର ଆମେରିକା

(ଗ) ଫ୍ରାନ୍ସ (ଘ) ଚୀନ

ଉ.ଯୁକ୍ତରାଷ୍ଟ୍ର ଆମେରିକା

ପ୍ର.୧୨. ନିମ୍ନଲିଖିତ କେଉଁ ରାଷ୍ଟ୍ରରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ ?

(କ) ଇଂଲଣ୍ଡ (ଖ) ଚୀନ

(ଗ) ଫ୍ରାନ୍ସ (ଘ) ଯୁକ୍ତରାଷ୍ଟ୍ର ଆମେରିକା

ଉ. ଫ୍ରାନ୍ସ

ପ୍ର.୧୩. ନିମ୍ନୋକ୍ତ ମଧ୍ୟରୁ କେଉଁ ଗୋଟିଏ ଦେଶରେ ବହୁଦଳୀୟ ବ୍ୟବସ୍ଥା ନାହିଁ ?

(କ) ଭାରତ (ଖ) ଫ୍ରାନସ

(ଗ) ଇଟାଲୀ (ଘ) ଚୀନ

ଉ.ଚୀନ୍

ପ୍ର.୧୪. କେଉଁ ଦଳ ଭାରତର ସର୍ବ ପ୍ରଥମ ରାଜନୈତିକ ଦଳ ?

(କ) ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ଖ) ଭାରତୀୟ ଜାତୀୟ କଂଗ୍ରେସ

(ଗ) ଭାରତୀୟ ଜନତା ପାର୍ଟି (ଗ) ଜନତାଦଳ

ଉ. ଭାରତୀୟ ଜାତୀୟ କଂଗ୍ରେସ

ପ୍ର.୧୫. ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା କିଏ ?

(କ) ମହାତ୍ମାଗାନ୍ଧି (ଖ) ଆଲାନ ଅକ୍ଟୋଭିଆନ ହ୍ୟୁମ,

(ଗ) ଉମେଶଚନ୍ଦ୍ର ବାନାର୍ଜୀ (ଘ) ଜବାହାରଲାଲ ନେହେରୁ

ଉ. ଆଲାନ ଅକ୍ଟୋଭିଆନ ହ୍ୟୁମ୍

ପ୍ର.୧୬. ବର୍ତ୍ତମାନ ଭାରତୀୟ ଜାତୀୟ କଂଗ୍ରେସର ସଭାପତି କିଏ ?

(କ) ଡ଼ ମନମୋହନ ସିଂହ (ଖ) ଶ୍ରୀମତୀ ପ୍ରତିଭାଦେବୀ ପାଟିଲ

(ଗ) ଶ୍ରୀମତୀ ସୋନିଆ ଗାନ୍ଧି (ଘ) ରାହୁଲ ଗାନ୍ଧି

ଉ. ଶ୍ରୀମତୀ ସୋନିଆ ଗାନ୍ଧି

ପ୍ର.୧୭. ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭାପତି କିଏ ?

(କ) ମୋତିଲାଲ ନେହେରୁ (ଖ) ଗୋପାଳକୃଷ୍ଣ ଗୋଖଲେ

(ଗ) ଉମେଶଚନ୍ଦ୍ର ବାନାର୍ଜୀ (ଘ) ଲାଲା ଲାଜପତ ରାୟ

ଉ. ଉମେଶ ଚନ୍ଦ୍ର ବାନାର୍ଜୀ

ପ୍ର.୧୮. ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ସଭାପତି କିଏ ?

(କ) ଲାଲ କୃଷ୍ଣ ଆଡ଼ଭାନୀ (ଖ) ଅଟଳ ବିହାରୀ ବାଜପେୟୀ

(ଗ) ଶ୍ୟାମାପ୍ରସାଦ ମୁଖାର୍ଜୀ (ଘ) ଜୟ ପ୍ରକାଶ ନାରାୟଣ

ଉ. ଅଟଳ ବିହାରୀ ବାଜପେୟୀ

ପ୍ର.୧୯. ବର୍ତ୍ତମାନ ଲୋକସଭାର ମୁଖ୍ୟ ବିରୋଧୀଦଳ କିଏ ?

(କ) ବହୁଜନ ସମାଜ ପାର୍ଟି (ଖ) ଭାରତୀୟ ଜନତା ପାର୍ଟି

(ଗ) ସି.ପି.ଏମ୍ (ଘ) ଭାରତୀୟ ଜାତୀୟ କଂଗ୍ରେସ

ଉ. ଭାରତୀୟ ଜାତୀୟ କଂଗ୍ରେସ

ପ୍ର.୨୦. ବହୁଜନ ସମାଜପାର୍ଟିର ପ୍ରତିଷ୍ଠାତା କିଏ ?

(କ) କାଂଶୀରାମ (ଖ) ସୁଶ୍ରୀ ମାୟାବତୀ

(ଗ) ମୁଲାୟାମ ସିଂହ ଯାଦବ (ଘ) ଲାଲୁ ପ୍ରସାଦ ଯାଦବ

ଉ.କାଂଶୀରାମ

ପ୍ର.୨୧. ନିମ୍ନଲିଖିତ ମଧ୍ୟରୁ କେଉଁ ରାଜନୈତିକ ଦଳଟି ଏକ ବାମପନ୍ଥୀ ଦଳ ?

(କ) ଭାରତୀୟ ଜନତାପାର୍ଟି (ଖ) ଭାରତୀୟ ଜାତୀୟ କଂଗ୍ରେସ

(ଗ) ସି.ପି.ଆଇ (ଘ) ବିଜୁ ଜନତା ଦଳ

ଉ.ସି.ପି.ଆଇ

ପ୍ର.୨୨. କେଉଁ ସମ୍ବିଧାନ ସଂଶୋଧନ ଆଇନ ପ୍ରଥମେ ଦଳବଦଳ ନୀତିକୁ ବିରୋଧ କରିଥିଲା ?

(କ) ୪୨ତମ (ଖ) ୫୨ତମ

(ଗ) ୫୯ତମ (ଘ) ୬୦ତମ

ଉ.୫୨ତମ ୧୯୮୫

ପ୍ର.୨୩. ନିମ୍ନଲିଖିତ ମଧ୍ୟରୁ କେଉଁଟି ଓଡ଼ିଶାର ଏକ ପ୍ରମୁଖ ଆଞ୍ଚଳିକ ଦଳ ?

(କ) ତୃଣମୂଳ କଂଗ୍ରେସ (ଖ) ସମାଜବାଦୀ ପାର୍ଟି

(ଗ) ତେଲୁଗୁଦେଶମ ପାର୍ଟି (ଘ) ବିଜୁ ଜନତା ଦଳ

ଉ.ବିଜୁ ଜନତାଦଳ

ପ୍ର.୨୪. DMK ଓ AIADMK କେଉଁ ରାଜ୍ୟର ଦୁଇଟି ପ୍ରମୁଖ ଆଞ୍ଚଳିକ ଦଳ ?

(କ) ଓଡ଼ିଶା (ଖ) ଆନ୍ଧ୍ରପ୍ରଦେଶ

(ଗ) ତାମିଲନାଡୁ (ଘ) ପଶ୍ଚିମବଙ୍ଗ

ଉ. ତାମିଲନାଡୁ

ପ୍ର.୨୫. ତେଲୁଗୁ ଦେଶମ ପାର୍ଟି କେଉଁ ରାଜ୍ୟର ଏକ ଆଞ୍ଚଳିକ ଦଳ ?

(କ) ତାମିଲନାଡୁ (ଖ) ଆନ୍ଧ୍ରପ୍ରଦେଶ

(ଗ) କେରଳ (ଘ) କର୍ଣ୍ଣାଟକ

ଉ.ଆନ୍ଧ୍ରପ୍ରଦେଶ

ପ୍ର.୨୬. ଅକାଳୀଦଳ କେଉଁ ରାଜ୍ୟର ଏକ ଆଞ୍ଚଳିକ ଦଳ ?

(କ) ପଞ୍ଜାବ (ଖ) ହରିଆନା

(ଗ) ଉତ୍ତର ପ୍ରଦେଶ (ଘ) ଓଡ଼ିଶା

ଉ.ପଞ୍ଜାବ

ପ୍ର.୨୭. ତୃଣମୂଳ କଂଗ୍ରେସ କେଉଁ ରାଜ୍ୟର ଏକ ଆଞ୍ଚଳିକ ଦଳ ?

(କ) ଆସାମ (ଖ) ପଶ୍ଚିମବଙ୍ଗ

(ଗ) ସିକିମ (ଘ) ଓଡ଼ିଶା

ଉ.ପଶ୍ଚିମବଙ୍ଗ

ପ୍ର.୨୮. ନିମ୍ନଲିଖିତ ମଧ୍ୟରୁ କେଉଁଟି ଭାରତୀୟ ଜାତୀୟ କଂଗ୍ରେସର ନିର୍ବାଚନ ସଙ୍କେତ ?

(କ) ପଦ୍ମ ଫୁଲ (ଖ) ହାତ ପାପୁଲି

(ଗ) ଶଙ୍ଖ (ଘ) ଚକ୍ର

ଉ.ହାତ ପାପୁଲି

ପ୍ର.୨୯. ପଦ୍ମଫୁଲ କେଉଁ ଦଳର ନିର୍ବାଚନ ସଙ୍କେତ ?

(କ) ଭାରତୀୟ ଜନତା ପାର୍ଟି (ଖ) ଜନତା ଦଳ

(ଗ) ସି.ପି.ମ (ଘ) ବହୁଜନ ସମାଜ ପାର୍ଟି

ଉ. ଭାରତୀୟ ଜନତା ପାର୍ଟି

ପ୍ର.୩୦. ବିଜୁ ଜନତାଦଳର ନିର୍ବାଚନ ସଙ୍କେତ କ'ଣ ?

(କ) ହାତ (ଖ) ଶଙ୍ଖ

(ଗ) ପଦ୍ମ ଫୁଲ (ଘ) ଚକ୍ର

ଉ.ଶଙ୍ଖ

ପ୍ର.୩୧. ରାଷ୍ଟ୍ରୀୟ ଜନତା ଦଳର ପ୍ରତିଷ୍ଠାତା କିଏ ?

(କ) ଚନ୍ଦ୍ରଶେଖର (ଖ) ଜନ ପ୍ରକାଶ ନାରାୟଣ,

(ଗ) ମୁଲାୟାମ ସିଂହ ଯାଦବ (ଘ) ଲାଲୁ ପ୍ରସାଦ ଯାଦବ

ଉ.ଲାଲୁ ପ୍ରସାଦ ଯାଦବ

ପ୍ର.୩୨. ଦାଆ ଓ ଧାମକେଣ୍ଡା କେଉଁ ଦଳର ନିର୍ବାଚନ ସଙ୍କେତ?

(କ) ଭାରତୀୟ ଜନତା ପାର୍ଟି (ଖ) ଜନତାଦଳ

(ଗ) ସମତା ପାର୍ଟି (ଘ) ସି.ପି.ଆଇ

ଉ.ସି.ପି.ଆଇ

ପ୍ର.୩୩. ହାତୀ କେଉଁ ଦଳର ନିର୍ବାଚନ ସଂକେତ ?

(କ) ସମତା ପାର୍ଟି (ଖ) ସମାଜବାଦୀ ପାର୍ଟି

(ଗ) ବହୁଜନ ସମାଜପାର୍ଟି (ଘ) ଜନତାଦଳ

ଉ.ବହୁଜନ ସମାଜପାର୍ଟି

ପ୍ର.୩୪. ଶେଖ ଫାରୁକ୍ ଅବ୍ଦୁଲ୍ଲାଙ୍କ ନ୍ୟାସନାଲ କନଫରେନସ କେଉଁ ରାଜ୍ୟର ଏକ ଆଞ୍ଚଳିକ ଦଳ ?

(କ) ପଶ୍ଚିମବଙ୍ଗ (ଖ) ଜାମ୍ମୁ ଓ କାଶମ୍ମୀର

(ଗ) ପଞ୍ଜାବ (ଘ) ତ୍ରିପୁରା

ଉ.ଜାମ୍ମୁ ଓ କାଶ୍ମୀର

ପ୍ର.୩୫. ଆସାମ ଗଣପରିଷଦର ପ୍ରତିଷ୍ଠାତା କିଏ ?

(କ) କାଂଶୀରାମ (ଖ) ପ୍ରଫୁଲ କୁମାର ମହନ୍ତ

(ଗ) ମମତା ବାନାର୍ଜୀ (ଘ) ମାୟାବତୀ

ଉ.ପ୍ରଫୁଲ କୁମାର ମହନ୍ତ

ପ୍ର.୩୬. କେଉଁ ଦଳ ଭାରତର ପୁରାତନ ଆଞ୍ଚଳିକ ଦଳ ?

(କ) DMK (ଖ) ତେଲୁଗୁ ଦେଶମ୍ ପାର୍ଟି

(ଗ) ଅକାଳୀଦଳ (ଘ) ଜନତାଦଳ

ଉ.ଅକାଳୀଦଳ

ପ୍ର.୩୭. ସୁଶ୍ରୀ ମମତା ବାନାର୍ଜୀ କେଉଁ ଆଞ୍ଚଳିକ ଦଳରପ୍ରତିଷ୍ଠାତା ଅଟନ୍ତି ?

(କ) ଅକାଳୀ ଦଳ (ଖ) ତୃଣମୂଳ କଂଗ୍ରେସ

(ଗ) ରାଷ୍ଟ୍ରୀଜନତା ଦଳ (ଘ) ତେଲୁଗୁଦେଶମ୍ ପାର୍ଟି

ଉ. ତୃଣମୂଳ କଂଗ୍ରେସ

**B.** ଉପଯୁକ୍ତ ପଦ/ ସଂଖ୍ୟା / ତାରିଖ / ମସିହା ଦ୍ୱାରା ଶୂନ୍ୟସ୍ଥାନଗୁଡ଼ିକ ପୂରଣ କର :
**Fill in the blanks with appropriate terms/numbers/date/year :**

ପ୍ର.୧. କ୍ଷମତା ହାସଲ କରି ନିଜ ମତଦାନକୁ କାର୍ଯ୍ୟକାରୀ କରିବା ______ର ଚରମ ଲକ୍ଷ୍ୟ ।
ଉ. ରାଜନୈତିକ ଦଳ ।

ପ୍ର.୨. ଯେଉଁ ଦେଶରେ ଗୋଟିଏ ରାଜନୈତିକ ଦଳ ଥାଏ, ତାହାକୁ ______ ବ୍ୟବସ୍ଥା କୁହାଯାଏ ।
ଉ. ଏକଦଳୀୟ ।

ପ୍ର.୩. ଚୀନ ଦେଶରେ ______ ଦଳୀୟ ବ୍ୟବସ୍ଥା ପ୍ରଚଳିତ ।
ଉ. ଏକ ।

ପ୍ର.୪. ଯେଉଁ ଦେଶରେ ମାତ୍ର ଦୁଇଟି ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳ ଥାଏ, ତାହାକୁ ______ ଦଳୀୟ ବ୍ୟବସ୍ଥା କୁହାଯାଏ ।
ଉ. ଦୁଇ ।

ପ୍ର.୫. ଇଂଲଣ୍ଡରେ ______ ଦଳୀୟ ବ୍ୟବସ୍ଥା ପ୍ରଚଳିତ ।
ଉ. ଦୁଇ ।

ପ୍ର.୬. ଯୁକ୍ତରାଷ୍ଟ୍ର ଆମେରିକାରେ ______ଟି ରାଜନୈତିକ ଦଳ ଅଛି ।
ଉ. ଦୁଇ ।

ପ୍ର.୭. ଶ୍ରମିକ ଦଳ ଓ ଜାତୀୟ ଦଳ ______ ରାଷ୍ଟ୍ରର ଦୁଇଟି ପ୍ରମୁଖ ରାଜନୈତିକ ଦଳ ।
ଉ. ଇଂଲଣ୍ଡ ବା ଗ୍ରେଟ୍ ବ୍ରିଟେନ୍ ।

ପ୍ର.୮. ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ଦଳ ______ ରାଷ୍ଟ୍ରର ଦୁଇଟି ରାଜନୈତିକ ଦଳ ।
ଉ. ଯୁକ୍ତରାଷ୍ଟ୍ର ଆମେରିକା ।

ପ୍ର.୯. ଯେଉଁ ଦେଶରେ ଦୁଇଟିରୁ ଅଧିକ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଥାଏ, ତାହାକୁ ______ ଦଳୀୟ ବ୍ୟବସ୍ଥା କୁହାଯାଏ ।
ଉ. ବହୁ ।

ପ୍ର.୧୦. ଫ୍ରାନ୍ସରେ ______ ଦଳୀୟ ବ୍ୟବସ୍ଥା ପ୍ରଚଳିତ ।
ଉ. ବହୁଦଳୀୟ ।

ପ୍ର.୧୧. ______ ଦଳୀୟ ବ୍ୟବସ୍ଥାରେ ରାଜନୈତିକ ଅସ୍ଥିରତା ଦେଖାଯାଏ ।
ଉ. ବହୁ ।

ପ୍ର.୧୨. ଭାରତରେ ______ ଦଳୀୟ ବ୍ୟବସ୍ଥା ପ୍ରଚଳିତ ।
ଉ. ବହୁ ।

ପ୍ର.୧୩. ______ ଦଳୀୟ ବ୍ୟବସ୍ଥାରେ ଅନେକ ରାଜନୈତିକ ଦଳ ଥାଆନ୍ତି ।
ଉ. ବହୁ ।

ପ୍ର.୧୪. ରାଜନୈତିକ ଦଳର ମୁଖ୍ୟ ଲକ୍ଷ୍ୟ ______ ।
ଉ. ସାମ୍ବିଧାନିକ ଉପାୟରେ କ୍ଷମତା ହାସଲ କରିବା ।

ପ୍ର.୧୫. ରାଜନୈତିକ ଦଳ ଏକ ମୁଖ୍ୟ ______ ସୃଷ୍ଟିକାରୀ ସଂସ୍ଥା ।
ଉ. ଜନମତ ।

ପ୍ର.୧୬. ଭାରତର ପ୍ରଥମ ରାଜନୈତିକ ଦଳ ______ ଅଟେ ।
ଉ. ଭାରତୀୟ ଜାତୀୟ କଂଗ୍ରେସ ।

ପ୍ର.୧୭. ଭାରତୀୟ ଜାତୀୟ କଂଗ୍ରେସ ______ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।

ଉ. ୧୮୮୫ ।

ପ୍ର.୧୮. ______ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା ଅଟନ୍ତି ।

ଉ. ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍ ।

ପ୍ର.୧୯. ______ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭାପତି ।

ଉ. ଉମେଶ ଚନ୍ଦ୍ର ବାନାର୍ଜୀ ।

ପ୍ର.୨୦. ______ ରାଷ୍ଟ୍ରରେ ପ୍ରଥମେ ରାଜନୈତିକ ଦଳ ସ୍ଥାପିତ ହୋଇଥିଲା ।

ଉ. ଇଂଲଣ୍ଡ

ପ୍ର.୨୧. ଭାରତୀୟ ଜନତା ପାର୍ଟି (BJP)______ ମସିହାରେ ସୃଷ୍ଟି ହୋଇଥିଲା ।

ଉ. ୧୯୮୦

ପ୍ର.୨୨. ______ ଭାରତୀୟ ଜନତା ପାର୍ଟିର ପ୍ରଥମ ସଭାପତି ।

ଉ. ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀ ।

ପ୍ର.୨୩. ୧୯୮୫ ମସିହାର ______ ତମ ସମ୍ବିଧାନ ସଂଶୋଧନ ଆଇନ ଦଳବଦଳକୁ ବିରୋଧ କରିଥିଲା ।

ଉ. ୫୨ ।

ପ୍ର.୨୪. ______ ବର୍ତ୍ତମାନ ଓଡ଼ିଶାର ପ୍ରମୁଖ ଆଞ୍ଚଳିକ ଦଳ ।

ଉ. ବିଜୁ ଜନତା ଦଳ ।

ପ୍ର.୨୫. DMK ଓ AIADMK ______ ରାଜ୍ୟର ଏକ ଆଞ୍ଚଳିକ ଦଳ ।

ଉ. ତାମିଲନାଡୁ ।

ପ୍ର.୨୬. ତୃଣମୂଳ କଂଗ୍ରେସର ପ୍ରତିଷ୍ଠାତା ______ ।

ଉ. ସୁଶ୍ରୀ ମମତା ବାନାର୍ଜୀ ।

ପ୍ର.୨୭. ଜାତୀୟ ସମ୍ମିଳନୀ ______ ରାଜ୍ୟର ପ୍ରମୁଖ ଆଞ୍ଚଳିକ ଦଳ ।

ଉ. ଜାମ୍ମୁ ଓ କାଶ୍ମୀର ।

ପ୍ର.୨୮. ଅକାଳୀ ଦଳ ______ ରାଜ୍ୟର ଏକ ଆଞ୍ଚଳିକ ଦଳ ।

ଉ. ପଞ୍ଜାବ ।

ପ୍ର.୨୯. ______ ଏକ ବାମପନ୍ଥୀ ରାଜନୈତିକ ଦଳ ।

ଉ. ସି.ପି.ଏମ୍. / ସି.ପି.ଆଇ

ପ୍ର.୩୦. ଆସାମର ପ୍ରମୁଖ ଆଞ୍ଚଳିକ ଦଳ ______ ଅଟେ ।

ଉ. ଆସାମ ଗଣପରିଷଦ ।

## C. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ପ୍ରଦାନ କର (Answer in one Word)

ପ୍ର.୧. କେଉଁ ଗୋଷ୍ଠୀ ସାମ୍ବିଧାନିକ ଉପାୟରେ ଶାସନ କ୍ଷମତା ହାସଲ ପାଇଁ ପ୍ରୟାସ କରିଥାନ୍ତି ।

ଉ. ରାଜନୈତିକ ଦଳ

ପ୍ର.୨. "ରାଜନୈତିକ ଦଳମାନେ ଆଧୁନିକ ରାଜନୀତିର ଜୀବନରେଖା" ଏହା କିଏ କହିଛନ୍ତି ?

ଉ. ନ୍ୟୁମ୍ୟାନ

ପ୍ର.୩. ସ୍ୱାର୍ଥ ସମ୍ମେଳନ କାହାର ମୁଖ୍ୟ କାର୍ଯ୍ୟ ?

ଉ. ରାଜନୈତିକ ଦଳର

ପ୍ର.୪. କେଉଁ ରାଷ୍ଟ୍ରରେ ଏକଦଳୀୟ ବ୍ୟବସ୍ଥା ପ୍ରଚଳିତ ?

ଉ. ଚୀନ

ପ୍ର.୫. କେଉଁ ରାଷ୍ଟ୍ରରେ ଦ୍ୱି-ଦଳୀୟ ବ୍ୟବସ୍ଥା ପ୍ରଚଳନ ହେଉଅଛି ?

ଉ. ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକା ।

ପ୍ର.୬. ଫ୍ରାନ୍ସରେ କେଉଁ ଦଳୀୟ ବ୍ୟବସ୍ଥା ପ୍ରଚଳିତ ?

ଉ. ବହୁଦଳୀୟ

ପ୍ର.୭. ଭାରତରେ କେଉଁ ଦଳୀୟ ବ୍ୟବସ୍ଥା ପ୍ରଚଳିତ ?

ଉ. ବହୁଦଳୀୟ

ପ୍ର.୮. ଜାତିଦଳ କେଉଁ ରାଷ୍ଟ୍ରର ଏକ ପ୍ରମୁଖ ଦଳ ?

ଉ. ଇଂଲଣ୍ଡ

ପ୍ର.୯. ଶ୍ରମିକଦଳ କେଉଁ ରାଷ୍ଟ୍ରର ଏକ ପ୍ରମୁଖ ଦଳ ?

ଉ. ଇଂଲଣ୍ଡ

ପ୍ର.୧୦.ଡେମୋକ୍ରାଟିକ ଦଳ କେଉଁ ରାଷ୍ଟ୍ରର ଏକ ପ୍ରଧାନ ଦଳ ?

ଉ. ଯୁକ୍ତରାଷ୍ଟ୍ର ଆମେରିକା

ପ୍ର.୧୧.ରିପବ୍ଲିକାନ୍ ଦଳ କେଉଁ ରାଷ୍ଟ୍ରର ଏକ ପ୍ରମୁଖ ଦଳ ?

ଉ. ଯୁକ୍ତରାଷ୍ଟ୍ର ଆମେରିକା

ପ୍ର.୧୨. ସୁଇଜରଲ୍ୟାଣ୍ଡରେ କେଉଁ ଦଳୀୟ ବ୍ୟବସ୍ଥା ପ୍ରଚଳିତ ?

ଉ. ବହୁଦଳୀୟ ।

ପ୍ର.୧୩.କେଉଁ ଦଳ ଭାରତର ସର୍ବ ପ୍ରଥମ ରାଜନୈତିକ ଦଳ ?

ଉ. ଭାରତୀୟ ଜାତୀୟ କଂଗ୍ରେସ

ପ୍ର.୧୪.ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା କିଏ ?

ଉ. ଆଲାନ ଅକ୍ଟୋଭିଆନ ହ୍ୟୁମ୍

ପ୍ର.୧୫.ବର୍ତ୍ତମାନ ଭାରତୀୟ ଜାତୀୟ କଂଗ୍ରେସର ସଭାପତି କିଏ ?

ଉ. ଶ୍ରୀମତୀ ସୋନିଆ ଗାନ୍ଧି

ପ୍ର.୧୬.ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭାପତି କିଏ ?

ଉ. ଉମେଶ ଚନ୍ଦ୍ର ବାନାର୍ଜୀ

ପ୍ର.୧୭. ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ସଭାପତି କିଏ ?

ଉ. ଅଟଳ ବିହାରୀ ବାଜପେୟୀ

ପ୍ର.୧୮.ବର୍ତ୍ତମାନ ଲୋକସଭାର ମୁଖ୍ୟ ବିରୋଧୀଦଳ କିଏ ?

ଉ. ଭାରତୀୟ ଜାତୀୟ କଂଗ୍ରେସ

ପ୍ର.୧୯.ବହୁଜନ ସମାଜପାର୍ଟିର ପ୍ରତିଷ୍ଠାତା କିଏ ?

ଉ. କାଂଶୀରାମ

ପ୍ର.୨୦. ଭାରତରେ ଏକ ବାମପନ୍ଥୀ ଦଳର ନାମ ଲେଖ ।

ଉ. ସି.ପି.ଆଇ

ପ୍ର.୧୮. ତେଲୁଗୁ ଦେଶମ୍ ପାର୍ଟି କେଉଁ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ?

ଉ. ତେଲୁଗୁ ଦେଶମ୍ ପାର୍ଟି ଆନ୍ଧ୍ରପ୍ରଦେଶର ପ୍ରମୁଖ ରାଜନୈତିକ ଦଳ ।

ପ୍ର.୧୯. ଜାତୀୟ ଦଳ କାହାକୁ କୁହନ୍ତି ?

ଉ. ଯଦି କୌଣସି ଦଳ ଅନ୍ତତଃ ୪ଟି ରାଜ୍ୟରେ ଶତକଡ଼ା ୬ ଭାଗ ଭୋଟ ପାଇଥାଏ, ତାହାକୁ ଜାତୀୟ ଦଳ କୁହାଯାଏ ।

ପ୍ର.୨୦. ଆଞ୍ଚଳିକ ଦଳ କାହାକୁ କୁହନ୍ତି ?

ଉ. ଯଦି କୌଣସି ରାଜନୈତିକ ଦଳ ଅନ୍ତତଃପକ୍ଷେ ଗୋଟିଏ ରାଜ୍ୟରେ ଶତକଡ଼ା ୬ ଭାଗ ଭୋଟ ପାଇଥାଏ, ତାହାକୁ ଆଞ୍ଚଳିକ ଦଳ କୁହାଯାଏ ।

ପ୍ର.୨୧. ଓଡ଼ିଶାର ପ୍ରମୁଖ ଆଞ୍ଚଳିକ ଦଳର ନାମ କ'ଣ ?

ଉ. ଓଡ଼ିଶାର ପ୍ରମୁଖ ରାଜନୈତିକ ଦଳର ନାମ ହେଲା, ବିଜୁ ଜନତା ଦଳ ।

## E. ଭ୍ରମ ସଂଶୋଧନ କର (Correct the Sentences)

ପ୍ର.୧. କ୍ଷମତା ହାସଲ କରି ନିଜ ମତଦାନକୁ କାର୍ଯ୍ୟକାରୀ କରିବା ଚାପଗୋଷ୍ଠୀର ଚରମ ଲକ୍ଷ୍ୟ ।

ଉ. କ୍ଷମତା ହାସଲ କରି ନିଜ ମତଦାନକୁ କାର୍ଯ୍ୟକାରୀ କରିବା ରାଜନୈତିକ ଦଳ ର ଚରମ ଲକ୍ଷ୍ୟ ।

ପ୍ର.୨. ଚୀନ ଦେଶରେ ଦ୍ୱି-ଦଳୀୟ ବ୍ୟବସ୍ଥା ପ୍ରଚଳିତ ।

ଉ. ଚୀନ ଦେଶରେ ଏକ ଦଳୀୟ ବ୍ୟବସ୍ଥା ପ୍ରଚଳିତ ।

ପ୍ର.୩. ଇଂଲଣ୍ଡରେ ବହୁଦଳୀୟ ଦଳୀୟ ବ୍ୟବସ୍ଥା ପ୍ରଚଳିତ ।

ଉ. ଇଂଲଣ୍ଡରେ ଦୁଇ ଦଳୀୟ ବ୍ୟବସ୍ଥା ପ୍ରଚଳିତ ।

ପ୍ର.୪. ଯୁକ୍ତରାଷ୍ଟ୍ର ଆମେରିକାରେ ୧ଟି ରାଜନୈତିକ ଦଳ ଅଛି ।

ଉ. ଯୁକ୍ତରାଷ୍ଟ୍ର ଆମେରିକାରେ ଦୁଇ ଟି ରାଜନୈତିକ ଦଳ ଅଛି ।

ପ୍ର.୫. ଶ୍ରମିକ ଦଳ ଓ ଜାଠ ଦଳ ଆମେରିକାର ଦୁଇଟି ପ୍ରମୁଖ ରାଜନୈତିକ ଦଳ ।

ଉ. ଶ୍ରମିକ ଦଳ ଓ ଜାଠ ଦଳ ଇଂଲଣ୍ଡ ବା ଗ୍ରେଟ୍ ବ୍ରିଟେନ୍ ରାଷ୍ଟ୍ରର ଦୁଇଟି ପ୍ରମୁଖ ରାଜନୈତିକ ଦଳ ।

ପ୍ର.୬. ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ଦଳ ଇଂଲଣ୍ଡର ଦୁଇଟି ରାଜନୈତିକ ଦଳ ।

ଉ. ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ଦଳ ଯୁକ୍ତରାଷ୍ଟ୍ର ଆମେରିକାର ଦୁଇଟି ରାଜନୈତିକ ଦଳ ।

ପ୍ର.୭. ଯେଉଁ ଦେଶରେ ଦୁଇଟିରୁ ଅଧିକ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଥାଏ, ତାହାକୁ ଦ୍ୱି-ଦଳୀୟ ବ୍ୟବସ୍ଥା କୁହାଯାଏ ।

ଉ. ଯେଉଁ ଦେଶରେ ଦୁଇଟିରୁ ଅଧିକ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଥାଏ, ତାହାକୁ ବହୁ ଦଳୀୟ ବ୍ୟବସ୍ଥା କୁହାଯାଏ ।

ପ୍ର.୮. ଫ୍ରାନ୍ସରେ ଦ୍ୱି-ଦଳୀୟ ବ୍ୟବସ୍ଥା ପ୍ରଚଳିତ ।

ଉ. ଫ୍ରାନ୍ସରେ ବହୁଦଳୀୟ ଦଳୀୟ ବ୍ୟବସ୍ଥା ପ୍ରଚଳିତ ।

ପ୍ର.୯. ଦ୍ୱି-ଦଳୀୟ ବ୍ୟବସ୍ଥାରେ ରାଜନୈତିକ ଅସ୍ଥିରତା ଦେଖାଯାଏ ।

ଉ. ବହୁ ଦଳୀୟ ବ୍ୟବସ୍ଥାରେ ରାଜନୈତିକ ଅସ୍ଥିରତା ଦେଖାଯାଏ ।

ପ୍ର.୧୦. ଭାରତରେ ଦ୍ୱି-ଦଳୀୟ ବ୍ୟବସ୍ଥା ପ୍ରଚଳିତ ।

ଉ. ଭାରତରେ ବହୁ ଦଳୀୟ ବ୍ୟବସ୍ଥା ପ୍ରଚଳିତ ।

ପ୍ର.୧୧. ଭାରତର ପ୍ରଥମ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟି ଅଟେ ।

ଉ. ଭାରତର ପ୍ରଥମ ରାଜନୈତିକ ଦଳ ଭାରତୀୟ ଜାତୀୟ କଂଗ୍ରେସ ଅଟେ ।

ପ୍ର.୧୨. ଭାରତୀୟ ଜାତୀୟ କଂଗ୍ରେସ ୧୯୪୭ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।

ଉ. ଭାରତୀୟ ଜାତୀୟ କଂଗ୍ରେସ ୧୮୮୫ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।

ପ୍ର.୧୩. ମହାତ୍ମାଗାନ୍ଧୀ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା ଅଟନ୍ତି ।

ଉ. ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା ଅଟନ୍ତି ।

ପ୍ର.୧୪. ପଣ୍ଡିତ ଜବାହରଲାଲ ନେହେରୁ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭାପତି ।

ଉ. ଉମେଶ ଚନ୍ଦ୍ର ବାନାର୍ଜୀ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭାପତି ।

ପ୍ର.୧୫. ଆମେରିକାରେ ପ୍ରଥମେ ରାଜନୈତିକ ଦଳ ସ୍ଥାପିତ ହୋଇଥିଲା ।

ଉ. ଇଂଲଣ୍ଡରେ ପ୍ରଥମେ ରାଜନୈତିକ ଦଳ ସ୍ଥାପିତ ହୋଇଥିଲା ।

ପ୍ର.୧୬. ଭାରତୀୟ ଜନତା ପାର୍ଟି (BJP)୧୯୯୦ ମସିହାରେ ସୃଷ୍ଟି ହୋଇଥିଲା ।

ଉ. ଭାରତୀୟ ଜନତା ପାର୍ଟି (BJP) ୧୯୮୦ ମସିହାରେ ସୃଷ୍ଟି ହୋଇଥିଲା ।

ପ୍ର.୧୭. ଲାଲ୍ କୃଷ୍ଣ ଆଡ୍‌ଭାନୀ ଭାରତୀୟ ଜନତା ପାର୍ଟିର ପ୍ରଥମ ସଭାପତି ।

ଉ. ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀ ଭାରତୀୟ ଜନତା ପାର୍ଟିର ପ୍ରଥମ ସଭାପତି ।

ପ୍ର.୧୮. ୧୯୮୫ ମସିହାର ୮୬ ତମ ସମ୍ବିଧାନ ସଂଶୋଧନ ଆଇନ ଦଳବଦଳକୁ ବିରୋଧ କରିଥିଲା ।

ଉ. ୧୯୮୫ ମସିହାର ୫୨ ତମ ସମ୍ବିଧାନ ସଂଶୋଧନ ଆଇନ ଦଳବଦଳକୁ ବିରୋଧ କରିଥିଲା ।

ପ୍ର.୧୯. ତୃଣମୂଳ କଂଗ୍ରେସ ବର୍ତ୍ତମାନ ଓଡ଼ିଶାର ପ୍ରମୁଖ ଆଞ୍ଚଳିକ ଦଳ ।

ଉ. ବିଜୁ ଜନତା ଦଳ ବର୍ତ୍ତମାନ ଓଡ଼ିଶାର ପ୍ରମୁଖ ଆଞ୍ଚଳିକ ଦଳ ।

ପ୍ର.୨୦. DMK ଓ AIADMK ଆନ୍ଧ୍ରପ୍ରଦେଶର ରାଜ୍ୟର ଏକ ଆଞ୍ଚଳିକ ଦଳ ।

ଉ. DMK ଓ AIADMK ତାମିଲନାଡୁର ଏକ ଆଞ୍ଚଳିକ ଦଳ ।

ପ୍ର.୨୧. ତୃଣମୂଳ କଂଗ୍ରେସର ପ୍ରତିଷ୍ଠାତା ପ୍ରଣବ ମୁଖାର୍ଜୀ ।

ଉ.ତୃଣମୂଳ କଂଗ୍ରେସର ପ୍ରତିଷ୍ଠାତା ସୁଶ୍ରୀ ମମତା ବାନାର୍ଜୀ ।

ପ୍ର.୨୨. ଜାତୀୟ ସମ୍ମିଳନୀ ପଞ୍ଜାବର ପ୍ରମୁଖ ଆଞ୍ଚଳିକ ଦଳ ।

ଉ. ଜାତୀୟ ସମ୍ମିଳନୀ ଜାମ୍ମୁ ଓ କାଶ୍ମୀରର ପ୍ରମୁଖ ଆଞ୍ଚଳିକ ଦଳ ।

ପ୍ର.୨୩. ଅକାଳୀ ଦଳ ହରିଆନା ରାଜ୍ୟର ଏକ ଆଞ୍ଚଳିକ ଦଳ ।

ଉ. ଅକାଳୀ ଦଳ ପଞ୍ଜାବ ରାଜ୍ୟର ଏକ ଆଞ୍ଚଳିକ ଦଳ ।

ପ୍ର.୨୪. ଜନତା ଦଳ ଏକ ବାମପନ୍ଥୀ ରାଜନୈତିକ ଦଳ ।

ଉ. ସି.ପି.ଏମ୍. ଏକ ବାମପନ୍ଥୀ ରାଜନୈତିକ ଦଳ ।

ପ୍ର.୨୫. ଆସାମର ପ୍ରମୁଖ ଆଞ୍ଚଳିକ ଦଳ ଅକାଳୀଦଳ ଅଟେ ।

ଉ. ଆସାମର ପ୍ରମୁଖ ଆଞ୍ଚଳିକ ଦଳ ଆସାମ ଗଣପରିଷଦ ଅଟେ ।

## 'ଖ' ବିଭାଗ (Group–B)

### ସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

**A. ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ପ୍ରଦାନ କର(Answer in two or three sentences)**

ପ୍ର.୧. ରାଜନୈତିକ ଦଳ ।

ଉ. ଯେଉଁ ରାଜନୈତିକ ଗୋଷ୍ଠୀ ବା ଦଳ କେତେକ ନୀତି ଓ ନିୟମଦ୍ୱାରା ସଂଗଠିତ ହୋଇ ସାମ୍ବିଧାନିକ ଉପାୟରେ ଶାସନ କ୍ଷମତା ହାସଲ କରିବାପାଇଁ ପ୍ରୟାସ କରିଥାନ୍ତି, ତାହାକୁ ରାଜନୈତିକ ଦଳ କୁହାଯାଏ । ଗଣତନ୍ତ୍ରର ସଫଳତା ପାଇଁ ରାଜନୈତିକ ଦଳ ଏକ ଅପରିହାର୍ଯ୍ୟ ସର୍ତ୍ତ ।

ପ୍ର.୨. ରାଜନୈତିକ ଦଳର ମୁଖ୍ୟ କାର୍ଯ୍ୟ ।

ଉ. ରାଜନୈତିକ ଦଳର ମୁଖ୍ୟ କାର୍ଯ୍ୟ ହେଲା :

(୧) ସାମ୍ବିଧାନିକ ଉପାୟରେ ଶାସନ କ୍ଷମତା ହାସଲ କରିବା

(୨) ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ଓ ଜନମତ ଜାଗ୍ରତ କରିବା ।

ପ୍ର.୩. ରାଜନୈତିକ ଦଳମାନଙ୍କର ଦୁର୍ଗୁଣମାନ ।

ଉ. ରାଜନୈତିକ ଦଳମାନଙ୍କର ଦୁର୍ଗୁଣମାନ ହେଲା :

(କ) ରାଜନୈତିକ ଦଳ ରାଷ୍ଟ୍ରକୁ ବିଭିନ୍ନ ଭାଗରେ ବିଭକ୍ତ କରିଥାଏ ।

(ଖ) ରାଜନୈତିକ ଦଳମାନେ ଲୋକମାନଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରି ଜନମତକୁ ବିଭ୍ରାନ୍ତ କରିଥାନ୍ତି ।

ପ୍ର.୪. ଏକଦଳୀୟ ବ୍ୟବସ୍ଥା ।

ଉ. ଯେଉଁ ରାଜନୈତିକ ବ୍ୟବସ୍ଥାରେ ଗୋଟିଏ ମାତ୍ର ରାଜନୈତିକ ଦଳ ସ୍ୱୀକୃତିପ୍ରାପ୍ତ ଦଳ ରୂପେ କାର୍ଯ୍ୟ କରିଥାଏ, ତାହାକୁ ଏକଦଳୀୟ ବ୍ୟବସ୍ଥା କୁହାଯାଏ । ଚୀନ୍, ସୋଭିଏତ ଋଷ ଓ ଅନ୍ୟାନ୍ୟ ସାମ୍ୟବାଦୀ ରାଷ୍ଟ୍ରରେ ଏହି ବ୍ୟବସ୍ଥା ପ୍ରଚଳିତ ।

ପ୍ର.୫. ଏକଦଳୀୟ ବ୍ୟବସ୍ଥାର ଦୁର୍ଗୁଣମାନ ।

ଉ. ଏକଦଳୀୟ ବ୍ୟବସ୍ଥାର ଦୁର୍ଗୁଣମାନ ହେଲା :

(କ) ଏହା ଦଳୀୟ ଏକଛତ୍ରବାଦ ପ୍ରତିଷ୍ଠା କରିଥାଏ ।

(ଖ) ଏଠାରେ ବିରୋଧୀ ଦଳ ନଥିବାରୁ ଶାସନ କ୍ଷେତ୍ରରେ ସ୍ୱେଚ୍ଛାଚାରିତା ଦେଖାଯାଏ ।

ପ୍ର.୬. ଦ୍ୱି-ଦଳୀୟ ବ୍ୟବସ୍ଥା ।

ଉ. ଯେଉଁ ଶାସନ ବ୍ୟବସ୍ଥାରେ ଦୁଇଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ରହିଥାନ୍ତି, ତାହାକୁ ଦ୍ୱି-ଦଳୀୟ ବ୍ୟବସ୍ଥା କୁହାଯାଏ । ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ବ୍ୟବସ୍ଥା ପ୍ରଚଳିତ ।

ପ୍ର.୭. ଦ୍ୱି-ଦଳୀୟ ବ୍ୟବସ୍ଥାର ସୁଗୁଣମାନ ।

ଉ. ଦ୍ୱି-ଦଳୀୟ ବ୍ୟବସ୍ଥାର ସୁଗୁଣମାନ ହେଲା :

(କ) ଏଠାରେ ସ୍ଥାୟୀ ଓ ସ୍ଥିର ମନ୍ତ୍ରିମଣ୍ଡଳ ଗଠନ ସମ୍ଭବ ହୋଇଥାଏ ।

(ଖ) ଏଠାରେ ବିରୋଧୀଦଳ ଦାୟିତ୍ୱ ସମ୍ପନ୍ନ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

ପ୍ର.୮. ଦ୍ୱି-ଦଳୀୟ ବ୍ୟବସ୍ଥାର ଦୁର୍ଗୁଣମାନ ।

ଉ. ଦ୍ୱି-ଦଳୀୟ ବ୍ୟବସ୍ଥାର ଦୁର୍ଗୁଣମାନ ହେଲା :

(କ) ଏଠାରେ ମନ୍ତ୍ରିମଣ୍ଡଳର ଏକଛତ୍ରବାଦ ଦେଖାଯାଏ ।

(ଖ) ଏଠାରେ ଜନସାଧାରଣଙ୍କର ତୃତୀୟ ପସନ୍ଦ ନଥାଏ ।

ପ୍ର.୯. ବହୁଦଳୀୟ ବ୍ୟବସ୍ଥାର ସୁଗୁଣମାନ ।

ଉ. ବହୁଦଳୀୟ ବ୍ୟବସ୍ଥାର ସୁଗୁଣମାନ ହେଲା :

(କ) ଏଠାରେ ନାଗରିକମାନେ ମତପ୍ରକାଶ କରିବାପାଇଁ ବୃହତ୍ତର ପରିବେଶ ପାଇଥାନ୍ତି ।

(ଖ) ଏଠାରେ ସମାଜର ବିଭିନ୍ନ କ୍ଷେତ୍ରରୁ ପ୍ରାର୍ଥୀ ନିର୍ବାଚନ ସହଜ ହୋଇଥାଏ ।

ପ୍ର.୧୦. ବହୁଦଳୀୟ ବ୍ୟବସ୍ଥାର ଦୁର୍ଗୁଣମାନ ।

ଉ. ବହୁଦଳୀୟ ବ୍ୟବସ୍ଥାର ଦୁର୍ଗୁଣମାନ ହେଲା :

(କ) ଏଠାରେ ଦୃଢ଼ ଓ ସ୍ଥିର ଶାସନ ସମ୍ଭବ ନୁହେଁ ।

(ଖ) ଏହା ଦେଶକୁ ଓ ଲୋକମାନଙ୍କୁ ବହୁଭାଗରେ ବିଭକ୍ତ କରିଥାଏ ।

ପ୍ର.୧୧. ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକା ।

ଉ. ଗଣତନ୍ତ୍ରରେ ବିରୋଧୀଦଳ ସରକାରଙ୍କ ଦୋଷ ଦୁର୍ବଳତାକୁ ସମାଲୋଚନା କରି ସରକାରଙ୍କୁ ସଠିକ ବାଟରେ ଆଣିବାକୁ ପ୍ରୟାସ କରିଥାନ୍ତି । ଏହା ଦେଶରେ ବିକଳ୍ପ ସରକାର ଗଠନ କରିବାକୁ ସର୍ବଦା ପ୍ରସ୍ତୁତ ରହିଥାଏ ।

ପ୍ର.୧୨. ବହୁଦଳୀୟ ବ୍ୟବସ୍ଥା ।

ଉ.ଯେଉଁ ରାଷ୍ଟ୍ରରେ ଦୁଇରୁ ଅଧିକ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ରହିଥାନ୍ତି, ତାହାକୁ ବହୁଦଳୀୟ ବ୍ୟବସ୍ଥା କୁହାଯାଏ । ଭାରତ ଓ ଫ୍ରାନ୍ସ ସମେତ ଅନେକ ରାଷ୍ଟ୍ରରେ ଏହି ବ୍ୟବସ୍ଥା ପ୍ରଚଳିତ ।

ପ୍ର.୧୩. ଜାତୀୟ ରାଜନୈତିକ ଦଳ ।

ଉ. ଯଦି କୌଣସି ରାଜନୈତିକ ଦଳ ଅନ୍ୟୂନ ୪ଟି ରାଜ୍ୟରେ ଶତକଡ଼ା ୬ ଭାଗ ଭୋଟ ପାଇଥାଏ, ତାହାକୁ ଜାତୀୟ ରାଜନୈତିକ ଦଳ କୁହାଯାଏ । ଭାରତୀୟ ଜାତୀୟ କଂଗ୍ରେସ, ଭାରତୀ ଜନତା ପାର୍ଟି, ବହୁଜନ ସମାଜ ପାର୍ଟି ଇତ୍ୟାଦି ଜାତୀୟ ରାଜନୈତିକ ଦଳ ।

ପ୍ର.୧୪. ଆଞ୍ଚଳିକ ରାଜନୈତିକ ଦଳ ।

ଉ : ଯଦି କୌଣସି ରାଜନୈତିକ ଦଳ ଅନ୍ତତଃ ପକ୍ଷେ ଗୋଟିଏ ରାଜ୍ୟରେ ଶତକଡ଼ା ୬ ଭାଗ ଭୋଟ ପାଇଥାଏ, ତାହାକୁ ଆଞ୍ଚଳିକ ଦଳ କୁହାଯାଏ । ବିଜୁ ଜନତା ଦଳ, ତୃଣମୂଳ କଂଗ୍ରେସ, DMK ଏବଂ AIADMK, ତେଲୁଗୁଦେଶମ ପାର୍ଟି ଇତ୍ୟାଦି ରାଜନୈତିକ ଦଳର ଉଦାହରଣ ।

ପ୍ର.୧୫. ଭାରତୀୟ ଜାତୀୟ କଂଗ୍ରେସ କେବେ ପ୍ରତିଷ୍ଠା ହୋଇଥିଲା ଓ ଏହାର ପ୍ରତିଷ୍ଠାତା କିଏ ଥିଲେ ?

ଉ. ଭାରତୀୟ ଜାତୀୟ କଂଗ୍ରେସ ୧୮୮୫ ମସିହାରେ ପ୍ରତିଷ୍ଠା ହୋଇଥିଲା । ଏହାର ପ୍ରତିଷ୍ଠାତା ଥିଲେ ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ ।

ପ୍ର.୧୬. ଭାରତୀୟ ଜନତା ପାର୍ଟି କେବେ ପ୍ରତିଷ୍ଠା ହୋଇଥିଲା ଓ ଏହାର ପ୍ରତିଷ୍ଠାତା କିଏ ଥିଲେ ?

ଉ. ଭାରତୀୟ ଜନତା ପାର୍ଟି ୧୯୮୦ ମସିହାରେ ପ୍ରତିଷ୍ଠା ହୋଇଥିଲା ଓ ଏହାର ପ୍ରତିଷ୍ଠାତା ହେଉଛନ୍ତି ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀ ।

**B. ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର (Answer Six Sentences)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

ପ୍ର.୧. ରାଜନୈତିକ ଦଳମାନଙ୍କର ପ୍ରଧାନ କାର୍ଯ୍ୟ ମାନ ।

ଉ. ରାଜନୈତିକ ଦଳମାନଙ୍କର ପ୍ରଧାନ କାର୍ଯ୍ୟଗୁଡ଼ିକ ହେଲା:-

(କ) ସେମାନେ ଜନମତ ସୃଷ୍ଟି ଓ ପ୍ରକାଶ କରିଥାନ୍ତି ।

(ଖ) ରାଜନୈତିକ ପ୍ରକ୍ରିୟା ଏକତ୍ରୀକରଣ ଓ ସ୍ଥାୟିକରଣ ହେଉଛି ରାଜନୈତିକ ଦଳମାନଙ୍କର ଏକ ପ୍ରଧାନ କାର୍ଯ୍ୟ ।

(ଗ) ସାମ୍ବିଧାନିକ ଉପାୟରେ ଶାସନ କ୍ଷମତା ହାସଲ ପାଇଁ ରାଜନୈତିକ ଦଳମାନେ ପ୍ରୟାସ କରିଥାନ୍ତି ।

(ଘ) ସରକାର ଓ ଜନସାଧାରଣଙ୍କ ମଧ୍ୟରେ ରାଜନୈତିକ ଦଳମାନେ ଯୋଗସୂତ୍ର ରକ୍ଷା କରିଥାନ୍ତି ।

(ଙ) ଗଣତନ୍ତ୍ରରେ ବିରୋଧୀ ଦଳମାନେ ସରକାରଙ୍କ ଦୋଷଦୁର୍ବଳତା ଓ କୁକାର୍ଯ୍ୟକୁ ପ୍ରତିରୋଧ କରିଥାନ୍ତି ।

ପ୍ର.୨. ଭାରତରେ ଦଳୀୟ ବ୍ୟବସ୍ଥାର ଲକ୍ଷଣମାନ ।

ଉ. ଭାରତୀୟ ଦଳୀୟ ବ୍ୟବସ୍ଥାର ନିମ୍ନଲିଖିତ ଲକ୍ଷଣମାନ ଦେଖାଯାଏ ।

(୧) ଭାରତରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ ।

(୨) ଦୃଢ଼ ଓ ସଂଗଠିତ ବିରୋଧୀଦଳର ଅଭାବ ।

(୩) ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ।

(୪) ଦଳ ଉପରେ ବ୍ୟକ୍ତିତ୍ୱର ପ୍ରଭାବ ।

(୫) ଦଳ ଉପରେ କଳାଧନର ପ୍ରଭାବ ଓ ବ୍ୟକ୍ତିତ୍ୱର ପ୍ରଭାବ ।

(୬) ଦଳ ବଦଳ ରାଜନୀତି ଇତ୍ୟାଦି ।

## ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା-୧
## [ DEMOCRACTIC PROCESS IN INDIA-1]

**2**
**UNIT**

ତୃତୀୟ ଅଧ୍ୟାୟ

# ଭାରତରେ ସଂଘୀୟ ବ୍ୟବସ୍ଥା
# [ FEDERALISM IN INDIA ]

**ବୈଶିଷ୍ଟ୍ୟ, କେନ୍ଦ୍ର ଓ ରାଜ୍ୟ ସଂପର୍କ, ଭାରତୀୟ ସଂଘୀୟ ବ୍ୟବସ୍ଥାର ସାମ୍ପ୍ରତିକ ଧାରା**
**Features, Centre-State Relations, Recent Trends in Indian Federalism**

## ଅତିସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ୧ ନମ୍ବର)

**A. ନିମ୍ନଲିଖିତ ମଧ୍ୟରୁ ସଠିକ୍ ବିକଳ୍ପଟି ଉତ୍ତର ବାଛି ଲେଖ (Multiple Choice Questions)**

ପ୍ର.୧. ରାଷ୍ଟ୍ରସଂଘ ଶବ୍ଦଟି କେଉଁ ଭାଷାର ଶବ୍ଦ ଯୋଡ଼ିରୁ ଆନୀତ ।

(କ) ଲାଟିନ (ଖ) ଫରାସୀ

(ଗ) ଇଂରାଜୀ (ଘ) ଜର୍ମାନୀ

ଉ. ଲାଟିନ

ପ୍ର.୨. ଶାସନ କ୍ଷମତାର କେନ୍ଦ୍ରୀକରଣ ହୋଇଥିବା ରାଷ୍ଟ୍ରକୁ କ'ଣ କୁହାଯାଏ ?

(କ) ସଂଘୀୟ (ଖ) ଐକିକ

(ଗ) ସଂରାଷ୍ଟ୍ର (ଘ) କେଉଁଟି ନୁହେଁ

ଉ. ଐକିକ

ପ୍ର.୩. ନିମ୍ନଲିଖିତ ରାଷ୍ଟ୍ରମାନଙ୍କ ମଧ୍ୟରୁ କେଉଁଟି ଐକିକ ରାଷ୍ଟ୍ର ?

(କ) ଯୁକ୍ତରାଷ୍ଟ୍ର ଆମେରିକା (ଖ) ସୁଇଜରଲ୍ୟାଣ୍ଡ

(ଗ) ଭାରତ (ଘ) ଇଂଲଣ୍ଡ

ଉ.ଇଂଲଣ୍ଡ

ପ୍ର.୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ସଂଘୀୟ ରାଷ୍ଟ୍ର ?

(କ) ଇଂଲଣ୍ଡ (ଖ) ସୁଇଜରଲ୍ୟାଣ୍ଡ

(ଗ) ଫ୍ରାନ୍ସ (ଘ) ଇଟାଲୀ

ଉ.ସୁଇଜରଲ୍ୟାଣ୍ଡ

ପ୍ର.୫. ସାର୍ବଭୌମ ରାଷ୍ଟ୍ରମାନଙ୍କର ସମ୍ମେଳନକୁ କ'ଣ କୁହାଯାଏ ?

(କ) ରାଷ୍ଟ୍ର ସଂଘ (ଖ) ସଂରାଷ୍ଟ୍ର

(ଗ) ଐକିକ ରାଷ୍ଟ୍ର (ଘ) ବିଶ୍ୱରାଷ୍ଟ୍ର ସଂଘ

ଉ. ସଂରାଷ୍ଟ୍ର

ପ୍ର.୬. କେଉଁ ରାଷ୍ଟ୍ର ପୃଥିବୀର ପୁରାତନ ସଂଘୀୟ ରାଷ୍ଟ୍ର ?

(କ) ଯୁକ୍ତରାଷ୍ଟ୍ର ଆମେରିକା (ଖ) ସୁଇଜରଲ୍ୟାଣ୍ଡ

(ଗ) ଭାରତ (ଘ) କାନଡ଼ା

ଉ. ଯୁକ୍ତରାଷ୍ଟ୍ର ଆମେରିକା

ପ୍ର.୭. ସମ୍ବିଧାନର କେଉଁ ଧାରା ଅନୁସାରେ "ଭାରତ ହେଉଛି ରାଜ୍ୟମାନଙ୍କର ଏକ ସମ୍ମେଳନ ?"

(କ) ୧ (ଖ) ୨

(ଗ) ୩ (ଘ) ୪

ଉ. ଧାରା ୧

ପ୍ର.୮. ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେତୋଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଅଛି ?

(କ) ୨୫ ଓ ୭ (ଖ) ୨୯ ଓ ୭

(ଗ) ୩୦ ଓ ୭ (ଘ) ୨୫ ଓ ୯

ଉ. ୨୯ ଓ ୭

ପ୍ର.୯. ଭାରତରେ କେନ୍ଦ୍ର ତାଲିକାର ବିଷୟ ସଂଖ୍ୟା କେତେ ?

(କ) ୯୯ (ଖ) ୯୫

(ଗ) ୬୧ (ଘ) ୫୨

ଉ. ୯୯

ପ୍ର.୧୦. ରାଜ୍ୟ ତାଲିକାରେ ଥିବା ବିଷୟ ସଂଖ୍ୟା କେତେ ?

(କ) ୯୯ (ଖ) ୬୧

(ଗ) ୫୨ (ଘ) ୬୫

ଉ.୬୧

ପ୍ର.୧୧. ମିଳିତ ତାଲିକାରେ ଥିବା ବିଷୟ ସଂଖ୍ୟା କେତେ ?

(କ) ୯୯ (ଖ) ୬୧

(ଗ) ୫୨ (ଘ) ୪୮

ଉ.୫୨

ପ୍ର.୧୨. କିଏ ଭାରତକୁ ଏକ ଅର୍ଦ୍ଧ-ରାଷ୍ଟ୍ରସଂଘ ବୋଲି କହିଛନ୍ତି ?

(କ) ଲାସ୍କି (ଖ) ଗାର୍ଣ୍ଣର

(ଗ) କେ.ସି.ହୋୟାର (ଘ) ରଜନୀ କୋଠାରୀ

ଉ.କେ.ସି. ହୋୟାର

ପ୍ର.୧୩. ବର୍ତ୍ତମାନ ଶିକ୍ଷା ଭାରତ ସମ୍ବିଧାନର କେଉଁ ତାଲିକାରେ ରହିଅଛି ?

(କ) ମିଳିତ (ଖ) କେନ୍ଦ୍ର

(ଗ) ରାଜ୍ୟ (ଘ) ଅବଶିଷ୍ଟ

ଉ. ମିଳିତ

ପ୍ର.୧୪. ପ୍ରତିରକ୍ଷା କେଉଁ ତାଲିକା ଅନ୍ତର୍ଭୁକ୍ତ ଏକ ବିଷୟବସ୍ତୁ ?

(କ) କେନ୍ଦ୍ର (ଖ) ରାଜ୍ୟ

(ଗ) ମିଳିତ (ଘ) ଅବଶିଷ୍ଟ

ଉ.କେନ୍ଦ୍ର

ପ୍ର.୧୫. ଭାରତରେ ଅର୍ଥ ଆୟୋଗକୁ କିଏ ଗଠନ କରିଥାନ୍ତି ? 280, 5 years, President

(କ) ରାଷ୍ଟ୍ରପତି (ଖ) ଅର୍ଥମନ୍ତ୍ରୀ

(ଗ) ପ୍ରଧାନମନ୍ତ୍ରୀ (ଘ) ଉପ-ରାଷ୍ଟ୍ରପତି

ଉ.ରାଷ୍ଟ୍ରପତି

ପ୍ର.୧୬. ଭାରତରେ ଅର୍ଥ ଆୟୋଗର କାର୍ଯ୍ୟକାଳ କେତେ ବର୍ଷ ?

(କ) ୩ ବର୍ଷ (ଖ) ୪ ବର୍ଷ

(ଗ) ୫ ବର୍ଷ (ଘ) ୬ ବର୍ଷ

ଉ.୫ ବର୍ଷ

ପ୍ର.୧୭. କେନ୍ଦ୍ର ନୀତି (NITI) ଆୟୋଗର ଅଧ୍ୟକ୍ଷ କିଏ ?

(କ) ରାଷ୍ଟ୍ରପତି (ଖ) ଉପ-ରାଷ୍ଟ୍ରପତି

(ଗ) ପ୍ରଧାନମନ୍ତ୍ରୀ (ଘ) ଅର୍ଥମନ୍ତ୍ରୀ

ଉ. ପ୍ରଧାନମନ୍ତ୍ରୀ

ପ୍ର.୧୮. ସମ୍ବିଧାନର କେଉଁ ଧାରା ଅନୁସାରେ ରାଷ୍ଟ୍ରପତି ଅର୍ଥ ଆୟୋଗ ଗଠନ କରିଥାନ୍ତି ?

(କ) ୨୬୩ (ଖ) ୨୭୦

(ଗ) ୨୮୦ (ଘ) ୩୦୦

ଉ. ୨୮୦

ପ୍ର.୧୯. ସମ୍ବିଧାନର କେଉଁ ଧାରା ଅନୁସାରେ ରାଷ୍ଟ୍ରପତି ଆନ୍ତଃରାଜ୍ୟ ପରିଷଦ ଗଠନ କରିପାରିବେ ?

(କ) ୨୬୩ (ଖ) ୨୭୦

(ଗ) ୨୮୦ (ଘ) ୩୦୦

ଉ. ୨୬୩

ପ୍ର.୨୦. ଭାରତରେ କେତୋଟି ଆଞ୍ଚଳିକ ପରିଷଦ ରହିଅଛି ?

(କ) ୪ (ଖ) ୫

(ଗ) ୬ (ଘ) ୭

ଉ. ୫

ପ୍ର.୨୧. ଭାରତରେ ଆର୍ଥିକ ବିକାଶ ପାଇଁ ପ୍ରଥମ ପଞ୍ଚବାର୍ଷିକ ଯୋଜନା କେବେଠାରୁ କାର୍ଯ୍ୟକାରୀ ହେଉଅଛି ?

(କ) ୧୯୪୭ (ଖ) ୧୯୫୦

(ଗ) ୧୯୫୧ (ଘ) ୧୯୬୧

ଉ. ୧୯୫୧

ପ୍ର.୨୨. ରାଜ୍ୟ ପୁନର୍ଗଠନ ଆୟୋଗ କେବେ ଗଠିତ ହୋଇଥିଲା ?

(କ) ୧୯୫୦ (ଖ) ୧୯୫୨

(ଗ) ୧୯୫୬ (ଘ) ୧୯୬୫

ଉ. ୧୯୫୬

ପ୍ର.୨୩. କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଥିବା ବ୍ୟବସ୍ଥାପକ ସମ୍ପର୍କ ସମ୍ବିଧାନର କେଉଁ ଭାଗରେ ବର୍ଣ୍ଣିତ ହୋଇଛି ?

(କ) ନବମ (ଖ) ଦଶମ

(ଗ) ଏକାଦଶ (ଘ) ଦ୍ୱାଦଶ

ଉ. ଏକାଦଶ

**B.** **ଉପଯୁକ୍ତ ପଦ/ ସଂଖ୍ୟା / ତାରିଖ / ମସିହା ଦ୍ୱାରା ଶୂନ୍ୟସ୍ଥାନଗୁଡ଼ିକ ପୂରଣ କର :**
**Fill in the blanks with appropriate terms/numbers/date/year :**

ପ୍ର.୧. ______ ରାଷ୍ଟ୍ରରେ କ୍ଷମତାର କେନ୍ଦ୍ରୀକରଣ ହୋଇଥାଏ ।

ଉ. ଐକିକ ।

ପ୍ର.୨. ______ରାଷ୍ଟ୍ରରେ ଶାସନ କ୍ଷମତା କେନ୍ଦ୍ର ଓ ରାଜ ସରକାର ମଧ୍ୟରେ ବଣ୍ଟନ ହୋଇଥାଏ ।

ଉ. ସଂଘୀୟ

ପ୍ର.୩. ରାଷ୍ଟ୍ରସଂଘ (Federation) ଶବ୍ଦଟି ଲାଟିନ୍ ଶବ୍ଦ ______ରୁ ଆନୀତ ।

ଉ. ଫୋଡସ୍ (Foedus)

ପ୍ର.୪. ଲାଟିନ୍ ଶବ୍ଦ ଫୋଡସ୍ (Foedus)ର ଅର୍ଥ ______ ।

ଉ. ଚୁକ୍ତି ବା ରାଜିନାମା

ପ୍ର.୫. ଯୁକ୍ତରାଜ୍ୟ ବା ଇଂଲଣ୍ଡ ଏକ ______ରାଷ୍ଟ୍ର ।

ଉ. ଐକିକ

ପ୍ର.୬. ସୁଇଜରଲ୍ୟାଣ୍ଡ ଏକ ______ରାଷ୍ଟ୍ର ।

ଉ. ସଂଘୀୟ ।

ପ୍ର.୭. ଯୁକ୍ତରାଷ୍ଟ୍ର ଆମେରିକା ଏକ ______ରାଷ୍ଟ୍ର ।

ଉ. ସଂଘୀୟ ।

ପ୍ର.୮. ______ବିଶ୍ୱର ପ୍ରଥମ ସଂଘୀୟ ରାଷ୍ଟ୍ର ।

ଉ. ଯୁକ୍ତରାଷ୍ଟ୍ର ଆମେରିକା

ପ୍ର.୯. ______ରାଷ୍ଟ୍ରରେ କେବଳ ଗୋଟିଏ ସରକାର ଥାଏ ।

ଉ. ଐକିକ

ପ୍ର.୧୦. ସାର୍ବଭୌମ ______ ହେଉଛି ରାଷ୍ଟ୍ରମାନଙ୍କର ଏକ ନମନୀୟ ସମଷ୍ଟି ।

ଉ. ସଂରାଷ୍ଟ୍ର ।

ପ୍ର.୧୧. ଗୋଟିଏ ______ରାଷ୍ଟ୍ରରେ କେନ୍ଦ୍ର ଓ ଆଞ୍ଚଳିକ ସରକାରମାନଙ୍କ ମଧ୍ୟରେ ସାମ୍ବିଧାନିକ କ୍ଷମତା ବଣ୍ଟନ ହୋଇଥାଏ ।

ଉ. ସଂଘୀୟ ।

ପ୍ର.୧୨. ଲିଖିତ ______ ହେଉଛି ରାଷ୍ଟ୍ରସଂଘର ଏକ ଅତ୍ୟାବଶ୍ୟକ ଉପାଦାନ ।

ଉ. ସମ୍ବିଧାନ ।

ପ୍ର.୧୩. ଯୁକ୍ତରାଷ୍ଟ୍ର ଆମେରିକାରେ ଅବଶିଷ୍ଟ କ୍ଷମତା ______ ହସ୍ତରେ ନ୍ୟସ୍ତ ଥାଏ ।

ଉ. ରାଜ୍ୟ ସରକାର

ପ୍ର.୧୪. ଭାରତ ରାଜ୍ୟମାନଙ୍କର ଏକ ______ ।

ଉ. ସମ୍ମେଳନ

ପ୍ର.୧୫. ______ଧାରା ଅନୁସାରେ ଭାରତ ରାଜ୍ୟମାନଙ୍କର ଏକ ସମ୍ମେଳନ ରାଜ୍ୟମାନଙ୍କର ଏକ ସମ୍ମେଳନ ।

ଉ. ପ୍ରଥମ (୧)

ପ୍ର.୧୬. ଭାରତ ଆକୃତିରେ ସଂଘୀୟ କିନ୍ତୁ କାର୍ଯ୍ୟତଃ ______ ।

ଉ. ଐକିକ

ପ୍ର.୧୭. ଭାରତ ସମ୍ବିଧାନର ସପ୍ତମ ପରିଚ୍ଛେଦରେ ______ ଟି ତାଲିକା ଅଛି ।

ଉ. ତିନୋଟି

ପ୍ର.୧୮. ଭାରତୀୟ ସଂଘୀୟ ବ୍ୟବସ୍ଥାରେ ______ଟି ରାଜ୍ୟ ଓ ______ଟି କେନ୍ଦ୍ରଶାସିତ ଅଞ୍ଚଳ ରହିଅଛି ।

ଉ. ୨୯, ୭

ପ୍ର.୧୯. କେନ୍ଦ୍ର ତାଲିକାରେ ______ ଟି ବିଷୟ ଅଛି ।

ଉ. ୯୯

ପ୍ର.୨୦. ରାଜ୍ୟ ତାଲିକାରେ ______ ଟି ବିଷୟ ଅଛି ।

ଉ. ୬୧

ପ୍ର.୨୧. ଯୁଗ୍ମ ତାଲିକା ତାଲିକାରେ ______ଟି ବିଷୟ ରହିଅଛି ।

ଉ. ୫୨

ପ୍ର.୨୨. ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଅବଶିଷ୍ଟ କ୍ଷମତା ______ ସରକାରଙ୍କୁ ପ୍ରଦାନ କରାଯାଇଅଛି ।

ଉ. କେନ୍ଦ୍ର

ପ୍ର.୨୩. କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକାରେ ଅନ୍ତର୍ଭୁକ୍ତ ନଥିବା ବିଷୟଗୁଡ଼ିକ ______ କ୍ଷମତାର ଅନ୍ତର୍ଭୁକ୍ତ ।

ଉ. ଅବଶିଷ୍ଟ (Residuary).

ପ୍ର.୨୪. ଏକକ ନାଗରିକତା ______ ରାଷ୍ଟ୍ରର ଏକ ଲକ୍ଷଣ ।

ଉ. ଐକିକ ।

ପ୍ର.୨୫. ଦ୍ୱୈତ ସରକାର ______ ରାଷ୍ଟ୍ରର ଲକ୍ଷଣ ଅଟେ ।

ଉ. ସଂଘୀୟ ।

ପ୍ର.୨୬. କେ.ସି. ହୋୟାରଙ୍କ ମତରେ ଭାରତ ଏକ _____ ରାଷ୍ଟ୍ର ସଂଘ ।

ଉ. ଅର୍ଦ୍ଧ ।

ପ୍ର.୨୭. ମିଳିତ ତାଲିକାଭୁକ୍ତ ବିଷୟକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ଦେଖାଦେଲେ _____ ଆଇନ ବଳବତ୍ତର ରହିଥାଏ ।

ଉ. କେନ୍ଦ୍ରୀୟ ।

ପ୍ର.୨୮. ମିଳିତ ତାଲିକାଭୁକ୍ତ ବିଷୟକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବଦା ଦେଖାଦଲେ _____ ଆଇନ ବଳବତ୍ତର ରହିଥାଏ ।

ଉ. କେନ୍ଦ୍ରୀୟ

ପ୍ର.୨୯. ଶିକ୍ଷା _____ ତାଲିକାଭୁକ୍ତ ବିଷୟ ।

ଉ. ଯୁଗ୍ମ

ପ୍ର.୩୦. ଡାକ ଓ ତାର _____ ତାଲିକାଭୁକ୍ତ ବିଷୟ ।

ଉ. କେନ୍ଦ୍ର

ପ୍ର.୩୧. ଜରୁରୀକାଳୀନ ପରିସ୍ଥିତି ଘୋଷଣା ବେଳେ _____ ସରକାର ଅଧିକ କ୍ଷମତାଶାଳୀ ହୋଇଥାଏ ।

ଉ. କେନ୍ଦ୍ର

ପ୍ର.୩୨. _____ ସମୟରେ ସଂସଦ ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିଥାଏ ।

ଉ. ଜରୁରୀକାଳୀନ ପରିସ୍ଥିତି ।

ପ୍ର.୩୩. ଅର୍ଥ ଆୟୋଗ _____ ଦ୍ୱାରା ନିଯୁକ୍ତି ହୋଇଥାଏ ।

ଉ. ରାଷ୍ଟ୍ରପତି

ପ୍ର.୩୪. ଅର୍ଥ ଆୟୋଗର କାର୍ଯ୍ୟକାଳ _____ ବର୍ଷ ।

ଉ. ୫

ପ୍ର.୩୫. କେନ୍ଦ୍ର **NITI** ଆୟୋଗର ଅଧ୍ୟକ୍ଷ _____ ଅଟନ୍ତି ।

ଉ. ପ୍ରଧାନମନ୍ତ୍ରୀ

ପ୍ର.୩୬. _____ ସମୟରେ ସଂସଦ ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିଥାଏ ।

ଉ. ଜରୁରୀକାଳୀନ ପରିସ୍ଥିତି

ପ୍ର.୩୭. ଭାରତରେ _____ ଟି ଆଞ୍ଚଳିକ ପରିଷଦ ରହିଅଛି ।

ଉ. ୫

ପ୍ର.୩୮. ସମ୍ବିଧାନର _____ ଧାରା ଅନୁସାରେ ରାଷ୍ଟ୍ରପତି ଅନ୍ତଃରାଜ୍ୟ ପରିଷଦ ଗଠନ କରିପାରିବେ ।

ଉ. ୨୬୩

ପ୍ର.୩୯. ଭାରତ ସମ୍ବିଧାନର _____ ଅନୁସୂଚୀ (**Schedule**) ରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ କରାଯାଇଛି ।

ଉ. ସପ୍ତମ

## C. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ପ୍ରଦାନ କର (Answer in one Word)

ପ୍ର.୧. ରାଷ୍ଟ୍ରସଂଘ ଶବ୍ଦଟି କେଉଁ ଭାଷାର ଶବ୍ଦ ଫୋଡିସ୍‌ରୁ ଆନୀତ ।

ଉ. ଲାଟିନ

ପ୍ର.୨. ଶାସନ କ୍ଷମତାର କେନ୍ଦ୍ରୀକରଣ ହୋଇଥିବା ରାଷ୍ଟ୍ରକୁ କ'ଣ କୁହାଯାଏ ?

ଉ.ଐକିକ

ପ୍ର.୩. ଗୋଟିଏ ଐକିକ ରାଷ୍ଟ୍ରର ନାମ ଲେଖ ।

ଉ. ଇଂଲଣ୍ଡ

ପ୍ର.୪. ଗୋଟିଏ ସଂଘୀୟ ରାଷ୍ଟ୍ରର ନାମ ଲେଖ ।

ଉ. ସୁଇଜରଲ୍ୟାଣ୍ଡ

ପ୍ର.୫. ସାର୍ବଭୌମ ରାଷ୍ଟ୍ରମାନଙ୍କର ସମ୍ମେଳନକୁ କ'ଣ କୁହାଯାଏ ?

ଉ. ସଂରାଷ୍ଟ୍ର

ପ୍ର.୬. କେଉଁ ରାଷ୍ଟ୍ର ପୃଥିବୀର ପୁରାତନ ସଂଘୀୟ ରାଷ୍ଟ୍ର ?

ଉ. ଯୁକ୍ତରାଷ୍ଟ୍ର ଆମେରିକା

ପ୍ର.୭. ସମ୍ବିଧାନର କେଉଁ ଧାରା ଅନୁସାରେ "ଭାରତ ହେଉଛି ରାଜ୍ୟମାନଙ୍କର ଏକ ସମ୍ମେଳନ ?"

ଉ. ଧାରା ୧

ପ୍ର.୮. ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେତୋଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଅଛି ?

ଉ. ୨୯ ଓ ୭

ପ୍ର.୯. ଭାରତରେ କେନ୍ଦ୍ର ତାଲିକାର ବିଷୟ ସଂଖ୍ୟା କେତେ ?

ଉ. ୯୯

ପ୍ର.୧୦.ରାଜ୍ୟ ତାଲିକାରେ ଥିବା ବିଷୟ ସଂଖ୍ୟା କେତେ ?

ଉ. ୬୧

ପ୍ର.୧୧.ଯୁଗ୍ମତାଲିକାରେ ଥିବା ବିଷୟ ସଂଖ୍ୟା କେତେ ?

ଉ. ୫୨

ପ୍ର.୧୨.କିଏ ଭାରତକୁ ଏକ ଅର୍ଦ୍ଧ-ରାଷ୍ଟ୍ରସଂଘ ବୋଲି କହିଛନ୍ତି ?

ଉ. କେ.ସି. ହୋୟାର

ପ୍ର.୧୩.ବର୍ତ୍ତମାନ ଶିକ୍ଷା ଭାରତ ସମ୍ବିଧାନର କେଉଁ ତାଲିକାରେ ରହିଅଛି ?

ଉ. ମିଳିତ

ପ୍ର.୧୪.ପ୍ରତିରକ୍ଷା କେଉଁ ତାଲିକା ଅନ୍ତର୍ଭୁକ୍ତ ଏକ ବିଷୟବସ୍ତୁ ?

ଉ. କେନ୍ଦ୍ର

ପ୍ର.୧୫.ଭାରତରେ ଅର୍ଥ ଆୟୋଗକୁ କିଏ ଗଠନ କରିଥାନ୍ତି ?

ଉ. ରାଷ୍ଟ୍ରପତି

ପ୍ର.୧୬.ଭାରତରେ ଅର୍ଥ ଆୟୋଗର କାର୍ଯ୍ୟକାଳ କେତେ ବର୍ଷ ?

ଉ. ୫ ବର୍ଷ

ପ୍ର.୧୭. କେନ୍ଦ୍ର ଯୋଜନା ଆୟୋଗର ଅଧ୍ୟକ୍ଷ କିଏ ?

ଉ. ପ୍ରଧାନମନ୍ତ୍ରୀ

ପ୍ର.୧୮.ସମ୍ବିଧାନର କେଉଁ ଧାରା ଅନୁସାରେ ରାଷ୍ଟ୍ରପତି ଅର୍ଥ ଆୟୋଗ ଗଠନ କରିଥାନ୍ତି ?

ଉ.୨୮୦

ପ୍ର.୧୯. ସମ୍ବିଧାନର କେଉଁ ଧାରା ଅନୁସାରେ ରାଷ୍ଟ୍ରପତି ଆନ୍ତଃରାଜ୍ୟ ପରିଷଦ ଗଠନ କରିପାରିବେ ?

ଉ. ୨୬୩

ପ୍ର.୨୦. ଭାରତରେ କେତୋଟି ଆଞ୍ଚଳିକ ପରିଷଦ ରହିଅଛି ?

ଉ. ୫

ପ୍ର.୨୧.ଭାରତରେ ଆର୍ଥିକ ବିକାଶ ପାଇଁ ପ୍ରଥମ ପଞ୍ଚବାର୍ଷିକ ଯୋଜନା କେବେଠାରୁ କାର୍ଯ୍ୟକାରୀ ହେଉଅଛି ?

ଉ. ୧୯୫୧

ପ୍ର.୨୨. ରାଜ୍ୟ ପୁନର୍ଗଠନ ଆୟୋଗ କେବେ ଗଠିତ ହୋଇଥିଲା ?

ଉ. ୧୯୫୬

## D. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦିଅ (Answer in one Sentence)

ପ୍ର.୧. ଐକିକ ରାଷ୍ଟ୍ର କହିଲେ କ'ଣ ବୁଝ ?

ଉ. ଯେଉଁ ରାଷ୍ଟ୍ରରେ ଶାସନ କ୍ଷମତା ଗୋଟିଏ କେନ୍ଦ୍ର ସରକାର ହାତରେ କେନ୍ଦ୍ରୀଭୂତ ହୋଇଥାଏ, ତାହାକୁ ଐକିକ ରାଷ୍ଟ୍ର କୁହାଯାଏ ।

ପ୍ର.୨. ଯୁକ୍ତରାଜ୍ୟ ବା ଗ୍ରେଟ୍ ବ୍ରିଟେନ୍ ଏକ ଐକିକ ରାଷ୍ଟ୍ର କି ?

ଉ. ହଁ, ଯୁକ୍ତରାଜ୍ୟ ବା ଗ୍ରେଟ୍‌ବ୍ରିଟେନ୍ ଏକ ଐକିକ ରାଷ୍ଟ୍ର ।

ପ୍ର.୩. ସଂଘୀୟ ରାଷ୍ଟ୍ର ବା ରାଷ୍ଟ୍ର ସଂଘ କହିଲେ କ'ଣ ବୁଝ ?

ଉ. ଯେଉଁ ରାଷ୍ଟ୍ରରେ ଏକ ଲିଖିତ ସମ୍ବିଧାନ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ଶାସନ କ୍ଷମତା ବଣ୍ଟନ କରିଥାଏ, ତାହାକୁ ସଂଘୀୟ ରାଷ୍ଟ୍ର କୁହାଯାଏ ।

ପ୍ର.୪. ସଂରାଷ୍ଟ୍ର କହିଲେ କ'ଣ ବୁଝ ?

ଉ. ଯେତେବେଳେ କେତେକ ସାର୍ବଭୌମ ରାଷ୍ଟ୍ର ନିଜର ସାର୍ବଭୌମତ୍ୱ ଅକ୍ଷୁଣ୍ଣ ରଖି ସାମରିକ ଓ ଆର୍ଥିକ ଉନ୍ନତି ପାଇଁ ଗୋଟିଏ ସରକାର ଗଠନ କରି ଶାସିତ ହୋଇଥାନ୍ତି । ତାହାକୁ ସଂରାଷ୍ଟ୍ର କୁହାଯାଏ ।

ପ୍ର.୫. ପୃଥିବୀର ପ୍ରଥମ ସଂଘୀୟ ରାଷ୍ଟ୍ର କିଏ ?

ଉ. ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ସର୍ବ ପ୍ରଥମ ସଂଘୀୟ ରାଷ୍ଟ୍ର ଅଟେ ।

ପ୍ର.୬. ଐକିକ ରାଷ୍ଟ୍ର ଓ ସଂଘୀୟ ରାଷ୍ଟ୍ର ମଧ୍ୟରେ ପାର୍ଥକ୍ୟ କ'ଣ ?

ଉ. ଐକିକ ରାଷ୍ଟ୍ରରେ ଶାସନ କ୍ଷମତା ଗୋଟିଏ ସରକାରଠାରେ କେନ୍ଦ୍ରୀଭୂତ ହୋଇଥିବା ବେଳେ ସଂଘୀୟ ରାଷ୍ଟ୍ର କ୍ଷମତା କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ବଣ୍ଟନ ହୋଇଥାଏ ।

ପ୍ର.୭. ସଂଘୀୟ ରାଷ୍ଟ୍ରରେ ରାଜ୍ୟ ସରକାର କେଉଁ ଉତ୍ସରୁ କ୍ଷମତା ପାଇଥାନ୍ତି ?

ଉ. ସଂଘୀୟ ରାଷ୍ଟ୍ରରେ ରାଜ୍ୟ ସରକାରମାନେ ସମ୍ବିଧାନରୁ କ୍ଷମତା ପାଇଥାନ୍ତି ।

ପ୍ର.୮. ଲାଟିନ୍ ଶବ୍ଦ ଫୋଡ଼ସ୍ **"Foedus"**ର ଅର୍ଥ କ'ଣ ?

ଉ. ଲାଟିନ୍ ଶବ୍ଦ ଫୋଡ଼ସର ଅର୍ଥ ଚୁକ୍ତି ବା ରାଜିନାମା ।

ପ୍ର.୯. କେନ୍ଦ୍ରାଭିମୁଖୀ ରାଷ୍ଟ୍ର ସଂଘ କାହାକୁ କୁହନ୍ତି ?

ଉ. ଯେତେବେଳେ କେତେକ ଯୁକ୍ତରାଷ୍ଟ୍ର ପରସ୍ପର ସହିତ ମିଳିତ ହୋଇ ରାଷ୍ଟ୍ରସଂଘ ପ୍ରତିଷ୍ଠା କରି ଏକ କେନ୍ଦ୍ର ସରକାର ଗଠନ କରିଥାନ୍ତି । ତାହାକୁ କେନ୍ଦ୍ରାଭିମୁଖୀ ରାଷ୍ଟ୍ରସଂଘ କୁହାଯାଏ । U.S , China

ପ୍ର.୧୦.କେନ୍ଦ୍ର ଅଭିସାରୀ ରାଷ୍ଟ୍ରସଂଘ କାହାକୁ କୁହନ୍ତି ?

ଉ. ଯେତେବେଳେ ଏକ ବୃହତ ଐକିକ ରାଷ୍ଟ୍ର ଶାସନଗତ ସୁବିଧା ଓ ସମନ୍ୱିତ ଆଞ୍ଚଳିକ ବିକାଶ ପାଇଁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ଏକ ରାଷ୍ଟ୍ରସଂଘରେ ପରିଣତ ହୋଇଥାନ୍ତି, ତାହାକୁ କେନ୍ଦ୍ର ଅପସାରୀ ରାଷ୍ଟ୍ରସଂଘ କୁହାଯାଏ ।

ପ୍ର.୧୧. ଭାରତୀୟ ରାଷ୍ଟ୍ରସଂଘରେ କେତୋଟି ରାଜ୍ୟ ଓ କେତୋଟି କେନ୍ଦ୍ର ଶାସିତ ଅଞ୍ଚଳ ରହିଅଛି ?

ଉ. ଭାରତୀୟ ରାଷ୍ଟ୍ରସଂଘରେ ୨୯ଟି ରାଜ୍ୟ ଓ ୭ଟି କେନ୍ଦ୍ର ଶାସିତ ଅଞ୍ଚଳ ରହିଅଛି ।

ପ୍ର.୧୨. କେନ୍ଦ୍ର ତାଲିକାରେ କେତୋଟି ବିଷୟ ରହିଅଛି ?

ଉ. କେନ୍ଦ୍ର ତାଲିକାରେ ୯୯ଟି ବିଷୟ ରହିଅଛି ।

**ପ୍ର.୧୩.। ରାଜ୍ୟ ତାଲିକାରେ କେତୋଟି ବିଷୟ ରହିଅଛି ?**

ଉ. ରାଜ୍ୟ ତାଲିକା ୬୧ଟି ବିଷୟ ରହିଅଛି ?

**ପ୍ର.୧୪. ମିଳିତ ତାଲିକା ବା ମିଳିତ ତାଲିକାରେ କେତୋଟି ବିଷୟ ରହିଅଛି ?**

ଉ. ମିଳିତ ତାଲିକାରେ ୫୨ଟି ବିଷୟ ରହିଅଛି ।

**ପ୍ର.୧୫. ମିଳିତ ତାଲିକା କହିଲେ କ'ଣ ବୁଝ ?**

ଉ. ଯେଉଁ ତାଲିକାଭୁକ୍ତ ବିଷୟ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ପ୍ରଣୟନ କରିଥାନ୍ତି, ତାହାକୁ ମିଳିତ ତାଲିକା କୁହାଯାଏ ।

**ପ୍ର.୧୬. ମିଳିତ ତାଲିକା ଅନ୍ତର୍ଭୁକ୍ତ ବିଷୟରେ ଆଇନ ପ୍ରଣୟନ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ହେଲେ କ'ଣ ହୁଏ ?**

ଉ. ମିଳିତ ତାଲିକା ଅନ୍ତର୍ଭୁକ୍ତ ବିଷୟରେ ଆଇନ ପ୍ରଣୟନ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ହେଲେ କେନ୍ଦ୍ରୀୟ ଆଇନ ବଳବତ୍ତର ରହିଥାଏ ।

**ପ୍ର.୧୭. ଅବଶିଷ୍ଟ କ୍ଷମତା କ'ଣ ?**

ଉ. କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଶାସନ କ୍ଷମତା ବଣ୍ଟନରେ ଯେଉଁ ବିଷୟମାନ କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକାରେ ସ୍ଥାନ ପାଇନଥାଏ, ତାହାକୁ ଅବଶିଷ୍ଟ କ୍ଷମତା କୁହାଯାଏ ।

**ପ୍ର.୧୮. ଭାରତରେ ଅବଶିଷ୍ଟ କ୍ଷମତା ବା ଉଦ୍‌ବୃତ୍ତ କ୍ଷମତା ଉପରେ କିଏ ଆଇନ ପ୍ରଣୟନ କରିଥାଏ ?**

ଉ. ଭାରତରେ ଅବଶିଷ୍ଟ କ୍ଷମତା ଉପରେ କେନ୍ଦ୍ର ସଂସଦ ଆଇନ ପ୍ରଣୟନ କରିଥାଏ ।

**ପ୍ର.୧୯. କେନ୍ଦ୍ର ତାଲିକାଭୁକ୍ତ ଯେ କୌଣସି ୫ଟି ବିଷୟ ଲେଖ ।**

ଉ. କେନ୍ଦ୍ର ତାଲିକାଭୁକ୍ତ ପାଞ୍ଚଟି ବିଷୟ ହେଲା; ପ୍ରତିରକ୍ଷା, ରେଳବାଇ, ଡାକ ଓ ତାର ବିଭାଗ, ସାମରିକ ବିଭାଗ ଓ ବୈଦେଶିକ ବ୍ୟାପାର ।

**ପ୍ର.୨୦. ରାଜ୍ୟ ତାଲିକାଭୁକ୍ତ ଯେ କୌଣସି ୫ଟି ବିଷୟର ନାମ ଲେଖ ।**

ଉ. ରାଜ୍ୟ ତାଲିକାଭୁକ୍ତ ୫ଟି ବିଷୟ ହେଲା; ସ୍ୱାସ୍ଥ୍ୟ ଓ ଚିକିତ୍ସା, ସ୍ଥାନୀୟ ସରକାର, କୃଷି, ଜଳ ସେଚନ ଓ ପୋଲିସ୍ ।

**ପ୍ର.୨୧.ମିଳିତ ତାଲିକାଭୁକ୍ତ ଯେ କୌଣସି ୫ଟି ବିଷୟର ନାମ ଲେଖ ।**

ଉ. ଯୁଗ୍ମ ତାଲିକାଭୁକ୍ତ ପାଞ୍ଚଟି ବିଷୟ ହେଲା; ଶିକ୍ଷା, ବିବାହ ଓ ଛାଡ଼ପତ୍ର, ଫୌଜଦାରୀ ଓ ଦେୱାନୀ ଆଇନ ପ୍ରଣୟନ, ବିଦ୍ୟୁତ ଓ ଜନ୍ମମୃତ୍ୟୁ ହିସାବ ।

**ପ୍ର.୨୨. ଯୋଜନା ଆୟୋଗର ମୁଖ୍ୟ କାର୍ଯ୍ୟ କ'ଣ ଥିଲା ?**

ଉ. ଦେଶର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରିବା ଯୋଜନା ଆୟୋଗର ମୁଖ୍ୟ କାର୍ଯ୍ୟ ଅଟେ ।

**ପ୍ର.୨୩ . କେନ୍ଦ୍ର ଯୋଜନା NITI ଆୟୋଗର ଅଧ୍ୟକ୍ଷ କିଏ ?**

ଉ. ଭାରତର ପ୍ରଧାନମନ୍ତ୍ରୀ କେନ୍ଦ୍ର ଯୋଜନା ଆୟୋଗର ଅଧ୍ୟକ୍ଷ ଅଟନ୍ତି ।

**ପ୍ର.୨୪. ଅର୍ଥ ଆୟୋଗର କାର୍ଯ୍ୟ କ'ଣ ?**

ଉ. କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ସମ୍ପର୍କକୁ ସମୀକ୍ଷା କରିବା ଅର୍ଥ ଆୟୋଗର ପ୍ରଧାନ କାର୍ଯ୍ୟ ।

**ପ୍ର.୨୫. ଅର୍ଥ ଆୟୋଗ କିଏ ଗଠନ କରନ୍ତି ?**

ଉ. ଅର୍ଥ ଆୟୋଗକୁ ରାଷ୍ଟ୍ରପତି ଗଠନ କରିଥାନ୍ତି ।

**ପ୍ର.୨୬. ଆଞ୍ଚଳିକ ପରିଷଦର ମୁଖ୍ୟ କାର୍ଯ୍ୟ କ'ଣ ?**

ଉ. କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏବଂ ରାଜ୍ୟ ରାଜ୍ୟ ମଧ୍ୟରେ ବିବାଦର ସମାଧାନ କରି ସହଯୋଗ ବୃଦ୍ଧି କରିବା ଆଞ୍ଚଳିକ ପରିଷଦର ମୁଖ୍ୟ କାର୍ଯ୍ୟ ଅଟେ ।

ପ୍ର.୨୭. ଭାରତରେ କେତୋଟି ଆଞ୍ଚଳିକ ପରିଷଦ ଅଛି ?

ଉ. ଭାରତରେ ପାଞ୍ଚଟି ଆଞ୍ଚଳିକ ପରିଷଦ ଅଛି ।

ପ୍ର.୨୮. ଭାରତରେ ଥିବା ଆଞ୍ଚଳିକ ପରିଷଦ ଗୁଡ଼ିକର ନାମ କ'ଣ ?

ଉ. ଭାରତରେ ଥିବା ଆଞ୍ଚଳିକ ପରିଷଦ ଗୁଡ଼ିକର ନାମ ହେଲା ଉତ୍ତରାଞ୍ଚଳ ପରିଷଦ, କେନ୍ଦ୍ରାଞ୍ଚଳ ପରିଷଦ, ପୂର୍ବାଞ୍ଚଳ ପରିଷଦ, ପଶ୍ଚିମାଞ୍ଚଳ ପରିଷଦ ଓ ଦକ୍ଷିଣାଞ୍ଚଳ ପରିଷଦ ।

ପ୍ର.୨୯. ଆଞ୍ଚଳିକ ପରିଷଦମାନଙ୍କର ଅଧ୍ୟକ୍ଷ କିଏ ?

ଉ. କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଆଞ୍ଚଳିକ ପରିଷଦର ଅଧ୍ୟକ୍ଷ ଅଟନ୍ତି ।

ପ୍ର.୩୦. ଅନ୍ତଃରାଜ୍ୟ ପରିଷଦର ମୁଖ୍ୟ କାର୍ଯ୍ୟ କ'ଣ ?

ଉ. ରାଜ୍ୟ ରାଜ୍ୟ ମଧ୍ୟରେ ଉପୁଜିଥିବା ସଂଘର୍ଷର ଅନୁସନ୍ଧାନ ଓ ସମାଧାନ ନିମନ୍ତେ ପରାମର୍ଶ ଦେବା ଅନ୍ତଃରାଜ୍ୟ ପରିଷଦର ମୁଖ୍ୟ କାର୍ଯ୍ୟ ।

ପ୍ର.୩୧. ଭାରତର ହିସାବ ରକ୍ଷକ ଓ ମହାସମୀକ୍ଷକଙ୍କ କାର୍ଯ୍ୟ କ'ଣ ?

ଉ. ଭାରତ ସରକାରଙ୍କର ଆୟବ୍ୟୟର ହିସାବ ରଖିବା ଓ ତର୍ଜମା କରିବା ହିସାବରକ୍ଷକ ଓ ମହାସମୀକ୍ଷକଙ୍କ କାର୍ଯ୍ୟ ଅଟେ ।

ପ୍ର.୩୨. "ଭାରତ ଏକ ଅର୍ଦ୍ଧ ରାଷ୍ଟ୍ରସଂଘ ବା ପ୍ରାୟ କଳ୍ପ ରାଷ୍ଟ୍ରସଂଘ" । ଏହା କିଏ କହିଛନ୍ତି ?

ଉ. ଏହା କେ.ସି. ହୋୟାର୍ କହିଛନ୍ତି ।

ପ୍ର.୩୩. ରାଜ୍ୟ ବିଧାନମଣ୍ଡଳ ତରଫରୁ ସଂସଦ କେଉଁ ସମୟରେ ଆଇନ ପ୍ରଣୟନ କରିଥାଏ ?

ଉ. ରାଷ୍ଟ୍ରପତି ଶାସନ ବା ରାଜ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା ସମୟରେ ରାଜ୍ୟ ବିଧାନମଣ୍ଡଳ ତରଫରୁ ସଂସଦ ଆଇନ ପ୍ରଣୟନ କରିଥାଏ ।

ପ୍ର.୩୪. କେନ୍ଦ୍ରୀୟ ଲୋକସେବା ଆୟୋଗର ପ୍ରଧାନ କାର୍ଯ୍ୟ କ'ଣ ?

ଉ. ସର୍ବଭାରତୀୟ ସ୍ତରରେ ଚାକିରୀ ପାଇଁ ପରୀକ୍ଷା ଓ ମନୋନୟନ କରି ପ୍ରାର୍ଥୀ ନିର୍ବାଚନ କରିବା କେନ୍ଦ୍ରୀୟ ଲୋକସେବା ଆୟୋଗର ମୁଖ୍ୟ କାର୍ଯ୍ୟ ।

ପ୍ର.୩୫. ଭାରତ କାହିଁକି ଏକ ଅର୍ଦ୍ଧ-ରାଷ୍ଟ୍ରସଂଘ ?

ଉ. ଭାରତ ସମ୍ବିଧାନ ଉଭୟ ସଂଘୀୟ ଓ ଐକିକ ରାଷ୍ଟ୍ରର ଲକ୍ଷଣ ବିହନ କରିଥିବାରୁ ଏହା ଏକ ଅର୍ଦ୍ଧ ରାଷ୍ଟ୍ରସଂଘ ।

ପ୍ର.୩୬. ସମ୍ବିଧାନର କେଉଁ ଧାରାରେ ଭାରତକୁ ରାଜ୍ୟମାନଙ୍କର ଏକ ସମ୍ମେଳନ ବୋଲି କୁହାଯାଇଛି ?

ଉ. ସମ୍ବିଧାନର ପ୍ରଥମ ଧାରାରେ ଭାରତକୁ ରାଜ୍ୟମାନଙ୍କର ଏକ ସମ୍ମେଳନ ଭାବେ ବର୍ଣ୍ଣନା କରାଯାଇଛି ।

## E. ଭ୍ରମ ସଂଶୋଧନ କର (Correct the Sentences)

ପ୍ର.୧. ରାଷ୍ଟ୍ରସଂଘ ଶବ୍ଦଟି ଗ୍ରୀକ୍ ଭାଷାର ଶବ୍ଦ ଫୋଡ଼ିସ୍‌ରୁ ଆନୀତ ।

ଉ. ରାଷ୍ଟ୍ରସଂଘ ଶବ୍ଦଟି ଲାଟିନ୍ ଭାଷାର ଶବ୍ଦ ଫୋଡ଼ିସ୍‌ରୁ ଆନୀତ ।

ପ୍ର.୨. ଶାସନ କ୍ଷମତାର ବିକେନ୍ଦ୍ରୀକରଣ ହୋଇଥିବା ରାଷ୍ଟ୍ରକୁ ଐକିକ କୁହାଯାଏ ।

ଉ. ଶାସନ କ୍ଷମତାର ବିକେନ୍ଦ୍ରୀକରଣ ହୋଇଥିବା ରାଷ୍ଟ୍ରକୁ ସଂଘୀୟ କୁହାଯାଏ ।

ପ୍ର.୩. ଯୁକ୍ତରାଷ୍ଟ୍ର ଆମେରିକା ଗୋଟିଏ ଐକିକ ରାଷ୍ଟ୍ର ।

ଉ. ଯୁକ୍ତରାଷ୍ଟ୍ର ଆମେରିକା ସଂଘୀୟ ରାଷ୍ଟ୍ର ।

ପ୍ର.୪. ସାର୍ବଭୌମ ରାଷ୍ଟ୍ରମାନଙ୍କର ସମ୍ମେଳନକୁ ସଂଘୀୟ କୁହାଯାଏ ।

ଉ. ସାର୍ବଭୌମ ରାଷ୍ଟ୍ରମାନଙ୍କର ସମ୍ମେଳନକୁ ସଂରାଷ୍ଟ୍ର କୁହାଯାଏ ।

ପ୍ର.୫. ସୁଇଜରଲ୍ୟାଣ୍ଡ ପୃଥିବୀର ପୁରାତନ ସଂଘୀୟ ରାଷ୍ଟ୍ର ।

ଉ. ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ପୁରାତନ ସଂଘୀୟ ରାଷ୍ଟ୍ର ।

ପ୍ର.୬. ସମ୍ବିଧାନର ପ୍ରସ୍ତାବନା ଅନୁସାରେ "ଭାରତ ହେଉଛି ରାଜ୍ୟମାନଙ୍କର ଏକ ସମ୍ମେଳନ ।"

ଉ. ସମ୍ବିଧାନର ଧାରା ୧ ଅନୁସାରେ "ଭାରତ ହେଉଛି ରାଜ୍ୟମାନଙ୍କର ଏକ ସମ୍ମେଳନ ।"

ପ୍ର.୭. ଭାରତୀୟ ସଂଘୀୟ ବ୍ୟବସ୍ଥାରେ ୨୮ଟି ରାଜ୍ୟ ଓ ୭ଟି କେନ୍ଦ୍ର ଶାସିତ ଅଞ୍ଚଳ ଅଛି ?

ଉ. ଭାରତୀୟ ସଂଘୀୟ ବ୍ୟବସ୍ଥାରେ ୨୯ଟି ରାଜ୍ୟ ଓ ୭ଟି କେନ୍ଦ୍ର ଶାସିତ ଅଞ୍ଚଳ ଅଛି ?

ପ୍ର.୮. ଭାରତରେ କେନ୍ଦ୍ର ତାଲିକାର ବିଷୟ ସଂଖ୍ୟା ୬୨ ।

ଉ. ଭାରତରେ କେନ୍ଦ୍ର ତାଲିକାର ବିଷୟ ସଂଖ୍ୟା ୯୯ ।

ପ୍ର.୯. ରାଜ୍ୟ ତାଲିକାରେ ଥିବା ବିଷୟ ସଂଖ୍ୟା ୯୯ ।

ଉ. ରାଜ୍ୟ ତାଲିକାରେ ଥିବା ବିଷୟ ସଂଖ୍ୟା ୬୧ ।

ପ୍ର.୧୦. ଯୁଗ୍ମ ତାଲିକାରେ ଥିବା ବିଷୟ ସଂଖ୍ୟା ୬୧ ।

ଉ. ଯୁଗ୍ମ ତାଲିକାରେ ଥିବା ବିଷୟ ସଂଖ୍ୟା ୫୨ ।

ପ୍ର.୧୧. ଏ.ଭି. ଡାଇସୀ ଭାରତକୁ ଏକ ଅର୍ଦ୍ଧ-ରାଷ୍ଟ୍ରସଂଘ ବୋଲି କହିଛନ୍ତି ।

ଉ. ଭାରତକୁ ଏକ ଅର୍ଦ୍ଧ-ରାଷ୍ଟ୍ରସଂଘ ବୋଲି କେ.ସି. ହୋୟାର କହିଛନ୍ତି ।

ପ୍ର.୧୨. ଭାରତରେ ଅର୍ଥ ଆୟୋଗକୁ ଅର୍ଥମନ୍ତ୍ରୀ ଗଠନ କରିଥାନ୍ତି ।

ଉ. ଭାରତରେ ଅର୍ଥ ଆୟୋଗକୁ ରାଷ୍ଟ୍ରପତି ଗଠନ କରିଥାନ୍ତି ।

ପ୍ର.୧୩. ଭାରତରେ ଅର୍ଥ ଆୟୋଗର କାର୍ଯ୍ୟକାଳ ୬ ବର୍ଷ ?

ଉ. ଭାରତରେ ଅର୍ଥ ଆୟୋଗର କାର୍ଯ୍ୟକାଳ ୫ ବର୍ଷ ।

ପ୍ର.୧୪. କେନ୍ଦ୍ର ଯୋଜନା/ନୀତିଆୟୋଗ ଆୟୋଗର ରାଷ୍ଟ୍ରପତି ଅଟନ୍ତି ।

ଉ. କେନ୍ଦ୍ର ଯୋଜନା/ନୀତିଆୟୋଗ ଆୟୋଗର ପ୍ରଧାନମନ୍ତ୍ରୀ ଅଟନ୍ତି ।

## 'ଖ' ବିଭାଗ (Group–B)

### ସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

### A. ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ପ୍ରଦାନ କର(Answer in two or three sentences)

ପ୍ର.୧. ରାଷ୍ଟ୍ର ସଂଘ ବା ସଂଘୀୟ ରାଷ୍ଟ୍ର କାହାକୁ କୁହାଯାଏ ?

ଉ. ଯେଉଁ ରାଷ୍ଟ୍ରରେ ଏକ ଲିଖିତ ସମ୍ବିଧାନ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଶାସନ କ୍ଷମତାର ବଣ୍ଟନ କରାଯାଇଥାଏ ଏବଂ ଏହି ସାମ୍ବିଧାନିକ କ୍ଷମତା ବଣ୍ଟନକୁ ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ ଦ୍ୱାରା ସୁରକ୍ଷିତ କରାଯାଇଥାଏ, ତାହାକୁ ସଂଘୀୟ ରାଷ୍ଟ୍ର କୁହାଯାଏ । ରାଷ୍ଟ୍ରସଂଘ (Federation) ଶବ୍ଦଟି ଲାଟିନ ଶବ୍ଦ "ଫୋଏଡ଼ସ୍" (Foedus)ରୁ ସୃଷ୍ଟି ହୋଇଛି ଯାହାର ଅର୍ଥ ହେଉଛି ଚୁକ୍ତି ବା ରାଜିନାମା ।

ପ୍ର.୨. ରାଷ୍ଟ୍ରସଂଘ କେତେ ପ୍ରକାର ଓ କ'ଣ କ'ଣ ?

ଉ. ରାଷ୍ଟ୍ରସଂଘ ଦୁଇ ଶ୍ରେଣୀର ଯଥା କେନ୍ଦ୍ରାଭିମୁଖୀ ରାଷ୍ଟ୍ରସଂଘ ଓ କେନ୍ଦ୍ରଅପସାରୀ ରାଷ୍ଟ୍ରସଂଘ । କ୍ଷୁଦ୍ର ତଥା ସ୍ୱାଧୀନ ରାଷ୍ଟ୍ରମାନେ ନିଜର ସାର୍ବଭୌମତ୍ୱ ତ୍ୟାଗକରି ସମ୍ମିଶ୍ରଣ ଦ୍ୱାରା ଯେଉଁ ରାଷ୍ଟ୍ରସଂଘ ଗଠନ କରନ୍ତି, ତାହାକୁ କେନ୍ଦ୍ରାଭିମୁଖୀ ରାଷ୍ଟ୍ରସଂଘ କୁହାଯାଏ । ବୃହତ୍ ରାଷ୍ଟ୍ରକୁ ବିଭାଜନ କରାଯାଇ ଯେଉଁ ରାଷ୍ଟ୍ରସଂଘ ଗଠନ କରାଯାଇଥାଏ, ତାହାଙ୍କ କେନ୍ଦ୍ରଅପସାରୀ ରାଷ୍ଟ୍ରସଂଘ କୁହାଯାଏ ।

ଯୁକ୍ତରାଷ୍ଟ୍ର ଆମେରିକା, କାନଡ଼ା, ଅଷ୍ଟ୍ରେଲିଆ, ସୁଇଜରଲ୍ୟାଣ୍ଡ ଓ ଭାରତ ଇତ୍ୟାଦି ରାଷ୍ଟ୍ରସଂଘ ।

ପ୍ର.୩. ରାଷ୍ଟ୍ରସଂଘର ଲକ୍ଷଣମାନ କ'ଣ ?

ଉ. ରାଷ୍ଟ୍ରସଂଘର ଲକ୍ଷଣମାନ ହେଲା –

(କ) ଶାସନ କ୍ଷମତାର ବଣ୍ଟନ, (ଖ) ଲିଖିତ ଓ ଅନମନୀୟ ସମ୍ବିଧାନ, (ଗ) ଦ୍ୱୈତ ସରକାର, (ଘ) ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟପାଳିକା, (ଙ) ଦ୍ୱି-ସଦନୀୟ ବ୍ୟବସ୍ଥାପିକା, (ଚ) ରାଜ୍ୟମାନଙ୍କର ସମାନତା, (ଛ) ଦ୍ୱୈତ ସମ୍ବିଧାନ, (ଜ) ଦ୍ୱୈତ ନାଗରିକତା ।

ପ୍ର.୪. ରାଷ୍ଟ୍ରସଂଘ ଗଠନର ସର୍ତ୍ତାବଳୀମାନ କ'ଣ ?

ଉ. ରାଷ୍ଟ୍ରସଂଘ ଗଠନର ସର୍ତ୍ତାବଳୀମାନ ହେଲା–

(କ) ସଂଘ ଗଠନର ଅଭିଳାଷ, (ଖ) ଭୌଗୋଳିକ ସଂଲଗ୍ନତା, (ଗ) ସାମାଜିକ ଓ ରାଜନୈତିକ ସାଦୃଶ୍ୟ, (ଘ) ଜାତୀୟ ଭାବନା, (ଙ) ସମାନ ମର୍ଯ୍ୟାଦା, (ଚ) ଅର୍ଥନୈତିକ ସ୍ୱଚ୍ଛଳତା, (ଛ) ଆଦର୍ଶ ନେତୃତ୍ୱ ଏବଂ (ଜ) ସାଧାରଣ ସଚେତନତା ।

ପ୍ର.୫. ରାଷ୍ଟ୍ରସଂଘର ସୁଗୁଣମାନ ହେଲା ?

ଉ. ରାଷ୍ଟ୍ରସଂଘର ସୁଗୁଣମାନ ହେଲା–

(କ) ବୃହତ ରାଷ୍ଟ୍ର ଯେଉଁ ଉପଯୁକ୍ତ, (ଖ) ସ୍ୱେଚ୍ଛାଚାରୀ ଶାସନର ଅନୁପସ୍ଥିତ, (ଗ) ଯୁକ୍ତରାଷ୍ଟ୍ରମାନଙ୍କର ଶକ୍ତି ବୃଦ୍ଧି, (ଘ) କାର୍ଯ୍ୟଭାର ହ୍ରାସ, (ଙ) ବିଭିନ୍ନତା ସହିତ ଏକତା, (ଚ) ସ୍ଥାନୀୟ ସରକାର (ଜ) ରାଜନୈତିକ ପରୀକ୍ଷା ସମ୍ଭବ ।

ପ୍ର.୬. ରାଷ୍ଟ୍ରସଂଘର ଦୁର୍ଗୁଣମାନ କ'ଣ ?

ଉ. ରାଷ୍ଟ୍ରସଂଘର ଦୁର୍ଗୁଣମାନ ହେଲା–

(କ) ସଂଘଭଙ୍ଗର ସମ୍ଭାବନା, (ଖ) ଶାସନ କ୍ଷେତ୍ରରେ ବିଭିନ୍ନତା, (ଗ) ବ୍ୟୟ ବହୁଳ, (ଘ) ଅର୍ଥନୈତିକ ବୈଷମ୍ୟ, (ଙ) ଜାତୀୟ ଐକ୍ୟ ନଷ୍ଟ, (ଚ) ଆଞ୍ଚଳିକତା ଓ ସଂକୀର୍ଣ୍ଣତାର ବୃଦ୍ଧି (ଛ) ଜରୁରୀ ପରିସ୍ଥିତି ପାଇଁ ଅନୁପଯୁକ୍ତ, (ଜ) ଦ୍ୱନ୍ଦ୍ୱ ଓ ଜଟିଳତା ।

ପ୍ର.୭. ଅବଶିଷ୍ଟ କ୍ଷମତା କହିଲେ କ'ଣ ବୁଝ ?

ଉ. ଭାରତ ସମ୍ବିଧାନର ୭ମ ଅନୁସୂଚୀରେ ବର୍ଣ୍ଣିତ ତିନୋଟି ତାଲିକାରେ ଲିପିବଦ୍ଧ ନଥିବା ବିଷୟବସ୍ତୁକୁ ଅବଶିଷ୍ଟ କ୍ଷମତା କୁହାଯାଏ । ଏହି ବିଷୟରେ କେନ୍ଦ୍ର ସଂସଦ ଆଇନ ପ୍ରଣୟନ କରିଥାଏ ।

**B. ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର(Answer Six Sentences)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

ପ୍ର.୧. କେନ୍ଦ୍ର ତାଲିକା ।

ଉ. ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଶାସନ କ୍ଷମତା ବଣ୍ଟନ କରାଯାଇଛି । ଏହି ବଣ୍ଟନ ବିଷୟରେ ସମ୍ବିଧାନର ଏକାଦଶ ଭାଗ ଏବଂ ସପ୍ତମ ଅନୁସୂଚୀରେ ତିନୋଟି ତାଲିକା କରାଯାଇଛି ଯଥା କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକା । କେନ୍ଦ୍ର ତାଲିକାରେ ପ୍ରତିରକ୍ଷା, ରେଳବାଇ, ଡାକ ଓ ତାର ବିଭାଗ, ପରମାଣୁ ଶକ୍ତି, ବୈଦେଶିକ ସମ୍ପର୍କ, ବିମାନ ଚଳାଚଳ ଓ ମୁଦ୍ରା ପ୍ରଚଳନ ସମ୍ପଦ, ତୈଳ ସମ୍ପଦ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ୯୯ଟି ବିଷୟ ରହିଅଛି । ଏହି ତାଲିକାଭୁକ୍ତ ବିଷୟରେ ସଂସଦ ଆଇନ ପ୍ରଣୟନ ହୋଇଥାଏ ।

ପ୍ର.୨. ରାଜ୍ୟ ତାଲିକା ।

ଉ. ଭାରତ ସମ୍ବିଧାନର ଏକାଦଶ ଭାଗ ଓ ସପ୍ତମ ଅନୁସୂଚୀରେ ବର୍ଣ୍ଣିତ ତିନୋଟି ତାଲିକାରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ କ୍ଷମତା ବଣ୍ଟନ କରାଯାଇଛି । ଏହି ତିନି ତାଲିକା ମଧ୍ୟରୁ ରାଜ୍ୟ ତାଲିକାରେ ୬୧ଟି ବିଷୟ ରହିଅଛି ଯାହା ଉପରେ ରାଜ୍ୟ ବିଧାନମଣ୍ଡଳ ଆଇନ ପ୍ରଣୟନ କରିଥାଏ । କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ଯଥା ରାଜ୍ୟସଭାର ଅନୁରୋଧ କ୍ରମେ, ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣାବେଳେ, ଦୁଇ ବା ତତୋଧିକ ରାଜ୍ୟ ବିଧାନମଣ୍ଡଳର ଅନୁରୋଧ କ୍ରମେ

## ଚତୁର୍ଥ ଅଧ୍ୟାୟ

# ଭାରତରେ ସ୍ଥାନୀୟ ସରକାର

## [ Local Governance in India ]

**ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା– ଗଠନ ଓ କାର୍ଯ୍ୟାବଳୀ**

**Rural and Urban Local Bodies–Composition and Functions**

## ଅତିସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ୧ ନମ୍ବର)

**A.** ନିମ୍ନଲିଖିତ ମଧ୍ୟରୁ ସଠିକ୍ ବିକଳ୍ପଟି ଉତ୍ତର ବାଛି ଲେଖ **(Multiple Choice Questions)**

**ପ୍ର.୧.** ସମ୍ବିଧାନର କେଉଁ ଧାରାରେ ଗ୍ରାମ ପଞ୍ଚାୟତର ପୁନର୍ଗଠନ ବିଷୟରେ ଉଲ୍ଲେଖ ଅଛି ?

(କ) ୪୦ (ଖ). ୪୫

(ଗ) ୪୪ (ଘ) ୫୨

ଉ. ୪୦

**ପ୍ର.୨.** ୧୯୫୭ ମସିହାରେ ଗଠିତ ''ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ସମିତି''ର ଅଧ୍ୟକ୍ଷ କିଏ ଥିଲେ ? 1957

(କ) କେ.ସି.ପନ୍ଥ (ଖ) ବଳବନ୍ତ ରାୟ ମେହେଟ୍ଟା

(ଗ) ଅଶୋକ ମେହେଟ୍ଟା (ଘ) ଜବାହାର ଲାଲ୍ ନେହେରୁ

ଉ. ବଳବନ୍ତରାୟ ମେହେଟ୍ଟା

**ପ୍ର.୩.** ତିନି ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଥମେ କେଉଁ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିଲା ।

(କ) ରାଜସ୍ଥାନ 1959 oct 2 (ଖ) ଓଡ଼ିଶା - 1961

(ଗ) ବିହାର (ଘ) ଆନ୍ଧ୍ରପ୍ରଦେଶ

ଉ. ରାଜସ୍ଥାନ

**ପ୍ର.୪.** ତିନିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା କେବେ ଭାରତରେ କାର୍ଯ୍ୟକାରୀ ପ୍ରଥମେ ହୋଇଥିଲା ?

(କ) ୧୯୫୯ ମସିହା ଅକ୍ଟୋବର ୨ ତାରିଖ (ଖ) ୧୯୫୦ ମସିହା ଜାନୀଆରୀ ୨୬

(ଗ) ୧୯୬୧ ମସିହା ଅକ୍ଟୋବର ୨ ତାରିଖ (ଘ) ୧୯୬୦ ମସିହା ଜାନୁଆରୀ ୨୬

ଉ.୧୯୫୯ ମସିହା ଅକ୍ଟୋବର ୨ ତାରିଖ - ରାଜସ୍ଥାନ

ପ୍ର.୫. ଓଡ଼ିଶାରେ ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କେବେ କାର୍ଯ୍ୟକାରୀ ହୋଇଥିଲା ?

(କ) ୧୯୫୦ ମସିହା ଅକ୍ଟୋବର ୨୬ (ଖ) ୧୯୫୨ ଅକ୍ଟୋବର ୨ ତାରିଖ

(ଗ) ୧୯୫୯ ମସିହା ଅକ୍ଟୋବର ୨ (ଘ) ୧୯୬୧ ମସିହା ଜାନୁଆରୀ ୨୬

ଉ. ୧୯୬୧ ମସିହା ଜାନୁଆରୀ ୨୬

ପ୍ର.୬. ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଆଇନ ଭାରତରେ କେଉଁ ମସିହାରୁ କାର୍ଯ୍ୟକାରୀ ହୋଇଛି ?

(କ) ୧୯୯୨ (ଖ) ୧୯୯୩

(ଗ) ୧୯୯୫ (ଘ) ୧୯୯୬

ଉ. ୧୯୯୩

ପ୍ର.୭. ବର୍ତ୍ତମାନ ଓଡ଼ିଶା ପଞ୍ଚାୟତିରାଜ ବ୍ୟବସ୍ଥାରେ କେତେ ଅଂଶ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ ?

(କ) ଶତକଡ଼ା ୨୫ ଭାଗ (ଖ) ଶତକଡ଼ା ୩୦ ଗୁଣ

(ଗ) ଶତକଡ଼ା ୪୦ ଭାଗ (ଘ) ଶତକଡ଼ା ୫୦ ଭାଗ

ଉ. ଶତକଡ଼ା ୫୦ ଭାଗ

ପ୍ର.୮. ସମ୍ବିଧାନର ଧାରା ୨୪୩ (ଙ) ଅନୁସାରେ ପଞ୍ଚାୟତିରାଜ ଅନୁଷ୍ଠାନର କାର୍ଯ୍ୟକାଳ କେତେ ବର୍ଷ ?

(କ) ୩ (ଖ) ୪

(ଗ) ୫ (ଘ) ୬

ଉ. ୫ ବର୍ଷ

ପ୍ର.୯. ଓଡ଼ିଶାର ବର୍ତ୍ତମାନ ଗ୍ରାମ ପଞ୍ଚାୟତ ସଂଖ୍ୟା କେତେ ?

(କ) ୫୨୬୩ (ଖ) ୬୮୦୪

(ଗ) ୪୩୬୫ (ଘ) ୫୩୪୪

ଉ. ୬୮୦୪

ପ୍ର.୧୦. ଓଡ଼ିଶାରେ ପଞ୍ଚାୟତ ସମିତି ସଂଖ୍ୟା କେତେ ?

(କ) ୩୧୨ (ଖ) ୩୧୪

(ଗ) ୩୧୫ (ଘ) ୩୪୦

ଉ. ୩୧୪

ପ୍ର.୧୧. ଓଡ଼ିଶାରେ ବର୍ତ୍ତମାନ କେତୋଟି ଜିଲ୍ଲା ପରିଷଦ ରହିଅଛି ?

(କ) ୧୩ (ଖ) ୩୦

(ଗ) ୩୫ (ଘ) ୪୦

ଉ. ୩୦

ପ୍ର.୧୨. ଗ୍ରାମସଭାରେ କିଏ ସଭାପତିତ୍ୱ କରନ୍ତି ?

(କ) ଗ୍ରାମର ମୁଖିଆ (ଖ) ସରପଞ୍ଚ

(ଗ) ନାଏବ ସରପଞ୍ଚ (ଘ) ପଞ୍ଚାୟତ ସଚିବ

ଉ. ସରପଞ୍ଚ

ପ୍ର.୧୩. ଗ୍ରାମପଞ୍ଚାୟତର ୱାର୍ଡ଼ ସଂଖ୍ୟା ସର୍ବନିମ୍ନ ଓ ସର୍ବାଧିକ କେତେକ ହେବା ଉଚିତ ?

(କ) ୧୦ରୁ ୧୫ (ଖ) ୨୦ରୁ ୩୦

(ଗ) ୧୧ରୁ ୨୫ (ଘ) ୧୫ରୁ ୨୫

ଉ. ୧୧ରୁ ୨୫

ପ୍ର.୧୪. ସମ୍ବିଧାନର କେଉଁ ଅନୁସୂଚୀରେ ପୌରସଂସ୍ଥାମାନଙ୍କୁ କ୍ଷମତା ବୈଶିଷ୍ଟ୍ୟ ପ୍ରଦାନ କରାଯାଇଛି ?
(କ) ନବମ (ଖ) ଦଶମ
(ଗ) ଏକାଦଶ (ଘ) ଦ୍ୱାଦଶ
ଉ. ଦ୍ୱାଦଶ

ପ୍ର.୧୫. ଓଡ଼ିଶାରେ କେତୋଟି ମହାନଗର ନିଗମ ରହିଅଛି ?
(କ) ୨ (ଖ) ୩
(ଗ) ୪ (ଘ) ୫
ଉ. ୫

ପ୍ର.୧୬. ସମ୍ବିଧାନର କେଉଁ ସଂଶୋଧନ ଗ୍ରାମାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା ସମ୍ପର୍କିତ ?
(କ) ୪୨ତମ (ଖ) ୫୨ତମ
(ଗ) ୭୩ତମ (ଘ) ୭୪ତମ
ଉ. ୭୩ତମ

ପ୍ର.୧୭. ସମ୍ବିଧାନର କେଉଁ ସଂଶୋଧନ ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥା ସହିତ ସମ୍ପର୍କିତ ?
(କ) ୫୨ତମ (ଖ) ୭୩ତମ
(ଗ) ୭୪ତମ (ଘ) ୮୫ତମ
ଉ. ୭୪ତମ

**B. ଉପଯୁକ୍ତ ପଦ/ ସଂଖ୍ୟା / ତାରିଖ / ମସିହା ଦ୍ୱାରା ଶୂନ୍ୟସ୍ଥାନଗୁଡ଼ିକ ପୂରଣ କର:**
**Fill in the blanks with appropriate terms/numbers/date/year :**

ପ୍ର.୧. କ୍ଷମତରୀ ବିକେନ୍ଦ୍ରୀକରଣ ଦ୍ୱାରା ସ୍ଥାନୀୟ ଅଧିବାସୀମାନଙ୍କ ହାତରେ ଶାସନ କ୍ଷମତା ପ୍ରଦାନ କରାଯାଇଛି, ତାହାକୁ ______ କୁହାଯାଏ ।
ଉ. ସ୍ୱାୟତ୍ତ ଶାସନ ।

ପ୍ର.୨. ସ୍ୱାୟତ୍ତ ଶାସନ କ୍ଷମତା ______ର ମୂଳଭିତ୍ତି କୁହାଯାଏ ।
ଉ. ଗଣତନ୍ତ୍ର ।

ପ୍ର.୩. ଭାରତରେ ପ୍ରଥମେ ______ ଠାରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଆରମ୍ଭ ହୋଇଥିଲା ।
ଉ. ମାଡ୍ରାସ (ଚେନ୍ନାଇ) ।

ପ୍ର.୪. ଭାରତର ଗ୍ରାମାଞ୍ଚଳରେ ପ୍ରଚଳିତ ତିନିସ୍ତରୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ______ କୁହାଯାଏ ।
ଉ. ପଞ୍ଚାୟତିରାଜ ।

ପ୍ର.୫. ଗ୍ରାମ୍ୟଗୋଷ୍ଠୀ ଯୋଜନା ଅନୁଧ୍ୟାନ ପାଇଁ ଭାରତ ସରକାର ______ ମସିହାରେ ବଳବନ୍ତରାୟ ମେହେଟ୍ଟା କମିଟି ନିଯୁକ୍ତି କରିଥିଲେ ।
ଉ. ୧୯୫୬ ।

ପ୍ର.୬. ______ ମସିହାରେ ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓଡ଼ିଶାରେ ପ୍ରଚଳନ ହୋଇଥିଲା ।
ଉ. ୧୯୬୧ ଜାନୁଆରୀ ୨୬ ।

ପ୍ର.୭. ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଥମେ ______ ରାଜ୍ୟରେ ପ୍ରଚଳିତ ହୋଇଥିଲା ।
ଉ. ରାଜସ୍ଥାନ ।

ପ୍ର.୮. ______ ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର ।
ଉ. ଜିଲ୍ଲା ପରିଷଦ ।

ପ୍ର.୪୬. ______ ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାର ମଧ୍ୟମ ସଂସ୍ଥା ।

ଉ. ପଞ୍ଚାୟତ ସମିତି ।

ପ୍ର.୪୭. ______ ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବନିମ୍ନ ସ୍ତର ।

ଉ. ଗ୍ରାମପଞ୍ଚାୟତ ।

ପ୍ର.୪୮. ଗ୍ରାମ ପଞ୍ଚାୟତର ମୁଖ୍ୟଙ୍କୁ ______ କୁହାଯାଏ ।

ଉ. ସରପଞ୍ଚ ।

ପ୍ର.୪୯. ପଞ୍ଚାୟତ ସମିତିର ମୁଖ୍ୟଙ୍କୁ ______ କୁହାଯାଏ ।

ଉ. ଚେୟାରମ୍ୟାନ୍ ।

ପ୍ର.୫୦. ଜିଲ୍ଲା ପରିଷଦର ମୁଖ୍ୟଙ୍କୁ ______ କୁହାଯାଏ ।

ଉ. ସଭାପତି ।

ପ୍ର.୫୧. ଓଡ଼ିଶାର ପଞ୍ଚାୟତ ଅନୁଷ୍ଠାନମାନଙ୍କର କାର୍ଯ୍ୟକାଳ ______ ବର୍ଷ ।

ଉ. ପାଞ୍ଚ ।

ପ୍ର.୫୨. ଓଡ଼ିଶାରେ ______ଟି ଗ୍ରାମ ପଞ୍ଚାୟତ ଅଛି ।

ଉ. ୬୮୦୪

ପ୍ର.୫୩. ଓଡ଼ିଶାରେ ______ଟି ପଞ୍ଚାୟତ ସମିତି ଅଛି ।

ଉ. ୩୧୪ ।

ପ୍ର.୫୪. ଓଡ଼ିଶାରେ ______ଟି ଜିଲ୍ଲା ପରିଷଦ ଅଛି ।

ଉ. ୩୦ ।

ପ୍ର.୫୫. ଛୋଟ ଛୋଟ ସହରରେ କାର୍ଯ୍ୟକାରୀ ହେଉଥିବା ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ______ କୁହାଯାଏ ।

ଉ. ବିଜ୍ଞାପିତ ଅଞ୍ଚଳ ପରିଷଦ (NAC)

ପ୍ର.୫୬. ______ ସମ୍ବିଧାନ ସଂଶୋଧନ ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥାର ସଂସ୍କାର ସମ୍ପର୍କିତ ଅଟେ ।

ଉ. ୭୪ ତମ ।

ପ୍ର.୫୭. ତିନି ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରରେ ଥିବା ସ୍ୱାୟତ୍ତ ଶାସନ ସଂସ୍ଥାକୁ ______ କୁହାଯାଏ ।

ଉ. ନିଗମ ବା କର୍ପୋରେସନ ।

ପ୍ର.୫୮. ଓଡ଼ିଶାରେ ______ ମହାନଗର ନିଗମ ଅଛି ।

ଉ. ୫(ପାଞ୍ଚୋଟି)

ପ୍ର.୫୯. ______ହେଉଛି ମହାନଗର ନିଗମର ନିର୍ବାଚିତ ଅଧ୍ୟକ୍ଷ ।

ଉ. ମେୟର

ପ୍ର.୬୦. ଓଡ଼ିଶାରେ ______ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଛି ।

ଉ. ୬୮ ।

ପ୍ର.୬୧. ଓଡ଼ିଶାରେ ______ ଟି ମ୍ୟୁନିସପାଲିଟି ଅଛି ।

ଉ. ୩୫ ।

ପ୍ର.୬୨. କର୍ପୋରେସନ ବା ନିଗମର ମୁଖ୍ୟଙ୍କୁ ______ କୁହାଯାଏ ।

ଉ. ମେୟର ।

ପ୍ର.୬୩. ପଞ୍ଚାୟତ ସମିତିର ______ କାର୍ଯ୍ୟନିର୍ବାହୀ ଅଧିକାରୀ ।

ଉ. ମଣ୍ଡଳ ଉନ୍ନୟନ ଅଧିକାରୀ (B.D.O.)

ପ୍ର.୬୪. ଗ୍ରାମପଞ୍ଚାୟତରେ ସର୍ବନିମ୍ନ ______ ଟି ଓ ସର୍ବାଧିକ ______ ଟି ୱାର୍ଡ଼ ରହିବ ।

ଉ. ୧୧, ୨୫ ।

ପ୍ର.୬୫. ଗ୍ରାମପଞ୍ଚାୟତର ସମସ୍ତ ନାଗରିକମାନଙ୍କୁ ନେଇ ଗଠିତ ସଭା ବା ସଂସ୍ଥାକୁ ______ କୁହାଯାଏ ।

ଉ. ଗ୍ରାମସଭା ।

ପ୍ର.୬୬. ପ୍ରତ୍ୟେକ ରାଜସ୍ୱ ଗ୍ରାମର ଭୋଟରମାନଙ୍କୁ ନେଇ ଗଠିତ ସଭାକୁ ______ କୁହାଯାଏ ।

ଉ. ପଲ୍ଲୀସଭା ।

ପ୍ର.୬୭. ______ ଗ୍ରାମସଭାରେ ସଭାପତିତ୍ୱ କରିଥାନ୍ତି ।

ଉ. ସରପଞ୍ଚ ।

ପ୍ର.୬୮. ______ ତମ ସମ୍ବିଧାନ ସଂଶୋଧନ ଆଇନ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପୁନର୍ଗଠନ କରିଅଛି ।

ଉ. ୭୩ ।

ପ୍ର.୬୯. ______ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ।

ଉ. ଗ୍ରାମସେବକ ।

ପ୍ର.୭୦. ନାଏବ ସରପଞ୍ଚ ______ ଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

ଉ. ପଞ୍ଚ ବା ୱାର୍ଡ଼ ମେମ୍ବର ।

ପ୍ର.୭୧. ସରପଞ୍ଚଙ୍କୁ ବହିଷ୍କାର କରିବାପାଇଁ ପ୍ରସ୍ତାବ ଗ୍ରାମପଞ୍ଚାୟତର ______ ସଂଖ୍ୟକ ପଞ୍ଚଙ୍କ ଦ୍ୱାରା ଗୃହୀତ ହେବା ଆବଶ୍ୟକ ।

ଉ. ୨/୩ ଅଂଶ ।

ପ୍ର.୭୨. ଓଡ଼ିଶାରେ ପୌରସଂସ୍ଥାମାନଙ୍କର କାର୍ଯ୍ୟକାଳ ______ ବର୍ଷ ।

ଉ. ୫ ।

ପ୍ର.୭୩. ଓଡ଼ିଶାରେ ପଞ୍ଚାୟତରାଜ ଓ ପୌରସଂସ୍ଥାମାନଙ୍କରେ ମହିଳାମାନଙ୍କ ପାଇଁ ଶତକଡ଼ା ______ ଭାଗ ସ୍ଥାନ ସଂରକ୍ଷିତ।

ଉ. ୫୦

## C. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ପ୍ରଦାନ କର (Answer in one Word)

ପ୍ର.୧. ସମ୍ବିଧାନର କେଉଁ ଧାରାରେ ଗ୍ରାମ ପଞ୍ଚାୟତର ପୁନର୍ଗଠନ ବିଷୟରେ ଉଲ୍ଲେଖ ଅଛି ?

ଉ. ୪୦

ପ୍ର.୨. ୧୯୫୭ ମସିହାରେ ଗଠିତ ''ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ସମିତି''ର ଅଧ୍ୟକ୍ଷ କିଏ ଥିଲେ ?

ଉ. ବଲବନ୍ତରାୟ ମେହେଟ୍ଟା

ପ୍ର.୩. ତିନି ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଥମେ କେଉଁ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିଲା ।

ଉ. ରାଜସ୍ଥାନ

ପ୍ର.୪. ତିନିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା କେବେ ଭାରତରେ କାର୍ଯ୍ୟକାରୀ ପ୍ରଥମେ ହୋଇଥିଲା ?

ଉ.୧୯୫୯ ମସିହା ଅକ୍ଟୋବର ୨ ତାରିଖ

ପ୍ର.୫. ଓଡ଼ିଶାରେ ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କେବେ କାର୍ଯ୍ୟକାରୀ ହୋଇଥିଲା ?

ଉ. ୧୯୬୧ ମସିହା ଜାନୁଆରୀ ୨୬

ପ୍ର.୬. ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଆଇନ ଭାରତରେ କେଉଁ ମସିହାରୁ କାର୍ଯ୍ୟକାରୀ ହୋଇଛି ?

ଉ. ୧୯୯୩

ପ୍ର.୭. ବର୍ତ୍ତମାନ ଓଡ଼ିଶା ପଞ୍ଚାୟତିରାଜ ବ୍ୟବସ୍ଥାରେ କେତେ ଅଂଶ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ ?

ଉ. ଶତକଡ଼ା ୫୦ ଭାଗ

ପ୍ର.୮. ସମ୍ବିଧାନର ଧାରା ୨୪୩ (ଙ) ଅନୁସାରେ ପଞ୍ଚାୟତିରାଜ ଅନୁଷ୍ଠାନର କାର୍ଯ୍ୟକାଳ କେତେ ବର୍ଷ ?

ଉ. ୫ ବର୍ଷ

ପ୍ର.୯. ଓଡ଼ିଶାର ବର୍ତ୍ତମାନ ଗ୍ରାମ ପଞ୍ଚାୟତ ସଂଖ୍ୟା କେତେ ?

ଉ. ୬୮୦୪

ପ୍ର.୧୦. ଓଡ଼ିଶାରେ ପଞ୍ଚାୟତ ସମିତି ସଂଖ୍ୟା କେତେ ?

ଉ. ୩୧୪

ପ୍ର.୧୧. ଓଡ଼ିଶାରେ ବର୍ତ୍ତମାନ କେତୋଟି ଜିଲ୍ଲା ପରିଷଦ ରହିଅଛି ?

ଉ. ୩୦

ପ୍ର.୧୨. ଗ୍ରାମସଭାରେ କିଏ ସଭାପତିତ୍ୱ କରନ୍ତି ?

ଉ. ସରପଞ୍ଚ

ପ୍ର.୧୩. ଗ୍ରାମପଞ୍ଚାୟତର ୱାର୍ଡ଼ ସଂଖ୍ୟା ସର୍ବନିମ୍ନ ଓ ସର୍ବାଧିକ କେତେକ ହେବା ଉଚିତ ?

ଉ. ୧୧ରୁ ୨୫

ପ୍ର.୧୪. ସମ୍ବିଧାନର କେଉଁ ଅନୁସୂଚୀରେ ପୌରସଂସ୍ଥାମାନଙ୍କୁ କ୍ଷମତା ବୈଶିଷ୍ଟ୍ୟ ପ୍ରଦାନ କରାଯାଇଛି ?

ଉ. ଦ୍ୱାଦଶ

ପ୍ର.୧୫. ଓଡ଼ିଶାରେ କେତୋଟି ମହାନଗର ନିଗମ ରହିଅଛି ?

ଉ. ୫

ପ୍ର.୧୬. ସମ୍ବିଧାନର କେଉଁ ସଂଶୋଧନ ଗ୍ରାମାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା ସମ୍ପର୍କିତ ?

ଉ. ୭୩ତମ

ପ୍ର.୧୭. ସମ୍ବିଧାନର କେଉଁ ସଂଶୋଧନ ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥା ସହିତ ସମ୍ପର୍କିତ ?

ଉ. ୭୪ତମ

## D. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର (Answer in one Sentence)

ପ୍ର.୧. ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା କହିଲେ କ'ଣ ବୁଝ ?

ଉ. ସ୍ଥାନୀୟ ଅଧିବାସୀଙ୍କ ଉପରେ ଶାସନ କ୍ଷମତା ନ୍ୟସ୍ତ କରାଯାଇ ଗଣତନ୍ତ୍ରକୁ ସୁଦୃଢ଼ କରିବାର ପ୍ରକ୍ରିୟାକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କୁହାଯାଏ ।

ପ୍ର.୨. ସ୍ଥାନୀୟ ସ୍ୱାୟତ୍ତ ଶାସନର ଲକ୍ଷ୍ୟ କ'ଣ ?

ଉ. ଶାସନ କ୍ଷମତାର ବିକେନ୍ଦ୍ରୀକରଣଦ୍ୱାରା ଲୋକମାନଙ୍କର ରାଜନୈତିକ ଚେତନା ସୃଷ୍ଟି କରିବା ହେଉଛି ସ୍ଥାନୀୟ ସ୍ୱାୟତ୍ତଶାସନର ଲକ୍ଷ୍ୟ ।

ପ୍ର.୩. ଭାରତରେ ସର୍ବପ୍ରଥମେ କେଉଁଠାରେ ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରଚଳନ ହୋଇଥିଲା ?

ଉ. ଭାରତରେ ସର୍ବପ୍ରଥମେ ଇଂରେଜମାନଙ୍କ ଦ୍ୱାରା ମାଡ୍ରାସରେ ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରଚଳିତ ହୋଇଥିଲା ।

ପ୍ର.୪. ଭାରତରେ କେବେ "ଗ୍ରାମ୍ୟ ଗୋଷ୍ଠୀ ଉନ୍ନୟ ଯୋଜନା" ପ୍ରବର୍ତ୍ତନ ହୋଇଥିଲା ?

ଉ. ଭାରତରେ ୧୯୫୨ ମସିହାରେ "ଗ୍ରାମ୍ୟ ଗୋଷ୍ଠୀ ଉନ୍ନୟନ ଯୋଜନା" ପ୍ରବର୍ତ୍ତନ ହୋଇଥିଲା ।

ପ୍ର.୫. ବଳବନ୍ତ ରାୟ ମେହେଟ୍ଟା କମିଟି କେବେ ଗଠିତ ହୋଇଥିଲା ?

ଉ. ବଳବନ୍ତରାୟ ମେହେଟ୍ଟା କମିଟି ୧୯୫୬ରେ ଗଠିତ ହୋଇଥିଲା ।

ପ୍ର.୬. ପଞ୍ଚାୟତିରାଜ କହିଲେ କ'ଣ ବୁଝ ?

ଉ. ଭାରତର ଗ୍ରାମାଞ୍ଚଳରେ ପ୍ରଚଳିତ ତିନିସ୍ତରୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ପଞ୍ଚାୟତିରାଜ କୁହାଯାଏ ।

ପ୍ର.୭. ପଞ୍ଚାୟତିରାଜ ବ୍ୟବସ୍ଥା ଭାରତରେ କେବେ ପ୍ରଚଳିତ ହୋଇଥିଲା ? ୧୯୫୯ oct ୦୨ - ରାଜସ୍ଥାନ

ଉ. ପଞ୍ଚାୟତିରାଜ ବ୍ୟବସ୍ଥା ଭାରତରେ ୧୯୫୯ ମସିହାରେ କାର୍ଯ୍ୟକାରୀ ହୋଇଥିଲା ।

ପ୍ର.୮. ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଥମେ କେଉଁ ରାଜ୍ୟରେ ପ୍ରଚଳିତ ହୋଇଥିଲା ?

ଉ. ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଥମେ ରାଜସ୍ଥାନରେ ପ୍ରଚଳିତ ହୋଇଥିଲା ।

ପ୍ର.୯. ଓଡ଼ିଶାରେ କେବେ ପଞ୍ଚାୟତିରାଜ ପ୍ରବର୍ତ୍ତିତ ହୋଇଥିଲା ?

ଉ. ଓଡ଼ିଶାରେ ପ୍ରଥମେ ୧୯୬୧ ମସିହା ଜାନୁଆରୀ ୨୬ ତାରିଖରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଥିଲା ।

ପ୍ର.୧୦. ପଞ୍ଚାତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରକୁ କ'ଣ କୁହାଯାଏ ?

ଉ. ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରକୁ ଜିଲ୍ଲା ପରିଷଦ କୁହାଯାଏ ।

ପ୍ର.୧୧. ପଞ୍ଚାୟତିରାଜ ବ୍ୟବସ୍ଥାର ମଧ୍ୟମ ସ୍ତରକୁ କ'ଣ କୁହାଯାଏ ?

ଉ. ପଞ୍ଚାୟତିରାଜ ବ୍ୟବସ୍ଥାର ମଧ୍ୟମ ସ୍ତରକୁ ପଞ୍ଚାୟତ ସମିତି କୁହାଯାଏ ।

ପ୍ର.୧୨. ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବନିମ୍ନ ସ୍ତରକୁ କ'ଣ କୁହାଯାଏ ?

ଉ. ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବନିମ୍ନ ସ୍ତରକୁ ଗ୍ରାମପଞ୍ଚାୟତ କୁହାଯାଏ ।

ପ୍ର.୧୩. ଗ୍ରାମପଞ୍ଚାୟତର ମୁଖ୍ୟ କିଏ ?

ଉ. ସରପଞ୍ଚ ଗ୍ରାମ ପଞ୍ଚାୟତର ମୁଖ୍ୟ ଅଟନ୍ତି ।

ପ୍ର.୧୪. ପଞ୍ଚାୟତ ସମିତିର ମୁଖ୍ୟ କିଏ ? - B.D.O

ଉ. ପଞ୍ଚାୟତ ସମିତିର ମୁଖ୍ୟ ଚେୟାରମ୍ୟାନ୍ ଅଟନ୍ତି ।

ପ୍ର.୧୫. ପଞ୍ଚାୟତ ସମିତିର ଅଧ୍ୟକ୍ଷ କିପରି ନିର୍ବାଚିତ ହୋଇଥାନ୍ତି ।

ଉ. ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ ନିର୍ବାଚିତ ହୋଇଥିବା ସମିତି ସଭ୍ୟଙ୍କ ଦ୍ୱାରା ପଞ୍ଚାୟତ ସମିତିର ଅଧ୍ୟକ୍ଷ ନିର୍ବାଚିତ ହୋଇଥାନ୍ତି ।

ପ୍ର.୧୬. ସରପଞ୍ଚ କିପରି ନିର୍ବାଚିତ ହୋଇଥାନ୍ତି ?

ଉ. ଗ୍ରାମପଞ୍ଚାୟତର ଭୋଟରମାନଙ୍କ ଦ୍ୱାରା ସରପଞ୍ଚ ପ୍ରତ୍ୟକ୍ଷଭାବରେ ନିର୍ବାଚିତ ହୋଇଥାନ୍ତି ।

ପ୍ର.୧୭. ସରପଞ୍ଚ କିପରି ବହିଷ୍କୃତ ହୋଇଥାନ୍ତି ?

ଉ. ସରପଞ୍ଚଙ୍କ ବିରୁଦ୍ଧରେ ଏକ ଅନାସ୍ଥା ପ୍ରସ୍ତାବ ସମ୍ମୁଖ ଗ୍ରାମପଞ୍ଚାୟତର ୨/୩ ଅଂଶ ସଭ୍ୟଙ୍କଦ୍ୱାରା ଗୃହୀତ ହେଲେ ସରପଞ୍ଚ ବହିଷ୍କୃତ ହୋଇଥାନ୍ତି ।

ପ୍ର.୧୮. ସରପଞ୍ଚ କାର୍ଯ୍ୟରୁ ଅନ୍ତର ହେଲେ ତାଙ୍କ କାର୍ଯ୍ୟ କିଏ ସମ୍ପାଦନ କରିଥାନ୍ତି ?

ଉ. ସରପଞ୍ଚ କାର୍ଯ୍ୟରୁ ଅନ୍ତର ହେଲେ ତାଙ୍କ କାର୍ଯ୍ୟ ନାଏବ ସରପଞ୍ଚ ତୁଲାଇଥାନ୍ତି ।

ପ୍ର.୧୯. ନାଏବ ସରପଞ୍ଚ କିପରି ନିର୍ବାଚିତ ହୋଇଥାନ୍ତି ?

ଉ. ଗ୍ରାମପଞ୍ଚାୟତର ୱାର୍ଡ ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ନାଏବ ସରପଞ୍ଚ ରୂପେ ନିର୍ବାଚିତ କରିଥାନ୍ତି ।

ପ୍ର.୨୦. ପଞ୍ଚାୟତିରାଜ ବ୍ୟବସ୍ଥାର ବିଭିନ୍ନ ସ୍ତରସବୁ କ'ଣ ?

ଉ. ପଞ୍ଚାୟତିରାଜ ବ୍ୟବସ୍ଥାର ବିଭିନ୍ନ ସ୍ତରମାନ ହେଲା- ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ।

ପ୍ର ୨୧. ବିଜ୍ଞାପିତ ଅଞ୍ଚଳ ପରିଷଦ କାହାକୁ କୁହନ୍ତି ?

ଉ. ଛୋଟ ଛୋଟ ସହରରେ କାର୍ଯ୍ୟକାରୀ ହେଉଥିବା ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କୁହନ୍ତି ।

**ପ୍ର.୨୨. ପୌରସଂସ୍ଥା ବା ମ୍ୟୁନିସିପାଲିଟି କାହାକୁ କୁହନ୍ତି ?**

ଉ. ୧୦,୦୦୦ରୁ ଊର୍ଦ୍ଧ୍ୱ ଓ ତିନି ଲକ୍ଷ ଜନସଂଖ୍ୟାରୁ କମ୍ ଥିବା ସହରରେ ଗଠିତ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ପୌରସଂସ୍ଥା ବା ମ୍ୟୁନିସିପାଲିଟି କୁହାଯାଏ ।

**ପ୍ର.୨୩. କର୍ପୋରେସନ୍ ବା ନିଗମ କାହାକୁ କୁହନ୍ତି ?**

ଉ. ତିନି ଲକ୍ଷ ଜନସଂଖ୍ୟା ରହିଥିବା ସହରରେ କାର୍ଯ୍ୟକାରୀ ହେଉଥିବା ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ କର୍ପୋରେସନ ବା ନିଗମ କୁହାଯାଏ ।

**ପ୍ର.୨୪. କର୍ପୋରେସନ୍ ବା ନିଗମର ମୁଖ୍ୟଙ୍କୁ କ'ଣ କୁହାଯାଏ ?**

ଉ. କର୍ପୋରେସନ ବା ନିଗମର ମୁଖ୍ୟଙ୍କୁ ମେୟର କୁହାଯାଏ ।

**ପ୍ର.୨୫. ଗ୍ରାମସଭା କାହାକୁ ନେଇ ଗଠିତ ହୋଇଥାଏ ?**

ଉ. ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ଭୋଟରମାନଙ୍କୁ ନେଇ ଗ୍ରାମସଭା ଗଠିତ ହୋଇଥାଏ ।

**ପ୍ର.୨୬. ପଲ୍ଲୀସଭା କାହାକୁ କୁହନ୍ତି ?**

ଉ. ପ୍ରତ୍ୟେକ ରାଜସ୍ୱ ଗ୍ରାମର ଭୋଟରମାନଙ୍କୁ ନେଇ ଗଠିତ ସଭାକୁ ପଲ୍ଲୀସଭା କୁହାଯାଏ ।

**ପ୍ର.୨୭. ଗ୍ରାମସଭାରେ କିଏ ସଭାପତିତ୍ୱ କରିଥିଲେ ?**

ଉ. ଗ୍ରାମସଭାରେ ସରପଞ୍ଚ ସଭାପତିତ୍ୱ କରିଥାନ୍ତି ।

**ପ୍ର.୨୮. କେଉଁ ସମ୍ବିଧାନ ସଂଶୋଧନ ଆଇନଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାକୁ ପୁନର୍ଗଠନ କରାଯାଇଅଛି ?**

ଉ. ୭୩ତମ ସମ୍ବିଧାନ ସଂଶୋଧନ ଆଇନଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାକୁ ପୁନର୍ଗଠନ କରାଯାଇଛି ।

**ପ୍ର.୨୯. କେଉଁ ସମ୍ବିଧାନ ସଂଶୋଧନ ଆଇନ ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାର ପୁନର୍ଗଠନ କରିଅଛି ?**

ଉ. ୭୪ତମ ସମ୍ବିଧାନ ଆଇନ ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାର ପୁନର୍ଗଠନ କରିଅଛି ।

**ପ୍ର.୩୦. ଗ୍ରାମପଞ୍ଚାୟତ ବୈଠକ କିଏ ଆହ୍ୱାନ କରିଥାନ୍ତି ?**

ଉ. ସରପଞ୍ଚ ଗ୍ରାମ ପଞ୍ଚାୟତର ବୈଠକ ଆହ୍ୱାନ କରିଥାନ୍ତି ।

**ପ୍ର.୩୧. 'ପଞ୍ଚ' କାହାକୁ କୁହନ୍ତି ?**

ଉ. ଗ୍ରାମପଞ୍ଚାୟତର ପ୍ରତ୍ୟେକ ୱାର୍ଡ଼ରୁ ନିର୍ବାଚିତ ହୋଇଥିବା ସଭ୍ୟଙ୍କୁ 'ପଞ୍ଚ' କୁହାଯାଏ ।

**ପ୍ର.୩୨. ଅଦାଲତ ପଞ୍ଚାୟତ କ'ଣ ?**

ଉ. ଗ୍ରାମର ଲୋକମାନଙ୍କୁ ଶୀଘ୍ର ଓ କମ୍ ଖର୍ଚ୍ଚରେ ନ୍ୟାୟ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ନ୍ୟାୟ ପଞ୍ଚାୟତକୁ ଅଦାଲତ ପଞ୍ଚାୟତ କୁହାଯାଏ ।

**ପ୍ର.୩୩. ପଞ୍ଚାୟତ ସମିତି ବୈଠକରେ କିଏ ପୌରହିତ୍ୟ କରନ୍ତି ?**

ଉ. ଚେୟାରମ୍ୟାନ୍ ପଞ୍ଚାୟତ ସମିତି ବୈଠକରେ ପୌରହିତ୍ୟ କରନ୍ତି ।

**ପ୍ର.୩୪. ଗ୍ରାମପଞ୍ଚାୟତର ବାଧ୍ୟତାମୂଳକ କାର୍ଯ୍ୟ କ'ଣ ?**

ଉ. ରାସ୍ତାଘାଟ ନିର୍ମାଣ ଓ ପ୍ରାଥମିକ ଶିକ୍ଷାର ପ୍ରସାର ଗ୍ରାମ ପଞ୍ଚାୟତର ବାଧ୍ୟତାମୂଳକ କାର୍ଯ୍ୟ ଅଟେ ।

**ପ୍ର.୩୫. ପୌରସଭାର ବାଧ୍ୟତାମୂଳକ କାର୍ଯ୍ୟ କ'ଣ ?**

ଉ. ରାସ୍ତାଘାଟ ନିର୍ମାଣ ଓ ମରାମତି, ରାସ୍ତାରେ ଆଲୋକ ପ୍ରଦାନ, ପାନୀୟଜଳ ଯୋଗାଣର ବ୍ୟବସ୍ଥା ଓ ପ୍ରାଥମିକ ଶିକ୍ଷାର ପ୍ରସାର ପୌରସଂସ୍ଥାର ବାଧ୍ୟତାମୂଳକ କାର୍ଯ୍ୟ ଅଟେ ।

**ପ୍ର.୩୬. ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଅନ୍ୟୂନ କେତୋଟି ୱାର୍ଡ଼ ରହିଥାଏ ?**

ଉ. ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସର୍ବନିମ୍ନ ୧୧ଟି ଓ ସର୍ବାଧିକ ୨୫ଟି ୱାର୍ଡ଼ ରହିଥାଏ ।

**ପ୍ର.୩୭. ଓଡ଼ିଶାର କେତୋଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଅଛି ?**

ଉ. ଓଡ଼ିଶାରେ ୬୮ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଅଛି ।

ପ୍ର.୩୮. ଓଡ଼ିଶାରେ କେତୋଟି ମ୍ୟୁନିସିପାଲିଟି ରହିଅଛି ?

ଉ. ଓଡ଼ିଶାରେ ୩୫ ମ୍ୟୁନିସିପାଲିଟି ରହିଅଛି ।

ପ୍ର.୩୯. ଓଡ଼ିଶାର କେଉଁ କେଉଁ ସହରରେ କର୍ପୋରେସନ୍ ବା ନିଗମ ରହିଅଛି ?

ଉ. ଓଡ଼ିଶାର, କଟକ, ଭୁବନେଶ୍ୱର ଓ ବ୍ରହ୍ମପୁରରେ ନିଗମ ରହିଅଛି । ପୁରୀ , ସମ୍ବଲପୁର

ପ୍ର.୪୦. ପୌରସଂସ୍ଥାର ଅଧକ୍ଷମାନେ କିପରି ନିର୍ବାଚିତ ହୋଇଥାନ୍ତି ?

ଉ. ପୌରସଂସ୍ଥାର ଅଧକ୍ଷମାନେ କାଉନ୍‌ସିଲମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

ପ୍ର.୪୧. ଓଡ଼ିଶାରେ କେତୋଟି ଗ୍ରାମପଞ୍ଚାୟତ ରହିଅଛି ?

ଉ. ଓଡ଼ିଶାରେ ୬୮୦୪ଟି ଗ୍ରାମପଞ୍ଚାୟତ ରହିଅଛି ।

ପ୍ର.୪୨. ପଞ୍ଚାୟତ ସମିତିର ସରକାରୀ ମୁଖ୍ୟ କିଏ ?

ଉ. ମଣ୍ଡଳ ଉନ୍ନୟନ ଅଧିକାରୀ (B.D.O.) ପଞ୍ଚାୟତ ସମିତିର ସରକାରୀ ମୁଖ୍ୟ ଅଟନ୍ତି ।

ପ୍ର.୪୩. ଓଡ଼ିଶାରେ କେତୋଟି ପଞ୍ଚାୟତ ସମିତି ରହିଅଛି ?

ଉ. ଓଡ଼ିଶାରେ ୩୧୪ଟି ପଞ୍ଚାୟତ ସମିତି ରହିଅଛି ।

ପ୍ର.୪୪. ଭାରତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକାରର ସହରାଞ୍ଚଳ ଶାସନ ସଂସ୍ଥାମାନ କ'ଣ ?

ଉ. ଭାରତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକାର ପୌରସଂସ୍ଥାଗୁଡ଼ିକ ହେଲା (୧) ବିଜ୍ଞାପିତ ଅଞ୍ଚଳ ପରିଷଦ, (୨) ମ୍ୟୁନିସିପାଲିଟି ଓ (୩) ନିଗମ ।

## E. ଭ୍ରମ ସଂଶୋଧନ କର (Correct the Sentences)

ପ୍ର.୧. କ୍ଷମତାର ବିକେନ୍ଦ୍ରୀକରଣ ଦ୍ୱାରା ସ୍ଥାନୀୟ ଅଧିବାସୀମାନଙ୍କ ହାତରେ ଶାସନ କ୍ଷମତା ପ୍ରଦାନ କରାଯାଇଛି, ତାହାକୁ ଗଣତନ୍ତ୍ର କୁହାଯାଏ ।

ଉ. କ୍ଷମତାର ବିକେନ୍ଦ୍ରୀକରଣ ଦ୍ୱାରା ସ୍ଥାନୀୟ ଅଧିବାସୀମାନଙ୍କ ହାତରେ ଶାସନ କ୍ଷମତା ପ୍ରଦାନ କରାଯାଇଛି, ତାହାକୁ ସ୍ୱାୟତ୍ତ ଶାସନ କୁହାଯାଏ ।

ପ୍ର.୨. ଭାରତରେ ପ୍ରଥମେ ଓଡ଼ିଶାରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଆରମ୍ଭ ହୋଇଥିଲା ।

ଉ. ଭାରତରେ ପ୍ରଥମେ ମାଡ୍ରାସ (ଚେନ୍ନାଇ) ଠାରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଆରମ୍ଭ ହୋଇଥିଲା ।

ପ୍ର.୩. ଭାରତର ଗ୍ରାମାଞ୍ଚଳରେ ପ୍ରଚଳିତ ତିନିସ୍ତରୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ପୌରପାଳିକା କୁହାଯାଏ ।

ଉ. ଭାରତର ଗ୍ରାମାଞ୍ଚଳରେ ପ୍ରଚଳିତ ତିନିସ୍ତରୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ପଞ୍ଚାୟତିରାଜ କୁହାଯାଏ ।

ପ୍ର.୪. ଗ୍ରାମ୍ୟଗୋଷ୍ଠୀ ଯୋଜନା ଅନୁଧ୍ୟାନ ପାଇଁ ଭାରତ ସରକାର ୧୯୫୨ ମସିହାରେ ବଳବନ୍ତରାୟ ମେହେଟ୍ଟା କମିଟି ନିଯୁକ୍ତି କରିଥିଲେ ।

ଉ. ଗ୍ରାମ୍ୟଗୋଷ୍ଠୀ ଯୋଜନା ଅନୁଧ୍ୟାନ ପାଇଁ ଭାରତ ସରକାର ୧୯୫୬ ମସିହାରେ ବଳବନ୍ତରାୟ ମେହେଟ୍ଟା କମିଟି ନିଯୁକ୍ତି କରିଥିଲେ ।

ପ୍ର.୫. ୧୯୭୦ ମସିହାରେ ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓଡ଼ିଶାରେ ପ୍ରଚଳନ ହୋଇଥିଲା ।

ଉ. ୧୯୬୧ ଜାନୁଆରୀ ୨୬ ମସିହାରେ ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓଡ଼ିଶାରେ ପ୍ରଚଳନ ହୋଇଥିଲା ।

ପ୍ର.୬. ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଥମେ ହରିଆନା ରାଜ୍ୟରେ ପ୍ରଚଳିତ ହୋଇଥିଲା ।

ଉ. ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଥମେ ରାଜସ୍ଥାନ ରାଜ୍ୟରେ ପ୍ରଚଳିତ ହୋଇଥିଲା ।

ପ୍ର.୭. ପଞ୍ଚାୟତ ସମିତି ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର ।

ଉ. ଜିଲ୍ଲା ପରିଷଦ ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର ।

ପ୍ର.୮. **ଜିଲ୍ଲା ପରିଷଦ ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାର ମଧ୍ୟମ ସଂସ୍ଥା ।**

ଉ. ପଞ୍ଚାୟତ ସମିତି ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାର ମଧ୍ୟମ ସଂସ୍ଥା ।

ପ୍ର.୯. **ଗ୍ରାମ ସଭା ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବନିମ୍ନ ସ୍ତର ।**

ଉ. ଗ୍ରାମପଞ୍ଚାୟତ ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବନିମ୍ନ ସ୍ତର ।

ପ୍ର.୧୦. **ଗ୍ରାମ ପଞ୍ଚାୟତର ମୁଖ୍ୟଙ୍କୁ ଅଧ୍ୟକ୍ଷ କୁହାଯାଏ ।**

ଉ. ଗ୍ରାମ ପଞ୍ଚାୟତର ମୁଖ୍ୟଙ୍କୁ ସରପଞ୍ଚ କୁହାଯାଏ ।

ପ୍ର.୧୧. **ପଞ୍ଚାୟତ ସମିତିର ମୁଖ୍ୟଙ୍କୁ ବି.ଡି.ଓ. କୁହାଯାଏ ।**

ଉ. ପଞ୍ଚାୟତ ସମିତିର ମୁଖ୍ୟଙ୍କୁ ଚେୟାରମ୍ୟାନ୍ କୁହାଯାଏ ।

ପ୍ର.୧୨. **ଜିଲ୍ଲା ପରିଷଦର ମୁଖ୍ୟଙ୍କୁ ଜିଲ୍ଲାପାଳ କୁହାଯାଏ ।**

ଉ. ଜିଲ୍ଲା ପରିଷଦର ମୁଖ୍ୟଙ୍କୁ ସଭାପତି ବା ଅଧ୍ୟକ୍ଷ କୁହାଯାଏ ।

ପ୍ର.୧୩. **ଓଡ଼ିଶାର ପଞ୍ଚାୟତ ଅନୁଷ୍ଠାନମାନଙ୍କର କାର୍ଯ୍ୟକାଳ ୩ ବର୍ଷ ।**

ଉ. ଓଡ଼ିଶାର ପଞ୍ଚାୟତ ଅନୁଷ୍ଠାନମାନଙ୍କର କାର୍ଯ୍ୟକାଳ ପାଞ୍ଚ ବର୍ଷ ।

ପ୍ର.୧୪. **ଓଡ଼ିଶାରେ ୫୨୬୪ଟି ଗ୍ରାମ ପଞ୍ଚାୟତ ଅଛି ।**

ଉ. ଓଡ଼ିଶାରେ ୬୮୦୪ ଟି ଗ୍ରାମ ପଞ୍ଚାୟତ ଅଛି ।

ପ୍ର.୧୫. **ଓଡ଼ିଶାରେ ୩୦ଟି ପଞ୍ଚାୟତ ସମିତି ଅଛି ।**

ଉ. ଓଡ଼ିଶାରେ ୩୧୫ ଟି ପଞ୍ଚାୟତ ସମିତି ଅଛି ।

ପ୍ର.୧୬. **ଓଡ଼ିଶାରେ ୨୭ଟି ଜିଲ୍ଲା ପରିଷଦ ଅଛି ।**

ଉ. ଓଡ଼ିଶାରେ ୩୦ ଟି ଜିଲ୍ଲା ପରିଷଦ ଅଛି ।

ପ୍ର.୧୭. **ଛୋଟ ଛୋଟ ସହରରେ କାର୍ଯ୍ୟକାରୀ ହେଉଥିବା ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ପୌରପାଳିକା କୁହାଯାଏ ।**

ଉ. ଛୋଟ ଛୋଟ ସହରରେ କାର୍ଯ୍ୟକାରୀ ହେଉଥିବା ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (NAC) କୁହାଯାଏ ।

ପ୍ର.୧୮. **୭୩ ସମ୍ବିଧାନ ସଂଶୋଧନ ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥାର ସଂସ୍କାର ସମ୍ପର୍କିତ ଅଟେ ।**

ଉ. ୭୪ ତମ ସମ୍ବିଧାନ ସଂଶୋଧନ ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥାର ସଂସ୍କାର ସମ୍ପର୍କିତ ଅଟେ ।

ପ୍ର.୧୯. **ତିନି ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରରେ ଥିବା ସ୍ୱାୟତ୍ତ ଶାସନ ସଂସ୍ଥାକୁ ପୌରପାଳିକା କୁହାଯାଏ ।**

ଉ. ତିନି ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରରେ ଥିବା ସ୍ୱାୟତ୍ତ ଶାସନ ସଂସ୍ଥାକୁ ନିଗମ ବା କର୍ପୋରେସନ କୁହାଯାଏ ।

ପ୍ର.୨୦. **ଅଧ୍ୟକ୍ଷ ହେଉଛି ମହାନଗର ନିଗମର ନିର୍ବାଚିତ ଅଧ୍ୟକ୍ଷ ।**

ଉ. ମେୟର ହେଉଛି ମହାନଗର ନିଗମର ନିର୍ବାଚିତ ଅଧ୍ୟକ୍ଷ ।

ପ୍ର.୨୧. **କର୍ପୋରେସନ ବା ନିଗମର ମୁଖ୍ୟଙ୍କୁ ଅଧ୍ୟକ୍ଷ କୁହାଯାଏ ।**

ଉ. କର୍ପୋରେସନ ବା ନିଗମର ମୁଖ୍ୟଙ୍କୁ ମେୟର କୁହାଯାଏ ।

ପ୍ର.୨୨. **ପଞ୍ଚାୟତ ସମିତିର ଅଧ୍ୟକ୍ଷ କାର୍ଯ୍ୟନିର୍ବାହୀ ଅଧିକାରୀ ।**

ଉ. ପଞ୍ଚାୟତ ସମିତିର ମଣ୍ଡଳ ଉନ୍ନୟନ ଅଧିକାରୀ (B.D.O.) କାର୍ଯ୍ୟନିର୍ବାହୀ ଅଧିକାରୀ ।

ପ୍ର.୨୩. **ଗ୍ରାମପଞ୍ଚାୟତରେ ସର୍ବନିମ୍ନ ୧୦ ଟି ଓ ସର୍ବାଧିକ ୩୦ଟି ୱାର୍ଡ଼ ରହିବ ।**

ଉ. ଗ୍ରାମପଞ୍ଚାୟତରେ ସର୍ବନିମ୍ନ ୧୧ ଟି ଓ ସର୍ବାଧିକ ୨୫ଟି ୱାର୍ଡ଼ ରହିବ ।

ପ୍ର.୨୪. ଗ୍ରାମପଞ୍ଚାୟତର ସମସ୍ତ ନାଗରିକମାନଙ୍କୁ ନେଇ ଗଠିତ ସଭା ବା ସଂସ୍ଥାକୁ ପଲ୍ଲୀସଭା କୁହାଯାଏ ।

ଉ. ଗ୍ରାମପଞ୍ଚାୟତର ସମସ୍ତ ନାଗରିକମାନଙ୍କୁ ନେଇ ଗଠିତ ସଭା ବା ସଂସ୍ଥାକୁ ଗ୍ରାମସଭା କୁହାଯାଏ ।

ପ୍ର.୨୫. ପ୍ରତ୍ୟେକ ରାଜସ୍ୱ ଗ୍ରାମର ଭୋଟରମାନଙ୍କୁ ନେଇ ଗଠିତ ସଭାକୁ ଗ୍ରାମ ସଭା କୁହାଯାଏ ।

ଉ. ପ୍ରତ୍ୟେକ ରାଜସ୍ୱ ଗ୍ରାମର ଭୋଟରମାନଙ୍କୁ ନେଇ ଗଠିତ ସଭାକୁ ପଲ୍ଲୀସଭା କୁହାଯାଏ ।

ପ୍ର.୨୬. ଗାଁ ମୁଖିଆ ଗ୍ରାମସଭାରେ ସଭାପତିତ୍ୱ କରିଥାନ୍ତି ।

ଉ. ସରପଞ୍ଚ ଗ୍ରାମସଭାରେ ସଭାପତିତ୍ୱ କରିଥାନ୍ତି ।

ପ୍ର.୨୭. ୪୨ ତମ ସମ୍ବିଧାନ ସଂଶୋଧନ ଆଇନ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପୁନର୍ଗଠନ କରିଅଛି ।

ଉ. ୭୩ ତମ ସମ୍ବିଧାନ ସଂଶୋଧନ ଆଇନ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପୁନର୍ଗଠନ କରିଅଛି ।

ପ୍ର.୨୮. ନାଏବ ସରପଞ୍ଚ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

ଉ. ନାଏବ ସରପଞ୍ଚ ପଞ୍ଚ ବା ୱାର୍ଡ଼ ମେମ୍ବରଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

ପ୍ର.୨୯. ସରପଞ୍ଚଙ୍କୁ ବହିଷ୍କାର କରିବାପାଇଁ ପ୍ରସ୍ତାବ ଗ୍ରାମପଞ୍ଚାୟତର ୧/୨ ସଂଖ୍ୟକ ପଞ୍ଚଙ୍କ ଦ୍ୱାରା ଗୃହୀତ ହେବା ଆବଶ୍ୟକ । 2/3

ଉ. ସରପଞ୍ଚଙ୍କୁ ବହିଷ୍କାର କରିବାପାଇଁ ପ୍ରସ୍ତାବ ଗ୍ରାମପଞ୍ଚାୟତର ୨/୩ ଅଂଶ ସଂଖ୍ୟକ ପଞ୍ଚଙ୍କ ଦ୍ୱାରା ଗୃହୀତ ହେବା ଆବଶ୍ୟକ ।

ପ୍ର.୩୦. ଓଡ଼ିଶାରେ ପୌରସଂସ୍ଥାମାନଙ୍କର କାର୍ଯ୍ୟକାଳ ୩ ବର୍ଷ ।

ଉ. ଓଡ଼ିଶାରେ ପୌରସଂସ୍ଥାମାନଙ୍କର କାର୍ଯ୍ୟକାଳ ୫ ବର୍ଷ ।

## 'ଖ' ବିଭାଗ/Group–B

### ସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

**A.** ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ପ୍ରଦାନ କର(Answer in two or three sentences)

ପ୍ର.୧. ଗ୍ରାମପଞ୍ଚାୟତ (Gram Panchayat)

ଉ. ପଞ୍ଚାୟତିରାଜ ବ୍ୟବସ୍ଥାର ନିମ୍ନସ୍ତରକୁ ଗ୍ରାମପଞ୍ଚାୟତ କୁହାଯାଏ । ଏହା ଏକ ବା ଏକାଧିକ ଗ୍ରାମକୁ ନେଇ ଗଠିତ ଓ ସରପଞ୍ଚ ଏହାର ମୁଖ୍ୟ ଅଟନ୍ତି । ସରପଞ୍ଚ, ନାଏବ ସରପଞ୍ଚ, ପଞ୍ଚ ବା ୱାର୍ଡ଼ମେମ୍ବର ଓ ସମ୍ପାଦକ ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ଗ୍ରାମପଞ୍ଚାୟତ ଗଠିତ ।

ପ୍ର.୨. ସରପଞ୍ଚ (Sarapanch)

ଉ. ଗ୍ରାମପଞ୍ଚାୟତର ମୁଖ୍ୟଙ୍କୁ ସରପଞ୍ଚ କୁହାଯାଏ । ସେ ଗ୍ରାମପଞ୍ଚାତର ବୈଠକ ଆହ୍ୱାନ କରନ୍ତି ଓ ସେଥିରେ ଅଧ୍ୟକ୍ଷତା କରିଥାନ୍ତି । ଗ୍ରାମସଭାକୁ ଆହ୍ୱାନ କରିବା ସହିତ ଏଥିରେ ଅଧ୍ୟକ୍ଷତା କରିଥାନ୍ତି ।

ପ୍ର.୩. ଗ୍ରାମସଭା (Gram Sabha)

ଉ. ଗ୍ରାମପଞ୍ଚାୟତର ସମସ୍ତ ନାଗରିକମାନଙ୍କ ନେଇ ଗଠିତ ସଭାକୁ ଗ୍ରାମସଭା କୁହାଯାଏ । ଏଥିରେ ସରପଞ୍ଚ ଅଧ୍ୟକ୍ଷତା କରିଥାନ୍ତି ଓ ପଲ୍ଲୀ ସଭାର ନିଷ୍ପତ୍ତିକୁ ନିଷ୍ପତ୍ତିକୁ ଅନୁମୋଦନ କରିଥାଏ ।

ପ୍ର.୪. ପଲ୍ଲୀସଭା (Palli Sabha)

ଉ. ପ୍ରତ୍ୟେକ ରାଜସ୍ୱ ଗ୍ରାମର ନାଗରିକମାନଙ୍କୁ ନେଇ ଗଠିତ ସଭାକୁ ପଲ୍ଲୀସଭା କୁହାଯାଏ । ଏହା ଗ୍ରାମର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରାମସଭାର ଅନୁମୋଦନପାଇଁ ପ୍ରେରଣ କରିଥାଏ । ବରିଷ୍ଠ ୱାର୍ଡ଼ମେମ୍ବର ଏଥିରେ ଅଧ୍ୟକ୍ଷତା କରିଥାନ୍ତି ।

ପ୍ର.୫. ପଞ୍ଚାୟତ ସମିତି ଅଧ୍ୟକ୍ଷ :

**(Chairman of Panchayat Samiti)**

ଉ. ପଞ୍ଚାୟତ ସମିତିର ମୁଖ୍ୟ ହେଉଛନ୍ତି ଅଧ୍ୟକ୍ଷ । ସେ ଗ୍ରାମ ପଞ୍ଚାୟତରୁ ନିର୍ବାଚିତ ସମିତି ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ସେ ପଞ୍ଚାୟତ ସମିତି ବୈଠକରେ ଅଧ୍ୟକ୍ଷତା କରିଥାନ୍ତି ।

ପ୍ର.୬. ନିଗମ ବା କର୍ପୋରେସନ : **(Corporation)**

ଉ. ତିନିଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ବଡ଼ ବଡ଼ ସହରରେ ପ୍ରଚଳିତ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ନିଗମ କୁହାଯାଏ । ଏହାର ମୁଖ୍ୟକୁ ମେୟର ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କମିଶନର କୁହାଯାଏ ।

ପ୍ର.୭. ବିଜ୍ଞାପିତ ଅଞ୍ଚଳ ପରିଷଦ **(NAC) :**

ଉ. କ୍ଷୁଦ୍ର କ୍ଷୁଦ୍ର ସହରରେ କାର୍ଯ୍ୟକାରୀ ହେଉଥିବା ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କୁହାଯାଏ । ଏଠାରେ ମୁଖ୍ୟଭାବେ ଜଣେ ଅଧ୍ୟକ୍ଷ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀଭାବେ ଜଣେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ରହିଥାନ୍ତି ।

ପ୍ର.୮. ପୌରପାଳିକା **(Municipality)**

ଉ. ଏକ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରରେ କାର୍ଯ୍ୟକାରୀ ହେଉଥିବା ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ପୌରପାଳିକା କୁହାଯାଏ । ଏହାର ମୁଖ୍ୟଙ୍କୁ ପୌରପାଳ କୁହାଯାଏ ।

ପ୍ର.୯. ଜିଲ୍ଲାପରିଷଦ **(Zilla Parisad)**:

ଉ. ଭାରତରେ ପ୍ରଚଳିତ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର ହେଉଛି ଜିଲ୍ଲା ପରିଷଦ । ଏହା ପ୍ରତ୍ୟେକ ଜିଲ୍ଲାରେ ଗଠିତ ହୋଇଥାଏ । ଓଡ଼ିଶାରେ ୩୦ଟି ଜିଲ୍ଲା ପରିଷଦ ରହିଅଛି । ଓଡ଼ିଶା ୮୫୪ ଜୋନରୁ ସଭ୍ୟ ଜିଲ୍ଲା ପରିଷଦକୁ ନିର୍ବାଚିତ ହୋଇଥାନ୍ତି ।

ପ୍ର.୧୦.ଗ୍ରାମ ପଞ୍ଚାୟତର ଦୁଇଟି ବାଧ୍ୟତାମୂଳକ କାର୍ଯ୍ୟ ।

ଉ. ଗ୍ରାମପଞ୍ଚାୟତର ଦୁଇଟି ବାଧ୍ୟତାମୂଳକ କାର୍ଯ୍ୟହେଲା :-

(କ) ରାସ୍ତାଘାଟ ନିର୍ମାଣ ଓ ମରାମତି କରିବା ।

(ଖ) ପାନୀୟ ଜଳର ବ୍ୟବସ୍ଥା କରିବା ଓ ପ୍ରାଥମିକ ଶିକ୍ଷାର ପ୍ରସାର କରିବା ।

ପ୍ର.୧୧. ପଞ୍ଚାୟତ ସମିତିର କାର୍ଯ୍ୟମାନ ।

ଉ. ପଞ୍ଚାୟତ ସମିତିର କାର୍ଯ୍ୟ ହେଲା :-

(କ) ବ୍ଲକର ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରିବା ଓ ସେଗୁଡ଼ିକର କାର୍ଯ୍ୟକାରିତା ତଦାରଖ ଓ ନିୟନ୍ତ୍ରଣ କରିବା ।

(ଖ) ସରକାରଙ୍କଠାରୁ ମିଳୁଥିବା ଅର୍ଥକୁ ଗ୍ରାମପଞ୍ଚାୟତ ମଧ୍ୟରେ ଯଥାର୍ଥ ବଣ୍ଟନ କରିବା ।

ପ୍ର.୧୨. ଗ୍ରାମପଞ୍ଚାୟତର ଆୟ ପନ୍ଥାସବୁ ।

ଉ. ଗ୍ରାମପଞ୍ଚାୟତର ଆୟ ପନ୍ଥାଗୁଡ଼ିକ ହେଲା :

(କ) ଗୃହକର, ଜଳକର ଓ ଅନ୍ୟାନ୍ୟ କରରୁ ଆଦାୟ ଅର୍ଥ ।

(ଖ) ଗାଁ ହାଟ, ନଦୀଘାଟ, ପୋଖରୀ ଓ ଜମିଜମା ନିଲାମରୁ ମିଳୁଥିବା ଅର୍ଥ ।

ପ୍ର.୧୩. ସରପଞ୍ଚଙ୍କ କାର୍ଯ୍ୟ ।

ଉ. ଗ୍ରାମ ପଞ୍ଚାୟତର ମୁଖ୍ୟଭାବେ ସରପଞ୍ଚ ଏହାର ବୈଠକ ଆହ୍ୱାନ କରନ୍ତି ଓ ଏଥିରେ ଅଧ୍ୟକ୍ଷତା କରିଥାନ୍ତି । ସେ ଗ୍ରାମ ପଞ୍ଚାୟତର ଆଇନ ଓ ନିୟମକୁ କାର୍ଯ୍ୟକାରୀ କରିଥାନ୍ତି ।

ପ୍ର.୧୪. ସରପଞ୍ଚ ବହିଷ୍କୃତ ପ୍ରଣାଳୀ ।

ଉ. ସରପଞ୍ଚଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ଯଦି ଗ୍ରାମପଞ୍ଚାୟତ ଏହାର ଦୁଇ-ତୃତୀୟାଂଶ ସଭ୍ୟମାନଙ୍କ ଅନୁମୋଦନ କ୍ରମେ ଏକ ଅନାସ୍ଥା ପ୍ରସ୍ତାବ ଗୃହୀତ କରେ ତେବେ ସରପଞ୍ଚ ପଦଚ୍ୟୁତ ହୋଇଥାନ୍ତି । କ୍ଷମତା ଅପବ୍ୟବହାର ଓ ଆଇନ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ସରକାର ଉପ-ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ତାଙ୍କୁ କାର୍ଯ୍ୟଚ୍ୟୁତ କରିପାରନ୍ତି ।

ପ୍ର.୧୫. ଗୋଷ୍ଠୀ ଉନ୍ନୟନ ଅଧିକାରୀ(BDO)ଙ୍କ କାର୍ଯ୍ୟ ।

ଉ. ପଞ୍ଚାୟତ ସମିତିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ବି.ଡି.ଓ କୁହାଯାଏ । ବ୍ଲକର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ତାଙ୍କ ତତ୍ତ୍ୱାବଧାନରେ ହୋଇଥାଏ ।

ପ୍ର.୧୬. ପଞ୍ଚାୟତ ସମିତିର ଅଧକ୍ଷଙ୍କ କାର୍ଯ୍ୟ ।

ଉ. ପଞ୍ଚାୟତ ସମିତିର ଅଧକ୍ଷ ସମିତିର ବୈଠକରେ ଅଧକ୍ଷତା କରିଥାନ୍ତି । ପଞ୍ଚାୟତ ସମିତି ଗ୍ରହଣ କରିଥିବା କାର୍ଯ୍ୟର ତଦାରଖ କରିଥାନ୍ତି ।

ପ୍ର.୧୭. ପୌର ସଂସ୍ଥାର ବାଧ୍ୟତାମୂଳକ କାର୍ଯ୍ୟ ।

ଉ.ରାସ୍ତାଘାଟ ନିର୍ମାଣ ଓ ମରାମତି କରିବା, ରାସ୍ତାରେ ଆଲୋକପ୍ରଦାନ, ପ୍ରାଥମିକ ଶିକ୍ଷାର ପ୍ରସାର, ପାନୀୟ ଜଳଯୋଗାଣ ଓ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କିରବା ପୌରସଂସ୍ଥାର ବାଧ୍ୟତାମୂଳକ କାର୍ଯ୍ୟ ।

ପ୍ର.୧୮. ପୌରସଂସ୍ଥାର ଆୟର ଉତ୍ସମାନ ।

ଉ. ପୌରସଂସ୍ଥାର ଆୟର ଦୁଇଟି ଉତ୍ସ ହେଲା :

(କ) ଜମି, ଗୃହ, ଅଟ୍ଟାଳିକା, ଶିଳ୍ପ ଓ ସହରକୁ ଆସୁଥିବା ପଣ୍ୟଦ୍ରବ୍ୟ ଉପରେ ଥିବା କର ।

(ଖ) ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ଓ ଅନୁଦାନ ।

ପ୍ର.୧୯. ମେୟର ।

ଉ. ନିଗମ ବା କର୍ପୋରେସନ୍‌ର ମୁଖ୍ୟଙ୍କୁ ମେୟର କୁହାଯାଏ । ସେ ନିଗମ ପରିଷଦରେ ଅଧକ୍ଷତା କରନ୍ତି ଓ ନିଗମ ତଥା ରାଜ୍ୟ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥାନ୍ତି ।

## B. ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର(Answer in Six Sentences)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)

ପ୍ର.୧. ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟମାନ ।

ଉ. ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ନିମ୍ନଲିଖିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଅଛି ।

(କ) କ୍ଷମତାର ବିକେନ୍ଦ୍ରୀ କରଣ କରି ଶାସନ କ୍ଷମତା ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଦାନ କରିବା ।

(ଖ) ସ୍ଥାନୀୟ ସମସ୍ୟାର ଉପଯୁକ୍ତ ସମାଧାନ କରିବା ।

(ଗ) ଲୋକମାନଙ୍କ ମନରେ ରାଜନୈତିକ ଚେତନା ସୃଷ୍ଟି କରିବା ।

(ଘ) ନିମ୍ନସ୍ତରରେ ଗଣତନ୍ତ୍ରକୁ ସଫଳ କରିବା ।

(ଙ) ରାଷ୍ଟ୍ରର ଶାସନ ପାଇଁ ଭବିଷ୍ୟତର ନେତା ସୃଷ୍ଟି କରିବା ।

(ଚ) ନାଗରିକମାନଙ୍କ ମଧ୍ୟରେ ସହଯୋଗ, ସହନଶୀଳତା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ।

ପ୍ର.୨. ସ୍ୱାୟତ୍ତ ଶାସନର ମୁଖ୍ୟ ସମସ୍ୟା ।

ଉ. ସ୍ୱାୟତ୍ତ ଶାସନର ବିଭିନ୍ନ ସମସ୍ୟା ଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି ।

(କ) ଏହାର ନିଜସ୍ୱ ସମ୍ବଳର ଅଭାବ

(ଖ) ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ

(ଗ) ସ୍ୱାୟତ୍ତଶାସନର ବ୍ୟବସ୍ଥା ଦଳୀୟ ରାଜନୀତିର ଶିକାର

(ଘ) ଏଠାରେ ପ୍ରକୃତ କ୍ଷମତାର ବିକେନ୍ଦ୍ରୀକରଣ ହୋଇନାହିଁ

(ଙ) ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଗୁଡ଼ିକର କାର୍ଯ୍ୟକାଳ ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରେ ।

# ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା-୨

## [ DEMOCRATIC PROCESS IN INDIA -2 ]

**3**
**UNIT**

ପଞ୍ଚମ ଅଧ୍ୟାୟ

# ଜାତି–ରାଷ୍ଟ୍ର ଗଠନ ପାଇଁ ଆହ୍ୱାନମାନ

## [ CHALLENGES TO NATION-BUILDING ]

**ଅର୍ଥ, ସାଂପ୍ରଦାୟିକତାବାଦ, ଜାତିବାଦ, ଆଞ୍ଚଳିକତାବାଦ, ଆତଙ୍କବାଦ, ପ୍ରତିକାର**
**Meaning, Communalism, Casteism, Regionalism, Terrorism, Remedies**

## ଅତିସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ୧ ନମ୍ବର)

**A. ନିମ୍ନଲିଖିତ ମଧ୍ୟରୁ ସଠିକ୍ ବିକଳ୍ପଟି ଉତ୍ତର ବାଛି ଲେଖ (Multiple Choice Questions)**

ପ୍ର.୧. ଜାତି ଶବ୍ଦଟି କେଉଁ ଭାଷାର ଶବ୍ଦ ନେସିଓ (Natio)ରୁ ଆନୀତି ।

(କ) ଇଂରେଜୀ (ଖ) ଫରାସୀ

(ଗ) ଲାଟିନ (ଘ) ଜର୍ମାନୀ

ଉ. ଲାଟିନ

ପ୍ର.୨ । ଲାଟିନ ଶବ୍ଦ ନେସିଓର ଅର୍ଥ କ'ଣ ?

(କ) ଜନ୍ମ (ଖ) ରାଷ୍ଟ୍ର

(ଗ) ବାସସ୍ଥାନ (ଘ) ବଂଶ

ଉ. ଜନ୍ମ

ପ୍ର.୩. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭାରତରେ ଜାତି-ଗଠନ ପ୍ରତି ଏକ ଆହ୍ୱାନ ନୁହେଁ ?

(କ) ଆଞ୍ଚଳିକତାବାଦ (ଖ) ଧର୍ମନିରପେକ୍ଷତାବାଦ

(ଗ) ଜାତିଆଣବାଦ (ଘ) ଆତଙ୍କବାଦ

ଉ: ଧର୍ମନିରପେକ୍ଷତାବାଦ

ପ୍ର.୪. ଭାରତରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଦଙ୍ଗା ନିମ୍ନୋକ୍ତ ମଧ୍ୟରୁ କାହାର ସ୍ୱରୂପ ଅଟେ ?

(କ) ଆଞ୍ଚଳିକତାବାଦ (ଖ) ସାମ୍ପ୍ରଦାୟିକତାବାଦ

(ଗ) ଆତଙ୍କବାଦ (ଘ) ଜାତିଆଣବାଦ

ଉ: ସାମ୍ପ୍ରଦାୟିକତାବାଦ

ପ୍ର.୫. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭାରତରେ ସାମ୍ପ୍ରଦାୟିକତାବାଦର କାରଣ ନୁହେଁ ।

(କ) ଧର୍ମୀୟ ମୌଳିକତାବାଦ (ଖ) ଧର୍ମସ୍ଥାନର ରାଜନୀତିକରଣ

(ଗ) ସାମ୍ପ୍ରଦାୟିକ ପ୍ରଚାର ମାଧ୍ୟମ (ଘ) ଧର୍ମନିରପେକ୍ଷତା

ଉ: ଧର୍ମନିରପେକ୍ଷତା

ପ୍ର.୬। ଛୁଆଁ-ଅଛୁଆଁ ଭେଦଭାବ ନିମ୍ନୋକ୍ତ ମଧ୍ୟରୁ କାହାର ଏକ ସ୍ୱରୂପ ।

(କ) ସାମ୍ପ୍ରଦାୟିକତାବାଦ (ଖ) ଆଞ୍ଚଳିକତାବାଦ

(ଗ) ଭାଷାବାଦ (ଘ) ଜାତିଆଣବାଦ

ଉ: ଜାତିଆଣବାଦ

ପ୍ର.୭. 'ଖଲିସ୍ତାନ ଆନ୍ଦୋଳନ'ରେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରକାଶିତ ହୋଇଥାଏ ?

(କ) ଆଞ୍ଚଳିକତାବାଦ (ଖ) ସାମ୍ପ୍ରଦାୟିକତାବାଦ

(ଗ) ଆତଙ୍କବାଦ (ଘ) ଉପରୋକ୍ତ ସମସ୍ତ

ଉ: ଉପରୋକ୍ତ ସମସ୍ତ

ପ୍ର.୮. କେଉଁ ମସିହାରେ ପଞ୍ଜାବର ଅକାଳୀ ଉଗ୍ରପନ୍ଥୀମାନେ ଖଲିସ୍ତାନ ଗଠନ ପାଇଁ ଦାବି ଆରମ୍ଭ କରିଥିଲେ ?

(କ) ୧୯୭୫ (ଖ) ୧୯୮୦

(ଗ) ୧୯୮୧ (ଘ) ୧୯୮୩

ଉ : ୧୯୮୦

ପ୍ର.୯. ଭାରତ ସମ୍ବିଧାନର କେଉଁ ଧାରାରେ ଜାତିପ୍ରଥାର ବିଲୋପ ପାଇଁ ଅସ୍ପୃଶ୍ୟତାର ନିବାରଣ କରାଯାଇଛି ?

(କ) ୧୪ (ଖ) ୧୬

(ଗ) ୧୭ (ଘ) ୧୯

ଉ: ୧୭

ପ୍ର.୧୦.'ଭୂମିପୁତ୍ର ତତ୍ତ୍ୱ' ନିମ୍ନୋକ୍ତ ମଧ୍ୟରୁ କାହାର ସ୍ୱରୂପ ଅଟେ ?

(କ) ଆଞ୍ଚଳିକତାବାଦ (ଖ) ସାମ୍ପ୍ରଦାୟିକବାଦ

(ଗ) ଆତଙ୍କବାଦ (ଘ) କେଉଁଟି ନୁହେଁ

ଉ: ଆଞ୍ଚଳିକତାବାଦ

ପ୍ର.୧୧.ନିମ୍ନୋକ୍ତ ମଧ୍ୟରୁ କେଉଁଟି ସାମ୍ପ୍ରଦାୟିକତାବାଦର ବିଲୋପ ପାଇଁ ଏକ କାରଣ ନୁହେଁ ?

(କ) ଧର୍ମରୁ ରାଜନୀତିର ପୃଥକୀକରଣ (ଖ) ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା

(ଗ) ଧର୍ମୀୟ ମୌଳିକତାବାଦ (ଘ) ଗୋଷ୍ଠୀ ସହବାସ

ଉ: (ଗ) ଧର୍ମୀୟ ମୌଳିକତାବାଦ

ପ୍ର.୧୨.ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭାରତରେ ଆଞ୍ଚଳିକତାବାଦର ସ୍ୱରୂପ ନୁହେଁ ?

(କ) ବିଚ୍ଛିନ୍ନତା ପାଇଁ ଦାବି (ଖ) ସ୍ୱତନ୍ତ୍ର ରାଜ୍ୟଗଠନ ଦାବି

(ଗ) ରାଜ୍ୟ ସ୍ତରୀୟ ସେନାଗଠନ (ଘ) ଜାତିଗତ ଭେଦଭାବ

ଉ: (ଘ) ଜାତିଗତ ଭେଦଭାବ

ପ୍ର.୧୩.ଭାରତର କେଉଁ ପ୍ରଧାନମନ୍ତ୍ରୀ ପଞ୍ଜାବରେ ଆତଙ୍କବାଦକୁ ଦମନ କରିବା ପାଇଁ 'ଅପରେସନ ବ୍ଲୁଷ୍ଟାର' କରିଥିଲେ ?

(କ) ଶ୍ରୀମତୀ ଇନ୍ଦିରାଗାନ୍ଧି (ଖ) ରାଜୀବ ଗାନ୍ଧି

(ଗ) ଅଟଳ ବିହାରୀ ବାଜପେୟୀ (ଘ) ବିଶ୍ୱନାଥ ପ୍ରତାପ ସିଂହ ।

ଉ: (କ) ଶ୍ରୀମତୀ ଇନ୍ଦିରାଗାନ୍ଧି

ପ୍ର.୧୪.ନିମ୍ନୋକ୍ତ ମଧ୍ୟରୁ କେଉଁଟି ଜାତି-ଗଠନର ପ୍ରତିବନ୍ଧକ ଅଟେ ?

(କ) ଅର୍ଥନୈତିକ ବୈଷମ୍ୟ (ଖ) ଦାରିଦ୍ର୍ୟ ଓ ନିରକ୍ଷରତା

(ଗ) ଆତଙ୍କବାଦ ଓ ହିଂସା (ଘ) ଉପରୋକ୍ତ ସମସ୍ତ

ଉ: (ଘ) ଉପରୋକ୍ତ ସମସ୍ତ

ପ୍ର.୧୫.ଆତଙ୍କବାଦ ବା ସନ୍ତ୍ରାସବାଦ ପାଇଁ ନିମ୍ନୋକ୍ତ ମଧ୍ୟରୁ କେଉଁ ମାର୍ଗକୁ ଗ୍ରହଣ କରାଯାଇଥାଏ ?

(କ) ଅପହରଣ (ଖ) ବୋମା ବିସ୍ଫୋରଣ

(ଗ) ହତ୍ୟା (ଘ) ଉପରୋକ୍ତ ସମସ୍ତ

ଉ: (ଘ) ଉପରୋକ୍ତ ସମସ୍ତ

**B.** **ଉପଯୁକ୍ତ ପଦ/ ସଂଖ୍ୟା / ତାରିଖ / ମସିହା ଦ୍ୱାରା ଶୂନ୍ୟସ୍ଥାନଗୁଡ଼ିକ ପୂରଣ କର :**
**Fill in the blanks with appropriate terms/numbers/date/year :**

ପ୍ର.୧. ଜାତି ଶବ୍ଦଟି ଲାଟିନ୍ ଭାଷାର ______ ଶବ୍ଦରୁ ଆନୀତ । ନାସିଓ (Natio)

ଉ. ନାସିଓ (Natio)

ପ୍ର.୨. ଲାଟିନ୍ ଶବ୍ଦ ନାସିଓ (Natio)ର ଅର୍ଥ ______ ।

ଉ. ଜନ୍ମ ।

ପ୍ର.୩. କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ପୃଷ୍ଠପୋଷକତା କରୁନଥିବା ରାଷ୍ଟ୍ରକୁ ______ ରାଷ୍ଟ୍ର କୁହାଯାଏ ।

ଉ. ଧର୍ମ ନିରପେକ୍ଷ

ପ୍ର.୪. ଭାରତ ସମ୍ବିଧାନର ______ ସଂଶୋଧନ ଆଇନ ପ୍ରସ୍ତାବନାରେ ଧର୍ମ ନିରପେକ୍ଷତା ଶବ୍ଦକୁ ସଂଯୋଗ କରିଅଛି ।

ଉ. ୪୨ତମ

ପ୍ର.୫. ଧର୍ମୀୟ ସ୍ୱାଧୀନତା ଅଧିକାର ସମ୍ବିଧାନର 25-28 ଧାରାରେ ଲିପିବଦ୍ଧ ହୋଇଅଛି ।

ଉ. ୨୫ରୁ ୨୮

ପ୍ର.୬. ସମ୍ବିଧାନର 4th ଭାଗରେ ସାମାଜିକ ନ୍ୟାୟର ମୌଳିକ ଉପାଦାନଗୁଡ଼ିକ ଲିପିବଦ୍ଧ ହୋଇଅଛି ।

ଉ. ଚତୁର୍ଥ

ପ୍ର.୭. ଭାରତରେ ଆର୍ଥିକ ବିକାଶ ପାଇଁ ପ୍ରଥମ ପଞ୍ଚବାର୍ଷିକ ଯୋଜନା ______ ମସିହାରୁ ଆରମ୍ଭ ହୋଇଥିଲା ।

ଉ. ୧୯୫୧

ପ୍ର.୮. ସମ୍ବିଧାନରେ ସ୍ଥାନ ପାଇଥିବା ______ ନୀତିଗୁଡ଼ିକ ସାମାଜିକ ନ୍ୟାୟ ପ୍ରଦାନ କରିଥାଏ ।

ଉ. ନିର୍ଦ୍ଦେଶମୂଳକ ରାଷ୍ଟ୍ରନୀତି

ପ୍ର.୯. ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ଅହେତୁକ ସ୍ନେହ ଓ ଶ୍ରଦ୍ଧାକୁ ______ କୁହାଯାଏ ।

ଉ. ଆଞ୍ଚଳିକତାବାଦ

ପ୍ର.୧୦. କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକମାନଙ୍କ ସେହି ଅଞ୍ଚଳ ପ୍ରତି ଅନୁରକ୍ତିକୁ ______ କୁହାଯାଏ ।

ଉ. ଆଞ୍ଚଳିକତାବାଦ

ପ୍ର.୧୧. ସ୍ୱତନ୍ତ୍ର ରାଜ୍ୟ-ପାହ୍ୟା ଦାବି ______ ର ଏକ ଉଦାହରଣ ।

ଉ. ଆଞ୍ଚଳିକତାବାଦ

ପ୍ର.୧୨. ଭାରତ ସମ୍ବିଧାନର ______ ଧାରାରେ ଜାତିଆଣଭାବର ବିଲୋପ ପାଇ ଅସ୍ପୃଶ୍ୟତାକୁ ବିଲୋପ କରାଯାଇଛି ।

ଉ. ୧୭

ପ୍ର.୧୩. ______ ମସିହାରେ ହିନ୍ଦିକୁ ରାଷ୍ଟ୍ରଭାଷାର ମାନ୍ୟତା ଦିଆଯାଇଥିଲା ।

ଉ. ୧୯୬୫

ପ୍ର.୧୪. ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ବିରୋଧ କରି ଭାରତର ______ ଭାଗରେ ଆନ୍ଦୋଳନ ହୋଇଥିଲା ।

ଉ. ଦକ୍ଷିଣ

ପ୍ର.୧୫. ଭୂମିପୁତ୍ର ତତ୍ତ୍ୱ ______ ବାଦ୍‌ର ଅନ୍ୟ ଏକ ରୂପ ।

ଉ. ଆଞ୍ଚଳିକତାବାଦ

ପ୍ର.୧୬. ଦୁଇଟି ଧର୍ମୀୟ ସମ୍ପ୍ରଦାୟ ମଧ୍ୟରେ ଦେଖାଯାଉଥିବା ବିବାଦକୁ ______ କୁହାଯାଏ ।

ଉ. ସାମ୍ପ୍ରଦାୟିକତାବାଦ

ପ୍ର.୧୭. ଜାତୀୟ ସଂହତି ପରିଷଦ ପ୍ରଥମେ ______ ମସିହାରେ ଗଠିତ ହୋଇଥିଲା ।

ଉ. ୧୯୬୧

ପ୍ର.୧୮. ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକତାରୁ ହିଁ ______ ମସିହାରେ ଭାରତ ବିଭାଜିତ ହୋଇଥିଲା ।

ଉ. ୧୯୪୭

ପ୍ର.୧୯. ସ୍ଥାନ ସଂରକ୍ଷଣ ଦ୍ୱାରା ______ ନ୍ୟାୟ ପ୍ରତିଷ୍ଠା ହୋଇଥାଏ ।

ଉ.ସାମାଜିକ ନ୍ୟାୟ

## C. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ପ୍ରଦାନ କର (Answer in one Word)

ପ୍ର.୧. ଜାତି ଶବ୍ଦଟି କେଉଁ ଭାଷାର ଶବ୍ଦରୁ ଆନୀତ ?

ଉ. ଲାଟିନ୍ ଶବ୍ଦ ନାସିଓ (Natio)

ପ୍ର.୨. ଲାଟିନ୍ ଶବ୍ଦ ନାସିଓ (Natio)ର ଅର୍ଥ କ'ଣ ?

ଉ. ଜନ୍ମ ।

ପ୍ର.୩. କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ପୃଷ୍ଠପୋଷକତା କରୁନଥିବା ରାଷ୍ଟ୍ରକୁ କି ରାଷ୍ଟ୍ର କୁହାଯାଏ ?

ଉ. ଧର୍ମ ନିରପେକ୍ଷ

ପ୍ର.୪. ଭାରତ ସମ୍ବିଧାନର କେଉଁ ସଂଶୋଧନ ଆଇନ ପ୍ରସ୍ତାବନାରେ ଧର୍ମ ନିରପେକ୍ଷତା ଶବ୍ଦକୁ ସଂଯୋଗ କରିଅଛି ?

ଉ. ୪୨ତମ

ପ୍ର.୫. ଧର୍ମୀୟ ସ୍ୱାଧୀନତା ଅଧିକାର ସମ୍ବିଧାନର କେଉଁ ଧାରାରେ ଲିପିବଦ୍ଧ ହୋଇଅଛି ?

ଉ. ଧାରା୨୫ରୁ ୨୮

ପ୍ର.୬. ସମ୍ବିଧାନର କେଉଁ ଭାଗରେ ସାମାଜିକ ନ୍ୟାୟର ମୌଳିକ ଉପାଦାନଗୁଡ଼ିକ ଲିପିବଦ୍ଧ ହୋଇଅଛି ?

ଉ. ଚତୁର୍ଥ

ପ୍ର.୭. ଭାରତରେ ଆର୍ଥିକ ବିକାଶ ପାଇଁ ପ୍ରଥମ ପଞ୍ଚବାର୍ଷିକ ଯୋଜନା କେଉଁ ମସିହାରୁ ଆରମ୍ଭ ହୋଇଥିଲା ?

ଉ. ୧୯୫୧

ପ୍ର.୮. ସମ୍ବିଧାନରେ ସ୍ଥାନ ପାଇଥିବା କେଉଁ ନୀତିଗୁଡ଼ିକ ସାମାଜିକ ନ୍ୟାୟ ପ୍ରଦାନ କରିଥାଏ ?

ଉ. ନିର୍ଦ୍ଦେଶମୂଳକ ରାଷ୍ଟ୍ରନୀତି

ପ୍ର.୯. ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ଅହେତୁକ ସ୍ନେହ ଓ ଶ୍ରଦ୍ଧାକୁ କ'ଣ କୁହାଯାଏ ?

ଉ. ଆଞ୍ଚଳିକତାବାଦ

ପ୍ର.୧୦. ଦକ୍ଷିଣ ଭାରତରେ ଆଞ୍ଚଳିକତାବାଦ କେଉଁ ରୂପେ ଦେଖାଯାଇଥିଲା ?

ଉ. ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ବିରୋଧକରି

ପ୍ର.୧୧. ଭାରତୀୟ ନୀତି(**NITI**) ଆୟୋଗର ଅଧ୍ୟକ୍ଷ କିଏ ଅଟନ୍ତି ?

ଉ. ପ୍ରଧାନମନ୍ତ୍ରୀ

ପ୍ର.୧୨. ରାଜ୍ୟ ପୁନର୍ଗଠନ ଆୟୋଗ କେଉଁ ମସିହାରେ ଗଠିତ ହୋଇଥିଲା ?

ଉ. ୧୯୫୬

ପ୍ର.୧୩. କେଉଁ ମସିହାରେ ହିନ୍ଦିକୁ ରାଷ୍ଟ୍ରଭାଷାର ମାନ୍ୟତା ଦିଆଯାଇଥିଲା ?

ଉ. ୧୯୬୫

ପ୍ର.୧୪. ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ବିରୋଧ କରି ଭାରତର କେଉଁ ଭାଗରେ ଆନ୍ଦୋଳନ ହୋଇଥିଲା ?

ଉ. ଦକ୍ଷିଣ

ପ୍ର.୧୫. ଭୂମିପୁତ୍ର ତତ୍ତ୍ୱ କେଉଁ ବାଦର ଅନ୍ୟ ଏକ ରୂପ ।

ଉ. ଆଞ୍ଚଳିକତାବାଦ

ପ୍ର.୧୬. ଦୁଇଟି ଧର୍ମୀୟ ସମ୍ପ୍ରଦାୟ ମଧ୍ୟରେ ଦେଖାଯାଉଥିବା ବିବାଦକୁ କ'ଣ କୁହାଯାଏ ?

ଉ. ସାମ୍ପ୍ରଦାୟିକତାବାଦ

ପ୍ର.୧୭. ଜାତୀୟ ସଂହତି ପରିଷଦ ପ୍ରଥମେ କେଉଁ ମସିହାରେ ଗଠିତ ହୋଇଥିଲା ?

ଉ. ୧୯୬୧

ପ୍ର.୧୮. ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକତାରୁ ହିଁ କେଉଁ ମସିହାରେ ଭାରତ ବିଭାଜିତ ହୋଇଥିଲା ?

ଉ. ୧୯୪୭

ପ୍ର.୧୯. ସ୍ଥାନ ସଂରକ୍ଷଣ ଦ୍ୱାରା କେଉଁ ନ୍ୟାୟ ପ୍ରତିଷ୍ଠା ହୋଇଥାଏ ।

ଉ. ସାମାଜିକ ନ୍ୟାୟ

## D. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର (Answer in one Sentence)

ପ୍ର.୧. ଲାଟିନ ଶବ୍ଦ ନାସିଓ (Natio) ର ଅର୍ଥ କ'ଣ ?

ଉ. ଲାଟିନ୍ ଶବ୍ଦ ନାସିଓ (Natio)ର ଅର୍ଥ ଜନ୍ମ ।

ପ୍ର.୨. ଜାତୀୟତା କ'ଣ ?

ଉ. ଜାତୀୟତା ଏକ ମାନସିକ ସ୍ଥିତି ବା ଭାବଗତ ଧାରଣା ଯାହା ଗୋଟିଏ ରାଷ୍ଟ୍ରର ଜନସାଧାରଣଙ୍କ ମନରେ ଐକ୍ୟଭାବ ସୃଷ୍ଟି କରିଥାଏ ।

ପ୍ର.୩. ଜାତୀୟତାବାଦ କ'ଣ ?

ଉ. ଯେଉଁ ଐକ୍ୟଭାବ, ରାଜନୈତିକ ଏକତା, ସ୍ୱାଧୀନତାର ପିପାସା ଜନସାଧାରଣଙ୍କୁ ଜାତିରେ ପରିଣତ କରିଥାଏ, ତାହାକୁ ଜାତୀୟତାବାଦ କୁହାଯାଏ ।

**ପ୍ର.୪. ଧର୍ମ ନିରପେକ୍ଷତା କହିଲେ କ'ଣ ବୁଝ ?**

ଉ. ରାଷ୍ଟ୍ର କୌଣସି ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକତା ନକରି ସମସ୍ତ ଧର୍ମକୁ ସମାନ ଭାବରେ ଗ୍ରହଣ କରିବାକୁ ଧର୍ମନିରପେକ୍ଷତା କୁହାଯାଏ ।

**ପ୍ର.୫. ଧର୍ମନିରପେକ୍ଷତା କିପରି ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ସହାୟକ ହୋଇଥାଏ ?**

ଉ. ଧର୍ମ ନିରପେକ୍ଷତା ବିଭିନ୍ନ ଧର୍ମ ମଧ୍ୟରେ ସମନ୍ୱୟ ରକ୍ଷାକରି ଜାତୀୟ ସଂହତି ପ୍ରତିଷ୍ଠା କରିଥାଏ ।

**ପ୍ର.୬. ସାମାଜିକ ନ୍ୟାୟ କହିଲେ କ'ଣ ବୁଝ ?**

ଉ. ସମାଜରେ ଥିବା ସମସ୍ତ ବୈଷମ୍ୟର ବିଲୋପ ସାଧନ କରି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବାକୁ ସାମାଜିକ ନ୍ୟାୟ କୁହାଯାଏ ।

**ପ୍ର.୭. ସାମାଜିକ ନ୍ୟାୟ କିପରି ଜାତୀୟ ସଂହତି ପ୍ରତିଷ୍ଠା କରିଥାଏ ?**

ଉ. ସାମାଜିକ ନ୍ୟାୟ ପ୍ରତିଷ୍ଠା ଦ୍ୱାରା ସମାଜର ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଏକତା ଓ ସମନ୍ୱୟ ପ୍ରତିଷ୍ଠା ହେବା ଯୋଗୁଁ ଜାତୀୟ ସଂହତି ସୁଦୃଢ଼ ହୋଇଥାଏ ।

**ପ୍ର.୮. ଅର୍ଥନୈତିକ ବିକାଶ କିପରି ଜାତୀୟ ସଂହତି ପ୍ରତିଷ୍ଠା କରିଥାଏ ?**

ଉ. ସମନ୍ୱିତ ଆଞ୍ଚଳିକ ବିକାଶ ବିଭିନ୍ନ ଅଞ୍ଚଳ ମଧ୍ୟରେ ବୈଷମ୍ୟ ଓ ଦ୍ୱେଷ ଦୂର କରି ସଂହତି ମନୋଭାବ ସୃଷ୍ଟି କରିଥାଏ ।

**ପ୍ର.୯. ଆଞ୍ଚଳିକତାବାଦ କ'ଣ ?**

ଉ. ଗୋଟିଏ ଅଞ୍ଚଳ ପ୍ରତି ସେଠାରେ ଜନସାଧାରଣଙ୍କ ଅହେତୁକ ପ୍ରେମକୁ ଆଞ୍ଚଳିକତାବାଦ କୁହାଯାଏ ।

**ପ୍ର.୧୦. "ଭୂମିପୁତ୍ର ତତ୍ତ୍ୱ" କ'ଣ ?**

ଉ. ଜୀବନଧାରଣ ଉପାୟ ଓ ନିଯୁକ୍ତି ପାଇଁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ଶିଳ୍ପରେ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତି ଦେବାପାଇଁ ଦାବୀକୁ ଭୂମିପୁତ୍ର ତତ୍ତ୍ୱ କୁହାଯାଏ ।

**ପ୍ର.୧୧. ଆସ୍ତିବାଚକ ଅର୍ଥରେ ଆଞ୍ଚଳିକତାବାଦ କ'ଣ ?**

ଉ. ଆସ୍ତିବାଚକ ଅର୍ଥରେ ଆଞ୍ଚଳିକତାବାଦର ଅର୍ଥ ହେଉଛି ଏକ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ପାଇଁ ଅନ୍ୱେଷଣମୂଳକ ପ୍ରଚେଷ୍ଟାକୁ ହିଁ ବୁଝାଇଥାଏ ।

**ପ୍ର.୧୨. ସାମ୍ପ୍ରଦାୟିକତାବାଦ କହିଲେ କ'ଣ ବୁଝ ?**

ଉ. ପ୍ରତ୍ୟେକ ଧର୍ମୀୟ ସଂପ୍ରଦାୟ ମଧ୍ୟରେ ପରସ୍ପର ପ୍ରତି ଥିବା ହିଂସା ଓ ବିଦ୍ୱେଷ ମନୋଭାବକୁ ସାମ୍ପ୍ରଦାୟିକତାବାଦ କୁହାଯାଏ ।

**ପ୍ର.୧୩. ଜାତିଆଣଭାବ କହିଲେ କ'ଣ ବୁଝ ?**

ଉ. ଗୋଟିଏ ନିର୍ଦ୍ଦିଷ୍ଟ ଜାତି ପ୍ରତି ଶ୍ରଦ୍ଧା ଓ ଅନ୍ୟ ଜାତି ପ୍ରତି ଘୃଣା ମନୋଭାବକୁ ଜାତିଆଣ ଭାବ କୁହାଯାଏ ।

**ପ୍ର.୧୪. ଜାତିପ୍ରଥାର ବିଲୋପ ପାଇଁ କି କି ପ୍ରକାର ସାମ୍ବିଧାନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି ?**

ଉ. ଜାତିପ୍ରଥାର ବିଲୋପ ପାଇଁ ସମ୍ବିଧାନର ଧାରା ୧୭ରେ ଅସ୍ପୃଶ୍ୟତାକୁ ନିବାରଣ କରାଯାଇଅଛି ।

ପ୍ର.୧୫. ଭାରତରେ କେଉଁ ଭାଷାକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ପ୍ରଦାନ କରାଯାଇଛି ?

ଉ. ଭାରତରେ ହିନ୍ଦିକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ପ୍ରଦାନ କରାଯାଇଛି ।

ପ୍ର.୧୬. ଆଞ୍ଚଳିକତାବାଦକୁ ପ୍ରତିରୋଧ କରିବା ପାଇଁ ଦୁଇଟି ବ୍ୟବସ୍ଥା ଲେଖ ।

ଉ. ସମତୁଲ ପ୍ରଗତି ଓ ଆଞ୍ଚଳିକ ଦଳର ବିଲୋପ ଆଞ୍ଚଳିକତାବାଦ ପ୍ରତିରୋଧ ପାଇଁ ଦୁଇଟି ପ୍ରଧାନ ବ୍ୟବସ୍ଥା ।

## E. ଭ୍ରମ ସଂଶୋଧନ କର (Correct the Sentences)

ପ୍ର.୧. କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ପୃଷ୍ଠପୋଷକତା କରୁନଥିବା ରାଷ୍ଟ୍ରକୁ ଧର୍ମୀୟ ରାଷ୍ଟ୍ର କୁହାଯାଏ ।

ଉ. କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ପୃଷ୍ଠପୋଷକତା କରୁନଥିବା ରାଷ୍ଟ୍ରକୁ ଧର୍ମ ନିରପେକ୍ଷ ରାଷ୍ଟ୍ର କୁହାଯାଏ ।

ପ୍ର.୨. ଭାରତ ସମ୍ବିଧାନର ୪୪ ସଂଶୋଧନ ଆଇନ ପ୍ରସ୍ତାବନାରେ ଧର୍ମ ନିରପେକ୍ଷତା ଶବ୍ଦକୁ ସଂଯୋଗ କରିଅଛି ।

ଉ. ଭାରତ ସମ୍ବିଧାନର ୪୨ତମ ସଂଶୋଧନ ଆଇନ ପ୍ରସ୍ତାବନାରେ ଧର୍ମ ନିରପେକ୍ଷତା ଶବ୍ଦକୁ ସଂଯୋଗ କରିଅଛି ।

ପ୍ର.୩. ଧର୍ମୀୟ ସ୍ୱାଧୀନତା ଅଧିକାର ସମ୍ବିଧାନର ୩୦ ଧାରାରେ ଲିପିବଦ୍ଧ ହୋଇଅଛି ।

ଉ. ଧର୍ମୀୟ ସ୍ୱାଧୀନତା ଅଧିକାର ସମ୍ବିଧାନର ୨୫ରୁ ୨୮ ଧାରାରେ ଲିପିବଦ୍ଧ ହୋଇଅଛି ।

ପ୍ର.୪. ସମ୍ବିଧାନର ତୃତୀୟ ଭାଗରେ ସାମାଜିକ ନ୍ୟାୟର ମୌଳିକ ଉପାଦାନଗୁଡ଼ିକ ଲିପିବଦ୍ଧ ହୋଇଅଛି ।

ଉ. ସମ୍ବିଧାନର ଚତୁର୍ଥ ଭାଗରେ ସାମାଜିକ ନ୍ୟାୟର ମୌଳିକ ଉପାଦାନଗୁଡ଼ିକ ଲିପିବଦ୍ଧ ହୋଇଅଛି ।

ପ୍ର.୫. ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ଅହେତୁକ ସ୍ନେହ ଓ ଶ୍ରଦ୍ଧାକୁ ଜାତୀୟ ସଂହତି କୁହାଯାଏ ।

ଉ. ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ଅହେତୁକ ସ୍ନେହ ଓ ଶ୍ରଦ୍ଧାକୁ ଆଞ୍ଚଳିକତାବାଦ କୁହାଯାଏ ।

ପ୍ର.୬. ସମ୍ବିଧାନର ୪୫ ଧାରା ଅନୁସାରେ ଶିକ୍ଷାକୁ ଏକ ମୌଳିକ ଅଧିକାର ରୂପେ ସ୍ୱୀକୃତି ପ୍ରଦାନ କରାଯାଇଛି ।

ଉ. ସମ୍ବିଧାନର ୨୧(କ) ଧାରା ଅନୁସାରେ ଶିକ୍ଷାକୁ ଏକ ମୌଳିକ ଅଧିକାର ରୂପେ ସ୍ୱୀକୃତି ପ୍ରଦାନ କରାଯାଇଛି ।

ପ୍ର.୭. ରାଜ୍ୟ ପୁର୍ନଗଠନ ଆୟୋଗ ୧୯୫୦ ମସିହାରେ ଗଠିତ ହୋଇଥିଲା ।

ଉ. ରାଜ୍ୟ ପୁର୍ନଗଠନ ଆୟୋଗ ୧୯୫୬ ମସିହାରେ ଗଠିତ ହୋଇଥିଲା ।

ପ୍ର.୮. ୧୯୬୦ ମସିହାରେ ହିନ୍ଦିକୁ ରାଷ୍ଟ୍ରଭାଷାର ମାନ୍ୟତା ଦିଆଯାଇଥିଲା ।

ଉ. ୧୯୬୫ ମସିହାରେ ହିନ୍ଦିକୁ ରାଷ୍ଟ୍ରଭାଷାର ମାନ୍ୟତା ଦିଆଯାଇଥିଲା ।

ପ୍ର.୯. ହିନ୍ଦୁ ରାଷ୍ଟ୍ରଭାଷା ରୂପେ ବିରୋଧ କରି ଭାରତର ଉତ୍ତର ଭାଗରେ ଆନ୍ଦୋଳନ ହୋଇଥିଲା ।

ଉ. ହିନ୍ଦୁ ରାଷ୍ଟ୍ରଭାଷା ରୂପେ ବିରୋଧ କରି ଭାରତର ଦକ୍ଷିଣ ଭାଗରେ ଆନ୍ଦୋଳନ ହୋଇଥିଲା ।

ପ୍ର.୧୦. ଭୂମିପୁତ୍ର ତତ୍ତ୍ୱ ସାମ୍ପ୍ରଦାୟିକତାବାଦ ଅନ୍ୟ ଏକ ରୂପ ।

ଉ. ଭୂମିପୁତ୍ର ତତ୍ତ୍ୱ ଆଞ୍ଚଳିକତାବାଦ ବାଦର ଅନ୍ୟ ଏକ ରୂପ ।

ପ୍ର.୧୧. ଦୁଇଟି ଧର୍ମୀୟ ସମ୍ପ୍ରଦାୟ ମଧ୍ୟରେ ଦେଖାଯାଉଥିବା ବିବାଦକୁ ଆଞ୍ଚଳିକତାବାଦ କୁହାଯାଏ ।

ଉ. ଦୁଇଟି ଧର୍ମୀୟ ସମ୍ପ୍ରଦାୟ ମଧ୍ୟରେ ଦେଖାଯାଉଥିବା ବିବାଦକୁ ସାମ୍ପ୍ରଦାୟିକତାବାଦ କୁହାଯାଏ ।

ପ୍ର.୧୨. ଜାତୀୟ ସଂହତି ପରିଷଦ ପ୍ରଥମେ ୧୯୫୦ ମସିହାରେ ଗଠିତ ହୋଇଥିଲା ।

ଉ. ଜାତୀୟ ସଂହତି ପରିଷଦ ପ୍ରଥମେ ୧୯୬୧ ମସିହାରେ ଗଠିତ ହୋଇଥିଲା ।

ପ୍ର.୧୩. ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକତାରୁ ହିଁ ୧୯୫୦ ମସିହାରେ ଭାରତ ବିଭାଜିତ ହୋଇଥିଲା ।

ଉ. ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକତାରୁ ହିଁ ୧୯୪୭ ମସିହାରେ ଭାରତ ବିଭାଜିତ ହୋଇଥିଲା ।

## ସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

**A. ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ପ୍ରଦାନ କର (Answer in two or three sentences)**

**ପ୍ର.୧. ଜାତି କ'ଣ ?**

ଉ. ସାଧାରଣତଃ ଜଣେ ସାଧାରଣ ପୂର୍ବଜନ୍ମ ବଂଶଧରକୁ ନେଇ ଗଠିତ ସମ୍ପ୍ରଦାୟକୁ ଜାତି କୁହାଯାଏ । ଜାତି ଶବ୍ଦଟି ଲାଟିନ୍ ଭାଷା 'ନେସିଓ (Natio)ରୁ ଆସିଅଛି ଯାହାର ଅର୍ଥ ହେଉଛି ଜନ୍ମ ବା ବଂଶ ।

**ପ୍ର.୨. ଜାତୀୟତା କ'ଣ ?**

ଉ. ଜାତୀୟତା ଏକ ମାନସିକ ସ୍ଥିତି ବା ଭାବଗତ ଧାରଣା ଯାହାଦ୍ୱାରା ଲୋକମାନଙ୍କ ମଧ୍ୟରେ ଐକ୍ୟଭାବ ଜାଗ୍ରତ ହୋଇଥାଏ । ଜାତୀୟତା ଯେତେବେଳେ ନିଜକୁ ସୁସଂଗଠିତ କରି ଏକ ରାଜନୈତିକ ସଂଗଠନରେ ପରିଣତ ହୁଏ । ତାହାକୁ ଜାତି କୁହନ୍ତି ।

**ପ୍ର.୩. ଜାତୀୟତାବାଦ କ'ଣ ?**

ଉ. ଜାତୀୟତାକୁ ନେଇ ଜାତି ଗଠନ ପାଇଁ ଯେଉଁ ମାନସିକ ଐକ୍ୟଭାବ କାର୍ଯ୍ୟକରେ, ତାହାହିଁ ଜାତୀୟତାବାଦ । ଏହା ଲୋକମାନଙ୍କ ମଧ୍ୟରେ ରାଜନୈତିକ ଏକତ୍ରୀକରଣ ପାଇଁ ପ୍ରେରଣା ଯୋଗାଇଥାଏ ।

**ପ୍ର.୪. ଆଞ୍ଚଳିକତାବାଦ କ'ଣ ?**

ଉ. ଆଞ୍ଚଳିକତାବାଦ ଏକ ସଂକୀର୍ଣ୍ଣ ଧାରଣା ଯାହା ଗୋଟିଏ ଅଞ୍ଚଳର ଲୋକମାନଙ୍କ ମନରେ ସେହି ଅଞ୍ଚଳପ୍ରତି ଅହେତୁକ ପ୍ରେମଭାବ ଜାଗ୍ରତ କରିଥାଏ । କେତେକଙ୍କ ମତରେ ଆଞ୍ଚଳିକତାବାଦ କେନ୍ଦ୍ର ସରକାରଙ୍କ ମତରେ ଆଞ୍ଚଳିକତାବାଦ କେନ୍ଦ୍ର ସରକାରଙ୍କ ଅବହେଳା ଓ ଅତ୍ୟାଚାର ବିରୁଦ୍ଧରେ ଏକ ଆନ୍ଦୋଳନ ।

**ପ୍ର.୫. ଜାତିବାଦ କ'ଣ ?**

ଉ. ସମାଜରେ ଏକ ନିର୍ଦ୍ଦିଷ୍ଟ ଜାତିର ଲୋକମାନେ ନିଜ ଜାତିକୁ ଶ୍ରେଷ୍ଠଭାବେ ଗ୍ରହଣ କରି ଅନ୍ୟ ଜାତିର ଜନତାଙ୍କୁ ଘୃଣାକରିବାକୁ 'ଜାତିବାଦ' କୁହାଯାଏ । ଜାତିବାଦ ଯୋଗୁ ସାମାଜିକ ବିଶୃଙ୍ଖଳା ଦେଖାଯାଇଥାଏ ।

**ପ୍ର.୬. ସାମ୍ପ୍ରଦାୟିକତାବାଦ କ'ଣ ?**

ଉ. ରାଷ୍ଟ୍ରରେ ବସବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟର ଜନତାଙ୍କ ମଧ୍ୟରେ ଥିବା ପରସ୍ପର ପ୍ରତି ଘୃଣା, ବିଦ୍ୱେଷ, ହିଂସା ଓ ସଂକୀର୍ଣ୍ଣ ମନୋଭାବକୁ ସାମ୍ପ୍ରଦାୟିକତାବାଦ କୁହାଯାଏ । ଏହି ସଂକୀର୍ଣ୍ଣ ମନୋଭାବ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବା ସହିତ ଜାତୀୟ ସଂହତି ପ୍ରତି ବାଧା ସୃଷ୍ଟି କରିଥାଏ ।

**ପ୍ର.୭. ରାଷ୍ଟ୍ର ନିର୍ମାଣ ବା ଜାତି-ନିର୍ମାଣ କହିଲେ କ'ଣ ?**

ଉ. ଯେଉଁ ପ୍ରକ୍ରିୟାଦ୍ୱାରା ଗୋଟିଏ ରାଷ୍ଟ୍ରର ସମସ୍ତ ନାଗରିକମାନଙ୍କୁ ଏକତ୍ର ବାନ୍ଧିରଖି ଏକ ସମୃଦ୍ଧ ରାଷ୍ଟ୍ରଗଠନ ସମ୍ଭବ ହୋଇଥାଏ, ତାହାକୁ ରାଷ୍ଟ୍ର ନିର୍ମାଣ କୁହାଯାଏ । ଜାତୀୟ ସଂହତିର ସୁରକ୍ଷା, ସଫଳ ଗଣତନ୍ତ୍ର, ଅର୍ଥନୈତିକ ପ୍ରଗତି ଓ ସ୍ଥିର ତଥା ପ୍ରଗତିଶୀଳ ସରକାର ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇଥାନ୍ତି ।

**ପ୍ର.୮. ଧର୍ମନିରପେକ୍ଷତା କ'ଣ ?**

ଉ. ଧର୍ମ କ୍ଷେତ୍ରରେ ରାଷ୍ଟ୍ରର ହସ୍ତକ୍ଷେପ ନ କରିବା ବା ନିରପେକ୍ଷତା ଅବଲମ୍ବନ କରିବାକୁ ଧର୍ମନିରପେକ୍ଷତା କୁହାଯାଏ । ଧର୍ମ ନିରପେକ୍ଷ ରାଷ୍ଟ୍ରରେ ନାଗରିକମାନେ ନିଜ ଇଚ୍ଛାନୁସାରେ ଯେ କୌଣସି ଧର୍ମ ଗ୍ରହଣ କରିଥାନ୍ତି ଓ ଏହାର ପ୍ରଚାର ଓ ପ୍ରସାର କରିଥାନ୍ତି ।

ଷଷ୍ଠ ଅଧ୍ୟାୟ

# ଭାରତୀୟ ରାଜନୀତିରେ ସାଂପ୍ରତିକ ସମସ୍ୟାବଳୀ

# [ CONTEMPORARY ISSUES IN INDIAN POLITICS ]

## ଜନଆନ୍ଦୋଳନ–ନାରୀ ଆନ୍ଦୋଳନ, ପରିବେଶ ସୁରକ୍ଷା ଆନ୍ଦୋଳନ, ବିକାଶ ଓ ବିସ୍ଥାପନ ଆନ୍ଦୋଳନ

## Popular Movements–Women Movement, Environment Protection Movement, Development Displacement Movement

## 'କ' ବିଭାଗ (Group–A)

### ଅତିସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ୧ ନମ୍ବର)

**A. ନିମ୍ନଲିଖିତ ମଧ୍ୟରୁ ସଠିକ୍ ବିକଳ୍ପଟି ଉତ୍ତର ବାଛି ଲେଖ (Multiple Choice Questions)**

**ପ୍ର.୧. ନିମ୍ନୋକ୍ତ ମଧ୍ୟରୁ କେଉଁ ସମାଜ ସଂସ୍କାରକ ଭାରତରୁ ସତୀଦାହ ପ୍ରଥା ଉଚ୍ଛେଦ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ?**

(କ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ
(ଖ) ରାଜା ରାମମୋହନ ରାୟ
(ଗ) ସ୍ୱାମୀ ବିବେକାନନ୍ଦ
(ଘ) ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

ଉ. ରାଜା ରାମମୋହନ ରାୟ

**ପ୍ର.୨. କେଉଁ ଇଂରେଜ ବଡ଼ଲାଟ୍ ଭାରତରୁ ସତୀଦାହ ପ୍ରଥା ଉଚ୍ଛେଦ ପାଇଁ ଆଇନ ପ୍ରଣୟନ କରିଥିଲେ ?**

(କ) ଲର୍ଡ୍ କର୍ଣ୍ଣୱାଲିସ
(ଖ) ଲର୍ଡ୍ ରିପନ୍
(ଗ) ଲର୍ଡ୍ ଉଇଲିୟମ ବେଣ୍ଟିକ୍
(ଘ) ଲର୍ଡ୍ କ୍ୟାନିଂ

ଉ. ଲର୍ଡ୍ ଉଇଲିୟମ ବେଣ୍ଟିକ୍

**ପ୍ର.୩. କେଉଁ ମସିହାରେ ଭୋପାଳର ବେଗମ୍ ନିଖିଳ ଭାରତ ମୁସଲିମ୍ ମହିଳା ସମ୍ମିଳନୀ କରିଥିଲେ ?**

(କ) ୧୮୫୬
(ଖ) ୧୮୯୦
(ଗ) ୧୯୦୫
(ଘ) ୧୯୧୬

ଉ: ୧୯୧୬

**ପ୍ର.୪. ସରୋଜିନୀ ନାଇଡୁ ଓ ମାର୍ଗାରେଟ୍‌ଙ୍କ ଆନ୍ଦୋଳନ ଯୋଗୁଁ କେଉଁ ପ୍ରଦେଶରେ ପ୍ରଥମେ ମହିଳାମାନଙ୍କୁ ଭୋଟ ଅଧିକାର ପ୍ରଦାନ କରାଯାଇଥିଲା ?**

(କ) ଗୋୟାଲିୟର
(ଖ) ବମ୍ବେ
(ଗ) ମାନ୍ଦ୍ରାଜ
(ଘ) ବଙ୍ଗଳା

ଉ. ମାନ୍ଦ୍ରାଜ

**ପ୍ର.୫. ଭାରତରେ ସଂସଦ କେଉଁ ମସିହାରେ ପ୍ରଥମେ ଯୌତୁକ ନିରୋଧ ଆଇନ ପ୍ରଣୟନ କରିଥିଲା ?**

(କ) ୧୯୬୧
(ଖ) ୧୯୭୦
(ଗ) ୧୯୭୬
(ଘ) ୧୯୮୦

ଉ. ୧୯୬୧

**ପ୍ର.୬. ନିମ୍ନୋକ୍ତ ମଧ୍ୟରୁ କିଏ ଚିପ୍‌କୋ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ?**

(କ) ମେଧା ପାଟେକର
(ଖ) ସୁନ୍ଦରଲାଲ ବହୁଗୁଣା
(ଗ) ବାଙ୍କ ବିହାରୀ ଦାସ
(ଘ) ମେନକା ଗାନ୍ଧି

ଉ. ସୁନ୍ଦରଲାଲ ବହୁଗୁଣା

**ପ୍ର.୭. ନର୍ମଦା ବଚାଓ ଆନ୍ଦୋଳନର ନେତୃତ୍ୱ କିଏ ନେଇଥିଲେ ?**

(କ) ମେଧା ପାଟେକର
(ଖ) ସୁନ୍ଦରଲାଲ ବହୁଗୁଣା
(ଗ) ମେନକା ଗାନ୍ଧି
(ଘ) ଶ୍ରୀମତୀ ଇନ୍ଦିରା ଗାନ୍ଧି

ଉ. ମେଧା ପାଟେକର

ପ୍ର.୮. ନିମ୍ନୋକ୍ତ ମଧ୍ୟରୁ କେଉଁ ପରିବେଶ ଆନ୍ଦୋଳନର କେବଳ ମହିଳାମାନେ ଅଂଶଗ୍ରହଣ କରିଥିଲେ ?

(କ) ନର୍ମଦା ବଚାଓ ଆନ୍ଦୋଳନ (ଖ) ଗନ୍ଧ ମାର୍ଦ୍ଦନ ବଚାଓ ଆନ୍ଦୋଳନ

(ଗ) ବିଷ୍ଣୋଇ ଆନ୍ଦୋଳନ (ଘ) ଚିପ୍‌କୋ ଆନ୍ଦୋଳନ

ଉ. ବିଷ୍ଣୋଇ ଆନ୍ଦୋଳନ –

ପ୍ର.୯. ଓଡ଼ିଶାରେ ଚିଲିକା ବଚାଓ ଆନ୍ଦୋଳନର କିଏ ନେତୃତ୍ୱ ନେଇଥିଲେ ?

(କ) ହରେକୃଷ୍ଣ ମହତାବ (ଖ) ବାଙ୍କ ବିହାରୀ ଦାସ

(ଗ) ଭବାନୀ ଶେଖର ହୋତା (ଘ) ସୁରେଶ ରାଉତରାୟ

ଉ. ବାଙ୍କ ବିହାରୀ ଦାସ

ପ୍ର.୧୦. 'ବାଲକୋ ହଟାଓ ଗନ୍ଧମାର୍ଦ୍ଦନ ବଚାଓ' ଆନ୍ଦୋଳନର କିଏ ନେତୃତ୍ୱ ନେଇଥିଲେ ?

(କ) ବାଙ୍କବିହାରୀ ଦାସ (ଖ) ନରସିଂହ ମିଶ୍ର

(ଗ) ଭବାନୀ ଶଙ୍କର ହୋତା (ଘ) କୃପାସିନ୍ଧୁ ଭୋଇ

ଉ. (ଗ) ଭବାନୀ ଶଙ୍କର ହୋତା

ପ୍ର.୧୧. ପୋସ୍କୋ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠାକୁ ବିରୋଧ କରି ଓଡ଼ିଶାରେ କେଉଁ ଜିଲ୍ଲାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(କ) କଟକ (ଖ) ପୁରୀ

(ଗ) କେନ୍ଦ୍ରାପଡ଼ା (ଘ) ଜଗତସିଂହପୁର

ଉ. ଜଗତସିଂହପୁର –

ପ୍ର.୧୨. କେଉଁ କମ୍ପାନୀର ଜମି ଅଧିକରଣକୁ ବିରୋଧ କରି ସିଙ୍ଗୁରରେ ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(କ) ଟାଟା କମ୍ପାନୀ (ଖ) ପୋସ୍କୋ

(ଗ) ନାଲ୍‌କୋ (ଘ) ଡାଲମିଆ

ଉ. ଟାଟା କମ୍ପାନୀ

## B. ଉପଯୁକ୍ତ ପଦ/ ସଂଖ୍ୟା / ତାରିଖ / ମସିହା ଦ୍ୱାରା ଶୂନ୍ୟସ୍ଥାନଗୁଡ଼ିକ ପୂରଣ କର: Fill in the blanks with appropriate terms/numbers/date/year :

ପ୍ର.୧. _____ ମସିହାରେ ସତୀଦାହ ପ୍ରଥାର ଉଚ୍ଛେଦ ପାଇଁ ଆଇନ ପ୍ରଣୀତ ହୋଇଥିଲା ।

ଉ. ୧୮୨୯

ପ୍ର.୨. ବ୍ରିଟିଶ ବଡ଼ଲାଟ୍ _____ ଭାରତରୁ ସତୀଦାହ ପ୍ରଥାର ଉଚ୍ଛେଦ କରିଥିଲେ ।

ଉ. ଲର୍ଡ଼ ଉଇଲିୟମ୍ ବେଣ୍ଟିକ୍

ପ୍ର.୩. ୧୯୧୭ ମସିହାରେ _____ ର ମହିଳାମାନେ ମହିଳା ଭାରତୀୟ ସଂଘ ଗଠନ କରିଥିଲେ ।

ଉ. ମାଡ୍ରାଜ୍ – 1917

ପ୍ର.୪. ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ଜାତୀୟ ବାହିନୀର ମହିଳା ସ୍ୱେଚ୍ଛାସେବୀ ବାହିନୀର ନାମ _____ ଥିଲା ।

ଉ. ଝାନ୍‌ସୀ ରାଣୀ ରେଜିମେଣ୍ଟ

ପ୍ର.୫. ସ୍ୱାଧୀନ ଭାରତରେ _____ ମସିହାରେ ଯୌତୁକ ବିରୋଧ ଆଇନ ପ୍ରଣୀତ ହୋଇଥିଲା ।

ଉ. ୧୯୬୧

ପ୍ର.୬. ମହିଳାମାନଙ୍କ ଆନ୍ଦୋଳନ ଯୋଗୁ _____ ମସିହାରେ ଯୌତୁକ ନିରୋଧ ଆଇନର ସଂଶୋଧନ କରାଯାଇଥିଲା ।

ଉ. ୧୯୮୪

ପ୍ର.୭. ସତୀକରଣ (ନିବାରଣ) ଆଇନ _____ ମସିହାରେ ଭାରତ ସଂସଦରେ ଗୃହୀତ ହୋଇଥିଲା ।

ଉ. ୧୯୮୭ - ପ୍ରିଭେନସନ Act

ପ୍ର.୮. _____ ମସିହାରୁ ଭାରତରେ ଜାତୀୟ ମହିଳା ଆୟୋଗ ଗଠିତ ହୋଇଛି ।

ଉ. ୧୯୯୨ - ଜାତୀୟ ମହିଳା ଆୟୋଗ

ପ୍ର.୯. ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଚିପକୋ ଆନ୍ଦୋଳନର ନେତୃତ୍ୱ _____ ନେଇଥିଲେ ।

ଉ. ସୁନ୍ଦରଲାଲ ବହୁଗୁଣା

ପ୍ର.୧୦.ନର୍ମଦା ଉପତ୍ୟାକାର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପରିବେଶ ଆନ୍ଦୋଳନ 'ନର୍ମଦା ଆନ୍ଦୋଳନ'ର ନେତୃତ୍ୱ _____ ନେଇଥିଲେ ।

ଉ. ମେଧା ପାଟେକର୍

ପ୍ର.୧୧.ଓଡ଼ିଶାରେ 'ବାଲକୋ ହଟାଓ, ଗନ୍ଧମାର୍ଦ୍ଦନ ବଚାଓ' ପରିବେଶ ଆନ୍ଦୋଳନର ନେତୃତ୍ୱ _____ ନେଇଥିଲେ ।

ଉ. ଭାବନୀ ଶଙ୍କର ହୋତା

ପ୍ର.୧୨.ଚିଲିକାକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଂଗଠିତ ଆନ୍ଦୋଳନର ନେତୃତ୍ୱ _____ ନେଇଥିଲେ ।

ଉ. ବାଙ୍କ ବିହାରୀ ଦାସ

ପ୍ର.୧୩.ଭାରତ ସରକାର _____ ମସିହାରୁ ଜଙ୍ଗଲ ସଂରକ୍ଷଣ ଆଇନ ପ୍ରଣୟନ କରିଛନ୍ତି ।

ଉ. ୧୯୮୦

ପ୍ର.୧୪.ଗଙ୍ଗା ନଦୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସରକାର _____ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।

ଉ. ଗଙ୍ଗା କାର୍ଯ୍ୟାନୁଷ୍ଠାନ ଯୋଜନା

ପ୍ର.୧୫.ପୋସ୍କୋ ବିରୋଧୀ ଆନ୍ଦୋଳନର ମୁଖ୍ୟ ନେତୃତ୍ୱ _____ ଦେଇଥିଲେ ।

ଉ. ଅଭୟ ସାହୁ

ପ୍ର.୧୬._____ ନଦୀ ଉପରେ ନିର୍ମିତ ହିରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନାରେ କ୍ଷତିଗ୍ରସ୍ତ ସ୍ଥାନୀୟ ବାସିନ୍ଦା ବିସ୍ଥାପନ ବିରୋଧୀ ଆନ୍ଦୋଳନରେ ସାମିଲ ଅଛନ୍ତି ।

ଉ. ମହାନଦୀ

ପ୍ର.୧୭.ସିଙ୍ଗୁର ଜମି ଗ୍ରହଣକୁ ବିରୋଧ କରି ଏକ ବିସ୍ଥାପନ ବିରୋଧୀ ଆନ୍ଦୋଳନର ନେତୃତ୍ୱ _____ ନେଇଥିଲେ ।

ଉ. ତୃଣମୂଳ କଂଗ୍ରେସ ନେତ୍ରୀ ସୁଶ୍ରୀ ମମତା ବାନାର୍ଜୀ

ପ୍ର.୧୮.ଓଡ଼ିଶାର _____ ଠାରେ କ୍ଷେପଣାସ୍ତ୍ର ଘାଟିକୁ ବିରୋଧ କରି ବିସ୍ଥାପନ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା ।

ଉ. ବାଲିଆପାଳ

ପ୍ର.୧୯.ପୋସ୍କୋ ପ୍ରତିଷ୍ଠାକୁ ବିରୋଧ କରି ଆନ୍ଦୋଳନ କରୁଥିବା ସଂଗଠନର ନାମ _____ ।

ଉ. ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି

ପ୍ର.୨୦.ବିଷ୍ଣୋଇ ପରିବେଶ ସୁରକ୍ଷା ଆନ୍ଦୋଳନରେ _____ ନାମକ ଜଣେ ମହିଳା ନେତୃତ୍ୱ ନେଇଥିଲେ ।

ଉ. ଅମ୍ରିତା ଦେବୀ

## C. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ପ୍ରଦାନ କର (Answer in one Word)

ପ୍ର.୧. କେଉଁ ମସିହାରେ ସତୀଦାହ ପ୍ରଥାର ଉଚ୍ଛେଦ ପାଇଁ ଆଇନ ପ୍ରଣୀତ ହୋଇଥିଲା ।

ଉ. ୧୮୨୯

ପ୍ର.୨. ବ୍ରିଟିଶ ବଡ଼ଲାଟ୍ କିଏ ଭାରତରୁ ସତୀଦାହ ପ୍ରଥାର ଉଚ୍ଛେଦ କରିଥିଲେ ?

ଉ. ଲର୍ଡ୍ ଉଇଲିୟମ୍ ବେଣ୍ଟିକ୍

ପ୍ର.୩. ୧୯୧୭ ମସିହାରେ କେଉଁ ସ୍ଥାନର ମହିଳାମାନେ ମହିଳା ଭାରତୀୟ ସଂଘ ଗଠନ କରିଥିଲେ ?
ଉ. ମାଡ୍ରାଜ୍

ପ୍ର.୪. ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ଜାତୀୟ ବାହିନୀର ମହିଳା ସ୍ୱେଚ୍ଛାସେବୀ ବାହିନୀର ନାମ କ'ଣ ଥିଲା ?
ଉ. ଝାନ୍ସୀ ରାଣୀ ରେଜିମେଣ୍ଟ

ପ୍ର.୫. ସ୍ୱାଧୀନ ଭାରତରେ କେଉଁ ମସିହାରେ ଯୌତୁକ ବିରୋଧ ଆଇନ ପ୍ରଣୀତ ହୋଇଥିଲା ?
ଉ. ୧୯୬୧

ପ୍ର.୬. ମହିଳାମାନଙ୍କ ଆନ୍ଦୋଳନ ଯୋଗୁ କେଉଁ ମସିହାରେ ଯୌତୁକ ନିରୋଧ ଆଇନର ସଂଶୋଧନ କରାଯାଇଥିଲା ?
ଉ. ୧୯୮୪

ପ୍ର.୭. ସତୀକରଣ (ନିବାରଣ) ଆଇନ କେଉଁ ମସିହାରେ ଭାରତ ସଂସଦରେ ଗୃହୀତ ହୋଇଥିଲା ?
ଉ. ୧୯୮୭

ପ୍ର.୮. କେଉଁ ମସିହାରୁ ଭାରତରେ ଜାତୀୟ ମହିଳା ଆୟୋଗ ଗଠିତ ହୋଇଛି ?
ଉ. ୧୯୯୨

ପ୍ର.୯. ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଚିପକୋ ଆନ୍ଦୋଳନର କିଏ ନେତୃତ୍ୱ ନେଇଥିଲେ ?
ଉ. ସୁନ୍ଦରଲାଲ ବହୁଗୁଣା

ପ୍ର.୧୦.ନର୍ମଦା ଉପତ୍ୟାକାର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପରିବେଶ ଆନ୍ଦୋଳନ 'ନର୍ମଦା ଆନ୍ଦୋଳନ'ର ନେତୃତ୍ୱ କିଏ ନେଇଥିଲେ ?
ଉ. ମେଧା ପାଟେକର୍

ପ୍ର.୧୧.ଓଡ଼ିଶାରେ 'ବାଲକୋ ହଟାଓ, ଗନ୍ଧମାର୍ଦ୍ଦନ ବଚାଓ' ପରିବେଶ ଆନ୍ଦୋଳନର ନେତୃତ୍ୱ କିଏ ନେଇଥିଲେ ?
ଉ. ଭାବନୀ ଶଙ୍କର ହୋତା

ପ୍ର.୧୨.ଚିଲିକାକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଂଗଠିତ ଆନ୍ଦୋଳନର ନେତୃତ୍ୱ କିଏ ନେଇଥିଲେ ?
ଉ. ବାଙ୍କ ବିହାରୀ ଦାସ

ପ୍ର.୧୩.ଭାରତ ସରକାର କେଉଁ ମସିହାରୁ ଜଙ୍ଗଲ ସଂରକ୍ଷଣ ଆଇନ ପ୍ରଣୟନ କରିଛନ୍ତି ?
ଉ. ୧୯୮୦ –

ପ୍ର.୧୪.ଗଙ୍ଗା ନଦୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସରକାର କେଉଁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ?
ଉ. ଗଙ୍ଗା କାର୍ଯ୍ୟାନୁଷ୍ଠାନ ଯୋଜନା

ପ୍ର.୧୫. କିଏ ପୋସ୍କୋ ବିରୋଧୀ ଆନ୍ଦୋଳନର ମୁଖ୍ୟ ନେତୃତ୍ୱ ନେଇଥିଲେ ?
ଉ. ଅଭୟ ସାହୁ

ପ୍ର.୧୬. କେଉଁ ନଦୀ ଉପରେ ନିର୍ମିତ ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନାରେ କ୍ଷତିଗ୍ରସ୍ତ ସ୍ଥାନୀୟ ବାସିନ୍ଦା ବିସ୍ଥାପନ ବିରୋଧୀ ଆନ୍ଦୋଳନରେ ସାମିଲ ଅଛନ୍ତି ?
ଉ. ମହାନଦୀ

ପ୍ର.୧୭.ସିଙ୍ଗୁର ଜମି ଗ୍ରହଣକୁ ବିରୋଧ କରି ଏକ ବିସ୍ଥାପନ ବିରୋଧୀ ଆନ୍ଦୋଳନର ନେତୃତ୍ୱ କିଏ ନେଇଥିଲେ ?
ଉ. ତୃଣମୂଳ କଂଗ୍ରେସ ନେତ୍ରୀ ସୁଶ୍ରୀ ମମତା ବାନାର୍ଜ୍ଜୀ

ପ୍ର.୧୮.ଓଡ଼ିଶାର କେଉଁ ଠାରେ କ୍ଷେପଣାସ୍ତ୍ର ଘାଟିକୁ ବିରୋଧ କରି ବିସ୍ଥାପନ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା ?
ଉ. ବାଲିଆପାଳ

ପ୍ର.୧୯.ପୋସ୍କୋ ପ୍ରତିଷ୍ଠାକୁ ବିରୋଧ କରି ଆନ୍ଦୋଳନ କରୁଥିବା ସଂଗଠନର ନାମ କ'ଣ ଥିଲା ?

ଉ. ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି

ପ୍ର.୨୦.ବିଶ୍ନୋଇ ପରିବେଶ ସୁରକ୍ଷା ଆନ୍ଦୋଳନରେ କେଉଁ ମହିଳା ନେତୃତ୍ୱ ନେଇଥିଲେ ?

ଉ. ଅମ୍ରିତା ଦେବୀ

## D. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର (Answer in one Sentence)

**ପ୍ର.୧. ନାରୀ ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ କ'ଣ ?**

ଉ. ମହିଳା ବା ନାରୀମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ପ୍ରଦାନ ଓ ନାରୀ ନିର୍ଯ୍ୟାତନାକୁ ବନ୍ଦ କରିବା ନାରୀ ଆନ୍ଦୋଳନର ଲକ୍ଷ୍ୟ ଅଟେ ।

**ପ୍ର.୨. କେଉଁ ସମାଜ ସଂସ୍କାରକଙ୍କ ଉଦ୍ୟମରେ ଭାରତରେ ବିଧବା ବିବାହ ଆଇନ ପ୍ରଣୀତ ହୋଇଥିଲା ?**

ଉ. ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଉଦ୍ୟମରେ ଭାରତରେ ବିଧବା ବିବାହ ଆଇନ ପ୍ରଣୀତ ହୋଇଥିଲା ।

**ପ୍ର.୩. ନେତାଜୀଙ୍କ ଦ୍ୱାରା ଗଠିତ ଭାରତୀୟ ଜାତୀୟ ବାହିନୀରେ କେଉଁ ମହିଳା ସ୍ୱେଚ୍ଛାସେବୀ ବାହିନୀ କାର୍ଯ୍ୟ କରୁଥିଲା ?**

ଉ. ନେତାଜୀଙ୍କ ଦ୍ୱାରା ଗଠିତ ଭାରତୀୟ ଜାତୀୟ ବାହିନୀରେ ଝାନ୍ସୀ ରାଣୀ ରେଜିମେଣ୍ଟ ନାମକ ମହିଳା ସ୍ୱେଚ୍ଛାସେବୀ ବାହିନୀ କାର୍ଯ୍ୟ କରୁଥିଲା ।

**ପ୍ର.୪. ପରିବେଶ କହିଲେ କ'ଣ ବୁଝ ?**

ଉ. ସମସ୍ତ ଜୈବିକ ଓ ଅଜୈବିକ ତଥା ଭୌତିକ ଉପାଦାନଗୁଡ଼ିକର ସମଷ୍ଟି ଯେଉଁଠାରେ ସମସ୍ତ ଜୀବଜଗତ ସେମାନଙ୍କର ଜୀବନଧାରଣ ପ୍ରକ୍ରିୟା ସମ୍ପାଦନ କରନ୍ତି, ତାହାକୁ ପରିବେଶ କୁହାଯାଏ ।

**ପ୍ର.୫. ଉତ୍ତର ଭାରତରେ ଜଙ୍ଗଲ ଅବକ୍ଷୟକୁ ରୋକିବା ପାଇଁ ସଂଗଠିତ ପରିବେଶ ସୁରକ୍ଷା ଆନ୍ଦୋଳନର ନାମ କ'ଣ ?**

ଉ. ଉତ୍ତର ଭାରତରେ ଜଙ୍ଗଲ ଅବକ୍ଷୟକୁ ରୋକିବା ପାଇଁ ସଂଗଠିତ ପରିବେଶ ସୁରକ୍ଷା ଆନ୍ଦୋଳନର ନାମ ଚିପ୍‌କୋ ଆନ୍ଦୋଳନ ।

**ପ୍ର.୬. ସର୍ଦ୍ଦାର ସରୋବର ନଦୀବନ୍ଧ ଯୋଜନାକୁ ବିରୋଧ କରି ସଂଗଠିତ ପରିବେଶ ସୁରକ୍ଷା ଓ ବିସ୍ଥାପନ ବିରୋଧୀ ଆନ୍ଦୋଳନର ନାମ କ'ଣ ?**

ଉ.ସର୍ଦ୍ଦାର ସରୋବର ନଦୀବନ୍ଧ ଯୋଜନାକୁ ବିରୋଧ କରି ସଂଗଠିତ ପରିବେଶ ସୁରକ୍ଷା ଓ ବିସ୍ଥାପନ ବିରୋଧୀ ଆନ୍ଦୋଳନର ନାମ ନର୍ମଦା ବଚାଓ ଆନ୍ଦୋଳନ ।

**ପ୍ର.୭. ଓଡ଼ିଶାରେ ସଂଗଠିତ ଦୁଇଟି ପରିବେଶ ସୁରକ୍ଷା ଆନ୍ଦୋଳନର ନାମ ଲେଖ ।**

ଉ. ଚିଲିକା ବଚାଓ ଆନ୍ଦୋଳନ ଓ ବାଲକୋ ହଟାଓ, ଗନ୍ଧମାର୍ଦ୍ଦନ ବଚାଓ ଆନ୍ଦୋଳନ ।

## E. ଭ୍ରମ ସଂଶୋଧନ କର (Correct the Sentences)

**ପ୍ର.୧. ୧୮୩୯ ମସିହାରେ ସତୀଦାହ ପ୍ରଥାର ଉଚ୍ଛେଦ ପାଇଁ ଆଇନ ପ୍ରଣୀତ ହୋଇଥିଲା ।**

ଉ. ୧୮୨୯ମସିହାରେ ସତୀଦାହ ପ୍ରଥାର ଉଚ୍ଛେଦ ପାଇଁ ଆଇନ ପ୍ରଣୀତ ହୋଇଥିଲା ।

**ପ୍ର.୨. ବ୍ରିଟିଶ ବଡ଼ଲାଟ୍ ଲର୍ଡ଼ ହେଲହାଉସୀ ଭାରତରୁ ସତୀଦାହ ପ୍ରଥାର ଉଚ୍ଛେଦ କରିଥିଲେ ।**

ଉ. ଲର୍ଡ଼ ଉଇଲିୟମ୍ ବେଣ୍ଟିକ୍ ଭାରତରୁ ସତୀଦାହ ପ୍ରଥାର ଉଚ୍ଛେଦ କରିଥିଲେ ।

**ପ୍ର.୩. ୧୯୧୭ ମସିହାରେ କୋଲକାତାର ମହିଳାମାନେ ମହିଳା ଭାରତୀୟ ସଂଘ ଗଠନ କରିଥିଲେ ।**

ଉ. ୧୯୧୭ ମସିହାରେ ମାନ୍ଦ୍ରାଜର ମହିଳାମାନେ ମହିଳା ଭାରତୀୟ ସଂଘ ଗଠନ କରିଥିଲେ ।

**ପ୍ର.୪. ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ଜାତୀୟ ବାହିନୀର ମହିଳା ସ୍ୱେଚ୍ଛାସେବୀ ବାହିନୀର ନାମ ଲାଲ୍ ବାହିନୀ ଥିଲା ।**

ଉ. ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ଜାତୀୟ ବାହିନୀର ମହିଳା ସ୍ୱେଚ୍ଛାସେବୀ ବାହିନୀର ନାମ ଝାନ୍ସୀ ରାଣୀ ରେଜିମେଣ୍ଟ ଥିଲା ।

ପ୍ର.୫. ସ୍ୱାଧୀନ ଭାରତରେ ୧୯୬୪ ମସିହାରେ ଯୌତୁକ ବିରୋଧ ଆଇନ ପ୍ରଣୀତ ହୋଇଥିଲା ।

ଉ. ସ୍ୱାଧୀନ ଭାରତରେ ୧୯୬୧ ମସିହାରେ ଯୌତୁକ ବିରୋଧ ଆଇନ ପ୍ରଣୀତ ହୋଇଥିଲା ।

ପ୍ର.୬. ମହିଳାମାନଙ୍କ ଆନ୍ଦୋଳନ ଯୋଗୁ ୧୯୮୬ ମସିହାରେ ଯୌତୁକ ନିରୋଧ ଆଇନର ସଂଶୋଧନ କରାଯାଇଥିଲା ।

ଉ. ମହିଳାମାନଙ୍କ ଆନ୍ଦୋଳନ ଯୋଗୁ ୧୯୮୪ ମସିହାରେ ଯୌତୁକ ନିରୋଧ ଆଇନର ସଂଶୋଧନ କରାଯାଇଥିଲା ।

ପ୍ର.୭. ସତୀକରଣ (ନିବାରଣ) ଆଇନ ୧୯୮୯ ମସିହାରେ ଭାରତ ସଂସଦରେ ଗୃହୀତ ହୋଇଥିଲା ।

ଉ. ସତୀକରଣ (ନିବାରଣ) ଆଇନ ୧୯୮୭ ମସିହାରେ ଭାରତ ସଂସଦରେ ଗୃହୀତ ହୋଇଥିଲା ।

ପ୍ର.୮. ୧୯୯୪ ମସିହାରୁ ଭାରତରେ ଜାତୀୟ ମହିଳା ଆୟୋଗ ଗଠିତ ହୋଇଛି ।

ଉ. ୧୯୯୨ମସିହାରୁ ଭାରତରେ ଜାତୀୟ ମହିଳା ଆୟୋଗ ଗଠିତ ହୋଇଛି ।

ପ୍ର.୯. ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଚିପକୋ ଆନ୍ଦୋଳନର ନେତୃତ୍ୱ ଅମିତ୍ରା ଦେବୀ ନେଇଥିଲେ ।

ଉ. ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଚିପକୋ ଆନ୍ଦୋଳନର ନେତୃତ୍ୱ ସୁନ୍ଦରଲାଲ ବହୁଗୁଣା ନେଇଥିଲେ ।

ପ୍ର.୧୦.ନର୍ମଦା ଉପତ୍ୟାକାର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପରିବେଶ ଆନ୍ଦୋଳନ 'ନର୍ମଦା ଆନ୍ଦୋଳନ'ର ନେତୃତ୍ୱ ସୁନ୍ଦରଲାଲ ବହୁଗୁଣା ନେଇଥିଲେ ।

ଉ. .ନର୍ମଦା ଉପତ୍ୟାକାର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପରିବେଶ ଆନ୍ଦୋଳନ 'ନର୍ମଦା ଆନ୍ଦୋଳନ'ର ନେତୃତ୍ୱ ମେଧା ପାଟେକର୍ ନେଇଥିଲେ ।

ପ୍ର.୧୧.ଓଡ଼ିଶାରେ 'ବାଲକୋ ହଟାଓ, ଗନ୍ଧମାର୍ଦ୍ଦନ ବଚାଓ' ପରିବେଶ ଆନ୍ଦୋଳନର ନେତୃତ୍ୱ ସୁନ୍ଦରଲାଲ ବହୁଗୁଣା ନେଇଥିଲେ ।

ଉ. .ଓଡ଼ିଶାରେ 'ବାଲକୋ ହଟାଓ, ଗନ୍ଧମାର୍ଦ୍ଦନ ବଚାଓ' ପରିବେଶ ଆନ୍ଦୋଳନର ନେତୃତ୍ୱ ଭାବନୀ ଶଙ୍କର ହୋତା ନେଇଥିଲେ ।

ପ୍ର.୧୨.ଚିଲିକାକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଂଗଠିତ ଆନ୍ଦୋଳନର ନେତୃତ୍ୱ ମେଧା ପାଟେକର ନେଇଥିଲେ ।

ଉ. .ଚିଲିକାକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଂଗଠିତ ଆନ୍ଦୋଳନର ନେତୃତ୍ୱ ବାଙ୍କ ବିହାରୀ ଦାସ ନେଇଥିଲେ ।

ପ୍ର.୧୩.ଭାରତ ସରକାର ୧୯୮୭ ମସିହାରୁ ଜଙ୍ଗଲ ସଂରକ୍ଷଣ ଆଇନ ପ୍ରଣୟନ କରିଛନ୍ତି ।

ଉ. ଭାରତ ସରକାର ୧୯୮୦ ମସିହାରୁ ଜଙ୍ଗଲ ସଂରକ୍ଷଣ ଆଇନ ପ୍ରଣୟନ କରିଛନ୍ତି ।

ପ୍ର.୧୪.ପୋସ୍କୋ ବିରୋଧୀ ଆନ୍ଦୋଳନର ମୁଖ୍ୟ ନେତୃତ୍ୱ ଅକ୍ଷୟ ସାହୁ ଦେଇଥିଲେ ।

ଉ. ପୋସ୍କୋ ବିରୋଧୀ ଆନ୍ଦୋଳନର ମୁଖ୍ୟ ନେତୃତ୍ୱ ଅଭୟ ସାହୁ ଦେଇଥିଲେ ।

ପ୍ର.୧୫. ବୈତରଣୀ ନଦୀ ଉପରେ ନିର୍ମିତ ହିରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନାରେ କ୍ଷତିଗ୍ରସ୍ତ ସ୍ଥାନୀୟ ବାସିନ୍ଦା ବିସ୍ଥାପନ ବିରୋଧୀ ଆନ୍ଦୋଳନରେ ସାମିଲ ଅଛନ୍ତି ।

ଉ. ମହାନଦୀ ଉପରେ ନିର୍ମିତ ହିରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନାରେ କ୍ଷତିଗ୍ରସ୍ତ ସ୍ଥାନୀୟ ବାସିନ୍ଦା ବିସ୍ଥାପନ ବିରୋଧୀ ଆନ୍ଦୋଳନରେ ସାମିଲ ଅଛନ୍ତି ।

ପ୍ର.୧୬.ସିଙ୍ଗୁର ଜମି ଗ୍ରହଣକୁ ବିରୋଧ କରି ଏକ ବିସ୍ଥାପନ ବିରୋଧୀ ଆନ୍ଦୋଳନର ନେତୃତ୍ୱ ସୁଷମା ସ୍ୱରାଜ ନେଇଥିଲେ ।

ଉ. ସିଙ୍ଗୁର ଜମି ଗ୍ରହଣକୁ ବିରୋଧ କରି ଏକ ବିସ୍ଥାପନ ବିରୋଧୀ ଆନ୍ଦୋଳନର ନେତୃତ୍ୱ ତୃଣମୂଳ କଂଗ୍ରେସ ନେତ୍ରୀ ସୁଶ୍ରୀ ମମତା ବାନାର୍ଜୀ ନେଇଥିଲେ

ପ୍ର.୧୭.ଓଡ଼ିଶାର ସଙ୍କିଁଡଲା ଠାରେ କ୍ଷେପଣାସ୍ତ୍ର ଘାଟିକୁ ବିରୋଧ କରି ବିସ୍ଥାପନ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା ।

ଉ. .ଓଡ଼ିଶାର ବାଲିଆପାଲଠାରେ କ୍ଷେପଣାସ୍ତ୍ର ଘାଟିକୁ ବିରୋଧ କରି ବିସ୍ଥାପନ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା ।

ପ୍ର.୧୮.ବିଶ୍ନୋଇ ପରିବେଶ ସୁରକ୍ଷା ଆନ୍ଦୋଳନରେ ମେନେକା ଗାନ୍ଧୀ ନାମକ ଜଣେ ମହିଳା ନେତୃତ୍ୱ ନେଇଥିଲେ ।

ଉ. ବିଶ୍ନୋଇ ପରିବେଶ ସୁରକ୍ଷା ଆନ୍ଦୋଳନରେ ଅମ୍ରିତା ଦେବୀ ନାମକ ଜଣେ ମହିଳା ନେତୃତ୍ୱ ନେଇଥିଲେ ।

## ସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

### A. ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ପ୍ରଦାନ କର(Answer in two or three sentences)

**ପ୍ର.୧. ପରିବେଶ କହିଲେ କ'ଣ ବୁଝ ?**

ଉ. ଆମ ଚତୁର୍ଦ୍ଦିଗରେ ଥିବା ଜଳ, ବାୟୁ, ମୃତ୍ତିକା, ଉଦ୍ଭିଦ, ପ୍ରାଣୀ ଓ ଅଣୁଜୀବମାନଙ୍କର ସମାହାର ହେଉଛି ପରିବେଶ । ଆଲୋକ, ଉତ୍ତାପ, ପାଣି, ପବନ, ମୃତ୍ତିକା ଇତ୍ୟାଦି ସମସ୍ତ ଉପାଦାନକୁ ନେଇ ପରିବେଶ ଗଠିତ ।

**ପ୍ର.୨. ମହିଳା ବା ନାରୀ ଆନ୍ଦୋଳନର ଦୁଇଟି ଲକ୍ଷ୍ୟ କ'ଣ ?**

ଉ. ମହିଳା ବା ନାରୀ ଆନ୍ଦୋଳନର ଦୁଇଟି ପ୍ରମୁଖ ଲକ୍ଷ୍ୟ ହେଲା :

(୧) ପୁରୁଷମାନଙ୍କ ପରି ମହିଳାମାନଙ୍କୁ ସମାନ ଅଧିକାର ଓ ମର୍ଯ୍ୟାଦା ପ୍ରଦାନ ।

(୨) ସମାଜରୁ ନାରୀ ନିର୍ଯ୍ୟାତନାର ବିଲୋପସାଧନ ।

**ପ୍ର.୩. ଭାରତୀୟ ନାରୀମାନଙ୍କର ଅଧିକାରର ସୁରକ୍ଷା ପାଇଁ ପ୍ରକାଶିତ କେତୋଟି ପତ୍ରିକାର ନାମ କ'ଣ ?**

ଉ. ଭାରତୀ ନାରୀମାନଙ୍କର ଅଧିକାରର ସୁରକ୍ଷା ପାଇଁ ପ୍ରକାଶିତ ପତ୍ରିକାମାନ ହେଲା, ମାନୁଷୀ (ଇଂରେଜୀ), ଅହଲ୍ୟା, ନାରୀସ୍ୱର, ସ୍ତ୍ରୀ ସଂଘର୍ଷ ଇତ୍ୟାଦି ।

**ପ୍ର.୪. ବିଂଶ ଶତାବ୍ଦୀର ଶେଷଭାଗରେ ସଂଗଠିତ ନାରୀ ଆନ୍ଦୋଳନର ଲକ୍ଷ୍ୟ କ'ଣ ଥିଲା ?**

ଉ. ବିଂଶ ଶତାବ୍ଦୀର ଶେଷଭାଗରେ ସଂଗଠିତ ନାରୀ ଆନ୍ଦୋଳନର ଲକ୍ଷ୍ୟ ଥିଲା ସମାଜରେ ନାରୀକୁ ସାମାଜିକ ଓ ଆର୍ଥିକ ନିରାପତ୍ତା ପ୍ରଦାନ କରିବା । ଏହା ସତୀ, ଧର୍ଷଣ, ଯୌତୁକ ନିର୍ଯ୍ୟାତନା, ବଧୂହତ୍ୟା, କନ୍ୟାଭ୍ରୁଣ ହତ୍ୟା ବିରୋଧରେ ସଂଗ୍ରାମ କରୁଥିଲା ।

**ପ୍ର.୫. ପରିବେଶ ସୁରକ୍ଷା ଆନ୍ଦୋଳନର ଲକ୍ଷ୍ୟ କ'ଣ ?**

ଉ. ମାନବଜାତିର ସ୍ଥିତି ଓ ପରିବେଶ ସଂରକ୍ଷଣ ପରସ୍ପର ସହ ଜଡ଼ିତ ଅଟନ୍ତି । ପ୍ରାକୃତିକ ସମ୍ବଳର ମାନବୋଚିତ ଯୁକ୍ତିଯୁକ୍ତ ଉପଯୋଗ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ପରିବେଶ ସୁରକ୍ଷାପାଇଁ ଅନେକ ଆନ୍ଦୋଳନ ହୋଇଥାଏ । ଅର୍ଥାତ୍ ଧାରଣୀୟ ବିକାଶ ହେଉଛି ଏହି ଆନ୍ଦୋଳନର ଲକ୍ଷ୍ୟ ।

**ପ୍ର.୬. 'ଧରିତ୍ରୀ ଶିଖର ସମ୍ମିଳନୀ' (Earth Summit) ର ଗୁରୁତ୍ୱ କ'ଣ ?**

ଉ. ପରିବେଶ ଓ ଉନ୍ନୟନ ସମ୍ପର୍କୀୟ ଜାତିସଂଘର ସମ୍ମିଳନୀ 'ଧରିତ୍ରୀ ସମ୍ମିଳନୀ' ନାମରେ ପରିଚିତ । ଏହି ସମ୍ମିଳନୀ ୧୯୯୨ ମସିହା ଜୁନ ୩ ରୁ ୧୪ ତାରିଖ ପର୍ଯ୍ୟନ୍ତ ବ୍ରାଜିଲର ରିଓଡ଼ି ଜେନେରିଓଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପରିବେଶ ସୁରକ୍ଷା ସମ୍ପର୍କୀତ ୨୧ଟି କାର୍ଯ୍ୟସୂଚୀ ଗୃହୀତ ହୋଇଥିଲା ।

**ପ୍ର.୭. ବିସ୍ଥାପନ ବିରୋଧୀ ଆନ୍ଦୋଳନର କାରଣମାନ କ'ଣ ?**

ଉ. ବିସ୍ଥାପନ ବିରୋଧୀ ଆନ୍ଦୋଳନର ମୁଖ୍ୟ କାରଣମାନ ହେଲା :

(୧) ବିସ୍ଥାପିତ ହେବାକୁ ଥିବା ଜନସାଧାରଣଙ୍କ ଜୀବିକା ଓ ବାସସ୍ଥାନ ହରାଇବା ଆଶଙ୍କା ।

(୨) ସଂସ୍କୃତି ଅବକ୍ଷୟର ସମ୍ଭାବନା ।

(୩) ଉପଯୁକ୍ତ ଥଇଥାନ ବ୍ୟବସ୍ଥାର ଅଭାବ ।

**ପ୍ର.୮. ବିସ୍ଥାପନ ବିରୋଧୀ ଆନ୍ଦୋଳନକୁ କାହିଁକି ସମାଲୋଚନା କରାଯାଇଥାଏ ?**

ଉ. ନିମ୍ନଲିଖିତ କାରଣ ଯୋଗୁ ବିସ୍ଥାପନ ବିରୋଧୀ ଆନ୍ଦୋଳନକୁ ସମାଲୋଚନା କରାଯାଇଥାଏ ।

(୧) ବିକାଶ ପାଇଁ ବିସ୍ଥାପନ ଏକ ସାଧାରଣ ଘଟଣା, ଏହାକୁ ବିରୋଧ କରାଯିବା ଅନୁଚିତ ।

(୨) ଶିଳ୍ପାୟନ ଓ ନଦୀବନ୍ଧ ଯୋଜନା ନ ହେଲେ ବିକାଶ ହେବନାହିଁ । ଏଥିପାଇଁ ବିସ୍ଥାପନ ଅପରିହାର୍ଯ୍ୟ ।

(୩) ଶିଳ୍ପର ପ୍ରସାର ନହେଲେ ଆର୍ଥିକ ବିକାଶ ସମ୍ଭବ ନୁହେଁ ।

# ଦ୍ୱିତୀୟ ଭାଗ
# (PART–B)
# ସାଂପ୍ରତିକ ବିଶ୍ୱ ରାଜନୀତି
# [ CONTEMPORARY IN WORLD POLITICS ]

## ବିଶ୍ୱ ରାଜନୀତିରେ ଭାରତ
## [ INDIA IN WORLD POLITICS ]

**4**
**UNIT**

ସପ୍ତମ ଅଧ୍ୟାୟ

## ଭାରତର ବୈଦେଶିକ ନୀତି
## [ INDIAN FOREIGN POLICY ]

**ମୌଳିକ ବୈଶିଷ୍ଟ୍ୟ, ପଡୋଶୀ ରାଷ୍ଟ୍ର ସହିତ ଭାରତର ସଂପର୍କ–ଚୀନ ଓ ପାକିସ୍ତାନ**
**Basic Features, India and its Neighbours–China and Pakistan**

## A. ନିମ୍ନଲିଖିତ ମଧ୍ୟରୁ ସଠିକ୍ ବିକଳ୍ପଟି ଉତ୍ତର ବାଛି ଲେଖ (Multiple Choice Questions)

ପ୍ର.୧. ସମ୍ବିଧାନର କେଉଁ ଧାରାରେ ଭାରତର ବୈଦେଶିକ ନୀତି ବର୍ଣ୍ଣିତ ?

(କ) ଧାରା ୪୫
(ଖ) ଧାରା ୪୮
(ଗ) ଧାରା ୫୧
(ଘ) ଧାରା ୫୨

ଉ. ଧାରା ୫୧

ପ୍ର.୨. ପଞ୍ଚଶୀଳ ନୀତିର ପ୍ରବକ୍ତା କିଏ ?

(କ) ମହାତ୍ମାଗାନ୍ଧି
(ଖ) ଜବାହରଲାଲ ନେହେରୁ
(ଗ) ଲାଲବାହାଦୁର ଶାସ୍ତ୍ରୀ
(ଘ) ଇନ୍ଦିରା ଗାନ୍ଧି

ଉ. ଜବାହରଲାଲ ନେହେରୁ ୧୯୫୪ , ୧୯୫୬ ,oct 2 – [illegible]

ପ୍ର.୩. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସାର୍କ (SAARC) ରାଷ୍ଟ୍ର ନୁହେଁ ?

(କ) ଭାରତ
(ଖ) ନେପାଳ
(ଗ) ଭୁଟାନ
(ଘ) ଥାଇଲାଣ୍ଡ

ଉ. ଥାଇଲାଣ୍ଡ

ପ୍ର.୪. ନିମ୍ନୋକ୍ତ ମଧ୍ୟରୁ ଭାରତର କେଉଁ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ମୁକ୍ତ ସୀମାରେଖା ରହିଅଛି ?

(କ) ପାକିସ୍ତାନ
(ଖ) ଚୀନ
(ଗ) ନେପାଳ
(ଘ) ବଙ୍ଗଳାଦେଶ

ଉ. ନେପାଳ

ପ୍ର.୫. କାଶ୍ମୀରକୁ ନେଇ ଭାରତ ଓ କେଉଁ ଦେଶ ମଧ୍ୟରେ ସୀମା ବିବାଦ ରହିଅଛି ?

(କ) ଚୀନ
(ଖ) ପାକିସ୍ତାନ
(ଗ) ବଙ୍ଗଳାଦେଶ
(ଘ) ନେପାଳ

ଉ. ପାକିସ୍ତାନ

ପ୍ର.୬. ତିବ୍ବତ ଅଞ୍ଚଳକୁ ନେଇ ଭାରତ ଓ କେଉଁ ପଡ଼ୋଶୀ ରାଷ୍ଟ୍ରମଧ୍ୟରେ ବିବାଦ ଦେଖାଯାଉଛି ?

(କ) ଚୀନ
(ଖ) ପାକିସ୍ତାନ
(ଗ) ଶ୍ରୀଲଙ୍କା
(ଘ) ବଙ୍ଗଳାଦେଶ

ଉ. ଚୀନ

ପ୍ର.୭. କେଉଁ ମସିହାରେ ସିନ୍ଧୁନଦୀ ଜଳ ବଣ୍ଟନକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?

(କ) ୧୯୫୨
(ଖ) ୧୯୫୬
(ଗ) ୧୯୮୫
(ଘ) ୧୯୬୦

ଉ. ୧୯୬୦

ପ୍ର.୮. କେଉଁ ମସିହାରେ ପାକିସ୍ଥାନ ପ୍ରଥମେ ଭାରତ ଆକ୍ରମଣ କରିଥିଲା ?

(କ) ୧୯୬୨ (ଖ) ୧୯୬୫
(ଗ) ୧୯୬୬ (ଘ) ୧୯୭୦

ଉ. ୧୯୬୫

ପ୍ର.୯. ତାସକେଣ୍ଟ ରାଜିନାମା କେଉଁ ମସିହାରେ ସ୍ୱାକ୍ଷରିତ ହୋଇଥିଲା ?

(କ) ୧୯୬୨ (ଖ) ୧୯୬୫
(ଗ) ୧୯୬୬ (ଘ) ୧୯୭୦

ଉ. ୧୯୬୬ Jan 10

ପ୍ର.୧୦. କେଉଁ ମସିହାରେ ପାକିସ୍ତାନ ଦ୍ୱିତୀୟଥର ଭାରତ ପ୍ରାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା ?

(କ) ୧୯୬୫ (ଖ) ୧୯୭୧
(ଗ) ୧୯୭୮ (ଘ) ୧୯୮୦

ଉ. ୧୯୭୧

ପ୍ର.୧୧.ସିମଲା ରାଜିନାମା କେବେ ସ୍ୱାକ୍ଷରିତ ହୋଇଥିଲା ? 1972

(କ) ୧୯୭୦ ମସିହାରେ (ଖ) ୧୯୭୨ ମସିହାରେ
(ଗ) ୧୯୭୫ ମସିହାରେ (ଘ) ୧୯୯୦ ମସିହାରେ

ଉ. ୧୯୭୨ ମସିହାରେ July 02

ପ୍ର.୧୨.ନିମ୍ନୋକ୍ତ କାହା ମଧ୍ୟରେ ସିମଲା ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?

(କ) ଭାରତ-ଚୀନ (ଖ) ଭାରତ-ଶ୍ରୀଲଙ୍କା
(ଗ) ଭାରତ-ବଙ୍ଗଳାଦେଶ (ଘ) ଭାରତ-ପାକିସ୍ତାନ

ଉ. ଭାରତ-ପାକିସ୍ତାନ – ଇନ୍ଦିରା ଗାନ୍ଧୀ

ପ୍ର.୧୩.ସିମିଲା ରାଜିନାମାରେ କେଉଁ ଭାରତୀୟ ପ୍ରଧାନମନ୍ତ୍ରୀ ସ୍ୱାକ୍ଷରିତ କରିଥିଲେ ?

(କ) ପଣ୍ଡିତ ନେହେରୁ (ଖ) ଲାଲ ବାହାଦୂର ଶାସ୍ତ୍ରୀ
(ଗ) ରାଜୀବ ଗାନ୍ଧି (ଘ) ଶ୍ରୀମତୀ ଇନ୍ଦିରା ଗାନ୍ଧି

ଉ. ଶ୍ରୀମତୀ ଇନ୍ଦିରା ଗାନ୍ଧି

ପ୍ର.୧୪.କାର୍ଗିଲ ଯୁଦ୍ଧ କେଉଁ ମସିହାରେ ହୋଇଥିଲା ?

(କ) ୧୯୯୦ (ଖ) ୧୯୯୯
(ଗ) ୨୦୦୧ (ଘ) ୨୦୦୩

ଉ. ୧୯୯୯ – ଅଟଳ ବିହାରୀ ବାଜପେୟୀ

ପ୍ର.୧୫.ପଞ୍ଚଶୀଳନୀତିକୁ ଆଧାର କରି ନିମ୍ନୋକ୍ତ କେଉଁ ଦେଶ ସହିତ ଭାରତର ସଂପର୍କ ପ୍ରତିଷ୍ଠିତ ?

(କ) ପାକିସ୍ତାନ (ଖ) ଚୀନ
(ଗ) ନେପାଳ (ଘ) ଭୁଟାନ

ଉ. ଚୀନ

ପ୍ର.୧୬. ଭାରତର କେଉଁ ପ୍ରଧାନମନ୍ତ୍ରୀ ଦିଲ୍ଲୀରୁ ଲାହୋର ପର୍ଯ୍ୟନ୍ତ ବସ ଯାତ୍ରା କରିଥିଲେ ?

(କ) ରାଜୀବ ଗାନ୍ଧି (ଖ) ବିଶ୍ୱନାଥ ପ୍ରତାପ ସିଂହ
(ଗ) ଅଟଳବିହାରୀ ବାଜପେୟୀ (ଘ) ମନମୋହନ ସିଂହ

ଉ. ଅଟଳବିହାରୀ ବାଜପେୟୀ

ପ୍ର.୧୭. କେଉଁ ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତୀୟ ଶାନ୍ତିରକ୍ଷା ବାହିନୀ ଯାଇଥିଲା ?

(କ) ଶ୍ରୀଲଙ୍କା (ଖ) ଚୀନ

ପ୍ର.୯. ମୁଖ୍ୟତଃ କେଉଁ ବାଷ୍ପର ସବୁଜଗୃହ ଉପରେ ଅଧିକ ପ୍ରଭାବ ରହିଅଛି ?

ଉ. ଅଙ୍ଗାରକାମ୍ଳ

ପ୍ର.୧୦.ଆମେରିକାର ପୂର୍ବତନ ଉପ-ରାଷ୍ଟ୍ରପତି କିଏ ମାନବକୃତ ଜଳବାୟୁ ପରିବର୍ତ୍ତନ ଉପରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ପାଇଁ ନୋବେଲ ପୁରସ୍କାର ପାଇଥିଲେ ?

ଉ. ଶ୍ରୀ ଅଲଗୋରେ

ପ୍ର.୧୧.ମିଳିତ ଜାତିସଂଘର ଅନ୍ତଃସରକାରୀ ଜଳବାୟୁ ପରିବର୍ତ୍ତନ ବିଶାରଦ ଗୋଷ୍ଠୀଙ୍କ (IPCC) କେଉଁ ମସିହାରେ ଗଠିତ ହୋଇଥିଲା ?

ଉ. ୧୯୮୮

ପ୍ର.୧୨.IPCC ତା'ର ପ୍ରଥମ ରିପୋର୍ଟ କେଉଁ ମସିହାରେ ପ୍ରକାଶିତ କରିଥିଲେ ?

ଉ. ୧୯୯୦

ପ୍ର.୧୩. ୧୯୭୨ ମସିହା ଜୁନ୍ ମାସରେ କେଉଁ ଠାରେ ଅନୁଷ୍ଠିତ ମାନବ ପରିବେଶ ସମ୍ମିଳନୀକୁ ଆମ ପରିବେଶର 'ମାର୍ଗ୍ନାକାର୍ଟା'କୁହାଯାଏ ?

ଉ. ଷ୍ଟକ୍‌ହୋମ୍

୧୪. ୧୯୯୨ ମସିହାରେ ଧରିତ୍ରୀ ସମ୍ମିଳନୀ କେଉଁ ଠାରେ ଅନୁଷ୍ଠିତ ହୋଇଥିଲା ?

ଉ. ବ୍ରାଜିଲ ରାଜଧାନୀ ରିଓ ଡି ଜେନେରୋ ।

ପ୍ର.୧୫. କେଉଁ ମସିହାରେ ମିଳିତ ଜାତିସଂଘ ତରଫରୁ ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ପରିଷଦ ଗଠିତ ହୋଇଥିଲା ?

ଉ: ୧୯୪୮

ପ୍ର.୧୬. କେଉଁ ମସିହାରେ ବିଶ୍ୱ ବନ୍ୟଜନ୍ତୁ ପାଣ୍ଠି ଗଠିତ ହୋଇଥିଲା ?

ଉ. ୧୯୬୧ ।

ପ୍ର.୧୭.ମନୁଷ୍ୟ ଏବଂ ଜୈବମଣ୍ଡଳ ଗବେଷଣା ପ୍ରକଳ୍ପ କେଉଁ ମସିହାରେ ଗଠିତ ହୋଇଥିଲା ?

ଉ.୧୯୭୧

ପ୍ର.୧୮. କେଉଁ ମସିହାରେ ଡିସେମ୍ବର ମାସରେ ୨୧ ତାରିଖରେ ମିଳିତ ଜାତିସଂଘ ଅନୁକୂଳ୍ୟରେ ଜଳବାୟୁ ସନ୍ଧି ସ୍ବାକ୍ଷରିତ ହେଲା ?

ଉ. ୧୯୯୩

ପ୍ର.୧୯.ବିଶ୍ୱ ତାପାୟନ ଓ ତଦ୍‌ଜନିତ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ୨୦୦୯ ମସିହାରେ କେଉଁ ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ?

ଉ. କୋପେନ୍‌ହାଗେନ୍

ପ୍ର.୨୦.ବିଶ୍ୱତାପାୟାନ ଓ ଜଳବାୟୁ ପରିବର୍ତ୍ତନ ପାଇଁ କେଉଁ ଗ୍ୟାସ ମୁଖ୍ୟତଃ ଦାୟୀ ?

ଉ. ଅଙ୍ଗାରକାମ୍ଳ

ପ୍ର.୨୧. କିଏ ହେଉଛି ପ୍ରାକୃତିକ ସବୁଜ ଘର ?

ଉ. ପୃଥିବୀ

ପ୍ର.୨୨. କେଉଁ ବାଷ୍ପ ଆକାରରେ ଥାଇ ମଧ୍ୟ ପୃଥିବୀକୁ ଉଷ୍ମ ରଖିଥାଏ ?

ଉ. ଅଙ୍ଗାରକାମ୍ଳ

## D. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର (Answer in one Sentence)

ପ୍ର.୧. ପ୍ରାକୃତିକ ସମ୍ପଦ କ'ଣ ?

ଉ. ପ୍ରାକୃତି ଦ୍ୱାରା ପ୍ରଦତ୍ତ ମନୁଷ୍ୟର ଦୈନନ୍ଦିନ ବ୍ୟବହାର ଉପଯୋଗୀ ଜିନିଷକୁ ପ୍ରାକୃତିକ ସମ୍ପଦ କୁହାଯାଏ ।

ପ୍ର.୨. ନବୀକରଣ ଯୋଗ୍ୟ ବା ଅସରନ୍ତି ପ୍ରାକୃତିକ ସମ୍ପଦ କାହାକୁ କହନ୍ତି ?

ଉ. ଯେଉଁ ପ୍ରାକୃତିକ ସମ୍ପଦକୁ ବାରମ୍ବାର ବ୍ୟବହର କଲେ ମଧ୍ୟ ତାହାର ସଂପୂର୍ଣ୍ଣ ବିଳୟ ହୋଇନଥାଏ, ତାହାକୁ ନବୀକରଣ ଯୋଗ୍ୟ ଓ ଅସରନ୍ତି ପ୍ରାକୃତିକ ସମ୍ପଦ କୁହଯାଏ

ପ୍ର.୩. ସରନ୍ତି ବା ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ପଦ କ'ଣ ?

ଉ. ଯେଉଁ ପ୍ରାକୃତିକ ସମ୍ପଦର ବାରମ୍ବାର ବ୍ୟବହାର ଦ୍ୱାରା ତାହାର ସମାପ୍ତି ବା ବିଳୟ ହୋଇଥାଏ, ତାହାକୁ ସରନ୍ତି ବା ନବୀକରଣ ଅଯୋଗ୍ୟ ପ୍ରାକୃତିକ ସଂସଦ କୁହାଯାଏ ।

ପ୍ର.୪. ପାଣିପାଗ (Weather) କହିଲେ କ'ଣ ବୁଝ ?

ଉ. କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ୱଳ୍ପ ସମୟ ମଧ୍ୟରେ ବାୟୁମଣ୍ଡଳର ପରିବର୍ତ୍ତିତ ଅବସ୍ଥାକୁ ପାଣିପାଗ କୁହାଯାଏ ।

ପ୍ର.୫. ଜଳବାୟୁ କହିଲେ କ'ଣ ବୁଝ ?

ଉ. କୌଣସି ଅଞ୍ଚଳର ୨୦ ବର୍ଷର ପାଣିପାଗର ହାରାହାରି ଅବସ୍ଥାକୁ ଜଳବାୟୁ କୁହାଯାଏ ।

ପ୍ର.୬. ବିଶ୍ୱ ତାପାୟନ ବା ବିଶ୍ୱ ଉଷ୍ମତା ବୃଦ୍ଧି (Global Warming) କାହାକୁ କୁହନ୍ତି ?

ଉ. ପୃଥିବୀ ପୃଷ୍ଠରେ ହାରାହାରି ତାପମାତ୍ରାରେ ଅଭିବୃଦ୍ଧିକୁ ବିଶ୍ୱତାପାୟନ ବା ଗ୍ଲୋବାଲ୍ ୱାର୍ମିଂ କୁହଯାଏ ।

ପ୍ର.୭. ସବୁଜଗୃହ (Green House) କାହାକୁ କହନ୍ତି ?

ଉ. ସବୁଜଗୃହରେ ଏକ କାଚ ନିର୍ମିତ ଘର ଯେଉଁଠାରେ ସାଧାରଣତଃ ଉଦ୍ଭିଦମାନ ଲଗାଯାଇ ପରୀକ୍ଷା କରାଯାଇଥାଏ । ପୃଥିବୀକୁ ଏକ ପ୍ରାକୃତିକ ସବୁଜଗୃହ କୁହାଯାଏ ।

**ପ୍ର.୮. ଧରିତ୍ରୀ ସମ୍ମିଳନୀ - ୧୯୯୨ କେଉଁଠାରେ ହୋଇଥିଲା ?**

ଉ. ଧରିତ୍ରୀ ସମ୍ମିଳନର- ୧୯୯୨ ରିଓଡ଼ି ଜେନେରୋଠାରେ ଅନୁଷ୍ଠିତ ହୋଇଥିଲା ।

**ପ୍ର.୯. I.P.C.C. ର ପୂରାନାମ କ'ଣ ?**

ଉ. I.P.C.C. ର ପୂରାନାମ ହେଉଛି Intergovernmental Panal on Climate Change ବା ଆନ୍ତଃସରକାରୀ ଜଳବାୟୁ ପରିବର୍ତ୍ତନ ବିଶାରଦଗୋଷ୍ଠୀ ।

**ପ୍ର.୧୦. ସମୁଦ୍ରପତନ ବୃଦ୍ଧିର ମୁଖ୍ୟ କାରଣ କ'ଣ ?**

ଉ. ସମୁଦ୍ର ପତନ ବୃଦ୍ଧିର ମୁଖ୍ୟ କାରଣ ହେଉଛି ବିଶ୍ୱତାପାୟନ ଯୋଗୁ ମେରୁଅଞ୍ଚଳରେ ବରଫ ତରଳିବା ।

## E. ଭ୍ରମ ସଂଶୋଧନ କର (Correct the Sentences)

**ପ୍ର.୧. ଅମ୍ଳଜାନ ମୁଖ୍ୟ ସବୁଜଗୃହ ପ୍ରଭାବ ସୃଷ୍ଟିକାରୀ ବାଷ୍ପ ।**

ଉ. ଅଙ୍ଗାରକାମ୍ଳ ମୁଖ୍ୟ ସବୁଜଗୃହ ପ୍ରଭାବ ସୃଷ୍ଟିକାରୀ ବାଷ୍ପ ।

**ପ୍ର.୨. ଚନ୍ଦ୍ର ହେଉଛି ପ୍ରାକୃତିକ ସବୁଜ ଗୃହ ।**

ଉ. ପୃଥିବୀ ହେଉଛି ପ୍ରାକୃତିକ ସବୁଜ ଗୃହ ।

**ପ୍ର.୩. ବାୟୁ ପ୍ରାକୃତିକ ସମ୍ପଦ ନୁହେଁ ।**

ଉ. କୋଠାବାଡି ପ୍ରାକୃତିକ ସମ୍ପଦ ନୁହେଁ ।

**ପ୍ର.୪. ସୌରଶକ୍ତି ନବୀକରଣ ଯୋଗ୍ୟ ସମ୍ପଦ ନୁହେଁ ।**

ଉ. କୋଇଲା ନବୀକରଣ ଯୋଗ୍ୟ ସମ୍ପଦ ନୁହେଁ ।

**ପ୍ର.୩. କୋଇଲା ନବୀକରଣ ଅଯୋଗ୍ୟ ସମ୍ପଦ ନୁହେଁ ?**

ଉ. ଜଳ ନବୀକରଣ ଅଯୋଗ୍ୟ ସମ୍ପଦ ନୁହେଁ ।

**ପ୍ର.୪. କାଳକାରଖାନା ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରେ ନାହିଁ ।**

ଉ. ହିମସ୍ରୋତ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରେ ।

**ପ୍ର.୫. ସାମୁଦ୍ରିକ ବରଫ ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ ।**

ଉ. ସାମୁଦ୍ରିକ ବରଫ କାଳକାରଖାନା ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରେ ନାହିଁ ।

**ପ୍ର.୬. ସବୁଜଗୃହରେ ଅମ୍ଳଜାନ ଗ୍ୟାସ ଅଛି।।**

ଉ. ସବୁଜଗୃହରେ ଅମ୍ଳଜାନ ଗ୍ୟାସ ନାହିଁ।

**ପ୍ର.୭. ହିମସ୍ରୋତ ଜଳବାୟୁ ପରିବର୍ତ୍ତନର କାରଣ ଅଟେ।**

ଉ. ବିଶ୍ୱ ଉଷ୍ଣତା ବୃଦ୍ଧି ଜଳବାୟୁ ପରିବର୍ତ୍ତନର କାରଣ ଅଟେ।

**ପ୍ର.୮. ଯବକ୍ଷାରଜାନ ଚକ୍ର ବିଶ୍ୱତାପମାତ୍ରା ବୃଦ୍ଧିର କାରଣ ଅଟେ ।**

ଉ. ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି ର କାରଣ ଅଟେ ।

**ପ୍ର.୧୧. ୧୯୫୦ ମସିହାରେ ମିଳିତ ଜାତିସଂଘ ତରଫରୁ ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ପରିଷଦ ଗଠିତ ହୋଇଥିଲା ?**

ଉ. ୧୯୪୮ ମସିହାରେ ମିଳିତ ଜାତିସଂଘ ତରଫରୁ ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ପରିଷଦ ଗଠିତ ହୋଇଥିଲା ।

**ପ୍ର.୧୨.୧୯୫୦ ମସିହାରେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ସଦୁପଯୋଗ ପାଇଁ ମିଳିତ ଜାତିସଂଘ ବୈଜ୍ଞାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।**

ଉ. ୧୯୪୯ ମସିହାରେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ସଦୁପଯୋଗ ପାଇଁ ମିଳିତ ଜାତିସଂଘ ବୈଜ୍ଞାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ପ୍ର.୧୩. ୧୯୫୨ ମସିହାରେ ଜୁନ୍ ମାସ ୫ ତାରିଖରେ ୧୭ ତାରିଖ ମଧ୍ୟ ଷ୍ଟକହୋମ୍‌ଠାରେ ମାନବ ପରିବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ଉ. ୧୯୭୨ ମସିହାରେ ଜୁନ୍ ମାସ ୫ ତାରିଖରେ ୧୭ ତାରିଖ ମଧ୍ୟ ଷ୍ଟକହୋମ୍‌ଠାରେ ମାନବ ପରିବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ପ୍ର.୧୪.୧୯୮୭ ମସିହାରେ ଓଜନ ସ୍ତରର ସୁରକ୍ଷା ସମ୍ପର୍କରେ ଭିଏନା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

ଉ. ୧୯୮୫ ମସିହାରେ ଓଜନ ସ୍ତରର ସୁରକ୍ଷା ସମ୍ପର୍କରେ ଭିଏନା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

ପ୍ର.୧୫. ମଣ୍ଟ୍ରିଲ ରାଜିନାମା ୧୯୮୦ ମସିହାରେ ସ୍ୱାକ୍ଷରିତ ହୋଇଥିଲା ।

ଉ. ମଣ୍ଟ୍ରିଲ ରାଜିନାମା ୧୯୮୭ ମସିହାରେ ସ୍ୱାକ୍ଷରିତ ହୋଇଥିଲା ।

ପ୍ର.୧୬. 'ଧରିତ୍ରୀ ସମ୍ମିଳନୀ - ୧୯୯୨' ପ୍ୟାରିସ୍ ଠାରେ ଅନୁଷ୍ଠିତ ହୋଇଥିଲା ।

ଉ. 'ଧରିତ୍ରୀ ସମ୍ମିଳନୀ - ୧୯୯୨' ରିଓଡ଼ି ଜେନେରୋ ଠାରେ ଅନୁଷ୍ଠିତ ହୋଇଥିଲା ।

ପ୍ର.୧୭.୧୯୯୨ ମସିହାରୁ ଭାରତରେ ଜାତୀୟ ପରିବେଶ ସଚେତନତା କାର୍ଯ୍ୟକ୍ରମ ଚାଲୁଅଛି ।

ଉ. ୧୯୮୬ ମସିହାରୁ ଭାରତରେ ଜାତୀୟ ପରିବେଶ ସଚେତନତା କାର୍ଯ୍ୟକ୍ରମ ଚାଲୁଅଛି ।

## 'ଖ' ବିଭାଗ (Group–B)

### ସଂକ୍ଷିପ୍ତ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

### A. ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ପ୍ରଦାନ କର (Answer in two or three sentences)

**ପ୍ର.୧. ପ୍ରାକୃତିକ ସମ୍ପଦ କାହାକୁ କୁହନ୍ତି ?**

ଉ. ପ୍ରାକୃତିକ ସମ୍ପଦ କହିଲେ ପ୍ରକୃତିରେ ଦେଖାଯାଉଥିବା ବିଭିନ୍ନ ଜିନିଷକୁ ବୁଝାଏ, ଯାହା ମଣିଷର ଦୈନନ୍ଦିନ ବ୍ୟବହାରରେ ଆସିଥାଏ । ବାୟୁ, ବଣ, ଜଙ୍ଗଲ, ଜଳ, ମୃତ୍ତିକା, ବନ୍ୟଜନ୍ତୁ, ପଶୁପକ୍ଷୀ ଆଦିଙ୍କୁ ପ୍ରାକୃତିକ ସମ୍ପଦର ଆଖ୍ୟା ଦିଆଯାଇଅଛି । ପ୍ରାକୃତିକ ସମ୍ପଦକୁ ସାଧାରଣତଃ ଦୁଇ ପ୍ରକାରରେ ବିଭକ୍ତ କରାଯାଇପାରେ; ଜୀବନ୍ତ ସମ୍ପଦ (Living Resource) ଯାହା ବଣ, ଜଙ୍ଗଲ, ବନ୍ୟଜନ୍ତୁ ଇତ୍ୟାଦିକୁ ବୁଝାଇଥାଏ, ସେହିପରି ଅନ୍ୟଟି ହେଲା ଅଜୈବ ସମ୍ପଦ (Non living resource) ଯାହା ଜଳ, ବାୟୁ, ମୃତ୍ତିକା, ଖଣିଜ ଲବଣ ଇତ୍ୟାଦିକୁ ବୁଝାଇଥାଏ । ପ୍ରାକୃତିକ ସମ୍ପଦକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି ।

**ପ୍ର.୨. ନବୀକରଣ ଯୋଗ୍ୟ ପ୍ରାକୃତିକ ସମ୍ପଦ କ'ଣ ?**

ଉ. ଯେଉଁ ପ୍ରାକୃତିକ ସମ୍ପଦକୁ ବାରମ୍ବାର ବ୍ୟବହାର କଲେ ମଧ୍ୟ ତାହାର ସମ୍ପୂର୍ଣ୍ଣ ବିଲୟ ହୋଇ ନଥାଏ, ତାହାକୁ ନବୀକରଣଯୋଗ୍ୟ ସମ୍ପଦ କୁହାଯାଏ ଜଳ, ବାୟୁ, ମୃତ୍ତିକା ଆଦି ପ୍ରାକୃତିକ ଉପାୟରେ କ୍ଷୟ ହେଉଥିଲେ ମଧ୍ୟ ଏହା ପ୍ରାକୃତିକ ଉପାୟରେ ଏହାର ପୂର୍ବସ୍ଥିତିକୁ ଫେରି ଆସିଥାଏ । ସେହିପରି ସୌରଶକ୍ତି, ତାପଜଶକ୍ତି, ବିଦ୍ୟୁତ୍ ଶକ୍ତି ଆଦି ନବୀକରଣଯୋଗ୍ୟ ସମ୍ପଦ ।

**ପ୍ର.୩. ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ପଦ କ'ଣ ?**

ଉ. ଯେଉଁ ପ୍ରାକୃତିକ ସମ୍ପଦର ବାରମ୍ବାର ବ୍ୟବହାର ଦ୍ୱାରା ଏହାର ବିଲୟ ସମ୍ପୂର୍ଣ୍ଣ ରୂପେ ହୋଇଥାଏ, ତାହାକୁ ନବୀକରଣ ଅଯୋଗ୍ୟ ସମ୍ପଦ କୁହାଯାଏ । ଏହି ପ୍ରାକୃତିକ ସମ୍ପଦଗୁଡ଼ିକ ବିଭିନ୍ନ ଚକ୍ର ପ୍ରକ୍ରିୟା ଦ୍ୱାରା ପ୍ରକୃତିରେ ପୁନର୍ବାର ଭରଣା ହୋଇପାରେ ନାହିଁ । ବିଭିନ୍ନ ଖଣିଜ ପଦାର୍ଥ, କୋଇଲା, ପେଟ୍ରୋଲିୟମ୍, ଲୁହା ପଥର, ସୁନା, ଶିସା ତମ୍ବା ଆଦି ଏହି ଶ୍ରେଣୀର ସମ୍ପଦ ।

ପ୍ର.୪. ସରନ୍ତି ପ୍ରାକୃତିକ ସମ୍ପଦ କ'ଣ ?

ଉ. ଯେଉଁ ପ୍ରାକୃତିକ ସମ୍ପଦର ବହୁଳ ବ୍ୟବହାର ଦ୍ୱାରା ଏହାର ବିଲୟ ଘଟିଥାଏ, ଏହାକୁ ସରନ୍ତି ସମ୍ପଦ କୁହାଯାଏ । ମନୁଷ୍ୟ ଏହି ସମ୍ପଦର ବହୁଳ ବ୍ୟବହାର କରି ଏହାର ବିଲୟ ଘଟୁଛି । ଯାନବାହନ ଓ କଳକାରଖାନା ଆଦିର ଦୃତ ବିକାଶ ଦ୍ୱାରା ଏହି ପ୍ରାକୃତିକ ସମ୍ପଦର ବିଲୟ ଘଟୁଛି । ବର୍ତ୍ତମାନ ପରିସ୍ଥିତିରେ ମନୁଷ୍ୟ ଏହା ହୃଦୟଙ୍ଗମ କରି ଏହି ସମ୍ପଦର ସୁରକ୍ଷା କରିବା ଆବଶ୍ୟକ ।

ପ୍ର.୫. ଅସରନ୍ତି ପ୍ରାକୃତିକ ସମ୍ପଦ କ'ଣ ?

ଉ. ଯେଉଁ ସମ୍ପଦଗୁଡ଼ିକର ମନୁଷ୍ୟ ସମାଜ ଦ୍ୱାରା ବହୁଳ ଭାବରେ ବ୍ୟବହାର ହେଲେ ମଧ୍ୟ ଉକ୍ତ ସମ୍ପଦଗୁଡ଼ିକ ବିଲୟ ହୋଇନଥାଏ ସେଗୁଡ଼ିକୁ ଅସରନ୍ତି ସମ୍ପଦ କୁହାଯାଏ । ଏହି ଅସରନ୍ତି ସମ୍ପଦଗୁଡ଼ିକ ନବୀକରଣଯୋଗ୍ୟ ସମ୍ପଦର ଅନ୍ତର୍ଭୁକ୍ତ। ସୌରରଶ୍ମି ବାୟୁ, ଆଣବିକ ଶକ୍ତି ଇତ୍ୟାଦି ଏହି ଶ୍ରେଣୀର ସମ୍ପଦ । ଏଗୁଡ଼ିକର ବାରମ୍ବାର ବ୍ୟବହାର ହେଲେ ମଧ୍ୟ ଏହାର ବିଲୟ ହୋଇନଥାଏ । ସମୁଦ୍ର ଲହଡ଼ି ମଧ୍ୟ ଏହି ଶ୍ରେଣୀର ସମ୍ପଦ ।

ପ୍ର.୬. ପାଣିପାଗ (Weather) କାହାକୁ କହନ୍ତି ।

ଉ. କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ୱଳ୍ପ ସମୟ ମଧ୍ୟରେ ବାୟୁମଣ୍ଡଳର ପରିବର୍ତ୍ତିତ ଅବସ୍ଥାକୁ ପାଣିପାଗ କରାଯାଏ। ଉତ୍ତାପ, ବୃଷ୍ଟିପାତ ଓ ଆର୍ଦ୍ରତା ଆଦି ପାଣିପାଗର ପରିମାପ ଅଟନ୍ତି ।

ପ୍ର.୭. ଜଳବାୟୁ (Climate) କାହାକୁ କହନ୍ତି ?

ଉ. କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନର ପାଣିପାଗର ହାରାହାରି ଅବସ୍ଥାକୁ ଜଳବାୟୁ କୁହାଯାଏ । ପ୍ରାୟତଃ୨୦ବର୍ଷ ବ୍ୟବଧାନରେ ଜଳବାୟୁ ନିର୍ଦ୍ଧାରଣ କରାଯାଇଥାଏ ।

ପ୍ର.୮. ସବୁଜ ଗୃହ କ'ଣ ?

ଉ. ସବୁଜଗୃହ ବା ଗ୍ରୀନ ହାଉସ୍ ହେଉଛି ଏକ କାଚ ନିର୍ମିତ ଘର ଯେଉଁଠାରେ ସାଧାରଣତଃ ଉଦ୍ଭିଦମାନ ଲଗାଯାଇ ପରୀକ୍ଷା କରାଯାଇଥାଏ । ପୃଥିବୀକୁ ଏକ ପ୍ରାକୃତିକ ସବୁଜଗୃହ କୁହାଯାଏ ।

ପ୍ର.୯. 'ସବୁଜ ଗୃହ'ପ୍ରଭାବ ସୃଷ୍ଟିକାରୀ ବାଷ୍ପଗୁଡ଼ିକ କ'ଣ ?

ଉ. ମୁଖ୍ୟତଃ ପାଞ୍ଚଟି ବାଷ୍ପର ସବୁଜଗୃହ ପ୍ରଭାବ ସୃଷ୍ଟିକାରୀ ଶକ୍ତି ରହିଛି । ସେଗୁଡ଼ିକ ହେଲା- ଅଙ୍ଗାରକାମ୍ଳ, ମିଥେନ, କ୍ଲୋରାଫ୍ଲୋରାକାର୍ବନ, ଭୂସ୍ତରୀୟ ଓଜୋନ ଏବଂ ନାଇଟ୍ରସ ଅକ୍ସାଇଡ୍ ।

ପ୍ର.୧୦.ବିଶ୍ୱ ତାପାୟନର ଦୁଇଟି ମୁଖ୍ୟଟି ପ୍ରଭାବ ଲେଖ ।

ଉ. ବିଶ୍ୱ ତାପାୟାନାରେ ଦୁଇଟି ମୁଖ୍ୟ ପ୍ରଭାବ ହେଲା:

(କ) ଜଳବାୟୁର ପରିବର୍ତ୍ତନ

(ଖ) ମେରୁ ଆଞ୍ଚଳିକରେ ବରଫ ତରଳିବା ।

ପ୍ର.୧୧.ଜଳବାୟୁର ପରିବର୍ତ୍ତନର ମୁଖ୍ୟ କାରଣମାନ କ'ଣ ?

ଉ. ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣମାନ ହେଲା

(କ) ବିଶ୍ୱତାପମାତ୍ରା ବୃଦ୍ଧି

(ଖ) ଯାନବାହନ ଚଳାଚଳ ଯୋଗୁଁ ବାୟୁମଣ୍ଡଳରେ ଯବକ୍ଷାରଜାନ ବୃଦ୍ଧି ।

ପ୍ର.୧୨. ଜଳବାୟୁର ପରବର୍ତ୍ତନର ଦୁଇଟି ମୁଖ୍ୟ ପ୍ରଭାବ କ'ଣ ?

ଉ. ଜଳବାୟୁ ପରିବର୍ତ୍ତନର ଦୁଇଟି ମୁଖ୍ୟ ପ୍ରଭାବ ହେଲା ।

(କ) ଜୈବ ବିବିଧତାର ଅବକ୍ଷୟ

(ଖ) ସମୁଦ୍ରପତ୍ତନ ବୃଦ୍ଧି

**B. ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର (Answer in Six Sentences)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

**ପ୍ର.୧. ପ୍ରାକୃତିକ ସମ୍ପଦ ।**

ଉ. ପ୍ରାକୃତିକ ସମ୍ପଦ କହିଲେ ପ୍ରକୃତିରେ ଦେଖାଯାଉଥିବା ବିଭିନ୍ନ ଜିନିଷକୁ ବୁଝାଏ, ଯାହା ମଣିଷର ଦୈନନ୍ଦିନ ବ୍ୟବହାରରେ ଆସିଥାଏ । ବାୟୁ, ବଣ, ଜଙ୍ଗଲ, ଜଳ, ମୃତ୍ତିକା, ବନ୍ୟଜନ୍ତୁ, ପଶୁପକ୍ଷୀ ଆଦିଙ୍କୁ ପ୍ରାକୃତିକ ସମ୍ପଦର ଆଖ୍ୟା ଦିଆଯାଇଅଛି । ସମସ୍ତ ପ୍ରକାରର ପ୍ରାକୃତିକ ସମ୍ପଦର ସମାହାରରେ ପରିବେଶର ସନ୍ତୁଳନ ଅବସ୍ଥା ସମ୍ଭବ ହୋଇଥାଏ । କାଳକ୍ରମେ ମନୁଷ୍ୟର ଉପଯୋଗରେ ଏହି ପ୍ରାକୃତିକ ସମ୍ପଦ ଆସୁଥିବାରୁ ଏହାର କାଳକ୍ରମେ ବିଲୟ ଘଟୁଛି, ଯାହା ପରିବେଶକୁ ଅସନ୍ତୁଳିତ କରୁଅଛି । ପ୍ରାକୃତିକ ସମ୍ପଦକୁ ସାଧାରଣତଃ ଦୁଇ ପ୍ରକାରରେ ବିଭକ୍ତ କରାଯାଇପାରେ; ଜୀବନ୍ତ ସମ୍ପଦ (Living Resource) ଯାହା ବଣ, ଜଙ୍ଗଲ, ବନ୍ୟଜନ୍ତୁ ଇତ୍ୟାଦିକୁ ବୁଝାଇଥାଏ, ସେହିପରି ଅନ୍ୟଟି ହେଲା ଅଜୈବ ସମ୍ପଦ (Non living resource) ଯାହା ଜଳ, ବାୟୁ, ମୃତ୍ତିକା, ଖଣିଜ ଲବଣ ଇତ୍ୟାଦିକୁ ବୁଝାଇଥାଏ । ପ୍ରାକୃତିକ ସମ୍ପଦକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି ।

(୧) ନବୀକରଣଯୋଗ୍ୟ ସମ୍ପଦ (Renewable Resource)

(୨) ନବୀକରଣ ଅଯୋଗ୍ୟ ସମ୍ପଦ (Non-Renewable Resource)

**ପ୍ର.୨. ନବୀକରଣ ଯୋଗ୍ୟ ପ୍ରାକୃତିକ ସମ୍ପଦ ।**

ଉ.ଯେଉଁ ପ୍ରାକୃତିକ ସମ୍ପଦକୁ ବାରମ୍ବାର ବ୍ୟବହାର କଲେ ମଧ୍ୟ ତାହାର ସମ୍ପୂର୍ଣ୍ଣ ବିଲୟ ହୋଇ ନଥାଏ, ତାହାକୁ ନବୀକରଣଯୋଗ୍ୟ ସମ୍ପଦ କୁହାଯାଏ । ଏହାର ବାରମ୍ବାର ବ୍ୟବହାର ହେଲେ ମଧ୍ୟ ଏହା ବିଭିନ୍ନ ଚକ୍ର ପ୍ରକ୍ରିୟାରେ ଏହା ପୂର୍ବାବସ୍ଥାକୁ ଫେରି ଆସିଥାଏ । ଜଳ, ବାୟୁ, ମୃତ୍ତିକା ଆଦି ପ୍ରାକୃତିକ ଉପାୟରେ କ୍ଷୟ ହେଉଥିଲେ ମଧ୍ୟ ଏହା ପ୍ରାକୃତିକ ଉପାୟରେ ଏହାର ପୂର୍ବସ୍ଥିତିକୁ ଫେରି ଆସିଥାଏ । ସେହିପରି ସୌରଶକ୍ତି, ତାପଜଶକ୍ତି, ବିଦ୍ୟୁତ୍ ଶକ୍ତି ଆଦି ନବୀକରଣଯୋଗ୍ୟ ସମ୍ପଦ ।

# ପ୍ରଥମ ଭାଗ
## (PART–A)

# ଭାରତରେ ରାଜନୀତି
## (POLITICS IN INDIA)

# ଭାରତରେ ଗଣତନ୍ତ୍ର
## [ DEMOCRACY IN INDIA ]

**1**
**UNIT**

### ପ୍ରଥମ ଅଧ୍ୟାୟ

# ଗଣତନ୍ତ୍ର
## [ DEMOCRACY ]

**ଗଣତନ୍ତ୍ର : ଅର୍ଥ, ପ୍ରକାରଭେଦ ଓ ବୈଶିଷ୍ଟ୍ୟ, ଭାରତୀୟ ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନ–ଅସମାନତା, ନିରକ୍ଷରତା, ଆଞ୍ଚଳିକତାବାଦ, ନକ୍ସଲ ସମସ୍ୟା, ଲିଙ୍ଗଗତ ବୈଷମ୍ୟ ।[ Democracy–Meaning, Types and Features, Challenges to Democratic Process in India–inequality, Illiteracy, Regionalism, Naxalite Problems, Gender Inequality. ]**

**B.** ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର(**Answer in Six Sentences**)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)

ପ୍ର ୧. ଗଣତନ୍ତ୍ରର ଅର୍ଥ ।

ଉ : ଆଧୁନିକ ବିଶ୍ୱରେ ଗଣତନ୍ତ୍ର ଏକ ପ୍ରକାର ସାର୍ବଜନୀନ ସରକାର ବା ଶାସନ ବ୍ୟବସ୍ଥା ଯେଉଁଥିରେ ଲୋକମାନେ ସିଧାସଳଖ ବା ପ୍ରତିନିଧିମାନଙ୍କ ମାଧ୍ୟମରେ ଶାସନ ପରିଚାଳନା କରିଥାନ୍ତି । ଗଣତନ୍ତ୍ର ଶବ୍ଦଟି ଦୁଇଟି ଗ୍ରୀକ୍‌ଶବ୍ଦ ଡିମୋସ୍ ଏବଂ କ୍ରାଟସ୍‌ରୁ ଆସିଅଛି ଯାହାର ଅର୍ଥ ଯଥାକ୍ରମେ ଗଣ-ଶାସନ । ଆବ୍ରାହମ ଲିଙ୍କନଙ୍କ ମତରେ ''ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଶାସନ । '' ଅଧ୍ୟାପକ ସିଲୀଙ୍କ ମତରେ, ''ଗଣତନ୍ତ୍ର ଏପରି ଏକ ଶାସନବ୍ୟବସ୍ଥା ଯେଉଁଥିରେ କି ପ୍ରତ୍ୟେକ ବ୍ୟକ୍ତିର ଅଂଶ ଥାଏ । '' ଅର୍ଥାତ୍ ଜନମତ ଉପରେ ପ୍ରତିଷ୍ଠିତ ଶାସନ ବ୍ୟବସ୍ଥା ବା ସରକାରଙ୍କୁ ଗଣତନ୍ତ୍ର କୁହାଯାଏ । ଜନପ୍ରିୟ ସାର୍ବଭୌମତ୍ୱ, ରାଜନୈତିକ ସମାନତା, ଜନ ପରାମର୍ଶ, ରାଜନୈତିକ ସ୍ୱାତନ୍ତ୍ରତା ଓ ସଂଖ୍ୟାଗରିଷ୍ଠଙ୍କ ଶାସନ ଇତ୍ୟାଦି ଗଣତନ୍ତ୍ରର ମୌଳିକ ବୈଶିଷ୍ଟ୍ୟ ।

ପ୍ର(୨.) ଗଣତନ୍ତ୍ରର ମୌଳିକ ବୈଶିଷ୍ଟ୍ୟମାନ ।

ଉ : ଗଣତନ୍ତ୍ରର ନିମ୍ନଲିଖିତ ମୌଳିକ ବୈଶିଷ୍ଟ୍ୟ ରହିଅଛି ।

୧ । ଏଠାରେ ରାଷ୍ଟ୍ରୀୟ ସାର୍ବଭୌମତ୍ୱ କ୍ଷମତା ଜନସାଧାରଣଙ୍କ ହସ୍ତରେ ନ୍ୟସ୍ତ ରହିଥାଏ ।

୨ । ଏହା ମୁଖ୍ୟତଃ ରାଜନୈତିକ ସମାନତା ଓ ସ୍ୱତନ୍ତ୍ରତା ପ୍ରଦାନ କରିଥାଏ ।

୩ । ଏଠାରେ ଶାସନ ସଂଖ୍ୟା ଗରିଷ୍ଠ ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ।

୪ । ଏହା ମଧ୍ୟ ଲୋକମାନଙ୍କ ସମ୍ମତି ଉପରେ ପ୍ରତିଷ୍ଠିତ ଏକ ଶାସନ ବ୍ୟବସ୍ଥା ।

୫ । ଏଠାରେ ଶାସକମାନେ ଆଇନଗତ, ଶାନ୍ତିପୂର୍ଣ୍ଣ ଓ ସାମ୍ବିଧାନିକ ପଦ୍ଧତିରେ ପରିବର୍ତ୍ତିତ ହୋଇଥାନ୍ତି ।

ପ୍ର.୩.) ଗଣତନ୍ତ୍ରର ସୁଗୁଣମାନ ।

ଉ : ଗଣତନ୍ତ୍ରର ନିମ୍ନଲିଖିତ ସୁଗୁଣମାନ ରହିଅଛି ।

୧ । ଏହା ଲୋକମାନଙ୍କୁ ରାଜନୈତିକ ଅଂଶଗ୍ରହଣରେ ସୁଯୋଗ ଦେଇଥାଏ ।

୨ । ଏଠାରେ ଶାସକ ବା ସରକାର ତାଙ୍କର କାର୍ଯ୍ୟପାଇଁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ରହିଥାନ୍ତି ।

୩ । ଏହି ଶାସନ ବ୍ୟବସ୍ଥା ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ନାଗରିକ ସମାନ ସୁବିଧା ସୁଯୋଗ ଲାଭ କରିଥାନ୍ତି ।

୪ । ଏହା ଜନ ସାଧାରଣଙ୍କୁ ରାଜନୈତିକ ଶିକ୍ଷା ପ୍ରଦାନ କରିଥାଏ ।

୫ । ଏହା ଦେଶାତ୍ମବୋଧ ଓ ଉଚ୍ଚକୋଟୀର ଜାତୀୟ ଚରିତ୍ର ଗଠନରେ ସହାୟକ ହୋଇଥାଏ ।

ପ୍ର.୩.) ଗଣତନ୍ତ୍ରର ଦୁର୍ଗୁଣ ।

ଉ : ଗଣତନ୍ତ୍ରର ଶାସନ ବ୍ୟବସ୍ଥାରେ ନିମ୍ନଲିଖିତ ଦୁର୍ଗୁଣମାନ ପରିଲକ୍ଷିତ ହୋଇଥାଏ ।

(୧) ଏଠା ଗୁଣ ଅପେକ୍ଷା ସଂଖ୍ୟା ବା ପରିମାଣକୁ ଅଧିକ ଗୁରୁତ୍ୱ ଦିଆଯାଏ ।

(୨) ଏହା ଏକ ବ୍ୟୟବହୁଳ ଶାସନ ବ୍ୟବସ୍ଥା ।

(୩) ଏଠାରେ ସଂଖ୍ୟା ଗରିଷ୍ଠତା ଦଳର ସ୍ୱେଚ୍ଛାଚାରିତ ପରିଲକ୍ଷିତ ହୁଏ ।

(୪) ଏଠାରେ ସରକାରୀ ନିଷ୍ପତ୍ତିରେ ନେବାରେ ବିଳମ୍ବ ଦେଖାଯାଏ ।

(୫) ଏଠାରେ ରାଜନୀତି ଦଳର କୁପ୍ରଭାବ ପରିଲକ୍ଷିତ ହୁଏ ।

(୬) ଫରାସୀ ଦାର୍ଶନିକ ଫୁଗୋଙ୍କ ମତରେ ଗଣତନ୍ତ୍ର ହେଉଛି ଅଯୋଗ୍ୟତାର ଶାସନ ।

ପ୍ର.୪.) **ଗଣତନ୍ତ୍ରର ସଫଳତା ପାଇଁ ସହାୟକ ସପାଦାନ ମାନ ।**

ଉ : ଗଣତନ୍ତ୍ରର ସଫଳତା ନିମ୍ନଲିଖିତ ସର୍ତ୍ତ ଉପରେ ନିର୍ଭର କରିଥାଏ ।

୧ । ଜନସାଧାରଣଙ୍କର ଉଦାରତା, ସହିଷ୍ଣୁତା, ସହଯୋଗ, ତ୍ୟାଗ ଦୟା ଓ ସହନଶୀଳତା ଇତ୍ୟାଦି ଗଣତାନ୍ତ୍ରିକ ମନୋବୃତ୍ତି ରହିବା ଉଚିତ୍ ।

୨ । ବ୍ୟକ୍ତିର ନୈତିକ ଓ ବୌଦ୍ଧିକ ବିକାଶ ଗଣତନ୍ତ୍ର ପାଇଁ ଏକାନ୍ତ ଆବଶ୍ୟକ ।

୩ । ନାଗରିକମାନଙ୍କର ସକ୍ରିୟ ଅଂଶ ଗ୍ରହଣ ଓ ଜାଗ୍ରତ ଜନମତ ଗଣତନ୍ତ୍ରପାଇଁ ଅପରିହାର୍ଯ୍ୟ ଅଟେ ।

୪ । ଉପଯୁକ୍ତ ଦଳୀୟ ବ୍ୟବସ୍ଥା ଓ ଦୃଢ଼ ବିରୋଧୀଦଳ ଗଣତନ୍ତ୍ର ପାଇଁ ଆବଶ୍ୟକ ।

୫ । ଅର୍ଥନୈତିକ ଓ ସାମାଜିକ ସମାନତା ପ୍ରତିଷ୍ଠା ଗଣତନ୍ତ୍ର ପାଇଁ ଆବଶ୍ୟକ ।

୬ । ନିରପେକ୍ଷ ସମ୍ବାଦପତ୍ର ଗଣତନ୍ତ୍ରପାଇଁ ଆବଶ୍ୟକ ଅଟେ ।

ପ୍ର.୫.) **ପ୍ରତ୍ୟକ୍ଷ ଗଣତନ୍ତ୍ର ।**

ଉ : ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକମାନେ ସିଧାସଳଖ ବା ପ୍ରତ୍ୟକ୍ଷ ଭାବେ ଶାସନ ପରିଚାଳନା ଅଂଶ ଗ୍ରହଣ କରିଥାନ୍ତି, ତାହାକୁ ପ୍ରତ୍ୟକ୍ଷ ଗଣତନ୍ତ୍ର କୁହାଯାଏ । ଏଠାରେ ଲୋକମାନେ ଏକତ୍ର ହୋଇ ଆଇନ ପ୍ରଣୟନ, ବିଭିନ୍ନ

ସରକାରୀ ପଦବୀ ପାଇଁ ନିର୍ବାଚନ, ଆୟବ୍ୟୟ ସମୀକ୍ଷା ଓ ନୀତି-ନିର୍ଦ୍ଧାରଣ କରିଥାନ୍ତି । ଏଠାରେ ନାଗରିକମାନେ ଗଣଭୋଟ, ଗଣଉଦ୍ୟୋଗ ଓ ପ୍ରତ୍ୟାହାର ଇତ୍ୟାଦି ମାଧ୍ୟମରେ ଶାସନ କ୍ଷେତ୍ରରେ ଅଂଶ ଗ୍ରହଣ କରିଥାନ୍ତି । ପ୍ରତ୍ୟକ୍ଷ ଗଣତନ୍ତ୍ରରେ ଲୋକ-ପ୍ରତିନିଧି ସର୍ବଦା ସତର୍କ ଓ ଲୋକମାନଙ୍କ ନିକଟରେ ଉତ୍ତରଦାୟୀ ରହିଥାନ୍ତି ।

**ପ୍ର.୬. ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର ।**

ଉ : ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଜନସାଧାରଣ ସିଧାସଳଖ ଅଂଶ ଗ୍ରହଣ ନ କରି ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଅଂଶ ଗ୍ରହଣ କରିଥାନ୍ତି, ତାହାକୁ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର କୁହାଯାଏ । ଏଠାରେ ପ୍ରତିନିଧିମାନଙ୍କୁ ନେଇ ବିଧାନମଣ୍ଡଳ ଗଠନ କରାଯାଏ ଏବଂ ଏହି ବିଧାନମଣ୍ଡଳ ସର୍ବୋଚ୍ଚ କ୍ଷମତାର ଅଧିକାରୀ ହୋଇ ରାଷ୍ଟ୍ରୀୟ କାର୍ଯ୍ୟାବଳୀ ନିର୍ବାହ କରିବାର ସମର୍ଥ ହୋଇଥାନ୍ତି । ଏଠରେ ମଧ୍ୟ ଲୋକପ୍ରତିନିଧିମାନେ ବେଳେବେଳେ ମନମୁଖୀ ଭାବରେ କାର୍ଯ୍ୟ କରିଥାନ୍ତି । ସ୍ୱିଜରଲ୍ୟାଣ୍ଡକୁ ବାଦ ଦେଲେ ପୃଥିବୀର ଅନ୍ୟ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ପ୍ରକାର ଶାସନ ବ୍ୟବସ୍ଥା ପ୍ରଚଳିତ ।

**ପ୍ର.୭. ଗଣଭୋଟ (Referendum) ।**

ଉ : ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରଚଳିତ ରାଷ୍ଟ୍ରରେ ବିଧାନମଣ୍ଡଳରେ ପ୍ରଣୀତ ଆଇନଗୁଡ଼ିକ କାର୍ଯ୍ୟକାରୀ ହେବାପୂର୍ବରୁ ସେଗୁଡ଼ିକର ଅନୁମୋଦନ ପାଇଁ ନିର୍ବାଚକମାନଙ୍କୁ ପାଖକୁ ପଠାଯାଇଥାଏ । ଏହି ବ୍ୟବସ୍ଥାକୁ ଗଣଭୋଟ କୁହାଯାଏ । ଗଣଭୋଟ ଦ୍ୱାରା ବିଲ୍‌ଟି ଗୃହୀତ ହେଲେ ସେଗୁଡ଼ିକ କାର୍ଯ୍ୟକାରୀ ହୋଇଥାଏ । ଏହାଦ୍ୱାରା ବିଧାନମଣ୍ଡଳ ମନଇଚ୍ଛା ଆଇନ ପ୍ରଣୟନ ବା ନୀତି ନିର୍ଦ୍ଧାରଣ କରିପାରେ ନାହିଁ । ଗଣଭୋଟ ସାଧାରଣତଃ ଇଚ୍ଛାଧୀନ କିମ୍ବା ବାଧ୍ୟତାମୂଳକ ହୋଇପାରେ । ଗଣଭୋଟ ମାଧ୍ୟମରେ ବାସ୍ତବରେ ପ୍ରତ୍ୟକ୍ଷ ଗଣତନ୍ତ୍ର କାର୍ଯ୍ୟକାରୀ ହେଉଥିବାରୁ ଏହାକୁ ପ୍ରତ୍ୟକ୍ଷ ଗଣତନ୍ତ୍ରର ଅଙ୍ଗ କୁହାଯାଏ ।

**ପ୍ର.୮. ଗଣଉଦ୍ୟୋଗ (Initiative) ।**

ଉ : ପ୍ରତ୍ୟକ୍ଷ ଗଣତନ୍ତ୍ରରେ ଭୋଟଦାତାମାନଙ୍କର ଉଦ୍ୟମରେ ଆଇନ ପ୍ରଣୟନ କରିବା ବ୍ୟବସ୍ଥାକୁ ଗଣଉଦ୍ୟୋଗ କୁହାଯାଏ । ଯେତେବେଳେ ଭୋଟଦାତାମାନେ କୌଣସି ନୂତନ ଆଇନର ଆବଶ୍ୟକତା ଉପଲବ୍ଧି କରି ବିଧାନମଣ୍ଡଳକୁ ଆଇନ ଚିଠା କରି ନିର୍ଦ୍ଦେଶ ଦେଇଥାନ୍ତି, ତାହାକୁ ଗଣଉଦ୍ୟୋଗ କୁହାଯାଏ । ଏହି ପ୍ରସ୍ତାବକୁ ବିଧାନମଣ୍ଡଳ ଯଥୋଚିତ ସମ୍ମାନ ଦେଇଥାନ୍ତି । ପ୍ରତ୍ୟକ୍ଷ ଗଣତନ୍ତ୍ରରେ ଏହା ଏବଂ ଅସ୍ତ୍ର ରୂପେ କାର୍ଯ୍ୟ କରିଥାଏ । ଏହା ଏକ ଅସ୍ତିବାଚକ ଅସ୍ତ୍ର ଅଟେ ।

**ପ୍ର.୯. ଭାରତର ଗଣତନ୍ତ୍ର ପ୍ରତି ଆହ୍ୱାନମାନ ।**

ଉ. ଭାରତର ଗଣତନ୍ତ୍ର ପ୍ରତି ଆହ୍ୱାନମାନ ହେଲା : (କ) ଅସମାନତା (ଖ) ନିରକ୍ଷରତା (ଗ) ନକସଲାଇଟ୍ ଆନ୍ଦୋଳନ (ଘ) ଲିଙ୍ଗଗତ ବୈଷମ୍ୟ (ଙ) ଆଞ୍ଚଳିକତାବାଦ ଇତ୍ୟାଦି ।

## 'ଗ' ବିଭାଗ (Group–C)

### ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ଗଣତନ୍ତ୍ରର ସଂଜ୍ଞା ଲେଖ । ଏହାର ମୌଳିକ ବୈଶିଷ୍ଟ୍ୟ ବା ଲକ୍ଷଣମାନ ଆଲୋଚନା କର ।**
**(Define Democracy. Discuss the basic features or characterstics of Democracy.)**

ଉ : ଆଧୁନିକ ରାଷ୍ଟ୍ରମାନଙ୍କରେ ପ୍ରଚଳିତ ବିଭିନ୍ନ ଶାସନ ବ୍ୟବସ୍ଥା ମଧ୍ୟରୁ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ ଏବଂ ଜନପ୍ରିୟ ଶାସନବ୍ୟବସ୍ଥା ବା ସରକାର । ପ୍ରାଚୀନକାଳରୁ ପ୍ରଚଳିତ ଅତ୍ୟାଚାରୀ ଓ ନିରଙ୍କୁଶ ରାଜତନ୍ତ୍ରକୁ ପୂର୍ଣ୍ଣବିରୋଧ କରୁଥିବା ଅଧିକ ଶକ୍ତିଶାଳୀ ଶାସନ ବ୍ୟବସ୍ଥାରୂପେ ପରିଚିତ ଗଣତନ୍ତ୍ରର ମାୟାଜାଲରେ ସମଗ୍ର ବିଶ୍ୱ କବଳିତ ହୋଇଅଛି । ପ୍ରାଚୀନ ଗ୍ରୀକ୍ ନଗରରାଜ୍ୟରୁ ଜନ୍ମିତ ଏହି ଶାସନ ବ୍ୟବସ୍ଥାକୁ ପୃଥିବୀର ପ୍ରାୟ ୯୦ଭାଗ ରାଷ୍ଟ୍ର ଆପଣାର କରିନେଇଛନ୍ତି । ଗଣତନ୍ତ୍ରର ଜନପ୍ରିୟତା ନିକଟରେ ରାଜତନ୍ତ୍ର, ଅଭିଜାତତନ୍ତ୍ର ଓ ଏକଛତ୍ରବାଦ ପରି ଶାସନ ବ୍ୟବସ୍ଥା ନିଷ୍କ୍ରିୟ ଏବଂ ନିସ୍ପ୍ରଭ ହୋଇ ପଡ଼ିଛନ୍ତି ।

ଦ୍ୱିତୀୟ ଅଧ୍ୟାୟ

# ଭାରତରେ ଦଳୀୟ ବ୍ୟବସ୍ଥା
## [ PARTY SYSTEM IN INDIA ]

**ଅର୍ଥ, ପ୍ରକାରଭେଦ, ଏକଦଳୀୟ ପ୍ରାଧାନ୍ୟ, ମେଣ୍ଟ ରାଜନୀତି, ଆଞ୍ଚଳିକ ଦଳମାନ**
**Meaning, Types, One Party Dominance, Coalition Politics, Regional Parties.**

**B.** ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର **(Answer Six Sentences)** (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)

ପ୍ର ୧. ରାଜନୈତିକ ଦଳମାନଙ୍କର ପ୍ରଧାନ କାର୍ଯ୍ୟ ମାନ ।

ଉ. ରାଜନୈତିକ ଦଳମାନଙ୍କର ପ୍ରଧାନ କାର୍ଯ୍ୟଗୁଡ଼ିକ ହେଲା:-

(କ) ସେମାନେ ଜନମତ ସୃଷ୍ଟି ଓ ପ୍ରକାଶ କରିଥାନ୍ତି ।

(ଖ) ରାଜନୈତିକ ପ୍ରକ୍ରିୟା ଏକତ୍ରୀକରଣ ଓ ସ୍ଥାୟିକରଣ ହେଉଛି ରାଜନୈତିକ ଦଳମାନଙ୍କର ଏକ ପ୍ରଧାନ କାର୍ଯ୍ୟ ।

(ଗ) ସାମ୍ବିଧାନିକ ଉପାୟରେ ଶାସନ କ୍ଷମତା ହାସଲ ପାଇଁ ରାଜନୈତିକ ଦଳମାନେ ପ୍ରୟାସ କରିଥାନ୍ତି ।

(ଘ) ସରକାର ଓ ଜନସାଧାରଣଙ୍କ ମଧ୍ୟରେ ରାଜନୈତିକ ଦଳମାନେ ଯୋଗସୂତ୍ର ରକ୍ଷା କରିଥାନ୍ତି ।

(ଙ) ଗଣତନ୍ତ୍ରରେ ବିରୋଧୀ ଦଳମାନେ ସରକାରଙ୍କ ଦୋଷଦୁର୍ବଳତା ଓ କୁକାର୍ଯ୍ୟକୁ ପ୍ରତିରୋଧ କରିଥାନ୍ତି ।

ପ୍ର ୨. **ଭାରତରେ ଦଳୀୟ ବ୍ୟବସ୍ଥାର ଲକ୍ଷଣମାନ ।**

ଉ. ଭାରତୀୟ ଦଳୀୟ ବ୍ୟବସ୍ଥାର ନିମ୍ନଲିଖିତ ଲକ୍ଷଣମାନ ଦେଖାଯାଏ ।

(୧) ଭାରତରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ ।

(୨) ଦୃଢ଼ ଓ ସଂଗଠିତ ବିରୋଧୀଦଳର ଅଭାବ ।

(୩) ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ।

(୪) ଦଳ ଉପରେ ବ୍ୟକ୍ତିତ୍ୱର ପ୍ରଭାବ ।

(୫) ଦଳ ଉପରେ କଳାଧନର ପ୍ରଭାବ ଓ ବ୍ୟକ୍ତିତ୍ୱର ପ୍ରଭାବ ।

(୬) ଦଳ ବଦଳ ରାଜନୀତି ଇତ୍ୟାଦି ।

ପ୍ର.୩. ଭାରତୀୟ କଂଗ୍ରେସର ନୀତି ଓ ଆଦର୍ଶ ।

ଉ. ଭାରତୀୟ ଜାତୀୟ କଂଗ୍ରେସ ନିମ୍ନଲିଖିତ ଓ ଆଦର୍ଶକୁ ନେଇ ଗଠିତ ।

(କ) ଗଣତନ୍ତ୍ରର ପ୍ରତିଷ୍ଠା ଓ ସୁରକ୍ଷା

(ଖ) ଗଣତାନ୍ତ୍ରିକ ସମାଜବାଦ ନୀତିର ଅନୁସରଣ

(ଗ) ସମସ୍ତଙ୍କୁ ଅର୍ଥନୀତିକ ସୁରକ୍ଷା ପ୍ରଦାନ

(ଘ) ଜନମଙ୍ଗଳ ରାଷ୍ଟ୍ର ପ୍ରତିଷ୍ଠା ଓ ମିଶ୍ର ଅର୍ଥନୀତିର ପ୍ରୟୋଗ

(ଙ) ଆନ୍ତର୍ଜାତିକ ବୁଝାମଣା ଓ ଗୋଷ୍ଠୀ ନିରପେକ୍ଷତା

ପ୍ର.୪. ଭାରତୀୟ ଜନତା ପାର୍ଟି ।

ଉ. ୧୯୮୦ ମସିହା ସପ୍ତମ ଲୋକସଭା ନିର୍ବାଚନ ପୂର୍ବରୁ ଜନତାଦଳ ବିଭାଜିତ ହୋଇ ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏକ ନୂତନ ଦଳ ଗଠିତ ହୋଇଥିଲା । ଏହାର ନାମ ଭାରତୀୟ ଜନତାପାର୍ଟି । ଏହା ୧୯୮୦ ମସିହା ଏପ୍ରିଲ ୬ ତାରିଖ ଦିନ ଜନ୍ମଲାଭ କରିଥିଲା । ମହାତ୍ମାଗାନ୍ଧୀଙ୍କ ପ୍ରବର୍ତ୍ତିତ ସମାଜବାଦରେ ବିଶ୍ୱାସ, ନିଚ୍ଛକ ଧର୍ମନିରପେକ୍ଷତା, ମୂଲ୍ୟବୋଧଭିତ୍ତିକ ରାଜନୀତି, ନିର୍ମଳ ତଥା ଦୁର୍ନୀତି ମୁକ୍ତ ଶାସନ ପ୍ରତିଷ୍ଠା, ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା ସହିତ ଶିଳ୍ପ ଜାତୀୟକରଣ ଏହାର ନୀତି ଓ ଆଦର୍ଶ । ଏହି ଦଳ ବିଗତ ତିନୋଟି ସାଧାରଣ ନିର୍ବାଚନରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୧୯୯୮ ମସିହାରେ ଲୋକସଭାରେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ଅନ୍ୟାନ୍ୟ ସହଯୋଗୀ ଦଳକୁ ନେଇ କେନ୍ଦ୍ରରେ ଶାସନ କରିଥିଲା । ଉତ୍ତର ପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ଗୁଜୁରାଟ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଦଳର ପ୍ରାଧାନ୍ୟ ଅଧିକ । ବର୍ତ୍ତମାନ ଏହି ଦଳ କେନ୍ଦ୍ରର ଶାସନ କ୍ଷମତାରେ ରହିଅଛି ।

ପ୍ର.୫. ଆଞ୍ଚଳିକ ଦଳ ।

ଉ. ଯଦି କୌଣସି ଦଳ ଗୋଟିଏ ରାଜ୍ୟରେ ସମୁଦାୟ ଭୋଟ ସଂଖ୍ୟାର ଶତକଡ଼ା ୪ ଅଂଶ ଲାଭ କରେ, ତେବେ ଏହା ନିର୍ବାଚନର ଆୟୋଗ ଦ୍ୱାରା ଆଞ୍ଚଳିକ ଦଳ ଭାବେ ସ୍ୱୀକୃତି ପାଇଥାଏ । ସାଧାରଣତଃ, ବ୍ୟକ୍ତିଗତ କାରଣରୁ କେତେକ ନେତୃସ୍ଥାନୀୟ ବ୍ୟକ୍ତି ଜାତୀୟ ରାଜନୈତିକ ଦଳରୁବାହାରି ଆସି ଆଞ୍ଚଳିକ ଦଳ ଗଠନ କରିଥାନ୍ତି । ଆଞ୍ଚଳିକ ଉନ୍ନତି ନାମରେ ସ୍ଥାନୀୟ ଲୋକମାନଙ୍କର ଅନୁକମ୍ପା ଓ ସମର୍ଥନ ଲାଭ କରି ଏହି ଦଳଗୁଡ଼ିକ ରାଜ୍ୟ ଶାସନ କ୍ଷମତା ଲାଭ କରନ୍ତି । ଭାରତରେ ଥିବା ପ୍ରମୁଖ ଆଞ୍ଚଳିକ ଦଳଗୁଡ଼ିକ ହେଲା– ଅକାଳୀ ଦଳ, DMK, AIADMK, ତେଲୁଗୁଦେଶମ, ଆସାମ ଗଣପରିଷଦ, ଶିବସେନା, ସାମାଜବାଦୀ ପାର୍ଟି, ବହୁଜନ ପାର୍ଟି, ଜାତୀୟ ସମ୍ମିଳନୀ, ବିଜୁଜନତା ଦଳ, ତୃଣମୂଳ କଂଗ୍ରେସ ଇତ୍ୟାଦି ।

ପ୍ର.୬. ବିଜୁ ଜନତା ଦଳ ।

ଉ. ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ମୃତ୍ୟୁପରେ ଓଡ଼ିଶାରେ ଜନତା ଦଳର କେତେକ ନେତୃବୃନ୍ଦ ଏକାଗ୍ରୀତ ହୋଇ ଓଡ଼ିଶାରେ ବିଜୁଜନତା ଦଳ ନାମରେ ଏକ ନୂତନ ଆଞ୍ଚଳିକ ଦଳ ୧୯୯୬ ମସିହା ଡିସେମ୍ବର ୨୬ ତାରିଖରେ ଗଠନ କରିଥିଲେ । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆଶାକୁ ସାକାର କରିବା ପାଇଁ ଏହି ଦଳ ପ୍ରତିଶ୍ରୁତି ବଦ୍ଧ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ଏହି ଦଳ ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶ ଲୋକସଭା ନିର୍ବାଚନରେ ସଫଳତା ହାସଲ କରିଅଛି । କେନ୍ଦ୍ରରେ ଶ୍ରୀଯୁକ୍ତ ଅଟଳ ବିହାରି ବାଜପେୟୀଙ୍କ ନେତୃତ୍ୱରେ ପରିଚାଳିତ ମେଣ୍ଟ ସରକାରରେ ଅଂଶୀଦାର ଦଳ ରୂପେ କାର୍ଯ୍ୟ କରିଥିଲା । ଦ୍ୱାଦଶ ଓ ତ୍ରୟୋଦଶ ବିଧାନସଭା ନିର୍ବାଚନରେ ଏହା ସଫଳତା ଲାଭକରି ରାଜ୍ୟରେ ଭାରତୀୟ ଜନତା ପାର୍ଟି ସହ ମିଳିତ ସରକାର ଗଠନ କରିଅଛି । ୨୦୧୪ ମସିହା ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ୨୦ଟି ଲୋକସଭା ଓ ୧୧୭ଟି ବିଧାନସଭା ଆସନ ପାଇଅଛି ।

ପ୍ର.୭. ଦଳ ବଦଳ ରାଜନୀତି ।

ଉ. ଭାରତରେ ପ୍ରଚଳିତ ବହୁଦଳୀୟ ବ୍ୟବସ୍ଥାରେ ଜଣେ ନିର୍ବାଚିତ ପ୍ରତିନିଧି ବା ରାଜନୈତିକ ନେତା ନିଜ ଦଳ ତ୍ୟାଗ କରି ଅନ୍ୟ ଏକ ରାଜନୈତିକ ଦଳରେ ଯୋଗଦେବା କିମ୍ବା ଏକ ନୂତନ ଦଳ ଗଠନ କରିବାକୁ ଦଳବଦଳ କୁହାଯାଏ । ଏହା ଯୋଗୁଁ ଭାରତରେ ରାଜନୈତିକ ଅସ୍ଥିରତା ଦେଖାଯାଇଥାଏ । ଦଳବଦଳ ଭାରତୀୟ ଗଣତନ୍ତ୍ର ପାଇଁ ଏକ ବ୍ୟାଧି ସଦୃଶ । ଭାରତରେ

ରାଜନୈତିକ ନେତାମାନେ ପ୍ରାୟତଃ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଦଳବଦଳ କରିଥାନ୍ତି । ୧୯୮୫ ମସିହାର ୫୨ତମ ସମ୍ବିଧାନ ସଂଶୋଧନ ଆଇନ ଦଳବଦଳକୁ ନିରୋଧ କରିଥିଲେ ମଧ୍ୟ ଏହା ଦଳବଦଳକୁ ରୋକିବାକୁ ସକ୍ଷମ ହୋଇନାହିଁ । ଫଳରେ ଦଳବଦଳ ଯୋଗୁଁ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କରେ ରାଜନୈତିକ ଅସ୍ଥିରତା ପରିଲକ୍ଷିତ ହେଉଅଛି ।

**ପ୍ର.୮. ଜାତୀୟ ରାଜନୈତିକ ଦଳ ।**

ଉ. ଭାରତୀୟ ଜାତୀୟ କଂଗ୍ରେସ ହେଉଛି ଭାରତର ପୁରାତନ ଓ ସର୍ବପ୍ରଥମ ରାଜନୈତିକ ଦଳ । ଏହା ୧୮୮୫ ମସିହାରେ ସୃଷ୍ଟି ହୋଇଥିଲା । ସାର ଆଲାନ୍ ଅକ୍ଟୋଭିଆନ ହ୍ୟୁମ୍ ନାମକ ଜଣେ ଅବସରପ୍ରାପ୍ତ ବ୍ରିଟିଶ ବେସାମରିକ କର୍ମଚାରୀ ଏହି ଦଳର ପ୍ରତିଷ୍ଠାତା ଥିଲା । ଉମେଶ ଚନ୍ଦ୍ର ବାନାର୍ଜୀ ଏହି ଦଳର ପ୍ରଥମ ସଭାପତି ରୂପେ କାର୍ଯ୍ୟ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ଦଳର ପ୍ରମୁଖ ଭୂମିକା ରହିଥିଲା । ସ୍ୱାଧୀନତା ପରେ ଉଭୟ କେନ୍ଦ୍ରରେ ଓ ବିଭିନ୍ନ ରାଜ୍ୟରେ ଏହି ଦଳ ଦୀର୍ଘଦିନ ଧରି ଶାସନ କରିବାକୁ ସକ୍ଷମ ହୋଇଅଛି । ୨୦୦୪ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଏହି ଦଳର ନେତୃତ୍ୱରେ ଏକ ମିଳିତ ସରକାର କେନ୍ଦ୍ରରେ ପରିଚାଳିତ ହୋଇଥିଲା । ଶ୍ରୀମତୀ ସୋନିଆ ଗାନ୍ଧି ବର୍ତ୍ତମାନ ଦଳର ସଭାନେତ୍ରୀ । ଏହି ଦଳର ନିର୍ବାଚନ ସଂକେତ ହେଉଛି ''ହାତ'' ବା ''ହାତ ପାପୁଲି'' ।

ଗଣତାନ୍ତ୍ରିକ ସମାଜବାଦ ପ୍ରତିଷ୍ଠା, ଧର୍ମନୀରପେକ୍ଷତା, ଶାନ୍ତିପୂର୍ଣ୍ଣ ଓ ସାମ୍ବିଧାନିକ ପନ୍ଥାରେ ବିଶ୍ୱାସ, ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ନ୍ୟାୟ ପାଇଁ ସଂଗ୍ରାମ, ଆନ୍ତର୍ଜାତୀୟତାବାଦ, ମିଳିତ ଜାତିସଂଘ, ଜଗତୀକରଣ ଉପରେ ଏହି ଦଳର ଅଖଣ୍ଡ ବିଶ୍ୱାସ ରହିଅଛି ।

**ପ୍ର.୯. ଭାରତର ମେଣ୍ଟ ରାଜନୀତି ।**

ଉ. ୧୯୮୯ ମସିହାରୁ ଭାରତରେ ମେଣ୍ଟ ରାଜନୀତିର ଯୁଗ ଆରମ୍ଭ ହୋଇଅଛି । ଭାରତରେ ପ୍ରଚଳିତ ବହୁଦଳୀୟ ବ୍ୟବସ୍ଥା ମୁଖ୍ୟତଃ ଭାରତରେ ମେଣ୍ଟ ରାଜନୀତି ପାଇଁ ଦାୟୀ । ଏହି ବହୁ ଦଳୀୟ ବ୍ୟବସ୍ଥାରେ କୌଣସି ଦଳ ଲୋକସଭା କିମ୍ବା ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ ନକରିବାରୁ ଯଥାକ୍ରମେ କେନ୍ଦ୍ର ଓ ରାଜ୍ୟରେ ମେଣ୍ଟ ସରକାର ଗଠିତ ହେଉଅଛି । ଏହି ମେଣ୍ଟ ପ୍ରାୟତଃ ସୁବିଧାବାଦି ମେଣ୍ଟ ଯାହାର୍ ଲକ୍ଷ୍ୟ ହେଉଛି କ୍ଷମତା ହାସଲ କରିବା କିମ୍ବା କ୍ଷମତାରେ ତିଷ୍ଠିରହିବା । ଭାରତରେ ଦଳବଦଳ ରାଜନୀତି ମେଣ୍ଟ ରାଜନୀତିକୁ ପ୍ରଭାବିତ କରୁଅଛି । ସଂପ୍ରତି ଭାରତରେ ଦେଖାଯାଇଥିବା ଦୁଇ ମେଣ୍ଟ ହେଲା କଂଗ୍ରେସ ନେତୃତ୍ୱରେ ପରିଚାଳିତ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (UPA) ଓ ଭାରତୀୟ ଜନତା ପାର୍ଟି ନେତୃତ୍ୱରେ ପରିଚାଳିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (NDA) ।

**ପ୍ର.୧୦. ଭାରତରେ ଏକ ଦଳୀୟ ଦଳୀୟ ଆଧିପତ୍ୟ ।**

ଉ. ଭାରତରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ ହେଉଥିଲେ ହେଁ ଭାରତୀୟ ଜାତୀୟ କଂଗ୍ରେସ ଦୀର୍ଘଦିନ ଧରି କେନ୍ଦ୍ର ଓ ଅଧିକାଂଶ ରାଜ୍ୟରେ ଶାସନ କ୍ଷମତାରେ ରହିଥିଲା । ୧୯୫୦ ମସିହାରୁ ୧୯୮୯ ମସିହା ପର୍ଯ୍ୟନ୍ତ ଦୀର୍ଘ ୪୦ ବର୍ଷ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସ ୩୭ ବର୍ଷ ୬ ମାସ କେନ୍ଦ୍ରରେ ଶାସନ କରିଥିଲା । ଏଣୁ ସମ୍ବିଧାନବିତ୍‌ମାନେ ଏହାକୁ କଂଗ୍ରେସ ଦଳର ପ୍ରାଧାନ୍ୟ ବା ଏକଦଳୀୟ ପ୍ରାଧାନ୍ୟର ଆଖ୍ୟା ଦେଇଥିଲେ । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ ଦଳର ପ୍ରାଧାନ୍ୟ ହ୍ରାସ ପାଇଥିଲେ ମଧ୍ୟ ଏହା ଏକମାତ୍ର ରାଜନୈତିକ ଦଳ ଯାହାର ଭାରତର ପ୍ରତ୍ୟେକ ଅଞ୍ଚଳରେ ସଭ୍ୟ ରହିଛନ୍ତି ।

**ପ୍ର.୧୧. ଭାରତର ମେଣ୍ଟ ରାଜନୀତିର ପ୍ରଭାବମାନ ।**

ଉ. ଭାରତୀୟ ଗଣତନ୍ତ୍ରରେ ମେଣ୍ଟ ରାଜନୀତିର ନିମ୍ନଲିଖିତ ପ୍ରଭାବମାନ ରହିଅଛି ।

(୧) ଭାରତୀୟ ସଂସଦୀୟ ଗଣତନ୍ତ୍ର ବ୍ୟବସ୍ଥାରେ ମନ୍ତ୍ରିମଣ୍ଡଳ ମଧ୍ୟରେ ରାଜନୈତିକ ସାମଞ୍ଜସ୍ୟତା ପରିଲକ୍ଷିତ ହେଉନାହିଁ ।

(୨) ମେଣ୍ଟ ଅନ୍ତର୍ଭୁକ୍ତ ରାଜନୈତିକ ଦଳମାନଙ୍କର ମୂଳଚାଲ ରାଜନୀତି ସରକାରକୁ ଦୁର୍ବଳ କରୁଅଛି ।

(୩) ସରକାରମୁଖ୍ୟ (ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ)ଙ୍କ କ୍ଷମତା ହ୍ରାସ ପାଉଛି ।

(୪) ରାଷ୍ଟ୍ରମୁଖ୍ୟ (ରାଷ୍ଟ୍ରପତି) କିମ୍ବା ରାଜ୍ୟମୁଖ୍ୟ (ରାଜ୍ୟପାଳ)ଙ୍କ କ୍ଷମତା ବୃଦ୍ଧି ପାଉଅଛି ।

(୫) ରାଜନୈତିକ ଅସ୍ଥିରତା କାରଣରୁ ଅମଲାତନ୍ତ୍ରର ପ୍ରଭାବ ବୃଦ୍ଧି ପାଉଅଛି ।

**ପ୍ର.୧୨. ଭାରତରେ ମେଣ୍ଟ ରାଜନୀତିର କୁପ୍ରଭାବ ବୃଦ୍ଧିର କାରଣମାନ ।**

ଉ. ଭାରତରେ ମେଣ୍ଟ ରାଜନୀତିର ପ୍ରଭାବ ବୃଦ୍ଧିପାଇଁ ନିମ୍ନଲିଖିତ କାରଣମାନ ମୁଖ୍ୟତଃ ଦାୟୀ ।

(୧) ପ୍ରଚଳିତ ବହୁଦଳୀୟ ବ୍ୟବସ୍ଥା

(୨) ରାଜନୈତିକ ଦଳମାନଙ୍କର ସୁବିଧାବାଦୀ ଚିନ୍ତାଧାରା ।

(୩) ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ କ୍ଷମତାରୁ ହଟାଇବା କିମ୍ବା ଦୂରେଇ ରଖିବା ।

(୪) ରାଜନୈତିକ ଗୋଷ୍ଠୀବାଦ

(୫) ଦଳବଦଳ ରାଜନୀତି ।

(୬) ରାଜନୈତିକ ଧ୍ରୁବିକରଣର ଅଭାବ ଇତ୍ୟାଦି ।

## 'ଗ' ବିଭାଗ (Group–C)

### ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ରାଜନୈତିକ ଦଳର କାର୍ଯ୍ୟାବଳୀ ବର୍ଣ୍ଣନା କର ।**

**(Describe the functions of Political Parties.)**

ଉ. ଗଣତନ୍ତ୍ରର ସଫଳତା ପାଇଁ ରାଜନୈତିକ ଦଳ ଏକ ଅପରିହାର୍ଯ୍ୟ ସର୍ତ୍ତ । ରାଜନୈତିକ ଦଳ ବ୍ୟତୀତ ଆଧୁନିକ ଗଣତନ୍ତ୍ରର ସ୍ଥିତି ଅସମ୍ଭବ । ଏହାକୁ ଛାଡ଼ି ଗଣତନ୍ତ୍ର ଶାସନର କଳ୍ପନା ଅବାସ୍ତବ । ସାଧାରଣତଃ ରାଜନୈତିକ ଚିନ୍ତା, ଚେତନା ଓ ଆଦର୍ଶ ଭିତ୍ତିରେ ରାଜନୈତିକ ଦଳ ଗଠିତ ହୋଇଥାଏ । ଦେଶର ନିର୍ବାଚନରେ ଅଂଶଗ୍ରହଣ କରି ସାମ୍ବିଧାନିକ ଉପାୟରେ କ୍ଷମତା ହାସଲ କରିବା ରାଜନୈତିକ ଦଳର ପ୍ରଧାନ ଲକ୍ଷ୍ୟ ।

ଯେତେବେଳେ ସମମତ ପୋଷଣ କରୁଥିବା ନାଗରିକ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ନିର୍ବାଚନକୁ ଆଖି ଆଗରେ ରଖି, ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଗ୍ରହଣ କରି, ତାହାକୁ ଜନସାଧାରଣଙ୍କର ଅନୁମୋଦନ ପାଇଁ ପ୍ରୟାସୀ ହୁଅନ୍ତି, ସେତେବେଳେ ଏହାକୁ ରାଜନୈତିକ ଦଳ କୁହାଯାଏ ।

ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା-୧
[ DEMOCRACTIC PROCESS IN INDIA-1]

2
UNIT

ତୃତୀୟ ଅଧ୍ୟାୟ

# ଭାରତରେ ସଂଘୀୟ ବ୍ୟବସ୍ଥା
# [ FEDERALISM IN INDIA ]

**ବୈଶିଷ୍ଟ୍ୟ, କେନ୍ଦ୍ର ଓ ରାଜ୍ୟ ସଂପର୍କ, ଭାରତୀୟ ସଂଘୀୟ ବ୍ୟବସ୍ଥାର ସାମ୍ପ୍ରତିକ ଧାରା**
**Features, Centre-State Relations, Recent Trends in Indian Federalism**

**B.** ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର(**Answer Six Sentences**)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)

ପ୍ର.୧. କେନ୍ଦ୍ର ତାଲିକା ।

ଉ. ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଶାସନ କ୍ଷମତା ବଣ୍ଟନ କରାଯାଇଛି । ଏହି ବଣ୍ଟନ ବିଷୟରେ ସମ୍ବିଧାନର ଏକାଦଶ ଭାଗ ଏବଂ ସପ୍ତମ ଅନୁସୂଚୀରେ ତିନୋଟି ତାଲିକା କରାଯାଇଛି ଯଥା କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକା । କେନ୍ଦ୍ର ତାଲିକାରେ ପ୍ରତିରକ୍ଷା, ରେଳବାଇ, ଡାକ ଓ ତାର ବିଭାଗ, ପରମାଣୁ ଶକ୍ତି, ବୈଦେଶିକ ସମ୍ପର୍କ, ବିମାନ ଚଳାଚଳ ଓ ମୁଦ୍ରା ପ୍ରଚଳନ ସମ୍ପଦ, ତୈଳ ସମ୍ପଦ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ୯୯ଟି ବିଷୟ ରହିଅଛି । ଏହି ତାଲିକାଭୁକ୍ତ ବିଷୟରେ ସଂସଦ ଆଇନ ପ୍ରଣୟନ ହୋଇଥାଏ ।

ପ୍ର.୨ ରାଜ୍ୟ ତାଲିକା ।

ଉ. ଭାରତ ସମ୍ବିଧାନର ଏକାଦଶ ଭାଗ ଓ ସପ୍ତମ ଅନୁସୂଚୀରେ ବର୍ଣ୍ଣିତ ତିନୋଟି ତାଲିକାରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ କ୍ଷମତା ବଣ୍ଟନ କରାଯାଇଛି । ଏହି ତିନି ତାଲିକା ମଧ୍ୟରୁ ରାଜ୍ୟ ତାଲିକାରେ ୬୧ଟି ବିଷୟ ରହିଅଛି ଯାହା ଉପରେ ରାଜ୍ୟ ବିଧାନମଣ୍ଡଳ ଆଇନ ପ୍ରଣୟନ କରିଥାଏ । କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ଯଥା ରାଜ୍ୟସଭାର ଅନୁରୋଧ କ୍ରମେ, ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣାବେଳେ, ଦୁଇ ବା ତତୋଧିକ ରାଜ୍ୟ ବିଧାନମଣ୍ଡଳର ଅନୁରୋଧ କ୍ରମେ

- 352, 356, 360 249

ସଂସଦ ମଧ୍ୟ ରାଜ୍ୟ ତାଲିକାଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ କରିଥାଏ । ଜେଲ, ଜନସ୍ୱାସ୍ଥ୍ୟ, କୃଷି, ପଶୁପାଳନ, ଜଙ୍ଗଲ ବିଦ୍ୟୁତ ଆଦି ବିଷୟ ରାଜ୍ୟ ତାଲିକାରେ ସ୍ଥାନିତ କରାଯାଇଛି ।

**ପ୍ର.୩. ଯୁଗ୍ମ ତାଲିକା ବା ମିଳିତ ତାଲିକା**

ଉ. ଭାରତ ସମ୍ବିଧାନର ସପ୍ତମ ଅନୁସୂଚୀରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ହୋଇଥିବା କ୍ଷମତା ବଣ୍ଟନ ପାଇଁ ଉଦ୍ଦିଷ୍ଟ ତିନୋଟି ତାଲିକା ମଧ୍ୟରୁ ଯୁଗ୍ମ ତାଲିକା ବା ମିଳିତ ତାଲିକା ଅନ୍ୟତମ । ଏହି ତାଲିକା ଅନ୍ତର୍ଭୁକ୍ତ ୫୨ଟି ବିଷୟରେ ଉଭୟ ସଂସଦ ଓ ରାଜ୍ୟ ବିଧାନମଣ୍ଡଳ ଆଇନ ପ୍ରଣୟନ କରିଥାନ୍ତି । ଯଦି ଏହି ତାଲିକା ଅନ୍ତର୍ଭୁକ୍ତ ବିଷୟରେ ଆଇନ ପ୍ରଣୟନକୁ ନେଇ ସଂସଦ ଓ ରାଜ୍ୟ ମଧ୍ୟରେ ବିବାଦ ଦେଖାଯାଇଥାଏ, ତେବେ କେନ୍ଦ୍ର ଆଇନ ବା ସଂସଦୀୟ ଆଇନ ବଳବତ୍ତର ରହିଥାଏ । ଏହି ତାଲିକା ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ ହେଲା ଶିକ୍ଷା, ପରିବାର ନିୟନ୍ତ୍ରଣ, ଶ୍ରମିକ ସଂଗଠନ, କଳକାରଖାନା ପୁସ୍ତକ ଓ ଛାପା କାରଖାନା ଓ ଜନ୍ମ ମୃତ୍ୟୁ ଇତ୍ୟାଦି ।

**ପ୍ର.୪. ଭାରତ ଏକ ଅର୍ଦ୍ଧ-ରାଷ୍ଟ୍ରସଂଘ**

ଉ. ଭାରତରେ ଏକ ଲିଖିତ ସମ୍ବିଧାନ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଶାସନ କ୍ଷମତା ବଣ୍ଟନ କରାଯାଇ ତାହାକୁ ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ ଦ୍ୱାରା ସୁରକ୍ଷିତ କରାଯାଇଥିବାରୁ ଏହା ଏକ ସଂଘୀୟ ରାଷ୍ଟ୍ର । ଏହା ସତ୍ତ୍ୱେ ଭାରତରେ ନମନୀୟ ସମ୍ବିଧାନ, ଗୋଟିଏ ସମ୍ବିଧାନ, ଏକକ ନାଗରିକତା, ଏକକ ନ୍ୟାୟପାଳିକା, ଜରୁରୀ ପରିସ୍ଥିତି ଘୋଷଣା ବେଳେ ସଂଘୀୟ ଲକ୍ଷଣର ପରିବର୍ତ୍ତନ ହେଉଥିବାରୁ ଏବଂ ଏଠାରେ ଅନେକ ଐକିକ ଲକ୍ଷଣ ଦେଖାଯାଉଥିବାରୁ ଏହାକୁ ଏକ ଅର୍ଦ୍ଧ ରାଷ୍ଟ୍ରସଂଘ କୁହାଯାଏ । ଏହା ମଧ୍ୟ ଆକୃତିରେ ସଂଘୀୟ ଓ କାର୍ଯ୍ୟତଃ ଐକିକ ଅଟେ ।

## ଗ' ବିଭାଗ (Group–C)

### ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ସଂଘୀୟ ରାଷ୍ଟ୍ରର ଲକ୍ଷଣମାନ ଆଲୋଚନା କର ।** IMP

**(Discuss the features of a Federal State.)**

ଉ. କ୍ଷମତାର କେନ୍ଦ୍ରୀକରଣ ଓ ବିଭାଜନକୁ ଭିତ୍ତିକରି ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରକ ମୁଖ୍ୟତଃ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଥାଏ; ଯଥା– ଐକିକ ରାଷ୍ଟ୍ର ଓ ସଂଘୀୟ ରାଷ୍ଟ୍ର । ଯେଉଁ ରାଷ୍ଟ୍ରରେ ଏକ ଲିଖିତ ସମ୍ବିଧାନ କେନ୍ଦ୍ର ଓ ଆଞ୍ଚଳିକ ସରକାର ମଧ୍ୟରେ ଶାସନ କ୍ଷମତା ବଣ୍ଟନ କରିଥାଏ, ତାହାକୁ ସଂଘୀୟ ରାଷ୍ଟ୍ର କୁହାଯାଏ । ଅଧ୍ୟାପକ **ଡାଇସୀ**ଙ୍କ ମତରେ, ''ଯେଉଁ ରାଜନୈତିକ ପଦ୍ଧତିରେ ଜାତୀୟ ଏକତା ତଥା କ୍ଷମତା ଓ ରାଜ୍ୟର ସ୍ୱାତନ୍ତ୍ର୍ୟ ସଂରକ୍ଷଣ ମଧ୍ୟରେ ସମନ୍ୱୟ ସମ୍ଭବ ହୁଏ, ତାକୁ ସଂଘୀୟ ରାଷ୍ଟ୍ର କୁହାଯାଏ ।'' **ମଣ୍ଟେସ୍କ୍ୟୁ**ଙ୍କ ମତରେ ''ଯେଉଁଠାରେ କେତେଗୁଡ଼ିଏ ସମଭାବାପନ୍ନ ରାଷ୍ଟ୍ର ଏକ ରାଷ୍ଟ୍ରର ସଭ୍ୟ ହେବାକୁ ସହମତ ପ୍ରକାଶ କରି ଏକ ସରକାର ଗଠନ କରନ୍ତି, ତାକୁ ସଂଘୀୟ ରାଷ୍ଟ୍ର କୁହାଯାଏ ।''

ସାଧାରଣତଃ ସଂଘୀୟ ରାଷ୍ଟ୍ର ଗଠନ ନିମିତ୍ତ ଦୁଇଗୋଟି ପ୍ରଣାଳୀ ଅନୁସୃତ ହୋଇଥାଏ । ଏହି ଦୁଇଟି ପ୍ରଣାଳୀକୁ ନେଇ ରାଷ୍ଟ୍ରସଂଘ ଗୁଡ଼ିକୁ କେନ୍ଦ୍ରାଭିମୁଖୀ ରାଷ୍ଟ୍ରସଂଘ ଓ ବିକେନ୍ଦ୍ରୀମୁଖୀ ରାଷ୍ଟ୍ରସଂଘରେ ବିଭକ୍ତ କରାଯାଇଥାଏ ।

ଚତୁର୍ଥ ଅଧ୍ୟାୟ

# ଭାରତରେ ସ୍ଥାନୀୟ ସରକାର

## [ Local Governance in India ]

**ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା– ଗଠନ ଓ କାର୍ଯ୍ୟାବଳୀ**

**Rural and Urban Local Bodies–Composition and Functions**

**B.** **ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର(Answer in Six Sentences)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

**ପ୍ର.୧. ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟମାନ ।**

**ଉ.** ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ନିମ୍ନଲିଖିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଅଛି ।

(କ) କ୍ଷମତାର ବିକେନ୍ଦ୍ରୀ କରଣ କରି ଶାସନ କ୍ଷମତା ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଦାନ କରିବା ।

(ଖ) ସ୍ଥାନୀୟ ସମସ୍ୟାର ଉପଯୁକ୍ତ ସମାଧାନ କରିବା ।

(ଗ) ଲୋକମାନଙ୍କ ମନରେ ରାଜନୈତିକ ଚେତନା ସୃଷ୍ଟି କରିବା ।

(ଘ) ନିମ୍ନସ୍ତରରେ ଗଣତନ୍ତ୍ରକୁ ସଫଳ କରିବା ।

(ଙ) ରାଷ୍ଟ୍ରର ଶାସନ ପାଇଁ ଭବିଷ୍ୟତର ନେତା ସୃଷ୍ଟି କରିବା ।

(ଚ) ନାଗରିକମାନଙ୍କ ମଧ୍ୟରେ ସହଯୋଗ, ସହନଶୀଳତା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ।

**ପ୍ର.୨. ସ୍ୱାୟତ୍ତ ଶାସନର ମୁଖ୍ୟ ସମସ୍ୟା ।**

**ଉ.** ସ୍ୱାୟତ୍ତ ଶାସନର ବିଭିନ୍ନ ସମସ୍ୟା ଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି ।

(କ) ଏହାର ନିଜସ୍ୱ ସମ୍ବଳର ଅଭାବ

(ଖ) ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ

(ଗ) ସ୍ୱାୟତ୍ତଶାସନର ବ୍ୟବସ୍ଥା ଦଳୀୟ ରାଜନୀତିର ଶିକାର

(ଘ) ଏଠାରେ ପ୍ରକୃତ କ୍ଷମତାର ବିକେନ୍ଦ୍ରୀକରଣ ହୋଇନାହିଁ

(ଙ) ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଗୁଡ଼ିକର କାର୍ଯ୍ୟକାଳ ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରେ ।

**ପ୍ର.୩. ପଞ୍ଚାୟତରାଜ ବ୍ୟବସ୍ଥାର ଅର୍ଥ ।**

ଉ. ବଳବନ୍ତରାଓ ମେହେଟ୍ଟା କମିଟିର ପ୍ରସ୍ତାବକ୍ରମେ ଭାରତରେ ପ୍ରଚଳିତ ହେଉଥିବା ଗ୍ରାମାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ 'ପଞ୍ଚାୟତିରାଜ' କୁହାଯାଏ । ଏହା ଏକ ତିନି ସ୍ତରୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା । ଏହାର ଶୀର୍ଷରେ ଜିଲ୍ଲାପରିଷଦ, ମଧ୍ୟମ ସ୍ତରରେ ପଞ୍ଚାୟତ ସମିତି ଓ ନିମ୍ନସ୍ତରରେ ଗ୍ରାମ ପଞ୍ଚାୟତ ରହିଛି । ଗ୍ରାମାଞ୍ଚଳରେ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ଯାପନରେ ପଞ୍ଚାୟତି ରାଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ରାଜନୈତିକ ସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ ।

**ପ୍ର.୪. ଗ୍ରାମପଞ୍ଚାୟତର ଗଠନ ।**

ଉ. ଭାରତରେ ଗ୍ରାମାଞ୍ଚଳରେ ପ୍ରଚଳିତ ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବନିମ୍ନ ସ୍ତରକୁ ଗ୍ରାମପଞ୍ଚାୟତ କୁହାଯାଏ । ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର ଓ ପଞ୍ଚାୟତ ସଚିବଙ୍କୁ ନେଇ ଗ୍ରାମପଞ୍ଚାୟତ ଗଠିତ ହୋଇଥାଏ । ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ କେତେକ ୱାର୍ଡରେ ବିଭକ୍ତ କରାଯାଇଥାଏ ଏବଂ ପ୍ରତ୍ୟେକ ୱାର୍ଡରୁ ଜଣେ ପଞ୍ଚ(Ward member) ନାଗରିକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥାନ୍ତି । ଗ୍ରାମପଞ୍ଚାୟତ ମୁଖ୍ୟ ହେଉଛନ୍ତି ସରପଞ୍ଚ । ସେ ଗ୍ରାମପଞ୍ଚାୟତର ବୈଠକରେ ଅଧ୍ୟକ୍ଷତା କରନ୍ତି ।

**ପ୍ର.୫. ସରପଞ୍ଚଙ୍କ କାର୍ଯ୍ୟମାନ ।**

ଉ. ଗ୍ରାମପଞ୍ଚାୟତର ପ୍ରଧାନ କାର୍ଯ୍ୟପାଳିକା ଭାବରେ ସରପଞ୍ଚ ନିମ୍ନଲିଖିତ କାର୍ଯ୍ୟମାନ କରିଥାନ୍ତି ।

(କ) ସେ ଗ୍ରାମ ପଞ୍ଚାୟତର ବୈଠକ ଡକାନ୍ତି ଓ ଅଧ୍ୟକ୍ଷତା କରନ୍ତି ।

(ଖ) ସେ ପଞ୍ଚାୟତର ଆଇନ୍ ଓ ନିୟମକୁ କାର୍ଯ୍ୟକାରୀ କରନ୍ତି ।

(ଗ) ସେ ଗ୍ରାମସଭାର ବୈଠକ ଆହ୍ୱାନ କରନ୍ତି ଓ ଅଧ୍ୟକ୍ଷତା କରନ୍ତି ।

(ଘ) ସେ ପଞ୍ଚାୟତର ସମସ୍ତ ରେକର୍ଡ଼ ଓ ସଂପତ୍ତି ପାଇଁ ଦାୟୀ ରହନ୍ତି ।

(ଙ) ସେ ଜନ୍ମ, ମୃତ୍ୟୁ, ବିବାହ ଓ ମଡ଼କର ହିସାବ ରଖନ୍ତି ।

(ଚ) ପଞ୍ଚାୟତରେ ଯଦି ଆଇନ୍ ଶୃଙ୍ଖଳା ଭଙ୍ଗର ଆଶଙ୍କା ଥାଏ, ତେବେ ସେ ଏସ.ଡିଓଙ୍କୁ ଜଣାଇଥାନ୍ତି ।

**ପ୍ର.୬. ସରପଞ୍ଚଙ୍କ ବହିଷ୍କାର ।**

ଉ :ସାଧାରଣତଃ ସରପଞ୍ଚଙ୍କୁ ଅନାସ୍ଥାପ୍ରସ୍ତାବ ଦ୍ୱାରା ବହିଷ୍କୃତ କରାଯାଇଥାଏ । ଏହି ପ୍ରସ୍ତାବ ଗ୍ରାମ ପଞ୍ଚାୟତର ଦୁଇ ତୃତୀୟାଂଶ ସଭ୍ୟଙ୍କର ଅନୁମୋଦନରେ ଗୃହୀତ ହେବା ଆବଶ୍ୟକ । ସରକାର ମଧ୍ୟ ଉପଖଣ୍ଡ ଅଧିକାରୀ (S.D.O.) ଙ୍କ ସୁପାରିଶ ଅନୁସାରେ ଆଇନ୍ ଶୃଙ୍ଖଳା ଓ କ୍ଷମତା ଅପବ୍ୟବହାର ଅଭିଯୋଗର ଅନୁସନ୍ଧାନ ପରେ ସରପଞ୍ଚଙ୍କୁ କାର୍ଯ୍ୟଚ୍ୟୁତ କରିପାରିବେ ।

**ପ୍ର.୭. ଗ୍ରାମ ପଞ୍ଚାୟତର ବାଧ୍ୟତାମୂଳକ କାର୍ଯ୍ୟମାନ ।**

ଉ. ଗ୍ରାମ ପଞ୍ଚାୟତର ବାଧ୍ୟତାମୂଳକ କାର୍ଯ୍ୟ ଗୁଡ଼ିକ ହେଲା–

(୧) ରାସ୍ତାଘାଟ ନିର୍ମାଣ ଓ ରକ୍ଷଣାବେକ୍ଷଣ ।

(୨) ସର୍ବସାଧାରଣ ପାଇଁ କୂପ, ନଳକୂପ ଓ ପୁଷ୍କରିଣୀ ଖନନ ଓ ଜଳ ଯୋଗାଣ

(୩) ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ ବ୍ୟବସ୍ଥା

(୪) ଜନ୍ମ, ମୃତ୍ୟୁ ଏବଂ ବିବାହ ପଞ୍ଜିକରଣ

(୫) ଜନସ୍ୱାସ୍ଥ୍ୟ ରକ୍ଷା ପାଇଁ ବ୍ୟବସ୍ଥା ଗ୍ରହଣ

(୬) ହାଟ, ମେଳା ଇତ୍ୟାଦିର ପରିଚାଳନା

**ପ୍ର.୮. ପଞ୍ଚାୟତ ସମିତିର କାର୍ଯ୍ୟମାନ ।**

ଉ. ପଞ୍ଚାୟତ ସମିତିର କାର୍ଯ୍ୟଗୁଡ଼ିକ ହେଲା:-

(୧) ବ୍ଲକର ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରିବା ଓ ସେ ଗୁଡ଼ିକର କାର୍ଯ୍ୟକାରିତା ତଦାରଖ ଓ ନିୟନ୍ତ୍ରଣ କରିବା ।

(୨) ନିଜ ବଜେଟ୍ ନିର୍ଦ୍ଧାରଣ ଓ ଅନୁମୋଦନ ସହିତ ଗ୍ରାମ ପଞ୍ଚାୟତର ବଜେଟ୍ ଅନୁମୋଦନ ।

(୩) ସରକାରଙ୍କଠାରୁ ମିଳୁଥିବା ଅର୍ଥକୁ ଗ୍ରାମ ପଞ୍ଚାୟତ ମଧ୍ୟରେ ଯଥାର୍ଥ ବଣ୍ଟନ ।

(୪) ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଯୋଜନା ଗୁଡ଼ିକ କିପରି ଗ୍ରାମ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଛି, ତାହାର ସମୀକ୍ଷା ।

(୫) ବ୍ଲକ ସ୍ତରରେ ପ୍ରାଥମିକ ଶିକ୍ଷାର ପ୍ରସାର, ପରିଚାଳନା ଓ ନିୟନ୍ତ୍ରଣ ଇତ୍ୟାଦି ।

**ପ୍ର.୯. ଗ୍ରାମ ପଞ୍ଚାୟତର ଆୟ ପନ୍ଥା ମାନ ।**

**ଉ.** ଗ୍ରାମ ପଞ୍ଚାୟତ ସାଧାରଣତଃ ନିମ୍ନଲିଖିତ ଉତ୍ସମାନଙ୍କଠାରୁ ଆୟ କରିଥାଏ ।

(୧) ଗୃହକର, ଜଳକର, ଆଲୋକକର, ବୃତ୍ତିକର ଓ ଯାନବାହାନରୁ ଆଦାୟ ହେଉଥିବା କର ।

(୨) ସାଇକେଲ୍, ରିକ୍ସା, ଶଗଡ଼ରୁ ଆଦାୟ ହେଉଥିବା ଲାଇସେନସ୍ ଫି ।

(୩) ଗାଁ, ହାଟ, ଘାଟ, ପୋଖରୀକୁ ନିଲାମ କରି ଆଦାୟ ହେଉଥିବା ଅର୍ଥ ।

(୪) ପଞ୍ଚାୟତରୁ ଆଦାୟ ହେଉଥିବା ଜୋରିମାନା ।

(୫) ସରକାରୀ ଅନୁଦାନ ଓ

(୬) ଲୋକମାନଙ୍କଠାରୁ ମିଳୁଥିବା ଦାନ ।

**ପ୍ର.୧୦. ପଞ୍ଚାୟତିରାଜ ବ୍ୟବସ୍ଥାର ବିଭିନ୍ନ ସମସ୍ୟାମାନ ।**

**ଉ.** ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥାର କାର୍ଯ୍ୟକାରିତା ଦିଗରେ ନିମ୍ନଲିଖିତ ପ୍ରତିବନ୍ଧକ ରହିଅଛି ।

(୧) ଭାରତର ଅଧିକାଂଶ ନାଗରିକ ନିରକ୍ଷର ହୋଇଥିବାରୁ ସେମାନେ ଗଣତାନ୍ତ୍ରିକ ଚିନ୍ତାଧାରାକୁ ଠିକ୍ ରୂପେ କାର୍ଯ୍ୟକାରୀ କରୁନାହାନ୍ତି ।

(୨) ଜାତିପ୍ରଥା, ସାଂପ୍ରଦାୟିକତା ଓ ଆଞ୍ଚଳିକତା ପଞ୍ଚାୟତିରାଜ ବ୍ୟବସ୍ଥାର କାର୍ଯ୍ୟକାରିତା ପାଇଁ ପ୍ରତିବନ୍ଧକ ।

(୩) ଅମଲାତନ୍ତ୍ରରେ ଅତ୍ୟଧିକ ହସ୍ତକ୍ଷେପ ଏକ ପ୍ରତିବନ୍ଧକ ।

(୪) ସରକାରଙ୍କର ଅତ୍ୟଧିକ ହସ୍ତକ୍ଷେପ ମଧ ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରତିବନ୍ଧକ ହେଉଛି ।

(୫) କଠୋର ଦଳୀୟ ଚିନ୍ତାଧାରା ପଞ୍ଚାୟତିରାଜର ସଫଳତା ଦିଗରେ ଏକ ମୁଖ୍ୟ ପ୍ରତିବନ୍ଧକ ।

(୬) ପାଣ୍ଠିର ଅଭାବ ଯୋଗୁଁ ମଧ ପଞ୍ଚାୟତିରାଜ ବ୍ୟବସ୍ଥା ତା'ର ଉପଯୁକ୍ତ ଲକ୍ଷ୍ୟ ହାସଲ କରିପାରୁନାହିଁ ।

**ପ୍ର.୧୧. ଗୋଷ୍ଠୀ ଉନ୍ନୟନ ଅଧିକାର (B.D.O.)ଙ୍କର କାର୍ଯ୍ୟମାନ ।**

**ଉ.** ପଞ୍ଚାୟତ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ବି.ଡି.ଓ କୁହାଯାଏ । ସେ ସାଧାରଣତଃ ଜଣେ ଓଡ଼ିଶା ପ୍ରଶାସନିକ ସେବା ଅଫିସର ଅଟନ୍ତି । ବ୍ଲକ୍ ସ୍ତରରେ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ବି.ଡି.ଓଙ୍କ ତତ୍ତ୍ୱାବଧାନରେ ହୋଇଥାଏ । ବି.ଡି.ଓ ବ୍ଲକ ସ୍ତରୀୟ ସମସ୍ତ କର୍ମଚାରୀଙ୍କ ନିୟନ୍ତ୍ରଣ କରିଥାନ୍ତି । ସେ ବ୍ଲକର ବାର୍ଷିକ ବଜେଟ୍ ପ୍ରସ୍ତୁତ କରିଥାନ୍ତି । ପଞ୍ଚାୟତ ସମିତି ଗ୍ରହଣ କରିଥିବା ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ସେ କାର୍ଯ୍ୟକାରୀ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ସେ ରିଲିଫ୍ ଓ ସାହାଯ୍ୟ ପ୍ରଦାନ କରିଥାନ୍ତି । ପ୍ରାଥମିକ ଶିକ୍ଷାର ପ୍ରସାର, ସ୍ୱାସ୍ଥ୍ୟସେବାର ପ୍ରସାର ଓ ଜନ୍ମ ମୃତ୍ୟୁର ହିସାବ ରଖିବା କାର୍ଯ୍ୟ ବି.ଡି.ଓଙ୍କର ଅଛି । ବ୍ଲକର ଉନ୍ନତି ତାଙ୍କର କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ଉପରେ ନିର୍ଭର କରିଥାଏ । ତେଣୁ ସେ ଜଣେ ଦକ୍ଷ, ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ହେବା ଉଚିତ ।

**ପ୍ର.୧୨. ପଞ୍ଚାୟତ ସମିତିର ଅଧକ୍ଷଙ୍କ କାର୍ଯ୍ୟ ଓ ଭୂମିକା ।**

**ଉ.** ପଞ୍ଚାୟତ ସମିତିର କାର୍ଯ୍ୟପାଳିକା ମୁଖ୍ୟଙ୍କୁ ଅଧ୍ୟକ୍ଷ କୁହାଯାଏ । ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ହୋଇଥିବା ସମିତି ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଧକ୍ଷ ଓ ଅନ୍ୟଜଣଙ୍କୁ ଉପାଧକ୍ଷ ରୂପେ ନିର୍ବାଚିତ କରିଥାନ୍ତି । ଅଧକ୍ଷ ପଞ୍ଚାୟତ ସମିତିର ବୈଠକ ଆହ୍ୱାନ କରନ୍ତି ଓ ସେଥିରେ ଅଧକ୍ଷତା କରିଥାନ୍ତି । ପଞ୍ଚାୟତ ସମିତି ଗ୍ରହଣ କରିଥିବା ନିଷ୍ପତ୍ତିକୁ ସେ କାର୍ଯ୍ୟକାରୀ କରନ୍ତି । ପଞ୍ଚାୟତ ସମିତି ନେଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ସେ ପରିଦର୍ଶନ ଓ ତଦାରଖ କରିପାରିବେ । ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବ୍ଲକସ୍ତରୀୟ ଅନ୍ୟ ଅଫିସରମାନଙ୍କ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାନ୍ତି ଓ ସେମାନଙ୍କର ଗୁପ୍ତ ଚରିତ୍ର ପଞ୍ଜିକା ଲେଖିଥାନ୍ତି । ବ୍ଲକ୍ ସ୍ତରରେ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ପୌରହିତ୍ୟ କରିଥାନ୍ତି । ସେ ଗ୍ରାମପଞ୍ଚାୟତକୁ

ପରିଦର୍ଶନ କରି ସେଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ତଦାରଖ କରିଥାନ୍ତି । ବ୍ଲକ୍ ସ୍ତରୀୟ ସମସ୍ତ କାର୍ଯ୍ୟ ପ୍ରାୟତଃ ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇଥାଏ ।

**ପ୍ର.୧୩. ପୌରସଂସ୍ଥାର ଆୟର ଉତ୍ସମାନ ।**

ଉ. ସାଧାରଣତଃ ପୌରସଂସ୍ଥାମାନେ ନିମ୍ନଲିଖିତ ଉତ୍ସରୁ ଆୟ କରିଥାନ୍ତି ।

(୧) ଜମି, ଗୃହ, ଅଟ୍ଟାଳିକା, ଶିଳ୍ପ ଓ ସହରକୁ ଆସୁଥିବା ପଣ୍ୟଦ୍ରବ୍ୟ ଉପରେ କର ।

(୨) ଗାଡ଼ି, ଶଗଡ଼, ସାଇକେଲ ଓ ରିକ୍ସା ପାଇଁ ଲାଇସେନସ୍ ନେବାର ଫି ଆଦାୟ ।

(୩) ନଦୀ ଘାଟ, ପୋଲ ଓ ପାନୀୟ ଜଳଯୋଗାଣ ଉପରୁ କର ।

(୪) ପାଇଖାନା, ମଇଳାର ନିଷ୍କାସନ ଇତ୍ୟାଦି ପାଇଁ କର ।

(୫) ଆଲୋକ ପ୍ରଦାନ ଓ ଆମୋଦ ପ୍ରଦାନ କର ।

(୬) ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ଓ ଅନୁଦାନ ।

(୭) ସରକାରଙ୍କଠାରୁ ଋଣ ଆଦାୟ ।

ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା-୨

**[ DEMOCRATIC PROCESS IN INDIA -2 ]**

**3**

**UNIT**

ପଞ୍ଚମ ଅଧ୍ୟାୟ

# ଜାତି–ରାଷ୍ଟ୍ର ଗଠନ ପାଇଁ ଆହ୍ୱାନମାନ

# [ CHALLENGES TO NATION-BUILDING ]

**ଅର୍ଥ, ସାଂପ୍ରଦାୟିକତାବାଦ, ଜାତିବାଦ, ଆଞ୍ଚଳିକତାବାଦ, ଆତଙ୍କବାଦ, ପ୍ରତିକାର**

**Meaning, Communalism, Casteism, Regionalism, Terrorism, Remedies**

**B.** ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର **(Answer Six Sentences)**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)

**ପ୍ର.୧. ଜାତୀୟତାବାଦ ।**

ଉ. ଜାତୀୟତାକୁ ଜାତି ଗଠନ ପାଇଁ ଯେଉଁ ମାନସିକ ଐକ୍ୟଭାବ କାର୍ଯ୍ୟ କରେ, ତାହା ହିଁ ଜାତୀୟତାବାଦ । ରାମ୍ ସେ ମୂରଙ୍କ ମତରେ "ଐତିହାସିକ ପ୍ରକ୍ରିୟା ଦ୍ୱାରା ଜାତୀୟତା ରାଜନୈତିକ ସଂଗଠନରେ ରୂପାନ୍ତରିତ ହୋଇ ଯେଉଁ ଜାତି ଗଠନ କରେ, ତାହାକୁ ଜାତୀୟବାଦ କୁହାଯାଏ ।" ଗ୍ରାଜିଆଙ୍କ ମତରେ "ଯେଉଁ ଐକ୍ୟ ମନୋଭାବ, ରାଜନୈତିକ ଏକତା ଓ ସ୍ୱାଧୀନତା ପିପାସା ଲୋକମାନଙ୍କୁ ଜାତିରେ ପରିଣତ କରିଥାଏ, ତାହାକୁ ଜାତୀୟତାବାଦ କୁହାଯାଏ ।" ଜାତୀୟତାବାଦ ଦ୍ୱାରା ଗୋଟିଏ ଜାତିର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସଂରକ୍ଷିତ ହୋଇଥାଏ । ଏହା ଲୋକମାନଙ୍କ ମଧ୍ୟରେ ରାଜନୈତିକ ଏକତ୍ରୀକରଣ ପାଇଁ ପ୍ରେରଣା ଯୋଗାଇଥାଏ ।

**ପ୍ର.୨. ଜାତୀୟ ସଂହତିର ଅର୍ଥ ।**

ଉ. ଗୋଟିଏ ରାଷ୍ଟ୍ରର ଜନତାଙ୍କ ମଧ୍ୟରେ ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଦୃଷ୍ଟି ସଂକଳ୍ପକୁ ଜାତୀୟ ସଂହତି କୁହାଯାଏ । ଅନ୍ୟ ଅର୍ଥରେ ବିଭିନ୍ନ ବୈଷମ୍ୟ ସତ୍ତ୍ୱେ ରାଷ୍ଟ୍ରର ଅଧିବାସୀମାନଙ୍କ ମଧ୍ୟରେ ଐକ୍ୟ ଓ ସମନ୍ୱୟ ପ୍ରତିଷ୍ଠାକୁ ହିଁ ଜାତୀୟ ସଂହତି କୁହାଯାଏ । ଭୌଗୋଳିକ ଅବସ୍ଥିତି, ଧର୍ମ, ଭାଷା ଚଳଣି ଓ ସଂସ୍କୃତିରେ ବିଭିନ୍ନତା ସତ୍ତ୍ୱେ ମଧ୍ୟ ଲୋକମାନେ ଚିନ୍ତା ଓ ଚେତନାରେ ନିଜକୁ ଗୋଟିଏ ଦେଶର ଅଧିବାସୀ ବୋଲି ଭାବିଲେ ଜାତୀୟ ସଂହତି ପ୍ରତିଷ୍ଠା ହୋଇଥାଏ । ଜାତୀୟ ସଂହତି ଏକ ବନ୍ଧନ ଯାହାଦ୍ୱାରା ଗୋଟିଏ ରାଷ୍ଟ୍ରର ସମସ୍ତ ଜନତାଙ୍କୁ ଏକତ୍ର ବାନ୍ଧି ରଖାଯାଇଥାଏ । "ବିଭିନ୍ନତା ମଧ୍ୟରେ ଏକତା" ଓ "ବୈଷମ୍ୟ ମଧ୍ୟରେ ସାମ୍ୟ" ପ୍ରତିଷ୍ଠା କରିବା ଜାତୀୟ ସଂହତିର ଲକ୍ଷ୍ୟ ।

**ପ୍ର.୩. ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ମୁଖ୍ୟ ପ୍ରତିବନ୍ଧକମାନ ।**

ଉ. ଜାତୀୟ ସଂହତି ପ୍ରତିଷ୍ଠା କ୍ଷେତ୍ରରେ ନିମ୍ନଲିଖିତ ପ୍ରତିବନ୍ଧକମାନ ରହିଅଛି ।

(କ) ଭାଷାଗତ ବୈଷମ୍ୟ
(ଖ) ଧର୍ମଗତ ବୈଷମ୍ୟ
(ଗ) ଆଞ୍ଚଳିକତାବାଦ
(ଘ) ସାମ୍ପ୍ରଦାୟିକତାବାଦ
(ଙ) ନିରପେକ୍ଷତା
(ଚ) ଦାରିଦ୍ର୍ୟତା ଓ
(ଛ) ଜାତିଆଣ ଭାବ ଇତ୍ୟାଦି

**ପ୍ର.୪. ଜାତୀୟ ସଂହତି ପ୍ରତିଷ୍ଠା ପାଇଁ ସହାୟକ ଉପାଦାନ ।**

ଉ. ଜାତୀୟ ସଂହତି ପ୍ରତିଷ୍ଠା ପାଇଁ ନିମ୍ନଲିଖିତ ସହାୟକ ଉପାଦାନ ରହିଅଛି ।

(କ) ସାଂସ୍କୃତିକ ଏକୀକରଣ
(ଖ) ଶିକ୍ଷାର ପ୍ରସାର
(ଗ) ଅର୍ଥନୈତିକ ପ୍ରଗତି
(ଘ) ସାମାଜିକ ନ୍ୟାୟ ପ୍ରତିଷ୍ଠା
(ଙ) ସଂଖ୍ୟାଲଘୁ ସଂପ୍ରଦାୟର ସୁରକ୍ଷା ଓ
(ଚ) ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ରାଜନୈତିକ ପ୍ରକ୍ରିୟା

**ପ୍ର.୫. ଜାତୀୟ ସଂହତି ପ୍ରତିଷ୍ଠା କ୍ଷେତ୍ରରେ ଧର୍ମନିରପେକ୍ଷତାର ଗୁରୁତ୍ୱ ।**

ଉ. ଭାରତରେ ବିଭିନ୍ନ ଧର୍ମର ଲୋକ ବାସ କରୁଥିବା ହେତୁ ଭାରତୀୟମାନଙ୍କ ମଧ୍ୟରେ ଧର୍ମଗତ ବୈଷମ୍ୟ ଦେଖାଯାଏ ଓ ଏହି ଧର୍ମଗତ ବୈଷମ୍ୟ ଯୋଗୁଁ ସାମ୍ପ୍ରଦାୟିକତାବାଦ ସୃଷ୍ଟି ହୋଇଥାଏ । ଫଳରେ ଜାତୀୟ ସଂହତି ବାଧାପ୍ରାପ୍ତ ହୋଇଥାଏ । ଭାରତରେ ବିଭିନ୍ନ ଧର୍ମ ସଂପ୍ରଦାୟ ମଧ୍ୟରେ ସମନ୍ୱୟ ରକ୍ଷା କରି ଭାରତର ଏକତା ଓ ସଂହତି ପ୍ରତିଷ୍ଠା ପାଇଁ ଭାରତକୁ ଏକ

ଧର୍ମନିରପେକ୍ଷ ରାଷ୍ଟ୍ର ରୂପେ ଘୋଷଣା କରାଯାଇଅଛି । ଏହାଦ୍ୱାରା ସରକାର ପ୍ରତ୍ୟେକ ଧର୍ମକୁ ସମାନ ଭାବରେ ବିବେଚିତ କରିଥାନ୍ତି । ଭାରତରେ ଏହି ସାର୍ବ ଧର୍ମ ସମଭାବ ନୀତି ଯୋଗୁଁ ବିଭିନ୍ନ ଧର୍ମୀୟ ସଂପ୍ରଦାୟ ମଧ୍ୟରେ ଏକତା ପ୍ରତିଷ୍ଠା ହେବାଦ୍ୱାରା ଜାତୀୟ ସଂହତି ସୁଦୃଢ଼ ହୋଇଅଛି ।

**ପ୍ର.୬. ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ଆର୍ଥିକ ପ୍ରଗତିର ଭୂମିକା ।**

ଉ. ରାଷ୍ଟ୍ରର ବିଭିନ୍ନ ଅଞ୍ଚଳ ମଧ୍ୟରେ ଦେଖାଯାଉଥିବା ଅର୍ଥନୈତିକ ବୈଷମ୍ୟ ଜାତୀୟ ସଂହତି ପ୍ରତି ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଏହା ବ୍ୟତୀତ ବହୁ ଲୋକଙ୍କ ମଧ୍ୟରେ ଦାରିଦ୍ର୍ୟ, ବେକାରୀ ଓ ଅର୍ଥନୈତିକ ଦୁର୍ଗତି ସାମାଜିକ ବିଶୃଙ୍ଖଳା ଓ ରାଜନୈତିକ ବିଦ୍ୱେଷ ସୃଷ୍ଟି କରିଥାଏ । ଫଳରେ ଜାତୀୟ ସଂହତି ବିପନ୍ନ ହୋଇଥାଏ । ସମନ୍ୱିତ ଆଞ୍ଚଳିକ ବିକାଶ ଓ ଅର୍ଥନୈତିକ ପ୍ରଗତି ଆଞ୍ଚଳିକ ବୈଷମ୍ୟ ଦୂର କରିବା ସହିତ ଦାରିଦ୍ର୍ୟ ଓ ଅସନ୍ତୋଷର ମୂଳପ୍ରାଟନ କରିଥାଏ । ଫଳରେ ଜାତୀୟ ସଂହତି ପ୍ରତିଷ୍ଠା ଓ ସୁଦୃଢ଼ ହୋଇଥାଏ ।

**ପ୍ର.୭. ଆଞ୍ଚଳିକତାବାଦର ଅର୍ଥ ।**

ଉ. ଆଞ୍ଚଳିକତାବାଦ ଏକ ସଂକୀର୍ଣ୍ଣ ଧାରଣା ଯାହା ଗୋଟିଏ ଅଞ୍ଚଳର ଲୋକମାନଙ୍କ ମନରେ ସେହି ଅଞ୍ଚଳ ପ୍ରତି ଅହେତୁକ ପ୍ରେମଭାବ ଜାଗ୍ରତ କରିଥାଏ । କେତେକଙ୍କ ମତରେ ଆଞ୍ଚଳିକତାବାଦ କେନ୍ଦ୍ର ସରକାରଙ୍କ ଅବହେଳା ଓ ଅତ୍ୟାଚାର ବିରୁଦ୍ଧରେ ଏକ ଆନ୍ଦୋଳନ । ଏହି ଧାରଣା ଦ୍ୱାରା ବଶବର୍ତ୍ତୀ ହୋଇ କେତେକ ଅଞ୍ଚଳର ନାଗରିକମାନେ ରାଷ୍ଟ୍ରପ୍ରତି ଆନୁଗତ୍ୟ ପ୍ରକାଶ କରିବା ପରିବର୍ତ୍ତେ ନିଜ ଅଞ୍ଚଳ ପ୍ରତି ଆନୁଗତ୍ୟ ପ୍ରକାଶ କରିଥାନ୍ତି । କେତେକଙ୍କ ମତରେ ଆଞ୍ଚଳିକତା କହିଲେ ଏକ ଅଞ୍ଚଳରେ ବସବାସ କରି ରହୁଥିବା ଲୋକମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ପାଇଁ ଅନ୍ୱେଷଣମୂଳକ ପ୍ରଚେଷ୍ଟାକୁ ହିଁ ବୁଝାଇଥାଏ । ଭାରତରେ ବିଭିନ୍ନ ଗୋଷ୍ଠୀ ଓ ସମ୍ପ୍ରଦାୟ ନିଜ ନିଜର ବଂଶଗତ, ଭାଷାଗତ ଓ ଆର୍ଥିକ ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ ଯେଉଁ ଉଦ୍ୟମ କରିଥାନ୍ତି, ତାହାକୁ ଆଞ୍ଚଳିକତାବାଦ କୁହାଯାଏ ।

**ପ୍ର.୮. ଭାରତରେ ଆଞ୍ଚଳିକତାବାଦର ବିଭିନ୍ନ ସ୍ୱରୂପ ।**

ଉ. ଭାରତରେ ଆଞ୍ଚଳିକତାବାଦ ନିମ୍ନଲିଖିତ ରୂପରେ ପ୍ରକାଶିତ ହୋଇଥାଏ ।

(କ) ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ରୂପରେ,
(ଖ) ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବୀ ରୂପରେ,
(ଗ) ପୂର୍ଣ୍ଣ ରାଜ୍ୟ ପାହ୍ୟା ଦାବୀ ପାଇଁ ଆନ୍ଦୋଳନ
(ଘ) ଆନ୍ତଃରାଜ୍ୟ ବିବାଦ ରୂପରେ ଓ
(ଙ) ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ବିରୋଧ କରି ।

**ପ୍ର.୯. ଆଞ୍ଚଳିକତାବାଦର ନିରାକରଣ ବ୍ୟବସ୍ଥା ।**

ଉ. ଆଞ୍ଚଳିକତାବାଦର ନିରାକରଣ ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯିବା ଉଚିତ୍ ।

(କ) ରାଷ୍ଟ୍ରର ସମସ୍ତ ଅଞ୍ଚଳର ପ୍ରଗତି କ୍ଷେତ୍ରରେ ସମତୁଲ ରହିବା ଉଚିତ ।
(ଖ) ରାଷ୍ଟ୍ରର ସମସ୍ତ ଅଞ୍ଚଳକୁ ଗମନାଗମନର ସୁବିଧା କରାଯିବା ଉଚିତ ।
(ଗ) ସମଗ୍ର ରାଷ୍ଟ୍ରରେ ଭାଷାଗତ ସମନ୍ୱୟ ପ୍ରତିଷ୍ଠା ହେବା ଆବଶ୍ୟକ ।
(ଘ) ଆଞ୍ଚଳିକତାକୁ ପ୍ରଭାବିତ କରୁଥିବା ରାଜନୈତିକ ଦଳ ଓ ନେତାମାନଙ୍କୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିବା ଉଚିତ୍ ।
(ଙ) ଶିକ୍ଷାର ପ୍ରସାର ମାଧ୍ୟମରେ ଭାରତୀୟମାନଙ୍କ ମନରୁ ଆଞ୍ଚଳିକତା ପରି ସଂକୀର୍ଣ୍ଣ ମନୋଭାବର ବିଲୋପ ହେବା ଉଚିତ୍ ।

**ପ୍ର.୧୦. ଆତଙ୍କବାଦ ।**

ଉ. କୌଣସି ଏକ ରାଜନୈତିକ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଉଗ୍ର ଓ ହିଂସାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଆତଙ୍କବାଦ ବା ସନ୍ତ୍ରାସବାଦ କୁହାଯାଏ । ହତ୍ୟା, ଲୁଣ୍ଠନ, ବିମାନ ଅପହରଣ, ବୋମା ବିସ୍ଫୋରଣ ଇତ୍ୟାଦି ଚଳାଇ ଶାସନକଳକୁ ବିପର୍ଯ୍ୟସ୍ତ କରିବା ଆତଙ୍କବାଦର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ ସଂପୃକ୍ତ ଥିବା ଆନ୍ଦୋଳନକାରୀମାନେ 'ଆତଙ୍କବାଦୀ' ନାମରେ ପରିଚିତ । ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକା, ଭାରତ ସମେତ ଅନେକ ରାଷ୍ଟ୍ର ଆତଙ୍କବାଦ ଦ୍ୱାରା କବଳିତ । ଏହାକୁ ଦମନ କରିବା ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ନିଷ୍ଠା ଓ ଆନ୍ତରିକତା ପ୍ରଦର୍ଶନ କରିବା ଆବଶ୍ୟକ ।

## ଷଷ୍ଠ ଅଧ୍ୟାୟ

# ଭାରତୀୟ ରାଜନୀତିରେ ସାଂପ୍ରତିକ ସମସ୍ୟାବଳୀ
# [ CONTEMPORARY ISSUES IN INDIAN POLITICS ]

**ଜନଆନ୍ଦୋଳନ–ନାରୀ ଆନ୍ଦୋଳନ, ପରିବେଶ ସୁରକ୍ଷା ଆନ୍ଦୋଳନ, ବିକାଶ ଓ ବିସ୍ଥାପନ ଆନ୍ଦୋଳନ**

**Popular Movements–Women Movement, Environment Protection Movement, Development Displacement Movement**

**B.** ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର(**Answer in Six Sentences**)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)

**ପ୍ର.୧. ନାରୀ ଆନ୍ଦୋଳନର ଲକ୍ଷ୍ୟ କ'ଣ ?**

ଉ. ନାରୀ ଆନ୍ଦୋଳନର ଲକ୍ଷ୍ୟମାନ ହେଲା :

(୧) ପୁରୁଷ ସହିତ ମହିଳାମାନଙ୍କର ସମାନ ମର୍ଯ୍ୟାଦା ପ୍ରଦାନ ।

(୨) ନାରୀମାନଙ୍କୁ ଶୋଷଣ ଓ ନିର୍ଯ୍ୟାତନାରୁ ମୁକ୍ତି ।

(୩) ପୁରୁଷପ୍ରଧାନ ସମାଜ ଓ ଲିଙ୍ଗଗତ ବୈଷମ୍ୟର ବିଲୋପ ସାଧନ ।

(୪) ନାରୀ ମର୍ଯ୍ୟାଦା ବିରୋଧୀ ସାମାଜିକ କୁସଂସ୍କାର ବିଲୋପ ।

(୫) ନାରୀ ଶିକ୍ଷାର ପ୍ରସାର ଇତ୍ୟାଦି ।

**ପ୍ର.୨. ପରିବେଶ ସୁରକ୍ଷା ଆନ୍ଦୋଳନର ଆଭିମୁଖ୍ୟମାନ କ'ଣ ?**

ଉ. ପରିବେଶ ସୁରକ୍ଷା ଆନ୍ଦୋଳନର ଆଭିମୁଖ୍ୟ ହେଲା;

(୧) ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ।

(୨) ପରିବେଶକୁ ପ୍ରଦୂଷଣ କରୁଥିବା ନଦୀବନ୍ଧ ଯୋଜନା ଓ ଶିଳ୍ପ କାରଖାନା ପ୍ରତିଷ୍ଠାକୁ ବିରୋଧ ।

(୩) ସହନୀୟ ବିକାଶକୁ ଗୁରୁତ୍ୱ ପ୍ରଦାନ ।

(୪) ପ୍ରାକୃତିକ ସମ୍ପଦର ସୁରକ୍ଷା ଇତ୍ୟାଦି ।

**ପ୍ର.୩. ନର୍ମଦା ବଚାଓ ଆନ୍ଦୋଳନ ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।**

ଉ. ଭାରତର ପଞ୍ଚମ ବୃହତ୍ତ ନଦୀ ନର୍ମଦା ତିନୋଟି ରାଜ୍ୟ ଯଥା ମଧ୍ୟପ୍ରଦେଶ, ଗୁଜୁରାଟ୍ ଓ ମହାରାଷ୍ଟ୍ର ଦେଇ ପ୍ରବାହିତ ହେଉଛି । ଏହି ନଦୀ ଉପରେ ନର୍ମଦା ନଦୀ ଉପତ୍ୟାକା ଯୋଜନା ଅନୁକୁଲ୍ୟରେ ଦୁଇଟି ବୃହତ୍ତ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରାଯାଉଛି ଯଥା ସର୍ଦ୍ଦାର ସାଗର ପ୍ରୋଜେକ୍ଟ ଓ ନର୍ମଦା ସାଗର ପ୍ରୋଜେକ୍ଟ । ଏହି ଦୁଇଟି ଯୋଜନା ଦ୍ୱାରା ୩ଟି ରାଜ୍ୟର ଅନେକ ଚାଷଜମି ଓ ଜଙ୍ଗଲ, ଗ୍ରାମ ଜଳ ପ୍ଲାବିତ ହେବା ସହ ୨୪୮ ଗ୍ରାମର ଏକ ଲକ୍ଷ୍ୟ ଲୋକ ବିସ୍ଥାପିତ ହେବାର ଆକଳନ କରାଯାଇଛି । ନର୍ମଦାର ଜଳକୁ ଗଛିତ ରଖି ପିଇବା ପାଣି, କୃଷିକ୍ଷେତ୍ର, ଶିଳ୍ପ ଓ ବ୍ୟବସାୟିକ ଭାବେ ବ୍ୟବହାର କରିବାକୁ ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ୧୯୮୧ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୧୯୮୫ ମସିହାରେ ବିଶ୍ୱବ୍ୟାଙ୍କରୁ ୪୫୦ ନିୟୁତ ଆମେରକୀୟ ଡଲାର ଲୋନ୍ ଆକାରରେ ପାଇବା ପରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲା । ମାତ୍ର ପୁନର୍ବସତି ଓ ଥଇଥାନକୁ ନେଇ ଅନେକ ଛୋଟବଡ଼ ସଂଗଠନ ପ୍ରକଳ୍ପ ଅଞ୍ଚଳରେ ମୁଣ୍ଡ ଟେକିଲା । ସମୟକ୍ରମେ ସମସ୍ତ ସଂଗଠନ ଏକତ୍ରଭାବେ ସାମାଜିକ କର୍ମୀ ମେଧା ପାଟେକରଙ୍କ ନେତୃତ୍ୱରେ ନର୍ମଦା ବଚାଓ ଆନ୍ଦୋଳନ (NBA) ନାମରେ ଏକ ସଂଗଠନ ଗଢ଼ିଲେ । ମେଧପାଟେକରଙ୍କ ନେତୃତ୍ୱରେ ନର୍ମଦା ବଚାଓ ଆନ୍ଦୋଳନ ହୋଇଥିଲା

**ପ୍ର.୪. ଚିପକୋ ଆନ୍ଦୋଳନ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**

ଉ.ପ୍ରସିଦ୍ଧ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣାଙ୍କ ଦ୍ୱାରା ଚିପକୋ ଆନ୍ଦୋଳନ ଡାକରା ୧୯୭୦ରେ ଆରମ୍ଭ କରାଯାଇଥିଲା । ଏହି ଆନ୍ଦୋଳନ ପଶ୍ଚିମ ହିମାଳୟ ଅଞ୍ଚଳର ସୁରକ୍ଷା ପାଇଁ ଅଭିପ୍ରେତ ଥିଲା । ଏହି ଆନ୍ଦୋଳନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଥିଲା । ବୃକ୍ଷ ଛେଦନକୁ ରୋକିବା ନିମନ୍ତେ ହଜାର, ହଜାର ନରନାରୀ ପୁଲିସ୍‌ର ଧମକକୁ ନଡରି ଗଛମାନଙ୍କୁ କୁଣ୍ଢେଇ ଠିଆହୋଇ ରହିଥିଲେ ।

ବ୍ୟାପକ ବୃକ୍ଷ ଛେଦନ ଫଳରେ ଅଳକାନନ୍ଦା ନଦୀରେ ବାରମ୍ବାର ବନ୍ୟା ଆସୁଥିଲା । ରାସ୍ତା ଓ ବନ୍ଧବାଡ଼ ନିର୍ମାଣ ପାଇଁ ଏହି ଅଞ୍ଚଳରେ ବ୍ୟାପକ ଗଛ କଟା ଚାଲିଥିଲା । ଗୋପେଶ୍ୱର ଗ୍ରାମର ଜନସାଧାରଣ Dasholi Gram Swarajya Mandal ନାମକ ଏକ ସଂଘ ୧୯୭୦ରେ ଗଠନ କରିଥିଲେ। ପ୍ରାରମ୍ଭରେ ଏହି ସଂଘ ବନ୍ୟା ପ୍ରପିଡ଼ିତମାନଙ୍କୁ ରିଲିଫ ଯୋଗାଇବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ପରେ ସେମାନେ ବନ୍ୟା ନିରାକରଣରେ ଜଙ୍ଗଲ ସଂରକ୍ଷଣର ଗୁରୁତ୍ୱ ଅନୁଭବ କରି ସେ ଦିଗରେ କାର୍ଯ୍ୟ ଆରମ୍ଭ କଲେ । ଏହି ଆନ୍ଦୋଳନ ବହୁଗୁଣାଙ୍କ ନେତୃତ୍ୱରେ ଜନ ଆନ୍ଦୋଳନରେ ପରିଣତ

ହେଲା । ଏହା ଭାରତରେ ଏକ ଐତିହାସିକ ଆନ୍ଦୋଳନ ଥିଲା । ଏହି ଆନ୍ଦୋଳନ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । ବର୍ତ୍ତମାନ ଏହି ଆନ୍ଦୋଳନକୁ ଭାରତ ସରକାର ଓ ବିଶ୍ୱବ୍ୟାଙ୍କ ପ୍ରୋତ୍ସାହନ ଯୋଗାଉଛନ୍ତି ।

**ପ୍ର.୫. ବିସ୍ଥାପନ ବିରୋଧୀ ଆନ୍ଦୋଳନର ଆଭିମୁଖ୍ୟ କ'ଣ ?**

ଉ. ଆମ ଦେଶରେ ତଥା ରାଜ୍ୟରେ ବିକାଶର ଧାରା ଅବଚ୍ଛିନ୍ନ ଭାବରେ ଲାଗି ରହିଛି । ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ବିକାଶର ପ୍ରଥମ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତ ଭଳି ଏକ ବିକାଶଶୀଳ ଦେଶରେ ଅନେକ ଜନସାଧାରଣ ଏବେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରିଥାନ୍ତି । ଏମାନଙ୍କର ପାଖରେ ନିଜର ଘରଟିଏ ନଥାଏ । ଏମାନେ ସେମାନଙ୍କର କର୍ମସଂସ୍ଥାନ ସନ୍ଧାନରେ ଯେଉଁଠି ଯେତେବେଳେ ରୋଜଗାରର ସନ୍ଧାନ ମିଳିଯାଏ ସେଠାରେ ସେମାନେ ଅସ୍ଥାୟୀ କୁଡ଼ିଆଟିଏ କରି ରହିଯାନ୍ତି । ଠିକ୍ ସେହି ସ୍ଥାନରେ ଯେତେବେଳେ ସରକାରଙ୍କର କୌଣସି ବିକାଶୋନ୍ମୁଖୀ କାର୍ଯ୍ୟ ଆରମ୍ଭ ହୁଏ ସେଠାରୁ ସେମାନଙ୍କୁ ହଟାଇ ଦିଆଯାଏ । ଏହି ବିସ୍ଥାପିତମାନଙ୍କର ଦୁଃଖ ଦୁର୍ଦ୍ଦଶା କମ୍ କରିବାକୁ ହେଲେ ପ୍ରଥମେ ଶିଳ୍ପକାରଖାନା ପ୍ରତିଷ୍ଠା ହେଲେ ବ୍ୟକ୍ତିଗତ ପୁଞ୍ଜିପତିମାନଙ୍କର ବା ସରକାରଙ୍କର କେତେ ଲାଭ ହେବ ବା ସରକାର କେତେ ରାଜସ୍ୱ ପାଇବେ କେବଳ ସେତିକି ହିସାବକୁ ନ ନେଇ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଜନସାଧାରଣ ଓ ପରିବେଶର କ୍ଷତିର ମଧ୍ୟ ଉଚିତ୍ ଆକଳନ କରାଯିବା ନିହାତି ଜରୁରୀ । ବିସ୍ଥାପିତମାନଙ୍କୁ ଯଥୋଚିତ ନିଯୁକ୍ତି ପ୍ରଦାନ କରାଯିବ ଆବଶ୍ୟକ । ପ୍ରତ୍ୟେକ ପରିବାରକୁ ଉଚିତ କ୍ଷତିପୂରଣ ଦିଆଯିବା ମଧ୍ୟ ଆବଶ୍ୟକ । ଆବଶ୍ୟକସ୍ଥଳେ ସରକାରୀ ଆଇନର ମଧ୍ୟ ପରିବର୍ତ୍ତନ କରାଯିବା ନିତ୍ୟାନ୍ତ ପ୍ରୟୋଜନ । ପ୍ରତ୍ୟେକ ବିସ୍ଥାପିତମାନଙ୍କର ପୁନଃ ଥଇଥାନ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରାଯିବ ଉଚିତ୍ । ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରି ବିସ୍ଥାପିତମାନଙ୍କର ଚଳଣୀ ଓ ଜୀବନଚର୍ଯ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ପୁନର୍ବାସ କଲୋନୀ ନିର୍ମାଣ କରାଗଲେ ସେମାନ ସେଠାରେ ରହିବାର ଆଗ୍ରହ ପ୍ରକାଶ କରିବେ ।

**ପ୍ର.୬. ବିସ୍ଥାପନ ବିରୋଧୀ ଆନ୍ଦୋଳନ ବିପକ୍ଷରେ ଥିବା ଯୁକ୍ତିମାନ ଦର୍ଶାଅ ।**

ଉ.(କ) ବିକାଶ ଓ ବିସ୍ଥାପନ ଦୁଇଟି ପରସ୍ପର ଘନିଷ୍ଠ ବିଷୟ । ବିକାଶ ଯୋଗୁଁ ବିସ୍ଥାପନ ସାଧାରଣ କଥା ।

(ଖ) କ୍ରମ ବର୍ଦ୍ଧମାନ ଜନସଂଖ୍ୟା ଓ ଲୋକଙ୍କର ଜୀବନ ଧାରଣ ମାନର ଉନ୍ନତି ପାଇଁ ଶିଳ୍ପାୟନ ଅବସମ୍ଭାବୀ। ଶିଳ୍ପାୟନକୁ ବିରୋଧ କରିବା ଆତ୍ମହତ୍ୟା ସହ ସମାନ ।

(ଗ) ଶିଳ୍ପ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟା ବାଦ ଦେଇ ଦେଶ ଉନ୍ନତି କରପାରିବ ନାହିଁ ।

(ଘ) ଶିଳ୍ପାୟନ ନ ହେଲେ ପ୍ରାକୃତିକ ସମ୍ପଦର ବିନିଯୋଗ ସମ୍ଭବ ନୁହେଁ ।

(ଙ) ଶିଳ୍ପାୟନ ଯୋଗୁଁ ବେକାରୀ ଦୂର ହୁଏ ଓ ଦେଶର ଆର୍ଥୀକ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆସେ ।

(ଚ) ନଦୀ ବନ୍ଧ ଯୋଜନାରୁ ଉତ୍ପନ୍ନ ବିଦ୍ୟୁତ ଯୋଗୁଁ ପରିବେଶର କ୍ଷତି ହୁଏ ନାହିଁ ବରଂ କୃଷି ପାଇଁ ଜଳସେଚନ ବ୍ୟବସ୍ଥା ସମ୍ଭବ ହୁଏ ।

(ଛ) ଶିଳ୍ପ ପ୍ରତିଷ୍ଠା ବା ନଦୀ ବନ୍ଧ ଯୋଜନାରେ ବା ସହର ଜନସାଧାରଣଙ୍କ ପାଇଁ ସମୟ ଉପଯୋଗୀ କ୍ଷତିପୂରଣ ଓ ଥଇଥାନ ଯୋଜନା ସରକାରଙ୍କ ତରଫରୁ କାର୍ଯ୍ୟକାରୀ କରାଯାଉଛି ।

**ପ୍ର.୭. ପୋସ୍କୋ ବିରୋଧୀ ଆନ୍ଦୋଳନ ସମ୍ବନ୍ଧରେ ଟିପ୍ପଣୀ ଲେଖ ।**

ଉ. ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି (PPSS) ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ନିକଟରେ ପ୍ରସ୍ତାବିତ ପୋସ୍କୋ ଇସ୍ପାତ କାରଖାନାର ଜମି ଅଧିଗ୍ରହଣକୁ ବିରୋଧ କରି ୨୦୦୫ ମସିହାରୁ ଆନ୍ଦୋଳନ କରି ଆସୁଛି । ଦକ୍ଷିଣ କୋରିଆର ପୋସ୍କୋ କମ୍ପାନୀ ଇସ୍ପାତ କ୍ଷେତ୍ରରେ ସବୁଠାରୁ ବୃହତ୍ତ ୫୨,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ କରିବାକୁ ଇଚ୍ଛାପ୍ରକାଶ କରି ପାରାଦ୍ୱୀପ ନିକଟରେ ପ୍ରସ୍ତାବିତ କାରଖାନା ପାଇଁ ଜମି ଅଧିଗ୍ରହଣ କରିବାକୁ ସରକାରଙ୍କ ସାହାଯ୍ୟ ଭିକ୍ଷା କରିଥିଲା । ମାତ୍ର ପ୍ରସ୍ତାବିତ ଅଞ୍ଚଳ ଧାନ, ପାନ ଓ ମୀନ ଉତ୍ପାଦନ ପାଇଁ ପ୍ରସିଦ୍ଧି ଲାଭ କରିଥିବାରୁ ସ୍ଥାନୀୟ ଅଧିବାସୀମାନେ ନିଜ ଘରଦ୍ୱାର ଓ ଜମିବାଡ଼ି ଛାଡ଼ିବାକୁ ରାଜି ନୁହଁନ୍ତି । ସରକାର ସ୍ଥାନୀୟ ପୋଲିସ୍ ଓ ସୁରକ୍ଷାକର୍ମୀଙ୍କ ସାହାଯ୍ୟରେ ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟାକରି ବିଫଳ ହୋଇଛନ୍ତି । ଆଦିବାସୀ ସଂପ୍ରଦାୟର ଲୋକଙ୍କ ଭିଟାମାଟି ଓ ଜଙ୍ଗଲ ଜମି ପୋସ୍କୋ ଅଞ୍ଚଳରେ ଥିବାରୁ ସରକାରଙ୍କ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି । ପିପିଏସ୍ଏସ୍‌ର ସଭାପତି ଅଭୟ କୁମାର ସାହୁଙ୍କୁ ଗିରଫ

କରାଯାଇ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସରକାରଙ୍କ ଚେଷ୍ଟା ବିଫଳ ହୋଇଛି । ସରକାରଙ୍କ ପ୍ରରୋଚନାରେ ପୋସ୍କୋ ସପକ୍ଷବାଦୀ ସଂଗଠକ ମଧ୍ୟ ଗଠିତ ହୋଇଛି । ପୋସ୍କୋର ପ୍ରସ୍ତାବିତ ଅଞ୍ଚଳ ଜନାକୀର୍ଣ୍ଣ ଓ ପରିବେଶ ଦୃଷ୍ଟିରୁ ସମୁଦ୍ର କୂଳବର୍ତ୍ତୀ ଏକ ସ୍ୱର୍ଣ୍ଣକାତର ଅଞ୍ଚଳ । ବର୍ତ୍ତମାନଯାଏ ପ୍ରକଳ୍ପ କାର୍ଯ୍ୟରେ କୌଣସି ଅଗ୍ରଗତି ହୋଇନାହିଁ ।

**ପ୍ର.୮. ସିଙ୍ଗୁର ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ସମୂହରେ ସଂକ୍ଷିପ୍ତ ସୂଚନା ପ୍ରଦାନ କର ।**

ଉ. ଟାଟା ନାନୋ ସିଙ୍ଗୁର ବିବାଦ (Tata, Nanoo Singur Controversy) ବାଙ୍ଗଲାର ହୁଗଲୀ ଜିଲ୍ଲାରେ ଟାଟା ମୋଟର କମ୍ପାନୀର ନାନୋ କାର୍ ଫାକ୍ଟ୍ରୀ ପ୍ରତିଷ୍ଠାକୁ ନେଇ ସୃଷ୍ଟି ହୋଇଥିଲା । ବାଙ୍ଗଲାର ତତ୍କାଳୀନ ସରକାର ୯୯୭ ଏକର ଉର୍ବର ଚାଷଜମି ଲୋକଙ୍କଠାରୁ ଅଧିଗ୍ରହଣ କରି ଟାଟା କମ୍ପାନୀକୁ ଦେବାକୁ ୨୦୦୬ ମସିହାରେ କାର୍ଯ୍ୟାରମ୍ଭ କରିଥିଲେ । ଏହି ଜମି ଅଧିଗ୍ରହଣକୁ ସ୍ଥାନୀୟ ଅଧିବାସୀ ଓ ବିରୋଧିଦଳର ନେତାମାନେ ପ୍ରବଳଭାବେ ବିରୋଧ କଲେ । ବର୍ତ୍ତମାନର ବାଙ୍ଗଲାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ସେତେବେଳେ ସଂଗଠିତ "SaveFarmland" ଆନ୍ଦୋଳନ ସ୍ଥାନୀୟ କୃଷକମାନଙ୍କ ସମର୍ଥନରେ ବିରୋଧକୁ ତୀବ୍ର କଲା । ତାଙ୍କ ଆନ୍ଦୋଳନକୁ ପରିବେଶବିତ୍ ମେଧା ପାଟେକର, ଲେଖିକା ଅରୁନ୍ଧତି ରାୟ, ବୁଦ୍ଧିଜିବୀ ଅପର୍ଣ୍ଣା ସେନ୍, ସାଲୋନୀ ମିତ୍ର, ଆଦି ଅନେକ ଜଣାଶୁଣା ବ୍ୟକ୍ତିତ୍ୱ ସମର୍ଥନ କଲେ । ଫଳରେ ଟାଟା କମ୍ପାନୀ ବାଧ୍ୟରେ ପ୍ରସ୍ତାବିତ କାରଖାନାକୁ ୨୦୦୮ ମସିହାରେ ଗୁଜୁରାଟକୁ ସ୍ଥାନାନ୍ତର କଲା । ନିକଟରେ ସୁପ୍ରୀମ୍‌କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଅଧିଗୃହିତ ଜମି ଲୋକମାନଙ୍କୁ ଫେରସ୍ତ ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

**ପ୍ର.୯. ଓଡ଼ିଶାର ପରିବେଶ ଆନ୍ଦୋଳନ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**

ଉ. ଓଡ଼ିଶାରେ ସଂଗଠିତ ପରିବେଶ ଆନ୍ଦୋଳନମାନ ହେଲା;

(୧) ବାଲକୋ ହଟାଓ ଗନ୍ଧମାର୍ଦ୍ଦନ ବଚାଓ ଆନ୍ଦୋଳନ

(୨) ଚିଲିକା ବଚାଓ ଆନ୍ଦୋଳନ

(୩) ବାଲିଆପାଳରେ କ୍ଷେପଣାସ୍ତ୍ର ଘାଟି ନିର୍ମାଣ ବିରୋଧୀ ଆନ୍ଦୋଳନ ।

(୪) ନିୟମଗିରି ସୁରକ୍ଷା ଆନ୍ଦୋଳନ ଇତ୍ୟାଦି ।

**ପ୍ର.୧୦.ସ୍ୱାଧୀନ ଭାରତରେ ପ୍ରଣୀତ ମହିଳା ବା ନାରୀ ଅଧିକାର ସୁରକ୍ଷା ଆଇନମାନ କ'ଣ କ'ଣ ?**

ଉ. ସ୍ୱାଧୀନଭାରତରେ ନାରୀ ଅଧିକାର ସୁରକ୍ଷା ପାଇଁ ନିମ୍ନଲିଖିତ ଆଇନ ପ୍ରଣୀତ ହୋଇଅଛି ।

(୧) ହିନ୍ଦୁ ବିବାହ ଆଇନ – ୧୯୫୫ 1955

(୨) ହିନ୍ଦୁ ଉତ୍ତରାଧିକାର ଆଇନ – ୧୯୫୬ 1956

(୩) ଯୌତୁକ ନିରୋଧ ଆଇନ – ୧୯୬୧ ଓ ୧୯୭୮

(୪) ବାଲ୍ୟ ବିବାହ ନିରୋଧ (ସଂଶୋଧନ) ଆଇନ – ୧୯୭୮

(୫) ଅଶୋଭନୀୟ ନାରୀ ପ୍ରତିନିଧିତ୍ୱ (ନିଷେଧ ଆଇନ) – ୧୯୮୬

(୬) ସତୀକରଣ (ନିବାରଣ) ଆଇନ – ୧୯୮୭

**ପ୍ର.୧୧.ଯୌତୁକ ବିରୋଧୀ ନାରୀ ଆନ୍ଦୋଳନ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**

ଉ. ୧୯୭୦ ମସିହା ପରେ ଭାରତର ବିଭିନ୍ନ କୋଣରେ ଯୌତୁକ ଜନିତ ହତ୍ୟା ବିଶେଷ ଭାବରେ ବୃଦ୍ଧି ପାଇଥିଲା । ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ଯୌତୁକ ନିର୍ଯାତନା ସମ୍ବନ୍ଧୀୟ ବିଷୟବସ୍ତୁ ପ୍ରକାଶିତ ହେବା ଦ୍ୱାରା ଏହାକୁ ପ୍ରତିରୋଧ କରିବା ଭାରତର ମହିଳା ସଂଗଠନ ଆଗେଇ ଆସିଥିଲେ । ଅଶୀ ଶତାବ୍ଦୀରେ କେତେକ ମହିଳା ସଂଗଠନ ଓ ଅନ୍ୟ କେତେକ ଅଗ୍ରଣୀ ସଂସ୍ଥା ଦିଲ୍ଲୀରେ ଯୌତୁକ ନିର୍ଯାତନା ବିରୋଧରେ ମିଳିତ ମଞ୍ଚ ଗଠନ କରିଥିଲେ । ଏହି ମଞ୍ଚ ''ଦହେଜ୍ ବିରୋଧୀ ଚେତନା ମଞ୍ଚ'' ନାମରେ ପରିଚିତ । ଦିଲ୍ଲୀ ସହରର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯୌତୁକ ନିର୍ଯାତନା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ, ପଥପ୍ରାନ୍ତ ନାଟକ, ଆଲୋଚନା ଓ ସଭା ସମିତି ଇତ୍ୟାଦି କରାଯାଇଥିଲା । ଏହଦ୍ୱାରା ପ୍ରଭାବିତ ହୋଇ ଆଇନ କମିଶନ ଓ ସଂସଦୀୟ କମିଟି ଯୌତୁକ ସମସ୍ୟାର ସମୀକ୍ଷାପାଇଁ ଆଗେଇ ଆସିଥିଲେ । ଶେଷରେ ୧୯୬୧ ମସିହା ସଂସଦରେ ପ୍ରଣୀତ ହୋଇଥିବା ଯୌତୁକ ନିରୋଧ ଆଇନକୁ ୧୯୮୪ ମସିହାରେ କେତେକାଂଶରେ ସଂଶୋଧନ କରାଯାଇଥିଲା । ଏହି

ସଂଶୋଧନ ଦ୍ୱାରା ଯୌତୁକକୁ ସଂପୂର୍ଣ୍ଣ ରୂପେ ନ ଉଠାଇ ଏକ ପରିମାଣକୁ ହ୍ରାସ କରାଯାଇଥିଲା । ଯୌତୁକ ହତ୍ୟା ମାମଲାରେ ସଂପୃକ୍ତ ସ୍ୱାମୀ ଓ ତାଙ୍କର ପରିବାରର ସଦସ୍ୟମାନଙ୍କୁ ଦୋଷୀ ରୂପେ ଗ୍ରହଣ କରାଯାଇ ଜେଲ ଦଣ୍ଡ ପ୍ରଦାନପାଇଁ ବ୍ୟବସ୍ଥା ହୋଇଥିଲା । ଏହାସତ୍ତ୍ୱେ ଏବେ ମଧ୍ୟ ଭାରତରେ ପ୍ରତିବର୍ଷ ୧,୦୦୦ ରୁ ଊର୍ଦ୍ଧ୍ୱ ଯୌତୁକ ନିର୍ଯାତନା ସମ୍ବନ୍ଧୀୟ ମାମଲା ଦେଖାଯାଉଛି ।

**ପ୍ର.୧୨.ସତୀ-ବିରୋଧୀ ଆନ୍ଦୋଳନ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**

ଉ. ୧୮୨୯ ମସିହାରେ ତତ୍‌କାଳୀନ ଇଂରେଜ ବଡଲାଟ୍ ଲର୍ଡ଼ ଉଇଲିୟମ ବେଣ୍ଟିକ୍ ସତୀଦାହ ପ୍ରଥାକୁ ଆଇନ ପ୍ରଣୟନ କରି ଉଚ୍ଛେଦ କରିବା ଦ୍ୱାରା ଭାରତରୁ ଏହି ଘୃଣ୍ୟ ପ୍ରଥାର ବିଲୋପ ଘଟିଥିଲା । କିନ୍ତୁ ୧୯୮୮ ମସିହାରେ ରୂପ କନୱାର ନାମକ ଜଣେ ବିଧବା ଯୁବତୀ ତା'ର ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେବାରୁ ଭାରତର ଏହି ସତୀପ୍ରଥାର ପୁନରାବୃତ୍ତି ହୋଇଥିଲା । ସରକାର ଏହି ଘଟଣା ଉପରେ ତତ୍‌କ୍ଷଣାତ୍ ପଦକ୍ଷେପ ଗ୍ରହଣ ନ କରିବାରୁ ଭାରତର ବିଭିନ୍ନ ମହିଳା ସଂଗଠନ ଏହା ବିରୋଧରେ ଆନ୍ଦୋଳନ କରିଥିଲେ । ଫଳରେ ସରକାର ତରବରିଆ ଭାବରେ Sati (Prevention) Bill-1987 ଗୃହୀତ କରିଥିଲେ ।

## 'ଗ' ବିଭାଗ (Group–C)

### ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ଭାରତରେ ନାରୀ ଆନ୍ଦୋଳନ ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖ ।**

**(Write an essay about Women Movement in India.)**

ଉ : ଭାରତୀୟ ସମାଜ ବିଶେଷ କରି ଏକ ପୁରୁଷ ପ୍ରଧାନ ଦେଶ ହୋଇଥିବାରୁ, ଭାରତରେ ନାରୀମାନେ ବିଭିନ୍ନ ପ୍ରକାର ନିର୍ଯାତନା, ଅନ୍ୟାୟ, ଅତ୍ୟାଚାର ଓ ଶୋଷଣର ଶିକାର ହୋଇଛନ୍ତି । ଏକଦା ସମୟ ଥିଲା ଯେତେବେଳେ କି ଭାରତୀୟ ନାରୀମାନେ ପରଦା ପ୍ରଥା ତଳେ ରହି କେବଳ ପରିବାରର ଯତ୍ନ ନେବା ସହିତ ପୁରୁଷ ପାଇଁ ଏକ ଭୋଗ୍ୟବସ୍ତୁ ଭଳି କାର୍ଯ୍ୟ କରୁଥିଲା । କାଳକ୍ରମେ ସମାଜରେ ପରିବର୍ତ୍ତନ ଯୋଗୁଁ ନାରୀମାନଙ୍କର ସାମାଜିକ, ଆର୍ଥନୀତିକ ଏବଂ ରାଜନୈତିକ ପରିସ୍ଥିତିର ପରିବର୍ତ୍ତନ ହେଲା । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ସଂସ୍କାର ଆନ୍ଦୋଳନ ଦ୍ୱାରା ଭାରତୀୟ ନାରୀମାନଙ୍କ ସ୍ଥିତିରେ ଅନେକ ପରିବର୍ତ୍ତନ ସମ୍ଭବ ହୋଇଥିଲା । ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାଜା ରାମମୋହନ ରାୟ, ସ୍ୱାମୀ, ବିବେକାନନ୍ଦ, ଅରବିନ୍ଦ ଘୋଷ, କେଶବଚନ୍ଦ୍ର ସେନ, ମହାତ୍ମାଗାନ୍ଧି ଓ ଡକ୍ଟର ଆନିବେସାନ୍ତଙ୍କ ପରି ବହୁ ମନିଷୀଗଣ ଭାରତରେ ନାରୀ ଜାତିର ଉନ୍ନତି ପାଇଁ ପ୍ରୟାସ କରିଥିଲେ । ରାଜା ରାମମୋହନ ରାୟଙ୍କ ବ୍ରାହ୍ମ ସମାଜ, ଦୟାନନ୍ଦଙ୍କ ଆର୍ଯ୍ୟ ସମାଜ ଭାରତରେ ନାରୀ ଜାଗରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । ରକ୍ଷଣଶୀଳ ଭାରତୀୟ ସମାଜରେ ନାରୀ ଜାତିର ଉତ୍‌ଥାନ ପାଇଁ ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଚିନ୍ତାଶୀଳ ଉଦ୍ୟମ ତଥା ତତ୍‌କାଳୀନ ଇଂରେଜ ବଡଲାଟ୍ ଲର୍ଡ଼ ଉଇଲିୟମ ବେଣ୍ଟିକଙ୍କର ଭୂମିକା ଅବିସ୍ମରଣୀୟ ।

ଦ୍ୱିତୀୟ ଭାଗ

(PART–B)

# ସାଂପ୍ରତିକ ବିଶ୍ୱ ରାଜନୀତି

# [ CONTEMPORARY IN WORLD POLITICS ]

4 UNIT

## ବିଶ୍ୱ ରାଜନୀତିରେ ଭାରତ

## [ INDIA IN WORLD POLITICS ]

ସପ୍ତମ ଅଧ୍ୟାୟ

## ଭାରତର ବୈଦେଶିକ ନୀତି

## [ INDIAN FOREIGN POLICY ]

ମୌଳିକ ବୈଶିଷ୍ଟ୍ୟ, ପଡୋଶୀ ରାଷ୍ଟ୍ର ସହିତ ଭାରତର ସଂପର୍କ–ଚୀନ ଓ ପାକିସ୍ତାନ

**Basic Features, India and its Neighbours–China and Pakistan**

**B. ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର (Answer in Six Sentences)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

**ପ୍ର.୧. ପଞ୍ଚଶୀଳ ନୀତି ।**

ଉ : ଭାରତ ଓ ଚୀନ ମଧ୍ୟରେ ଆନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ଏବଂ ଅନ୍ୟାନ୍ୟ ସମ୍ପର୍କ ପାଇଁ ୧୯୫୪ ମସିହା ଏପ୍ରିଲ ୨୯ ତାରିଖରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ମୁଖ୍ୟତଃ ପାଞ୍ଚଗୋଟି ସର୍ତ୍ତ ଉପରେ ପ୍ରତିଷ୍ଠିତ ଥିଲା ।

(କ) ପ୍ରତ୍ୟେକ ରାଷ୍ଟ୍ରର ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ପାରସ୍ପରିକ ସମ୍ମାନ ପ୍ରଦର୍ଶନ (Mutual aspect for each others territorial integrity and sovereignty) ।

(ଖ) ପାରସ୍ପରିକ ଅନାକ୍ରମଣ (Mutual Non-Aggression) ।

(ଗ) ପରସ୍ପରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କାରଣ (Mutual non-inference in each affairs) ।

(ଘ) ସମାନତା ଓ ପାରସ୍ପରିକ ସୁବିଧା ହାସଲ (Equality and Mutual benefit) ।

(ଙ) ଶାନ୍ତିପୂର୍ଣ୍ଣ ସହାବସ୍ଥାନ (Peaceful co-existence) ।

ପଣ୍ଡିତ ନେହେରୁ ଥିଲେ ଏହାର ପ୍ରବକ୍ତା । ଏହାକୁ ପଞ୍ଚଶୀଳ ନୀତି କୁହାଯାଏ । ପରବର୍ତ୍ତୀ ସମୟରେ ୧୯୫୫ ମସିହାରେ ଅନୁଷ୍ଠିତ ବାନ୍ଦୁଙ୍ଗ୍ ସମ୍ମିଳନୀରେ ପଞ୍ଚଶୀଳ ନୀତିକୁ ଗ୍ରହଣ କରାଗଲା ।

**ପ୍ର.୨. ଦକ୍ଷିଣ ଏସିଆ ଆଞ୍ଚଳିକ ସହଯୋଗ ସମିତି ବା ସାର୍କ (SAARC) ।**

ଉ : ଏସିଆ ମହାଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ଦାନ ମଧ୍ୟ କମ୍ ନୁହେଁ । ଭାରତ, ପାକିସ୍ଥାନ, ନେପାଳ, ଭୁଟାନ, ଶ୍ରୀଲଙ୍କା, ବଙ୍ଗଳାଦେଶ, ମାଲାଡ଼ିଭ ଓ ଆଫଗାନିସ୍ତାନ ସମେତ ୮ଟି ରାଷ୍ଟ୍ର ବିଶିଷ୍ଟ ଦକ୍ଷିଣ ଏସିଆ ଆଞ୍ଚଳିକ ସଂଯୋଗ ସମିତି (South Asian Association for Regional Co-operation)ର ଭାରତ ହେଉଛି ବସ୍ତୁତଃ ଜନ୍ମଦାତା । ୧୯୮୬ ମସିହା ଅକ୍ଟୋବର ପହିଲା ଦିନ ନୂଆଦିଲ୍ଲୀଠାରେ ଗଠିତ ଏହି ଅନୁଷ୍ଠାନ ଆଞ୍ଚଳିକ ସହଯୋଗ ପ୍ରତିଷ୍ଠା ଦିଗରେ ଭାରତର ଆନ୍ତରିକତାର ଏକ ନିଦର୍ଶନ । ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହିତ ସୁସମ୍ପର୍କ ପ୍ରତିଷ୍ଠା କରିବା ଭାରତର ଲକ୍ଷ୍ୟ । ଏହି ଉଦ୍ଦେଶ୍ୟରେ ଶ୍ରୀଲଙ୍କାର ଜାତିଗତ ସମସ୍ୟାର ସମାଧାନ ଦିଗରେ ଭାରତ-ଶ୍ରୀଲଙ୍କା ରାଜିନାମା (Indo Sri Lanka Accord) ଏକ ବଳିଷ୍ଠ ପଦକ୍ଷେପ ।

**ପ୍ର.୩. ଭାରତର ବୈଦେଶିକ ନୀତିର ବିଶେଷତ୍ୱ ।**

ଉ : ଭାରତ ସମ୍ବିଧାନ ପୃଥିବୀର ଏକମାତ୍ର ସମ୍ବିଧାନ ଯାହା ଦେଶର ବୈଦେଶିକ ନୀତି ନିର୍ଦ୍ଧାରଣ କରିବାପାଇଁ ସାମ୍ବିଧାନିକ ବ୍ୟବସ୍ଥା କରିଛି । ସମ୍ବିଧାନର ୫୧ ଧାରାରେ କୁହାଯାଇଛି ଯେ, (କ) ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷାର ଉନ୍ନତି, (ଖ) ଦେଶ ଦେଶ ମଧ୍ୟରେ ନ୍ୟାୟପୂର୍ଣ୍ଣ ଓ ସମ୍ମାନଜନକ ସମ୍ପର୍କ ରକ୍ଷା (ଗ) ଆନ୍ତର୍ଜାତିକ ଆଇନ ଓ ଚୁକ୍ତିକୁ ସମ୍ମାନ ପ୍ରଦର୍ଶନ ଓ (ଘ) ମଧ୍ୟସ୍ଥତା ମାଧ୍ୟମରେ ଆନ୍ତଃରାଷ୍ଟ୍ରୀୟ ବିବାଦଗୁଡ଼ିକୁ ସମାଧାନ କରିବାପାଇଁ ଯଥାଯଥ ଉଦ୍ୟମ କରିବା, ସମ୍ବିଧାନର ଏହି ବ୍ୟବସ୍ଥା ଭାରତୀୟ ବୈଦେଶିକ ନୀତିର ଦିଗ୍‌ଦର୍ଶକ । ଆମଦେଶରେ ଅନୁସୃତ ବୈଦେଶିକ ନୀତିରେ ବୈଶିଷ୍ଟ୍ୟଗୁଡ଼ିକ ହେଲା, (୧) ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା, (୨) ସାମ୍ରାଜ୍ୟବାଦର ବିରୋଧ, (୩) ବର୍ଣ୍ଣବୈଷମ୍ୟ ବିରୋଧ, (୪) ଆନ୍ତର୍ଜାତିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ, (୫) ଶାନ୍ତିପୂର୍ଣ୍ଣ ସହାବସ୍ଥାନ, (୬) ଗୋଷ୍ଠୀ ନିରପେକ୍ଷତା ଇତ୍ୟାଦି ।

ପ୍ର.୪) ଟାସକେଣ୍ଟ ରାଜିନାମାର ବିଶେଷତ୍ୱ ।

ଉ. ଦୁଇ ପଡ଼ୋଶୀ ରାଷ୍ଟ୍ର ଭାରତ ଓ ପାକିସ୍ତାନ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ରୁଷିଆର ସର୍ବୋଚ୍ଚ ଶାସକ ଶ୍ରୀଯୁକ୍ତ କୋସିଜିନ୍ ମଧ୍ୟସ୍ଥତା କରିଥିଲେ । ତାଙ୍କ ଉଦ୍ୟମରେ ଭାରତର ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀ ଏବଂ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାଁ ୧୯୬୬ ମସିହା ଜାନୁଆରୀ ମାସରେ ତାସ୍‌କେଣ୍ଟଠାରେ ଏକ ସମ୍ମିଳନୀରେ ମିଳିତ ହୋଇଥିଲେ । ଏକ ସପ୍ତାହ ବ୍ୟାପୀ ବିଚାର ବିମର୍ଷ ପରେ ଉଭୟ ନେତାଙ୍କ ମଧ୍ୟରେ ତାସ୍‌କେଣ୍ଟ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଭାରତ ପାକିସ୍ତାନ ସମ୍ପର୍କରେ ଉନ୍ନତି, ଉଭୟ ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଉତ୍ତମ ପଡ଼ୋଶୀ ଭାବରେ ସମ୍ପର୍କ ପ୍ରତିଷ୍ଠା ମିଳିତ ଜାତିସଂଘ ସନନ୍ଦ ପ୍ରତି ପୁନଃ ଆସ୍ଥା ପ୍ରକଟ ଏହି ରାଜିନାମାର ବିଶେଷତ୍ୱ ଥିଲା ।

ପ୍ର.୫) ସିମଲା ରାଜିନାମା ୧୯୭୨ର ବିଶେଷତ୍ୱ ।

ଉ. ୧୯୭୨ ମସିହା ଜୁଲାଇ ୨ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧି ଓ ପାକିସ୍ତାନର ପ୍ରଧାନମନ୍ତ୍ରୀ ଜୁଲ୍ ଫିକର୍ ଅଲ୍ଲି ଭୁଟୋଙ୍କ ମଧ୍ୟରେ ସିମଲାଠାରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ଯାହାକି ସିମଳା ରାଜିନାମା ଭାବେ ଖ୍ୟାତ । ଏହାର ସର୍ତ୍ତ ଥିଲା :

(କ) ସୀମରେଖାରୁ ଉଭୟ ଦେଶର ସୈନ୍ୟ ପ୍ରତ୍ୟାହାର ।

(ଖ) ସମସ୍ତ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ।

(ଗ) ଜାମ୍ମୁ ଓ କାଶ୍ମୀର ବେସାମରିକ ଅଞ୍ଚଳକୁ ଉଭୟ ଭାବେ ଓ ପାକିସ୍ତାନର ମିଳିତ ତଦାରଖ ।

(ଘ) ଉଭୟ ଦେଶର ସମ୍ପର୍କକୁ ସାମାନ୍ୟ କରିବା ପାଇଁ କାର୍ଯ୍ୟକାରୀ ପଦକ୍ଷେ ଗ୍ରହଣ ।

ପ୍ର.୬) ଲାହୋର ଘୋଷଣା–୧୯୯୯ର ବିଶେଷତ୍ୱ ।

ଉ. ୧୯୯୯ ମସିହା ଫେବୃଆରୀ ୩ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀ ଦିଲ୍ଲୀ ଓ ଲାହୋର ବସ ଚଳାଚଳ ଉଦ୍‌ଘାଟନ ସ୍ୱରୂପ ନିଜେ ବସ ଯୋଗେ ଲାହୋର ଗ୍ରସ୍ତ କରିଥିଲେ । ଲାହୋରଠାରେ ତିନୋଟି ଦଲିଲ୍‌ରେ ଏକ ଘୋଷଣାନାମା ପ୍ରକାଶିତ କରିଥିଲେ । ତାହାର ବିଶେଷତ୍ୱ ହେଲା–

(କ) ଯଥା ଶୀଘ୍ର କାଶ୍ମୀର ସମସ୍ୟାକୁ ସିମଳା ରାଜିନାମା ଅନୁସାରେ ସମାଧାନ ।

(ଖ)ଜଣେ ଅନ୍ୟ ଜଣଙ୍କ ଅଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବେ ନାହିଁ ।

(ଗ) ଆଣବିକ ପରୀକ୍ଷା ବାତିଲ୍ ଓ ଆକସ୍ମିକ ଭାବେ ଆଣବିକ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରାଯିବ ନାହିଁ ।

(ଘ)ପର୍ଯ୍ୟାବରଣର ସୁରକ୍ଷା ପାଇଁ ଉଭୟେ ମିଳିତ ଭାବେ କାର୍ଯ୍ୟ କରିବେ ।

## 'ଗ' ବିଭାଗ (Group–C)

### ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

ପ୍ର.୧.) ଭାରତର ବୈଦେଶିକ ନୀତିର ବୈଶିଷ୍ଟ୍ୟମାନ ଆଲୋଚନା କର ।

**(Explain salient features of the India's Foreign Policy. )**

ଉ. ଭାରତ ସମ୍ବିଧାନ ପୃଥିବୀର ଏକମାତ୍ର ସମ୍ବିଧାନ ଯାହା ଦେଶର ବୈଦେଶିକ ନୀତି ନିର୍ଦ୍ଧାରଣ କରିବାପାଇଁ ସାମ୍ବିଧାନିକ ବ୍ୟବସ୍ଥା କରିଛି । ସମ୍ବିଧାନର ୫୧ ଧାରାରେ କୁହାଯାଇଛି ଯେ, (କ) ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷାର ଉନ୍ନତି, (ଖ) ଦେଶ ଦେଶ ମଧ୍ୟରେ ନ୍ୟାୟପୂର୍ଣ୍ଣ ଓ ସମ୍ମାନଜନକ ସମ୍ପର୍କ ରକ୍ଷା (ଗ) ଆନ୍ତର୍ଜାତିକ ଆଇନ ଓ ଚୁକ୍ତିକୁ ସମ୍ମାନ ପ୍ରଦର୍ଶନ ଓ (ଘ) ମଧ୍ୟସ୍ଥତା ମାଧ୍ୟମରେ ଆନ୍ତଃରାଷ୍ଟ୍ରୀୟ ବିବାଦଗୁଡ଼ିକୁ ସମାଧାନ କରିବାପାଇଁ ଯଥାଯଥ ଉଦ୍ୟମ କରିବା, ସମ୍ବିଧାନର ଏହି ବ୍ୟବସ୍ଥା ଭାରତୀୟ ବୈଦେଶିକ ନୀତିର ଦିଗ୍‌ଦର୍ଶକ । ଆମଦେଶରେ ଅନୁସୃତ ବୈଦେଶିକ ନୀତିରେ ମୁଖ୍ୟ ବୈଶିଷ୍ଟ୍ୟ ଏହାଦ୍ୱାରା ପ୍ରଭାବିତ । ବୈଶିଷ୍ଟ୍ୟଗୁଡ଼ିକ ହେଲା–

অষ্টম অধ্যায়

# ଆନ୍ତର୍ଜାତିକ ସଂଗଠନମାନ
## [ INTERNATIONAL OGANIZATIONS ]

ମିଳିତ ଜାତିସଂଘ–ମୁଖ୍ୟ ବିଭାଗ, ସାଧାରଣ ସଭା, ନିରାପତ୍ତା ପରିଷଦ, ଆନ୍ତର୍ଜାତିକ ନ୍ୟାୟାଳୟ, ମିଳିତ ଜାତିସଂଘର ସଂସ୍କାର, ମିଳିତ ଜାତିସଂଘରେ ଭାରତର ସ୍ଥିତି, ଆନ୍ତର୍ଜାତିକ ଆର୍ଥିକ ସଂଗଠନ–ବିଶ୍ୱ ବ୍ୟାଙ୍କ ଏବଂ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ।

**United Nations – Major Ogans, General Assembly, Security Council, International Court of Justice, Reforms of the UN, India's Position in UN, International Economic Organisation, World Bank and IMF.**

**B.** ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର(**Answer Six Sentences**)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)

**ପ୍ର.୧. ମିଳିତ ଜାତିସଂଘର ଲକ୍ଷ୍ୟ ।**

ଉ. ମିଳିତ ଜାତିସଂଘର ପ୍ରସ୍ତାବନା (Preamble) ରେ ଉଲ୍ଲେଖ ରହିଥିବା ଚାରୋଟି ଲକ୍ଷ୍ୟ ହେଲା :

(କ) ଯୁଦ୍ଧଜନିତ କଷ୍ଟରୁ ଆଗାମୀ ବଂଶଧରମାନଙ୍କୁ ରକ୍ଷା କରିବା ।

(ଖ) ମୌଳିକ ମାନବିକ ଅଧିକାର, କାର୍ଯ୍ୟ ଓ ମାନବିକ ମର୍ଯ୍ୟାଦା ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରିବା ।

(ଗ) ନ୍ୟାୟ ଓ ଆନ୍ତର୍ଜାତିକ ଆଇନ ଅନୁସାରେ ଆନ୍ତର୍ଜାତିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିବା ।

(ଘ) ଅଧିକତର ସ୍ୱାଧୀନତା ମଧ୍ୟରେ ସାମାଜିକ ବିକାଶ ଓ ଜୀବନ ମାନ ଉନ୍ନତ କରିବା ।

**ପ୍ର.୨. ସାଧାରଣ ସଭା (General Assembly)**

ଉ. ସାଧାରଣ ସଭା ମିଳିତ ଜାତିସଂଘର ବ୍ୟବସ୍ଥାପିକା ରୂପେ କାର୍ଯ୍ୟ କରିଥାଏ । ମିଳିତ ଜାତିସଂଘର ସମସ୍ତ ସଭ୍ୟମାନଙ୍କୁ ନେଇ ଏହା ଗଠିତ । ପ୍ରତ୍ୟେକ ଦେଶ ୫ ଜଣ ପ୍ରତିନିଧି, ପଠାଇଥାନ୍ତି; ମାତ୍ର ଗୋଟିଏ ଭୋଟ ଦେଇଥାନ୍ତି । ପ୍ରତ୍ୟେକ ବର୍ଷର ସେପ୍ଟେମ୍ବର ମାସରେ ଏହାର ବୈଠକ ଅନୁଷ୍ଠିତ ହୋଇଥାଏ । ନିରାପତ୍ତା ପରିଷଦର ଅସ୍ଥାୟୀ ସଭ୍ୟ; ଆର୍ଥନୀତିକ ଓ ସାମାଜିକ ପରିଷଦ ଓ ନ୍ୟାସ ପରିଷଦର ସଦସ୍ୟମାନେ ଏହାଦ୍ୱାରା ନିର୍ବାଚିତ ହୋଇଥାନ୍ତି । ମିଳିତ ଜାତିସଂଘର ବାର୍ଷିକ ବଜେଟ୍ ଏହା ଅନୁମୋଦନ କରିଥାଏ ।

**ପ୍ର.୩. ନିରାପତ୍ତା ପରିଷଦ (Security Council)**

ଉ. ନିରାପତ୍ତା ପରିଷଦ ହେଉଛି ମିଳିତ ଜାତିସଂଘର ମୁଖ୍ୟ ପ୍ରଶାସନିକ ଅଂଗ । ଏହାର ମୋଟ ସଭ୍ୟ ସଂଖ୍ୟା ୧୫ । ଏଥିରୁ ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ସୋଭିଏତ ରୁଷିଆ, ଫ୍ରାନ୍ସ ଓ ଚୀନ୍ ସ୍ଥାୟୀ ସଭ୍ୟ ରହିଥିବା ବେଳେ ଅସ୍ଥାୟୀ ସଭ୍ୟମାନେ ସାଧାରଣ ସଭା ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ସ୍ଥାୟୀ ସଦସ୍ୟମାନଙ୍କ ହାତରେ ଭିଟୋ (Veto) କ୍ଷମତା ରହିଅଛି । ବିଶ୍ୱରେ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା ନିରାପତ୍ତା ପରିଷଦର ମୁଖ୍ୟ କାର୍ଯ୍ୟ । ଏହା ଯୁଦ୍ଧ ଭୟକୁ ପ୍ରତିହତ କରିବା ନିମିତ୍ତ ପଦକ୍ଷେପ ନେଇଥାଏ ।

## ପ୍ର.୪. ଆର୍ଥନୀତିକ ଓ ସାମାଜିକ ପରିଷଦ (The Economic and Social Council)

ଉ. ସମଗ୍ର ବିଶ୍ୱରେ ଆର୍ଥନୀତିକ ଓ ସାମାଜିକ ବିକାଶ ପାଇଁ ଆର୍ଥନୀତିକ ଓ ସାମାଜିକ ପରିଷଦ ଗଠନ କରାଯାଇଛି । ମୋଟ ୫୪ଟି ସଭ୍ୟ ଦେଶର ପ୍ରତିନିଧିମାନଙ୍କୁ ନେଇ ଗଠିତ ଏହି ପରିଷଦ ମିଳିତ ଜାତିସଂଘର ଆନ୍ତର୍ଜାତୀୟ ଆର୍ଥିକ, ସାମାଜିକ, ସାଂସ୍କୃତିକ ଶିକ୍ଷାଗତ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କ୍ଷେତ୍ରରେ କାର୍ଯ୍ୟ କରିଥାଏ । ଏହା ବିଶ୍ୱରୁ ଦାରିଦ୍ର, କ୍ଷୁଧା, ଅଜ୍ଞାନତା, କୁସଂସ୍କାର ଓ ରୋଗହ୍ରାସ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏଥିପାଇଁ ଏହାର ଅଧୀନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (NHO), ଖାଦ୍ୟ ଏବଂ କୃଷି ବିଷୟକ ସଂଗଠନ(FAO), ଆନ୍ତର୍ଜାତିକ ଶ୍ରମ ସଂଗଠନ (ILO) ଏବଂ (UNESCO) ଆଦି ସଂସ୍ଥା ରହିଅଛି ।

## ପ୍ର.୫. ଆନ୍ତର୍ଜାତିକ ନ୍ୟାୟାଳୟ (International Court of Justice)

ଉ. ମିଳିତ ଜାତିସଂଘର ନ୍ୟାୟପାଳିକାର ନାମ ଆନ୍ତର୍ଜାତିକ ନ୍ୟାୟାଳୟ । ବିଭିନ୍ନ ଦେଶରୁ ୧୫ ଜଣ ବିଚାରପତିଙ୍କୁ ନେଇ ଏହା ଗଠିତ ହୋଇଥାଏ । ବିଚାରପତିମାନେ ୯ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି; ମାତ୍ର ଦେଶରୁ ଦୁଇଜଣ ବିଚାରପତି ନିର୍ବାଚିତ ହେବେ ନାହିଁ । ସଭ୍ୟ ଦେଶମାନଙ୍କର ଅନ୍ୟ ଦେଶମାନଙ୍କ ସହିତ ହୋଇଥିବା ସମସ୍ତ ବିବାଦ ସଂକ୍ରାନ୍ତୀୟ ଆପତ୍ତି ଏଠାରେ ବିଚାର କରାଯାଇଥାଏ । ମାତ୍ର ଏହି ନ୍ୟାୟାଳୟର ନିଷ୍ପତ୍ତି ମାନିବାକୁ ବିବାଦୀୟ ରାଷ୍ଟ୍ରମାନେ ବାଧ୍ୟ ନୁହଁନ୍ତି । ଏହି ନ୍ୟାୟାଳୟ ନେଦରଲ୍ୟାଣ୍ଡର ହେଗ୍ (Hague) ଠାରେ ଅବସ୍ଥିତ ।

## ପ୍ର.୬. ମିଳିତ ଜାତିସଂଘର ମହାସଚିବ (Secretary General)

ଉ. ମିଳିତ ଜାତିସଂଘର କାର୍ଯ୍ୟନିର୍ବାହ କରିବା ପାଇଁ ଆମେରିକାର ନିଉୟର୍କ ସହରରେ ଏହାର କାର୍ଯ୍ୟାଳୟ ରହିଅଛି ଯାହାକି ସଚିବାଳୟ ନାମରେ ପରିଚିତ । ଏହି ସଚିବାଳୟର ମୁଖ୍ୟଙ୍କୁ ମହାସଚିବ (Secretary General) କୁହାଯାଏ । ସେ ନିରାପତ୍ତା ପରିଷଦର ସୁପାରିଶ କ୍ରମେ ସାଧାରଣ ସଭାଦ୍ୱାରା ନିର୍ବାଚିତ ହୋଇଥାନ୍ତି । ମିଳିତ ଜାତିସଂଘର ସମସ୍ତ ନଥିପତ୍ରର ସୁରକ୍ଷା କରିବା ତାଙ୍କର ମୁଖ୍ୟ ଦାୟିତ୍ୱ । ମିଳିତ ଜାତିସଂଘର ସମସ୍ତ ସଂସ୍ଥାର ସଭାଗୁଡ଼ିକ ସେ ପରିଚାଳନା କରିଥାନ୍ତି ଏବଂ ଭିନ୍ନଭିନ୍ନ ସଂସ୍ଥାରେ ବିବରଣୀଗୁଡ଼ିକ ସେ ପ୍ରକାଶ କରନ୍ତି । ବିଶ୍ୱଶାନ୍ତି ଓ ନିରାପତ୍ତା ଉପରେ ବିପଦ ଦେଖାଦେଲେ ସେ ନିରାପତ୍ତା ପରିଷଦର ସଭ୍ୟମାନଙ୍କୁ ଡକାଇଥାନ୍ତି ।

# 'ଗ' ବିଭାଗ (Group–C)

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

### ପ୍ର.୧. ମିଳିତ ଜାତିସଂଘର ଉତ୍ପତ୍ତି ଓ ଆଭିମୁଖ୍ୟ ଆଲୋଚନା କର ।

**(Discuss the origin and objectives of United Nations.)**

ଉ. ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଧ୍ୱଂସକାରୀ ପରିଣାମ ବିଶ୍ୱର ବହୁ ଶକ୍ତିକୁ ଚେତାଇ ଦେଇଥିଲା ଯେ ପରସ୍ପର ମଧ୍ୟରେ ସହଯୋଗ, ମୈତ୍ରୀ ଓ ବିଶ୍ୱାସ ସ୍ଥାପନ ବିନା ପୃଥିବୀରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ଅସମ୍ଭବ । ସେଥିପାଇଁ ଏକ ବଳିଷ୍ଠ ଆନ୍ତର୍ଜାତିକ ସଂସ୍ଥାର ଗଠନ ଆବଶ୍ୟକ । ଅବଶ୍ୟ ପ୍ରଥମ ବିଶ୍ୱଯୁଦ୍ଧ ପରେ ସେହି ପ୍ରକାରର ଆଶଙ୍କା ପାଇଁ ଜାତିସଂଘ ନାମରେ ଗୋଟିଏ

## ଆନ୍ତର୍ଜାତିକ ରାଜନୀତିରେ ସମସ୍ୟାମାନ
## [ ISSUES IN INTERNATIONAL POLITICS ]

**5**
**UNIT**

### ନବମ ଅଧ୍ୟାୟ

# ସମସାମୟିକ ବିଶ୍ୱରେ ନିରାପତ୍ତାର ପରିବର୍ତ୍ତିତ ପରିସର
# [ CHANGING DIMENSIONS OF SECURITY IN CONTEMPORARY WORLD ]

ପାରମ୍ପରିକ ନିରାପତ୍ତା ବିଷୟ : ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଓ ନିରସ୍ତ୍ରୀକରଣ, ଅଣପାରମ୍ପରିକ ନିରାପତ୍ତା ବିଷୟ : ମାନବିକ ନିରାପତ୍ତା : ପୃଥିବୀ ବ୍ୟାପି ଦାରିଦ୍ର୍ୟତା, ଅସମାନତା, ସ୍ୱାସ୍ଥ୍ୟ ଓ ଶିକ୍ଷା ।

**(Traditional Security Concerns : Arms Race and Disarmmnent, Non-Traditional Security Concerns : Human Security, Global Poverty, Inequality, Health and Education)**

**B. ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର (Answer in Six Sentences)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

**ପ୍ର.୧. ମାନବିକ ନିରାପତ୍ତାର ଗୁରୁତ୍ୱ ।**

ଉ. ଲୋକମାନଙ୍କୁ ଭୋକ, ରୋଗ ବ୍ୟାଧି ଓ ଦମନି ରକ୍ଷା କରିବାକୁ ମାନବିକ ନିରାପତ୍ତା କୁହାଯାଏ । ପ୍ରତ୍ୟେକ ବ୍ୟକ୍ତିର ଦୈନନ୍ଦିନ ଜୀବନଯାତ୍ରାକୁ ସାବଲୀଳ ଓ ନିରନ୍ତର କରିବା ଏହାର ଉଦ୍ଦେଶ୍ୟ । ଅଯଥା ସାମରିକ ନିରାପତ୍ତା ଉପରେ ଗୁରୁତ୍ୱ ନ ଦେଇ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣି ଲୋକମାନଙ୍କୁ ହିଂସା ଓ ଅତ୍ୟାଚାରରୁ ମୁକ୍ତ କରିବା ଏହାର ଅନ୍ୟତମ ଲକ୍ଷ୍ୟ । ବର୍ତ୍ତମାନ ସମୟରେ ମହିଳା ଓ ସଂଖ୍ୟାଲଘୁଙ୍କ ସୁରକ୍ଷା ସହ ସ୍ୱାସ୍ଥ୍ୟ ସୁରକ୍ଷା, ଗୋଷ୍ଠୀ ସୁରକ୍ଷା ଆଦି ନାନା ବିଷୟବସ୍ତୁ ଏହାର ପରିସର ଭୁକ୍ତ କରାଯାଇଛି ।

ବର୍ତ୍ତମାନ ବିଶ୍ୱରେ ଜାତୀୟ ନିରାପତ୍ତା ପୂର୍ବପରି ସାମରିକ ଓ ଉଦ୍ଦେଶ୍ୟମୂଳକ ବିଷୟଗୁଡ଼ିକୁ ଗୁରୁତ୍ୱ ଦେଉନାହିଁ । ପରିବର୍ତ୍ତନ ପରିସ୍ଥିତି ଓ ଆର୍ନ୍ତଜାତିକ ସଂପର୍କ ରକ୍ଷାକ୍ଷେତ୍ରରେ ନୂଆ ଆହ୍ୱାନଗୁଡ଼ିକ ସମ୍ମୁଖିନ ହେବାପାଇଁ ରାଷ୍ଟ୍ର ନିଜର ଜାତୀୟ ନିରାପତ୍ତାର ସୁରକ୍ଷା ପାଇଁ ଉଭୟ ପାରମ୍ପାରିକ ନରାପତ୍ତାଜନିତ ସମ୍ଭାବନା ଓ ଅଣ ପାରମ୍ପରିକ ନିରାପତ୍ତାଜନୀତ ସମ୍ଭାବନା ଉପରେ ଗୁରୁତ୍ୱ ଦେଉଛି । ପାରମ୍ପରିକ ନିରାପତ୍ତାଜନିତ ସମ୍ଭାବନା ସାମରିକ ଶକ୍ତି ବୃଦ୍ଧି, କୁଟନୈତିକ ପରାଦର୍ଶିତା ଓ ବଳ ପ୍ରୟୋଗକୁ ଗୁରୁତ୍ୱରୋପ କରୁଥିବା ବେଳେ ଅଣପାରମ୍ପାରିକ ନିରାପତ୍ତାଜନିତ ସମ୍ଭାବନା ମୁଖ୍ୟତଃ ସାମାଜିକ, ଆର୍ଥିକ, ମାନବୀକ, ପାରିବେଶିକ ପରି ବିଷୟଗୁଡ଼ିକ ଉପରେ ଗୁରୁତ୍ୱାରୋପ କରୁଛି ।

**ପ୍ର.୨. ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ସୁଫଳ ।**

ଉ.ଦୁଇ ବା ତତୋଃଧିକ ରାଷ୍ଟ୍ର ମଧ୍ୟରେ ସାମରିକ ପ୍ରସ୍ତୁତିକୁ ନେଇ ପ୍ରତିଯୋଗିତା ହେଲେ ତାହାକୁ ଯୁଦ୍ଧାସ୍ତ୍ର ପ୍ରତିଯୋଗିତା କୁହାଯାଏ । ବିଜ୍ଞାନ ଓ ବୈଷୟିକ ବିଦ୍ୟାର ସାହାଯ୍ୟରେ ଏବଂ ଅନ୍ୟ ସାମରିକ ଦୃଷ୍ଟିରୁ ଶକ୍ତିଶଳୀ ରାଷ୍ଟ୍ରସହ ଚୁକ୍ତି ମାଧ୍ୟମରେ ବା କୌଣସି ସାମରିକ ମେଣ୍ଟର ସଦସ୍ୟଭାବେ ରାଷ୍ଟ୍ର ଅଧିକରୁ ଅଧିକ ଯୁଦ୍ଧାସ୍ତ୍ର ଓ ଅନୁଷଙ୍ଗିକ ସରଞ୍ଜାମ ଗଚ୍ଛିତ କରି ରଖେ । ଏହି ପ୍ରତିଯୋଗିତାର ଫଳସ୍ୱରୂପ ସେନାବାହିନୀର ଶକ୍ତି ବୃଦ୍ଧି ପାଇଁ ଆଧୁନିକୀକରଣକୁ ଗୁରୁତ୍ୱ ଦିଆଯାଏ । ନୂଆ ନୂଆ ଅସ୍ତ୍ର ନିର୍ମାଣ, ଗଣବିଧ୍ୱଂସୀ କ୍ଷେପଣାସ୍ତ୍ର, ପାରମାଣବିକ ଯୁଦ୍ଧାସ୍ତ୍ର, ପ୍ରସ୍ତୁତି, ଅତ୍ୟାଧୁନିକ ଗୁଇନ୍ଦା ବ୍ୟବସ୍ଥା, ଘାଟିସ୍ଥାପନ, ସୀମାନ୍ତରେ ପ୍ରହର । ବ୍ୟବସ୍ଥାର ଦୃଢ଼ିକରଣ ଆଦି ଅନେକ ପ୍ରକାର ପଦକ୍ଷେପ ଦ୍ୱାରା ରାଷ୍ଟ୍ର ଅସ୍ତ୍ରପ୍ରତିଯୋଗିତାରେ ସାମିଲ୍.ହୁଏ । ପଡ଼ୋଶୀ ରାଷ୍ଟ୍ରର ଯୁଦ୍ଧପ୍ରସ୍ତୁତିକୁ ଅନୁମାନ କରି ରାଷ୍ଟ୍ର ନିଜର ସାମରିକ କଳାକୌଶଳକୁ ଉନ୍ନତମାନର କରିବାକୁ ଗବେଷଣା ଉପରେ ଗୁରୁତ୍ୱ ଦିଏ ଓ ସାମରିକ କ୍ଷେତ୍ରର ଖର୍ଚ୍ଚପାଇଁ ବିଜେଟ୍‌ରେ ଅର୍ଥର ବ୍ୟବସ୍ଥା କରେ । ଉଭୟ ସଂଖ୍ୟାତ୍ମକ ଓ ଗୁଣାତ୍ମକ ଦୃଷ୍ଟିକୋଣରୁ ଦେଶ ଦେଶ ମଧ୍ୟରେ ସାମରିକ ପ୍ରତିଯୋଗିତା ହେଉଥିବାର ଦୃଷ୍ଟିଗୋଚର ହେଉଛି । ଅନ୍ୟ ରାଷ୍ଟ୍ର ତୁଳନାରେ ନିଜକୁ ଯୁଦ୍ଧ ବ୍ୟାପାରରେ ଅଧିକ ସଫଳ କରିବା ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ।

**ପ୍ର.୩. ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ସୁଫଳ ।**

ଉ. ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ସୁଫଳଗୁଡ଼ିକ ହେଲା –

(୧) ଯୁଦ୍ଧାସ୍ତ୍ର ପ୍ରତିଯୋଗିତା ଦ୍ୱାରା ରାଷ୍ଟ୍ରର ନିରାପତ୍ତାକୁ ନିଶ୍ଚିନ୍ତ କରାଯାଇପାରିବ ।

(୨) ଯୁଦ୍ଧାସ୍ତ୍ର ପ୍ରତିଯୋଗିତା ଆର୍ନ୍ତଜାତିକ ସ୍ତରରେ ରାଷ୍ଟ୍ରରେ ଗାରିମା ବୃଦ୍ଧି କରେ ।

(୩) ଏହାଦ୍ୱାରା ଜାତୀୟ ସ୍ୱାର୍ଥ ସୁରକ୍ଷିତ ରଖାଯାଇପାରେ ।

(୪) ଯୁଦ୍ଧାସ୍ତ୍ର ଉତ୍ପାଦନ ଓ ବିକ୍ରି ଦ୍ୱାରା ରାଷ୍ଟ୍ରର ଆର୍ଥୀକ ସ୍ଥିତି ବଦଳିବା ସମ୍ଭବ ।

(୫) ଯୁଦ୍ଧ ଦ୍ୱାରା ଶାନ୍ତି ଆସେ । ଏଣୁ ଯୁଦ୍ଧାସ୍ତ୍ର ପ୍ରତିଯୋଗିତା ମାନବ ଇତିହାସରେ ସାଧାରଣ ଘଟଣା ଅଟେ ।

(୬) ପାରମାଣବିକ ଅସ୍ତ୍ର ପ୍ରତିଯୋଗିତା ଯୋଗୁଁ ପୃଥିବୀରେ ଶାନ୍ତି ବିରାଜମାନ କରିଛି । କାରଣ ପାରସ୍ପରିକ ଧ୍ୱଂସକୁ କୌଣସି ରାଷ୍ଟ୍ର ସ୍ୱୀକାର କରିବେ ନାହିଁ ।

**ପ୍ର.୪. ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର କୁଫଳ ।**

**ଉ.** ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର କୁଫଳଗୁଡ଼ିକ ହେଲା–

(୧) କେବଳ ଯୁଦ୍ଧାସ୍ତ୍ର ପ୍ରତିଯୋଗିତା ନୁହେଁ ବରଂ ଏଥିରୁ ଓହରି ଆସି ସାମାଜିକ ଓ ଆର୍ଥିକ ପ୍ରଗତି ପାଇଁ ପଦକ୍ଷେପ ନେଲେ ରାଷ୍ଟ୍ରର ନିରାପତ୍ତା ବିପନ୍ନ ହେବ ନାହିଁ ।

(୨) ଯୁଦ୍ଧ ପିପାସୁ ରାଷ୍ଟ୍ର ଓ ଏହାର ସରକାର କୌଣସି ରୂପରେ ବିଶ୍ୱ ସମୁଦାୟ ଦ୍ୱାରା ଗ୍ରହଣୀୟ ନୁହଁନ୍ତି ।

(୩) ଯୁଦ୍ଧ ପ୍ରସ୍ତୁତି କେବଳ ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେଇପାରିବ ନାହିଁ। ଯୁଦ୍ଧର ପ୍ରସ୍ତୁତି ଓ ପ୍ରକୃତ ଯୁଦ୍ଧର ବ୍ୟୟ ରାଷ୍ଟ୍ରର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରେ ।

(୪) ଯୁଦ୍ଧାସ୍ତ୍ର ଉତ୍ପାଦନରେ ନିୟନ୍ତ୍ରଣ ଆଣି ଅନ୍ୟ କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ବିଦ୍ୟାର ପ୍ରୟୋଗ ଓ ଶ୍ରମ ସଂସ୍କୃତି ସୃଷ୍ଟି କରି ପୁଞ୍ଜିବିନିବେଶ କଲେ ରାଷ୍ଟ୍ରର ଆର୍ଥିକ ସ୍ଥିତି ବଦ୍‌ଳିବ ।

(୫) ବିନା ଯୁଦ୍ଧରେ ମଧ୍ୟ ଶାନ୍ତି ଆସିପାରେ । ପାରସ୍ପରିକ ସହଯୋଗ, କୂଟନୀତିର ସଫଳ ପ୍ରୟୋଗ ଓ ପାରସ୍ପରିକ ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇ ପାରିବ ।

(୬) ପାରମାଣବିକ ଅସ୍ତ୍ରର ସମ୍ପୂର୍ଣ୍ଣ ବିନାଶ ଦ୍ୱାରା ପୃଥିବୀରେ ଶାନ୍ତି ଆସିପାରିବ । ଏହି ଶକ୍ତିର ଶାନ୍ତିପୂର୍ଣ୍ଣ ପ୍ରୟୋଗକୁ ପ୍ରାଧାନ୍ୟ ଦେଲେ ବିଶ୍ୱର କଲ୍ୟାଣ ସାଧିତ ହେବ ।

**ପ୍ର.୫. ନିରସ୍ତ୍ରୀକରଣର ଅର୍ଥ ।**

**ଉ.** ସଭ୍ୟତାର ଯେତେ ବିକାଶ ହୋଇଛି, ବିଜ୍ଞାନର ଯେତେ ଉନ୍ନତି ହୋଇଛି ରାଷ୍ଟ୍ରମାନେ ସୁରକ୍ଷାନାମରେ ସେତିକି ପରିମାଣରେ ଭୟାନକ ଏବଂ ବିଧ୍ୱଂସକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଛନ୍ତି। ହିରୋସିମା ଏବଂ ନାଗାସାକୀ ନଗରୀର ଧ୍ୱଂସକାହାଣୀ ବିଶ୍ୱବାସୀ ଜାଣିବାକୁ ପାଇଲା ପରେ ପରମାଣୁ ବୋମା ବିରୋଧରେ ବିଶ୍ୱଜନମତ ସକ୍ରିୟ ହୋଇଉଠିଲା। ପୃଥିବୀର ଚିନ୍ତାଶୀଳ ଲୋକମାନେ ଜାଣିପାରିଲେ ପରମାଣୁ ବୋମାର ବ୍ୟବହାର ନିୟନ୍ତ୍ରିତ ନହେଲେ ସମଗ୍ର ମାନବଜାତି ଧ୍ୱଂସ ପାଇଯିବ। ତେଣୁ ପରମାଣୁ ଯୁଦ୍ଧ କିପରି ନହେବ ସେଥିପାଇଁ ବୃହତ୍ ରାଷ୍ଟ୍ରମାନେ ତତ୍ପର ହୋଇଉଠିଲେ। ଜଳ, ସ୍ଥଳ, ଆକାଶରେ ପରମାଣୁ ବୋମା ପରୀକ୍ଷା ନ କରିବା ପାଇଁ ଅନେକ ରାଜିନାମା ସ୍ୱାକ୍ଷରିତ ହେଲା। ଆନ୍ତର୍ଜାତିକ ରାଜନୀତିରେ ନିରସ୍ତ୍ରୀକରଣ ସମସ୍ୟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ। ଆନ୍ତର୍ଜାତିକ ରାଜନୀତିରେ ନିରସ୍ତ୍ରୀକରଣ ସମସ୍ୟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ। ଏହି ସମସ୍ୟା ଉପରେ ମାନବଜାତିର ଭବିଷ୍ୟ ନିର୍ଭର କରେ।

**ପ୍ର.୬. ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଓ ନିରସ୍ତ୍ରୀକରଣ ମଧ୍ୟରେ ପାର୍ଥକ୍ୟ ।**

**ଉ.** ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଓ ନିରସ୍ତ୍ରୀକରଣ ମଧ୍ୟରେ ପାର୍ଥକ୍ୟଗୁଡ଼ିକ ହେଲା–

(୧) ନିରସ୍ତ୍ରୀକରଣର ସମ୍ପର୍କ ଆନ୍ତର୍ଜାତିକ ବୁଝାମଣା ଅନୁସାରେ ଯୁଦ୍ଧସାମଗ୍ରୀ ଏବଂ ସୈନ୍ୟ ସଂଖ୍ୟାରେ କାଟ କରିବାକୁ ବୁଝାଏ। କିନ୍ତୁ ଶାସ୍ତ୍ର ନିୟନ୍ତ୍ରଣ ଅର୍ଥ ଶସ୍ତ୍ରର ପ୍ରୟୋଗକୁ ସୀମିତ କରିବା ଅର୍ଥରେ ବୁଝାଏ।

(୨) ନିରସ୍ତ୍ରୀକରଣ ଦ୍ୱାରା ବିଦ୍ୟମାନ ଶସ୍ତ୍ରକୁ ସମାପ୍ତ କରିବା କିମ୍ବା ନଷ୍ଟ କରିବା ପାଇଁ ଚେଷ୍ଟା କରାଯାଏ। କିନ୍ତୁ, ଶସ୍ତ୍ର ନିୟନ୍ତ୍ରଣରେ ଭବିଷ୍ୟତରେ ଶାସ୍ତ୍ର ଉତ୍ପାଦନ ଏବଂ ତା'ର ପ୍ରୟୋଗର ନିୟନ୍ତ୍ରଣକୁ ବୁଝାଏ।

(୩) ନିରସ୍ତ୍ରୀକରଣ ଦ୍ୱାରା ସାମରିକ ବଜେଟ୍ କମ୍ କରିବା, ସାମରିକ ଘାଟି ବନ୍ଦ କରିବା ପାଇଁ ଚେଷ୍ଟା କରାଯାଇଥାଏ। କିନ୍ତୁ ଶସ୍ତ୍ର ନିୟନ୍ତ୍ରଣରେ ଶସ୍ତ୍ରର ପରିମାଣକୁ କମ୍ କରାଯାଇଥାଏ।

**ପ୍ର.୭. ନିରସ୍ତ୍ରୀକରଣର ଆବଶ୍ୟକତା ।**

**ଉ.** ନିମ୍ନଲିଖିତ କାରଣ ଯୋଗୁଁ ନିରସ୍ତ୍ରୀକରଣର ଆବଶ୍ୟକତା ରହିଅଛି ।

(କ) ଯୁଦ୍ଧ ଭୟ ଦୂର କରି ଶାନ୍ତିପ୍ରତିଷ୍ଠା ପାଇଁ ।

## ଦଶମ ଅଧ୍ୟାୟ

# ପରିବେଶ ଓ ପ୍ରାକୃତିକ ସମ୍ପଦ
# [ ENVIRONMENT AND NATURAL RESOURCES]

**ବିଶ୍ୱ ପରିବେଶ ବିଷୟ–ବିକାଶ ଓ ପରିବେଶ, ବିଶ୍ୱଉଷ୍ମିକରଣ ଓ ଜଳବାୟୁ ପରିବର୍ତ୍ତନ**
**(Global Environmental Concerns : Development and Environment : Global Warming and Climate Change.)**

(ଖ) ଆନ୍ତର୍ଜାତିକ ବିକାଶକୁ ଦୂର କରି ଶାନ୍ତିପ୍ରତିଷ୍ଠା ପାଇଁ ।

(ଗ) ରାଷ୍ଟ୍ରମାନଙ୍କର ଆର୍ଥିକ ବିକାଶ ପାଇଁ ।

(ଘ) ପରମାଣୁ ଅସ୍ତ୍ରଶସ୍ତ୍ର ଭୟ ଦୂର କରିବା ପାଇଁ ।

(ଙ) ଆନ୍ତର୍ଜାତିକ ସୁରକ୍ଷା ଓ ସମସ୍ତ ରାଷ୍ଟ୍ରର ମଙ୍ଗଳ ପାଇଁ ।

**ପ୍ର.୮. ପରମାଣୁ ଅପ୍ରସାର ଚୁକ୍ତି (NPT) ଗୁରୁତ୍ୱ ।**

ଉ. ପରମାଣୁ ଅପ୍ରସାର ସନ୍ଧି ଯାହାକୁ ସାଧାରଣ ଭାଷାରେ NPT (Non-Prolification Treaty) କୁହାଯାଇଛି, ତାକୁ ପ୍ରଥମେ ଆମେରିକା ଏବଂ ରୁଷ ମିଳିମିଶି ପ୍ରସ୍ତୁତ କରିଥିଲେ। ୧୯୬୮ ମସିହା ମାର୍ଚ୍ଚ ୧୧ ତାରିଖ ଦିନ ଏହି ଚୁକ୍ତି ଉପରେ ବିଚାର ବିମର୍ଶ କରିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘର ମହାସଭାରେ ଏହାକୁ ଉପସ୍ଥାପିତ କରାଯାଇଥିଲା। ଏହି ଚୁକ୍ତି ଉପରେ ଭୋଟ ନେଲାବେଳେ ବିଶ୍ୱ ୨୧ ରଷ୍ଟ୍ରକୁ ଅନୁପସ୍ଥିତ ଥିଲେ। ଏହି ଚୁକ୍ତି ସପକ୍ଷରେ ୯୫ଟି ରାଷ୍ଟ୍ର ଭୋଟ ପାଇ ଏହି ଚୁକ୍ତି ଗୃହୀତ ହୋଇଥିଲେ ମଧ୍ୟ ବାସ୍ତବରେ ଏହା ୧୯୭୦ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ଭାରତ ଏହି ଚୁକ୍ତିରେ ହସ୍ତାକ୍ଷର କରିନଥିଲା। ଯେଉଁମାନେ ଏହି ସନ୍ଧିରେ ହସ୍ତାକ୍ଷର କରିନଥିଲେ ସେମାନଙ୍କର ଯୁକ୍ତି ହେଲା ଯେ ଏହି ସନ୍ଧି ସଂପୂର୍ଣ୍ଣ ପକ୍ଷପାତପୂର୍ଣ୍ଣ। ଏହି ସନ୍ଧିର ଉଦ୍ଦେଶ୍ୟ ହେଲା ପରମାଣୁ ଶସ୍ତ୍ର ବିହୀନ ରାଷ୍ଟ୍ରକୁ ସଦାସର୍ବଦା ଶସ୍ତ୍ର ବିହୀନ କରି ରଖିବା। ଅପରପକ୍ଷରେ ଅନେକ ଦେଶ ହାତରେ ସୀମାଠାରୁ ଅଧିକ ଶସ୍ତ୍ର ଗଚ୍ଛିତ ଅଛି। ସେମାନଙ୍କୁ ହିଁ ଏହି ସନ୍ଧି ସୁହାଇବ। ତେଣୁ ଏହି ସନ୍ଧିରେ ସ୍ୱାକ୍ଷର କରିନଥିବା ରାଷ୍ଟ୍ରମାନଙ୍କ ମତରେ ଏହା ଏକ 'ନକରାତ୍ମକ ସନ୍ଧି'।

**ପ୍ର.୯. ପରମାଣୁ ଅପ୍ରସାର ଚୁକ୍ତିର ସମାଲୋଚନା ।**

ଉ. ପରମାଣୁ ଅପ୍ରସାର ଚୁକ୍ତିର ସମାଲୋଚନାଗୁଡ଼ିକ ହେଲା –

୧. ଏହି ସନ୍ଧି ଆନ୍ତର୍ଜାତିକ ରାଜନୀତି କ୍ଷେତ୍ରରେ ନିରସ୍ତୀକରଣ କିମ୍ବା ଶସ୍ତ୍ର ନିୟନ୍ତ୍ରଣ, କୌଣସି ପ୍ରାପ୍ତି ପାଇଁ ସହାୟକ ହୋଇପାରିବ ନାହିଁ।

୨. ଏହା ଏକ ପକ୍ଷପାତପୂର୍ଣ୍ଣ ସନ୍ଧି ଅଟେ। ପରମାଣୁ ଅସ୍ତ୍ର ବିହୀନ ରାଷ୍ଟ୍ର ତୁଳନାରେ ପରମାଣୁ ଅସ୍ତ୍ର ସଂପନ୍ନ ରାଷ୍ଟ୍ର ଉଚ୍ଚତର ସ୍ଥିତିକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ସନ୍ଧି ତିଆରି ହୋଇଛି।

୩. ଏହା ପରମାଣୁ ତଥା ପରମାଣୁ ବିହୀନ ରାଷ୍ଟ୍ର ମଧ୍ୟରେ ଶକ୍ତି ବା କ୍ଷମତାର ପାର୍ଥକ୍ୟକୁ ଅନ୍ୟା ଭାବରେ ନ୍ୟାୟପୂର୍ଣ୍ଣ ବୋଲି ଜଣାଇବାକୁ ଚେଷ୍ଟା କରୁଛି।

୪. ପରମାଣୁ ଅପ୍ରସାର ସନ୍ଧି (NPT) ବାସ୍ତବରେ ଏକ ଏମିତି ରାଜନୈତିକ ଉପକରଣ, ଯାହା ରାଷ୍ଟ୍ରମାନଙ୍କୁ ପରମାଣୁ ବିହୀନ ରାଷ୍ଟ୍ର ଭାବରେ ବାଣ୍ଟି ଦିଏ।

୫. ଫ୍ରାନ୍ସ ଏବଂ ଚୀନ ବାରମ୍ବାର ପରମାଣୁ ପରୀକ୍ଷା କରି ସନ୍ଧିର ନିୟମକୁ ଖିଲାପ କରି ଆସୁଥିଲେ ମଧ୍ୟ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ।

**ପ୍ର.୧୦.ବ୍ୟାପକ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି (CTBT) ର ଗୁରୁତ୍ୱ ।**

ଉ. ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ପରସ୍ପର ସହମତି ପ୍ରକାଶ କରି ପରମାଣୁ ପରୀକ୍ଷଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଏକ ବ୍ୟାପକ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି (C.T.B.T.) ପ୍ରସ୍ତୁତ କଲେ। ୧୯୯୬ ଡିସେମ୍ବର ୧୦ ତାରିଖ ଦିନ ମିଳିତ ଜାତିସଂଘର ସାଧାରଣ ସଭାରେ ଏହି ସନ୍ଧିକୁ ୧୫୮ଟି ଦେଶର ସଂଖ୍ୟାଗରିଷ୍ଠ ମତ ଦ୍ୱାରା ଗୃହୀତ କରାଯାଇଥିଲା। ଏହି ସନ୍ଧିରେ ସର୍ବପ୍ରଥମେ ଆମେରିକାର ରାଷ୍ଟ୍ରପତି ହସ୍ତାକ୍ଷର କରିଥିଲେ। ଏହାପରେ ଫ୍ରାନ୍ସ, ବ୍ରିଟେନ୍, ରୁଷ ଏବଂ ଚୀନ ମଧ୍ୟ ଏହି ସନ୍ଧିରେ ହସ୍ତାକ୍ଷର କରିଥିଲେ। କିନ୍ତୁ ପରମାଣୁ କ୍ଷମତା ସମ୍ପନ୍ନ ୪୪ଟି ଦେଶ ଏହି ସନ୍ଧିକୁ ଅନୁମୋଦନ କଲେ ନାହିଁ। ୪୪ଟି ପରମାଣୁ କ୍ଷମତାସମ୍ପନ୍ନ ରାଷ୍ଟ୍ରମାନଙ୍କ ମଧ୍ୟରୁ କେବଳ ୨୫ଟି ରାଷ୍ଟ୍ର ଏହାର ଅନୁମୋଦନ କରିଥିଲେ। ୧୯୯୯ ମସିହା ଅକ୍ଟୋବର ୧୩ ତାରିଖ ଦିନ ଆମେରିକାର କଂଗ୍ରେସ ସଭା ଏହି ସନ୍ଧିକୁ ଅସ୍ୱୀକାର କରିଥିଲା।

**ପ୍ର.୧୧. ବ୍ୟାପକ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧିର ବୈଶିଷ୍ଟ୍ୟମାନ ।**

**ଉ.** ବ୍ୟାପକ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧିର ବୈଶିଷ୍ଟ୍ୟମାନ ହେଲା–

୧. ସମସ୍ତ ଦେଶ ଦ୍ୱାରା ଯେ କୌଣସି ପ୍ରକାର ପରମାଣୁ ପରୀକ୍ଷଣ କରିବା ପାଇଁ ନିଷେଧ।

୨. ଏହି ସନ୍ଧିର ଉଲ୍ଲଙ୍ଘନ ରୋକିବା ପାଇଁ ଆନ୍ତର୍ଜାତିକ ଅନୁସନ୍ଧାନ ବ୍ୟବସ୍ଥାର ସ୍ଥାପନା କରିବା।

୩. ସନ୍ଧିରେ ହସ୍ତାକ୍ଷର କରିଥିବା ପରମାଣୁ ଶସ୍ତ୍ର ବିହୀନ ରାଷ୍ଟ୍ରର ବିହୀନ ରାଷ୍ଟ୍ରର ପରମାଣୁ ଗବେଷଣାଗାର ଏବଂ ପରମାଣୁ କେନ୍ଦ୍ର ଉପରେ ନଜର ରଖିବା।

୪. ପରମାଣୁ ଶସ୍ତ୍ର ସମ୍ପନ୍ନ ରାଷ୍ଟ୍ରମାନଙ୍କୁ ନିଜର ମହଜୁଦ ପରମାଣୁ ଶସ୍ତ୍ରଗୁଡ଼ିକୁ ଗବେଷଣାଗାରରେ ପରୀକ୍ଷଣ ଏବଂ କମ୍ପ୍ୟୁଟର ପରୀକ୍ଷଣ ପାଇଁ ସ୍ୱତନ୍ତ୍ରତା ପ୍ରଦାନ।

**ପ୍ର.୧୨.ମାନବିକ ନିରାପତ୍ତାର ଅର୍ଥ ।**

**ଉ.** ଜଣେ ବ୍ୟକ୍ତି ବା ମାନବ ଗୋଷ୍ଠୀର ନିରାପତ୍ତାକୁ ମାନବିକ ନିରାପତ୍ତା କୁହାଯାଏ । ନିଜର ବିକାଶ ପାଇଁ, କାମ ପାଇଁ, ବଂଚିବା ପାଇଁ ମଣିଷ ନିରାପତ୍ତା ଚାହେଁ। ବ୍ୟକ୍ତି ଓ ଗୋଷ୍ଠୀ ମଧ୍ୟରେ ଥିବା ସଂପର୍କ ତଥା କ୍ଷମତାର ବିକାଶ ସହ ମାନବିକ ନିରାପତ୍ତାର ଉଦ୍ଭବ ହୋଇଛି। ମାତ୍ର ରାଷ୍ଟ୍ରର ନିରାପତ୍ତାକୁ ପ୍ରାଧାନ୍ୟ ଦିଆଯିବା ବେଳେ ବ୍ୟକ୍ତିର ନିରାପତ୍ତାକୁ ଗୌଣ ଆସନ ଦିଆଯିବାର ଦୃଷ୍ଟାନ୍ତ ପୃଥିବୀ ଇତିହାସରେ ପରିଦୃଷ୍ଟ ହୁଏ । ବିଗତ କିଛି ଦଶନ୍ଧି ହେଲା ବ୍ୟକ୍ତିର ମୁକ୍ତି, ସମ୍ମାନ ଓ ଅଧିକାର ଉପରେ ଗୁରୁତ୍ୱ ଦିଆଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ବ୍ୟକ୍ତିର ସାମାଗ୍ରିକ ସ୍ଥିତି ହିଁ ମାନବ ସମାଜର ଭାଗ୍ୟ ନିର୍ଦ୍ଧାରଣ କରେ ।

**ପ୍ର.୧୩.ମାନବିକ ନିରାପତ୍ତାର ଲକ୍ଷଣ ।**

**ଉ.** ମାନବିକ ନିରାପତ୍ତାର ଲକ୍ଷଣ ବା ବୈଶିଷ୍ଟ୍ୟମାନ ହେଲା-

(୧) ମାନବିକ ନିରାପତ୍ତା ରାଷ୍ଟ୍ରକେନ୍ଦ୍ରିକ ନ ହୋଇ ବ୍ୟକ୍ତି କେନ୍ଦ୍ରିକ ଅଟେ।

(୨) ଏହା ବହୁକେନ୍ଦ୍ରିକ ବା ବହୁବିଧ ହୋଇଥିବାରୁ ସମଗ୍ର ମାନବଜାତିର ଖାଦ୍ୟ, ସ୍ୱାସ୍ଥ୍ୟ, ଅଧିକାର ଆଦିକୁ ଗୁରୁତ୍ୱ ଦିଏ ।

(୩) ଏହା ଲୋକମାନଙ୍କ କ୍ଷମତା ବୃଦ୍ଧି କରି ସେମାନଙ୍କ ମୌଳିକ ଆବଶ୍ୟକତା ପୂରଣ ଓ ମୌଳିକ ଅଧିକାର ସୁରକ୍ଷାକୁ ଗୁରୁତ୍ୱ ଦିଏ ।

(୪) ଏହା ଏକ ଆନ୍ତର୍ଜାତିକ ବିଷୟ । ସମସ୍ତ ଦେଶରେ ଏହାକୁ ନିଶ୍ଚିନ୍ତ କରି ଆନ୍ତର୍ଜାତିକ ନିରାପତ୍ତାକୁ ସାବ୍ୟସ୍ତ କରି ହେବ ।

(୫) ମାନବୀୟ ବିକାଶ ସହ ମାନବିକ ନିରାପତ୍ତା ଜଡ଼ିତ । କର୍ମସଂସ୍ଥାନ, ପୁଷ୍ଟି କ୍ଷୁଧାରୁ ମୁକ୍ତି, ସ୍ୱାସ୍ଥ୍ୟସେବା, ଅସମାନତାର ଦୂର ପରି ବିକାଶମୂଳକ କାର୍ଯ୍ୟକ୍ରମ ଦ୍ୱାରା ମାନବୀୟ ନିରାପତ୍ତା ନିଶ୍ଚିନ୍ତ କରାଯାଇପାରିବ ।

(୬) ମାନବ ଜୀବନର ସୁରକ୍ଷା ମାନବିକ ନିରାପତ୍ତାର ମୁଖ୍ୟ ଉଦ୍ଦେଶ୍ୟ। ଯେ କୌଣସି ପ୍ରକାର ଭୟ ଉଦ୍ରେକ ବିଷୟ ଯଥା ହିଂସା, ଦଙ୍ଗା, ବିଦେଶୀ ରାଷ୍ଟ୍ରର ଆକ୍ରମଣ, ବ୍ୟାଧି ପାରିବେଶିକ ସମସ୍ୟା ଆଦି ମାନବଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ।

**ପ୍ର.୧୪.ଆନ୍ତର୍ଜାତିକ ଦାରିଦ୍ର୍ୟର ଅର୍ଥ ।**

**ଉ.** ଦାରିଦ୍ର୍ୟ ସାଧାରଣ ଭାବେ ବସ୍ତୁଗତ ସୁଖ, ସୁବିଧା, ଅର୍ଥାଦିର ନିଅଣ୍ଟିଆ ଅବସ୍ଥାକୁ ବୁଝାଏ । ଏଣୁ ଆନ୍ତର୍ଜାତିକ ଦାରିଦ୍ର୍ୟତା କହିଲେ ଏହି ସାଧାରଣ ନିଅଣ୍ଟିଆ ଅବସ୍ଥାର ପୃଥିବୀ ବ୍ୟାପି ଉପସ୍ଥିତିକୁ ସୂଚୀତ କରେ । ଅନେକ ଆନ୍ତର୍ଜାତିକ ଆକଳନ ଅନୁଯାୟୀ ଆନ୍ତର୍ଜାତିକ ଦାରିଦ୍ର୍ୟତାର କ୍ରମାଗତ ବୃଦ୍ଧି ଘଟୁଛି । ୨୦୦୭ ମସିହାରେ ଏକ ରିପୋର୍ଟ ଅନୁଯାୟୀ ପୃଥିବୀର ୪୦ ଭାଗ ଲୋକ ରୋଜଗାର ଅସମାନ ବୃଦ୍ଧି ପାଉଥିବା ଅଞ୍ଚଳର ବାସବାସ କରୁଛନ୍ତି । ଏଥି ସହ ପୃଥିବୀର ଅର୍ଦ୍ଧାଧିକ ଲୋକ ୨୦୦୮ ମସିହାରେ ଦୈନିକ ୨.୫୦ ଆମେରିକୀୟ ଡଲାର ରୋଜଗାର କରି ଜୀବନଧାରଣ କରୁଥିଲେ । ଆର୍ନ୍ତଜାତିକ ସହମତି ଅନୁଯାୟୀ ଦୈନିକ ୧.୫୦ ଆମେରିକୀୟ ଡଲାର ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଅତିଶୟ ଦାରିଦ୍ର୍ୟର ଶୀକାର ବୋଲି ଗ୍ରହଣ କରାଯାଏ।

**B.** **ଛଅଗୋଟି ବାକ୍ୟରେ ଉତ୍ତର ପ୍ରଦାନ କର (Answer in Six Sentences)(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)**

**ପ୍ର.୧. ପ୍ରାକୃତିକ ସମ୍ପଦ ।**

ଉ. ପ୍ରାକୃତିକ ସମ୍ପଦ କହିଲେ ପ୍ରକୃତିରେ ଦେଖାଯାଉଥିବା ବିଭିନ୍ନ ଜିନିଷକୁ ବୁଝାଏ, ଯାହା ମଣିଷର ଦୈନନ୍ଦିନ ବ୍ୟବହାରରେ ଆସିଥାଏ । ବାୟୁ, ବଣ, ଜଙ୍ଗଲ, ଜଳ, ମୃତ୍ତିକା, ବନ୍ୟଜନ୍ତୁ, ପଶୁପକ୍ଷୀ ଆଦିଙ୍କୁ ପ୍ରାକୃତିକ ସମ୍ପଦର ଆଖ୍ୟା ଦିଆଯାଇଅଛି । ସମସ୍ତ ପ୍ରକାରର ପ୍ରାକୃତିକ ସମ୍ପଦର ସମାହାରରେ ପରିବେଶର ସନ୍ତୁଳନ ଅବସ୍ଥା ସମ୍ଭବ ହୋଇଥାଏ । କାଳକ୍ରମେ ମନୁଷ୍ୟର ଉପଯୋଗରେ ଏହି ପ୍ରାକୃତିକ ସମ୍ପଦ ଆସୁଥିବାରୁ ଏହାର କାଳକ୍ରମେ ବିଲୟ ଘଟୁଛି, ଯାହା ପରିବେଶକୁ ଅସନ୍ତୁଳିତ କରୁଅଛି । ପ୍ରାକୃତିକ ସମ୍ପଦକୁ ସାଧାରଣତଃ ଦୁଇ ପ୍ରକାରରେ ବିଭକ୍ତ କରାଯାଇପାରେ; ଜୀବନ୍ତ ସମ୍ପଦ (Living Resource) ଯାହା ବଣ, ଜଙ୍ଗଲ, ବନ୍ୟଜନ୍ତୁ ଇତ୍ୟାଦିକୁ ବୁଝାଇଥାଏ, ସେହିପରି ଅନ୍ୟଟି ହେଲା ଅଜୈବ ସମ୍ପଦ (Non living resource) ଯାହା ଜଳ, ବାୟୁ, ମୃତ୍ତିକା, ଖଣିଜ ଲବଣ ଇତ୍ୟାଦିକୁ ବୁଝାଇଥାଏ । ପ୍ରାକୃତିକ ସମ୍ପଦକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି ।

(୧) ନବୀକରଣଯୋଗ୍ୟ ସମ୍ପଦ (Renewable Resource)

(୨) ନବୀକରଣ ଅଯୋଗ୍ୟ ସମ୍ପଦ (Non-Renewable Resource)

**ପ୍ର.୨. ନବୀକରଣ ଯୋଗ୍ୟ ପ୍ରାକୃତିକ ସମ୍ପଦ ।**

ଉ.ଯେଉଁ ପ୍ରାକୃତିକ ସମ୍ପଦକୁ ବାରମ୍ବାର ବ୍ୟବହାର କଲେ ମଧ୍ୟ ତାହାର ସମ୍ପୂର୍ଣ୍ଣ ବିଲୟ ହୋଇ ନଥାଏ, ତାହାକୁ ନବୀକରଣଯୋଗ୍ୟ ସମ୍ପଦ କୁହାଯାଏ । ଏହାର ବାରମ୍ବାର ବ୍ୟବହାର ହେଲେ ମଧ୍ୟ ଏହା ବିଭିନ୍ନ ଚକ୍ର ପ୍ରକ୍ରିୟାରେ ଏହା ପୂର୍ବାବସ୍ଥାକୁ ଫେରି ଆସିଥାଏ । ଜଳ, ବାୟୁ, ମୃତ୍ତିକା ଆଦି ପ୍ରାକୃତିକ ଉପାୟରେ କ୍ଷୟ ହେଉଥିଲେ ମଧ୍ୟ ଏହା ପ୍ରାକୃତିକ ଉପାୟରେ ଏହାର ପୂର୍ବସ୍ଥିତିକୁ ଫେରି ଆସିଥାଏ । ସେହିପରି ସୌରଶକ୍ତି, ତାପଜଶକ୍ତି, ବିଦ୍ୟୁତ୍ ଶକ୍ତି ଆଦି ନବୀକରଣଯୋଗ୍ୟ ସମ୍ପଦ ।

**ପ୍ର.୩. ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ପଦ ।**

ଉ. ଯେଉଁ ପ୍ରାକୃତିକ ସମ୍ପଦର ବାରମ୍ବାର ବ୍ୟବହାର ଦ୍ୱାରା ଏହାର ବିଲୟ ସମ୍ପୂର୍ଣ୍ଣ ରୂପେ ହୋଇଥାଏ, ତାହାକୁ ନବୀକରଣ ଅଯୋଗ୍ୟ ସମ୍ପଦ କୁହାଯାଏ । ଏହି ପ୍ରାକୃତିକ ସମ୍ପଦଗୁଡ଼ିକ ବିଭିନ୍ନ ଚକ୍ର ପ୍ରକ୍ରିୟା ଦ୍ୱାରା ପ୍ରକୃତିରେ ପୁନର୍ବାର୍ ଭରଣା ହୋଇପାରେ ନାହିଁ । ବିଭିନ୍ନ ଖଣିଜ ପଦାର୍ଥ, କୋଇଲା, ପେଟ୍ରୋଲିୟମ୍, ଲୁହା ଦସ୍ତା, ସୁନା, ଶିସା ତମ୍ବା ଆଦି ଏହି ଶ୍ରେଣୀର ସମ୍ପଦ । ଏଗୁଡ଼ିକର ବ୍ୟବହାର ହେଲେ ଏହାର ପରିମାଣ କ୍ରମାଗତ ଭାବେ ହ୍ରାସ ପାଏ । ପୁନର୍ବାର ଏହାର ଭରଣା ସମ୍ଭବପର ହୋଇନଥାଏ ।

**ପ୍ର.୪. ସରନ୍ତି ପ୍ରାକୃତିକ ସମ୍ପଦ ।**

ଉ. ଯେଉଁ ପ୍ରାକୃତିକ ସମ୍ପଦର ବହୁଳ ବ୍ୟବହାର ଦ୍ୱାରା ଏହାର ବିଲୟ ଘଟିଥାଏ, ଏହାକୁ ସରନ୍ତି ସମ୍ପଦ କୁହାଯାଏ । ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି ଯାହା ଫଳରେ, ଏହି ସରନ୍ତି ପ୍ରାକୃତିକ ସମ୍ପଦର ବହୁଳ ବ୍ୟବହାର ଦେଖାଯାଇଛି । ମନୁଷ୍ୟ ଏହି ସମ୍ପଦର ବହୁଳ ବ୍ୟବହାର କରି ଏହାର ବିଲୟ ଘଟୁଛି । ଯାନବାହନ ଓ କଳକାରଖାନା ଆଦିର ଦ୍ରୁତ ବିକାଶ ଦ୍ୱାରା ଏହି ପ୍ରାକୃତିକ ସମ୍ପଦର ବିଲୟ ଘଟୁଛି । ମନୁଷ୍ୟକୃତ କାରଣରୁ ପରିବେଶ ଦୂଷିତ ହେଉଛି । ବର୍ତ୍ତମାନ ପରିସ୍ଥିତିରେ ମନୁଷ୍ୟ ଏହା ହୃଦୟଙ୍ଗମ କରି ଏହି ସମ୍ପଦର ସୁରକ୍ଷା କରିବା ଆବଶ୍ୟକ ।

ପ୍ର.୫. ଅସରନ୍ତି ପ୍ରାକୃତିକ ସମ୍ପଦ ।

ଉ. ଯେଉଁ ସମ୍ପଦଗୁଡ଼ିକର ମନୁଷ୍ୟ ସମାଜ ଦ୍ୱାରା ବହୁଳ ଭାବରେ ବ୍ୟବହାର ହେଲେ ମଧ୍ୟ ଉକ୍ତ ସମ୍ପଦଗୁଡ଼ିକ ବିଲୟ ହୋଇନଥାଏ ସେଗୁଡ଼ିକୁ ଅସରନ୍ତି ସମ୍ପଦ କୁହାଯାଏ । ଏହି ଅସରନ୍ତି ସମ୍ପଦଗୁଡ଼ିକ ନବୀକରଣଯୋଗ୍ୟ ସମ୍ପଦର ଅନ୍ତର୍ଭୁକ୍ତ। ସୌରରଶ୍ମି ବାୟୁ, ଆଣବିକ ଶକ୍ତି ଇତ୍ୟାଦି ଏହି ଶ୍ରେଣୀର ସମ୍ପଦ । ଏଗୁଡ଼ିକର ବାରମ୍ବାର ବ୍ୟବହାର ହେଲେ ମଧ୍ୟ ଏହାର ବିଲୟ ହୋଇନଥାଏ । ସମୁଦ୍ର ଲହଡ଼ି ମଧ୍ୟ ଏହି ଶ୍ରେଣୀର ସମ୍ପଦ ।

ପ୍ର.୬. ପାଣିପାଗ ଓ ଜଳବାୟୁ ମଧ୍ୟରେ ପ୍ରଭେଦ ।

ଉ. କୌଣସି ଏକ ନର୍ଦ୍ଦିଷ୍ଟ ସ୍ଥାନରେ ସ୍ୱଳ୍ପ ସମୟ ମଧ୍ୟରେ ବାୟୁମଣ୍ଡଳର ପରିବର୍ତ୍ତିତ ଅବସ୍ଥାକୁ ପାଣିପାଗ ବୋଲି ଧରାଯାଏ । ଉତ୍ତାପ ହ୍ରାସ ଓ ବୃଦ୍ଧି, ବୃଷ୍ଟିପାତ, ଆର୍ଦ୍ରତା ଇତ୍ୟାଦି ପାଣିପାଗ ସମ୍ବନ୍ଧୀୟ ଗୋଟିଏ ଗୋଟିଏ ପରିମାପକ ହୋଇଥିବାବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନର ପାଣିପାଗର ହାରାହାରି ଅବସ୍ଥାକୁ ୨୦ ବର୍ଷ ବ୍ୟବଧାନରେ ପ୍ରକାଶ କରିବାକୁ ସେହି ସ୍ଥାନର ଜଳବାୟୁ ବୋଲି କୁହାଯାଏ ।

୭. ବିଶ୍ୱତାପାନର (Global Warming) ସାମାଜିକ ପ୍ରଭାବ ।

ଉ. ବିଶ୍ୱ ଉତ୍ତପ୍ତିକରଣ ଦ୍ୱାରା ସମାଜ ଉପରେ ପଡୁଥିବା ପ୍ରଭାବଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଉଛି ।

(୧) ବିଶ୍ୱ ତାପମାତ୍ରାରେ ଦ୍ରୁତ ବେଗରେ ପରିବର୍ତ୍ତନ

(୨) ପାଗର ଅବସ୍ଥାରେ ଉଚ୍ଚଟତା

(୩) ଜୈବ ପରିବେଶରେ ପ୍ରଭାବ

(୪) ସମୁଦ୍ର ପତନର ବୃଦ୍ଧି

(୫) ମହାସାଗରଗୁଡ଼ିକର ଅମ୍ଳତ୍ୱ ବୃଦ୍ଧି

(୬) କୃଷିଭିତ୍ତିକ ଉତ୍ପାଦନ ହ୍ରାସ

(୭) ମାନବ ସମାଜ (ବିଶେଷଭାବେ ମହିଳା) ଉପରେ ପ୍ରଭାବ ।

ପ୍ର.୮. ବିଶ୍ୱ ତାପାୟନର ପ୍ରଭାବ ।

ଉ. ବିଶ୍ୱ ତାପାୟନର ପ୍ରଭାବମାନ ହେଲା –

(୧) ଜଳବାୟୁର ପରିବର୍ତ୍ତନ।

(୨) ମେରୁ ଅଞ୍ଚଳରେ ବରଫ ତରଳିବା।

(୩) ସମୁଦ୍ର ପତ୍ତନ ବୃଦ୍ଧି।

(୪) ଜୈବିକ ବିବିଧତା ସଂରକ୍ଷଣକୁ ନେଇ ପ୍ରଶ୍ନବାଚୀ।

(୫) ଫସଲହାନୀ ଓ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ।

ପ୍ର.୯. ଜଳବାୟୁ ପରିବର୍ତ୍ତନର କାରଣ ।

ଉ. ଜଳବାୟୁ ପରିବର୍ତ୍ତନର କାରଣମାନ ହେଲା–

(୧) ବିଶ୍ୱତାପମାତ୍ରା ବୃଦ୍ଧି।

(୨) ଦ୍ରୁତ ଜନସଂଖ୍ୟାର ବୃଦ୍ଧି।

(୩) ଯାନବାହାନ ସଂଖ୍ୟା ବୃଦ୍ଧି।

(୪) ଜଙ୍ଗଲ କ୍ଷୟ।

(୫) ଓଜୋନସ୍ତରରେ ଛିଦ୍ର।

(୬) ସବୁଜ ଗୃହର ପ୍ରଭାବ।

**ପ୍ର.୧୦.ଜଳବାୟୁ ପରିବର୍ତ୍ତନର ପ୍ରଭାବ।**

**ଉ.** ଜଳବାୟୁ ପରିବର୍ତ୍ତନର ପ୍ରଭାବାନ ହେଲା–

(୧) ସମୁଦ୍ର ପତ୍ତନର ବୃଦ୍ଧି।

(୨) ଜୈବ ବିବିଧତା ସଂରକ୍ଷଣ ପ୍ରତି ବିପଦ।

(୩) ମେରୁ ଅଞ୍ଚଳରେ ବରଫ ତରଳିବା।

(୪) କୃଷି ଉତ୍ପାଦନ ହ୍ରାସ।

(୫) ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ।

**ପ୍ର.୧୧. ସବୁଜ ଗୃହ (Green House) ପ୍ରଭାବ ।**

. **ଉ.**ଅଙ୍ଗାରକାମ୍ଳ ବାଷ୍ପକୁ ସବୁଜ ଗୃହ ବାଷ୍ପ ରୂପେ ମୁଖ୍ୟତଃ କୁହାଯାଇଥାଏ । ଏହାର ମାତ୍ରା ବର୍ତ୍ତମାନ ବାୟୁମଣ୍ଡଳରେ ଅଧିକ ହୋଇଥିବାରୁ ଏହା ସବୁଜ ଗୃହ ଉପରେ ବିପଦ ସୃଷ୍ଟି କରୁଛି । ଏହାର ପ୍ରଥମ ପ୍ରଭାବ ହେଲା ପୃଥିବୀର ଉତ୍ତାପ ବୃଦ୍ଧି ପାଇବା । ପୃଥିବୀରେ ଯଦି ଉତ୍ତାପ ବୃଦ୍ଧି ପାଏ, ତେବେ ମେରୁ ଅଞ୍ଚଳର ବରଫ ତରଳି ଯିବ ଯାହାଦ୍ୱାରା ସମୁଦ୍ରର ଜଳପତ୍ତନର ବୃଦ୍ଧି ଘଟି ଉପକୂଳ ଅଞ୍ଚଳ ଜଳମଗ୍ନ ହେବ ଓ ତା'ଦ୍ୱାରା ସେଠି ବସତି ସ୍ଥାପନ କରିଥିବ । ଜୀବଜନ୍ତୁଙ୍କର ବିନାଶର କାରଣ ହେବା ଫଳରେ ସମୁଦ୍ର ପତ୍ତନଠାରୁ ନିମ୍ନରେ ଥିବା ଦେଶଗୁଡ଼ିକ ସମୁଦ୍ରଗର୍ଭରେ ଲୀନ ହୋଇଯିବ, ଜଳରେ ଅଙ୍ଗାରକାମ୍ଳ ବୃଦ୍ଧି ଘଟିଲେ ଏହା ଜଳଚର ଜୀବମାନଙ୍କର ମୃତ୍ୟୁର କାରଣ ହୋଇଯିବ । ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ଘଟିଲେ ଏହା ଉସ୍ବେଦନ (Transpiratin) ପ୍ରକ୍ରିୟା ଓ ଜଳ ବାଷ୍ପୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଯାହା ଫଳରେ ଭୂତଳ ଜଳସ୍ତରର ହ୍ରାସ ଘଟିବ । ଅଙ୍ଗାରକାମ୍ଳର ଅତ୍ୟଧିକ ବୃଦ୍ଧି ଘଟିଲେ ଏହା ଓଜୋନ ସ୍ତରକୁ କ୍ଷୟ କରିବ ଯାହାଦ୍ୱାରା ଓଜୋନ ଗର୍ତ୍ତ ସୃଷ୍ଟି ହୋଇ ଅତିବାଇଗଣି ରଶ୍ମି ଭୂପୃଷ୍ଠକୁ ପ୍ରବେଶ କରିବ । ଏହାଦ୍ୱାରା ଜୀବଜନ୍ତୁମାନେ ମାରାତ୍ମକ ରୋଗରେ ଆକ୍ରାନ୍ତ ହେବେ । ତେଣୁ ଦିନ ଆସିବ ଯାହା ଫଳରେ ପୃଥିବୀପୃଷ୍ଠରୁ ଜୀବଜନ୍ତୁମାନେ ଚିରଦିନ ଲାଗି ନିଶ୍ଚିହ୍ନ ହୋଇଯିବେ ।

# ପ୍ରଥମ ଭାଗ
# (PART–A)

# ଭାରତରେ ରାଜନୀତି
# (POLITICS IN INDIA)

## ଭାରତରେ ଗଣତନ୍ତ୍ର
## [ DEMOCRACY IN INDIA ]

**1 UNIT**

### ପ୍ରଥମ ଅଧ୍ୟାୟ

## ଗଣତନ୍ତ୍ର
## [ DEMOCRACY ]

**ଗଣତନ୍ତ୍ର : ଅର୍ଥ, ପ୍ରକାରଭେଦ ଓ ବୈଶିଷ୍ଟ୍ୟ, ଭାରତୀୟ ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନ–ଅସମାନତା, ନିରକ୍ଷରତା, ଆଞ୍ଚଳିକତାବାଦ, ନକ୍ସଲ ସମସ୍ୟା, ଲିଙ୍ଗଗତ ବୈଷମ୍ୟ।[ Democracy–Meaning, Types and Features, Challenges to Democratic Process in India–inequality, Illiteracy, Regionalism, Naxalite Problems, Gender Inequality. ]**

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ଗଣତନ୍ତ୍ରର ସଂଜ୍ଞା ଲେଖ । ଏହାର ମୌଳିକ ବୈଶିଷ୍ଟ୍ୟ ବା ଲକ୍ଷଣମାନ ଆଲୋଚନା କର ।**
**(Define Democracy. Discuss the basic features or characterstics of Democracy.)**

ଉ : ଆଧୁନିକ ରାଷ୍ଟ୍ରମାନଙ୍କରେ ପ୍ରଚଳିତ ବିଭିନ୍ନ ଶାସନ ବ୍ୟବସ୍ଥା ମଧ୍ୟରୁ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ ଏବଂ ଜନପ୍ରିୟ ଶାସନବ୍ୟବସ୍ଥା ବା ସରକାର । ପ୍ରାଚୀନକାଳରୁ ପ୍ରଚଳିତ ଅତ୍ୟାଚାରୀ ଓ ନିରଙ୍କୁଶ ରାଜତନ୍ତ୍ରକୁ ପୂର୍ଣ୍ଣବିରୋଧ କରୁଥିବା ଅଧିକ ଶକ୍ତିଶାଳୀ ଶାସନ ବ୍ୟବସ୍ଥାରୂପେ ପରିଚିତ ଗଣତନ୍ତ୍ରର ମାୟାଜାଲରେ ସମଗ୍ର ବିଶ୍ୱ କବଳିତ ହୋଇଅଛି । ପ୍ରାଚୀନ ଗ୍ରୀକ୍ ନଗରରାଜ୍ୟରୁ ଜନ୍ମିତ ଏହି ଶାସନ ବ୍ୟବସ୍ଥାକୁ ପୃଥିବୀର ପ୍ରାୟ ୯୦ଭାଗ ରାଷ୍ଟ୍ର ଆପଣାର କରିନେଇଛନ୍ତି । ଗଣତନ୍ତ୍ରର ଜନପ୍ରିୟତା ନିକଟରେ ରାଜତନ୍ତ୍ର, ଅଭିଜାତତନ୍ତ୍ର ଓ ଏକଛତ୍ରବାଦ ପରି ଶାସନ ବ୍ୟବସ୍ଥା ନିଷ୍କ୍ରିୟ ଏବଂ ନିଷ୍ପ୍ରଭ ହୋଇ ପଡ଼ିଛନ୍ତି ।

ଗଣତନ୍ତ୍ର ଶବ୍ଦଟି ଗ୍ରୀକ୍ ଶବ୍ଦ "Demos" (ଗଣ) ଓ "Kratos" (କ୍ଷମତା)ରୁ ସୃଷ୍ଟି ହୋଇଅଛି । ଅର୍ଥାତ୍ ଆକ୍ଷରିକ ଅର୍ଥରେ ଗଣତନ୍ତ୍ର ଅର୍ଥ ଲୋକଶାସନ ବା ଗଣକ୍ଷମତା । ଗଣତନ୍ତ୍ର ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ସଂଜ୍ଞା ହେଲା :

ଆବ୍ରାହମ ଲିଙ୍କନଙ୍କ ମତରେ ''ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କଦ୍ୱାରା ଓ ଲୋକମାନଙ୍କପାଇଁ ଉଦ୍ଦିଷ୍ଟ ସରକାର ।''

ଅଧ୍ୟାପକ ସିଲୀଙ୍କ ମତରେ ''ଗଣତନ୍ତ୍ର ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଥାଏ ।''

ସୁତରାଂ, ଗଣତନ୍ତ୍ର ଏକ ପ୍ରକାର ଶାସନ ବ୍ୟବସ୍ଥା, ଯେଉଁଥିରେ କି ଜନସାଧାରଣ ସିଧାସଳଖ ବା ପ୍ରତିନିଧି ମାଧ୍ୟମରେ ଶାସନ ପରିଚାଳନା କରିଥାନ୍ତି ।

**ଗଣତନ୍ତ୍ରର ବୈଶିଷ୍ଟ ବା ଲକ୍ଷଣମାନ (Features of Democracy) :**

ଗଣତନ୍ତ୍ରର ସଂଜ୍ଞା ଓ କାର୍ଯ୍ୟାକାରିତାକୁ ସମୀକ୍ଷା କଲେ ଏହାର ନିମ୍ନଲିଖିତ ମୌଳିକ ବୈଶିଷ୍ଟ୍ୟମାନ ପରିଲକ୍ଷିତ ହୋଇଥାଏ ।

**(୧) ଜନପ୍ରିୟ ସାର୍ବଭୌମ (Popular Sovereignty) :**

ଗଣତନ୍ତ୍ରର ମୌଳିକ ବୈଶିଷ୍ଟ୍ୟ ହେଉଛି ଜନପ୍ରିୟ ସାର୍ବଭୌମତ୍ୱ ପ୍ରତିଷ୍ଠା । ଏଠାରେ ସର୍ବୋଚ୍ଚ ବା ସାର୍ବଭୌମ କ୍ଷମତା ଜନସାଧାରଣ ହସ୍ତରେ ନ୍ୟସ୍ତ ହୋଇଥାଏ । ସରକାରଙ୍କ ସମସ୍ତ ନୀତି ଓ ନିଷ୍ପତ୍ତିକୁ ଜନସାଧାରଣ କିମ୍ବା ସେମାନଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ହିଁ ସ୍ଥିର କରିଥାନ୍ତି । ବିଶିଷ୍ଟ ଫରାସୀ ଦାର୍ଶନିକ ଋଷୋଙ୍କ ମହାନ ବାଣୀ ''ଜନସାଧାରଣଙ୍କ ମତହିଁ ଈଶ୍ୱରଙ୍କ ମତ'' (Voice of the people is the voice of the God) ଏଠାରେ କାର୍ଯ୍ୟକାରୀ ହୋଇଥାଏ ।

**(୨) ରାଜନୈତିକ ସମାନତା (Political Equality) :**

ରାଜନୈତିକ ସମାନତା ପ୍ରତିଷ୍ଠା ଗଣତନ୍ତ୍ରର ଅନ୍ୟତମ ଲକ୍ଷଣ । ଏଠାରେ ପ୍ରତ୍ୟେକ ନାଗରିକ ଶାସନ ପରିଚାଳନା କ୍ଷେତ୍ରରେ ସମାନ ଅଧିକାର ଉପଭୋଗ କରିଥାନ୍ତି । ସାର୍ବଜନୀନ ସାବାଳକ ଭୋଟ ପ୍ରଥା ବା ''ଜଣେ ବ୍ୟକ୍ତି ଖଣ୍ଡିଏ ଭୋଟ'' ନୀତି ଅନୁସରଣ କରି ଏହା ରାଜନୈତିକ ସମାନତା ପ୍ରତିଷ୍ଠା କରିଥାଏ ।

**(୩) ସଂଖ୍ୟା ଗରିଷ୍ଠଙ୍କ ଶାସନ (Majority Rule) :**

ଗଣତନ୍ତ୍ରରେ ସମସ୍ତ ନୀତି ଓ ନିଷ୍ପତ୍ତି ସଂଖ୍ୟା ଗରିଷ୍ଠ ମତରେ ନିର୍ଦ୍ଧାରିତ ହୋଇଥାଏ । ସମସ୍ତ କ୍ଷେତ୍ରରେ ସଂଖ୍ୟା ଗରିଷ୍ଠ ମତକୁ ସ୍ୱୀକୃତି ଓ ପ୍ରାଧାନ୍ୟ ପ୍ରଦାନ କରାଯାଇଥାଏ ।

**(୪) ଆଇନର ଶାସନ (Rule of Law) :**

ଏଠାରେ ସରକାର ସମ୍ବିଧାନର ନୀତି ଓ ନିୟମକୁ ଯଥା ସମ୍ଭବ ପାଳନ କରିଥାନ୍ତି । ଆବଶ୍ୟକ ସ୍ଥଳେ ଶାନ୍ତିପୂର୍ଣ୍ଣ ଉପାୟରେ ବିନା ଶକ୍ତି ବା ବଳପ୍ରୟୋଗରେ ସାମ୍ବିଧାନିକ ଆଇନର ପରିବର୍ତ୍ତନ କରାଯାଇଥାଏ ।

**(୫) ସହନଶୀଳତା (Tolerance) :**

ସଂଖ୍ୟାଗରିଷ୍ଠତା ଉପରେ ଆଧାରିତ ଗଣତନ୍ତ୍ର ସରକାରର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି, ସଂଖ୍ୟାଲଘୁ ମତକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା । ଏଠାରେ ସରକାର ନୀତି ଓ ନିଷ୍ପତ୍ତି ଗ୍ରହଣ କରିବା ସମୟରେ ସଂଖ୍ୟା ଲଘୁ ଗୋଷ୍ଠୀର ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରୟାସ କରିଥାନ୍ତି ।

**(୬) ବ୍ୟକ୍ତି ସ୍ୱାଧୀନତା ଓ ଅଧିକାର (Liberty and Rights of the People) :**

ଜନସାଧାରଣଙ୍କର ବ୍ୟକ୍ତିତ୍ୱର ବିକାଶ କରିବା ଗଣତନ୍ତ୍ରର ମୌଳିକ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲପାଇଁ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କ ଅଧିକାର ଓ ସ୍ୱତନ୍ତ୍ରତା ପ୍ରଦାନ କରେ ଯାଇଥାଏ । ତେଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ର ତା'ର ନାଗରିକମାନଙ୍କୁ ମୌଳିକ ଅଧିକାର ପ୍ରଦାନ କରିଥାଏ ।

**(୭) ସମ୍ମତିର ଶାସନ (Rule by Consent) :**

ଗଣତନ୍ତ୍ର ହେଉଛି ଜନସାଧାରଣଙ୍କର ସମ୍ମତି ଉପରେ ପ୍ରତିଷ୍ଠିତ ଏକ ଶାସନ ବ୍ୟବସ୍ଥା । ଏଠାରେ କ୍ୱଚିତ ବଳପ୍ରୟୋଗ କରାଯାଇଥାଏ । ବିଭିନ୍ନ ସମସ୍ୟାକୁ ଆଲୋଚନା ଓ ତାର୍କ-ବିତର୍କ ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ କରାଯାଇଥାଏ ।

**(୮) ଜନମତକୁ ସମ୍ମାନ (Respect to Public Opinion) :**

ଗଣତାନ୍ତ୍ରିକ ସରକାର ଜନମତକୁ ଆଧାର କରି ବିଭିନ୍ନ ନୀତି ଓ ନିଷ୍ପତ୍ତି ଗ୍ରହଣ କରିଥାନ୍ତି । ଏଠାରେ ବିଭିନ୍ନ ଉପାୟରେ ଜନମତ ସଂଗ୍ରହ କରାଯାଇଥାଏ । ବ୍ୟବସ୍ଥାପିକା ସଭା ହେଉଛି ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଯାହା ଲୋକ ପ୍ରତିନିଧିମାନଙ୍କଦ୍ୱାରା ଜନମତ ସଂଗ୍ରହ ଓ ପ୍ରକାଶ କରିଥାଏ ।

**(୯) ମୁକ୍ତ ସମାଜ (Open Society) :**

ଗଣତନ୍ତ୍ର କେବଳ ସ୍ୱାଧୀନ ଓ ମୁକ୍ତ ସମାଜରେ ତିଷ୍ଠି ରହିଥାଏ । ଏଠାରେ ସରକାର ମୁକ୍ତ ପରିବେଶରେ ପରିଚାଳିତ ହୋଇଥାଏ ।

**(୧୦) ଅର୍ଥନୈତିକ ସମାନତା ପ୍ରତିଷ୍ଠା**

ସାଧାରଣତଃ କୁହାଯାଏ, ଅର୍ଥନୈତିକ ସମାନତା ବିନା ରାଜନୈତିକ ସମାନତା ମୂଲ୍ୟହୀନ । ତେଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ର ଅର୍ଥନୈତିକ ସମାନତା ପ୍ରତିଷ୍ଠା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ।

**ପ୍ର.୨. ଗଣତନ୍ତ୍ରର ସଂଜ୍ଞା ଲେଖ ଏବଂ ଏହାର ଗୁଣାବଳୀ ବର୍ଣ୍ଣନା କର ।**

**(Explain the definitions and merits of Democracy.)**

**ଉ :** ଆଧୁନିକ ରାଷ୍ଟ୍ରମାନଙ୍କରେ ପ୍ରଚଳିତ ବିଭିନ୍ନ ଶାସନ ବ୍ୟବସ୍ଥା ମଧ୍ୟରୁ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ ଏବଂ ଜନପ୍ରିୟ ଶାସନବ୍ୟବସ୍ଥା ବା ସରକାର । ପ୍ରାଚୀନକାଳରୁ ପ୍ରଚଳିତ ଅତ୍ୟାଚାରୀ ଓ ନିରଙ୍କୁଶ ରାଜତନ୍ତ୍ରକୁ ପୂର୍ଣ୍ଣବିରୋଧ କରୁଥିବା ଅଧିକ ଶକ୍ତିଶାଳୀ ଶାସନ ବ୍ୟବସ୍ଥାରୂପେ ପରିଚିତ ଗଣତନ୍ତ୍ରର ମାୟାଜାଲରେ ସମଗ୍ର ବିଶ୍ୱ କବଳିତ ହୋଇଅଛି । ପ୍ରାଚୀନ ଗ୍ରୀକ୍ ନଗରରାଜ୍ୟରୁ ଜନମିତ ଏହି ଶାସନ ବ୍ୟବସ୍ଥାକୁ ପୃଥିବୀର ପ୍ରାୟ ୯୦ଭାଗ ରାଷ୍ଟ୍ର ଆପଣାର କରିନେଇଛନ୍ତି । ଗଣତନ୍ତ୍ରର ଜନପ୍ରିୟତା ନିକଟରେ ରାଜତନ୍ତ୍ର, ଅଭିଜାତତନ୍ତ୍ର ଓ ଏକଛତ୍ରବାଦ ପରି ଶାସନ ବ୍ୟବସ୍ଥା ନିଷ୍କ୍ରିୟ ଏବଂ ନିଷ୍ପ୍ରଭ ହୋଇ ପଡ଼ିଛନ୍ତି । ଆଧୁନିକ ବିଶ୍ୱରେ ଗଣତନ୍ତ୍ର କେବଳ ଏକ ସରକାରରେ ସୀମିତ ନ ରହି ଏହା ଜନସାଧାରଣଙ୍କ ଜୀବନର ମାର୍ଗରେ ପରିଣତ ହୋଇଅଛି । ଶାସନ ପରିଚାଳନାକୁ ବାଦଦେଇ ଆଧୁନିକ ମାନବ ସମାଜ ତା'ର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଗଣତାନ୍ତ୍ରିକ ନୀତି ଓ ଆଦର୍ଶକୁ ପାଳନ କରୁଅଛି ।

ଗଣତନ୍ତ୍ର ଏପରି ଏକ ସାଧାରଣ ଶବ୍ଦ ଏହାର ଅର୍ଥ ଏତେ ବ୍ୟାପକ ଯେ, ଏହାର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ପ୍ରଦାନ କରିବା କଷ୍ଟସାଧ୍ୟ । ସାଧାରଣ ଅର୍ଥରେ ଗଣତନ୍ତ୍ର ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ଏକ ଶାସନ ବ୍ୟବସ୍ଥା । ଗଣତନ୍ତ୍ର ଶବ୍ଦଟି ଗ୍ରୀକ୍ ଶବ୍ଦ "Demos" (ଗଣ) ଓ "Kratos" (କ୍ଷମତା)ରୁ ସୃଷ୍ଟି ହୋଇଅଛି । ଅର୍ଥାତ୍ ଆକ୍ଷରିକ ଅର୍ଥରେ ଗଣତନ୍ତ୍ର ଅର୍ଥ ଲୋକଶାସନ ବା ଗଣକ୍ଷମତା । ଗଣତନ୍ତ୍ର ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ସଂଜ୍ଞା ହେଲା :

**ଆବ୍ରାହମ ଲିଙ୍କନଙ୍କ** ମତରେ ''ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କଦ୍ୱାରା ଓ ଲୋକମାନଙ୍କପାଇଁ ଉଦ୍ଦିଷ୍ଟ ସରକାର ।''

**ଅଧ୍ୟାପକ ସିଲୀଙ୍କ** ମତରେ ''ଗଣତନ୍ତ୍ର ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଥାଏ ।''

**ଅଧ୍ୟାପକ ଡାଇସୀଙ୍କ** ମତରେ ''ଗଣତନ୍ତ୍ରରେ ଶାସକ ଗୋଷ୍ଠୀ ତୁଳନାତ୍ମକ ଭାବରେ ସମଗ୍ର ଜାତିର ବେଶୀ ଲୋକଙ୍କୁ ନେଇ ଗଠିତ ।''

**ଲର୍ଡ଼ ବ୍ରାଇସ୍‌ଙ୍କ** ମତରେ ''ଗଣତନ୍ତ୍ର ଏପରି ଏକ ସରକାର, ଯେଉଁଠାରେ ଶାସନ କ୍ଷମତା ଆଇନତଃ କୌଣସି ଗୋଟିଏ ଶ୍ରେଣୀ ବା ଶ୍ରେଣୀ ସମୂହ ଉପରେ ନ୍ୟସ୍ତ ନ ରହି ସମସ୍ତ ବ୍ୟକ୍ତିଙ୍କଠାରେ ସାମୂହିକ ଭାବରେ ନ୍ୟସ୍ତ ହୋଇଥାଏ ।''

ସୁତରାଂ, ଗଣତନ୍ତ୍ର ଏକ ପ୍ରକାର ଶାସନ ବ୍ୟବସ୍ଥା, ଯେଉଁଥିରେ କି ଜନସାଧାରଣ ସିଧାସଳଖ ବା ପ୍ରତିନିଧି ମାଧ୍ୟମରେ ଶାସନ ପରିଚାଳନା କରିଥାନ୍ତି ।

**ଗଣତନ୍ତ୍ରର ସୁଗୁଣ (Merits of Democracy) :**

ଗଣତନ୍ତ୍ର ଏହି ସମସ୍ତ ସୁଗୁଣ ଯୋଗୁଁ ଆଧୁନିକ ଯୁଗରେ ଗଣତନ୍ତ୍ରକୁ ସର୍ବଶ୍ରେଷ୍ଠ ଶାସନ ବ୍ୟବସ୍ଥା ରୂପେ ଗ୍ରହଣ କରାଯାଇଛି ।

**(୧) ସମାନତା ପ୍ରତିଷ୍ଠା କରେ (Maintains Equality) :**

ଗଣତନ୍ତ୍ରର ବ୍ୟକ୍ତିଗତ ସମାନତା ପ୍ରତିଷ୍ଠା ଉପରେ ଅତ୍ୟଧିକ ଗୁରୁତ୍ୱ ପ୍ରଦାନ କରିଥାଏ । ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ଦୂର କରି ପ୍ରତ୍ୟେକ କ୍ଷେତ୍ରରେ ସମାନତା ପ୍ରତିଷ୍ଠା କରିବା ଗଣତନ୍ତ୍ରର ଲକ୍ଷ୍ୟ । ଏଠାରେ ପ୍ରତ୍ୟେକ ବ୍ୟକ୍ତିକୁ ସମାନ ସୁବିଧା ଓ ସୁଯୋଗ ପ୍ରଦାନ କରାଯାଇଥାଏ ଓ ଧନୀ, ନିର୍ଦ୍ଧନ, ସାନ ଓ ବଡ଼ ଶିକ୍ଷିତ ଓ ଅଶିକ୍ଷିତଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ ।

**(୨) ବ୍ୟକ୍ତି ସ୍ୱାଧୀନତା ଓ ଅଧିକାରର ସୁରକ୍ଷା (Protection of Rights and liberties of the Citizens) :**

ଗଣତନ୍ତ୍ର ଶାସନରେ ବ୍ୟକ୍ତିଗତ ମର୍ଯ୍ୟାଦା ଓ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ପ୍ରାଧାନ୍ୟ ପ୍ରଦାନ କରାଯାଇଥାଏ । ଏହି ସ୍ୱାଧୀନତା ଯେପରି କ୍ଷୁଣ୍ଣ ନ ହେବ ଓ ସୁରକ୍ଷିତ ରହିବ ଗଣତନ୍ତ୍ର ଶାସନରେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥାଏ । ଫଳରେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ସମ୍ଭବ ହୋଇଥାଏ ।

**(୩) ଲୋକମାନଙ୍କର ଶାସନ (People's Government) :**

ଗଣତନ୍ତ୍ର ହେଉଛି ଲୋକମାନଙ୍କର ଶାସନ । ଜନ ସାଧାରଣଙ୍କର ମଙ୍ଗଳପାଇଁ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ଏହି ସରକାର ଲକ୍ଷ୍ୟ । ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟ କ୍ରମକୁ ଏହା ଆଦୌ ପ୍ରଶୟ ଦେଇ ନଥାଏ । ଜନମତକୁ ଆଧାର କରି ଓ ସମ୍ମାନ ଜଣାଇ ସରକାର ନୀତି ଓ ନିଷ୍ପତ୍ତି ଗ୍ରହଣ କରିଥାନ୍ତି ।

**(୪) ରାଜନୈତିକ ଶିକ୍ଷା ପ୍ରଦାନ (Provides Political Education) :**

ଗଣତନ୍ତ୍ର ଶାସନରେ ଜନସାଧାରଣ ସରକାରର ବିଭିନ୍ନ କାର୍ଯ୍ୟ କ୍ରମରେ ସାମିଲ ହେଉଥିବାର, ସେମାନେ ଯଥେଷ୍ଟ ରାଜନୈତିକ ଶିକ୍ଷା ଓ ଅନୁଭୂତି ପାଇଥାନ୍ତି । ଏହାଦ୍ୱାରା ସେମାନଙ୍କର ରାଜନୈତିକ ଚେତନା ବୃଦ୍ଧି ହେବା ସହିତ ଦାୟିତ୍ୱବୋଧ ମଧ୍ୟ ବୃଦ୍ଧି ପାଇଥାଏ । ଫଳରେ ସୁନାଗରିକ ଭାବେ ସେମାନେ ଦେଶରେ ଦେଶରେ ଶାନ୍ତିଶୃଙ୍ଖଳା ଓ ସୁଶାସନ ପ୍ରତିଷ୍ଠାପାଇଁ ପ୍ରୟାସ କରିଥାନ୍ତି ।

**(୫) ଆଇନର ଶାସନ (Rule of Law) :**

ଗଣତନ୍ତ୍ରରେ ସାମ୍ବିଧାନିକ ଆଇନ ଅନୁସାରେ ଶାସନ ପରିଚାଳିତ ହୋଇଥାଏ । ଏଠାରେ ଶାସକ ସ୍ୱେଚ୍ଛାଚାରୀ ହୋଇପାରନ୍ତି ନାହିଁ । ଆଇନ ଆଗରେ ପ୍ରତ୍ୟେକ ବ୍ୟକ୍ତିକୁ ସମାନ ଭାବେ ବିବେଚିତ କରାଯାଇଥାଏ ।

**(୬) ଦକ୍ଷ, ପ୍ରଗତିଶୀଳ ଓ ଦୃଢ଼ ସରକାର (Efficient, Progressive and Stable Government) :**

ଗଣତନ୍ତ୍ର ଶାସନ ସ୍ଥାୟୀ ଦକ୍ଷ ଓ ପ୍ରଗତିଶୀଳ । ଏଠାରେ ସରକାର ଜନସାଧାରଣଙ୍କ ମଙ୍ଗଳପାଇଁ ପ୍ରଗତିଶୀଳ କାର୍ଯ୍ୟ ପନ୍ଥା ଗ୍ରହଣ କରିଥାନ୍ତି । ଶାନ୍ତିପୂର୍ଣ୍ଣ ଭାବେ ଶାସନକାର୍ଯ୍ୟ ପରିଚାଳିତ ହେଉଥିବାରୁ ଏହା ଦୃଢ଼ ସରକାର ।

**(୭) ଆତ୍ମନିର୍ଭରଶୀଳ (Self Reliance) :**

ଗଣତନ୍ତ୍ରରେ ଜନସାଧାରଣ ଶାସନ କ୍ଷେତ୍ରରେ ସକ୍ରିୟ ସାମିଲ ହୋଇଥିବାରୁ ସେମାନେ ଆତ୍ମନିର୍ଭରଶୀଳ ହୋଇଥାନ୍ତି । ଏହା ଜନସାଧାରଣଙ୍କ ମନରେ ଦୃଢ଼ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱବାନ ମଧ୍ୟ କରିଥାଏ ।

**(୮) ବିପ୍ଳବର ସମ୍ଭାବନା କମ୍ (Less Possibility of Revolution) :**

ଗଣତନ୍ତ୍ର ଆଲୋଚନା ଓ ପ୍ରରୋଚନା ଉପରେ ବିଶ୍ୱାସ କରିଥାଏ । ଏଠାରେ ଶାନ୍ତିପୂର୍ଣ୍ଣ ଉପାୟରେ ଓ ସାମ୍ବିଧାନିକ ପନ୍ଥାରେ ସରକାରର ପରିବର୍ତ୍ତନ ହୋଇଥାଏ । ଏଠାରେ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରଚଳିତ ହେଉଥିବାରୁ ଜନଅସନ୍ତୋଷ ପ୍ରାୟ ପରିଲକ୍ଷିତ ହୋଇନଥାଏ । ରକ୍ତପାତ ଓ ବିପ୍ଳବର ଭୟ ଗଣତନ୍ତ୍ରରେ ନ ଥାଏ ।

ପ୍ର.୩. ଗଣତନ୍ତ୍ରର ଅର୍ଥ ଓ ଏହାର ଦୋଷ ବା ଦୁର୍ଗୁଣ ଆଲୋଚନା କର ।

**(Discuss the meaning and demerits of Democracy.)**

ଉ : ଗଣତନ୍ତ୍ର ଏପରି ଏକ ସାଧାରଣ ଶବ୍ଦ ଏହାର ଅର୍ଥ ଏତେ ବ୍ୟାପକ ଯେ, ଏହାର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ପ୍ରଦାନ କରିବା କଷ୍ଟସାଧ୍ୟ । ସାଧାରଣ ଅର୍ଥରେ ଗଣତନ୍ତ୍ର ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ଏକ ଶାସନ ବ୍ୟବସ୍ଥା । ଗଣତନ୍ତ୍ର ଶବ୍ଦଟି ଗ୍ରୀକ୍ ଶବ୍ଦ "Demos" (ଗଣ) ଓ "Kratos" (କ୍ଷମତା)ରୁ ସୃଷ୍ଟି ହୋଇଅଛି । ଅର୍ଥାତ୍ ଆକ୍ଷରିକ ଅର୍ଥରେ ଗଣତନ୍ତ୍ର ଅର୍ଥ ଲୋକଶାସନ ବା ଗଣକ୍ଷମତା । ଗଣତନ୍ତ୍ର ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ସଂଜ୍ଞା ହେଲା :

**ଆବ୍ରାହମ ଲିଙ୍କନଙ୍କ** ମତରେ "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କଦ୍ୱାରା ଓ ଲୋକମାନଙ୍କପାଇଁ ଉଦ୍ଦିଷ୍ଟ ସରକାର ।"

**ଅଧ୍ୟାପକ ସିଲୀଙ୍କ** ମତରେ "ଗଣତନ୍ତ୍ର ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଥାଏ ।"

**ଅଧ୍ୟାପକ ଡାଇସୀଙ୍କ** ମତରେ "ଗଣତନ୍ତ୍ରରେ ଶାସକ ଗୋଷ୍ଠୀ ତୁଳନାତ୍ମକ ଭାବରେ ସମଗ୍ର ଜାତିର ବେଶୀ ଲୋକଙ୍କୁ ନେଇ ଗଠିତ ।"

**ଲର୍ଡ୍ ବ୍ରାଇସ୍‌ଙ୍କ** ମତରେ "ଗଣତନ୍ତ୍ର ଏପରି ଏକ ସରକାର, ଯେଉଁଠାରେ ଶାସନ କ୍ଷମତା ଆଇନତଃ କୌଣସି ଗୋଟିଏ ଶ୍ରେଣୀ ବା ଶ୍ରେଣୀ ସମୂହ ଉପରେ ନ୍ୟସ୍ତ ନ ରହି ସମସ୍ତ ବ୍ୟକ୍ତିଙ୍କଠାରେ ସାମୂହିକ ଭାବରେ ନ୍ୟସ୍ତ ହୋଇଥାଏ ।"

ସୁତରାଂ, ଗଣତନ୍ତ୍ର ଏକ ପ୍ରକାର ଶାସନ ବ୍ୟବସ୍ଥା, ଯେଉଁଥିରେ କି ଜନସାଧାରଣ ସିଧାସଳଖ ବା ପ୍ରତିନିଧି ମାଧ୍ୟମରେ ଶାସନ ପରିଚାଳନା କରିଥାନ୍ତି ।

ସୁନ୍ଦର ଦିଶୁଥିବା ଗୋଲାପପୁଷ୍ପ କଣ୍ଟକାବୃତ ହେଲାପରି ଶ୍ରେଷ୍ଠ ଶାସନ ବ୍ୟବସ୍ଥା ରୂପେ ପରିଚିତ ଗଣତନ୍ତ୍ର ମଧ୍ୟ ତ୍ରୁଟିଶୂନ୍ୟ ନୁହେଁ । ଏହାର ନିମ୍ନଲିଖିତ ଦୋଷ ଦୁର୍ବଳତା ରହିଅଛି ।

**(୧) ସଂଖ୍ୟାରେ ପ୍ରାଧାନ୍ୟ (Emphasis on Quality)**

ଗଣତନ୍ତ୍ରରେ ଗୁଣ ଅପେକ୍ଷା ସଂଖ୍ୟା ବା ପରିମାଣ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ଏଠାରେ ସଂଖ୍ୟାଗରିଷ୍ଠଙ୍କ ମତ ଯେତେ ତ୍ରୁଟିପୂର୍ଣ୍ଣ ହେଲେ ମଧ୍ୟ ଗୃହୀତ ହୋଇଥାଏ । ଏଠାରେ ସଂଖ୍ୟା ଗରିଷ୍ଠଙ୍କ ମତରେ ଶାସନ ଚାଲୁଥିବାରୁ ସଂଖ୍ୟାଲଘୁ ଲୋକମାନଙ୍କର ସ୍ୱାର୍ଥ ବ୍ୟାହତ ହୋଇଥାଏ ।

**(୨) ଅଯୋଗ୍ୟତା ମତବାଦ (Cult of Incompetence)**

ଗଣତନ୍ତ୍ରରେ ସଂଖ୍ୟାର ପ୍ରାଧାନ୍ୟ ପରିଲକ୍ଷିତ ହୋଇଥାଏ । ପ୍ରାୟ ଅଧିକାଂଶ ଜନସାଧାରଣ ଅଶିକ୍ଷିତ, ଅଜ୍ଞ ଓ ଅଯୋଗ୍ୟ ହେଉଥିବାରୁ ସେମାନେ ସଠିକ ନିଷ୍ପତ୍ତି ନେଇ ପାରି ନଥାନ୍ତି । ଏହାସତ୍ତ୍ୱେ ସେମାନଙ୍କର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥାଏ । ତେଣୁ ଫରାସୀ ଦାର୍ଶନିକ ଫୁଗୋ ଗଣତନ୍ତ୍ରକୁ "ଅଯୋଗ୍ୟତାର ମତବାଦ" କରିଛନ୍ତି ।

**(୩) ଦୁର୍ନୀତିଗ୍ରସ୍ତ ଶାସନ (Corrupt Administration)**

ଗଣତନ୍ତ୍ର ଶାସନରେ ରାଷ୍ଟ୍ରର ଅଧିକାଂଶ ଲୋକ ଅଂଶ ଗ୍ରହଣ କରୁଥିବାରୁ ବାସ୍ତବରେ କାହାରି ଉପରେ କୌଣସି ନିୟନ୍ତ୍ରଣ ରହେ ନାହିଁ । ଏଠାରେ ବାରମ୍ବାର ନିର୍ବାଚନ ହେଉଥିବାରୁ ଏବଂ ଏହି ନିର୍ବାଚନ ମଧ୍ୟ ବ୍ୟୟବହୁଳ ହେଉଥିବାର ଶାସକ ରାଜନେତାମାନେ ନିଜ ନିଜ ନିର୍ବାଚନ ଖର୍ଚ୍ଚ ପାଇଁ ପାଣ୍ଠି ସଂଗ୍ରହ କରିଥାନ୍ତି । ଫଳରେ ସରକାର ଦୁର୍ନୀତି ଗ୍ରସ୍ତ ହୋଇଥାଏ ।

**(୪) ବ୍ୟୟସାପେକ୍ଷ (Expensive)**

ଗଣତନ୍ତ୍ର ଏକ ବ୍ୟୟବହୁଳ ଶାସନ ବ୍ୟବସ୍ଥା । ଏଠାରେ ବାରମ୍ବାର ନିର୍ବାଚନ ପରିଚାଳନାପାଇଁ ନିର୍ବାଚିତ ପ୍ରତିନିଧି ଓ ମନ୍ତ୍ରୀମାନଙ୍କର ବେତନା ଭତ୍ତା ଓ ଦୈନିକ ଗସ୍ତ ଖର୍ଚ୍ଚ ପାଇଁ ଅଧିକ ଖର୍ଚ୍ଚ ହୋଇଥାଏ । ଏଠାରେ ମଧ୍ୟ ପରୀକ୍ଷାମୂଳକ ଭାବେ ଅନେକ ଯୋଜନା କାର୍ଯ୍ୟକାରୀ ହୋଇଥାଏ । ଶସ୍ତା ଜନପ୍ରିୟତାପାଇଁ ମଧ୍ୟ ସରକାର ଅଯଥା ଅର୍ଥବ୍ୟୟ କରିଥାନ୍ତି । ଏହିପରି ଏକ ବ୍ୟୟବହୁଳ ଶାସନବ୍ୟବସ୍ଥା ଗରିବ ରାଷ୍ଟ୍ରପାଇଁ ଅନୁପଯୁକ୍ତ ଅଟେ ।

**(୫) ସଂଖ୍ୟା ଗରିଷ୍ଠଙ୍କ ଅତ୍ୟାଚାର (Tyranny of majority)**

ଗଣତନ୍ତ୍ରରେ ସଂଖ୍ୟା ଗରିଷ୍ଠତା ଦଳର ଇଚ୍ଛାନୁସାରେ ଶାସନ ପରିଚାଳିତ ହୋଇଥାଏ । ସଂଖ୍ୟା ଗରିଷ୍ଠତା ଦଳରେ ଶାସକଦଳ ସଂଖ୍ୟା ଲଘୁମାନଙ୍କ ଉପରେ ଅନେକ ଅତ୍ୟାଚାର କରିଥାନ୍ତି ।

**(୬) ନିଷ୍ପତ୍ତି ନେବାରେ ବିଳମ୍ବ : (Delay in Decision making)**

ଗଣତନ୍ତ୍ର ଶାସନରେ ସରକାରୀ ନିଷ୍ପତ୍ତି ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଗ୍ରହଣ କରାଯାଇଥାଏ । ନିଷ୍ପତ୍ତି ନେବା ପୂର୍ବରୁ ଅନେକ କ୍ଷେତ୍ରରେ ଜନମତ ଓ ଜନ ପରାମର୍ଶ ଗ୍ରହଣ କରାଯାଇଥାଏ । ଫଳରେ ନିଷ୍ପତ୍ତି ନେବାରେ ବିଳମ୍ବ ପରିଲକ୍ଷିତ ହୋଇଥାଏ । ଏହାଦ୍ୱାରା ଜରୁରୀକାଳୀନ ପରିସ୍ଥିତିର ସଠିକ୍ ମୁକାବିଲା ହୋଇପାରେ ନାହିଁ ।

**(୭) ଦଳୀୟ ରାଜନୀତିର କୁପ୍ରଭାବ : (Evils of Party Politics)**

ରାଜନୈତିକ ଦଳ ଗଣତନ୍ତ୍ରର ଏକ ଆବଶ୍ୟକ ସର୍ତ୍ତାବଳୀ । ରାଜନୈତିକ ଦଳ ବିନା ଗଣତନ୍ତ୍ରର ପରିଚାଳନା କଷ୍ଟସାଧ୍ୟ । ମାତ୍ର ଗଣତନ୍ତ୍ରରେ ରାଜନୈତିକ ଦଳମାନେ କ୍ଷମତା ହାସଲପାଇଁ ଅନେକ ଅନ୍ୟାୟ ଓ ଦୁର୍ନୀତି କରିଥାନ୍ତି । ସରକାରୀ ନିଷ୍ପତ୍ତିରେ ବିରୋଧୀ ଦଳ ଗଠନ ଅଯଥା ବିଳମ୍ବ ସୃଷ୍ଟି କରିଥାନ୍ତି । ଦଳୀୟ ରାଜନୈତିକ ଶତ୍ରୁତା ଯୋଗୁ ମଧ୍ୟ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ ।

**(୮) ଆଞ୍ଚଳିକତା ବୃଦ୍ଧି (Growth of Regionalism)**

ଗଣତନ୍ତ୍ର ଶାସନରେ ରାଷ୍ଟ୍ରୀୟ ସ୍ୱାର୍ଥ ଅପେକ୍ଷା ସ୍ଥାନୀୟ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ପ୍ରଦାନ କରାଯାଇଥାଏ । ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କର ସ୍ଥାନୀୟ ସ୍ୱାର୍ଥର ସୁରକ୍ଷାପାଇଁ ପ୍ରୟାସ କରିଥାନ୍ତି । ନିର୍ବାଚନରେ ଜୟଲାଭ କରିବାପାଇଁ ମଧ୍ୟ ଆଞ୍ଚଳିକତାକୁ ପ୍ରୋତ୍ସାହିତ କରାଯାଇଥାଏ । ଫଳରେ ଆଞ୍ଚଳିକତା ବୃଦ୍ଧି ପାଇଥାଏ ଓ ଜାତୀୟ ସଂହତି ବାଧାପ୍ରାପ୍ତ ହୋଇଥାଏ ।

ଗଣତନ୍ତ୍ରର ଏହି ସମସ୍ତ ଦୋଷ ଦୁର୍ବଳତା ସତ୍ତ୍ୱେ ଏହା ବିଶ୍ୱର ସର୍ବଶ୍ରେଷ୍ଠ ଶାସନ ବ୍ୟବସ୍ଥା ରୂପେ ଖ୍ୟାତି ଲାଭ କରିଅଛି । ଗଣତନ୍ତ୍ରର ସଫଳ ରୂପାୟନପାଇଁ ନାଗରିକମାନଙ୍କର ନୈତିକ ଓ ବୌଦ୍ଧିକ ବିକାଶ ହେବା ସହିତ ସେମାନଙ୍କ ମନରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜାଗ୍ରତ ହେବା ଆବଶ୍ୟକ । ନାଗରିକମାନଙ୍କର ସତତ୍ ଜାଗୃତି, ଉପଯୁକ୍ତ ଦଳୀୟ ବ୍ୟବସ୍ଥା, ନିରପେକ୍ଷ ସମ୍ବାଦପତ୍ର ଆର୍ଥନୈତିକ ସମାନତା, ସାମାଜିକ ସଂହତି ଆଦି ଦ୍ୱାରା ଗଣତନ୍ତ୍ର ଅଧିକ ଫଳପ୍ରଦ ହୋଇପାରିବ ।

**ପ୍ର.୪. ଗଣତନ୍ତ୍ରର ସଫଳ ରୂପାୟନ ନିମିତ୍ତ ସର୍ତ୍ତଗୁଡ଼ିକ ଆଲୋଚନା କର ।** IMP

**(Discuss the conditions for successful working of Democracy.)**

**ଉ :** ଅତ୍ୟାଚାରୀ ଓ ନିରଙ୍କୁଶ କ୍ଷମତାଶାଳୀ ରାଜତନ୍ତ୍ର ଓ ଏକଛତ୍ରବାଦକୁ ପୂର୍ଣ୍ଣବିରୋଧ କରୁଥିବା ଏକ ଅପେକ୍ଷାକୃତ ଅଧିକ ଶକ୍ତିଶାଳୀ ଗଣତନ୍ତ୍ର ଶାସନ ବ୍ୟବସ୍ଥା ଏକ ମୋହନ ବଂଶୀ ସଦୃଶ, ଯାହାର ମନମତାଣିଆ ସ୍ୱନରେ ମାନବ ଜାତି ଆଜି ବିହ୍ୱଳିତ । ପ୍ରାଚୀନ ଗ୍ରୀସ୍ ନଗରରାଜ୍ୟରୁ ଜନ୍ମହୋଇ, ଆମେରିକାର ସ୍ୱାଧୀନ ସଂଗ୍ରାମ ପରେ ଜନପ୍ରିୟତା ହାସଲ କରିଥିବା ଏହି ଶାସନ ବ୍ୟବସ୍ଥା ତା'ର ମାୟାଜାଲରେ ପୃଥିବୀର ଜନସାଧାରଣଙ୍କୁ ବାନ୍ଧି ରଖିଅଛି । ଫଳତଃ ପୃଥିବୀର ପ୍ରାୟ ଶତକଡ଼ା ୯୦ ଭାଗ ରାଷ୍ଟ୍ର ଗଣତନ୍ତ୍ରକୁ ଶାସନ ବ୍ୟବସ୍ଥା ରୂପେ ଗ୍ରହଣ କରିଛନ୍ତି ।

ଗଣତନ୍ତ୍ର ଶବ୍ଦଟି ଗ୍ରୀକ୍ ଶବ୍ଦ "Demos" (ଗଣ) ଓ "Kratos" (କ୍ଷମତା)ରୁ ସୃଷ୍ଟି ହୋଇଅଛି । ଅର୍ଥାତ୍ ଆକ୍ଷରିକ ଅର୍ଥରେ ଗଣତନ୍ତ୍ର ଅର୍ଥ ଲୋକଶାସନ ବା ଗଣକ୍ଷମତା । ଗଣତନ୍ତ୍ର ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ସଂଜ୍ଞା ହେଲା :

**ଆବ୍ରାହମ ଲିଙ୍କନଙ୍କ** ମତରେ ''ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର ।''

**ଅଧ୍ୟାପକ ସିଲୀଙ୍କ** ମତରେ ''ଗଣତନ୍ତ୍ର ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଥାଏ ।''

ଆଧୁନିକ ଯୁଗରେ ଗଣତନ୍ତ୍ର ଏକ ଜନପ୍ରିୟ ଓ ଆଦର୍ଶସ୍ଥାନୀୟ ଶାସନ ବ୍ୟବସ୍ଥା ହୋଇଥିଲେ ହେଁ ଏହାର ସୁପରିଚାଳନା ଏକ କଷ୍ଟସାଧ୍ୟ ବ୍ୟାପାର ହୋଇଅଛି । ନିରକ୍ଷରତା, ଦାରିଦ୍ର୍ୟତା, ଦଳୀୟ ଚିନ୍ତାଧାରା ଓ ଜନସଚେତନତାର ଅଭାବ ଗଣତନ୍ତ୍ରର

ସଫଳତାରେ ପ୍ରତିବନ୍ଧକ ସୃଷ୍ଟି କରୁଅଛି । ଗଣତନ୍ତ୍ରର ସଫଳତା ପାଇଁ ନିମ୍ନଲିଖିତ କେତେକ ସର୍ତ୍ତ ବା ଉପାଦାନର ଆବଶ୍ୟକତା ରହିଅଛି ।

**(୧) ବ୍ୟକ୍ତିର ନୈତିକ ଓ ବୌଦ୍ଧିକ ବିକାଶ**

ଗଣତନ୍ତ୍ରର ସଫଳତା ଏହାର ନାଗରିକମାନଙ୍କ ସଚେତନତା ଉପରେ ନିର୍ଭର କରୁଥିବାରୁ ସେମାନଙ୍କର ନୈତିକ ଓ ବୌଦ୍ଧିକ ବିକାଶ ହେବା ଉଚିତ । ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନେ ସାଧୁ, ସଚ୍ଚୋଟ, ନ୍ୟାୟପରାୟଣ, ବିଜ୍ଞ, ସଚେତନ ଓ ଉଚ୍ଚମନା ହେବା ବାଞ୍ଛନୀୟ ବିଧେୟ । ସେମାନେ ଜାତି, ଧର୍ମ, ବର୍ଣ୍ଣ, ଆଞ୍ଚଳିକତାଠାରୁ ଦୂରରେ ରହି ସାମୂହିକ ଉନ୍ନତିରେ ବ୍ରତୀ ହେବା ଉଚିତ୍ ।

**(୨) ଗଣତାନ୍ତ୍ରିକ ମନୋବୃତ୍ତି :**

ଗଣତନ୍ତ୍ର ଲୋକମାନଙ୍କର ଶାସନ ହୋଇଥିବାରୁ ଜନସାଧାରଣଙ୍କର ଗଣତନ୍ତ୍ରର ମୌଳିକନୀତି ଓ ଆଦର୍ଶ ପ୍ରତି ବିଶ୍ୱାସ ରହିବା ଉଚିତ୍ । ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ଉଦାରତା, ସହିଷ୍ଣୁତା, ସହଯୋଗ, ତ୍ୟାଗ, ଦୟା, ଆତ୍ମନିର୍ଭରଶୀଳତା, ଶୃଙ୍ଖଳା ଆଦି ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତିଫଳିତ ହେବା ବାଞ୍ଛନୀୟ ।

**(୩) ଶିକ୍ଷାର ପ୍ରସାର :**

ଗଣତନ୍ତ୍ରର ସଫଳତା ନାଗରିକମାନଙ୍କର ସଚେତନା ଉପରେ ନିର୍ଭର କରିଥାଏ । ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ବନ୍ଧରେ ସଚେତନ ହେବା ବାଞ୍ଛନୀୟ । ଶିକ୍ଷାର ପ୍ରସାର ଦ୍ୱାରା ହିଁ ନାଗରିକମାନଙ୍କ ମନରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜାଗ୍ରତ ହୋଇଥାଏ । ତେଣୁ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଶିକ୍ଷାକୁ ବାଧ୍ୟତାମୂଳକ ଓ ସାର୍ବଜନୀନ କରାଯାଇଥାଏ ।

**(୪) ଜାଗ୍ରତ ଜନମତ :**

ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକ ଜାଗ୍ରତ ଓ ସଚେତନ ହେବା ଉଚିତ୍ । ସେମାନେ ନିଜ ନିଜର ଅଧିକାର ସମ୍ବନ୍ଧରେ ସଚେତନ ହେବା ଉଚିତ । ସରକାରଙ୍କର ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ । ତେଣୁ କୁହାଯାଏ, ''ସତତ୍ ଜାଗୃତି ହିଁ ସ୍ୱାଧୀନତାର ରକ୍ଷା କବଚ ।'' ସୁତରାଂ, ଗଣତନ୍ତ୍ରର ସଫଳତା ପାଇଁ ପ୍ରତ୍ୟେକ ନାଗରିକ ସତର୍କ, ଦାୟିତ୍ୱଶୀଳ ଓ କର୍ତ୍ତବ୍ୟ ନିଷ୍ଠ ହେବା ବାଞ୍ଛନୀୟ ।

**(୫) ଅର୍ଥନୈତିକ ସମତା ପ୍ରତିଷ୍ଠା :**

ସମାଜରେ ଅତ୍ୟଧିକ ଅର୍ଥନୈତିକ ବୈଷମ୍ୟ ଦେଖାଦେଲେ ଦରିଦ୍ର ଓ ଅଭାବୀ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଇଥାଏ । ଧନୀ ଓ ଦରିଦ୍ର ମଧ୍ୟରେ ତାରତମ୍ୟ ଦେଖାଦେଲେ ଶ୍ରେଣୀ ସଂଘର୍ଷ ହେବାର ସମ୍ଭାବନା ଥାଏ । ଦରିଦ୍ର, ଅବହେଳିତ ଓ ଦୁର୍ବଳ ଶ୍ରେଣୀର ଲୋକମାନେ ଧନିକ ଗୋଷ୍ଠୀର ଅତ୍ୟାଚାର ଓ ଶୋଷଣର ଶିକାର ହୋଇଥାନ୍ତି । ଫଳରେ ଗଣତନ୍ତ୍ର ବିଫଳ ହୋଇଥାଏ । ତେଣୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ବ୍ୟକ୍ତିର ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍ ।

**(୬) କର୍ତ୍ତବ୍ୟବୋଧ ଓ ଦାୟିତ୍ୱଜ୍ଞାନ :**

ଗଣତନ୍ତ୍ରର ସଫଳତା ପାଇଁ ନାଗରିକମାନଙ୍କର ଉଚ୍ଚକୋଟୀର କର୍ତ୍ତବ୍ୟବୋଧ ଓ ଦାୟିତ୍ୱଜ୍ଞାନ ରହିବା ଦରକାର । ସେମାନେ ନିଜ ନିଜର ଅଧିକାର ଉପଭୋଗ କରିବା ସହିତ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଉଚିତ । ରାଷ୍ଟ୍ରର ମଙ୍ଗଳପାଇଁ ବ୍ୟକ୍ତି ତା'ର ସ୍ୱାର୍ଥକୁ ଜଳାଞ୍ଜଳୀ ଦେବା ଉଚିତ । ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ସୁନାଗରିକ ହେବା ଆବଶ୍ୟକ ।

**(୭) ଉପଯୁକ୍ତ ଦଳୀୟ ବ୍ୟବସ୍ଥା :**

ରାଜନୈତିକ ଦଳ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ । କିନ୍ତୁ ରାଜନୈତିକ ଦଳମାନେ ସଂକୀର୍ଣ୍ଣତା ଓ ସ୍ୱାର୍ଥପରତାରୁ ଊର୍ଦ୍ଧ୍ୱରେ ରହି ଗଣତାନ୍ତ୍ରିକ ପଦ୍ଧତିରେ ନିଷ୍ପତ୍ତି ଓ କାର୍ଯ୍ୟପନ୍ଥା ସ୍ଥିର କରିବା ଉଚିତ୍ । ଗଣତନ୍ତ୍ରର ସଫଳତା ପାଇଁ ଜାତୀୟ ଭାବାପନ୍ନ ଅଳ୍ପସଂଖ୍ୟକ ରାଜନୈତିକ ଦଳ ବା ଦୁଇଦଳୀୟ ବ୍ୟବସ୍ଥା ରହିବା ଉଚିତ୍ ।

ପ୍ର.୫. ଗଣତନ୍ତ୍ରର ସଂଜ୍ଞା ଓ ପ୍ରକାର ଭେଦ ଆଲୋଚନା କର ।

**(Discuss the definitions and types of Democracy.)**

ଉ : ଆଧୁନିକ ରାଷ୍ଟ୍ରମାନଙ୍କରେ ପ୍ରଚଳିତ ବିଭିନ୍ନ ଶାସନ ବ୍ୟବସ୍ଥା ମଧ୍ୟରୁ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ ଏବଂ ଜନପ୍ରିୟ ଶାସନବ୍ୟବସ୍ଥା ବା ସରକାର । ପ୍ରାଚୀନକାଳରୁ ପ୍ରଚଳିତ ଅତ୍ୟାଚାରୀ ଓ ନିରଙ୍କୁଶ ରାଜତନ୍ତ୍ରକୁ ପୂର୍ଣ୍ଣବିରୋଧ କରୁଥିବା ଅଧିକ ଶକ୍ତିଶାଳୀ ଶାସନ ବ୍ୟବସ୍ଥାରୂପେ ପରିଚିତ ଗଣତନ୍ତ୍ରର ମାୟାଜାଲରେ ସମଗ୍ର ବିଶ୍ୱ କବଳିତ ହୋଇଅଛି । ପ୍ରାଚୀନ ଗ୍ରୀକ୍ ନଗରରାଜ୍ୟରୁ ଜନ୍ମିତ ଏହି ଶାସନ ବ୍ୟବସ୍ଥାକୁ ପୃଥିବୀର ପ୍ରାୟ ୯୦ଭାଗ ରାଷ୍ଟ୍ର ଆପଣାର କରିନେଇଛନ୍ତି ।

ଗଣତନ୍ତ୍ର ଶବ୍ଦଟି ଗ୍ରୀକ୍ ଶବ୍ଦ "Demos" (ଗଣ) ଓ "Kratos" (କ୍ଷମତା)ରୁ ସୃଷ୍ଟି ହୋଇଅଛି । ଅର୍ଥାତ୍ ଆକ୍ଷରିକ ଅର୍ଥରେ ଗଣତନ୍ତ୍ର ଅର୍ଥ ଲୋକଶାସନ ବା ଗଣକ୍ଷମତା । ଗଣତନ୍ତ୍ର ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ସଂଜ୍ଞା ହେଲା :

**ଆବ୍ରାହମ ଲିଙ୍କନଙ୍କ** ମତରେ ''ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କଦ୍ୱାରା ଓ ଲୋକମାନଙ୍କପାଇଁ ଉଦ୍ଦିଷ୍ଟ ସରକାର ।''

**ଅଧ୍ୟାପକ ସିଲୀଙ୍କ** ମତରେ ''ଗଣତନ୍ତ୍ର ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଥାଏ ।''

**ଅଧ୍ୟାପକ ଡାଇସୀଙ୍କ** ମତରେ ''ଗଣତନ୍ତ୍ରରେ ଶାସକ ଗୋଷ୍ଠୀ ତୁଳନାତ୍ମକ ଭାବରେ ସମଗ୍ର ଜାତିର ବେଶୀ ଲୋକଙ୍କୁ ନେଇ ଗଠିତ ।''

**ଗଣତନ୍ତ୍ରର ପକାରଭେଦ (Types of Democracy) :**

ସରକାର ପରିଚାଳନା ଓ ଆଇନ ପ୍ରଣୟନ କ୍ଷେତ୍ରରେ ଜନସାଧାରଣଙ୍କ ସଂପୃକ୍ତିକୁ ଆଧାର କରି ଗଣତନ୍ତ୍ରକୁ ସାଧାରଣତଃ ନିମ୍ନଲିଖିତ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ ।

**(୧) ପ୍ରତ୍ୟକ୍ଷ ଗଣତନ୍ତ୍ର ବା ବିଶୁଦ୍ଧ ଗଣତନ୍ତ୍ର (Direct Democracy or Pure Democracy) :**

ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକମାନେ ରାଷ୍ଟ୍ରଶାସନ ପରିଚାଳନା କ୍ଷେତ୍ରରେ ସିଧାସଳଖ ଓ ସକ୍ରିୟଭାବେ ଅଂଶଗ୍ରହଣ କରିଥାନ୍ତି, ତାହାକୁ ପ୍ରତ୍ୟକ୍ଷ ଗଣତନ୍ତ୍ର କୁହାଯାଏ । ଏଠାରେ ଜନସାଧାରଣ ପ୍ରତ୍ୟକ୍ଷଭାବେ ଆଇନ ପ୍ରଣୟନ କ୍ଷେତ୍ରରେ ସାମିଲ ହୋଇଥାନ୍ତି । ତେଣୁ ଏହାକୁ ବିଶୁଦ୍ଧ ଗଣତନ୍ତ୍ର କୁହାଯାଏ । ପ୍ରାଚୀନ ଗ୍ରୀକ୍ ଓ ରୋମ ନଗରରାଜ୍ୟରେ ଏହି ପ୍ରକାର ଗଣତନ୍ତ୍ର ପ୍ରଚଳିତ ଥିଲା । ବର୍ତ୍ତମାନ କେବଳ ସୁଇଜରଲ୍ୟାଣ୍ଡରେ ଏହି ଗଣତନ୍ତ୍ର ପ୍ରଚଳିତ ।

ପ୍ରତ୍ୟକ୍ଷ ଗଣତନ୍ତ୍ରର ତିନୋଟି ଉପାଦାନ ବା ପନ୍ଥା ରହିଅଛି । ସେଗୁଡ଼ିକ ହେଲା (କ) ଗଣଭୋଟ (ଖ) ଗଣଉଦ୍ୟୋଗ (ଗ) ପ୍ରତ୍ୟାହାର ।

**(କ) ଗଣଭୋଟ (Referendum) :**

ପ୍ରତ୍ୟକ୍ଷ ଗଣତନ୍ତ୍ରରେ ବ୍ୟବସ୍ଥାପିକାରେ ପ୍ରଣୀତ ହୋଇଥିବା ଆଇନକୁ କାର୍ଯ୍ୟକାରିତା ପୂର୍ବରୁ ଜନସାଧାରଣଙ୍କ ମତାମତ ଲୋଡିବା ପ୍ରକ୍ରିୟାକୁ ଗଣଭୋଟ କୁହାଯାଏ । ଏହି କ୍ଷମତା ବଳରେ ନାଗରିକମାନେ ଆଇନ ପ୍ରଣୟନ କ୍ଷେତ୍ରରେ ବ୍ୟବସ୍ଥାପିକା ସଭାର ସ୍ୱେଚ୍ଛାଚାରିତାକୁ ପ୍ରତିହତ କରିଥାନ୍ତି । ଗଣଭୋଟ ବାଧ୍ୟତାମୂଳକ କିମ୍ବା ଇଚ୍ଛାଧୀନ ହୋଇପାରେ ।

**(ଖ) ଗଣଉଦ୍ୟୋଗ (Initiative) :**

ଗଣଉଦ୍ୟୋଗ କହିଲେ ନାଗରିକମାନଙ୍କ ଉଦ୍ୟମରେ ଆଇନ ପ୍ରଣୟନ କରିବା ବ୍ୟବସ୍ଥାକୁ ହିଁ ବୁଝାଇଥାଏ । ଯଦି ଏଠାରେ ବ୍ୟବସ୍ଥାପିକା ସଭା କୌଣସି ଆଇନ ପ୍ରଣୟନ କରେ ନାହିଁ ମାତ୍ର ନାଗରିକମାନେ ଏପରି ଆଇନର ଆବଶ୍ୟକତା ମନେ କରନ୍ତି ତେବେ ସେମାନେ ଚିଠା ପ୍ରସ୍ତୁତ କରି ବ୍ୟବସ୍ଥାପିକା ସଭାରେ ଉପସ୍ଥାପନ କରିଥାନ୍ତି ।

**(ଗ) ପ୍ରତ୍ୟାହାର (Recall) :**

ପ୍ରତ୍ୟକ୍ଷ ଗଣତନ୍ତ୍ରରେ ଯେଉଁ କ୍ଷମତା ବଳରେ ନାଗରିକମାନେ ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କୁ ଗର୍ହିତ କାର୍ଯ୍ୟପାଇଁ ପଦଚ୍ୟୁତ କରିଥାନ୍ତି, ତାହାକୁ ପ୍ରତ୍ୟାହାର କୁହାଯାଏ । ଏହାଦ୍ୱାରା କାର୍ଯ୍ୟକାଳ ଶେଷହେବା ପୂର୍ବରୁ ଜଣେ ନିର୍ବାଚିତ ପ୍ରତିନିଧି କାର୍ଯ୍ୟରୁ ବହିଷ୍କୃତ ହୋଇଥାନ୍ତି ।

**ପ୍ରତ୍ୟକ୍ଷ ଗଣତନ୍ତ୍ରର ସୁଗୁଣମାନ :**

(୧) ଏଠାରେ ଜନସାଧାରଣଙ୍କଠାରେ ପ୍ରକୃତ ସାର୍ବଭୌମତ୍ୱ କ୍ଷମତା ନ୍ୟସ୍ତ ହୋଇଥାଏ ।

(୨) ଏଠାରେ ନିର୍ବାଚିତ ପ୍ରତିନିଧିମାନେ ସର୍ବଦା ଜନସାଧାରଣଙ୍କ ନିକଟରେ ସର୍ବଦା ଉତ୍ତରଦାୟୀ ରହିଥାନ୍ତି ।

(୩) ଏଠାରେ ପ୍ରଚଳିତ ପ୍ରତ୍ୟାହାର ବ୍ୟବସ୍ଥା ନିର୍ବାଚିତ ପ୍ରତିନିଧିମାନଙ୍କୁ ସକ୍ରିୟ କର୍ତ୍ତବ୍ୟନିଷ୍ଠ ଓ ସଚ୍ଚୋଟ କରିବାକୁ ବାଧ୍ୟ କରିଥାଏ ।

(୪) ଏହି ବ୍ୟବସ୍ଥା କ୍ଷୁଦ୍ର ରାଷ୍ଟ୍ରପାଇଁ ଉପଯୁକ୍ତ ।

**ଦୁର୍ଗୁଣମାନ :**

(୧) ଅଧିକ ଜନସଂଖ୍ୟା ଓ ଆୟତନ ଦୃଷ୍ଟିରୁ ବିଶାଳକାୟ ରାଷ୍ଟ୍ରପାଇଁ ଏହା ଆଦୌ ଉପଯୁକ୍ତ ନୁହେଁ ।

(୨) ଗଣଉଦ୍ୟୋଗ ଓ ଗଣଭୋଟ ଯୋଗୁ ଆଇନ ପ୍ରଣୟନ କ୍ଷେତ୍ରରେ ବିଳମ୍ବ ପରିଲକ୍ଷିତ ହୋଇଥାଏ ।

(୩) ଏଠାରେ ପ୍ରଚଳିତ ପ୍ରତ୍ୟାହାର ବ୍ୟବସ୍ଥା ନିର୍ବାଚିତ ପ୍ରତିନିଧିମାନେ ସ୍ପୃହା ହରାଇ ବସିଥାନ୍ତି ।

(୪) ଏହା ମଧ୍ୟ ଏକ ବ୍ୟୟ ବହୁଳ ବ୍ୟବସ୍ଥା ।

**(୨) ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର (Indirect Democracy) :**

ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକମାନେ ରାଷ୍ଟ୍ର ପରିଚାଳନାରେ ସିଧାସଳଖ ଭାବେ ଅଂଶଗ୍ରହଣ ନକରି ସେମାନଙ୍କର ମନୋନୀତ ପ୍ରତିନିଧିମାନଙ୍କ ମାଧ୍ୟମରେ ଅଂଶଗ୍ରହଣ କରିଥାନ୍ତି, ତାହାକୁ ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର କୁହାଯାଏ । ସୁଇଜରଲ୍ୟାଣ୍ଡକୁ ବାଦ ଦେଲେ ଅନ୍ୟ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହିପ୍ରକାର ଗଣତନ୍ତ୍ର ପ୍ରଚଳିତ । ଏଠାରେ ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କର କାର୍ଯ୍ୟପାଇଁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ରହିଥାନ୍ତି ।

**ପରୋକ୍ଷ ଗଣତନ୍ତ୍ରର ସୁଗୁଣ :**

(୧) ପ୍ରତ୍ୟକ୍ଷ ଗଣତନ୍ତ୍ର ବୃହତ୍‌ରାଷ୍ଟ୍ର ପାଇଁ ଉପଯୁକ୍ତ ହେଉନଥିବାରୁ ଏହା ଉପଯୁକ୍ତ ହୋଇଥାଏ ।

(୨) ଏଠାରେ ଜନସାଧାରଣ ଓ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ସଠିକ୍ ସମ୍ପର୍କ ରକ୍ଷା ସମ୍ଭବ ହୋଇଥାଏ ।

**ଦୁର୍ଗୁଣ :**

(୧) ଏଠାରେ ପ୍ରତ୍ୟାହାର ବ୍ୟବସ୍ଥା ନଥିବାରୁ ନିର୍ବାଚିତ ପ୍ରତିନିଧିମାନେ ସର୍ବଦା ଜନସାଧାରଣଙ୍କର ମତାନୁସାରେ କାର୍ଯ୍ୟ କରନ୍ତି ନାହିଁ ।

(୨) ଏଠାରେ ନିର୍ବାଚିତ ପ୍ରତିନିଧି ଏବଂ ସରକାର ସ୍ୱେଚ୍ଛାଚାରୀ ଓ ମନମୁଖୀ ହେବାର ସମ୍ଭାବନା ଅଧିକ ।

(୩) ଏଠାରେ ଲୋକପ୍ରତିନିଧିମାନଙ୍କର ଦାୟିତ୍ୱହୀନତା ଓ ଉଦାସୀନତା ବୃଦ୍ଧି ପାଇଥାଏ ।

**ପ୍ର.୬. ଭାରତ ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନମାନ ଆଲୋଚନା କର ।**

**(Discuss the challenges to Indian Democracy.)**

ଉ : ଭାରତ ପୃଥିବୀର ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତନ୍ତ୍ରର ସଫଳତା ନାଗରିକମାନଙ୍କର ରାଜନୈତିକ ସଚେତନତା ଉପରେ ନିର୍ଭର କରିଥାଏ । ଦୀର୍ଘ ୭୦ ବର୍ଷର ଭାରତର ଗଣତନ୍ତ୍ର କାର୍ଯ୍ୟକାରିତା ଭାରତୀୟ ଗଣତନ୍ତ୍ରକୁ ସଫଳଭାବେ ପ୍ରତିଷ୍ଠା କରିଥିଲେ ହେଁ ବାସ୍ତବରେ ଏହାର କାର୍ଯ୍ୟକାରିତା ପଥରେ ରହିଛି ନିମ୍ନଲିଖିତ ପ୍ରତିବନ୍ଧକମାନ ।

**(କ) ଅସମାନତା :**

ଭାରତୀୟ ସମାଜରେ ଦେଖାଯାଉଥିବା ବିଭିନ୍ନ ବୈଷମ୍ୟ ଯଥା ସାମାଜିକ ବୈଷମ୍ୟ, ଆର୍ଥିକ ବୈଷମ୍ୟ ଓ ଲିଙ୍ଗଗତ ବୈଷମ୍ୟ ଗଣତନ୍ତ୍ରର ସଫଳତା ପଥକୁ ଅବରୋଧ କରୁଅଛି । ଅନେକ ସ୍ଥାନରେ ନାଗରିକମାନଙ୍କର ନିର୍ବାଚନ ଆଚରଣକୁ

ଜାତିପ୍ରଥା ପ୍ରଭାବିତ କରୁଅଛି । ସେହିପରି ଦରିଦ୍ର ଲୋକମାନଙ୍କୁ ସହଜରେ ଧନୀ ଲୋକମାନେ ନିର୍ବାଚନ ସମୟରେ ଅର୍ଥ ମାଧ୍ୟମରେ କିଣିପାରୁଛନ୍ତି । ଭାରତୀୟ ସମାଜ ଏକ ପୁରୁଷପ୍ରଧାନ ସମାଜ ହୋଇଥିବାରୁ ଏବଂ ମହିଳାମାନେ ନିଜର ଭରଣପୋଷଣ ପାଇଁ ପ୍ରାୟତଃ ସ୍ୱାମୀଙ୍କ ଉପରେ ନିର୍ଭର କରୁଥିବାରୁ ସ୍ୱାମୀଙ୍କ ନିର୍ଦ୍ଦେଶରେ ନିର୍ବାଚନରେ ନିଜର ମତାଧିକାର ପ୍ରଦାନ କରିଥାନ୍ତି ।

**(ଖ) ନିରକ୍ଷରତା :**

ଭାରତରେ ପ୍ରାୟତଃ ଶତକଡ଼ା ୪୦ ଭାଗଲୋକ ନିରକ୍ଷର । ନିରକ୍ଷର ଲୋକମାନେ ଗଣତନ୍ତ୍ରର ମୂଲ୍ୟବୋଧ ବୁଝନ୍ତି ନାହିଁ । ସେମାନେ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ ନୁହଁନ୍ତି । ସତତ ଜାଗୃତି ସ୍ୱାଧୀନତାର ରକ୍ଷାକବଚ ହୋଇଥିବା ବେଳେ ନିରକ୍ଷରତା ଏହାର ମୁଖ୍ୟ ପ୍ରତିବନ୍ଧକ ହୋଇ ଦଣ୍ଡାୟମାନ । ଭାରତରେ ଥିବା ଅଧିକାଂଶ ନିରକ୍ଷର ନାଗରିକମାନଙ୍କୁ ଅତି ସହଜରେ ରାଜନେତା ଓ ରାଜନୈତିକ ଦଳମାନେ ପ୍ରଭାବିତ କରିପାରୁଛନ୍ତି । ଫାଗେଟ୍ କହିଥିବା ଗଣତନ୍ତ୍ର ଅଯୋଗ୍ୟତାର ମତବାଦ ତତ୍ତ୍ୱ ଭାରତ ପ୍ରାୟତଃ ପ୍ରମାଣିତ ହୋଇଅଛି ।

**(ଗ) ଆଞ୍ଚଳିକବାଦ :**

ଭାରତର ଗଣତନ୍ତ୍ର ଏବଂ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଏକ ପ୍ରମୁଖ ଆହ୍ୱାନ ହେଉଛି ଆଞ୍ଚଳିକତାବାଦ । ଭାରତରେ ଅଧିକାଂଶ ଅଞ୍ଚଳରେ ଜନସାଧାରଣ ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ସଂକୀର୍ଣ୍ଣ ଓ ଆଞ୍ଚଳିକ ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଆଞ୍ଚଳିକତାବାଦକୁ ଆଧାର କରି ଦେଶର ବିଭିନ୍ନ ରାଜ୍ୟରେ ଗଠିତ ହୋଇଛି ଅନେକ ଆଞ୍ଚଳିକ ରାଜନୈତିକ ଦଳ । ଏହି ସମସ୍ତ ଦଳ ମଧ୍ୟରୁ ଅଧିକାଂଶ ରାଜ୍ୟରେ ପ୍ରାୟତଃ ଆଞ୍ଚଳିକ ଦଳମାନେ ପ୍ରଭାବ ବିସ୍ତାର କରିଛନ୍ତି କିମ୍ବା ଶାସନକ୍ଷମତା ଉପଭୋଗ କରୁଛନ୍ତି। ଆଞ୍ଚଳିକ ଚିନ୍ତାଧାରାକୁ ନେଇ ରାଜ୍ୟ-ରାଜ୍ୟ ମଧ୍ୟରେ ବିବାଦ ଯୋଗୁ ଭାରତରେ ସଂଘୀୟ ଶାସନ ପ୍ରତି ବିପଦ ଦେଖାଯାଇଛି । ଆଞ୍ଚଳିକ ଚିନ୍ତାଧାରା ଓ ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ଯୋଗୁ କେନ୍ଦ୍ରରେ ଅଧିକାଂଶ ସମୟରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇ କାର୍ଯ୍ୟକାଳ ସରିବା ପୂର୍ବରୁ ସରକାରର ପତନ ହେଉଅଛି ।

**(ଘ) ନକ୍ସଲ ସମସ୍ୟା :**

ଭାରତର ପ୍ରାୟ ୧୦ଟି ରାଜ୍ୟରେ ୭୫ଟି ଜିଲ୍ଲା ନକ୍ସଲ ଆନ୍ଦୋଳନ ତା'ର କାୟାବିସ୍ତାର କରିଛି । ୧୯୬୭ ମସିହାରେ କମ୍ୟୁନିଷ୍ଟମାନଙ୍କ ଦ୍ୱାରା ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାର ନକ୍ସଲବୋରି ଥାନା ଅଞ୍ଚଳରେ ଦେଖାଯାଇଥିବା କୃଷକ ଆନ୍ଦୋଳନରୁ ସୃଷ୍ଟ ଏହି ଆନ୍ଦୋଳନ ଭାରତର ଗଣତନ୍ତ୍ରର ପଥରେ ପ୍ରତିବନ୍ଧକ ସୃଷ୍ଟି କରିଛି । ନକସ୍‌ଲାଇଟମାନେ ଅନେକ ସମୟରେ ଆତଙ୍କରାଜ ସୃଷ୍ଟି କରି ଧନଜୀବନ ନଷ୍ଟ କରୁଛନ୍ତି । ନିର୍ବାଚନ ସମୟରେ ରାସ୍ତା ଅବରୋଧ, ଭୋଟକେନ୍ଦ୍ର ଜବର ଦଖଲ, ଭୋଟ ବାକ୍ସ ଲୁଟ, ପ୍ରାର୍ଥୀଙ୍କୁ ହତ୍ୟା ଧମକ ଦେବା, ଅପହରଣ କରିବା କିମ୍ବା କେତେକ ସ୍ଥଳରେ ହତ୍ୟା କରିବା ଦ୍ୱାରା ଅବାଧ ଓ ନିରପେକ୍ଷ ଭୋଟ କରିବା ସମ୍ଭବ ହେଉନାହିଁ ।

**(ଙ) ଲିଙ୍ଗଗତ ବୈଷମ୍ୟ :**

ଲିଙ୍ଗଗତ ବୈଷମ୍ୟ ବା ପୁରୁଷ ଓ ନାରୀ ମଧ୍ୟରେ ଥିବା ଭେଦଭାବ ଭାରତର ଗଣତନ୍ତ୍ର ପ୍ରତି ଏକ ଆହ୍ୱାନ ଅଟେ । ପାରମ୍ପରିକ ଭାବେ ଭାରତ ଏକ ପୁରୁଷପ୍ରଧାନ ସମାଜ । ଭାରତର ଅଧିକାଂଶ ମହିଳା ଆର୍ଥିକ କ୍ଷେତ୍ରରେ ସ୍ୱାଧୀନ ହୋଇନଥିବା ଯୋଗୁ ସେମାନେ ପୁରୁଷଙ୍କ ଉପରେ ନିର୍ଭର କରି ଚଳିଥାନ୍ତି । ତେଣୁ ସେମାନେ ପୁରୁଷଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇଥାନ୍ତି । ଭାରତ ସମ୍ବିଧାନ ସାର୍ବଜନୀନ ସାବାଳକ ଭୋଟପ୍ରଥା ଦ୍ୱାରା ଉଭୟ ପୁରୁଷ ଓ ନାରୀଙ୍କୁ ସମାନ ରାଜନୈତିକ ଅଧିକାର ପ୍ରଦାନ କରିଛନ୍ତି । ମାତ୍ର ମତଦାନ ସମୟରେ ପ୍ରାୟତଃ ଭାରତୀୟ ମହିଳା ତା'ର ଅଭିଭାବକଙ୍କ ନିର୍ଦ୍ଦେଶ ଅନୁସାରେ ମତଦାନ କରିଥାନ୍ତି । ସେହିପରି ସ୍ଥାନୀୟ ସ୍ୱାୟତ୍ତଶାସନଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜନୈତିକ ବ୍ୟବସ୍ଥାରେ ମହିଳାମାନଙ୍କର ପ୍ରତିନିଧିତ୍ୱ ନ୍ୟୂନ ଅଟେ । ୭୩ ଓ ୭୪ ତମ, ସମ୍ବିଧାନ ସଂଶୋଧନ ଆଇନ ଯଥାକ୍ରମେ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରସଂସ୍ଥା ମାନଙ୍କରେ ମହିଳାମାନଙ୍କ ସ୍ଥାନ ସଂରକ୍ଷଣ କରିଥିଲେ ହେଁ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଇଁ ସେମାନଙ୍କର ଅଭିଭାବକ ମାନେ କାର୍ଯ୍ୟ କରୁଛନ୍ତି ।

୦୦୦

ଦ୍ୱିତୀୟ ଅଧ୍ୟାୟ

# ଭାରତରେ ଦଳୀୟ ବ୍ୟବସ୍ଥା

# [ PARTY SYSTEM IN INDIA ]

**ଅର୍ଥ, ପ୍ରକାରଭେଦ, ଏକଦଳୀୟ ପ୍ରାଧାନ୍ୟ, ମେଣ୍ଟ ରାଜନୀତି, ଆଞ୍ଚଳିକ ଦଳମାନ**
**Meaning, Types, One Party Dominance, Coalition Politics, Regional Parties.**

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

ପ୍ର.୧. ରାଜନୈତିକ ଦଳର କାର୍ଯ୍ୟାବଳୀ ବର୍ଣ୍ଣନା କର ।

**(Describe the functions of Political Parties.)**

ଉ. ଗଣତନ୍ତ୍ରର ସଫଳତା ପାଇଁ ରାଜନୈତିକ ଦଳ ଏକ ଅପରିହାର୍ଯ୍ୟ ସର୍ତ୍ତ । ରାଜନୈତିକ ଦଳ ବ୍ୟତୀତ ଆଧୁନିକ ଗଣତନ୍ତ୍ରର ସ୍ଥିତି ଅସମ୍ଭବ । ଏହାକୁ ଛାଡ଼ି ଗଣତନ୍ତ୍ର ଶାସନର କଳ୍ପନା ଅବାସ୍ତବ । ସାଧାରଣତଃ ରାଜନୈତିକ ଚିନ୍ତା, ଚେତନା ଓ ଆଦର୍ଶ ଭିତ୍ତିରେ ରାଜନୈତିକ ଦଳ ଗଠିତ ହୋଇଥାଏ । ଦେଶର ନିର୍ବାଚନରେ ଅଂଶଗ୍ରହଣ କରି ସାମ୍ବିଧାନିକ ଉପାୟରେ କ୍ଷମତା ହାସଲ କରିବା ରାଜନୈତିକ ଦଳର ପ୍ରଧାନ ଲକ୍ଷ୍ୟ ।

ଯେତେବେଳେ ସମମତ ପୋଷଣ କରୁଥିବା ନାଗରିକ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ନିର୍ବାଚନକୁ ଆଖି ଆଗରେ ରଖି, ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଗ୍ରହଣ କରି, ତାହାକୁ ଜନସାଧାରଣଙ୍କର ଅନୁମୋଦନ ପାଇଁ ପ୍ରୟାସୀ ହୁଅନ୍ତି, ସେତେବେଳେ ଏହାକୁ ରାଜନୈତିକ ଦଳ କୁହାଯାଏ ।

**ଏଡ଼ମଣ୍ଡ ବର୍କ**ଙ୍କ ମତରେ ''ଦଳେ ଲୋକ କେତେକ ନିର୍ଦ୍ଦିଷ୍ଟ ନୀତି ଉପରେ ଏକମତ ହୋଇ ସେମାନଙ୍କ ମିଳିତ ଚେଷ୍ଟାରେ ଜାତୀୟ ସ୍ୱାର୍ଥର ଅଭିବୃଦ୍ଧି ପାଇଁ ଏକତ୍ରିତ ହେଲେ, ତାହାକୁ ରାଜନୈତିକ ଦଳ କୁହାଯାଏ ।''

ମ୍ୟାକ୍ **ଆଇଭର**ଙ୍କ ମତରେ ''ଯେଉଁ ସଂଘ କେତେକ ନୀତି ଓ ନିତିନିୟମ ଉପରେ ସଙ୍ଗଠିତ ହୋଇ ସାମ୍ବିଧାନିକ ଉପାୟରେ ସରକାରର ନିର୍ଣ୍ଣାୟକ ହେବାକୁ ଚେଷ୍ଟା କରେ, ତାହାକୁ ରାଜନୈତିକ ଦଳ କୁହାଯାଏ ।''

**ରାଜନୈତିକ ଦଳ ଗଠନର ଉପାଦାନ :**

(୧) ଦଳେ ଲୋକ ବିଧିବଦ୍ଧ ଭାବେ ସଂଗଠିତ ହୋଇଥିବେ ।

(୨) ଦଳ ସଭ୍ୟମାନେ ନିର୍ଦ୍ଦିଷ୍ଟ ନୀତି ଓ ଆଦର୍ଶ ଉପରେ ବିଶ୍ୱାସ କରୁଥିବେ ।

(୩) ସାମ୍ବିଧାନିକ ଉପାୟରେ କ୍ଷମତା ହାସଲ କରିବାର ଲକ୍ଷ୍ୟ ।

(୪) ଜାତୀୟ ସ୍ୱାର୍ଥସାଧନ କରିବା ।

**ରାଜନୈତିକ ଦଳର କାର୍ଯ୍ୟ ଓ ଗୁରୁତ୍ୱ :**

**(୧) ଦଳୀୟ ନୀତି ନିର୍ଦ୍ଧାରଣ :** ବିଭିନ୍ନ ପ୍ରକାର ଅର୍ଥନୈତିକ ସାମାଜିକ ଓ ରାଜନୈତିକ ନୀତି ନିର୍ଦ୍ଧାରଣ କରି ସେହି ଅନୁସାରେ କାର୍ଯ୍ୟକ୍ରମ ସ୍ଥିର କରିବା ହେଉଛି ଦଳର ପ୍ରଧାନ କାର୍ଯ୍ୟ ।

**(୨) କ୍ଷମତା ଆହରଣ :** ବିଭିନ୍ନ ନିର୍ବାଚନରେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରାଇ ସାମ୍ବିଧାନିକ ଉପାୟରେ କ୍ଷମତା ହାସଲ କରିବା ହେଉଛି ରାଜନୈତିକ ଦଳର ଲକ୍ଷ୍ୟ । ଏଣୁ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଇସ୍ତାହାର ପ୍ରକାଶ କରି ଦଳ ଓ ପ୍ରାର୍ଥୀ ସପକ୍ଷରେ ପ୍ରଚାର କାର୍ଯ୍ୟ କରିଥାଏ ।

(୩) ରାଜନୈତିକ ଶିକ୍ଷାର ପ୍ରସାର : ନିର୍ବାଚନ ପ୍ରଚାର ଓ ନିର୍ବାଚନ ଇସ୍ତାହାର ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକ ଦେଶର ରାଜନୈତିକ ସମସ୍ୟାଗୁଡ଼ିକୁ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥାନ୍ତି । ଏହି ସମସ୍ୟାର ସମାଧାନ ପାଇଁ ମଧ୍ୟ ବିଭିନ୍ନ ପ୍ରସ୍ତାବମାନ ଆଲୋଚନା କରିଥାନ୍ତି । ଫଳରେ ଜନସାଧାରଣ ରାଜନୈତିକ ଶିକ୍ଷାଲାଭ କରିବା ସହିତ, ଦେଶର ବିଭିନ୍ନ ସମସ୍ୟା ଓ ତାର ସମାଧାନ ସହିତ ସଂପୃକ୍ତ ହୋଇଥାନ୍ତି ।

(୪) ଜନମତ ସୃଷ୍ଟି : ନିଜ ଦଳର ନୀତି ଓ କାର୍ଯ୍ୟକ୍ରମ ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ପନ୍ଥା ଅବଲମ୍ବନ କରନ୍ତି । ସମ୍ବାଦପତ୍ର, ପ୍ରଚାରପତ୍ର, ସଭାସମିତି, ପାଠଚକ୍ର, ତାଲିମ ଶିବିର ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକ ଜନମତକୁ ସୁଶିକ୍ଷିତ ଓ ସଙ୍ଗଠିତ କରିଥାନ୍ତି ।

(୫) ସାମୂହିକ ହିତସାଧନ : ରାଜନୈତିକ ଦଳଗୁଡ଼ିକ ବ୍ୟକ୍ତିଗତ ସ୍ୱାର୍ଥସାଧନ ପରିବର୍ତ୍ତେ ସାମୂହିକ ସ୍ୱାର୍ଥସାଧନ ପାଇଁ ତତ୍ପରତା ପ୍ରକାଶ କରିଥାନ୍ତି । ରାଜନୈତିକ ଦଳର ଭାବଧାରାରେ ସଂକୀର୍ଣ୍ଣତା ରହିବା ଉଚିତ୍ ନୁହେଁ । ବୃହତ୍ତର ସ୍ୱାର୍ଥ ସଂରକ୍ଷଣ ନ କଲେ ରାଜନୈତିକ ଦଳଗୁଡ଼ିକ କ୍ଷଣସ୍ଥାୟୀ ହୋଇଥାନ୍ତି ।

(୬) ଗଠନମୂଳକ ସମାଲୋଚନା : ସାଧାରଣତଃ ନିର୍ବାଚନରେ ଯେଉଁ ଦଳଗୁଡ଼ିକ ସଂଖ୍ୟାଗରିଷ୍ଠତା ହାସଲ କରନ୍ତି, ସେ ସରକାର ଗଠନ କରେ ଓ ଅନ୍ୟ ଦଳଗୁଡ଼ିକ ବିରୋଧୀଦଳ ଭାବେ କାର୍ଯ୍ୟ କରନ୍ତି । ଏହି ବିରୋଧୀ ଦଳଗୁଡ଼ିକ ଶାସନର ଦୋଷତ୍ରୁଟିକୁ ପଦାରେ ପକାଇବା ସହିତ ଶାସନକାର୍ଯ୍ୟ ପରିଚାଳନା ପାଇଁ ବିଭିନ୍ନ ଗଠନମୂଳକ ପରାମର୍ଶ ଦେଇଥାନ୍ତି ।

(୭) ନେତୃତ୍ୱ ସୃଷ୍ଟି : ରାଜନୈତିକ ଦଳଗୁଡ଼ିକ ଦେଶରେ ନେତୃତ୍ୱ ସୃଷ୍ଟି କରିବାରେ ବହୁତ ସାହାଯ୍ୟ କରିଥାନ୍ତି । ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ପ୍ରାର୍ଥୀ କରାଇବା ପାଇଁ ସମାଜର ବିଭିନ୍ନ କ୍ଷେତ୍ରରୁ ବିଭିନ୍ନ ଲୋକଙ୍କୁ ବାଛିଥାନ୍ତି । ସେହିମାନଙ୍କ ମଧ୍ୟରୁ ଯୋଗ୍ୟ, ନିଷ୍ପାପର ଓ ସକ୍ଷମ ବ୍ୟକ୍ତିମାନେ ଦେଶର ନେତୃତ୍ୱ ନେଇଥାନ୍ତି ।

ଅର୍ଥାତ୍ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୈତିକ ଦଳ ବିନା ଶାସନ କାର୍ଯ୍ୟ ପରିଚାଳନା ଆଦୌ ସମ୍ଭବ ନୁହେଁ । ଏହା ଉଭୟ ଶାସକ ଦଳ ବା ବିରୋଧୀ ଦଳର ଭୂମିକା ଗ୍ରହଣ କରିଥାଏ । ରାଜନୈତିକ ଦଳରେ ଆଦର୍ଶ ଓ ଶୃଙ୍ଖଳା ଥିବାରୁ ଶାସନ ଶୃଙ୍ଖଳିତ ହୋଇଥାଏ । ସଙ୍ଗଠିତ ଦଳଗୁଡ଼ିକ ଜନମତର ମାଧ୍ୟମରୂପେ କାର୍ଯ୍ୟକରି ଲୋକମାନଙ୍କ ମଧ୍ୟରେ ରାଜନୈତିକ ଚେତନା ଜାଗ୍ରତ କରାନ୍ତି । ଏହା ବ୍ୟତୀତ ଶାସନକଳକୁ ସଜାଗ ରଖିବା ପାଇଁ ବିରୋଧୀ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

**ପ୍ର.୨. ରାଜନୈତିକ ଦଳ କହିଲେ କ'ଣ ବୁଝ ? ରାଜନୈତିକ ଦଳମାନଙ୍କର ସୁଗୁଣ ଓ ଦୁର୍ଗୁଣମାନ ଆଲୋଚନା କର ।**

**(What do you mean by Political Party? Discuss the merits and demerits of political party.)**

**ଉ.** ଆଧୁନିକ ବିଶ୍ୱରେ ଗଣତନ୍ତ୍ର ହେଉଛି ସର୍ବଶ୍ରେଷ୍ଠ ଓ ଜନପ୍ରିୟ ଶାସନ ବ୍ୟବସ୍ଥା । ଗଣତନ୍ତ୍ରର ସଫଳତାପାଇଁ ରାଜନୈତିକ ଦଳ ଏକ ଅପରିହାର୍ଯ୍ୟ ସର୍ତ୍ତ । ରାଜନୀତିକ ଦଳକୁ ବାଦ ଦେଇ ଗଣତନ୍ତ୍ର ଶାସନ ପରିଚାଳନା ଅସମ୍ଭବ । ନିର୍ବାଚନ ହେଉଛି ଗଣତନ୍ତ୍ରର ପ୍ରାଣକେନ୍ଦ୍ର । ଏହି ନିର୍ବାଚନରେ ରାଜନୈତିକ ଦଳମାନେ ହିଁ ସକ୍ରିୟ ଭୂମିକା ଗ୍ରହଣ କରିଥାନ୍ତି । ଏଥିପାଇଁ ଗଣତନ୍ତ୍ରକୁ ଦଳୀୟ ଶାସନ ବୋଲି କୁହାଯାଇଥାଏ । ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ହାସଲ କରୁଥିବା ରାଜନୈତିକ ଦଳ ସରକାର ଗଠନ କରି ଶାସନ ପରିଚାଳନା କରୁଥିବାବେଳେ ଅନ୍ୟ ଦଳମାନେ ବିରୋଧୀ ଦଳ ଭାବେ କାର୍ଯ୍ୟକରି ଗଣତନ୍ତ୍ରକୁ ସଫଳ କରିଥାନ୍ତି ।

ସାଧାରଣତଃ ଯେତେବେଳେ ସମମତ ପୋଷଣ କରୁଥିବା ଏକାଧିକ ନାଗରିକ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଗ୍ରହଣ କରି ତାହାକୁ ଜନସାଧାରଣଙ୍କ ଅନୁମୋଦନ ପାଇଁ ପ୍ରୟାସ କରିଥାନ୍ତି, ତାହାକୁ ରାଜନୈତିକ ଦଳ କୁହାଯାଏ । **ଏଡ଼ମଣ୍ଡ ବର୍କଙ୍କ** ଭାଷାରେ ''ଦଳେ ଲୋକ କେତେକ ନିର୍ଦ୍ଦିଷ୍ଟ ନୀତି ଉପରେ ଏକମତ ହୋଇ ସେମାନଙ୍କ ମିଳିତ ଚେଷ୍ଟାରେ ଜାତୀୟ ସ୍ୱାର୍ଥର ଉନ୍ନତି ପାଇଁ ଏକତ୍ରୀତ ହେଲେ ତାହାକୁ ରାଜନୈତିକ ଦଳ କୁହାଯାଏ ।'' **ଗ୍ରିଲକ୍ରୀଷ୍ଟଙ୍କ** ଭାଷାରେ ''ସମରାଜନୈତିକ ଦୃଷ୍ଟିକୋଣ ସମ୍ପନ୍ନ ଦଳେ ନାଗରିକ ସଂଗଠିତ ହୋଇ ଏକ ରାଜନୈତିକ ଏକକ ରୂପେ ସରକାରୀ କଳକୁ ନିୟନ୍ତ୍ରଣ କଲେ, ତାହାକୁ ରାଜନୈତିକ ଦଳ କୁହାଯାଏ ।'' ମାକ୍ ଆଇଭରଙ୍କ ଅନୁସାରେ, ''ଯେଉଁ ସଂଘ କେତେକ

ଗୋଟିଏ ମାତ୍ର ରାଜନୈତିକ ଦଳ ଥାଏ, ତାହାକୁ ଏକ-ଦଳୀୟ ବ୍ୟବସ୍ଥା, ଯେଉଁ ରାଷ୍ଟ୍ରରେ ଦୁଇଟି ମାତ୍ର ଦଳ ଥାଏ, ତାହାକୁ ଦ୍ୱି-ଦଳୀୟ ବ୍ୟବସ୍ଥା ଏବଂ ଦୁଇରୁ ଅଧିକ ରାଜନୈତିକ ଦଳ ଥା'ନ୍ତି, ତାହାକୁ ବହୁଦଳୀୟ ବ୍ୟବସ୍ଥା କୁହାଯାଏ ।

**ବିଭିନ୍ନ ଦଳୀୟ ବ୍ୟବସ୍ଥାର ସୁଗୁଣ ଓ ଦୁର୍ଗୁଣ :**

**(୧) ଏକଦଳୀୟ ବ୍ୟବସ୍ଥା (Single or Mono Party System) :**

ଯେଉଁ ରାଷ୍ଟ୍ରରେ ଗୋଟିଏ ମାତ୍ର ରାଜନୈତିକ ଦଳକୁ ସ୍ୱୀକୃତି ମିଳିଥାଏ ଏବଂ ସେହି ଦଳ ଶାସନକଳକୁ ନିୟନ୍ତ୍ରଣ କରିଥାଏ, ତାହାକୁ ଏକ ଦଳୀୟ ବ୍ୟବସ୍ଥା କୁହାଯାଏ । ଚୀନ, ସୋଭିଏତ ରୁଷ ଓ ପୋଲାଣ୍ଡରେ ଏହି ବ୍ୟବସ୍ଥା ପ୍ରଚଳିତ । ଅର୍ଥାତ୍ ଏକଛତ୍ରବାଦୀ ଓ ସାମ୍ୟବାଦୀ ରାଷ୍ଟ୍ରରେ ଏହା ପ୍ରଚଳିତ ।

**ସୁଗୁଣ :**

(୧) ଏଠାରେ ଦୃଢ଼ ଏବଂ ସ୍ଥିର ସରକାର ପ୍ରତିଷ୍ଠା ହୋଇଥାଏ ।
(୨) ଏହା ଜାତୀୟ ଏକତା ପ୍ରତିଷ୍ଠା କରିବା ସହିତ ପ୍ରଗତିଶୀଳ ଶାସନ ପ୍ରତିଷ୍ଠା କରିଥାଏ ।
(୩) ଏଠାରେ ପ୍ରଶାସନିକ କ୍ଷେତ୍ରରେ ଶୃଙ୍ଖଳା ରକ୍ଷା ସହିତ ସରକାରୀ ନିଷ୍ପତ୍ତି ଶିଘ୍ର କାର୍ଯ୍ୟକାରୀ ହୋଇଥାଏ ।
(୪) ଏହା ସ୍ୱଳ୍ପବ୍ୟୟ ସାପେକ୍ଷ ।
(୫) ରାଷ୍ଟ୍ରୀୟ କଲ୍ୟାଣ ଓ ସମାଜବାଦ ପ୍ରତିଷ୍ଠା ପାଇଁ ଏହା ବିଶେଷ ଫଳପ୍ରଦ ।

**ଦୁର୍ଗୁଣ :**

(୧) ଏକ ଦଳୀୟ ବ୍ୟବସ୍ଥା ଗଣତନ୍ତ୍ର ବିରୋଧୀ ।
(୨) ଏହା ଏକଛତ୍ରବାଦୀ ଓ ସ୍ୱେଚ୍ଛାଚାରୀ ଶାସନ ପ୍ରତିଷ୍ଠା କରିଥାଏ ।
(୩) ଏହା ବ୍ୟକ୍ତି ସ୍ୱାଧୀନତା ବିରୋଧୀ ।
(୪) ଏହା ଶାସନକୁ ଦୁର୍ନୀତିଗ୍ରସ୍ତ କରିଥାଏ ।
(୫) ଏଠାରେ ଜାତୀୟ ସ୍ୱାର୍ଥକୁ ଅବହେଳା ମଧ୍ୟ କରାଯାଇଥାଏ ।
(୬) ଏହା କେନ୍ଦ୍ରୀକରଣ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଥାଏ ।
(୭) ଏହା ଉଗ୍ର ଜାତୀୟତାବାଦକୁ ପ୍ରଶୟ ଦେଇଥାଏ ।

**(୨) ଦ୍ୱି-ଦଳୀୟ ବ୍ୟବସ୍ଥା (Bi-Party System) :**

ଯେଉଁ ରାଷ୍ଟ୍ରରେ ଦୁଇଟି ମାତ୍ର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ କାର୍ଯ୍ୟ କରୁଥାନ୍ତି, ତାହାକୁ ଦ୍ୱି-ଦଳୀୟ ବ୍ୟବସ୍ଥା କୁହାଯାଏ । ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ବ୍ୟବସ୍ଥା ପ୍ରଚଳିତ ।

**ସୁଗୁଣ :**

(୧) ଏହା ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିଥାଏ ।
(୨) ଏହା ସ୍ଥିର ଓ ଦୃଢ଼ ସରକାର ପ୍ରତିଷ୍ଠା କରିଥାଏ ।
(୩) ଏଠାରେ ରାଜନୈତିକ ଅସ୍ଥିରତା ଦେଖାଯାଇ ନ ଥାଏ ।
(୪) ଏହା ଏକ ସରଳ ବ୍ୟବସ୍ଥା କାରଣ ଏଠାରେ ସରକାର ଗଠନ ଓ କ୍ଷମତା ପରିବର୍ତ୍ତନ ସହଜ ହୋଇଥାଏ ।
(୫) ଏଠାରେ ଦୃଢ଼ ଓ ଶକ୍ତିଶାଳୀ ବିରୋଧୀ ଦଳ ଦେଖାଯାଇଥାଏ ।

**ଦୁର୍ଗୁଣ :**

(୧) ଏଠାରେ ମନ୍ତ୍ରିମଣ୍ଡଳୀୟ ଏକଛତ୍ରବାଦ ପ୍ରତିଷ୍ଠାର ସମ୍ଭାବନା ଥାଏ ।
(୨) ଏଠାରେ ଲୋକମାନଙ୍କର ମାତ୍ର ଦୁଇଟି ପସନ୍ଦ ଥାଏ ।
(୩) ଏଠାରେ ସରକାରର ତୃତୀୟ ବିକଳ୍ପ ନ ଥାଏ ।
(୪) ଏହି ବ୍ୟବସ୍ଥା ସାମାଜିକ ସ୍ତରରେ ଜନସାଧାରଣ ମଧ୍ୟ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥାନ୍ତି । ଫଳରେ ସାମାଜିକ ଅସ୍ଥିରତା ଦେଖାଯାଇଥାଏ ।

(୩) ବହୁଦଳୀୟ ବ୍ୟବସ୍ଥା (Multy-Party System) :

ଯେଉଁ ରାଷ୍ଟ୍ରରେ ଦୁଇରୁ ଅଧିକ ରାଜନୈତିକ ଦଳ ରାଷ୍ଟ୍ର ଶାସନ କ୍ଷେତ୍ରରେ ଅଂଶଗ୍ରହଣ କରିଥାନ୍ତି ତାହାକୁ ବହୁଦଳୀୟ ବ୍ୟବସ୍ଥା କୁହାଯାଏ । ଭାରତ, ଫ୍ରାନସ୍, ଇଟାଲୀ ଓ ଡେନ୍‌ମାର୍କ ପ୍ରଭୃତି ଅନେକ ରାଷ୍ଟ୍ରରେ ଏହି ବ୍ୟବସ୍ଥା ପ୍ରଚଳିତ ।

ସୁଗୁଣ :

(୧) ଏଠାରେ ଜନସାଧାରଣଙ୍କୁ ବ୍ୟାପକ ପସନ୍ଦ ମିଳିଥାଏ ।

(୨) ଏଠାରେ ବ୍ୟକ୍ତି ସ୍ୱାଧୀନତାର ପରିସର ମଧ୍ୟ ବ୍ୟାପକ ।

(୩) ଏଠାରେ ମନ୍ତ୍ରିମଣ୍ଡଳୀୟ ଏକଛତ୍ରବାଦ ପ୍ରତିଷ୍ଠା ସମ୍ଭବ ନୁହେଁ ।

(୪) ଏଠାରେ ବ୍ୟବସ୍ଥାପିକାରେ ବିଭିନ୍ନ ଦଳର ପ୍ରତିନିଧି ଥିବାରୁ ଏହାର ଗୁରୁତ୍ୱ ଓ ମର୍ଯ୍ୟାଦା ବୃଦ୍ଧିପାଇଥାଏ ।

(୫) ଏଠାରେ ନାଗରିକମାନଙ୍କର ବିଭିନ୍ନ ଅଭିଳାଷପୂରଣ ହେଉଥିବାରୁ ଏହା ଅଧିକ ଗଣତାନ୍ତ୍ରିକ ।

ଦୁର୍ଗୁଣ :

(୧) ଏଠାରେ ମିଳିତ ମନ୍ତ୍ରିମଣ୍ଡଳ ଓ ରାଜନୈତିକ ଅସ୍ଥିରତା ଦେଖାଯାଇଥାଏ ।

(୨) ଦଳବଦଳ ଯୋଗୁଁ ବାରମ୍ବାର ସରକାରର ପରିବର୍ତ୍ତନ ହୋଇଥାଏ ।

(୩) ଏଠାରେ ଟାଣୁଆ ବା ସଂଗଠିତ ବିରୋଧୀଦଳ ଦେଖାଯାଇ ନ ଥାଏ ।

(୪) ଏହା ଅଧିକ ବ୍ୟୟସାପେକ୍ଷ ଅଟେ ।

ପ୍ର ୫. ଭାରତରେ ରାଜନୈତିକ ଦଳଗୁଡ଼ିକର ପ୍ରକୃତି ବା ଲକ୍ଷଣମାନ ଆଲୋଚନା କର । — imp.

**(Discuss the nature or Features of the Political Parties in India.)**

ଉ. ଯେତେବେଳେ ସମ ମତ ପୋଷଣ କରୁଥିବା ଏକାଧିକ ନାଗରିକ ଜାତୀୟସ୍ୱାର୍ଥ ଦୃଷ୍ଟିରୁ ନିର୍ବାଚନକୁ ଆଖିରେ ରଖି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଗ୍ରହଣ କରି, ତାହାକୁ ଜନସାଧାରଣଙ୍କ ଅନୁମୋଦନ ପାଇଁ ପ୍ରୟାସ କରିଥାନ୍ତି ତାହାକୁ ରାଜନୈତିକ ଦଳ କୁହାଯାଏ । ଗଣତନ୍ତ୍ରର ସଫଳତା ପାଇଁ ରାଜନୀତିକ ଦଳ ଏକ ଅପରିହାର୍ଯ୍ୟ ସର୍ତ୍ତ । ଭାରତ ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ଭାରତୀୟ ରାଜନୀତିରେ ରାଜନୈତିକ ଦଳମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି । କିନ୍ତୁ ଭାରତୀୟ ସମ୍ବିଧାନ ପୃଥିବୀର ବୃହତ୍ତମ ଲିଖିତ ସମ୍ବିଧାନ ହୋଇଥିଲେ ମଧ୍ୟ ଏହି ସମ୍ବିଧାନରେ ଦଳୀୟ ବ୍ୟବସ୍ଥା ସମ୍ବନ୍ଧରେ କିଛି ଉଲ୍ଲେଖ କରାଯାଇନାହିଁ । ଏହା ସତ୍ତ୍ୱେ, ଭାରତରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ । ଭାରତୀୟ ଜାତୀୟ କଂଗ୍ରେସ ହେଉଛି ଭାରତର ସର୍ବ ପ୍ରଥମ ରାଜନୈତିକ ଦଳ । ବର୍ତ୍ତମାନ ପ୍ରାୟତଃ ଭାରତରେ ୩୦୦ରୁ ଊର୍ଦ୍ଧ୍ୱ ରାଜନୈତିକ ଦଳ ରହିଛନ୍ତି । ଭାରତୀୟ ନିର୍ବାଚନ ଆୟୋଗ ରାଜନୈତିକ ଦଳମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା ସହିତ ନିର୍ବାଚନ ସଙ୍କେତ ପ୍ରଦାନ କରିଥାଏ । ରାଜନୈତିକ ଦଳମାନଙ୍କର ସଂଗଠନ ଓ ଆଦର୍ଶକୁ ଭିତ୍ତି କରି ନିର୍ବାଚନ ଆୟୋଗ ଏହି ଦଳମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରିଥାନ୍ତି ଯଥା, ଜାତୀୟ ଦଳ, ଆଞ୍ଚଳିକ ଦଳ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ । ଭାରତୀୟ ଦଳୀୟ ବ୍ୟବସ୍ଥାକୁ ତର୍ଜମା କଲେ ଏହାର ନିମ୍ନଲିଖିତ ଲକ୍ଷଣମାନ ଦୃଷ୍ଟିଗୋଚର ହୋଇଥାଏ ।

**(କ) ବହୁ ଦଳୀୟ ବ୍ୟବସ୍ଥା :** ସୁଇଜରଲ୍ୟାଣ୍ଡ ଓ ଫ୍ରାନ୍ସ ପରି ଭାରତରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ । ଭାରତରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ରାଜନୈତିକ ଦଳ ଭାରତୀୟ ନିର୍ବାଚନ ଆୟୋଗର ପଞ୍ଜୀକରଣ ହୋଇଅଛି । ସେହି ସମସ୍ତ ଦଳମାନଙ୍କର ସଂଗଠନ ଓ ଆଦର୍ଶକୁ ନେଇ ନିର୍ବାଚନ ଆୟୁକ୍ତ ସେମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରିଥାନ୍ତି, ଯଥା– ଜାତୀୟ ରାଜନୈତିକ ଦଳ, ଆଞ୍ଚଳିକ ରାଜନୈତିକ ଦଳ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ।

**(ଖ) ଭାରତୀୟ ଜାତୀୟ କଂଗ୍ରେସ ଦଳର ପ୍ରାଧାନ୍ୟ :** ସ୍ୱାଧୀନତା ପରଠାରୁ ପ୍ରାୟତଃ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସ ଭାରତର ଜାତୀୟ ଓ ପ୍ରାଦେଶିକ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରି ଆସୁଅଛି । କଂଗ୍ରେସ ଦଳକୁ ବାଦ ଦେଲେ ଅନ୍ୟ କୌଣସି ଦଳର ପ୍ରାୟ ସର୍ବଭାରତୀୟ ସ୍ତରରେ ସଂଗଠନ ନାହିଁ । ୧୯୭୭ରୁ ୧୯୭୯ ମସିହା, ୧୯୯୦ ରୁ ୧୯୯୧ ଏବଂ ୧୯୯୬ରୁ ୨୦୦୪ ପର୍ଯ୍ୟନ୍ତ ସମୟକୁ ବାଦ ଦେଲେ ଅନ୍ୟ ସମସ୍ତ ସମୟରେ କଂଗ୍ରେସ କେନ୍ଦ୍ରରେ ସରକାର ଗଠନ କରିବାରେ ସକ୍ଷମ ହୋଇଅଛି । ବର୍ତ୍ତମାନ ମଧ୍ୟ ଭାରତରେ ଅନେକ ରାଜ୍ୟରେ କଂଗ୍ରେସର ସରକାର ରହିଅଛି । ୨୦୦୪ ଓ

୨୦୦୯ ମସିହା ସାଧାରଣ ନିର୍ବାଚନରେ ଲୋକସଭାରେ କଂଗ୍ରେସ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି କେନ୍ଦ୍ରରେ ଶାସନ କରିଥିଲା ।

୨୦୧୪ ମସିହାରେ ଲୋକସଭା ନିର୍ବାଚନରେ ଏହି ଦଳର ଶୋଚନୀୟ ପରାଜୟ ହୋଇଅଛି ।

**(ଘ) ଦୃଢ଼ ବିରୋଧୀ ଦଳର ଅଭାବ :** ଭାରତରେ ବହୁ ଦଳୀୟ ବ୍ୟବସ୍ଥା ପ୍ରଚଳିତ ନିର୍ବାଚନରେ ଭୋଟ ଗୁଡ଼ିକ ଭାଗ ଭାଗ ହୋଇଯାଉଥିବାରୁ ଶାସକ ଦଳ ବ୍ୟତୀତ ଅନ୍ୟ ଦଳମାନେ ବିଧାନସଭା ଓ ଲୋକସଭାରେ ଖୁବ୍ କମ୍ ଆସନ ଲାଭ କରୁଛନ୍ତି । ଏହା ଫଳରେ ବିରୋଧୀଦଳମାନେ ଦୃଢ଼ ଓ ସଂଗଠିତ ହୋଇପାରୁ ନାହାନ୍ତି । ବିରୋଧୀଦଳମାନଙ୍କ ମଧ୍ୟରେ ଏକତା ଓ ସମନ୍ୱୟର ଅଭାବ ଯୋଗୁଁ ଶାସକ ଦଳର ସ୍ୱେଚ୍ଛାଚାରିତା ବୃଦ୍ଧି ପାଉଅଛି ।

**(ଘ) ଆଞ୍ଚଳିକ ଦଳର ପ୍ରାଧାନ୍ୟ ବୃଦ୍ଧି :** ବିଗତ ୨୦ ବର୍ଷ ମଧ୍ୟରେ ଭାରତୀୟ ରାଜନୀତିରେ ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ବୃଦ୍ଧି ପାଇଛି । ଭାରତରେ ପ୍ରାୟ ସମସ୍ତ ରାଜ୍ୟରେ ଆଞ୍ଚଳିକ ଦଳ ସୃଷ୍ଟି ହୋଇଛନ୍ତି ଏବଂ ସଂପୃକ୍ତ ରାଜ୍ୟରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ କେନ୍ଦ୍ରରେ ଗଠିତ ମିଳିତ ସରକାରରେ ଏହି ଦଳମାନେ ଅଂଶ ଗ୍ରହଣ କରିଛନ୍ତି । କେନ୍ଦ୍ରରେ ସରକାର ଗଠନ ଓ ସରକାର ପତନରେ ଏମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି । ଭାରତରେ ଥିବା ପ୍ରମୁଖ ଆଞ୍ଚଳିକ ଦଳମାନେ ହେଲେ; ଓଡ଼ିଶାରେ ବିଜୁ ଜନତା ଦଳ, ଆନ୍ଧ୍ର ପ୍ରଦେଶରେ ତେଲୁଗୁ ଦେଶମ୍ ପାର୍ଟି, ଆସାମରେ ଆସାମ ଗଣ ପରିଷଦ, ତାମିଲ ନାଡୁରେ D.M.K ଓ AIADMK, ପଞ୍ଜାବରେ ଅକାଳୀ ଦଳ, ହରିଆନାରେ ହରିଆନା ବିକାଶ ପରିଷଦ ଓ ଜାମ୍ମୁ-କାଶ୍ମୀରରେ ଜାତୀୟ ସାମୁଖ୍ୟ ଇତ୍ୟାଦି ।

**(ଙ) ଦଳ ଉପରେ ବ୍ୟକ୍ତିର ପ୍ରଭାବ :** ଭାରତରେ ରାଜନୈତିକ ଦଳମାନେ ବ୍ୟକ୍ତି କେନ୍ଦ୍ରିକ ଅଟନ୍ତି । ଏଠାରେ ନୀତି ଓ ଆଦର୍ଶ ଅପେକ୍ଷା ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ପଣ୍ଡିତ ଜବାହାରଲାଲ ନେହେରୁ, ଶ୍ରୀମତୀ ଇନ୍ଦିରାଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ପାଇଁ କଂଗ୍ରେସ ଦଳ, ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀ ଓ ନରେନ୍ଦ୍ରମୋଦିଙ୍କ ପାଇଁ ଭାରତୀୟ ଜନତା ପାର୍ଟି, ଶ୍ରୀ ଏନ୍.ଟି.ଆର୍‌ଙ୍କ ପାଇଁ ତେଲୁଗୁଦେଶମ୍ ଦଳ ବିଜୁ ପଟ୍ଟନାୟକଙ୍କ ପାଇଁ ବିଜୁ ଜନତା ଦଳ ଓ ଶ୍ରୀ ଏମ୍.ଜି.ଆର ଓ ଜୟଲଳିତାଙ୍କ ପାଇଁ AIADMK ଦଳ ଲୋକପ୍ରିୟତା ହାସଲ କରିଛି ।

**(ଚ) ଦଳବଦଳ :** ଦଳବଦଳ ଭାରତୀୟ ରାଜନୀତିରେ ଏକ ମାରାତ୍ମକ ବ୍ୟାଧି । କୌଣସି ନୀତି ଓ ଆଦର୍ଶରେ ବିଶ୍ୱାସ ନରଖି କେତେକ ରାଜନୀତିକ ଦଳର ସଭ୍ୟ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଗୋଟିଏ ଦଳ ତ୍ୟାଗ କରି ଅନ୍ୟ ଦଳରେ ଯୋଗ ଦିଅନ୍ତି ବା ନୂତନ ଦଳ ଗଠନ କରନ୍ତି । ଏହାକୁ 'ଦଳବଦଳ' କୁହାଯାଏ । ଦଳବଦଳ ଦ୍ୱାରା ଶାସନରେ ଅସ୍ଥିରତା ସୃଷ୍ଟି ହୋଇଥାଏ । ୧୯୮୫ ମସିହାରେ ଦଳବଦଳ ନିରୋଧ ଆଇନ ପ୍ରବର୍ତ୍ତିତ ହୋଇଥିଲେ ହେଁ ଏହା ଦଳବଦଳକୁ ଠିକ୍ ଭାବରେ ରୋକି ପାରିନାହିଁ । ୨୦୦୩ ମସିହାର ୯୭ତମ ସଂବିଧାନ ସଂଶୋଧନ ଆଇନ୍ ଦଳବଦଳକୁ ନିରୁତ୍ସାହିତ କରିବା ଓ ଭାରତରେ ରାଜନୈତିକ ସ୍ଥିରତା ରଖିବାପାଇଁ ଏକ ବଳିଷ୍ଠ ପଦକ୍ଷେପ ।

**(ଛ) ଜାତୀୟ ଦଳର ପ୍ରାଧାନ୍ୟ ହ୍ରାସ :** ବିଗତ କେତେ ବର୍ଷ ଧରି ଭାରତୀୟ ରାଜନୀତିରେ ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ବୃଦ୍ଧି ପାଇବା ଦ୍ୱାରା ଜାତୀୟ ଦଳମାନଙ୍କର ପ୍ରାଧାନ୍ୟ କ୍ରମଶଃ ହ୍ରାସ ପାଇଅଛି । ଭାରତୀୟ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟ ଲୋକପ୍ରିୟତା ହରାଇଅଛି । ଅବଶ୍ୟ ୨୦୧୪ ଲୋକସଭାର ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ସଫଳତା ଯୋଗୁ ଏହି ଧାରାରେ ପରିବର୍ତ୍ତନ ହୋଇଅଛି ।

**(ଜ) ଆଭ୍ୟନ୍ତରୀଣ ଗଣତନ୍ତ୍ରର ଅଭାବ :** କେବଳ ସାମ୍ୟବାଦୀ ଦଳକୁ ବାଦ ଦେଲେ ଭାରତରେ ଥିବା ରାଜନୈତିକ ଦଳମାନଙ୍କର ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ । ଦଳମାନଙ୍କର ସାଂଗଠନିକ ନିର୍ବାଚନ ପ୍ରାୟତଃ ହେଉନାହିଁ । ଯଦି କେବେ ନିର୍ବାଚନ ହେଉଛି ସେଠାରେ ''ଯୋର ଯାର ମୂଲକ ତାର'' ନୀତି ପ୍ରୟୋଗ କରାଯାଉଛି । ପ୍ରାଦେଶିକ ଓ ଅନ୍ୟାନ୍ୟ ସ୍ତରରେ ଦଳୀୟ ନେତାମାନେ ନିର୍ବାଚିତ ନ ହୋଇ ମନୋନୀତ ହେଉଛନ୍ତି । ଏହା ବ୍ୟତୀତ ଦଳ ମଧ୍ୟରେ ସଭ୍ୟମାନଙ୍କର ବାକ୍ ସ୍ୱାଧୀନତା ପ୍ରାୟ ନାହିଁ ।

**(ଝ) ଆଦର୍ଶଗତ ସାମଞ୍ଜସ୍ୟତା :** ଭାରତରେ ଥିବା ରାଜନୈତିକ ଦଳମାନଙ୍କର ସମ୍ବିଧାନକୁ ଅନୁଧ୍ୟାନ କଲେ ସଠିକ ହୁଏ ଯେ, କେବଳ ବାମପନ୍ଥୀ ଦଳମାନଙ୍କୁ ବାଦ ଦେଲେ ଅନ୍ୟ କୌଣସି ରାଜନୈତିକ ଦଳମାନଙ୍କ ମଧ୍ୟରେ ସେପରି ଆଖିଦୃଶିଆ ଆଦର୍ଶଗତ ପାର୍ଥକ୍ୟ ଦେଖାଯାଏ ନାହିଁ । ଧର୍ମନିରପେକ୍ଷତା, ଗଣତାନ୍ତ୍ରିକ ସମାଜବାଦ, ଗାନ୍ଧୀବାଦରେ ବିଶ୍ୱାସ ଇତ୍ୟାଦି ପ୍ରତ୍ୟେକ ଦଳର ଆଦର୍ଶ ।

(ଓ) କଳାଧନର ପ୍ରଭାବ : ମିଥ୍ୟା ପ୍ରତିଶ୍ରୁତି ଦେଇ ବଡ଼ ବଡ଼ କମ୍ପାନୀରୁ କିମ୍ବା ବିଦେଶୀ ରାଷ୍ଟ୍ରଙ୍କଠାରୁ ଚାନ୍ଦା ଆଦାୟ କରିବାରେ ଭାରତୀୟ ରାଜନୈତିକ ଦଳମାନେ ସଂପୃକ୍ତ । ଏହାକୁ କଳାଧନ କୁହାଯାଏ । ଭାରତୀୟ ରାଜନୀତିରେ ଏହି କଳାଧନର ପ୍ରଭାବ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏହାଦ୍ୱାରା ଦେଶରେ ଏକ ସମାନ୍ତରାଳ ଅର୍ଥନୀତି ପ୍ରଚଳନ ହେଉଅଛି ।

(ଟ) ସଂକୀର୍ଣ୍ଣ ମନୋଭାବ : ଭାରତରେ ରାଜନୈତିକ ଦଳଗୁଡ଼ିକ ସଂକୀର୍ଣ୍ଣ ମନୋଭାବ ପୋଷଣ କରିଥାନ୍ତି । ଅଧିକାଂଶ ରାଜନୈତିକ ଦଳ ଧର୍ମ, ସାମ୍ପ୍ରଦାୟିକତା, ଆଞ୍ଚଳିକତା ଓ ଭାଷାଗତ ମନୋଭାବ ପୋଷଣ କରିଥାନ୍ତି । ଅକାଳୀ ଦଳ ଧର୍ମକୁ ପ୍ରାଧାନ୍ୟ ଦେଉଥିବା ବେଳେ, ବହୁଜନ ସମାଜପାର୍ଟି ଜାତିକୁ, DMK ଓ AIADMK ଭାଷାକୁ ଏବଂ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଆଞ୍ଚଳିକତାକୁ ଆଧାର କରିଥାଏ । ସଂକୀର୍ଣ୍ଣ ସ୍ୱାର୍ଥର ବଶବର୍ତ୍ତୀ ହୋଇ ସେମାନେ ଜାତୀୟ ଐକ୍ୟ ଓ ସଂହତିକୁ ବିପନ୍ନ କରନ୍ତି ।

ସୁତରାଂ, ଭାରତୀୟ ଦଳୀୟ ବ୍ୟବସ୍ଥାରେ ଉପରୋକ୍ତ ଲକ୍ଷଣ ଓ ସମସ୍ୟା ପରିଲକ୍ଷିତ ହୋଇଥାଏ ।

**ପ୍ର.୫. "ଭାରତରେ ରାଜନୈତିକ ଦଳ ଅଛି କିନ୍ତୁ ଦଳୀୟ ବ୍ୟବସ୍ଥା ନାହିଁ ।" ଆଲୋଚନା କର ।**

**("There are many political parties in india, but no party system." Examine.)**

ଉ. ଗଣତନ୍ତ୍ରର ସଫଳତା ପାଇଁ ରାଜନୈତିକ ଦଳ ଏକ ଅପରିହାର୍ଯ୍ୟ ସର୍ତ୍ତ । ରାଜନୈତିକ ଦଳ ବ୍ୟତୀତ ଆଧୁନିକ ଗଣତନ୍ତ୍ରର ସ୍ଥିତି ଅସମ୍ଭବ । ରାଜନୈତିକ ଦଳ ବ୍ୟତୀତ ଗଣତନ୍ତ୍ର ଶାସନର କଳ୍ପନା ଅବାସ୍ତବ । ସାଧାରଣତଃ ରାଜନୈତିକ ଚିନ୍ତା, ଚେତନା ଓ ଆଦର୍ଶ ଭିତ୍ତିରେ ରାଜନୈତିକ ଦଳ ଗଠିତ ହୋଇଥାଏ । ଦେଶର ନିର୍ବାଚନରେ ଅଂଶଗ୍ରହଣ କରି ସାମ୍ବିଧାନିକ ଉପାୟରେ ଶାସନ କ୍ଷମତା ହାସଲ କରିବା ରାଜନୈତିକ ଦଳର ପ୍ରଧାନ ଲକ୍ଷ୍ୟ । ତେଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୈତିକ ଦଳମାନେ ରହିଥାନ୍ତି । ବିଭିନ୍ନ ରାଷ୍ଟ୍ରରେ ରାଜନୈତିକ ଦଳମାନଙ୍କର ସଂଖ୍ୟାକୁ ଭିତ୍ତିକରି ଦଳୀୟ ବ୍ୟବସ୍ଥାକୁ ସାଧାରଣତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥାଏ ଯଥା : ଏକ ଦଳୀୟ ବ୍ୟବସ୍ଥା, ଦ୍ୱି-ଦଳୀୟ ବ୍ୟବସ୍ଥା ଓ ବହୁଦଳୀୟ ବ୍ୟବସ୍ଥା । ଚୀନ ସମେତ ବିଭିନ୍ନ କମ୍ୟୁନିଷ୍ଟ ରାଷ୍ଟ୍ରମାନଙ୍କରେ ଏକ ଦଳୀୟ ବ୍ୟବସ୍ଥା ରହିଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡରେ ଦ୍ୱି-ଦଳୀୟ ବ୍ୟବସ୍ଥା ଏବଂ ଭାରତ, ଫ୍ରାନସ୍ ଓ ଶ୍ରୀଲଙ୍କା ଇତ୍ୟାଦି ରାଷ୍ଟ୍ରମାନଙ୍କରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ ।

ଭାରତ ପୃଥିବୀର ସର୍ବ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର । ୧୯୫୦ ମସିହାଠାରୁ ଭାରତରେ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେବା ସହିତ ଗଣତନ୍ତ୍ର ଶାସନ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟକାରୀ ହେଉଅଛି । ଭାରତରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ରାଜନୈତିକ ଦଳ କାର୍ଯ୍ୟ କରୁଛନ୍ତି । ରାଜନୈତିକ ଦଳମାନଙ୍କର ସ୍ଥିତି, ସଂଗଠନ, ଆଦର୍ଶ ଓ ଜନସମର୍ଥନକୁ ନେଇ ଭାରତୀୟ ନିର୍ବାଚନ ଆୟୋଗ ଏହି ସମସ୍ତ ଦଳମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରିଥାନ୍ତି ଯଥା :- ଜାତୀୟ ରାଜନୈତିକ ଦଳ, ଆଞ୍ଚଳିକ ଦଳ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ । ମାତ୍ର ଏହାସତ୍ତ୍ୱେ ଭାରତ ସମ୍ବିଧାନର ପ୍ରଣୟିତାମାନେ ସମ୍ବିଧାନର କୌଣସି ସ୍ଥାନରେ ଦଳୀୟ ବ୍ୟବସ୍ଥା ସମ୍ବନ୍ଧରେ ଉଲ୍ଲେଖ କରିନାହାନ୍ତି । ଏପରିକି ପୃଥିବୀର ସର୍ବ ବୃହତ୍ତମ ସମ୍ବିଧାନ ରୂପେ ପରିଚିତ ଏହି ସମ୍ବିଧାନର କୌଣସି ସ୍ଥାନରେ ରାଜନୈତିକ ଦଳ ଶବ୍ଦର ବ୍ୟବହାର କରାଯାଇନାହିଁ । ମାତ୍ର ୧୯୮୫ ମସିହା ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ ସମ୍ବିଧାନର ୫୨ତମ ସଂଶୋଧନ କରି 'ଦଳବଦଳ ଆଇନ' ପ୍ରଣୟନ କରିଥିଲେ । ଏହାଦ୍ୱାରା ସର୍ବପ୍ରଥମେ ସମ୍ବିଧାନରେ ରାଜନୈତିକ ଦଳ ଶବ୍ଦର ବ୍ୟବହାର କରାଯାଇଥିଲା । ତେଣୁ ସମାଲୋଚକମାନେ କହିଥାନ୍ତି, "ଭାରତରେ ରାଜନୈତିକ ଦଳ ଅଛି, ମାତ୍ର ଦଳୀୟ ବ୍ୟବସ୍ଥା ନାହିଁ ।" ଭାରତରେ ଥିବା ରାଜନୈତିକ ଦଳମାନଙ୍କର ସ୍ଥିତି ଓ ସଂଗଠନକୁ ସମୀକ୍ଷା କଲେ ସେମାନଙ୍କର ନିମ୍ନଲିଖିତ ଲକ୍ଷଣମାନ ଦୃଷ୍ଟିଗୋଚର ହୋଇଥାଏ ।

**(୧) ବହୁଦଳୀୟ ବ୍ୟବସ୍ଥା :** ସୁଇଜରଲ୍ୟାଣ୍ଡ ଓ ଫ୍ରାନସ ପରି ଭାରତରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ । ଭାରତୀୟ ନିର୍ବାଚନ ଆୟୋଗ ପ୍ରାୟତଃ ୩୦୦ରୁ ଊର୍ଦ୍ଧ୍ୱ ରାଜନୈତିକ ଦଳକୁ ସ୍ୱୀକୃତି ପ୍ରଦାନ କରିଅଛି । ଏମାନଙ୍କୁ ଜାତୀୟ ଦଳ, ଆଞ୍ଚଳିକ ଦଳ ଓ ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳରେ ବିଭକ୍ତ କରାଯାଇଥାଏ ।

**(୨) କଂଗ୍ରେସଦଳର ପ୍ରାଧାନ୍ୟ :** ସ୍ୱାଧୀନତା ପରଠାରୁ ଆଜିପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସ ଦଳ ଉଭୟ କେନ୍ଦ୍ର ଓ ରାଜ୍ୟ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିଆସୁଅଛି । ୨୦୦୪ ରୁ ୨୦୧୪ ପର୍ଯ୍ୟନ୍ତ ମଧ୍ୟ ଏହି ଦଳର ନେତୃତ୍ୱରେ କେନ୍ଦ୍ରରେ ମେଣ୍ଟ ସରକାର ଗଠିତ ହୋଇଥିଲା ।

**(୩) ଆଞ୍ଚଳିକ ଦଳର ପ୍ରାଧାନ୍ୟ :** ବିଗତ ୨୫ ବର୍ଷ ଧରି ଭାରତୀୟ ରାଜନୀତିରେ ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ବୃଦ୍ଧିପାଇଛି । ଭାରତର ପ୍ରାୟତଃ ସମସ୍ତ ରାଜ୍ୟମାନଙ୍କରେ ଆଞ୍ଚଳିକ ଦଳମାନ ସୃଷ୍ଟି ହୋଇଅଛି । ଅଧିକାଂଶ ରାଜ୍ୟରେ ଆଞ୍ଚଳିକ ଦଳ ମାନେ ସରକାର ଗଠନ କରିବାରେ ସକ୍ଷମ ହୋଇଛନ୍ତି । ଏପରିକି ବିଗତ କେତେ ବର୍ଷ ଧରି କେନ୍ଦ୍ରରେ ଗଠିତ ମିଳିତ ସରକାରରେ ଆଞ୍ଚଳିକ ଦଳମାନେ ଅଂଶୀଦାର ହୋଇ ଜାତୀୟ ରାଜନୀତିକୁ ପ୍ରଭାବିତ କରୁଛନ୍ତି ।

**(୪) ଆଦର୍ଶଗତ ସାମଞ୍ଜସ୍ୟତା :** କେବଳ ବାମପନ୍ଥୀ ରାଜନୈତିକଦଳମାନଙ୍କୁ ବାଦ ଦେଲେ ଅନ୍ୟ କୌଣସି ରାଜନୈତିକ ଦଳମାନଙ୍କର ପ୍ରାୟତଃ ଆଦର୍ଶଗତ ପାର୍ଥକ୍ୟ ଦେଖାଯାଏ ନାହିଁ । ଧର୍ମନିରପେକ୍ଷତା, ଗଣତାନ୍ତ୍ରିକ ସମାଜବାଦ ଓ ଗାନ୍ଧିବାଦରେ ବିଶ୍ୱାସ ଇତ୍ୟାଦି ପ୍ରତ୍ୟେକ ଦଳର ଆଦର୍ଶ ।

**(୫) ଆଭ୍ୟନ୍ତରୀଣ ଗଣତନ୍ତ୍ରର ଅଭାବ :** ଭାରତରେ ବାମପନ୍ଥୀ ଦଳମାନଙ୍କୁ ବାଦଦେଲେ ଅନ୍ୟ ଦଳମାନଙ୍କର ସାଂଗଠନିକ ନିର୍ବାଚନ ପ୍ରାୟତଃ ହେଉନାହିଁ । ସେମାନେ ନିର୍ବାଚନ ପରିବର୍ତ୍ତେ ମନୋନୟନକୁ ବିଶେଷ ଗୁରୁତ୍ୱ ପ୍ରଦାନ କରୁଛନ୍ତି ।

**(୬) ଦଳବଦଳ ରାଜନୀତି :** ରାଜନୈତିକ ଦଳମାନଙ୍କର ଦଳବଦଳ ଭାରତୀୟ ରାଜନୀତିରେ ଏକ ସାଧାରଣ ଘଟଣା । ୧୮୮୫ ମସିହାରେ ଦଳବଦଳ ନିରୋଧ ଆଇନ ପ୍ରବର୍ତ୍ତିତ ହୋଇଥିଲେ ହେଁ ଏହା ଦଳବଦଳକୁ ଠିକ୍‌ରୂପେ ରୋକି ପାରିନାହିଁ ।

**(୭) ସଂକୀର୍ଣ୍ଣ ମନୋଭାବ :** ଭାରତରେ ରାଜନୈତିକ ଦଳମାନଙ୍କର ଜାତୀୟ ଭାବନା ପରିବର୍ତ୍ତେ ସଂକୀର୍ଣ୍ଣ ମନୋଭାବ ଦେଖାଯାଇଥାଏ । ଅଧିକାଂଶ ଦଳ ଧର୍ମ, ସାମ୍ପ୍ରଦାୟିକତା, ଆଞ୍ଚଳିକତା ଓ ଭାଷାଗତ ମନୋଭାବ ପୋଷଣ କରିଥାନ୍ତି ।

**ପ୍ର.୬. ଭାରତରେ ଥିବା କେତେକ ପ୍ରମୁଖ ରାଜନୈତିକ ଦଳ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**
**(Discuss briefly about the important Political Parties in India.)**

ଉ. ଗଣତନ୍ତ୍ର ଶାସନର ସଫଳତା ପାଇଁ ରାଜନୈତିକ ଦଳ ଏକ ଅପରିହାର୍ଯ୍ୟ ସର୍ତ୍ତ ହୋଇଥିବାରୁ ପ୍ରତ୍ୟେକ ଗଣତନ୍ତ୍ର ଶାସନ ଏକାଧିକ ରାଜନୈତିକ ଦଳ ପରିଲକ୍ଷିତ ହୋଇଥାନ୍ତି । ଭାରତ ପୃଥିବୀର ସର୍ବ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ଭାରତୀୟ ରାଜନୀତିରେ ମଧ୍ୟ ରାଜନୈତିକ ଦଳମାନଙ୍କର ପ୍ରମୁଖ ଭୂମିକା ରହିଅଛି । ଭାରତ ସମ୍ବିଧାନରେ ଦଳୀୟ ବ୍ୟବସ୍ଥା ସମ୍ବନ୍ଧରେ କିଛି ଉଲ୍ଲେଖ ହୋଇ ନଥିଲେ ହେଁ ଭାରତରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ । ୧୮୮୫ ମସିହାରେ ସର୍ବ ପ୍ରଥମ ରାଜନୈତିକ ଦଳ ଭାବେ ଭାରତୀୟ ଜାତୀୟ କଂଗ୍ରେସ ସୃଷ୍ଟି ହୋଇଥିଲା । ପରାଧୀନ ଭାରତ ବର୍ଷରେ ଅଳ୍ପ କେତେକ ରାଜନୈତିକ ଦଳ ରହିଥିଲେ ହେଁ ସ୍ୱାଧୀନ ଭାରତବର୍ଷରେ ଛତୁ ଫୁଟିଲା ଭଳି ରାଜନୈତିକ ଦଳର ଅଭ୍ୟୁଦୟ ହୋଇଅଛି । ଭାରତୀୟ ନିର୍ବାଚନ ଆୟୋଗ ଏହି ସମସ୍ତ ରାଜନୈତିକ ଦଳକୁ ସ୍ୱୀକୃତି ଓ ସଙ୍କେତ ପ୍ରଦାନ କରିବା ସହିତ ସେମାନଙ୍କର ଶ୍ରେଣୀ ବିଭାଗ କରିଥାନ୍ତି । ଏହି ଶ୍ରେଣୀ ବିଭାଗ ଅନୁସାରେ ଭାରତରେ ମୁଖ୍ୟତଃ ତିନି ଶ୍ରେଣୀୟ ରାଜନୈତିକ ଦଳ ଦେଖାଯାଇଥାନ୍ତି; ଯଥା– ଜାତୀୟ ରାଜନୈତିକ ଦଳ ଆଞ୍ଚଳିକ ରାଜନୈତିକ ଦଳ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ । ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିମ୍ନଲିଖିତ ଜାତୀୟ ଓ ଆଞ୍ଚଳିକ ଦଳମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ।

**(୧) ଭାରତୀୟ ଜାତୀୟ କଂଗ୍ରେସ (Indian National Congress) :** ୧୮୮୫ ମସିହାରେ ତତ୍‌କାଳୀନ ଅବସରପ୍ରାପ୍ତ ବ୍ରିଟିଶ ଆଇ.ସି.ଏସ୍. ଅଫିସର ଆଲାନ ଅକ୍ଟୋଭିଆନ୍ ହ୍ୟୁମଙ୍କ ଉଦ୍ୟମରେ ଗଠିତ ଏହି ଦଳ ଭାରତର ସର୍ବ ପୁରାତନ ରାଜନୈତିକ ଦଳ । ୧୯୪୭ ମସିହାରୁ ୧୯୭୭ ମସିହା, ୧୯୮୦ ମସିହାରୁ ୧୯୮୯ ମସିହା, ୧୯୯୧ ରୁ ୧୯୯୬, ୨୦୦୪ ରୁ ୨୦୧୪ପର୍ଯ୍ୟନ୍ତ ଏହି ଦଳ କେନ୍ଦ୍ରରେ ଏକାକୀ କିମ୍ବା ମିଳିତ ଭାବରେ ଶାସନ କ୍ଷମତାରେ ରହିଥିଲା । ଏହାବ୍ୟତୀତ ପ୍ରାୟ ଅଧିକାଂଶ ରାଜ୍ୟରେ ଏହା ଶାସନ କରୁଥିଲା । ନିମ୍ନସ୍ତରରେ ବୁଥ ଓ ପଞ୍ଚାୟତ କମିଟି ରହିଥିବାବେଳେ ଜାତୀୟ ସ୍ତରରେ ଅଖିଳ ଭାରତ କଂଗ୍ରେସ କମିଟି ଓ ଏହାର କାର୍ଯ୍ୟକାରୀ କମିଟି ସର୍ବୋଚ୍ଚ ସଂଗଠନ । ଧର୍ମନିରପେକ୍ଷତା, ଗଣତାନ୍ତ୍ରିକ ସମାଜବାଦ, ମିଶ୍ରିତ ଅର୍ଥନୀତି ତଥା ଜନମଙ୍ଗଳ ପ୍ରତିଷ୍ଠା, ଗୋଷ୍ଠୀନିରପେକ୍ଷତାରେ ବିଶ୍ୱାସ ସ କ୍ଷମତାର ବିକେନ୍ଦ୍ରୀକରଣ ଏହି ଦଳର ମୁଖ୍ୟ ନୀତି ଓ ଆଦର୍ଶ 'ହାତ' ଏହାର ନିର୍ବାଚନ ସଂକେତ ।

**(୨) ଭାରତୀୟ ଜନତା ପାର୍ଟି (Bharatiya Janata Party) :** ୧୯୮୦ ମସିହାର ନିର୍ବାଚନ ପୂର୍ବରୁ ତତ୍‌କାଳୀନ ଜନତାପାର୍ଟିରୁ ଏକ ଅଂଶ ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଅଲଗା ହୋଇ ଏହି ଦଳଗଠନ କରିଥିଲେ ।

୧୯୮୦ ଓ ୧୯୮୪ ସାଧାରଣ ନିର୍ବାଚନରେ ଏହି ଶୋଚନୀୟ ପରାଜୟ ବରଣ କରିଥିଲେ ହେଁ ୧୯୮୯ ମସିହା ଲୋକସଭାରେ ୮୮ଟି ଆସନ ଏବଂ ଉତ୍ତର ପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ହିମାଞ୍ଚଳ ପ୍ରଦେଶ ଇତ୍ୟାଦି କେତେକ ରାଜ୍ୟରେ ଶାସନକ୍ଷମତାକୁ ଆସି ଜନପ୍ରିୟତା ହାସଲ କରିଥିଲା । ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏହି ଦଳ ଜାତୀୟ ମିଳିତ ସାମୁଖ୍ୟ ଗଠନ କରି ୧୯୯୬ ମସିହାରୁ ୨୦୦୪ ମସିହା ପର୍ଯ୍ୟନ୍ତ କ୍ଷମତାରେ ରହିଥିଲା । ଜାତୀୟତାବାଦ, ଜାତୀୟ ସଂହତି, ଗଣତନ୍ତ୍ର, ଧର୍ମନିରପେକ୍ଷତା ଗାନ୍ଧିବାଦ ଓ ଗଣତାନ୍ତ୍ରିକ ସମାଜ ବାଦରେ ଏହା ମୁଖ୍ୟତଃ ବିଶ୍ୱାସ କରିଥାଏ । ପଦ୍ମଫୁଲ ଏହାର ନିର୍ବାଚନ ସଙ୍କେତ ।

୨୦୧୪ ମସିହା ଲୋକସଭା ନିର୍ବାଚନରେ ଏହି ଉଲ୍ଲେଖନୀୟ ସଫଳତା ହାସଲ କରି କେନ୍ଦ୍ରର ସରକାର ଗଠନ କରିଅଛି ।

**(୩) ଭାରତୀୟ କମ୍ୟୁନିଷ୍ଟ ଦଳ (Communist Parties) :** ୧୯୧୭ ମସିହାର ସୋଭିଏତ ଋଷର ସଫଳ ସମାଜବାଦୀ ଚିନ୍ତାଧାରାରେ ପ୍ରଭାବିତ ହୋଇ ୧୯୨୪ ମସିହାରେ ଭାରତରେ କମ୍ୟୁନିଷ୍ଟ ପାର୍ଟି ଜନ୍ମ ନେଇଥିଲା । ମାର୍କସବାଦ ଓ ଲେନିନ୍‌ବାଦ ଉପରେ ବିଶ୍ୱାସ କରୁଥିବା ଏହି ଦଳକୁ ବ୍ରିଟିଶ ସରକାର ୧୯୩୪ ମସିହାରେ ନିଷିଦ୍ଧ କରିଥିଲା ଓ ୧୯୪୭ ଏହି ନିଷିଧାଜ୍ଞା ଉଠାଇଥିଲା । ୧୯୫୭ ମସିହାରେ ଏହି ଦଳ କେରଳରେ ପ୍ରଥମ ଅଣ କଂଗ୍ରେସ ସରକାର ଗଠନ କରିଥିଲା । ୧୯୬୪ ମସିହାରେ ଏହି ଦଳର ଏକ ଗୋଷ୍ଠୀ ଅଲଗା ହୋଇ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ଗଠନ କରିଥିଲେ । ପୂର୍ଣ୍ଣ ସମାଜବାଦ, ଶ୍ରମିକ ଓ କୃଷକମାନଙ୍କର ସ୍ୱାର୍ଥ ରକ୍ଷା, ଭୂ-ସଂସ୍କାର, ନାଗରିକମାନଙ୍କର ମୌଳିକ ଅଧିକାରର ସୁରକ୍ଷା ଏହି ଦଳମାନଙ୍କର ମୁଖ୍ୟ ଲକ୍ଷ୍ୟ । କେରଳ, ପଶ୍ଚିମବଙ୍ଗ ଓ ତ୍ରିପୁରାରେ ମୁଖ୍ୟତଃ ଏହି ଦଳମାନଙ୍କର ପ୍ରଭାବ ରହିଅଛି ।

**(୪) ବହୁଜନ ସମାଜ ପାର୍ଟି :** ୧୯୮୪ ମସିହା ଏପ୍ରିଲ ୧୪ ତାରିଖ ଭାରତ ସମ୍ବିଧାନର ଜନକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମତିଥିରେ ଶ୍ରୀଯୁକ୍ତ କାଂଶୀରାମଙ୍କ ନେତୃତ୍ୱରେ ଏହି ଦଳ ଜନ୍ମ ନେଇଥିଲା । ୧୯୯୭ ମସିହାରେ ଏହି ଦଳକୁ ଏକ ଜାତୀୟ ଦଳର ମାନ୍ୟତା ମିଳିଛି । ଅନୁସୂଚିତ ଜାତି, ଜନଜାତି, ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ପଛୁଆବର୍ଗର ସ୍ୱାର୍ଥରକ୍ଷା କରିବା ଏହି ଦଳର ମୌଳିକ ନୀତି । ଉତ୍ତର ପ୍ରଦେଶ ଓ ପଞ୍ଜାବରେ ଏହି ଦଳର ସ୍ଥିତି ଖୁବ୍ ସୁଦୃଢ । ଏହି ଦଳର ନିର୍ବାଚନ ସଙ୍କେତ ହେଉଛି ''ହାତୀ'' ।

**(୫) ପ୍ରମୁଖ ଆଞ୍ଚଳିକ ଦଳମାନ :** ଭାରତୀୟ ରାଜନୀତିରେ ନିମ୍ନଲିଖିତ ଆଞ୍ଚଳିକ ଦଳମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

**(କ) ଅକାଳୀ ଦଳ :** ୧୯୨୪ ମସିହାରେ ପ୍ରତିଷ୍ଠିତ ଅକାଳୀ ଦଳ ଦେଶର ପୁରାତନ ଆଞ୍ଚଳିକ ରାଜନୈତିକ ଦଳ । ଶିଖ୍ ସଂପ୍ରଦାୟର ସ୍ୱାର୍ଥ ରକ୍ଷା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଦଳର ପ୍ରଭାବ ଯୋଗୁ ୧୯୬୬ ମସିହାରେ ପଞ୍ଜାବ ଏକ ସ୍ୱତନ୍ତ୍ର ରାଜ୍ୟ ହୋଇଥିଲା । ଏହି ଦଳ ପଞ୍ଜାବରେ ବହୁବାର କ୍ଷମତା ଦାଖଲ କରିଅଛି ଓ କେନ୍ଦ୍ରରେ ବିଭିନ୍ନ ମେଣ୍ଟ ସରକାରରେ ସାମିଲ ହୋଇଛି ।

**(ଖ) ନ୍ୟାସନାଲ କନ୍‌ଫେରେନସ୍ :** ସ୍ୱାଧୀନତା ପୂର୍ବରୁ ଏହି ଦଳ ଶେଖ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ଜାମ୍ମୁ ଓ କାଶ୍ମୀରରେ ଗଠିତ ହୋଇଥିଲା । ଭାରତ ସହ କାଶ୍ମୀର ମିଶ୍ରଣକୁ ଚୂଡାନ୍ତ ବୋଲି ବିବେଚନା କରେ ଏବଂ ରାଜ୍ୟର ସ୍ୱତନ୍ତ୍ର ସ୍ଥିତି ଏବଂ ଧାରା ୩୭୦ ବଜାୟ ରହିବା ପାଇଁ ଦାବି କରେ ଏହି ଦଳ ରାଜ୍ୟରେ ଅନେକ ସମୟ କ୍ଷମତାରେ ରହିଛି । ଏହି ଦଳ ନେତୃତ୍ୱରେ ଏକ ମେଣ୍ଟ ସରକାର ଜାମ୍ମୁ ଓ କାଶ୍ମୀରରେ ଶାସନ କରୁଥିଲା ।

**(ଗ) DMK ଓ AIADMK :** ଏହା ତାମିଲନାଡୁରେ ଦୁଇଟି ପ୍ରମୁଖ ଆଞ୍ଚଳିକ ଦଳ । ୧୯୪୯ ମସିହାରେ ସି.ଏନ୍.ଆନ୍ନା ଦୁରାଇଙ୍କ ଦ୍ୱାରା ଦ୍ରାବିଡ଼ ମୁନେତ୍ରା କାଜାଘାମ (DMK) ଗଠିତ ହୋଇଥିଲା । ୧୯୭୨ ମସିହାରେ ଏହାର ବିଭାଜନ ହୋଇ ଏମ୍.ଜି. ରାମଚନ୍ଦ୍ରନଙ୍କ ନେତୃତ୍ୱରେ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନେତ୍ରା କାଜାଘମ (AIADMK) ଗଠିତ ହେଲା । ଏହି ଦୁଇଦଳ ରାଜ୍ୟରେ ପ୍ରାୟତଃ ପର୍ଯ୍ୟାୟକ୍ରମେ ଶାସନ କରୁଥିବାବେଳେ କେନ୍ଦ୍ର ରାଜନୀତିରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଛନ୍ତି । ଏହା ବ୍ରାହ୍ମଣ ବିରୋଧୀ ଓ ହିନ୍ଦୀଭାଷା ବିରୋଧୀ ଦଳ ।

**(ଘ) ତେଲଗୁ ଦେଶମ୍ ପାର୍ଟି :** ଜନପ୍ରିୟ ତେଲଗୁ ଚିତ୍ର ତାରକା ଏନ୍.ଟି. ରାମାରାଓଙ୍କ ନେତୃତ୍ୱରେ ଆନ୍ଧ୍ରପ୍ରଦେଶରେ ଏହି ଦଳ ଗଠିତ ହୋଇଥିଲା । ଏହା ମୁଖ୍ୟତଃ ଏକ କଂଗ୍ରେସ ବିରୋଧୀ ଓ ଦୁର୍ନୀତି ବିରୋଧୀ ଦଳ । ଏହା ରାଜ୍ୟରେ ଶାସନ କ୍ଷମତାରେ ଦୀର୍ଘଦିନ ରହିବା ପରେ ୨୦୦୪ ଓ ୨୦୦୯ ନିର୍ବାଚନରେ ପରାଜିତ ହୋଇଅଛି । ୨୦୧୪ ସାଧାରଣ ନିର୍ବାଚନରେ ଏହି ଦଳ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଉଲ୍ଲେଖନୀୟ ସଫଳତା ହାସଲ କରିଅଛି ।

**(ଙ) ଆସାମ ଗଣ ପରିଷଦ :** ଆସାମରେ ବଙ୍ଗଳା ଦେଶ ଶରଣାର୍ଥୀଙ୍କ ଅନୁପ୍ରବେଶକୁ ବିରୋଧ କରି ସୃଷ୍ଟି ହୋଇଥିବା ଛାତ୍ର ଆନ୍ଦୋଳରେ ନେତୃତ୍ୱ ନେଉଥିବା ଶ୍ରୀଯୁକ୍ତ ପ୍ରଫୁଲ କୁମାର ମହନ୍ତଙ୍କ ନେତୃତ୍ୱ ଏହି ଦଳ ୧୯୮୫ରେ ଗଠିତ ହୋଇଥିଲା ଓ ପ୍ରଫୁଲ କୁମାର ମହନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

**(ଚ) ବିଜୁ ଜନତା ଦଳ :** ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ମୃତ୍ୟୁ ପରେ ରାଜ୍ୟ ଜନତାଦଳର ସଦସ୍ୟମାନେ ବିଜୁ ଜନତା ଦଳ ଗଠନ କରିଥିଲେ । ବିଜେପି ସହିତ ମେଣ୍ଟ କରି ଏହି ଦଳ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଦୁଇ ଥର ଶାସନ କରିଥିବାବେଳେ ୨୦୦୯ ଓ ୨୦୧୪ ବିଧାନସଭା ନିର୍ବାଚନରେ ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରି ରାଜ୍ୟରେ ଶାସନ କରୁଅଛି ।

**ଅନ୍ୟାନ୍ୟ ଦଳ :** ଭାରତୀୟ ରାଜନୀତିକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ରାଜନୈତିକ ଦଳମାନେ ହେଲେ ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ, ସଂଯୁକ୍ତ ଜନତା ଦଳ, ତୃଣମୂଳ କଂଗ୍ରେସ, ହରିଆନା ବିକାଶ ପାର୍ଟି, ଶିବ ସେନା, ଫଂରଓ୍ୱାର୍ଡ଼ ବ୍ଲକ୍, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଓ ଆମ୍ ଆଦମୀ ପାର୍ଟି ଇତ୍ୟାଦି ।

**ପ୍ର.୭. ବିରୋଧୀ ଦଳର କାର୍ଯ୍ୟ ଓ ଭୂମିକା ବର୍ଣ୍ଣନା କର ।**

**(Discuss the Function and role of opposition Party.)**

ଉ. ଆଧୁନିକ ବିଶ୍ୱରେ ଜନପ୍ରିୟ ଶାସନ ବ୍ୟବସ୍ଥା ରୂପେ ପ୍ରଚଳିତ ଗଣତନ୍ତ୍ରର ସଫଳତାପାଇଁ ରାଜନୈତିକ ଦଳ ଏକ ଅପରିହାର୍ଯ୍ୟ ସର୍ତ୍ତ । ରାଜନୈତିକ ଦଳକୁ ବାଦ ଦେଲେ ଗଣତନ୍ତ୍ରର ସ୍ଥିତି ଅସମ୍ଭବ । ତେଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦ୍ୱି-ଦଳୀୟ କିମ୍ବା ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ ଥାଏ । ଦ୍ୱି-ଦଳୀୟ ବ୍ୟବସ୍ଥାରେ ଗୋଟିଏ ଦଳ ଶାସନରେ ରହିଥିବାବେଳେ ଅନ୍ୟ ଦଳଟି ବିରୋଧୀ ଦଳ ରୂପେ କାର୍ଯ୍ୟ କରିଥାଏ । ବହୁଦଳୀୟ ବ୍ୟବସ୍ଥାରେ ଗୋଟିଏ ଦଳ କିମ୍ବା ଏକାଧିକ ଦଳ ମିଶି ସରକାର ଗଠନ କଲାବେଳେ ଅନ୍ୟ ଦଳମାନେ ବିରୋଧୀ ଦଳ ଭାବେ କାର୍ଯ୍ୟ କରିଥାନ୍ତି ।

ବିରୋଧୀ ଦଳ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ରକ୍ଷାକର୍ତ୍ତା । ସଂଗଠିତ ବିରୋଧୀ ଦଳର ଅଭାବରେ ଶାସକଦଳ ସ୍ୱେଚ୍ଛାଚାରୀ ହୋଇଥାଏ । ଶାସନରେ ସ୍ୱେଚ୍ଛାଚାରିତା ଓ ଦୁର୍ନୀତିକୁ ପ୍ରତିରୋଧ ନ କଲେ ଶାସନ ଭୁଷୁଡ଼ି ପଡ଼ିଥାଏ । ସେଥିପାଇଁ ଇଂଲଣ୍ଡ ଓ ଭାରତ ପରି କେତେକ ଦେଶରେ ବିରୋଧୀ ଦଳର ନେତାଙ୍କୁ ସରକାରୀ ସ୍ୱୀକୃତି ଦିଆଯିବା ସଙ୍ଗେ ସଙ୍ଗେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ବେତନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯାଇଥାଏ । ଇଂଲଣ୍ଡରେ ବିରୋଧୀ ଦଳ ଦାୟିତ୍ୱସମ୍ପନ୍ନ ହୋଇଥିବାରୁ ଏହାକୁ ମହାମହିମ ସମ୍ରାଟଙ୍କ ଅନୁରକ୍ତ ବିରୋଧୀ ଦଳ ବୋଲି କୁହାଯାଇଥାଏ । ସେଠାରେ ମଧ୍ୟ ବିରୋଧୀ ନେତାଙ୍କୁ ଦେଶର ବିକଳ୍ପ ପ୍ରଧାନମନ୍ତ୍ରୀ ବୋଲି ଧରିନିଆଯାଇଥାଏ । ସେ ମଧ୍ୟ ଏକ ବିକଳ୍ପ ମନ୍ତ୍ରିମଣ୍ଡଳ ଗଠନ କରି ଯେ କୌଣସି ମୁହୂର୍ତ୍ତରେ ଦେଶର ଶାସନ ଭାର ଗ୍ରହଣ କରିବାପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି । ଏଠାରେ ମଧ୍ୟ ମୁଖ୍ୟ ବିରୋଧୀ ଦଳ ତା'ର କେତେକ ଦକ୍ଷ ସଭାଙ୍କୁ ନେଇ ଏକ କ୍ଷୁଦ୍ରଗୋଷ୍ଠୀ ଗଠନ କରିଥାଏ । ଏହି ସଭ୍ୟମାନେ ଶାସନରେ ବିଭିନ୍ନ ବିଭାଗ ପ୍ରତି ଦୃଷ୍ଟି ଦେଇଥାନ୍ତି । ଏହାକୁ ଛାୟା ମନ୍ତ୍ରୀ ପରିଷଦ (Shadow Cabinet) କୁହାଯାଏ । ଭାରତରେ ମଧ୍ୟ ବିରୋଧୀଦଳ ନେତାଙ୍କୁ ସ୍ୱତନ୍ତ୍ର ଆସନ ଓ ମର୍ଯ୍ୟାଦା ପ୍ରଦାନ କରାଯାଇଥାଏ । ସୁତରାଂ ଗଣତନ୍ତ୍ରର ସଫଳତାପାଇଁ ବିରୋଧୀ ଦଳ ଅପରିହାର୍ଯ୍ୟ ଅଟେ ।

ବିରୋଧୀ ଦଳ ଗୁଡ଼ିକ ରାଜନୈତିକ ଦଳ ହୋଇଥିବାରୁ ରାଜନୈତିକ ଦଳର ଅଧିକାଂଶ କାର୍ଯ୍ୟ ବିରୋଧୀଦଳଗୁଡ଼ିକ ସମ୍ପାଦନ କରିଥାନ୍ତି । ବିରୋଧୀଦଳର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଓ ଭୂମିକା ନିମ୍ନରେ ପ୍ରଦାନ କରାଗଲା ।

**(୧) ବିକଳ୍ପ ସରକାର (Alternative Government) :** ବିରୋଧୀ ଦେଶରେ ବିକଳ୍ପ ଶାସନ ଯୋଗାଇ ଦେବାକୁ ସର୍ବଦା ପ୍ରସ୍ତୁତ ଥାଏ । କୌଣସି କାରଣ ଯୋଗୁ ଶାସକ ଦଳ କ୍ଷମତାରୁ ଓହରି ଗଲେ ଶାସନ କ୍ଷମତା ବିରୋଧୀ ଦଳ ହାତକୁ ଯାଇଥାଏ । କେତେକ ସ୍ଥଳେ ଶାସକ ଦଳକୁ କ୍ଷମତାଚ୍ୟୁତ କରିବାପାଇଁ ବିରୋଧୀ ଦଳ ପ୍ରୟାସ କରିଥାନ୍ତି । ପରବର୍ତ୍ତୀ ନିର୍ବାଚନରେ ପରାଜିତ ହେଲେ ବିରୋଧୀ ଦଳ ଶାସନ କ୍ଷମତାକୁ ଆସିଥାନ୍ତି ।

(୨) ସରକାର ସମାଲୋଚନା (Criticises to Government) : ସରକାରୀ କାର୍ଯ୍ୟର ସମାଲୋଚନା କରିବା ବିରୋଧୀ ଦଳର ଅନ୍ୟତମ ମୁଖ୍ୟ କାର୍ଯ୍ୟ । ଏହା ସରକାରର ନୀତି ଓ କାର୍ଯ୍ୟକ୍ରମକୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ସରକାରୀ କଳକୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକୁ ବିରୋଧୀ ଦଳମାନେ ସମାଲୋଚନା କରିଥାନ୍ତି ।

(୩) ସରକାରଙ୍କୁ ଦାୟିତ୍ୱଶୀଳ କରିଥାଏ (Makes Government Responsible) : ଗଣତନ୍ତ୍ର ସରକାରକୁ ଦାୟିତ୍ୱଶୀଳ ସରକାର କୁହାଯାଏ । ଏଠାରେ ବିରୋଧୀ ଦଳ ହିଁ ସରକାରଙ୍କ ଦୋଷ ତ୍ରୁଟିକୁ ସମାଲୋଚନା କରି ଦାୟିତ୍ୱଶୀଳ କରିଥାଏ । ଏପରିକି ସରକାର ମଧ୍ୟ ବିରୋଧୀ ଦଳକୁ ସମ୍ମାନ ନେଇ ଦାୟିତ୍ୱଶୀଳ ଭାବେ କାର୍ଯ୍ୟ କରିଥାନ୍ତି ଯେପରିକି ବିରୋଧୀ ଦଳ ସମାଲୋଚନା କରିବାକୁ ସୁଯୋଗ ପାଇବ ନାହିଁ ।

(୪) ଅବାଞ୍ଛିତ ଆଇନର ପ୍ରତିରୋଧ (Impedes Undesirable Legislation) : ସରକାରୀ ଦଳ ନିଜର ସଂଖ୍ୟା ଗରିଷ୍ଠତା ବଳରେ ଅନେକ ସମୟରେ କେତେକ ଅବାଧିତ ଆଇନ ପ୍ରଣୟନ ପାଇଁ ପ୍ରୟାସ କରିଥାନ୍ତି । ଏହିପରି ଅବାଞ୍ଛିତ ଓ ଜନବିରୋଧୀ ଆଇନକୁ ପ୍ରତିରୋଧ କରି ବିରୋଧୀଦଳ ଏହା ବିରୋଧରେ ଜନମତ ସୃଷ୍ଟି କରିଥାନ୍ତି । ଏହାଦ୍ୱାରା ଶାସକ ଦଳ ତରବରିଆ ଭାବେ କୌଣସି ଜନବିରୋଧୀ ଆଇନ ପ୍ରଣୟନ କରନ୍ତି ନାହିଁ । ଅର୍ଥାତ୍ ଆଇନରେ ସ୍ୱଚ୍ଛତା ଆଣିବାରେ ବିରୋଧୀ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

(୫) ଜନମତ ସୃଷ୍ଟି (Formation of Public Opinion) : କ୍ଷମତା ଶାସନ ଦଳର ଦୋଷ, ଦୁର୍ବଳତା, ସରକାରୀ ଦଳର ଅପାରଗତା ଓ ତ୍ରୁଟିପୂର୍ଣ୍ଣ ନୀତିକୁ ବିଭିନ୍ନ ସମ୍ବାଦପତ୍ର, ସଭାସମିତି, ପ୍ରଚାରପତ୍ର ତାଲିମ ଶିବିର, ଆଲୋଚନା ଚକ୍ର ମାଧ୍ୟମରେ ବିରୋଧ କରି ବିରୋଧୀଦଳ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି କରିବା ସହିତ ନିଜ ସପକ୍ଷରେ ଜନମତ ସୃଷ୍ଟି କରିଥାନ୍ତି ।

(୬) ରାଜନୈତିକ ଶିକ୍ଷା ପ୍ରଦାନ (Provides Political Education) : ଜନସାଧାରଣଙ୍କ ମଧ୍ୟରେ ରାଜନୈତିକ ଶିକ୍ଷାଦାନ କରିବାରେ ବିରୋଧୀ ଦଳ ବିଶେଷ ଭୂମିକା ଗ୍ରହଣ କରିଥାଏ । ଏହା ସରକାରୀ ନୀତି ଓ କାର୍ଯ୍ୟକ୍ରମକୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ବହୁ ଜାତୀୟ ସମାସ୍ୟାର ଭଲମନ୍ଦ ଦିଗକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥାନ୍ତି ।

(୭) ଭିନ୍ନ ମତ ପ୍ରଦାନ (Different View) : ବିରୋଧୀ ଦଳ ଦେଶରେ ଭିନ୍ନ ମତ ପ୍ରକାଶର ସୁଯୋଗ ସୃଷ୍ଟି କରିଥାନ୍ତି । ଶାସକ ଦଳର ମତଠାରୁ ଉନ୍ନତତର ଓ ସୁଚିନ୍ତିତ ମତ ପ୍ରଦାନ କରିବା ବିରୋଧୀ ଦଳମାନଙ୍କର କାର୍ଯ୍ୟ ଅଟେ । ଏହାଦ୍ୱାରା ମତପ୍ରକାଶର ସ୍ୱାଧିନତା ମିଳିଥାଏ ।

(୮) ଗଠନମୂଳକ ପରାମର୍ଶ ପ୍ରଦାନ (Provides Constructive Proposals) : ବିରୋଧୀ ଦଳ ସରକାରଙ୍କୁ କେବଳ ବିରୋଧ କରନ୍ତି ନାହିଁ । ସେମାନେ ଅନେକ ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ଓ ଜାତୀୟ ସ୍ୱାର୍ଥ ସମ୍ବଳିତ ସମସ୍ୟା ଉପରେ ସରକାରଙ୍କୁ ଗଠନମୂଳକ ଓ ଦାୟିତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିଥାନ୍ତି ।

ବିରୋଧୀ ଦଳର କାର୍ଯ୍ୟ ପ୍ରଣାଳୀକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୁଏ ଯେ, ବିରୋଧୀ ଦଳ ମୁଖ୍ୟତଃ ୪ ଗୋଟି ଦାୟିତ୍ୱ ସମ୍ପାଦନ କରିଥାନ୍ତି । ସେଗୁଡ଼ିକ ହେଲା (୧) ବିରୋଧ କରିବା (to oppose) (୨) ସରକାରଙ୍କ ଦୁଷ୍କର୍ମକୁ ପଦାରେ ପକାଇବା (to expose) (୩) ସରକାରଙ୍କୁ କ୍ଷମତାଚ୍ୟୁତ କରିବା (to dispose) (୪) ସରକାରଙ୍କୁ ଗଠନମୂଳକ ପ୍ରସ୍ତାବ ପ୍ରଦାନ କରିବା (to propose) । ବିରୋଧି ଦଳମାନେ କେବଳ ସରକାରଙ୍କୁ ବିରୋଧ କରିବା ଆଳରେ ବିରୋଧ ନ କରି ଜାତୀୟ ସମସ୍ୟା ଉପରେ ଏକତ୍ୱ ପ୍ରଦର୍ଶନ କରିବା ଓ ସରକାରର ଭଲ କାର୍ଯ୍ୟ କ୍ରମଗୁଡ଼ିକୁ ଗ୍ରହଣ କରିବାରେ ବିରୋଧୀ ଦଳମାନେ ସହମତ ପ୍ରକାଶ କରିବା ଉଚିତ୍ ।

**ପ୍ର.୮. ଭାରତରେ ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ବୃଦ୍ଧିର କାରଣମାନ ଆଲୋଚନା କର ।**
**(Discuss the causes responsible for the rise of Regional Parties in India.)**

ଉ. ଭାରତ ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତନ୍ତ୍ରର ସଫଳତାପାଇଁ ରାଜନୈତିକ ଦଳ ଅପରିହାର୍ଯ୍ୟ ଅଟେ । ରାଜନୈତିକ ଚିନ୍ତା, ଚେତନା ଓ ଆଦର୍ଶ ଭିତ୍ତିରେ ପ୍ରତିଷ୍ଠିତ ବିଭିନ୍ନ ରାଜନୈତିକ ଦଳମାନେ ବିଭିନ୍ନ ନିର୍ବାଚନରେ ଅଂଶ ଗ୍ରହଣ କରିଥାନ୍ତି । ଭାରତ ସମ୍ବିଧାନ ପୃଥିବୀର ବୃହତ୍ତମ ଲିଖିତ ସମ୍ବିଧାନ ହୋଇଥିଲେ ମଧ୍ୟ ଏହି ସମ୍ବିଧାନରେ ଦଳୀୟ

ବ୍ୟବସ୍ଥା ସମ୍ବନ୍ଧରେ କିଛି ଉଲ୍ଲେଖ ହୋଇନାହିଁ । ଏହାସତ୍ତ୍ୱେ, ଭାରତରେ ଫ୍ରାନସ୍ ଓ ସୁଇଜରଲ୍ୟାଣ୍ଡ ପରି ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ । ବର୍ତ୍ତମାନ ଭାରତରେ ୧୬୦୦ରୁ ଊର୍ଦ୍ଧ୍ୱ ରାଜନୈତିକ ଦଳ ରହିଛନ୍ତି । ଦଳମାନଙ୍କର ଆଦର୍ଶ ଓ ସଂଗଠନକୁ ଭିତ୍ତି କରି ନିର୍ବାଚନ ଆୟୋଗ ରାଜନୈତିକ ଦଳମାନଙ୍କୁ ଜାତୀୟ ଦଳ ଓ ଆଞ୍ଚଳିକ ଦଳରେ ବିଭକ୍ତ କରିଥାନ୍ତି । ଯେଉଁ ଦଳ ଗୋଟିଏ ରାଜ୍ୟରେ ଅନ୍ୟୁନ ୪ ଶତାଂଶ ଭୋଟ ପାଇଥାଏ, ତାହାକୁ ଆଞ୍ଚଳିକ ଦଳ କୁହାଯାଏ । ଭାରତରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ଭାଷାର ଲୋକ ବାସ କରୁଥିବାରୁ ଭାରତରେ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଆଞ୍ଚଳିକତାକୁ ଭିତ୍ତି କରି ଅନେକ ଆଞ୍ଚଳିକ ଦଳ ସୃଷ୍ଟି ହୋଇଛନ୍ତି । ଭାରତର ପ୍ରାୟ ସମସ୍ତ ରାଜ୍ୟରେ ଆଞ୍ଚଳିକ ଦଳମାନ ରହିଛନ୍ତି । ଏହି ସମସ୍ତ ଦଳମାନେ ସେମାନଙ୍କ ରାଜ୍ୟର ଭୋଟର ମାନଙ୍କୁ ସହଜରେ ପ୍ରଭାବିତ କରି ରାଜ୍ୟରେ ଶାସନ କ୍ଷମତାର ଅଧିକାରୀ ହେଉଛନ୍ତି । ଆଞ୍ଚଳିକ ଦଳମାନେ ମଧ୍ୟ ଲୋକସଭା ନିର୍ବାଚନରେ ଉଲ୍ଲେଖନୀୟ ସଫଳତା ହାସଲ କରି ଜାତୀୟ ରାଜନୀତିକୁ ପ୍ରଭାବିତ କରୁଛନ୍ତି । ୧୯୮୪ ମସିହା ଲୋକସଭା ନିର୍ବାଚନରେ ତେଲୁଗୁ ଦେଶମ୍ ଦଳ ବିରୋଧୀଦଳ ଭାବେ କାର୍ଯ୍ୟ କରିଥିଲା । ୧୯୮୯ ମସିହାରୁ ଅଦ୍ୟାବଧି କେନ୍ଦ୍ରରେ ଗଠିତ ବିଭିନ୍ନ ମେଣ୍ଟ ସରକାରରେ ଆଞ୍ଚଳିକ ଦଳମାନେ ସରକାରରେ ସାମିଲ ହୋଇ କିମ୍ବା ବାହାରୁ ସମର୍ଥନ ପ୍ରଦାନ କରି କେନ୍ଦ୍ର ରାଜନୀତିକୁ ପ୍ରଭାବିତ କରି ଆସୁଛନ୍ତି ।

**(୧) ବହୁଦଳୀୟ ବ୍ୟବସ୍ଥା :** ଭାରତରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ । ତେଣୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳରେ ରହିଥିବା କେତେକ ପ୍ରଭାବଶାଳୀ ନେତା ଅନେକ ସମୟରେ ବିଭିନ୍ନ କାରଣ ଯୋଗୁଁ ଦଳୀୟ ନେତୃତ୍ୱକୁ ବିରୋଧ କରି କିମ୍ବା ଦଳରୁ ବିତାଡ଼ିତ ହୋଇ ଏକ ନୂତନ ରାଜନୈତିକ ଦଳ ଗଠନ କରିଥାନ୍ତି । ସେହି ସବୁ ନେତାମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସର୍ବଭାରତୀୟ ସ୍ତରରେ ପ୍ରଭାବ ନ ଥିବାରୁ ସେମାନେ ଆଞ୍ଚଳିକ ଦଳମାନେ ଗଠନ କରିଥାନ୍ତି ।

**(୨) ସଂକୀର୍ଣ୍ଣ ମନୋଭାବ :** ଭାରତରେ ଅଧିକାଂଶ ରାଜନୈତିକ ନେତା ଜାତୀୟ ମନୋଭାବ ପୋଷଣ କରିବା ପରିବେର୍ତ୍ତ ସଂକୀର୍ଣ୍ଣ ମନୋଭାବ ପୋଷଣ କରିଥାନ୍ତି । ଆଞ୍ଚଳିକ ସମସ୍ୟାକୁ ଭିତ୍ତି କରି ଏହିସବୁ ନେତାମାନେ ବିଭିନ୍ନ ପ୍ରକାର ଜନ ଆନ୍ଦୋଳନ ସୃଷ୍ଟି କରିଥାନ୍ତି । ପ୍ରଥମେ ସେମାନେ ନିଜକୁ ସ୍ଥାନୀୟ ଜନସାଧାରଣଙ୍କ ନିକଟରେ ପରିଚିତ କଲାପରେ କ୍ଷମତା ହାସଲ ଉଦ୍ଦେଶ୍ୟରେ ଆଞ୍ଚଳିକ ଦଳ ଗଠନ କରିଥାନ୍ତି । ଏଣୁ ଭାରତରେ ଆଞ୍ଚଳିକ ଦଳ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଅଛି ।

**(୩) ଭାରତୀୟ ସମାଜରେ ବିବିଧତା :** ଭାରତରେ ବିଭିନ୍ନ ଭାଷା, ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ଲୋକ ବସବାସ କରିଥାନ୍ତି । ଏହି ଭାଷା, ଜାତି, ଧର୍ମ ଓ ଆଞ୍ଚଳିକତାକୁ ଭିତ୍ତି କରି କେତେକ ସଂକୀର୍ଣ୍ଣ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ନିର୍ବାଚନରେ ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ଆଞ୍ଚଳିକ ଦଳମାନ ଗଠନ କରିଥାନ୍ତି । ଉଦାହରଣ ସ୍ୱରୂପ ଧର୍ମକୁ ଭିତ୍ତି କରି ମୁସଲିମ ଲିଗ୍ ଓ ଅକାଳୀ ଦଳ ଗଠିତ ହୋଇଅଛି । ହିନ୍ଦୀକୁ ରାଷ୍ଟ୍ର ଭାଷା ରୂପେ ବିରୋଧ କରି ଏବଂ ଦକ୍ଷିଣରେ ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟକୁ ବିରୋଧ କରି ତାମିଲନାଡୁରେ D.M.K. ଓ AIADMK ଦଳ ସୃଷ୍ଟି ହୋଇଅଛି । ଜାତିକୁ ବିରୋଧ କରି ବହୁଜନ ସମାଜ ପାର୍ଟି, ଆଞ୍ଚଳିକ ସମସ୍ୟାକୁ ଭିତ୍ତି କରି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଓ ଆସାମ ଗଣ ପରିଷଦ ଇତ୍ୟାଦି ଆଞ୍ଚଳିକ ଦଳମାନ ସୃଷ୍ଟି ହୋଇଅଛି ।

**(୪) ଭାରତୀୟ ଜାତୀୟ କଂଗ୍ରେସର ପ୍ରାଧାନ୍ୟ ହ୍ରାସ :** ସ୍ୱାଧୀନତା ପରଠାରୁ ପ୍ରାୟ ୪୦ ବର୍ଷରୁ ଊର୍ଦ୍ଧ୍ୱ ଧରି ଭାରତୀୟ ଜାତୀୟ କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟ ରାଜନୀତିରେ ପ୍ରଭାବ ବିସ୍ତାର କରିଥିଲା । କେବଳ ୧୯୭୫ ମସିହା କଂଗ୍ରେସ ନେତ୍ରୀ ତଥା ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ସ୍ୱେଚ୍ଛାଚାରୀ ନୀତିକୁ ବିରୋଧ କରି ପ୍ରଥମେ ଅଣ କଂଗ୍ରେସ ଦଳ ଭାବେ ଜନତା ପାର୍ଟି କେନ୍ଦ୍ରରେ ସରକାର ଗଠନ କରିଥିଲା । ମାତ୍ର ଅନ୍ତଃ ବିବାଦ ହେତୁ ଏହି ସରକାର ମାତ୍ର ୨ ବର୍ଷ ୬ ମାସରେ ପତନ ହୋଇଥିଲା । ଏହାପରେ ଭାରତରେ ଅନ୍ୟ କୌଣସି ଜାତୀୟ ଦଳ କଂଗ୍ରେସକୁ ବିରୋଧ କରିବାକୁ ସକ୍ଷମ ହୋଇ ନ ପାରିବାରୁ ବିଭିନ୍ନ ରାଜ୍ୟର ପ୍ରମୁଖ୍ୟ ନେତାମାନେ ଜାତୀୟ ଦଳ ତ୍ୟାଗ କରି ଆଞ୍ଚଳିକ ଦଳମାନ ଗଠନ କଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ସେମାନଙ୍କ ରାଜ୍ୟରେ କଂଗ୍ରେସକୁ ପରାଜିତ କରିବାରୁ ଜାତୀୟ ସ୍ତରରେ କଂଗ୍ରେସ ଦଳର ପ୍ରାଧାନ୍ୟ ହ୍ରାସ ପାଇଥିଲା । ଫଳତଃ ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା ।

**(୫) ଆଞ୍ଚଳିକ ସମସ୍ୟାର ସମାଧାନପାଇଁ :** ଭାରତରେ ଥିବା ବିଭିନ୍ନ ଅଞ୍ଚଳର ସମସ୍ୟା ଭିନ୍ନ ଭିନ୍ନ । ଏହି ସମସ୍ତ ସମସ୍ୟାର ଉପଯୁକ୍ତ ସମାଧାନ କରିବା କେନ୍ଦ୍ର ସରକାର ପକ୍ଷରେ ସମ୍ଭବପର ନୁହେଁ । ତେଣୁ ଆଞ୍ଚଳିକ ସମସ୍ୟାର ସମାଧାନପାଇଁ ସ୍ଥାନୀୟ ନେତାଙ୍କ ଉଦ୍ୟମରେ ଆନ୍ଦୋଳନ ସୃଷ୍ଟି ହୋଇଥାଏ । ଏହିସବୁ ନେତାମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଆଞ୍ଚଳିକ ଦଳମାନ ଗଠନ କରିଥାନ୍ତି ।

ଭାରତରେ କେତେକ ରାଜ୍ୟରେ ଆଞ୍ଚଳିକ ଦଳମାନ ସଫଳତା ହାସଲ କରିବା ଯୋଗୁଁ ଅନ୍ୟ ରାଜ୍ୟମାନଙ୍କରେ କ୍ରମଶଃ ଆଞ୍ଚଳିକ ଦଳମାନ ଗଠିତ ହେଉଅଛି । ବର୍ତ୍ତମାନ ପ୍ରାୟତଃ ଭାରତର ପ୍ରତ୍ୟେକ ରାଜ୍ୟରେ ଆଞ୍ଚଳିକ ଦଳ ରହିଅଛି । ତାମିଲନାଡୁରେ D.M.K. ଓ AIADMK, ଆନ୍ଧ୍ର ପ୍ରଦେଶରେ ତେଲୁଗୁ ଦେଶମ୍, ଓଡ଼ିଶାରେ ବିଜୁ ଜନତା ଦଳ, ଜାମ୍ମୁ କାଶ୍ମୀରରେ ଜାତୀୟ ସାମୁଖ୍ୟ, ପଞ୍ଜାବରେ ଅକାଳୀ ଦଳ, ହରିଆନା ବିକାଶ ପରିଷଦ, ବିହାର ଓ ଝାଡ଼ଖଣ୍ଡରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଇତ୍ୟାଦି ଆଞ୍ଚଳିକ ଦଳମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

**ପ୍ର.୧୦. ଭାରତୀୟ ଜାତୀୟ କଂଗ୍ରେସର ସଂଗଠନ, ନୀତି ଓ ଆଦର୍ଶ ସମ୍ବନ୍ଧରେ ଆଲୋଚନା କର ।**

**(Discuss the Organisation, Principles and Ideologies of Indian National Congress.)**

**ଉ.** ଭାରତ ପୃଥିବୀର ସର୍ବ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଅଟେ । ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ଦଳମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଭାରତରେ ପ୍ରଚଳିତ ବହୁଦଳୀୟ ବ୍ୟବସ୍ଥାରେ ୧୬୦୦ରୁ ଊର୍ଦ୍ଧ୍ୱ ରାଜନୈତିକ ଦଳ ରହିଛନ୍ତି । ସେହି ସମସ୍ତ ଦଳମାନଙ୍କ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସ ସର୍ବ ପୁରାତନ ଓ ସର୍ବ ବୃହତ୍ତମ ରାଜନୈତିକ ଦଳ । ୧୮୮୫ ମସିହାରେ ଏହି ଦଳ ଆଲାନ ଅକ୍ଟୋଭିଆନ ହ୍ୟୁମଙ୍କ ନେତୃତ୍ୱରେ ଗଠିତ ହୋଇଥିଲା । ପରାଧୀନ ଭାରତରେ ସୁପ୍ତ ଜନମତକୁ ଜାଗ୍ରତ କରାଇ ଶକ୍ତିଶାଳୀ ଇଂରେଜ ସାମ୍ରାଜ୍ୟ ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବା ପାଇଁ ଏହି ଦଳ ପ୍ରତିଷ୍ଠିତ ହୋଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ଏକ ସମାଜବାଦୀ ଅନୁଷ୍ଠାନ ରୂପେ ପରିଚିତ ଥିବା ଏହି ଦଳ, ପରବର୍ତ୍ତୀ ପର୍ଯ୍ୟାୟରେ ଏକ ବଳିଷ୍ଠ ରାଜନୈତିକ ଦଳ ରୂପେ ପ୍ରତିଷ୍ଠିତ ହୋଇଥିଲା । ବିଶେଷକରି ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସତ୍ୟ ଓ ଅହିଂସାକୁ ଆଧାର କରି ଏହି ଦଳ ଯେଉଁ ଦେଶାତ୍ମବୋଧ ଓ ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଛି, ତାହାର ଦୃଷ୍ଟାନ୍ତ ବିଶ୍ୱ ଇତିହାସରେ ବିରଳ ।

**ସଂଗଠନ :**

ଭାରତୀୟ ଜାତୀୟ କଂଗ୍ରେସ ଭାରତର ସର୍ବ ପ୍ରଥମ ଓ ସର୍ବବୃହତ୍ତ ରାଜନୈତିକ ଦଳ ହୋଇଥିବାରୁ ଗ୍ରାମପଞ୍ଚାୟତ ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ଏହାର ବିଭିନ୍ନ ସଂଗଠନ ରହିଅଛି । ସେହିସବୁ ସଂଗଠନ ଗୁଡ଼ିକ ହେଲା :

**(୧) ବୁଥ୍ ଓ ପଞ୍ଚାୟତ କମିଟି :** ଭାରତର ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ଯେପରି କଂଗ୍ରେସ କର୍ମୀ ରହିବେ ସେଥିପାଇଁ ଭାରତୀୟ ଜାତୀୟ କଂଗ୍ରେସର ପ୍ରତ୍ୟେକ ନିର୍ବାଚନ ବୁଥ୍‌ରେ ସଂଗଠନ ରହିଅଛି । କଂଗ୍ରେସର ଏହି ସଂଗଠନକୁ ମଧ୍ୟ ପଞ୍ଚାୟତ କମିଟି କୁହାଯାଏ ।

**(୨) ମଣ୍ଡଳ କମିଟି :** ଭାରତର ପ୍ରତ୍ୟେକ ମଣ୍ଡଳ ବା ବ୍ଲକ୍‌ରେ କଂଗ୍ରେସ ତା'ର ସଂଗଠନ ରଖିଅଛି ଯାହାକୁ ମଣ୍ଡଳ କମିଟି କୁହାଯାଏ । ଏହି କମିଟି ଜାତୀୟ କଂଗ୍ରେସର ପ୍ରାଥମିକ ସଭ୍ୟ ସଂଗ୍ରହ କରେ ଓ ବ୍ଲକ୍ ସ୍ତରରେ କଂଗ୍ରେସର ନୀତି ଓ ଆଦର୍ଶକୁ ପହଞ୍ଚାଇ ଦଳପାଇଁ ଭୋଟ ସଂଗ୍ରହ କରିଥାଏ । ଏହି କମିଟିରେ ୫ ଜଣ ସଦସ୍ୟ ରହିଥାନ୍ତି ।

**(୩) ଜିଲ୍ଲା କଂଗ୍ରେସ କମିଟି :** ପ୍ରତ୍ୟେକ ଜିଲ୍ଲାରେ ଜାତୀୟ କଂଗ୍ରେସର କମିଟି ରହିଛି ଯାହାକୁ ଜିଲ୍ଲା କଂଗ୍ରେସ କମିଟି କୁହାଯାଏ । ଏହାର ସଦସ୍ୟମାନେ ବ୍ଲକ୍ କଂଗ୍ରେସ କମିଟି ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ଜିଲ୍ଲା କମିଟିର ସଭାପତି ଓ ସମ୍ପାଦକ ନିର୍ବାଚିତ ହୋଇଥାନ୍ତି । ଏହି କମିଟି ଜିଲ୍ଲାରେ ଦଳୀୟ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ନାମ ସୁପାରିଶ କରିଥାଏ ।

(୪) **ପ୍ରଦେଶ କଂଗ୍ରେସ କମିଟି :** ରାଜ୍ୟ ସ୍ତରରେ କଂଗ୍ରେସ ଦଳର ସର୍ବୋଚ୍ଚ ସଂଗଠନକୁ ପ୍ରଦେଶ କଂଗ୍ରେସ କମିଟି କୁହାଯାଏ । ଜିଲ୍ଲା କଂଗ୍ରେସ କମିଟିରୁ ପ୍ରତିନିଧିମାନେ ପ୍ରଦେଶ କଂଗ୍ରେସ କମିଟିକୁ ନିର୍ବାଚିତ ହୋଇଥାନ୍ତି । ରାଜ୍ୟର ଲୋକସଭା, ରାଜ୍ୟସଭା, ବିଧାନସଭା ଓ ବିଧାନ ପରିଷଦରେ ଥିବା ଦଳୀୟ ସଭ୍ୟମାନେ ଏହାର ସଦସ୍ୟ ଅଟନ୍ତି । ପ୍ରଦେଶ କଂଗ୍ରେସ କମିଟିର ଏକ ନିର୍ବାଚିତ କାର୍ଯ୍ୟପାଳିକା ଥାଏ । ପ୍ରଦେଶ କଂଗ୍ରେସ କମିଟିର ଜଣେ ସଭାପତି, କେତେଜଣ ସମ୍ପାଦକ ଓ ଉପ-ସଭାପତି ରହିଥାନ୍ତି । ସମାଜର ବିଭିନ୍ନ ସ୍ତରରୁ ବ୍ୟକ୍ତିଙ୍କୁ ଏହାର ସଦସ୍ୟ କରାଯାଇଥାଏ । ନିର୍ବାଚନ ପାଇଁ ପ୍ରାର୍ଥୀ ମନୋନୟନ କ୍ଷେତ୍ରରେ ଏହା ସୁପାରିଶ କରେ ।

(୫) **ଅଖିଳ ଭାରତ କଂଗ୍ରେସ କମିଟି :** ଜାତୀୟ ସ୍ତରରେ କଂଗ୍ରେସର ସର୍ବୋଚ୍ଚ ସଂଗଠନ ହେଉଛି ଅଖିଳ ଭାରତ କଂଗ୍ରେସ କମିଟି । ଏହାର ସଭ୍ୟ ସଂଖ୍ୟା ୩୦୦ରୁ ୪୦୦ । ଏହାର ସଦସ୍ୟମାନେ ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ପ୍ରତ୍ୟେକ ବର୍ଷ ଏହି କମିଟିର ଅଧିବେଶନ ବସି ଦଳର କାର୍ଯ୍ୟକ୍ରମ ସ୍ଥିର ହୋଇଥାଏ । ଏହି କମିଟିର ତଥା ଦଳର କାର୍ଯ୍ୟ ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଏକ କାର୍ଯ୍ୟକାରୀ କମିଟି (Working Committee) ରହିଅଛି । ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି କାର୍ଯ୍ୟକାରୀ କମିଟିର ସଭାପତି ଅଟନ୍ତି । କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଅଖିଳ ଭାରତ କଂଗ୍ରେସ କମିଟି ଦ୍ୱାରା ନିର୍ବାଚିତ ହୋଇଥାନ୍ତି । କଂଗ୍ରେସର ସମସ୍ତ ଅନୁଷ୍ଠାନ ଏହାର ନିର୍ଦ୍ଦେଶରେ ପରିଚାଳିତ ହୋଇଥାଏ ।

ଏହାବ୍ୟତୀତ ସଂସଦୀୟ କାର୍ଯ୍ୟ ପରିଚାଳନା ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ କରିବାପାଇଁ ସଂସଦୀୟ ବୋର୍ଡ଼ ଅଛି । ଭାରତୀୟ ଜାତୀୟ କଂଗ୍ରେସର ମଧ୍ୟ ପ୍ରତ୍ୟେକ ସ୍ତରରେ ଯୁବ ଓ ଛାତ୍ର ସଂଗଠନ ରହିଅଛି ।

**କଂଗ୍ରେସ ଦଳର ନୀତି ଓ ଆଦର୍ଶ :**

ସ୍ୱାଧୀନତା ପ୍ରାପ୍ତିପରେ କଂଗ୍ରେସର ଆଉ କିଛି କାର୍ଯ୍ୟ ନାହିଁ ବୋଲି କହି ଏହାକୁ ଭାଙ୍ଗି ଦେବାପାଇଁ ମହାତ୍ମାଗାନ୍ଧି ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଭାରତର ରାଜନୀତିକୁ ଜାତୀୟ କଂଗ୍ରେସର ନିୟନ୍ତ୍ରିତ କରିଥିଲା । ଏହାର ମୌଳିକ ନୀତି ଓ ଆଦର୍ଶଗୁଡ଼ିକ ହେଲା –

(କ) ଗଣତନ୍ତ୍ର ପ୍ରତିଷ୍ଠାନ ପ୍ରତିଷ୍ଠା ଓ ଏହାର ସୁରକ୍ଷା ।
(ଖ) ଗଣତାନ୍ତ୍ରିକ ସମାଜବାଦ ନୀତିର ଅନୁସରଣ ।
(ଗ) ସମସ୍ତଙ୍କୁ ଅର୍ଥନୀତିକ ସୁରକ୍ଷା ପ୍ରଦାନ ।
(ଘ) ଧର୍ମନିରପେକ୍ଷତା ଓ ସମାନତା ପ୍ରତିଷ୍ଠା ।
(ଙ) ମିଶ୍ରିତ ଅର୍ଥନୀତି ପ୍ରତିଷ୍ଠା ଓ ଜନମଙ୍ଗଳ ରାଷ୍ଟ୍ର ଗଠନ ।
(ଚ) ଯୋଜନାବଦ୍ଧ ଅର୍ଥନୀତି ଅନୁସରଣ ।
(ଛ) ଲଘୁ ତଥା ଗୁରୁଶିଳ୍ପ ପ୍ରତିଷ୍ଠା ଓ କୁଟୀର ଶିଳ୍ପକୁ ପ୍ରୋତ୍ସାହନ ।
(ଜ) ଉତ୍ପାଦନ ବୃଦ୍ଧି ଓ ସୁଷମ ବଣ୍ଟନ ବ୍ୟବସ୍ଥା ପ୍ରଚଳନ ।
(ଝ) ଆନ୍ତର୍ଜାତିକ ବୁଝାମଣା ଓ ଗୋଷ୍ଠୀ ନିରପେକ୍ଷତା ।
(ଞ) କ୍ଷମତାର ବିକେନ୍ଦ୍ରୀକରଣ ଓ ପଞ୍ଚାୟତିରାଜ ତଥା ନଗରପାଳିକା ସଂସ୍ଥାର ପୁନର୍ବିନ୍ୟାସ ।
(ଟ) ନାଗରିକମାନଙ୍କ ପାଇଁ ଆତ୍ମନିଯୁକ୍ତିର ବ୍ୟାପକ ବ୍ୟବସ୍ଥା ।

ବିଗତ କେତେବର୍ଷ ଧରି ଭାରତୀୟ ଜାତୀୟ କଂଗ୍ରେସର ପ୍ରାଧାନ୍ୟ ହ୍ରାସ ପାଇଥିଲେ ମଧ୍ୟ ଏହା ଏବେ ମଧ୍ୟ ଭାରତର ସର୍ବଶ୍ରେଷ୍ଠ ରାଜନୈତିକ ଦଳଭାବେ ପ୍ରତିଷ୍ଠା ଲାଭ କରିଅଛି ।

**ପ୍ର.୧୨. ଭାରତରେ ଥିବା ଆଞ୍ଚଳିକ ଦଳମାନଙ୍କ ସମ୍ବନ୍ଧରେ ସଂକ୍ଷେପରେ ଆଲୋଚନା କର ।**

**(Write a brief note on Regional Parties in India.)**

**ଉ.** ଯେଉଁ ରାଜନୈତିକ ଦଳ ଗୋଟିଏ ରାଜ୍ୟରେ ମୋଟ ଭୋଟର ଅନ୍ୟୂନ ୪ ଶତାଂଶ ଭୋଟ ପାଇଥାଏ ତାହାକୁ ଆଞ୍ଚଳିକ ଦଳ କୁହାଯାଏ । ବିଗତ କେତେବର୍ଷ ହେବ ଭାରତୀୟ ରାଜନୀତିରେ ଆଞ୍ଚଳିକ ଦଳମାନଙ୍କର ପ୍ରାଧାନ୍ୟ ବୃଦ୍ଧି

ପାଇଅଛି । ଆଞ୍ଚଳିକ ଉନ୍ନତି ନାମରେ ସ୍ଥାନୀୟ ଲୋକମାନଙ୍କର ଅନୁକମ୍ପା ଓ ସମର୍ଥନ ଲାଭ କରି ଏମାନଙ୍କ ମଧ୍ୟରୁ ଅନେକ ରାଜ୍ୟମାନଙ୍କରେ ଶାସନ କ୍ଷମତା ଲାଭ କରିଛନ୍ତି । ଭାରତର ବିଭିନ୍ନ ରାଜ୍ୟରେ ପ୍ରଭାବ ବିସ୍ତାର କରିଥିବା ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ହେଲା :

**(୧) ଦ୍ରାବିଡ଼ ମୁନେତ୍ରା କାଜାଗାମ୍ (DMK) ଓ ଅଖିଳ ଭାରତ ଆନ୍ନା ଦ୍ରାବିଡ଼ ମୁନେତ୍ରା କାଜାଗାମ୍ :** AIADMK ତାମିଲନାଡୁ ଓ ପଣ୍ଡିଚେରୀର ଏକ ପ୍ରମୁଖ ଆଞ୍ଚଳିକ ଦଳ । ଆର୍ଯ୍ୟ ସଂସ୍କୃତି ଓ ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟକୁ ବିରୋଧ କରି ମାଡ୍ରାସ୍ (ଚେନାଇ)ରେ ଏକ ଆନ୍ଦୋଳନ ହୋଇଥିଲା । ଏହି ଆନ୍ଦୋଳନ କ୍ରମେ ତୀବ୍ରତର ହେଲା ଓ ଶାସନ କ୍ଷମତା ବ୍ରାହ୍ମଣମାନଙ୍କ ହାତରୁ ଦ୍ରାବିଡ଼ମାନଙ୍କୁ ହାତକୁ ଖସି ଆସିଲା । ୧୯୫୪ ମସିହାରେ ଏହି ଆନ୍ଦୋଳନର ନେତା ସି.ଏନ୍.ଆନ୍ନାଦୁରାଇଙ୍କ ନେତୃତ୍ୱରେ DMK ଦଳ ଗଠିତ ହୋଇଥିଲା । ଏହି ଦଳ ୧୯୫୭ ମସିହାରେ ପ୍ରଥମେ ରାଜ୍ୟ ବିଧାନସଭା ନିର୍ବାଚନରେ ଅଂଶ ଗ୍ରହଣ କରିଥିଲା । କିନ୍ତୁ ୧୯୬୬ ମସିହାରେ ଏହି ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ଶ୍ରୀ ଆନ୍ନା ଦୁରାଇଙ୍କ ନେତୃତ୍ୱରେ ରାଜ୍ୟରେ ସରକାର ଗଠନ କରିଥିଲା । ଆନ୍ନା ଦୁରାଇଙ୍କ ପରେ ଶ୍ରୀ କରୁଣାନିଧି ଏହି ଦଳର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି ।

୧୯୭୨ ମସିହାରେ ତାମିଲ ଚିତ୍ରତାରକା ତଥା DMK ନେତା ଶ୍ରୀଯୁକ୍ତ ଏମ.ଜି.ରାମଚନ୍ଦ୍ରନ୍ ଏହି ଦଳରୁ ବହିଷ୍କୃତ ହୋଇ ADMK ନାମରେ ଏକ ନୂତନ ଦଳ ଗଠନ କରିଥିଲେ । ପରବର୍ତ୍ତୀ କାଳରେ ଏହି ଦଳ ତା'ର ନାମ ପରିବର୍ତ୍ତନ କରି AIADMKରେ ପରିଣତ ହୋଇଥିଲା । ୧୯୭୭ ମସିହାରେ ଏହି ଦଳ ରାଜ୍ୟ ବିଧାନସଭା ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ହାସଲ କରି ରାମଚନ୍ଦ୍ରନ୍ଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଠନ କରିଥିଲା । ଏମ୍.ଜି. ରାମଚନ୍ଦ୍ରନଙ୍କ ମୃତ୍ୟୁପରେ ସୁଶ୍ରୀ ଜୟଲଳିତାଙ୍କ ନେତୃତ୍ୱରେ ଏହି ଦଳ ବର୍ତ୍ତମାନ ତାମିଲନାଡୁରେ ସରକାର ଗଠନ କରିଥିଲା ।

ସୁଶ୍ରୀ ଜୟଲଳିତାଙ୍କ ମୃତ୍ୟୁ ପରେ ପନିରସେଲଭମ୍ଙ୍କ ନେତୃତ୍ୱରେ AIADMK ତାମିଲନାଡୁରେ ସରକାର ଗଠନ କରିଅଛି ।

ସୁତରାଂ, DMK ଓ AIADMK ତାମିଲନାଡୁରେ ପର୍ଯ୍ୟାୟକ୍ରମେ ଶାସନ କରୁଛନ୍ତି ।

**(୨) ଅକାଳୀ ଦଳ :** ପଞ୍ଜାବ ପ୍ରଦେଶର ଅକାଳୀ ଦଳ ଏକ ଆଞ୍ଚଳିକ ଦଳ ଅଟେ । ଏହି ଦଳ ୧୯୨୦ ମସିହାରେ ପ୍ରତିଷ୍ଠିତ ହୋଇଥିଲା । କିନ୍ତୁ ୧୯୬୦ ମସିହାରେ ଶିଖ୍ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଦାବି କରି ଆନ୍ଦୋଳନ କରିବାରୁ ଏହାର ପ୍ରଭାବ ଯଥେଷ୍ଟ ବୃଦ୍ଧି ପାଇଥିଲା । ଯଦିଓ ଏହି ଦଳ ନିଜକୁ ଧର୍ମନିରପେକ୍ଷ ବୋଲି ଦାବି କରେ ତଥାପି ଏହି ଦଳ ଧର୍ମ ନାମରେ ନିଜକୁ ଶକ୍ତିଶାଳୀ କରିଛି । ସମସ୍ତ ଗୁରୁଦ୍ୱାରର ସର୍ବୋଚ୍ଚ ପରିଚାଳନା ପରିଷଦ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି ଅକାଳୀ ଦଳ ଦ୍ୱାରା ନିୟନ୍ତ୍ରିତ । ରାଜ୍ୟମାନଙ୍କୁ ଅଧିକ କ୍ଷମତା ପ୍ରଦାନ ଓ କେନ୍ଦ୍ର ରାଜ୍ୟ ସମ୍ପର୍କର ପୁନର୍ଗଠନ କରିବା ଅକାଳୀ ଦଳର ଲକ୍ଷ୍ୟ । ଅକାଳୀ ଦଳ ମଧ୍ୟ ସ୍ୱତନ୍ତ୍ର ଖଲିସ୍ତାନ ରାଜ୍ୟ ଦାବି କରୁଥିଲା । କେନ୍ଦ୍ରରେ ଜାତୀୟ ସାମୁଖ୍ୟର ଅଂଶୀଦାର ଦଳ ଥିଲା ।

**(୩) ତେଲୁଗୁ ଦେଶମ୍ ପାର୍ଟି :** ତେଲୁଗୁ ଦେଶମ୍ ପାର୍ଟି ଆନ୍ଧ୍ର ପ୍ରଦେଶର ପ୍ରଧାନ ଆଞ୍ଚଳିକ ଦଳ । ଏହି ଦଳ ବର୍ତ୍ତମାନ ଆନ୍ଧ୍ର ପ୍ରଦେଶରେ ସରକାର ଗଠନ କରିଛି ଏବଂ କେନ୍ଦ୍ରରେ ଗଠିତ NDA ସରକାରର ମୁଖ୍ୟ ଅଂଶୀଦାର । ୧୯୮୨ ମସିହାରେ ଏହି ଦଳ ନନ୍ଦମୂରୀ ତାରକା ରାମାରାଓଙ୍କ ନେତୃତ୍ୱରେ ଗଠିତ ହୋଇଥିଲା । ତେଲୁଗୁ ଭାଷାକୁ ସରକାରୀ ଭାଷାରେ ପରିଣତ କରିବା ଏହି ଦଳର ପ୍ରତିଜ୍ଞାବଦ୍ଧ ଅଟେ । ନାରୀମାନଙ୍କ ପାଇଁ ନିରାପତ୍ତା, କମ୍ ଦରରେ ଚାଉଳ ଯୋଗାଇବା, ବେକାରୀ ଭତ୍ତା, ରାଜ୍ୟକୁ ଅଧିକ କ୍ଷମତା ପ୍ରଦାନ କରିବା ଏହି ଦଳର ନୀତି ଅଟେ । ଆନ୍ଧ୍ର ପ୍ରଦେଶରେ ଏହି ଦଳ ୧୯୮୩ ଓ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲା । ୧୯୮୫ ମସିହା ଲୋକସଭା ନିର୍ବାଚନରେ ଏହି ଦଳ ବିରୋଧୀ ଦଳ ଭାବେ କାର୍ଯ୍ୟ କରିଥିଲା । କିନ୍ତୁ ୧.୯୮୯ ବିଧାନସଭା ନିର୍ବାଚନରେ ଏହି ଦଳ ପରାଜିତ ହୋଇଥିଲା । ୧୯୯୪ ମସିହା ଠାରୁ ୨୦୦୪ ମସିହା ପର୍ଯ୍ୟନ୍ତ ଏହି ଦଳ ରାଜ୍ୟରେ ଶାସନ କ୍ଷମତାରେ ରହିଥିଲା । ବର୍ତ୍ତମାନ ଏହି ଦଳ ଆନ୍ଧ୍ରପ୍ରଦେଶରେ ଶାସନ କରୁଅଛି । ନବଗଠିତ ତେଲେଙ୍ଗାନା ରାଜ୍ୟର ମଧ୍ୟ ଏହି ଦଳର ପ୍ରଭାବ ରହିଅଛି ।

**(୪) ଆସାମ ଗଣପରିଷଦ :** ୧୯୮୦ ମସିହାରେ ଆସାମରେ ବିଦେଶୀ ଅନୁପ୍ରବେଶ ବିରୋଧରେ ଏକ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଛାତ୍ରନେତା ଶ୍ରୀଯୁକ୍ତ ପ୍ରଫୁଲ ଚନ୍ଦ୍ର ମହନ୍ତ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୮୫ ମସିହାରେ ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ କେତେକ ଛାତ୍ରନେତା, ପ୍ରଫୁଲ ମହନ୍ତଙ୍କ ନେତୃତ୍ୱରେ ଆସାମ ଗଣ ପରିଷଦ ନାମରେ ଏକ ଆଞ୍ଚଳିକ ଦଳ ଗଠନ କରିଥିଲା । ୧୯୮୫ ମସିହା ଆସାମ ବିଧାନସଭା ନିର୍ବାଚନରେ ଏହି ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ଶ୍ରୀଯୁକ୍ତ ପ୍ରଫୁଲ ମହନ୍ତଙ୍କ ନେତୃତ୍ୱରେ ସରକାର ଗଠନ କରିଥିଲା । ପରବର୍ତ୍ତୀ ବିଧାନସଭା ନିର୍ବାଚନରେ ଏହି ଦଳ ପରାଜିତ ହୋଇଥିଲା । କିନ୍ତୁ ୧୯୯୬ ବିଧାନସଭା ନିର୍ବାଚନରେ ଏହି ଦଳ ରାଜ୍ୟ ବିଧାନସଭା ନିର୍ବାଚନରେ ବିଜୟ ଲାଭ କରି କ୍ଷମତାକୁ ଫେରିଆସିଲା । ଦ୍ୱାଦଶ ଲୋକସଭା ନିର୍ବାଚନ ପରଠାରୁ ଏହି ଦଳର ଶୋଚନୀୟ ପରାଜୟ ଘଟିଛି ।

**(୫) ବିଜୁ ଜନତା ଦଳ :** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ମୃତ୍ୟୁପରେ ଓଡ଼ିଶାରେ ଜନତା ଦଳର କେତେକ ନେତୃବୃନ୍ଦ ଏକତ୍ରିତ ହୋଇ ଓଡ଼ିଶା ବିଜୁ ଜନତା ଦଳ ନାମରେ ଏକ ନୂତନ ଆଞ୍ଚଳିକ ଦଳ ଗଠନ କରିଥିଲେ । ଏହି ଦଳ ୧୯୯୬ ମସିହା ଡିସେମ୍ବର ୨୬ ତାରିଖରେ ପ୍ରତିଷ୍ଠିତ ହୋଇଥିଲା । ବିଜୁ ପଟ୍ଟନାୟକଙ୍କ ପୁତ୍ର ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଦଳ ପରିଚାଳିତ । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆଶାକୁ ସାକାର କରିବା ଏହି ଦଳର ଲକ୍ଷ୍ୟ ଅଟେ । ଦ୍ୱାଦଶ ଓ ତ୍ରୟୋଦଶ ଲୋକସଭା ନିର୍ବାଚନରେ ଏହି ଦଳ ଭାରତୀୟ ଜନତା ପାର୍ଟି ସହିତ ମେଣ୍ଟ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବିଗତ ୨୦୦୦ ମସିହା ଓ ୨୦୦୪ ମସିହା ବିଧାନସଭା ନିର୍ବାଚନରେ ଏହି ଦଳ ଭାରତୀୟ ଜନତା ପାର୍ଟି ସହ ମେଣ୍ଟ କରି ଉଲ୍ଲେଖନୀୟ ସଫଳତା ହାସଲ କରି ରାଜ୍ୟରେ ମିଳିତ ଶାସନ କରିଥିଲା ୨୦୦୯ ମସିହାଠାରୁ ଏହା ବିଧାନସଭା ନିର୍ବାଚନର ଏକାକୀ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶାସନ କରୁଅଛି ।

**(୬) ରାଷ୍ଟ୍ରୀୟ ଜନତା ଦଳ :** ଜନତା ଦଳର ପୂର୍ବତନ ସଭାପତି ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଲାଲୁ ପ୍ରସାଦ ଯାଦବ ଜନତା ଦଳରୁ ପୃଥକ୍ ହୋଇ ରାଷ୍ଟ୍ରୀୟ ଜନତା ଦଳ ନାମରେ ଏକ ଦଳ ଗଠନ କରିଥିଲେ । ଏହି ଦଳ ବିହାର ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରି ଲାଲୁ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ରାବିଡ଼ି ଦେବୀଙ୍କ ନେତୃତ୍ୱରେ ଶାସନ କରୁଥିଲା । ଏହାକୁ ଏକ ଜାତୀୟ ଦଳରେ ପରିଣତ କରିବା ଲାଲୁଙ୍କ ଉଦ୍ଦେଶ୍ୟ ଅଟେ । ବର୍ତ୍ତମାନ ଏହି ଦଳ ମୁଖ୍ୟମନ୍ତ୍ରୀ ନିତୀଶକୁମାରଙ୍କ ସରକାରରେ ଏକ ଅଂଶୀଦାର ଦଳ ।

**(୭) ତୃଣମୂଳ କଂଗ୍ରେସ :** ପଶ୍ଚିମବଙ୍ଗରୁ ବାମପନ୍ଥୀ ଦଳକୁ ଶାସନରୁ ହଟାଇବାପାଇଁ କଂଗ୍ରେସ ଦଳର ପୁରୁଖା ନେତ୍ରୀ ସୁଶ୍ରୀ ମମତା ବାନାର୍ଜୀ କଂଗ୍ରେସ ଦଳ ତ୍ୟାଗ କରି ପଶ୍ଚିମବଙ୍ଗର କେତେକ ପୁରୁଖା ନେତାଙ୍କୁ ନେଇ ତୃଣମୂଳ କଂଗ୍ରେସ ନାମରେ ଏକ ଆଞ୍ଚଳିକ ଦଳ ଗଠନ କରିଥିଲେ । ଏହି ଦଳ ରାଜ୍ୟ ବିଜେପି ସହିତ ନିର୍ବାଚନ ମେଣ୍ଟ କରି କିଛିଟା ସଫଳତା ହାସଲ କରିଥିଲା ଓ ପରେ ପଶ୍ଚିମବଙ୍ଗରେ ବାମପନ୍ଥୀ ଦଳକୁ ଶାସନରୁ ହଟାଇ ରାଜ୍ୟରେ ଶାସନ କରୁଅଛି । ଏହି ଦଳ କେନ୍ଦ୍ର NDA ସରକାରରେ ମଧ୍ୟ ଅଂଶୀଦାର ଦଳ ଥିଲା ।

**(୮) ଜାତୀୟ ସମ୍ମିଳନୀ (National Conference) :** ଶେଖ ମହମ୍ମଦ ଅବଦୁଲ୍ଲାଙ୍କ ନେତୃତ୍ୱରେ କାଶ୍ମୀରର ଡୋଗ୍ରା ମହାରାଜାଙ୍କ କୁଶାସନ ବିରୁଦ୍ଧରେ ସଂଗ୍ରାମ କରି ଏହି ଦଳ ୧୯୩୦ ମସିହାରେ ଗଠିତ ହୋଇଥିଲା । ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଭାରତୀୟ ଜାତୀୟ କଂଗ୍ରେସ ସହିତ ସୁସମ୍ପର୍କ ରଖିଥିଲା । ଏହି ଦଳର ନେତା ଶେଖ ଅବଦୁଲ୍ଲା ଜାମ୍ମୁ-କାଶ୍ମୀରର ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଶେଖ୍ ଅବଦୁଲ୍ଲାଙ୍କ ମୃତ୍ୟୁପରେ ତାଙ୍କର ପୁତ୍ର ଡକ୍ଟର ଫାରୁକ୍ ଅବଦୁଲ୍ଲା ଦଳର ମୁଖ୍ୟ ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଗତ ଜାମ୍ମୁ-କାଶ୍ମୀର ନିର୍ବାଚନରେ ଏହି ଦଳ ସଂଖ୍ୟାଗରିଷ୍ଠତା ହାସଲ ନ କରିବାରୁ ବିରୋଧୀଭାବେ କାର୍ଯ୍ୟ କରୁଅଛି ।

ଉପରୋକ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଦଳକୁ ବାଦ ଦେଲେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, ହରିଆନା ବିକାଶ ପାର୍ଟି, ସମାଜବାଦୀ ପାର୍ଟି, ଆମ ଆଦମୀ ପାର୍ଟି, ସଂଯୁକ୍ତ ଜନତା, ତେଲେଙ୍ଗନା ରାଷ୍ଟ୍ରୀୟ ସମିତି, ଲୋକଶକ୍ତି, ଶିବସେନା ତାମିଲ ମାନିଲା କଂଗ୍ରେସ, ବିହାର ପିପୁଲସ୍ ପାର୍ଟି, ମିଜୋ ନେସନାଲ ଫ୍ରଣ୍ଟ, ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି, ଫରୱାର୍ଡ଼ ବ୍ଲକ୍

ଇତ୍ୟାଦି ଅନେକ ଆଞ୍ଚଳିକ ଦଳ ରହିଛନ୍ତି । ଭାରତରେ ଜାତୀୟ ଦଳମାନଙ୍କର ପ୍ରାଧାନ୍ୟ ହ୍ରାସ ପାଇବା ଯୋଗୁଁ ଆଞ୍ଚଳିକ ଦଳମାନଙ୍କର ଗୁରୁତ୍ୱ ଦିନକୁ ଦିନ ବୃଦ୍ଧି ପାଉଅଛି । ଆଞ୍ଚଳିକ ଦଳମାନଙ୍କର ଅଭିବୃଦ୍ଧି ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ ।

**ପ୍ର.୧୩. ଭାରତୀୟ ରାଜନୀତିରେ ଦଳବଦଳ ଓ ତା'ର ପ୍ରଭାବ ବର୍ଣ୍ଣନା କର ।**

**(Discuss the politics of defection and its effects in Indian Politics.)**

**ଉ.** ଭାରତରେ ପ୍ରଚଳିତ ସଂସଦୀୟ ସରକାରରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ । ଫଳରେ ଭାରତର ବର୍ତ୍ତମାନ ପ୍ରାୟ ୩୦୦ ରୁ ଅଧିକ ରାଜନୈତିକ ଦଳ ରହନ୍ତି । ସ୍ୱାଧୀନ ଭାରତର ରାଜନୀତିର ଇତିହାସକୁ ସମୀକ୍ଷା କଲେ ସ୍ପଷ୍ଟ ହୁଏ ଯେ, ''ଦଳ ବଦଳ'' ଭାରତୀୟ ରାଜନୀତିର ଏକ ପ୍ରମୁଖ ଘଟଣା । ଭାରତରେ ରାଜନୈତିକ ନେତାମାନେ ପ୍ରାୟତଃ ଦଳ ତ୍ୟାଗ କରି ଅନ୍ୟ ଦଳରେ ଯୋଗ ଦେଇଥାନ୍ତି କିମ୍ବା ନୂତନ ରାଜନୈତିକ ଦଳ ଗଠନ କରିଥାନ୍ତି । ରାଜନୈତିକ ଦଳମାନଙ୍କର ବିଭାଜନ ଓ ମିଶ୍ରଣ ଭାରତରେ ଏକ ନୀତି ଦିନିଆ ଘଟଣା । ଦଳବଦଳ ଯୋଗୁଁ ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇଥାଏ । ସାଧାରଣତଃ ଜଣେ କିମ୍ବା ଏକାଧିକ ବ୍ୟକ୍ତି ଗୋଟିଏ ରାଜନୈତିକ ଦଳ ପରିତ୍ୟାଗ କରି ଅନ୍ୟ ଏକ ରାଜନୈତିକ ଦଳରେ ମିଶିବା ବା ନୂତନ ଦଳ ଗଠନ କରିବାକୁ ଦଳବଦଳ କୁହାଯାଏ । ଅନ୍ୟ ଅର୍ଥରେ ଦଳବଦଳ କହିଲେ ଆନୁଗତ୍ୟ ପ୍ରତ୍ୟାହାର, ଦେଶାନ୍ତର ଗମନ ବା ପାର୍ଶ୍ୱ ପରିବର୍ତ୍ତନକୁ ବୁଝାଇଥାଏ । ଭାରତୀୟ ଭାଷାରେ ଏହାକୁ ମଧ୍ୟ ''ପାର୍ଶ୍ୱ ପରିବର୍ତ୍ତନ'' ବା ''ଆୟା ରାମ ଗୟା ରାମ'' କୁହାଯାଏ । ନିର୍ବାଚନ ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରୁ ଟିକେଟ ପାଇ ବା ପ୍ରାର୍ଥୀ ହୋଇ ସଂସଦ କିମ୍ବା ରାଜ୍ୟ ବିଧାନମଣ୍ଡଳର ସଦସ୍ୟ ହେବା ପରେ ସେହି ଦଳ ତ୍ୟାଗ କରି ଅନ୍ୟ ଦଳରେ ଯୋଗ ଦେଲେ ତାହାକୁ ଦଳବଦଳ କୁହାଯାଏ । ଅର୍ଥାତ୍ ଶାସକ ଦଳରୁ ବିରୋଧି ଦଳକୁ କିମ୍ବା ବିରୋଧି ଦଳରୁ ଶାସକ ଦଳକୁ କିମ୍ବା ଗୋଟିଏ ଦଳରୁ ଅନ୍ୟ ଗୋଟିଏ ଦଳକୁ ଆନୁଗତ୍ୟ ପରିବର୍ତ୍ତନକୁ ଦଳବଦଳ କୁହାଯାଏ ।

ସ୍ୱାଧୀନତା ପରଠାରୁ ୧୯୬୭ ମସିହା ପର୍ଯ୍ୟନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାରତୀୟ ଜାତୀୟ କଂଗ୍ରେସର ଆଧିପତ୍ୟ ଥିବା ଯୋଗୁଁ ଏଠାରେ ଦଳବଦଳର ସ୍ଥାନ ନଥିଲା । ମାତ୍ର ୧୯୬୯ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ବିଭାଜନ ଯୋଗୁଁ ଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଗଣତାନ୍ତ୍ରିକ ଓ ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ଭ୍ରୁକ୍ଷେପ ନକରି ବହୁ ସଂଖ୍ୟାରେ ରାଜନୈତିକ ନେତାମାନେ ଉଭୟ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ଦଳବଦଳ କରିଥିଲେ । ପ୍ରାୟତଃ ୧୯୮୦ ମସିହା ପରେ ଏହି ନୀତି ଉଗ୍ର ରୂପ ଧାରଣ କରିଥିଲା –

**ଦଳବଦଳର କାରଣ :**

ନିମ୍ନଲିଖିତ କାରଣରୁ ଭାରତରେ ଦଳବଦଳ ହୋଇଥାଏ –

(୧) ଅର୍ଥ ଲାଳସା ଓ କ୍ଷମତାର ଲୋଭ ଦଳବଦଳର ପ୍ରଧାନ କାରଣ । ଅନେକ ସମୟରେ ପ୍ରଚୁର ଅର୍ଥ ପାଇବା ଆଶାରେ କିମ୍ବା ମନ୍ତ୍ରୀପଦ ପାଇବା ଆଶାରେ ସାଂସଦ ଓ ବିଧାୟକ ମାନେ ଦଳବଦଳ କରିଥାନ୍ତି ।

(୨) ଦଳୀୟ ନେତୃତ୍ୱର ଅପାରଗତା ମଧ୍ୟ ଦଳବଦଳକୁ ପ୍ରୋତ୍ସାହିତ କରିଥାଏ ।

(୩) ନୀତିଗତ ପାର୍ଥକ୍ୟ ହେତୁ ମଧ୍ୟ ଅନେକ ସମୟରେ ନେତା ମାନେ ଦଳବଦଳ କରିଥାନ୍ତି ।

(୪) ଦଳୀୟ ଆଦର୍ଶ ଓ ମୂଲ୍ୟବୋଧର ସ୍ଖଳନପାଇଁ ମଧ୍ୟ ଦଳବଦଳ କରାଯାଏ ।

(୫) ଆଭ୍ୟନ୍ତରୀଣ ଦଳୀୟ କନ୍ଦଳ ଓ ଆନ୍ତଃ ବିବାଦ ହେତୁ ମଧ୍ୟ ଦଳବଦଳ କରାଯାଇଥାଏ ।

(୬) ବ୍ୟକ୍ତିଗତ ସ୍ୱାର୍ଥ ହିଁ ଦଳବଦଳର ପ୍ରଧାନ କାରଣ ଅଟେ ।

(୭) ଜାତିଗତ ଓ ସାମ୍ପ୍ରଦାୟିକ ମନୋଭାବ ହେତୁ ମଧ୍ୟ କେତେକ ଦଳବଦଳ କରିଥାନ୍ତି ।

**ଦଳବଦଳ ନିରୋଧ କରିବାର ଉପାୟ :**

''ଦଳବଦଳ'' ନିରୋଧ କରିବାର ନିମ୍ନଲିଖିତ ଉପାୟମାନ ରହିଅଛି ।

(୧) ଭାରତରେ ସଂସଦୀୟ ସରକାର ପରିବର୍ତ୍ତେ ରାଷ୍ଟ୍ରପତୀୟ ସରକାର ପ୍ରଚଳିତ ହେବା ଆବଶ୍ୟକ ।

(୨) ପ୍ରତ୍ୟକ୍ଷ ନିର୍ବାଚନ ପରିବର୍ତ୍ତେ ସମାନୁପାତିକ ଭୋଟପ୍ରଥା ପ୍ରଚଳନ ହେଲେ ।

(୩) ବହୁଦଳୀୟ ବ୍ୟବସ୍ଥା ପରିବର୍ତ୍ତେ ଦ୍ୱି-ଦଳୀୟ ବ୍ୟବସ୍ଥା ପ୍ରବର୍ତ୍ତନ ହେଲେ ।

(୪) ଆଦର୍ଶଭିତ୍ତିକ ରାଜନୈତିକ ଦଳଗଠନ ଓ ମୂଲ୍ୟବୋଧଭିତ୍ତିକ ରାଜନୀତି ପ୍ରତିଷ୍ଠା ହୋଇପାରିଲେ ।

(୫) ପ୍ରାର୍ଥୀ ତଥା ଦଳୀୟ ଆଚରଣ ବିଧି ନିର୍ଦ୍ଧାରଣ ଓ ନିର୍ବାଚନ ଆଇନର ସଂଶୋଧନ ଦ୍ୱାରା ଦଳବଦଳକୁ ନିରୋଧ କରାଯାଇପାରିବ ।

(୬) ଦଳବଦଳକାରୀ ବିଧାୟକ ନିଜ ପଦରୁ ଇସ୍ତଫା ଦେଇ ଉକ୍ତ ପଦ ପାଇଁ ପୁନଶ୍ଚ ପ୍ରାର୍ଥିତ୍ୱ ଜାହିର କରିବା ବ୍ୟବସ୍ଥା ଗ୍ରହଣ କରାଯିବା ଆବଶ୍ୟକ ।

(୭) ପ୍ରତ୍ୟେକ ରାଜନୈତିକ ଦଳ ନିଜର ଲକ୍ଷ୍ୟ, ଆଦର୍ଶ ଓ ଦର୍ଶନକୁ ସ୍ପଷ୍ଟ କରିସାରିବା ପରେ ପଞ୍ଜିବଦ୍ଧ ହେବା ଉଚିତ୍ ।

(୮) ମନ୍ତ୍ରିମଣ୍ଡଳର ସଭ୍ୟସଂଖ୍ୟା ନିର୍ଦ୍ଦିଷ୍ଟ ଓ ସୀମିତ ହେବା ଉଚିତ ଓ ଦଳବଦଳକାରୀ ବିଧାୟକମାନଙ୍କୁ ମନ୍ତ୍ରୀପଦ ପାଇଁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ୍ ।

**ଦଳବଦଳ ବିରୋଧ ଆଇନ – ୧୯୮୫**

ଦଳବଦଳକୁ ପ୍ରତିରୋଧ କରିବା ଓ ସଂସଦୀୟ ଗଣତନ୍ତ୍ରକୁ ସୁସ୍ଥ ଓ ବଳିଷ୍ଠ କରିବାପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ପଦକ୍ଷେପ ୧୯୮୫ ମସିହା ଜାନୁଆରୀ ମାସରେ ଗ୍ରହଣ କରାଯାଇଥିଲା । ୧୯୮୫ ମସିହା ଜାନୁଆରୀ ୩୦ ତାରିଖ ଦିନ ୫୨ତମ ସମ୍ବିଧାନ ସଂଶୋଧନ ''ଦଳବଦଳ ବିରୋଧ ଆଇନ'' ଲୋକସଭାରେ ଗୃହୀତ ହୋଇଥିଲା । ଦଳମତ ନିର୍ବିଶେଷରେ ଏହି ବିଲ୍‌ଟି ପ୍ରତ୍ୟେକ ଦଳ ଓ ସଭ୍ୟଙ୍କର ସମ୍ମତି ପାଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏହାକୁ ''ସାଧାରଣ ଜୀବନଧାରାକୁ ନିର୍ମଳ କରିବା ତଥା ନିର୍ବାଚନ ସଂସ୍କାର ଦିଗରେ ଏକ ପ୍ରଥମ ପଦକ୍ଷେପ'' ବୋଲି ଅଭିହିତ କରିଥିଲେ । ଏହି ବିଲ୍‌ଟି ରାଜ୍ୟସଭା ଦ୍ୱାରା ଜାନୁଆରୀ ୩୧ ତାରିଖ ଦିନ ଗୃହୀତ ହୋଇଥିଲା ।

**୫୨ତମ ସଂଶୋଧନ ଆଇନ ବା ଦଳବଦଳ ନିରୋଧ ଆଇନର ବୈଶିଷ୍ଟ୍ୟ :**

**(କ) ଦଳବଦଳ ହେତୁ ସଭ୍ୟପଦ ରଦ୍ଦ ହେବାର ଭିତ୍ତିଭୂମି :**

(୧) ସଂସଦ ବା ରାଜ୍ୟ ବିଧାନମଣ୍ଡଳର ଯେ କୌଣସି ସଦସ୍ୟ ଯଦି ସ୍ୱଇଚ୍ଛାରେ ନିଜ ଦଳର ସଭ୍ୟପଦ ତ୍ୟାଗ କରନ୍ତି କିମ୍ବା ନିଜ ଦଳର ପୂର୍ବ ଅନୁମତି ନ ନେଇ ଭୋଟଦାନ ସମୟରେ ଗୃହରେ ଅନୁପସ୍ଥିତ ରହିଲେ ବା ଦଳୀୟ ନିଷ୍ପତ୍ତି ବିରୁଦ୍ଧାଚରଣ କରି ଗୃହରେ ଭୋଟ ଦେଲେ ଏବଂ ଏହି ଅନୁପସ୍ଥିତ ରହିବା ବା ଭୋଟ ଦାନର ୧୫ ଦିନ ସମୟସୀମା ମଧ୍ୟରେ ଏହାକୁ ଦଳୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କ୍ଷମା କରି ଦିଆ ନଗଲେ ଉକ୍ତ ସଦସ୍ୟ ତାଙ୍କର ସଭ୍ୟପଦ ହରାଇଥାନ୍ତି ।

(୨) ସଂସଦ କିମ୍ବା ରାଜ୍ୟ ବିଧାନମଣ୍ଡଳର କୌଣସି ସଦସ୍ୟ ଗୋଟିଏ ଦଳର ଟିକେଟ୍‌ରେ ନିର୍ବାଚିତ ହେବା ପରେ ଯଦି ଅନ୍ୟ ଗୋଟିଏ ଦଳର ସଦସ୍ୟ ପଦ ଗ୍ରହଣ କରନ୍ତି ତାହାହେଲେ ସେ ନିଜର ସଭ୍ୟପଦ ହରାଇ ଥାନ୍ତି ।

(୩) ସମ୍ବିଧାନର ୯୯ ଓ ୧୮୮ ଧାରା ଦ୍ୱାରା ନିର୍ଦ୍ଧାରିତ ଅନ୍ୟାନ୍ୟ ସର୍ତ୍ତାବଳୀ ପୂରଣ କରୁଥିଲେ ଜଣେ ମନୋନୀତ ସଦସ୍ୟ ନିଜ ପଦ ଗ୍ରହଣ କରିବାର ୬ ମାସ ପରେ ଦଳବଦଳ କଲେ ତାଙ୍କର ସଭ୍ୟପଦ ରଦ୍ଦ ହେବନାହିଁ ।

**(ଖ) ଦଳ ବିଭାଜନ ସମୟରେ ଦଳବଦଳ ନିରୋଧ ଆଇନ ପ୍ରଯୁଜ୍ୟ ହେବ ନାହିଁ :**

ଦଳୀୟ ନିଷ୍ପତ୍ତି ବିରୁଦ୍ଧରେ ଗୃହରେ ଭୋଟ ଦେଲେ ବା ଉକ୍ତ ଭୋଟଦାନ ସମୟରେ ଗୃହରେ ଅନୁପସ୍ଥିତ ରହିଲେ ମଧ୍ୟ ଜଣେ ସଭ୍ୟଙ୍କର ସଭ୍ୟପଦ ରଦ୍ଦ ହେବନାହିଁ । ଯଦି ସେ ଦଳର ଅନ୍ୟୁନ ଏକ ତୃତୀୟାଂଶ ସଭ୍ୟଙ୍କୁ ନେଇ ଗଠିତ ବିଭାଜକ ଗୋଷ୍ଠୀର ଜଣେ ସଦସ୍ୟ ହୋଇଥିବେ । ଏହି ଗୋଷ୍ଠୀ ଏକ ସ୍ୱତନ୍ତ୍ର ରାଜନୈତିକ ଦଳର ମର୍ଯ୍ୟାଦା ପାଇବାପାଇଁ ହକ୍‌ଦାର ଅଟେ ।

**(ଗ) ଦଳ ମିଶ୍ରଣ ସମୟରେ ଏହି ଆଇନ ପ୍ରଯୁଜ୍ୟ ହେବ ନାହିଁ :**

ଯେତେବେଳେ ଗୃହର କୌଣସି ଦଳର ସଭ୍ୟମାନେ ଏକ ନୂତନ ଦଳ ଗଠନ କରନ୍ତି କିମ୍ବା ମିଶ୍ରଣ ପ୍ରକ୍ରିୟାରେ ଗୋଟିଏ ଦଳ ସଂପୂର୍ଣ୍ଣ ଭାବରେ ଅନ୍ୟ ଗୋଟିଏ ଦଳ ସହିତ ମିଶିଯାଏ ଏବଂ ଏହି ଦଳୀୟ ମିଶ୍ରଣ ପ୍ରକ୍ରିୟାକୁ ଅନ୍ୟୂନ ଦୁଇ-ତୃତୀୟାଂଶ ସଦସ୍ୟ ସମର୍ଥନ କରନ୍ତି । ସେତେବେଳେ ଗୋଟିଏ ଦଳର ଟିକଟରେ ନିର୍ବାଚିତ ସଦସ୍ୟଙ୍କର ଦଳବଦଳ ହୋଇଛି ଆଳରେ ସଭ୍ୟପଦ ରଦ୍ଦ କରାଯାଇପାରିବ ନାହିଁ ।

**(ଘ) ଦଳବଦଳ ନିରୋଧ ଆଇନର ଅବ୍ୟାହତ :**

ସଂସଦର ନିମ୍ନ ସଦନ ଓ ରାଜ୍ୟ ବିଧାନସଭାର ବାଚସ୍ପତି ଓ ଉପ-ବାଚସ୍ପତି ଏବଂ ସଂସଦର ଉଚ୍ଚ ସଦନ ଓ ରାଜ୍ୟ ବିଧାନ ପରିଷଦର ଉପାଧ୍ୟକ୍ଷ ଉକ୍ତ ପଦକୁ ନିର୍ବାଚିତ ହୋଇସାରିବା ପରେ ଯଦି ନିଜ ଦଳରୁ ଇସ୍ତଫା ଦିଅନ୍ତି ଓ ନିଜ ପଦରେ ଥିବା ପର୍ଯ୍ୟନ୍ତ ସେ ନିଜର ସ୍ୱାଧୀନତା ବଜାୟ ରଖନ୍ତି ଏବଂ ଉକ୍ତ ପଦବୀ ତ୍ୟାଗ କରିବା ପରେ ଯଦି ସେହି ଦଳ ବା ଅନ୍ୟ କୌଣସି ଦଳର ସଦସ୍ୟତା ଗ୍ରହଣ କରନ୍ତି, ତାହାହେଲେ ଏହି ଆଇନ ସେହି କ୍ଷେତ୍ରରେ ତାଙ୍କ ପ୍ରତି ପ୍ରଯୁଜ୍ୟ ହେବ ନାହିଁ ।

**(ଙ) ଦଳବଦଳ ହେତୁ ସଭ୍ୟପଦ ରଦ୍ଦ ସଂକ୍ରାନ୍ତୀୟ ନିଷ୍ପତ୍ତି :**

ଦଳବଦଳ ବିରୋଧ ଆଇନ ପରିସର ମଧ୍ୟରେ ଯଦି ଜଣେ ସଭ୍ୟଙ୍କର ସଭ୍ୟପଦ ରଦ୍ଦ କରାଯାଏ । ତାହାହେଲେ ଏହି ସଂକ୍ରାନ୍ତୀୟ ନିଷ୍ପତ୍ତି କ୍ଷେତ୍ରରେ ଗୃହର ବାଚସ୍ପତି ବା ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଅଟେ । ସଭ୍ୟପଦ ରଦ୍ଦ ସଂକ୍ରାନ୍ତୀୟ ଗୃହର ଅଧ୍ୟକ୍ଷଙ୍କ ନିଷ୍ପତ୍ତିକୁ କୌଣସି ଆଇନ ଅଦାଲତରେ କୌଣସି କାରଣରୁ ବିରୋଧ ବା ପ୍ରଶ୍ନ କରାଯାଇ ପାରିବ ନାହିଁ । ଦଳବଦଳ ବିରୋଧ ଆଇନ, ରାଜନୈତିକ ଅସ୍ଥିରତା ଓ ଜଟିଳତାକୁ ଦୂର କରି ମୂଲ୍ୟବୋଧଭିତ୍ତିକ ରାଜନୀତି ପ୍ରତିଷ୍ଠା ଓ ସଂସଦୀୟ ଗଣତନ୍ତ୍ରର ସଫଳତା ଦିଗରେ ଏକ ଆସ୍ତିସୂଚକ ପଦକ୍ଷେପ ଅଟେ । ଏହି ଆଇନ ଭାରତରେ ଏକ ନୂତନ ରାଜନୈତିକ ସଂସ୍କୃତିର ମୂଳଦୁଆ **ସ୍ଥାପନ କରିଛି** ।

୫୨ତମ ସମ୍ବିଧାନ ସଂଶୋଧନ ବା ଦଳବଦଳ ବିରୋଧ ଆଇନ କେତେକାଂଶରେ ଦଳବଦଳ ନିୟନ୍ତ୍ରଣ କରିପାରିଥିଲେ ମଧ୍ୟ ଏହାକୁ ସଂପୂର୍ଣ୍ଣ ପରିମାଣରେ ବନ୍ଦ କରିପାରି ନାହିଁ । ଏହି ଆଇନ କାର୍ଯ୍ୟକାରିତାକୁ ନେଇ ବାଚସ୍ପତି ରାଜନୈତିକ ବିବାଦ ଘେରକୁ ଟାଣି ହୋଇ ଯାଇଅଛି । ବର୍ତ୍ତମାନ ପରିସ୍ଥିତିରେ ଏହି ଆଇନରେ କେତେକାଂଶରେ ସଂଶୋଧନ ଆବଶ୍ୟକ । ବାସ୍ତବରେ ଭାରତରେ ରାଜନୈତିକ ସ୍ଥିରତା ପାଇଁ ଏହି ଆଇନ ଏକ ବଳିଷ୍ଠ ପଦକ୍ଷେପ ।

**ପ୍ର.୧୪. ଭାରତର ମେଣ୍ଟ ରାଜନୀତି ସମ୍ବନ୍ଧ ଏକ କ୍ଷୁଦ୍ର ପ୍ରବନ୍ଧ ଲେଖ ।**

**(Write an essay on Coalition Politics in India.)**

**ଉ.** ସାଧାରଣ ଅର୍ଥରେ 'ମେଣ୍ଟ ରାଜନୀତି' କହିଲେ ଏକାଧିକ ରାଜନୈତିକ ଦଳ ପରସ୍ପର ମଧ୍ୟରେ ସହଯୋଗ ଓ ବୁଝାମଣା କରି ନିର୍ବାଚନ ଲଢ଼ିବା କିମ୍ବା ସରକାର ଗଠନ କରିବାର ପ୍ରୟାସକୁ ହିଁ ବୁଝାଇଥାଏ । ଭାରତରେ ପ୍ରଚଳିତ ବହୁଦଳୀୟ ଏବଂ ସଂସଦୀୟ ସରକାରରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଭାବ ହ୍ରାସ ପାଇବା ପରେ ମେଣ୍ଟ ରାଜନୀତିର ଶୁଭାରମ୍ଭ ହୋଇଅଛି । ୧୯୭୭ ମସିହାରୁ ୧୯୭୯ ମସିହା ଶେଷ ଭାଗ ଏବଂ ୧୯୮୯ ମସିହାରୁ ଅଦ୍ୟାବଧି କେନ୍ଦ୍ରରେ ମେଣ୍ଟ ସରକାର ଗଠିତ ହୋଇଅଛି । ଏହା ବ୍ୟତୀତ ବିଭିନ୍ନ ରାଜ୍ୟରେ ମଧ୍ୟ ମେଣ୍ଟ ସରକାର ଅତୀତରେ ବୈଠକ ହୋଇଛି ଏବଂ ଏବେ ମଧ୍ୟ ମେଣ୍ଟ ସରକାର ଶାସନ କ୍ଷମତାରେ ରହିଅଛି । ବର୍ତ୍ତମାନ ଜାତୀୟ ସ୍ତରରେ ଥିବା ଦୁଇଟି ପ୍ରମୁଖ ମେଣ୍ଟ ହେଲା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (NDA) ଓ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (UPA) ।

**ମେଣ୍ଟ ରାଜନୀତିର କାରଣମାନ :**

ଭାରତରେ ମେଣ୍ଟ ରାଜନୀତିର ପ୍ରଭାବ ବୃଦ୍ଧିପାଇଁ ନିମ୍ନଲିଖିତ କାରଣମାନ ମୁଖ୍ୟତଃ ଦାୟୀ ।

(୧) ପ୍ରଚଳିତ ବହୁଦଳୀୟ ବ୍ୟବସ୍ଥା

(୨) ରାଜନୈତିକ ଦଳମାନଙ୍କର ସୁବିଧାବାଦୀ ଚିନ୍ତାଧାରା ।

(୩) ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ କ୍ଷମତାରୁ ହଟାଇବା କିମ୍ବା ଦୂରେଇ ରଖିବା ।

(୪) ରାଜନୈତିକ ଗୋଷ୍ଠୀବାଦ

(୫) ଦଳବଦଳ ରାଜନୀତି ।

(୬) ରାଜନୈତିକ ଧ୍ରୁବିକରଣର ଅଭାବ ଇତ୍ୟାଦି ।

**ମେଣ୍ଟ ରାଜନୀତିର ପ୍ରଭାବ :**

ଭାରତୀୟ ଗଣତନ୍ତ୍ରରେ ମେଣ୍ଟ ରାଜନୀତିର ନିମ୍ନଲିଖିତ ପ୍ରଭାବମାନ ରହିଅଛି ।

**(୧) ରାଜନୈତିକ ଅସମାଞ୍ଜସ୍ୟତା :**

ପରସ୍ପର ବିରୋଧି ଆଦର୍ଶଧର୍ମୀ ରାଜନୈତିକ ଦଳ ନିଜର ରାଜନୈତିକ ସୁବିଧା ବା କ୍ଷମତା ହାସଲ ପାଇଁ ମେଣ୍ଟ ଗଠନ କରୁଥିବାରୁ ସଂସଦୀୟ ଗଣତନ୍ତ୍ରରେ ପରିଲକ୍ଷିତ ହେଉଥିବା ରାଜନୈତିକ ସାମଞ୍ଜସ୍ୟତା ଏଠାରେ ଦେଖିବାକୁ ମିଳୁନାହିଁ ।

**(୨) ସରକାର ମୁଖ୍ୟଙ୍କ କ୍ଷମତା ହ୍ରାସ :**

ଭାରତରେ ଦେଖାଯାଉଥିବା ମେଣ୍ଟ ସରକାରରେ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କ୍ଷମତା ହ୍ରାସ ପାଉଅଛି । ସେମାନେ ନିଜ ଇଚ୍ଛାରେ ମନ୍ତ୍ରିମଣ୍ଡଳ ଗଠନ କରିପାରୁନାହାନ୍ତି କିମ୍ବା ବିଭାଗ ବଣ୍ଟନ କରିପାରୁ ନାହାନ୍ତି । ଅଶୀଂଦାର ଦଳର ମୁଖ୍ୟଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ସମ୍ପାଦନ କରୁଛନ୍ତି । ମନ୍ତ୍ରୀମାନଙ୍କ ମଧ୍ୟରେ ସହଯୋଗ ରକ୍ଷା କରିବା ମଧ୍ୟ କଷ୍ଟସାଧ୍ୟ ହେଉଅଛି ।

**(୩) ମନ୍ତ୍ରିମଣ୍ଡଳର କ୍ଷମତାର ହ୍ରାସ :**

ମେଣ୍ଟ ସରକାରରେ ମନ୍ତ୍ରିମଣ୍ଡଳ ମଧ୍ୟ ତା'ର ନିଜସ୍ୱ କ୍ଷମତା ହରାଇଥାଏ । ଏଠାରେ ସରକାରରେ ସାମିଲ ଅଂଶୀଦାର ଦଳମାନଙ୍କଦ୍ୱାରା ଗଠିତ ସମନ୍ୱୟ କମିଟି ହିଁ ସମସ୍ତ ନିଷ୍ପତ୍ତି ଗ୍ରହଣ କରି ମନ୍ତ୍ରିମଣ୍ଡଳ ଦ୍ୱାରା କାର୍ଯ୍ୟକାରୀ କରାଇଥାଏ ।

**(୪) ରାଷ୍ଟ୍ରମୁଖ୍ୟଙ୍କ କ୍ଷମତାବୃଦ୍ଧି :**

ସଂସଦୀୟ ସରକାରରେ ସାଧାରଣତଃ ରାଷ୍ଟ୍ରମୁଖ୍ୟ ନାମ ମାତ୍ର ଭାବେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ମାତ୍ର ମେଣ୍ଟସରକାରରେ ସରକାର ଗଠନ, ପରିବର୍ତ୍ତନ ଓ ପତନ ବେଳେ ରାଷ୍ଟ୍ରମୁଖ୍ୟ ଅନେକ ସମୟରେ ସକ୍ରିୟ ହୋଇଥାନ୍ତି ।

**(୫) ରାଜନୈତିକ ଅସ୍ଥିରତା :**

ରାଜନୈତିକ ଅସ୍ଥିରତା ମେଣ୍ଟ ରାଜନୀତିର ଏକ ପ୍ରମୁଖ ବୈଶିଷ୍ଟ୍ୟ । ଭାରତରେ ୨୦୦୦ ମସିହାରୁ ଅଦ୍ୟାବଧି ମେଣ୍ଟ ସରକାରକୁ ବାଦନେଲେ ଅନ୍ୟ ସମସ୍ତ ସମୟରେ ମେଣ୍ଟ ସରକାର ପୂରା ସମୟ କ୍ଷମତାରେ ରହିନାହାନ୍ତି । ମେଣ୍ଟ ରାଜନୀତିରେ କେତେବେଳେ ସରକାରର ପତନ ହେବ ତାହା କଳ୍ପନା କରିବା ରାଜନୈତିକ ଜ୍ୟୋତିଷମାନଙ୍କ ପକ୍ଷରେ କଷ୍ଟସାଧ୍ୟ ।

**(୬) ଶକ୍ତିଶାଳୀ ଅମଲାତନ୍ତ୍ର :**

ମେଣ୍ଟ ସରକାରରେ ସରକାରଙ୍କ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ରହିଥିବା ଯୋଗୁ ମନ୍ତ୍ରିମଣ୍ଡଳ ଦୁର୍ବଳ ରହିଥାଏ । ଏହାର ସୁଯୋଗ ନେଇ ଅମଲାତନ୍ତ୍ର ଶକ୍ତିଶାଳୀ ହୋଇଥାଏ ।

**ଭାରତରେ ଦେଖାଯାଇଥିବା ମେଣ୍ଟ ସରକାର :**

୧୯୭୭ରୁ ୧୯୭୯ ମସିହା ପର୍ଯ୍ୟନ୍ତ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ପରିଚାଳିତ ଜନତା ପାର୍ଟିର ସରକାର ଥିଲା ଭାରତର ପ୍ରଥମ ମେଣ୍ଟ ସରକାର । ମୋରାରଜୀଙ୍କ ଇସ୍ତଫାପରେ ଚୌଧୁରୀ ଚରଣ ସିଂହଙ୍କ ନେତୃତ୍ୱରେ ମେଣ୍ଟ ସରକାର ଲୋକସଭାରେ ଆସ୍ଥା ଭୋଟରେ ପରାଜୟ ହେବା ପୂର୍ବରୁ ଇସ୍ତଫା ପ୍ରଦାନ କରି ଜୁଲାଇ ୧୯୭୯ରୁ ଜାନୁଆରୀ ୧୪, ୧୯୮୦ ପର୍ଯ୍ୟନ୍ତ ଅସ୍ଥାୟୀ ସରକାରଭାବେ କାର୍ଯ୍ୟ କରିଥିଲା । ୧୯୮୯ ମସିହାରେ ବିଶ୍ୱନାଥ ପ୍ରତାପ ସିଂହଙ୍କ ନେତୃତ୍ୱରେ ଜାତୀୟ ସାମୁଖ୍ୟ ମାତ୍ର ୧୧ ମାସ କ୍ଷମତାରେ ରହିଥିଲା । ତାପରେ ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ ମେଣ୍ଟ ସରକାର ୮ ମାସ କ୍ଷମତାରେ ରହିଥିଲା । ୧୯୯୬ ମସିହାର ସାଧାରଣ ନିର୍ବାଚନ ପରେ ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ୧୩ ଦଳ ବିଶିଷ୍ଟ ମେଣ୍ଟ ସରକାର ମାତ୍ର ୧୩ ଦିନ କ୍ଷମତାରେ ରହିଥିଲା । ପରେ ପରେ ଦେବଗୌଡ଼ାଙ୍କ ନେତୃତ୍ୱରେ ଜାତୀୟ ସାମୁଖ୍ୟ ଓ ଇନ୍ଦ୍ରକୁମାର ଗୁଜୁରାଲଙ୍କ ସରକାର ଅଳ୍ପ ସମୟ କ୍ଷମତାରେ ରହିଥିଲେ । ୧୯୯୮ ମାର୍ଚ୍ଚ ୧୯ ରୁ ୧୯୯୯ ଅକ୍ଟୋବର ପର୍ଯ୍ୟନ୍ତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏକ ୧୩ ଦଳବିଶିଷ୍ଟ ମେଣ୍ଟ ଶାସନ କ୍ଷମତାରେ ରହିଥିଲା । ମାତ୍ର ୧୯୯୯ ମସିହାରେ ବି.ଜେ.ପି ନେତୃତ୍ୱରେ ପରିଚାଳିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ପୂରା ୫ ବର୍ଷ କ୍ଷମତାରେ ରହିଥିଲା । ସେହିପରି ୨୦୦୪ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ କଂଗ୍ରେସଦଳ ନେତୃତ୍ୱରେ ପରିଚାଳିତ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ ଲଗାତର ୨ ଥର ୧୦ ବର୍ଷ ପାଇଁ କ୍ଷମତାରେ ରହିଥିଲା । ୨୦୧୪ ସାଧାରଣ ନିର୍ବାଚନରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟକୁ ପରାଜିତ କରି ପୁନର୍ବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରି କେନ୍ଦ୍ରରେ ଶାସନ କରୁଛି । ମାତ୍ର ଏହି ନିର୍ବାଚନରେ ଭାରତୀୟ ଜନତାପାର୍ଟିକୁ ଏକାକୀ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳିଅଛି ।

❑❑❑

| 2 |
|---|
| UNIT |

# ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା-୧
# [ DEMOCRACTIC PROCESS IN INDIA-1]

### ତୃତୀୟ ଅଧ୍ୟାୟ

## ଭାରତରେ ସଂଘୀୟ ବ୍ୟବସ୍ଥା
## [ FEDERALISM IN INDIA ]

**ବୈଶିଷ୍ଟ୍ୟ, କେନ୍ଦ୍ର ଓ ରାଜ୍ୟ ସଂପର୍କ, ଭାରତୀୟ ସଂଘୀୟ ବ୍ୟବସ୍ଥାର ସାମ୍ପ୍ରତିକ ଧାରା**

**Features, Centre-State Relations, Recent Trends in Indian Federalism**

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ସଂଘୀୟ ରାଷ୍ଟ୍ରର ଲକ୍ଷଣମାନ ଆଲୋଚନା କର ।** IMP

**(Discuss the features of a Federal State.)**

ଉ. କ୍ଷମତାର କେନ୍ଦ୍ରୀକରଣ ଓ ବିଭାଜନକୁ ଭିତ୍ତିକରି ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରକୁ ମୁଖ୍ୟତଃ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଥାଏ; ଯଥା– ଐକିକ ରାଷ୍ଟ୍ର ଓ ସଂଘୀୟ ରାଷ୍ଟ୍ର । ଯେଉଁ ରାଷ୍ଟ୍ରରେ ଏକ ଲିଖିତ ସମ୍ବିଧାନ କେନ୍ଦ୍ର ଓ ଆଞ୍ଚଳିକ ସରକାର ମଧ୍ୟରେ ଶାସନ କ୍ଷମତା ବଣ୍ଟନ କରିଥାଏ, ତାହାକୁ ସଂଘୀୟ ରାଷ୍ଟ୍ର କୁହାଯାଏ । ଅଧ୍ୟାପକ **ଡାଇସୀଙ୍କ** ମତରେ, ''ଯେଉଁ ରାଜନୈତିକ ପଦ୍ଧତିରେ ଜାତୀୟ ଏକତା ତଥା କ୍ଷମତା ଓ ରାଜ୍ୟର ସ୍ୱାତନ୍ତ୍ର୍ୟ ସଂରକ୍ଷଣ ମଧ୍ୟରେ ସମନ୍ୱୟ ସମ୍ଭବ ହୁଏ, ତାକୁ ସଂଘୀୟ ରାଷ୍ଟ୍ର କୁହାଯାଏ ।'' **ମଣ୍ଟେସ୍କ୍ୟୁଙ୍କ** ମତରେ ''ଯେଉଁଠାରେ କେତେଗୁଡ଼ିଏ ସମଭାବାପନ୍ନ ରାଷ୍ଟ୍ର ଏକ ରାଷ୍ଟ୍ରର ସଭ୍ୟ ହେବାକୁ ସହମତ ପ୍ରକାଶ କରି ଏକ ସରକାର ଗଠନ କରନ୍ତି, ତାକୁ ସଂଘୀୟ ରାଷ୍ଟ୍ର କୁହାଯାଏ ।''

ସାଧାରଣତଃ ସଂଘୀୟ ରାଷ୍ଟ୍ର ଗଠନ ନିମିତ୍ତ ଦୁଇଗୋଟି ପ୍ରଣାଳୀ ଅନୁସୃତ ହୋଇଥାଏ । ଏହି ଦୁଇଟି ପ୍ରଣାଳୀକୁ ନେଇ ରାଷ୍ଟ୍ରସଂଘ ଗୁଡ଼ିକୁ କେନ୍ଦ୍ରାଭିମୁଖୀ ରାଷ୍ଟ୍ରସଂଘ ଓ ବିକେନ୍ଦ୍ରୀମୁଖୀ ରାଷ୍ଟ୍ରସଂଘରେ ବିଭକ୍ତ କରାଯାଇଥାଏ ।

**ସଂଘୀୟ ରାଷ୍ଟ୍ରର ଲକ୍ଷଣ:**

**(୧) ସାମ୍ବିଧାନିକ କ୍ଷମତା ବଣ୍ଟନ–** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସାମ୍ବିଧାନିକ କ୍ଷମତା ବଣ୍ଟନ ସଂଘୀୟ ରାଷ୍ଟ୍ରର ମୁଖ୍ୟ ଲକ୍ଷଣ । ଏଠାରେ ଏକ ଲିଖିତ ସମ୍ବିଧାନ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମଧ୍ୟରେ କ୍ଷମତା ବଣ୍ଟନ କରିଥାନ୍ତି । ଏହାଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଜର ସ୍ୱାତନ୍ତ୍ର୍ୟ ରକ୍ଷାକରିଥାନ୍ତି । ସେମାନେ ନିଜ ବର୍ଣ୍ଣିତ ପରିସର ମଧ୍ୟରେ ସ୍ୱାଧୀନ ଭାବେ ଶାସନ କାର୍ଯ୍ୟ ପରିଚାଳନା କରିଥାନ୍ତି । ଜାତୀୟ ସ୍ୱାର୍ଥସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ବିଷୟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଉଥିବା ବେଳେ ଆଞ୍ଚଳିକ ସମସ୍ୟା ସହିତ ଜଡ଼ିତ ବିଷୟକୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥାଏ । ଅବଶିଷ୍ଟ

କ୍ଷମତାକୁ କେତେକ ରାଷ୍ଟ୍ର କେନ୍ଦ୍ର ସରକାର ଉପଭୋଗ କରୁଥିବାବେଳେ କେତେକ ରାଷ୍ଟ୍ରରେ ଏହାକୁ ରାଜ୍ୟସରକାର ଉପଭୋଗ କରନ୍ତି ।

**(୨) ଦ୍ୱୈତ ସରକାର–** ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନାମରେ ଦୁଇଟି ଶାସନ ସଂସ୍ଥା ଥାଏ । ଉଭୟଙ୍କ କାର୍ଯ୍ୟ ପରିସର ନିର୍ଦ୍ଧାରିତ ଓ ନିର୍ଣ୍ଣୀତ । ଦେଶର ଏକତା ଓ ଅଖଣ୍ଡତାକୁ ପ୍ରାଧାନ୍ୟ ଦେବା ସହିତ ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଗୁରୁତ୍ୱ ଦେଇଥାଏ ।

**(୩) ଲିଖିତ ଓ ଅନମନୀୟ ସମ୍ବିଧାନ–** ସଂଘୀୟ ରାଷ୍ଟ୍ରର ଏକ ଲିଖିତ ସମ୍ବିଧାନ ନିତ୍ୟାନ୍ତ ଆବଶ୍ୟକ । ଏଠାରେ କେନ୍ଦ୍ର ଓ ରାଜ୍ୟସରକାର ମଧ୍ୟରେ ଏକ ଲିଖିତ ସମ୍ବିଧାନ ମାଧ୍ୟମରେ କ୍ଷମତା ବଣ୍ଟନ ହୋଇଥାଏ । ସଂଘୀୟ ରାଷ୍ଟ୍ରରେ କ୍ଷମତା ବଣ୍ଟନ ସ୍ପଷ୍ଟ ଭାବରେ ଉଲ୍ଲେଖ ନ ହେଲେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ପରିସର ନେଇ ବିବାଦ ହେବାର ସମ୍ଭାବନା ଥାଏ । ଏହା ବ୍ୟତୀତ ସଂଘୀୟ ରାଷ୍ଟ୍ରର ସମ୍ବିଧାନ ସଂଶୋଧନ ପ୍ରଣାଳୀ କଷ୍ଟସାଧ୍ୟ ଯଦି ଏହି ରାଷ୍ଟ୍ରର ସମ୍ବିଧାନ ନମନୀୟ ହୁଏ, ତାହାହେଲେ କେନ୍ଦ୍ରସରକାର ଏହାର ସୁଯୋଗ ନେଇ ନିଜକୁ ସୁହାଇଲା ଭଳି ସଂଶୋଧନ କରି କ୍ଷମତା ବଣ୍ଟନ ନୀତିର ପରିବର୍ତ୍ତନ କରିଥାନ୍ତି ।

**(୪) ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ–** ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କୌଣସି କାରଣ ଯୋଗୁଁ ବିବାଦ ଦେଖାଦେଲେ ତାହାର ସମାଧାନ ପାଇଁ ଏଠାରେ ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ ରହିଥାଏ । ଏହି ନ୍ୟାୟାଳୟର ନିଷ୍ପତ୍ତିକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନିଥାନ୍ତି ।

**(୫) ଦ୍ୱି-ସଦନୀୟ ବ୍ୟବସ୍ଥା–** ସଂଘୀୟ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟବସ୍ଥାପିକା ଦ୍ୱି-ସଦନୀୟ ଅଟେ । ଏଠାରେ ନିମ୍ନକକ୍ଷ ଲୋକମାନଙ୍କର ସ୍ୱାର୍ଥକୁ ଉପସ୍ଥାପିତ କରୁଥିବା ବେଳେ ଉଚ୍ଚକକ୍ଷ ରାଜ୍ୟମାନଙ୍କର ସ୍ୱାର୍ଥକୁ ପ୍ରତିଫଳିତ କରିଥାଏ । ଅର୍ଥାତ୍ ଉଚ୍ଚସଦନ ସଂଘୀୟ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରିଥାଏ ।

ପ୍ର.୨. **ରାଷ୍ଟ୍ରସଂଘ ବା ସଂଘୀୟ ରାଷ୍ଟ୍ର କହିଲେ କ'ଣ ବୁଝ ? ରାଷ୍ଟ୍ରସଂଘ ଗଠନ ପାଇଁ ମୌଳିକ ଆବଶ୍ୟକତାମାନ କ'ଣ ?**
**What do you mean by Federal State ? Explain the pre-requisite conditions to form a Federal State.**

**ଉ.** ଶାସନ କ୍ଷମତାର କେନ୍ଦ୍ରୀକରଣ ଓ ବଣ୍ଟନକୁ ଭିତ୍ତିକରି ଆଧୁନିକ ରାଷ୍ଟ୍ରମାନଙ୍କୁ ସାଧାରଣତଃ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଥାଏ, ଯଥା– ଐକିକ ରାଷ୍ଟ୍ର ଓ ସଂଘୀୟ ରାଷ୍ଟ୍ର । ଯେଉଁ ରାଷ୍ଟ୍ରରେ ଶାସନ କ୍ଷମତା କେବଳ ଗୋଟିଏ କେନ୍ଦ୍ର ସରକାର ହାତରେ କେନ୍ଦ୍ରୀଭୂତ ନହୋଇ ଉଭୟ କେନ୍ଦ୍ର ଓ ଆଞ୍ଚଳିକ ବା ପ୍ରାଦେଶିକ ସରକାର ମଧ୍ୟରେ ବଣ୍ଟନ ହୋଇଥାଏ; ତାହାକୁ ରାଷ୍ଟ୍ରସଂଘ ବା ସଂଘୀୟ ରାଷ୍ଟ୍ର କୁହାଯାଏ । **ଡାଇସୀ**ଙ୍କ ମତରେ ''ସଂଘୀୟ ରାଷ୍ଟ୍ରର ଅର୍ଥ ସମ୍ବିଧାନ ଦ୍ୱାରା ସୃଷ୍ଟ ଓ ନିୟନ୍ତ୍ରିତ ସହଯୋଗୀ ସଂସ୍ଥାମାନଙ୍କ ମଧ୍ୟରେ ରାଷ୍ଟ୍ରର ଶାସନ କ୍ଷମତାର ବଣ୍ଟନ କରାଯିବା । **ମଣ୍ଟେସ୍କୁଙ୍କ** ମତରେ ''ଯେଉଁଠାରେ କେତେଗୁଡ଼ିଏ ସମଭାବାପନ୍ନ ରାଷ୍ଟ୍ର ଏକ ରାଷ୍ଟ୍ରର ସହ୍ୟ ହେବାକୁ ସହମତ ପ୍ରକାଶ କରି ଏକ ସରକାର ଗଠନ କରନ୍ତି, ତାହାକୁ ସଂଘୀୟ ରାଷ୍ଟ୍ର କୁହାଯାଏ ।'' ସୁତରାଂ, ସଂଘୀୟ ରାଷ୍ଟ୍ର ହେଉଛି ସେହି ରାଷ୍ଟ୍ର କେଉଁ ଠାରେ ଏକ ଲିଖିତ ସମ୍ବିଧାନ ଦ୍ୱାରା ଶାସନ କ୍ଷମତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବଣ୍ଟନ କରାଯିବା ସହିତ ସେହି ସାମ୍ବିଧାନିକ କ୍ଷମତା ବଣ୍ଟନକୁ ଏକ ସ୍ୱାଧୀନ ନ୍ୟାୟପାଳିକା ଦ୍ୱାରା ସୁରକ୍ଷିତ କରାଯାଇଥାଏ ।

**ରାଷ୍ଟ୍ରସଂଘ ବା ସଂଘୀୟ ରାଷ୍ଟ୍ର ଗଠନର ଆବଶ୍ୟକୀୟ ସର୍ତ୍ତ :**

ପୃଥିବୀରେ ଦେଖାଯାଉଥିବା ପ୍ରତ୍ୟେକ ସଂଘୀୟ ରାଷ୍ଟ୍ରର ଉତ୍ପତ୍ତି ଓ କାର୍ଯ୍ୟରୂପ ସମାନ ନୁହେଁ । ଏହା ସତ୍ତ୍ୱେ ଏକ ଆଦର୍ଶ ସଂଘୀୟ ରାଷ୍ଟ୍ର ବା ରାଷ୍ଟ୍ର ସଂଘ ଗଠନ ଓ ତାହାର ସଫଳ କାର୍ଯ୍ୟକାରିତା ପାଇଁ କେତେକ ପ୍ରାକ୍ ସର୍ତ୍ତମାନ ରହିଅଛି । ସେଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**(୧) ସଂଘ ଗଠନ କରିବାର ସାଧାରଣ ଇଚ୍ଛା :**

ସ୍ୱାଧୀନ ଏବଂ ସାର୍ବଭୌମ ରାଷ୍ଟ୍ରମାନେ ମିଳିତ ହୋଇ ରାଷ୍ଟ୍ରସଂଘ ଗଠନ କରିବା ପାଇଁ ସାଧାରଣ ଆଗ୍ରହ ପ୍ରକାଶ କରିବା ରାଷ୍ଟ୍ର ସଂଘର ଏକ ପ୍ରାକ୍ ଆବଶ୍ୟକତା । ମାତ୍ର ଇଚ୍ଛୁକ ରାଷ୍ଟ୍ରମାନେ ରାଷ୍ଟ୍ର ସଂଘରେ ସମ୍ପୂର୍ଣ୍ଣ ବିଲୀନ ନହୋଇ ନିଜ ନିଜର ବ୍ୟକ୍ତିସତ୍ତା ବଜାୟ ରଖିବା ଆବଶ୍ୟକ । ନଚେତ୍ ଏହା ରାଷ୍ଟ୍ର ସଂଘ ପରିବର୍ତ୍ତେ ଐକିକ ରାଷ୍ଟ୍ର ହୋଇଯିବ ।

**(୨) ଭୌଗୋଳିକ ସଂଲଗ୍ନତା :**

ସଫଳ ରାଷ୍ଟ୍ରସଂଘ ହେବା ପାଇଁ ଇଚ୍ଛୁକ ରାଷ୍ଟ୍ର ବା ରାଜ୍ୟମାନଙ୍କର ଭୌଗୋଳିକ ସଂଲଗ୍ନତା ଆବଶ୍ୟକ । କାରଣ ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଏକ ସାଧାରଣ ଚିନ୍ତା ଓ ଚେତନା ଜାଗ୍ରତ ହୋଇଥାଏ ଓ ଜାତୀୟ ଐକ୍ୟ ପ୍ରତିଷ୍ଠା ସମ୍ଭବ ହୋଇଥାଏ । ଭୌଗୋଳିକ ଦୃଷ୍ଟିରୁ ବିଭିନ୍ନ ଅଞ୍ଚଳମାନଙ୍କରେ ଏଭଳି ଭାବନା ଓ ଐକ୍ୟ ପ୍ରତିଷ୍ଠା ସହଜ ହୋଇନଥାଏ । ଏହା ରାଷ୍ଟ୍ରସଂଘ ପାଇଁ ଅନୁକୂଳ ନୁହେଁ ।

**(୩) ସାମାଜିକ ଓ ରାଜନୈତିକ ସାଦୃଶ୍ୟ :**

ରାଷ୍ଟ୍ରସଂଘକାମୀ ସଦସ୍ୟମାନଙ୍କର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ପରମ୍ପରା, ମୂଲ୍ୟବୋଧ ଓ ଅନୁଷ୍ଠାନମାନଙ୍କ ମଧ୍ୟରେ ଯଥେଷ୍ଟ ସାମଞ୍ଜସ୍ୟ ରହିବା ଉଚିତ । ଯଦି ସେଗୁଡ଼ିକ ସାମାଜିକ ଓ ରାଜନୈତିକ ଦୃଷ୍ଟିକୋଣରୁ ପରସ୍ପର ବିରୋଧୀ ହୋଇଥାନ୍ତି, ତେବେ ତାହାର ପ୍ରଭାବ ରାଷ୍ଟ୍ରସଂଘ ଉପରେ ପଡ଼ିଥାଏ ।

**(୪) ଜାତୀୟ ଚେତନା :**

ରାଷ୍ଟ୍ରସଂଘର ଅନ୍ତର୍ଭୁକ୍ତ ସଦସ୍ୟମାନେ ନିଜର ସଂକୀର୍ଣ୍ଣ, ଆଞ୍ଚଳିକ ଏବଂ ପୂର୍ବ ପରିଚୟ ତ୍ୟାଗକରି ଜାତୀୟ ସ୍ରୋତରେ ସାମିଲ ହେବା ପାଇଁ ପ୍ରୟାସ କରିବା ଆବଶ୍ୟକ । ଆଞ୍ଚଳିକ ଅହଂକାର ରାଷ୍ଟ୍ରସଂଘର ଜାତୀୟ ଭାବନାକୁ ନଷ୍ଟ କରିଥାଏ । ଫଳରେ ରାଷ୍ଟ୍ରସଂଘ ଗଠନର ଉଦ୍ଦେଶ୍ୟ ସଫଳ ହୁଏ ନାହିଁ । ରାଷ୍ଟ୍ର ଜନସାଧାରଣ ଦେଶପ୍ରେମ ମାଧ୍ୟମରେ ଜାତୀୟ ଐକ୍ୟ ଓ ସଂହତି ପ୍ରତିଷ୍ଠା କରିବା ଆବଶ୍ୟକ ।

**(୫) ସମାନ ମର୍ଯ୍ୟାଦା :**

ରାଷ୍ଟ୍ରସଂଘ ଅନ୍ତର୍ଭୁକ୍ତ ପ୍ରତ୍ୟେକ ସଦସ୍ୟ ନିଜର ଆୟତନ, ଜନସଂଖ୍ୟା, ସମ୍ବଳ ଓ କ୍ଷମତା ଦୃଷ୍ଟିରୁ ଭିନ୍ନ ଭିନ୍ନ ହୋଇଥିଲେ ହେଁ ସେମାନଙ୍କର ସମାନ ମର୍ଯ୍ୟାଦା ରହିବା ଉଚିତ । ପ୍ରଭାବଶାଳୀ ଓ ବୃହତ ରାଷ୍ଟ୍ରମାନେ କ୍ଷୁଦ୍ର ରାଷ୍ଟ୍ରମାନଙ୍କୁ ଦମନ ଓ ଶୋଷଣ କରିବାକୁ ପ୍ରୟାସ କରିବା ଦ୍ୱାରା ରାଷ୍ଟ୍ରସଂଘର ମୌଳିକ ଲକ୍ଷ୍ୟ ବ୍ୟାହତ ହୋଇଥାଏ । ତେଣୁ ସଂଘୀୟ ରାଷ୍ଟ୍ରରେ ସମ୍ବିଧାନ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ରକୁ ସମାନ ମର୍ଯ୍ୟାଦା ଓ ସୁରକ୍ଷା ପ୍ରଦାନ କରିବା ଉଚିତ ।

**(୬) ଅର୍ଥନୈତିକ ସ୍ୱଚ୍ଛଳତା :**

ରାଷ୍ଟ୍ରସଂଘରେ ଦୁଇଟି ସରକାର ରହୁଥିବାରୁ ଏହି ଦୁଇ ସରକାରର ପରିଚାଳନା ପାଇଁ ଅଧିକ ଅର୍ଥର ଆବଶ୍ୟକତା ହୋଇଥାଏ । ଏହି ଖର୍ଚ୍ଚକୁ ମୁକାବିଲା କରିବା ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହେବା ଆବଶ୍ୟକ । ରାଷ୍ଟ୍ରସଂଘରେ ଦୁର୍ବଳ ସ୍ଥିତିରେ ଥିବା ରାଜ୍ୟମାନେ କେନ୍ଦ୍ରରୁ ଉପଯୁକ୍ତ ଆର୍ଥିକ ସହାୟତା ପାଇଲେ ରାଷ୍ଟ୍ରର ଅର୍ଥନୈତିକ ପ୍ରଗତି ହେବା ସହିତ ରାଷ୍ଟ୍ରସଂଘର ଉଦ୍ଦେଶ୍ୟ ସଫଳ ହୋଇଥାଏ ।

**(୭) ସାଧାରଣ ସଚେତନତା :**

ସଂଘୀୟ ରାଷ୍ଟ୍ର ବା ରାଷ୍ଟ୍ରସଂଘ ଗଠନ ପାଇଁ ରାଷ୍ଟ୍ରର ସମସ୍ତ ଜନସାଧାରଣ ସଚେତନ ମନୋଭାବ ଏବଂ ଗଠନମୂଳକ ଦୃଷ୍ଟିଭଙ୍ଗୀ ପ୍ରଦର୍ଶନ କରିବା ଉଚିତ । ଏଠାରେ ଗଣମାଧ୍ୟମ, ରାଜନୈତିକ ଦଳମାନେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ ଓ ସାଂସ୍କୃତିକ ଗୋଷ୍ଠୀ ଏବଂ ବୁଦ୍ଧିଜୀବୀ ସଂଗଠନମାନେ ଏହି ଦିଗରେ ଗୁରୁତ୍ୱପୂର୍ଣ୍ଣ ଓ ସଫଳ ଭୂମିକା ଗ୍ରହଣ କରିବା ଉଚିତ । କାରଣ ଏମାନେ ଜନସାଧାରଣଙ୍କୁ ରାଜନୈତିକ ଦୃଷ୍ଟିକୋଣରୁ ସଚେତନ ଓ ସଂଗଠିତ କରିପାରନ୍ତି ।

**(୮) ଆଦର୍ଶ ନେତୃତ୍ୱ :**

ରାଷ୍ଟ୍ରସଂଘ ଗଠନ ପାଇଁ ଆଦର୍ଶ ନେତୃତ୍ୱର ଆବଶ୍ୟକତା ରହିଅଛି । ଆଦର୍ଶ ନେତୃତ୍ୱରେ ପ୍ରଭାବିତ ହୋଇ ଜନସାଧାରଣ ଓ ଅଂଶୀଦାର ରାଜ୍ୟମାନେ ଜାତୀୟ ଭାବନା ପରିପ୍ରକାଶ କରିଥାନ୍ତି । ଏହାଦ୍ୱାରା ଜାତୀୟ ସଂହତି ସୁଦୃଢ଼ ହୋଇଥାଏ ।

**ପ୍ର.୩. ଭାରତରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ବ୍ୟବସ୍ଥାପନା ସମ୍ପର୍କ ଆଲୋଚନା କର ।**

**(Explain the Legislature relationship between Centre and States in India.)**

ଉ. ଭାରତର ସମ୍ବିଧାନ ଭାରତକୁ ଏକ ସଂଘୀୟ ରାଷ୍ଟ୍ରରେ ପରିଣତ କରିଥିବାରୁ ଏଠାରେ ଏକ ଲିଖିତ ସମ୍ବିଧାନ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ କ୍ଷମତା ବଣ୍ଟନ କରାଯାଇଛି ଏବଂ କେନ୍ଦ୍ର ଓ ରାଜ୍ୟ ସମ୍ପର୍କ ସମ୍ବନ୍ଧରେ ସମ୍ବିଧାନରେ ପ୍ରାଞ୍ଜଳ

ଭାବରେ ବର୍ଣ୍ଣିତ ହୋଇଅଛି । ସମ୍ବିଧାନର ଏକାଦଶ ଭାଗରେ ପ୍ରଥମ ଅଧ୍ୟାୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବ୍ୟବସ୍ଥାପିକ କ୍ଷମତା ସମୂହ ବଣ୍ଟନ କରାଯାଇଛି। ଭାରତ ସମ୍ବିଧାନ ସମସ୍ତ ବ୍ୟବସ୍ଥାପକ କ୍ଷମତାକୁ ୧୯୩୫ ମସିହା ଭାରତ ଶାସନ ଆଇନର ଅନୁସରଣ କରି ତିନିଗୋଟି ତାଲିକାରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା :

**(୧) କେନ୍ଦ୍ର ତାଲିକା :**

ଜାତୀୟ ଗୁରୁତ୍ୱ ଥିବା ୯୯ଟି ବିଷୟକୁ କେନ୍ଦ୍ର ତାଲିକା ଅନ୍ତର୍ଭୁକ୍ତ କରାଯାଇଛି । ସେହି ସମସ୍ତ ବିଷୟରେ କେନ୍ଦ୍ର ସଂସଦ ଆଇନ ପ୍ରଣୟନ କରିଛି । ସେଥି ମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା : ପ୍ରତିରକ୍ଷା, ସାମରିକ ବାହିନୀ, ରେଳପଥ, ବିମାନ ପଥ, ଡାକ ଓ ତାର ବିଭାଗ, ଟେଲିଫୋନ, ବୈଦେଶିକ ବାଣିଜ୍ୟ ଓ ଅନ୍ତଃରାଜ୍ୟ ବାଣିଜ୍ୟ ଇତ୍ୟାଦି ।

**(୨) ରାଜ୍ୟ ତାଲିକା :**

ରାଜ୍ୟ ତାଲିକାରେ ୬୧ଟି ବିଷୟ ରହିଅଛି । ସେଗୁଡ଼ିକ ଉପରେ ରାଜ୍ୟ ବିଧାନ ମଣ୍ଡଳ ଆଇନ ପ୍ରଣୟନ କରିଥାଏ । କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ସଂସଦ ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ୍ ପ୍ରଣୟନ କରିପାରିବ । ପୋଲିସ୍, ଜେଲ୍, ସାଧାରଣ ସ୍ୱାସ୍ଥ୍ୟ, ଶଶ୍ମାନ, କୃଷି, ଭୂରାଜସ୍ୱ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ।

**(୩) ମିଳିତ ତାଲିକା :**

ଏହି ତାଲିକାରେ ୫୨ଟି ବିଷୟ ଅଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ବିଷୟରେ ଆଇନ ପ୍ରଣୟନ କରିପାରିବେ । ଯଦି ଏହି ବିଷୟରେ କୌଣସି ଆଇନକୁ ନେଇ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ବିବାଦ ଦେଖାଯାଏ, ତେବେ କେନ୍ଦ୍ରୀୟ ଆଇନ ବଳ ବଉର ରହିଥାଏ । ବିବାହ, ଛାଡ଼ପତ୍ର, ଶିକ୍ଷା, ଜଙ୍ଗଲ, ନ୍ୟାୟ, ଶ୍ରମିକ କଲ୍ୟାଣ, କଳକାରଖାନା, ବିଦ୍ୟୁତ ଶକ୍ତି, ସମ୍ବାଦପତ୍ର ଜନ୍ମମୃତ୍ୟୁ ହିସାବ ଇତ୍ୟାଦି ବିଷୟକୁ ମିଳିତ ତାଲିକା ଅନ୍ତର୍ଭୁକ୍ତ କରାଯାଇଛି ।

**(୪) ଅବଶିଷ୍ଟ କ୍ଷମତା :**

ଏହି ତିନୋଟି ତାଲିକା ଅନ୍ତର୍ଭୁକ୍ତ ନ ଥିବା ବିଷୟରେ ଆଇନ ପ୍ରଣୟନ କରିବା ପାଇଁ ସମ୍ବିଧାନ ସଂସଦକୁ କ୍ଷମତା ପ୍ରଦାନ କରିଅଛି ।

ଭାରତୀୟ ସମ୍ବିଧାନରେ ବ୍ୟବସ୍ଥାପିକା କ୍ଷମତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲେ ମଧ୍ୟ ନିମ୍ନଲିଖିତ କେତେକ କ୍ଷେତ୍ରରେ ସଂସଦ ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିଥାଏ ।

**(୧) ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ :**

ସମ୍ବିଧାନର ୨୪୯ ଧାରା ଅନୁସାରେ ଯଦି ରାଜ୍ୟସଭା ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଏହାର ଉପସ୍ଥିତ ୨/୩ ଅଂଶ ସଭ୍ୟମାନଙ୍କର ସମର୍ଥନ କ୍ରମେ ପ୍ରସ୍ତାବ ଗ୍ରହଣ କରେ ଯେ, ରାଜ୍ୟ ତାଲିକାଭୁକ୍ତ କୌଣସି ବିଷୟରେ ସଂସଦ ଆଇନ ପ୍ରଣୟନ କରିବା ଉଚିତ୍, ତେବେ ସେହି ବିଷୟ ସମ୍ବନ୍ଧରେ ସଂସଦ ଆଇନ ପ୍ରଣୟନ କରିଥାଏ ।

**(୨) ଜାତୀୟ ଜରୁରୀ ପରିସ୍ଥିତି :**

ଜାତୀୟ ଜରୁରୀ ପରିସ୍ଥିତି ସମୟରେ ରାଜ୍ୟ ତାଲିକାଭୁକ୍ତ ଯେକୌଣସି ବିଷୟରେ ଆଇନ କରିବାକୁ ସଂସଦର କ୍ଷମତା ଅଛି ।

**(୩) ରାଷ୍ଟ୍ରପତି ଶାସନ :**

ରାଜ୍ୟ ଜରୁରୀ ପରିସ୍ଥିତି ବା ରାଷ୍ଟ୍ରପତି ଶାସନ ଜାରି ହେଲେ ସଂସଦ ସେହି ରାଜ୍ୟପାଇଁ ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିଥାଏ ।

**(୪) ରାଜ୍ୟମାନଙ୍କର ଅନୁରୋଧ କ୍ରମେ :**

ସମ୍ବିଧାନର ୨୫୨ ଧାରା ଅନୁସାରେ ଯଦି ଦୁଇ ବା ତତୋଽଧିକ ରାଜ୍ୟ ସେମାନଙ୍କର ବିଧାନମଣ୍ଡଳରେ ଏକ ପ୍ରସ୍ତାବ ଗ୍ରହଣ କରି ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିବାକୁ ଅନୁରୋଧ କରନ୍ତି, ତେବେ ସଂସଦ ସଂପୃକ୍ତ ବିଷୟରେ ସେହିସବୁ ରାଜ୍ୟପାଇଁ ଆଇନ ପ୍ରଣୟନ କରିଥାଏ ।

**(୫) ଅନ୍ତର୍ଜାତୀୟ ଚୁକ୍ତି :**

ଧାରା ୨୫୩ ଅନୁସାରେ କୌଣସି ଆନ୍ତର୍ଜାତିକ ସନ୍ଧି ବା ଚୁକ୍ତି ପାଳନ କରିବା ପାଇଁ ଆବଶ୍ୟକ ହେଲେ ସଂସଦ ଯେ କୌଣସି ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିପାରିବ ।

**(୬) ରାଜ୍ୟର ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି :**

ସମ୍ବିଧାନର ୨୦୦ ଧାରା ଅନୁଯାୟୀ ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ଗୃହୀତ କୌଣସି ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ନ ଦେଇ ରାଷ୍ଟ୍ରପତିଙ୍କର ସ୍ୱୀକୃତି ପାଇଁ ପଠାଇପାରନ୍ତି ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହୁଏ ଯେ, ଭାରତରେ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସ୍ୱାର୍ଥକୁ ଆଖିରେ ରଖି କେନ୍ଦ୍ର ସରକାର ବିଭିନ୍ନ ନୂତନ ଆଇନ ପ୍ରଣୟନ କରିଥାନ୍ତି । ସୁତରାଂ, ଆଇନ ପ୍ରଣୟନ କ୍ଷେତ୍ରରେ ରାଜ୍ୟ ବିଧାନମଣ୍ଡଳ ଅପେକ୍ଷା ସଂସଦ ଅଧିକ କ୍ଷମତାଶାଳୀ ଅଟେ ।

**ପ୍ର.୪। ଭାରତରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ପ୍ରଶାସନିକ ସମ୍ପର୍କ ଆଲୋଚନା କର ।**

**(Explain the Administrative relationship between Centre and States in India.)**

ଉ. ଭାରତରେ ଏପରି ଏକ ଶାସନ ପଦ୍ଧତି ପ୍ରଚଳିତ ଯାହା ସଂପୂର୍ଣ୍ଣ ରୂପେ ସଂଘୀୟ ନୁହେଁ କିମ୍ବା ଐକିକ ନୁହେଁ । ଭାରତରେ ରାଷ୍ଟ୍ରୀୟ ଉନ୍ନତି ଦୃଷ୍ଟିରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ପ୍ରଶାସନିକ ସମନ୍ୱୟ ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ଲକ୍ଷ୍ୟ ସାଧନ ପାଇଁ କେତେକ ସମ୍ବିଧାନ-ବହିର୍ଭୂତ ବ୍ୟବସ୍ଥା ସୃଷ୍ଟି ହୋଇଛି ।

**(୧) କ୍ଷମତା ବଣ୍ଟନ :**

କେନ୍ଦ୍ର ତାଲିକାରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କର ଓ ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ ଉପରେ ରାଜ୍ୟ ସରକାରଙ୍କ କାର୍ଯ୍ୟପାଳିକା କ୍ଷମତା ଥାଏ । କିନ୍ତୁ ମିଳିତ ତାଲିକାରେ ଥିବା ବିଷୟ ଗୁଡ଼ିକ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କାର୍ଯ୍ୟ ପାଳିକା କ୍ଷମତା ଥାଏ ।

**(୨) କେନ୍ଦ୍ରୀୟ ଆଧିପତ୍ୟ :**

ସମ୍ବିଧାନର ୨୫୬ ଧାରା ଅନୁସାରେ "ସଂସଦ ଦ୍ୱାରା ପ୍ରଣୀତ ଆଇନକୁ ଖିଲାପ ନ କରି ରାଜ୍ୟ ସରକାରମାନେ କାର୍ଯ୍ୟ କରିବେ ଏବଂ ଉକ୍ତ ଆଇନକୁ ମାନିବାକୁ ବାଧ୍ୟ ହେବେ ।" ଏହା ବ୍ୟତୀତ ବିଭିନ୍ନ ସମୟରେ କେନ୍ଦ୍ର ରାଜ୍ୟମାନଙ୍କୁ ହେଉଥିବା ପ୍ରଶାସନିକ ନିର୍ଦ୍ଦେଶ ମଧ୍ୟ ରାଜ୍ୟ ସରକାର ପାଳନ କରିବେ । କୌଣସି ରାଜ୍ୟ ଏହି ନିର୍ଦ୍ଦେଶକୁ ପାଳନ ନ କଲେ, ସେହି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇପାରିବ ।

**(୩) କେନ୍ଦ୍ରର ନିର୍ବିଘ୍ନ କ୍ଷମତା :**

ରାଜ୍ୟ ସରକାର ତାଙ୍କର କାର୍ଯ୍ୟପାଳିକା କ୍ଷମତାକୁ ପ୍ରୟୋଗ କଲାବେଳେ ସଂସଦ ଦ୍ୱାରା ପ୍ରଣୀତ ଆଇନ କିମ୍ବା କେନ୍ଦ୍ର ସରକାରଙ୍କ କାର୍ଯ୍ୟପାଳିକା କ୍ଷମତାର ପ୍ରୟୋଗକୁ ବିରୋଧ କରି କୌଣସି କାର୍ଯ୍ୟ କରିପାରିବେ ନାହିଁ ।

**(୪) କେନ୍ଦ୍ରର ନିର୍ଦ୍ଦେଶ ମାନିବାକୁ ବାଧ୍ୟ :**

ଜାତୀୟ ତଥା ସାମରିକ କାର୍ଯ୍ୟରେ ବ୍ୟବହୃତ ଯୋଗାଯୋଗ ମାଧ୍ୟମ ଯଥା– ରେଳପଥ ଓ ରାଜପଥର ରକ୍ଷଣାବେକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶକୁ ରାଜ୍ୟମାନେ ପାଳନ କରିବାକୁ ବାଧ୍ୟ ଅଟନ୍ତି । ସେହିପରି ରାଜ୍ୟରେ ଦଳିତ ଓ ଆଦିବାସୀମାନଙ୍କର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାର ଆବଶ୍ୟକୀୟ ନିର୍ଦ୍ଦେଶ ଦେଇପାରନ୍ତି ।

**(୫) କ୍ଷମତା ପ୍ରଦାନ :**

ରାଷ୍ଟ୍ରପତି ରାଜ୍ୟ ସରକାରଙ୍କର ସମ୍ମତି ସହ ତାଙ୍କୁ କିମ୍ବା ତାଙ୍କର କୌଣସି କର୍ମଚାରୀମାନଙ୍କୁ କେନ୍ଦ୍ରର କୌଣସି ପ୍ରଶାସନିକ କାର୍ଯ୍ୟ ସମ୍ପାଦନ କରିବାକୁ ଦାୟିତ୍ୱ ଦେଇପାରନ୍ତି ।

**(୬) କେନ୍ଦ୍ରୀୟ ପୋଲିସ ମୁତୟନ :**

ଯଦି କୌଣସି ରାଜ୍ୟରେ ବା ରାଜ୍ୟମାନଙ୍କରେ ଗୁରୁତ୍ୱର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ । ତେବେ କେନ୍ଦ୍ର ସରକାର ସଂପୃକ୍ତ ରାଜ୍ୟରେ କେନ୍ଦ୍ରୀୟ ପୋଲିସ ମୁତୟନ କରିପାରିବେ ।

(୭) ଆନ୍ତଃରାଜ୍ୟ ପରିଷଦ :

ସମ୍ବିଧାନର ୨୬୩ ଧାରା ଅନୁସାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ଥିବା ବିବାଦର ଅନୁସନ୍ଧାନ କରି ସମାଧାନ ପାଇଁ ରାଷ୍ଟ୍ରପତି ଆନ୍ତଃରାଜ୍ୟ ପରିଷଦ ଗଠନ କରିପାରିବେ ।

(୮) ଆନ୍ତଃରାଜ୍ୟ ନଦୀଜଳ ବଣ୍ଟନ : 262 A

ଭାରତରେ ଅନେକ ନଦୀ ଏକାଧିକ ରାଜ୍ୟ ଦେଇ ପ୍ରବାହିତ ହୋଇଥିବାରୁ, ସେହି ରାଜ୍ୟମାନଙ୍କ ମଧ୍ୟରେ ଜଳସମ୍ପଦ ବିନିଯୋଗ ପାଇଁ ବିବାଦ ଦେଖାଯାଇଥାଏ । ଏହାର ସମାଧାନ ପାଇଁ ସଂସଦ ଆବଶ୍ୟକୀୟ ଆଇନ ପ୍ରଣୟନ କରି ଜଳବିବାଦର ସମାଧାନ କରିପାରିବେ ।

(୯) ସର୍ବଭାରତୀୟ ଚାକିରି : 312 A

ସମ୍ବିଧାନର ୩୧୨ ଧାରା ଅନୁସାରେ ସର୍ବଭାରତୀୟ ଚାକିରି ଯଥା I.A.S, I.P.S, I.F.S ଇତ୍ୟାଦି ସଂସଦଦ୍ୱାରା ସୃଷ୍ଟି ହୋଇଥାଏ । ସେମାନେ ବିଭିନ୍ନ ରାଜ୍ୟରେ ଅବସ୍ଥାପିତ ହୋଇ ସେମାନଙ୍କ ଶାସନକାର୍ଯ୍ୟ ଚଳାଇଥାନ୍ତି ଓ ସେମାନଙ୍କ ଦ୍ୱାରା ବେତନ ପ୍ରାପ୍ତ ହୋଇଥାନ୍ତି । ଏହି ପଦାଧିକାରୀମାନଙ୍କ ମାଧ୍ୟମରେ ରାଜ୍ୟରେ କେନ୍ଦ୍ରର ପ୍ରଭାବ ବିସ୍ତାର ହୋଇଥାଏ ।

(୧୦) ରାଜ୍ୟପାଳ କେନ୍ଦ୍ରର ପ୍ରତିନିଧି :

ରାଜ୍ୟର ସାମ୍ବିଧାନିକ ମୁଖ୍ୟ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ହୋଇଥାନ୍ତି ଓ ପ୍ରତି ୧୫ ଦିନରେ ସେ ରାଜ୍ୟ ଶାସନ ସମ୍ବନ୍ଧରେ ରାଷ୍ଟ୍ରପତିଙ୍କୁ ଅବଗତ କରିଥାନ୍ତି । ସେ ରାଜ୍ୟରେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିଥାନ୍ତି ।

(୧୧) ଜରୁରୀ କାଳୀନ ପରିସ୍ଥିତି :

ସମ୍ବିଧାନର ୩୫୨, ୩୫୬, କିମ୍ବା ୩୬୦ ଧାରା ଅନୁସାରେ ରାଷ୍ଟ୍ରପତି ଯଥାକ୍ରମେ ଜାତୀୟ ଜରୁରୀକାଳୀନ ପରିସ୍ଥିତି, ରାଜ୍ୟଜରୁରୀ କାଳୀନ ପରିସ୍ଥିତି ଓ ଆର୍ଥିକ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥାନ୍ତି । ଏହି ଜରୁରୀ ପରିସ୍ଥିତିରେ କେନ୍ଦ୍ର ରାଜ୍ୟ ଉପରେ ଆଧିପତ୍ୟ ବିସ୍ତାର କରିଥାଏ ।

(୧୨) ସର୍ବ ଭାରତୀୟ ସମ୍ମିଳନୀ :

ବିଭିନ୍ନ ସର୍ବଭାରତୀୟ ସମ୍ମିଳନୀ ଯଥା ରାଜ୍ୟପାଳ ସମ୍ମିଳନୀ, ମୁଖ୍ୟମନ୍ତ୍ରୀ ସମ୍ମିଳନୀ, ବାଚସ୍ପତି ସମ୍ମିଳନୀ, ମୁଖ୍ୟ ଶାସନସଚିବ ସମ୍ମିଳନୀ ମାଧ୍ୟମରେ କେନ୍ଦ୍ର ରାଜ୍ୟ ଉପରେ ପ୍ରଭାବ ବିସ୍ତାର କରିଥାଏ ।

ସୁତରାଂ, ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ରାଜ୍ୟ ସରକାରଙ୍କୁ ବିଭିନ୍ନ ଉପାୟରେ ନିୟନ୍ତ୍ରଣ କରିଥାନ୍ତି ଓ ନିଜର ଆଧିପତ୍ୟ ରାଜ୍ୟରେ ବିସ୍ତାର କରିଥାନ୍ତି ।

**ପ୍ର.୫. ଭାରତରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଆର୍ଥିକ ସମ୍ପର୍କ ଆଲୋଚନା କର ।**

**(Discuss the financial relationship between Centre and States in India.)**

**ଉ :** ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ବିଧାନ ଆର୍ଥିକ କ୍ଷମତା ବଣ୍ଟନ କରିଅଛି । ଏହି ବଣ୍ଟନ ଅନୁସାରେ କେନ୍ଦ୍ର ସରକାର ମୋଟ ୧୨ଟି ଉତ୍ସରୁ କର ଆଦାୟ କରୁଥିବା ବେଳେ ରାଜ୍ୟ ସରକାର ୧୯ଟି ଆର୍ଥିକ ଉତ୍ସରୁ କର ଆଦାୟ କରିଥାନ୍ତି । କିନ୍ତୁ ରାଜ୍ୟ ମାନଙ୍କର ଆର୍ଥିକ ସମ୍ବଳର ଅଭାବ ଯୋଗୁଁ ସେମାନେ ପ୍ରାୟତଃ କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନ ଉପରେ ନିର୍ଭର କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେଇଥାନ୍ତି । କେନ୍ଦ୍ର ଓ ରାଜ୍ୟ ପାଇଁ ଅଲଗା ଅଲଗା ବଜେଟ୍ ଗୃହୀତ ହୋଇଥିଲେ ମଧ୍ୟ ଯୋଜନା ଆୟୋଗ ଓ ଅର୍ଥ ଆୟୋଗ ମାଧ୍ୟମରେ କେନ୍ଦ୍ର ସରକାର ରାଜ୍ୟର ଆର୍ଥିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିଥାନ୍ତି । ଭାରତର କେନ୍ଦ୍ର ଓ ରାଜ୍ୟର ଆର୍ଥିକ ସମ୍ପର୍କକୁ ନିମ୍ନମତେ ଆଲୋଚନା କରାଯାଇପାରେ ।

(୧) କେତେକ ସାମଗ୍ରୀ ଉପରେ କେନ୍ଦ୍ର ସରକାର କରଧାର୍ଯ୍ୟ କରନ୍ତି । ମାତ୍ର, ରାଜ୍ୟ ସରକାର ସେଗୁଡ଼ିକୁ ଆଦାୟ କରନ୍ତି ଓ ଖର୍ଚ୍ଚ କରନ୍ତି ଯଥା ଔଷଧ ଓ ସୌଖୀନ ସାମଗ୍ରୀ ଉପରେ କର, ଷ୍ଟାମ୍ପ ଶୁଳ୍କ ଓ ଅବକାରୀ ଶୁଳ୍କ । ଏହି କରକୁ କେନ୍ଦ୍ର ସରକାରୀ ନୀତି ଅନୁସାରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ବାଣ୍ଟି ଦିଆଯାଏ ।

(୨) କେତେକ ଶୁଳ୍କ ଓ କର କେନ୍ଦ୍ର ସରକାର ଧାର୍ଯ୍ୟ କରନ୍ତି; ମାତ୍ର ଏହି ଅର୍ଥକୁ ସଂସଦ ଦ୍ୱାରା ନିର୍ଦ୍ଧାରିତ ନୀତି ଅନୁସାରେ ରାଜ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ । ଏହି କାରଣ ଗୁଡ଼ିକ ହେଲା କୃଷି ଓ ଅନ୍ୟାନ୍ୟ ସମ୍ପତ୍ତି ଉପରେ ଶୁଳ୍କ; ମୃତ୍ୟୁ ଶୁଳ୍କ,

ରେଳପଥ, ଜଳପଥ ଓ ଆକାଶ ପଥରେ ଯାତାୟତ କରୁଥିବା ଯାତ୍ରୀମାନଙ୍କ ଉପରେ ପ୍ରାନ୍ତୀୟ କର, ସମ୍ବାଦପତ୍ର କ୍ରୟ ଓ ବିକ୍ରୟ ଏବଂ ସେଥିରେ ପ୍ରକାଶିତ ବିଜ୍ଞାପନ ଉପରେ କର, ରେଳଯାତ୍ରୀ ଭଡ଼ା ଓ ପରିବର୍ତ୍ତନ ମହାସୁଲ ଇତ୍ୟାଦି ।

(୩) କେନ୍ଦ୍ର ସରକାର ଆୟକର ଗୁଡ଼ିକ ଧାର୍ଯ୍ୟ କରୁଥାନ୍ତି । ମାତ୍ର ଏହି ଆୟକର ଆୟୋଗ ପରିମାଣ ଉପରେ ରାଜ୍ୟଗୁଡ଼ିକର ଭାଗ ନିର୍ଦ୍ଦିଷ୍ଟ ନୀତି ଅନୁସାରେ ରାଜ୍ୟ ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ । ଅର୍ଥ କମିଶନ ଏହି ବଣ୍ଟନ ନୀତି ନିର୍ଦ୍ଧାରଣ କରିଥାନ୍ତି । କେନ୍ଦ୍ର ସରକାରୀ କର୍ମଚାରୀ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ନିଯୁକ୍ତ କର୍ମଚାରୀଙ୍କଠାରୁ ଆଦାୟ କର କେନ୍ଦ୍ର ସରକାର ଉପଭୋଗ କଲାବେଳେ ରାଜ୍ୟଗୁଡ଼ିକରୁ ଆଦାୟ ହେଉଥିବା କର ରାଜ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ ।

(୪) ଔଷଧ ଓ ବିକାଶ ସାମଗ୍ରୀ ଉତ୍ପାଦନକୁ ବାଦଦେଇ ଅନ୍ୟ ସବୁ ଦ୍ରବ୍ୟ ଉପରେ କେନ୍ଦ୍ର ସରକାର ଅବକାରୀ ଶୁଳ୍କ ଧାର୍ଯ୍ୟ କରନ୍ତି ଓ ଆଦାୟ କରନ୍ତି । ମାତ୍ର ସଂସଦ ଆଇନ ଅନୁସାରେ ଏହି କିଛି ଅଂଶ ରାଜ୍ୟମାନଙ୍କୁ ପ୍ରଦାନ କରିପାରନ୍ତି ।

(୫) ରାଷ୍ଟ୍ରପତି ପ୍ରତି ୫ ବର୍ଷରେ ଅର୍ଥ କମିଶନ ନିଯୁକ୍ତ କରିଥାନ୍ତି । ଏହି କମିଶନ ରାଷ୍ଟ୍ରପତିଙ୍କୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅର୍ଥ ବଣ୍ଟନ ନିମିତ୍ତ ବିହିତ ପରାମର୍ଶ ଦେଇଥାଏ । ଏହି କମିଶନ ସମ୍ମିଳିତ ପାଣ୍ଠିରୁ ରାଜ୍ୟମାନଙ୍କୁ ପ୍ରଦାନ କରାଯାଉଥିବା ଅନୁଦାନ ବଣ୍ଟନ ନୀତି ଧାର୍ଯ୍ୟ କରିଥାଏ ।

(୬) ସମ୍ବଳ ନ ଥିବା ରାଜ୍ୟମାନଙ୍କୁ କେନ୍ଦ୍ର ସରକାର ଆର୍ଥିକ ଅନୁଦାନ ଯୋଗାଇ ଦେଇଥାନ୍ତି । ମାତ୍ର ଏହି ଅନୁଦାନ ସମ୍ପର୍କରେ ସଂସଦ ନିଷ୍ପତ୍ତି ନେଇଥାଏ । ଏହା ଛଡ଼ା ସଂରକ୍ଷିତ ଜାତି ଓ ଉପଜାତିର ଲୋକମାନଙ୍କର କଲ୍ୟାଣ ପାଇଁ ଆବଶ୍ୟକ ଅର୍ଥ କେନ୍ଦ୍ର ସରକାର ବହନ କରିଥାନ୍ତି । ଏହା ବ୍ୟତୀତ ରାଜ୍ୟରେ ବିଭିନ୍ନ ବିକାଶମୂଳକ ଓ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟ ସରକାରମାନଙ୍କୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥାନ୍ତି ।

(୭) କେନ୍ଦ୍ର ସରକାର ଆର୍ଥିକ ଜରୁରୀ ପରିସ୍ଥିତି ମାଧ୍ୟମରେ ରାଜ୍ୟସରକାର ମାନଙ୍କୁ ନିୟନ୍ତ୍ରଣ କରିଥାନ୍ତି । ଏହା ବ୍ୟତୀତ, ଅନ୍ତଃ ରାଜ୍ୟ ବାଣିଜ୍ୟ ବ୍ୟବସାୟ ନିମିତ୍ତ ସଂସଦ ଆଇନ ପ୍ରଣୟନ କରିଥାଏ ।

(୮) ହିସାବ ରକ୍ଷକ ଓ ମହାସମୀକ୍ଷକ ମାଧ୍ୟମରେ କେନ୍ଦ୍ର ସରକାର ରାଜ୍ୟର ଅର୍ଥନୀତିକୁ ନିୟନ୍ତ୍ରଣ କରିଥାନ୍ତି ।

ସୁତରାଂ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଆର୍ଥିକ ସମ୍ପର୍କରେ ଭାରସାମ୍ୟ ଆଣିବା ପାଇଁ ଅର୍ଥ ଆୟୋଗ ଉଦ୍ୟମ କରିଥାଏ ।

**ପ୍ର.୬. ''ଭାରତ ସମ୍ବିଧାନ ଆକୃତିରେ ସଂଘୀୟ ହୋଇଥିଲେହେଁ କାର୍ଯ୍ୟତଃ ଐକିକ ।'' ସମୀକ୍ଷା କର ।**

**("Idian Constitution is Federal in Form but unitary inspirit." Explain.)**

**କିମ୍ବା, ''ଭାରତ ଏକ କେନ୍ଦ୍ରାଭିମୁଖୀ ରାଷ୍ଟ୍ରସଂଘ'' ଆଲୋଚନା କର ।**

**("India is a centralised state." Explain.)**

**କିମ୍ବା, ''ଭାରତ ଏକ ଅର୍ଦ୍ଧ-ରାଷ୍ଟ୍ରସଂଘ'' । ଆଲୋଚନା କର ।**

**("India is a centralised Federal State." Explian.)**

**କିମ୍ବା, ''ଭାରତ ଏକ ସହଯୋଗୀ ରାଷ୍ଟ୍ରସଂଘ'' ବର୍ଣ୍ଣନା କର ।**

**("India is a Co-operation Federation.")**

ଉ : ସାଧାରଣତଃ ଶାସନ କ୍ଷମତାର ବଣ୍ଟନ ଓ କେନ୍ଦ୍ରୀକରଣକୁ ଭିତ୍ତିକରି ଆଧୁନିକ ରାଷ୍ଟ୍ରମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଥାଏ ଯଥା ସଂଘୀୟ ରାଷ୍ଟ୍ର ଓ ଐକିକ ରାଷ୍ଟ୍ର । ସଂଘୀୟ ରାଷ୍ଟ୍ରରେ ଏକ ଲିଖିତ ସମ୍ବିଧାନ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଶାସନ କ୍ଷମତା ବଣ୍ଟନ କରିବା ସହିତ ଏହି କ୍ଷମତା ବଣ୍ଟନକୁ ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ ଦ୍ୱାରା ସୁରକ୍ଷିତ କରିଥାଏ । ଭାରତରେ ଏହି ବ୍ୟବସ୍ଥା କରାଯାଇଥିବା ଯୋଗୁଁ ଭାରତ ଏକ ସଂଘୀୟ ରାଷ୍ଟ୍ର । ମାତ୍ର ଭାରତ ସମ୍ବିଧାନରେ କୌଣସି ସ୍ଥାନରେ ''ରାଷ୍ଟ୍ରସଂଘ'' ବା ''ସଂଘୀୟ ରାଷ୍ଟ୍ର'' ଶବ୍ଦ ବ୍ୟବହାର କରାଯାଇନାହିଁ । ବରଂ ସମ୍ବିଧାନର ପ୍ରଥମ ଧାରାରେ ଭାରତକୁ ରାଜ୍ୟମାନଙ୍କର ଏକ ସମ୍ମେଳନ ହେବ ବୋଲି ଘୋଷଣା କରାଯାଇଛି । ଭାରତର ସମ୍ବିଧାନ ତର୍ଜମା କଲେ ଏହାର ନିମ୍ନଲିଖିତ ସଂଘୀୟ ଓ ଐକିକ ଲକ୍ଷଣମାନ ଦେଖିବାକୁ ମିଳିଥାଏ ।

**ସଂଘୀୟ ଲକ୍ଷଣମାନ :**

**(୧) ସାମ୍ବିଧାନିକ କ୍ଷମତା ବଣ୍ଟନ :**

ଭାରତୀୟ ସମ୍ବିଧାନ ଲିଖିତ ଭାବରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଶାସନ କ୍ଷମତା ବଣ୍ଟନ କରିଅଛି । ଏହା ସମସ୍ତ କ୍ଷମତାକୁ କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକାରେ ବିଭକ୍ତ କରିଅଛି । କେନ୍ଦ୍ର ତାଲିକାଭୁକ୍ତ ବିଷୟରେ ସଂସଦ ଆଇନ ପ୍ରଣୟନ କରୁଥିବାବେଳେ ରାଜ୍ୟ ବିଧାନମଣ୍ଡଳ ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିଥାନ୍ତି । ଯୁଗ୍ମ ତାଲିକାଭୁକ୍ତ ବିଷୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ପ୍ରଣୟନ କରିଥାନ୍ତି । ଏହା ବ୍ୟତୀତ ବଳକା କ୍ଷମତାରେ ଆଇନ ପ୍ରଣୟନ କରିବାକୁ ସମ୍ବିଧାନ କେନ୍ଦ୍ରକୁ କ୍ଷମତା ପ୍ରଦାନ କରିଅଛି ।

**(୨) ଦ୍ବୈତ ସରକାର :**

ଭାରତରେ କେନ୍ଦ୍ରରେ କେନ୍ଦ୍ର ସରକାର ଓ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳରେ ସେମାନଙ୍କର ସରକାର ରହିଅଛି । ଉଭୟ ସରକାରଙ୍କ କ୍ଷମତା ସମ୍ବିଧାନରୁ ନିସୃତ ହୋଇଥାଏ ଓ ପ୍ରତ୍ୟେକ ସମ୍ବିଧାନକୁ ସମ୍ମାନ ଦେଇଥାନ୍ତି ।

**(୩) ଲିଖିତ ଓ ଅନମନୀୟ ସମ୍ବିଧାନ :**

ଅନ୍ୟାନ୍ୟ ସଂଘୀୟ ରାଷ୍ଟ୍ରପରି ଭାରତରେ ଏକ ଲିଖିତ ସମ୍ବିଧାନ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଶାସନ କ୍ଷମତା ବଣ୍ଟନ କରିଅଛି । ଏହି ଶାସନ କ୍ଷମତା ବଣ୍ଟନକୁ ସୁଦୃଢ଼ କରିବା ପାଇଁ ସମ୍ବିଧାନର ସଂଶୋଧନ ପ୍ରଣାଳୀକୁ ଅନମନୀୟ କରାଯାଇଛି ।

**(୪) ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ :**

ଭାରତରେ ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ ରହିଅଛି । ଭାରତର ସୁପ୍ରିମକୋର୍ଟ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ନିୟନ୍ତ୍ରଣରୁ ମୁକ୍ତରହି ସ୍ୱାଧୀନ ଭାବରେ କାର୍ଯ୍ୟକରିଥାଏ । ଏହା ସାମ୍ବିଧାନିକ କ୍ଷମତା ବଣ୍ଟନକୁ ସୁରକ୍ଷିତ କରିବା ସଙ୍ଗେ ସଙ୍ଗେ ସମ୍ବିଧାନର ରକ୍ଷକ ଭାବରେ କାର୍ଯ୍ୟ କରିଥାଏ ।

**(୫) ଦ୍ୱି-ସଦନୀୟତା :**

ଅନ୍ୟାନ୍ୟ ସଂଘୀୟ ରାଷ୍ଟ୍ରପରି ଭାରତର କେନ୍ଦ୍ରରେ ଏକ ଦ୍ୱି ସଦନୀୟ ବ୍ୟବସ୍ଥାପିକା ରହିଅଛି । ଭାରତର ସଂସଦ ଲୋକସଭା ଓ ରାଜ୍ୟସଭା ନାମରେ ଦୁଇଟି ଗୃହକୁ ନେଇ ଗଠିତ । ରାଜ୍ୟସଭା ଭାରତର ସଂଘୀୟ ବ୍ୟବସ୍ଥାରେ ଥିବା ରାଜ୍ୟମାନଙ୍କର ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିଥାଏ ।

ଭାରତ ସମ୍ବିଧାନରେ ଗୋଟିଏ ସଂଘୀୟ ରାଷ୍ଟ୍ରର ଉପରୋକ୍ତ ଲକ୍ଷଣମାନ ରହିଥିବାରୁ ଭାରତ ଏକ ସଂଘୀୟ ରାଷ୍ଟ୍ର । କିନ୍ତୁ ବାସ୍ତବରେ ଭାରତର ସମ୍ବିଧାନର କାର୍ଯ୍ୟକାରିତାକୁ ଲକ୍ଷ୍ୟ କଲେ ଏହାର ନିମ୍ନଲିଖିତ ଐକିକ ଲକ୍ଷଣମାନ ଦେଖାଯାଇଥାଏ ।

**ଭାରତ ସମ୍ବିଧାନରେ ଥିବା ଐକିକ ଲକ୍ଷଣମାନ**

**(୧) ଗୋଟିଏ ସମ୍ବିଧାନ :**

ସାଧାରଣତଃ ଏକ ବାସ୍ତବ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟ ଶାସନ ପାଇଁ ଭିନ୍ନ ଭିନ୍ନ ସମ୍ବିଧାନ ଥିବାବେଳେ ଭାରତରେ କେବଳ ଗୋଟିଏ ସମ୍ବିଧାନରେ ଉଭୟଙ୍କର ଶାସନ ପ୍ରଣାଳୀ ଲିପିବଦ୍ଧ ହୋଇଛି ।

**(୨) କେନ୍ଦ୍ରୀୟ ଆଧିପତ୍ୟ :**

ଭାରତର ସମ୍ବିଧାନ ଭାରତରେ ଏକ ବଳିଷ୍ଠ ବା ଶକ୍ତିଶାଳୀ କେନ୍ଦ୍ର ସରକାର ଗଠନ କରିଅଛି । ଗୁରୁତ୍ୱପୂର୍ଣ୍ଣ ୯୯ଟି ବିଷୟ କେନ୍ଦ୍ରକୁ ପ୍ରଦାନ କରିବା ସହିତ କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ ବିଷୟରେ ସଂସଦ ଆଇନ ପ୍ରଣୟନ କରିବାକୁ କ୍ଷମତା ପ୍ରଦାନ କରାଯାଇଛି । ଅବଶିଷ୍ଟ କ୍ଷମତା ଉପରେ ମଧ୍ୟ କେନ୍ଦ୍ର ସଂସଦ ଆଇନ ପ୍ରଣୟନ କରିଥାଏ । ଏହି ବ୍ୟବସ୍ଥା ସଂଘୀୟ ଲକ୍ଷଣର ବିରୋଧ ଅଟେ ।

**(୩) କେନ୍ଦ୍ରର ନିର୍ବିଘ୍ନ କ୍ଷମତା ପ୍ରଦାନ :**

ସମ୍ବିଧାନର ୨୫୭ ଧାରା ଅନୁସାରେ ପ୍ରଶାସନିକ କ୍ଷେତ୍ରରେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇପାରିବେ । ଜାତୀୟ ତଥା ସାମରିକ କାର୍ଯ୍ୟରେ ବ୍ୟବହୃତ ଯୋଗାଯୋଗ ଯଥା ରେଳପଥ ଓ ରାଜପଥଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କେନ୍ଦ୍ରୀୟ

ନିର୍ଦ୍ଦେଶକୁ ରାଜ୍ୟମାନେ ମାନିବାକୁ ବାଧ୍ୟ ଅଟନ୍ତି । ସମ୍ବିଧାନର ୨୦୮ ଧାରା ଅନୁସାରେ ରାଜ୍ୟପାଳଙ୍କ ଅନୁମତିକ୍ରମେ କେନ୍ଦ୍ରୀୟ କର୍ମଚାରୀମାନଙ୍କୁ ଅନ୍ତଃରାଜ୍ୟ ବିକ୍ରୀକର ଆଦାୟ ପାଇଁ ଅନୁମତି ଦେଇଥାନ୍ତି ।

**(୪) ଜରୁରୀକାଳୀନ ପରିସ୍ଥିତି :**

ସମ୍ବିଧାନର ୩୫୨, ୩୫୬ ଓ ୩୬୦ ଧାରା ଅନୁସାରେ ଭାରତର ରାଷ୍ଟ୍ରପତି ଯଥାକ୍ରମେ ଜାତୀୟ ଜରୁରୀକାଳୀନ ପରିସ୍ଥିତି, ରାଜ୍ୟ ଜରୁରୀକାଳୀନ ପରିସ୍ଥିତି ଓ ଅର୍ଥିକ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥାନ୍ତି । ଏହି ସମୟରେ ସଂସଦ ଓ କେନ୍ଦ୍ର ସରକାର ସମଗ୍ର ଦେଶରେ ଶାସନ ପରିଚାଳନା ଓ ନୀତି ନିର୍ଦ୍ଧାରଣ କରିଥାନ୍ତି । ସଂସଦ ରାଜ୍ୟ ତାଲିକା ଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିଥାଏ । ସୁତରାଂ, ଏହି ସମୟରେ ସମଗ୍ର ଭାରତ ଏକ ଐକିକ ରାଷ୍ଟ୍ରପରି କାର୍ଯ୍ୟ କରିଥାଏ ।

**(୫) ରାଜ୍ୟପାଳ କେନ୍ଦ୍ରର ପ୍ରତିନିଧି :**

ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ରାଜ୍ୟ ଶାସନର କାର୍ଯ୍ୟପାଳିକା ମୁଖ୍ୟରୂପେ ରାଜ୍ୟପାଳ ରହିଥାନ୍ତି । ସେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ଓ ବହିଷ୍କୃତ ହୋଇଥାନ୍ତି । ପ୍ରତି ୧୫ ଦିନରେ ରାଜ୍ୟ ପ୍ରଶାସନ ସମ୍ବନ୍ଧରେ ଏକ ଗୁପ୍ତ ତଥ୍ୟ ସେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥାନ୍ତି । ରାଜ୍ୟପାଳଙ୍କ ସୁପାରିଶ କ୍ରମେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥାଏ । ସୁତରାଂ, ରାଜ୍ୟପାଳ କେନ୍ଦ୍ର ସରକାରଙ୍କର ପ୍ରତିନିଧି ରୂପେ କାର୍ଯ୍ୟ କରିଥାନ୍ତି ।

**(୬) ଏକକ ନାଗରିକତ୍ୱ ପ୍ରଥା :**

ସାଧାରଣତଃ ବାସ୍ତବ ସଂଘୀୟ ରାଷ୍ଟ୍ରମାନଙ୍କରେ ଦ୍ୱୈତ ନାଗରିକତ୍ୱ ପ୍ରଥା ପ୍ରଚଳିତ ଥିବା ବେଳେ ଭାରତରେ ଏକକ ନାଗରିକତ୍ୱ ପ୍ରଥା ପ୍ରଚଳିତ ।

**(୭) ଏକକ ନ୍ୟାୟପାଳିକା :**

ଭାରତରେ ଏକ ସୁସଂହତ ଓ ସ୍ୱାଧୀନ ବିଚାର ବ୍ୟବସ୍ଥା ରହିଅଛି । ଏହି ଏକକ ବିଚାର ବ୍ୟବସ୍ଥାରେ ସୁପ୍ରିମକୋର୍ଟ ସର୍ବୋଚ୍ଚ ସ୍ଥାନରେ ରହି ଅନ୍ୟ ନ୍ୟାୟାଳୟଗୁଡ଼ିକୁ ନିୟନ୍ତ୍ରଣ କରିଥାଏ । ଏହା ମଧ୍ୟ ଏକ ଐକିକ ଲକ୍ଷଣ ।

**(୮) ରାଜ୍ୟସଭାରେ ରାଜ୍ୟମାନଙ୍କର ଅସମାନ ପ୍ରତିନିଧିତ୍ୱ :**

ଯୁକ୍ତରାଷ୍ଟ୍ର ଆମେରିକା ଓ ସୁଇଜରଲ୍ୟାଣ୍ଡ ପରି ସଂଘୀୟ ରାଷ୍ଟ୍ରରେ କେନ୍ଦ୍ରୀୟ ବ୍ୟବସ୍ଥାପିକାର ଉଚ୍ଚସଦନକୁ ରାଜ୍ୟମାନଙ୍କରୁ ସମାନ ପ୍ରତିନିଧି ଆସୁଥିବା ବେଳେ ଭାରତରେ ରାଜ୍ୟମାନେ ସେମାନଙ୍କର ଜନସଂଖ୍ୟା ଅନୁପାତରେ ରାଜ୍ୟସଭାକୁ ପ୍ରତିନିଧି ପ୍ରେରଣ କରିଥାନ୍ତି ।

**(୯) ସର୍ବଭାରତୀୟ ଚାକିରି ବ୍ୟବସ୍ଥା :**

ସମ୍ବିଧାନର ଧାରା ୩୧୨ ଅନୁଯାୟୀ ସଂସଦ ଆଇନ ପ୍ରଣୟନ କରି I.A.S. I.P.S, IFS ପ୍ରଭୃତି ଚାକିରି ସୃଷ୍ଟି କରିଥାନ୍ତି । ଏହି ଚାକିରିରେ ଯୋଗ ଦେଇଥିବା କର୍ମଚାରୀମାନେ କେନ୍ଦ୍ର ଦ୍ୱାରା ନିଯୁକ୍ତି ପାଇଥିଲେ ମଧ୍ୟ ରାଜ୍ୟ ଶାସନର ବିଭିନ୍ନ ମୁଖ୍ୟ ପଦବୀରେ ରହିର ରାଜ୍ୟ ପ୍ରଶାସନିକ ନିୟନ୍ତ୍ରଣ କରିଥାନ୍ତି ।

**(୧୦) ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥା :**

ସମ୍ବିଧାନ ବ୍ୟବସ୍ଥାନୁସାରେ ନିର୍ବାଚନ ଆୟୋଗ, ସରକାରୀ ଭାଷା ଆୟୋଗ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ଜାତୀୟ ଉନ୍ନୟନ ପରିଷଦ, କେନ୍ଦ୍ରୀୟ ଲୋକସେବା ଆୟୋଗ (U.P.S.C), ହିସାବ ରକ୍ଷକ ମହାସମୀକ୍ଷକ ପ୍ରଭୃତି ସଂସ୍ଥାଗୁଡ଼ିକ ଦ୍ୱାରା କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ହୋଇ ସମଗ୍ର ରାଷ୍ଟ୍ରପାଇଁ କାର୍ଯ୍ୟ କରିଥାନ୍ତି ।

**(୧୧) ରାଜ୍ୟମାନଙ୍କର ଆର୍ଥିକ ସ୍ଥିତି :**

ଭାରତରେ ରାଜ୍ୟମାନଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥିବାରୁ ଓ ଆର୍ଥିକ କ୍ଷେତ୍ରରେ ସେମାନେ ଆତ୍ମ ନିର୍ଭରଶୀଳ ହୋଇ ନଥିବାରୁ ରାଜ୍ୟମାନେ ପ୍ରାୟତଃ କେନ୍ଦ୍ର ସାହାଯ୍ୟ ଉପରେ ନିର୍ଭର କରିଥାନ୍ତି । କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଅର୍ଥ ଯୋଗାଉଥିବାରୁ ପ୍ରଶାସନକୁ ସେମାନେ ନିୟନ୍ତ୍ରଣ କରିଥାନ୍ତି ।

(୧୨) ଯୋଜନା କମିଶନ ଓ ନୀତି (NITI) ଆୟୋଗ ।

ଭାରତର ଦ୍ରୁତ ଅର୍ଥନୈତିକ ବିକାଶ ପାଇଁ ସଂସଦ ଆଇନ ପ୍ରଣୟନ କରି ଏକ ଯୋଜନା କମିଶନ ଗଠନ କରିଥିଲେ । ରାଜ୍ୟମାନଙ୍କର ଉନ୍ନୟନ କାର୍ଯ୍ୟକ୍ରମ ଯୋଜନା କମିଶନ ଦ୍ୱାରା ଅନୁମୋଦିତ ନହେଲେ କାର୍ଯ୍ୟକାରୀ ହୋଇପାରେ ନାହିଁ । ବର୍ତ୍ତମାନ ଯୋଜନା ଆୟୋଗ ପରିବର୍ତ୍ତେ ନୀତି (NITI) ଆୟୋଗ ଗଠନ ହୋଇଅଛି ।

ଉପରୋକ୍ତ ଲକ୍ଷଣମାନ ସଂଘୀୟ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଥିବାରୁ ସମାଲୋଚକମାନେ ଭରତକୁ ଏକ ଅର୍ଦ୍ଧରାଷ୍ଟ୍ରସଂଘ ବୋଲି କହିଥାନ୍ତି । ସେମାନଙ୍କ ମତରେ ଭାରତ ଆକୃତିରେ ସଂଘୀୟ ଓ କାର୍ଯ୍ୟତଃ ଐକିକ ଅଟେ । ସମ୍ବିଧାନବିତ୍ କେ.ସି. ହୋୟାରଙ୍କ ମତରେ "ଭାରତ ଏକ ଆନୁଷ୍ଠାନିକ ଐକିକ ଲକ୍ଷଣଯୁକ୍ତ ସଂଘୀୟ ରାଷ୍ଟ୍ର ନ ହୋଇ ଆନୁଷଙ୍ଗିଂକ ସଂଘୀୟ ଲକ୍ଷଣଯୁକ୍ତ ଏକ ଐକିକରାଷ୍ଟ୍ର ଅଟେ ।" ବାସ୍ତବରେ ଏହା ଏକ କେନ୍ଦ୍ରାଭିମୁଖୀ ରାଷ୍ଟ୍ର ସଂଘ ।

**ପ୍ର.୭. ଭାରତରେ ରାଜ୍ୟମାନେ ସ୍ୱାତନ୍ତ୍ର୍ୟ ଦାବି କରିବାର କାରଣ ଓ ଏଥି ସହିତ ସମ୍ପୃକ୍ତ ସମସ୍ୟାଗୁଡ଼ିକ ଆଲୋଚନା କର ।**

**(Discuss the reasons for demanding state autonomy and the problems relate to it.)**

ଉ. ଭାରତର ସଂବିଧାନ ଭାରତକୁ ଏକ ସଂଘୀୟ ରାଷ୍ଟ୍ରରେ ପରିଣତ କରି କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ଶାସନ କ୍ଷମତାକୁ ବଣ୍ଟନ କରିଅଛି । ସାଧାରଣତଃ ଏକ ସଂଘୀୟ ରାଷ୍ଟ୍ରରେ ଥିବା ରାଜ୍ୟମାନେ ସ୍ୱାତନ୍ତ୍ର୍ୟ ଉପଭୋଗ କରିଥାନ୍ତି । କିନ୍ତୁ, ଭାରତୀୟ ସଂଘୀୟ ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସମ୍ପର୍କକୁ ଅନୁଧ୍ୟାନ କଲେ ସ୍ପଷ୍ଟହୁଏ ଯେ, ଏଠାରେ ରାଜ୍ୟ ମାନଙ୍କର ଉପଯୁକ୍ତ ସ୍ୱାତନ୍ତ୍ର୍ୟ ନାହିଁ । ଭାରତ ସଂବିଧାନ କାର୍ଯ୍ୟକାରୀ ହେବା ପରଠାରୁ ୧୯୬୭ ମସିହା ପର୍ଯ୍ୟନ୍ତ ଭାରତୀୟ ରାଜ୍ୟମାନେ ଏତେ ପରିମାଣରେ ଜାତୀୟ ସ୍ରୋତରେ ସାମିଲଥିଲେ ଯେ, ସେମାନେ ରାଜ୍ୟର ସ୍ୱାତନ୍ତ୍ର୍ୟ କଥା ଆଦୌ ଚିନ୍ତାକରି ନଥିଲେ । କିନ୍ତୁ ୧୯୬୭ ମସିହାରେ ଭାରତରେ ୯ଟି ରାଜ୍ୟରେ ଅଣ କଂଗ୍ରେସ ସରକାର ଗଠିତ ହେବାରୁ ସେହି ରାଜ୍ୟମାନେ ରାଜ୍ୟର ସ୍ୱାତନ୍ତ୍ର୍ୟ ଦାବି କଲେ । ସେମାନଙ୍କର ଏହି ଦାବିକୁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସମର୍ଥନ ଜଣାଇଲେ । ଭାରତରେ ରାଜ୍ୟ ସ୍ୱାତନ୍ତ୍ର୍ୟ ଦାବିର ନିମ୍ନଲିଖିତ କାରଣ ରହିଅଛି ।

**(୧) ଜାତୀୟ କଂଗ୍ରେସର ପ୍ରଭାବ ହ୍ରାସ :**

ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ମୃତ୍ୟୁପରେ କଂଗ୍ରେସ ଦଳ ଗୋଷ୍ଠୀକନ୍ଦଳ ଯୋଗୁଁ ଦୁର୍ବଳ ହୋଇପଡ଼ିଥିଲା । ଏହା ଦ୍ୱାରା ସଂସଦ ଓ ରାଜ୍ୟ ବିଧାନସଭାରେ କଂଗ୍ରେସର ଆସନ ସଂଖ୍ୟା କମିଗଲା ଏବଂ ଅନେକ ରାଜ୍ୟରେ ଅଣକଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହେଲା । ରାଜ୍ୟରେ ଥିବା ଅଣକଂଗ୍ରେସ ସରକାର କେନ୍ଦ୍ର ସରକାରଙ୍କ ଆଧିପତ୍ୟଙ୍କୁ ବିରୋଧ କଲେ ।

**(୨) ଜାତୀୟ ନେତାଙ୍କ ଅଭାବ :**

ମହାତ୍ମାଗାନ୍ଧି, ବାଲ୍ ଗଙ୍ଗାଧର ତିଲକ୍, ଜବାହାରଲାଲ ନେହେରୁ, ନେତାଜୀ ସୁଭାଷ ବୋଷ ପ୍ରଭୃତି କେତେକ ନେତାଙ୍କ ବ୍ୟକ୍ତିତ୍ୱ କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷକୁ ସଂହତି ସୂତ୍ରରେ ବାନ୍ଧି ରଖିଥିଲା । ସେମାନଙ୍କର ମୃତ୍ୟୁପରେ ଜାତୀୟସ୍ତରରେ ଅପ୍ରତିଦ୍ୱନ୍ଦ୍ୱୀ ଓ ସର୍ବଜନାଦୃତ ନେତୃମଣ୍ଡଳୀର ଅଭାବ ପରିଲକ୍ଷିତ ହୋଇଥିଲା ଓ ସଂହତି ବିପନ୍ନ ହୋଇଥିଲା ।

**(୩) ରାଜନୈତିକ ଦଳର କ୍ଷମତା ମୋହ :**

ସ୍ୱାଧୀନତା ପୂର୍ବରୁ ଭାରତର ସମସ୍ତ ରାଜନୈତିକ ଦଳ ଗୋଟିଏ ଜାତୀୟ ଲକ୍ଷ୍ୟ ଏବଂ ଆଦର୍ଶ ନେଇ କାର୍ଯ୍ୟ କରୁଥିଲେ । କିନ୍ତୁ ପରବର୍ତ୍ତୀ ଓ ରାଜ୍ୟମାନଙ୍କ ସ୍ୱାତନ୍ତ୍ର୍ୟ ଉପରେ ଗୁରୁତ୍ୱ ଆରୋପକରି ଜନମତକୁ ପ୍ରଭାବିତ କରିବାକୁ ଚେଷ୍ଟାକଲେ ।

**(୪) ଅର୍ଥନୈତିକ ବୈଷମ୍ୟ :**

ସ୍ୱାଧୀନତା ପରେ ଭାରତ ସରକାର ଯେଉଁ ବିକାଶ କାର୍ଯ୍ୟକ୍ରମ ହାତକୁ ନେଲେ ତାହାର ସୁଫଳ ସମାନ ଭାବରେ ସମସ୍ତଙ୍କ ନିକଟରେ ପହଞ୍ଚି ନ ଥିଲା । କେନ୍ଦ୍ର ସରକାରରେ ଥିବା ପ୍ରଭାବଶାଳୀ ନେତାମାନେ ନିଜ ଅଞ୍ଚଳ ପାଇଁ ଅଧିକ ଆର୍ଥିକ ସୁବିଧା ପ୍ରଦାନ କରିବା ଦ୍ୱାରା ଦେଶର କେତେକ ଅଞ୍ଚଳ ସମୃଦ୍ଧିର ପାହାଚରେ ଚଢ଼ିବାବେଳେ ଅନ୍ୟ ଅଞ୍ଚଳ ଦାରିଦ୍ର୍ୟ ସୀମାରେଖା ତଳକୁ ଗଲା । ଫଳରେ ରାଜ୍ୟମାନଙ୍କର ସ୍ୱାତନ୍ତ୍ର୍ୟ ଦାବି ତୀବ୍ରତର ହେଲା ।

(୫) କେନ୍ଦ୍ରୀୟ ଯୋଜନାରେ ଆଞ୍ଚଳିକ ବୈଷମ୍ୟ :

ଭାରତର ଉନ୍ନତି ପାଇଁ ଯୋଜନା ଆୟୋଗ ତତ୍ତ୍ୱାବଧାନରେ ଯେଉଁ ପଞ୍ଚବାର୍ଷିକ ଯୋଜନା ପ୍ରଚଳିତ ହେଲା, ତା'ର ସୁଫଳ ସମଗ୍ର ଦେଶ ସମାନ ଭାବରେ ଲାଭ କଲାନାହିଁ । ଏହା ଦ୍ୱାରା ଦେଶର ଆର୍ଥିକ ଭାରସାମ୍ୟ ନଷ୍ଟ ହେଲା ଏବଂ ରାଜ୍ୟମାନେ ସ୍ୱାତନ୍ତ୍ର୍ୟ ଦାବି କଲେ ।

(୬) ହିନ୍ଦୀ ଭାଷାର ପ୍ରସାର :

ଭାରତରେ ବହୁ ଭାଷା ପ୍ରଚଳିତ । ପ୍ରତ୍ୟେକ ଭାଷାର ଲୋକମାନେ ସେମାନଙ୍କର ମାତୃଭାଷା ପ୍ରତି ଅହେତୁକ ଶ୍ରଦ୍ଧା ପ୍ରଦର୍ଶନ କରିଥାନ୍ତି । ତେଣୁ ଭାରତରେ ଯେତେବେଳେ ହିନ୍ଦୀକୁ ରାଷ୍ଟ୍ରଭାଷା କରାଗଲା, ତାର ପ୍ରତିବାଦ ସ୍ୱରୂପ ଦକ୍ଷିଣାଞ୍ଚଳ ରାଜ୍ୟମାନେ ଅନ୍ଦୋଳନ ଆରମ୍ଭ କଲେ ଏବଂ ରାଜ୍ୟ ସ୍ୱାତନ୍ତ୍ର୍ୟ ଦାବି କଲେ ।

(୭) ଭାଷା ଭିତ୍ତିକ ପ୍ରଦେଶ ଗଠନ :

ରାଜ୍ୟମାନଙ୍କର ସୀମାନିର୍ଦ୍ଧାରଣ ତଥା ରାଜ୍ୟ ପୁନର୍ଗଠନ ଯେତେବେଳେ କେନ୍ଦ୍ର ସରକାରଙ୍କ ପାଇଁ ଏକ ସମସ୍ୟା ସୃଷ୍ଟି କଲା । ସେତେବେଳେ ତାହାର ସମାଧାନ ପାଇଁ ଭାଷାଭିତ୍ତିକ ପ୍ରଦେଶ ଗଠନ କରାଗଲା । ଏହା ଦ୍ୱାରା ଯେଉଁ ରାଜ୍ୟର କ୍ଷତି ହେଲା, ସେ ରାଜ୍ୟ କେନ୍ଦ୍ରକୁ ବିରୋଧ କଲା ଏବଂ ସ୍ୱାତନ୍ତ୍ର୍ୟ ଦାବି କଲା ।

(୮) ଆଞ୍ଚଳିକ ରାଜନୈତିକ ଦଳର ସୃଷ୍ଟି :

ଭାରତରେ ପ୍ରଚଳିତ ବହୁଦଳୀୟ ବ୍ୟବସ୍ଥାରେ ଅନେକ ଦଳ ସୃଷ୍ଟି ହେଲା । ଏହି ଦଳଗୁଡ଼ିକ ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ସ୍ଥାନୀୟ ସମସ୍ୟା ପ୍ରତି ଗୁରୁତ୍ୱ ପ୍ରଦାନ କଲେ ଏବଂ କେନ୍ଦ୍ର ସରକାରଙ୍କ ଦୋଷତ୍ରୁଟି ଓ ପାତରଅନ୍ତର ମନୋଭାବ ବିରୁଦ୍ଧରେ ଜନମତ ସୃଷ୍ଟି କଲେ । ସେମାନେ ମୁଖ୍ୟତଃ କ୍ଷମତା ବିକେନ୍ଦ୍ରୀକରଣ ଓ ରାଜ୍ୟମାନଙ୍କର ସ୍ୱାତନ୍ତ୍ର୍ୟ ସପକ୍ଷରେ ଯୁକ୍ତି ଉପସ୍ଥାପନ କଲେ । ଅନେକ ଆଞ୍ଚଳିକ ଦଳ ରାଜ୍ୟରେ ସରକାର ଗଠନ କରିବା ଦ୍ୱାରା ଏହି ଦାବି ଅଧିକ ତୀବ୍ରତର ହୋଇଥିଲା । ରାଜ୍ୟ ସ୍ୱାତନ୍ତ୍ର୍ୟ ଦାବି ଦଳର ଏହିସବୁ କାରଣ ବ୍ୟତୀତ ଅନେକ ସମସ୍ୟା ଜଡ଼ିତ ହୋଇଛି । ସେହି ସମସ୍ୟାଗୁଡ଼ିକ ହେଲା –

(୧) ସମ୍ବିଧାନର ୩୫୬ ଧାରା ଅପପ୍ରୟୋଗ କରାଯାଇ ରାଜ୍ୟମାନଙ୍କରେ ଅନେକ ସମୟରେ ଗଣତାନ୍ତ୍ରିକ ସରକାରଙ୍କୁ ଭାଙ୍ଗି ସଂପୃକ୍ତ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା । ଉଦାହରଣ ସ୍ୱରୂପ ୧୯୫୯ ମସିହାରେ କେରଳରେ ନମ୍ବୁଦ୍ରିପଙ୍କ ନେତୃତ୍ୱରେ ପରିଚାଳିତ କମ୍ୟୁନିଷ୍ଟ ମନ୍ତ୍ରିମଣ୍ଡଳ ବରଖାସ୍ତ, ୧୯୬୯ ମସିହାରେ ପଶ୍ଚିମବଙ୍ଗରେ ଅଜୟ ମୁଖାର୍ଜୀଙ୍କୁ ମୁଖ୍ୟମନ୍ତ୍ରୀତ୍ୱରୁ ବହିଷ୍କାର, ୧୯୭୭ ମସିହାରେ ଜନତାଦଳ କ୍ଷମତାକୁ ଆସିବା ପରେ ୯ରି ରାଜ୍ୟରେ କଂଗ୍ରେସ ସରକାରଙ୍କୁ ଭାଙ୍ଗିଦେବା, ୧୯୮୦ ମସିହାରେ କଂଗ୍ରେସ ପୁଣି କ୍ଷମତାକୁ ଆସିବା ପରେ ୯ଟି ଅଣ କଂଗ୍ରେସ ରାଜ୍ୟ ସରକାରକୁ ଭାଙ୍ଗିଦେବା, ୧୯୮୯ କର୍ଣ୍ଣାଟକରେ ବୋମାଇ ମନ୍ତ୍ରିମଣ୍ଡଳକୁ ବରଖାସ୍ତ, ୧୯୯୨ ମସିହାରେ ରାମ ମନ୍ଦିର ଓ ବାବ୍ରୀ ମସ୍‌ଜିଦ ଘଟଣାକୁ ନେଇ ୪ଟି ବିଜେପି ଶାସିତ ରାଜ୍ୟ ସରକାରଙ୍କୁ ଭାଙ୍ଗିଦେବା ଇତ୍ୟାଦି ।

(୨) ରାଜ୍ୟର ସାମ୍ବିଧାନିକ ମୁଖ୍ୟ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଓ ବହିଷ୍କାର ହୋଇଥାନ୍ତି ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧିଭାବେ କାର୍ଯ୍ୟ କରିଥାନ୍ତି । ଅନେକ ସମୟରେ ରାଜ୍ୟପାଳ କ୍ଷମତାର ଅପବ୍ୟବହାର ଯୋଗୁଁ ରାଜ୍ୟ ସରକାରମାନେ ସ୍ୱାତନ୍ତ୍ର୍ୟ ଦାବି କରିଥାନ୍ତି । ୧୯୬୯ ମସିହାରେ ପଶ୍ଚିମବଙ୍ଗରେ ରାଜ୍ୟପାଳ ଧର୍ମବୀର ବର୍ଷୀୟାନ ନେତା ଅଜୟ ମୁଖାର୍ଜୀଙ୍କୁ ବହିଷ୍କାର, ୧୯୮୪ ମସିହାରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଶ୍ରୀ ରାମଲାଲଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କୁ କ୍ଷମତାଚ୍ୟୁତ ଓ ଭାସ୍କର ରାଓଙ୍କୁ କ୍ଷମତା ପ୍ରଦାନ । ୧୯୯୭ ଓ ୧୯୯୮ ମସିହାରେ ଉତ୍ତର ପ୍ରଦେଶର ରାଜ୍ୟପାଳ ରମେଶ ଭଣ୍ଡାରୀଙ୍କ ଦ୍ୱାରା କଲ୍ୟାଣ ସିଂହ ମନ୍ତ୍ରିମଣ୍ଡଳକୁ ବରଖାସ୍ତ ଏହାର ସ୍ପଷ୍ଟ ନମୁନା ।

(୩) ଆଞ୍ଚଳିକ ବିକାଶ ପାଇଁ ମଧ୍ୟ ଅନେକ ସମୟରେ ରାଜ୍ୟ ସରକାର ସ୍ୱାତନ୍ତ୍ର୍ୟ ଦାବି କରିଥାନ୍ତି । ଓଡ଼ିଶାର ପ୍ରାକୃତିକ ସମ୍ପଦର ଉପଯୁକ୍ତ ବିନିଯୋଗ ପାଇଁ ୧୯୭୦ ମସିହାରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସ୍ୱାତନ୍ତ୍ର୍ୟ ଦାବି କରିଥିଲେ । ୧୯୬୭ ମସିହାରେ କେରଳର ମୁଖ୍ୟମନ୍ତ୍ରୀ ନମ୍ବୁଦ୍ରିପଦ ଚୀନ ସହିତ ପ୍ରତ୍ୟକ୍ଷ

ରାଜିନାମା କରିବାର କ୍ଷମତା କେରଳକୁ ଦେବାପାଇଁ ଦାବି କରିଥିଲେ । ୧୯୬୭ ମସିହା ଏପ୍ରିଲ ୮ ତାରିଖରେ ଦିଲ୍ଲୀରେ ଏକ ସାମ୍ବିଧାନିକ ସମ୍ମିଳନୀ ଡାକି ତାମିଲନାଡୁର ମୁଖ୍ୟମନ୍ତ୍ରୀ ଆନ୍ନାଦୁରାଇ କେନ୍ଦ୍ରର କ୍ଷମତା ହ୍ରାସ ଓ ରାଜ୍ୟର କ୍ଷମତା ବୃଦ୍ଧି ପାଇଁ ଯୁକ୍ତି କରିଥିଲେ ।

**ପ୍ର.୮ .ଭାରତୀୟ ରାଷ୍ଟ୍ରସଂଘରେ ସାମ୍ପ୍ରତିକ ଧାରା ବର୍ଣ୍ଣନା କର ।**

**(Dicuss Recent Trends in Indian Federalism.)**

ଉ. ଆକୃତିରେ ଭାରତ ଏକ ରାଷ୍ଟ୍ରସଂଘ ହୋଇଥିଲେ ହେଁ ସମ୍ବିଧାନର ପ୍ରଥମ ଧାରାରେ ଭାରତକୁ ରାଜ୍ୟମାନଙ୍କର ଏକ ସମ୍ମେଳନ ଭାବେ ଘୋଷଣା କରାଯାଇଛି । ବାସ୍ତବରେ ଏହି ରାଷ୍ଟ୍ର ସଂଘରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପରସ୍ପର ସହଯୋଗୀ ସମ୍ବିଧାନରେ ଲିଖିତ ଭାବେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ଶାସନ କ୍ଷମତାର, ବଣ୍ଟନ କରାଯାଇ ଥିଲେ ମଧ୍ୟ ଏହି ବ୍ୟବସ୍ଥାରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହେଉଅଛି । ଦେଶରେ ସଂଘୀୟ କାର୍ଯ୍ୟଧାରାକୁ ସମୀକ୍ଷା କଲେ ସ୍ପଷ୍ଟ ହେଉଛି ଯେ ଦିନକୁ ଦିନ କେନ୍ଦ୍ର ସରକାର ଅଧିକରୁ ଅଧିକ କ୍ଷମତାଶାଳୀ ହେଉଥିବା ବେଳେ ରାଜ୍ୟ ସରକାରମାନେ କ୍ରମଶଃ ଦୁର୍ବଳ ହେଉଛନ୍ତି । ଏପରି ପରିବର୍ତ୍ତନ ମୁଖ୍ୟ କାରଣମାନ ହେଲା –

**(୧) ଇତିହାସରୁ ଶିକ୍ଷା (Lesson of History)**

ଭାରତର ଇତିହାସକୁ ସମୀକ୍ଷା କରି ସମ୍ବିଧାନ ପ୍ରଣେୟିତାମାନେ ଅନୁଭବ କରିଥିଲେ ଯେ, ଯଦି କେନ୍ଦ୍ର ସରକାର ଶକ୍ତିଶାଳୀ ନ ହେବ ତେବେ ଭାରତ ଖଣ୍ଡ ବିଖଣ୍ଡିତ ହେବ । ଭାରତର ଏକତା, ଅଖଣ୍ଡତା ଓ ସଂହତିର ସୁରକ୍ଷା ପାଇଁ ସେମାନେ ଏକ ବଳିଷ୍ଠ କେନ୍ଦ୍ର ସରକାର ଗଠନ କରିଛନ୍ତି ।

**(୨) ସାମାଜିକ ବିବିଧତା (Social Diversities)**

ଭାରତ ହେଉଛି ଏପରି ଏକ ଦେଶ ଯେଉଁଠାରେ ବିଭିନ୍ନ ଧର୍ମ, ଭାଷା, ସଂସ୍କୃତି ଓ ଜାତିର ଲୋକ ବସବାସ କରିଥାନ୍ତି । ଧର୍ମ, ଭାଷା, ସଂସ୍କୃତି ଓ ସାହିତ୍ୟ, ଜାତିକୁ ନେଇ ଭାରତୀୟମାନଙ୍କ ମଧ୍ୟରେ ବିଭିନ୍ନତା ରହିଥିଲେ ହେଁ, 'ବିଭିନ୍ନତା ମଧ୍ୟରେ ଏକତା' ଭାରତୀୟ ସଂସ୍କୃତିର ମୂଳମନ୍ତ୍ର । ଏହି ସମସ୍ତ ସାମାଜିକ ବିଭିନ୍ନତା ସତ୍ତ୍ୱେ ଦେଶର ଏକତା ଓ ସଂହତିକୁ ସୁରକ୍ଷା କରିବା ପାଇଁ ସମ୍ବିଧାନ ପ୍ରଣେୟିତାମାନେ ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ଗଠନ କରିଛନ୍ତି ।

**(୩) ଭାରତ ବିଭାଜନର ପ୍ରଭାବ – (Impact of Partition of India)**

୧୯୪୭ ମସିହାରେ ଭାରତ ବ୍ରିଟିଶ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କରିଥିଲେ ହେଁ, ଅଖଣ୍ଡ ଭାରତ ବର୍ଷ ସ୍ୱାଧୀନ ହୋଇ ନ ଥିଲା ବ୍ରିଟିଶ ସରକାର ଭାରତକୁ ବିଭାଜନ କରି ଭାରତ ଓ ପାକିସ୍ଥାନ ନାମରେ ଦୁଇଟି ପୃଥକ୍ ରାଷ୍ଟ୍ରଗଠନ କରିଥିଲେ । ବିଭାଜନ ପରେ ମଧ୍ୟ ଭାରତରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ସଂଗଠିତ ହୋଇ ସ୍ୱାଧୀନ ଭାରତର ସଂହତି ପ୍ରତି ଆହ୍ୱାନ ସୃଷ୍ଟି କରିଥିଲା । ଭବିଷ୍ୟତରେ ଭାରତର ଏକତା ଓ ସଂହତିକୁ ସୁଦୃଢ଼ କରିବା ପାଇଁ ଭାରତରେ ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ଗଠନ ପାଇଁ ସାମ୍ବିଧାନିକ ବ୍ୟବସ୍ଥା କରାଗଲା । ସେହିପରି ଦେଶୀୟ ରାଜ୍ୟମାନଙ୍କୁ ଭାରତରେ ମିଶ୍ରଣ କରିବା ଉଦ୍ଦେଶ୍ୟରେ ମଧ୍ୟ କେନ୍ଦ୍ରକୁ ଶକ୍ତିଶାଳୀ କରାଯାଇଥିଲା ।

**(୪) ଅନ୍ୟାନ୍ୟ ସଂଘୀୟ ରାଷ୍ଟ୍ରର ପ୍ରଭାବ – (Impact of other Federations)**

ସଂପ୍ରତି ପୃଥିବୀର ସମସ୍ତ ସଂଘୀୟ ରାଷ୍ଟ୍ରର ପ୍ରକୃତିରେ ପରିବର୍ତ୍ତନ ଦେଖାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକା, ସୁଇଜର ଲ୍ୟାଣ୍ଡ, କାନାଡ଼ା ଓ ଅଷ୍ଟ୍ରେଲିଆ ଆଦି ସଂଘୀୟ ରାଷ୍ଟ୍ର କ୍ରମଶଃ କେନ୍ଦ୍ରାଭିମୁଖୀ ହେବାର ଲାଗିଛନ୍ତି । ସେହି ସମସ୍ତ ରାଷ୍ଟ୍ରରେ ଦିନକୁ ଦିନ ରାଜ୍ୟମାନଙ୍କର କ୍ଷମତା ହ୍ରାସ ପାଇବା ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା ବୃଦ୍ଧି ଯାଉଛି । ବିଶ୍ୱରେ ସଂଘୀୟ ରାଷ୍ଟ୍ରମାନଙ୍କର

ପ୍ରକୃତିର ପରିବର୍ତ୍ତନ ଭାରତୀୟ ସଂଘୀୟ ବ୍ୟବସ୍ଥାକୁ ପ୍ରଭାବିତ କରିଅଛି। ଫଳରେ ଭାରତରେ କେନ୍ଦ୍ର ସରକାରଙ୍କ କ୍ଷମତା କ୍ରମଶଃ ବୃଦ୍ଧି ପାଉଅଛି ।

ସଂପ୍ରତି ଭାରତୀୟ ଶାସନ ବ୍ୟବସ୍ଥାରେ ବହୁବିଧ କାରଣ ଯୋଗୁଁ ସଂଘୀୟ ଢାଞ୍ଚାରେ ପରିବର୍ତ୍ତନ ହେଉଅଛି । ସମଗ୍ର ବିଶ୍ୱରେ ସଂଘୀୟ ରାଷ୍ଟ୍ରରେ ଦେଖାଯାଉଥିବା କେନ୍ଦ୍ରୀକରଣ ପ୍ରକ୍ରିୟା ଭାରତୀୟ ସଂଘୀୟ ରାଷ୍ଟ୍ରରେ ଦେଖାଯାଉଥିବା କେନ୍ଦ୍ରୀକରଣ ପ୍ରକ୍ରିୟା ଭାରତୀୟ ସଂଘୀୟ ବ୍ୟବସ୍ଥାକୁ ପ୍ରଭାବିତ କରିଅଛି । ଆର୍ଥିକ ଦୃଷ୍ଟିରୁ ଭାରତୀୟ ରାଜ୍ୟମାନେ ସ୍ୱାବଲମ୍ବନଶୀଳ ହୋଇନଥିବାରୁ ସେମାନେ ରାଜ୍ୟର ବିକାଶ ପାଇଁ କେନ୍ଦ୍ରୀୟ ଅନୁଦାନ ଉପରେ ନିର୍ଭର କରୁଛନ୍ତି । ରାଜ୍ୟମାନଙ୍କୁ କେନ୍ଦ୍ରୀୟ ସହାୟତା ପ୍ରଦାନ କରି କେନ୍ଦ୍ର ସରକାର ରାଜ୍ୟ ସରକାରକୁ ନିୟନ୍ତ୍ରଣ କରୁଛନ୍ତି । ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଦେଶରେ ଏକ ବଳିଷ୍ଠ କେନ୍ଦ୍ର ସରକାରର ଆବଶ୍ୟକତା ରହିଛି । ସେହିପରି ଆନ୍ତର୍ଜାତୀୟ ସ୍ତରରେ ଭାରତକୁ ଏକ ପ୍ରମୁଖ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିବା ପାଇଁ କେନ୍ଦ୍ର ସରକାର ଶକ୍ତିଶାଳୀ ହେବା ଆବଶ୍ୟକ। ମାତ୍ର ଦେଶରେ ଆଞ୍ଚଳିକ ଦଳମାନଙ୍କର ପ୍ରଭାବ ବୃଦ୍ଧି ଏବଂ ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଦଳମାନଙ୍କ ଦ୍ୱାରା ସରକାର ଗଠନ କେନ୍ଦ୍ର ସରକାରଙ୍କ କ୍ରମବର୍ଦ୍ଧିଷ୍ଣୁ କ୍ଷମତା ଉପରେ ଅଙ୍କୁଶ ଲଗାଇ ପାରିଛି । ଫଳରେ ଭାରତ ଏକ 'କେନ୍ଦ୍ରୀଭୂତ ରାଷ୍ଟ୍ରସଂଘ'ରେ ପରିଣତ ହେବା ପରିବର୍ତ୍ତେ ଏକ 'ସହଯୋଗୀ ରାଷ୍ଟ୍ରସଂଘ'ରେ ପରିଣତ ହୋଇଅଛି।

❑❑❑

## ଚତୁର୍ଥ ଅଧ୍ୟାୟ

# ଭାରତରେ ସ୍ଥାନୀୟ ସରକାର

# [ Local Governance in India ]

## ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା– ଗଠନ ଓ କାର୍ଯ୍ୟାବଳୀ

## Rural and Urban Local Bodies–Composition and Functions

## ଗ - ବିଭାଗ (Group-C)

### ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କ'ଣ ? ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆଲୋଚନା କର ।**

**(What is local-self Government ? Discuss it aims and objectives.)**

ଉ. ଭାରତ ପୃଥିବୀର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର । ଭାରତୀୟ ଗଣତନ୍ତ୍ରର ସଫଳତା ତା'ର ଜନସାଧାରଣଙ୍କ ସଚେତନତା ଉପରେ ନିର୍ଭର କରିଥାଏ । ଭାରତୀୟ ନାଗରିକମାନଙ୍କୁ ଗଣତନ୍ତ୍ର ଶାସନ ସମ୍ବନ୍ଧରେ ସଚେତନ କରିବାପାଇଁ କ୍ଷମତାର ବିକେନ୍ଦ୍ରୀକରଣ ଏକ ବଳିଷ୍ଠ ମାଧ୍ୟମ । ଭାରତରେ ଶାସନ କ୍ଷମତାର ବିକେନ୍ଦ୍ରୀକରଣପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ଥାନୀୟ ସ୍ୱାୟତ୍ତଶାସନ ପ୍ରଚଳନ କରାଯାଇଛି । ସାଧାରଣତଃ ସ୍ୱାୟତ୍ତଶାସନର ଅର୍ଥ ହେଉଛି ନିଜେ ନିଜକୁ ଶାସନ କରିବା । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଜନ ସାଧାରଣଙ୍କର ବିଭିନ୍ନ ସମସ୍ୟାର ସମାଧାନପାଇଁ ସେହି ଅଞ୍ଚଳର ଜନସାଧାରଣଙ୍କୁ ନେଇ ଗଠିତ ସରକାରଙ୍କୁ ସ୍ଥାନୀୟ ସରକାର ବା ସ୍ଥାନୀୟ ସ୍ୱାୟତ୍ତଶାସନ କୁହାଯାଏ । ଏହି ଶାସନବ୍ୟବସ୍ଥା ଗଣତନ୍ତ୍ରର ପ୍ରାଥମିକ ବିଦ୍ୟାଳୟ ବା ଶାସନର ଭିତ୍ତିଭୂମି ଭାବେ କାର୍ଯ୍ୟ କରିଥାଏ । ଏହାଦ୍ୱାରା ସ୍ଥାନୀୟ ସମସ୍ୟାର ଉପଯୁକ୍ତ ସମାଧାନ ହେବା ସହିତ ସେହି ଅଞ୍ଚଳର ଦ୍ରୁତ ଉନ୍ନତି ସମ୍ଭବ ହୋଇଥାଏ । ଜନସାଧାରଣଙ୍କ ସର୍ବଦା ଜାଗ୍ରତ କରିବା ସହିତ ଗଣତନ୍ତ୍ର ସଫଳ ଓ ସୁଦୃଢ଼ କରିବା ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ମୁଖ୍ୟ ଲକ୍ଷ୍ୟ । କ୍ଷମତାର ବିକେନ୍ଦ୍ରକରଣ ପ୍ରକିୟାଦ୍ୱାରା ସୃଷ୍ଟି ହୋଇଥିବା ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଏକ ବିଶଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**(କ) ରାଜନୈତିକ ଚେତନା ସୃଷ୍ଟି :** ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିଥାଏ । ବାରମ୍ବାର ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସଂସ୍ପର୍ଶରେ ଆସିବା ଦ୍ୱାରା ସ୍ଥାନୀୟ ନାଗରିକମାନେ ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ ହେବା ସଙ୍ଗେ ସଙ୍ଗେ ରାଷ୍ଟ୍ର ଶାସନ ସମ୍ବନ୍ଧରେ ଶିକ୍ଷା ଲାଭ କରିଥାନ୍ତି ।

**(ଖ) ସ୍ଥାନୀୟ ସମସ୍ୟାର ସମାଧାନ :** ସାଧାରଣତଃ ସ୍ଥାନୀୟ ଜନସାଧାରଣ ସ୍ଥାନୀୟ ସମସ୍ୟା ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇଥାନ୍ତି । ଫଳରେ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ସେମାନେ ଉପଯୁକ୍ତ ପନ୍ଥା ନିର୍ଦ୍ଧାରଣ କରିଥାନ୍ତି । ପୁନଶ୍ଚ, ସ୍ଥାନୀୟ ଉତ୍ସାହ, ଉଦ୍ୟମ ଓ ପରାମର୍ଶରେ ସ୍ଥାନୀୟ ସମସ୍ୟାର ସମାଧାନ ସହଜ ହୋଇଥାଏ । ଏହି ସୁଯୋଗ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ହିଁ କରିଥାଏ ।

**(ଗ) ସ୍ଥାନୀୟ ନେତୃତ୍ୱ ସୃଷ୍ଟି :** ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଏକ ସ୍ଥାନୀୟ ସରକାର ସୃଷ୍ଟି ହୋଇଥିବାରୁ କେତେକ ସ୍ଥାନୀୟ ବ୍ୟକ୍ତି ନେତୃତ୍ୱ ଦେଇ ସ୍ଥାନୀୟ ସରକାର ଗଠନ କରିଥାନ୍ତି । ସୁତରାଂ,

ଏହି ସଂସ୍ଥା ଗୁଡ଼ିକ ନେତା ସୃଷ୍ଟି କରନ୍ତି ଓ ସେମାନଙ୍କୁ ଉଚିତ ତାଲିମ ପ୍ରଦାନ କରିଥାନ୍ତି । ଏହି ସମସ୍ତ ଶାସନରେ ନେତୃତ୍ୱ ନେଇଥିବା ବ୍ୟକ୍ତିମାନେ ଭବିଷ୍ୟତରେ ମଧ୍ୟ ରାଜ୍ୟ ଓ କେନ୍ଦ୍ରରେ ନେତୃତ୍ୱ ନେଇଥାନ୍ତି ।

**(ଘ) ଦ୍ରୁତ ଉନ୍ନତି :** ସ୍ଥାନୀୟ ସ୍ୱାୟତ୍ତ ଶାସନ ସ୍ଥାନୀୟ ସମସ୍ୟାର ଉପଯୁକ୍ତ ସମାଧାନ କରିବା ସହିତ ସ୍ଥାନୀୟ ଉନ୍ନତିକୁ ତ୍ୱରାନ୍ୱିତ କରିଥାଏ । ଫଳରେ ଲୋକମାନେ ଅଧିକ ଉପକୃତ ହୋଇଥାନ୍ତି ।

**(ଙ) ରାଜନୈତିକ ପରୀକ୍ଷାଗାର :** ସ୍ୱାୟତ୍ତ ଶାସନ ଗଣତନ୍ତ୍ର ପାଇଁ ପରୀକ୍ଷାଗାର । ଏହା ଲୋକମାନଙ୍କ ମନରେ ଗଣତାନ୍ତ୍ରିକ ସଂସ୍କୃତି ସୃଷ୍ଟି କରେ । ଫଳରେ ଦେଶରେ ଗଣତନ୍ତ୍ର ଅଧିକ ସୁଦୃଢ଼, ଅଧିକ ପରିପକ୍ୱ ଏବଂ ସୁଦୂର ପ୍ରସାରୀ ହୋଇଥାଏ । ତଳ ସ୍ତରରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ପଞ୍ଚାୟତିରାଜର ମୂଳ ଲକ୍ଷ୍ୟ ।

**(ଚ) ଗଣତନ୍ତ୍ରକୁ ସଫଳ କରିବା :** ଯେ କୌଣସି ରାଷ୍ଟ୍ରରେ ଗଣତନ୍ତ୍ର ଶାସନର ସଫଳତା ସେ ରାଷ୍ଟ୍ରର ନାଗରିକମାନଙ୍କର ସଚେତନତା ଉପରେ ନିର୍ଭର କରିଥାଏ । ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକ ସଚେତନ ନହେଲେ ଗଣତନ୍ତ୍ର ସଫଳ ହୋଇପାରିବ ନାହିଁ । ଭାରତର ଗ୍ରାମାଞ୍ଚଳରେ ଗଣତନ୍ତ୍ରକୁ ସଫଳ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପ୍ରଚଳନ କରାଯାଇଛି । ଏହା ସମାଜର ନିମ୍ନସ୍ତରର ଲୋକମାନଙ୍କୁ ରାଜନୈତିକ ଶିକ୍ଷା ପ୍ରଦାନ କରିବା ସହିତ ସେମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ଚିନ୍ତାଧାରା ସୃଷ୍ଟି କରିଥାଏ । ଅର୍ଥାତ୍ ଏହା ନିମ୍ନସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରେ ।

**ପ୍ର.୨. ଗ୍ରାମପଞ୍ଚାୟତର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।**

**(Discuss the composition and functions of the Village Panchayat.)**

**ଉ.** ଭାରତର ଗ୍ରାମାଞ୍ଚଳରେ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାରୂପେ ପ୍ରଚଳିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ନିମ୍ନସ୍ତରକୁ ଗ୍ରାମପଞ୍ଚାୟତ କୁହାଯାଏ । ଏଠାରେ ଗଣତନ୍ତ୍ର ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟକାରୀ ହୋଇଥାଏ । ସାଧାରଣତଃ ଏକ ବା ଏକାଧିକ ଗ୍ରାମ ବା ଦୁଇ ହଜାରୁ ଛଅ ହଜାର ପର୍ଯ୍ୟନ୍ତ ଲୋକଙ୍କୁ ନେଇ ଗ୍ରାମପଞ୍ଚାୟତ ଗଠିତ ହୋଇଥାଏ । ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ଏକାଧିକ ୱାର୍ଡ଼ରେ ବିଭକ୍ତ କରାଯାଇଥାଏ । ଗୋଟିଏ ଗ୍ରାମପଞ୍ଚାୟତ ୧୧ ରୁ ୨୫ ପର୍ଯ୍ୟନ୍ତ ୱାର୍ଡ଼ ରହିପାରେ । ପ୍ରତ୍ୟେକ ୱାର୍ଡ଼ରୁ ଜଣେ ଜଣେ ୱାର୍ଡ଼ ମେମ୍ବର ବା ପଞ୍ଚ ନିର୍ବାଚିତ ହୋଇଥାନ୍ତି । ପଞ୍ଚ, ନାଏବ ସରପଞ୍ଚ ଓ ସରପଞ୍ଚଙ୍କୁ ନେଇ ଗ୍ରାମପଞ୍ଚାୟତ ଗଠିତ । ସରପଞ୍ଚ ପ୍ରତ୍ୟେକ ଭାବରେ ଗ୍ରାମପଞ୍ଚାୟତର ନାଗରିକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ୱାର୍ଡ଼ ମେମ୍ବରମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ନାଏବ ସରପଞ୍ଚ ଭାବେ ନିର୍ବାଚିତ କରିଥାନ୍ତି । ସରପଞ୍ଚ ଗ୍ରାମପଞ୍ଚାୟତର ଅଧ୍ୟକ୍ଷ ଅଟନ୍ତି । ସେ ଗ୍ରାମପଞ୍ଚାୟତର ବୈଠକ ଆହ୍ୱାନ କରନ୍ତି ଓ ଏଥିରେ ଅଧ୍ୟକ୍ଷତା କରିଥାନ୍ତି । ଓଡ଼ିଶାରେ ୬୮୦୪ଟି ଗ୍ରାମପଞ୍ଚାୟତ ରହିଅଛି ।

ଗ୍ରାମପଞ୍ଚାୟତର କାର୍ଯ୍ୟକାଳ ୫ ବର୍ଷ । ଏହା ପୂର୍ବରୁ ସରକାର ଗ୍ରାମ ପଞ୍ଚାୟତକୁ ଭଙ୍ଗ କରିପାରନ୍ତି ।

**କାର୍ଯ୍ୟାବଳୀ :**

ଗ୍ରାମ ପଞ୍ଚାତର କାର୍ଯ୍ୟାବଳୀ ଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଅନୁସାରେ ଗ୍ରାମ ପଞ୍ଚାୟତର ନିମ୍ନଲିଖିତ କାର୍ଯ୍ୟ ରହିଅଛି ।

**ବାଧ୍ୟତାମୂଳକ କାର୍ଯ୍ୟ :**

(୧) ରାସ୍ତା ଘାଟର ନିର୍ମାଣ ଓ ମରାମତି କରିବା ।

(୨) ରାସ୍ତାରେ ଆଲୋକ ପ୍ରଦାନ କରିବା ଓ ରାସ୍ତାପାର୍ଶ୍ୱ ନାଳ ନିର୍ମାଣ ।

(୩) ପାନୀୟ ଜଳର ସୁବିଧା ପାଇଁ କୂପ, ନଳକୂପ ଓ ପୋଖରୀ ଖନନ କରିବା ।

(୪) ପଞ୍ଚାୟତ ସମ୍ପତ୍ତି ଓ କୋଠାବାଡ଼ିର ପରିଚାଳନା ଓ ରକ୍ଷଣାବେକ୍ଷଣ କରିବା ।

(୫) ପ୍ରାଥମିକ ଶିକ୍ଷା ଓ ପ୍ରୌଢ଼ ଶିକ୍ଷାର ପ୍ରସାର କରିବା ।

(୬) ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା ଓ ରୋଗ ନିରାକରଣ ବ୍ୟବସ୍ଥା କରିବା ।

(୭) ହାଟ ବଜାର ନିୟନ୍ତ୍ରଣ କରିବା ।

(୮) ଜନ୍ମ ମୃତ୍ୟୁର ହିସାବ କରିବା ଓ ବିବାହ ପଞ୍ଜିକରଣ କରିବା ।

(୯) କୃଷିର ଉନ୍ନତି ଓ ମୃତ୍ତିକା ସଂରକ୍ଷଣ କରିବା ।
(୧୦) ଶୌଚାଳୟ ଓ ନର୍ଦ୍ଦମା ନିର୍ମାଣ ଓ ରକ୍ଷଣାବେକ୍ଷଣ କରିବା ।
(୧୧) ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା କରିବା ।
(୧୨) ସମାଜମଙ୍ଗଳ, ଶାରୀରିକ ଅକ୍ଷମ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ ଯୋଜନା ପ୍ରସ୍ତୁତ କରିବା ।

**ଇଚ୍ଛାଧୀନ କାର୍ଯ୍ୟ :**

(୧) ଗ୍ରାମ୍ୟ ରାସ୍ତାରେ ବୃକ୍ଷ ରୋପଣ କରିବା ।
(୨) ପଞ୍ଚାୟତରେ ପାଠାଗାର ନିର୍ମାଣ ।
(୩) ଶିଶୁ ଓ ମାତୃମଙ୍ଗଳ କେନ୍ଦ୍ର ପ୍ରତିଷ୍ଠା ।
(୪) ସମବାୟ ସମିତିର ବିକାଶ ।
(୫) କୃଷିଜାତ ଦ୍ରବ୍ୟର ବିକ୍ରୟ କେନ୍ଦ୍ର ।
(୬) ଗୋଶାଳା ଓ ଗୋଫାର୍ମ ପ୍ରତିଷ୍ଠା ।
(୭) ପ୍ରାକୃତିକ ବିପର୍ଯ୍ୟୟରେ ଲୋକମାନଙ୍କୁ ସହାୟତା ପ୍ରଦାନ ।
(୮) କୁଟୀର ଶିଳ୍ପର ବିକାଶ ।
(୯) କ୍ଲବ, ଚିତ୍ତ ବିନୋଦନ କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ।
(୧୦) ପଶୁ ସମ୍ପଦ ପାଳନ ଓ ଏହାର ଉନ୍ନତି କରିବା ଇତ୍ୟାଦି ।

ଏହା ବ୍ୟତୀତ ଗ୍ରାମପଞ୍ଚାୟତ ଏକ ଅଦାଲତି ପଞ୍ଚାୟତ ବା ନ୍ୟାୟ ପଞ୍ଚାୟତ ପ୍ରତିଷ୍ଠା କରି ଛୋଟ ଛୋଟ ମାମଲା ଗୁଡ଼ିକୁ ବିଚାର କରିପାରିବ ।

**ଗ୍ରାମପଞ୍ଚାୟତର ଆୟ :**

(୧) ବିଭିନ୍ନ ପ୍ରକାର କର ଓ ଟିକସରୁ ଆୟ ।
(୨) ଲାଇସେନସ୍ ଫି, ପଞ୍ଜୀକରଣ ଫି, ବଜାର ଗୃହ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଠାରୁ ଫି ଆଦାୟ କରି ।
(୩) ଗାଁ ହାଟ, ଘାଟ ଓ ପୋଖରୀ ନିଲାମ କରି ।
(୪) ପଞ୍ଚାୟତରୁ ଆଦାୟ ହେଉଥିବା ଜୋରିମାନା ।
(୫) ଉନ୍ନୟନ ପାଇଁ ସରକାରଙ୍କ ଠାରୁ ଆସୁଥିବା ଅନୁଦାନ ।
(୬) ଲୋକମାନଙ୍କ ଠାରୁ ମିଳୁଥିବା ଦାନ ।

**ପ୍ର.୩. ପଞ୍ଚାୟତ ସମିତିର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।**

**(Discuss the composition and functions of Panchayat Samiti.)**

**ଉ.** ଭାରତର ଗ୍ରାମାଞ୍ଚଳର ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାରୂପେ ପ୍ରଚଳିତ ତିନିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ମଧ୍ୟମସ୍ତର ହେଉଛି ପଞ୍ଚାୟତ ସମିତି । ଏହା ପ୍ରତ୍ୟେକ ବ୍ଲକ୍ ବା ମଣ୍ଡଳ ସ୍ତରରେ ଗଠିତ ହୋଇଥାଏ । ବର୍ତ୍ତମାନ ଓଡ଼ିଶାରେ ୩୧୪ଟି ବ୍ଲକ୍ ଥିବାରୁ ସମାନ ସଂଖ୍ୟକ ପଞ୍ଚାୟତ ସମିତି ରହିଅଛି । ପ୍ରତ୍ୟେକ ପଞ୍ଚାୟତ ସମିତି ଅଧିନରେ କେତେ ଗ୍ରାମପଞ୍ଚାୟତ ରହିଥାଏ । ଗ୍ରାମପଞ୍ଚାୟତଗୁଡ଼ିକର କାର୍ଯ୍ୟକୁ ତତ୍ତ୍ୱାବଧାନ କରିବା ଏବଂ ବ୍ଲକ୍ ଅଧୀନରେ ଥିବା ଗ୍ରାମଗୁଡ଼ିକର ଉନ୍ନତିସାଧନ କରିବା ପଞ୍ଚାୟତ ସମିତି ମୁଖ୍ୟ କାର୍ଯ୍ୟ ଅଟେ ।

**ଗଠନ :**

ପଞ୍ଚାୟତ ସମିତି ଉଭୟ ସରକାରୀ ଓ ବେସରକାରୀ ସଭ୍ୟଙ୍କୁ ନେଇ ଗଠିତ୍ ହୋଇଥାଏ । ବେସରକାରୀ ସଭ୍ୟ : (୧) ପଞ୍ଚାୟତ ସମିତିର ଅଧକ୍ଷ ଓ ଉପାଧକ୍ଷ, (୨) ପ୍ରତ୍ୟେକ ଗ୍ରାମପଞ୍ଚାୟତରୁ ନିର୍ବାଚିତ ହୋଇଆସିଥିବା ସମିତି ସଭ୍ୟ, (୩) ପଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ସରପଞ୍ଚମାନେ, (୪) ବ୍ଲକରେ ଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷମାନେ,

(୫) ସ୍ଥାନୀୟ ବିଧାୟକ ଓ ଲୋକସଭା ସଦସ୍ୟ ।

ବ୍ଲକ୍ ଅଧୀନରେ ଥିବା ଗ୍ରାମପଞ୍ଚାୟତରୁ ଜଣେ ସଭ୍ୟ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥାନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ଓ ଅନ୍ୟ ଜଣଙ୍କୁ ଉପାଧ୍ୟକ୍ଷ ଭାବେ ସଭ୍ୟମାନେ ନିର୍ବାଚିତ କରିଥାନ୍ତି । ଆଦିବାସୀ, ହରିଜନ ଓ ମହିଳାମାନଙ୍କ ପାଇଁ ଏଥିରେ ସ୍ଥାନ ସଂରକ୍ଷିତ ଥାଏ । ପଞ୍ଚାୟତ ସମିତିର ଅଧ୍ୟକ୍ଷ ମହିଳା ହେଲେ ଉପାଧ୍ୟକ୍ଷ ପୁରୁଷ ହେବା ଆବଶ୍ୟକ ।

**ସରକାରୀ ସଭ୍ୟ :**

(୧) ଗୋଷ୍ଠୀ ଉନ୍ନୟନ ଅଧିକାରୀ (B.D.O)

(୨) ଶିକ୍ଷା, କୃଷି, ସମବାୟ, ଶିଳ୍ପ, ମତ୍ସ୍ୟ ଇତ୍ୟାଦି ବିଭାଗରେ ଥିବା ବ୍ଲକ୍ ସ୍ତରୀୟ ଅଫିସରମାନେ ।

ଅଧ୍ୟକ୍ଷ ପଞ୍ଚାୟତ ସମିତିର କାର୍ଯ୍ୟପାଳିକାର ମୁଖ୍ୟ । ସେ ପଞ୍ଚାୟତ ସମିତି ବୈଠକ ଆହ୍ୱାନ କରନ୍ତି ଓ ସେଥିରେ ଅଧ୍ୟକ୍ଷତା କରନ୍ତି । ଗୋଷ୍ଠୀ ଉନ୍ନୟନ ଅଧିକାରୀ (B.D.O) ପଞ୍ଚାୟତ ସମିତିର କାର୍ଯ୍ୟକାରୀ ଅଧିକାରୀ ।

**ପଞ୍ଚାୟତ ସମିତିର କାର୍ଯ୍ୟାବଳୀ :**

ପଞ୍ଚାୟତ ସମିତି ନିମ୍ନଲିଖିତ କାର୍ଯ୍ୟମାନ ସମ୍ପାଦନ କରିଥାନ୍ତି ।

(୧) ବ୍ଲକ୍ ସ୍ତରୀୟ ସମସ୍ତ ଉନ୍ନୟନ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିବା ଓ ଏହାକୁ କାର୍ଯ୍ୟକାରୀ ଓ ତଦାରଖ କରିବା ।

(୨) ବ୍ଲକ୍ ସ୍ତରରେ ପ୍ରାଥମିକ ଶିକ୍ଷାର ନିୟନ୍ତ୍ରଣ, ପରିଚାଳନା ଓ ପ୍ରସାର କରିବା ।

(୩) ଗ୍ରାମପଞ୍ଚାୟତ ଗୁଡ଼ିକର ତଦାରଖ କରିବା ।

(୪) ବ୍ଲକରେ ଥିବା ସରକାରୀ ଟ୍ରଷ୍ଟ, ଦେବୋତ୍ତର ସମ୍ପତ୍ତି ଓ ଅନ୍ୟାନ୍ୟ ଅନୁଷ୍ଠାନର ପରିଚାଳନା ।

(୫) ଜନ୍ମମୃତ୍ୟୁର ପଞ୍ଜୀକରଣ, ଟିକାଦେବା ସମ୍ବନ୍ଧୀୟ ଆଇନର କାର୍ଯ୍ୟକାରିତାର ତଦାରଖ ।

(୬) ଗ୍ରାମପଞ୍ଚାୟତ ବଜେଟ୍‌ର ମଞ୍ଜୁରୀ

(୭) ନିଜସ୍ୱ ବଜେଟ୍ ପ୍ରସ୍ତୁତ

(୮) ଋଣ ସଂଗ୍ରହ

(୯) ପଞ୍ଚାୟତ ସମିତି କର୍ମଚାରୀଙ୍କ ପାଇଁ ନିୟମ, ବ୍ୟବସ୍ଥାପନ ଓ ଚାକିରି ସର୍ତ୍ତାବଳୀ ତିଆରି କରିବା ଓ କାର୍ଯ୍ୟକାରୀ କରିବା ।

(୧୦) ସରକାରୀ ବିଭିନ୍ନ ସମୟରେ ସମିତିକୁ ପ୍ରଦାନ କରିଥିବା କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ।

**ଆୟର ପନ୍ଥା :**

(୧) ଗୋଷ୍ଠୀ ଉନ୍ନୟନ ଯୋଜନା ବାବଦକୁ ଆସୁଥିବା ଅନୁଦାନ ।

(୨) ସରକାରଙ୍କ ଅନୁଦାନ

(୩) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଅନୁଦାନ

(୪) ପଞ୍ଚାୟତର ଜନସାଧାରଣଙ୍କ ଠାରୁ ମିଳିଥିବା ଦାନ

(୫) ଏହା ଅଧୀନରେ ଥିବା ଦେବୋତ୍ତର ଓ ଅନ୍ୟାନ୍ୟ ଟ୍ରଷ୍ଟରୁ ଆୟ ।

ପଞ୍ଚାୟତ ସମିତି ପଞ୍ଚାୟତିରାଜର ମଧ୍ୟମ ସୋପାନରେ ଅବସ୍ଥିତ । ଗଣତାନ୍ତ୍ରିକ କ୍ଷମତା ବିକେନ୍ଦ୍ରୀକରଣରେ ଏହାର ଏକ ବିଶେଷ ଭୂମିକା ରହିଛି । କ୍ଷମତାର ନିମ୍ନସ୍ତର ଓ ଉଚ୍ଚସ୍ତର ମଧ୍ୟରେ ଏହା ଏକ ସଂଯୋଗକାରୀ ସେତୁ ରୂପେ କାର୍ଯ୍ୟ କରେ ।

**ପ୍ର.୪. ଜିଲ୍ଲା ପରିଷଦର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।**

**(Discuss the composition and functions of Zilla Parisad.)**

ଉ. ଭାରତର ଗ୍ରାମାଞ୍ଚଳରେ ପ୍ରଚଳିତ ତିନିସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରକୁ ଜିଲ୍ଲା ପରିଷଦ କୁହାଯାଏ । ଗ୍ରାମାଞ୍ଚଳିକ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା । ଏହି ସଂସ୍ଥା ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ସଂସ୍ଥା ରୂପେ

ପରିଚିତ । ଓଡ଼ିଶାରେ ମଧ୍ୟ ୧୯୬୮ ମସିହାରୁ ୧୯୯୩ ମସିହା ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ପରିବର୍ତ୍ତେ ଜିଲ୍ଲା ଉନ୍ନୟନ ପରିଷଦ ଗଠିତ ହୋଇଥିଲା । କିନ୍ତୁ ଓଡ଼ିଶାର ଗ୍ରାମପଞ୍ଚାୟତ ଆଇନକୁ ସଂଶୋଧନ କରାଯାଇ ପୁନଶ୍ଚ ଜିଲ୍ଲା ପରିଷଦ ଗଠନ କରାଯାଇଛି । ଏହା ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ରୂପେ ବର୍ତ୍ତମାନ ଓଡ଼ିଶାରେ କାର୍ଯ୍ୟ କରୁଅଛି ।

**ଜିଲ୍ଲା ପରିଷଦର ଗଠନ :**

ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ଜିଲ୍ଲା ପରିଷଦ ରହିଅଛି । ନୂତନ ଆଇନ ଅନୁସାରେ ପ୍ରତ୍ୟେକ ଜିଲ୍ଲାକୁ କେତୋଟି ଅଞ୍ଚଳରେ ବିଭକ୍ତ କରାଯାଇଥାଏ । ପ୍ରତ୍ୟେକ ଅଞ୍ଚଳରୁ ଜଣେ ଜଣେ ଜିଲ୍ଲା ପରିଷଦକୁ ସାର୍ବଜନୀନ ସାବାଳକ ଭୋଟ ପ୍ରଥା ମାଧ୍ୟମରେ ନିର୍ବାଚିତ ହୋଇଥାନ୍ତି । ସେହି ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତି ବା ଅଧ୍ୟକ୍ଷ ଓ ଅନ୍ୟ ଜଣଙ୍କୁ ଉପାଧ୍ୟକ୍ଷ ରୂପେ ନିର୍ବାଚିତ କରିଥାନ୍ତି । ଅନ୍ୟାନ୍ୟ ଗଣତାନ୍ତ୍ରିକ ସଂସ୍ଥା ପରି ଜିଲ୍ଲା ପରିଷଦ ସଭ୍ୟମାନଙ୍କ ମଧ୍ୟରୁ କେତେକ ସ୍ଥାନ ଆଦିବାସୀ, ହରିଜନ ଓ ମହିଳା ମାନଙ୍କ ପାଇଁ ସଂରକ୍ଷିତ ହୋଇଥାଏ । କେତେକ ଜିଲ୍ଲାରେ ଅଧ୍ୟକ୍ଷ ପଦ ମଧ୍ୟ ସଂରକ୍ଷିତ । ଏହା ବ୍ୟତୀତ ଜିଲ୍ଲା ପରିଷଦରେ ଅନ୍ୟ କେତେକ ସଭ୍ୟ ରହିଥାନ୍ତି । ସେମାନେ ହେଲେ, ଜିଲ୍ଲାରେ ଥିବା ପଞ୍ଚାୟତ ସମିତିର ଅଧ୍ୟକ୍ଷମାନେ, ସମସ୍ତ ପୌରସଂସ୍ଥାର ଅଧ୍ୟକ୍ଷ, ଜିଲ୍ଲା ସମବାୟ ସମିତିର ଅଧ୍ୟକ୍ଷ, ଜିଲ୍ଲାର ସମସ୍ତ ବିଧାୟକ ଓ ସଂସଦ ସଭ୍ୟ । ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଜିଲ୍ଲା ପରିଷଦ ସରକାରୀ ସଭ୍ୟଭାବେ କାର୍ଯ୍ୟ କରିଥାନ୍ତି । ଅଧ୍ୟକ୍ଷ ଜିଲ୍ଲା ପରିଷଦର ବୈଠକ ଆହ୍ୱାନ କରନ୍ତି, କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତି ଓ ବୈଠକ ପରିଚାଳନା କରିଥାନ୍ତି । ଏହାର ସାଧାରଣ କାର୍ଯ୍ୟକାଳ ୫ ବର୍ଷ ହେଲେ ମଧ୍ୟ ରାଜ୍ୟ ସରକାର ଏହାକୁ ପୂର୍ବରୁ ଭଙ୍ଗ କରିପାରନ୍ତି ।

**କାର୍ଯ୍ୟାବଳୀ :**

ନୂତନ ପଞ୍ଚାୟତିରାଜ ଆଇନ ଅନୁସାରେ ଜିଲ୍ଲା ପରିଷଦ ନିମ୍ନଲିଖିତ କାର୍ଯ୍ୟ କରିଥାଏ ।

**(୧) କାର୍ଯ୍ୟପାଳିକା କାର୍ଯ୍ୟ :**

(କ) ପଞ୍ଚାୟତ ସମିତିମାନଙ୍କର ବଜେଟ୍ ଅନୁମୋଦିତ କରିବା ।

(ଖ) ପଞ୍ଚାୟତ ସମିତିମାନଙ୍କରୁ ଆବଶ୍ୟକୀୟ ସୂଚନା, ବକ୍ତବ୍ୟ ଓ ନଥି ମଗାଇବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥାଏ ।

(ଗ) ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତର କାର୍ଯ୍ୟ ସୁପରିଚାଳନା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିଥାଏ ।

**(୨) ସମନ୍ୱୟ କାର୍ଯ୍ୟାବଳୀ :**

(କ) ପଞ୍ଚାୟତ ସମିତିମାନଙ୍କ ଦ୍ୱାରା ପ୍ରସ୍ତୁତ ଉନ୍ନୟନ ମୂଳକ କାର୍ଯ୍ୟ ଓ ଯୋଜନା ମଧ୍ୟରେ ସମନ୍ୱୟ ରକ୍ଷା କରିବା ।

(ଖ) ପଞ୍ଚାୟତ ସମିତିମାନଙ୍କ ମଧ୍ୟରେ ମଞ୍ଜୁର ସରକାରୀ ଅର୍ଥକୁ ବଣ୍ଟନ କରିବା ।

(ଗ) ଜିଲ୍ଲାରେ କାର୍ଯ୍ୟରତ ଆଞ୍ଚଳିକ ଅଫିସରମାନଙ୍କ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ।

(ଘ) ପଞ୍ଚାୟତ ସମିତିମାନଙ୍କରେ ସାଧାରଣ ଯୋଜନା, ପରିଯୋଜନା ଏବଂ କାର୍ଯ୍ୟ ପନ୍ଥାମାନଙ୍କୁ ଆଖି ଆଗରେ ରଖି ଆନ୍ତଃବ୍ଲକ୍ କାର୍ଯ୍ୟାବଳୀର ସମନ୍ୱୟ ରକ୍ଷା କରିବା ।

(ଙ) ଜିଲ୍ଲା ଅଧୀନସ୍ଥ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିମାନଙ୍କ ନିୟମିତତା ପ୍ରଶ୍ନ ଉପରେ ସଂପୃକ୍ତ ଜିଲ୍ଲାପାଳ ଏବଂ ରାଜସ୍ୱ ମଣ୍ଡଳ ଆୟୁକ୍ତଙ୍କୁ ଅବଗତ କରାଇବା ଇତ୍ୟାଦି ।

**(୩) ଉନ୍ନୟନ ମୂଳକ କାର୍ଯ୍ୟ :**

ଜିଲ୍ଲା ପରିଷଦ ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ତଦାରଖ କରେ । ଏହା ମଧ୍ୟ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ ଓ ଅନୁମୋଦନ କରିଥାଏ ।

**(୪) ଉପଦେଶାତ୍ମକ କାର୍ଯ୍ୟ :**

ପଞ୍ଚାୟତିରାଜ ବ୍ୟବସ୍ଥାରେ ସର୍ବୋଚ୍ଚ ସ୍ତରଭାବରେ ଏହା ପଞ୍ଚାୟତ ସମିତିମାନଙ୍କୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ବିଭିନ୍ନ ଉପଦେଶ ଦେଇଥାଏ । ଜିଲ୍ଲା ସ୍ତରୀୟ ନିଯୁକ୍ତି ଓ ଅନ୍ୟାନ୍ୟ କର୍ମ ସଂସ୍ଥାନ ବନ୍ଦୋବସ୍ତ ପାଇଁ ଏହା ସଂପୃକ୍ତ ଅଧିକାରୀଙ୍କୁ ଉପଦେଶ ପ୍ରଦାନ କରିଥାଏ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସୁପରିଚାଳନା ପାଇଁ ଏହା ବିଭିନ୍ନ ଉପଦେଶ ଦେଇଥାଏ ।

(ଙ) ଅନ୍ୟାନ୍ୟ କାର୍ଯ୍ୟ :

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଏହା ଗ୍ରାମପଞ୍ଚାୟତର କାର୍ଯ୍ୟାବଳୀକୁ ତଦାରଖ ତଥା ନିୟନ୍ତ୍ରଣ କରିଥାଏ । ଜିଲ୍ଲା ସ୍ତରରେ କାର୍ଯ୍ୟରତ ବିଭିନ୍ନ ଅଫିସରମାନଙ୍କ କାର୍ଯ୍ୟକୁ ଏହା ଅନେକାଂଶରେ ନିୟନ୍ତ୍ରଣ କରିଥାଏ ।

ଆୟପନ୍ଥା :

ଜିଲ୍ଲାପରିଷଦ ସାଧାରଣତଃ ନିମ୍ନଲିଖିତ ଉତ୍ସମାନଙ୍କରୁ ଆୟକରି ଏହାକୁ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ଖର୍ଚ୍ଚ କରିଥାନ୍ତି ।

(କ) କେନ୍ଦ୍ର ଓ ରାଜ୍ୟ ସାରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ପାଣ୍ଠି ।

(ଖ) ଭୂ-ଉପକର ଓ ଅନ୍ୟାନ୍ୟ ଉପକରରୁ ଅଂଶପ୍ରାପ୍ତି ।

(ଗ) କୁଟିରଶିଳ୍ପ, ଗ୍ରାମ୍ୟ ଓ କ୍ଷୁଦ୍ରଶିଳ୍ପ ଉନ୍ନୟନ ପାଇଁ ସର୍ବଭାରତୀୟ ସଂସ୍ଥାମାନଙ୍କଠାରୁ ଅନୁଦାନ ।

(ଘ) ପ୍ରଦତ୍ତ ସଂପତ୍ତି, ନ୍ୟାସ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରୁ ଆୟ ।

(ଙ) ଜନସାଧାରଣ ଓ ସମିତିଗୁଡ଼ିକରୁ ଦାନ ।

ସୁତରାଂ, ଗ୍ରାମାଞ୍ଚଳର ଉନ୍ନତି ପାଇଁ ଜିଲ୍ଲା ପରିଷଦ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥାଏ । ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର ଭାବରେ ଜିଲ୍ଲା ପରିଷଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି ।

**ପ୍ର.୫. ଭାରତରେ ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ବିଭିନ୍ନ ପ୍ରତିବନ୍ଧକଗୁଡ଼ିକ ଆଲୋଚନା କର ।**

**(Explain the problems of Rural local Self Government in India.)**

**କିମ୍ବା, ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାମାନ ଆଲୋଚନା କର ।**

**(Discuss the problems facing by the Panchayatiraj System in India.)**

**ଉ.** ଭାରତ ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଭାରତୀୟ ଗଣତନ୍ତ୍ରର ସଫଳତା ତା'ର ଜନସାଧାରଣଙ୍କ ସଚେତନତା ଉପରେ ନିର୍ଭର କରିଥାଏ । ଭାରତୀୟ ନାଗରିକମାନଙ୍କୁ ଗଣତନ୍ତ୍ର ଶାସନ ସମ୍ବନ୍ଧରେ ସଚେତନ କରିବା ପାଇଁ କ୍ଷମତାର ବିକେନ୍ଦ୍ରୀକରଣ ଏକ ବଳିଷ୍ଠ ମାଧ୍ୟମ । ଭାରତରେ କ୍ଷମତାର ବିକେନ୍ଦ୍ରୀକରଣ କରିବା ପାଇଁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଜନସାଧାରଣଙ୍କ ମଧ୍ୟରେ ରାଜନୈତିକ ଚେତନା ଜାଗ୍ରତ, କ୍ଷମତାର ବିକେନ୍ଦ୍ରୀକରଣ, ସ୍ଥାନୀୟ ନେତୃତ୍ୱ ସୃଷ୍ଟି, ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ଲୋକମାନଙ୍କ ମଧ୍ୟରେ ସହନଶୀଳତା ଓ ସହଯୋଗ ବୃଦ୍ଧି ତଥା ସ୍ଥାନୀୟ ସମସ୍ୟାର ସମାଧାନ କରିବା ଏହାର ଲକ୍ଷ୍ୟ ହୋଇଥିଲେ ହେଁ ନିମ୍ନଲିଖିତ କେତେକ କାରଣ ଯୋଗୁଁ ଏହି ବ୍ୟବସ୍ଥା ତାର ବାସ୍ତବ ଲକ୍ଷ୍ୟ ହାସଲ କରିପାରେ ନାହିଁ । ଭାରତରେ ପ୍ରଚଳିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର କାର୍ଯ୍ୟକାରିତା ପଥରେ ନିମ୍ନଲିଖିତ ସମସ୍ୟା ଗୁଡ଼ିକ ରହିଅଛି ।

**(କ) ନିରକ୍ଷରତା :** ଭାରତର ଅଧିକାଂଶ ଜନସାଧାରଣ ନିରକ୍ଷର ଅଟନ୍ତି । ଏପରିକି ସ୍ୱାୟତ୍ତ ଶାସନ ପାଇଁ ନିର୍ବାଚିତ ପ୍ରତିନିଧିମାନେ ନିରକ୍ଷର । ତେଣୁ ସେମାନେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ଲକ୍ଷ୍ୟ ଏବଂ ଆଦର୍ଶ ବିଷୟରେ ଉପଲବ୍ଧି କରିପାରନ୍ତି ନାହିଁ କିମ୍ବା ନିଜର କର୍ତ୍ତବ୍ୟ ବିଷୟରେ ସଚେତନ ନୁହନ୍ତି । ଏଥିପାଇଁ ଏହି ବ୍ୟବସ୍ଥା ସଫଳ ହେଉନାହିଁ । ନିରକ୍ଷରତା ଭାରତର ସ୍ୱାୟତ୍ତ ଶାସନ ସଫଳତା ଦିଗରେ ମୁଖ୍ୟ ପ୍ରତିବନ୍ଧକ ।

**(ଖ) ଦାରିଦ୍ର୍ୟତା :** ଭାରତ ଏକ ଗରିବ ରାଷ୍ଟ୍ର । ଏହା ଗ୍ରାମାଞ୍ଚଳରେ ବାସ କରୁଥିବା ଅଧିକାଂଶ ଲୋକ ଦରିଦ୍ର ସୀମାରେଖା ତଳେ ରହିଛନ୍ତି । ଫଳରେ ସେମାନେ ସ୍ଥାନୀୟ ଶାସନ ପାଇଁ ଆବଶ୍ୟକ ବିଭିନ୍ନ କର ଖଜଣା ଆଦି ପ୍ରଦାନ କରିପାରନ୍ତି ନାହିଁ । ଏହା ବ୍ୟତୀତ ଦାରିଦ୍ର୍ୟତା ଯୋଗୁଁ ସେମାନେ ସ୍ଥାନୀୟ ସରକାର ବିଷୟରେ ଜାଣିବାକୁ ଇଚ୍ଛା ପ୍ରକାଶ କରିପାରନ୍ତି ନାହିଁ ।

**(ଗ) ଆର୍ଥିକ ଅଭାବ :** ଅର୍ଥର ଅଭାବ ସ୍ଥାନୀୟ ସ୍ୱାୟତ୍ତ ଶାସନର ସଫଳତା ଦିଗରେ ଅନ୍ୟ ଏକ ପ୍ରତିବନ୍ଧକ । ସ୍ୱାୟତ୍ତ ଶାସନ ମାଧ୍ୟମରେ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଅର୍ଥ ଅଭାବ ଯୋଗୁଁ କାର୍ଯ୍ୟକାରୀ ହୋଇପାରେ ନାହିଁ ।

**(ଘ) ଦଳୀୟ ମନୋଭାବ :** ସ୍ଥାନୀୟ ସ୍ୱାୟତ୍ତ ଶାସନର ସଫଳତା ଦିଗରେ ଅନ୍ୟ ଏକ ପ୍ରତିବନ୍ଧକ ହେଉଛି ଦଳୀୟ ମନୋଭାବ । ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରୁ ଅନେକ ନିରକ୍ଷର ହୋଇଥିବାରୁ ସେମାନେ ଅନ୍ଧ ଭାବେ ବିଭିନ୍ନ ଦଳରେ

ବିଭକ୍ତ ହୋଇଥାନ୍ତି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଅନେକ ସମୟରେ ଦଳୀୟ କନ୍ଦଳ ଦେଖାଯାଏ । ଫଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ ।

**(ଙ) ସାମ୍ପ୍ରଦାୟିକତା :** ଭାରତର ଗ୍ରାମମାନଙ୍କରେ ବିଭିନ୍ନ ଧର୍ମ, ବିଭିନ୍ନ ଜାତି ଏବଂ ବିଭିନ୍ନ ସମ୍ପ୍ରଦାୟର ଲୋକ ବାସ କରନ୍ତି । ଏହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ନିରକ୍ଷର ହୋଇଥିବା ଯୋଗୁଁ ସେମାନଙ୍କ ମଧ୍ୟରେ ଜାତିଆଣ ଭାବ ଓ ଧର୍ମାନ୍ଧତା ପରିଲକ୍ଷିତ ହୁଏ । ଏହାଦ୍ୱାରା ନିର୍ବାଚନ ବେଳେ ସେମାନେ ଜାତି ଓ ଧର୍ମକୁ ନେଇ ବିଭାଜିତ ହୋଇଥାନ୍ତି । ଫଳରେ ଉପଯୁକ୍ତ ନେତା ସ୍ଥାନୀୟ ସରକାରଙ୍କୁ ନିର୍ବାଚିତ ହୋଇ ନଥାନ୍ତି । ଯାହାଦ୍ୱାରା ପ୍ରଗତି ବ୍ୟାହତ ହୋଇଥାଏ ।

**(ଚ) ଅତ୍ୟଧିକ ସରକାରୀ ହସ୍ତକ୍ଷେପ :** ଭାରତର ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ରାଜ୍ୟର ସରକାରମାନେ ଅଯଥା ହସ୍ତକ୍ଷେପ କରିଥାନ୍ତି । ସରକାର ଅନେକ ସମୟରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର କାର୍ଯ୍ୟକାଳ ପୂରିବା ପୂର୍ବରୁ ସରକାର ଏହାକୁ ଭାଙ୍ଗି ଦେଇଥାନ୍ତି । ସ୍ଥାନୀୟ ସ୍ୱାୟତ୍ତ ଶାସନ ଦେଉଥିବା ପ୍ରସ୍ତାବମାନ ମଧ୍ୟ ରାଜ୍ୟ ସରକାର ପ୍ରତ୍ୟାଖ୍ୟାନ କରିଥାନ୍ତି ।

**(ଛ) ରାଜନୈତିକ ଚେତନାର ଅଭାବ :** ଗ୍ରାମାଞ୍ଚଳର ଲୋକମାନେ ଦରିଦ୍ର ଏବଂ ନିରକ୍ଷର ହୋଇଥିବାରୁ ସେମାନଙ୍କ ମଧ୍ୟରେ ରାଜନୈତିକ ସଚେତନତା ପରିଲକ୍ଷିତ ହୁଏନାହିଁ । ଫଳରେ ସେମାନେ ସ୍ୱାୟତ୍ତ ଶାସନ ସମ୍ବନ୍ଧରେ ନିଜର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଅବଗତ ହୋଇ ନଥାନ୍ତି । ତେଣୁ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ତା'ର ବାସ୍ତବ ଲକ୍ଷ୍ୟ ହାସଲ କରିପାରୁ ନାହିଁ ।

ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିଗରେ ଥିବା ଉପରୋକ୍ତ ପ୍ରତିବନ୍ଧକ ଦୂର ହୋଇପାରିଲେ, ଏହି ବ୍ୟବସ୍ଥା ତା'ର ବାସ୍ତବ ଲକ୍ଷ୍ୟ ହାସଲ ଦିଗରେ ସକ୍ଷମ ହେବ ।

**ପ୍ର.୬. ବିଭିନ୍ନ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର । ସେମାନଙ୍କର ବିଭିନ୍ନ ଆୟ ଓ ବ୍ୟୟ ପନ୍ଥାମାନ ଆଲୋଚନା କର ।**

**(Discuss the composition and Functions of different Urban Local-self. Government. Explain their sources of income and expenditure.)**

**ଉ.** ଭାରତର ଜନତା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବସବାସ କରିଥାନ୍ତି । ଗ୍ରାମାଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସହରାଞ୍ଚଳର ଜନସାଧାରଣଙ୍କ ସମସ୍ୟାଠାରୁ ଭିନ୍ନ ସ୍ୱାଧୀନ ଭାରତରେ ତିନିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରାଯାଇ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସ୍ୱାୟତ୍ତଶାସନର ବ୍ୟବସ୍ଥା ପ୍ରଦାନ କରାଗଲା । ଫଳରେ ବିଭିନ୍ନ ରାଜ୍ୟର ସହରାଞ୍ଚଳରେ ବାସ କରୁଥିବା ଜନସାଧାରଣ ଏହି ସୁଯୋଗ ପ୍ରଦାନ କରିବାକୁ ଦାବି ହୋଇଥିଲା । ଏହି ଦାବିକୁ ସମ୍ମାନ ଜଣାଇ ବିଭିନ୍ନ ରାଜ୍ୟରେ ଆଇନ ପ୍ରଣୟନ ହୋଇ ସହରର ଲୋକସଂଖ୍ୟାକୁ ଭିତ୍ତି କରି ଭିନ୍ନ ଭିନ୍ନ ସହରରେ ବିଭିନ୍ନ ପ୍ରକାର ସ୍ୱାୟତ୍ତ ଶାସନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା । ମାତ୍ର ଏହି ବ୍ୟବସ୍ଥା ସୀମିତ ଥିଲା ଏବଂ ଏଥିରେ ବିଭିନ୍ନତା ପରିଲକ୍ଷିତ ହୋଇଥିଲା । ୧୯୯୨ ମସିହାରେ ୭୪ତମ ସମ୍ବିଧାନ ସଂଶୋଧନ ଆଇନ ସଂସଦଦ୍ୱାରା ପ୍ରଣୀତ ହେବାପରେ ପ୍ରଥମ ଥରପାଇଁ ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସାମ୍ବିଧାନିକ ସ୍ୱୀକୃତି ଓ ମର୍ଯ୍ୟାଦା ମିଳିଥିଲା ଏବଂ ସମଗ୍ର ଦେଶରେ ଏକ ପ୍ରକାରର ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା । ସହରମାନଙ୍କର ଜନସଂଖ୍ୟାକୁ ଭିତ୍ତିକରି ଭିନ୍ନ ଭିନ୍ନ ସହରରେ ନିମ୍ନଲିଖିତ ତିନି ପ୍ରକାରର ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରଚଳିତ ହେଉଅଛି ।

**(୧) ବିଜ୍ଞାପିତ ଅଞ୍ଚଳ ପରିଷଦ :** ସାଧାରଣତଃ ୫,୦୦୦ ରୁ ୧୦,୦୦୦ ଜନସଂଖ୍ୟା ବିଶିଷ୍ଟ ଛୋଟ ଛୋଟ ସହରରେ କାର୍ଯ୍ୟକାରୀ ହେଉଥିବା ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କୁହାଯାଏ । ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ସହରକୁ କେତୋଟି ୱାର୍ଡ଼ରେ ବିଭକ୍ତ କରାଯାଇଥାଏ । ଏହି ୱାର୍ଡ଼ରୁ ଜଣେ ଜଣେ କାଉନସିଲର ନିର୍ବାଚିତ ହୋଇଥାନ୍ତି । ଏହି ସଭ୍ୟମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥାନ୍ତି । ଏହି ପରିଷଦରେ ମଧ୍ୟ ମହିଳାମାନଙ୍କ ପାଇଁ ଏକ ୫୦% ସଂରକ୍ଷଣ ରହିଥାଏ । ଏହା ବ୍ୟତୀତ ଆଦିବାସୀ ଓ ହରିଜନମାନଙ୍କ ପାଇଁ ମଧ୍ୟ ସ୍ଥାନ ସଂରକ୍ଷିତ ରହିଥାଏ । କାଉନସିଲରମାନଙ୍କ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ଓ ଅନ୍ୟ ଜଣଙ୍କୁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଏ । ଅଧ୍ୟକ୍ଷ ପରିଷଦର ବୈଠକ ଆହ୍ୱାନ କରନ୍ତି ଓ ସେଥିରେ

ସଭାପତିତ୍ୱ କରିଥାନ୍ତି । ଏହା ବ୍ୟତୀତ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଶାସନିକ କାର୍ଯ୍ୟ ତଦାରଖ କରିବା ପାଇଁ ଜଣେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତି ହୋଇଥାନ୍ତି । ଓଡ଼ିଶା ପ୍ରଶାସନିକ ସେବାର ଜଣେ ଅଫିସର ଏହି ପଦବୀରେ ନିଯୁକ୍ତି ପାଇଥାନ୍ତି ।

**(୨) ମ୍ୟୁନିସିପାଲଟି ବା ପୌରସଂସ୍ଥା :** ଏକ ଲକ୍ଷ୍ୟରୁ ଊର୍ଦ୍ଧ୍ୱ ଏବଂ ଏକ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହରରେ କାର୍ଯ୍ୟକାରୀ ହେଉଥିବା ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ମ୍ୟୁନିସିପାଲଟି କୁହାଯାଏ । ପ୍ରତି ମ୍ୟୁନିସିପାଲଟିକୁ ବିଭିନ୍ନ ୱାର୍ଡ଼ରେ ବିଭକ୍ତ କରାଯାଇଥାଏ । ଓଡ଼ିଶାରେ କୌଣସି ମ୍ୟୁନିସିପାଲିଟିରେ ୧୧ ରୁ କମ୍ କିମ୍ବା ୩୦ରୁ ଊର୍ଦ୍ଧ୍ୱ ୱାର୍ଡ଼ ରହିବ ନାହିଁ । ପ୍ରତି ୱାର୍ଡ଼ରୁ ଜଣେ କାଉନସିଲର ନିର୍ବାଚିତ ହୋଇଥାନ୍ତି । ଏହି କାଉନସିଲରମାନଙ୍କୁ ନେଇ ଏକ ପୌର ପରିଷଦ ଗଠନ ହୋଇଥାଏ । ଏହି ପରିଷଦର ୫୦% ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ ହୋଇଥାଏ । କାଉନସିଲରମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ଓ ଅନ୍ୟ ଜଣଙ୍କୁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରିଥାନ୍ତି । ଏହା ପୂର୍ବରୁ ଏହାର ଅଧ୍ୟକ୍ଷମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହେଉଥିଲେ । ଅଧ୍ୟକ୍ଷ ପୌର ପରିଷଦର ବୈଠକ ଆହ୍ୱାନ କରନ୍ତି ଓ ଏଥିରେ ଅଧ୍ୟକ୍ଷତା କରିଥାନ୍ତି । ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ ବୈଠକରେ ଅଧ୍ୟକ୍ଷତା କରିଥାନ୍ତି ।

ପୌର ପରିଷଦର ସରକାରୀ ମୁଖ୍ୟ ଭାବେ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ରହନ୍ତି । ସେ ସାଧାରଣତଃ ଜଣେ O.A.S ଅଫିସର । ଏହା ବ୍ୟତୀତ ଜଣେ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଓ ଜଣେ ଇଞ୍ଜିନିୟର ନିଯୁକ୍ତି ହୋଇଥାନ୍ତି ।

**(୩) ନିଗମ ବା କର୍ପୋରେସନ :** ତିନି ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରରେ କାର୍ଯ୍ୟକାରୀ ହେଉଥିବା ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ନିଗମ ବା କର୍ପୋରେସନ୍ କୁହାଯାଏ । ନିଗମ ଗଠନ ପାଇଁ ନଗରୀକୁ ବହୁତ ୱାର୍ଡ଼ରେ ବିଭକ୍ତ ହୋଇଥାଏ । ପ୍ରତ୍ୟେକ ୱାର୍ଡ଼ରୁ ନିଗମକୁ ଜଣେ ଜଣେ କାଉନସିଲର ନିର୍ବାଚିତ ହୋଇଥାନ୍ତି । ଏହି କାଉନସିଲରମାନଙ୍କୁ ନେଇ ଏକ ନିଗମ ପରିଷଦ ଗଠିତ ହୁଏ ଏବଂ କାଉନସିଲରମାନେ ମେୟର ବା ଅଧ୍ୟକ୍ଷ, ଡେପୁଟି ମେୟର ବା ଉପାଧ୍ୟକ୍ଷ ନିର୍ବାଚିତ କରନ୍ତି । ନିଗମ ପରିଷଦର ସଭାରେ ମେୟର ଅଧ୍ୟକ୍ଷତା କରନ୍ତି । ନିଗମର କାର୍ଯ୍ୟକାରୀ ଅଧିକାରୀଙ୍କ କମିଶନର କୁହାଯାଏ । ସେ ଜଣେ I.A.S ଅଫିସର । ସେ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି ।

**କ୍ୟାଣ୍ଟନମେଣ୍ଟ ବୋର୍ଡ଼ :**

ସୈନିକମାନେ ବସବାସ କରୁଥିବା ସହର ମାନଙ୍କରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ଭାବେ କ୍ୟାଣ୍ଟନମେଣ୍ଟ ବୋର୍ଡ଼ ଗଠିତ ହୋଇଥାଏ । ଭାରତ ସରକାରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ରହିଥାଏ ଏବଂ ଦେଶରକ୍ଷା ମନ୍ତ୍ରୀ ଏହାର ପରିଚାଳନା ପ୍ରତି ଦୃଷ୍ଟି ଦେଇଥାନ୍ତି । ଏହା କିନ୍ତୁ ଏକ ନିର୍ବାଚିତ ସଂସ୍ଥା ନୁହେଁ । ଓଡ଼ିଶାରେ ଏହି ସଂସ୍ଥା ନାହିଁ ।

**କାର୍ଯ୍ୟାବଳୀ :**

ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ମାନେ ସାଧାରଣତଃ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

**(୧) ବାଧ୍ୟତାମୂଳକ କାର୍ଯ୍ୟ :**

(କ) ଗମନାଗମନର ସୁବିଧା ପାଇଁ ରାସ୍ତା ଘାଟ ନିର୍ମାଣ କରିବା ଓ ତାହାର ରକ୍ଷଣାବେକ୍ଷଣ ଓ ମରାମତି କରିବା ।

(ଖ) ରାସ୍ତାରେ ଆଲୋକ ପ୍ରଦାନ କରିବା ।

(ଗ) ସହରର ବିଭିନ୍ନ ଅଞ୍ଚଳକୁ ଜଳ ଯୋଗାଣ କରିବା ।

(ଘ) ନାଳ, ନର୍ଦ୍ଦମା, ପୋଖରୀ ଇତ୍ୟାଦିର ରକ୍ଷଣାବେକ୍ଷଣ କରିବା ।

(ଙ) ସ୍ୱାସ୍ଥ୍ୟରକ୍ଷା, ପରିଷ୍କାର ପରିଚ୍ଛନ୍ନତା ତଥା ସଂକ୍ରାମକ ରୋଗ ନିୟନ୍ତ୍ରଣ ।

(ଚ) ପ୍ରାଥମିକ ଶିକ୍ଷାର ପ୍ରସାର ।

(ଛ) ପ୍ରାକୃତିକ ବିପର୍ଯ୍ୟୟରେ ଲୋକମାନଙ୍କୁ ସାହାଯ୍ୟ କରିବା ।

(ଜ) ଜନ୍ମମୃତ୍ୟୁର ପଞ୍ଜୀକରଣ ବା ହିସାବ ରଖିବା ।

(ଝ) ଶବ ସଂସ୍କାର ପାଇଁ ଶ୍ମଶାନ ସୁବିଧା ଯୋଗାଇଦେବା ।

(ଞ) ଖାଉଟି ଦ୍ରବ୍ୟ ଯୋଗାଇବା ପାଇଁ ଦୋକାନ ବଜାର ଖୋଲିବା ଓ କଂସେଇଖାନା ତିଆରି କରିବା ।

(୨) ଇଚ୍ଛାଧୀନ କାର୍ଯ୍ୟାବଳୀ :

ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ନିଜର ସୁବିଧା ଅନୁଯାୟୀ ସହରବାସୀମାନଙ୍କର ଦୈନନ୍ଦିନ ଜୀବନର ଉନ୍ନତି ପାଇଁ ନିମ୍ନଲିଖିତ କାର୍ଯ୍ୟ କରିଥାଏ ।

(କ) ପାଠାଗାର ନିର୍ମାଣ ଓ କଳା ବିକାଶ କେନ୍ଦ୍ରମାନ ପ୍ରତିଷ୍ଠା କରିବା ।
(ଖ) ବନ୍ୟା, ବାତ୍ୟା, ଦୁର୍ଭିକ୍ଷ ସମୟରେ ଲୋକମାନଙ୍କୁ ସାହାଯ୍ୟ ଦେବା ।
(ଗ) ପାନ୍ଥଶାଳା, ପାର୍କ ଓ ସିନେମା ଗୃହ ନିର୍ମାଣ କରିବା ।
(ଘ) ଉଚ୍ଚଶିକ୍ଷାର ପ୍ରସାର ପାଇଁ ବ୍ୟବସ୍ଥା କରିବା ।
(ଙ) ବିଶ୍ରାମଗାର, ଅନାଥାଶ୍ରମ ନିର୍ମାଣ ଓ ପରିଚାଳନା କରିବା ଓ ପଥପାର୍ଶ୍ୱ ବୃକ୍ଷରୋପଣ କରିବା ।
(ଚ) ବଜାର ଓ ହାଟ ପ୍ରତିଷ୍ଠା କରିବା ଓ
(ଛ) ସହରରେ କୋଠାବାଡ଼ି ସର୍ଭେ କରିବା ଇତ୍ୟାଦି ।

**ଆୟପନ୍ଥା :**

(୧) ଜମି, ଘର ଓ କୋଠାବାଡ଼ି ଉପରେ ବିଭିନ୍ନ ଟିକସ୍ ।
(୨) ଗାଡ଼ି, ଶଗଡ଼, ସାଇକେଲ ଓ ଦୋକାନ ପାଇଁ ଲାଇସେନସ୍ ଦେବାର ଫି ଆଦାୟ ।
(୩) ନଦୀ, ଘାଟ, ପୋଲ ଓ ପାନୀୟ ଜଳଯୋଗାଣ ଉପରୁ କର ।
(୪) ପାଇଖାନା, ମଇଳା ନିଷ୍କାସନ ଇତ୍ୟାଦି ପାଇଁ କର ।
(୫) ଆଲୋକ ପ୍ରଦାନ ଓ ଆମୋଦ ପ୍ରମୋଦ କର ।
(୬) ସରକାରଙ୍କ ଠାରୁ ଆର୍ଥିକ ସାହାଯ୍ୟ ବା ଅନୁଦାନ ଓ
(୭) ସରକାରଙ୍କ ଠାରୁ ଋଣ ଇତ୍ୟାଦି ।

**ବ୍ୟୟପନ୍ଥା :**

ପୌରସଂସ୍ଥାମାନେ ବିଭିନ୍ନ ଉପାୟରେ ଏହି ଅର୍ଥକୁ ବିନିଯୋଗ କରିଥାନ୍ତି । ସେଗୁଡ଼ିକ ହେଲା –

(୧) ସାଧାରଣ ପରିଚାଳନା ତଥା ପୌରସଂସ୍ଥା ଦପ୍ତରରେ କର୍ମଚାରୀଙ୍କ ଦରମା ପ୍ରଦାନ କରିବା ।
(୨) ସହରରେ ସ୍ୱାସ୍ଥ୍ୟରକ୍ଷା ପାଇଁ ଖର୍ଚ୍ଚ ।
(୩) ଶିକ୍ଷାର ପ୍ରସାର ପାଇଁ ବ୍ୟବସ୍ଥା କରିବା ।
(୪) ସହରର ଲୋକମାନଙ୍କର ଜୀବନର ଉନ୍ନତି ଓ ଅନ୍ୟାନ୍ୟ ପ୍ରକାର ଖର୍ଚ୍ଚ କରାଯାଏ ।

❑❑❑

# ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା-୨
# [ DEMOCRATIC PROCESS IN INDIA -2 ]

**3**
**UNIT**

ପଞ୍ଚମ ଅଧ୍ୟାୟ

## ଜାତି-ରାଷ୍ଟ୍ର ଗଠନ ପାଇଁ ଆହ୍ବାନମାନ
## [ CHALLENGES TO NATION-BUILDING ]

ଅର୍ଥ, ସାଂପ୍ରଦାୟିକତାବାଦ, ଜାତିବାଦ, ଆଞ୍ଚଳିକତାବାଦ, ଆତଙ୍କବାଦ, ପ୍ରତିକାର
**Meaning, Communalism, Casteism, Regionalism, Terrorism, Remedies**

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ଜାତି କ'ଣ ? ଏହାର ବିଭିନ୍ନ ଉପାଦାନମାନ ଆଲୋଚନା କର ।**

**(What is Nationalism ? Discuss the elements of Nationalism.)**

ଉ. ଜାତି ଆଧୁନିକ ଯୁଗରେ ଏକ କାଳ୍ପନିକ ଓ ଭାବଗତ ଧାରଣା । ଏହି ଧାରଣା ହିଁ ଜନସମଷ୍ଟି ମଧ୍ୟରେ ଐକ୍ୟଭାବ ଜାଗ୍ରତ କରେ । ଜାତି ମନୁଷ୍ୟ ପ୍ରାଣରେ ଉଦ୍ଦୀପନା, ସ୍ପନ୍ଦନ ଓ ଜାତୀୟଭାବ ସୃଷ୍ଟି କରିଥାଏ । ଏହା ଏକ କୃତ୍ରିମ, କାଳ୍ପନିକ ଏକତାର ଉତ୍ସ । ଏହା ଅବିନାଶୀ ଓ ଅଦୃଶ୍ୟ । ଜାତୀୟତାରୁ ଜାତି ଗଠନ ପାଇଁ ଯେଉଁ ମାନସିକ ଐକ୍ୟଭାବ କାର୍ଯ୍ୟ କରେ, ତାହା ହିଁ ଜାତୀୟତାବାଦ । ଜାତୀୟତାକୁ ଦୃଢ଼ ଭାବରେ ଐକ୍ୟବଦ୍ଧ କରିବାକୁ, ଗଣଚେତନାକୁ ସକ୍ରିୟ କରିବାକୁ ଏବଂ ରାଜନୈତିକ ଅଭୀପ୍ସାକୁ ରୂପାୟିତ କରିବାକୁ, ଜାତୀୟତାବାଦ ଏକ ମନ୍ତ୍ର ବା ଧ୍ୱନି । ଏହି ଧ୍ୱନି ଆଣିଦିଏ ସ୍ପନ୍ଦନ, ପ୍ରାଣପାତ ପାଇଁ ଆକୁଳତା, ସ୍ୱାଧୀନତାର ମଳୟ ପବନ, ସ୍ୱାଧୀନ ଜୀବନର ରଙ୍ଗୀନ ସ୍ୱପ୍ନ । ଏହା ଏକ ମାନସିକ ଭାବାବେଗ; ଯାହାକି କେତେକ ବ୍ୟକ୍ତିଙ୍କୁ ସମବେତ ଓ ସଂଗଠିତ କରାଇ ଜାତି ଗଠନ ପାଇଁ ପ୍ରୋତ୍ସାହିତ କରିଥାଏ ।

ଜାତୀୟତାବାଦ ଦେଶପ୍ରେମର ଏକ ଚରମ ନିଦର୍ଶନ । ଏହା ପ୍ରତ୍ୟେକ ଜାତିକୁ ନିଜର ଅଧିକାର ବିଷୟରେ ସଚେତନ କରାଇବା ସଙ୍ଗେ ସଙ୍ଗେ ମୁକ୍ତି ସଂଗ୍ରାମ ପାଇଁ ପ୍ରେରଣା ଦେଇଥାଏ । ଏହା ମନୁଷ୍ୟର ଏକ ଆବେଗ ଓ ଭାବପ୍ରବଣତା ଯାହାଦ୍ୱାରା ବ୍ୟକ୍ତି ଜୀବନ ଉତ୍ସର୍ଗ କରିବାକୁ ପଶ୍ଚାତ୍‌ପଦ ହୋଇନଥାଏ ।

**ଜାତୀୟତାବାଦର ଉପାଦାନ :**

ଊନବିଂଶ ଶତାବ୍ଦୀରେ ଜାତୀୟତାବାଦ ଇଉରୋପରେ ପ୍ରଭାବ ବିସ୍ତାର କରିଥିଲା । ଜାତୀୟତାବାଦ ବଳରେ ଏସିଆ ଓ ଆଫ୍ରିକାର ଅନେକ ରାଷ୍ଟ୍ର ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ କବଳରୁ ମୁକ୍ତିଲାଭ କରିଥିଲା । ଏହି ଜାତି ଓ ଜାତୀୟତାବାଦ କେତେକ ଉପାଦାନକୁ ନେଇ ସଂଗଠିତ ହୋଇଥାଏ । ସେହି ଉପାଦାନଗୁଡ଼ିକ ହେଲା –

**(୧) ଭୌଗୋଳିକ ଏକତା :** ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ଉପଖଣ୍ଡରେ ଏକାଧିକ ଲୋକ ମିଳିମିଶି ଏକତ୍ର ବସବାସ କଲେ ସେମାନଙ୍କ ମନରେ ଜାତୀୟ ଚେତନା ଉଦ୍ରେକ ହୋଇଥାଏ । ଭୌଗୋଳିକ ସାମୀପ୍ୟ ଫଳରେ ସେମାନେ ଏକତାର ବନ୍ଧନରେ ଆବଦ୍ଧ ହୋଇ ପରସ୍ପର ସୁଖ ଦୁଃଖରେ ସମଭାଗୀ ହୋଇଥାନ୍ତି । ଦୀର୍ଘଦିନ ଧରି ଗୋଟିଏ ଅଞ୍ଚଳରେ ବସବାସ କରିବା ଫଳରେ ସେମାନେ ଜାତୀୟତା ଭାବଧାରାରେ ଉଦ୍‌ବୁଦ୍ଧ ହୋଇଥାନ୍ତି । ଫଳରେ ଜାତି ସୃଷ୍ଟି ହୁଏ ।

**(୨) ବଂଶଗତ ଐକ୍ୟ :** ବଂଶଗତ ଏକତା ଏକ ଦୃଢ଼ ବନ୍ଧନ; ଯାହା ଜନସାଧାରଣଙ୍କର ଏକତ୍ରୀକରଣ ପାଇଁ ସହାୟକ ହୋଇଥାଏ । ସାଧାରଣତଃ ଗୋଟିଏ ସଂପ୍ରଦାୟରୁ ଜନ୍ମ ହୋଇଥିବା ଲୋକମାନଙ୍କ ମଧ୍ୟରେ ଏକତା ରକ୍ଷା କରିବା ସହଜ ହୋଇଥାଏ । ଜର୍ମାନୀର ଲୋକମାନେ ଗୋଟିଏ ସଂପ୍ରଦାୟର ହୋଇଥିବାରୁ ସେମାନଙ୍କ ମଧ୍ୟରେ ଏକତା ଦେଖାଯାଏ ।

**(୩) ଧର୍ମଗତ ଐକ୍ୟ :** ଧର୍ମଗତ ଏକତା ମଧ୍ୟ ଜାତିର ଏକ ଉପାଦାନ । ଗୋଟିଏ ଧର୍ମାବଲମ୍ବୀ ଲୋକମାନେ ପରସ୍ପର ମଧ୍ୟରେ ଧର୍ମଗତ ଏକତା ଓ ବନ୍ଧୁତ୍ୱ ସ୍ଥାପନ କରିଥାନ୍ତି, ଯାହାକି ଜାତୀୟବାଦକୁ ସୁଦୃଢ଼ କରିଥାଏ । ପ୍ରାଚୀନ କାଳରୁ ଧର୍ମ ମନୁଷ୍ୟ ସମାଜରେ ଏକତା ପ୍ରତିଷ୍ଠା କରିବାରେ ଏକ ମାଧ୍ୟମ ରୂପେ ପରିଗଣିତ ହୋଇ ଆସିଛି ଓ ଜାତି ଗଠନରେ ସହାୟକ ହୋଇଅଛି ।

**(୪) ଭାଷାଗତ ଐକ୍ୟ :** ଏକତା ସୃଷ୍ଟି କରିବାରେ ଭାଷା ଏକ ବଳିଷ୍ଠ ମାଧ୍ୟମ । ଭାଷା ମାଧ୍ୟମରେ ମନୁଷ୍ୟ ନିଜର ଭାବ ଅନ୍ୟ ନିକଟରେ ପ୍ରକାଶ କରିଥାଏ । ସମଭାଷୀ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ଓ ଭାବ ବିନିମୟ ସହଜ ଓ ସରଳ ହୋଇଥାଏ । ସୁତରାଂ ଗୋଟିଏ ଭାଷା କହୁଥିବା ଲୋକମାନଙ୍କର ମଧ୍ୟରେ ଏକତା ହେବା ସ୍ୱାଭାବିକ । ଭାଷାଗତ ଭିନ୍ନତା ସତ୍ତ୍ୱେ ମଧ୍ୟ ଭାରତ, କାନାଡ଼ା ଓ ଋଷରେ ଜାତୀୟ ସଂହତି ପ୍ରତିଷ୍ଠା ସମ୍ଭବ ହୋଇଅଛି ।

(୫) ସାଂସ୍କୃତିକ ଐକ୍ୟ : ଯେ କୌଣସି ଦେଶର ସଂସ୍କୃତି ଓ ଐତିହ୍ୟ ଏକତା ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । କୌଣସି ରାଷ୍ଟ୍ରରେ ଧର୍ମ ଓ ଭାଷାରେ ଭିନ୍ନତା ପରିଲକ୍ଷିତ ହେଉଥିଲେ ମଧ୍ୟ ସେ ରାଷ୍ଟ୍ରର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ନେଇ ଲୋକମାନେ ଗୌରବାନ୍ୱିତ ହୋଇଥାନ୍ତି। ଜାତୀୟ ଗୌରବମୟ କିମ୍ବଦନ୍ତୀ, ପରମ୍ପରା ମହାନ ଯୋଦ୍ଧା ଓ ବୀର ପୁରୁଷମାନଙ୍କର ଅମର କାହାଣୀ ଏକତା ସୃଷ୍ଟି କରିବାରେ ସାହାଯ୍ୟ କରେ ।

(୬) ଆର୍ଥନୀତିକ ଉଦ୍ଦେଶ୍ୟ : ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେଇ ନ ଥିଲେ ଲୋକମାନେ ସୁଖମୟ ଜୀବନଯାପନ କରିବା ସମ୍ଭବ ହୋଇ ନ ଥାଏ । କୌଣସି ଅଞ୍ଚଳର ଅର୍ଥନୀତିକ ଅନଗ୍ରସରତା କିମ୍ବା ଅର୍ଥନୀତିକ ନିର୍ଯ୍ୟାତନା ସେହି ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଏକ ପ୍ରତିକ୍ରିୟା ସୃଷ୍ଟିକରେ ଯାହା ଫଳରେ ସେମାନେ ଐକ୍ୟବଦ୍ଧ ହୋଇ ତାହାର ପ୍ରତିକାର ଲୋଡ଼ନ୍ତି । ଏହାଦ୍ୱାରା ଜାତୀୟବାଦ ସୃଷ୍ଟି ହୁଏ ।

(୭) ସାମୂହିକ ନିର୍ଯ୍ୟାତନା : ଅନେକ ସମୟରେ କୌଣସି ଏକ ସ୍ଥାନର ଲୋକେ ସାମୂହିକ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି । ଏହି ନିର୍ଯ୍ୟାତନା ସେମାନଙ୍କ ମଧ୍ୟରେ ଏପରି ଭାବାବେଗ ଜାଗ୍ରତ କରେ ଯେ, ସେମାନେ ଏକତ୍ରିତ ଭାବେ ତାହାର ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରନ୍ତି । ଜିମରନଙ୍କ ଭାଷାରେ, ନିର୍ଯ୍ୟାତନାର ପ୍ରତିବାଦ ହେଉଛି ଜାତୀୟବାଦ । ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସାମୂହିକ ନିର୍ଯ୍ୟାତନାର ସୃଷ୍ଟି ।

(୮) ସାଧାରଣ ରାଜନୈତିକ ଉଦ୍ଦେଶ୍ୟ : ସାଧାରଣ ରାଜନୈତିକ ଉଦ୍ଦେଶ୍ୟ ଜାତି ଗଠନ କରିବାରେ ସାହାଯ୍ୟ କରିଥାଏ । ବାହ୍ୟଶତ୍ରୁ କବଳରୁ ଦେଶର ସୁରକ୍ଷା କିମ୍ବା ବୈଦେଶିକ ଶକ୍ତି କବଳରୁ ଦେଶକୁ ମୁକ୍ତ କରିବା ଲକ୍ଷ୍ୟ ରଖି କେତେକ ଦେଶରେ ଜାତୀୟ ସ୍ୱାଧୀନତା ସଂଗ୍ରାମ ମୁଣ୍ଡ ଟେକିଥିଲା । ପାଲେଷ୍ଟାଇନ ମୁକ୍ତି ସଙ୍ଗଠନର ନିରବଚ୍ଛିନ୍ନ ଉଦ୍ୟମ ପଛରେ ଏକ ରାଜନୈତିକ ଉଦ୍ଦେଶ୍ୟ ରହିଅଛି ।

(୯) ବଳିଷ୍ଠ ନେତୃତ୍ୱ : ଅନେକ ସମୟରେ ବ୍ୟକ୍ତିତ୍ୱ ଓ ନେତୃତ୍ୱ ଲୋକମାନଙ୍କୁ ଏକତ୍ରିତ କରି ଜାତୀୟବାଦ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଏହି କାର୍ଯ୍ୟ ଦକ୍ଷ, ଦୃଢ଼ ଓ ଜନପ୍ରିୟ ନେତାମାନଙ୍କ ଦ୍ୱାରା ସମ୍ଭବ ହୋଇଥାଏ । ବିସମାର୍କ, ହିଟଲର, ମୁସୋଲିନ୍ ମହାତ୍ମାଗାନ୍ଧି ଏହି ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

ଉପରୋକ୍ତ ଉପାଦାନ ସବୁ ଜାତୀୟତାବାଦକୁ ଉଦ୍‌ଜୀବିତ କରିଥାନ୍ତି । ତେଣୁ ଏହି ଉପାଦାନଗୁଡ଼ିକ ମଧ୍ୟରୁ ଯେ କୌଣସି ଗୋଟିଏ ଉପାଦାନ ହେଲେ ମଧ୍ୟ ଜାତି ଗଠନ ହୋଇପାରେ।

**ପ୍ର.୨. ଜାତି ରାଷ୍ଟ୍ର କହିଲେ କ'ଣ ବୁଝ ? ଭାରତରେ ଜାତି ରାଷ୍ଟ୍ର ପ୍ରତିଷ୍ଠା ପଥରେ ଥିବା ପ୍ରତିବନ୍ଧକଗୁଡ଼ିକ ଆଲୋଚନା କର ।**
**(What do you mean by Nation Building ? Discuss the hindrances in the path of Nation Building in India.)**

IMP

**ଉ.** ଆଧୁନିକ ରାଷ୍ଟ୍ରମାନଙ୍କର ଏକ ମୁଖ୍ୟ ସମସ୍ୟା ହେଉଛି ଜାତି ରାଷ୍ଟ୍ର ପ୍ରତିଷ୍ଠା କରିବା । ରାଷ୍ଟ୍ରର ସ୍ଥାୟିତ୍ୱ, ଏକୀକରଣ ଓ ସମୃଦ୍ଧି ପାଇଁ ଏହା ଏକାନ୍ତ ଅପରିହାର୍ଯ୍ୟ । ସାଧାରଣତଃ ଗୋଟିଏ ରାଷ୍ଟ୍ରର ଲୋକମାନଙ୍କ ମଧ୍ୟରେ ଥିବା ଏକତା ଓ ସଦ୍‌ଭାବକୁ ଜାତି ରାଷ୍ଟ୍ର କୁହାଯାଏ । ଅନ୍ୟ ଅର୍ଥରେ ସମସ୍ତ ଆଞ୍ଚଳିକତା ଏବଂ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି ରାଷ୍ଟ୍ରର ଐକ୍ୟ ଓ ଅଖଣ୍ଡତା ପ୍ରତି ଅନୁରକ୍ତି ପ୍ରକାଶ କରିବାହିଁ ଜାତି ରାଷ୍ଟ୍ର । ବିଭିନ୍ନ ବୈଷମ୍ୟ ସତ୍ତ୍ୱେ ରାଷ୍ଟ୍ରର ଅଧିବାସୀମାନଙ୍କ ମଧ୍ୟରେ ଐକ୍ୟ ଓ ସମନ୍ୱୟରୁ ଜାତି-ରାଷ୍ଟ୍ର ଜନ୍ମ ନେଇଥାଏ। ସଂକୀର୍ଣ୍ଣ ସ୍ୱାର୍ଥର ଉର୍ଦ୍ଧ୍ୱରେ ରହି ଜାତୀୟ ଐକ୍ୟ ଓ ସାର୍ବଭୌମତ୍ୱର ସୁରକ୍ଷା ନିମନ୍ତେ ଦୃଢ଼ ସଂକଳ୍ପକୁ ଜାତି ରାଷ୍ଟ୍ର ଜନ୍ମ ନେଇଥାଏ । ଭୌଗୋଳିକ ଅବସ୍ଥିତି, ଧର୍ମ, ଭାଷା ଚଳଣି ଓ ସଂସ୍କୃତିରେ ବିଭିନ୍ନତା ସତ୍ତ୍ୱେ ମଧ୍ୟ ଲୋକମାନେ ଚିନ୍ତା ଓ ଚେତନାରେ ନିଜକୁ ଗୋଟିଏ ଦେଶର ଅଧିବାସୀ ବୋଲି ଭାବିଲେ ଜାତୀୟ ଏକତା ପ୍ରତିଷ୍ଠିତ ହୋଇଥାଏ । ଜାତୀୟ ସଂହତି ଏକ ବନ୍ଧନ ଯାହାଦ୍ୱାରା ଗୋଟିଏ ରାଷ୍ଟ୍ରର ସମସ୍ତ ଜନତାଙ୍କୁ ଏକତ୍ର ବାନ୍ଧି ରଖାଯାଇଥାଏ । ''ବିଭିନ୍ନତା ମଧ୍ୟରେ ଏକତା'' ବା ''ବୈଷମ୍ୟ ମଧ୍ୟରେ ସାମ୍ୟ'' ପ୍ରତିଷ୍ଠା କରିବା ଜାତୀୟ ସଂହତିର ଲକ୍ଷ୍ୟ । ଯାହାଦ୍ୱାରା ଜାତିରାଷ୍ଟ୍ର ପ୍ରତିଷ୍ଠା ହୋଇଥାଏ।

ସ୍ୱାଧୀନତା ପରେ ଭାରତରେ ଜାତି ରାଷ୍ଟ୍ର ପ୍ରତିଷ୍ଠା ବିପଦାପନ୍ନ ହୋଇ ପଡ଼ିଛି । ବିଚ୍ଛିନ୍ନତାବାଦୀ ବିଭେଦକାରୀ ଶକ୍ତିମାନେ ଧୀରେ ଧୀରେ ମୁଣ୍ଡଟେକି ଉଠିଛନ୍ତି । ସ୍ୱାଧୀନତା ନାମରେ ଭାରତର ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନର ଡାକରା ଦିଆଯାଉଛି ।

ଏହି ଆନ୍ଦୋଳନ ଅନେକ ସମୟରେ ସଂଘର୍ଷ, ସାଂପ୍ରଦାୟିକତା, ଜାତିଆଣଭାବ ପ୍ରଭୃତି ଭୟଙ୍କର ରୂପରେଖ ନେଉଛି । ଭାରତରେ ଜାତୀୟ ସଂହତି ପଥରେ ଅନେକ ବାଧାବିଘ୍ନ ପରିଲକ୍ଷିତ ହେଉଅଛି । ଭାରତରେ ଜାତି ରାଷ୍ଟ୍ର ପ୍ରତିଷ୍ଠା ପଥରେ ନିମ୍ନଲିଖିତ ପ୍ରତିବନ୍ଧକ ଦେଖାଯାଉଅଛି ।

**(୧) ଦେଶର ବିଶାଳତା (Vastness of the Country) :**

ଭାରତ, ଏକ ବିଶାଳ ଓ ଜନବହୁଳ ଦେଶ ହୋଇଥିବାରୁ ବିଭିନ୍ନ ଅଞ୍ଚଳ ମଧ୍ୟରେ ଆଶ୍ଚର୍ଯ୍ୟ ଜନକ ବିଭିନ୍ନତା ଦେଖିବାକୁ ମିଳିଥାଏ । ଉତ୍ତରରେ ହିମରାଶି ଆଚ୍ଛାଦିତ ହିମାଳୟ ପର୍ବତଠାରୁ ଦକ୍ଷିଣରେ ସୁବର୍ଣ୍ଣ ମାଳଭୂମି ପରିବେଷ୍ଟିତ କନ୍ୟାକୁମାରୀକା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ନାନାପ୍ରକାର ଲୋକ ବାସ କରନ୍ତି । ଜଳବାୟୁର ଭିନ୍ନତା ହେତୁ ଲୋକମାନଙ୍କର ଖାଦ୍ୟପେୟ, ଆଚାର ବ୍ୟବହାର, ଚାଲିଚଳଣୀ ଓ ପୋଷାକ ପରିଚ୍ଛେଦରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଏପରି ସ୍ଥଳେ ଜାତୀୟ ସଂହତି ରକ୍ଷା କରିବା କଷ୍ଟକର ହୋଇଥାଏ ଏବଂ ଜାତି ରାଷ୍ଟ୍ର ପ୍ରତିଷ୍ଠା ଅସମ୍ଭବ ହୁଏ ।

**(୨) ଜାତିଆଣ ମନୋଭାବ (Casteism) :**

ଭାରତରେ ବିଭିନ୍ନ ଜାତି ଓ ଉପଜାତିର ଲୋକ ବାସ କରନ୍ତି । କେତେକ ଜାତି ନିଜକୁ ଶ୍ରେଷ୍ଠ ମନେ କରି ଅନ୍ୟ ଜାତିକୁ ହେୟ ମନେ କରନ୍ତି । ବେଳେ ବେଳେ ନୀଚ ଓ ଦଳିତ ଜାତିଗୁଡ଼ିକୁ ନ୍ୟାୟ ମିଳି ନଥାଏ । ଜାତି ଜାତି ମଧ୍ୟରେ କଳହ ସୃଷ୍ଟି ହୋଇଥାଏ । ସମାଜର ବିଭିନ୍ନ କ୍ଷେତ୍ରରେ ଜାତିଆଣଭାବର କୁ-ପ୍ରଭାବ ପଡ଼ିଥାଏ । ଏହା ଦ୍ୱାରା ଜାତୀୟ ଏକତା ବିପଦାପନ୍ନ ହୋଇଥାଏ ।

**(୩) ଆଞ୍ଚଳିକତାବାଦ (Regionalism) :**

ଭାରତ ଏକ ରାଷ୍ଟ୍ରସଂଘ ହୋଇଥିବାରୁ ଏଥିରେ ୨୯ ଟି ପ୍ରଦେଶ ଓ ୭ ଟି କେନ୍ଦ୍ରଶାସିତ ଅଞ୍ଚଳ ରହିଅଛି । ପ୍ରାଦେଶିକ ଓ ଆଞ୍ଚଳିକ ମନୋଭାବକୁ ଆଞ୍ଚଳିକତା କୁହାଯାଏ । ଏହା ଜାତୀୟ ସ୍ୱାର୍ଥ ଓ ପ୍ରକୃତିକୁ ବାଧା ଦେଇଥାଏ । ଆଞ୍ଚଳିକ ସ୍ୱାର୍ଥ ଜାତୀୟ ସ୍ୱାର୍ଥଠାରୁ ଅଧିକ ଗୁରୁତ୍ୱ ଦେଉଥିବାରୁ ଅନେକ ସମୟରେ ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହେଉଛି, ତେଣୁ "North is north and South is south never the two shall meet" । ଏହି ଧାରଣା ଆଜି ସମସ୍ତଙ୍କ ମନ ମଧ୍ୟରେ କେନ୍ଦ୍ରିଭୂତ ହୋଇଛି ।

**(୪) ସାଂପ୍ରଦାୟିକତା (Communalism) :**

ଭାରତରେ ନାନା ଧର୍ମ ଓ ସଂପ୍ରଦାୟର ଲୋକ ବାସ କରନ୍ତି । ଆମ ଦେଶ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ଏଥିରେ ସବୁ ସଂପ୍ରଦାୟର ଲୋକଙ୍କୁ ସବୁ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଦିଆଯାଇଛି । ତଥାପି ବେଳେବେଳେ ଧର୍ମ ନାମରେ ଅପପ୍ରଚାର ଫଳରେ ବିଭିନ୍ନ ସଂପ୍ରଦାୟ ମଧ୍ୟରେ ତିକ୍ତତା ପ୍ରକାଶ ପାଇଥାଏ । ଯାହା ଫଳରେ ଜାତୀୟ ଏକତା ଓ ଜାତୀୟ ସଂହତି ବାଧାପ୍ରାପ୍ତ ହୋଇଥାଏ । ମୌଳିକତାବାଦ ଜାତୀୟ ସଂହତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ ।

**(୫) ଭାଷାଗତ ପାର୍ଥକ୍ୟ (Linguistic Difference) :**

ଭାରତ ଏକ ବହୁଭାଷୀ ଦେଶ । ବିଭିନ୍ନ ଆଞ୍ଚଳିକ ଭାଷାଭାଷୀ ପ୍ରକାଶର ମାଧ୍ୟମ ହୋଇଥିବାରୁ ଗୋଟିଏ ଅଞ୍ଚଳର ଲୋକ ଅନ୍ୟ ଅଞ୍ଚଳର ଭାଷା ବୁଝିବା ସହଜ ହୋଇ ନଥାଏ । ଜାତୀୟ ଭାଷା ହିସାବରେ ହିନ୍ଦୀର ପ୍ରାଧାନ୍ୟ ଏ ପର୍ଯ୍ୟନ୍ତ ପ୍ରତିଷ୍ଠିତ ହୋଇପାରିନାହିଁ । ଦକ୍ଷିଣ ଭାରତରେ ହିନ୍ଦିଭାଷା ବିରୋଧରେ ଆନ୍ଦୋଳନ ଏବେ ମଧ୍ୟ ଚାଲୁ ରହିଛି ।

**(୬) ଧର୍ମଗତ ବିରୋଧ (Difference in Religion) :**

ଭାରତ ବହୁଧର୍ମର ଲୋକଙ୍କର ମିଳନପୀଠ । ବିଂଶ ଶତାବ୍ଦୀର ବିଜ୍ଞାନର ଅଗ୍ରଗତି ହୋଇଥିଲେ ମଧ୍ୟ ଧର୍ମର କୌଣସି ହାନୀ ହୋଇନାହିଁ । ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କର ଧର୍ମଗତ ବିରୋଧ ଯୋଗୁଁ ଜାତୀୟ ସଂହତିର ପଥ କଣ୍ଟକିତ ହୋଇଛି । ଉଦାହରଣ ସ୍ୱରୂପ ରାମଜନ୍ମଭୂମି ବାବ୍ରୀ ମସଜୀଦ୍ ଘଟଣା ଭାରତରେ ଜାତୀୟତା ଓ ସଂହତି ପ୍ରତି ବିପଦ ସୃଷ୍ଟି କରିଛି । ସେହିପରି ୟୁରୋପରେ ପ୍ରୋଟେଷ୍ଟାଣ୍ଟ ଓ କ୍ୟାଥଲିକ୍‌ମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଇହୁଦୀ ଖ୍ରୀଷ୍ଟିୟାନଙ୍କ କବଳରୁ ଇସ୍ରାଏଲ ରାଷ୍ଟ୍ରରେ ସୃଷ୍ଟି ଇତ୍ୟାଦି ଧାର୍ମିକ ବିବାଦ ଜାତୀୟ ସଂହତିର ପ୍ରତିବନ୍ଧକ ହୋଇଅଛି ।

**(୭) ନିରକ୍ଷରତା (Illiteracy) :**

ଭାରତର ବହୁଲୋକ ନିରକ୍ଷର ରହିଛନ୍ତି । ସେମାନେ ଅଶିକ୍ଷିତ ହୋଇଥିବାରୁ କେଉଁଟା ଠିକ୍ ଓ କେଉଁଟା ଭୁଲ ତାହା ନିର୍ଣ୍ଣୟ କରିପାରନ୍ତି ନାହିଁ । ସହଜରେ ସେମାନେ ଭାବପ୍ରବଣତା ଓ ପ୍ରଲୋଭନର ଶିକାର ହୋଇଥାନ୍ତି । ଏହା ଜାତୀୟ ସଂହତିର ରକ୍ଷା କରିବା ଦିଗରେ ବାଧା ସୃଷ୍ଟି କରିଥାଏ ।

**(୮) ଦାରିଦ୍ର୍ୟ (Poverty) :**

ଜାତୀୟ ସଂହତି ନିମନ୍ତେ ଦାରିଦ୍ର୍ୟ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଅର୍ଥନୈତିକ ବୈଷମ୍ୟ ଥିଲେ ଦରିଦ୍ର ବ୍ୟକ୍ତି ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜାଗ୍ରତ ହେବା କଷ୍ଟକର ହୋଇଥାଏ । ଦାରିଦ୍ର୍ୟର ସୁଯୋଗ ନେଇ ଧନିକ ଶ୍ରେଣୀ ନିଜର ସ୍ୱାର୍ଥ ସାଧନ ନିମନ୍ତେ ସରକାରୀ କଳକୁ ବ୍ୟବହାର କରିଥା'ନ୍ତି । ଏଣୁ ଗରିବ ଲୋକମାନେ ନାନା ପ୍ରକାର ଅସାମାଜିକ କାର୍ଯ୍ୟ କରିବାକୁ ପଛାନ୍ତି ନାହିଁ । ସଂସ୍କୃତରେ କୁହାଯାଇଛି ''ବୁଭୂକ୍ଷିତଃ କିଂ ନ କରୋତି ପାପମ୍ ।'' ଏଥିପାଇଁ ଦାରିଦ୍ର୍ୟ ଦୂର କରି ଅର୍ଥନୈତିକ ନ୍ୟାୟ ପ୍ରଦାନ କରିବା ଆବଶ୍ୟକ । ଅର୍ଥନୈତିକ ସମତା ଜାତୀୟ ସଂହତିକୁ ଦୃଢ଼ୀଭୂତ କରିଥାଏ ।

**(୯) ବୈଦେଶିକ ହସ୍ତକ୍ଷେପ (External Involvement) :**

ଭାରତ ପୃଥିବୀର ସବୁଠାରୁ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର । ବେଳେବେଳେ ବୈଦେଶିକ ରାଷ୍ଟ୍ରମାନେ ଭାରତ ପ୍ରତି ଅସୂୟା ମନୋଭାବ ରଖି ଦେଶର ବିଚ୍ଛିନ୍ନତାବାଦୀ ଶକ୍ତିଗୁଡ଼ିକୁ ଉତ୍ସାହ ପ୍ରଦାନ କରିଥାନ୍ତି । ଭାରତର ଦାରିଦ୍ର୍ୟ ଓ ନିରକ୍ଷର ଜନସାଧାରଣ ଦେଶର ପ୍ରକୃତ ସମସ୍ୟା ନ ବୁଝି ଅସ୍ଥିରତା ଓ ଧ୍ୱଂସାତ୍ମକ ପରିସ୍ଥିତି ସୃଷ୍ଟି କରିଥାନ୍ତି । ବର୍ତ୍ତମାନ ପଞ୍ଜାବରେ ଖଲିସ୍ଥାନ ଆନ୍ଦୋଳନ, କାଶ୍ମୀରରେ ଉଗ୍ରପନ୍ଥୀଙ୍କ ସନ୍ତ୍ରାସବାଦୀ ଶକ୍ତିର ଉଦାହରଣ । ଏହାଦ୍ୱାରା ଦେଶ ଏକତା ବାଧାପ୍ରାପ୍ତ ହୋଇଛି । ଭାରତରେ ହେଉଥିବା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ପଛରେ ମୁଖ୍ୟତଃ ପାକିସ୍ଥାନର ହାତ ଅଛି ବୋଲି ଭାରତ ସର୍ବଦା କହୁଅଛି । ସେହିପରି ଭାରତରେ ମଧ୍ୟ ବିଚ୍ଛିନ୍ନତାବାଦୀମାନଙ୍କୁ ପରୋକ୍ଷ ଭାବରେ ପଡ଼ୋଶୀରାଷ୍ଟ୍ର ଚୀନ, ପାକିସ୍ଥାନ, ବାଙ୍ଗଲାଦେଶ ଓ ଶ୍ରୀଲଙ୍କା ଇତ୍ୟାଦି ବିଭିନ୍ନ ଅସ୍ତ୍ରଶସ୍ତ୍ର ପ୍ରଦାନ କରି ପ୍ରୋତ୍ସାହିତ କରୁଛନ୍ତି ।

**(୧୦) ନେତୃତ୍ୱର ଅଭାବ :**

ଗଣତନ୍ତ୍ରର ପ୍ରଚଳନ ନିମନ୍ତେ ଉତ୍ତମ ନେତୃତ୍ୱର ଆବଶ୍ୟକ ହୋଇଥାଏ । ଗଣତନ୍ତ୍ରରେ ନେତୃତ୍ୱର ସ୍ଥାନ ଯଥେଷ୍ଟ ଉଚ୍ଚରେ । ଦେଶରେ ଗଣତନ୍ତ୍ରର ପ୍ରତିଷ୍ଠା ନିମନ୍ତେ ନିଃସ୍ୱାର୍ଥପର ଓ ନିଷ୍ପାପର ନେତାଙ୍କର ଆବଶ୍ୟକତା ରହିଛି । ଯଦି ନେତୃତ୍ୱ ବୃନ୍ଦ ନିଜର ପ୍ରତିଷ୍ଠା ଓ ଉନ୍ନତି ପାଇଁ ବ୍ୟସ୍ତ ରହିବେ ଏବଂ ଦେଶର ସଂହତି ସମ୍ପର୍କରେ ସଚେତନ ନହେବେ ତେବେ ଜନସାଧାରଣ ମଧ୍ୟ ଜାତୀୟ ସଂହତି ପାଇଁ ସଚେତନ ହେବେ ନାହିଁ । କାରଣ ମହତ୍ ଲୋକମାନେ ଯାହା କରିଥାଆନ୍ତି, ସେମାନଙ୍କୁ ସାଧାରଣ ଲୋକମାନେ ଅନୁସରଣ କରିଥାଆନ୍ତି । ଉପଯୁକ୍ତ ନେତୃତ୍ୱ ଓ ଉପଯୁକ୍ତ ଚିନ୍ତାଧାରା ବିନା ନିମ୍ନସ୍ତରରେ ବିଭିନ୍ନ ପ୍ରକାରର ଭେଦଭାବ ଦେଖାଦେବା ସ୍ୱାଭାବିକ ଯାହାକି ଜାତୀୟ ସଂହତି ଦିଗରେ ପ୍ରତିବନ୍ଧକ ସୃଷ୍ଟି କରେ ।

**ପ୍ର.୩. ଭାରତରେ ସାମ୍ପ୍ରଦାୟିକତାବାଦର କାରଣମାନ ଆଲୋଚନା କର ।**
**(Discuss the causes of communalism in India.)**

ଉ. ଭାରତରେ ବିଭିନ୍ନ ଧର୍ମର ଲୋକ ବସବାସ କରିଥାନ୍ତି । ଭାରତରେ ଥିବା ବିଭିନ୍ନ ଧର୍ମର ଲୋକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଭାରତ ସମ୍ବିଧାନର ପ୍ରସ୍ତାବନା ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ରୂପେ ଘୋଷଣା କରିଅଛି । ଏହା ସତ୍ତ୍ୱେ ଭାରତରେ ବିଭିନ୍ନ ଧର୍ମର ଲୋକମାନଙ୍କ ମଧ୍ୟରେ ଅନେକ ସମୟରେ ବିବାଦ ସୃଷ୍ଟି ହୋଇ ସାମ୍ପ୍ରଦାୟିକ ଦଙ୍ଗାମାନ ସୃଷ୍ଟି ହୋଇଅଛି । ଏହା ଦ୍ୱାରା ବହୁ ଧନଜୀବନ ନଷ୍ଟ ହୋଇଛି । ଭାରତରେ ସାମ୍ପ୍ରଦାୟିକତା ବିଭିନ୍ନ ରୂପରେ ବିରାଜମାନ ହେଉଅଛି । ସାମ୍ପ୍ରଦାୟିକ ହିଂସା ବା ଦଙ୍ଗା, ଧର୍ମପୀଠମାନଙ୍କୁ ଭାଙ୍ଗିବା, ପୋଡ଼ାଦେବା କିମ୍ବା ଜବର ଦଖଲ କରିବା, ଧର୍ମପୀଠମାନଙ୍କୁ ରାଜନୈତିକ କାର୍ଯ୍ୟ ପାଇଁ ବ୍ୟବହାର କରିବା ଇତ୍ୟାଦି ଭାରତରେ ସାମ୍ପ୍ରଦାୟିକତାର ବିଭିନ୍ନ ରୂପ ଅଟେ ।

ଭାରତରେ ସାମ୍ପ୍ରଦାୟିକତାବାଦର ଇତିହାସ ପ୍ରାଚୀନ ନୁହେଁ । ଭାରତରେ ବ୍ରିଟିଶ ଶାସନ କାଳରେ ସାମ୍ପ୍ରଦାୟିକ ବିଦ୍ୱେଷଭାବେ ସୃଷ୍ଟି ହୋଇଥିଲା । ଭାରତରେ ନିଷ୍କଣ୍ଟକ କ୍ଷମତା ଭାଗ କରିବା ଉଦ୍ଦେଶ୍ୟରେ ଇଂରେଜମାନେ ବିଭାଜନ ଓ ଶାସନ ନୀତି ଗ୍ରହଣ କରି ସାମାଜିକ ସଂହତିକୁ ନଷ୍ଟ କରିଥିଲେ । ୧୯୦୬ ମସିହାରେ ମୁସଲିମ୍ ଲିଗ୍ ପ୍ରତିଷ୍ଠା, ୧୯୦୯ ମସିହା ଭାରତ

ଶାସନ ଆଇନରେ ସାମ୍ପ୍ରଦାୟିକ ପ୍ରତିନିଧିତ୍ୱ ପ୍ରଦାନ, ୧୯୧୯ ମସିହା ମଣ୍ଟେଗୁ ଚେମସ୍‌ଫୋର୍ଡ଼ ଶାସନ ସଂସ୍କାର ଆଇନରେ ମୁସଲମାନଙ୍କ ବ୍ୟତୀତ ଶିଖ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ସୃଷ୍ଟି କରିବା ଦ୍ୱାରା ଭାରତରେ ସାମ୍ପ୍ରଦାୟିକତାବାଦର ଉତ୍ପତ୍ତି ହୋଇଥିଲା । ୧୯୪୭ ମସିହାରେ ଭାରତ ଓ ପାକିସ୍ଥାନର ବିଭାଜନ ହେବାପରେ ମଧ୍ୟ ସାମ୍ପ୍ରଦାୟିକତାବାଦର ବିଲୋପ ହୋଇନଥିଲା । ସ୍ୱାଧୀନତା ପରେ ଜନସଂଘ, ଭାରତୀୟ ଜନତାପାର୍ଟି, ଶିବସେନା, ଅକାଳୀ ଦଳ, ବଜ୍ରଙ୍ଗ ଦଳ, ମୁସଲିମ୍ ଲିଗ୍ ଇତ୍ୟାଦି ରାଜନୈତିକ ଦଳ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପରି ଅନୁଷ୍ଠାନ ସାମ୍ପ୍ରଦାୟିକତାବାଦକୁ ତ୍ୱରାନ୍ୱିତ କରିଅଛନ୍ତି । ଭାରତରେ ସାମ୍ପ୍ରଦାୟିକତା ସୃଷ୍ଟି ପାଇଁ ନିମ୍ନଲିଖିତ କାରଣମାନ ଦାୟୀ ଅଟନ୍ତି ।

**(୧) ଧର୍ମୀୟ ମୌଳିକତାବାଦ :**

ସଂକୀର୍ଣ୍ଣ ଧର୍ମୀୟ ମନୋଭାବ ସାମ୍ପ୍ରଦାୟିକତା ସୃଷ୍ଟିର ପ୍ରଧାନ ଲକ୍ଷଣ । ବିଭିନ୍ନ ଧର୍ମଗୁରୁ, ପୁରୋହିତ ବା ଧର୍ମଯାଜକମାନେ ଲୋକମାନଙ୍କ ମନରେ ଧର୍ମାନ୍ଧତା ସୃଷ୍ଟି କରନ୍ତି । ନିର୍ବିଚାରରେ ସେମାନେ ଧର୍ମୀୟ ପରମ୍ପରା ପ୍ରତି ଅଯଥା ଗୁରୁତ୍ୱ ଆରୋପ କରି ସମାଜରେ ବିଭିନ୍ନ ମତବାଦ ସୃଷ୍ଟି କରନ୍ତି । ଧର୍ମାନ୍ଧତା ଓ ପ୍ରାଚୀନ ପରମ୍ପରାଗତ ମୌଳିକତାବାଦ ସେମାନଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥାଏ । ଫଳରେ ସେମାନେ ସାମାନ୍ୟ ମୌଳିକତାବାଦ ସେମାନଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥାଏ । ଫଳରେ ସେମାନେ ସାମାନ୍ୟ ବ୍ୟତିକ୍ରମକୁ ବରଖାସ୍ତ କରନ୍ତି ନାହିଁ । ଧାର୍ମିକ ଆଚରଣରେ ବ୍ୟତିକ୍ରମ ସୃଷ୍ଟି କରିଥିବା ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାର ଦଣ୍ଡ ଦେଇ ମୌଳିକତାବାଦକୁ ସେମାନେ ଦୃଢ଼ କରିଥାନ୍ତି । ଶିଖ ଧର୍ମଗୁରୁମାନେ ଧାର୍ମିକ ଅପରାଧୀମାନଙ୍କୁ "ତନଖାୟୀ'' ଘୋଷଣା କରିବା ଏହାର ଏକ ଉଦାହରଣ ।

**(୨) ରାଜନୈତିକ ସୁବିଧାବାଦ :**

ଭାରତରେ ରାଜନୈତିକ ଦଳମାନେ ଧର୍ମନିରପେକ୍ଷତାକୁ ଆଦର୍ଶ ରୂପେ ଗ୍ରହଣ କରି ସାମ୍ପ୍ରଦାୟିକତା ବିରୋଧରେ ଯେତେ ବକ୍ତୃତା ଦେଲେ ମଧ୍ୟ ସାମ୍ପ୍ରଦାୟିକ ଦଳ ସହିତ ମିଶି ରାଜନୈତିକ ଫାଇଦା ଉଠାଉଛନ୍ତି । ଏପରି କେତେକ ଦଳ ଅଛନ୍ତି ଯେ କି ନିଛକ ଭାବେ ସାମ୍ପ୍ରଦାୟିକ ଦଳ । ଧର୍ମ ନିରପେକ୍ଷତାର ଧ୍ୱଜାଧରି ଭାରତୀୟ କଂଗ୍ରେସ ଦଳ ମଧ୍ୟ ବିଭିନ୍ନ ସମୟରେ ମୁସଲିମ୍ ଲିଗ, ଅକାଳୀ ଦଳ, ଶିବସେନା ପ୍ରଭୃତି ସାମ୍ପ୍ରଦାୟିକ ଦଳ ସହିତ ନିର୍ବାଚନ ବୁଝାମଣା କରିଛି । ବର୍ତ୍ତମାନ ଶ୍ରୀଯୁକ୍ତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ପରିଚାଳିତ ମିଳିତ ସାମୁଖ୍ୟ ସରକାରରେ ମଧ୍ୟ ଅନେକ ସାମ୍ପ୍ରଦାୟିକ ଦଳ ସାମିଲ ଥିଲେ । ରାଜନୀତିଜ୍ଞମାନେ ନିର୍ବାଚନରେ ଜିଣିବା ପାଇଁ ସାମ୍ପ୍ରଦାୟିକ ଦଳ ତଥା ନେତାମାନଙ୍କର ଦ୍ୱାରସ୍ଥ ହେଉଛନ୍ତି । ଜାତୀୟ ସ୍ୱାର୍ଥକୁ ନ୍ୟୁନ କରି ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ସେମାନେ ସାମ୍ପ୍ରଦାୟିକ ଦଳମାନଙ୍କୁ ଅଯଥା ଗୁରୁତ୍ୱ ଦେଉଛନ୍ତି ।

**(୩) ଇତିହାସରେ ସାମ୍ପ୍ରଦାୟିକତା :**

ଭାରତରେ ସାମ୍ପ୍ରଦାୟିକତା ସୃଷ୍ଟି ଓ ବୃଦ୍ଧି କରିବା ପାଇଁ ଐତିହାସିକମାନେ ଅନେକାଂଶରେ ଦାୟୀ ଅଟନ୍ତି । ଭାରତରେ ଐତିହାସିକମାନେ ଇତିହାସକୁ ହିନ୍ଦୀ ଇତିହାସ, ମୁସଲମାନ ଇତିହାସ, ଶିଖ୍ ଇତିହାସ ଓ ବ୍ରିଟିଶ ଇତିହାସ ନାମରେ ବିଭକ୍ତି କରିଛନ୍ତି । ଏହା ଦ୍ୱାରା ବିଭିନ୍ନ ସମ୍ପ୍ରଦାୟର ଶାସକମାନଙ୍କୁ ଏପରିଭାବେ ଚିତ୍ରିତ କରାଯାଇଛି ଯେ, ତାହା ସାଧାରଣ ଲୋକଙ୍କ ମନରେ ବିଦ୍ୱେଷଭାବ ସୃଷ୍ଟି କରୁଛି ।

**(୪) ଧର୍ମସ୍ଥାନର ରାଜନୀତିକରଣ :**

ଭାରତ ସମ୍ବିଧାନ ଭାରତୀୟ ନାଗରିକମାନଙ୍କୁ ଧର୍ମୀୟ ସ୍ୱାଧୀନତା ଅଧିକାର ପ୍ରଦାନ କରିଅଛି । ଫଳରେ ପ୍ରତ୍ୟେକ ଭାରତୀୟ ନାଗରିକ ନିଜ ଇଚ୍ଛାନୁସାରେ ଯେ କୌଣସି ଧର୍ମ, ଗ୍ରହଣ, ପ୍ରଚାର ଓ ପ୍ରସାର କରିପାରିବ । ପ୍ରତ୍ୟେକ ଧାର୍ମିକ ଗୋଷ୍ଠୀ ନିଜ ଇଚ୍ଛାନୁସାରେ ମନ୍ଦିର, ମସଜିଦ୍, ଗୀର୍ଜା ଓ ଗୁରୁଦ୍ୱାର ଇତ୍ୟାଦି ଧାର୍ମିକ ଅନୁଷ୍ଠାନ ପ୍ରତିଷ୍ଠାନ କରୁଛନ୍ତି । ବର୍ତ୍ତମାନ ଏହି ସବୁ ଧାର୍ମିକ ଅନୁଷ୍ଠାନଗୁଡ଼ିକ ରାଜନୀତିକ କାରବାରର ମୁଖ୍ୟ ସ୍ଥାନ ରୂପେ ପରିଣତ ହୋଇଛି । ଏହା ମଧ୍ୟ ଦେଶରେ ସାମ୍ପ୍ରଦାୟିକତାର ପ୍ରସାର ପାଇଁ ସହାୟକ ହେଉଅଛି । ଖାଲିସ୍ଥାନ ଦାବୀ ସମୟରେ ଅକାଳୀ ଦଳ ସୂର୍ଯ୍ୟ ମନ୍ଦିରରେ ଅସ୍ତ୍ରଶସ୍ତ୍ରରେ ଗଚ୍ଛିତ କରିଥିଲା ।

**(୫) ବୈଦେଶିକ ସାହାଯ୍ୟ :**

ଭାରତରେ ଥିବା ସାମ୍ପ୍ରଦାୟିକ ସଂସ୍ଥାମାନେ ଭାରତ ବାହାରୁ ବହୁ ପରିମାଣରେ ଅର୍ଥ, ସାମଗ୍ରୀ ଓ ବୌଦ୍ଧିକ ସାହାଯ୍ୟ ପାଉଥିବାର ପ୍ରମାଣ ରହିଛି । ଖ୍ରୀଷ୍ଟିଆନ ପାଦ୍ରୀମାନେ ଧର୍ମ ପ୍ରଚାର ପାଇଁ ବହୁ ପରିମାଣରେ ବିଦେଶୀ ସାହାଯ୍ୟ ପାଉଛନ୍ତି । ସେହିପରି ମୁସଲମାନ

ସଂସ୍ଥାମାନେ ପାକିସ୍ଥାନ ଓ ଆରବ ପ୍ରଭୃତି ମୁସଲମାନ ରାଷ୍ଟ୍ରମାନଙ୍କରୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ପାଉଛନ୍ତି । ଆର୍ଥିକ ପ୍ରଲୋଭନର ବଶବର୍ତ୍ତୀ ହୋଇ ବିଭିନ୍ନ ବ୍ୟକ୍ତି ବିଭିନ୍ନ ପ୍ରକାର ସାମ୍ପ୍ରଦାୟିକ ଅନୁଷ୍ଠାନ ଗଠନ କରୁଛନ୍ତି ବା ଏଥି ସହିତ ସାମିଲ ହେଉଛନ୍ତି ।

**(୬) ସାମ୍ପ୍ରଦାୟିକ ପ୍ରଚାର ମାଧ୍ୟମ :**

ଭାରତରେ ଥିବା ସାମ୍ପ୍ରଦାୟିକ ଅନୁଷ୍ଠାନମାନେ ସେମାନଙ୍କର ଧାର୍ମିକ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ଓ ପରିଚାଳନା କରିବା ସହିତ ବିଭିନ୍ନ ପ୍ରକାର ପୁସ୍ତକ ପୁସ୍ତିକା, ସମ୍ବାଦପତ୍ର, ପ୍ରଚାରପତ୍ର ଓ ପତ୍ରପତ୍ରିକା ପ୍ରକାଶ କରି ବିତରଣ କରୁଛନ୍ତି । ଏହି ପ୍ରଚାର ମାଧ୍ୟମଗୁଡ଼ିକ ଦେଶର ସାମ୍ପ୍ରଦାୟିକତା ଉଦ୍ରେକ କରୁଛନ୍ତି । ସାମାନ୍ୟ ଘଟଣାକୁ ଏହି ପତ୍ରପତ୍ରିକାମାନେ ଏପରି ସାମ୍ପ୍ରଦାୟିକ ତଥା ଚିତ୍ତ ଉତ୍ତେଜକ ଢଙ୍ଗରେ ପ୍ରକାଶ କରୁଛନ୍ତି, ଯାହାଦ୍ୱାରା କି ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହେଉଅଛି ।

**(୭) ଗଣତାନ୍ତ୍ରିକ ଅନୁଷ୍ଠାନର ଅଧୋପତନ :**

ବିଗତ ୨୦ବର୍ଷ ଧରି ଭାରତରେ ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକର ଅଧୋପତନ ଘଟିଛି । ଭାରତୀୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କର ସ୍ୱାତନ୍ତ୍ୟ କ୍ଷୁଣ୍ଣ ହୋଇଛି । ସମାଜର ନିମ୍ନ ସ୍ତରରେ ରାଜନୀତିକ ଧାରା ପ୍ରାୟ ପଙ୍ଗୁ ହୋଇଯାଇଛି । ଗୋଷ୍ଠୀ କନ୍ଦଳ ଯୋଗୁଁ ଗଣତାନ୍ତ୍ରିକ ଅନୁଷ୍ଠାନମାନଙ୍କର ଶକ୍ତିକ୍ଷୟ ହେବା ସଙ୍ଗେ ସଙ୍ଗେ ସାମ୍ପ୍ରଦାୟିକ ସଂସ୍ଥାଗୁଡ଼ିକର ଶକ୍ତି ବୃଦ୍ଧି ପାଉଛି ।

**(୮) ସାମାଜିକ ଓ ଆର୍ଥିକ ବୈଷମ୍ୟ :**

ଭାରତରେ ବିଭିନ୍ନ ଲୋକମାନଙ୍କ ମଧ୍ୟରେ ଥିବା ସାମାଜିକ ଓ ଆର୍ଥିକ ବୈଷମ୍ୟ ସାମ୍ପ୍ରଦାୟିକତା ସୃଷ୍ଟି ପାଇଁ ଅନେକାଂଶରେ ଦାୟୀ ଅଟନ୍ତି । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସବାସ କରୁଥିବା ବିଭିନ୍ନ ସାମ୍ପ୍ରଦାୟିକ ମଧ୍ୟରେ ଏହି ବୈଷମ୍ୟକୁ ନେଇ ମାନସିକ ସ୍ତରରେ ଯେଉଁ ଅସ୍ଥିରତା, ସୃଷ୍ଟି ହୁଏ, ତହିଁରୁ ସୃଷ୍ଟି ହୁଏ ସାମ୍ପ୍ରଦାୟିକତାର ଚିନ୍ତାଧାରା । ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ଯେତେବେଳେ ଅନ୍ୟ ସମ୍ପ୍ରଦାୟ ତୁଳନାରେ ନିଜକୁ ଅବହେଳିତ ଓ ଉପେକ୍ଷିତ ମନେ କରେ, ସେତେବେଳେ ଉଗ୍ର ସାମ୍ପ୍ରଦାୟିକତା ଚିନ୍ତାଧାରା ଜନ୍ମ ନେଇଥାଏ ।

**(୯) ପ୍ରଶାସନିକ ବିଫଳତା :**

ପ୍ରଶାସନିକ ବିଫଳତା ବା ଦୁର୍ବଳତା ଭାରତରେ ସାମ୍ପ୍ରଦାୟିକତା ବୃଦ୍ଧି ପାଇବା ପାଇଁ ଅନ୍ୟତମ କାରଣ ଅଟେ । ଭାରତରେ ଅମଲାତନ୍ତ୍ର, ପୋଲିସ ଓ ଅର୍ଦ୍ଧ ସାମରିକ ବାହିନୀ ସମୟୋପଯୋଗୀ ପଦକ୍ଷେପ ହେଉ ନଥିବାରୁ ସାମ୍ପ୍ରଦାୟିକତା ବୃଦ୍ଧି ପାଉଛି । ଦଙ୍ଗାର କାରଣର ନିରାକରଣ ପାଇଁ ପ୍ରଶାସନ ଠିକ୍ ପଦକ୍ଷେପ ଗ୍ରହଣ କରୁନାହିଁ । ରାଜନୈତିକ ନେତାମାନେ ମଧ୍ୟ ଏ କ୍ଷେତ୍ରରେ ବିଶେଷ ପଦକ୍ଷେପ ଗ୍ରହଣ କରୁନାହାନ୍ତି ।

**ପ୍ର.୪. ଭାରତରେ ସାମ୍ପ୍ରଦାୟିକତାର ବିଲୋପପାଇଁ କେଉଁ କେଉଁ ବ୍ୟବସ୍ଥାମାନ ଗ୍ରହଣ କରାଯିବା ଉଚିତ୍ ?**

**(What are the steps are to the taken to supress communalism in India.)**

**ଉ.** ଭାରତରେ ବିଭିନ୍ନ ଧର୍ମର ଲୋକମାନେ ବସବାସ କରୁଥିବାରୁ ଭାରତର ବିଭିନ୍ନ ଧର୍ମୀୟ ଲୋକମାନଙ୍କ ମଧ୍ୟରେ ଅନେକ ସମୟରେ ବିବାଦ ସୃଷ୍ଟି ହୋଇ ସମ୍ପ୍ରଦାୟିକତାର ରୂପ ନେଉଅଛି । ଫଳରେ ଅନେକ ସ୍ଥାନରେ ସାମ୍ପ୍ରଦାୟିକ ଦଙ୍ଗା ମାନ ସୃଷ୍ଟି ହୋଇ ବହୁ ଧନଜୀବନ ନଷ୍ଟ ହେଉଅଛି । ଭାରତରେ ସାମ୍ପ୍ରଦାୟିକତା ସୃଷ୍ଟିପାଇଁ ନିମ୍ନଲିଖିତ କାରଣମାନ ମୁଖ୍ୟତଃ ଦାୟୀ । (କ) ଧର୍ମୀୟ ମୌଳିକବାଦ (ଖ) ରାଜନୈତିକ ସୁବିଧାବାଦ (ଗ) ଧର୍ମସ୍ଥାନର ରାଜନୀତିକରଣ (ଘ) ଗଣତାନ୍ତ୍ରିକ ଅନୁଷ୍ଠାନର ଅଧୋପତନ (ଙ) ବିଭିନ୍ନ ଲୋକମାନଙ୍କ ମଧ୍ୟରେ ସାମାଜିକ ଓ ଆର୍ଥିକ ବୈଷମ୍ୟ (ଚ) ଭାରତର ବିଭିନ୍ନ ଅଞ୍ଚଳରେ ଧାର୍ମିକ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ଓ (ଛ) ପ୍ରଶାସନିକ ବିଫଳତା ଇତ୍ୟାଦି ।

**ସାମ୍ପ୍ରଦାୟିକତା ନିରାକରଣ ପାଇଁ ପଦକ୍ଷେପ ମାନ :**

ସାମ୍ପ୍ରଦାୟିକତା ଭାରତରେ ଏପରି ଏକ ବିଷ ବୃକ୍ଷରେ ପରିଣତ ହେଲାଣି, ଯାହାର ନିରାକରଣ ପାଇଁ ସରକାର ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରିବା ଉଚିତ । ବିଶେଷ କରି ସାମ୍ପ୍ରଦାୟିକତା ନିରାକରଣ ପାଇଁ ସରକାର ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବା ଉଚିତ ।

**(୧) ଧର୍ମ ଓ ରାଜନୀତିର ପୃଥକୀ କରଣ :** ଧର୍ମରୁ ସାମ୍ପ୍ରଦାୟିକତା ସୃଷ୍ଟି ହେଉଛି ଓ ରାଜନୀତିକ ପ୍ରୋତ୍ସାହନ ଦ୍ୱାରା ଏହି ବୃଦ୍ଧି ପାଉଅଛି । ତେଣୁ ସାମ୍ପ୍ରଦାୟିକତାର ବିଲୋପ ସାଧନ ପାଇଁ ସର୍ବପ୍ରଥମେ ଧର୍ମରୁ ରାଜନୀତିକୁ ପୃଥକ୍ କରିବା ଉଚିତ୍ ।

**(୨) ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ :** ପ୍ରତ୍ୟେକ ନାଗରିକମାନେ ରଖିବା ଉଚିତ ଯେ, ସେମାନେ ପ୍ରଥମେ ଦେଶର ନାଗରିକ ଓ ପରେ କୌଣସି ସଂପ୍ରଦାୟର ସଭ୍ୟ । ତେଣୁ ସେମାନେ ନିଜର ସମ୍ପ୍ରଦାୟର ସ୍ୱାର୍ଥ ଅପେକ୍ଷା ଜାତୀୟ ସ୍ୱାର୍ଥକୁ ଦିଆଗଲେ ସାମ୍ପ୍ରଦାୟିକତାର ବିଲୋପ ଘଟିବ ।

**(୩) ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା :** ଭାରତରେ ଥିବା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ପ୍ରତିଷ୍ଠା ହୋଇପାରିଲେ ସାମ୍ପ୍ରଦାୟିକତାବାଦର ବିଲୋପ ସାଧନ ହୋଇପାରିବ । ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୟାସ ହେବା ଉଚିତ । ଯେକୌଣସି ସମ୍ପ୍ରଦାୟର ପର୍ବପର୍ବାଣୀରେ ଅନ୍ୟ ସମ୍ପ୍ରଦାୟର ଲୋକମାନେ ସାମିଲ ହେବା ଉଚିତ । ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଉପଯୁକ୍ତ ଭାବ ବିନିମୟ ହେବା ଉଚିତ । ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ଦେଖାଯାଉଥିବା ବିବାଦର ଆପୋଷ ସମାଧାନ ହେବା ଉଚିତ ।

**(୪) ରାଜନୀତିକ ପଦବୀ ପାଇଁ ଅଯୋଗ୍ୟତା :** ସାମ୍ପ୍ରଦାୟିକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରୁଥିବା ରାଜନୈତିକ ଦଳ ଓ ନେତାମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଉଚିତ । ନିର୍ବାଚନ ସଂସ୍କାର ଆଇନକୁ ସଂଶୋଧିତ କରାଯାଇ ଏହି ସବୁ ବ୍ୟକ୍ତି ବା ଦଳମାନଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାରୁ ବଞ୍ଚିତ କରାଯିବା ଆବଶ୍ୟକ । ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ଯେପରି କୌଣସି ରାଜନୈତିକ ପଦବୀ ଗ୍ରହଣ ନ କରନ୍ତି ସେଥିପାଇଁ ବ୍ୟବସ୍ଥାମାନ ଗ୍ରହଣ କରାଯିବା ଉଚିତ ।

**(୫) ପ୍ରଶାସନିକ ଦାୟିତ୍ୱ :** ଭାରତରୁ ସାମ୍ପ୍ରଦାୟିକତାବାଦର ବିଲୋପ ସାଧନ ପାଇଁ ରାଜ୍ୟରେ ଗୁଇନ୍ଦା ବିଭାଗ ଓ ପ୍ରଶାସନିକ କର୍ତ୍ତୃପକ୍ଷ ଯଥେଷ୍ଟ ଯତ୍ନବାନ ହେବା ଉଚିତ । ଜିଲ୍ଲା ପ୍ରଶାସନ ବିଶେଷ କରି ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ(S.P) ସାମ୍ପ୍ରଦାୟିକତା ବିଶୃଙ୍ଖଳା ପାଇଁ ଦାୟୀ ରହିବା ଉଚିତ । ଜିଲ୍ଲାରେ ସାମ୍ପ୍ରଦାୟିକ ଗୋଷ୍ଠୀ ପ୍ରତି ଜିଲ୍ଲା ପ୍ରଶାସନ ସତର୍କ ଦୃଷ୍ଟି ଦେବା ଆବଶ୍ୟକ ।

**(୬) ଅର୍ଥନୈତିକ ଓ ସାମାଜିକ ବୈଷମ୍ୟ ହ୍ରାସ :** ଭାରତରେ ଥିବା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଥିବା ଅର୍ଥନୈତିକ ଓ ସାମାଜିକ ବୈଷମ୍ୟ ସାମ୍ପ୍ରାଦାୟିକତାର ମୁଖ୍ୟ କାରଣ ହୋଇଥିବାରୁ ଏହାର ବିଲୋପ ସାଧନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ ।

**(୭) ଗଣମାଧ୍ୟମର ଭୂମିକା :** ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ଦିଗରେ ଭାରତରେ ଥିବା ଗଣମାଧ୍ୟମ ଗୁଡ଼ିକ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ । ସାମ୍ପ୍ରଦାୟିକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରୁଥିବା ଭଳି ଲେଖା ଓ ଆଲୋଚନା ସେମାନେ ପ୍ରକାଶ କରିବା ଉଚିତ ନୁହେଁ ।

**(୮) ସ୍ୱତନ୍ତ୍ର ବିଚାର ସଂସ୍ଥା :** ସାମ୍ପ୍ରଦାୟିକତା ସୃଷ୍ଟି କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଉଚିତ ଦଣ୍ଡ ନ ଦେଲେ ସାମ୍ପ୍ରଦାୟିକତା ବହ୍ନି ନିର୍ବାପିତ ହେବ ନାହିଁ । ଏ ସଂକ୍ରାନ୍ତୀୟ ଅପରାଧର ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ହେବା ଉଚିତ । ପ୍ରଚଳିତ ଆଇନର ସଂଶୋଧନ କରାଯାଇ ନୂତନ ଆଇନ ପ୍ରଣୟନ କରାଯିବା ଉଚିତ ।

**(୯) ଗୋଷ୍ଠୀ ବସବାସ :** ଭାରତରେ ବିଭିନ୍ନ ସଂପ୍ରଦାୟର ଲୋକମାନେ ଭିନ୍ନ ଭିନ୍ନ ବସ୍ତିରେ ରହୁଥିବାରୁ ସାମାଜିକ ସଂହତି ବ୍ୟାହତ ହେଉଛି । ତେଣୁ ଭାରତରେ ଥିବା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଂହତି ଭାବ ସୃଷ୍ଟି କରିବା ପାଇଁ ସେମାନଙ୍କୁ ଏକତ୍ର ବସବାସ କରିବା ଉଚିତ । ଏହା ଦ୍ୱାରା ସଂସ୍କୃତି ଆକୃଷ୍ଟ କରାଯିବା ଉଚିତ ।

ସ୍ୱାଧୀନତାର ୫୦ ବର୍ଷ ପରେ ଭାରତ ସରକାର ସାମ୍ପ୍ରଦାୟିକତାର ବିଲୋପ ପାଇଁ ବିଭନ୍ନ ପ୍ରକାର ପ୍ରୟାସ ଜାରି ରଖିଥିଲେ ମଧ୍ୟ ଏ କ୍ଷେତ୍ରରେ ବିଶେଷ ଉନ୍ନତି ସମ୍ଭବ ହୋଇ ନାହିଁ । ପ୍ରାୟତଃ ପ୍ରତି ବର୍ଷ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ଦଙ୍ଗାମାନ ସଂଗଠିତ ହେଉଅଛି । ଭାରତରେ ସାମ୍ପ୍ରଦାୟିକତାବାଦ ସୃଷ୍ଟି ପାଇଁ ମୁଖ୍ୟତଃ ରାଜନୈତିକ ନେତା ଓ ରାଜନୈତିକ ଦଳମାନେ ଦାୟୀ ଅଟନ୍ତି । ଏହି ପରିସ୍ଥିତିକୁ ଅନୁଧ୍ୟାନ କରି ଅସଗର ଅଲ୍ଲୀ ଇଞ୍ଜିନିୟର କହିଛନ୍ତି ଯେ, ''ଭାରତୀୟ ପରିବେଶର ଦୁଃଖପୂର୍ଣ୍ଣ ବିଷୟ ଏହା ଯେ, ଏଠାରେ ଲୋକମାନେ ସାଂପ୍ରଦାୟିକ ଅପେକ୍ଷା ଅଧିକ ଧର୍ମଭାବାପନ୍ନ । କିନ୍ତୁ ନେତୃବୃନ୍ଦ ଧର୍ମଭାବାପନ୍ନ ଅପେକ୍ଷା ଅଧିକ ସାଂପ୍ରଦାୟିକ ।''

ପ୍ର.୫. ଭାରତରେ ଆଞ୍ଚଳିକତାବାଦର କାରଣ ଓ ଏହାର ନିରାକରଣ ସମ୍ବନ୍ଧରେ ଆଲୋଚନା କର ।

**(Discuss the causes and remedies of communalism in India.)**

ଉ. ଭାରତର ବିଭିନ୍ନ ଭାଷା, ଜାତି, ଧର୍ମ, ସମ୍ପ୍ରଦାୟର ଲୋକମାନଙ୍କୁ ନେଇ ଗଠିତ ଏକ ବିଶାଳ ରାଷ୍ଟ୍ର । ବିଭିନ୍ନତା ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଭାରତୀୟ ରାଜନୀତିକୁ ପୃଥିବୀ ପୃଷ୍ଠରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଅଛି । ବର୍ତ୍ତମାନ ଭାରତରେ ଆଞ୍ଚଳିକତାବାଦ ଚିନ୍ତାଧାରା ଜାତୀୟ ସଂହତି ପଥରେ ଏକ ଦୃଢ଼ ପ୍ରତିବନ୍ଧକ ରୂପେ ଦଣ୍ଡାୟମାନ ହୋଇଅଛି । ଭାରତରେ ଆଞ୍ଚଳିକତାର ମୂଳ ଉତ୍ପାଟିତ ଦେଶରେ ସୁସ୍ଥ ବାତାବରଣ ପ୍ରତିଷ୍ଠିତ ହୋଇପାରିବ ନାହିଁ । ଭାରତରେ ଆଞ୍ଚଳିକତାବାଦ ସୃଷ୍ଟି ହେବାର ନିମ୍ନଲିଖିତ କାରଣମାନ ରହିଅଛି ।

**(୧) ସାମ୍ବିଧାନିକ ପ୍ରତିଶୃତି ଭଙ୍ଗ :** ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଭାରତରେ ସମ୍ବିଧାନ କାର୍ଯ୍ୟକାରୀ ହୋଇଆସୁଛି । ଏହି ସମ୍ବିଧାନରେ ଦିଆଯାଇଥିବା ପ୍ରତିଶୃତିକୁ ଏପର୍ଯ୍ୟନ୍ତ ଭାରତର ସରକାର ପୂରଣ କରିପାରିନାହାନ୍ତି । ଏହାଦ୍ୱାରା ଭାରତର ଜନସାଧାରଣଙ୍କର ଜାତୀୟ ସରକାର ପ୍ରତି ଆସ୍ଥା କମିଆସିଛି ଓ ସେମାନେ ନିଜ ସ୍ତରରେ ସେମାନଙ୍କର ସମସ୍ୟା ସମାଧାନ ପାଇଁ ପ୍ରୟାସ କରିଛନ୍ତି । ଫଳରେ ଆଞ୍ଚଳିକତାବାଦ ମୁଣ୍ଡ ଟେକିଛି ।

**(୨) ଆର୍ଥନୀତିକ ବୈଷମ୍ୟ :** ଜାତୀୟ ସମ୍ପଦର ସୁଷମ ବଣ୍ଟନ ଓ ଧନୀ-ଦରିଦ୍ର ମଧ୍ୟରେ ତାରତମ୍ୟ ହ୍ରାସ ପାଇଁ ସମ୍ବିଧାନରେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଭାରତର ଧନୀ-ଦରିଦ୍ର ମଧ୍ୟରେ ତାରତମ୍ୟ ଦିନକୁ ଦିନ ବୃଦ୍ଧି ପାଉଅଛି । ବେକାରମାନଙ୍କ ସଂଖ୍ୟା ଦିନକୁ ବୃଦ୍ଧି ପାଉଅଛି । ଦୁର୍ନୀତି ଓ ଭ୍ରଷ୍ଟାଚାର ଭାରତରେ ଆର୍ଥିକ ଅସମାନତା ସୃଷ୍ଟି କରିଅଛି । ଏହା ଦ୍ୱାରା ଶିକ୍ଷିତ ବେକାର ଓ ଦରିଦ୍ର ବ୍ୟକ୍ତିମାନେ ନିଜକୁ ଆଞ୍ଚଳିକ ଚିନ୍ତାଧାରା ଦ୍ୱାରା ପ୍ରଭାବିତ କରୁଛନ୍ତି । ଫଳରେ ଆଞ୍ଚଳିକତାବାଦ ବୃଦ୍ଧି ପାଉଅଛି ।

**(୩) ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ଅବହେଳା :** ଭାରତରେ ଶାସନ କ୍ଷମତାରେ ଥିବା ଲୋକମାନେ ଦେଶର ପ୍ରତ୍ୟେକ ଅଞ୍ଚଳକୁ ସମାନ ଭାବରେ ଦେଖନ୍ତି ନାହିଁ । ସ୍ୱାଧୀନତାର ୫୦ ବର୍ଷ ପରେ ମଧ୍ୟ ଭାରତରେ ଅନେକ ଅଞ୍ଚଳରେ ଲୋକମାନଙ୍କୁ ସଭ୍ୟତାର ସ୍ପର୍ଶ କରିନାହିଁ । ସେମାନଙ୍କ ପ୍ରତି କରାଯାଇଥିବା ଅବହେଳା ସେମାନଙ୍କୁ କେବଳ ଯେ, ଏକତ୍ରିତ କରାଯାଉଛି, ସେତିକି ନୁହେଁ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ସଂଗଠିତ ସ୍ୱର ଉତ୍ତୋଳନ କରିବା ସାହାଯ୍ୟ କରୁଛି । ଅନେକ ସମୟରେ ମନ୍ତ୍ରୀମାନେ ସେମାନଙ୍କ ନିଜ ଅଞ୍ଚଳର ଉନ୍ନୟନ ତ୍ୱରାନ୍ୱିତ କରୁଥିଲା ବେଳେ ଦେଶର ଅନ୍ୟ ଅଞ୍ଚଳ ଅବେହଳିତ ହେଉଅଛି । ଫଳରେ ଅବହେଳିତ ଅଞ୍ଚଳର ଲୋକମାନେ ନିଜ ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ନିଜେ ପ୍ରୟାସ କରୁଛନ୍ତି । ଫଳରେ ଜାତୀୟତାବାଦ ଚିନ୍ତାଧାରାର ବିକାଶ ହେଉଛି ।

**(୪) ସଚେତନତା ବୃଦ୍ଧି :** ଶିକ୍ଷା, ଗଣମାଧ୍ୟମ ଓ ଗମନାଗମନ ବ୍ୟବସ୍ଥାରେ ଉନ୍ନତି ଘଟିବା ଫଳରେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଉଛି । ଏହା ଦ୍ୱାରା ଗୋଟିଏ ଅଞ୍ଚଳର ଲୋକମାନେ ନିଜକୁ ଅନ୍ୟ ଅଞ୍ଚଳ ସହିତ ତୁଳନା କରିପାରୁଛନ୍ତି । ସଚେତନତା ବୃଦ୍ଧି ହେବା ଫଳରେ ଶାସକ ଦଳ ପ୍ରତି ସୃଷ୍ଟି ହୋଇଥିବା ଅନାସ୍ଥାଭାବ ପରିଶେଷରେ ଆଞ୍ଚଳିକ ମନୋଭାବ ସୃଷ୍ଟି କରୁଛି । ଶିକ୍ଷା, ନିଯୁକ୍ତି ଓ ଉନ୍ନୟନ କ୍ଷେତ୍ରରେ ଅଞ୍ଚଳ ଅଞ୍ଚଳ ମଧ୍ୟରେ ସୃଷ୍ଟି କରାଯାଉଥିବା ପାର୍ଥକ୍ୟ ବିଭିନ୍ନ ଅଞ୍ଚଳରେ କେନ୍ଦ୍ର ବିରୋଧୀ ମନୋଭାବ ପ୍ରକାଶ କରାଯାଉଛି ।

**(୫) କ୍ଷମତା ଲୋଭ :** କ୍ଷମତାର ଲୋଭ ଆଞ୍ଚଳିକତାବାଦ ବିକାଶ ପାଇଁ ମଧ୍ୟ ଦାୟୀ ଅଟେ । କେତେକ ରାଜନୈତିକ ନେତା ନିଜର ସ୍ୱାର୍ଥ ହାସଲ ବା କ୍ଷମତା ହାସଲ ପାଇଁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଞ୍ଚଳିକତାର ଚିନ୍ତାଧାରା ଉଦ୍ରେକ କରାଉଛନ୍ତି । ଅନେକ ରାଜନୈତିକ ନେତା ମଧ୍ୟ ଆଞ୍ଚଳିକ ଦଳ ମାନ ଗଠନ କରୁଛନ୍ତି ।

**(୬) ଆଞ୍ଚଳିକ ରାଜନୈତିକ ଦଳ :** ଭାରତରେ ଯେତେ ସଂଖ୍ୟକ ଦଳ ରହିଛି ସେଗୁଡ଼ିକ ମଧ୍ୟରୁ ଅନେକ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ସୀମାବଦ୍ଧ । ଏହି ରାଜନୈତିକ ଦଳମାନେ ଅନେକ ସମୟରେ ବ୍ୟକ୍ତିଗତ କ୍ଷମତା ଲାଳସା ବା ଆଞ୍ଚଳିକ ଉନ୍ନତି ପାଇଁ ଗଠିତ ହୋଇଥାଏ । ଏହି ଦଳଗୁଡ଼ିକ ନିଜ ସ୍ୱାର୍ଥ ପାଇଁ ସାମ୍ପ୍ରଦାୟିକତାବାଦ ଓ ଆଞ୍ଚଳିକତାବାଦକୁ ପ୍ରୋତ୍ସାହିତ କରିଥାନ୍ତି ।

**(୭) ଭାଷା :** ଭାଷା ଭିତ୍ତିରେ ପ୍ରଦେଶ ଗଠନ କରିବା ଦ୍ୱାରା ସଂହତି ନଷ୍ଟ ହୋଇଛି ବୋଲି ଅନେକ ରାଜନୀତି ବିଜ୍ଞାନୀ ମତପୋଷଣ କରିଥାନ୍ତି । ଏବେ ମଧ୍ୟ ହିନ୍ଦୀ ଭାଷାକୁ ବିରୋଧ କରି ଦକ୍ଷିଣ ଭାରତରେ ଆନ୍ଦୋଳନ ଦେଖା ଦେଉଛି । ବିଶେଷକରି ମାତୃଭାଷା ପାଇଁ ଉଦ୍ଦିଷ୍ଟ ମମତା ଆଞ୍ଚଳିକତାବାଦ ପ୍ରସାର କରିଥାଏ ।

(୮) ଭୂମିପୁତ୍ରର ତତ୍ତ୍ୱ : ଜୀବନଧାରଣ ଉପାୟ ଓ ନିଯୁକ୍ତି ପାଇଁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ଶିଳ୍ପରେ ସ୍ଥାନୀୟ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବା ପାଇଁ ଦାବୀ କରିଥାନ୍ତି । ଅନେକ ସମୟରେ କର୍ତ୍ତୃପକ୍ଷ ମଧ୍ୟ ସେମାନଙ୍କ ଦାବିକୁ ସମର୍ଥନ କରିଥାନ୍ତି । ଏହା ଦ୍ୱାରା ଆଞ୍ଚଳିକତାବାଦ ଚିନ୍ତାଧାରା ଉଦ୍ରେକ ହୋଇଥାଏ ।

**ଆଞ୍ଚଳିକତାବାଦର ପ୍ରତିକାର :** ଆଞ୍ଚଳିକତାବାଦ ଜାତୀୟ ସଂହତି ପଥରେ ଏକ ପ୍ରତିବନ୍ଧକ ହୋଇଥିବାରୁ, ଏହାକୁ ପ୍ରତିରୋଧ କରିବା ପାଇଁ ନିମ୍ନଲିଖିତ ବ୍ୟବସ୍ଥାମାନ ଗ୍ରହଣ କରାଯିବା ଉଚିତ ।

**(୧) ସମତୁଲ ପ୍ରଗତି** : ସରକାର ପ୍ରଗତିମୂଳକ କାର୍ଯ୍ୟ କଲାବେଳେ ରାଷ୍ଟ୍ରର ସମସ୍ତ ଅଞ୍ଚଳରେ ଯେପରି ସମାନ ପ୍ରଗତି ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବା ଉଚିତ । ଏହା ଦ୍ୱାରା ଆଞ୍ଚଳିକ ମନୋଭାବ ଦୂର ହୋଇପାରିବ ।

**(୨) ଗମନାଗମନ ଉନ୍ନତି :** ରାଷ୍ଟ୍ରର ସମସ୍ତ ଅଞ୍ଚଳକୁ ଗମନାଗମନର ସୁବିଧା ସରକାର କରିବା ଉଚିତ । ଏହା ଦ୍ୱାରା ସମଗ୍ର ରାଷ୍ଟ୍ରର ଲୋକମାନେ ନିଜକୁ ଜାତୀୟ ସ୍ରୋତରେ ସାମିଲ କରିପାରିବେ । ଗମନାଗମନ କ୍ଷେତ୍ରରେ ପାତର ଅନ୍ତର ମନୋଭାବ ପୋଷଣ କରିବା ଉଚିତ ନୁହେଁ ।

**(୩) ଭାଷାର ସମନ୍ୱୟତା :** ଭାରତରେ ଭାଷା ଆଞ୍ଚଳିକତାବାଦ ସୃଷ୍ଟିର ମୁଖ୍ୟ କାରଣ ହୋଇଥିବା ଯୋଗୁଁ ଭାରତୀୟ ଭାଷାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ସରକାର ପ୍ରୟାସ କରିବା ଉଚିତ । ଭାରତରେ ସର୍ବଭାରତୀୟ ସ୍ତରରେ ଇଂରେଜ ଭାଷାକୁ ପ୍ରଚଳନ କରିବା ଉଚିତ ।

**(୪) ମନୋଭାବର ପରିବର୍ତ୍ତନ :** ଭାରତରେ ଆଞ୍ଚଳିକତାବାଦ ମନୋଭାବ ମନସ୍ତାତ୍ତ୍ୱିକ ହୋଇଥିବାରୁ, ଭାରତୀୟମାନଙ୍କ ମନରୁ ଏହିପରି ସଂକୀର୍ଣ୍ଣ ଚିନ୍ତାଧାରା ବିଲୋପ ସାଧନକରି ସେମାନଙ୍କ ମନରେ ଜାତୀୟ ଚେତନା ସୃଷ୍ଟି କରିବା ପାଇଁ ପ୍ରୟାସ କରିବା ଉଚିତ । ଏଥିପାଇଁ ଶିକ୍ଷାର ପ୍ରସାର ହେବା ଆବଶ୍ୟକ । ଭାରତୀୟମାନଙ୍କ ମନୋଭାବର ପରିବର୍ତ୍ତନ ପାଇଁ ଶିକ୍ଷାନୁଷ୍ଠାନ ଓ ଗଣମାଧ୍ୟମଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବା ଆବଶ୍ୟକ ।

**ପ୍ର.୬. "ଭାରତରେ ଜାତିଆଣ ଭାବ ବା ଜାତିପ୍ରଥା ଜାତି ଗଠନ ପ୍ରତି ଏକ ଆହ୍ୱାନ ।" ସମୀକ୍ଷାକର ।**

**("Casteism is a threat to Nation Building in India." Examine.)**

**ଉ.** ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ଜାତୀୟ ସଂହତି ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି ଜାତିପ୍ରଥା । ଭାରତରେ ପ୍ରଚଳିତ ଜାତି ବ୍ୟବସ୍ଥା ବା ଜାତିପ୍ରଥା ଏକ ସାମାଜିକ ସ୍ଥିରୀକୃତ ବ୍ୟବସ୍ଥା ଯେଉଁଥିରେ ତଫସିଲଭୁକ୍ତ ଜାତି (ହରିଜନ) ଉପଜାତି (ଆଦିବାସୀ) ଓ ଅନ୍ୟାନ୍ୟ ଅନୁନ୍ନତ ଜାତି ନାମରେ ତିନୋଟି ମାନବଗୋଷ୍ଠୀ ବିଭକ୍ତ ହୋଇଛନ୍ତି । ପ୍ରାଚୀନ ଭାରତରେ ଜାତିପ୍ରଥା ନ ଥିଲା । ମନୁଙ୍କର ବର୍ଣ୍ଣାଶ୍ରମ ଧର୍ମରୁ ଆରମ୍ଭ ହୋଇଥିଲା ଜାତିପ୍ରଥା । ଭାରତରେ ଜାତିପ୍ରଥା ସାମାଜିକ ଶୃଙ୍ଖଳା ପାଇଁ ପ୍ରତିଷ୍ଠିତ ହୋଇଥିଲେ ହେଁ କାର୍ଯ୍ୟତଃ ଭାରତରେ ତାହାର ବିପରୀତ ଫଳ ଦୃଷ୍ଟିଗୋଚର ହେଉଅଛି । ଭାରତରେ ଜାତିପ୍ରଥା ସାମାଜିକ, ଆର୍ଥନୀତିକ ଓ ରାଜନୀତିକ ସ୍ତରରେ ଏପରି ବିଶୃଙ୍ଖଳା ସୃଷ୍ଟି କରିଛି ଯେ, ତା ର ସଂପୂର୍ଣ୍ଣ ବିଲୋପ ବର୍ତ୍ତମାନ ଆୟାସସାଧ୍ୟ ନୁହେଁ । ଭାରତୀୟ ରାଜନୀତିରେ ଜାତିଆଣ ଭାବର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଫେସର ରଜନୀ କୋଠାରୀ କହିଛନ୍ତି ।

ଭାରତର ଜାତୀୟ ରାଜନୀତିରେ ଜାତିପ୍ରଥାର ପ୍ରଭାବ କମ୍ ପରିଲକ୍ଷିତ ହେଉଥିବାବେଳେ ରାଜ୍ୟ ଓ ସ୍ଥାନୀୟ ଶାସନ କ୍ଷେତ୍ରରେ ଯଥେଷ୍ଟ ଅଧିକ ଏହାର ପ୍ରଭାବ ରହିଅଛି । ପ୍ରତ୍ୟେକ ରାଜନୀତିକ ଦଳ ନିମ୍ନ ସ୍ତରରୁ ଜାତିଆଣ ଭିତ୍ତିରେ ନିଜର ସଂଗଠନ ଆରମ୍ଭ କରୁଛନ୍ତି । କ୍ଷମତା ରାଜନୀତିର ମୋହ ପ୍ରତ୍ୟେକ ରାଜନୈତିକ ଦଳକୁ ଗ୍ରାସ କରିଅଛି । ନିର୍ବାଚନରେ ପ୍ରାର୍ଥୀ ମନୋନୟନ ଠାରୁ ଆରମ୍ଭ କରି ନିର୍ବାଚନ ପ୍ରଚାର ଓ ମନ୍ତ୍ରିମଣ୍ଡଳରେ ଜାତିକୁ ପ୍ରାଧାନ୍ୟ ଦିଆଯାଉଛି । ଏହାଦ୍ୱାରା ରାଜନୀତିକ ଦ୍ୱନ୍ଦ୍ୱ ସମାଧାନ ହେବା ସଙ୍ଗେ ସଙ୍ଗେ ଦଳ ସଂଗଠିତ ହୋଇ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିଛନ୍ତି । ଦେଶର ବିଭିନ୍ନ କୋଣରେ ଦିନକୁ ଦିନ ଜାତିଗତ ସଂଘର୍ଷ ବୃଦ୍ଧିପାଉଛି ଏବଂ ସାମାଜିକ ସଂହତି ବାଧାପ୍ରାପ୍ତ ହେଉଛି ।

ରାଜ୍ୟମାନଙ୍କରେ ଜାତିଆଣ ରାଜନୀତିର ପ୍ରଭାବ ଆଲୋଚନା କଲାବେଳେ ବିହାର ଘଟଣା ପ୍ରଥମେ ଦୃଷ୍ଟିକୁ ଆସିଥାଏ । ଏଠାରେ ବ୍ରାହ୍ମଣ, କ୍ଷତ୍ରିୟ, ରାଜପୁତ, ଭୂମିଦାର ଓ ଆଦିବାସୀମାନଙ୍କ ମଧ୍ୟରେ ଜାତିଗତ ସଂଘର୍ଷ ଦେଖିବାକୁ ମିଳିଥିଲା ।

ଆନ୍ଧ୍ରପ୍ରଦେଶରେ କମା ରେଡ୍ଡିମାନଙ୍କ ମଧ୍ୟରେ ଜାତିଗତ ଦ୍ୱନ୍ଦ୍ୱ ପ୍ରାୟ ଲାଗିରହିଥାଏ । ମହାରାଷ୍ଟ୍ରରେ ମରାଠା, ବ୍ରାହ୍ମଣ ଏବଂ ମାହାରା ଜାତି ମଧ୍ୟରେ ପ୍ରାୟତଃ ଦେଖାଯାଏ । ତାମିଲନାଡୁରେ ଜାତିକୁ ନେଇ ଗଠିତ ହୋଇଛି ଦୁଇଟି ରାଜନୈତିକ ଦଳ **DMK** ଓ **AIADMK**. ଏମାନଙ୍କ ମଧ୍ୟରେ ରାଜନୈତିକ ବିବାଦ ସର୍ବଦା ଲାଗିରହିଛି । କେରଳରେ ନମ୍ବୁଦ୍ରୀ (ବ୍ରାହ୍ମଣ), ନାୟାର ଓ ତିୟାନଙ୍କ ମଧ୍ୟରେ ରହିଛି ଦ୍ୱନ୍ଦ୍ୱ । କର୍ଣ୍ଣାଟକରେ ଲିଙ୍ଗାୟତ ଓ ଭୋକାଲିଙ୍ଗାମାନଙ୍କ ମଧ୍ୟରେ ରହିଛି ପାରସ୍ପରିକ ଶତ୍ରୁତା । ରାଜସ୍ଥାନରେ ଜାଠ ଓ ରାଜପୁତମାନଙ୍କ ମଧ୍ୟରେ ରାଜନୀତିକ କ୍ଷମତା ପାଇଁ ପ୍ରତିଦ୍ୱନ୍ଦ୍ୱିତା ସର୍ବଦା ବଳବତ୍ତର ରହିଛି । ଓଡ଼ିଶାର କନ୍ଧମାଳ ଜିଲ୍ଲା ଜାତିଗତ ଦଙ୍ଗା ପାଇଁ ଦେଶରେ ଦୁର୍ନାମ ଅର୍ଜନ କରିଛି ।

ବାସ୍ତବରେ ଜାତିପ୍ରଥା ଭାରତୀୟ ଗଣତନ୍ତ୍ରକୁ ବିପଦପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ମଧ୍ୟରେ ବୈଷମ୍ୟ ସୃଷ୍ଟି କରି ସାମାଜିକ ଏକତା ଓ ଜାତୀୟ ସଂହତିକୁ ବିପନ୍ନ କରୁଅଛି ।

ସମ୍ବିଧାନର ୧୭ ଧାରାରେ ଅସ୍ପୃଶ୍ୟତାର ବିଲୋପର ବ୍ୟବସ୍ଥା ସହିତ ସଂସଦରେ ଅସ୍ପୃଶ୍ୟତା ଅପରାଧ ଆଇନ ପ୍ରଣୀତ ହୋଇଥିଲେ ମଧ୍ୟ ଅସ୍ପୃଶ୍ୟତା ଏବେ ମଧ୍ୟ ରହିଅଛି । ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଫଳପ୍ରଦ ଉଦ୍ୟମ, ଜନସଚେତନତା, ସାମାଜିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହୋଇପାରିଲେ ଜାତିପ୍ରଥା ଏକ ସମସ୍ୟା ହେବ ନାହିଁ ।

**ପ୍ର.୭. 'ଭାରତରେ ଆତଙ୍କବାଦ ବା ସନ୍ତ୍ରାସବାଦ ଜାତି ଗଠନ ପ୍ରତି ପ୍ରତି ପ୍ରମୁଖ ଆହ୍ୱାନ ।' ସମୀକ୍ଷା କର ।**

**("Terrorism is a threat to Nation-Building in India.")**

ଉ. ଆଧୁନିକ ବିଶ୍ୱ କ୍ଷୁଧା ଓ ଅନାହାରଠାରୁ ବଳି ଆହୁରି ଅଧିକ ଭୟଙ୍କର ସମସ୍ୟାର ଜର୍ଜରିତ ହୋଇପଡ଼ିଛି, ତାହା ହେଉଛି ସନ୍ତ୍ରାସବାଦ । ଭାରତପରି ଏକ ଶାନ୍ତିପ୍ରିୟ ରାଷ୍ଟ୍ର ମଧ୍ୟ ଆତଙ୍କବାଦ ବା ସନ୍ତ୍ରାସବାଦ ଶିକାରରେ କବଳିତ । ସଂପ୍ରତି ଭାରତର ଜାତୀୟ ସଂହତି ଓ ଏକତାର ପ୍ରତି ପ୍ରମୁଖ ଆହ୍ୱାନ ହେଉଛି ଆତଙ୍କବାଦ ।

**ଅର୍ଥ :–** କୌଣସି ଏକ ରାଜନୈତିକ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ହିଂସାତ୍ମକ ପନ୍ଥା ଅବଲମ୍ବନ ହିଁ ହେଉଛି ଆତଙ୍କବାଦ । ହତ୍ୟା, ଲୁଣ୍ଠନ, ଅପହରଣ ଇତ୍ୟାଦି ଚଳାଇ ଶାସନକଳକୁ ବିପର୍ଯ୍ୟସ୍ତ କରିବା ସଙ୍ଗେ ସଙ୍ଗେ ଦେଶରେ ଏକ ଆତଙ୍କର ବାତାବରଣ ସୃଷ୍ଟିକରିବା ଆତଙ୍କବାଦୀଙ୍କ ଲକ୍ଷ୍ୟ । ଏହି ଆନ୍ଦୋଳନରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ ଆତଙ୍କବାଦୀ ନାମରେ ପରିଚିତ । ବର୍ତ୍ତମାନ ଅତ୍ୟାଧୁନିକ ମାରଣାସ୍ତ୍ର ଓ ଉଚ୍ଚଶକ୍ତି ସମ୍ପନ୍ନ ବିସ୍ଫୋରକ ଦ୍ରବ୍ୟର ଉଦ୍ଭାବନ, ଯୋଗାଯୋଗ ଓ ପରିବହନ କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି ଇତ୍ୟାଦି ଫଳରେ ସନ୍ତ୍ରାସବାଦ ଉଗ୍ରରୂପ ଧାରଣ କରି ବହୁ ଧନଜୀବନ ହାନି କରୁଛନ୍ତି ।

ଭାରତରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଆରମ୍ଭ ହୋଇଥିବା ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ସ୍ୱାଧୀନତା ଆନ୍ଦୋଳନ ସମୟରେ । ପଞ୍ଜାବର ଭଗତସିଂହ ୧୯୨୫ ମସିହାରେ ନବଜଓ୍ୱାନ ସଭା ଗଠନ କରି ଆତଙ୍କବାଦର ଦୃଢ଼ ପ୍ରଚାର କରିଥିଲେ । ସେ ବୋମା ବ୍ୟବହାରକୁ ଯୁକ୍ତିଯୁକ୍ତ ଦର୍ଶାଇଥିଲେ । ୧୯୧୧ ମସିହାରେ ଲାଲ ହରଦୟାଲ କାଲିଫର୍ଣ୍ଣିଆରେ ଘଦର ପାର୍ଟି ଓ ତାହାର ମୁଖପତ୍ରର 'ହିନ୍ଦୁସ୍ଥାନ ଘଦର' ପ୍ରତିଷ୍ଠା କରି ବିଦେଶମାଟିରୁ ଆତଙ୍କବାଦୀ କାର୍ଯ୍ୟକ୍ରମ ଚଳାଇଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଉଗ୍ରପନ୍ଥୀ କାର୍ଯ୍ୟକଳାପ ଚଳାଇ ଭଗତସିଂହ, ସୁଖଦେବ, ରାଜଗୁରୁ, ଲକ୍ଷ୍ମଣ ନାୟକ ଆଦି ଶହୀଦ୍ ହୋଇଥିଲେ ।

ସ୍ୱାଧୀନ ଭାରତରେ ଭାରତରୁ ବିଚ୍ଛିନ୍ନ ହୋଇ ସ୍ୱାଧୀନ ରାଷ୍ଟ୍ର ଗଠନ ପାଇଁ ସନ୍ତ୍ରାସବାଦ ଏକ ମାଧ୍ୟମ ହୋଇଥିଲା । ନାଗାଲାଣ୍ଡରେ ନାଗା ଜାତୀୟ ପରିଷଦ, ଲାଲଡେଙ୍ଗାଙ୍କ ନେତୃତ୍ୱରେ ମିଜୋ ଜାତୀୟ ସାମୁଖ୍ୟ ଗଠିତ ହୋଇ ଆତଙ୍କବାଦ ଚଳାଇଥିଲେ । ଏହା ବ୍ୟତୀତ ସୁଭାଷ ଘିସିଂଙ୍କ ନେତୃତ୍ୱରେ ଗୋର୍ଖା ଜାତୀୟ ମୁକ୍ତି ସାମୁଖ୍ୟ, ଆସାମରୁ ଅଣ-ଆସାମୀମାନଙ୍କୁ ହଟାଇବା ପାଇଁ ଆସାମ ମିଳିତ ମୁକ୍ତି ସାମୁଖ୍ୟ, ମଣିପୁରର 'ମୟାଙ୍ଗ' (ବିଦେଶୀ) ମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଆତଙ୍କବାଦର ରୂପ ନେଇଥିଲା । ଦକ୍ଷିଣ ଭାରତରେ ମୁଖ୍ୟତଃ ତାମିଲନାଡୁରେ ସକ୍ରିୟ ଥିବା ସଂଗଠନ LTTE ଙ୍କ ମାନବବୋମା ବିସ୍ଫୋରଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧି ପ୍ରାଣ ହରାଇଥିଲେ । ବିଶେଷ କରି ଆତଙ୍କବାଦ ଉଗ୍ରରୂପ ନେଇଥିଲା ଭାରତର ଦୁଇଟି ରାଜ୍ୟ ପଞ୍ଜାବ ଓ କାଶ୍ମୀରରେ । ପଞ୍ଜାବର ସ୍ୱତନ୍ତ୍ର ରାଷ୍ଟ୍ରଗଠନ ଦାବିକରି ହୋଇଥିବା ଖଲିସ୍ତାନ ଆନ୍ଦୋଳନ ଏକ ସନ୍ତ୍ରାସବାଦର ଏକ ନମୂନା । ପଞ୍ଜାବରେ ସନ୍ତ୍ରାସବାଦୀମାନେ ଖଲିସ୍ଥାନ ଦାବିକରି ବହୁ ସ୍ଥାନରେ ବୋମା ବିସ୍ଫୋରଣ କରି ବହୁ ଧନଜୀବନ

ନଷ୍ଟ କରିଛନ୍ତି । ସେଠାରେ ସନ୍ତ୍ରାସବାଦକୁ ଦମନ କରିବାକୁ ଯାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧି ଓ ଜେନେରାଲ ବୈଦଙ୍କୁ ପ୍ରାଣବଳି ଦେବାକୁ ପଡ଼ିଛି । କାଶ୍ମୀର ସନ୍ତ୍ରାସବାଦଦ୍ୱାରା ପୂରା କବଳିତ କହିଲେ ଅତ୍ୟୁକ୍ତି ହେବନାହିଁ । ପାକ୍ ସମର୍ଥିତ ବହୁ ଆତଙ୍କବାଦୀ ସଂଗଠନରେ ଏଠାରେ ଧାରାବାହିକ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇଛନ୍ତି । ଏଥିରେ ସାମିଲ୍ ହୋଇଛନ୍ତି ଜାମ୍ମୁ ଓ କାଶ୍ମୀର ମୁକ୍ତି ସାମ୍ମୁଖ୍ୟ, ଜୈସ-ଇ-ମହମ୍ମଦ, ଲସ୍କର-ଇ-ତୋଇବା, ହିଜିବୁଲ ମୁଜାହିଦ୍ଦିନ ଆଦି ଅନେକ ସଂଗଠନ । ପାକିସ୍ତାନ ସେମାନଙ୍କୁ ଅସ୍ତ୍ରଶସ୍ତ୍ର, ଗୁଳି, ବିସ୍ଫୋରକ ଦ୍ରବ୍ୟ, ଅର୍ଥ, ଯାନ୍ତ୍ରିକ ଜ୍ଞାନକୌଶଳ ଓ ତାଲିମ ପ୍ରଦାନ କରି ଆତଙ୍କବାଦୀ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଅଛି । ବିଶେଷ କରି ସୀମାପାର ଆତଙ୍କବାଦ ଭାରତରେ ଉଗ୍ରରୂପ ନେଇଅଛି । ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟରେ ମାଓବାଦୀଙ୍କ କାର୍ଯ୍ୟକଳାପ ଆତଙ୍କବାଦର ଅନ୍ୟତମ ନମୁନା, ମୁମ୍ବାଇ ବିସ୍ଫୋରଣ, ସଂସଦ ଭବନ ଉପରେ ଆକ୍ରମଣ, ଅକ୍ଷରଧାମ ମନ୍ଦିର ଆକ୍ରମଣ, ଭାରତରେ ସନ୍ତ୍ରାସବାଦର ଭୟବହତାର ସ୍ୱାକ୍ଷର ବହନ କରୁଅଛି ।

ଭାରତରେ ଜାତୀୟ ସଂହତି ଓ ଜାତି-ଗଠନ ପ୍ରତି ଏକ ପ୍ରମୁଖ ଆହ୍ୱାନ ଆତଙ୍କବାଦ ହୋଇଥିବାରୁ ଏହାକୁ ଦମନ କରିବା ପାଇଁ ବିଭିନ୍ନ ଆଇନ ପ୍ରଣୀତ ହୋଇଅଛି । ୧୯୫୦ ମସିହାର ପ୍ରତିଷେଧମୂଳକ ଅଟକ ଆଇନ, ୧୯୭୧ ମସିହାରେ ଆଭ୍ୟନ୍ତରୀଣ ନିରାପତ୍ତା ଆଇନ (MISA), ୧୯୮୭ ମସିହାରେ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ନିବାରଣ ଆଇନ (TADA) ୨୦୦୨ ମସିହାରେ ଆତଙ୍କବାଦ ନିବାରଣ ଆଇନ (POTA) ପ୍ରଣୟନ କରି ଆଭ୍ୟନ୍ତରୀଣ ଆତଙ୍କବାଦ ଓ ସୀମାପାର ଆତଙ୍କବାଦକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଛନ୍ତି ।

(୧) ଆତଙ୍କବାଦୀମାନଙ୍କର କାର୍ଯ୍ୟକଳାପ ପ୍ରତି କଡ଼ା ନିଜର ରଖାଯିବା ଆବଶ୍ୟକ। ଏଥିପାଇଁ ଦେଶର ଗୁଇନ୍ଦା ବିଭାଗ ସକ୍ରିୟ ରହିବା ଉଚିତ।

(୨) ଆତଙ୍କବାଦୀମାନଙ୍କ ମନରୁ ହିଂସାତ୍ମକ ଭାବ ଦୂର କରିବା ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ହେବା ଉଚିତ।

(୩) ଆତଙ୍କବାଦ ସହ ଜଡ଼ିତ ବ୍ୟକ୍ତି ଓ ସଂଗଠନର କାର୍ଯ୍ୟାବଳୀର ସମୀକ୍ଷା କରାଯିବା ଆବଶ୍ୟକ।

(୪) ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ଦମନ କରିବା ପାଇଁ ସରକରୀ ପଦକ୍ଷେପ ତୁରନ୍ତ ଗ୍ରହଣ କରାଯିବା ଆବଶ୍ୟକ।

(୫) ଆତଙ୍କବାଦୀଙ୍କ ବିରୁଦ୍ଧରେ ହୋଇଥିବା ମୋକଦ୍ଦମାର ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ଗଠିତ ହେବା ସହିତ ଏହାର ବିଚାର ପ୍ରକ୍ରିୟା ଶୀଘ୍ର ହେବା ଆବଶ୍ୟକ।

(୬) ସୀମାପାର ଆତଙ୍କବାଦକୁ ଦମନ କରିବା ପାଇଁ ବିଶ୍ୱ ସଂଗଠନ ଓ ବିଭିନ୍ନ ରାଷ୍ଟ୍ର ମିଳିତଭାବେ କାର୍ଯ୍ୟ କରିବା ଆବଶ୍ୟକ।

ବର୍ତ୍ତମାନ ଆତଙ୍କବାଦ କେବଳ ଦେଶୀୟ ସମସ୍ୟା ନ ହୋଇ ବରଂ ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଛି । ଏଣୁ ଉଭୟ ଜାତୀୟ ଓ ସାମୂହିକ ଆନ୍ତର୍ଜାତୀୟ ପ୍ରଚେଷ୍ଟାରେ ଏହାକୁ ଦମନ କରାଯିବା ଆବଶ୍ୟକ ।

❑❑❑

ଷଷ୍ଠ ଅଧ୍ୟାୟ

# ଭାରତୀୟ ରାଜନୀତିରେ ସାଂପ୍ରତିକ ସମସ୍ୟାବଳୀ

## [ CONTEMPORARY ISSUES IN INDIAN POLITICS ]

ଜନଆନ୍ଦୋଳନ–ନାରୀ ଆନ୍ଦୋଳନ, ପରିବେଶ ସୁରକ୍ଷା ଆନ୍ଦୋଳନ, ବିକାଶ ଓ ବିସ୍ଥାପନ ଆନ୍ଦୋଳନ

**Popular Movements–Women Movement, Environment Protection Movement, Development Displacement Movement**

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧.** ଭାରତରେ ନାରୀ ଆନ୍ଦୋଳନ ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖ ।

**(Write an essay about Women Movement in India.)**

ଉ : ଭାରତୀୟ ସମାଜ ବିଶେଷ କରି ଏକ ପୁରୁଷ ପ୍ରଧାନ ଦେଶ ହୋଇଥିବାରୁ, ଭାରତରେ ନାରୀମାନେ ବିଭିନ୍ନ ପ୍ରକାର ନିର୍ଯାତନା, ଅନ୍ୟାୟ, ଅତ୍ୟାଚାର ଓ ଶୋଷଣର ଶିକାର ହୋଇଛନ୍ତି । ଏକଦା ସମୟ ଥିଲା ଯେତେବେଳେ କି ଭାରତୀୟ ନାରୀମାନେ ପରଦା ପ୍ରଥା ତଳେ ରହି କେବଳ ପରିବାରର ଯତ୍ନ ନେବା ସହିତ ପୁରୁଷ ପାଇଁ ଏକ ଭୋଗ୍ୟବସ୍ତୁ ଭଳି କାର୍ଯ୍ୟ କରୁଥିଲା । କାଳକ୍ରମେ ସମାଜରେ ପରିବର୍ତ୍ତନ ଯୋଗୁଁ ନାରୀମାନଙ୍କର ସାମାଜିକ, ଆର୍ଥନୀତିକ ଏବଂ ରାଜନୈତିକ ପରିସ୍ଥିତିରେ ପରିବର୍ତ୍ତନ ହେଲା । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ସଂସ୍କାର ଆନ୍ଦୋଳନ ଦ୍ୱାରା ଭାରତୀୟ ନାରୀମାନଙ୍କ ସ୍ଥିତିରେ ଅନେକ ପରିବର୍ତ୍ତନ ସମ୍ଭବ ହୋଇଥିଲା । ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାଜା ରାମମୋହନ ରାୟ, ସ୍ୱାମୀ, ବିବେକାନନ୍ଦ, ଅରବିନ୍ଦ ଘୋଷ, କେଶବଚନ୍ଦ୍ର ସେନ, ମହାତ୍ମାଗାନ୍ଧି ଓ ଡକ୍ଟର ଆନିବେସାନ୍ତଙ୍କ ପରି ବହୁ ମନିଷୀଗଣ ଭାରତରେ ନାରୀ ଜାତିର ଉନ୍ନତି ପାଇଁ ପ୍ରୟାସ କରିଥିଲେ । ରାଜା ରାମମୋହନ ରାୟଙ୍କ ବ୍ରାହ୍ମ ସମାଜ, ଦୟାନନ୍ଦଙ୍କ ଆର୍ଯ୍ୟ ସମାଜ ଭାରତରେ ନାରୀ ଜାଗରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । ରକ୍ଷଣଶୀଳ ଭାରତୀୟ ସମାଜରେ ନାରୀ ଜାତିର ଉତ୍‌ଥାନ ପାଇଁ ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଚିନ୍ତାଶୀଳ ଉଦ୍ୟମ ତଥା ତତ୍‌କାଳୀନ ଇଂରେଜ ବଡଲାଟ୍ ଲର୍ଡ଼ ଉଇଲିୟମ ବେଣ୍ଟିଙ୍କଙ୍କର ଭୂମିକା ଅବିସ୍ମରଣୀୟ ।

ଭାରତୀୟ ସମାଜ ଏକ ବିବିଧ ସମାଜ ହୋଇଥିବାରୁ ଏଠାରେ ବିଭିନ୍ନ ଧର୍ମ ସମ୍ପ୍ରଦାୟ, ଜାତି ଓ ଶ୍ରେଣୀରେ ଥିବା ନାରୀମାନଙ୍କର ସମସ୍ୟା ଭିନ୍ନ ଭିନ୍ନ ଅଟେ । ଭାରତରେ ଥିବା ଗ୍ରାମାଞ୍ଚଳର ନାରୀମାନଙ୍କର ସମସ୍ୟା ସହରାଞ୍ଚଳ ନାରୀମାନଙ୍କର ସମସ୍ୟା ଠାରୁ ଭିନ୍ନ ଅଟେ । ତେଣୁ ଭାରତୀୟ ସମାଜରେ ନାରୀ ଆନ୍ଦୋଳନ ବିଭିନ୍ନ ରୂପରେ ପ୍ରକାଶିତ ହୋଇଅଛି । ଏହି ନାରୀ ଆନ୍ଦୋଳନକୁ ମୁଖ୍ୟତଃ ନିମ୍ନଲିଖିତ ଚାରୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ ।

**(୧) ସଂସ୍କାର ଆନ୍ଦୋଳନ ଓ ନାରୀ ସମସ୍ୟା :** ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଭାରତୀୟ ସମାଜରେ ପ୍ରଚଳିତ କେତେକ ପ୍ରଥା ଯଥା ବାଲ୍ୟବିବାହ, ବହୁ ପତ୍ନୀ ବ୍ୟବସ୍ଥା, ସତୀଦାହ ପ୍ରଥା, ନାରୀମାନଙ୍କୁ ଶିକ୍ଷାଦାନ ଓ ସମ୍ପତ୍ତିରୁ ବଞ୍ଚିତ କରିବା ଇତ୍ୟାଦି ବ୍ୟବସ୍ଥା ଭାରତୀୟ ନାରୀମାନଙ୍କୁ ସମାଜରେ ନ୍ୟୁନ ସ୍ଥାନ ପ୍ରଦାନ କରିଥିଲା । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ରାଜା ରାମମୋହନ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମ ସମାଜ ସତୀପ୍ରଥାର ବିଲୋପ, ବିଧବା ବିବାହ ପ୍ରଥା ପ୍ରଚଳନ; ବହୁ ପତ୍ନୀ ବ୍ୟବସ୍ଥାର ଉଚ୍ଛେଦ, ବାଲ୍ୟ ବିବାହ ବନ୍ଦ ଓ ନାରୀ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା । ପରବର୍ତ୍ତୀ

ପର୍ଯ୍ୟାୟରେ ପ୍ରାର୍ଥନା ସମାଜ ଓ ଆର୍ଯ୍ୟ ସମାଜ ଏ ଦିଗରେ ଅଧିକ ପଦକ୍ଷେପ ଗ୍ରହଣ କରିଥିଲା । ରାଜା ରାମମୋହନ ରାୟଙ୍କ ପ୍ରଚେଷ୍ଟା ଓ ଲର୍ଡ଼ ଉଇଲିୟମ ବେଣ୍ଟିଙ୍କଙ୍କ ଯୋଗୁଁ ୧୮୨୯ ମସିହାରେ ସତୀଦାହ ପ୍ରଥାର ଉଚ୍ଛେଦ ପାଇଁ ଆଇନ ପ୍ରଣୀତ ହୋଇଥିଲା । ୧୮୭୦ ମସିହାରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଉଦ୍ୟମ ଯୋଗୁଁ ବିଧବା ପୁନଃ ବିବାହ ଆଇନ ପ୍ରଣୀତ ହୋଇଥିଲା । ନାରୀ ଶିକ୍ଷାର ପ୍ରସାର ପାଇଁ ଆର୍ଯ୍ୟ ସମାଜର ସହାୟତାରେ ଆର୍ଯ୍ୟ କନ୍ୟା ପାଠଶାଳା ପ୍ରତିଷ୍ଠା କରାଯାଇଥିଲା । ହିନ୍ଦୁ ନାରୀମାନଙ୍କର ସାମାଜିକ ସ୍ଥିତିରେ ଉନ୍ନତି ପାଇଁ ସ୍ୱାମୀ ବିବେକାନନ୍ଦ, ମହର୍ଷି ଦୟାନନ୍ଦ ସରସ୍ୱତୀ, ଡକ୍ଟର ଆନିବେସାନ୍ତ ଓ ରାନାଡେ ପ୍ରଭୃତିଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଅଛି ।

ମୁସଲିମ ସଂପ୍ରଦାୟରେ ମଧ୍ୟ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ନାରୀ ନିର୍ଯାତନା ବିରୋଧରେ ଆନ୍ଦୋଳନ କରିଥିଲା । ମୁସଲିମ ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ ଥିବା ପରଦା ବ୍ୟବସ୍ଥା, ଶିକ୍ଷାର ପ୍ରସାରର ସ୍ୱଳ୍ପତା ଯୋଗୁଁ ନାରୀ ଆନ୍ଦୋଳନ ବିଶେଷ ସଫଳ ହୋଇ ନଥିଲା । ମୁସଲମାନ ମହିଳା ମାନଙ୍କର ଶିକ୍ଷାର ପ୍ରସାର ପାଇଁ ଭୋପାଳ ବେଗମ୍, ଆଲିଗଡ଼ର ସୟେଦ୍ ଅହମ୍ମଦ ଖାଁ ଓ ଶେଖ୍ ଅବ୍‌ଦୁଲ୍ଲା ଓ ଲକ୍ଷ୍ନୌର କର୍ମାତ୍ ହୁସେନ୍ ପ୍ରୟାସ କରିଥିଲେ । ୧୯୧୬ ମସିହାରେ ଭୋପାଳର ବେଗମ୍ ନିଖିଳ ଭାରତ ମୁସଲିମ୍ ମହିଳା ସମ୍ମିଳନୀ କରିଥିଲେ । ଏହି ସମ୍ମିଳନୀରେ ବହୁପତ୍ନୀ ବ୍ୟବସ୍ଥାକୁ ବିରୋଧ କରାଯାଇଥିଲା । ଏହାପରେ ବହୁ ମୁସଲମାନ ମହିଳା ଜାତୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ । ଅନ୍ୟ ସମ୍ପ୍ରଦାୟମାନଙ୍କରେ ମଧ୍ୟ ଏହିପରି ଆନ୍ଦୋଳନ ସଂଗଠିତ ହୋଇଥିଲା ।

**(୨) ସ୍ୱାଧୀନତା ଆନ୍ଦୋଳନରେ ମହିଳା ଅଂଶ ଗ୍ରହଣ :** ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସହିତ ନାରୀର ଅଧିକାର ଓ ସମାନତା ପାଇଁ ହେଉଥିବା ଆନ୍ଦୋଳନକୁ ସାମିଲ କରାଯାଇଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ବହୁ ମହିଳା ନାରୀ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ମହାତ୍ମାଗାନ୍ଧୀଙ୍କ ଆହ୍ୱାନ କ୍ରମେ ବହୁ ମହିଳା ଜାତୀୟ ଆନ୍ଦୋଳନରେ ସାମିଲ ହୋଇ ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ବିଦେଶୀ ଦ୍ରବ୍ୟ ବିକ୍ରୀ ହେଉଥିବା ଦୋକାନ ଓ ମଦ ଦୋକାନ ସମ୍ମୁଖରେ ଧାରଣା ଦେଇଥିଲେ । ଶହ ଶହ ସଂଖ୍ୟାରେ ମହିଳା ମଧ୍ୟ ଜେଲ ବରଣ କରିଥିଲେ । ଏହି ଆନ୍ଦୋଳନରେ ମହିଳାମାନେ ବିଭିନ୍ନ ଉପାୟରେ ସାହାଯ୍ୟ କରି ଆନ୍ଦୋଳନରେ ସାମିଲ ହୋଇଥିଲେ । ଅନେକ ମହିଳା ଛଦ୍ମବେଶୀ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଖାଦ୍ୟ ଓ ବାସ ପ୍ରଦାନ କରିବା ସହିତ ରାଜନୈତିକ ବନ୍ଦୀମାନଙ୍କ ଠାରୁ ଗୁପ୍ତରେ ଖବର ଆଣି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରଦାନ କରୁଥିଲେ । ଭାରତର ବିଭିନ୍ନ ଅଞ୍ଚଳରେ ମହିଳା ସଂଗ୍ରାମୀ ବାହିନୀ ମଧ୍ୟ ଗଠିତ ହୋଇଥିଲା । ଭାରତ ଛାଡ଼ ଆନ୍ଦୋଳନରେ ଅରୁଣା ଆସଫ୍ ଅଲ୍ଲୀଙ୍କ ଭୂମିକା ଥିଲା ଅବର୍ଣ୍ଣନୀୟ । ଦିଲ୍ଲୀର ରୂପବତୀ ଜୈନ, କଲିକତାର କଳ୍ପନା ଦତ୍ତ ଓ କମଳା ଦାସଗୁପ୍ତା, ଲକ୍ଷ୍ମୀ ସେହଗାଲ୍ ଇତ୍ୟାଦି ମହିଳାଙ୍କର ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କର ଅଂଶ ଗ୍ରହଣ ଦ୍ୱାରା ଭାରତୀୟ ସମାଜରେ ପ୍ରଚଳିତ ବହୁ ପୁରୁଣା ପ୍ରଥା ଓ ପରମ୍ପରାର ସମାପ୍ତି ହୋଇଥିଲା । ସ୍ୱାଧୀନତା ଆନ୍ଦୋଳନ ବେଳେ ବହୁ ନାରୀ ସଂଗଠନ ଭାରତରେ ଜନ୍ମ ଲାଭ କରିଥିଲା । ସେଗୁଡ଼ିକ ହେଲା Women's Indian Association (1917), National Council of Indian Women (1926), All India Women's Conference (1927) ଇତ୍ୟାଦି । ୧୯୧୭ ମସିହା ସରୋଜିନୀ ନାଇଡୁ ଓ ମାର୍ଗାରେଟ୍ କଜିନସ୍ ନାରୀ ମତଦାନ ପାଇଁ ଦାବି କରିଥିଲେ ଏବଂ ୧୯୨୭ ମସିହାରେ ମାଡ୍ରାଜ୍ ପ୍ରଦେଶ ପ୍ରଥମେ ମହିଳାମାନଙ୍କୁ ଭୋଟ ଅଧିକାର ପ୍ରଦାନ କରିଥିଲା ।

**(୩) ସ୍ୱାଧୀନତା ପରବର୍ତ୍ତୀ ନାରୀ ଆନ୍ଦୋଳନ :** ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ସମ୍ବିଧାନ କାର୍ଯ୍ୟକାରୀ ହେଲା । ଭାରତ ସମ୍ବିଧାନରେ ବର୍ଣ୍ଣିତ ମୌଳିକ ଅଧିକାର ଓ ନିର୍ଦ୍ଦେଶମୂଳକ ରାଷ୍ଟ୍ରନୀତିରେ ନାରୀ ସମାଜର ଉନ୍ନତି ପାଇଁ ବିଭିନ୍ନ ବ୍ୟବସ୍ଥାମାନ ଗ୍ରହଣ କରାଯାଇଥିଲା । ସ୍ୱାଧୀନ ଭାରତରେ ମହିଳାମାନଙ୍କର ନେତୃତ୍ୱର ବିକାଶ ପାଇଁ ଅନେକ ସଂଗଠନ କାର୍ଯ୍ୟ କରିଥିଲା । ସେଗୁଡ଼ିକ ମଧ୍ୟରୁ ଦୁଇଟି ପ୍ରମୁଖ ସଂଗଠନ ଥିଲା କସ୍ତୁରବା ମେମୋରିଆଲ ଟ୍ରଷ୍ଟ ଓ ଭାରତୀୟ ଗ୍ରାମୀଣ ମହିଳା ସଂଘ । ସ୍ୱାଧୀନ ଭାରତରେ ଅନେକ ମହିଳା ବ୍ୟବସ୍ଥାପକ ସଭାର ସଦସ୍ୟ, ପ୍ରଶାସକ, ଡାକ୍ତର, ଓକିଲ ଓ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ମହିଳାମାନଙ୍କ ମଧ୍ୟରୁ ଅନେକ ସଂସଦ ଓ ରାଜ୍ୟ ବିଧାନମଣ୍ଡଳର ସଭ୍ୟ । ବିଭିନ୍ନ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଓ

ରାଜ୍ୟପାଳ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ । ସ୍ୱାଧୀନତାର ଠିକ୍ ୨୦ ବର୍ଷ ପରେ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ସହରାଞ୍ଚଳରେ ମହିଳାମାନେ ଏହି ସମସ୍ତ ସୁଯୋଗ ଉପଭୋଗ କରୁଥିଲେ ମଧ୍ୟ ଗ୍ରାମାଞ୍ଚଳରେ ମହିଳାମାନେ ନିର୍ଯାତନାର ଶିକାର ହେଉଥିଲେ । ତେଣୁ ମହିଳାମାନଙ୍କର ଉନ୍ନତି ପାଇଁ ଭାରତରେ ବିଭିନ୍ନ ନାରୀ ସଂଗଠନ ମୁଣ୍ଡ ଟେକି ଥିଲା । ବିଶେଷ କରି କର୍ମଜୀବୀ ମହିଳାମାନଙ୍କୁ ସୁବିଧା ପ୍ରଦାନପାଇଁ ଅନେକ ମହିଳା ସଂଗଠନ ସୃଷ୍ଟି ହୋଇଥିଲା । ସେଗୁଡ଼ିକ ହେଲା, Self-Employment Women's Association. (Gujurat), Working Women's Forum (Tamil Nadu) ଶ୍ରମିକ ମହିଳା ସଂଗଠନ ଇତ୍ୟାଦି । ଯୌତୁକ ନିର୍ଯାତନା ବିରୋଧ, ନାରୀ ଧର୍ଷଣ ବିରୋଧ, ସତୀଦାହ ପ୍ରଥାର ବିରୋଧ କରି ସ୍ୱାଧୀନ ଭାରତରେ ବିଭିନ୍ନ ମହିଳା ସଂଗଠନ ଆନ୍ଦୋଳନ କରିଛନ୍ତି । ଏହି ଆନ୍ଦୋଳନରେ ପ୍ରଭାବିତ ହୋଇ ସରକାର ଯୌତୁକ ନିରୋଧ ଆଇନ ୧୯୬୧ କୁ ୧୯୮୪ ମସିହାରେ ସଂଶୋଧନ କରିଛନ୍ତି । ଧର୍ଷଣକୁ ନିୟନ୍ତ୍ରଣ କରିବା ପାଇଁ ୧୯୮୩ ମସିହାରେ ଫୌଜଦାରୀ ଆଇନକୁ ସଂଶୋଧିତ କରାଯାଇଛି । ମହିଳାମାନଙ୍କୁ ଅଧିକାର ପ୍ରଦାନ ପାଇଁ ଜାତୀୟ ଓ ପ୍ରାଦେଶିକ ସ୍ତରରେ ମହିଳା ଆୟୋଗ ଗଠିତ ହେଉଛି । ଭାରତ ସରକାରଙ୍କ କେତୋଟି ବିଭାଗରେ ମହିଳା ସେଲ ଖୋଲା ଯାଇଛି । ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା National Perspective Plan for Women ପ୍ରସ୍ତୁତ ହୋଇଛି । ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାମାନଙ୍କୁ ଏକ-ତୃତୀୟାଂଶ ସ୍ଥାନ ପ୍ରଦାନ କରାଯାଇଛି । ସଂସଦ ଓ ରାଜ୍ୟ ବିଧାନମଣ୍ଡଳରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ପାଇଁ ଏକ ବିଲ୍ ସଂସଦରେ ଉପସ୍ଥାପିତ ହୋଇଛି । ମହିଳାମାନଙ୍କର ବିବିଧ ଉନ୍ନତି ପାଇଁ ଭାରତ ସରକାର ୨୦୦୨ ମସିହାକୁ ମହିଳା ସଶକ୍ତୀକରଣ ରୂପେ ପାଳନ କରିଛନ୍ତି । ମହିଳା ସ୍ୱାର୍ଥ ରକ୍ଷା ବ୍ୟତୀତ ପରିବେଶର ସୁରକ୍ଷା ପାଇଁ ମଧ୍ୟ ଭାରତରେ ମେଧା ପାଟ୍କରଙ୍କ ନେତୃତ୍ୱରେ ପରିବେଶ ଆନ୍ଦୋଳନ ମୁଣ୍ଡ ଟେକିଅଛି ।

ଏହା କହିବା ବାହୁଲ୍ୟ ଯେ ଭାରତରେ ନାରୀ ଆନ୍ଦୋଳନ କେବଳ ସହରାଞ୍ଚଳରେ ସୀମିତ ଭାରତର ବିଭିନ୍ନ ଗ୍ରାମ୍ୟ ଓ ଆଦିବାସୀ ଅଞ୍ଚଳରେ ମଧ୍ୟ ମହିଳା ସଂଗଠନମାନ ନାରୀ ନିର୍ଯାତନା ଓ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ ଚଳାଇଛନ୍ତି । ଭାରତରେ ଥିବା ପ୍ରମୁଖ ରାଜନୈତିକ ଦଳମାନେ ମଧ୍ୟ ସେମାନଙ୍କର ମହିଳା ସଂଗଠନ ଗଠିତ କରିଛନ୍ତି । ଭାରତୀୟ ସମାଜରେ ମହିଳାମାନେ ଉପଯୁକ୍ତ ମର୍ଯ୍ୟାଦା ପାଇବାପାଇଁ ନାରୀ ଆନ୍ଦୋଳନ ଚାଲୁ ରହିବା ଅତ୍ୟନ୍ତ ଜରୁରୀ ଅଟେ ।

**ପ୍ର.୨. ସ୍ୱାଧୀନ ଭାରତରେ ବିଶେଷକରି ବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତରେ ଦେଖାଯାଇଥିବା ନାରୀ ଆନ୍ଦୋଳନର ଏକ ପ୍ରକୃତି ସମୀକ୍ଷା ପ୍ରଦାନ କର ।**

**(Examne the nature of the Women Movements in India in the last part of 20th Century.)**

ଉ. ୧୯୪୭ ମସିହାରେ ଭାରତ ସ୍ୱାଧୀନତା ଲାଭ କଲାପରେ ଭାରତ ସରକାର ମହିଳାମାନଙ୍କର ସମସ୍ୟାର ସମାଧାନ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ୧୯୪୮ ମସିହା ଶିଳ୍ପ ଆଇନରେ ମହିଳା ଶ୍ରମିକମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ୧୯୫୫ ମସିହାରେ ହିନ୍ଦୁ ବିବାହ ଆଇନ, ୧୯୫୬ ମସିହାର ହିନ୍ଦୁ ଉତ୍ତରାଧିକାରୀ ଆଇନ ଦ୍ୱାରା ମହିଳାମାନଙ୍କ ପାଇଁ ବିଭିନ୍ନ ସୁବିଧା ପ୍ରଦାନ କରାଯାଇଛି । ଏହା ସତ୍ତ୍ୱେ ଭାରତୀୟ ସମାଜରେ ଦିନକୁ ଦିନ ନାରୀ ନିର୍ଯ୍ୟାତନା ବିଶେଷକରି ଯୌତୁକ ଜନିତ ଅତ୍ୟାଚାର ଓ ହତ୍ୟା, ଧର୍ଷଣ, କର୍ମଜୀବୀ ମହିଳାମାନଙ୍କ ପ୍ରତି ଅଶୋଭନୀୟ ବ୍ୟବହାର ଇତ୍ୟାଦି ଦିନକୁ ଦିନ ବୃଦ୍ଧି ପାଉଅଛି । ଏପରିକି ଆଇନର ସୁରକ୍ଷାକର୍ତ୍ତା ଭାବେ ପରିଚିତ କେତେକ ରାଜନୈତିକ ନେତା, ପ୍ରଶାସକ, ଆଇନଜୀବୀ, ପୋଲିସ କର୍ମଚାରୀ ମଧ୍ୟ ନାରୀ ନିର୍ଯାତନାରେ ସାମିଲ ହେବାର ଘଟଣା ପ୍ରତିଦିନ ଖବର କାଗଜରେ ପ୍ରକାଶିତ ଏବଂ ଅନ୍ୟାନ୍ୟ ଗଣମାଧ୍ୟମରେ ପ୍ରଚାରିତ ହେଉଅଛି । ତେଣୁ ସ୍ୱାଧୀନ ଭାରତରେ ଅନେକ ମହିଳା ସଂଗଠନ ସୃଷ୍ଟି ହୋଇ ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯାତନା ବିରୋଧରେ ସଂଗ୍ରାମ କରିବା ସହିତ ସେମାନଙ୍କର ବିଭିନ୍ନ ଉନ୍ନତିପାଇଁ ପ୍ରୟାସ କରିଛନ୍ତି । ବିଶେଷ କରି ୧୯୭୦ ରୁ ୧୯୯୦ ମଧ୍ୟରେ ଭାରତରେ ବିଭିନ୍ନ ମହିଳା ସଂଗଠନ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ କରିଛନ୍ତି ।

**(୧) ଯୌତୁକ ବିରୋଧୀ ଆନ୍ଦୋଳନ :** ୧୯୭୦ ମସିହା ପରେ ଭାରତର ବିଭିନ୍ନ କୋଣରେ ଯୌତୁକ ଜନିତ ହତ୍ୟା ବିଶେଷ ଭାବରେ ବୃଦ୍ଧି ପାଇଥିଲା । ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ଯୌତୁକ ନିର୍ଯାତନା ସମ୍ବନ୍ଧୀୟ ବିଷୟବସ୍ତୁ

ପ୍ରକାଶିତ ହେବା ଦ୍ୱାରା ଏହାକୁ ପ୍ରତିରୋଧ କରିବା ଭାରତର ମହିଳା ସଂଗଠନ ଆଗେଇ ଆସିଥିଲେ । ଅଶୀ ଶତାବ୍ଦୀରେ କେତେକ ମହିଳା ସଂଗଠନ ଓ ଅନ୍ୟ କେତେକ ଅଗ୍ରଣୀ ସଂସ୍ଥା ଦିଲ୍ଲୀରେ ଯୌତୁକ ନିର୍ଯାତନା ବିରୋଧରେ ମିଳିତ ମଞ୍ଚ ଗଠନ କରିଥିଲେ । ଏହି ମଞ୍ଚ ''ଦହେଜ୍ ବିରୋଧୀ ଚେତନା ମଞ୍ଚ'' ନାମରେ ପରିଚିତ । ଦିଲ୍ଲୀ ସହରର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯୌତୁକ ନିର୍ଯାତନା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ, ପଥପ୍ରାନ୍ତ ନାଟକ, ଆଲୋଚନା ଓ ସଭା ସମିତି ଇତ୍ୟାଦି କରାଯାଇଥିଲା । ଏହାଦ୍ୱାରା ପ୍ରଭାବିତ ହୋଇ ଆଇନ କମିଶନ ଓ ସଂସଦୀୟ କମିଟି ଯୌତୁକ ସମସ୍ୟାର ସମୀକ୍ଷାପାଇଁ ଆଗେଇ ଆସିଥିଲେ । ଶେଷରେ ୧୯୬୧ ମସିହା ସଂସଦରେ ପ୍ରଣୀତ ହୋଇଥିବା ଯୌତୁକ ନିରୋଧ ଆଇନକୁ ୧୯୮୪ ମସିହାରେ କେତେକାଂଶରେ ସଂଶୋଧନ କରାଯାଇଥିଲା । ଏହି ସଂଶୋଧନ ଦ୍ୱାରା ଯୌତୁକକୁ ସଂପୂର୍ଣ୍ଣ ରୂପେ ନ ଉଠାଇ ଏକ ପରିମାଣକୁ ହ୍ରାସ କରାଯାଇଥିଲା । ଯୌତୁକ ହତ୍ୟା ମାମଲାରେ ସଂପୃକ୍ତ ସ୍ୱାମୀ ଓ ତାଙ୍କର ପରିବାରର ସଦସ୍ୟମାନଙ୍କୁ ଦୋଷୀ ରୂପେ ଗ୍ରହଣ କରାଯାଇ ଜେଲ ଦଣ୍ଡ ପ୍ରଦାନପାଇଁ ବ୍ୟବସ୍ଥା ହୋଇଥିଲା । ଏହାସତ୍ତ୍ୱେ ଏବେ ମଧ୍ୟ ଭାରତରେ ପ୍ରତିବର୍ଷ ୧,୦୦୦ ରୁ ଊର୍ଦ୍ଧ୍ୱ ଯୌତୁକ ନିର୍ଯାତନା ସମ୍ବନ୍ଧୀୟ ମାମଲା ଦେଖାଯାଉଛି ।

**(୨) ସତୀ-ବିରୋଧୀ ଆନ୍ଦୋଳନ :** ୧୮୨୯ ମସିହାରେ ତତ୍‌କାଳୀନ ଇଂରେଜ ବଡ଼ଲାଟ୍ ଲର୍ଡ଼ ଉଇଲିୟମ ବେଣ୍ଟିକ୍ ସତୀଦାହ ପ୍ରଥାକୁ ଆଇନ ପ୍ରଣୟନ କରି ଉଚ୍ଛେଦ କରିବା ଦ୍ୱାରା ଭାରତରୁ ଏହି ଘୃଣ୍ୟ ପ୍ରଥାର ବିଲୋପ ଘଟିଥିଲା । କିନ୍ତୁ ୧୯୮୮ ମସିହାରେ ରୂପ କନୱାର ନାମକ ଜଣେ ବିଧବା ଯୁବତୀ ତା'ର ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେବାରୁ ଭାରତର ଏହି ସତୀପ୍ରଥାର ପୁନରାବୃତ୍ତି ହୋଇଥିଲା । ସରକାର ଏହି ଘଟଣା ଉପରେ ତତ୍‌କ୍ଷଣାତ୍ ପଦକ୍ଷେପ ଗ୍ରହଣ ନ କରିବାରୁ ଭାରତର ବିଭିନ୍ନ ମହିଳା ସଂଗଠନ ଏହା ବିରୋଧରେ ଆନ୍ଦୋଳନ କରିଥିଲେ । ଫଳରେ ସରକାର ତରବରିଆ ଭାବରେ Sati (Prevention) Bill ଗୃହୀତ କରିଥିଲେ ।

**(୩) ଧର୍ଷଣ ବିରୋଧୀ ଆନ୍ଦୋଳନ :** ବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତରେ ନାରୀ ସଂଗଠନ ଦ୍ୱାରା ଧର୍ଷଣ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଭାରତର ବିଭିନ୍ନ କୋଣରେ ନାରୀ ଧର୍ଷଣ ନାବାଳିକା ଧର୍ଷଣର ସଂଖ୍ୟା ବୃଦ୍ଧି ପାଇବାରୁ ନାରୀ ସଂଗଠନମାନେ ଏହା ବିରୋଧରେ ଆନ୍ଦୋଳନ କରିଥିଲେ । ବିଭିନ୍ନ ମହିଳା ସଂଗଠନ ଆଇନ କମିଶନଙ୍କ ସହିତ ପରାମର୍ଶ କରିବା ପରେ ୧୯୮୩ ମସିହାରେ ଫୌଜଦାରୀ ଆଇନର ସଂଶୋଧନ କରାଯାଇଥିଲା ।

ଏହା ବ୍ୟତୀତ କର୍ମଜୀବୀ ମହିଳାମାନଙ୍କ ପ୍ରତି ହେଉଥିବା ବିଭିନ୍ନ ନିର୍ଯାତନା ବିରୋଧରେ ବିଭିନ୍ନ କର୍ମଜୀବୀ ମହିଳା ସଂଗଠନ ଭାରତର ବିଭିନ୍ନ କୋଣରେ ଆନ୍ଦୋଳନ କରି ଆସୁଛନ୍ତି । ନାରୀ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇ ସରକାର ୧୯୯୨ ମସିହାରେ ଜାତୀୟ ମହିଳା ଆୟୋଗ ଗଠନ କରିଛନ୍ତି । ଭାରତ ସରକାର ମଧ୍ୟ ୨୦୦୨ ମସିହାକୁ ନାରୀ ସଶକ୍ତିକରଣ ବର୍ଷ ରୂପେ ପାଳନ କରିଛନ୍ତି । ମହିଳା ସଂରକ୍ଷଣ ବିଲ୍ ସଂସଦରେ ଗୃହୀତ ହେଲେ ଭାରତରେ ନାରୀମାନଙ୍କର ସ୍ଥିତି ଓ ମର୍ଯ୍ୟାଦାରେ ଅଧିକ ଉନ୍ନତି ହୋଇପାରିବ ।

**ପ୍ର.୩. ଭାରତରେ ନାରୀ ଆନ୍ଦୋଳନର ମୁଖ୍ୟ କାରଣଗୁଡ଼ିକ ନିରୀକ୍ଷା କର ।**

**(Examine the causes of Women Movements in India.)**

ଉ. ଭାରତ ମୁଖ୍ୟତଃ ଏକ ପୁରୁଷପ୍ରଧାନ ଦେଶ । ପ୍ରାଚୀନ କାଳରୁ ଭାରତୀୟ ସମାଜରେ ଲିଙ୍ଗ ଭେଦରେ ନାରୀମାନଙ୍କୁ ଅବହେଳା ଓ ନିର୍ଯାତନା କରି ପୁରୁଷମାନେ କ୍ଷମତା ଉପଭୋଗ କରି ଆସୁଥିଲେ । ଭାରତୀୟ ସମାଜରେ ନାରୀମାନେ ଶାରୀରିକ, ମାନସିକ, ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ଦୃଷ୍ଟିକୋଣରୁ ଅତ୍ୟାଚାର ଓ ଶୋଷଣର ଶିକାର ହେଉଥିଲେ । ବାଲ୍ୟ ବିବାହ ପ୍ରଥା, ଯୌତୁକ ପ୍ରଥା ଓ ତତ୍‌ଜନୀତ ନାରୀ ନିର୍ଯାତନା, ବିଧବାମାନଙ୍କୁ ବିବାହ ପାଇଁ ସୁବିଧା ପ୍ରଦାନ ନ କରିବା, ସତୀଦାହ ପ୍ରଥା, ପରଦା ପ୍ରଥା, ରାଜନୈତିକ ଅଧିକାରରୁ ନାରୀମାନଙ୍କୁ ବଞ୍ଚିତ କରିବା ଓ ସେମାନଙ୍କୁ ସମ୍ପତ୍ତି ଅଧିକାରରୁ ବଞ୍ଚିତ କରାଯାଉଥିବାରୁ ଭାରତୀୟ ସମାଜରେ ନାରୀମାନଙ୍କର ସାମାଜିକ ମର୍ଯ୍ୟାଦା ନ ଥିଲା । କେବଳ ନାରୀମାନଙ୍କୁ ନୈତିକ ସମ୍ମାନ ପ୍ରଦାନ କରୁଥିବା ଭାରତୀୟ ସମାଜ ନାରୀମାନଙ୍କୁ ଅବଳା ଓ ଦୁର୍ବଳା ଭାବେ ବିଚାର କରି ପୁରୁଷମାନେ ନାରୀମାନଙ୍କୁ ଏକ କ୍ରୀଡ଼ନକ ଅଥବା ପଣ୍ୟଦ୍ରବ୍ୟ ରୂପେ ବ୍ୟବହାର କରୁଥିଲେ । କ୍ରମେ ଭାରତରେ ଶିକ୍ଷାର ପ୍ରସାର ସହିତ ନାରୀ ଶିକ୍ଷାର ପ୍ରଚଳନ ଯୋଗୁ କ୍ରମଶଃ ଭାରତରେ ନାରୀ ଜାଗରଣ ଦେଖାଯାଇଥିଲା । ଏହି ଜାଗରଣ କ୍ରମଶଃ ନାରୀ ଆନ୍ଦୋଳନ

ପାଇଁ ପଥ ପରିଷ୍କାର କରିଥିଲା । ଭାରତୀୟ ନାରୀମାନଙ୍କ ଉପରେ ହେଉଥିବା ଶାରୀରିକ, ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ନାରୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ପୁରୁଷ ପ୍ରଧାନ ସମାଜକୁ ପରିବର୍ତ୍ତନ କରି ନାରୀପୁରୁଷ ସମାନ ପ୍ରାଧାନ୍ୟ ଥିବା ଏକ ସମତାବାଦୀ ସମାଜ ପ୍ରତିଷ୍ଠା କରିବା ଥିଲା ଏହି ଆନ୍ଦୋଳନର ଲକ୍ଷ୍ୟ । ନାରୀ ଆନ୍ଦୋଳନ ନାରୀମାନଙ୍କ ମଧ୍ୟରେ ଏକ ଶ୍ରେଣୀ ଚେତନା ଜାଗ୍ରତ କରି ସେମାନଙ୍କର ସାମାଜିକ, ଆର୍ଥନୀତିକ ଓ ରାଜନୈତିକ ଅଧିକାର ଓ ନ୍ୟାୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲା ।

**ଭାରତରେ ନାରୀ ଆନ୍ଦୋଳନର ମୁଖ୍ୟ କାରଣ :** ଭାରତରେ ନିମ୍ନଲିଖିତ କାରଣ ଯୋଗୁ ନାରୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ।

**(୧) ପୁରୁଷପ୍ରଧାନ ସମାଜର ବିରୋଧ :** ଭାରତୀୟ ସମାଜ ମୁଖ୍ୟତଃ ଏକ ପୁରୁଷ ପ୍ରଧାନ ସମାଜ । ଏଠାରେ ସବୁକିଛି ପୁରୁଷକୈନ୍ଦ୍ରିକ ବା ପିତୃପ୍ରଧାନତ୍ୱର ସପକ୍ଷବାଦୀ । ସମାଜର ପ୍ରତ୍ୟେକ କ୍ଷେତ୍ରରେ ଏଠାରେ ପୁରୁଷମାନଙ୍କୁ ନାରୀମାନଙ୍କ ଠାରୁ ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଥାଏ । ବିବାହ ବେଳେ କନ୍ୟାପକ୍ଷ ବରପକ୍ଷକୁ ଯୌତୁକ ପ୍ରଦାନ କରିଥାନ୍ତି । ଯୌତୁକ ପ୍ରଥା ଯୋଗୁ ସମାଜରେ ନାରୀ ନିର୍ଯାତନା ଦୃଷ୍ଟିଗୋଚର ହୋଇଥାଏ । ପୁନଶ୍ଚ ନାରୀମାନଙ୍କୁ ପରଦା ତଳେ ରହିବାକୁ ପଡ଼ିଥାଏ । ସେମାନଙ୍କୁ ମଧ୍ୟ ରାଜନୈତିକ ଓ ଆର୍ଥନୀତିକ ଅଧିକାରରୁ ବଞ୍ଚିତ କରାଯାଉଥିଲା । ସ୍ତ୍ରୀ ଭାବରେ ପୁରୁଷର ଯୌନକ୍ଷୁଧା ମେଣ୍ଟାଇବା ଏବଂ ମାଆ ଭାବରେ ସନ୍ତାନସନ୍ତତିମାନଙ୍କର ଲାଳନପାଳନ କରିବା ଥିଲା କେବଳ ନାରୀମାନଙ୍କର କାର୍ଯ୍ୟ । ସେମାନଙ୍କୁ ମଧ୍ୟ ଶିକ୍ଷାଲାଭରୁ ବଞ୍ଚିତ କରାଯାଉଥିଲା । ପୁରୁଷ ପ୍ରଧାନ ସମାଜର ଅବସାନ ଓ ନାରୀ-ପୁରୁଷ ଉଭୟଙ୍କୁ ସମାନ ମର୍ଯ୍ୟାଦା ଓ ଅଧିକାର ପ୍ରଦାନପାଇଁ ଭାରତରେ ନାରୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ।

**(୨) ଲିଙ୍ଗ ବୈଷମ୍ୟର ବିଲୋପ ଏବଂ ମୌଳିକ ସମାନତା ପ୍ରତିଷ୍ଠା :** ନାରୀମାନେ ପୁରୁଷମାନଙ୍କ ସହିତ ସମାନ । ଉଭୟ ପ୍ରକୃତି ଓ ଈଶ୍ୱରଙ୍କ ସୃଷ୍ଟିର ଅମୂଲ୍ୟ ଅବଦାନ । ପୁରୁଷ ବିନା ନାରୀ ଓ ନାରୀ ବିନା ପୁରୁଷର ସ୍ଥିତି ଓ ପ୍ରଗତି ଅସମ୍ଭବ । ଉଭୟଙ୍କ ମଧ୍ୟରେ ସମାନ ଅନ୍ତର୍ନିହିତ ଶକ୍ତି ଓ ପ୍ରତିଭା ରହିଛି ଯାହା ଉପଯୁକ୍ତ ସୁଯୋଗ ପାଇଲେ ବିକଶିତ ହୋଇପାରିବ । ନାରୀମାନେ ଅବଳା ଓ ଦୁର୍ବଳା ଯୁକ୍ତି କେବଳ ପୁରୁଷ ମାନସିକତାର ପ୍ରତୀକ । ଲିଙ୍ଗଭେଦ ଭିତ୍ତିରେ ଯୋଗ୍ୟତା ନିର୍ଣ୍ଣୟ ଏକ ଅବାସ୍ତବ ପରିକଳ୍ପନା । ଲିଙ୍ଗ ନୁହେଁ କେବଳ ଯୋଗ୍ୟତା ଦ୍ୱାରା ହିଁ ନାରୀ ସମାଜ ଗଠନରେ ନିଜର ପରାକାଷ୍ଠା ପ୍ରତିପାଦନ କରିପାରିବ । ଲିଙ୍ଗଭେଦ ଓ ଲିଙ୍ଗ ବୈଷମ୍ୟ ଦୂରକରି ମୌଳିକ ସମାନତା ପ୍ରତିଷ୍ଠା କରିବା ନାରୀ ଆନ୍ଦୋଳନର ଲକ୍ଷ୍ୟ ଥିଲା ।

**(୩) ସାମାଜିକ କୁସଂସ୍କାର :** ବହୁ ପ୍ରାଚୀନକାଳରୁ ଭାରତୀୟ ସମାଜରେ ବିଭିନ୍ନ ପ୍ରକାରର ସାମାଜିକ କୁସଂସ୍କାର ପ୍ରଚଳିତ ହେଉଥିଲା । ନାରୀମାନେ ପରଦା ତଳେ ରହିବା, ବାଲ୍ୟ ବିବାହ ପ୍ରଥାର ପ୍ରଚଳନ, ବିଧବା ବିବାହର ବିରୋଧ, ଯୌତୁକ ପ୍ରଥା, ନାରୀମାନଙ୍କୁ ଶିକ୍ଷାରୁ ବଞ୍ଚିତ କରିବା ଦ୍ୱାରା ନାରୀମାନେ ନିର୍ଯାତନାର ଶିକାର ହେଉଥିଲେ । ସତୀଦାହ ପ୍ରଥା ଭଳି ଏକ କୁ-ସଂସ୍କାର ମଧ୍ୟ ଭାରତୀୟ ସମାଜରେ ପ୍ରଚଳିତ ଥିଲା । ଭାରତ ସମାଜରେ ପ୍ରଚଳିତ ବିଭିନ୍ନ କୁସଂସ୍କାର ବିଲୋପ ପାଇଁ ଭାରତରେ ନାରୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ।

**(୮) ଆର୍ଥନୀତିକ ଅଧିକାରର ଦାବି :** ଭାରତୀୟ ସମାଜରେ ନାରୀମାନଙ୍କୁ ଆର୍ଥନୀତିକ ଅଧିକାରରୁ ବଞ୍ଚିତ କରାଯାଉଥିଲା । ସେମାନେ ବିବାହ ପୂର୍ବରୁ ପିତା ଓ ବିବାହ ପରେ ସ୍ୱାମୀ ନାରୀର ଭରଣପୋଷଣ ଦାୟିତ୍ୱ ବହନ କରୁଥିଲେ । ନାରୀମାନଙ୍କୁ ପୈତୃକ ସମ୍ପତ୍ତିରୁ ବଞ୍ଚିତ କରାଯାଉଥିଲା । ନିଜର ଭରଣପୋଷଣ ଓ ସାମାଜିକ ମର୍ଯ୍ୟାଦାପାଇଁ ସେମାନଙ୍କୁ ସ୍ୱାଧୀନତା ପ୍ରଦାନ କରାଯାଉନଥିଲା । ଶିକ୍ଷା ଲାଭ କରି ଚାକିରି କରିବା କିମ୍ବା ଅନ୍ୟ ଉପାୟରେ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ନାରୀମାନଙ୍କୁ ସୁଯୋଗ ପ୍ରଦାନ କରାଯାଉ ନଥିଲା । ଫଳରେ ଆର୍ଥନୀତିକ ଅଧିକାର ଦାବି କରି ଭାରତରେ ନାରୀ ଆନ୍ଦୋଳନ ସୃଷ୍ଟି ହେଲା ।

**(୫) ନାରୀ ଶିକ୍ଷାର ପ୍ରସାର :** ଭାରତରେ ନାରୀ ଆନ୍ଦୋଳନର ମୁଖ୍ୟ କାରଣ ହେଉଛି ନାରୀ ଶିକ୍ଷାର ପ୍ରସାର । ଭାରତରେ ବ୍ରିଟିଶ ଶାସନକାଳରେ ନାରୀ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ପ୍ରଦାନ କରାଗଲା । ଫଳରେ ଭାରତରେ ନାରୀ ଶିକ୍ଷାର କ୍ରମଶଃ ପ୍ରସାର ହେଲା । ନାରୀ ଶିକ୍ଷାର ପ୍ରସାର ସହିତ ନାରୀ ଜାଗରଣ ସୃଷ୍ଟି ହେଲା । ନାରୀମାନେ ନିଜ ସାମାଜିକ, ରାଜନୈତିକ ଓ ଆର୍ଥନୀତିକ ଅଧିକାର ପାଇଁ କ୍ରମେ ଆନ୍ଦୋଳନରେ ସାମିଲ ହେଲେ । ନାରୀ ସଚେତନତା ଯୋଗୁ ହଜାର

ହଜାର ସଂଖ୍ୟାର ନରନାରୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇଥିଲେ । ସ୍ୱାଧୀନତା ପରେ ଭାରତୀୟ ନାରୀ ବିଭିନ୍ନ ସାମାଜିକ କୁସଂସ୍କାରର ବିଲୋପ, ଆର୍ଥନୀତିକ ଅଧିକାର ସାବ୍ୟସ୍ତ, ରାଜନୈତିକ ଅଧିକାରର ଉପଭୋଗ ପାଇଁ ଆନ୍ଦୋଳନର ଆଶ୍ରୟ ନେଲା । ବିଭିନ୍ନ ମହିଳା ସଂଗଠନ ମାଧ୍ୟମରେ ନାରୀମାନେ ଆନ୍ଦୋଳନ କରିବାକୁ ଆଗଭର ହେଲେ ।

(୬) **ବିଭିନ୍ନ ମହିଳା ସଂଗଠନର ସୃଷ୍ଟି :** ଭାରତରେ ନାରୀ ଶିକ୍ଷାର ପ୍ରସାର ଯୋଗୁ ନାରୀମାନେ ନିଜ ନିଜ ଅଧିକାର ସମ୍ବନ୍ଧରେ ସଚେତନ ହେଲେ । ସେମାନେ ନିଜ ନିଜର ଦାବି ହାସଲ କରିବା ପାଇଁ ସମ୍ମିଳିତ ପ୍ରୟାସ କଲେ । ଫଳରେ ଭାରତର ବିଭିନ୍ନ କୋଣରେ ମହିଳା ସଂଗଠନମାନ ସୃଷ୍ଟି ହେଲା । ଏହି ନାରୀ ସଂଗଠନମାନେ ଭାରତର ବିଭିନ୍ନ ସ୍ଥାନରେ ଯୌତୁକ ବିରୋଧୀ, ସତୀ ବିରୋଧୀ ଓ କର୍ମଜୀବୀ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ବିଭିନ୍ନ ଆନ୍ଦୋଳନମାନ କରିଥିଲେ ।

**ପ୍ର.୪. ଭାରତରେ ତୃଣମୂଳ ସ୍ତରରେ ସଙ୍ଗଠିତ କେତୋଟି ଗୁରୁତ୍ୱପୂର୍ଣ୍ଣ ପରିବେଶ ବିପ୍ଳବ ବିଷୟରେ ଉଲ୍ଲେଖ କର ।**
**(Write down some important Grassroot Level Environmental Movements in India.)**

ଉ. ଭାରତୀୟ ଦର୍ଶନ ପ୍ରଗତିକୁ ସର୍ବଦା ଗୁରୁତ୍ୱ ପ୍ରଦାନ କରିଆସିଛି । ପରିବେଶ ସଂରକ୍ଷଣ ଭାରତୀୟ ଦର୍ଶନ, ଜନଜୀବନ ଓ ଲୋକସଂସ୍କୃତିର ଏକ ଅବିଚ୍ଛିନ୍ନ ଅଙ୍ଗ । ଗାନ୍ଧିଜୀ ସରଳ ଜୀବନଯାପନର ପ୍ରବକ୍ତା ଥିଲେ । ଗାନ୍ଧିଜୀ ଯେଉଁ ପ୍ରକାର ଅର୍ଥନୈତିକ ପ୍ରଗତିର ପ୍ରବକ୍ତା ଥିଲେ ବର୍ତ୍ତମାନର ପରିବେଶବିତ୍‌ମାନେ ସେହି ଅର୍ଥନୈତିକ ଢାଞ୍ଚା ପାଇଁ ଆନ୍ଦୋଳନ କରୁଛନ୍ତି । କିନ୍ତୁ ସ୍ୱାଧିନତା ପରେ ଆମର ଯୋଜନା ପ୍ରଣୟନକାରୀ ଓ ସରକାର ପାଶ୍ଚାତ୍ୟ ଢାଞ୍ଚାରେ ଭାରତର ଅର୍ଥନୀତିକୁ ପରିଚାଳନା କରାଇବାରେ ଆଗଭର ପ୍ରକାଶ କରିଥିଲେ । ଏହା ଫଳରେ ପ୍ରାକୃତିକ ସମ୍ପଦର ଅନାବଶ୍ୟକ ଭାବେ ବିନିଯୋଗ କରାଗଲା । ଅର୍ଥନୈତିକ ବିକାଶ ମୁଷ୍ଟିମେୟ ବ୍ୟକ୍ତିଙ୍କ ମଧ୍ୟରେ ସୀମାବଦ୍ଧ ରହିବା ସମୟରେ ଅଧିକରୁ ଅଧିକ ଜନତା ପରିବେଶ ପ୍ରଦୂଷଣ କାରଣରୁ ଓ ଅସମାନ ଅର୍ଥନୀତି ହେତୁ ଦୟନୀୟ ଜୀବନ ବିତାଇବାକୁ ବାଧ୍ୟ ହେଲେ ।

ଭାରତରେ ପରିବେଶ ପ୍ରତି ସଚେତନତା ବିଂଶ ଶତାବ୍ଦୀରେ ୭୦ ଦଶକର ପ୍ରାରମ୍ଭରେ ଦେଖା ଦେଇଥିଲା । ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଷ୍ଟକ୍‌ହୋମରେ ୧୯୭୨ରେ ଅନୁଷ୍ଠିତ United Nations Conference on Human Environment (UNCHE)ରେ ଯୋଗ ଦେଇଥିଲେ । ସେହିବର୍ଷ ସେ National Committee for Environment Planning and Cooperation (NCEPC) ଗଢ଼ିଥିଲେ । ଏହି କମିଟି କେନ୍ଦ୍ରସରକାରଙ୍କୁ ବିଭିନ୍ନ ପରିବେଶଜନିତ ସମସ୍ୟା ଉପରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇବା ସହ ବିକାଶମୂଳକ ଯୋଜନା ସବୁର ପରିବେଶ ଉପରେ ପଡୁଥିବା ପ୍ରଭାବ ଉପରେ ମଧ୍ୟ ସୂଚନା ପ୍ରଦାନ କରୁଥିଲେ । ଏହାପରେ ସମ୍ବିଧାନ ସଂଶୋଧନ ମାଧ୍ୟମରେ ପରିବେଶ ସୁରକ୍ଷା ନିମନ୍ତେ ଅନେକ ଆଇନ ପ୍ରଣୀତ ହୋଇଥିଲା । ସେହି ବର୍ଷ ଅର୍ଥାତ୍ ୧୯୭୨ରେ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ସଂସଦରେ ଗୃହୀତ ହୋଇଥିଲା । ଶ୍ରୀମତୀ ଗାନ୍ଧୀ ଜଣେ ବିଶିଷ୍ଟ ପରିବେଶବିଦ୍ ଥିଲେ ଓ ପରିବେଶର ସୁରକ୍ଷା ପାଇଁ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନକୁ ସମ୍ମାନ ଜଣାଇ ତାଙ୍କୁ ସମ୍ମାନଜନକ International Union of Conservation of Nature Award ପ୍ରଦାନ କରାଯାଇଥିଲା ।

ଏହା ପରଠାରୁ ଯେଉଁ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ପରିବେଶ ଓ ମାନବର ବଞ୍ଚି ରହିବାର ଅଧିକାର ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ଅଛି । ସେହିସବୁ ଯୋଜନା ବିରୁଦ୍ଧରେ ତୃଣମୂଳ ସ୍ତରରୁ ବିରୋଧ ଆରମ୍ଭ ହେଉଛି । ତୃଣମୂଳ ସ୍ତରରୁ ପରିବେଶର ସୁରକ୍ଷା ପାଇଁ ଗଢ଼ି ଉଠିଥିବା ପ୍ରମୁଖ ଆନ୍ଦୋଳନ ଗୁଡ଼ିକ ହେଲା -

**(୧) ଚିପ୍‌କୋ ଆନ୍ଦୋଳନ :**

ପ୍ରସିଦ୍ଧ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣାଙ୍କ ଦ୍ୱାରା ଚିପ୍‌କୋ ଆନ୍ଦୋଳନ ଡାକରା ୧୯୭୦ରେ ଆରମ୍ଭ କରାଯାଇଥିଲା । ଏହି ଆନ୍ଦୋଳନ ପଶ୍ଚିମ ହିମାଳୟ ଅଞ୍ଚଳର ସୁରକ୍ଷା ପାଇଁ ଅଭିପ୍ରେତ ଥିଲା । ଏହି ଆନ୍ଦୋଳନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଥିଲା । ବୃକ୍ଷ ଛେଦନକୁ ରୋକିବା ନିମନ୍ତେ ହଜାର, ହଜାର ନରନାରୀ ପୁଲିସର ଧମକକୁ ନଡରି ଗଛମାନଙ୍କୁ କୁଣ୍ଢେଇ ଠିଆହୋଇ ରହିଥିଲେ ।

ବ୍ୟାପକ ବୃକ୍ଷ ଛେଦନ ଫଳରେ ଅଳକାନନ୍ଦା ନଦୀରେ ବାରମ୍ବାର ବନ୍ୟା ଆସୁଥିଲା । ରାସ୍ତା ଓ ବନ୍ଧବାଡ଼ ନିର୍ମାଣ ପାଇଁ ଏହି ଅଞ୍ଚଳରେ ବ୍ୟାପକ ଗଛ କଟା ଚାଲିଥିଲା । ଗୋପେଶ୍ୱର ଗ୍ରାମର ଜନସାଧାରଣ Dasholi Gram Swarajya Mandal ନାମକ ଏକ ସଂଘ ୧୯୭୦ରେ ଗଠନ କରିଥିଲେ। ପ୍ରାରମ୍ଭରେ ଏହି ସଂଘ ବନ୍ୟା ପ୍ରପିଡ଼ିତମାନଙ୍କୁ ରିଲିଫ ଯୋଗାଇବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ପରେ ସେମାନେ ବନ୍ୟା ନିରାକରଣରେ ଜଙ୍ଗଲ ସଂରକ୍ଷଣର ଗୁରୁତ୍ୱ ଅନୁଭବ କରି ସେ ଦିଗରେ କାର୍ଯ୍ୟ ଆରମ୍ଭ କଲେ । ଏହି ଆନ୍ଦୋଳନ ବହୁଗୁଣାଙ୍କ ନେତୃତ୍ୱରେ ଜନ ଆନ୍ଦୋଳନରେ ପରିଣତ ହେଲା । ଏହା ଭାରତରେ ଏକ ଐତିହାସିକ ଆନ୍ଦୋଳନ ଥିଲା । ଏହି ଆନ୍ଦୋଳନ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । ବର୍ତ୍ତମାନ ଏହି ଆନ୍ଦୋଳନକୁ ଭାରତ ସରକାର ଓ ବିଶ୍ୱବ୍ୟାଙ୍କ ପ୍ରୋତ୍ସାହନ ଯୋଗାଉଛନ୍ତି ।

### (୨) ନୀରବ ଉପତ୍ୟକା ଆନ୍ଦୋଳନ (Silent Valley Movement) :

ନୀରବ ଉପତ୍ୟକା କେରଳରେ ଅବସ୍ଥିତ । ଏଠାରେ ଭାରତବର୍ଷର ଏକମାତ୍ର ଘଞ୍ଚ ବିଷୁବମଣ୍ଡଳୀୟ ଅଞ୍ଚଳ ଦେଖାଯାଏ । ଏହି ଅଞ୍ଚଳ ଜୈବ ବିବିଧତାରେ ପୂର୍ଣ୍ଣ । ଏକ ଜଳ ବିଦ୍ୟୁତ୍ ଯୋଜନା ଏହି ଘଞ୍ଚ ଜଙ୍ଗଲ ଓ ଜୈବ ବିବିଧତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାର ଭୟ ଥିଲା । କେରଳର କେରଳ ଶାସ୍ତ୍ର ସାହିତ୍ୟ ଏକାଡେମି (KSSP) ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଏହି ଜଳ ବିଦ୍ୟୁତ ଯୋଜନା ବିରୁଦ୍ଧରେ ଆନ୍ଦୋଳନ ୧୯୭୮ ରେ ଆରମ୍ଭ କରିଥିଲା । ସେମାନେ କେରଳର ଉଚ୍ଚନ୍ୟାୟାଳୟରେ ଏହା ବିରୁଦ୍ଧରେ ଆବେଦନ କରିଥିଲେ । ମାନ୍ୟବର ନ୍ୟାୟାଳୟ ଜଳ ବିଦ୍ୟୁତ ଯୋଜନା ସପକ୍ଷରେ ରାୟ ପ୍ରଦାନ କରିଥିଲେ। ଶେଷରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ହସ୍ତକ୍ଷେପ ଫଳରେ ଏହି ଯୋଜନାକୁ ସ୍ଥଗିତ ରଖାଗଲା ।

### (୩) ନର୍ମଦା ବଞ୍ଚାଅ ଆନ୍ଦୋଳନ :

ବର୍ତ୍ତମାନ ସୁଦ୍ଧା ଭାରତରେ ଗଢ଼ି ଉଠିଥିବା ସମସ୍ତ ପରିବେଶ ଆନ୍ଦୋଳନ ଅପେକ୍ଷା ଏହା ବ୍ୟାପକ ଓ ସଂଘର୍ଷମୟ ଆନ୍ଦୋଳନ ଅଟେ । ଏହି ଆନ୍ଦୋଳନରେ ମଧ୍ୟପ୍ରଦେଶ ଓ ଗୁଜୁରାଟ ଏହି ଦୁଇ ପ୍ରଦେଶର ଲକ୍ଷ, ଲକ୍ଷ ଜନସାଧାରଣ ଯୋଗଦାନ କରିଛନ୍ତି । ନର୍ମଦା ନଦୀରେ ତିରିଶଟି ବନ୍ଧ ନିର୍ମାଣ କରାଯାଇ ଜଳବିଦ୍ୟୁତ୍ ଉତ୍ପାଦନ ସହ ଗୁଜୁରାଟର ଚିର ମରୁଡ଼ି ପ୍ରପିଡ଼ିତ କଚ୍ଛ ଅଞ୍ଚଳରେ ଜଳସେଚନ ସୁବିଧା ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ ଥିଲା । ଗୁଜୁରାଟର ସମାଜସେବୀ ବାବା ଆମ୍ଟେ ଓ ପରିବେଶବିତ୍ ମାଧେ ପାଟେକର ଏହି ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରିଥିଲେ । ସରକାର ବିରୁଦ୍ଧରେ ଆଦିବାସୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଏମାନେ ଉତ୍ସର୍ଗିକୃତ ଆନ୍ଦୋଳନ ଚଳାଇଥିଲେ । ଜନାଦୃତ ଲେଖିକା ଅରୁନ୍ଧତୀ ରାୟ ମଧ୍ୟ ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିଛନ୍ତି । ନର୍ମଦା ନଦୀରେ ଦୁଇଟି ବନ୍ଧ ନିର୍ମାଣ ପାଇଁ ୩୦,୯୨୩ କୋଟି ଟଙ୍କାର ଆକଳନ କରାଯାଇଥିଲା । ଏହି ଦୁଇ ବନ୍ଧର ନିର୍ମାଣହେତୁ ୮୧୯୦ କୋଟି ଟଙ୍କାର ପରିବେଶଜନିତ କ୍ଷତି ଆକଳନ କରାଯାଇଥିଲା । ଏତଦ୍‌ବ୍ୟତୀତ ଏହି ଯୋଜନା ହେତୁ ୧,୩୦,୪୮୨ ହେକ୍ଟର ଜମି ଜଳପ୍ଲାବିତ ହେବାର ଥିଲା । ଏଥିମଧ୍ୟରୁ ୫୫,୬୮୧ ହେକ୍ଟର ଉର୍ବର ଚାଷ ଜମି ଥିଲା ଓ ୫୬,୦୬୬ ହେକ୍ଟର ଜଙ୍ଗଲ ଜମିଥିଲା । ଏ ଦୁଇଟି ଡ୍ୟାମ୍ ସର୍ଦ୍ଦାର ସରୋବର ଯୋଜନା ଓ ନର୍ମଦା ସାଗର ଯୋଜନା ଭାବେ ଖ୍ୟାତ । ଏହି ଦୁଇ ଯୋଜନା କାର୍ଯ୍ୟକାରୀ ହେବାଦ୍ୱାରା ମଧ୍ୟପ୍ରଦେଶ ଓ ଗୁଜୁରାଟର ଲକ୍ଷ ଲକ୍ଷ ହେକ୍ଟର ଜମିକୁ ଜଳ ସେଚନର ସୁବିଧା ନିଶ୍ଚିତ କରାଯାଇପାରିବା ସହ ବିଦ୍ୟୁତ ଉତ୍ପାଦନ ବହୁଗୁଣ ବୃଦ୍ଧି ପାଇବ। ତଥାପି ମଧ ଏହି ଯୋଜନାରେ କାର୍ଯ୍ୟକାରିତା ପରିବେଶର କରୁଥିବା କ୍ଷତି ପ୍ରତି ଆଖି ବୁଜି ଦିଆଯାଇପାରିବ ନାହିଁ ।

### (୪) ଆପିକୋ ଆନ୍ଦୋଳନ :

କର୍ଣ୍ଣାଟକର ଜିଲ୍ଲାର ଉତ୍ତର କନ୍ନଡ଼ ଜିଲ୍ଲାର ବାଲେଗଡ଼େ ଗ୍ରାମରେ ଥିଲା ଏହି ଆନ୍ଦୋଳନର କ୍ଷତି ଘରା ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳର ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଅଟେ ଏହି ଜିଲ୍ଲାଟି । ଚିପ୍‌କୋ ଆନ୍ଦୋଳନ ପରି ଏହି ଆନ୍ଦୋଳନର ଆନ୍ଦୋଳନକାରୀମାନେ ଏ ଅଞ୍ଚଳର ସାଗୁଆନ ଗଛ କଟାକୁ ବିରୋଧ କରି ଗଛ ସବୁକୁ କଟାହେବାରୁ ରକ୍ଷା କରିବାକୁ

ଗଛମାନଙ୍କୁ କୁଣ୍ଢାଇ ଧରି ରହିଥିଲେ। ଗାଁ, ଗାଁରେ ଗଜଯାତ୍ରା ଓ ପଥପ୍ରାନ୍ତ ନାଟକ ଦ୍ୱାରା ଏମାନେ ଆନ୍ଦୋଳନ ସପକ୍ଷରେ ଜନମତ ସଂଗ୍ରହ କରିଥିଲେ । ଏହି ଆନ୍ଦୋଳନ ବୃକ୍ଷରୋପଣ, ସଂରକ୍ଷଣ ଓ ଅତ୍ୟାବଶ୍ୟକ ସ୍ଥଳେ ବୃକ୍ଷର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା । ପଶ୍ଚିମଘାଟ ପର୍ବତାଞ୍ଚଳର ସୁରକ୍ଷା ପାଇଁ ଏହି ଆନ୍ଦୋଳନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

**(୫) ଅନୀତା ବାଇଙ୍କ ବଳିଦାନ ବା ବିଶ୍ନୋଇ ଆନ୍ଦୋଳନ**

କେବଳ ଭାରତ ନୁହଁ ବୋଧହୁଏ ବିଶ୍ୱରେ ଅନୀତା ବାଇଙ୍କ ନେତୃତ୍ୱରେ ପ୍ରଥମ ପରିବେଶ ଆନ୍ଦୋଳନ ମୁଣ୍ଡ ଟେକି ଥିଲା । ୧୭୩୧ ମସିହାରେ ରାଜସ୍ଥାନର ବିଶ୍ନୋଇ ଗୋଷ୍ଠୀ ପାରମ୍ପରିକ ଭାବେ ବୃକ୍ଷ ଓ ଜୀବଜନ୍ତୁଙ୍କ ଯତ୍ନ ନେଇ ଆସୁଛି । ଏମାନେ ମରୁଭୂମିର ଅଧିବାସୀ ହୋଇଥିବାର ବୃକ୍ଷର ଗୁରୁତ୍ୱ ସେମାନେ ବେଶ ଭଲ ଭାବେ ହୃଦୟଙ୍ଗମ କରିଥିଲେ । ତତ୍କାଳୀନ ଜଣେ ରାଜା ଏକ ଜଙ୍ଗଲରୁ ବୃକ୍ଷ ଛେଦନ କରି ସେହି ସ୍ଥାନରେ ଏକ ପ୍ରାସାଦ ନିର୍ମାଣ କରିବାକୁ ଚାହୁଁଥିଲେ । ଅନୀତା ବାଇଙ୍କ ନେତୃତ୍ୱରେ ହଜାର ହଜାର ଜନସାଧାରଣ ମହାରାଜଙ୍କ ଲୋକମାନଙ୍କ କବଳରୁ ଗଛମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ଗଛ ସବୁକୁ କୁଣ୍ଢେଇ ଠିଆ ହୋଇ ରହିଲେ । ତଥାପି ମଧ୍ୟ ମହାରାଜଙ୍କ ଲୋକମାନେ କୁରାଢ଼ି ଚଳାଇଲେ । ଅନୀତା ବାଇ ଓ ୩୬୩ ଜଣ ସମର୍ଥକଙ୍କ ସହ କୁରାଢ଼ି ଚୋଟରେ ମୃତ୍ୟୁବରଣ କରିଥିଲେ। ବିଶ୍ୱର ପରିବେଶ ଆନ୍ଦୋଳନର ଏହା ଥିଲା ସର୍ବପ୍ରଥମ ଓ ଏକ ରକ୍ତରଞ୍ଜିତ ଘଟଣା ।

(୬) ରାଜସ୍ଥାନର ଅନୀତା ବାଇଙ୍କ ପରି ଉତ୍ତର ପ୍ରଦେଶର ଆଡୋନୀ ଗ୍ରାମର ବଚନୀ ଦେବୀ ଓ ରାଣୀ ଗ୍ରାମର ଗୌରୀ ଦେବୀ ୧୯୭୨ ମସିହାରେ ଜଣେ ଜଙ୍ଗଲ କଣ୍ଟ୍ରାକ୍ଟରର କାଠୁରିଆମାନଙ୍କୁ ଜଙ୍ଗଲରୁ ତଡ଼ି ଦେଇ ଜଙ୍ଗଲର ସୁରକ୍ଷା କରିଥିଲେ । ଏହିପରି ଅନ୍ୟ ଏକ ଆନ୍ଦୋଳନ ଡୁନ ଉପତ୍ୟକାରେ ନହିକଲା ଗ୍ରାମର ଚମ୍ପୁନ ଦେବୀ ଆରମ୍ଭ କରିଥିଲେ । ତାଙ୍କ ନେତୃତ୍ୱରେ ପରିଚାଳିତ ଆନ୍ଦୋଳନ ଡୁନ ଭାଲିରେ ପ୍ରସ୍ତାବିତ ଲାଇଗଷ୍ଟୋନ କ୍ୱେରୀ ବିରୁଦ୍ଧରେ ୧୯୮୬ରେ ଗଢ଼ି ଉଠିଥିଲା ଓ ଏହା ସଫଳତା ହାସଲ କରିଥିଲା ।

(୭) Centre for Science and Environment ର ଅନିଲ୍ ଅଗ୍ରୱାଲା ଏବଂ ତାଙ୍କ ସହକର୍ମୀ ବୃନ୍ଦ ଭାରତରେ ଥିବା ପରିବେଶଗତ ସମସ୍ୟା ସବୁ Citizens Reports ନାମରେ ଜନସାଧାରଣଙ୍କ ଦୃଷ୍ଟିକୁ ଆଣିଥିଲେ। ଏହାର ପ୍ରଥମ ରିପୋର୍ଟ ୧୯୭୨ରେ ପ୍ରକାଶିତ ହୋଇଥିଲା । ଭାରତୀୟ ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ଏହା ନୂତନ ସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏତଦ୍ ବ୍ୟତୀତ ବଳକା ଥିବା ତାଙ୍କର ପ୍ରକାଶିତ ରିପୋର୍ଟରେ ବିଶ୍ୱବ୍ୟାଙ୍କ ଓ ଧନୀ ରାଷ୍ଟ୍ରମାନଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନା କିପରି ପରିବେଶ ଧ୍ୱଂସ କରି ସାଧାରଣ ମଣିଷର କ୍ଷତି ସାଧନ କରିବା ସହ ସେହି ଧନୀ ରାଷ୍ଟ୍ରମାନଙ୍କ ସ୍ୱାର୍ଥ ରକ୍ଷା କରୁଛି, ତାହା ପ୍ରକାଶ କରିଥିଲେ । ସେ ଭାରତରେ ପରିବେଶ ଆନ୍ଦୋଳନକୁ ମହିଳା ଆନ୍ଦୋଳନର ଅଂଶ ଭାବେ ଗଢ଼ି ତୋଳିଥିଲେ । ସାମାଜିକ ଜୀବନକୁ ତାଙ୍କର ଅବଦାନ ହେତୁ ତାଙ୍କୁ Alternate Nobel Prize ନାମରେ ନାମିତ ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ଶ୍ରୀମତୀ ମେନକାଗାନ୍ଧୀ ପରିବେଶ ସୁରକ୍ଷା ଓ ଜୀବଜନ୍ତୁଙ୍କ ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି ।

**ପ୍ର.୫. ଓଡ଼ିଶାରେ ସଙ୍ଗଠିତ ପରିବେଶ ଆନ୍ଦୋଳନ ବିଷୟରେ ବର୍ଣ୍ଣନା କର ।**
**(Describe the Environmental Movements in Odisha.)**

ଉ. ଓଡ଼ିଶା ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଏକ ରାଜ୍ୟ ଅଟେ । ଭାରତର ଅନ୍ୟ ରାଜ୍ୟମାନଙ୍କ ଅପେକ୍ଷା ଏହି ରାଜ୍ୟର ଅଧିକ ଜଙ୍ଗଲ ଦେଖିବାକୁ ମିଳେ । ଏହାର ଜଙ୍ଗଲ ନାନାଦି ପ୍ରକାରର ଗଛଲତା ଓ ଜୀବଜନ୍ତୁରେ ପୂର୍ଣ୍ଣ। ଏହାର ବିସ୍ତୀର୍ଣ୍ଣ ବେଳାଭୂମି ଏହାର ପ୍ରାକୃତିକ ବିଭବର ଅନ୍ୟ ଏକ ଅଙ୍ଗ । ଓଡ଼ିଶାରେ ପରିବେଶ ଆନ୍ଦୋଳନର ଭିତ୍ତିଭୂମି ସ୍ଥାପନ କରିଥିଲେ ପୂର୍ବତନ ସମ୍ବଲପୁର ବିଧାୟକ ସ୍ୱର୍ଗୀୟ ଶ୍ରଦ୍ଧାକର ସୂପକାର । ବ୍ରଜରାଜ ନଗରରେ ଥିବା ଓରିଏଣ୍ଟ କାଗଜକଳରୁ

ନିର୍ମିତ ବର୍ଯ୍ୟବସ୍ତୁ ଦ୍ୱାରା ଇବ ଓ ମହାନଦୀର ଜଳ ପ୍ରଦୂଷିତ ହେଉଥିବାରୁ ଏହାର ନିରାକରଣ ନିମନ୍ତେ ଏହି ଆନ୍ଦୋଳନ ଆରମ୍ଭ କରିଥିଲେ । ଶେଷରେ ଏଥିପାଇଁ ୧୯୫୦ ମସିହାରେ ନ୍ୟାୟାଳୟର ସାହାଯ୍ୟ ଭିକ୍ଷା କରିଥିଲେ । ନ୍ୟାୟାଳୟ ତାଙ୍କ ସପକ୍ଷରେ ରାୟ ପ୍ରଦାନ କରିଥିଲେ । ସେତେବେଳକୁ ହିରାକୁଦ ବନ୍ଧ ମଧ୍ୟ ନିର୍ମାଣ ହୋଇ ନଥାଏ । ଏହି ଘଟଣା ପରେ ଓଡ଼ିଶା ସରକାର ଓଡ଼ିଶା ନଦୀ ଆଇନ ନାମକ ଏକ ଆଇନ ଓଡ଼ିଶା ବିଧାନସଭାରେ ୧୯୫୩ରେ ଗୃହୀତ କରାଇଥିଲେ। ଓଡ଼ିଶାରେ ପ୍ରବାହିତ ନଦୀଗୁଡ଼ିକୁ ପ୍ରଦୂଷଣ ମୁକ୍ତ ରଖିବା ଏହି ଆଇନର ଉଦ୍ଦେଶ୍ୟ ଥିଲା । ସ୍ୱାଧୀନ ଭାରତରେ ଏହି ଆଇନ ହେଉଛି ପରିବେଶ ସଂକ୍ରାନ୍ତୀୟ ପ୍ରଥମ ଆଇନ । ୧୯୫୩ରେ କାର୍ଯ୍ୟକାରୀ ହୋଇଥିବା ଆଇନକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଇ ପାରିନଥିଲା । ଏଣୁ ୧୯୭୪ରେ ପୁନର୍ବାର ଏକ ନୂତନ ଆଇନ ଜଳ ଆଇନ, ୧୯୭୪, ପ୍ରଚଳିତ କରାଇବାକୁ ପଡ଼ିଛି ।

ଓଡ଼ିଶାରେ ପରିବେଶ ଆନ୍ଦୋଳନର ଅନ୍ୟ ଜଣେ ଅଗ୍ରଗଣ୍ୟ ନେତା ହେଲେ ସ୍ୱର୍ଗୀୟ ବାଙ୍କବିହାରୀ ଦାଶ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା କୃଷକ ମହାସଂଘ ଓଡ଼ିଶାର ଜଙ୍ଗଲ ସୁରକ୍ଷା ଓ ଉପକୂଳର ରକ୍ଷା ନିମନ୍ତେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଛି । ପୁରୀ, କୋଣାର୍କ ବେଳାଭୂମିରେ ଥିବା ଜଙ୍ଗଲର ସୁରକ୍ଷା ପାଇଁ ସେ ମଧ୍ୟ ଅନେକ କିଛି କାର୍ଯ୍ୟ କରିଛନ୍ତି । ଚିଲିକାକୁ ପ୍ରଦୂଷଣ ମୁକ୍ତ କରିବା ଓ ଚିଙ୍ଗୁଡ଼ି ଚାଷ ଜନିତ ପ୍ରଦୂଷଣ ରୋକିବାରେ ସେ ଆଦର୍ଶ ସ୍ଥାପନ କରିଯାଇଛନ୍ତି ।

ଓଡ଼ିଶାର ବରଗଡ଼ ଜିଲ୍ଲାରେ ଥିବା ଗନ୍ଧମାର୍ଦ୍ଦନ ପର୍ବତ ଔଷଧିୟ ବୃକ୍ଷଲତାରେ ସମୃଦ୍ଧ । ଏହି ପର୍ବତରୁ ବକ୍ସାଇଟ୍ ଖୋଳାଯିବାର ଥିଲା । ଏହା ଦ୍ୱାରା ଔଷଧିରେ ପରିପୂର୍ଣ୍ଣ ବୃକ୍ଷଲତା ସବୁ ଧ୍ୱଂସ ପାଇଯାଇଥାନ୍ତା । ସ୍ଥାନୀୟ ସାଂସଦ (ପୂର୍ବତନ) ଶ୍ରୀମାନ ଭବାନୀ ଶଙ୍କର ହୋତାଙ୍କ ନେତୃତ୍ୱରେ ଗନ୍ଧମାର୍ଦ୍ଦନ ଯୁବ ପରିଷଦ ଓ ଗନ୍ଧମାର୍ଦ୍ଦନ ବଂଚାଓ ସମିତି ଗନ୍ଧମାର୍ଦ୍ଦନର ସୁରକ୍ଷା ନିମନ୍ତେ ଆନ୍ଦୋଳନ କରି ବକ୍ସାଇଟ୍ ଖଣି ଖନନ କାର୍ଯ୍ୟକୁ ସ୍ଥଗିତ ରଖି ପାରିଛନ୍ତି ।

ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସଙ୍କ ନେତୃତ୍ୱରେ ଓଡ଼ିଶା ପରିବେଶ ସମାଜ ବା Odisha Environment Society ର ଆନ୍ଦୋଳନ ସ୍ୱରୂପ କେନ୍ଦ୍ର ସରକାର ମୟୂରଭଞ୍ଜର ଶିମିଳିପାଳ ସଂରକ୍ଷିତ ଜଙ୍ଗଲକୁ Biosphere reserve ଭାବେ ଘୋଷଣା କରିଛନ୍ତି । ଓଡ଼ିଶାର ଅନେକ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଓଡ଼ିଶାର ପରିବେଶ ସୁରକ୍ଷାରେ ଆଦର୍ଶ ସ୍ଥାନୀୟ କାର୍ଯ୍ୟ କରିଯାଇଛନ୍ତି । ଏମାନଙ୍କର କାର୍ଯ୍ୟାବଳୀ ଅନେକ NGO ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଶ୍ରୀଯୁକ୍ତ ରାଜେନ୍ଦ୍ରନ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମଧ୍ୟ ପରିବେଶ ଉପରେ ରୁଚି ପ୍ରକାଶ କରନ୍ତି ।

**ପ୍ର.୬. ବିଭିନ୍ନ ପ୍ରକଳ୍ପଦ୍ୱାରା ପ୍ରଭାବିତ ଜନସାଧାରଣଙ୍କର ପୁନ ଅବସ୍ଥିତି ଓ ପୁନଃ ଥଇଥାନ ବିଷୟରେ ଉଦାହରଣ ମାଧ୍ୟମରେ ବୁଝାଅ ।**

**(Write about the rehabilitation of displaced people with examples.)**

**ଉ.** ଆମ ଦେଶରେ ତଥା ରାଜ୍ୟରେ ବିକାଶର ଧାରା ଅବଚ୍ଛିନ୍ନ ଭାବରେ ଲାଗି ରହିଛି । ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ବିକାଶର ପ୍ରଥମ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତ ଭଳି ଏକ ବିକାଶଶୀଳ ଦେଶରେ ଅନେକ ଜନସାଧାରଣ ଏବେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରିଥାନ୍ତି । ଏମାନଙ୍କର ପାଖରେ ନିଜର ଘରଟିଏ ନଥାଏ । ଏମାନେ ସେମାନଙ୍କର କର୍ମସଂସ୍ଥାନ ସନ୍ଧାନରେ ଯେଉଁଠି ଯେତେବେଳେ ରୋଜଗାରର ସନ୍ଧାନ ମିଳିଯାଏ ସେଠାରେ ସେମାନେ ଅସ୍ଥାୟୀ କୁଡ଼ିଆଟିଏ କରି ରହିଯାନ୍ତି । ଠିକ୍ ସେହି ସ୍ଥାନରେ ଯେତେବେଳେ ସରକାରଙ୍କର କୌଣସି ବିକାଶୋନ୍ମୁଖୀ କାର୍ଯ୍ୟ ଆରମ୍ଭ ହୁଏ ସେଠାରୁ ସେମାନଙ୍କୁ ହଟାଇ ଦିଆଯାଏ । ଏହି ବିସ୍ଥାପିତମାନଙ୍କର ଦୁଃଖ ଦୁର୍ଦ୍ଦଶା କମ୍ କରିବାକୁ ହେଲେ ପ୍ରଥମେ ଶିଳ୍ପକାରଖାନା ପ୍ରତିଷ୍ଠା ହେଲେ ବ୍ୟକ୍ତିଗତ ପୁଞ୍ଜିପତିମାନଙ୍କର ବା ସରକାରଙ୍କର କେତେ ଲାଭ ହେବ ବା ସରକାର କେତେ ରାଜସ୍ୱ ପାଇବେ କେବଳ ସେତିକି ହିସାବକୁ ନ ନେଇ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଜନସାଧାରଣ ଓ ପରିବେଶର କ୍ଷତିର ମଧ୍ୟ ଉଚିତ୍ ଆକଳନ କରାଯିବା ନିହାତି ଜରୁରୀ । ବିସ୍ଥାପିତମାନଙ୍କୁ ଯଥୋଚିତ ନିଯୁକ୍ତି ପ୍ରଦାନ କରାଯିବ ଆବଶ୍ୟକ ।

ପ୍ରତ୍ୟେକ ପରିବାରକୁ ଉଚିତ କ୍ଷତିପୂରଣ ଦିଆଯିବା ମଧ୍ୟ ଆବଶ୍ୟକ । ଆବଶ୍ୟକସ୍ଥଳେ ସରକାରୀ ଆଇନ୍‌ର ମଧ୍ୟ ପରିବର୍ତ୍ତନ କରାଯିବା ନିତ୍ୟାନ୍ତ ପ୍ରୟୋଜନ । ପ୍ରତ୍ୟେକ ବିସ୍ଥାପିତମାନଙ୍କର ପୁନଃ ଥଇଥାନ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରାଯିବ ଉଚିତ୍ । ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରି ବିସ୍ଥାପିତମାନଙ୍କର ଚଳଣୀ ଓ ଜୀବନଚର୍ଯ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ପୁନର୍ବାସ କଲୋନୀ ନିର୍ମାଣ କରାଗଲେ ସେମାନ ସେଠାରେ ରହିବାର ଆଗ୍ରହ ପ୍ରକାଶ କରିବେ ।

ଉଦାହରଣ:-

ଏହି ସମସ୍ୟା ଓ ଏହାର ସମାଧାନକୁ ସୂଚାଇବାକୁ ହେଲେ କେତୋଟି ଉଦାହରଣକୁ ବୁଝିବାକୁ ହେବ ଯେପରି କି,

(କ) ସର୍ଦ୍ଦାର ସରୋବର ପ୍ରକଳ୍ପ

(ଖ) ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନା

**(କ) ସର୍ଦ୍ଦାର ସରୋବର ପ୍ରକଳ୍ପ:** ରାଜସ୍ଥାନ, ଗୁଜୁରାଟ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ବିସ୍ତୀର୍ଣ୍ଣ ଅଞ୍ଚଳକୁ ଜଳ ଯୋଗାଣର ଉଦ୍ଦେଶ୍ୟରେ ନର୍ମଦା ଓ ଏହାର ଉପନଦୀଗୁଡ଼ିକ ଉପରେ ୩୦ଟି ବଡ଼ ଓ ପ୍ରାୟ ୩୦୦ଟି ଛୋଟ ଓ ମଧ୍ୟମ ଧରଣର ବନ୍ଧ ନିର୍ମାଣ କରାଯାଉଛି ଯାହାର ମୁଖ୍ୟ ବନ୍ଧଟି ଗୁଜୁରାଟ ରାଜ୍ୟରେ ଅବସ୍ଥିତ । ଏହି ପ୍ରକଳ୍ପ ଦ୍ୱାରା ଇତି ମଧ୍ୟରେ ୧୨,୦୦୦ ହେକ୍ଟର ଚାଷଜମି । ୨୫,୦୦୦ ହେକ୍ଟର ଅକ୍ଷତ ଜଙ୍ଗଲ ଓ ଅନେକମାତ୍ରାରେ ଅନ୍ୟାନ୍ୟ ଧରଣର ଜମି ସହ ଅନେକ ଗ୍ରାମ ଓ ଲକ୍ଷ ଲକ୍ଷ ସ୍ଥାନୀୟ ଲୋକ ଅନେକାଂଶରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏତେମାତ୍ରାରେ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ କ୍ଷତିପୂରଣ ପ୍ରଦାନରେ ସରକାରୀ ବିସ୍ଥାପିତମାନଙ୍କର ଦୁଃଖ ଯନ୍ତ୍ରଣାକୁ ଲାଘବ କରିବା ପାଇଁ ସହାୟତାର ହାତ ବଢ଼ାଇବା ହିଁ ପ୍ରକୃତ ମାନବିକତାର ପରିଚୟ ସୃଷ୍ଟି କରିବ ।

**(ଖ) ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନା :** ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ପରେ ମହାନଦୀ ଶଯ୍ୟାରେ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ଅବସ୍ଥିତ ହୀରକୁଦଠାରେ ଏକ ବୃହତ୍ ବହୁମୁଖୀ ନଦୀବନ୍ଧ ଯୋଜନା ହାତକୁ ନିଆଯାଇଥିଲା । ଏହାର ମୁଖ୍ୟ ଆଭିମୁଖ୍ୟ ଥିଲା ମହାନଦୀ ଅବବାହିକାରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ବନ୍ୟାନିୟନ୍ତ୍ରଣ । ଏହି ଯୋଜନାଦ୍ୱାରା ନିକଟସ୍ଥ ଅଞ୍ଚଳର ପାଖାପାଖି ୧୫,୦୦୦ ହେକ୍ଟର ଜମି ଜଳମଗ୍ନ ହୋଇଥିଲା ଓ ୧୦୦ ରୁ ଅଧିକ ଗ୍ରାମର ଲୋକ ସେମାନଙ୍କର ବାସସ୍ଥାନ ହରାଇଥିଲେ ।

ସେତେବେଳେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ବିସ୍ଥାପିତମାନଙ୍କ ପାଇଁ କର୍ମନିଯୁକ୍ତି ଓ ଯଥାଯଥ ଥଇଥାନର ବନ୍ଦୋବସ୍ତ ପାଇଁ ଘୋଷଣା କରିଥିଲେ ମଧ୍ୟ ଏଯାବତ୍ ତାହା ପ୍ରଶ୍ନବାଚୀ ହୋଇ ରହିଯାଇଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଅମଲାତାନ୍ତ୍ରିକ ନାଲିଫିତା ଓ ସରକାରୀ ଉଦାସୀନତା ଫଳରେ ହଜାର ହଜାର ଲୋକ ଜମି ଖଣ୍ଡିଏ ବା ଚାକିରିଟିଏ ପାଇଁ ଆଶାବାଦୀ ଥାଇ ଅପେକ୍ଷାରେ ମୃତ୍ୟୁବରଣ କରିସାରିଲେଣି ।

**ପ୍ର.୭. ଭାରତବର୍ଷରେ ଦେଖାଦେଇଥିବା ବିକାଶ ବିସ୍ଥାପନ ଆନ୍ଦୋଳନ ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖ।**

**(Write an essay about development displacment movement in India.)**

**ଉ.** କାହିଁ କେଉଁ କାଳରୁ ମଣିଷ ଆନ୍ଦୋଳନକୁ ନିଜ ଅଧିକାର ସାବ୍ୟସ୍ତ ମାଧ୍ୟମ ରୂପେ ଗ୍ରହଣ କରିଆସିଛି । ପ୍ରଚଳିତ ବ୍ୟବସ୍ଥା ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବା ଓ ପ୍ରତିବାଦ କରିବାର ନଜିର୍ ମାନବ ସଭ୍ୟତାର ଇତିହାସର ପ୍ରତି ପୃଷ୍ଠାରେ ବିରାଜିତ । ଏଥିପାଇଁ ରକ୍ତାକ୍ତ ସଂଘର୍ଷ ଓ ଜୀବନ ଉତ୍ସର୍ଗର କାହିଁ କେତେ ଉଦାହରଣ ମଧ୍ୟ ରହିଛି । ବର୍ତ୍ତମାନ ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ଅସନ୍ତୋଷ ବ୍ୟକ୍ତ ଓ ପ୍ରଗତିବାଦ ଏକ ସାଧାରଣ କଥା । ଅସନ୍ତୋଷ, ପ୍ରତିବାଦକୁ ନେଇ ଗୋଷ୍ଠୀ ସଂଗଠିତ ହେଲେ ତାହା ଆନ୍ଦୋଳନର ରୂପ ନିଏ । ଆନ୍ଦୋଳନ ପାଇଁ ବଳିଷ୍ଠ ନେତୃତ୍ୱ, ପ୍ରୋତ୍ସାହନ ରାଜନୀତିକ ବାର୍ତ୍ତାଳାପ ମଧ୍ୟ ଜରୁରୀ । ଆନ୍ଦୋଳନ ଯୋଗୁଁ ସାମୁହିକ କାର୍ଯ୍ୟପନ୍ଥାର ସାହାଯ୍ୟ ନେଇ ସ୍ଥିତାବସ୍ଥାରେ ପରିବର୍ତ୍ତନ ଆଣିହେବ ବା ସଫଳ ହେଲେ ସଂସ୍କାର ମଧ୍ୟ ଅଣାଯାଇପାରେ । ପ୍ରତିରୋଧ ଆନ୍ଦୋଳନଗୁଡ଼ିକ ସାମାଜିକ ଆର୍ଥନୀତିକ, ରାଜନୀତିକ ବା ସାଂସ୍କୃତିକ ସ୍ତରର ଅନ୍ୟାୟ ଓ ଅସମତା ବିରୋଧରେ ଜନମତ ସଂଗଠିତ କରେ । ଏହା କର୍ତ୍ତୃତ୍ୱ ଜାହିର ଓ ପାତର ଅନ୍ତରକୁ ସହ୍ୟ କରେ ନାହିଁ । ମାନବର ଜୀବନ ଓ ଜୀବିକା ସଂପର୍କୀତ ଅନେକ ବିଷୟବସ୍ତୁ ଯେପରି ବିକାଶ ଓ ବିସ୍ଥାପନ ଏହାର କେନ୍ଦ୍ରବିନ୍ଦୁ

ହେବାରେ ଅସୁବିଧା ନାହିଁ । ବିକାଶ ଓ ବିସ୍ଥାପନକୁ ନେଇ ଆନ୍ଦୋଳନର ମୂଳରେ ରହିଛି; (କ) ସର୍ବସାଧାରଣ ସ୍ୱାର୍ଥ ରକ୍ଷା ଓ ସେବା ଯୋଗାଇବାରେ ରାଷ୍ଟ୍ରର ବିଫଳତା ଓ (ଖ) ବଳପ୍ରୟୋଗ, ଅତ୍ୟାଚାର ଓ ଦମନ ପ୍ରତି ସରକାରଙ୍କ ଆଭିମୁଖ୍ୟ ।

ପାଶ୍ଚାତ୍ୟ ବିକାଶ ଢାଞ୍ଚା ବହନଯୋଗ୍ୟ (sustainable) ନୁହେଁ। ଏହା ଫସିଲ୍ ଇନ୍ଧନ ଦହନ ଓ ପରିବେଶର ଶୋଷଣକୁ ଗୁରୁତ୍ୱ ଦିଏ । ଫଳସ୍ୱରୂପ ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିବ। ସମଗ୍ର ବିଶ୍ୱରେ ଦୃଷ୍ଟିଗୋଚର ହେଉଛି । ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନ, ନଦୀବନ୍ଧ ଯୋଜନା, ସାରମିକ ଘାଟି, ସ୍ୱତନ୍ତ୍ର ଆର୍ଥୀକ ଅଞ୍ଚଳ (SEZ) ଆଦି ପ୍ରତିଷ୍ଠା ହେଉଥିବାରୁ ପ୍ରାକୃତିକ ସମ୍ପଦର ଯେଉଁ ବିନିଯୋଗ ହେଉଛି ତାହା ଭରଣା କରିବା କଷ୍ଟକର । ଏହି ସବୁ କାର୍ଯ୍ୟକ୍ରମ ଯୋଗୁଁ ଲୋକମାନଙ୍କ ଜୀବନ ଧାରଣର ମାନ ଉନ୍ନତି ଅଣାଯାଇପାରିବ ଯୁକ୍ତି ଅର୍ଦ୍ଧସତ୍ୟ ଉପରେ ଆଧାରିତ ଅନେକ ଯାଗାରେ ଏହିସବୁ କାର୍ଯ୍ୟକ୍ରମ ଯୋଗୁଁ ମାନବିକ ଦୁର୍ଦ୍ଦଶା ବଢ଼ିବାର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ଯେପରି ହିରାକୁଦ, ସିଙ୍ଗୁର ଆଦି ସ୍ଥାନରେ ଲୋକମାନେ ବିସ୍ଥାପନ ହେବା ଓ ଜୀବିକା ହରାଇବା ଆଦି ଦେଖିବାକୁ ମିଳୁଛି । ପାରାଦ୍ୱୀପର ପୋସ୍କୋ ପ୍ରକଳ୍ପ ଯୋଗୁଁ ଲୋକମାନେ ନିଜର ପାରମ୍ପରିକ ବାସସ୍ଥାନ ହରାଇବା ସହ ପରିବେଶ ଜନିତ ସେମାନଙ୍କର ପାରମ୍ପାରିକ ଜ୍ଞାନ କୌଶଳର ଗ୍ରହଣୀୟତା ସବୁଦିନ ପାଇଁ ଲୋପପାଇଯାଉଛି । ନଦୀବନ୍ଧ ଯୋଜନା ଯେପରି ତେହେରି, ନର୍ମଦା, କୋସି ଆଦି ଯୋଗୁଁ ପରବେଶ ଉପରେ କୁପ୍ରଭାବ ପଡ଼ିବା ସହ ବିସ୍ଥାପନ ବଡ଼ ସମସ୍ୟା ରୂପେ ଉଭା ହୋଇଛି । ନାଲ୍‌କୋ ପ୍ରତିଷ୍ଠା ଯୋଗୁଁ ଓ କୋଲାବ୍ ନଦୀ ବନ୍ଧ ଯୋଜନାରେ ୧୯୭୬ରୁ ୧୯୯୨ ମଧ୍ୟରେ ୧୪, ୦୦୦ ଲୋକ ବିସ୍ଥାପନର ଶିକାର ହୋଇଛନ୍ତି । ଓଡ଼ିଶାର ଅନ୍ୟ ବୃହତ୍ତ ପ୍ରକଳ୍ପ ଯେପରି ଲୋଅର ସୁକ୍‌ତେଲ୍ ଡାମ୍ ବାଲିମେଳା ଜଳବିଦ୍ୟୁତ୍ ଯୋଜନା, ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ଯୋଜନା, କଳିଙ୍ଗ ନଗର ଶିଳ୍ପାଞ୍ଚଳ ଆଦି ପ୍ରତିଷ୍ଠା ଯୋଗୁଁ ଲୋକମାନେ ଅନେକ ସଂଖ୍ୟାରେ ବିସ୍ଥାପନ, ଜୀବିକା ହରାଇବା ଓ ସଂସ୍କୃତି ଅବକ୍ଷୟ ହେବାର ସମସ୍ୟାଗୁଡ଼ିକ ସହ ଏବେ ମଧ୍ୟ ସଂଘର୍ଷରତ । ନିମ୍ନରେ ନଦୀବନ୍ଧ ଯୋଜନା ଯୋଗୁଁ ଓଡ଼ିଶାରେ ବିସ୍ଥାପନର ଏକ ଚିତ୍ର ପ୍ରଦାନ କରାଯାଇଛି ।

| ଯୋଜନା | ଗ୍ରାମ ସ୍ଥାନାନ୍ତର ସଂଖ୍ୟା | ସ୍ଥାନାନ୍ତର ପରିବାର ସଂଖ୍ୟା |
|---|---|---|
| ହିରାକୁଦ ଡ୍ୟାମ୍ | ୨୮୫ | ୨୨, ୧୪୪ |
| ରେଙ୍ଗାଲି ଡ୍ୟାମ୍ | ୨୮୭ | ୧୧, ୭୨୫ |
| ଅପର ଇନ୍ଦ୍ରାବତୀ ଡ୍ୟାମ | ୯୯ | ୫, ୩୦୧ |
| ବାଲିମେଳା ଡ୍ୟାମ | ୯୧ | ୨, ୦୦୦ |
| ସୁବର୍ଣ୍ଣ ରେଖା ଡ୍ୟାମ୍ | ୭୫ | ୫, ୨୧୪ |

ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ବିସ୍ଥାପିତ ଲୋକମାନଙ୍କୁ ସରକାରୀ ସାହାଯ୍ୟ ମିଳିବାରେ ଅସୁବିଧା ଦେଖିବାକୁ ମିଳୁଛି । ବିଂଶ ଶତାବ୍ଦୀର ସତୁରୀ ଦଶକରେ ପ୍ରତିଷ୍ଠିତ ହିରାକୁଦ୍ ଡ୍ୟାମ ଯୋଗୁଁ ବିସ୍ଥାପିତ ଲୋକମାନେ ଆଜିଯାଏ ସଠିକ୍ ଆର୍ଥୀକ ସାହାଯ୍ୟ ପାଇପାରିନାହାନ୍ତି ।

ଭାରତର ଅନ୍ୟ କେତେକ ପ୍ରମୁଖ ଶିଳ୍ପ ବିକାଶ ଯୋଜନା ଓ ତତ୍‌ଜନିତ ମାନବିକ ସମସ୍ୟା ସଂପର୍କୀୟ ଆନ୍ଦୋଳନ ଗୁଡ଼ିକ ହେଲା କର୍ଣ୍ଣାଟକର ହରିହର ପଲିଫାୟାର ଫାକ୍ଟ୍ରୀ ବିରୋଧି ଆନ୍ଦୋଳନ, ମଧ୍ୟପ୍ରଦେଶର ଗ୍ୱାଲିଅର ରେୟନ୍ ଫାକ୍ଟ୍ରୀ ବିରୋଧରେ ଆନ୍ଦୋଳନ, ଓଡ଼ିଶାର ରାୟଗଡ଼ା ସ୍ଥିତ ଜେ.କେ ପେପର ପ୍ଲାଣ୍ଟ ବିରୋଧୀ ଆନ୍ଦୋଳନ, ତେହେରି ବନ୍ଧ ବିରୋଧି ସମିତି, କୋୟନା ଯୋଜନା କ୍ଷତିଗ୍ରସ୍ତ କମିଟି, ଏନ୍‌ରନ୍ ବିରୋଧି ଡାବଲର ଜନ ଆନ୍ଦୋଳନ, ଅମରାବତୀ ବଞ୍ଚାଅ ଆନ୍ଦୋଳନ, ବାଲିଆପାଳର କ୍ଷେପଣାସ୍ତ୍ର ଘାଟି ସ୍ଥାପନ ବିରୋଧି ଆନ୍ଦୋଳନ ଇତ୍ୟାଦି । ଉପରୋକ୍ତ ସମସ୍ତ ଆନ୍ଦୋଳନର ମୂଳରେ ରହିଛି;

(କ) ଶିଳ୍ପ ପ୍ରତିଷ୍ଠାର ଅବିଚାରିତ ଉଦ୍ୟମରେ ବିରାମ ।

(ଖ) ଶିଳ୍ପ ପ୍ରତିଷ୍ଠା ଯୋଗୁଁ ପରିବେଶ ପ୍ରଦୂଷିତ ହେଉଥିବାରୁ ସୁରକ୍ଷା ଜନିତ ଆଇନ୍ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ।

(ଗ) ବିସ୍ଥାପିତ ଜନଗଣଙ୍କର ଉପଯୁକ୍ତ ଭାବେ ଥଇଥାନ ଓ କ୍ଷତିପୂରଣ ପ୍ରଦାନ ।

(ଘ) ସହନୀୟ ବିକାଶ ଢାଞ୍ଚାର କାର୍ଯ୍ୟାନ୍ୱୟନ ଓ ପାରିବେଶିକ ସନ୍ତୁଳନ ରକ୍ଷା ।

(ଙ) ଶିଳ୍ପ ପ୍ରତିଷ୍ଠା ଓ ନଦୀ ବନ୍ଧ ଯୋଜନା ଯୋଗୁଁ ଜୀବିକା ହରାଉଥିବା ଲୋକମାନଙ୍କୁ ବିକଳ୍ପ କର୍ମସଂସ୍ଥାନ ଉପଲବ୍ଧ କରାଇବା ।

(ଚ) ଶିଳ୍ପ କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ଗ୍ରାମଗୁଡ଼ିକରେ ସାମାଜିକ ଓ ଆର୍ଥୀକ ଉନ୍ନତି ମୂଳକ କାର୍ଯ୍ୟପନ୍ଥାଗୁଡ଼ିକର ରୂପାୟନ ।

(ଛ) ବିଦେଶୀ ପୁଞ୍ଜି ଓ ବୈଷୟିକ ଜ୍ଞାନ କୌଶଳର ବିନା ତଦାରଖରେ ନିବେଶକୁ ବାରଣ ।

(ଜ) ଶିଳ୍ପାୟନରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଓ ପରିବେଶ ଅନୁକୂଳ ଇନ୍ଧନର (Green fuel) ବ୍ୟବହାର ।

(ଝ) ପରିବେଶ ଜନିତ ପାରମ୍ପରିକ ଜ୍ଞାନ କୌଶଳ ଜୈବ ବିବିଧତାର ସୁରକ୍ଷା ।

**ବିକାଶ ଓ ବିସ୍ଥାପନ ଆନ୍ଦୋଳନର ସମାଲୋଚନା –**

(କ) ବିକାଶ ଓ ବିସ୍ଥାପନ ଦୁଇଟି ପରସ୍ପର ଘନିଷ୍ଠ ବିଷୟ । ବିକାଶ ଯୋଗୁଁ ବିସ୍ଥାପନ ସାଧାରଣ କଥା ।

(ଖ) କ୍ରମ ବର୍ଦ୍ଧମାନ ଜନସଂଖ୍ୟା ଓ ଲୋକଙ୍କର ଜୀବନ ଧାରଣ ମାନର ଉନ୍ନତି ପାଇଁ ଶିଳ୍ପାୟନ ଅବଶ୍ୟମ୍ଭାବୀ । ଶିଳ୍ପାୟନକୁ ବିରୋଧ କରିବା ଆତ୍ମହତ୍ୟା ସହ ସମାନ ।

(ଗ) ଶିଳ୍ପ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟା ବାଦ ଦେଇ ଦେଶ ଉନ୍ନତି କରପାରିବ ନାହିଁ ।

(ଘ) ଶିଳ୍ପାୟନ ନ ହେଲେ ପ୍ରାକୃତିକ ସମ୍ପଦର ବିନିଯୋଗ ସମ୍ଭବ ନୁହେଁ ।

(ଙ) ଶିଳ୍ପାୟନ ଯୋଗୁଁ ବେକାରୀ ଦୂର ହୁଏ ଓ ଦେଶର ଆର୍ଥୀକ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆସେ ।

(ଚ) ନଦୀ ବନ୍ଧ ଯୋଜନାରୁ ଉତ୍ପନ୍ନ ବିଦ୍ୟୁତ ଯୋଗୁଁ ପରିବେଶର କ୍ଷତି ହୁଏ ନାହିଁ ଓ କୃଷି ପାଇଁ ଜଳସେଚନ ବ୍ୟବସ୍ଥା ସମ୍ଭବ ହୁଏ ।

(ଛ) ଶିଳ୍ପ ପ୍ରତିଷ୍ଠା ବା ନଦୀ ବନ୍ଧ ଯୋଜନାରେ ବା ସହର ଜନସାଧାରଣଙ୍କ ପାଇଁ ସମୟ ଉପଯୋଗୀ କ୍ଷତିପୂରଣ ଓ ଥଇଥାନ ଯୋଜନା ସରକାରଙ୍କ ତରଫରୁ କାର୍ଯ୍ୟକାରୀ କରାଯାଉଛି ।

ବିକାଶ ଓ ବିସ୍ଥାପନ ଆନ୍ଦୋଳନ ଶିଳ୍ପ ପ୍ରତିଷ୍ଠା ତଥା ନଦୀବନ୍ଧ ଯୋଜନାଗୁଡ଼ିକ ନୀତିଗତ ଭାବେ ବିରୋଧ କରେ ନାହିଁ । ମାତ୍ର କ୍ଷତିଗ୍ରସ୍ତ ଜନସାଧାରଣଙ୍କ ପ୍ରତି ମାନବବାଦୀ ଦୃଷ୍ଟିକୋଣର ଅଭାବ ଆମ ବ୍ୟବସ୍ଥାରେ ପ୍ରତିଫଳିତ ହେଉଥିବାରୁ ତାହା ଏହି ପ୍ରକାର ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଛି । ଭିଟାମାଟି ଓ ଉର୍ବର ଚାଷଜମି, ବାଡ଼ିବଗିଚା ଘରଦ୍ୱାରା ହରାଇବା ପରେ ଯେଉଁ ପରିସ୍ଥିତି ସୃଷ୍ଟି ହୁଏ ତାକୁ କେବଳ ଅର୍ଥ ଦ୍ୱାରା ଆକଳନ କରାଯାଇ ନପାରେ । ଆର୍ଥୀକ ପ୍ୟାକେଜ ଘୋଷଣା ଓ ସ୍ଥାବର ସମ୍ପତ୍ତିର ମୂଲ୍ୟାଙ୍କନ ବେଳେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ ମତାମତ ନେବା ଜରୁରୀ । ଦେଖାଯାଏ କେତେକ ଜାଗାରେ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ଲୋକମାନଙ୍କୁ ଏକାଧିକ ଥର ବିସ୍ଥାପନ ହେବାକୁ ପଡୁଛି । ପୁଣି ଅଧିଗ୍ରହିତ ଜମିବାଡ଼ି ଅବ୍ୟବହୃତ ଭାବେ ପଡ଼ି ରହୁଛି । ବିକାଶ ଓ ବିସ୍ଥାପନ ଆନ୍ଦୋଳନ ଚିରାଚରିତ ଭାବେ ମନୁଷ୍ୟର ଅଧିକାର, ନ୍ୟାୟପ୍ରତିଷ୍ଠା ଓ ଭାଗୀଦାରି ବ୍ୟବସ୍ଥା ସପକ୍ଷରେ ସ୍ୱର ଉତ୍ତୋଳନ କରେ । ତ୍ୱରିତ ଲାଭ ଆଶାରେ ପ୍ରାକୃତିକ ସନ୍ତୁଳନକତ କୁଠାରଘାତ କରିବା ସପକ୍ଷରେ ଏହି ଆନ୍ଦୋଳନ ନୁହେଁ । ମାନବ ଜାତିର ଜୀବନ ଓ ମରଣ ପ୍ରଶ୍ନ ସହ ବିକାଶ ଓ ବିସ୍ଥାପନ ଜଡ଼ିତ । ବିକାଶ ଓ ବିସ୍ଥାପନ ଆନ୍ଦୋଳନ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ କେତୋଟି ହେଲା ଓଡ଼ିଶାର ପୋସ୍କୋ ବିରୋଧି ଆନ୍ଦୋଳନ, କୋଲକାତାର ଟାଟା କମ୍ପାନୀ ଦ୍ୱାରା ସିଙ୍ଗୁର ଜମି ଅଧିଗ୍ରହଣ ବିରୋଧି ଆନ୍ଦୋଳନ ଓ ନର୍ମଦା ବଚାଓ ଆନ୍ଦୋଳନ ।

**(କ) ପୋସ୍କୋ ବିରୋଧି ଆନ୍ଦୋଳନ –** ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି (PPSS) ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ନିକଟରେ ପ୍ରସ୍ତାବିତ ପୋସ୍କୋ ଇସ୍ପାତ କାରଖାନାର ଜମି ଅଧିଗ୍ରହଣକୁ ବିରୋଧ କରି ୨୦୦୫ ମସିହାରୁ ଆନ୍ଦୋଳନ

କରି ଆସୁଛି । ଦକ୍ଷିଣା କୋରିଆର ପୋସ୍କୋ କମ୍ପାନୀ ଇସ୍ପାତ କ୍ଷେତ୍ରରେ ସବୁଠାରୁ ବୃହତ୍ତ ୫୨,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ କରିବାକୁ ଇଚ୍ଛାପ୍ରକାଶ କରି ପାରାଦ୍ୱୀପ ନିକଟରେ ପ୍ରସ୍ତାବିତ କାରଖାନା ପାଇଁ ଜମି ଅଧିଗ୍ରହଣ କରିବାକୁ ସରକାରଙ୍କ ସାହାଯ୍ୟ ଭିକ୍ଷା କରିଥିଲା । ମାତ୍ର ପ୍ରସ୍ତାବିତ ଅଞ୍ଚଳ ଧାନ, ପାନ ଓ ମୀନ ଉତ୍ପାଦନ ପାଇଁ ପ୍ରସିଦ୍ଧି ଲାଭ କରିଥିବାରୁ ସ୍ଥାନୀୟ ଅଧିବାସୀମାନେ ନିଜ ଘରଦ୍ୱାରା ଓ ଜମିବାଡ଼ି ଛାଡ଼ିବାକୁ ରାଜି ନୁହଁନ୍ତି । ସରକାର ସ୍ଥାନୀୟ ପୋଲିସ୍ ଓ ସୁରକ୍ଷାକର୍ମୀଙ୍କ ସାହାଯ୍ୟରେ ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟାକରି ବିଫଳ ହୋଇଛନ୍ତି । ଆଦିବାସୀ ସଂପ୍ରଦାୟର ଲୋକଙ୍କ ଭିଟାମାଟି ଓ ଜଙ୍ଗଲ ଜମି ପୋସ୍କୋ ଅଞ୍ଚଳରେ ଥିବାରୁ ସରକାରଙ୍କ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି । ପିପିଏସ୍ଏସ୍‌ର ସଭାପତି ଅଭୟ କୁମାର ସାହୁଙ୍କୁ ଗିରଫ କରାଯାଇ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସରକାରଙ୍କ ଚେଷ୍ଟା ବିଫଳ ହୋଇଛି । ସରକାରଙ୍କ ପ୍ରରୋଚନାରେ ପୋସ୍କୋ ସପକ୍ଷବାଦୀ ସଂଗଠକ ମଧ୍ୟ ଗଠିତ ହୋଇଛି । ପୋସ୍କୋର ପ୍ରସ୍ତାବିତ ଅଞ୍ଚଳ ଜନାକୀର୍ଣ୍ଣ ଓ ପରିବେଶ ଦୃଷ୍ଟିରୁ ସମୁଦ୍ର କୂଳବର୍ତ୍ତୀ ଏକ ସ୍ପର୍ଶକାତର ଅଞ୍ଚଳ । ବର୍ତ୍ତମାନଯାଏ ପ୍ରକଳ୍ପ କାର୍ଯ୍ୟରେ କୌଣସି ଅଗ୍ରଗତି ହୋଇନାହିଁ ।

**(ଖ) ସିଙ୍ଗୁର ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ –** ଟାଟା ନାନୋ ସିଙ୍ଗୁର ବିବାଦ (Tata, Nanoo Singur Controversy) ବାଙ୍ଗଲାର ହୁଗ୍‌ଲୀ ଜିଲ୍ଲାରେ ଟାଟା ମୋଟର କମ୍ପାନୀର ନାନୋ କାର୍ ଫାକ୍ଟ୍ରୀ ପ୍ରତିଷ୍ଠାକୁ ନେଇ ସୃଷ୍ଟି ହୋଇଥିଲା । ବାଙ୍ଗ୍‌ଲାର ତତ୍‌କାଳୀନ ସରକାର ୯୯୭ ଏକର ଉର୍ବର ଚାଷଜମି ଲୋକଙ୍କଠାରୁ ଅଧିଗ୍ରହଣ କରି ଟାଟା କମ୍ପାନୀକୁ ଦେବାକୁ ୨୦୦୬ ମସିହାରେ କାର୍ଯ୍ୟାରମ୍ଭ କରିଥିଲେ । ଏହି ଜମି ଅଧିଗ୍ରହଣକୁ ସ୍ଥାନୀୟ ଅଧିବାସୀ ଓ ବିରୋଧିଦଳର ନେତାମାନେ ପ୍ରବଳଭାବେ ବିରୋଧ କଲେ। ବର୍ତ୍ତମାନର ବାଙ୍ଗଲାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ସେତେବେଳେ ସଂଗଠିତ "SaveFarmland" ଆନ୍ଦୋଳନ ସ୍ଥାନୀୟ କୃଷକମାନଙ୍କ ସମର୍ଥନରେ ବିରୋଧକୁ ତୀବ୍ର କଲା । ତାଙ୍କ ଆନ୍ଦୋଳନକୁ ପରିବେଶବିତ୍ ମେଧା ପାଟେକର, ଲେଖିକା ଅରୁନ୍ଧତି ରାୟ, ବୁଦ୍ଧିଜିବୀ ଅପର୍ଣ୍ଣା ସେନ୍, ସାଲୋନୀ ମିତ୍ର, ଆଦି ଅନେକ ଜଣାଶୁଣା ବ୍ୟକ୍ତିତ୍ୱ ସମର୍ଥନ କଲେ । ଫଳରେ ଟାଟା କମ୍ପାନୀ ବାଧ୍ୟରେ ପ୍ରସ୍ତାବିତ କାରଖାନାକୁ ୨୦୦୮ ମସିହାରେ ଗୁଜୁରାଟକୁ ସ୍ଥାନାନ୍ତର କଲା। ନିକଟରେ ସୁପ୍ରୀମ୍‌କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଅଧିଗୃହିତ ଜମି ଲୋକମାନଙ୍କୁ ଫେରସ୍ତ ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

**(ଗ) ନର୍ମଦା ବଚାଓ ଆନ୍ଦୋଳନ –** ଭାରତର ପଞ୍ଚମ ବୃହତ୍ତ ନଦୀ ନର୍ମଦା ତିନୋଟି ରାଜ୍ୟ ଯଥା ମଧ୍ୟପ୍ରଦେଶ, ଗୁଜୁରାଟ୍ ଓ ମହାରାଷ୍ଟ୍ର ଦେଇ ପ୍ରବାହିତ ହେଉଛି । ଏହି ନଦୀ ଉପରେ ନର୍ମଦା ନଦୀ ଉପତ୍ୟକା ଯୋଜନା ଅନୁକୁଲ୍ୟରେ ଦୁଇଟି ବୃହତ୍ତ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରାଯାଉଛି ଯଥା ସର୍ଦ୍ଦାର ସାଗର ପ୍ରୋଜେକ୍ଟ ଓ ନର୍ମଦା ସାଗର ପ୍ରୋଜେକ୍ଟ । ଏହି ଦୁଇଟି ଯୋଜନା ଦ୍ୱାରା ୩ଟି ରାଜ୍ୟର ଅନେକ ଚାଷଜମି ଓ ଜଙ୍ଗଲ, ଗ୍ରାମ ଜଳ ପ୍ଳାବିତ ହେବା ସହ ୨୪୮ ଗ୍ରାମର ଏକ ଲକ୍ଷ୍ୟ ଲୋକ ବିସ୍ଥାପିତ ହେବାର ଆକଳନ କରାଯାଇଛି । ନର୍ମଦାର ଜଳକୁ ଗଛିତ ରଖି ପିଇବା ପାଣି, କୃଷିକ୍ଷେତ୍ର, ଶିଳ୍ପ ଓ ବ୍ୟବସାୟିକ ଭାବେ ବ୍ୟବହାର କରିବାକୁ ଯୋଜନାରେ ଲକ୍ଷ୍ୟ ରଖାଯାଇଛି । ୧୯୮୧ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୧୯୮୫ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୧୯୮୫ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୧୯୮୫ ମସିହାରେ ବିଶ୍ୱବ୍ୟାଙ୍କରୁ ୪୫୦ ନିୟୁତ ଆମେରିକୀୟ ଡଲାର ଲୋନ୍ ଆକାରରେ ପାଇବା ପରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲା । ମାତ୍ର ପ୍ରକୃତପକ୍ଷେ ନିର୍ମାଣକାର୍ଯ୍ୟ ୧୯୮୮ ମସିହାରେ ଆରମ୍ଭ କରାଗଲା । ମାତ୍ର ପୁନର୍ବସତି ଓ ଥଇଥାନକୁ ନେଇ ଅନେକ ଛୋଟବଡ଼ ସଂଗଠନ ପ୍ରକଳ୍ପ ଅଞ୍ଚଳରେ ମୁଣ୍ଡ ଟେକିଲା । ସମୟକ୍ରମେ ସମସ୍ତ ସଂଗଠନ ଏକତ୍ରଭାବେ ସାମାଜିକ କର୍ମୀ ମେଧା ପାଟେକରଙ୍କ ନେତୃତ୍ୱରେ ନର୍ମଦା ବଚାଓ ଆନ୍ଦୋଳନ (NBA) ନାମରେ ଏକ ସଂଗଠନ ଗଢ଼ିଲେ । ବିସ୍ଥାପନ ଓ କ୍ଷୟକ୍ଷତିର ଆକଳନରେ ତାଳମେଳ ନଥିବା ଜଣାପଡ଼ିବା ପରେ NBA ନର୍ଦ୍ଦମା ଦେବୀ ଉପତ୍ୟକା ପ୍ରକଳ୍ପର ବିକାଶ ଆଭିମୁଖ୍ୟକୁ ସମାଲୋଚନା କରିବା ସହ ନିର୍ମାଣ କାର୍ଯ୍ୟର ବୈଧତାକୁ ପ୍ରଶ୍ନ କଲା । ୧୯୮୮ମସିହାରେ NBA

ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ଉଦ୍ଦେଶ୍ୟରେ ୫୦, ୦୦୦ ଲୋକଙ୍କୁ ପ୍ରଭାବିତ ଅଞ୍ଚଳରେ ସଂଘଟିତ ସଂଘବଦ୍ଧ ଭାବେ ଆନ୍ଦୋଳନ ଆରମ୍ଭ କଲା । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ବିଶ୍ୱ ବ୍ୟାଙ୍କ୍ ଏକ ଅନୁସନ୍ଧାନ କମିଟି ଗଠନ କରିବାକୁ ନିଷ୍ପତି ନେଲା । ଏହି ଅନୁସନ୍ଧାନ କମିଟି NBA ଉଠାଇଥିବା ସମସ୍ତ ଉଦ୍‌ବିଗ୍ନକୁ ସ୍ୱୀକାର କଲା । ଦେଶ ଭିତରେ ଓ ଆନ୍ତର୍ଜାତିକ ସ୍ତରରେ ପ୍ରବଳ ବିରୋଧକୁ ଆଖି ଆଗରେ ରଖି ବିଶ୍ୱ ବ୍ୟାଙ୍କ୍ ଶେଷରେ ଏହି ପ୍ରକଳ୍ପରୁ ଓହରି ଗଲା । ମାତ୍ର ଗୁଜୁରାଟ୍ ସରକାର ଅନ୍ୟ ଉତ୍ସରୁ ଲୋନ୍‌ଆଣି ପ୍ରକଳ୍ପ କାର୍ଯ୍ୟ ଚାଲୁ ରଖିଛନ୍ତି । ନର୍ମଦା ବଚାଓ ଆନ୍ଦୋଳନକୁ ଭାରତରେ ସର୍ବବୃହତ୍ତ ଜନ ଆନ୍ଦୋଳନର ମାନ୍ୟତା ଦିଆଯାଏ । ଜନ ସମୁଦାୟକୁ ସଚେତନ କରି ଓ ସେମାନଙ୍କୁ ସଂଘଟିତ କରି ଏହି ଆନ୍ଦୋଳନ ସରକାରଙ୍କ ଉପରେ ପ୍ରବଳ ଚାପ ପକାଇ ପାରିଥିଲା । ଆଦିବାସୀ ସଂପ୍ରଦାୟର ଲୋକମାନେ ନିଜ ଭିଟାମାଟି ଓ ଜୀବିକାର ସୁରକ୍ଷା ପାଇଁ ଏହି ଆନ୍ଦୋଳନକୁ ସର୍ବୋତଭାବେ ସାହାଯ୍ୟ ଓ ସହଯୋଗ କରିଥିଲେ । ଗାନ୍ଧିବାଦୀ ପ୍ରତିରୋଧ ବ୍ୟବସ୍ଥା ଉପରେ ଏହି ଆନ୍ଦୋଳନ ଆସ୍ଥା ସ୍ଥାପନ କରିଥିଲା ବିକାଶକୁ ନେଇ ବିକଳ୍ପ ଢ଼ାଞ୍ଚା ପ୍ରସ୍ତୁତ ସଂପର୍କରେ ଚିନ୍ତା କରିବାକୁ ଯୋଜନା ପ୍ରଣୟନ କାରୀମାନଙ୍କ ଉପରେ ଏହି ଆନ୍ଦୋଳନ ଚାପ ସୃଷ୍ଟି କରିପାରିଥିଲା । ସାରା ଦେଶରେ ସଭ୍ୟସମାଜ, ସାମାଜିକ କର୍ମୀମାନେ ଏହି ଆନ୍ଦୋଳନକୁ ଅକୁଣ୍ଠ ଚିତ୍ତରେ ସମର୍ଥନ କରିଥିଲେ। ଏବେ ମଧ୍ୟ ଏହି ଆନ୍ଦୋଳନ ନର୍ମଦା ନଦୀ ଉପତ୍ୟକା ଅଞ୍ଚଳର ସକ୍ରିୟ ରହିଛି । ବଣ୍ୟ ସମ୍ପଦର ସୁରକ୍ଷା ଓ ବଡ଼ ବଡ଼ ନଦୀବନ୍ଧ ଯୋଜନା ଆଦି ବୃହତ୍ତ ପ୍ରକଳ୍ପର ବିରୋଧକୁ ଆନ୍ଦୋଳନର ରୂପ ଦେବାରେ ବେସରକାରୀ ସଂଗଠନ, ପରିବେଶ କାର୍ଯ୍ୟକର୍ତ୍ତା, ତୃଣମୂଳ ସ୍ତରରେ ସଂଗଠନଗୁଡ଼ିକର ବଡ଼ ବଳିଦାନ ରହିଛି । ଆଧୁନିକତା ଓ ବିକାଶର ଅନୁପ୍ରବେଶ ଯୋଗୁଁ ମାନବୀକ ଦୁଃଖ ଦୁର୍ଦ୍ଦଶା ବୃଦ୍ଧି ବର୍ତ୍ତମାନର ପ୍ରମୁଖ ଚର୍ଚ୍ଚିତ ବିଷୟ । ଆନ୍ଦୋଳନକାରୀମାନେ ପ୍ରାକୃତିକ ସଂପଦର ଆୟସଂଗତ ବ୍ୟବହାର ସହ ଆଗାମୀ ବଂଶଧରମାନଙ୍କ ପାଇଁ ଏହାର ସଂରକ୍ଷଣ ଓ ପାରମ୍ପରିକ ଜ୍ଞାନ କୌଶଳର ସଂରକ୍ଷଣକୁ ଆନ୍ଦୋଳନର ବିଷୟ ଭାବେ ଗୁରୁତ୍ୱ ଦେଉଛନ୍ତି । ଏହି ସଂରକ୍ଷଣବାଦୀ ଆନ୍ଦୋଳନକୁ ବହୁଦେଶୀୟ କମ୍ପାନୀ, କେତେକ ଶିଳ୍ପପତି, ବିଦେଶୀ ଅର୍ଥ ଲଗାଣକାରୀ ସଂସ୍ଥା ଯେପରି ବିଶ୍ୱ ବ୍ୟାଙ୍କ୍ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ବିରୋଧ ମଧ୍ୟ କରୁଛନ୍ତି । ସରକାରଙ୍କ ଆଭିମୁଖ୍ୟ ଅନେକ ଘଟଣାରେ ସ୍ପଷ୍ଟ ପ୍ରତୀତ ହେଉ ନ ଥିବାରୁ ଜନସାଧାରଣ ଦ୍ୱନ୍ଦ ମଧ୍ୟରେ କାଳାତିପାତ କରୁଥିବାରୁ ଦେଖାଯାଉଛି ।

❑❑❑

ଦ୍ୱିତୀୟ ଭାଗ

(PART–B)

# ସାଂପ୍ରତିକ ବିଶ୍ୱ ରାଜନୀତି
# [ CONTEMPORARY IN WORLD POLITICS ]

## ବିଶ୍ୱ ରାଜନୀତିରେ ଭାରତ
## [ INDIA IN WORLD POLITICS ]

4
UNIT

ସପ୍ତମ ଅଧ୍ୟାୟ

## ଭାରତର ବୈଦେଶିକ ନୀତି
## [ INDIAN FOREIGN POLICY ]

ମୌଳିକ ବୈଶିଷ୍ଟ୍ୟ, ପଡୋଶୀ ରାଷ୍ଟ୍ର ସହିତ ଭାରତର ସଂପର୍କ–ଚୀନ ଓ ପାକିସ୍ତାନ

**Basic Features, India and its Neighbours–China and Pakistan**

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

ପ୍ର.୧. ଭାରତର ବୈଦେଶିକ ନୀତିର ବୈଶିଷ୍ଟ୍ୟମାନ ଆଲୋଚନା କର ।

**(Explain salient features of the India's Foreign Policy. )**

ଉ. ଭାରତ ସମ୍ବିଧାନ ପୃଥିବୀର ଏକମାତ୍ର ସମ୍ବିଧାନ ଯାହା ଦେଶର ବୈଦେଶିକ ନୀତି ନିର୍ଦ୍ଧାରଣ କରିବାପାଇଁ ସାମ୍ବିଧାନିକ ବ୍ୟବସ୍ଥା କରିଛି । ସମ୍ବିଧାନର ୫୧ ଧାରାରେ କୁହାଯାଇଛି ଯେ, (କ) ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷାର ଉନ୍ନତି, (ଖ) ଦେଶ ଦେଶ ମଧ୍ୟରେ ନ୍ୟାୟପୂର୍ଣ୍ଣ ଓ ସମ୍ମାନଜନକ ସମ୍ପର୍କ ରକ୍ଷା (ଗ) ଆନ୍ତର୍ଜାତିକ ଆଇନ ଓ ଚୁକ୍ତିକୁ ସମ୍ମାନ ପ୍ରଦର୍ଶନ ଓ (ଘ) ମଧ୍ୟସ୍ଥତା ମାଧ୍ୟମରେ ଆନ୍ତଃରାଷ୍ଟ୍ରୀୟ ବିବାଦଗୁଡ଼ିକୁ ସମାଧାନ କରିବାପାଇଁ ଯଥାଯଥ ଉଦ୍ୟମ କରିବା, ସମ୍ବିଧାନର ଏହି ବ୍ୟବସ୍ଥା ଭାରତୀୟ ବୈଦେଶିକ ନୀତିର ଦିଗ୍‌ଦର୍ଶକ । ଆମଦେଶରେ ଅନୁସୃତ ବୈଦେଶିକ ନୀତିରେ ମୁଖ୍ୟ ବୈଶିଷ୍ଟ୍ୟ ଏହାଦ୍ୱାରା ପ୍ରଭାବିତ । ବୈଶିଷ୍ଟ୍ୟଗୁଡ଼ିକ ହେଲା–

## (୧) ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା :

### (Maintenance of International Peace and Security)

ଆନ୍ତର୍ଜାତିକ ସ୍ତରରେ ଶାନ୍ତି ଓ ନିରାପତ୍ତାକୁ ସୁଦୃଢ଼ କରିବା ଭାରତୀୟ ବୈଦେଶିକ ନୀତିର ପ୍ରଧାନ ଉଦ୍ଦେଶ୍ୟ । ଭାରତ ବିଶ୍ୱଶାନ୍ତି ଏବଂ ନିରସ୍ତ୍ରୀକରଣରେ ପୂର୍ଣ୍ଣ ବିଶ୍ୱାସ କରେ । ଆଣବିକ ଯୁଦ୍ଧର ଭୟାବହତା ଦୃଷ୍ଟିରୁ ପ୍ରତ୍ୟେକ ରାଷ୍ଟ୍ର ଅଣୁ ଅସ୍ତ୍ର (Nuclear Weapons) ଉତ୍ପାଦନରୁ ନିବୃତ୍ତ ରହିବାକୁ ଭାରତ ସର୍ବଦା ନିବେଦନ କରିଆସୁଛି । ବିଶ୍ୱଶାନ୍ତି ବ୍ୟାହତ ହେଲେ ପ୍ରତ୍ୟେକ ରାଷ୍ଟ୍ରର ଆଭ୍ୟନ୍ତରୀଣ ସ୍ଥିତି ମଧ୍ୟ ଦୁର୍ବଳ ହେବ, ଆର୍ଥିକ ପ୍ରଗତି ବାଧାପ୍ରାପ୍ତ ହେବ ଓ ମାନସିକ ଭାରସାମ୍ୟ ନଷ୍ଟ ହେବ । ଆନ୍ତର୍ଜାତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରୁଥିବା ସମସ୍ତ ସାମରିକ ମେଣ୍ଟ ଓ ଚୁକ୍ତିକୁ ଭାଙ୍ଗିଦେବା ପାଇଁ ଭାରତ ଇଚ୍ଛା କରେ । ବୃହତ୍ ଶକ୍ତିମାନଙ୍କ ମଧ୍ୟରେ ଅସ୍ତ୍ରଶସ୍ତ୍ରଜନିତ ପ୍ରତିଯୋଗିତାକୁ ଏଡ଼ାଇ ସେମାନଙ୍କୁ ଶିଖର ସମ୍ମିଳନୀରେ ମିଳିତ ହେବାକୁ ଭାରତ ବହୁବାର ଉଦ୍ୟମ କରିଛି ।

## (୨) ସାମ୍ରାଜ୍ୟବାଦର ବିରୋଧ (Anti Imperialism)

ବ୍ରିଟିଶ ଉପନିବେଶବାଦ ଓ ସାମ୍ରାଜ୍ୟବାଦକୁ ବିରୋଧ କରି ଭାରତ ନିଜର ସ୍ୱାଧୀନତା ହାସଲ କରିଛି । ସାମ୍ରାଜ୍ୟବାଦ ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଏକ ମୁଖ୍ୟ ପ୍ରତିବନ୍ଧକ । ଏହା ବିରୁଦ୍ଧରେ ଭାରତ ସ୍ୱର ଉତ୍ତୋଳନ କରିଆସିଛି । ଆଲଜେରିଆ, ୟେମେନ, ରୋଡ଼େସିଆ, ମୋଜାମ୍ବିକ୍, ନାମାମ୍ବିଆ, ଇଣ୍ଡୋନେସିଆ, ଇଣ୍ଡୋଚୀନ, ଆଫ୍ରିକା ଓ ଲାଟିନ୍ ଆମେରିକାରେ ଉପନିବେଶବାଦ ଲୋପ କରିବାପାଇଁ ଭାରତ ସବୁପ୍ରକାର ସାହାଯ୍ୟ ସମର୍ଥନ ଯୋଗାଇଛି । ଆରାଫତଙ୍କ ନେତୃତ୍ୱରେ ପରିଚାଳିତ ପାଲେଷ୍ଟାଇନ୍ ମୁକ୍ତି ଆନ୍ଦୋଳନର ଭାରତ ଏକ ମୁଖ୍ୟ ପ୍ରବକ୍ତା ।

## (୩) ବର୍ଣ୍ଣବୈଷମ୍ୟ ବିରୋଧ (Anti-Racialism) :

ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ରାଷ୍ଟ୍ରର ଗଠନ ଓ ଶାସନ ସପକ୍ଷରେ ଭାରତ ମତପ୍ରକାଶ କରେ । ପୃଥିବୀର କେତେକ ପ୍ରାନ୍ତରେ ପ୍ରଚଳିତ ଥିବା ବର୍ଣ୍ଣବୈଷମ୍ୟ ନୀତିକୁ ଭାରତ ନିନ୍ଦା କରିଆସୁଛି । ଦକ୍ଷିଣ ଆଫ୍ରିକାରେ ବୋଥା ସରକାରଙ୍କ ବର୍ଣ୍ଣବୈଷମ୍ୟ ନୀତି (Apartheid Policy) ବିରୁଦ୍ଧରେ ଭାରତର ମତ ସ୍ପଷ୍ଟ ଥିଲା । କଳାଲୋକମାନଙ୍କ ଉପରେ ଗୋରାଲୋକମାନଙ୍କ ଅତ୍ୟାଚାର ଭାରତପକ୍ଷେ ଅସହ୍ୟ ହୋଇଥିଲା । ଏଣୁ ଦକ୍ଷିଣ ଆଫ୍ରିକା ସରକାରଙ୍କ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିବା ସଙ୍ଗେ ସଙ୍ଗେ ଅନ୍ୟ ରାଷ୍ଟ୍ରମାନେ ଅନୁରୂପ ପଦକ୍ଷେପ ନେବାକୁ ଭାରତ ନିବେଦନ କରିଥିଲା । ଭାରତର ଆହ୍ୱାନରେ ଅନେକ ରାଷ୍ଟ୍ର ଦକ୍ଷିଣ ଆଫ୍ରିକା ବିରୁଦ୍ଧରେ ଅର୍ଥନୀତିକ ବାସନ୍ଦ ବ୍ୟବସ୍ଥା ଗ୍ରହଣ କରିଥିଲେ ।

## (୪) ଆନ୍ତର୍ଜାତିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ :

### (Peaceful Settlement of International Disputes)

ଆନ୍ତର୍ଜାତିକ ବିବାଦର ଶାନ୍ତିପୂର୍ଣ୍ଣ ରାଜନୀତିକ ସମାଧାନ ଭାରତର କାମ୍ୟ । କୌଣସି ରାଷ୍ଟ୍ରର ଅନ୍ୟ ରାଷ୍ଟ୍ର ସହିତ ଦ୍ୱନ୍ଦ୍ୱ ଉପୁଜିଲେ ତାହା ଯୁଦ୍ଧ ପରିବର୍ତ୍ତେ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହେବା ଉଚିତ । ଆବଶ୍ୟକ ହେଲେ ଅନ୍ୟ ଏକ ତୃତୀୟ ରାଷ୍ଟ୍ର ବା ସଙ୍ଗଠନ ଏଥିରେ ମଧ୍ୟସ୍ଥତା କରିବା ଉଚିତ । ଦ୍ୱିପାକ୍ଷିକ, ବହୁପାକ୍ଷିକ ମତାନ୍ତର ମନାନ୍ତରକୁ ଶିଖର ସମ୍ମିଳନୀ ବା ଆଲୋଚନା ମାଧ୍ୟମରେ ସମାଧାନ କରିଦେବା ଭାରତୀୟ ବୈଦେଶିକ ନୀତିର ଅନ୍ୟ ଏକ ଅଙ୍ଗ । ଆନ୍ତର୍ଜାତିକ ବିବାଦର ସମାଧାନ ପାଇଁ ଜାତିସଂଘ ଉପରେ ନିର୍ଭର କରିବାକୁ ଭାରତ ପ୍ରତ୍ୟେକ ରାଷ୍ଟ୍ରକୁ ନିବେଦନ କରିଛି । ଜାତିସଂଘ ଦ୍ୱାରା ପ୍ରବର୍ତ୍ତିତ ଶାନ୍ତି ରକ୍ଷାକାରୀ କାର୍ଯ୍ୟକ୍ରମ ସଫଳତା ପାଇଁ ଭାରତ ନୈତିକ ଓ ବୈଷୟିକ ସାହାଯ୍ୟ ଦେଇଆସିଛି । ଏହି ପ୍ରସଙ୍ଗରେ ସୁଏଜ୍ କେନାଲ ଓ କଙ୍ଗୋ ସମସ୍ୟାର ସମାଧାନ ଉଲ୍ଲେଖଯୋଗ୍ୟ ।

## (୫) ଶାନ୍ତିପୂର୍ଣ୍ଣ ସହାବସ୍ଥାନ (Peaceful Co-existence) :

ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଭାରତର ସମଗ୍ର ବୈଦେଶିକ ନୀତିକୁ ପ୍ରଭାବିତ କରିଛି । ଆନ୍ତର୍ଜାତିକ ବ୍ୟାପାର ପ୍ରତି ଏହା ପ୍ରକୃତରେ ଏକ ଗଣତାନ୍ତ୍ରିକ ଦୃଷ୍ଟିଭଙ୍ଗୀ । ବସୁଧୈବ କୁଟୁମ୍ବକମ୍ ଓ ସର୍ବେ ଭବନ୍ତୁ ସୁଖୀନଃ ଆଦର୍ଶ ଏଠାରେ ପ୍ରତିଫଳିତ

ହୋଇଛି । ଭାରତ ସହାବସ୍ଥାନ (Co-destruction)ର ବିକଳ୍ପରୂପେ ସହାବସ୍ଥାନ (Co-existence) ନୀତିକୁ ଆଦରି ନେଇଛି ।

ଭାରତ ଓ ଚୀନ ମଧ୍ୟରେ ଆନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ଏବଂ ଅନ୍ୟାନ୍ୟ ସମ୍ପର୍କ ପାଇଁ ୧୯୫୪ ମସିହା ଏପ୍ରିଲ ୨୯ ତାରିଖରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ମୁଖ୍ୟତଃ ପାଞ୍ଚଗୋଟି ସର୍ତ୍ତ ଉପରେ ପ୍ରତିଷ୍ଠିତ ।

(କ) ପ୍ରତ୍ୟେକ ରାଷ୍ଟ୍ରର ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ପାରସ୍ପରିକ ସମ୍ମାନ ପ୍ରଦର୍ଶନ (Mutual aspect for each others territorial integrity and sovereignty) ।

(ଖ) ପାରସ୍ପରିକ ଅନାକ୍ରମଣ (Mutual Non-Aggression) ।

(ଗ) ପରସ୍ପରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କାରଣ (Mutual non-inference in each affairs) ।

(ଘ) ସମାନତା ଓ ପାରସ୍ପରିକ ସୁବିଧା ହାସଲ (Equality and Mutual benefit) ।

(ଙ) ଶାନ୍ତିପୂର୍ଣ୍ଣ ସହାବସ୍ଥାନ (Peaceful co-existence) । ଏହାକୁ ପଞ୍ଚଶୀଳ ନୀତି କୁହାଯାଏ ।

ପରବର୍ତ୍ତୀ ସମୟରେ ୧୯୫୫ ମସିହାରେ ଅନୁଷ୍ଠିତ ବାନ୍ଦୁଙ୍ଗ ସମ୍ମିଳନୀରେ ପଞ୍ଚଶୀଳ ନୀତିକୁ ଗ୍ରହଣ କରାଗଲା ଏବଂ ଏହା ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଯେ ଅନନ୍ୟ ସାଧାରଣ ଭୂମିକା ଗ୍ରହଣ କରିବ ତାହା ସ୍ୱୀକୃତ ହେଲା । ସୋଭିଏତ୍ ଋଷ, ଇଣ୍ଡୋନେସିଆ, ପୋଲାଣ୍ଡ, ଲାଓସ୍, ବର୍ମା, ଯୁଗୋସ୍ଲୋଭିଆ, ଭିଏତନାମ, ଆଫଗାନିସ୍ଥାନ ପ୍ରଭୃତି ରାଷ୍ଟ୍ର ପଞ୍ଚଶୀଳ ନୀତିକୁ ଆନ୍ତର୍ଜାତିକ ସମ୍ପର୍କ ବିକାଶ କ୍ଷେତ୍ରରେ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ । ଆମେରିକା, ଋଷ ଓ ଆମେରିକା, ଚୀନ ମଧ୍ୟରେ ସମ୍ପର୍କ ବୃଦ୍ଧି ଏହି ପଞ୍ଚଶୀଳ ନୀତି ଦ୍ୱାରା ହିଁ ସମ୍ଭବ ହୋଇଛି । ଏହା ଫଳରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଭୟ, ଘୃଣା ଓ ଆକ୍ରମଣର ସମ୍ଭାବନା ଏଡ଼ାଇ ଦିଆଯାଇ ସେମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇପାରୁଛି ।

**(ଌ) ଗୋଷ୍ଠୀ ନିରପେକ୍ଷତା (Non-Alignment) :**

ଗୋଷ୍ଠୀ ନିରପେକ୍ଷତା ଭାରତୀୟ ବୈଦେଶିକ ନୀତିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । କୌଣସି ରାଷ୍ଟ୍ର ବା ରାଷ୍ଟ୍ରଗୋଷ୍ଠୀ ରାଜନୀତିକ ଓ ସାମରିକ କାର୍ଯ୍ୟକଳାପ ସହିତ ନିଜକୁ ସମ୍ପୃକ୍ତ ନକରି ନିଜର ବିବେକ ଓ ସ୍ୱାଧୀନତା ବଜାୟ ରଖିବା ହେଉଛି ଗୋଷ୍ଠୀ ନିରପେକ୍ଷତା । ସୋଭିଏତ୍ ଋଷ ଏବଂ ଆମେରିକା ନେତୃତ୍ୱରେ ପରିଚାଳିତ ଦୁଇଟି ବିବାଦମାନ ଗୋଷ୍ଠୀ ପୃଥିବୀରେ ନିଜ ନିଜର ଶକ୍ତି ବୃଦ୍ଧି କରିବାକୁ ଚାହୁଁଥିଲେ ମଧ୍ୟ ଭାରତ ସାବଧାନତା ଓ ଚତୁରତା ସହ ନିଜକୁ କୌଣସି ଗୋଷ୍ଠୀ ସହିତ ସାମିଲ କରି ନାହିଁ । ଅପର ପକ୍ଷରେ ସୋଭିଏତ୍ ଋଷ ଓ ଆମେରିକା ସହିତ ନିବିଡ଼ ସମ୍ପର୍କ ରକ୍ଷାକରି ବିଭିନ୍ନ ପ୍ରକାର ସାହାଯ୍ୟ ପାଉଆସୁଅଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଏବଂ ଋଷ ମଧ୍ୟରେ ଏକ ଶୀତଳ ଯୁଦ୍ଧ ଚାଲିଛି । କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ ଏକ ଗୋଷ୍ଠୀ ଗଠନ କରିବାପାଇଁ ୧୯୪୯ରେ ଉତ୍ତର ଆଟଲାଣ୍ଟିକ ଚୁକ୍ତି ସଙ୍ଗଠନ (NATO), ୧୯୫୪ ଦକ୍ଷିଣ ପୂର୍ବ ଏସିଆ ଚୁକ୍ତି ସଙ୍ଗଠନ (SEATO) ଓ ୧୯୫୫ ମସିହାରେ କେନ୍ଦ୍ରୀୟ ଚୁକ୍ତି ସଙ୍ଗଠନ (CENTO) ସୃଷ୍ଟି ହେଲା । ଏହି ସଙ୍ଗଠନଗୁଡ଼ିକ ବିରୁଦ୍ଧରେ କମ୍ୟୁନିଷ୍ଟ ରାଷ୍ଟ୍ରମାନେ ୧୯୫୫ ମସିହାରେ ୱାର୍ସମେଣ୍ଟ (WARSAWPACT) ଗଠନ କଲେ । ଭାରତ କୌଣସି ମେଣ୍ଟରେ ଯୋଗ ଦେଇନାହିଁ । ୧୯୪୯ ମସିହାରେ ଚୀନ୍‌ରେ କମ୍ୟୁନିଷ୍ଟ ଶାସନ ପ୍ରବର୍ତ୍ତିତ ହେବାରୁ ଭାରତ ଏକ ଅସୁବିଧାଜନକ ପରିସ୍ଥିତିର ସମ୍ମୁଖୀନ ହେଲା । ପାଶ୍ଚାତ୍ୟ ରାଷ୍ଟ୍ରର ସାହାଯ୍ୟକୁ ପ୍ରତ୍ୟାଖ୍ୟାନ କରିବା ଭାରତ ପକ୍ଷେ ଯେପରି ଅସମ୍ଭବ ଏବଂ ଚୀନ ପରି ପଡ଼ୋଶୀ ରାଷ୍ଟ୍ରକୁ ଅବଜ୍ଞା କରିବା ସେହିପରି ବିପଜ୍ଜନକ ମନେହେଲା । ଏହି କାରଣରୁ ହିଁ ଭାରତ ନିରପେକ୍ଷ ରହିବାକୁ ବାଧହେଲା । ନିଜେ ନିରପେକ୍ଷ ରହି ପୃଥିବୀରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (Non-Aligned Movement)ର ଆହ୍ୱାନ ଭାରତ ଦେଲା । ଏହି ଆନ୍ଦୋଳନରେ ବର୍ତ୍ତମାନ ସୁଦ୍ଧା ୧୧୯ଟି ରାଷ୍ଟ୍ର ଯୋଗଦେବା ଦ୍ୱାରା ଗୋଷ୍ଠୀ ନିରପେକ୍ଷତା ଜନପ୍ରିୟ ହେଉଥିବାର ପ୍ରମାଣ ମିଳୁଛି । ଏହାଦ୍ୱାରା ଭାରତର ସମ୍ମାନ ମଧ୍ୟ ବୃଦ୍ଧି ପାଇଛି ।

**(୭) ଆର୍ଥିକ ଅଭୀପ୍ସା (Economic Desire) :**

ସ୍ୱାଧୀନତା ପରେ ଭାରତର ଆର୍ଥନୀତି କ୍ଷେତ୍ରରେ ନିଜକୁ ଅସହାୟ ମନେ କରୁଥିଲା । ଇଂରେଜମାନଙ୍କ ଶୋଷଣ ଭାରତର ଆର୍ଥନୀତିକୁ ଦୁର୍ବଳ କରିଦେଇଥିଲା । ଦେଶର ଶାସକ ବର୍ଗଙ୍କ ସମ୍ମୁଖରେ ପ୍ରଥମ କର୍ତ୍ତବ୍ୟ ଥିଲା ଭାରତର ଆର୍ଥନୀତିକ ପୁନର୍ଗଠନ । ଅନୁନ୍ନତ ଅବସ୍ଥାରୁ ଉନ୍ନତିର ଚରମ ପର୍ଯ୍ୟାୟରେ ପହଞ୍ଚିବା ପାଇଁ ଭାରତର ଅଭୀପ୍ସା ଥିଲା । ଏହି ସ୍ୱପ୍ନକୁ ସାର୍ଥକ କରିବାପାଇଁ ବୈଦେଶିକ ସାହାଯ୍ୟର ଆବଶ୍ୟକତା ଅନୁଭୂତ ହୋଇଥିଲା । ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହିତ ନିଜକୁ ବାଣିଜ୍ୟିକ ସୂତ୍ରରେ ଆବଦ୍ଧ ରଖିବାକୁ ଓ ଅର୍ଥ, ଯନ୍ତ୍ରପାତି ଏବଂ କାରିଗରୀ କୌଶଳ ଆକାରରେ ବୈଦେଶିକ ସାହାଯ୍ୟ ଆଣିବାକୁ ଭାରତ ବାଧହେଲା । ନିଜର ଅର୍ଥନୀତିକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ବିକାଶଶୀଳ ରାଷ୍ଟ୍ରମାନଙ୍କଠାରୁ ଅନୁନ୍ନତ ରାଷ୍ଟ୍ରମାନେ ଯେ ସାହାଯ୍ୟ ପାଇବା ଉଚିତ ତାହା ଭାରତ ଉଚ୍ଚ ସ୍ୱରରେ ଦାବୀକଲା । ଅନୁନ୍ନତ ରାଷ୍ଟ୍ରମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାପାଇଁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କ ଭଳି ଅନୁଷ୍ଠାନ ସୃଷ୍ଟି କରିବାରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

**ଶେଷକଥା (Conclusion) :**

ବିପଦର କଷଟିପଥରରେ ଘଷି ହୋଇ ଭାରତର ବୈଦେଶିକ ନୀତି ତା'ର ସଫଳତା ପ୍ରମାଣ କରିଛି । ୧୯୪୮ ମସିହାରେ କାଶ୍ମୀର ଉପରେ ପାକିସ୍ଥାନର ଆକ୍ରମଣ, ୧୯୬୨ରେ ଚୀନ୍ ଓ ଭାରତ ସଂଘର୍ଷ, ୧୯୬୫ରେ ଭାରତ ଉପରେ ପାକିସ୍ଥାନର ଆକ୍ରମଣ ଓ ୧୯୭୧ରେ ବଙ୍ଗଳାଦେଶ ମୁକ୍ତି ସଂଗ୍ରାମ ସମୟରେ ଭାରତ ବିଭିନ୍ନ ରାଷ୍ଟ୍ର ନିକଟରୁ ସାହାଯ୍ୟ ଏବଂ ସହଯୋଗ ପାଇଛି । ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କରେ ନେତୃତ୍ୱ ଗ୍ରହଣ କରି ଆନ୍ତର୍ଜାତିକ କ୍ଷେତ୍ରରେ ଭାରତ ଏକ ମର୍ଯ୍ୟାଦାପୂର୍ଣ୍ଣ ଆସନର ଅଧିକାରୀ ହୋଇପାରିଛି । ଏସିଆ ମହାଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ଦାନ ମଧ କମ୍ ନୁହେଁ । ଭାରତ, ପାକିସ୍ଥାନ, ନେପାଳ, ଭୂଟାନ, ଶ୍ରୀଲଙ୍କା, ବଙ୍ଗଳାଦେଶ ଓ ମାଲାଡ଼ିଭ ସମେତ ୭ଟି ରାଷ୍ଟ୍ର ବିଶିଷ୍ଟ ଦକ୍ଷିଣ ଏସିଆ ଆଞ୍ଚଳିକ ସଂଯୋଗ ସମିତି (South Asian Association for Regional Co-operation)ର ଭାରତ ହେଉଛି ବସ୍ତୁତଃ ଜନ୍ମଦାତା । ୧୯୮୬ ମସିହା ଅକ୍ଟୋବର ପହିଲା ଦିନ ନୂଆଦିଲ୍ଲୀଠାରେ ଗଠିତ ଏହି ଅନୁଷ୍ଠାନ ଆଞ୍ଚଳିକ ସହଯୋଗ ପ୍ରତିଷ୍ଠା ଦିଗରେ ଭାରତର ଆନ୍ତରିକତାର ଏକ ନିଦର୍ଶନ । ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହିତ ସୁସମ୍ପର୍କ ପ୍ରତିଷ୍ଠା କରିବା ଭାରତର ଲକ୍ଷ୍ୟ । ଏହି ଉଦ୍ଦେଶ୍ୟରେ ଶ୍ରୀଲଙ୍କାର ଜାତିଗତ ସମସ୍ୟାର ସମାଧାନ ଦିଗରେ ଭାରତ-ଶ୍ରୀଲଙ୍କା ରାଜିନାମା (Indo Sri Lanka Accord) ଏକ ବଳିଷ୍ଠ ପଦକ୍ଷେପ । ଭାରତୀୟ ଉପମହାଦେଶରେ ଶାନ୍ତି ଓ ସ୍ଥିରତା ରକ୍ଷା କରିବାପାଇଁ ପାକିସ୍ଥାନ ଏବଂ ବଙ୍ଗଳାଦେଶକୁ ଭାରତ ଅନେକଗୁଡ଼ିଏ ଗଠନମୂଳକ ପ୍ରସ୍ତାବ ଦେଇଛି ଓ ପାକିସ୍ଥାନ ସହ ସ୍ୱାକ୍ଷର କରିଥିବା ସମସ୍ତ ଚୁକ୍ତିକୁ ଆନ୍ତରିକତାର ସହିତ ପାଳନ କରୁଛି । ଭାରତ ପ୍ରତ୍ୟେକ ରାଷ୍ଟ୍ରକୁ ନିଜର ବନ୍ଧୁଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ, କୌଣସି ରାଷ୍ଟ୍ର ସହିତ ଶତ୍ରୁତା ଆଚରଣ କରିବା ତା'ର ଉଦ୍ଦେଶ୍ୟ ନୁହେଁ ।

**ପ୍ର.୨. ଭାରତ ସହିତ ପଡ଼ୋଶୀ ରାଷ୍ଟ୍ର ସହିତ ସଂପର୍କ ଆଲୋଚନା କର ।**
**(Explain India's Relationship with Neighbours.)**

**ଉ.** ପ୍ରତିବେଶୀ ରାଷ୍ଟ୍ରଗୁଡ଼ିକ ସହ ଭାରତ ସର୍ବଦା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବାକୁ ଗୁରୁତ୍ୱ ଦେଇ ଆସିଛି । ଦକ୍ଷିଣ ଏସିଆର ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସର୍ବଦା ଚେଷ୍ଟିତ। ଆମ ଦେଶକୁ ଘେରି ରହିଥିବା ରାଷ୍ଟ୍ରଗୁଡ଼ିକ ହେଲା ଆଫଗାନିସ୍ଥାନ, ବାଂଲାଦେଶ, ଭୂଟାନ୍, ମାଳଦ୍ୱୀପ, ମିଆଁମାର, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଆଫଗାନିସ୍ତାନକୁ ଭାରତ ମାନବୀୟ ସହଯୋଗ (humanitarian assistance) ଦେଉଛି ଓ ଏହାଛଡ଼ା ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଓ ଅନ୍ୟ ଉପଯୋଗୀ (amenities) ସଂସ୍ଥା ପ୍ରତିଷ୍ଠା ପାଇଁ ମଧ ସାହାଯ୍ୟ ଜାରି ରଖିଛି । ଆଫଗାନିସ୍ତାନର ଇସ୍‌ଲାମିକ୍ ମୌଳବାଦୀମାନେ ହିଂସା ଓ ଉପଦ୍ରବ ଜାରି ରଖିଥିବାରୁ ଭାରତ ପାଇଁ ଏହି ଦେଶ ସହ ସମ୍ପର୍କ ମୁଖ୍ୟତଃ ନିରାପତ୍ତା ଓ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ (strategic) ପୂରଣ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଭାରତକୁ ବାଂଲାଦେଶରୁ ନିୟମିତ ଭାବେ ଲୋକମାନେ ଦେଶାନ୍ତର (migration) ହେବା ଓ ନିଶାଦ୍ରବ୍ୟର ଚୋରାଚାଲାଣ ତଥା କେତକ ସଂନ୍ତ୍ରାସବାଦୀ ସଂଗଠନ ସେହି ଦେଶରେ ଆଡ୍ଡା ସ୍ଥାପନ କରି

ଭାରତରେ ଗଣ୍ଡଗୋଳ ସୃଷ୍ଟି କରୁଥିବାରୁ ଏହି ଦେଶସହ ଉତ୍ତମ ସଂପର୍କ ରକ୍ଷା ଆମ ପାଇଁ ବଡ଼ ଆହ୍ୱାନ । ୧୯୪୯ ମସିହାର Indo-Bhutan Treaty of Friendship ଅନୁଯାୟୀ ଭାରତ ଭୁଟାନ୍‌ର ବୈଦେଶିକ ସଂପର୍କ ରକ୍ଷା କ୍ଷେତ୍ରରେ ପରାମର୍ଶଦାତାର ଭୂମିକା ନିର୍ବାହ କରୁଛି । ଏହି ଦେଶ ସହ ଭାରତର ଉତ୍ତମ ବ୍ୟାବାସାୟିକ ସମ୍ପର୍କ ମଧ୍ୟ ରହିଛି । ଚୀନ୍ ଭାରତର ପଡ଼ୋଶୀ ଓ ଏକ ଶକ୍ତିଶାଳୀ ରାଷ୍ଟ୍ର । ଏହି ଦେଶ ସହ ଭାରତର ଅତୀତରେ ଯୁଦ୍ଧ ମଧ୍ୟ ହୋଇଛି । ସୀମା ବିବାଦ ହିଁ ଭାରତ ଓ ଚୀନ୍ ମଧ୍ୟରେ ବିବାଦର ପ୍ରମୁଖ କାରଣ । ଅରୁଣାଚଳ ପ୍ରଦେଶକୁ ଏବେ ମଧ୍ୟ ଚୀନ୍ ଭାରତର ଅଂଶ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ମାଳଦ୍ୱୀପ ସହ ଭାରତର ଉତ୍ତମ ସଂପର୍କ ରହି ଆସିଛି । ୧୯୮୮-୮୯ ମସିହାରେ ଭାରତୀୟ ନେଭି operation cactus ଦ୍ୱାରା ମାଳଦ୍ୱୀପରେ ସରକାରଙ୍କ ବିରୋଧି ସଶସ୍ତ୍ର ଆନ୍ଦୋଳନ (coup)କୁ ରୋକି ପାରିଥିଲା । ମିଆଁମାରରେ ଗଣତାନ୍ତ୍ରିକ ଆନ୍ଦୋଳନକୁ ଭାରତ ଦୀର୍ଘଦିନ ହେଲା ସମର୍ଥନ ଦେଇଆସୁଛି । ଏବେ ସେହି ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥାର ପୁନଃସ୍ଥାପନା ହୋଇଛି । ନେପାଳ ସହ ଭାରତର ସାଂସ୍କୃତିକ ଓ ଧାର୍ମୀକ ସଂପର୍କ ରହିଛି । ରାଜତନ୍ତ୍ରର ଉଚ୍ଛେଦ ହେବା ପରେ ନେପାଳରେ ମାଓବାଦୀମାନେ ପଡ଼ୋଶୀ ଚୀନ ଦେଶ ସହ ମଧ୍ୟ ଏବେ ଉତ୍ତମ ସଂପର୍କ ସ୍ଥାପନ କରିବାକୁ ଚାହୁଁଛନ୍ତି । ଭାରତର ଉତ୍ତରାଞ୍ଚଳକୁ ଲାଗିଥିବା ନେପାଳର ଦକ୍ଷିଣାଞ୍ଚଳରେ ସାମ୍ବିଧାନିକ ମର୍ଯ୍ୟାଦା ପାଇଁ ଭାରତରୁ ଯାଇ ସେଠାରେ ବସବାସ କରୁଥିବା ଅଧିବାସୀମାନେ ଆନ୍ଦୋଳନ ଜାରି ରଖିଛନ୍ତି । ଏହି ଆନ୍ଦୋଳନ ଯୋଗୁଁ ନେପାଳ ଓ ଭାରତ ସଂପର୍କରେ ଛିଟା ପଡ଼ିଛି । ପଡ଼ୋଶୀ ଦେଶ ପାକିସ୍ତାନ ସହ ଭାରତର ସଂପର୍କ ସର୍ବଦା ଉତ୍‌ଥାନ ଓ ପତନ ଦେଇ ଗତି କରୁଛି । ଜାମ୍ମୁ ଓ କାଶ୍ମୀର ରାଜ୍ୟକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଦେଶ ସ୍ୱାଧିନତା ପାଇବା ପର ଠାରୁ ଲାଗି ରହିଛି । ଭାରତ ସର୍ବଦା ଅଭିଯୋଗ କରିଆସୁଛି ଯେ ପାକିସ୍ତାନର ସନ୍ତ୍ରାସବାଦୀମାନଙ୍କୁ ଜରିଆରେ ଭାରତର ଆଭ୍ୟନ୍ତରୀଣ ନିରାପତ୍ତାକୁ ବିପନ୍ନ କରୁଛି । ଶ୍ରୀଲଙ୍କା ସହ ଭାରତର ସଂପର୍କ ସାମୁଦ୍ରିକ ସୀମା ଓ ତାମିଲ୍ ସମସ୍ୟା ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସିଛି । LTTE ନାମକ ଏକ ତାମିଲ ବିଚ୍ଛିନ୍ନତାବାଦୀ ସଂଗଠନର ଦମନ ପାଇଁ ଭାରତର ୧୯୮୭ ମସିହାରେ ଶ୍ରୀଲଙ୍କାକୁ PKF (Indian Peace Keeping Force) ପ୍ରେରଣ କରିଥିଲା । LTTE ର ମୂଳପୋଛ ହେବା ଓ ନରୱେ ସରକାରଙ୍କ ମଧ୍ୟସ୍ଥତାରେ ତାମିଲ୍‌ମାନଙ୍କ ସହ କଥାବାର୍ତ୍ତା କରି ସଫଳତା ପାଇବା ପରେ ଶ୍ରୀଲଙ୍କା ସହ ଭାରତର ସଂପର୍କ ସ୍ୱଭାବିକତା ଦିଗରେ ଗତିକରୁଛି ।

ପଡ଼ୋଶୀ ଦେଶଗୁଡ଼ିକ ସହ ଭାରତର ସଂପର୍କ ମୁଖ୍ୟତଃ ନିମ୍ନ ବର୍ଣ୍ଣିତ ଦୃଷ୍ଟିକୋଣଗୁଡ଼ିକ ଦ୍ୱାରା ପ୍ରଭାବିତ ।

(କ) ଭାରତ ସର୍ବଦା ପଡ଼ୋଶୀ ଦେଶଗୁଡ଼ିକ ସହ ଗଠନ ମୂଳକସମ୍ପର୍କ ରଖିବାକୁ ଚାହେଁ । ହିଂସାତ୍ମକ ଭାବେ ପ୍ରତିରୋଧ ଓ ମୁକାବିଲା ସମସ୍ୟାକୁ ବିଗାଡ଼ି ଦେବ ବୋଲି ଭାରତର ବିଶ୍ୱାସ ।

(ଖ) ପଡ଼ୋଶୀ ଦେଶଗୁଡ଼ିକର ଆଭ୍ୟନ୍ତରୀଣ ଘଟଣାଳବୀରେ ଭାରତ ମୁଣ୍ଡପୁରାଇବାକୁ ଉଚିତ୍ ମଣେ ନାହିଁ । ମାତ୍ର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ପଡ଼ୋଶୀ ଦେଶର ଭାରତ ହସ୍ତକ୍ଷେପକୁ ସମର୍ଥନ କରେ ।

(ଗ) ଭାରତ ପଡ଼ୋଶୀ ଦେଶଗୁଡ଼ିକରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ସପକ୍ଷରେ । ମାତ୍ର ପଡ଼ୋଶୀ ଦେଶର ଶାସନତନ୍ତ୍ର ଯେ କୌଣସି ପ୍ରକାର ଯେପରି ରାଜତନ୍ତ୍ର, ସାମରିକ ବା ସାମ୍ୟବାଦୀ ହେଲେ ମଧ୍ୟ ଭାରତ ଉତ୍ତମ ପଡ଼ୋଶୀ ସଂପର୍କ ସ୍ଥାପନ ପାଇଁ ଦ୍ୱିଧା ବ୍ୟକ୍ତ କରେ ନାହିଁ ।

(ଘ) ବର୍ତ୍ତମାନର ବିଶ୍ୱିକରଣ ଯୁଗରେ ବୈଦେଶିକ ନୀତି ଓ ଦେଶର ବିଦେଶ ଆର୍ଥୀକ ନୀତିର ଉଦ୍ଦେଶ୍ୟରେ କୌଣସି ପାର୍ଥକ୍ୟ ନାହିଁ ।. ଏଣୁ ଭାରତ ଦେଶର ସାମଗ୍ରୀକ ବିକାଶ ପାଇଁ ବାହ୍ୟ ବାତାବରଣକୁ ଅନୁକୂଳ ସାବ୍ୟସ୍ତ କରିବା ପାଇଁ ନିଜ ବୈଦେଶିକ ନୀତିରେ ବ୍ୟବସ୍ଥା କରିଛି ।

(ଙ) ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ଉତ୍ତମ ସଂପର୍କ ରକ୍ଷା ସହ ସେମାନେ ଭାରତର ବଂଧୁ ବୋଲି ପ୍ରତିପାଦିତ କରିବାକୁ ଆମ ଦେଶ ପଡ଼ୋଶୀ ରାଷ୍ଟ୍ର ମୁଖ୍ୟତଃ ନେପାଳ, ବାଂଲାଦେଶ ଓ ଭୂଟାନ୍‌କୁ ବିଭିନ୍ନ ପ୍ରକାର କାର୍ଯ୍ୟପାଇଁ ଅନୁଦାନ ଓ ସହଜ କିସ୍ତିର ଲୋନ୍ (soft loan) ଯୋଗାଇ ଦେଉଛି । ଏହି ଉତ୍ତମ ସଂପର୍କ (good will) କୁ ଆବଶ୍ୟକ ସ୍ଥଳେ ଆର୍ଥୀକ ଓ ରାଜନୀତିକ ଲାଭ ପାଇଁ ବ୍ୟବହାର କରିବା ଭାରତର ଉଦ୍ଦେଶ୍ୟ ।

(ଚ) ଭାରତ ଦକ୍ଷିଣ ଓ ଦକ୍ଷିଣପୂର୍ବ ଏସିଆର ରାଷ୍ଟ୍ରଗୁଡ଼ିକୁ ନେଇ ଆଞ୍ଚଳିକ ସ୍ତରର ସଂଗଠନ ଗଢ଼ି ବିଶ୍ୱ ରାଜନୀତିରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହେଁ । ସେଥିପାଇଁ SAARC (South Asian Association for Regional Co -operation), BIMSTEC (Bangladesh, India, Myanmar, Srilanka, Thailand Economic Co-operation) ଆଦି ସଂଗଠନ ଗଠନ ହେବା ପଛରେ ରହିଛି ଭାରତର ପ୍ରଚ୍ଛନ୍ନ ହାତ । ଚୀନ୍ ସହ ଭାରତର ସଂପର୍କ – ଚୀନ୍ – ଭାରତର ସଂପର୍କକୁ ସିନୋ-ଭାରତୀୟ ସଂପର୍କ ଓ ଇଣ୍ଡୋ-ଚୀନ୍ ସଂପର୍କ ମଧ୍ୟ କୁହାଯାଏ । ଏହି ସଂପର୍କକୁ ଅନ୍ୟ ଭାଷାରେ ଚୀନ୍ ଲୋକ ସାଧାରଣତନ୍ତ୍ର ଓ ଭାରତ ସାଧାରଣତନ୍ତ୍ର ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ କୁହାଯାଏ । ଚୀନ ଦେଶ ସହ ଭାରତର ୨୦୦୦ ବର୍ଷ ହେଲା ସଂପର୍କ ରହିଛି । ମାତ୍ର ୧୯୫୦ ମସିହାରେ ଭାରତ ତାଇୱାନକୁ ଚୀନ୍ ସାଧାରଣତନ୍ତ୍ର ଭାବେ ଅସ୍ୱୀକାର କରି ଚୀନ୍ ଲୋକ ସାଧାରଣତନ୍ତ୍ରକୁ ପ୍ରକୃତ ଚୀନ ରୂପେ ଗ୍ରହଣ କରିବା ପରେ ଦୁଇ ଦେଶ ମଧ୍ୟରେ ନୂତନ ସମ୍ପର୍କର ମୂଳଦୁଆ ପଡ଼ିଲା । ବର୍ତ୍ତମାନର ବିଶ୍ୱରେ ଉଭୟ ଚୀନ ଓ ଭାରତ ଦୁଇଟି ପ୍ରମୁଖ ଜନବହୁଳ ରାଷ୍ଟ୍ର ଓ ଏହି ଦୁଇ ରାଷ୍ଟ୍ର ମଧ୍ୟ ଆର୍ଥୀକ ଦୃଷ୍ଟିରୁ ଦ୍ରୁତ ଅଗ୍ରଗତି କରୁଛନ୍ତି । ଏଣୁ ଏସିଆ ମହାଦେଶର ଏହି ଦୁଇଟି ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ କୁଟନୈତିକ ଓ ଆର୍ଥୀକ ସମ୍ପର୍କ ସମଗ୍ର ବିଶ୍ୱପାଇଁ ଗୁରୁତ୍ୱପୂର୍ଣ୍ଣ ।

ବହୁ ପୁରାତନ ସମୟରୁ ଭାରତ ଓ ଚୀନ୍ ମଧ୍ୟରେ ସାଂସ୍କୃତିକ ଓ ଆର୍ଥୀକ ସଂପର୍କ ରହିଆସିଛି । ଜନ ମାନସରେ ଏବେ ବି ଉଜ୍ଜିବୀତ ଥିବା ରେଶମ ପଥ (silk road) କେବଳ ଭାରତ ଓ ଚୀନ୍ ମଧ୍ୟରେ ବ୍ୟବସାୟ ବାଣିଜ୍ୟକୁ ସୁଗମ କରିନଥିଲା । ଏଥିଯୋଗୁଁ ବୌଦ୍ଧଧର୍ମ ସାରା ଦକ୍ଷୀଣ ପୂର୍ବ ଏସିଆରେ ପ୍ରସାର ଓ ପ୍ରଚାର ଲାଭ କରିଥିଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଉଭୟ ଭାରତ ଓ ଚୀନ୍ ଜାପାନର ସାମ୍ରାଜ୍ୟ ବିସ୍ତାର ପ୍ରୟାସକୁ ଜବରଦସ୍ତ ଭାବେ ପ୍ରତିରୋଧ କରିଥିଲେ । ୧୯୫୪ ମସିହାରେ ଭାରତ ଓ ଚୀନ ମଧ୍ୟରେ ଚୁକ୍ତି ସମ୍ପାଦିତ ହେବା ସହ ପାରସ୍ପରିକ ସଂପର୍କ ରକ୍ଷା କ୍ଷେତ୍ରରେ ସେମାନେ "ପଞ୍ଚଶୀଳ" ନୀତିକୁ ଆପଣେଇବାକୁ ନିଷ୍ପତି ନିଆଯାଇଥିଲା ।

ବର୍ତ୍ତମାନ ଚୀନ ସହ ଭାରତର ସଂପର୍କ ମୁଖ୍ୟତଃ ସୀମା ବିବାଦ, ପାକିସ୍ତାନକୁ ଚୀନ୍‌ର ଆର୍ଥିକ, ସାମରିକ ଓ କୁଟନୈତିକ ସାହାଯ୍ୟ, ଅଧିକ ମାତ୍ରାରେ ଭାରତ ଆମେରିକା ସହିତ ସଂପର୍କ ସ୍ଥାପନ କରିବା ଆଦି ବିଷୟକୁ ନେଇ କେନ୍ଦ୍ରୀଭୂତ । ସୀମା କଥନ ଯୋଗୁଁ ୧୯୬୨ ମସିହା ଚୀନ୍ ସହ ଭାରତର ଯୁଦ୍ଧ ହୋଇଛି । ତେବେ ୧୯୮୦ ମସିହା ପରେ ଦୁଇ ଦେଶ ସଂପର୍କରେ ସୁଧାର ଆଣି ଆର୍ଥୀକ ଓ କୁଟନୈତିକ ସ୍ତରରେ ଅନେକ ଅଗ୍ରଗତି ଆଣିପାରିଛନ୍ତି । ୨୦୦୮ ମସିହାରେ ଚୀନ୍ ଭାରତର ସବୁଠାରୁ ବଡ଼ ବୈବସାୟିକ ସହଯୋଗୀ ରାଷ୍ଟ୍ରଭାବେ ମାନ୍ୟତା ପାଇଲା । ଏବେ ଏହି ଦୁଇରାଷ୍ଟ୍ର ମଧ୍ୟରେ ସାମରିକ ଓ ଉଦ୍ଦେଶ୍ୟ ଭିତ୍ତିକ ସଂପର୍କ ମଧ୍ୟ ସ୍ଥାପିତ ହୋଇଛି । ଏବେ ଏହି ଦୁଇରାଷ୍ଟ୍ର ମଧ୍ୟରେ ସାମରିକ ଓ ଉଦ୍ଦେଶ୍ୟ ଭିତ୍ତିକ (strategic) ସଂପର୍କ ମଧ୍ୟ ସ୍ଥାପିତ ହୋଇଛି ।

**ପ୍ର.୩. ପଡୋଶୀ ରାଷ୍ଟ୍ର ଚୀନ୍ ଓ ପାକିସ୍ତାନ ସହିତ ଭାରତର ସମ୍ପର୍କ ଆଲୋଚନା କର ।** IMP

**(Discuss the India's relationship with China and Pakistan.)**

**ଉ :** ଚୀନ ଓ ପାକିସ୍ତାନ ଭାରତର ଦୁଇଟି ପଡୋଶୀ ରାଷ୍ଟ୍ର। ବିଶ୍ୱର ଏକ ଶାନ୍ତିପୂର୍ଣ୍ଣ ରାଷ୍ଟ୍ର ରୂପେ ଭାବେ ଚୀନ ଓ ପାକିସ୍ତାନ ସହିତ ସମସ୍ତ ପଡୋଶୀ ରାଷ୍ଟ୍ରମାନଙ୍କ ସହିତ ଉତ୍ତମ ସମ୍ପର୍କ ରକ୍ଷା କରିବା ପାଇଁ ସର୍ବଦା ପ୍ରୟାସ କରିଅଛି। ଏହା ସତ୍ତ୍ୱେ, ଅନେକ ସମୟର ଭାରତ ଓ ପାକିସ୍ତା ଭାରତ-ଚୀନ ମଧ୍ୟର ମୁଖ୍ୟତଃ ସୀମା ବିବାଦକୁ ନେଇ ତିକ୍ତତା ଦେଖା ଦେଇଛି। ଏପରିକି ଚୀନ ଓ ଭାରତ ମଧ୍ୟରେ ଥରେ ଯୁଦ୍ଧ ଓ ପାକିସ୍ତାନ ଓ ଭାରତ ମଧ୍ୟରେ ଦୁଇ ଥର ଯୁଦ୍ଧ ହୋଇଛି। ୧୯୯୯ ମସିହା କାର୍ଗିଲ ଯୁଦ୍ଧ ଭାରତ-ପାକିସ୍ତାନର ତୃତୀୟ ଯୁଦ୍ଧ କହିଲେ ଭୁଲ୍ ହେବ ନାହିଁ। ଭାରତ ଓ ଚୀନ ଏବଂ ଭାରତ ଓ ପାକିସ୍ତାନ ସମ୍ପର୍କର କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା ନିମ୍ନରେ ବର୍ଣ୍ଣନା କରାଗଲା।

- ୧୯୪୭ ମସିହାରେ ଭାରତ ବିଭାଜିତ ହୋଇ ଭାରତ ଓ ପାକିସ୍ତାନ ନାମରେ ଦୁଇଟି ସାର୍ବଭୌମ ରାଷ୍ଟ୍ରରେ ପରିଣତ ହେଲା ।
- ସୀମା ବିବାଦ ଓ ସିନ୍ଧୁନଦୀ ଜଳବଣ୍ଟନକୁ ନେଇ ଉଭୟ ଦେଶ ମଧ୍ୟରେ ତିକ୍ତତା ଦେଖାଦେଲା ।

- ୧୯୬୦ ମସିହାରେ ସେପ୍ଟେମ୍ବର ମାସରେ ଭାବେ ଓ ପାକିସ୍ତାନ ମଧ୍ୟରେ ସିନ୍ଧୁ ନଦୀଜଳ ବଣ୍ଟନକୁ ନେଇ ରାଜିନାମା ସ୍ୱାକ୍ଷରିତ ।
- ୧୯୬୫ ମସିହାରେ ପାକିସ୍ତାନ ଭାରତ ଆକ୍ରମଣ ।
- ୧୯୬୬ ମସିହା ଜାନୁଆରୀ ୧୦ ତାରିଖରେ ଐତିହାସିକ ତାସ୍‌କେଣ୍ଟ ରାଜିନାମା ସ୍ୱାକ୍ଷରିତ ।
- ୧୯୭୧ ମସିହାରେ ପାକିସ୍ତାନର ଦଲାଲଙ୍କ ଦ୍ୱାରା ଭାରତର ବିମାନ ଅପହରଣ ଓ ଧ୍ୱଂସ ।
- ୧୯୭୧ ମସିହା ଭାରତ- ପାକିସ୍ତାନ ମଧ୍ୟରେ ପୁନର୍ବାର ଯୁଦ୍ଧ ।
- ୧୯୭୨ ମସିହା ଜୁଲାଇ ୨ ତାରିଖରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଜୁଲ୍ ଫିକର ଅଲ୍ଲି ଭୁଟ୍ଟୋ ମଧ୍ୟରେ ସିମଲା ରାଜିନାମା ସ୍ୱାକ୍ଷରିତ ।
- ଯୁଦ୍ଧବନ୍ଦୀମାନଙ୍କ ସମସ୍ୟାର ସମାଧାନ ପାଇଁ ୧୯୭୩ ମସିହାରେ ଭାରତ- ପାକିସ୍ତାନ ରାଜିନାମା ସ୍ୱାକ୍ଷରିତ ।
- ୧୯୭୪ ମସିହାରେ ଭାରତ, ପାକିସ୍ତାନ ଓ ବଙ୍ଗଳାଦେଶ ମଧ୍ୟରେ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ।
- ୧୯୯୦ ମସିହାରେ ପାକ୍- ସମର୍ଥିତ ଆତଙ୍କବାଦୀଙ୍କ କାଶ୍ମୀର ଆକ୍ରମଣ ।
- ୧୯୯୮ ମସିହା ଜାନୁଆରୀ ୧୫ ତାରିଖରେ ଭାରତ, ପାକିସ୍ତାନ ଓ ବଙ୍ଗଳାଦେଶ ମଧ୍ୟରେ ଢ଼ାକାରେ ତ୍ରିପାକ୍ଷିକ ସମ୍ମିଳନୀ ।
- ୧୯୯୮ ମସିହା ମେ ମାସ ୧୧-୧୩ ରେ ପ୍ରୋଖ୍ରାନ -୨ ଆଣବିକ ପରୀକ୍ଷାକୁ ନେଇ ପାକିସ୍ତାନର ପ୍ରତିକ୍ରିୟା ।
- ୧୯୯୯ ମସିହାରେ କାର୍ଗିଲଯୁଦ୍ଧ ।
- ୧୯୯୯ ଫେବୃଆରୀ ୩ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବସଯୋଗେ ଲାହୋର ଯାତ୍ରା, ଲାହୋର ଘୋଷଣା, ଶାନ୍ତି ଓ ସୁରକ୍ଷା ସମ୍ବନ୍ଧିତ ରାଜିନାମା ସ୍ୱାକ୍ଷରିତ ।
- ୨୦୧୬ ମସିହାରେ ସେପ୍ଟେମ୍ବର ମାସରେ ଅନୁପ୍ରବେଶକାରୀ ଦ୍ୱାରା କାଶ୍ମୀର ଉରୀ ସେନାବାହିନୀ ଛାଉଣୀ ଉପରେ ଆକ୍ରମଣ ୧୭ ଜଣ ଭାରତୀୟ ସୈନ୍ୟସହିଦ୍ । ପରବର୍ତ୍ତୀ ସମୟରେ ପାକ୍-ଅଧିକୃତ କାଶ୍ମୀରର ଆତଙ୍କବାଦୀ ଶିବିର ଉପରେ ଭାରତର 'ସର୍ଜିକାଲ ଷ୍ଟ୍ରାଇକ୍' ।
- ସମ୍ପ୍ରତି ଉଭୟ ଦେଶ ମଧ୍ୟରେ ସୈନ୍ୟବାହିନୀର ସଜାପାଇଁ ଯୁଦ୍ଧ ସମ୍ଭାବନା ସୃଷ୍ଟି ।

## (୨) ଭାରତ ଓ ଚୀନର ସମ୍ପର୍କ :

- ୧୯୬୨ ମସିହହା ପର୍ଯ୍ୟନ୍ତ ଭାରତ ଓ ଚୀନର ସମ୍ପର୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ।
- ୧୯୫୧ ଓ ୧୯୫୪ ମସିହାରେ ଭାରତ ଓ ଚୀନ ମଧ ତିବ୍‌ବତ ସମ୍ବନ୍ଧୀୟ ଏକ ରାଜିନାମା ସ୍ୱାକ୍ଷରିତ ।
- ୧୯୫୪ ମସିହାରେ ଭାରତ ଓ ଚୀନ ମଧ୍ୟରେ ଐତିହାସିକ ପଞ୍ଚଶୀଳ ରାଜିନାମା ସ୍ୱାକ୍ଷରିତ ।
- ୧୯୬୨ ମସିହାରେ ଚୀନର ଭାରତ ଆକ୍ରମଣ ଓ ଭାରତର ଉତ୍ତରପୂର୍ବ ସୀମାନ୍ତ ଅଞ୍ଚଳ ଓ ଲଦାଖ ଅଞ୍ଚଳରେ ୫୧,୦୦୦ ବର୍ଗମାଇଲ ଜାଗା ଦାବିକରି ଏହି ଆକ୍ରମଣ ଚୀନ କରିଥିଲା ।
- ଯୁଦ୍ଧପରେ ୧୯୬୨ ମସିହା ଏପ୍ରିଲ ମାସରେ ଭାରତ ଓ ଚୀନ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ।
- ୧୯୭୭ ମସିହାରେ ତିବ୍‌ବତୀୟଙ୍କ ସମସ୍ୟା ନେଇ ଭାରତ-ଚୀନ ମଧ୍ୟରେ ବିବାଦ ।
- ଦୀର୍ଘ ୩୪ ବର୍ଷପରେ ୧୯୮୯ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ଚୀନ ଗସ୍ତ ଓ ଏକ ମିଳିତ ବୈଠକରେ ସୀମା ବିବାଦର ସମାଧାନ ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆରମ୍ଭ ।
- ୧୯୯୧ ମସିହାରେ ଫେବୃଆରୀ ୧ ତାରିଖରେ ବେଜିଂଠାରେ ଉଭୟ ଦେଶର ବୈଦେଶିକ ମନ୍ତ୍ରୀଙ୍କ ସମ୍ମିଳନୀ ।

୧୯୬୨ ମସିହା ଯୁଦ୍ଧ ସମୟରୁ ବନ୍ଦ ଥିବା ବମ୍ବେ(ମୁମ୍ବାଇ)ଏବଂ ସାଙ୍ଗାଇଠାରେ ଉପଦେଷ୍ଟା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପୁନର୍ବାର କାର୍ଯ୍ୟକ୍ଷମ ।

- ୧୯୯୩ ମସିହା ସେପ୍ଟେମ୍ବର ୭ ତାରିଖରେ ଚୀନର ସର୍ବୋଚ୍ଚ ଶାସକ ଲିପେଙ୍ଗ ଓ ଭାରତୀ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ମଧ୍ୟରେ ବାସ୍ତବ ନିୟନ୍ତ୍ରଣ ରେଖା (LOC) ରେ ଶାନ୍ତି ଓ ନିରାପତ୍ତା ରକ୍ଷା ପାଇଁ ରାଜିନାମା ସ୍ୱାକ୍ଷରିତ ।
- ୧୯୯୫ ମାର୍ଚ୍ଚ ମାସ ୪ ତାରିଖରେ ନୂଆଦିଲ୍ଲୀଠାରେ ଭାରତ ଓ ଚୀନର ବିଶେଷଜ୍ଞ ଦଳ ନୂଆଦିଲ୍ଲୀଠାରେ ମିଳିତ ଓ ମାର୍ଚ୍ଚ ୫ ତାରିଖରେ ଚୀନର ପ୍ରଧାନମନ୍ତ୍ରୀ ଲିପଙ୍ଗେ ଭାରତ ସହିତ ସୁସଂପର୍କ ରକ୍ଷାପାଇଁ ଘୋଷଣା ।
- ୧୯୯୫ ମାର୍ଚ୍ଚ ମାସ ୪ ତାରିଖରେ ନୂଆଦିଲ୍ଲୀଠାରେ ଭାରତ ଓ ଚୀନର ବିଶେଷଜ୍ଞ ଦଳ ନୂଆଦିଲ୍ଲୀଠାରେ ମିଳିତ ଓ ମାର୍ଚ୍ଚ ୫ ତାରିଖରେ ଚୀନର ପ୍ରଧାନମନ୍ତ୍ରୀ ଲିପଙ୍ଗେ ସଂସଦରେ ଭାରତ ସହିତ ସୁସଂପର୍କ ରକ୍ଷା ପାଇଁ ଘୋଷଣା ।
- ୧୯୯୬ ମସିହା ନଭେମ୍ବର ୨୯ ତାରିଖରେ ସୀମାନ୍ତରେ ସୈନ୍ୟ ସଂଖ୍ୟା ହ୍ରାସ କରିବା ଏବଂ ଜଣେ ଅନ୍ୟ ଜଣଙ୍କ ଉପରେ ବଳପ୍ରୟୋଗ ନ କରିବା ପାଇଁ ସହମତି ପ୍ରକାଶ । ଉଭୟ ଦେଶ ମିଳିତ ସମରାଭ୍ୟାସ କରିବାକୁ ସହମତି ପ୍ରକାଶ ।
- ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ଭାରତର ପ୍ରୋଖ୍ରାନ-୨ ଆଣବିକ ପରୀକ୍ଷା ପରେ ଭାରତକୁ ଚୀନ୍‌ର କଡ଼ା ସମାଲୋଚନା ।
- ୧୯୯୮ ମସିହା ଜୁଲାଇ ମାସ ୧୭ ତାରିଖରେ ଅକ୍ଷାଇ ଚୀନ୍‌ର ଆପୋଷ ସମାଧାନ ହୋଇପାରିବ ନାହିଁ ବୋଲି ଚୀନ ସ୍ପଷ୍ଟ କରିଥିଲା ।
- ବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତ-ଚୀନ ଅବନୈତିକ ସଂପର୍କ ସୁଦୃଢ଼ ହୋଇଥିଲା ।
- ଅରୁଣାଚଳ ପ୍ରଦେଶରେ ଚୀନମାନଙ୍କର ଅନୁପ୍ରବେଶ ତଥା ସାମରିକ କାର୍ଯ୍ୟକଳାପ ଏବଂ ତାଓ୍ୱାଙ୍ଗ ନିକଟରେ ରାସ୍ତା ନିର୍ମାଣ ଏବଂ ସୀମାନ୍ତ ଅଞ୍ଚଳରେ ଚୀନ ବ୍ୟାପକ ସୈନ୍ୟ ଛାଉଣୀ ସଂପ୍ରତି ଭାରତ ଚୀନ ସଂପର୍କରେ ତିକ୍ତତା ସୃଷ୍ଟି କରିଛି ।

❑❑❑

অষ্টম অধ্যায়

# ଆନ୍ତର୍ଜାତିକ ସଂଗଠନମାନ
# [ INTERNATIONAL OGANIZATIONS ]

ମିଳିତ ଜାତିସଂଘ–ମୁଖ୍ୟ ବିଭାଗ, ସାଧାରଣ ସଭା, ନିରାପତ୍ତା ପରିଷଦ, ଆନ୍ତର୍ଜାତିକ ନ୍ୟାୟାଳୟ, ମିଳିତ ଜାତିସଂଘର ସଂସ୍କାର, ମିଳିତ ଜାତିସଂଘରେ ଭାରତର ସ୍ଥିତି, ଆନ୍ତର୍ଜାତିକ ଆର୍ଥିକ ସଂଗଠନ–ବିଶ୍ୱ ବ୍ୟାଙ୍କ ଏବଂ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ।

**United Nations – Major Ogans, General Assembly, Security Council, International Court of Justice, Reforms of the UN, India's Position in UN, International Economic Organisation, World Bank and IMF.**

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ମିଳିତ ଜାତିସଂଘର ଉତ୍ପତ୍ତି ଓ ଆଭିମୂଖ୍ୟ ଆଲୋଚନା କର ।**

**(Discuss the origin and objectives of United Nations.)**

**ଉ.** ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଧ୍ୱଂସକାରୀ ପରିଣାମ ବିଶ୍ୱର ବହୁ ଶକ୍ତିକୁ ଚେତାଇ ଦେଇଥିଲା ଯେ ପରସ୍ପର ମଧ୍ୟରେ ସହଯୋଗ, ମୈତ୍ରୀ ଓ ବିଶ୍ୱାସ ସ୍ଥାପନ ବିନା ପୃଥିବୀରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ଅସମ୍ଭବ । ସେଥିପାଇଁ ଏକ ବଳିଷ୍ଠ ଆନ୍ତର୍ଜାତିକ ସଂସ୍ଥାର ଗଠନ ଆବଶ୍ୟକ । ଅବଶ୍ୟ ପ୍ରଥମ ବିଶ୍ୱଯୁଦ୍ଧ ପରେ ସେହି ପ୍ରକାରର ଆଶଙ୍କା ପାଇଁ ଜାତିସଂଘ ନାମଦେଇ ଗୋଟିଏ ସଂସ୍ଥା ଗଠନ କରାଯାଇଥିଲା । ମାତ୍ର ତାହାର ଗଠନ ପ୍ରଣାଳୀରେ ବହୁ ଦୋଷ ଦୁର୍ବଳତା ଥିବାରୁ ଶାନ୍ତିରକ୍ଷା ଦିଗରେ ତାହା ସଫଳ ହୋଇ ପାରିନଥିଲା । ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଘଟିଥିଲା । ତେଣୁ ଏଥର ସେହିସବୁ ଦୋଷଦୁର୍ବଳତାଠାରୁ ମୁକ୍ତରଖି କେତେକ ରାଷ୍ଟ୍ରନେତା ଅନ୍ୟ ଏକ ସଂସ୍ଥା ଗଠନ କରିବା ପାଇଁ ଚିନ୍ତା କରିଥିଲେ । ଏ ଦିଗରେ ପ୍ରଥମେ ଚେଷ୍ଟା କରିଥିଲେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଫ୍ରାଙ୍କଲିନ ରୁଜଭେଲ୍ଟ ଓ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଉଇନ୍ଷ୍ଟନ ଚର୍ଚ୍ଚିଲ । ସେମାନେ ୧୯୪୧ ମସିହା ଅଗଷ୍ଟ ମାସରେ ଆଟଲାଣ୍ଟିକସ୍ଥିତ ନିଉଫାଉଣ୍ଡଲେଣ୍ଡଠାରେ ଏକ ଜାହାଜରେ ମିଳିତ ହୋଇଥିଲେ । ସେଠାରେ ସେମାନେ

ଗୋଟିଏ ଘୋଷଣାନାମା ପ୍ରକାଶ କରିଥିଲେ । ଏହା ଆଟଲାଣ୍ଟିକ ସନନ୍ଦ (Atlantic Charter) ରୂପେ କଥିତ । ସ୍ଥାୟୀ ନିରାପତ୍ତା ପାଇଁ ଗୋଟିଏ ବ୍ୟାପକ ସଂସ୍ଥା ଗଠନ ଥିଲା ଏହି ସନନ୍ଦର ସାରମର୍ମ । ତାପରେ ୧୯୪୩ ମସିହା ଡିସେମ୍ବର ମାସ ତେହେରାନଠାରେ ସେହି ଦୁଇ ରାଷ୍ଟ୍ରନାୟକଙ୍କ ସହ ସୋଭିଏତ ଋଷିଆର ରାଷ୍ଟ୍ରମୁଖ୍ୟ ଯୋଶେଫ ଷ୍ଟାଲିନ ଯୋଗଦେଇ ଏକ ଆନ୍ତର୍ଜାତିକ ସଂସ୍ଥା ଗଠନ କରିବା ପାଇଁ ବିଚାରବିମର୍ଷ କରିଥିଲେ । ସେହି ଅନୁସାରେ, ୧୯୪୪ ମସିହା ଅକ୍ଟୋବର ମାସରେ ଚୀନ୍, ସୋଭିଏତ ଋଷିଆ, ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ଦେଶମାନଙ୍କର ପ୍ରତିନିଧିମାନେ ୱାଶିଂଟନ ନଗରୀ ନିକଟସ୍ଥ ଡମ୍ବାରଟନ୍ ଓକ୍ ସମ୍ମିଳନୀରେ ମିଳିତ ହୋଇ ଏକ ସ୍ଥାୟୀ ବିଶ୍ୱସଂଗଠନ ପାଇଁ ଏକ ଚିଠା ପ୍ରସ୍ତୁତ କଲେ । ପୁନରାୟ ୧୯୪୫ ମସିହା ଫେବୃଆରୀ ୩ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ ଋଷିଆ ଓ ଇଂଲଣ୍ଡର ରାଷ୍ଟ୍ରମୁଖ୍ୟମାନେ ୟାଲଟାଠାରେ ମିଳିତ ହୋଇ ଜାତିସଂଘ ପରିବର୍ତ୍ତେ ଅନ୍ୟ ଏକ ନୂତନ ସଂସ୍ଥା ଗଠନ କରିବାର ନିଷ୍ପତ୍ତି ନେଇ ଅନ୍ୟ ଦେଶଙ୍କୁ ଆହ୍ୱାନ କରିଥିଲେ । ସେହି ବର୍ଷ ଏପ୍ରିଲମାସରେ ଆମେରିକାର ସାନଫ୍ରାନ୍‌ସିସ୍କୋଠାରେ ଏକ ସମ୍ମିଳନୀର ଆୟୋଜନ କରାଯାଇ ସେଠାରେ ୫୦ଟି ଦେଶର ପ୍ରତିନିଧି ଯୋଗ ଦେଇଥିଲେ । ସମ୍ମିଳନୀର ପ୍ରଥମ ଦିନରେ ଆମେରିକାର ରାଷ୍ଟ୍ରପତି ରୁଜଭେଲଟଙ୍କ ମୃତ୍ୟୁ ଘଟିଥିଲା ଓ ନୂତନ ରାଷ୍ଟ୍ରପତି ଟ୍ରୁମାନ ଏହି ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଘୋଷଣା କରିଥିଲେ, ‘‘ଆମେ ଯଦି ଯୁଦ୍ଧରେ ମିଳିତଭାବେ ମୃତ୍ୟୁବରଣ କରିବାକୁ ଚାହୁଁନାହୁଁ, ତେବେ ଆମେ ନିଶ୍ଚିତ ଶିକ୍ଷାଲାଭ କରିବାଯେ ଶାନ୍ତିରେ ଆମେ ସମସ୍ତେ କିପରି ବଞ୍ଚିପାରିବା ?’’ ଏହି ସମ୍ମିଳନୀ ଦୁଇମାସ ଧରି ଚାଲିଥିଲା । ୧୯୪୫ ମସିହା ଜୁନ୍ ୨୬ ତାରିଖ ଦିନ ଏହା ଏକ ଆନ୍ତର୍ଜାତିକ ସଂସ୍ଥାର ସନନ୍ଦ ପ୍ରସ୍ତୁତ କରିଥିଲା । ଶେଷରେ ୧୯୪୫ ମସିହା ଅକ୍ଟୋବର ୨୪ ତାରିଖ ଦିନ ସେହି ଆନ୍ତର୍ଜାତିକ ସଂସ୍ଥାଟି ଜନ୍ମ ନେଇଥିଲା । ଏହାକୁ କୁହାଗଲା ମିଳିତ ଜାତିସଂଘ । ଅଦ୍ୟାବଧି ସେହି ଦିନଟି ସମଗ୍ର ବିଶ୍ୱରେ ମିଳିତ ଜାତିସଂଘ ଦିବସ ରୂପେ ପାଳିତ ହୋଇଆସୁଛି । ଏହିପରି ଦେଖିବାକୁ ଗଲେ ମିଳିତ ଜାତିସଂଘ ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ସନ୍ତାନ ଓ ଜାତିସଂଘର ଉତ୍ତରାଧିକାରୀ ।

## ମିଳିତ ଜାତିସଂଘର ଆଭିମୁଖ୍ୟ

ଏକ ନୂତନ ଶାନ୍ତ ପୃଥିବୀ ପାଇଁ ଉଚ୍ଚ ଆଶା ଓ ଆକାଙ୍‌କ୍ଷା ନେଇ ମିଳିତ ଜାତିସଂଘ ଗଠନ କରାଯାଇ ଥିଲା । ପୂର୍ବର ଜାତିସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଯାହା ଥିଲା ମିଳିତ ଜାତିସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରାୟତଃ ସମାନ ଥିଲା । ସାନ୍‌ଫ୍ରାନ୍‌ସିସ୍କୋ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ଆମେରିକାର ରାଷ୍ଟ୍ରପତି ଟ୍ରୁମାନ୍ କହିଥିଲେ, ‘‘ଆପଣମାନେ ପୃଥିବୀର ଶାନ୍ତି ସୁରକ୍ଷା ତଥା ପ୍ରଗତି ପାଇଁ ଏକ ମହାନ୍ ସଂସ୍ଥା ସୃଷ୍ଟି କରିଛନ୍ତି । ବର୍ତ୍ତମାନ ସାରାବିଶ୍ୱ ଏହାର ସମୁଚିତ ବ୍ୟବହାର କରିବା ଆବଶ୍ୟକ ।’’ ମିଳିତ ଜାତିସଂଘର ଆଭିମୁଖ୍ୟ ମୁଖ୍ୟତଃ ନିମ୍ନୋକ୍ତ ଚାରିଗୋଟି ଥିଲା ।

(୧) ଆକ୍ରମଣ ଓ ଶାନ୍ତି ବ୍ୟାହତ ହେବାର ପଦକ୍ଷେପକୁ ପ୍ରତିରୋଧ କରି ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା ।

(୨) ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସହଯୋଗ, ସଦ୍‌ଭାବ ଓ ମୈତ୍ରୀ ବୃଦ୍ଧି ।

(୩) ନ୍ୟାୟ ଓ ଆନ୍ତର୍ଜାତିକ ଆଇନ ଉପରେ ଭିତ୍ତି କରି ଆନ୍ତର୍ଜାତିକ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ।

(୪) ପରସ୍ପର ସହଯୋଗରେ ବିଭିନ୍ନ ଦେଶରେ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିକାଶ ସାଧନ ।

**ପ୍ର.୨. ମିଳିତ ଜାତିସଂଘର ଗଠନ ବିଭିନ୍ନ ଅଙ୍ଗମାନଙ୍କର ଗଠନ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋଚନା କର ।**

**(Discuss the composition and functions of the organs of United Nations.)**

ଉ. ଏକ ନୂତନ ଶାନ୍ତ ପୃଥିବୀ ପାଇଁ ଉଚ୍ଚ ଆଶା ଓ ଆକାଙ୍‌କ୍ଷା ନେଇ ମିଳିତ ଜାତିସଂଘ ଗଠନ କରାଯାଇ ଥିଲା । ପୂର୍ବର ଜାତିସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଯାହା ଥିଲା ମିଳିତ ଜାତିସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରାୟତଃ ସମାନ ଥିଲା । ସାନ୍‌ଫ୍ରାନ୍‌ସିସ୍କୋ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ଆମେରିକାର ରାଷ୍ଟ୍ରପତି ଟ୍ରୁମାନ୍ କହିଥିଲେ, ‘‘ଆପଣମାନେ ପୃଥିବୀର ଶାନ୍ତି ସୁରକ୍ଷା ତଥା ପ୍ରଗତି ପାଇଁ ଏକ ମହାନ୍ ସଂସ୍ଥା ସୃଷ୍ଟି କରିଛନ୍ତି । ବର୍ତ୍ତମାନ ସାରାବିଶ୍ୱ ଏହାର ସମୁଚିତ ବ୍ୟବହାର କରିବା ଆବଶ୍ୟକ ।’’ ମିଳିତ ଜାତିସଂଘର ଆଭିମୁଖ୍ୟ ମୁଖ୍ୟତଃ ନିମ୍ନୋକ୍ତ ଚାରିଗୋଟି ଥିଲା ।

(୧) ଆକ୍ରମଣ ଓ ଶାନ୍ତି ବ୍ୟାହତ ହେବାର ପଦକ୍ଷେପକୁ ପ୍ରତିରୋଧ କରି ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା ।

(୨) ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସହଯୋଗ, ସଦ୍‌ଭାବ ଓ ମୈତ୍ରୀ ବୃଦ୍ଧି ।

(୩) ନ୍ୟାୟ ଓ ଆନ୍ତର୍ଜାତିକ ଆଇନ ଉପରେ ଭିତ୍ତି କରି ଆନ୍ତର୍ଜାତିକ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ।

(୪) ପରସ୍ପର ସହଯୋଗରେ ବିଭିନ୍ନ ଦେଶରେ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିକାଶ ସାଧନ ।

**ମିଳିତ ଜାତିସଂଘର ସଂସ୍ଥା**

ମିଳିତ ଜାତିସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୁଖ୍ୟତଃ ଏହାର ୬ଗୋଟି ସଂସ୍ଥା ରଖାଯାଇଥିଲା । ସେଗୁଡ଼ିକ ହେଲା ନିମ୍ନ ପ୍ରକାରର ।

(୧) ସାଧାରଣ ସଭା (General Assembly)

(୨) ନିରାପତ୍ତା ପରିଷଦ (Security Council)

(୩) ଅର୍ଥନୈତିକ ଓ ସାମାଜିକ ପରିଷଦ (Economic and Social Council)

(୪) ତତ୍ତ୍ୱାବଧାରକ ପରିଷଦ (Trusteeship Council)

(୫) ଆନ୍ତର୍ଜାତିକ ନ୍ୟାୟାଳୟ (Intenational Court of Justice)

(୬) ସଚିବାଳୟ (Secretariat)

**ସାଧାରଣ ସଭା**

ମିଳିତ ଜାତିସଂଘର ସମସ୍ତ ସଦସ୍ୟମାନଙ୍କୁ ନେଇ ସାଧାରଣ ସଭା ଗଠିତ ହୋଇଥିଲା । ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ମିଳିତ ଜାତିସଂଘକୁ ପାଞ୍ଚଜଣରୁ ଅଧିକ ପ୍ରତିନିଧି ପଠାଇନପାରିବାର ବ୍ୟବସ୍ଥା ରହିଲା । କିନ୍ତୁ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର କେବଳ ଗୋଟିଏ ଭୋଟ ଦେଇପାରିଲେ । ସାଧାରଣ ସଭା ପ୍ରତ୍ୟେକ ବର୍ଷ ଗୋଟିଏ ଥର ନିୟମିତ ଭାବେ ବସିବାର ବ୍ୟବସ୍ଥା ରହିଲା । ଆବଶ୍ୟକ ପଡ଼ିଲେ ଏହାର ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଡକାଯାଇପାରିଲା । ପ୍ରତ୍ୟେକ ବର୍ଷ ପାଇଁ ଜଣେ ସଭାପତି ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ ହେଲେ ।

ସାଧାରଣ ସଭା ମିଳିତ ଜାତିସଂଘର ଆଇନ ପ୍ରଣୟନକାରୀ ସଂସ୍ଥାରୂପେ କାର୍ଯ୍ୟ କଲା । ସନନ୍ଦ ପରିସର ମଧ୍ୟରେ ଆସୁଥିବା ଯେକୌଣସି ବିଷୟ ଏହା ଆଲୋଚନା କରିପାରିଲା । ଏହା ବାର୍ଷିକ ବଜେଟ ଅନୁମୋଦନ କଲା ଏବଂ ପ୍ରତ୍ୟେକ ସଦସ୍ୟ-ରାଷ୍ଟ୍ର ଜାତିସଂଘର ସାଧାରଣ ଖର୍ଚ୍ଚ ପାଇଁ କେତେ ଅର୍ଥ ଦେବେ ତାହା ମଧ୍ୟ ସ୍ଥିର କଲା । ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟମାନଙ୍କୁ ତଥା ଅର୍ଥନୈତିକ ଓ ସାମାଜିକ ପରିଷଦ ଓ ତତ୍ତ୍ୱାବଧାରକ ପରିଷଦର ସଭ୍ୟମାନଙ୍କୁ ସାଧାରଣ ସଭା ନିର୍ବାଚିତ କଲା । ଅନ୍ୟ ସଂସ୍ଥାମାନଙ୍କର ଆସିଥିବା ରିପୋର୍ଟ ଗୁଡ଼ିକ ଗ୍ରହଣ କରି ସେଗୁଡ଼ିକ ତର୍ଜମା କରିବାର ଅଧିକାର ସାଧାରଣ ସଭାରେ ରହିଲା ।

**ନିରାପତ୍ତା ପରିଷଦ**

ନିରାପତ୍ତା ପରିଷଦରେ ୧୧ ଜଣ ସଭ୍ୟ ରହିଲେ । ସେଥି ମଧ୍ୟରୁ ୫ ଜଣ ସ୍ଥାୟୀ ଓ ୬ ଜଣ ଅସ୍ଥାୟୀ ସଭ୍ୟ ଥିଲେ । ସ୍ଥାୟୀ ସଭ୍ୟମାନେ ଥିଲେ ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ ଋଷ, ଇଂଲଣ୍ଡ, ଫ୍ରାନ୍ସ ଓ ଚୀନ୍ । ଅସ୍ଥାୟୀ ସଭ୍ୟମାନଙ୍କୁ ସାଧାରଣ ସଭା ଦୁଇତୃତୀୟାଂଶ ଭୋଟ ଜରିଆରେ ଦୁଇବର୍ଷ ପାଇଁ ନିର୍ବାଚିତ କଲା । ନିରାପତ୍ତା ପରିଷଦର ପ୍ରତ୍ୟେକ ସଭ୍ୟଙ୍କ ହାତରେ ଗୋଟିଏ ମାତ୍ର ଭୋଟ ଦେବା ପାଇଁ ଅଧିକାର ରହିଲା । ପଞ୍ଚ ବୃହତ୍ ଶକ୍ତି ଯିଏ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ଥିଲେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ହାତରେ ଭିଟୋ (Veto) ବା ନିଷ୍ପତ୍ତି ଅଗ୍ରାହ୍ୟ କରିବା ପାଇଁ ବିଶେଷ କ୍ଷମତା ରହିଲା । ନିରାପତ୍ତା ପରିଷଦ ବର୍ଷସାରା ବସିପାରିବାର ବ୍ୟବସ୍ଥା ରହିଲା । ଏହାଦ୍ୱାରା ଜରୁରୀକାଳରେ ଏହା ଶାନ୍ତି ଓ ନିରାପତ୍ତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିଲା । ୧୯୬୫ ମସିହାରେ ଏହାର ଅସ୍ଥାୟୀ ସଭ୍ୟ ସଂଖ୍ୟା ୧୦କୁ ବୃଦ୍ଧି ପାଇଲା ।

ନିରାପତ୍ତା ପରିଷଦ ମିଳିତ ଜାତିସଂଘର କାର୍ଯ୍ୟନିର୍ବାହୀ ସଂସ୍ଥା ଥିଲା । ଏହାର ପ୍ରଧାନ ଦାୟିତ୍ୱ ଥିଲା ବିଶ୍ୱରେ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା । ଏଥିପାଇଁ ଆବଶ୍ୟକ ପଡ଼ିଲେ ଦୋଷୀ ରାଷ୍ଟ୍ର ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବାର କ୍ଷମତା ନିରାପତ୍ତା ପରିଷଦକୁ ଦିଆଗଲା । ଦୁର୍ବଳ ଓ କ୍ଷତିଗ୍ରସ୍ତ ରାଷ୍ଟ୍ରମାନଙ୍କୁ ସୁରକ୍ଷା ଓ ସାହାଯ୍ୟ ଯୋଗାଇବା କ୍ଷେତ୍ରରେ ନିରାପତ୍ତା ପରିଷଦ ସହାୟକ ହେଲା । ନିରାପତ୍ତା ପରିଷଦ ଯେକୌଣସି ସମୟରେ ବସିପାରିଲେ ମଧ୍ୟ ଏହାର ନିଷ୍ପତ୍ତି ପଞ୍ଚବୃହତ୍ ଶକ୍ତିଙ୍କ ମତ ଉପରେ ନିର୍ଭର କଲା ।

**ଅର୍ଥନୈତିକ ଓ ସାମାଜିକ ପରିଷଦ**

ଅର୍ଥନୈତିକ ଓ ସାମାଜିକ ପରିଷଦ ମିଳିତ ଜାତିସଂଘର ୧୮ ଜଣ ସଦସ୍ୟଙ୍କୁ ନେଇ ଗଠିତ ହେଲା । ସେମାନେ ସାଧାରଣ ସଭାର ସଭ୍ୟମାନଙ୍କ ଦ୍ୱାରା ତିନିବର୍ଷ ପାଇଁ ନିର୍ବାଚିତ ହେଉଥିଲେ । ପରେ ଏହାର ସଦସ୍ୟ ସଂଖ୍ୟା ୧୮ରୁ ୨୭କୁ ବୃଦ୍ଧି କରାଯାଇଛି । ପ୍ରତ୍ୟେକ ନିର୍ବାଚିତ ସଦସ୍ୟ ରାଷ୍ଟ୍ର ଏହି ପରିଷଦକୁ ତାଙ୍କର ଜଣେ ପ୍ରତିନିଧି ପଠାଉଥିଲେ । ପ୍ରତ୍ୟେକଙ୍କ ପାଇଁ ଭିଟୋ କ୍ଷମତା ପ୍ରଦାନ କରାଯାଇଥିଲା । ପରିଷଦର କୌଣସି ନିଷ୍ପତ୍ତି ସଂଖ୍ୟାଗରିଷ୍ଠତା ଭିତ୍ତିରେ ସ୍ଥିର କରାଯାଉଥିଲା । ଏହି ପରିଷଦର ବୈଠକ ବର୍ଷରେ ଅତିକମ୍‌ରେ ଦୁଇଥର ବସିବ ବୋଲି ବ୍ୟବସ୍ଥା ହେଲା ।

ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ବା ମାନବୀୟ ବିଶ୍ୱ ସମସ୍ୟାଗୁଡ଼ିକୁ ଆନ୍ତର୍ଜାତିକ ସାହାଯ୍ୟ ଓ ସହଯୋଗ ଦ୍ୱାରା ଦୂରକରିବାର ଦାୟିତ୍ୱ ମିଳିତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦ ହସ୍ତରେ ଅର୍ପଣ କରାଗଲା । ଏହି କାର୍ଯ୍ୟ ପାଇଁ ପରିଷଦ ନିଜ ଅଧୀନରେ ଆଉ କେତୋଟି ସଂସ୍ଥା ସୃଷ୍ଟି କଲା । ସେଗୁଡ଼ିକ ହେଲା (କ) ଆନ୍ତର୍ଜାତିକ ଶ୍ରମ ସଂଗଠନ [International Labour Organisation(ILO)] ଯାହା ସାମାଜିକ ନ୍ୟାୟ ତଥା ବିଶ୍ୱର ଶ୍ରମିକମାନଙ୍କ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କଲା । (ଖ) ଖାଦ୍ୟ ଓ କୃଷି ବିଷୟକ ସଂଗଠନ [Food and Agricultural Organisation(FAO)] ଯାହା ବିଶ୍ୱବାସୀଙ୍କ ଉନ୍ନତ ଜୀବନଯାପନ ଓ ଉତ୍କୃଷ୍ଟ ପୁଷ୍ଟିକର ଖାଦ୍ୟର ସହଜଲଭ୍ୟତା ଉପରେ ଦୃଷ୍ଟି ଦେଲା । (ଗ) ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ [World Health Organisation(WHO)] ଯାହା ସମସ୍ତ ବିଶ୍ୱବାସୀଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସାରେ ଉନ୍ନତି ଆଣିବାର ଦାୟିତ୍ୱ ନେଲା । (ଘ) ମିଳିତ ଜାତିସଂଘର ଶିକ୍ଷାଗତ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ [United Nations Educational, Scientific and Cultural Organisation(UNESCO)] ଯାହା ବିଶ୍ୱରେ ପାରସ୍ପରିକ ସାହାଯ୍ୟ ଓ ସହଯୋଗ ମାଧ୍ୟମରେ ଶିକ୍ଷା, ସଂସ୍କୃତି ଓ ବିଜ୍ଞାନ କ୍ଷେତ୍ରରେ ପ୍ରଗତି ଓ ସମନ୍ୱୟ ଆଣିବା ପାଇଁ ଚେଷ୍ଟା କଲା । (ଙ) ଆନ୍ତର୍ଜାତିକ ମୁଦ୍ରାପାଣ୍ଠି [International Monetary Fund (IMF)] ଯାହା ଅନଗ୍ରସର ଦେଶମାନଙ୍କର ଅର୍ଥନୈତିକ ଉନ୍ନତି ପାଇଁ ସାହାଯ୍ୟ ଯୋଗାଇଲା । ଏହି ସଂସ୍ଥାଗୁଡ଼ିକ ବ୍ୟତୀତ ଆଉ କେତୋଟି ଅନ୍ୟ ସଂସ୍ଥା ମଧ୍ୟ ଗଠନ କରାଯାଇଥିଲା । ପ୍ରତ୍ୟେକ ସଂସ୍ଥାରେ ବିଭିନ୍ନ ଦେଶର ବିଶେଷଜ୍ଞମାନେ ଏହି ସଂସ୍ଥାଗୁଡ଼ିକର ସଭ୍ୟ ହୋଇ ବିଶ୍ୱର ବିଭିନ୍ନ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ବ୍ୟବସ୍ଥା ହେଲା ।

**ତତ୍ତ୍ୱାବଧାରକ ପରିଷଦ**

ତତ୍ତ୍ୱାବଧାରକ ପରିଷଦ ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଗଠିତ ହୋଇଥିଲା । (କ) ତତ୍ତ୍ୱାବଧାରକ ରାଷ୍ଟ୍ରମାନଙ୍କର ପ୍ରତିନିଧି (ଖ) ପଞ୍ଚ ବୃହତ୍ ଶକ୍ତି ଯଥା: ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ ଋଷ, ଇଂଲଣ୍ଡ, ଫ୍ରାନ୍ସ ଓ ଚୀନ୍‌ର ପ୍ରତିନିଧି (ଗ) ସାଧାରଣ ସଭାରୁ ନିର୍ବାଚିତ ପ୍ରତିନିଧି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ବିଶ୍ୱର କେତେକ ଅନୁନ୍ନତ ଓ ଅନଗ୍ରସର ଅଞ୍ଚଳର ଶାସନ ଜାତିସଂଘର ଅଧ୍ୟାଦେଶ ଦ୍ୱାରା ପରିଚାଳିତ ହେଉଥିଲା । ସେହିସବୁ ଅଞ୍ଚଳ ଜାତିସଂଘର କେତେକ ସଦସ୍ୟରାଷ୍ଟ୍ରଙ୍କ ତତ୍ତ୍ୱାବଧାନରେ ରଖାଯାଇଥିଲା । ବର୍ତ୍ତମାନ ମିଳିତ ଜାତିସଂଘର ଏହି ତତ୍ତ୍ୱାବଧାରକ ପରିଷଦ ସେହିସବୁ ଅଞ୍ଚଳରେ କିପରି ରାଜନୈତିକ, ସାମାଜିକ, ଅର୍ଥନୈତିକ, ସମାଜିକ ଓ ଶିକ୍ଷାଗତ ଉନ୍ନତି ହୋଇପାରିବ ସେଥିପାଇଁ ଧ୍ୟାନ ଦେଲେ । ଯେଉଁ ଦେଶ ସେତେବେଳେ ନିଜେ ଶାସନ କରିବାକୁ ଅକ୍ଷମ ଥିଲେ, ସେ ଦେଶର ଅଧିବାସୀମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ସେମାନେ କିପରି ସ୍ୱାୟତ୍ତ ଶାସନ ନିମନ୍ତେ ସମର୍ଥ ହେବେ ସେଥିପାଇଁ ଦୃଷ୍ଟିଦେବାକୁ ତତ୍ତ୍ୱାବଧାରକ ପରିଷଦକୁ ଦାୟିତ୍ୱ ଦିଆଗଲା ।

**ଆନ୍ତର୍ଜାତିକ ନ୍ୟାୟାଳୟ**

ମିଳିତ ଜାତିସଂଘ ଅଧୀନରେ ଏକ ଆନ୍ତର୍ଜାତିକ ନ୍ୟାୟାଳୟ ପ୍ରତିଷ୍ଠା ହେଲା । ବିଭିନ୍ନ ଦେଶରୁ ୧୫ ଜଣ ବିଚାରପତି ୯ ବର୍ଷ ପାଇଁ ଏହି ନ୍ୟାୟାଳୟକୁ ନିର୍ବାଚିତ ହୋଇଥିଲେ । କୌଣସି ଦେଶରୁ ଦୁଇଜଣ ବିଚାରପତି ନିର୍ବାଚିତ ହୋଇପାରିବେ ନାହିଁ ବୋଲି ବିଶେଷ ବ୍ୟବସ୍ଥା ରହିଲା । ଆନ୍ତର୍ଜାତିକ ନ୍ୟାୟାଳୟର ମୁଖ୍ୟ କାର୍ଯ୍ୟାଳୟ ନେଦରଲାଣ୍ଡର ହେଗ ସହରରେ ରହିଲା ।

ଆନ୍ତର୍ଜାତିକ ନ୍ୟାୟାଳୟ ମିଳିତ ଜାତିସଂଘର ଥିଲା ମୁଖ୍ୟ ନ୍ୟାୟ-ସଂସ୍ଥା । ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ମିଳିତ ଜାତିସଂଘକୁ ଅବେଦନ କରିଥିବା ଆନ୍ତର୍ଜାତିକ ସମସ୍ୟାବଳୀକୁ ବିଚାର କରି ସମାଧାନ କରିବାର କ୍ଷମତା ଆନ୍ତର୍ଜାତିକ ନ୍ୟାୟାଳୟକୁ ଦିଆଯାଇଥିଲା । ସଂଖ୍ୟାଗରିଷ୍ଠତା ଭିତ୍ତିରେ ବିଚାରପତିମାନଙ୍କ ମତ ନେଇ ନିଷ୍ପତ୍ତି ନିଆଯାଉଥିଲା । କିନ୍ତୁ ଏହି ନ୍ୟାୟାଳୟର ନିଷ୍ପତ୍ତି ବିରୁଦ୍ଧରେ କେଉଁଠି ଅପିଲ କରିବା ପାଇଁ ବ୍ୟବସ୍ଥା ନଥିଲା ।

**ସଚିବାଳୟ**

ମିଳିତ ଜାତିସଂଘର କାର୍ଯ୍ୟ ନିର୍ବାହ କରିବା ପାଇଁ ଏକ ସଚିବାଳୟ ରହିଲା । ଏହା ଆମେରିକାର ନିଉୟର୍କ ସହରରେ ସ୍ଥାପିତ ହେଲା । ନିରାପତ୍ତା ପରିଷଦର ସୁପାରିଶ ଅନୁସାରେ ସାଧାରଣ ସଭା ଜଣେ ମହାସଚିବ (Secretary General)ଙ୍କୁ ସଚିବାଳୟ ପରିଚାଳନା ପାଇଁ ନିଯୁକ୍ତି ଦେଲେ । ମହାସଚିବଙ୍କୁ ତାଙ୍କ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ସ୍ଥାୟୀ କର୍ମଚାରୀମାନେ ମଧ୍ୟ ନିଯୁକ୍ତି ପାଇଲେ ।

ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ପ୍ରତି କୌଣସି ବିପଦର ଆଶଙ୍କା ଦେଖାଦେଲେ ସେଥିପ୍ରତି ନିରାପତ୍ତା ପରିଷଦର ଦୃଷ୍ଟି ଆକର୍ଷଣ କରିବା ହେଲା ମହାସଚିବଙ୍କ ଅନ୍ୟତମ ମୁଖ୍ୟ ଦାୟିତ୍ୱ । ସେ ଥିଲେ ମିଳିତ ଜାତିସଂଘର ମୁଖ୍ୟ ପ୍ରଶାସନିକ ଅଧିକାରୀ । ମିଳିତ ଜାତିସଂଘର ବିଭିନ୍ନ ସଭା ସମ୍ମିଳନୀ ଆୟୋଜନ କରିବା ହେଲା ମହାସଚିବ ଓ ତାଙ୍କ ସଚିବାଳୟର କାର୍ଯ୍ୟ । କେବଳ ସେତିକି ନୁହେଁ, ସେଗୁଡ଼ିକର ଦୈନିକ ବିବରଣୀ ରଖିବା ଓ ମିଳିତ ଜାତିସଂଘର ସ୍ଥାୟୀ ରିପୋର୍ଟଗୁଡ଼ିକୁ ସଂରକ୍ଷିତ କରି ରଖିବା ସଚିବାଳୟର ଅନ୍ୟତମ ମୁଖ୍ୟ ଦାୟିତ୍ୱ ।

ନିଉୟର୍କଠାରେ ଥିବା ଜାତିସଂଘର ମୁଖ୍ୟକାର୍ଯ୍ୟାଳୟର ରକ୍ଷଣାବେକ୍ଷଣ ତଥା ଦୈନନ୍ଦିନ ଖର୍ଚ୍ଚ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନେ ବହନ କଲେ । ମିଳିତ ଜାତିସଂଘର ପ୍ରଥମ ମହାସଚିବ ଥିଲେ ଟ୍ରିଗଭେ ଲି ।

**ପ୍ର.୩. ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ ମିଳିତ ଜାତିସଂଘର ଭୂମିକା ଆଲୋଚନା କର ।**

**(Discuss the role of UN in maintaining World Peace.)**

**କିମ୍ବା, "ବିଶ୍ୱଶାନ୍ତି ପ୍ରତିଷ୍ଠା ମିଳିତ ଜାତିସଂଘର ଦାୟିତ୍ୱ ।" ସମୀକ୍ଷା କର ।**

**("Maintenance of World Peace is the responsibility of the UN". Examine.)**

**ଉ.** ଆଧୁନିକ ଯୁଗରେ ଜ୍ଞାନବିଜ୍ଞାନର ବିକାଶ ତଥା ନାନା ପ୍ରକାର ଧ୍ୱଂସକାରୀ ମାରଣାସ୍ତ୍ର ଉଦ୍ଭାବନ ଫଳରେ କେବଳ ଶାନ୍ତି ବ୍ୟାହତ ହୋଇନାହିଁ । ଅପରପକ୍ଷରେ ମାନବ ସଭ୍ୟତା ଏକ ଅଶାନ୍ତ, ଅନିଶ୍ଚିତ ଓ ଭୟାକୂଳ ଅବସ୍ଥା ଦେଇ ଗତି କରୁଛି । ବିଂଶ ଶତାବ୍ଦୀର ଦୁଇ ଦୁଇଟି ବିଶ୍ୱଯୁଦ୍ଧର ବିଭୀଷିକା ସୂଚାଇ ଦେଇଛି ଯେ, ଭବିଷ୍ୟତରେ ଯଦି ତୃତୀୟ ବିଶ୍ୱଯୁଦ୍ଧ ସଂଗଠିତ ହୁଏ, ତେବେ ସମଗ୍ର ମାନବ ସଭ୍ୟତା ଧ୍ୱଂସ ପାଇବ । ଭବିଷ୍ୟତ ପୃଥିବୀରୁ ଯୁଦ୍ଧର ସମସ୍ତ ସମ୍ଭାବନାକୁ ଏଡ଼ାଇ ମାନବ ସମାଜରେ ଶାନ୍ତି, ମୈତ୍ରୀ ଓ ପ୍ରୀତିର ପ୍ରତିଷ୍ଠା ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅର୍ଥାତ୍ ୧୯୪୫ମସିହା ସେପ୍ଟେମ୍ବର ୨୪ ତାରିଖରେ ଜନ୍ମ ଗ୍ରହଣ କରିଛି ମିଳିତ ଜାତିସଂଘ । ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା ଓ ନିରାପତ୍ତା ରକ୍ଷା, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ମୈତ୍ରୀ ଓ ସୌହାର୍ଦ୍ଦ୍ୟ ସ୍ଥାପନ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଆର୍ଥନୀତିକ, ସାମାଜିକ, ସାଂସ୍କୃତିକ ଓ ନୈତିକ ଅଭିବୃଦ୍ଧି ସହିତ ମାନବିକ ଅଧିକାର ସୁରକ୍ଷା ଲକ୍ଷ୍ୟ ନେଇ ଗଠିତ ହୋଇଛି ମିଳିତ ଜାତିସଂଘ ।

ଯେଉଁ ମୌଳିକ ଲକ୍ଷ୍ୟ ଓ ଆଦର୍ଶକୁ ନେଇ ପ୍ରାୟ ୭୨ ବର୍ଷ ପୂର୍ବେ ମିଳିତ ଜାତିସଂଘ ପ୍ରତିଷ୍ଠା ହୋଇଥିଲା ତାହା କେତେଦୂର ସଫଳ ହୋଇଛି ନିମ୍ନରେ ଆଲୋଚନା କରାଗଲା ।

ପୃଥିବୀରେ ଯେଉଁ ଉତ୍ତେଜନା ହ୍ରାସ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ଜାତିସଂଘ ଅତୀତରେ ବହୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟସାଧନ କରିପାରିଛି । ମିଶର ଉପରେ ଆଙ୍ଗ୍ଲୋ-ଫ୍ରେଞ୍ଚ୍-ଇସ୍ରାଏଲ୍ ଆକ୍ରମଣର ଅବସାନ, କୋରିଆ ଯୁଦ୍ଧ ବିରତି ଏବଂ ଉତ୍ତର-କୋରିଆ କବଳରୁ ଦକ୍ଷିଣ କୋରିଆର ମୁକ୍ତି, ଇରାକ କବଳରୁ କୁଏତ୍‌ର ମୁକ୍ତି, ଲେବନାନ୍ ଓ ଇରାକ୍ ମଧ୍ୟରେ ଉତ୍ତେଜନା ହ୍ରାସ, କଙ୍ଗୋ ସମସ୍ୟା ସମାଧାନ ଇତ୍ୟାଦି ଶାନ୍ତି କ୍ଷେତ୍ରରେ ଜାତିସଂଘର କେତେଗୁଡ଼ିଏ ଉଲ୍ଲେଖଯୋଗ୍ୟ ଅବଦାନ ଅଟେ । ବିଗତ ଶତକର ଷଷ୍ଠ ଦଶକରେ କଙ୍ଗୋ ସମସ୍ୟାକୁ କେନ୍ଦ୍ରକରି ଜାତିସଂଘ ତତ୍କାଳୀନ ଜେନେରାଲ ସେକ୍ରେଟାରୀ ହାମାରସୋଲଡ଼ ପ୍ରାଣପାତ କରିଥିଲେ । ତାହାଙ୍କ ନାମରେ ଜାତିସଂଘରେ ଏକ ବିରାଟ ସ୍ମୃତି ପାଠାଗାର ନିର୍ମାଣ କରାଯାଇଛି ।

୧୯୬୫ ମସିହାରେ ଭାରତ-ପାକିସ୍ତାନ ସଂଘର୍ଷ ସମୟରେ ଯୁଦ୍ଧବିରତି ଦିଗରେ ଜାତିସଂଘ ସକ୍ରିୟ ଉଦ୍ୟମ କରି ସଫଳ ହୋଇଥିଲା ଏବଂ ସେହି ବର୍ଷ ଇଉନିସେଫ୍‌କୁ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ୧୯୮୮ ମସିହାରେ ଇରାକ-ଇରାନ ମଧ୍ୟରେ ଶାନ୍ତି ସ୍ଥାପନ ଦିଗରେ ଜାତିସଂଘ ସଫଳ ହେବାରୁ ତା'ର ଶାନ୍ତିସେନାଙ୍କୁ ପୁଣି ଥରେ ନେବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିପୂର୍ବରୁ ୧୯୫୪ ମସିହାରେ ଜାତିସଂଘର ଶରଣାର୍ଥୀ ବିଭାଗର ହାଇ କମିଶନର ଶାନ୍ତି ପାଇଁ ନେବୋଲ ପୁରସ୍କାର ଲାଭ କରିଥିଲେ ।

୧୯୫୪ ମସିହାରେ କ୍ୟୁବା କବଳରୁ ଆମେରିକାରେ ଯୁଦ୍ଧବନ୍ଦୀମାନଙ୍କର ଉଦ୍ଧାର, ୧୯୫୫ରେ ଶାନ୍ତି ଉଦ୍ଦେଶ୍ୟରେ ପରମାଣୁ ଶକ୍ତିର ପ୍ରୟୋଗ ନିମନ୍ତେ ଜେନିଭାଠାର ଏକ ସମ୍ମିଳନୀ ଆହ୍ୱାନ, ୧୯୫୬ ମସିହାରେ ମଧ୍ୟ-ପ୍ରାଚ୍ୟରେ ସୁଏଜ କେନାଲ ବିବାଦର ସମାଧାନ, ୧୯୬୪ରେ ସାଇପ୍ରସକୁ ଜାତିସଂଘର ଶାନ୍ତିସେନା ପ୍ରେରଣ, ନାମ୍ବିଆରେ ଦକ୍ଷିଣ ଆଫ୍ରିକାର ପ୍ରବେଶ ଆଇନ ବୋଲି ୧୯୭୧ ମସିହାରେ ଆନ୍ତର୍ଜାତିକ ଅଦାଲତର ଘୋଷଣା, ୧୯୭୭ ମସିହାରେ ଦକ୍ଷିଣ ଆଫ୍ରିକାକୁ ଅସ୍ତ୍ରଶସ୍ତ୍ର ଯୋଗାଣ ଦିଗରେ ନିରାପତ୍ତା ପରିଷଦର ନିଷେଧାଦେଶର ଜାରି, ସର୍ବଶେଷରେ ୧୯୯୨ ମସିହାରେ ଯୁଗୋସ୍ଲୋଭିଆରେ ଜାତିଗତ ଦଙ୍ଗାର ଅବସାନ ଇତ୍ୟାଦି ଦିଗରେ ଜାତିସଂଘର ଭୂମିକା ଉଲ୍ଲେଖଯୋଗ୍ୟ ଅଟେ । ଇରାକ ଗଣବିଧ୍ୱଂସୀ ମାରଣାସ୍ତ୍ର ରଖିଛି ବୋଲି ମିଥ୍ୟା ଅଭିଯୋଗ କରି ଆମେରିକା ଯେତେବେଳେ ୨୦୦୧ ମସିହା ସେପ୍ଟେମ୍ବର ମାସରେ ଇରାକ ଉପରେ ଆକ୍ରମଣ କଲା, ତାହାକୁ ଜାତିସଂଘର ସେକ୍ରେଟେରୀ ଜେନେରାଲ କୋଫିଆନନ ନିନ୍ଦା କରିଥିଲେ ।

**ଜାତିସଂଘର ସମସ୍ୟା :**

ଜାତିସଂଘ ହେଉଛି ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ସଭ୍ୟରାଷ୍ଟ୍ରମାନଙ୍କ ଉପରେ ଏହାର କୌଣସି ଦମନମୂଳକ (Coercive) କ୍ଷମତା ନାହିଁ । କେବଳ ଅମାନିଆ ରାଷ୍ଟ୍ରମାନଙ୍କ ବିରୋଧରେ ପ୍ରସ୍ତାବ ଗ୍ରହଣକରି ତାକୁ ନିନ୍ଦା କରିବା ବା ଅନ୍ୟାନ୍ୟ ରାଷ୍ଟ୍ରମାନେ ଏକମତ ହେଲେ କେତେକ ବାସନ୍ଦମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବା ହିଁ ଜାତିସଂଘର ଚରମ ପନ୍ଥା । ବିଶ୍ୱ ରାଜନୀତି ପରିବର୍ତ୍ତନଶୀଳ ହୋଇଥିବାରୁ ଶାନ୍ତି ସ୍ଥାପିତ ହୋଇଥିବା ଅଞ୍ଚଳରେ ପୁନରାୟ ନୂଆନୂଆ ସମ୍ୟାସମାନ ଉପୁଜୁଛି । ଇରାକ-ଇରାନ ଓ ଭାରତ-ପାକିସ୍ତାନ ହେଉଛି ଏହାର ନିକଟତମ ଦୃଷ୍ଟାନ୍ତ । ଚୀନ୍, ଫ୍ରାନ୍ସ, ଋଷ, ବ୍ରିଟେନ ଓ ଯୁକ୍ତରାଷ୍ଟ୍ର- ଏହି ପାଞ୍ଚଟି ରାଷ୍ଟ୍ର ଜାତିସଂଘରେ 'ଭିଟୋ' ପ୍ରୟୋଗ କ୍ଷମତା ଲାଭ କରିଛନ୍ତି । ତେଣୁ ଏହି ବିଶ୍ୱ ସଙ୍ଗଠନଟି କେତେକ ଶକ୍ତିଶାଳୀ ରାଷ୍ଟ୍ରଙ୍କ ନିୟନ୍ତ୍ରଣରେ ଅଛି । ସୋଭିଏତ୍ ଋଷର ପତନ ପରେ ଆମେରିକାର ସାମ୍ରାଜ୍ୟବାଦୀ ମନୋବୃତ୍ତି ଅପ୍ରତିହତ ହୋଇଉଠିଥିବାରୁ ବିଶ୍ୱର ଶାନ୍ତି କ୍ଷେତ୍ରରେ ଏହା ଏକ ପ୍ରତିବନ୍ଧକ ବୋଲି ମନେହେଉଛି । ଜାତିସଂଘର ପାଣ୍ଠିକୁ ଆମେରିକା ହିଁ ସର୍ବାଧିକ ଚାନ୍ଦା ହୋଇଥାଏ । ଇତ୍ୟବସରରେ ସେ ଚାନ୍ଦାର ପରିମାଣ ହ୍ରାସ କରିଦେଇଥିବାରୁ ଜାତିସଂଘର ଆର୍ଥିକ ସଙ୍କଟ ଦେଖାଦେଇଛି ।

**ଉପସଂହାର :**

ନାନାଦି ସମସ୍ୟା ଓ ସଂଘର୍ଷ ଘେରରେ ଥାଇ ମଧ୍ୟ ଜାତିସଂଘ ବହୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ସାଧନ କରିଛି । ରାଜନୈତିକ ଓ କୂଟନୈତିକ କ୍ଷେତ୍ରରେ ଏହାର ସାଫଲ୍ୟ ଯାହାହେଉନା କାହିଁକି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପରିବେଶ,

ଶିକ୍ଷା, ମରୁଡ଼ି ସହାୟତା, ମହିଳା ଓ ଶିଶୁ କଲ୍ୟାଣ ଇତ୍ୟାଦି ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ଜାତିସଂଘ ଯେଉଁଳି ଆତ୍ମନିୟୋଗ କରିଛି ତାହା ଅତ୍ୟନ୍ତ ପ୍ରଶଂସନୀୟ ଅଟେ ।

**ପ୍ର.୪. ମିଳିତ ଜାତିସଂଘର ସଂସ୍କାରମାନ ଆଲୋଚନା କର ।**

**(Discuss the reforms of the UN.)**

ଉ. ବ୍ୟକ୍ତିବିଶେଷ ବା ଅନୁଷ୍ଠାନ କ୍ଷେତ୍ରରେ ସାଧାରଣତଃ ସଂସ୍କାର କହିଲେ ପ୍ରଦର୍ଶନରେ ଉନ୍ନତି ଆଣିବା ଏବଂ କିଛିଟା ପରିବର୍ତ୍ତନ ଆଣି ଆଉ ଟିକେ ଭଲ ଦିଗରେ ଗତି କରିବାକୁ ବୁଝାଏ । ଏହା ଦୋଷ ତ୍ରୁଟିର ସୁଧାର ଓ ସୀମା ଅତି କ୍ରାନ୍ତ କରି ଉଚ୍ଚତର ପ୍ରଦର୍ଶନ ବା ଫଳପ୍ରଦ ସ୍ତରକୁ ସାମହିତ କରିବା ସହ ସଂପୃକ୍ତ ।

ସମଗ୍ର ପୃଥିବୀ ପରିବର୍ତ୍ତନକୁ ସ୍ୱୀକାର କରୁଥିବା ବେଳେ ମିଳିତ ଜାତିସଂଘ ମଧ୍ୟ ଏଥିରୁ ବାଦଯିବା କଥା ନୁହେଁ । ଆନ୍ତର୍ଜାତିକ ସ୍ତରରେ କାର୍ଯ୍ୟାନୁଷ୍ଠାନ କରିବା କ୍ଷେତ୍ରରେ ଜାତିସଂଘ ଏକ ରାଷ୍ଟ୍ର ସଦୃଶ । ଆନ୍ତର୍ଜାତିକ ଶାନ୍ତି, ନିରାପତ୍ତା, ସ୍ଥିରତା ଓ ସମୃଦ୍ଧି ପାଇଁ ଅତି ଦରକାରି ଗୁରୁତର ସେବା ଯୋଗାଇବା ଓ ଆନ୍ତର୍ଜାତିକ ଅଂଶୀଦାରବଦ୍ଧତା କ୍ଷେତ୍ରରେ ଅତୁଳନୀୟ ଅନୁମୋଦନ ଏହା ପ୍ରଦାନ କରୁଛି । କାରଣ ସ୍ୱରୂପ କୁହାଯାଇପାରେ ଏହି ଅନୁଷ୍ଠାନର ଆନ୍ତର୍ଜାତିକ ସ୍ତରରେ ଉପସ୍ଥିତି ରହିଛି, ଏହା ଅନ୍ତର୍ଭୁକ୍ତି ନିଷ୍ପତି ପ୍ରକ୍ରିୟା ସପକ୍ଷରେ ଓ ଏହାର ଅସାମାନ୍ୟ ପହଞ୍ଚ ଏହାକୁ ବିଶ୍ୱ ପରିପ୍ରେକ୍ଷିରେ ମହତ ସ୍ଥାନରେ ଆସୀନ କରିଛି । ଏହା ଅବିରତ ଭାବେ କିଛି ପରିବର୍ତ୍ତନ ଓ ସଂସ୍କାରକୁ କୋଳେଇ ଧରିଛି ଯ'ଦ୍ୱାରା ନୂତନ ଆହ୍ୱାନକୁ ସମ୍ମୁଖୀନ ହେବା ଦାବୀ ଆଦିକୁ ପୂରଣ କରି ପ୍ରଧାନ ସେବାଗୁଡ଼ିକୁ ଦକ୍ଷତାର ସହ ଓ ଫଳପ୍ରଦ ଭାବେ ସମାପନ କରିବା ଓ ପ୍ରଦାନ କରିବା ପାଇଁ ଏହା କିଛିମାତ୍ରାରେ ସକ୍ଷମ ହୋଇପାରିଛି ।

ମିଳିତ ଜାତିସଂଘର ଲଗାତାର ଭାବେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ଦକ୍ଷତା, ସର୍ବୋଚ୍ଚତା ଓ ନମନୀୟତାକୁ ଗୁରୁତ୍ୱ ଦେଇ ଆସିଛି । ଏହା ଆଶାଜନକ ବିକାଶ ପାଇଁ ବାତାବରଣ ସୃଷ୍ଟି ଓ ନୂତନତ୍ୱକୁ ସ୍ୱାଗତ କରିବା କ୍ଷେତ୍ରରେ ସେପରି ଅବହେଳା କରିନାହିଁ । ଏହି ସମସ୍ତ ଉଦ୍ୟମର ଲକ୍ଷ୍ୟ ହେଲା ଯେଉଁମାନେ ପାଇବା ପାଇଁ ଯୋଗ୍ୟ ସେମାନଙ୍କ ପାଖରେ ଫଳଫଳ ପହଞ୍ଚାଇବା, ଯାହା ସମ୍ବଳ ଅଛି ତାହାର ସର୍ବାଧିକ ଓ ଫଳପ୍ରଦ ବିନିଯୋଗ ତଥା ଉତ୍ତରଦାୟିତ୍ୱକୁ ମଜଭୁତ କରିବା ।

ତେବେ ମିଳିତ ଜାତିସଂଘର ସଂସ୍କାରକୁ ନେଇ ମତଭେଦ ରହିଛି । କେଉଁ ପ୍ରକାର ସଂସ୍କାର ଓ ସଂସ୍କାରର ଉଦ୍ଦେଶ୍ୟକୁ ନେଇ ମଧ୍ୟ ମତପାର୍ଥକ୍ୟ ରହିଛି । ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ, ସାମାଜିକ କର୍ମୀ, ବିଭିନ୍ନ ଆନ୍ତର୍ଜାତିକ ଓ ଆଞ୍ଚଳିକ ସଂଗଠନ, ବୁଦ୍ଧିଜିବୀ, କୁଟନୀତିଜ୍ଞ ଓ ପ୍ରାୟ ସବୁ ବର୍ଗର ଜନସାଧାରଣ ଜାତିସଂଘର ଗଠନ ଓ କାର୍ଯ୍ୟବଳୀର ପରିବର୍ତ୍ତନ ପାଇଁ ଦୀର୍ଘଦିନ ଧରି ମତ ଉତ୍ଥାପନ କରୁଛନ୍ତି । କେତେକ ମତବ୍ୟକ୍ତ କରନ୍ତି ମିଳିତ ଜାତିସଂଘ ପରିବର୍ତ୍ତନକୁ ସ୍ୱୀକାର କରୁ ଅନ୍ୟଥା ଏହା ମୃତ୍ୟୁମୁଖରେ ପଡ଼ିବ । ତେବେ ଏକଥା ମଧ୍ୟ ସତ ଯେ ଜାତିସଂଘ ସ୍ଥାପନ ହେବା ଦିନ ଠାରୁ ବର୍ତ୍ତମାନ ସମୟ ମଧ୍ୟରେ ଏହା ନିଜ ଉଦ୍ୟମରୁ କିଛି ପରିବର୍ତ୍ତନ ଓ ସଂସ୍କାର ଅପଣାଇଛି । ଏକଥା ସତ ଯେ ସଂସ୍କାର ସଂପର୍କୀୟ ସମସ୍ତ ବାହ୍ୟ ପ୍ରସ୍ତାବ କ୍ଷମତା ଓ ସ୍ୱାଛନ୍ଦ ହାର କବଳିତ । ଅଧିକତର ସଂସ୍କାର ଧର୍ମୀ ପ୍ରସ୍ତାବଗୁଡ଼ିକ ମୁଖ୍ୟତଃ ରାଜନୀତିକ, ଅନେକ ଚାହୁଁଛନ୍ତି ଜାତିସଂଘ ମଜଭୁତ ହେଉ ଓ ଏକ ବହୁପାକ୍ଷୀୟ ସଂଗଠନଭାବେ ଉତ୍କର୍ଷତାର ସହ କାମ କରୁ । ମାତ୍ର ଶକ୍ତିଶାଳୀ ଦେଶର ଶାସକମାନେ କଳେବଳେ କୌଶଳରେ ଜାତିସଂଘର ସଂସ୍କାରକୁ ବିରୋଧ କରୁଛନ୍ତି ଓ ନିଜ ଶକ୍ତି ପ୍ରୟୋଗ କରି ଯେ କୌଣସି ପ୍ରକାର ପରିବର୍ତ୍ତନର ପଥରୋଧ କରୁଛନ୍ତି । ମିଳିତ ଜାତିସଂଘ ଏବେ ୭୨ ବର୍ଷରେ ପଦାର୍ପଣ କଲାଣି । ଏହି ସମୟ ମଧ୍ୟରେ ଅନେକ ଉତ୍ଥାନ ଓ ପତନ ଦେଇ ଏହା ଗତି କରିଛି । ଅନୁଷ୍ଠାନ ଜୀବନରେ ଆରମ୍ଭ, ବିକାଶ, ପତନ ଓ ମୃତ୍ୟୁ ମଧ୍ୟ ରହିଛି । ମଣିଷର ସିନା ମୃତ୍ୟୁ ଅଛି ମାତ୍ର ଅନୁଷ୍ଠାନ କ୍ଷେତ୍ରରେ ମୃତ୍ୟୁକୁ ଏଡ଼େଇ ଦେଇ ହେବ । ଏଥିପାଇଁ ସମୟୋଚିତ ସଂସ୍କାର ଧର୍ମୀ ପଦକ୍ଷେପ ଦ୍ୱାରା ପରିବର୍ତ୍ତନକୁ ସ୍ୱୀକାର କରି ଅନୁଷ୍ଠାନର ଗଠନ ଓ କାର୍ଯ୍ୟ ପ୍ରଣାଳୀର ଯୁଗୋପଯୋଗୀ ନୂତନତ୍ୱ ଆଣିବାକୁ ହେବ । ବର୍ତ୍ତମାନ ସମୟରେ ଜାତିସଂଘ ପାଇଁ ନିମ୍ନୋକ୍ତ ତିନୋଟି ସଂସ୍କାର ଅତୀବ ଗୁରୁତ୍ୱପୂର୍ଣ୍ଣ ।

(କ) ମିଳିତ ଜାତିସଂଘ ଶାନ୍ତି ପ୍ରତିଷ୍ଠା, ଦାରିଦ୍ର୍ୟ ହ୍ରାସ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ସହଯୋଗ ବାତାବରଣ ସୃଷ୍ଟି ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନ କରିଛି । ଏହି ସମସ୍ତ କାର୍ଯ୍ୟକୁ ଆକଳନ କଲେ ଜଣାଯାଏ ଏହି ସଂସ୍ଥା ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛି । ପ୍ରାକୃତିକ ଦୁର୍ବିପାକ, ଦୁର୍ଭିକ୍ଷ, ଦେଶାନ୍ତର ପରି ମାନବୀୟ ସଂକଟ ସମୟରେ ଓ ମହାମାରୀ ବ୍ୟାପିବାକୁ ରୋକିବା କ୍ଷେତ୍ରରେ ଏବଂ ମିଳିତ ଜାତିସଂଘର ଅନେକ ସହଯୋଗୀ ଅନୁଷ୍ଠାନ ଯେପରି ନିରାପତ୍ତା ପରିଷଦ, ସଚିବାଳୟ ଆଦିର ପରିଚାଳନା ପାଇଁ ଅମାପ ଖର୍ଚ୍ଚ କରିବାକୁ ପଡୁଛି । ଆନ୍ତର୍ଜାତିକ ସହଯୋଗକୁ ଦେଖିଲେ ଜଣାଯାଏ ମିଳିତ ଜାତିସଂଘ ଉପରେ କ୍ରମାଗତଭାବେ ଖର୍ଚ୍ଚର ଭାର ବଢ଼ି ଚାଲିଛି ।

ମିଳିତ ଜାତିସଂଘର ପରିଚାଳନା ଓ କାର୍ଯ୍ୟାବଳୀକୁ ପାଇଁ ସଦସ୍ୟ ରାଷ୍ଟ୍ରମାନେ ମୁକ୍ତ ହସ୍ତରେ ଅନୁଦାନ ଯୋଗାଇଥା'ନ୍ତି । ବର୍ତ୍ତମାନର ଅନୁଦାନ ରାଶିର ପରିମାଣରେ ବୃଦ୍ଧି କରିବାକୁ ପଡ଼ିବ । ଉଚ୍ଚ ଆୟକାରୀ ଦେଶ, ମଧ୍ୟମ ଆୟକାରୀ ଦେଶ ଓ ନିମ୍ନ ଆୟକାରୀ ଦେଶଗୁଡ଼ିକ ବର୍ତ୍ତମାନ ଜାତିସଂଘକୁ ପ୍ରଦାନ କରୁଥିବା ଅନୁଦାନରେ ବୃଦ୍ଧି କରିବା ଅନିବାର୍ଯ୍ୟ ମନେହୁଏ । ବହନଯୋଗ୍ୟ ବିକାଶ ଲକ୍ଷ୍ୟର ବିଭିନ୍ନ କାର୍ଯ୍ୟକ୍ରମ, ଏଗୁଡ଼ିକୁ ସଠିକ୍ ରୂପେ ପରିଚାଳନା କରିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ଆବଶ୍ୟକ । ଜାତିସଂଘ ଦ୍ୱାରା ପ୍ରଚଳିତ ସହନୀୟ ବିକାଶ ଯୋଜନାର ସଫଳତା ଦ୍ୱାରା ଶାନ୍ତିରକ୍ଷା ପାଇଁ ସୈନ୍ୟଦଳ ଜନିତ ଖର୍ଚ୍ଚ ଓ ଜରୁରୀକାଳୀନ ରିଲିଫ୍ ପରିଚାଳନା ଖର୍ଚ୍ଚରେ ହ୍ରାସ ଘଟିବ । କାରଣ ସମୟକ୍ରମେ ଦ୍ୱନ୍ଦ୍ୱର ସଂଖ୍ୟା ଓ ବ୍ୟାପ୍ତିର ହ୍ରାସ ଘଟିବ ଓ ପ୍ରାକୃତିକ ଦୁର୍ବିପାକକୁ ସଫଳ ଭାବେ ପ୍ରତିହତ କରିହେବ ବା ପୂର୍ବାନୁମାନ କରିହେବ । eSikhya.in

(ଖ) ମିଳିତ ଜାତିସଂଘକୁ ବହନ ଯୋଗ୍ୟ ବିକାଶ ଲକ୍ଷ୍ୟର କାର୍ଯ୍ୟାନ୍ୱୟନ ପାଇଁ ଦକ୍ଷତା ବୃଦ୍ଧି କରିବାକୁ ହେବ । ଅନେକ ନୂଆ କ୍ଷେତ୍ର ଯେପରି ମହାସାଗରର ସ୍ୱାସ୍ଥ୍ୟ, ନବୀକୃତ ଶକ୍ତି ବ୍ୟବସ୍ଥା, ସହରାଞ୍ଚଳର ନକ୍ସା, ରୋଗକଥାର ନିୟନ୍ତ୍ରଣ, ବୈଷୟିକ ନୂତନତ୍ୱ, ସରକାର - ବେସରକାରୀ ସହଭାଗୀତା ଓ ଶାନ୍ତିପୂର୍ଣ୍ଣ ସାଂସ୍କୃତିକ ସହଯୋଗ ଆଦିରେ ମିଳିତ ଜାତିସଂଘର ଦକ୍ଷତା ଅଭିବୃଦ୍ଧିର ଆବଶ୍ୟକତା ରହିଛି । ଏଥିପାଇଁ ବର୍ତ୍ତମାନ ପ୍ରବର୍ତ୍ତିତଥିବା ଅନେକ ଯୋଜନାକୁ ଅନ୍ୟ ଯୋଜନା ସହ ସମ୍ମିଶ୍ରଣ କରିବା ବା ସମ୍ପୂର୍ଣ୍ଣ ଉଚ୍ଛେଦର ଆବଶ୍ୟକତା ରହିଛି । ସହନୀୟ ବିକାଶର ଆବଶ୍ୟକତାକୁ ନେଇ ନୂତନ ଯୋଜନା ପ୍ରଣୟନର ମଧ୍ୟ ଆବଶ୍ୟକତା ରହିଛି ।

(ଗ) ତୃତୀୟ ସଂସ୍କାର ମିଳିତ ଜାତିସଂଘର ପ୍ରଶାସନିକ କ୍ଷେତ୍ରରେ ହେବା ଆବଶ୍ୟକ ମନେହୁଏ । ଏହାର ବିଭିନ୍ନ ଅନୁଷ୍ଠାନ ଯେପରି ନିରାପତ୍ତା ପରିଷଦରେ ସାଂଗଠନିକ ପରିବର୍ତ୍ତନ ଆବଶ୍ୟକ। ନିରାପତ୍ତା ପରିଷଦର ଗଠନ ପ୍ରକ୍ରିୟା ବର୍ତ୍ତମାନ ପୃଥିବୀର ଆବଶ୍ୟକତା ଅନୁରୂପ ନୁହେଁ । ଏଥିରେ ଥିବା ସ୍ଥାୟୀ ସଦସ୍ୟତାରେ ଆଫ୍ରିକା, ଲାଟିନ୍ ଆମେରିକା ଓ କେତେକାଂଶରେ ଏସିଆ ମହାଦେଶକୁ ଅଣଦେଖା କରିଛି । ଆବର୍ତ୍ତିତ ନିରାପତ୍ତା ପରିଷଦ ସଦସ୍ୟତା କ୍ଷେତ୍ରରେ ଯେଉଁ ୧୦ଟି ରାଷ୍ଟ୍ରକୁ ସଦସ୍ୟତା ମିଳେ ସେଥିରେ ମଧ୍ୟ ଆଞ୍ଚଳିକ ସନ୍ତୁଳନ ପରିଲକ୍ଷିତ ହୁଏ ନାହିଁ। ଏଥିପାଇଁ ଏସିଆ, ଲାଟିନ୍ ଆମେରିକା ଓ ଆଫ୍ରିକା ମହାଦେଶର କେତେକ ରାଷ୍ଟ୍ର ଏବଂ ଅଷ୍ଟ୍ରେଲିଆ ମହାଦେଶକୁ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ଦେବା ପାଇଁ ବ୍ୟବସ୍ଥା ହେବା କଥା । ଭାରତ, ଜାପାନ, ଦକ୍ଷିଣ କୋରିଆ, ଦକ୍ଷିଣ ଆଫ୍ରିକା, ବ୍ରାଜିଲ୍ ଆଦି ରାଷ୍ଟ୍ରଗୁଡ଼ିକର ନିରାପତ୍ତା ପରିଷଦରେ ସ୍ଥାନ ମିଳିବାପାଇଁ ଏବେ ଜୋରଦାର୍ ଚର୍ଚ୍ଚା ଆରମ୍ଭ ହୋଇଛି ।

**ପ୍ର.୫. ମିଳିତ ଜାତିସଂଘର ଭାରତର ସ୍ଥାନ ଆଲୋଚନା କର।**

**(Discuss India's Position in UN.)**

**ଉ.** ମିଳିତ ଜାତିସଂଘର ଭାରତ ଅନ୍ୟତମ ନିଷ୍ଠାବାନ ସମର୍ଥକ । ଏହା ସର୍ବଦା ମିଳିତ ଜାତିସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ପାଇଁ ସାହାଯ୍ୟ ଓ ସହଯୋଗ କରି ଆସିଛି। ଯେତେବେଳେ ଯେଉଁ ପରିସ୍ଥିତିରେ ଏହା ଭାରତର ସାହାଯ୍ୟ ଓ ସମର୍ଥନ ଆବଶ୍ୟକ କରିଛି, ଭାରତ ଅକୁଣ୍ଠ ଚିତ୍ତରେ ତାହା ଯୋଗାଇ ଦେଇଛି ।

(କ) ଭାରତ ମିଳିତ ଜାତିସଂଘ ତରଫରୁ ଜାତି ଓ ବର୍ଣ୍ଣଗତ ପାତରଅନ୍ତରର ଅବସାନ ପାଇଁ ସମସ୍ତ ପଦକ୍ଷେପକୁ ସମର୍ଥନ କରି ଆସିଛି। ଏହା ଉପନିବେଶଗୁଡ଼ିକର ସ୍ୱାଧୀନତା ପାଇଁ ମିଳିତ ଜାତିସଂଘ ସହ ସ୍ୱର ମିଳାଇ ସମସ୍ତ ଉଦ୍ୟମକୁ ସମର୍ଥନ କରିଛି । ଭାରତ 1960 Declaration on UN on granting of independence to colonial countries

and peoples ର ଅନ୍ୟତମ ପ୍ରୟୋଜିତ ରାଷ୍ଟ୍ର । ମିଳିତ ଜାତିସଂଘର Decolonisation Committeeର ପ୍ରଥମ ଅଧକ୍ଷଭାବେ ଭାରତ ଅତୀତରେ ଅନେକ ଉଦ୍ୟମ କରିଛି ଓ ଯାହା ଫଳସ୍ୱରୂପ ପୃଥିବୀରୁ ଉପନିବେଶବାଦର ଛାୟା ଅପସରି ଯାଇଛି । ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟବାଦର ଉଚ୍ଛେଦ ଓ ଜାତିଗତ ପାତର ଅନ୍ତରକୁ ଘୋର ବିରୋଧ କରୁଥିବା ଭାରତ ୧୯୪୬ ମସିହାରେ ଜାତିସଂଘରେ ଏହି ପ୍ରସଙ୍ଗ ଉଠାଇ ନିରନ୍ତର ଉଦ୍ୟମ ଫଳରେ ସାଧାରଣ ପରିଷଦ ଦ୍ୱାରା ବର୍ଣ୍ଣବୈଷମ୍ୟବାଦର ବିରୋଧରେ ଏକ ଉପକମିଟି ଗଠିତ ହୋଇପାରିଥିଲା ।

(ଖ) ଶାନ୍ତି ପ୍ରତିଷ୍ଠାପାଇଁ ମିଳିତ ଜାତିସଂଘ ତରଫରୁ ଶାନ୍ତିସେନା ଗଠନ ଓ ଉପଦ୍ରୁତ ଅଞ୍ଚଳକୁ ଏହାର ପ୍ରେରଣ କ୍ଷେତ୍ରରେ ଭାରତ ସେବା ଯୋଗାଇ ଆସିଛି । ୧୯୫୦ ମସିହାରୁ ଆଜି ଯାଏ ଭାରତ ମିଳିତ ଜାତିସଂଘ ତରଫରୁ ସଂଗଠିତ ଓ ପରିଚାଳିତ ଶାନ୍ତି ରକ୍ଷା ଉଦ୍ୟମ ପାଇଁ ସାମରିକ ବାହିନୀ ମୁତୟନ କ୍ଷେତ୍ରରେ ୪୩ ଥର ଭାଗ ନେଇଛି ।

(ଗ) ୧୯୪୨ମସିହା ଜାନୁଆରୀ ମାସ ପହିଲାରେ ଯୁକ୍ତରାଷ୍ଟ୍ର ଆମେରିକାର ୱାଶିଂଟନ୍‌ଠାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତ ଅଂଶ ଗ୍ରହଣ କରି Declaration by United Nationsରେ ସ୍ୱାକ୍ଷର କରିଛି । ପୁନଶ୍ଚ ୧୯୪୫ ମସିହା ଏପ୍ରିଲ୍, ୨୫ ତାରିଖରୁ ଜୁନ୍ ୨୬ ତାରିଖ ଯାଏ ସାନ୍ ଫ୍ରାନସିସ୍‌କୋଠାରେ ଅନୁଷ୍ଠିତ UN Conference of International Organisation ଐତିହାସିକ ଭାରତ ଅଂଶଗ୍ରହଣ କରିଛି । ମିଳିତ ଜାତିସଂଘର ଉଦ୍ଦେଶ୍ୟର ଚରିତାର୍ଥ ଓ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ପାଇଁ ଭାରତ ଫଳପ୍ରସୂ ଉଦ୍ୟମ ଜାରି ରଖିଛି ।

(ଘ) ଭାରତ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଅନ୍ୟତମ ପ୍ରତିଷ୍ଠାତା । ପୃଥିବୀରେ ଶାନ୍ତି ଓ ପ୍ରଗତିର କଣ୍ଟରୋଧପାଇଁ ସାମରିକ ମେଣ୍ଟଗଠନକୁ ଭାରତ ବିରୋଧ କରେ । ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ଥିବା ସାମରିକ ପ୍ରତିଯୋଗିତା ଆଣିବା କ୍ଷେତ୍ରରେ ଭାରତର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ତୃତୀୟ ବିଶ୍ୱରେ ଥିବା ରାଷ୍ଟ୍ରଗୁଡ଼ିକର ସମସ୍ୟାମାନ ଓ ନିରାକରଣ ପାଇଁ ସ୍ୱର ଉତ୍ତୋଳନ ଓ ସେହି ଗୋଷ୍ଠୀ ରାଷ୍ଟ୍ରମାନଙ୍କର ଉନ୍ନତି ପାଇଁ ଭାରତ ଅନବରତ ଉଦ୍ୟମ କରିଆସିଛି । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ମୁଖ୍ୟତଃ ତୃତୀୟ ବିଶ୍ୱସ୍ଥିତ ରାଷ୍ଟ୍ରଗୁଡ଼ିକର ପ୍ରତିନିଧିତ୍ୱ କରେ ।

(ଙ) ପୃଥିବୀରେ ଶାନ୍ତି ପ୍ରତିଷ୍ଠା ଓ ଯୁଦ୍ଧର ଭୟ ଦୂର କରିବା ମିଳିତ ଜାତିସଂଘର ଅନ୍ୟତମ ଆଦର୍ଶ । ପାରମାଣବିକ ଅସ୍ତ୍ରର ଆଣବିକ ଅସ୍ତ୍ରଶସ୍ତ୍ରର ଉତ୍ପାଦନ ଓ ଆଣବିକ ଅସ୍ତ୍ରଉତ୍ପାଦନ ସଂପର୍କୀତ ଜ୍ଞାନକୌଶଳର ପ୍ରସାରଣକୁ ରୋକିବା ପାଇଁ ସର୍ବଦା ଚେଷ୍ଟିତ । ଭାରତର ଆଣବିକ କାର୍ଯ୍ୟକ୍ରମ ନିଜର ସୁରକ୍ଷା ପାଇଁ ଓ ଏହାର ଶାନ୍ତିପୂର୍ଣ୍ଣ ବ୍ୟବହାର ନିମିତ୍ତ ଉଦ୍ଦିଷ୍ଟ । ୧୯୯୮ ମସିହାରେ ସାଧାରଣ ପରିଷଦର ସ୍ୱତନ୍ତ୍ର ଅଧିବେଶନରେ ଭାରତ Rajiv Gandhi Action Plan ଉପସ୍ଥାପିତ କରି ପୃଥିବୀକୁ ଆଣବିକ ଯୁଦ୍ଧ ଭୟରୁ ମୁକ୍ତ କରିବାକୁ ପ୍ରସ୍ତାବ ଆଗତ କରିଛି । ଆଣବିକ ଅସ୍ତ୍ରର ଉତ୍ପାଦନ ଓ ଏହାର ଜ୍ଞାନ କୌଶଳ ପ୍ରସାରଣ କ୍ଷେତ୍ରରେ ଭାରତ କୌଣସି ପ୍ରକାର ପାତର ଅନ୍ତରକୁ ବିରୋଧ କରିଆସିଛି । ଜୈବିକ ଯୁଦ୍ଧାସ୍ତ୍ର, କ୍ଷେପଣାସ୍ତ୍ର, ଜ୍ଞାନକୌଶଳ ଓ ଅତ୍ୟାଧୁନିକ ସାମରିକ ପ୍ରସ୍ତୁତିକୁ ମଧ୍ୟ ଭାରତ ବିରୋଧ କରି ଆସିଛି । ତେବେ ପରିତାପର ବିଷୟ ପୃଥିବୀରେ ସାମରିକ ପ୍ରତିଯୋଗିତା ବୃଦ୍ଧି ପାଇବାରେ ଲାଗିଛି । ୨୦୧୬ ମସିହାରେ ବିଶ୍ୱର ମୋଟ ପ୍ରତିରକ୍ଷା ବଜେଟ୍‌ର ୪୦% କେବଳ ଆମେରିକାର ଥିଲା ।

(ଚ) ବର୍ତ୍ତମାନର ପୃଥିବୀ ସମ୍ମୁଖୀନ ହେଉଥିବା ନାନା ପ୍ରକାର ଆହ୍ୱାନର ସଫଳ ମୁକାବିଲା କେବଳ ମିଳିତ ଜାତିସଂଘର ପୃଷ୍ଠପୋଷକତାରେ ହୋଇପାରିବ ବୋଲି ଭାରତର ଦୃଢ଼ ବିଶ୍ୱାସ । ଆନ୍ତର୍ଜାତିକ ସଂପର୍କ ରକ୍ଷା କ୍ଷେତ୍ରରେ ମିଳିତ ଜାତିସଂଘର ସମସ୍ତ ଉଦ୍ୟମକୁ ଭାରତ ସମର୍ଥନ କରେ । ମିଳିତ ଜାତିସଂଘ ଦ୍ୱାରା ସୃଷ୍ଟ ସମସ୍ତ କମିଟିରେ ଭାରତ ସକ୍ରିୟ ଭାବେ ଅଂଶଗ୍ରହଣ କରି ବହୁପାକ୍ଷିକ ଆଲୋଚନା ମାଧ୍ୟମରେ ସମସ୍ୟାଗୁଡ଼ିକ ସମାଧାନ ନିମିତ୍ତ ବିସ୍ତୃତ ମତ ବିନିମୟ ଓ ନ୍ୟାୟପୂର୍ଣ୍ଣ ସିଦ୍ଧାନ୍ତରେ ଉପନିତ ହେବାକୁ ଗୁରୁତ୍ୱ ଦେଇଛି । ଏବେ ପୃଥିବୀ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ମଧ୍ୟରେ ବିକାଶ ଓ ପରିବେଶ ଅବକ୍ଷୟ, ଦାରିଦ୍ର୍ୟ ନିରାକରଣ, ପାଗ ପରିବର୍ତ୍ତନ, ସନ୍ତ୍ରାସବାଦ, ନିରସ୍ତ୍ରୀକରଣ, ଶାନ୍ତିସ୍ଥାପନ ଓ ମାନବୀୟ ଅଧିକାର ଆଦି ପ୍ରଧାନ ।

(ଛ) ଭାରତ ମିଳିତ ଜାତିସଂଘର ଅନେକ ସହଯୋଗୀ ସଂସ୍ଥା ଯେପରି ବିଶ୍ୱବ୍ୟାଙ୍କ, ଖାଦ୍ୟ ଓ କୃଷି ସଂଗଠନ(FAO), ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଦିରୁ ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ ପାଉଛି । ମିଳିତ ଜାତିସଂଘର ବିଭିନ୍ନ ପଦପଦବୀରେ ପ୍ରତିଷ୍ଠିତ ଭାରତୀୟମାନେ ଅବସ୍ଥାପିତ ହୋଇ ବିଶ୍ୱଶାନ୍ତି, ପ୍ରଗତି ଓ ନିରାପତ୍ତା ପାଇଁ କାର୍ଯ୍ୟ କରିଛନ୍ତି । ମିଳିତ ଜାତିସଂଘର ସାଧାରଣ ପରିଷଦର ସଭାପତିଭାବେ ଭାରତୀୟ ରାଜନୀତିଜ୍ଞ ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଣ୍ଡିତ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି । UNICEF (United Nations Children's Fund), UNIFEM (United Nations Developement Fund For Women) ଓ UNEPA (United Nation Population Fund) ଆଦି ସଂଗଠନ ଭାରତର ମହିଳା ଓ ଶିଶୁମାନଙ୍କର ସମସ୍ୟା ଲାଘବ ପାଇଁ, ସେମାନଙ୍କର ଉନ୍ନତି ପାଇଁ ତଥା ଜନସଂଖ୍ୟାର ନିୟନ୍ତ୍ରଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ପୃଥିବୀର ଅନ୍ୟ ଦେଶଗୁଡ଼ିକର ସହଯୋଗରେ ଭାରତ ବହନଯୋଗ୍ୟ ବିକାଶ (SDgs)ର ଲକ୍ଷ୍ୟ ପୂରଣ ପାଇଁ ଚେଷ୍ଟିତ । ଜାତିସଂଘର ତତ୍ତ୍ୱାବଧାନରେ ପ୍ରଣିତ ଓ ପରିଚାଳିତ ଉପରୋକ୍ତ କାର୍ଯ୍ୟକ୍ରମ ଦ୍ୱାରା ଦାରିଦ୍ର୍ୟ ଦୂର ହେବା ସହ ପ୍ରକୃତି ସହ ତାଳମେଳ ରଖି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିଛି। ପାଗ ପରିବର୍ତ୍ତନ (Climate Change) ଓ ତତ୍‌ଜନିତ ସମସ୍ୟାକୁ ସାମ୍ନା କରିବା ପାଇଁ ଭାରତ ପରିବେଶ ସଂକ୍ରାନ୍ତୀୟ ସମସ୍ତ ଜାତିସଂଘ ପ୍ରଯୋଜିତ ଆନ୍ତର୍ଜାତିକ ସମ୍ମିଳନୀରେ ଉନ୍ନତ ଓ ଉନ୍ନତଶୀଳ ତଥା ଅନୁନ୍ନତ ରାଷ୍ଟ୍ରଗୁଡ଼ିକର ଆବଶ୍ୟକତା ଓ ସମାନତାକୁ ଆଧାର କରି କାର୍ଯ୍ୟକ୍ରମମାନ ଆରମ୍ଭ କରିବାକୁ ମତପୋଷଣ କରୁଛି। ସଂନ୍ତ୍ରାସବାଦର ସମସ୍ତ ପ୍ରକାର କାର୍ଯ୍ୟ ଓ ସ୍ୱରୂପକୁ ଭାରତ ଘୋର ବିରୋଧ କରୁଛି । ବିଶ୍ୱଶାନ୍ତି, ପ୍ରଗତି ଓ ସ୍ଥିରତା ପାଇଁ ଏହା ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ବିପଦ । ମିଳିତ ଜାତିସଂଘରେ ଏଥିପାଇଁ ଭାରତ ୧୯୯୬ ମସିହାରେ Comprehensive Convention on International Terrorism (CCIT) ଆୟୋଜନ କରିବାରେ ମୂଖ୍ୟ ଭୂମିକା ନିର୍ବାହ କରିଥିଲା । ବର୍ତ୍ତମାନ ଭାରତ ଜାତିସଂଘର ସାଂଗଠନିକ ଓ କାର୍ଯ୍ୟାବଳୀ ସ୍ତରରେ ବ୍ୟାପକ ସଂସ୍କାର ପାଇଁ ମନପୋଷଣ କରୁଛି । ବର୍ତ୍ତମାନ ସମୟର ଆବଶ୍ୟକତାକୁ ଚାହିଁ ଜାତିସଂଘର ସଂସ୍କାର ଅବଶ୍ୟମ୍ଭାବୀ ମନେହୁଏ ।

## ଆନ୍ତର୍ଜାତିକ ଅର୍ଥନୀତିକ ସଂଗଠନ(International Economic Organisations)

ଆନ୍ତର୍ଜାତିକ ସଂଗଠନ ପରି ଆନ୍ତର୍ଜାତିକ ଆର୍ଥୀକ ସଂଗଠନଗୁଡ଼ିକ ଆଇନତଃ ଗଠିତ ହୋଇଥାଏ । ଏମାନେ ବିଶ୍ୱର ସମସ୍ତ ଦେଶର କାର୍ଯ୍ୟ କରିଥାନ୍ତି । ଲାଭଖୋର୍ ମନୋବୃତ୍ତି ଏହି ସଂସ୍ଥାଗୁଡ଼ିକର ଉଦ୍ଦେଶ୍ୟ ନୁହେଁ । ପ୍ରାୟଃ ସମସ୍ତ ରାଷ୍ଟ୍ର ଏହି ସଂଗଠନ ଗୁଡ଼ିକର ସଦସ୍ୟତା ଗ୍ରହଣ କରିଥାନ୍ତି । ଆନ୍ତର୍ଜାତିକ ଆଇନ୍, ଦ୍ୱିପାକ୍ଷିକ ବା ବହୁପାକ୍ଷିକ ରାଜିନାମା, ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ସହଯୋଗ ଓ ସଦିଚ୍ଛା ଆଦିକୁ ଆଧାର କରି ଏହି ଆନ୍ତର୍ଜାତିକ ଆର୍ଥିକ ସଂଗଠନ ଗୁଡ଼ିକୁ ପରିଚାଳିତ ହୁଅନ୍ତି ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ସାକାର ରୂପ ଦିଅନ୍ତି । ଏହି ଅନୁଷ୍ଠାନଗୁଡ଼ିକ ମଧ୍ୟରୁ କେତୋଟିର ଉଦାହରଣ ହେଲା (World Trade Organisation) ବିଶ୍ୱ ବାଣିଜ୍ୟ ସଂଗଠନ (International Monetary Fund) ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, World Bank(ବିଶ୍ୱ ବ୍ୟାଙ୍କ) ଇତ୍ୟାଦି ।

ଆନ୍ତର୍ଜାତିକ ଆର୍ଥିକ ସଂଗଠନଗୁଡ଼ିକ ମୂଳ ଉଦ୍ଦେଶ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ଜନମଙ୍ଗଳ କାର୍ଯ୍ୟ ସମ୍ପାଦନରେ ଅର୍ଥର ଅଭାବ ଦୂର କରି ସହଯୋଗର ହାତ ବଢ଼ାଇବା। ଏହି ସଂଗଠନଗୁଡ଼ିକର ଗୁରୁତ୍ୱକୁ ନିମ୍ନମତେ ପ୍ରକାଶ କରାଯାଇପାରେ ।

(କ) ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ନ୍ୟାୟପୂର୍ଣ୍ଣ ଭାବେ ବ୍ୟବସାୟ ଓ ବାଣିଜ୍ୟ କାରବାରକୁ କରିବା ।

(ଖ) ପୃଥିବୀର ବହନଯୋଗ୍ୟ ଆର୍ଥୀକ ପ୍ରଗତିକୁ ସମର୍ଥନ କରିବା ।

(ଗ) ସଦସ୍ୟ ରାଷ୍ଟ୍ରମାନଙ୍କୁ ମୁଦ୍ରାଜନିତ ସାହାଯ୍ୟ ଦେବା ।

(ଘ) ପାରିବେଶିକ ସୁରକ୍ଷା ସହ ବିକାଶକୁ ପ୍ରାଧାନ୍ୟ ଦେବା ।

(ଙ) ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ବିକାଶ ସଂକ୍ରାନ୍ତୀୟ ବୈଷୟିକ ଜ୍ଞାନ ପ୍ରଦାନ କରିବା ଓ ପରାମର୍ଶ ଦେବା ।

ପ୍ର.୬. ବିଶ୍ୱ ବ୍ୟାଙ୍କର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

**(Discuss organisation and functions of World Bank.)**

ଉ. ଉନ୍ନତଶୀଳ ରାଷ୍ଟ୍ରଗୁଡ଼ିକ ଆର୍ଥୀକ ଓ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ବିଶ୍ୱବ୍ୟାଙ୍କ୍ ମିଳିତ ଜାତିସଂଘର ଏକ ସହଯୋଗୀ ସଂସ୍ଥା ଭାବେ ୧୯୪୪ ମସିହାରେ ପ୍ରତିଷ୍ଠା ହୋଇଥିଲା । ପୃଥିବୀରୁ ଦାରିଦ୍ର୍ୟ ଦୂର କରିବା ଏହାର ଲକ୍ଷ୍ୟ । ଏଥିପାଇଁ ଏହା ବୈଦେଶିକ ପୁଞ୍ଜିନିବେଶ ଓ ଆନ୍ତର୍ଜାତିକ ବାଣିଜ୍ୟ ବ୍ୟବସାୟ ସହିତ ଭିତ୍ତିଭୂମି ଉନ୍ନତିରେ ପୁଞ୍ଜିନିବେଶ ପାଇଁ କାର୍ଯ୍ୟ କରୁଛି । ଏହା ଦୁଇଟି ଅନୁଷ୍ଠାନର ସମାହାର ଓ ସେହି ଦୁଇଟି ହେଲା International Bank for Reconstruction and Development (IBRD) ଓ International Development Association (IDA) । ଏହାଛଡ଼ା ବିଶ୍ୱ ବ୍ୟାଙ୍କ ମିଳିତ ଜାତିସଂଘ ଦ୍ୱାରା ପ୍ରତିଷ୍ଠିତ World Bank Group ର ଅଂଶ ବିଶେଷ । World Bank Groupର ଉପରୋକ୍ତ ଦୁଇଟି ଅନୁଷ୍ଠାନ ବ୍ୟତିତ ଅନ୍ୟ ତିନୋଟି ଅନୁଷ୍ଠାନ ରହିଛି । ସେଗୁଡ଼ିକ ହେଲା International Finance Co-operation, Multilateral Investment Guarantee Age ଓ International Centre for Settlement of Investment Disputs. ବିଶ୍ୱବ୍ୟାଙ୍କ୍‌ର ମୁଖ୍ୟ କାର୍ଯ୍ୟାଳୟ ଯୁକ୍ତରାଷ୍ଟ୍ର ଆମେରିକାର ୱାଶିଂଟନ୍ ଡି.ସି.ଠାରେ ଅବସ୍ଥିତ । ବିଶ୍ୱବ୍ୟାଙ୍କ୍‌ର ସଭାପତି ସାଧାରଣତଃ ଜଣେ ଆମେରିକୀୟ ହୋଇଥାନ୍ତି ବା ଆମେରିକା ସରକାରଙ୍କ ସମର୍ଥୀତ ବ୍ୟକ୍ତି ଏହି ଆସନ ଅଳଂକୃତ କରିଥା'ନ୍ତି । ବ୍ରିଟେନ୍ ଓ ଆମେରିକା ଏହି ସଂଗଠନର ପ୍ରତିଷ୍ଠାତା ସଦସ୍ୟ ହୋଇଥିବାରୁ ଏହି ଦୁଇଟି ରାଷ୍ଟ୍ରର ପ୍ରଭାବ ବିଶ୍ୱବ୍ୟାଙ୍କ୍ ଉପରେ ଅନୁଭୂତ ହୁଏ। ବର୍ତ୍ତମାନ Jim Yong Kim ଏହି ସଂଗଠନର ସଭାପତି ରୂପେ ଆସୀନ । ଫ୍ରାନସ୍ ପ୍ରଥମ ଦେଶ ଭାବେ ବିଶ୍ୱ ବ୍ୟାଙ୍କ୍ ଠାରୁ ଋଣ ପାଇଥିଲା । ବର୍ତ୍ତମାନ IBRDର ସଦସ୍ୟ ରାଷ୍ଟ୍ରସଂଖ୍ୟା ୧୮୯ ହୋଇଥିବାବେଳେ IDAର ସଦସ୍ୟ ରାଷ୍ଟ୍ର ସଂଖ୍ୟା ୧୭୩ ଅଟେ ।

ବିଶ୍ୱ ବ୍ୟାଙ୍କ୍ ଗୋଷ୍ଠୀର ସମସ୍ତ ଅନୁଷ୍ଠାନର ଶାସନ ନୀତି ସଂରଚନା ଭିନ୍ନ ପ୍ରକାର ଅଟେ । ପ୍ରତ୍ୟେକ ଅନୁଷ୍ଠାନର ମାଲିକାନାସତ୍ତ୍ୱ ସେହି ଅନୁଷ୍ଠାନର ସଦସ୍ୟ ରାଷ୍ଟ୍ର ଓ ସରକାରଙ୍କ ଉପରେ ନ୍ୟସ୍ତ । ସଦସ୍ୟ ରାଷ୍ଟ୍ରମାନେ ନିଜର ଅଂଶ ମୁତାବକ ପୁଞ୍ଜି ଯୋଗାଇବା ସହ ନିଜର କ୍ଷମତା ଅନୁପାତରେ ଅନୁଷ୍ଠାନର ପରିଚାଳନା କ୍ଷେତ୍ରରେ ଭୋଟାଧିକାର ପାଇଥାନ୍ତି । ବିଶ୍ୱ ବ୍ୟାଙ୍କର ସଭାପତି ଅମେରିକୀୟ ରାଷ୍ଟ୍ରପତିଙ୍କ ମନୋନୀତ ବ୍ୟକ୍ତି ହେଲେ ମଧ ବ୍ୟାଙ୍କର Board of Governor ଙ୍କ ଦ୍ୱାରା ତାଙ୍କ ନିର୍ବାଚନ ବୈଧ ସାବ୍ୟସ୍ତ ହୁଏ । ସେ ବସ୍ତୁତ World Bank Groupର ସଭାପତିଭାବେ କାର୍ଯ୍ୟ କରନ୍ତି । ତାଙ୍କ ଛଡ଼ା ୨୪ ଜଣ ଉପ-ସଭାପତି ବିଭିନ୍ନ ଅଞ୍ଚଳ ଦାୟିତ୍ୱରେ ରହି କାର୍ଯ୍ୟନିର୍ବାହ ବିଭିନ୍ନ ଅଞ୍ଚଳ ଦାୟିତ୍ୱରେ ରହି କାର୍ଯ୍ୟ ନିର୍ବାହ କରନ୍ତି। ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ଜଣେ ଲେଖା ଗଭର୍ଣ୍ଣରଙ୍କୁ ନିଯୁକ୍ତି ଦିଅନ୍ତି । ସାଧାରଣତଃ ସଦସ୍ୟରାଷ୍ଟ୍ରର ଅର୍ଥମନ୍ତ୍ରୀ ଗର୍ଭର୍ଣ୍ଣର ରୂପେ ନିଯୁକ୍ତି ପାଆନ୍ତି । ଦୈନନ୍ଦିନ କାର୍ଯ୍ୟ ସଂପାଦନ ପାଇଁ World Bank Groupର ସମସ୍ତ ଅନୁଷ୍ଠାନ ୨୫ ଜଣ Board of Executive Directorsଙ୍କ ତତ୍ତ୍ୱାବଧାନରେ ରହେ । Excutive Directorମାନଙ୍କୁ ଗଭର୍ଣ୍ଣର କିଭଳି ପରିମାଣରେ ପରିଚାଳନାଗତ କ୍ଷମତା ହସ୍ତାନ୍ତର କରିଥାନ୍ତି । ଜଣେ Excutive Director ଗୋଟିଏ ରାଷ୍ଟ୍ର ବା ଏକ ରାଷ୍ଟ୍ର ଗୋଷ୍ଠୀକୁ ପ୍ରତିନିଧିତ୍ୱ କରନ୍ତି । ସେମାନେ ନିଜ ଦେଶର ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି । World Bankର ଅନୁଷ୍ଠାନଗୁଡ଼ିକ ନିଜର Articles of Agreement ଅନୁଯାୟୀ ଶାସିତ ହୁଅନ୍ତି । ଏହି ଅନୁଷ୍ଠାନଗୁଡ଼ିକର ସମସ୍ତ କାର୍ଯ୍ୟ ପାଇଁ ଆଇନଗତ ଓ ଆନୁଷ୍ଠାନିକ ମୂଳଦୁଆ ଭାବେ ସ୍ୱୀକୃତ ।

୧୯୪୭ ମସିହା ପରେ ବିଶ୍ୱବ୍ୟାଙ୍କ ଅଣ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ଋଣ ଦେବାପାଇଁ ମନସ୍ଥ କଲା । ୧୯୬୮ ମସିହା ଯାଏ ଏହା ସାମୁଦ୍ରିକ ବନ୍ଦର, ରାଜପଥ ନିର୍ମାଣ ଓ ଶକ୍ତି ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଋଣ ଯୋଗାଉଥିଲା । ଋଣ ନେଇଥିବା ରାଷ୍ଟ୍ରଗୁଡ଼ିକ କିପରି ଏହାର ବିନିଯୋଗ କରି ନିଜର ଆର୍ଥିକସ୍ଥିତି ବଦଳାଇ ଋଣ ଶୁଝିବେ ତାହା ଉପରେ ବିଶ୍ୱବ୍ୟାଙ୍କ୍ ଅଧିକ ଗୁରୁତ୍ୱ ଦେଉଥିଲା । ୧୯୭୪ ମସିହାରୁ ୧୯୮୦ ମସିହା ମଧ୍ୟରେ ଉନ୍ନତଶୀଳ ରାଷ୍ଟ୍ରଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କର ମୌଳିକ ଆବଶ୍ୟକତା ପୂରଣ ପାଇଁ ବିଶ୍ୱ ବ୍ୟାଙ୍କ ଋଣ ଯୋଗାଇଲା । କେବଳ ଭିତ୍ତିଭୂମି ନୁହେଁ ସାମାଜିକ କ୍ଷେତ୍ର ଓ ଅନ୍ୟ କ୍ଷେତ୍ରରେ ମଧ ଅର୍ଥ ବିନିଯୋଗଁ ବିଶ୍ୱବ୍ୟାଙ୍କ୍ ପ୍ରାଧାନ୍ୟ ଦେଲା । ଏସିଆ, ଲାଟିନ୍ ଆମେରିକା ଓ ଆଫ୍ରିକା ମହାଦେଶରେ ଗଠନ ସଂକ୍ରାନ୍ତୀୟ ସୁବ୍ୟବସ୍ଥା କାର୍ଯ୍ୟକ୍ରମ ହାତକୁ ନେଇ ବିଶ୍ୱବ୍ୟାଙ୍କ୍ ପିଲାମାନଙ୍କ ସ୍ୱାସ୍ଥ୍ୟ ରକ୍ଷା, ପୁଷ୍ଟିକର ଖାଦ୍ୟ

ବ୍ୟବସ୍ଥା ଓ ଶିକ୍ଷାଗତ ଅଭିବୃଦ୍ଧିକୁ ନିର୍ଦ୍ଦିଷ୍ଟ ଦିଗ ଦେବାରେ ସକ୍ଷମ ହୋଇଛି । ବର୍ତ୍ତମାନ ବିଶ୍ୱରେ ପାରିବେଶିକ ସମସ୍ୟାଗୁଡ଼ିକର ନିରାକରଣ ସହ ବିକାଶ ପ୍ରକ୍ରିୟାକୁ ଅବ୍ୟାହତ ରଖିବାକୁ ବିଶ୍ୱବ୍ୟାଙ୍କ ସମର୍ଥନ କରିବା ଆରମ୍ଭ କରିଛି । ସାଧାରଣ ସ୍ୱାସ୍ଥ୍ୟ ରକ୍ଷାର ଗୁରୁତ୍ୱକୁ ଦୃଷ୍ଟି ଦେଇ ଏବେ ଏହା ସଂକ୍ରାମକ ରୋଗ ଯେପରି ମ୍ୟାଲେରିଆ, ଯକ୍ଷ୍ମା ଆଦିର ନିରାକରଣ ପାଇଁ ପାଣ୍ଠି ଯୋଗାଉଛି । ୧୯୪୭ ମସିହାରୁ ଆଜିଯାଏ ବିଶ୍ୱବ୍ୟାଙ୍କ ୧୭୨ଟି ଦେଶରେ ୧୧, ୬୯୦ଟି ପକଳ୍ପକୁ ଆର୍ଥିକ ସାହାଯ୍ୟ ଯୋଗାଇ ଲାଗିଛି। ବିଶ୍ୱବ୍ୟାଙ୍କ ସାଧାରଣତଃ ଦୁଇ ପ୍ରକାର ଋଣ ଯୋଗାଉଛି । ସେଗୁଡ଼ିକ ହେଲା (କ) ଭିତ୍ତିଭୂମି, କୃଷି ଓ ଶିଳ୍ପର ବିକାଶ ସହ ଶିକ୍ଷା ଓ ସାଧାରଣ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଋଣପ୍ରଦାନ ଓ (ଖ) ଆର୍ଥିକ ନୀତିରେ ସଂସ୍କାର ବା ଯାହାକୁ ଅନ୍ୟ ଭାଷାରେ ଗଠନ ସଂକ୍ରାନ୍ତୀୟ ସୁବ୍ୟବସ୍ଥା କୁହାଯାଏ । IBRD ଯୋଗାଉଥିବା ଋଣର ଦୁଇ ତୃତୀୟାଂଶ କେବଳ ମଧ୍ୟ ବର୍ଗୀୟ ରୋଜଗାରକ୍ଷମ ରାଷ୍ଟ୍ରଗୁଡ଼ିକୁ ବଜାର ଦରରେ ପ୍ରଦାନ କରେ । IDA ଅଳ୍ପ ସୁଧହାରରେ ନିମ୍ନ ବର୍ଗୀୟ ରୋଜଗାରକ୍ଷମ ରାଷ୍ଟ୍ରଗୁଡ଼ିକୁ ଋଣଯୋଗାଏ । ଏହା ଦୀର୍ଘକାଳୀନ ଭିତ୍ତିରେ ମାତ୍ର ୦.୫ ଶତକଡ଼ା ସୁଧ ହାରରେ ଗରୀବ ରାଷ୍ଟ୍ରଗୁଡ଼ିକୁ ଋଣ ଯୋଗାଇ ଆସୁଛି । ୧୯୬୦ ମସିହାରେ ପ୍ରତିଷ୍ଠିତ ଏହି ଆନ୍ତର୍ଜାତିକ ଅନୁଷ୍ଠାନ ସାଧାରଣ ବଜାର ଦରରେ ଋଣପାଇବାକ ଅକ୍ଷମ ଥିବା ଉନ୍ନତଶୀଳ ଦେଶଗୁଡ଼ିକୁ ସହଜ ଓ ସରଳ କିସ୍ତିରେ ଓ କମ୍ ସୁଧ ହାରରେ ଋଣ ଯୋଗାଉଛି । ୧୯୪୪ ମସିହାରେ ପ୍ରତିଷ୍ଠିତ IBRD ମୁଖ୍ୟତଃ ଯୁଦ୍ଧଦ୍ୱାରା ବିଧ୍ୱସ୍ତ ଓ ଅନୁନ୍ନତ ରାଷ୍ଟ୍ରଗୁଡ଼ିକୁ ଋଣ ଯୋଗାଇ ଦେଉଛି । IBRD ହେଉଛି World Bankର ପ୍ରଥମ ଅନୁଷ୍ଠାନ ଯାହା ଅନୁନ୍ନତ ରାଷ୍ଟ୍ରଗୁଡ଼ିକର ଦାରିଦ୍ର୍ୟ ହ୍ରାସ୍, ଆର୍ଥିକ ପ୍ରଗତି ଓ ପ୍ରାଚୁର୍ଯ୍ୟର ସୋପାନ ନିର୍ମାଣ ପାଇଁ କାର୍ଯ୍ୟ କରୁଛି । କେବଳ ଋଣ ନୁହେଁ ବୈଷୟିକ ଜ୍ଞାନ ପ୍ରଦାନ ଓ ପରାମର୍ଶଦାତା ଭୂମିକାରେ ମଧ୍ୟ ଏହା ତୃତୀୟ ବିଶ୍ୱର ରାଷ୍ଟ୍ରଗୁଡ଼ିକ ପାଇଁ ସାଥି, ସହୋଦର ଓ ସମର୍ଥକ ଭାବେ ଉଭା ହୋଇଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅଂଶଧନ ପୁଞ୍ଜି ଛଡ଼ା ଆନ୍ତର୍ଜାତିକ ବଜାରର ବଣ୍ଡ ବିକ୍ରି କରି ଏହି ଦୁଇଟି ଅନୁଷ୍ଠାନ ଅର୍ଥ ସଂଗ୍ରହ କରନ୍ତି ।

**ପ୍ର.୭. ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର।**

**(Dicuss the composition and fuctions International Monetary Fund.)**

ଉ. ୧୯୪୪ ମସିହା ଜୁଲାଇ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର Bretton Woods New Hampshire ଠାରେ ମିଳିତଜାତିସଂଘ ଆନୁକୂଲ୍ୟରେ ଆୟୋଜିତ ସମ୍ମିଳନୀରେ IMF ଗଠନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ସମ୍ମିଳନୀରେ ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ୍‌କୁ ମିଶାଇ ୪୪ଟି ଦେଶର ପ୍ରତିନିଧି ଭାଗ ନେଇଥିଲେ । ୧୯୩୦ ମସିହାରେ ପ୍ରସିଦ୍ଧ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ସାରା ବିଶ୍ୱରେ ପ୍ରତିଯୋଗିତା ସହ ମୁଦ୍ରାର ଅବମୂଲ୍ୟାଙ୍କନ କାରଣରୁ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଲା। ଏହାର ପୁନରାବୃତ୍ତି ନ ହେବା ପାଇଁ ଏହି ସମ୍ମିଳନୀରେ ଆର୍ଥିକ ସହଯୋଗୀତାକୁ ପ୍ରାଧାନ୍ୟ ଦେଇ ନାମରେ ଏକ ଆନ୍ତର୍ଜାତୀୟ ଆର୍ଥିକ ସଂଗଠନର ପରିକଳ୍ପନା କରାଗଲା। ଶେଷରେ ୧୯୪୫ ମସିହା ଡିସେମ୍ବର ମାସ ୨୭ ତାରିଖରେ IMF ନ୍ୟାୟବଦ୍ଧ ଭାବେ ପ୍ରତିଷ୍ଠିତ ହେଲା। ବର୍ତ୍ତମାନ ୧୮୯ଟି ଦେଶ ଏହାର ସଦସ୍ୟତା ଗ୍ରହଣ କରିଛନ୍ତି । IBRD ର ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକ ମଧ୍ୟ IMF ର ସଦସ୍ୟ । ଏହି ଦେଶଗୁଡ଼ିକଦ୍ୱାରା ଏହାର ଶାସନନୀତି ନିର୍ଦ୍ଧାରିତ ହୁଏ ଓ ସେମାନଙ୍କ ପାଖରେ ଏହା ଉତ୍ତରଦାୟୀ ଅଟେ ।

ପୃଥିବୀରେ ଦେଶ ଓ ଦେଶ ମଧ୍ୟରେ ମୁଦ୍ରା ଜନିତ ସହଯୋଗିତା ବୃଦ୍ଧି, ଆର୍ଥିକ ସ୍ଥିରତାକୁ ନିର୍ଦ୍ଧାରିତ କରିବା, ଆନ୍ତର୍ଜାତିକ ବାଣିଜ୍ୟ କାରବାରକୁ ପ୍ରୋତ୍ସାହିତ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଧାରଣକ୍ଷମ ବିକାଶର ପ୍ରବର୍ତ୍ତନ ଓ ସର୍ବୋପରି ପୃଥିବୀରୁ ଦାରିଦ୍ର୍ୟ ହ୍ରାସ କରିବାର ମୁଖ୍ୟ ଉଦ୍ଦେଶ୍ୟ, ପୃଥିବୀର ଆନ୍ତର୍ଜାତିକ ମୁଦ୍ରା ବ୍ୟବସ୍ଥାରେ (ବିନିମୟ ଦର) ଓ ଆର୍ନ୍ତଜାତିକ ଦେୟ କ୍ଷେତ୍ରର ସ୍ଥିରତା ରଖିବା ପାଇଁ କାର୍ଯ୍ୟକରୁଛି । ଏଥିଯୋଗୁଁ ଦେଶ ଦେଶ ମଧ୍ୟରେ ଆର୍ଥିକ କାରବାର ଓ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ଅର୍ଥ ଦେଣନେଣ ସୁବିଧାଜନକ ହୋଇପାରିଛି । ୨୦୧୨ ମସିହାରେ IMFର ନୀତିରେ ପରିବର୍ତ୍ତନ ଅଣାଯାଇ ଏହା ଆର୍ନ୍ତଜାତିକ ଆର୍ଥୀକ ସ୍ଥିରତା ପାଇଁ ସାମଗ୍ରିକ ଆର୍ଥିକ ବ୍ୟବସ୍ଥା ଓ ଆର୍ଥିକ କ୍ଷେତ୍ର ସମ୍ପାଦିତ ବିଷୟଗୁଡ଼ିକୁ ନେଇ କାର୍ଯ୍ୟ କରିବ ବୋଲି ବ୍ୟବସ୍ଥା କରାଗଲା ।

IMFରୁ ସୁପରିଚାଳନା ପାଇଁ ଏକ ପରିଚାଳନା ଗୋଷ୍ଠୀ ରହିଛି । ଏହାର ୧୭ଟି ବିଭାଗ ରହିଛି ଓ ପ୍ରତ୍ୟେକ ବିଭାଗର କାର୍ଯ୍ୟ ପରିସର ନିର୍ଦ୍ଧାରିତ ହୋଇଛି । IMFର ସମ୍ବଳର ପରିଚାଳନା, ଏହାର ନୀତି ନିର୍ଦ୍ଧାରଣ, ବିଶ୍ଳେଷଣତ୍ମକ ଓ ବୈଷୟିକ

କାର୍ଯ ଆଦି ସଂପାଦନ ପାଇଁ ସ୍ୱତନ୍ତ୍ର ବିଭାଗମାନ ରହିଛି । ଏହାର କାର୍ଯନିର୍ବାହୀ ନିର୍ଦ୍ଦେଶକର କର୍ମଚାରୀମାନଙ୍କର ମୁଖ୍ୟଭାବେ ଓ କାର୍ଯ୍ୟକାରୀମଣ୍ଡଳୀର ସଭାପତି ଭାବେ କାର୍ଯ୍ୟ କରନ୍ତି । ସେ Executive Board ଦ୍ୱାରା ୫ବର୍ଷ ପାଇଁ ନିଯୁକ୍ତି ପାଆନ୍ତି । IMFରେ କାର୍ଯ୍ୟରତ କର୍ମଚାରୀମାନେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥାଆନ୍ତି ଓ ସେମାନେ ପାଖରେ ନିଜ କାର୍ଯ୍ୟପାଇଁ ଉତ୍ତରଦାୟୀ ରହନ୍ତି । ଏହି କର୍ମଚାରୀମାନେ ମୁଖ୍ୟତଃ ଦୈନନ୍ଦିନ କାର୍ଯ୍ୟାବଳୀ, ତଥ୍ୟ ସଂଗ୍ରହ ଓ ଆଦାନପ୍ରଦାନ, ଯୋଗସୂତ୍ର ଇତ୍ୟାଦି ଓ ସହଯୋଗ ସେବା ଦାୟିତ୍ୱ ନିର୍ବାହ କରନ୍ତି । IMFର ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକର ଆର୍ଥିକସ୍ଥିତିକୁ ତୁଳନାତ୍ମକଭାବେ ବିଚାରକୁ ନେଇ ସେମାନଙ୍କର ଭୋଟାଧିକାର ଓ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଅଂଶଗ୍ରହଣ ନିର୍ଣ୍ଣୟ କରାଯାଏ । ଏହାର ମୁଖ୍ୟ କାର୍ଯ୍ୟାଳୟ ଯୁକ୍ତରାଷ୍ଟ୍ର ଆମେରିକାର ୱାଶିଂଟନ ଡି.ସି.ଠାରେ ଅବସ୍ଥିତ । ବର୍ତ୍ତମାନ Christian Lagarde ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୂପେ ଅବସ୍ଥାପିତ ।

IMFକୁ ସଦସ୍ୟରାଷ୍ଟ୍ରମାନେ ନିଜ ସ୍ଥିରୀକୃତ ଅଂଶ ଅନୁଯାୟୀ IMF ଅର୍ଥ ଯୋଗାଇଥାନ୍ତି । ଏହା ଛଡ଼ା ବହୁପାକ୍ଷୀୟ ଓ ଦ୍ୱିପାକ୍ଷୀୟ ଉଧାର ମାଧ୍ୟମରେ ମଧ୍ୟ ଅର୍ଥ ସଂଗ୍ରହ କରେ । IMFରେ ଯୋଗଦାନ ଅଂଶର ସମୟରେ ଗୋଟିଏ ରାଷ୍ଟ୍ରର ଆର୍ଥିକସ୍ଥିତିକୁ ନେଇ ତା'ର ସ୍ଥିରୀକୃତ ଅଂଶ ନିର୍ଦ୍ଧାରିତ ହୁଏତ ଏହି ଅଂଶର ଚାରିଭାଗରୁ ଏକ ଭାଗ ଅର୍ଥ ସମ୍ପୃକ୍ତ ରାଷ୍ଟ୍ରକୁ ଅନୁଦାନ ଆକାରରେ ଦିଏ । ପ୍ରତି ପାଞ୍ଚବର୍ଷରେ ଥରେ ପୁନଃ ନିର୍ଦ୍ଧାରିତ ହୁଏ । New Arrangements to Borrow ଓ General Agrements to Borrowକୁ ଆଧାର କରି ସଦସ୍ୟରାଷ୍ଟ୍ର ଓ ଅନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକରୁ IMF ଅର୍ଥ ସଂଗ୍ରହ କରେ । ଏହି ଉଧାର ଅର୍ଥ ସାଧାରଣତଃ ପ୍ରମୁଖ ଆର୍ଥିକ ସଂକଟକୁ ପ୍ରତିହତ କରିବା କ୍ଷେତ୍ରରେ ବିନିଯୋଗ ହୁଏ । ଏହାଛଡ଼ା ଆନ୍ତର୍ଜାତିକ ଆର୍ଥୀକ ସଂକଟନକୁ ସାମ୍ନା କରିବା ସହ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଉଧାର ଆବଶ୍ୟକତାକୁ ପୂରଣ କରିବା ପାଇଁ IMF ଦ୍ୱିପାକ୍ଷିକ ଉଧାର ମାଧ୍ୟମରେ ଅର୍ଥକୁ ସାମୟିକ ଭାବେ କାର୍ଯ୍ୟକାରୀ କରେ । IMF ପାଖରେ ଗଚ୍ଛିତ ସୁନାର ଏକ ବିଶାଳ ଭଣ୍ଡାର ରହିଛି । ଏହା ସଦସ୍ୟ ରାଷ୍ଟ୍ରମାନଙ୍କର ଦେୟ ଭରଣା କରିବା ମାଧ୍ୟମ ଯୋଗୁଁ ସମ୍ଭବ ହୋଇଛି । ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅନୁମୋଦନ ପ୍ରାପ୍ତ ହେଲେ ଏହାର ବଜାର ଦରରେ ସୁନା ବିକ୍ରି କରି ପାଣ୍ଠି ସଂଗ୍ରହ କରିପାରିବ ।

ସ୍ୱଳ୍ପ ରୋଜଗାରକ୍ଷମ ରାଷ୍ଟ୍ରଗୁଡ଼ିକୁ ନିଜ ତରଫରୁ ଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ IMF ତରଫରୁ ପାଣ୍ଠି ଅଳ୍ପ ସୁଧହାରରେ ଯୋଗାଇଥାଏ । ବର୍ତ୍ତମାନ ଏହା Proverty Reduction and Growth Trust (PRGT), Heavily Indebted Poor Countries (HIPC) ଓ Catastrophe Containment and Relief (CCR) Trust ପରି କାର୍ଯ୍ୟକ୍ରମ ମାଧ୍ୟମରେ ଗରିବ ଦେଶଗୁଡ଼ିକୁ ଅଳ୍ପ ସୁଧହାରରେ ଋଣଯୋଗାଇ ଦେଉଛି । ନିଜର ସଦସ୍ୟଭୁକ୍ତ ରାଷ୍ଟ୍ରର କ୍ଷେତ୍ରରେ ଦେୟକୁ ନେଇ ଭାରସାମ୍ୟ ରକ୍ଷା ସମ୍ଭବ ନ ହେଲେ IMF ଆର୍ଥୀକ ଅନୁଦାନ ଯୋଗାଇଥାଏ । ଏହାଦ୍ୱାରା ନୀତିଗତ କାର୍ଯ୍ୟକ୍ରମଗୁଡ଼ିକରେ ପରିବର୍ତ୍ତନ ଆଣି ଆର୍ଥିକ ବ୍ୟବସ୍ଥାକୁ ବିଶ୍ୱାସଯୋଗ୍ୟ କରାଯିବାକୁ ଉଦ୍ୟମ ହୁଏ । ସୁସ୍ଥ ଆର୍ଥିକ ନୀତି ପ୍ରସ୍ତୁତ କରିବା ଓ କାର୍ଯ୍ୟନ୍ୱୟନ କ୍ଷେତ୍ରରେ IMF ରାଷ୍ଟ୍ରଗୁଡ଼ିକୁ ନିଜର କ୍ଷମତା ଓ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ରାଷ୍ଟ୍ରଗୁଡ଼ିକୁ ନିଜର କ୍ଷମତା ବୃଦ୍ଧି କରିବା ପାଇଁ ସାହାଯ୍ୟ କରେ । IMFର ସମସ୍ତ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକର ଅର୍ଥନୈତିକ ଓ ଆର୍ଥିକନୀତି ନିୟମକୁ ଆନ୍ତର୍ଜାତିକ ସମୁଦାୟ ତଦାରଖ କରିପାରିବେ । ଏହାକୁ ଆର୍ଥିକ ସତର୍କ ନଜର କୁହାଯାଏ । ଋଣ ପାଇବା ପାଇଁ ସଦସ୍ୟଭୁକ୍ତ ରାଷ୍ଟ୍ରକୁ ଅନୁରୋଧ କରିବାକୁ ପଡ଼େ । ଋଣ ପ୍ରଦାନ ପାଇଁ ଉଧାର ବ୍ୟବସ୍ଥା ଋଣଗ୍ରହୀତା ରାଷ୍ଟ୍ରକୁ ମାନିବାକୁ ପଡ଼େ । ଏଥିରେ ନିର୍ଦ୍ଦିଷ୍ଟ ଆର୍ଥିକ ନୀତି ଓ ପଦକ୍ଷେପକୁ କାର୍ଯ୍ୟାନ୍ୱୟନ କରିବା ସହ ଦେୟର ଭାରସାମ୍ୟକୁ ରକ୍ଷାକରିବା ପାଇଁ ସର୍ତ୍ତଆରୋପ କରାଯାଇଥାଏ । ଆଜିର ଦିନରେ IMF ଠାରୁ ସବୁଠାରୁ ଅଧିକ ଋଣ ନେଇଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଶୀର୍ଷରେ ରହିଛି ମେକ୍ସିକୋ ଓ ତା ପରେ ଗ୍ରୀସ୍ । ମାତ୍ର ଋଣ ସହ ଦେଶର GDPକୁ ତୁଳନା କଲେ ଲାଇବେରିଆ ସବୁଠାରୁ ଅଧିକ ଅର୍ଥ ଋଣ ଆକାରରେ ନେଉଛି ଓ ତା' ତଳକୁ ରହିଛି ଆଇସଲ୍ୟାଣ୍ଡ ।

**ପ୍ର.୮. ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କ ମଧ୍ୟରେ ଥିବା ପାର୍ଥକ୍ୟମାନ ଦର୍ଶାଅ।**

**(Dicuss between difference between IMF and World Bank.)**

**ଉ.** IMF ଓ World Bank ମଧ୍ୟରେ ଗଠନ ପ୍ରକ୍ରିୟା ଓ କାର୍ଯ୍ୟାବଳୀକୁ ନେଇ ପାର୍ଥକ୍ୟ ଥିବାର ଦୃଷ୍ଟିଗୋଚର ହୁଏ । World Bank ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଉଥିବା ବେଳେ IMF ଆର୍ଥିକ ସ୍ଥିରତାକୁ ପ୍ରାଧାନ୍ୟ ଦିଏ । World Bank

ମୁଖ୍ୟତଃ ଉନ୍ନତଶୀଳ ଦେଶଗୁଡ଼ିକର ବିକାଶ ସଂପର୍କୀତ ପ୍ରକଳ୍ପଗୁଡ଼ିକୁ ପ୍ରାଧାନ୍ୟ ନେଉଥିବା ବେଳେ IMF ଉଭୟ ଉନ୍ନତ ଓ ଅନୁନ୍ନତ ଦେଶଗୁଡ଼ିକରେ ଆର୍ଥୀକ ବ୍ୟବସ୍ଥାରେ ଭାରସାମ୍ୟ ରକ୍ଷାକୁ ପ୍ରାଧାନ୍ୟ ଦେଇଆସିଛି । ଉଭୟ ଆନ୍ତର୍ଜାତିକ ଅନୁଷ୍ଠାନ ମିଳିତ ଜାତିସଂଘର ଦୁଇଟି ସହଯୋଗୀ ଅନୁଷ୍ଠାନ ଓ ୧୯୪୪ ମସିହାର Bretton Woods ସମ୍ମିଳନୀରେ ଗୃହୀତ ପ୍ରସ୍ତାବ ଅନୁଯାୟୀ ସ୍ଥାପିତ ହୋଇଛନ୍ତି । ଉଭୟ ବିଶ୍ୱର ବିଭିନ୍ନ ଦେଶଗୁଡ଼ିକୁ ଋଣ ଆକାରରେ ଅର୍ଥ ଯୋଗାଇଥାନ୍ତି । World Bank ଏକ ବ୍ୟାଙ୍କ୍ ଓ ସେଥିପାଇଁ ଏହା ପୁଞ୍ଜିନିବେଶକାରୀଙ୍କଠାରୁ ଋଣ ଆକାରରେ ଅର୍ଥ ସଂଗ୍ରହ କରି ଗରିବ ରାଷ୍ଟ୍ରଗୁଡ଼ିକରେ ଦାରିଦ୍ର୍ୟ ନିରାକରଣ ପାଇଁ ଋଣସୂତ୍ରରେ ଅର୍ଥ ପ୍ରଦାନ କରେ । ପ୍ରଦତ୍ତ ଅର୍ଥକୁ ଋଣ ଆକାରରେ ଯୋଗ୍ୟ ଓ ଋଣ ଫେରସ୍ତର ସକ୍ଷମତା ଥିବା ରାଷ୍ଟ୍ରଗୁଡ଼ିକୁ ପ୍ରଦାନ କରେ । World Bank ଉଭୟ ସାଙ୍ଗଠନିକ ଓ କାର୍ଯ୍ୟାବଳୀ ଦୃଷ୍ଟିରୁ IMF ଠାରୁ ବୃହତ୍ତ । ଋଣ ଦେବା ପାଇଁ IMFର ଚାରୋଟି ମୁଖ୍ୟ ବ୍ୟବସ୍ଥା ହେଲା FCL (Flexible Credit Line), PLL (Precantionary Lending), SBA (Stand by Arrangement) ଓ EFF (Extended Fund Facility) । World Bank ର ସଦସ୍ୟ ହୋଇପାରିବ ନାହିଁ । ଉଭୟ କ୍ଷେତ୍ରରେ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକର ଭୋଟାଧିକାର ସେହି ରାଷ୍ଟ୍ରଗୁଡ଼ିକର ଆର୍ଥୀକସ୍ଥିତି ଉପରେ ନିର୍ଭରଶୀଳ । IMF ମୁଖ୍ୟତଃ ଗୋଟିଏ ଦେଶର ଦେୟର ଭାରସାମ୍ୟ ରକ୍ଷାପାଇଁ ଋଣ ଯୋଗାଏ ଓ ସେହି ଦେଶର ଆର୍ଥିକ ନୀତି ଓ କାର୍ଯ୍ୟକ୍ରମର ପରିବର୍ତ୍ତନ ବା ସଂସ୍କାରକୁ ଗୁରୁତ୍ୱ ଦିଏ । ଏହା ଜଟିଳ ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିବା ଦେଶଗୁଡ଼ିକୁ ଋଣ ଯନ୍ତାରୁ ମୁକ୍ତ କରିବାକୁ ସାହାଯ୍ୟ କର ଓ ପରାମର୍ଶ ପ୍ରଦାନ କରେ । World Bank ମୁଖ୍ୟତଃ ଉନ୍ନତଶୀଳ ଦେଶଗୁଡ଼ିକୁ ଦୀର୍ଘସୂଚୀ ଆର୍ଥିକ ବିକାଶ ପାଇଁ ଅଳ୍ପ ସୁଧହାରରେ ଋଣ ଯୋଗାଏ । ପ୍ରଥମେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ଏହି ସୁବିଧା ମିଳୁଥିବା ବେଳେ ଏବେ ବିକାଶଶୀଳ ରାଷ୍ଟ୍ର ଗୁଡ଼ିକୁ ଏହା ମିଳୁଛି । ବର୍ତ୍ତମାନ ସମୟରେ ଏହି ଦୁଇଟି ଆନ୍ତର୍ଜାତିକ ଅନୁଷ୍ଠାନ ମଧ୍ୟରେ ଅନେକ କ୍ଷେତ୍ର ଯେପରି ଗରୀବ ରାଷ୍ଟ୍ରଗୁଡ଼ିକରେ ଦାରିଦ୍ର୍ୟ ନିରାକରଣ ପାଇଁ ସାହାଯ୍ୟ, ଅତି ଗରିବ ରାଷ୍ଟ୍ରଗୁଡ଼ିକୁ କରଜ ରିଲିଫ୍ ପ୍ରଦାନ ଓ ରାଷ୍ଟ୍ରଗୁଡ଼ିକର ଆର୍ଥିକ କ୍ଷେତ୍ରରେ ଆକଳନ ଆଦିରେ ପାରସ୍ପରିକ ସହଯୋଗ ଦେଖିବାକୁ ମିଳୁଛି ।

IMF ଓ World Bank ବିଶ୍ୱର ଉନ୍ନତ ରାଷ୍ଟ୍ର ମୁଖ୍ୟତଃ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ବ୍ୟବସାୟିକ ସ୍ୱାର୍ଥକୁ ସୁରକ୍ଷା ଦେଉଥିବାର ଅଭିଯୋଗ ହୁଏ । ଏହି ଦୁଇଟି ଅନୁଷ୍ଠାନ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛନ୍ଦ ରାଷ୍ଟ୍ରଗୁଡ଼ିକର ହାତବାରିସି ସାଜି ଅନୁନ୍ନତ ରାଷ୍ଟ୍ରଗୁଡ଼ିକୁ ଆର୍ଥିକ ଓ ମୁଦ୍ରାଗତ ସାହାଯ୍ୟ ଦେବା ନାଁରେ ସବୁଦିନ ପାଇଁ ଋଣଗ୍ରସ୍ତ କରି ରଖିବାର ପ୍ରୟାସ ଜାରି ରଖିଛନ୍ତି । ବିକାଶୀଳ ଓ ଅନୁନ୍ନତ ରାଷ୍ଟ୍ରଗୁଡ଼ିକର ନୀତି ପ୍ରଣୟନ ଓ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ଏମାନେ ବେଳେ ବେଳେ ଅଯଥାର ହସ୍ତକ୍ଷେପ କରିବା ଦେଖାଯାଏ । ରାଷ୍ଟ୍ରର ସାର୍ବଭୌମତ୍ୱ ଉପରେ ଏହ ପରୋକ୍ଷ କୁଠାରଘାତ ସଦୃଶ ସେଥିପାଇଁ ଜାତିସଂଘର ସଂସ୍କାର ସହ ଏହି ଅନୁଷ୍ଠାନଗୁଡ଼ିକର ଗଠନ ଓ କାର୍ଯ୍ୟାବଳୀରେ ଅନେକ ପରିବର୍ତ୍ତନ ଓ ସଂସ୍କାରର ମଧ୍ୟ ଆବଶ୍ୟକତା ରହିଛି ।

❑❑❑

ଆନ୍ତର୍ଜାତିକ ରାଜନୀତିରେ ସମସ୍ୟାମାନ
[ ISSUES IN INTERNATIONAL POLITICS ]

5
UNIT

ନବମ ଅଧ୍ୟାୟ

# ସମସାମୟିକ ବିଶ୍ୱରେ ନିରାପତ୍ତାର ପରିବର୍ତ୍ତିତ ପରିସର

# [ CHANGING DIMENSIONS OF SECURITY IN CONTEMPORARY WORLD ]

ପାରମ୍ପରିକ ନିରାପତ୍ତା ବିଷୟ : ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଓ ନିରସ୍ତ୍ରୀକରଣ, ଅଣପାରମ୍ପରିକ ନିରାପତ୍ତା ବିଷୟ : ମାନବିକ ନିରାପତ୍ତା : ପୃଥିବୀ ବ୍ୟାପି ଦାରିଦ୍ର୍ୟତା, ଅସମାନତା, ସ୍ୱାସ୍ଥ୍ୟ ଓ ଶିକ୍ଷା ।

(Traditional Security Concerns : Arms Race and Disarmmnent, Non-Traditional Security Concerns : Human Security, Global Poverty, Inequality, Health and Education)

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ଜାତୀୟ ନିରାପତ୍ତା ସଂଜ୍ଞା ଓ ଉପାଦାନ ଆଲୋଚନା କର।**

**(Explain definition and elements of Natural Security.)**

ଉ. ରାଷ୍ଟ୍ର ଓ ଏହାର ନାଗରିକମାନଙ୍କୁ ଜାତୀୟ ବିପତ୍ତିରୁ ବିଭିନ୍ନ ମାଧ୍ୟମ ଯେପରି ସାମରିକ ଶକ୍ତି, ଆର୍ଥିକ ଶକ୍ତି, କୂଟନୀତି ଓ ରାଜନୈତିକ କ୍ଷମତା ଆଦି ଦ୍ୱାରା ସରକାର ତଥା ବ୍ୟବସ୍ଥାପିକା ସୁରକ୍ଷା ଯୋଗାଇଦେବାକୁ ଜାତୀୟ ନିରାପତ୍ତା (National Security) କୁହାଯାଏ । ଜାତୀୟ ନିରାପତ୍ତା ଆରମ୍ଭରୁ ସାମରିକ୍ତ ଶକ୍ତି ଉପରେ ଗୁରୁତ୍ୱ ଦେଉଥିବାବେଳେ ଏବେ ଏହାର ଅନେକ ବିଷୟବସ୍ତୁ ଯେପରି ଅଣ-ସାମରିକ ବା ଆର୍ଥିକ ନିରାପତ୍ତା ଆଦି ବିଷୟବସ୍ତୁକୁ ଗୁରୁତ୍ୱ ଦେଉଛି । ଜାତୀୟ ନିରାପତ୍ତାକୁ ସୁନିଶ୍ଚିନ୍ତ କରିବାପାଇଁ ଗୋଟିଏ ଦେଶ ଆର୍ଥିକ ନିରାପତ୍ତା, ଶକ୍ତିଜନିତ ନିରାପତ୍ତା, ପାରିବେଶିକ ନିରାପତ୍ତା ଆଦି ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ । ବର୍ତ୍ତମାନ ବିଶ୍ୱରେ ଜାତୀୟ ନିରାପତ୍ତା ବିପନ୍ନ ପାଇଁ ଶତ୍ରୁ ରାଷ୍ଟ୍ର ବ୍ୟତିକ ଅନେକ ଅଣରାଷ୍ଟ୍ର ଗୋଷ୍ଠୀ ମଧ୍ୟ ଦାୟୀ । ସେହି ଅଣରାଷ୍ଟ୍ର ଗୋଷ୍ଠୀଗୁଡ଼ିକ ହେଲା ନିଶାଦ୍ରବ୍ୟ ଚୋରଚାଲାଣକାରୀ ବହୁ ରାଷ୍ଟ୍ରୀୟ କମ୍ପାନୀ ଓ ବେସରକାରୀ ଅନୁଷ୍ଠାନ ଇତ୍ୟାଦି । ପ୍ରାକୃତିକ ଦୁର୍ବିପାକ ଓ ପାରିବେଶିକ କ୍ଷତି ପାଇଁ ବିଭିନ୍ନ ଘଟଣାବଳୀକୁ ମଧ୍ୟ କେତେକ ବିଶେଷ ଜାତୀୟ ନିରାପତ୍ତା ଅର୍ନ୍ତଭୁକ୍ତ ବୋଲି ମତବ୍ୟକ୍ତ କରୁଛନ୍ତି । ୧୯୭୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର Yale University ଦେଶୀୟ କଳକାରଖାନାଗୁଡ଼ିକର ସମ୍ପର୍କ ନିର୍ଦ୍ଧାରଣକୁ ନେଇ ପ୍ରଥମେ 'National Security' ଶବ୍ଦପୁଞ୍ଜ ବ୍ୟବହାର କରିଥିବାର ପ୍ରମାଣ ରହିଛି । ଏଥି ପୁର୍ବରୁ ୧୬୪୮ ମସିହାର Peace of Westphalia ଆନୁକୁଲ୍ୟରେ 'National Security' ବ୍ୟବହୃତ ହୋଇଥିଲା । ଏହା ଯୋଗୁଁ ଏକ ଶକ୍ତିଶାଳୀ ଓ ସ୍ଥାୟୀ ଜାତିଭିତ୍ତିକ ରାଷ୍ଟ୍ର ଗଠିତ ହୋଇପାରିବ ବୋଲି ସେତେବେଳେ ଯାଏ ପ୍ରକାଶ ପାଇଥିଲା । ସାର୍ବଭୌମ ରାଷ୍ଟ୍ରର ଶାସକ ସାର୍ବଭୌମ କ୍ଷମତାର ଅଧିକାରୀ ହେବା ସହ ଆନ୍ତର୍ଜାତିକ ସ୍ତରରେ ଜାତିଭିତ୍ତିକ ରାଷ୍ଟ୍ରଗୁଡ଼ିକ ନେଇ ନୂତନ ଶୃଙ୍ଖଳା ସୃଷ୍ଟି ହେଲା । Thoman Hobbes ତାଙ୍କ ବହୁଚର୍ଚ୍ଚିତ ପୁସ୍ତକ 'Leviathan' ରେ ଜାତୀୟ ନିରାପତ୍ତା ରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । Immanuel Kant ପରବର୍ତ୍ତୀ ସମୟରେ ବଦଳୁଥିବା ଆର୍ନ୍ତଜାତିକ ସ୍ଥିତିକୁ ଲକ୍ଷ୍ୟକରି ଜାତିଭିତ୍ତିକ ରାଷ୍ଟ୍ରଗୁଡ଼ିକ ଆର୍ନ୍ତଜାତିକ ନିରାପତ୍ତା ପାଇଁ ଯୋଗଦାନ କରିବାକୁ ଆହ୍ୱାନ ଦେଲେ । ଆନ୍ତର୍ଜାତିକ ନିରାପତ୍ତା ସହ ଜାତୀୟ ନିରାପତ୍ତା ଜଡ଼ିତ । ମାତ୍ର ଏକ ଶୈକ୍ଷିକ ବିଷୟ ରୂପେ ଜାତୀୟ ନିରାପତ୍ତା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକାରେ ବହୁଳଭାବେ ଆଲୋଚନାର ପରିସରକୁ ଆସିବା ଦୃଷ୍ଟିଗୋଚର ହେଲା ।

ଜାତୀୟ ନିରାପତ୍ତାର ସଂଜ୍ଞାକୁ ନେଇ ମତାମତ ରହିଛି । ବଦଳୁଥିବା ସମୟ ଓ ରାଷ୍ଟ୍ରର ନିରାପତ୍ତାକୁ ନେଇ ନୂଆ ବିପତ୍ତି ଦୃଷ୍ଟିଗୋଚର ହେଉଥିବାରୁ ଜାତୀୟ ନିରାପତ୍ତା ପାଇଁ ଏକକ ସଂଜ୍ଞା ପ୍ରଦାନ କରିବା କଷ୍ଟକର । Macmillan Dictionary ଅନୁଯାୟୀ ଜାତୀୟ ନିରାପତ୍ତା ଅର୍ଥ "ଜାତି ଓ ଜାତିଭିତ୍ତିକ ରାଷ୍ଟ୍ରର ସାମାଜିକ ସୁରକ୍ଷା ସହ ରାଷ୍ଟ୍ରର ନାଗରିକମାନଙ୍କ ସୁରକ୍ଷା ଏବଂ ଦେଶର ଗୁପ୍ତ ତଥ୍ୟର ସୁରକ୍ଷା ଓ ସଂରକ୍ଷଣ ।" Harold Lasswell ଙ୍କ ମତାନୁଯାୟୀ, ବିଦେଶୀ ନିର୍ଦ୍ଦେଶରୁ ମୁକ୍ତି ହେଉଛି ଜାତୀୟ ନିରାପତ୍ତାର ସ୍ୱତନ୍ତ୍ର ଅର୍ଥ । ସଂକ୍ଷେପରେ ଜାତୀୟ ନିରାପତ୍ତାକୁ ବୁଝାଇବାକୁ ଯାଇ Premarature କହନ୍ତି, ସାର୍ବଭୌମତ୍ୱର ସୁରକ୍ଷା, ଆଞ୍ଚଳିକ ସଂହତି ଓ ନାଗରିକତା ଏବଂ ହିଂସାତ୍ମକ ବା ଅନ୍ୟାୟ ପଦ୍ଧତିରେ ଜାତିର ସାମାଜିକ ଓ ଆର୍ଥିକ କାର୍ଯ୍ୟସାଧନ ଉପରେ ଜଣେ ଆକ୍ରମଣକାରୀଙ୍କ ନିର୍ଦ୍ଦିଷ୍ଟ ମୂଲ୍ୟବୋଧକୁ ତଳିତଳାନ୍ତ କରିବାକୁ ଜାତୀୟ ନିରାପତ୍ତା କୁହାଯିବ । Prabhakar Palari ଜାତୀୟ ନିରାପତ୍ତାକୁ ବାଖ୍ୟା କରିବାକୁଯାଇ କୁହନ୍ତି, ଗୋଟିଏ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲୋକମାନଙ୍କ କଲ୍ୟାଣ ଓ ଜାତିଭିତ୍ତିକ ରାଷ୍ଟ୍ରର ସ୍ଥାୟୀତ୍ୱ ପ୍ରତିଥିବା ବହୁ କୋଣୀୟ ବିପତ୍ତିକୁ ଅତିକ୍ରମ କରିବା ପାଇଁ ରାଷ୍ଟ୍ରରେ ମାପଯୋଗ୍ୟ ଦକ୍ଷତା ଏବଂ ପରୀକ୍ଷା, ଗଣନା ଓ ଅନ୍ୟ ପ୍ରକାର ମାଧ୍ୟମ ଦ୍ୱାରା ସିଦ୍ଧ ହୋଇଥିବା ରାଷ୍ଟ୍ରର ନୀତି ଯାହା ସମସ୍ତ ନୀତିସମ୍ମତ ନିର୍ଦ୍ଦେରେ ଭାରସାମ୍ୟ ରକ୍ଷା କରେ । ତଥା ବିଶ୍ୱସ୍ତରୀୟ ନିରାପତ୍ତାକୁ ବାହ୍ୟ କାରକ ସମୂହ ଦ୍ୱାରା ସମ୍ଭବ କରିବା ଉଦ୍ଦେଶ୍ୟରେ ପ୍ରସାରିତ କରିବା ।

ଜାତୀୟ ନିରାପତ୍ତା ବଳବତ୍ତର କରିବା ପାଇଁ ରାଷ୍ଟ୍ର ବା ସରକାର ନିମ୍ନୋକ୍ତ ପଦକ୍ଷେପ ନେବା ସାଧାରଣତଃ ଦେଖାଯାଏ ।

(କ) କୂଟନୀତି ମାଧ୍ୟମରେ ସହଯୋଗୀ ସଂଖ୍ୟାବୃଦ୍ଧି ଓ ବିପତ୍ତିକୁ ଏକଘରିକିଆ କରିବା ।

(ଖ) ରାଷ୍ଟ୍ରର ଅର୍ଥନୀତିକସ୍ଥିତିରେ ସୁଧାରଆଣି ସହଯୋଗ ବୃଦ୍ଧିପାଇଁ ଚାପ ସୃଷ୍ଟି ।

(ଗ) ଦକ୍ଷ ସାମରିକ ବାହିନୀ ରଖିବା ।

(ଘ) ନାଗରିକ ସୁରକ୍ଷା ଓ ଆପାତକାଳୀନ ପ୍ରସ୍ତୁତି ।

(ଙ) ଗୁରୁତର ଭିତ୍ତିଭୂମିଗୁଡ଼ିକର ନମନୀୟତା ଓ କୃତାକାର୍ଯ୍ୟ ଦକ୍ଷତା ନିଶ୍ଚିନ୍ତ କରିବା ।

(ଚ) ଗୁଇନ୍ଦା ବିଭାଗର ସାହାଯ୍ୟରେ ଆସନ୍ନ ବିପତ୍ତି ଓ ଗୁପ୍ତଚର କାର୍ଯ୍ୟକୁ ଧରିବା, ପରାହତ କରିବା ବା ଏଡ଼େଇ ଯିବା ଏବଂ ନିରାପତ୍ତାଜନିତ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକର ସୁରକ୍ଷା ।

(ଛ) ଦେଶର ଆନ୍ତଃନିରାପତ୍ତା ପାଇଁ ଗୁପ୍ତ ପୋଲିସ୍ ସେବା ବା ବିପକ୍ଷ ଗୁଇନ୍ଦା ବିଭାଗକୁ କାର୍ଯ୍ୟରେ ଲଗାଇବା ।

ଗୋଟିଏ ଦେଶ ପାଇଁ ଜାତୀୟ ନିରାପତ୍ତା ସବୁଠାରୁ ବଡ଼ କର୍ତ୍ତବ୍ୟ । ଅନ୍ୟଥା ଦେଶର ସ୍ଥାୟୀତ୍ୱ ଓ ବିଶ୍ୱରେ ସମ୍ପୃକ୍ତ ଦେଶର ମର୍ଯ୍ୟାଦା ଉପରେ ପ୍ରଶ୍ନ ଚିହ୍ନ ଲାଗିଯିବ । ଜାତୀୟ ନିରାପତ୍ତାର ଗୁରୁତ୍ୱକୁ ନିମ୍ନମତେ ସୂଚିତ କରାଯାଇପାରିବ ।

(କ) ଏହା ଯୋଗୁଁ ବିଦେଶରେ ରାଷ୍ଟ୍ରର ସ୍ୱାର୍ଥ ସୁରକ୍ଷା ସହ ଦେଶ ଭିତରେ ନିରାପତ୍ତାକୁ ନିଶ୍ଚିନ୍ତ କରାଯାଇପାରିବ ।

(ଖ) ଜାତୀୟ ନିରାପତ୍ତାର ସୁଦୃଢ଼ୀକରଣ ସହ ଦେଶର ସାମଗ୍ରିକ ବିକାଶର ପ୍ରଶ୍ନ ଜଡ଼ିତ ।

(ଗ) ଏହା ଆନ୍ତର୍ଜାତିକ ସ୍ତରରେ ଦେଶର ଗୁରୁତ୍ୱ ଓ ଗ୍ରହଣୀୟତାକୁ ପ୍ରତିପାଦିତ କରେ

(ଘ) ଏହା ଯୋଗୁଁ ଦେଶର ଭୌଗଳିକ ସୀମାର ସୁରକ୍ଷା ନିଶ୍ଚିନ୍ତ କରାଯାଇପାରିବ।

(ଙ) ଏହା ଦେଶର ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ ସାର୍ବଭୌମତ୍ୱକୁ ନିଶ୍ଚିତ କରାଏ।

(ଚ) ଜାତୀୟ ନିରାପତ୍ତା ପରୋକ୍ଷରେ ବିଶ୍ୱସ୍ତରରେ ନିରାପତ୍ତା ଜନିତ ଉଦ୍‌ବେଳନକୁ ପ୍ରଶମିତ କରି ପାରିବ ।

ଜାତୀୟ ନିରାପତ୍ତାର ଅନେକଗୁଡ଼ିଏ ଉପାଦାନ ରହିଛି । ସେଗୁଡ଼ିକ ହେଲା ସାମରିକ ନିରାପତ୍ତା, ରାଜନୈତିକ ନିରାପତ୍ତା, ଆର୍ଥୀକ ନିରାପତ୍ତା, ପାରିବେଶିକ ନିରାପତ୍ତା, ଶକ୍ତି ଓ ପ୍ରାକୃତିକ ସମ୍ପଦର ନିରାପତ୍ତା, ସାଇବର ନିରାପତ୍ତା ଓ ମହିଳାଙ୍କ ସଶକ୍ତିକରଣ ଓ ମାନବୀୟ ନିରାପତ୍ତା ।

**(କ) ସାମରିକ ନିରାପତ୍ତା** – ଗୋଟିଏ ଦେଶର ନିଜ ସୁରକ୍ଷା ନିଶ୍ଚିତ କରିବା ତଥା ସାମରିକ ଆକ୍ରମଣ କୁପ୍ରତିହତ କରିବା କ୍ଷମତାକୁ ସାମରିକ (military security) ନିରାପତ୍ତା କୁହାଯାଏ । ଅନ୍ୟ ଭାଷାରେ ସାମରିକ ଶକ୍ତି ଦ୍ୱାରା ବଳୀଆନ୍ ଦେଶ ଏହାର ସହାୟତାରେ ନିଜସ୍ୱ ନୀତିକୁ ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରବର୍ତ୍ତନ ପାଇଁ ପ୍ରୟାସ କରେ । ଏହା ଜାତୀୟ ନିରାପତ୍ତା ସଂପର୍କୀୟ ସବୁଠାରୁ ପୁରୁଣା ଉପାଦାନ ।

**(ଖ) ରାଜନୈତିକ ନିରାପତ୍ତା** – ଏହା ଦ୍ୱାରା ସାମାଜିକ ବ୍ୟବସ୍ଥାରେ ସ୍ଥିରତା ଅଣାଯାଇପାରିବ। ଏହା ମଧ୍ୟ ଜାତୀୟ ନିରାପତ୍ତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ମୁଖ୍ୟତଃ ରାଷ୍ଟ୍ରରେ ସାର୍ବଭୌମତ୍ୱ ପ୍ରତି ଥିବା ବିପଦକୁ ସାମ୍ନା କରିବାକୁ ବୁଝାଏ । ରାଷ୍ଟ୍ରରେ ସାର୍ବଭୌମତ୍ୱ ପ୍ରତି ଥିବା ବିପଦଗୁଡ଼ିକ ମୁଖ୍ୟତଃ ହେଲା । ବିଦେଶୀ ଦେଶ, ଜାତି, ଧର୍ମ ଓ ସମ୍ପ୍ରଦାୟ ଭିତ୍ତିରେ ଗଠିତ ସଂଗଠନ, ଅନ୍ୟ ଦେଶ ସହ ସଂପର୍କରେ ଥିବା ଆଦିବାସୀ, ସଂଖ୍ୟାଲଘୁ ଗୋଷ୍ଠୀ, ମିଳିତ ଜାତିସଂଘ ପରି ଆର୍ନ୍ତଜାତୀକ ସଂଗଠନ ଆଦି।

**(ଗ) ଆର୍ଥିକ ନିରାପତ୍ତା** – ଦେଶର ଜନସାଧାରଣଙ୍କୁ ରୋଜଗାର ଓ କର୍ମସଂସ୍ଥାନ ଯୋଗାଇ ଦିଆନଗଲେ ଆର୍ଥିକ ନିରାପତ୍ତା ବିପନ୍ନ ହେବା ସ୍ୱାଭାବିକ । ଉଭୟ ସାମରିକ ଓ ଅଣ ସାମରିକ କ୍ଷେତ୍ରରେ କର୍ମସଂସ୍ଥାନ ସୃଷ୍ଟି ଓ ତା'ର ସୁରକ୍ଷା ରାଷ୍ଟ୍ରର ଦାୟିତ୍ୱ । ଆନ୍ତର୍ଜାତିକ ବ୍ୟବସାୟ ଓ ବାଣିଜ୍ୟ, ଆର୍ଥିକ ସଂପର୍କକୁ ନେଇ ବିଭିନ୍ନ ଚୁକ୍ତି, ପ୍ରାକୃତିକ ସଂପଦର ବିନିଯୋଗକୁ ନେଇ ଚୁକ୍ତି ଓ ସର୍ତ୍ତ, ଦେଶ ଦେଶ ମଧ୍ୟରେ ଆର୍ଥିକ ବିକାଶକୁ ନେଇ ନିର୍ଭରଶୀଳତା ଆଦି ଆର୍ଥିକ ନିରାପତ୍ତାକୁ ପ୍ରଭାବିତ କରେ।

(ଘ) **ପାରିବେଶିକ ଘଟଣାବଳୀ** – ରାଷ୍ଟ୍ରର ନିରାପତ୍ତାକୁ ପ୍ରଭାବିତ କରୁଥିବା ଯେକୌଣସି ପ୍ରକାର ପାରିବେଶିକ ଘଟଣାବଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ସମସ୍ତ ପାରିବେଶିକ ଘଟଣାବଳୀ ଏହି ପର୍ଯ୍ୟାୟଭୁକ୍ତ ନୁହଁନ୍ତି । କେତେକ ଆନ୍ତର୍ଜାତିକ ଓ ଆଞ୍ଚଳିକ ପାରିବେଶିକ ଘଟଣାବଳୀ ଯେପରି ପାଗ ପରିବର୍ତ୍ତନ, ଜଙ୍ଗଲ ସଂପଦ ନଷ୍ଟ ଓ ସନ୍ତୁଳିତ ପରିବେଶ ନଷ୍ଟ ଆଦି ଜାତୀୟ ନିରାପତ୍ତାକୁ ବିପନ୍ନ କରୁଛି ।

(ଙ) **ଶକ୍ତି ଓ ପ୍ରାକୃତି ସଂପଦର ନିରାପତ୍ତା** – ପ୍ରାକୃତିକ ସଂପଦର ଅଧିକାରୀ ନ ହେଲେ ରାଷ୍ଟ୍ର ଶିଳ୍ପର ବିକାଶ କରିପାରିବ ନାହିଁ। ଆର୍ଥିକ ଶକ୍ତି ଭାବେ ପ୍ରତିଷ୍ଠା ପାଇବାପାଇଁ ରାଷ୍ଟ୍ର ପାଖରେ ପର୍ଯ୍ୟାପ୍ତ ପ୍ରାକୃତିକ ସଂପଦ ରହିବା କଥା । ସେଥିପାଇଁ ଦେଖାଯାଏ ବଳ ପ୍ରୟୋଗ କରି, ଚୁକ୍ତି ମାଧ୍ୟମରେ ବା ବ୍ୟବସାୟ, ବାଣିଜ୍ୟ ଦ୍ୱାରା ରାଷ୍ଟ୍ର ଶକ୍ତି ଓ ପ୍ରାକୃତିକ ସଂପଦ ପୁନଃ ବ୍ୟବହାର ପାଇଁ ଠୁଳ କରେ । ଶକ୍ତି ଓ ପ୍ରାକୃତିକ ସଂପଦ, ପୁନଃ ବ୍ୟବହାର କ୍ଷମ ବା ଜୀବସତ୍ତା ବିହୀନ ତଥା ଜୀବସତ୍ତା ଯୁକ୍ତ ପର୍ଯ୍ୟାୟର ହୋଇପାରେ। ପ୍ରାକୃତିକ ସଂପଦ ଯେପରି ଜଳ, ଶକ୍ତି ଉତ୍ସ, ଭୂଭାଗ ଓ ଖଣିଜସଂପଦ ରାଷ୍ଟ୍ରର ଜାତୀୟ ନିରାପତ୍ତା ପାଇଁ ଆତ୍ୟାବଶ୍ୟକ ।

(ଚ) **ସାଇବର ନିରାପତ୍ତା** – ଇଲେକ୍‌ଟ୍ରୋନିକ ତଥ୍ୟ ବ୍ୟବସ୍ଥା ଯେ କୌଣସି ରାଷ୍ଟ୍ରର ଜାତୀୟ ନିରାପତ୍ତା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ରାଷ୍ଟ୍ରର ନିରାପତ୍ତା ସଂପର୍କୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟାବଳୀ ଅନ୍ୟରାଷ୍ଟ୍ର ବା ଅଣରାଷ୍ଟ୍ର ଗୋଷ୍ଠୀ ହାତରେ ପଡ଼ିଲେ ଦେଶର ରାଜନୈତିକ, ଅର୍ଥନୀତି ଓ ସାମରିକ ପ୍ରସ୍ତୁତି ଉପରେ ଏହାର ବଡ଼ ଧରଣର ନକରାତ୍ମକ ପ୍ରଭାବ ପଡ଼େ। ଏଣୁ ରାଷ୍ଟ୍ର ଏବାବଦରେ ଅତ୍ୟାଧୁନିକ କୌଶଳ ପ୍ରୟୋଗ କରିବା ନିଶ୍ଚିତ ।

(ଛ) **ମହିଳା ସଶକ୍ତିକରଣ** – ଗୋଟିଏ ଦେଶର ସାମାଜିକ ସ୍ଥିରତା ଓ ବିକାଶ ପାଇଁ ମହିଳା ଓ ଶିଶୁମାନଙ୍କ କଲ୍ୟାଣକୁ ପ୍ରାଧାନ୍ୟ ଦେବାକୁ ହେବ । ସାମାଜିକ ସ୍ତରରେ ଲିଙ୍ଗଭେଦ ଦୂର ହେଲେ ପରିବର୍ତ୍ତନ ଆସେ ଓ ସମାଜ ସକାରାତ୍ମକ ମାର୍ଗରେ ଗତିକରେ। ଯେଉଁ ରାଷ୍ଟରେ ମହିଳାମାନଙ୍କୁ ସେମାନଙ୍କ ଅଧିକାରଗୁଡ଼ିକୁ ସୁଯୋଗ ପ୍ରଦାନ ତଥା ମର୍ଯ୍ୟାଦା ପ୍ରଦାନରୁ ବଞ୍ଚିତ କରାଯାଇଛି ସେହି ଦେଶଗୁଡ଼ିକ ଆଞ୍ଚଳିକ ଓ ଆନ୍ତର୍ଜାତିକ ଶାନ୍ତିପାଇଁ ବିପଦ । ଦେଶରେ ଆଇନର ଶାସନ ପ୍ରତିଷ୍ଠା ଓ ଗଣତାନ୍ତ୍ରିକ କରଣ କରାଗଲେ ଜାତୀୟ ନିରାପତ୍ତା ସୁଦୃଢ଼ ହେବ।

(ଜ) **ମାନବିକ ନିରାପତ୍ତା** – ଲୋକମାନଙ୍କୁ ଭୋକ, ରୋଗ ବ୍ୟାଧି ଓ ଦମନରୁ ରକ୍ଷା କରିବାକୁ ମାନବିକ ନିରାପତ୍ତା କୁହାଯାଏ । ପ୍ରତ୍ୟେକ ବ୍ୟକ୍ତିର ଦୈନନ୍ଦିନ ଜୀବନଯାତ୍ରା ସାବଲୀଳ ଓ ନିରନ୍ତର କରିବା ଏହାର ଉଦ୍ଦେଶ୍ୟ । ଅଯଥା ସାମରିକ ନିରାପତ୍ତା ଉପରେ ଗୁରୁତ୍ୱ ନ ଦେଇ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣି ଲୋକମାନଙ୍କୁ ହିଂସା ଓ ଅତ୍ୟାଚାରରୁ ମୁକ୍ତ କରିବା ଏହାର ଅନ୍ୟତମ ବାଖ୍ୟା । ବର୍ତ୍ତମାନ ସମୟରେ ମହିଳା ଓ ସଂଖ୍ୟାଲଘୁଙ୍କ ସୁରକ୍ଷା ସହ ସ୍ୱାସ୍ଥ୍ୟ ସୁରକ୍ଷା, ଗୋଷ୍ଠୀ ସୁରକ୍ଷା ଆଦି ନାନା ବିଷୟବସ୍ତୁ ଏହାର ପରିସର ଭୁକ୍ତ କରାଯାଇଛି ।

ବର୍ତ୍ତମାନ ବିଶ୍ୱରେ ଜାତୀୟ ନିରାପତ୍ତା ପୂର୍ବପରି ସାମରିକ ଓ ଉଦ୍ଦେଶ୍ୟମୂଳକ ବିଷୟଗୁଡ଼ିକୁ ଗୁରୁତ୍ୱ ଦେଉନାହିଁ। ପରିବର୍ତ୍ତନ ପରିସ୍ଥିତି ଓ ଆର୍ନ୍ତଜାତିକ ସଂପର୍କ ରକ୍ଷାକ୍ଷେତ୍ରରେ ନୂଆ ଆହ୍ୱାନଗୁଡ଼ିକ ସମ୍ମୁଖିନ ହେବାପାଇଁ ରାଷ୍ଟ୍ର ନିଜର ଜାତୀୟ ନିରାପତ୍ତାର ସୁରକ୍ଷା ପାଇଁ ଉଭୟ ପାରମ୍ପାରିକ ନିରାପତ୍ତାଜନିତ ସମ୍ଭାବନା ଓ ଅଣ ପାରମ୍ପରିକ ନିରାପତ୍ତାଜନୀତ ସମ୍ଭାବନା ଉପରେ ଗୁରୁତ୍ୱ ଦେଉଛି । ପାରମ୍ପରିକ ନିରାପତ୍ତାଜନିତ ସମ୍ଭାବନା ସାମରିକ ଶକ୍ତି ବୃଦ୍ଧି, କୁଟନୈତିକ ପରାଦର୍ଶୀତା ଓ ବଳ ପ୍ରୟୋଗକୁ ଗୁରୁତ୍ୱରୋପ କରୁଥିବା ବେଳେ ଅଣପାରମ୍ପାରିକ ନିରାପତ୍ତାଜନିତ ସମ୍ଭାବନା ମୁଖ୍ୟତଃ ସାମାଜିକ, ଆର୍ଥିକ, ମାନବିକ, ପାରିବେଶିକ ପରି ବିଷୟଗୁଡ଼ିକ ଉପରେ ଗୁରୁତ୍ୱାରୋପ କରୁଛି । ଆଲୋଚାନର ବିଷୟବସ୍ତୁ ଭାବେ ପାରମ୍ପାରିକ ନିରାପତ୍ତାଜନିତ ସମ୍ଭାବନାରେ ଯୁଦ୍ଧାସ୍ତ୍ର ସଂଗ୍ରହ ଜନିତ ପ୍ରତିଯୋଗିତା ଓ ନିରସ୍ତ୍ରୀକରଣକୁ ନିଆଯାଇପାରେ । ସେଇପରି ଭାବେ ଅଣପାରମ୍ପାରିକ ନିରାପତ୍ତାଜନିତ ସମ୍ଭାବନାଭାବେ ମାନବିକ ନିରାପତ୍ତା, ଆନ୍ତର୍ଜାତିକ ଦାରିଦ୍ର୍ୟତା, ଅସମାନତା, ସ୍ୱାସ୍ଥ୍ୟ ଓ ଦକ୍ଷାକୁ ନିଆଯାଇପାରେ ।

**ପ୍ର.୨. ଯୁଦ୍ଧାସ୍ତ୍ର ପ୍ରତିଯୋଗିତା କ'ଣ ? ଏହାର ସୁଗୁଣ ଓ ଦୁର୍ଗୁଣ ଆଲୋଚନା କର ।**

**(What is Arms Race ? Discuss its merits and demerits.)**

**ଉ :** ଦୁଇ ବା ତତୋଽଧିକ ରାଷ୍ଟ୍ର ମଧ୍ୟରେ ସାମରିକ ପ୍ରସ୍ତୁତିକୁ ନେଇ ପ୍ରତିଯୋଗିତା ହେଲେ ତାହାକୁ ଯୁଦ୍ଧାସ୍ତ୍ର ପ୍ରତିଯୋଗିତା କୁହାଯାଏ । ବିଜ୍ଞାନ ଓ ବୈଷୟିକ ବିଦ୍ୟାର ସାହାଯ୍ୟରେ ଏବଂ ଅନ୍ୟ ସାମରୀକ ଦୃଷ୍ଟିରୁ ଶକ୍ତିଶଳୀ ରାଷ୍ଟ୍ରସହ ଚୁକ୍ତି ମାଧ୍ୟମରେ

ବା କୌଣସି ସାମରିକ ମେଣ୍ଟର ସଦସ୍ୟଭାବେ ରାଷ୍ଟ୍ର ଅଧିକରୁ ଅଧିକ ଯୁଦ୍ଧାସ୍ତ୍ର ଓ ଅନୁଷଙ୍ଗିକ ସରଞ୍ଜାମ ଗଚ୍ଛିତ କରି ରଖେ । ଏହି ପ୍ରତିଯୋଗିତାର ଫଳସ୍ୱରୂପ ସେନାବାହିନୀର ଶକ୍ତି ବୃଦ୍ଧି ପାଇଁ ଆଧୁନିକୀକରଣକୁ ଗୁରୁତ୍ୱ ଦିଆଯାଏ । ନୂଆ ନୂଆ ଅସ୍ତ୍ର ନିର୍ମାଣ, ଗଣବିଧ୍ୱଂସୀ କ୍ଷେପଣାସ୍ତ୍ର, ପାରମାଣବିକ ଯୁଦ୍ଧାସ୍ତ୍ର, ପ୍ରସ୍ତୁତି, ଅତ୍ୟାଧୁନିକ ଗୁଇନ୍ଦା ବ୍ୟବସ୍ଥା, ଘାଟିସ୍ଥାପନ, ସୀମାନ୍ତରେ ପ୍ରହରୀ । ବ୍ୟବସ୍ଥାର ଦୃଢ଼ିକରଣ ଆଦି ଅନେକ ପ୍ରକାର ପଦକ୍ଷେପ ଦ୍ୱାରା ରାଷ୍ଟ୍ର ଅସ୍ତ୍ରପ୍ରତିଯୋଗିତାରେ ସାମିଲ୍ ହୁଏ । ପଡ଼ୋଶୀ ରାଷ୍ଟ୍ରର ଯୁଦ୍ଧପ୍ରସ୍ତୁତିକୁ ଅନ୍ଦାଜ୍ କରି ରାଷ୍ଟ୍ର ନିଜର ସାମରୀକ କଳାକୌଶଳକୁ ଉନ୍ନତମାନର କରିବାକୁ ଗବେଷଣା ଉପରେ ଗୁରୁତ୍ୱ ଦିଏ ଓ ସାମରିକ କ୍ଷେତ୍ରର ଖର୍ଚ୍ଚପାଇଁ ବିଜେଟ୍‌ରେ ଅର୍ଥର ବ୍ୟବସ୍ଥା କରେ । ଉଭୟ ସଂଖ୍ୟାତ୍ମକ ଓ ଗୁଣାତ୍ମକ ଦୃଷ୍ଟିକୋଣରୁ ଦେଶ ଦେଶ ମଧ୍ୟରେ ସାମରିକ ପ୍ରତିଯୋଗିତା ହେଉଥିବାର ଦୃଷ୍ଟିଗୋଚର ହେଉଛି । ଅନ୍ୟ ରାଷ୍ଟ୍ର ତୁଳନାରେ ନିଜକୁ ଯୁଦ୍ଧ ବ୍ୟାପାରରେ ଅଧିକ ସଫଳ କରିବା ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ । ଅପର ପକ୍ଷରେ ଏହି ପ୍ରତିଯୋଗିତାର କୌଣସି ଅନ୍ତ ନାହିଁ । ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସାମାଜିକ କ୍ଷେତ୍ର ଯେପରି ଶ୍ରମିକ ଓ କୃଷକଙ୍କ ଉନ୍ନତି, ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମଙ୍ଗଳ ପରି କାର୍ଯ୍ୟଗୁଡ଼ିକ ପ୍ରତି ଏଥିପାଇଁ ଖର୍ଚ୍ଚର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୁଏ । ଲୋକମାନଙ୍କୁ ସର୍ବନିମ୍ନ ବଞ୍ଚିବାର ସୁବିଧା ଓ ସୁଯୋଗ ପ୍ରଦାନ କରିବା କ୍ଷେତ୍ରରେ ସାମରିକ ବ୍ୟୟ ବୃଦ୍ଧି ଅନ୍ତରାୟ ସୃଷ୍ଟି କରେ । ବେଳେବେଳେ ଯୁଦ୍ଧାସ୍ତ୍ର ପ୍ରତିଯୋଗୀତା ବିକାଶଶୀଳ ଦେଶଗୁଡ଼ିକରେ ସୃଷ୍ଟି ପ୍ରକୃତ ଯୁଦ୍ଧର ରୂପ ନିଏ । ଯୁଦ୍ଧ ପରେ ଶାନ୍ତି ଆସେ କୁହାଗଲେ ବି, ଯୁଦ୍ଧ କେବେ ହେଲେ ଗ୍ରହଣୀୟ ନୁହେଁ।

ଯୁଦ୍ଧାସ୍ତ୍ର ପ୍ରତିଯୋଗିତାରେ କୌଣସି ରାଷ୍ଟ୍ର ଅନ୍ତିମ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବେ ନାହିଁ । କେବଳ ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ବା ରାଷ୍ଟ୍ର ସମୂହ ତୁଳନାରେ ସାମୟିକଭାବେ ଯୁଦ୍ଧାସ୍ତ୍ର ନିର୍ମାଣ କୌଶଳ ଦୃଷ୍ଟିରୁ ବା ମହଜୁଦ ରଖିବା ଆଗୁଆ ରହିପାରେ। ଏହି ପ୍ରତିଯୋଗିତାରେ ଅଜସ୍ର ଅର୍ଥ ଓ ସମୟ ବିନଯୋଗ ସତ୍ତ୍ୱେ ସବୁବେଳେ ରାଷ୍ଟ୍ର ଭୟଭୀତ ଅବସ୍ଥାରେ ରହେ । ଏହି ଅସମାହିତ ପ୍ରତିଯୋଗିତାରେ କେହି ଜୟଯୁକ୍ତ ହୁଅନ୍ତି ନାହିଁ । ଅନ୍ୟ ରାଷ୍ଟ୍ରର ସାମରିକ ଶକ୍ତି ଓ ସାମର୍ଥ୍ୟକୁ ଅତିକ୍ରମୀ ଯିବାର ନିଶାରେ ପ୍ରକୃତପକ୍ଷେ ରାଷ୍ଟ୍ର ତୁଳନାତ୍ମକ ଭାବେ ଉନ୍ନତି କରିବାର ଦେଖାଯାଏ ନାହିଁ । ଏହାକୁ ରେଡ୍ କୁଇନ ପ୍ରଭାବ କୁହାଯାଏ। ଉନବିଂଶ ଶତାବ୍ଦୀରୁ ଶେଷ ଭାଗରେ ଶତାବ୍ଦୀରୁ ଶେଷ ଭାଗରେ ବ୍ରିଟେନ୍‌ର ସାମୁଦ୍ରିକ ଶକ୍ତିକୁ ପ୍ରତିହତ କରିବା ପାଇଁ ଫ୍ରାନ୍ସ ଓ ରୁଷିଆର ଉଦ୍ୟମକୁ ପ୍ରଥମ ଯୁଦ୍ଧାସ୍ତ୍ର ପ୍ରତିଯୋଗିତାର ମାନ୍ୟତା ମିଳିଛି।

ବର୍ତ୍ତମାନ ପୃଥିବୀରେ ସବୁଠାରୁ ଅଧିକ ପ୍ରତିରକ୍ଷା ପାଇଁ ଖର୍ଚ୍ଚ କରୁଥିବା ଦେଶଗୁଡ଼ିକ ମଧ୍ୟରେ ସବୁଠାରୁ ଆଗରେ ରହିଛି ଯୁକ୍ତରାଷ୍ଟ୍ର ଆମେରିକା । ଏହା ତା'ର G.D.Pର ୩.୩ ଶତକଡ଼ା ପ୍ରତିରକ୍ଷା ପାଇଁ ଖର୍ଚ୍ଚ କରୁଛି । ତା' ପଛକୁ ପଛ ଅନ୍ୟ ରାଷ୍ଟ୍ରଗୁଡ଼ିକ ହେଲା ଚିନ୍, ସାଉଦି ଆରବ, ରୁଷିଆ ଓ ଇଂଲଣ୍ଡ । ଏହି କ୍ରମରେ ଭାରତର ସ୍ଥାନ ଷଷ୍ଠରେ ରହିଛି । ଏହାର ବାର୍ଷିକ ପ୍ରତିରକ୍ଷା ବଜେଟ୍ G.D.Pର ୨.୩ ଶତକଡ଼ା ଅଟେ। ବିପଦର ମାତ୍ରା, ସମ୍ଭାବ୍ୟ ଆକ୍ରମଣର ଗଭୀରତା, ରାଷ୍ଟ୍ରର ବ୍ୟୟବରାଦ କ୍ଷମତା, ଆର୍ଥୀକ ସ୍ଥିତି ଓ ସରକାରଙ୍କ ମତିଗତି ଉପରେ ଗୋଟିଏ ଦେଶର ପ୍ରତିରକ୍ଷା ପାଇଁ ବ୍ୟୟ ବରାଦ ନିର୍ଭର କରେ । ଏବେ ଅଧିକାଂଶ ରାଷ୍ଟ୍ର (ଉଭୟ ଉନ୍ନତ ଓ ଉନ୍ନତଶୀଳ) ଅତ୍ୟାଧୁନିକ ପ୍ରତିରକ୍ଷା କୌଶଳ ଗବେଷଣା ପାଇଁ ମଧ୍ୟ ପ୍ରଭୁତ ଅର୍ଥ ବ୍ୟୟ କରୁଛନ୍ତି । କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ, କୃତିମ ଉପଗ୍ରହ ମାଧ୍ୟମରେ ଅନ୍ୟ ରାଷ୍ଟ୍ରର ପ୍ରତିରକ୍ଷା ପ୍ରସ୍ତୁତି ସଂକ୍ଷେପରେ ଖବରଦେବା, ଅତ୍ୟାଧୁନିକ ସାରମିକ ଘାଟି ସ୍ଥାପନ, ଆଣବିକ ଅସ୍ତ୍ର ବହନ ଯୋଗ୍ୟ ସୁପରସୋନିକ୍ ଉଡ଼ାଜାହାଜ ନିର୍ମାଣ, ଜୈବ୍ୟ ଅସ୍ତ୍ର, ଉଦ୍‌ଜାନ ବୋମା, ଆଣବିକ ଅସ୍ତ କାରବାର, ସମୁଦ୍ର ଗର୍ଭରେ ଧାବମାନ ସବ୍‌ମେରିନ୍ ନିର୍ମାଣ, ଅତ୍ୟାଧୁନିକ ଟ୍ୟାଙ୍କ୍ ନିର୍ମାଣ ଆଦି ଅନେକ ପ୍ରତିରକ୍ଷା ସମ୍ବଳିତ କାର୍ଯ୍ୟକ୍ରମମାନ ରାଷ୍ଟ୍ରଗୁଡ଼ିକ ହାତକୁ ନେଇଛନ୍ତି । ଏଥିଯୋଗୁଁ ପୃଥିବୀରେ ଅସ୍ତ୍ର ବା ଯୁଦ୍ଧାସ୍ତ୍ର ପ୍ରତିଯୋଗୀତା କ୍ରମେ ତୀବ୍ର ହେବାରେ ଲାଗିଛି। ସମଗ୍ର ପୃଥିବୀ ଏବେ ସମ୍ଭାବ୍ୟ ତୃତୀୟ ବିଶ୍ୱଯୁଦ୍ଧର ଘନଘଟା ମଧ୍ୟରେ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପାରମାଣବିକ ଯୁଦ୍ଧାସ୍ତ୍ର ପ୍ରତିଯୋଗିତା ମୁଖ୍ୟତଃ ଶୀତଳ ଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷିଆ ଏବଂ ସେମାନଙ୍କର ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପାରମାଣବିକ ଯୁଦ୍ଧର ସମ୍ଭାବ୍ୟ ଅବସ୍ଥାକୁ ବୁଝାଏ । ଶୀତଳ ଯୁଦ୍ଧ ସମୟରେ ଅନେକ ରାଷ୍ଟ୍ର ସମ୍ଭାବ୍ୟ ଜାତୀୟ ସ୍ୱାର୍ଥର ସୁରକ୍ଷା ଓ ରାଷ୍ଟ୍ରୀୟ ନିରାପତ୍ତାପାଇଁ ପାରମାଣବିକ ଯୁଦ୍ଧାସ୍ତ୍ର ଉତ୍ପାଦନରେ ମନୋନିବେଶ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୧୯୪୫ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ନିର୍ମିତ ପାରମାଣବିକ

ବୋମା ଜାପାନ୍ ଉପରେ ନିକ୍ଷେପ କରାଯାଇଥିଲା । ଏହାର ସାମଗ୍ରିକ ସାମାଜିକ, ଆର୍ଥିକ ଓ ପାରିବେଶିକ ପରିଣାମ ଏବେ ମଧ୍ୟ ଜାପାନ ଭୋଗୁଛି । ସୋଭିଏତ୍ ରୁଷିଆ ୧୯୪୯ ମସିହାରେ ତା'ର ପ୍ରଥମ ପାରମାଣବିକ ବୋମା ପରୀକ୍ଷା କଲା । ଏହା ପରେ ପାରମାଣବିକ ଅସ୍ତ୍ରଶସ୍ତ୍ର ଉତ୍ପାଦନପାଇଁ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହେଲା । ଆନ୍ତଃ ମହାଦେଶୀୟ କ୍ଷେପଣାସ୍ତ୍ର ଉତ୍ପାଦନ କରି ତହିଁରେ ପାରମାଣବିକ ଅସ୍ତ୍ର ଖଞ୍ଜିବାର କୌଶଳ କ୍ରମେ ଲୋକପ୍ରିୟ ହେବାରେ ଲାଗିଲା । ୧୯୫୭-୫୮ ମସିହା ସୁଦ୍ଧା ଉଭୟ ଦେଶ ମହାକାଶଠାରେ କୃତ୍ରିମ ଉପଗ୍ରହ ଉପସ୍ଥାପିତ କରି ପାରମାଣିକ ଅସ୍ତ୍ରର ପରିଚାଳନା କ୍ଷେତ୍ରରେ ଅଭୁତପୂର୍ବ ସଫଳତା ହାସଲ କଲେ । ୧୯୯୧ ମସିହାର ସୋଭିଏତ୍ ରୁଷିଆର ପତନ ସହ ଶୀତଳଯୁଦ୍ଧର ସମାପ୍ତି ଘଟିଲା। ଦକ୍ଷିଣ ଏସିଆରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧାସ୍ତ୍ର ଉତ୍ପାଦନ ଓ ଗଚ୍ଛିତ କରି ରଖିବାକୁ ନେଇ ୧୯୭୦ ମସିହାରୁ ପ୍ରତିଯୋଗିତା ଆରମ୍ଭ ହୋଇଛି । ୧୯୭୪ ମସିହାରେ ରାଜସ୍ଥାନର ପୋଖରାନ୍ ଠାରେ ଭାରତ ତା'ର ପ୍ରଥମ ପାରମାଣବିକ ପରୀକ୍ଷା କଲା । ୧୯୯୮ ମସିହାରେ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଭାରତ ଦ୍ୱିତୀୟଥର ପାରମାଣବିକ ଅସ୍ତ୍ରର ପରୀକ୍ଷା କଲା। ଫଳସ୍ୱରୂପ ପାକିସ୍ତାନ ନୱାଜ୍ ସରିଫ୍‌ଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ରାଷ୍ଟ୍ରୀୟ ନିରାପତ୍ତା ଦୃଷ୍ଟିରୁ ପରମାଣୁ ଯୁଦ୍ଧାସ୍ତ୍ର ପରୀକ୍ଷା କଲା । ବର୍ତ୍ତମାନ ପୃଥିବୀରେ ନଅଟି ରାଷ୍ଟ୍ରପାଖରେ ୧୫, ୩୫୦ଟି ବିଭିନ୍ନ ପ୍ରକାର ପାରମାଣବିକ ଯୁଦ୍ଧାସ୍ତ୍ର ରହିଛି । ଯୁକ୍ତରାଷ୍ଟ୍ର ଆମେରିକା ପାଖରେ ୬,୯୭୦ଟି ଧରଣର ଯୁଦ୍ଧାସ୍ତ୍ର ରହିଥିବାବେଳେ ବର୍ତ୍ତମାନର ରୁଷିଆ ପାଖରେ ରହିଛି ସର୍ବାଧିକ ୭,୩୦୦ଟି ଯୁଦ୍ଧାସ୍ତ୍ର । ଭାରତ ପାଖରେ ବିଭିନ୍ନ କିସମର ୧୦୦-୧୨୦ଟି ପାରମାଣବିକ ଯୁଦ୍ଧାସ୍ତ୍ର ରହିଥିବାବେଳେ ପାକିସ୍ତାନ ପାଖରେ ରହିଛି ୧୦୦-୧୨୦ଟି ପାରମାଣବିକ ଯୁଦାସ୍ତ୍ର ରହିଥିବାବେଳେ ପାକିସ୍ତାନ ପାଖରେ ରହିଛି ୧୦୦-୧୫୦ଟି ଏହି ଧରଣର ଯୁଦ୍ଧାସ୍ତ୍ର। ଏବେ ସରକାରୀଭାବେ ନଅଟି ରାଷ୍ଟ୍ର ଯଥା ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚୀନ୍, ଇଂଲଣ୍ଡ, ଫ୍ରାନ୍ସ, ଭାରତ, ପାକିସ୍ତାନ, ଇସ୍ରାଏଲ୍ ଓ ଉତ୍ତର କୋରିଆ ପାଖରେ ପାରମାଣବିକ ଯୁଦ୍ଧାସ୍ତ୍ର ରହିଛି । ଏହାଛଡ଼ା ଅନ୍ୟ କେତେକ ଦେଶ ଗୁପ୍ତରେ ପାରମାଣବିକ ଯୁଦ୍ଧାସ୍ତ୍ର ଉତ୍ପାଦନ କାର୍ଯ୍ୟକ୍ରମରେ ସାମିଲ୍ ଅଛନ୍ତି । ୧୯୭୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ନ୍ୟୁଟ୍ରନ୍ ବୋମା ନିର୍ମାଣ କଲା ପରେ ଚୀନ୍ ମଧ୍ୟ ଏହି ପ୍ରକାର ଜ୍ଞାନ କୌଶଳର ଅଧିକାରୀ ବୋଲି ଦାବି କରୁଛି । ବର୍ତ୍ତମାନ ପୃଥିବୀରେ ଜାପାନର ହିରୋସିମା ଓ ନାଗାସାକି ଉପରେ ନିକ୍ଷପ କରାଯାଇଥିବା ପରମାଣବିକ ବୋମାର ଉନ୍ନତ ଓ ଅତ୍ୟାଧୁନିକ ସଂସ୍କାରଣ ରହିଛି । ସମଗ୍ର ପୃଥିବୀରେ ଗଚ୍ଛିତ ପାରମାଣବିକ ଯୁଦ୍ଧାସ୍ତ୍ର ପୃଥିବୀକୁ ଅନେକ ବାର ଧ୍ୱଂସ କରିଦେବାର କ୍ଷମତା ରଖିଛି ବୋଲି ଯାହା ଶୁଣାଯାଏ ତାହା ମିଛ ନୁହେଁ ।

**ସୁଫଳ :**

- ଯୁଦ୍ଧାସ୍ତ୍ର ପ୍ରତିଯୋଗିତା ଦ୍ୱାରା ରାଷ୍ଟ୍ରର ନିରାପତ୍ତାକୁ ନିଶ୍ଚିତ କରାଯାଇପାରିବ ।
- ଯୁଦ୍ଧାସ୍ତ୍ର ପ୍ରତିଯୋଗିତା ଆର୍ନ୍ତଜାତିକ ସ୍ତରରେ ରାଷ୍ଟ୍ରରେ ଗାରିମା ବୃଦ୍ଧି କରେ ।
- ଏହାଦ୍ୱାରା ଜାତୀୟ ସ୍ୱାର୍ଥ ସୁରକ୍ଷିତ ରଖାଯାଇପାରେ ।
- ଯୁଦ୍ଧାସ୍ତ୍ର ଉତ୍ପାଦନ ଓ ବିକ୍ରି ଦ୍ୱାରା ରାଷ୍ଟ୍ରର ଆର୍ଥୀକ ସ୍ଥିତି ବଦଳିବା ସମ୍ଭବ ।
- ଯୁଦ୍ଧ ଦ୍ୱାରା ଶାନ୍ତି ଆସେ । ଏଣୁ ଯୁଦ୍ଧାସ୍ତ୍ର ପ୍ରତିଯୋଗିତା ମାନବ ଇତିହାସରେ ସାଧାରଣ ଘଟଣା ଅଟେ।
- ପାରମାଣବିକ ଅସ୍ତ୍ର ପ୍ରତିଯୋଗିତା ଯୋଗୁଁ ପୃଥିବୀରେ ଶାନ୍ତି ବିରାଜମାନ କରିଛି କାରଣ ପାରସ୍ପରିକ ଧ୍ୱଂସକୁ କୌଣସି ରାଷ୍ଟ୍ର ସ୍ୱୀକାର କରିବେ ନାହିଁ ।

**କୁଫଳ :**

- କେବଳ ଯୁଦ୍ଧାସ୍ତ୍ର ପ୍ରତିଯୋଗିତା ନୁହେଁ ବରଂ ଏଥିରୁ ଓହରି ଆସି ସାମାଜିକ ଓ ଆର୍ଥୀକ ପ୍ରଗତି ପାଇଁ ପଦକ୍ଷପ ନେଲେ ରାଷ୍ଟ୍ରର ନିରାପତ୍ତା ବିପନ୍ନ ହେବ ନାହିଁ ।
- ଯୁଦ୍ଧ ପିପାସୁ ରାଷ୍ଟ୍ର ଓ ଏହାର ସରକାର କୌଣସି ରୂପରେ ବିଶ୍ୱ ସମୁଦାୟ ଦ୍ୱାରା ଗ୍ରହଣୀୟ ନୁହଁନ୍ତି ।
- ଯୁଦ୍ଧ ପ୍ରସ୍ତୁତି କେବଳ ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେଇପାରିବ ନାହିଁ। ଯୁଦ୍ଧର ପ୍ରସ୍ତୁତି ଓ ପ୍ରକୃତ ଯୁଦ୍ଧର ବ୍ୟୟ ରାଷ୍ଟ୍ରର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରେ ।

- ଯୁଦ୍ଧାସ୍ତ୍ର ଉତ୍ପାଦନରେ ନିୟନ୍ତ୍ରଣ ଆଣି ଅନ୍ୟ କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ବିଦ୍ୟାର ପ୍ରୟୋଗ ଓ ଶ୍ରମ ସଂସ୍କୃତି ସୃଷ୍ଟି କରି ପୁଞ୍ଜିବିନିବେଶ କଲେ ରାଷ୍ଟ୍ରର ଆର୍ଥିକ ସ୍ଥିତି ବଦଳିବ ।
- ବିନା ଯୁଦ୍ଧରେ ମଧ୍ୟ ଶାନ୍ତି ଆସିପାରେ । ପାରସ୍ପରିକ ସହଯୋଗ, କୁଟନୀତିର ସଫଳ ପ୍ରୟୋଗ ଓ ପାରସ୍ପରିକ ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇ ପାରିବ ।
- ପାରମାଣବିକ ଅସ୍ତ୍ରର ସମ୍ପୂର୍ଣ୍ଣ ବିନାଶ ଦ୍ୱାରା ପୃଥିବୀରେ ଶାନ୍ତି ଆସିପାରିବ । ଏହି ଶକ୍ତିର ଶାନ୍ତିପୂର୍ଣ୍ଣ ପ୍ରୟୋଗକୁ ପ୍ରାଧାନ୍ୟ ଦେଲେ ବିଶ୍ୱର କଲ୍ୟାଣ ସାଧିତ ହେବ ।

**ପ୍ର.୩. ନିରସ୍ତ୍ରୀକରଣର ଅର୍ଥ ଓ ଆବଶ୍ୟକତା ବର୍ଣ୍ଣନା କର ।**

**(Discuss meaning and need Disarmament.)**

**ଉ.** ସଭ୍ୟତାର ଯେତେ ବିକାଶ ହୋଇଛି, ବିଜ୍ଞାନର ଯେତେ ଉନ୍ନତି ହୋଇଛି ରାଷ୍ଟ୍ରମାନେ ସୁରକ୍ଷାନାମରେ ସେତିକି ପରିମାଣରେ ଭୟାନକ ଏବଂ ବିଧ୍ୱଂସକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଛନ୍ତି । ହିରୋସିମା ଏବଂ ନାଗାସାକୀ ନଗରୀର ଧ୍ୱଂସକାହାଣୀ ବିଶ୍ୱବାସୀ ଜାଣିବାକୁ ପାଇଲା ପରେ ପରମାଣୁ ବୋମା ବିରୋଧରେ ବିଶ୍ୱଜନମତ ସକ୍ରିୟ ହୋଇଉଠିଲା । ପୃଥିବୀର ଚିନ୍ତାଶୀଳ ଲୋକମାନେ ଜାଣିପାରିଲେ ପରମାଣୁ ବୋମାର ବ୍ୟବହାର ନିୟନ୍ତ୍ରିତ ନହେଲେ ସମଗ୍ର ମାନବଜାତି ଧ୍ୱଂସ ପାଇଯିବ । ତେଣୁ ପରମାଣୁ ଯୁଦ୍ଧ କିପରି ନହେବ ସେଥିପାଇଁ ବୃହତ୍ ରାଷ୍ଟ୍ରମାନେ ତତ୍ପର ହୋଇଉଠିଲେ । ଜଳ, ସ୍ଥଳ, ଆକାଶରେ ପରମାଣୁ ବୋମା ପରୀକ୍ଷା ନ କରିବା ପାଇଁ ଅନେକ ରାଜିନାମା ସ୍ୱାକ୍ଷରିତ ହେଲା । ଆନ୍ତର୍ଜାତିକ ରାଜନୀତିରେ ନିରସ୍ତ୍ରୀକରଣ ସମସ୍ୟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ । ଏହି ସମସ୍ୟା ଉପରେ ମାନବଜାତିର ଭବିଷ୍ୟ ନିର୍ଭର କରେ ।

**ନିରସ୍ତ୍ରୀକରଣର ଅର୍ଥ (Meaning of Disarmament) :**

ନିରସ୍ତ୍ରୀକରଣର ଶାବ୍ଦିକ ଅର୍ଥ ହେଲା– ଶାରୀରିକ ହିଂସାର ପ୍ରୟୋଗର ସମସ୍ତ ଭୌତିକ ଏବଂ ମାନବିକ ବିଧାନର ଉନ୍ମୂଳନ ବା ବିଧ୍ୱଂସନ । ଏହା ସମିତି ଏକ କାର୍ଯ୍ୟକ୍ରମ ଅଟେ ଯାହାର ଉଦ୍ଦେଶ୍ୟ ଅସ୍ତ୍ରଶସ୍ତ୍ରର ଉତ୍ପାଦନରୁ କମ୍ କରିବା ଏବଂ ନିୟନ୍ତ୍ରଣ କରିବା ।

**ଲର୍ଡ଼ ଗ୍ରେ (Lord Gray)**ଙ୍କ ଶବ୍ଦରେ, "ଯଦି ସଭ୍ୟତା ଶସ୍ତ୍ରଗୁଡ଼ିକୁ ବିନାଶ କରିପାରିବ ନାହିଁ, ତେବେ ଶସ୍ତ୍ର ସଭ୍ୟତାକୁ ବିନାଶ କରିବ ।"

**ମର୍ଗେନ୍ଥୋ (Morgenthau)** ଙ୍କ ଭାଷାରେ, "ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ସମାପ୍ତ କରିବା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ବା ସମସ୍ତ ହତିଆରକୁ କମାଇବା କିମ୍ବା ଉଚ୍ଛେଦ କରିବାକୁ ନିରସ୍ତ୍ରୀକରଣ କୁହାଯାଏ ।"

**ପ୍ରଫେସର ହାର୍ଟମ୍ୟାନଙ୍କ** ମତରେ, "ନିରସ୍ତ୍ରୀକରଣର ଚେଷ୍ଟା ଯୁଦ୍ଧର ସଂପୂର୍ଣ୍ଣ ଉପରେ ସମାପ୍ତ କରିବାର କଳ୍ପନାତ୍ମକ ଆଶା ନୁହେଁ ବରଂ ଚକିତ କରିଦେଲା ଭଳି ଏବଂ ଏକପାଖିଆ ଆକ୍ରମଣରୁ ରୋକାଯିବା ପାଇଁ କରାଯାଇଥାଏ ।"

**କୋହନଙ୍କ** ମତରେ, "ନିରସ୍ତ୍ରୀକରଣ ଦ୍ୱାରା ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଭୟ ଏବଂ ଏକଚାଟିଆକୁ କମ୍ କରି ଶାନ୍ତିପୂର୍ଣ୍ଣ ବୁଝାମଣାର ପ୍ରକ୍ରିୟାକୁ ସୁବିଧାଜନକ ଏବଂ ଶକ୍ତିଶାଳୀ କରାଯାଇପାରିବ ।"

**ଭି.ଭି. ଡାଇକ୍‌ଙ୍କ** ମତରେ, "ସୈନ୍ୟଶକ୍ତି ସମ୍ପର୍କିତ ଯେକୌଣସି ନିୟନ୍ତ୍ରଣ କରିବା ଏବଂ ପ୍ରତିବନ୍ଧକ କାର୍ଯ୍ୟକୁ ନିରସ୍ତ୍ରୀକରଣ ପଦକ୍ଷେପ ବୁଝାଯିବ ।"

**ଡଃ ଏମ୍.କେ. ଭାର୍ଗବଙ୍କ** ମତରେ, "ନିରସ୍ତ୍ରୀକରଣର ଅର୍ଥ ଅସ୍ତ୍ର-ଶସ୍ତ୍ର କମାଇବା ପରେ ତା'ର ସମାପ୍ତି କରିବାକୁ ବୁଝାଏ ।"

ଉପରୋକ୍ତ ସଂଜ୍ଞାକୁ ଆଧାରକରି ଏହା କୁହାଯାଇପାରେ ଯେ, ନିରସ୍ତ୍ରୀକରଣ କହିଲେ ଅସ୍ତ୍ରଶସ୍ତ୍ରକୁ କମ୍ କରିବା କିମ୍ବା ତା'ର ବିଲୋପ ସାଧନକୁ ବୁଝାଏ । ଏହାଦ୍ୱାରା ଯୁଦ୍ଧକୁ ଏଡ଼ାଇଯାଇ ପାରିବା ସଂଗେ ସଂଗେ ବିଶ୍ୱଶାନ୍ତି ମଧ୍ୟ ପ୍ରତିଷ୍ଠା ହୋଇପାରିବ ।

**ନିରସ୍ତ୍ରୀକରଣର ପ୍ରକାରଭେଦ :**

(୧) ସାମାନ୍ୟ ନିରସ୍ତ୍ରୀକରଣ : **ସାମାନ୍ୟ ନିରସ୍ତ୍ରୀକରଣ ହେଲା ପରମ୍ପରାଗତ ଅସ୍ତ୍ରଶସ୍ତ୍ର ଉପରେ ନିୟନ୍ତ୍ରଣ କରାଯିବା କିମ୍ବା ସେଗୁଡ଼ିକ ନଷ୍ଟ କରିବା ।**

**(୨)ଆଣବିକ ନିରସ୍ତ୍ରୀକରଣ :** ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆଣବିକ ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଯିବା ପାଇଁ ଦାବି କରିବା ।

**(୩) ପରିମାଣାତ୍ମକ ନିରସ୍ତ୍ରୀକରଣ :** ଏହି ପ୍ରକାରର ନିରସ୍ତ୍ରୀକରଣର ଉଦ୍ଦେଶ୍ୟ ହେଲା ଅସ୍ତ୍ରଶସ୍ତ୍ର ଏବଂ ସୈନ୍ୟଙ୍କ ସଂଖ୍ୟା ଉପରେ ପ୍ରତିବନ୍ଧକ ଲଗାଇବା । ୧୯୩୨ ମସିହାରେ ବିଶ୍ୱନିରସ୍ତ୍ରୀକରଣ ସମ୍ମେଳନରେ ଭାଗନେଇଥିବା ରାଷ୍ଟ୍ରମାନେ ଅସ୍ତ୍ରଶସ୍ତ୍ର ଏବଂ ସୈନ୍ୟସଂଖ୍ୟା ବୃଦ୍ଧି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଦାବି କରିଥିଲେ ।

**(୫) ଗୁଣାତ୍ମକ ନିରସ୍ତ୍ରୀକରଣ:** ଏଥିରେ ବିଶିଷ୍ଟ ପ୍ରକାରର ଶସ୍ତ୍ରର କମ୍ କରିବା ସମାପ୍ତ କରିବା ପାଇଁ ଚେଷ୍ଟା କରାଯାଇଥାଏ । ମିଳିତ ଜାତିସଂଘରର ଆଣବିକ ଶକ୍ତି ଆନ୍ଦୋଳନ ଶକ୍ତି ଅଣୁ ଅସ୍ତ୍ର ନିରସ୍ତ୍ରୀକରଣ ପାଇଁ ଚେଷ୍ଟା କରିଆସୁଛି ।

**(୬) ପୂର୍ଣ୍ଣ ନିରସ୍ତ୍ରୀକରଣ : ସମସ୍ତ ପ୍ରକାରର ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଯାଇଥାଏ ।**

**ନିରସ୍ତ୍ରୀକରଣ ଏବଂ ଶସ୍ତ୍ର ନିୟନ୍ତ୍ରଣ :**

ଯଦିଓ ନିରସ୍ତ୍ରୀକରଣ ଏବଂ ଶସ୍ତ୍ର ନିୟନ୍ତ୍ରଣର ଲକ୍ଷ୍ୟ ଶାନ୍ତିପ୍ରତିଷ୍ଠା କରିବା ଏବଂ ଅସ୍ତ୍ରଶସ୍ତ୍ରକୁ ନିୟନ୍ତ୍ରଣ କରିବା, ତଥାପି ଏହି ମଧ୍ୟରେ ଅନେକ ପାର୍ଥକ୍ୟ ଅଛି ।

(୧) ନିରସ୍ତ୍ରୀକରଣର ସମ୍ପର୍କ ଆନ୍ତର୍ଜାତିକ ବୁଝାମଣା ଅନୁସାରେ ଯୁଦ୍ଧସାମଗ୍ରୀ ଏବଂ ସୈନ୍ୟ ସଂଖ୍ୟାରେ କାଟ କରିବାକୁ ବୁଝାଏ । କିନ୍ତୁ ଶାସ୍ତ୍ର ନିୟନ୍ତ୍ରଣ ଅର୍ଥ ଶସ୍ତ୍ରର ପ୍ରୟୋଗକୁ ସୀମିତ କରିବା ଅର୍ଥରେ ବୁଝାଏ ।

(୨) ନିରସ୍ତ୍ରୀକରଣ ଦ୍ୱାରା ବିଦ୍ୟମାନ ଶସ୍ତ୍ରକୁ ସମାପ୍ତ କରିବା କିମ୍ବା ନଷ୍ଟ କରିବା ପାଇଁ ଚେଷ୍ଟା କରାଯାଏ । କିନ୍ତୁ, ଶସ୍ତ୍ର ନିୟନ୍ତ୍ରଣରେ ଭବିଷ୍ୟତରେ ଶାସ୍ତ୍ର ଉତ୍ପାଦନ ଏବଂ ତା'ର ପ୍ରୟୋଗର ନିୟନ୍ତ୍ରଣକୁ ବୁଝାଏ ।

(୩) ନିରସ୍ତ୍ରୀକରଣ ଦ୍ୱାରା ସାମରିକ ବଜେଟ୍ କମ୍ କରିବା, ସାମରିକ ଘାଟି ବନ୍ଦ କରିବା ପାଇଁ ଚେଷ୍ଟା କରାଯାଇଥାଏ । କିନ୍ତୁ ଶସ୍ତ୍ର ନିୟନ୍ତ୍ରଣରେ ଶସ୍ତ୍ରର ପରିମାଣକୁ କମ୍ କରାଯାଇଥାଏ ।

**ନିରସ୍ତ୍ରୀକରଣର ଆବଶ୍ୟକତା :**

ନିରସ୍ତ୍ରୀକରଣର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ନିରସ୍ତ୍ରୀକରଣର ଲକ୍ଷ୍ୟକୁ ହାସଲ କରାଯାଇପାରିବ ତେବେ ବିଶ୍ୱ ପାଇଁ ସର୍ବାଧିକ ବରଦାନ ହେବ । ନିରସ୍ତ୍ରୀକଣର ଆବଶ୍ୟତାଗୁଡ଼ିକୁ ନିମ୍ନରେ ପ୍ରଦାନ କରାଗଲା ।

**(୧) ଶାନ୍ତି ସ୍ଥାପନା ପାଇଁ :** ଆଜିର ବିଶ୍ୱରେ ଅସ୍ତ୍ରଶସ୍ତ୍ର ପାଇଁ ତୀବ୍ର ଚାଲିଛି । ପରସ୍ପର ପ୍ରତି ସନ୍ଦେହର ବଶବର୍ତ୍ତୀ ହୋଇ ଅନ୍ୟ ଦେଶଗୁଡ଼ିକ ସେମାନଙ୍କର ସାମରିକ ଶକ୍ତି ବଢ଼ାଇବାରେ ଲାଗିଛନ୍ତି । ବଡ଼ବଡ଼ ଶକ୍ତିମାନଙ୍କର ରଣସଜ୍ଜା ଦେଖି ଛୋଟ ରାଷ୍ଟ୍ରମାନେ ମଧ୍ୟ ଅସ୍ତ୍ରଶାସ୍ତ୍ରରେ ସଜ୍ଜିତ ହେବାକୁ ଆରମ୍ଭ କରିଛନ୍ତି । ଏପରି ହେଲେ ତୃତୀୟ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ । ତେଣୁ ନିରସ୍ତ୍ରୀକରଣ ଦ୍ୱାରା ଯୁଦ୍ଧ ଏଡ଼ାଇ ଦିଆଗଲେ ବିଶ୍ୱରେ ଶାନ୍ତିସ୍ଥାପନା ହୋଇପାରିବ ।

**(୨) ଆନ୍ତର୍ଜାତିକ ଦ୍ୱନ୍ଦ୍ୱକୁ କମାଯାଇପାରିବ :** ରାଷ୍ଟ୍ରମାନେ ନିଜ ନିଜ ମଧ୍ୟରେ ଅସ୍ତ୍ର-ଦୌଡ଼ ଆରମ୍ଭ କରିବା ଦ୍ୱାରା ବିଶ୍ୱରେ ଦ୍ୱନ୍ଦ୍ୱ ଏବଂ ସମ୍ବେଦନୀଳତା ଦିନକୁ ଦିନ ବଢ଼ିବାରେ ଲାଗିଛି । ତେଣୁ ଅସ୍ତ୍ରଶସ୍ତ୍ରକୁ ସମାପ୍ତି କରିଦେଲେ ଆନ୍ତର୍ଜାତିକ ଦ୍ୱନ୍ଦ୍ୱ ମଧ୍ୟ ସମାପ୍ତ ହୋଇଯିବ ।

**(୩) ଆର୍ଥିକ ବିକାଶ :** ଏବେ ବିଭିନ୍ନ ରାଷ୍ଟ୍ର ନିଜ ନିଜ ଦେଶକୁ କିପରି ଅଧିକ ଶକ୍ତିଶାଳୀ କରାଇବେ ସେ ଦିଗରେ ସେମାନେ ଅଧିକ ତତ୍ପର । ଫଳସ୍ୱରୂପ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଏବେ ସାମରିକ ପ୍ରତିଯୋଗିତା ବଢ଼ି ବଢ଼ି ଚାଲିଛି । ଜନହିତକର ଏବଂ ଉନ୍ନୟନ ଯୋଜନା ଦିଗରେ ଅର୍ଥବ୍ୟୟ ନକରି ଅଧିକାଂଶ ରାଷ୍ଟ୍ର ନିଜର ସୈନ୍ୟବାହିନୀକୁ ଦୃଢ଼ କରିବା ଏବଂ ଲୁଚାଛପାରେ ପରମାଣୁ ପରୀକ୍ଷଣ କରିବା ଦିଗରେ ଅଧିକ ଅର୍ଥ ବ୍ୟୟ କରୁଛନ୍ତି । ଏଣୁ ଆର୍ଥିକ ବିକାଶ ପାଇଁ ନିରସ୍ତ୍ରୀକରଣର ଆବଶ୍ୟକତା ରହିଛି ।

(୪) **ପରମାଣୁ ଅସ୍ତ୍ରର ଭୟ :** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ହିରୋସୀମା ଏବଂ ନାଗାସାକି ସହର ଉପରେ ଆମେରିକା ଯେଉଁ ପରମାଣୁ ବୋମା ନିକ୍ଷେପ କରି ଧ୍ୱଂସସ୍ତୂପରେ ପରିଣତ କରିଥିଲା ତା'ର ଚିହ୍ନ ଦେଖି ଏବେବି ମଣିଷଜାତି ସ୍ତମ୍ଭୀଭୂତ ହୋଇଯାଉଛନ୍ତି। ଭବିଷ୍ୟତରେ ଯଦି ଯୁଦ୍ଧ ହେବ ତାହା ହେବ ପରମାଣୁ ଯୁଦ୍ଧ। ଏହାଦ୍ୱାରା ବିଶ୍ୱବକ୍ଷରୁ ସମଗ୍ରମାନବ ଜାତି ନିଶ୍ଚିହ୍ନ ହୋଇଯିବେ। ତେଣୁ ମାନବ ଜାତିକୁ ଧ୍ୱଂସ ମୁଖରୁ ଉଦ୍ଧାର ପାଇଁ ନିରସ୍ତ୍ରୀକରଣର ଆବଶ୍ୟକତା ନିହାତି ଅପରିହାର୍ଯ୍ୟ।

(୫) **ବିଶ୍ୱ ବନ୍ଧୁତ୍ୱରେ ସହଯୋଗ :** ଯେଉଁଠି ଶସ୍ତ୍ରୀକରଣ ମାନନବ-ମାନବ ମଧ୍ୟରେ ଘୃଣା ସୃଷ୍ଟି କରେ, ସେଠି ନିରସ୍ତ୍ରୀକରଣ ମଣିଷ ମଣିଷ ମଧ୍ୟରେ ପ୍ରେମ ଓ ସ୍ନେହ ସୃଷ୍ଟି କରିଥାଏ। 'ବସୁଧୈବ କୁଟୁମ୍ବକମ୍' ନୀତିରେ ବିଶ୍ୱାସ କରୁଥିବା ରାଷ୍ଟ୍ର। ଦେଶ କଦାପି ଶସ୍ତ୍ର ପ୍ରତିଯୋଗିତାକୁ ପ୍ରଶ୍ରୟଦେବେ ନାହିଁ। ବର୍ତ୍ତମାନ ଜଗତୀକରଣ ଯୁଗରେ ପ୍ରତିଯୋଗିତା ପରିବର୍ତ୍ତେ ସହଯୋଗିତା ଦରକାର।

(୬) **ସମସ୍ତ ରାଷ୍ଟ୍ରଙ୍କ ହିତ :** ନିରସ୍ତ୍ରୀକରଣ ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ହିତ ସହିତ ସମ୍ବନ୍ଧିତ। ନିରସ୍ତ୍ରୀକରଣ ଦ୍ୱାରା ତା'ର ବଳକା ଅର୍ଥକୁ ଜନହିତକର ଏବଂ ଉନ୍ନୟନ ଯୋଜନା ଦିଗରେ ବ୍ୟୟ କରିପାରିବ। ଏହାଦ୍ୱାରା ଧନୀରାଷ୍ଟ୍ରମାନଙ୍କରେ ଶୋଷଣରୁ ସେମାନେ ମୁକ୍ତ ହୋଇପାରିବ।

(୭) **ଆନ୍ତର୍ଜାତିକ ସୁରକ୍ଷା :** ଆଜି ସମଗ୍ର ବିଶ୍ୱ ତୃତୀୟ ବିଶ୍ୱଯୁଦ୍ଧରେ କବଳିତ। ଅନେକ ରାଷ୍ଟ୍ର ମଧ୍ୟ ପରମାଣୁ ଶକ୍ତିର ଅଧିକାରୀ। ଏହି କାରଣରୁ ଭବିଷ୍ୟତ ଯୁଦ୍ଧର ଭୟାବହତା ବେଶ୍ ଅନୁଭୂତ। ତୃତୀୟ ବିଶ୍ୱଯୁଦ୍ଧ ଲାଗିଲେ ସମଗ୍ର ବିଶ୍ୱ ଧ୍ୱଂସ ହୋଇଯିବ। ଏଥିପାଇଁ ଆଜିର ମାନବସାମଜ ପାଇଁ ବିଶ୍ୱର ସୁରକ୍ଷା ସବୁଠାରୁ ବଡ଼ ଆବଶ୍ୟକତା।

**ପ୍ର.୪. ନିରସ୍ତ୍ରୀକରଣ ପାଇଁ ଚେଷ୍ଟାଗୁଡ଼ିକ ଆଲୋଚନା କର।**

**(Discuss efforts for Disarmament.)**

**ଉ.** ପ୍ରଥମ ବିଶ୍ୱଯୁଦ୍ଧର ଭୟାବହ ଉପଲବଧି କରି ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନହୁଏ, ସେ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜାତିସଂଘ ଗଠନ କରାଯାଇଥିଲା। ଏହି ଜାତିସଂଘ (League of Nations) ମାଧ୍ୟମରେ ନିରସ୍ତ୍ରୀକରଣ ପାଇଁ ଚେଷ୍ଟା କରାଯାଇଥିଲା।

(୧) **ଅସ୍ଥାୟୀ ମିଶ୍ରିତ ଆୟୋଗ (Temporary Mixed Commission)–** ୧୯୨୧ ମସିହାରେ ନିରସ୍ତ୍ରୀକରଣ ଦିଗରେ ପଦକ୍ଷେପ ନେବାକୁ ଜାତିସଂଘ ଏହାକୁ ପ୍ରତିଷ୍ଠିତ କରିଥିଲା।

(୨) **ପ୍ରସ୍ତୁତ କମିଶନ ୧୯୨୫ :** ଜାତିସଂଘ ନିରସ୍ତ୍ରୀକରଣ ପାଇଁ ଅନ୍ୟ ଏକ ପ୍ରସ୍ତୁତି ଆୟୋଗ ୧୯୨୫ ମସିହାରେ ସ୍ଥାପନା କରିଥିଲା।

(୩) **ଜେନେଭା ସମ୍ମେଳନୀ ୧୯୨୨ :** ଅସ୍ତ୍ରଶସ୍ତ୍ରକୁ କମାଇବା ଏବଂ ତା' ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ୧୯୩୨ ଫେବୃୟାରୀ ମାସରେ ଜେନେଭାରେ ଏକ ସମ୍ମିଳନୀ ହୋଇଥିଲା। ଏଥିରେ ୬ଟି ରାଷ୍ଟ୍ରର ପ୍ରତିନିଧିମାନେ ଭାଗ ନେଇଥିଲେ।

ନିରସ୍ତ୍ରୀକରଣ ପାଇଁ ଜାତିସଂଘ ବାହାରେ ମଧ୍ୟ କେତେକ ଚେଷ୍ଟା ହୋଇଥିଲା। ସେଗୁଡ଼ିକ ହେଲା–

(୧) **ୱାଶିଙ୍ଗଟନ୍ ସମ୍ମିଳନୀ (୧୯୨୧-୨୨) :** ବହୁତ ବିଚାରବିମର୍ଷ କରିବା ପରେ ବ୍ରିଟେନ୍, ଆମେରିକା, ଫ୍ରାନ୍ସ, ଜାପାନ ଏବଂ ଇଟାଲୀ ଏକ ପାଞ୍ଚଶକ୍ତି ସନ୍ଧି (Five Powers Treaty) ଉପରେ ହସ୍ତାକ୍ଷର କରିଥିଲେ।

(୨) **ଜେନେଭା ସମ୍ମିଳନୀ, ୧୯୨୭ :** ଆମେରିକାର ରାଷ୍ଟ୍ରପତି କୁଲିଜ (Coolidge)ଙ୍କ ଚେଷ୍ଟାରେ ୧୯୨୭ ମସିହାରେ ଜେନେଭାଠାରେ ଏକ ସମ୍ମିଳନୀର ଆୟୋଜନ ହୋଇଥିଲା। ଏଥିରେ ଆମେରିକା, ଇଂଲଣ୍ଡ ଏବଂ ଜାପାନ ଭାଗ ନେଇଥିଲା।

(୩) **ଲଣ୍ଡନ ନୌସେନା ସନ୍ଧି, ୧୯୩୦ :** ଏହି ସନ୍ଧିଦ୍ୱାରା ବ୍ରିଟେନ୍, ଆମେରିକା ଏବଂ ଜାପାନ ବୁଡ଼ାଜାହାଜରେ ଭାରବାହକ କ୍ଷମତାକୁ ସୀମିତ କରିବାକୁ ରାଜି ହୋଇଥିଲେ।

(୪) **ଲଣ୍ଡନ ନୌସେନା ସମ୍ମିଳନୀ, ୧୯୩୫-୩୬ :** ଏହି ସମ୍ମିଳନୀରେ ସମସ୍ତ ମହାଶକ୍ତି ଭାଗ ନେଇଥିଲେ। କିନ୍ତୁ ଜାପାନ ଦ୍ୱାରା ମାଞ୍ଚୁରିଆ ଅଧିକାର କାରଣରୁ ଏହି ସମ୍ମିଳନୀ ଅସଫଳ ହୋଇଥିଲା।

**(୫) ଏଙ୍ଗ୍ଲୋ-ଜର୍ମାନ ନୌସେନା ସନ୍ଧି, ୧୯୩୫ :** ଏହି ସନ୍ଧିଦ୍ୱାରା ବ୍ରିଟେନ୍ ଜର୍ମାନୀ ଦ୍ୱାରା ଯୁଦ୍ଧ ପୋତ ନିର୍ମାଣର ବୃଦ୍ଧିକୁ ସ୍ୱୀକାର କରିଥିଲା ।

**ମିଳିତ ଜାତିସଂଘ ଅନ୍ତର୍ଗତ ନିରସ୍ତ୍ରୀକରଣ :**

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମିଳିତ ଜାତିସଂଘର ପ୍ରତିଷ୍ଠାକ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରମାଣୁ ବୋମା ବୋମା ପ୍ରୟୋଗ କରାଯାଇଥିବ ଯୋଗୁଁ ନିରସ୍ତ୍ରୀକରଣ ଦିଗରେ ମିଳିତ ଜାତିସଂଘ (UNO) ଆହୁରି ବଳିଷ୍ଠ ପଦକ୍ଷେପ ଗ୍ରହଣ କଲା ।

**(୧) ପରମାଣୁ ଶକ୍ତି ଆୟୋଗ** – ମିଳିତ ଜାତିସଂଘ ପରମାଣୁ ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରିବା ପାଇଁ ଏକ ପରମାଣୁ ଶକ୍ତି ଆୟୋଗର ସ୍ଥାପନା କରିଥିଲ ।

**(୨) ପରମ୍ପରାଗତ ଶସ୍ତ୍ର ଆୟୋଗ** – ୧୯୪୭ ମସିହା ଫେବୃୟାରୀ ୧୩ ତାରିଖ ଦିନ ସୁରକ୍ଷା' ପରିଷଦ ଏବଂ ପରମ୍ପରାଗତ ଶସ୍ତ୍ର ଆୟୋଗର ସ୍ଥାପନା କରିଥିଲା ।

**(୩) ସୋଭିଏତ ରୁଷର ପ୍ରସ୍ତାବ** – ୧୯୪୬ ମସିହା ନଭେମ୍ବର ମାସରେ ସୋଭିଏତ ରୁଷରେ ମହାଶକ୍ତିମାନେ ନିଜର ଶସ୍ତ୍ରକୁ ୧/୩ ମାତ୍ରାରେ କମ୍ କରିବା ପାଇଁ ଜାତିସଂଘରେ ଏକ ପ୍ରସ୍ତାବ ରଖିଥିଲା ।

**(୪) ନିରସ୍ତ୍ରୀକରଣ ଆୟୋଗର ନିଯୁକ୍ତି :** ୧୯୫୨ ମସିହା ଜାନୁଆରୀ ୧୧ ତାରିଖରେ ମିଳିତ ଜାତିସଂଘ ଏକ ନିରସ୍ତ୍ରୀକରଣ ଆୟୋଗର ସ୍ଥାପନା କରିଥିଲା ।

**(୫) ଶାନ୍ତି ପାଇଁ ପରମାଣୁ ଯୋଜନା** – ପରମାଣୁ ଶକ୍ତିର ଶାନ୍ତିପୂର୍ବକ ଉପଯୋଗ ପାଇଁ ୧୯୫୩ ମାସ ଡିସେମ୍ବର ମାସରେ ଆମେରିକାର ରାଷ୍ଟ୍ରପତି ଆଇଜନ ହାବର ଶାନ୍ତି ପାଇଁ ପରମାଣୁ ଯୋଜନା ଏକ ପ୍ରସ୍ତାବ ରଖିଥିଲେ ।

**(୬) ଉପସମିତି ସ୍ଥାପନ** – ୧୯୫୩ ମସିହାରେ ନିରସ୍ତ୍ରୀକରଣ ଆୟୋଗ ସାଧାରଣ ସଭାର ଅନୁରୋଧରେ ଏକ ଉପସମିତିର ନିଯୁକ୍ତି କରିଥିଲା । ଏହି ସମିତିରେ ଇଂଲଣ୍ଡ ଫ୍ରାନ୍ସ, ଆମେରିକା କାନାଡ଼ା ଏବଂ ରୁଷିଆ ସଭ୍ୟ ଥିଲେ ।

**(୭) ସୋଭିଏତ ପ୍ରସ୍ତାବ** – ୧୯୫୫ ମସିହା ମେ ମାସରେ ସୋଭିଏତ ରଷ ସୈନ୍ୟ ସଂଖ୍ୟାକୁ ନିର୍ଦ୍ଦିଷ୍ଟ କରିବା ପାଇଁ ଏକ ପ୍ରସ୍ତାବ ରଖିଥିଲା । ପରମାଣୁ ପରୀକ୍ଷଣ ଉପରେ ପ୍ରତିବନ୍ଧକ ଲଗାଇବାପାଇଁ ରୁଷ ଏହି ପ୍ରସ୍ତାବରେ ଦାବି କରିଥିଲା । ଆମେରିକା କିନ୍ତୁ ଏହି ପ୍ରସ୍ତାବକୁ ବିରୋଧ କରିଥିଲା ।

**(୮) ଜେନେଭା ଶିଖର ସମ୍ମିଳନୀ** – ୧୯୫୫ ମସିହା ଜୁଲାଇ ମାସରେ ଜେନେଭାଠାରେ ଫ୍ରାନ୍ସ, ଆମେରିକା, ଇଂଲଣ୍ଡ ଯଓ, ରୁଷର ନେତାମାନେ ସମ୍ମିଳିତ ହୋଇ ଖୋଲା ଆକାଶ ଯୋଜନାର ପ୍ରସ୍ତାବ ରଖିଥିଲେ ।

**(୯) ଲଣ୍ଡନ ସମ୍ମିଳନୀ** – ୧୯୫୭ ମସିହାରେ ଜୁନ୍ ମାସରେ ନିରସ୍ତ୍ରୀକରଣ ଆୟୋଗର ଉପସମିତି ବୈଠକ ହୋଇଥିଲା । ଏହି ସମିତି ପରମାଣୁ ବୋମାର ପରୀକ୍ଷଣକୁ ବନ୍ଦ କରିବା ଏବଂ ଏହି କାର୍ଯ୍ୟକୁ ଆନ୍ତର୍ଜାାତିକ ଆୟୋଗକୁ ଦେବା ପାଇଁ ପ୍ରସ୍ତାବ ରଖାଯାଇଥିଲା ।

**(୧୦) ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧି** – ୧୯୫୮ ମସିହା ମାର୍ଚ୍ଚ ମାସରେ ରୁଷ ପରମାଣୁ ପରୀକ୍ଷଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଏକ ପ୍ରସ୍ତାବର ଘୋଷଣା କରିଥିଲା । ଆମେରିକା, ରୁଷ ଏବଂ ଇଂଲଣ୍ଡ ବାୟୁମଣ୍ଡଳରେ ଅନ୍ତରୀକ୍ଷରେ ଏବଂ ସମୁଦ୍ରରେ ସମସ୍ତ ପ୍ରକାର ପରମାଣୁ ପରୀକ୍ଷଣକୁ ବନ୍ଦ କରିବା ପାଇଁ ରାଜି ହୋଇଥିଲେ ।

**(୧୧) ଦଶଟି ରାଷ୍ଟ୍ରର ନିରସ୍ତ୍ରୀକରଣ ସମ୍ମିଳନୀ** – ୧୯୬୦ ମସିହାରେ ଆମେରିକା, ଇଂଲଣ୍ଡ, କାନାଡ଼ା, ଫ୍ରାନ୍ସ, ଇଟାଲୀ, ରୁଷ, ଯୁଗୋସ୍ଲୋଭିଆ, ପୋଲାଣ୍ଡ, ରୁମାନିଆ ଏବଂ ବୁଲଗାରିଆ ହାଇଡ୍ରୋଜେନ୍ ବୋମା ପରୀକ୍ଷଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଏକ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା ।

**(୧୨) କେନେଡ଼ି ପ୍ରସ୍ତାବ**– ୧୯୬୧ ମସିହା ଡିସେମ୍ବର ମାସ ୨୫ ତାରିକ ଦିନ ମିଳିତ ଜାତିସଂଘର ମହାସଭାରେ ସମସ୍ତ ରାଷ୍ଟ୍ରକୁ ପରମାଣୁ ପରୀକ୍ଷା ନ କରିବା ପାଇଁ ଆମେରିକାର ରାଷ୍ଟ୍ରପତି କେନେଡ଼ି ଏକ ପ୍ରସ୍ତାବ ରଖିଥିଲେ ।

**(୧୩) ଅଠର ରାଷ୍ଟ୍ରର ନିରସ୍ତ୍ରୀକରଣ ସମ୍ମିଳନୀ** – ୧୯୬୨ ମସିହାରେ ୧୮ଟି ରାଷ୍ଟ୍ରର ନିରସ୍ତ୍ରୀକରଣ ସମ୍ମିଳନୀ ଜେନେଭାଠାରେ ଅନୁଷ୍ଠିତ ହୋଇଥିଲା । ସମସ୍ତ ପାରମ୍ପରିକ ଅସ୍ତ୍ରର ୩ ବର୍ଷର ମଧ୍ୟରେ ୩୦% କମାଇବା ପାଇଁ ଏହି ସମ୍ମିଳନୀରେ ଏକ ପ୍ରସ୍ତାବ ରଖାଯାଇଥିଲା ।

**(୧୪) ଆଣବିକ ପରୀକ୍ଷଣ ନିଷିଦ୍ଧ ସନ୍ଧି** – ୧୯୬୩ ମସିହା ସନ୍ଧିରେ ରୁଷ, ଆମେରିକା ଏବଂ ଇଂଲଣ୍ଡର ପ୍ରତିନିଧିମାନେ ହସ୍ତାକ୍ଷର କରିଥିଲେ। ଏହି ସନ୍ଧି (Nuclear Test Ban Treaty) କୁ ୧୯୬୩ ମସିହା ଅକ୍ଟୋବର ମାସରେ ସ୍ୱୀକୃତି ଦିଆଯାଇଥିଲା।

**(୧୫) କାଇରୋ ସମ୍ମିଳନୀ** – ୧୯୬୯ ମସିହା ଅକ୍ଟୋବର୫ ତାରିଖରେ ନିରପେକ୍ଷ ରାଷ୍ଟ୍ରମାନଙ୍କ ଏକ ସମ୍ମିଳନୀ ହୋଇଥିଲା। ଚୀନକୁ ପରମାଣୁ ଆୟୋଗ ପଠାଯାଇ ପରମାଣୁ ପରୀକ୍ଷଣ ବନ୍ଦ କରିବା ପାଇଁ ନିବେଦନ କରାଯାଇଥିଲା। କିନ୍ତୁ ଏହି ଆବେଦନକୁ

**(୧୬) ଜନସନଙ୍କ ସାତଦଫା କାର୍ଯ୍ୟକ୍ରମ** – ୧୯୬୦ ମସିହାରେ ଆମେରିକାର ରାଷ୍ଟ୍ରପତି ଜନସନ୍ ଅଣପରମାଣୁ ରାଷ୍ଟ୍ରମାନଙ୍କରେ ପରମାଣୁ ଅସ୍ତ୍ରର ପ୍ରସାରଣକୁ ରୋକିବା ପାଇଁ ଏକ ସାତସୂତ୍ରୀ କାର୍ଯ୍ୟକ୍ରମର ଘୋଷଣା କରିଥିଲେ।

**(୧୭) ପରମାଣୁ ଅପ୍ରସାର ସନ୍ଧି** – ପରମାଣୁ ଅସ୍ତ୍ରର ପ୍ରସାରଣକୁ ରୋକିବା ପାଇଁ ଆମେରିକା ଏବଂ ରୁଷ ମିଳିତ ଜାତିସଂଘର ମହାସଭାରେ ପରମାଣୁ ଅସ୍ତ୍ର ଅପ୍ରସାର ବୃଦ୍ଧି (Nuclear No-Proliferation Treaty) ର ପ୍ରସ୍ତାବକୁ ୧୯୬୮ ମସିହା ଜୁନ୍ ୧୩ ତାରିଖରେ ଭୋଟ ପାଇଁ ରଖିଥିଲେ। ଏହା ୧୯୭୦ ମସିହା ମାର୍ଚ୍ଚ ୫ ତାରିଖ ଦିନ କାର୍ଯ୍ୟକାରୀ ହୋଇଥିଲା।

**(୧୮)ସାମରିକ କୌଶଳ ଅସ୍ତ୍ର ସୀମିତ ସନ୍ଧି (୧)** – ଆମେରିକା ଏବଂ ରୁଷ ବିପଦଜନକ ଏବଂ ବିଧ୍ୱସଂକାରୀ ପରମାଣୁ ଅସ୍ତ୍ରକୁ ସୀମିତ କରିବା ପାଇଁ ସାମରିକ କୌଶଳ ଏବଂ ବିଧ୍ୱଂସକାରୀ ପରମାଣୁ ଅସ୍ତ୍ରକୁ ସୀମିତ କରିବା ପାଇଁ ସାମରିକ କୌଶଳ ଶସ୍ତ୍ର ସୀମିତ ସନ୍ଧି – (୧) (Strategic Arms Limitation Treaty (SALT)–1) ରେ ୧୯୭୨ ମସିହାରେ ସ୍ୱାକ୍ଷର କରିଥିଲେ।

**(୧୯) ଆମେରିକା – ରୁଷ ଶସ୍ତ୍ର ସନ୍ଧି :** ୧୦ ବର୍ଷ ପର୍ଯ୍ୟନ୍ତ ପରମାଣୁ ଶସ୍ତ୍ରର ଉତ୍ପାଦନକୁ ସୀମିତ ରଖିବା ଏବଂ ୧୫୦ କିଲୋମିଟନକୁ ଅଧିକ ଭୂମିଗତ ପରମାଣୁ ପରୀକ୍ଷଣ ନକରିବା ପାଇଁ ୧୯୭୪ ମସିହା ଜୁଲାଇ ମାସରେ ଆମେରିକା ଏବଂ ରୁଷ ଏକ ସନ୍ଧି ହୋଇଥିଲା।

**(୨୦) SALT–1 :**୧୯୭୯ ମସିହା ମେ ମାସରେ ଅଷ୍ଟ୍ରିଆର ରାଜଧାନୀ ଭିଏନାଠାରେ ଆମେରିକାର ରାଷ୍ଟ୍ରପତି ଜିମ୍‌କାର୍ଟର ଏବଂ ରୁଷର ରାଷ୍ଟ୍ରପତି ଲିଓନାଡ଼ ଆମେରିକାର ରାଷ୍ଟ୍ରପତି ଲିଓନାଡ଼ ବ୍ରେଜ୍ନେଭଙ୍କ ମଧ୍ୟରେ SALT-II ସନ୍ଧି ସ୍ୱାକ୍ଷରିତ ହୋଇଥିଲା। ଏହି ସନ୍ଧି ୧୯୮୫ମସିହା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବାର ପ୍ରସ୍ତାବ ରଖାଯାଇଥିଲା। ଏହି ସନ୍ଧି ଅନୁସାରେ ସାମରିକ କୌଶଳପୂର୍ଣ୍ଣ ଶସ୍ତ୍ର ଏବଂ କ୍ଷେପଣାସ୍ତ୍ରକୁ ସୀମିତ କରାଯାଇଥିଲା।

**(୨୧) ମାଲଟା ସମ୍ମିଳନୀ,୧୯୯୦ :** ଶୀତଳ ଯୁଦ୍ଧର ଅବସାନ ଘଟାଇ ଆନ୍ତର୍ଜାତିକ ଶାନ୍ତି, ନିରସ୍ତ୍ରୀକରଣ ଓ ସାଂପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠାକ୍ଷେତ୍ରରେ ୱାଶିଂଟନ୍ ସମ୍ମିଳନୀର ଆଉ ଏକ ସଫଳ କୃତିତ୍ୱ ହେଲା Strategic Arms Reduction Treatyରେ ସ୍ୱାକ୍ଷର କରିବା। ୧୯୯୦ ମସିହା ମେ ୩୦ ତାରିଖଠାରୁ ଜୁନ୍ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ଉଭୟ ଦେଶ ସାତବର୍ଷ ପାଇଁ ସେମାନଙ୍କର ଆକ୍ରମଣାତ୍ମକ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ରକୁ ହ୍ରାସ କରିବା ପାଇଁ ଚୁକ୍ତିବଦ୍ଧ ହେଲେ। ଏହି ଚୁକ୍ତିର ସର୍ତ୍ତକୁ ସୁଚାରୁରୂପେ କାର୍ଯ୍ୟକାରୀ କରିବା ନିମନ୍ତେ ଉଭୟ ଆମେରିକା ରାଷ୍ଟ୍ରପତି ଜର୍ଜବୁଶ ଏବଂ ରୁଷର ରାଷ୍ଟ୍ରପତି ନିଃସର୍ତ୍ତ ଭାବେ ଏକ ଯୁଗ୍ମ କମିଶନ ପ୍ରତିଷ୍ଠା କରିଥିଲେ।

**(୨୩)୧୯୯୨ର ପୁନଃଘୋଷଣା:** ଭୟାବହ ଆଣବିକ କ୍ଷେପଣାସ୍ତ୍ର ଓ ଜୈବିକ ଅସ୍ତ୍ରର ନିଃସର୍ତ୍ତ ହ୍ରାସ ପାଇଁ ୧୯୯୨ ମସିହା ଜାନୁଆରୀ ମାସରେ ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ପୁନଃଘୋଷଣା କରାଯାଇଥିଲା। ଏହାର ଜବାବରେ ରୁଷର ରାଷ୍ଟ୍ରପତି ବୋରିସ୍ ୟେଲସିନ୍ ତାଙ୍କ ଦେଶରେ ଗଚ୍ଛିତ ଥିବା ସମସ୍ତ ଗଣବିଧ୍ୱଂସୀ ରାସାୟନିକ, ଜୈବିକ ଏବଂ ଆଣବିକ ଅସ୍ତ୍ରର ହ୍ରାସ ପାଇଁ ଏକ ଦଶ ଦଫା ସମ୍ବଳିତ ନିରସ୍ତ୍ରୀକରଣ ଯୋଜନା ଉପସ୍ଥାପିତ କରିଥିଲେ। ଏପରିକି ସେ ST-160 ଏବଂ TU-95 ସମେତ ସମସ୍ତ କ୍ଷେପଣାସ୍ତ୍ର ନିର୍ମାଣ କାର୍ଯ୍ୟକୁ ନିଷିଦ୍ଧ କରିବା ପାଇଁ ଘୋଷଣା କରିଥିଲେ।

(୨୪) START– II : ୧୯୯୩ ମସିହା ଜାନୁଆରୀ ୩ ତାରିଖ ଦିନ ଆମେରିକା ଏବଂ ରୁଷ ରାଷ୍ଟ୍ରପତି ଏହି ସନ୍ଧିରେ ସ୍ୱାକ୍ଷର କରିଥିଲେ। ଏହି ସନ୍ଧି ଅନୁସାରେ ଆମେରିକା ତା'ର ପରମାଣୁ ଶସ୍ତ୍ର ଭଣ୍ଡାରକୁ ୧୯୬୦ ସ୍ଥିତିକୁ ଆଣିବା ପାଇଁ ରାଜି ହୋଇଥିଲେ।

ଏହିପରି ଭାବରେ ବିଂଶ ଶତାବ୍ଦୀର ଶେଷ ପାଦରେ ଦୁଇ ବୃହତ୍ ଶକ୍ତିଙ୍କ ନିଷ୍ଠାପର ଉଦ୍ୟମ ଫଳରେ ନିରସ୍ତ୍ରୀକରଣକୁ ସଫଳ କରିବା ପାଇଁ ଉଦ୍ୟମ ହୋଇଥିଲା।

**ପ୍ର.୫. ପରମାଣୁ ଅପ୍ରସାର ଚୁକ୍ତି ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ଆଲୋଚନା କର।**

**(Write a brief note on Nuclear Non-Prolofication Treaty.)**

ଉ. ଶସ୍ତ୍ରୀକରଣର ପରିଣାମସ୍ୱରୂପ ଶସ୍ତ୍ରର ନିର୍ମାଣ, ପ୍ରୟୋଗ କିମ୍ବା ପ୍ରୟୋଗର ଧମକ ଆନ୍ତର୍ଜାତିକ ସମ୍ପର୍କ କ୍ଷେତ୍ରରେ ପ୍ରବଣତା ସୃଷ୍ଟି କରି ବିଶ୍ୱର ଅନେକ ପ୍ରାନ୍ତରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରିଛି। ଏହି ସ୍ଥିତିକୁ ହୃଦୟଙ୍ଗମ କରି ପୁରା ବିଶ୍ୱ ସମୁଦାୟ ଅସ୍ତ୍ରଶସ୍ତ୍ରର ନିର୍ମାଣ କିମ୍ବା ଅସ୍ତ୍ରଶସ୍ତ୍ର ଗଦାକରି ମହଜୁଦ କରି ରଖିବା କିମ୍ବା ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରି ଆସୁଛନ୍ତି। ଏହି ନିରସ୍ତ୍ରୀକରଣ ପାଇଁ ସୋଭିଏତ୍ ରୁଷ ଏବଂ ଆମେରିକା ଅଧିକମାତ୍ରାରେ ଚେଷ୍ଟିତ ଅଛନ୍ତି। ଏହି ଦୁଇମହାଶକ୍ତିଙ୍କ ନୀତି ଏବଂ ନିଷ୍ପତ୍ତି ବିଶ୍ୱର ଅନ୍ୟ ଦେଶର ବ୍ୟବହାରଏବଂ ନୀତିଉପରେ ବ୍ୟାପକଭାବେ ପ୍ରଭାବ ପକାଇ ଆସିଛି। ନିରସ୍ତ୍ରୀକରଣ ରୂପରେ SALT-I, ୧୯୭୨; SALT-II,ର ୧୯୭୯; ଆଦି ଚୁକ୍ତି ଆମେରିକା ଏବଂ ରୁଷ ମଧ୍ୟରେ ସ୍ୱାକ୍ଷରିତ ହୋଇଛି।

ପରମାଣୁ ଅପ୍ରସାର ସନ୍ଧି ଯାହାକୁ ସାଧାରଣ ଭାଷାରେ NPT (Non-Prolification Treaty) କୁହାଯାଇଛି, ତାକୁ ପ୍ରଥମେ ଆମେରିକା ଏବଂ ରୁଷ ମିଳିମିଶି ପ୍ରସ୍ତୁତ କରିଥିଲେ। ୧୯୬୮ ମସିହା ମାର୍ଚ୍ଚ ୧୧ ତାରିଖ ଦିନ ଏହି ଚୁକ୍ତି ଉପରେ ବିଚାର ବିମର୍ଶ କରିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘର ମହାସଭାରେ ଏହାକୁ ଉପସ୍ଥାପିତ କରାଯାଇଥିଲା। ଏହି ଚୁକ୍ତି ଉପରେ ଭୋଟ ନେଲାବେଳେ ବିଶ୍ୱ ୨୧ ରାଷ୍ଟ୍ରକୁ ଅନୁପସ୍ଥିତ ଥିଲେ। ଏହି ଚୁକ୍ତି ସପକ୍ଷରେ ୯୫ଟି ରାଷ୍ଟ୍ର ଭୋଟ ପାଇ ଏହି ଚୁକ୍ତି ଗୃହୀତ ହୋଇଥିଲେ ମଧ୍ୟ ବାସ୍ତବରେ ଏହା ୧୯୭୦ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ଭାରତ ଏହି ଚୁକ୍ତିରେ ହସ୍ତାକ୍ଷର କରିନଥିଲା। ଯେଉଁମାନେ ଏହି ସନ୍ଧିରେ ହସ୍ତାକ୍ଷ'ର କରିନଥିଲେ ସେମାନଙ୍କର ଯୁକ୍ତି ହେଲା ଯେ ଏହି ସନ୍ଧି ସଂପୂର୍ଣ୍ଣ ପକ୍ଷପାତପୂର୍ଣ୍ଣ। ଏହି ସନ୍ଧିର ଉଦ୍ଦେଶ୍ୟ ହେଲା ପରମାଣୁ ଶସ୍ତ୍ର ବିହୀନ ରାଷ୍ଟ୍ରକୁ ସଦାସର୍ବଦା ଶସ୍ତ୍ର ବିହୀନ କରି ରଖିବା। ଅପରପକ୍ଷରେ ଅନେକ ଦେଶ ହାତରେ ସୀମାଠାରୁ ଅଧିକ ଶସ୍ତ୍ର ଗଛିତ ଅଛି। ସେମାନଙ୍କୁ ହିଁ ଏହି ସନ୍ଧି ସୁହାଇବ। ତେଣୁ ଏହି ସନ୍ଧିରେ ସ୍ୱାକ୍ଷର କରିନଥିବା ରାଷ୍ଟ୍ରମାନଙ୍କ ମତରେ ଏହା ଏକ 'ନକରାତ୍ମକ ସନ୍ଧି'।

**ପ୍ରସ୍ତାବନା :**

(୧) ଆନ୍ତର୍ଜାତିକ ପ୍ରବଣତାକୁ କମ୍ କରିବା ଏବଂ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ଇଚ୍ଛା ପ୍ରକାଟ କରାଗଲା। ଏହାଦ୍ୱାର ପରମାଣୁ ଅସ୍ତ୍ରର ନିର୍ମାଣକୁ ରୋକାଯାଇପାରିବ, ବର୍ତ୍ତମାନର ଅସ୍ତ୍ର ଭଣ୍ଡାରକୁ ସମାପ୍ତ କରାଯାଇପାରିବ ଏବଂ ବିତରଣ ପ୍ରକ୍ରିୟାକୁ ମୁକ୍ତି ପ୍ରାପ୍ତ କରାଯାଇ କଡ଼ା ତଥା ପ୍ରଭାବଶାଳୀ ଆନ୍ତର୍ଜାତିକ ନିୟନ୍ତ୍ରଣ ମାଧ୍ୟମରେ ସାମାନ୍ୟ ତଥା ପୂର୍ଣ୍ଣ ନିରସ୍ତ୍ରୀକରଣ ପାଇଁ ସନ୍ଧି କରାଯାଇପାରିବ।

(୨) କୌଣସି ପ୍ରକାର ପରମାଣୁ ବିସ୍ଫୋରଣର ଶାନ୍ତିପୂର୍ଣ୍ଣ ପ୍ରୟୋଗର ସ୍ୱାଭାବିକ ଲାଭ, ଉଚିତ୍ ଆନ୍ତର୍ଜାତିକ ପ୍ରକ୍ରିୟା ମାଧ୍ୟମରେ ସେହି ପରମାଣୁ ଅସ୍ତ୍ର ବିହୀନ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଉପଲବ୍ଧ ହେବା ଅନୁଚିତ୍। ଯେଉଁମାନେ ଏହି ସନ୍ଧିର ସଦସ୍ୟ ଅଟନ୍ତି ଏବଂ ଏହା ଏପରି ନିରପେକ୍ଷ ଆଧାର ହେବା ଉଚିତ ଏବଂ ଏହି ପରମାଣୁ ବିସ୍ଫୋଟ ସାଧନ ପାଇଁ ଏହାର ସଦସ୍ୟମାନଙ୍କଠାରୁ କମ୍‌ମୂଲ୍ୟ ନିଆଯିବା ଉଚିତ ଏବଂ ଗବେଷଣା ପାଇଁ ମୂଲ୍ୟରେ, ରିହାତି ଦିଆଯିବା ଉଚିତ୍।

(୩) ସନ୍ଧିର ସମସ୍ତ ସ୍ୱାକ୍ଷରକର୍ତ୍ତା ଏହି ନିଷ୍ପତ୍ତିକୁ ସ୍ୱୀକାର କରିଛନ୍ତି ଯେ ପରମାଣୁ କୌଶଳର ଶାନ୍ତିପୂର୍ଣ୍ଣ ପ୍ରୟୋଗର ଲାଭ ସମସ୍ତ ରାଷ୍ଟ୍ରକୁ (ଯେଉଁମାନେ ଏହି ସନ୍ଧିର ସଦସ୍ୟ ଅଟନ୍ତି), ବରାବର ସୁଯୋଗ ମିଳିବା ଉଚିତ, ସେ ପରମାଣୁ ଶସ୍ତ୍ର ସମ୍ପନ୍ନ ରାଷ୍ଟ୍ର ହେଉ କିମ୍ବା ପରମାଣୁ ଅସ୍ତ୍ର ସମ୍ପନ୍ନ ଯେ କୌଣସି ରାଷ୍ଟ୍ର ଦ୍ୱାରା ପରମାଣୁ ବିସ୍ଫୋରଣ ମାଧ୍ୟମର ବିକାଶର ପରିଣାମସ୍ୱରୂପ ପ୍ରତ୍ୟେକ ପ୍ରାପ୍ତ ଉତ୍ପାଦନ ମଧ୍ୟ ସାମିଲ ଅଟେ।

(୪) ଏହି କଥା ଉପରେ ବିଶ୍ୱାସ କରାଯାଉଛି ଯେ,ଏହି ସିଦ୍ଧାନ୍ତକୁ ବିକଶିତ କରିବା ପାଇଁ ଏହି ସନ୍ଧିର ସମସ୍ତ ସଦସ୍ୟଙ୍କୁ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ପରମାଣୁ ଶକ୍ତିର ଉପଯୋଗର ବିକାଶ ପାଇଁ ଆପଣ ନିଜେ କିମ୍ବା ଅନ୍ୟ ରାଷ୍ଟ୍ରର ସହଯୋଗ ସାଂଗକୁ ବୈଜ୍ଞାନିକ ଜ୍ଞାନ କୌଶଳର ଆଦାନ ପ୍ରଦାନରେ ଭାଗ ନେବା ପାଇଁ ପୂର୍ଣ୍ଣ ଅଧିକାର ରହିବ।

(୫) ଏହି ସନ୍ଧି ନିଜର ଅଭିପ୍ରାୟକୁ ଘୋଷଣା କରେ କି ସେମାନେ ପରମାଣୁ ଅସ୍ତ୍ର ଦୌଡ଼କୁ ଯେତେ ଜଲ୍ଦି ସମ୍ଭବ, ରୋକିବା ପାଇଁ ଚେଷ୍ଟା କରିବେ ଏବଂ ଏଥିପାଇଁ ସମସ୍ତ ରାଷ୍ଟ୍ରର ସହଯୋଗ ପାଇଁ ମଧ୍ୟ ପ୍ରାର୍ଥନା କରାଗଲା।

**ଧାରା :**

**ଧାରା–୧ :** ପ୍ରତ୍ୟେକ ପରମାଣୁ ଅସ୍ତ୍ର ସଂପନ୍ନ ରାଷ୍ଟ୍ର ଯିଏ ଏହି ସନ୍ଧିର ସଦସ୍ୟ ଅଛନ୍ତି, ଏହାକୁ ସ୍ୱୀକାର କରନ୍ତି ଯେ କୌଣସି ମଧ୍ୟ ପ୍ରାପକକୁ, କୌଣସି ପ୍ରକାର ପରମାଣୁ ଅସ୍ତ୍ର କିମ୍ବା ଅନ୍ୟ ପରମାଣୁ ବିସ୍ଫୋଟକ ହସ୍ତାନ୍ତରଣ କରିବେ ନାହିଁ କିମ୍ବା ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ରୂପରେ ଏମିତି କୌଣସି ଶସ୍ତ୍ର ବା ବିସ୍ଫୋଟକ ସମାନ ଉପରେ ନିୟନ୍ତ୍ରଣ କରିବାକୁ ଦେବେ ନାହିଁ, ତଥତା କୌଣସି ଢଙ୍ଗାରେ ମଧ୍ୟ ଯେ କୌଣସି ପରମାଣୁ ଅସ୍ତ୍ର କିମ୍ବା ଅନ୍ୟ ପରମାଣୁ ବିସ୍ଫୋଟକ ସାଧନ ଉପରେ ଅଥବା ଏମିତି ଶସ୍ତ୍ର ଉପରେ ନିୟନ୍ତ୍ରଣ କରିବାରେ ସେ ସହାୟତା ଦେବ ନାହିଁ କି ଉତ୍ସାହିତ କରିବ ନାହିଁ ଏବଂ ତାକୁ ଏମିତି ବସ୍ତୁର ପ୍ରସ୍ତୁତ ପାଇଁ ସୁଯୋଗ ଦେବ ନାହିଁ।

**ଧାରା–୨ :** ଏହି ସନ୍ଧିରେ ହସ୍ତାକ୍ଷର କରିଥିବା ପରମାଣୁ ଅସ୍ତ୍ର ବିହୀନ ସଦସ୍ୟ ରାଷ୍ଟ୍ର ଏହାକୁ ସ୍ୱୀକାର କରନ୍ତି ଯେ ସେମାନେ କୌଣସି ରାଷ୍ଟ୍ରକୁ ପରମାଣୁ ଅସ୍ତ୍ର କିମ୍ବା ଅନ୍ୟ ପରମାଣୁ ବିସ୍ଫୋଟକ ଦ୍ରବ୍ୟ କିମ୍ବା ଏମିତି ଶସ୍ତ୍ର, ବିସ୍ଫୋଟକ ଉପରେ ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ରୂପରେ ନିୟନ୍ତ୍ରଣ ପାଇଁ ବଳ ପ୍ରୟୋଗ କରିବେ ନାହିଁ। ସେମାନେ ପରମାଣୁ ଅସ୍ତ୍ରର ନିର୍ମାଣ କରିବେ ନାହିଁ କିମ୍ବା ଅନ୍ୟ କୌଣସି ଉପାୟରେ ପରମାଣୁଶସ୍ତ୍ରକୁ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରିବେ ନାହିଁ କିମ୍ବା ସେହି ପରମାଣୁ ଶସ୍ତ୍ରକୁ ନିର୍ମାଣ କରିବା ପାଇଁ ଅନ୍ୟ ରାଜ୍ୟର ସହାୟତା ମାଗିବେ କି ପ୍ରାପ୍ତ କରିବେ ନାହିଁ।

**ଧାରା ୩ –** ଏହି ସନ୍ଧିର କୌଣସି ଧାରାକୁ ଏପରି ବ୍ୟାଖ୍ୟା କରାଯିବ ନାହିଁ। ଯାହା ଏହି ସନ୍ଧିରର ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ସ୍ଥାୟୀ ଅଧିକାର (Unalienable Right)କୁ ପ୍ରଭାବିତ କରିବେ, ଯେଉଁମାନେ ଏହି ସନ୍ଧିର ଧାରା ୧ ଏବଂ ୨ର ସମରୂପ ତଥା ନିରପେକ୍ଷ ରୂପରେ ପରମାଣୁ ଶକ୍ତିର ଅନୁସନ୍ଧାନ, ଉତ୍ପାଦନ ତଥା ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ଏହାର ପ୍ରୟୋଗ କରନ୍ତି।

**ଧାରା ୪(କ)–** ଏହି ସନ୍ଧିର ଯେ କୌଣସି ସଦସ୍ୟ ସନ୍ଧିର ସଂଶୋଧନ ପାଇଁ ପ୍ରସ୍ତାବ ରଖିପାରିବ। ଯେ କୌଣସି ପ୍ରସ୍ତାବିତ ସଂଶୋଧନର ମୂଳ ପାଠକୁ ନ୍ୟାସୀ ପ୍ରକାରକୁ ଜମା କରିବାକୁ ପଡ଼ିବ ଯିଏ ଏହି ସନ୍ଧିର ସମସ୍ତ ସଦସ୍ୟଙ୍କୁ ବିତରଣ କରିବେ। ଏହା ପରେ ଯଦି ୧/୩ କିମ୍ବା ଏହାଠାରୁ ଅଧିକ ସଦସ୍ୟ ଏହା କରିବା ପାଇଁ ନିବେଦନ କରନ୍ତି ତେବେ ନ୍ୟାସୀ ସରକାର ଗୋଟିଏ ସମ୍ମିଳନୀ ଡକାଇବେ, ଯେଉଁଥିରେ ସନ୍ଧିର ସମସ୍ତ ସଦସ୍ୟଙ୍କୁ ସଂଶୋଧନ ଉପରେ ବିଚାର କରିବା ପାଇଁ ଆମନ୍ତ୍ରିତ କରିବେ।

**ଧାରା ୪ (ଖ) –** ଏହି ସନ୍ଧିର ଯେ କୌଣସି ସଂଶୋଧନ ଏହି ସନନ୍ଧିର ସମସ୍ତ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠ ମତରେ ଗୃହୀତ ହେବା ଦରକାର। ସନ୍ଧିର ସମସ୍ତ ସଦସ୍ୟ, ପରମାଣୁ ଅସ୍ତ୍ରସଂପନ୍ନ ସଦସ୍ୟ ରାଷ୍ଟ୍ରର ସମସ୍ତ ମତଦାତା ଏବଂ ଅନ୍ୟ ସମସ୍ତ ସଦସ୍ୟ ଯେଉଁମାନେ ସଂଶୋଧନର ବିତରଣ ଦିନ ଆନ୍ତଃରାଷ୍ଟ୍ରୀୟ ପରମାଣୁ ଶକ୍ତି ଏଜେନ୍ସୀରେ ବୋର୍ଡ଼ ଅଫ୍ ଗଭର୍ଣ୍ଣସ୍ ସଦସ୍ୟ ହେବେ ଏହି ସଂଶୋଧନର ସାମିଲ ହେବେ।

**ଧାରା ୫ –** ଏହି ସନନ୍ଧି କାର୍ଯ୍ୟକାରୀ ହେବାର ୫ ବର୍ଷ ପରେ, ସନ୍ଧିର ସଦସ୍ୟମାନଙ୍କର ଏକ ସମ୍ମିଳନୀ ଜେନେଭା, ସ୍ୱିଜରଲ୍ୟାଣ୍ଡରେ ଡକାଯିବ, ଯଦ୍ୱାରା ଏହି ସନ୍ଧିର ଧାରା ଏବଂ ଉଦ୍ଦେଶ୍ୟଗୁଡ଼ିକର ଠିକ୍ ରୂପ ସଞ୍ଚାଳିତ ହେଉଛି କି ନାହିଁ ତା'ର ସମୀକ୍ଷା କରାଯିବ।

**ଧାରା ୬ (କ) –** ଏହି ସନ୍ଧି ଉପରେ ସମସ୍ତ ରାଷ୍ଟ୍ର ସ୍ୱାକ୍ଷର କରିପାରିବେ। ଯେକୌଣସି ରାଷ୍ଟ୍ର ଏହି ସନ୍ଧି କାର୍ଯ୍ୟକାରୀ ହେବା ପୂର୍ବରୁ ସ୍ୱାକ୍ଷର କରିନଥିଲେ, ସେହି ରାଷ୍ଟ୍ର ଧାରା 'C' ଅନୁସାରେ ଯେ କୌଣସି ସମୟରେ ଏଥିରେ ସାମିଲ ହୋଇପାରିବେ।

(ଖ) ସ୍ୱାକ୍ଷରକର୍ତ୍ତା ରାଷ୍ଟ୍ର ଏହି ସନ୍ଧିର ଅନୁସମର୍ଥନ ମଧ୍ୟ କରିପାରିବେ। ଅନୁସମର୍ଥନର ଉପକରଣ ତଥା ସମ୍ମିଳିତ, ହେବା ପାଇଁ ଉପକରଣଗୁଡ଼ିକୁ ସେହି ସରକାର ପାଖରେ, (ଯାହାକୁ ନ୍ୟାସୀ ସରକାର ରୂପେ ନିଯୁକ୍ତି କରାଯିବ), ଜମା କରାଯାଇପାରିବ।

ଧାରା ୭ (କ) – ଏହି ସନ୍ଧି ସେହି ସମୟରେ ଲାଗୁହେବ, ଯେତେବେଳେ ଏହି ସନ୍ଧିର ସମସ୍ତ ପରମାଣୁ ଅସ୍ତ୍ର ସଂପନ୍ନ ସଦସ୍ୟ ରାଷ୍ଟ୍ର ତଥା ଏହି ସନ୍ଧିରରର ଅନ୍ୟ ସଦସ୍ୟ ରାଷ୍ଟ୍ର ଏହାକୁ ନିଜର ଅନୁସମର୍ଥନ ଦେବେ ତଥା ନିଜ ନିଜର ଅନୁସମର୍ଥନ ଉପକରଣକୁ ଜମା କରିବେ। ଏହି ସନ୍ଧି ପରିପ୍ରେକ୍ଷୀରେ ପରମାଣୁ ଅସ୍ତ୍ର ସଂପନ୍ନ ରାଷ୍ଟ୍ର ସେହି ରାଷ୍ଟ୍ର ଅଟେ, ଯିଏ ୧୯୬୫୭ ମସିହା ଜାନୁଅନାରୀ ୧ ପୂର୍ବରୁ କୌଣସି ପରମାଣୁ ଅସ୍ତ୍ର କିମ୍ବା କୌଣସି ଅନ୍ୟ ସାଧନର ତିଆରି କରିଥିବ ଏବଂ ତା'ର ବିସ୍ଫୋଟ କରିଥିବ।

(ଖ) ଯେଉଁ ରାଷ୍ଟ୍ର ଦ୍ୱାରା ଏହି ସନ୍ଧିରେ ସାମିଲ ହେବା ପାଇଁ ଅନୁସମର୍ଥନ ଉପକରଣର ସନ୍ଧି କାର୍ଯ୍ୟକାରୀ ହେବାର ତୁରନ୍ତ ପରେ ଜମା କରିବ, ସେହି ରାଷ୍ଟ୍ର ସନ୍ଧିରେ ଜମା କରିବା ଦିନଠାରୁ ସାମିଲ ହେବ।

(ଗ) ନ୍ୟାସୀ ସରକାର ସମସ୍ତ ସ୍ୱାକ୍ଷରକାରୀ ରାଷ୍ଟ୍ର ତଥା ଏଥିରେ ପ୍ରବେଶ କରିଥିବା ରାଷ୍ଟ୍ରକୁ ସ୍ୱାକ୍ଷର କରିବାର ତିଥି, ଏହି ସନ୍ଧି କାର୍ଯ୍ୟକାରୀ ହେବାର ତିଥି, ସମ୍ମିଳନୀ ଡକାଯିବା ପାଇଁ ଆବେଦନ ତିଥି ଏବଂ ଅନ୍ୟାନ୍ୟ ନୋଟିସ ମିଳିବାର ତିଥି ସମ୍ପର୍କରେ ତୁରନ୍ତ ସୂଚନା ଦିଆଯିବ।

(ଘ) ଏହି ସନ୍ଧି ନ୍ୟାସୀ ସରକାରଙ୍କ ପାଖକରେ ପଂଜୀକୃତ (Registered) ହୋଇ ରହିବ। ଏହା ମିଳିତ ଜାତିସଂଘର ଚାର୍ଟରର ଧାରା ୧୦୨ ଅନୁଯାୟୀ କରାଯିବ।

**ଧାରା ୮ (କ) – କୌଣସି ସଦସ୍ୟ ରାଷ୍ଟ୍ର ନିଜର ରାଷ୍ଟ୍ରୀୟ ସାର୍ବଭୌମତ୍ୱର ପ୍ରୟୋଗ କଲାବେଳେ, ତାକୁ ଏହା** ହୃଦୟଙ୍ଗମ କରିବାକୁ ପଡ଼ିବ ଯେ ଏହି ସନ୍ଧିର ବିଷୟବସ୍ତୁ ସହ ସମ୍ବନ୍ଧିତ କୌଣସି ଅସାଧାରଣ ଘଟଣା ତା'ର ସର୍ବୋଚ୍ଚ ସ୍ୱାର୍ଥ ହାସଲ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଚି ତେବେ ସେ ଏହି ସନ୍ଧିରୁ ନିଜ ନାମକୁ ପ୍ରତ୍ୟାହାର ନେଇପାରିବ। ଏହି ସମ୍ପର୍କରେ ସେ ଏକ ନୋଟି ସମସ୍ତ ସଦସ୍ୟ ରଷ୍ଟ୍ର ତଥା ମିଳିତ ଜାତିସଂଘର ସୁରକ୍ଷା ପରିଷଦକୁ ୩ ମାସ ପୂର୍ବରୁ ଦେବେ। ସେହି ନୋଟିସରେ ଉକ୍ତ ରାଷ୍ଟ୍ର ସେଇ ଅସାଧାରଣ ଘଟଣା ଯାହା ତା'ର ସ୍ୱାର୍ଥରେ ବାଧା ସୃଷ୍ଟି କରିଛି ତା'ର ବର୍ଣ୍ଣନ କରିବ।

(ଖ) ଏହି ସନ୍ଧିର ମୂଳପାଠ ଇଂରାଜୀ, ରୁଷୀ, ଫ୍ରେନ୍‌ଚ୍ ଏବଂ ଚୀନ ଭାଷାରେ ସମାନ ରୂପେ ପ୍ରମାଣିତ ହୋଇ ନ୍ୟାସୀ ସରକାରର ଲେଖାଗାର (Archives) ରେ ଜମା କରାଯିବ। ଏହି ସନ୍ଧିର ପ୍ରାମାଣିକ ନକଲଗୁଡ଼ିକୁ ନ୍ୟାସୀ ସରକାର ଦ୍ୱାରା ସ୍ୱାକ୍ଷରକର୍ତ୍ତା ଏବଂ ସମ୍ମିଳିତ ହୋଇଥିବା ରାଷ୍ଟ୍ରର ସରକାରମାନଙ୍କୁ ପଠାଯିବ।

**ଏନ୍.ପି.ଟିର ସମାଲୋଚନା :**

୧. ଏହି ସନ୍ଧି ଆନ୍ତର୍ଜାତିକ ରାଜନୀତି କ୍ଷେତ୍ରରେ ନିରସ୍ତ୍ରୀକରଣ କିମ୍ବା ଶସ୍ତ୍ର ନିୟନ୍ତ୍ରଣ, କୌଣସି ପ୍ରାପ୍ତି ପାଇଁ ସହାୟକ ହୋଇପାରିବ ନାହିଁ।

୨. ଏହା ଏକ ପକ୍ଷପାତପୂର୍ଣ୍ଣ ସନ୍ଧି ଅଟେ। ପରମାଣୁ ଅସ୍ତ୍ର ବିହୀନ ରାଷ୍ଟ୍ର ତୁଳନାରେ ପରମାଣୁ ଅସ୍ତ୍ର ସଂପନ୍ନ ରାଷ୍ଟ୍ର ଉଚ୍ଚତର ସ୍ଥିତିକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ସନ୍ଧି ତିଆରି ହୋଇଛି।

୩. ଏହା ପରମାଣୁ ତଥା ପରମାଣୁ ବିହୀନ ରାଷ୍ଟ୍ର ମଧ୍ୟରେ ଶକ୍ତି ବା କ୍ଷମତାର ପାର୍ଥକ୍ୟକୁ ଅନ୍ୟା ଭାବରେ ନ୍ୟାୟପୂର୍ଣ୍ଣ ବୋଲି ଜଣାଇବାକୁ ଚେଷ୍ଟା କରୁଛି।

୪. ପରମାଣୁ ଅପ୍ରସାର ସନ୍ଧି (NPT) ବାସ୍ତବରେ ଏକ ଏମିତି ରାଜନୈତିକ ଉପକରଣ, ଯାହା ରାଷ୍ଟ୍ରମାନଙ୍କୁ ପରମାଣୁ ବିହୀନ ରାଷ୍ଟ୍ର ଭାବରେ ବାନ୍ଧି ଦିଏ।

୫. ଫ୍ରାନ୍ସ ଏବଂ ଚୀନ ବାରମ୍ବାର ପରମାଣୁ ପରୀକ୍ଷା କରି ସନ୍ଧିର ନିୟମକୁ ଖିଲାପ କରି ଆସୁଥିଲେ ମଧ୍ୟ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ।

**ପ୍ର.୬. ବ୍ୟାପକ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି (CTBT) ର ଗୁରୁତ୍ୱ ବର୍ଣ୍ଣନା କର।**

**(Discuss the importance of Comprehensive Test Ban Treaty (CTBT).)**

**ଉ.** ୧୯୯୫ ମସିହାରେ ପରମାଣୁ ଅପ୍ରସାର ସନ୍ଧି (NPT) ର ସମୀକ୍ଷା ପାଇଁ ଏକ ବିଶ୍ୱ ସମ୍ମିଳନୀ ହୋଇଥିଲା। ବିକାଶଶୀଳ ଏବଂ ଗୋଷ୍ଠୀନିରପେକ୍ଷ ରାଷ୍ଟ୍ରମାନଙ୍କ ବିରୋଧ ସତ୍ତ୍ୱେ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଆମେରିକା, ରୁଷ, ଚୀନ, ବ୍ରିଟେନ ଏବଂ ଫ୍ରାନ୍‌ସର ସମର୍ଥନରେ ଏହି ସନ୍ଧିର କାର୍ଯ୍ୟକାଳକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବଢ଼ାଇ ଦିଆଗଲା।

ଏହି ନିଷ୍ପତ୍ତି ଦ୍ୱାରା ପରମାଣୁ ସଂପନ୍ନ ରାଷ୍ଟ୍ର ଏବଂ ପରମାଣୁ ବିହୀନ ରାଷ୍ଟ୍ର ମଧ୍ୟରେ ଦୂରତା ଆହୁରି ବଢ଼ିଗଲା। ଏବେ ମଧ୍ୟ ଯେଉଁ ରାଷ୍ଟ୍ର ପାଖରେ ପରମାଣୁ ଅସ୍ତ୍ର ଅଛି ସେ ତିଆରି କରୁଛି, ଯାହା ପାଖରେ ନାହିଁ ମଧ୍ୟ ତିଆରି କରିପାରୁଛି। କିନ୍ତୁ ପରମାଣୁ ଶସ୍ତ୍ର ନଥିବା ରାଷ୍ଟ୍ରମାନେ ଏହାକୁ ତିଆରି କଲେ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ରମାନେ ତାକୁ ବିରୋଧ କରୁଛନ୍ତି। ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ରମାନେ ନିଜର ଶ୍ରେଷ୍ଠତାକୁ ବଜାୟ ରଖିବା ପାଇଁ ଅନ୍ୟରାଷ୍ଟ୍ରକୁ ପରମାଣୁ ଶସ୍ତ୍ର ତିଆରି ନ କରିବା ପାଇଁ ଆଦେଶ ଦେଉଛନ୍ତି।

ପରମାଣୁ ଅପ୍ରସାର ସନ୍ଧି (NPT) ରେ ହସ୍ତାକ୍ଷର କରିଥିବା ୧୭୮ ଦେଶ ମଧ୍ୟରୁ ୧୭୩ ରାଷ୍ଟ୍ର ପରମାଣୁ ଶସ୍ତ୍ର ବିହୀନ ରାଷ୍ଟ୍ର ଅଟନ୍ତି। ଅନେକ ରାଷ୍ଟ୍ର ଇତି ମଧ୍ୟରେ ପରମାଣୁ ଶାସ୍ତ୍ର ହାସଲ କରିଥିଲେ ମଧ୍ୟ ଏହି ସନ୍ଧିର ନୀତି ଅନୁଯାୟୀ ନୀତି ଅନୁଯାୟୀ ସେମାନଙ୍କୁ ମାନ୍ୟତା ଦିଆଯାଇ ନାହିଁ। ଭାରତ, ପାକିସ୍ତାନ, ଇଜରାଏଲ, କ୍ୟୁବା, ଆଙ୍ଗୋଲା, ତାଜିକସ୍ତାନ ଏବଂ ମନାକୋ ଆଦି ରାଷ୍ଟ୍ରଗୁଡ଼ିକ ଏହି ସନ୍ଧିରେ ସ୍ୱାକ୍ଷର କରି ନାହାନ୍ତି।

ଭାରତ ଏହି ସନ୍ଧିକୁ ଭେଦଭାବ ପୂର୍ଣ୍ଣ ବୋଲି ବିଚାର କରେ। ଭାରତ ମତରେ ଏହି ସନ୍ଧିର ମୁଖ୍ୟ ଉଦ୍ଦେଶ୍ୟ ହେଲା କିଛି ଦେଶକୁ ଶସ୍ତ୍ର ବିହୀନ ରଖି ଅନ୍ୟ କିଛି ଦେଶ ପରମାଣୁ ଶସ୍ତ୍ରର ମାଲିକ ଦେବା।

ନିରସ୍ତ୍ରୀକରଣ ବିଷୟ ଆନ୍ତର୍ଜାତିକ ରାଜନୀତିର ଏକ ପ୍ରମୁଖ ବିଷୟ ଅଟେ। ନିଜ ଦେଶକୁ କିପରି ଅଧିକାର ଶକ୍ତିଶାଳୀ କରାଇବେ ଏହି ନିଶାରେ ଉନ୍ମତ୍ତ ହୋଇ ବିଶ୍ୱର ବିଭିନ୍ନ ଦେଶ ପରମାଣୁ ଅସ୍ତ୍ର ତିଆରି ପ୍ରତିଯୋଗିତାରେ ନିଜକୁ ସାମିଲ କରି ଦେଇଛନ୍ତି। ଏହି ପରମାଣୁ ଶସ୍ତ୍ର ନିର୍ମାଣ ପ୍ରତିଯୋଗ ବିଶ୍ୱରେ ଏକ ଯୁଦ୍ଧର ପରିବେଶ ସୃଷ୍ଟି କରିଥାଏ। ତେଣୁ ପରମାଣୁ ଯୁଦ୍ଧର ଭୟାବହ ପରିଣତିକୁ ଉପଲବ୍ଧ କରି ବିଶ୍ୱ ସମୁଦାୟ ନିରସ୍ତ୍ରୀକରଣ ଦିଗରେ ମନୋନିବେଶ କରିଛନ୍ତି।

୧୯୯୫ ମସିହା ମେ ମାସରେ ଅନୁଷ୍ଠିତ ହୋଇଥିବା ବିଶ୍ୱସମ୍ମିଳନୀରେ NPTର କାର୍ଯ୍ୟକାଳକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବଢ଼ାଇ ଦିଆଦିଆଯିବାରୁ ପରମାଣୁ ଶସ୍ତ୍ର ସମ୍ପନ୍ନ ଦେଶଗୁଡ଼ିକ ନିଜର ପରମାଣୁ ଶ୍ରେଷ୍ଠତାକୁ ବଜାୟ ରଖିବାରେ ସଫଳତା ପ୍ରାପ୍ତ ହେଲେ। ଏହାର ସଫଳତା ପରେ ସେମାନେ ଏହାକୁ ଆହୁରି ଦୃଢ଼ କରିବା ପାଇଁ ଆଉ ଏକ ପରମାଣୁ ନିଷେଧ ସନ୍ଧି ଆଣି ଭବିଷ୍ୟତରେ ପରମାଣୁ ପରୀକ୍ଷଣ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚେଷ୍ଟା କଲେ। ଏହି କ୍ଷେତ୍ରରେ ଯୁକ୍ତରାଜ୍ୟ ଆମେରିକା ଏକ ପ୍ରମୁଖ ଭୂମିକା ଗ୍ରହଣ କଲା। ଭାରତ ଏବଂ ପାକିସ୍ତାନ ଯେପରି ପରମାଣୁଶକ୍ତି ସମ୍ପନ୍ନ ରାଷ୍ଟ୍ର ହୋଇନପାରିବେ ସେଥିପାଇଁ ଆମେରିକା ଦକ୍ଷିଣ ଏସିଆକୁ ପରମାଣୁ ଶସ୍ତ୍ର ବିହୀନ ଅଞ୍ଚଳ ରୂପେ ଘୋଷଣା କରିବାକୁ ଚେଷ୍ଟା କଲା। ୧୯୭୪ ମେ ମାସରେ ଭାରତ ଏକ ନିୟନ୍ତ୍ରିତ ଭୂମିଗତ ପରମାଣୁ ପରୀକ୍ଷଣକରି ପରମାଣୁ ଜ୍ଞାନ କୌଶଳ ବିକାଶ କରିବା କ୍ଷେତ୍ରରେ ଯୋଗ୍ୟତା ହାସଲ କଲା। ତଥାପି ୧୯୯୮ ମସିହା ପର୍ଯ୍ୟନ୍ତ ଭାରତ ଅନ୍ୟ କୌଣସି ପରମାଣୁ ପରୀକ୍ଷଣ କରିନଥିଲା। ୧୯୯୮ ମସିହାରେ ଦ୍ୱିତୀୟ ଥର ପାଇଁ ପରମାଣୁ ପରୀକ୍ଷଣ କରି ଭାରତ ନିଜକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୂପେ ଘୋଷିତ କଲା। ଭାରତର ପରମାଣୁ ପରୀକ୍ଷଣ କରିବା ପରେ ପରେ ପାକିସ୍ତାନ ମଧ୍ୟ ପରମାଣୁ ପରୀକ୍ଷଣ କରିଥିଲା। ଭାରତ କେବଳ ଦକ୍ଷିଣ ଏସିଆକୁ ପରମାଣ ବିହୀନ ଅଞ୍ଚଳ ରୂପେ ଘୋଷିତ କରିବାର ପକ୍ଷପାତୀ ନଥିଲା। କାରଣ ପୂର୍ବରୁ ଚୀନ ପରମାଣୁ କ୍ଷମତା ସମ୍ପନ୍ନ ରାଷ୍ଟ୍ରରୂପେ ଘୋଷିତ ହୋଇସାରିଥିଲା। କିନ୍ତୁ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ପରସ୍ପର ସହମତି ପ୍ରକାଶ କରି ପରମାଣୁ ପରୀକ୍ଷଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଏକ ବ୍ୟାପକ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି (C.T.B.T.) ପ୍ରସ୍ତୁତ କଲେ। ୧୯୯୬ ଡିସେମ୍ବର ୧୦ ତାରିଖ ଦିନ ମିଳିତ ଜାତିସଂଘର ସାଧାରଣ ସଭାରେ ଏହି ସନ୍ଧିକୁ ୧୫୮ଟି ଦେଶର ସଂଖ୍ୟାଗରିଷ୍ଠ ମତ ଦ୍ୱାରା ଗୃହୀତ କରାଯାଇଥିଲା। ଏହି ସନ୍ଧିରେ ସର୍ବପ୍ରଥମେ ଆମେରିକାର ରାଷ୍ଟ୍ରପତି ହସ୍ତାକ୍ଷର କରିଥିଲେ। ଏହାପରେ ଫ୍ରାନ୍ସ,

ବ୍ରିଟେନ୍, ଋଷ ଏବଂ ଚୀନ ମଧ୍ୟ ଏହି ସନ୍ଧିରେ ହସ୍ତାକ୍ଷର କରିଥିଲେ। କିନ୍ତୁ ପରମାଣୁ କ୍ଷମତା ସମ୍ପନ୍ନ ୪୪ଟି ଦେଶ ଏହି ସନ୍ଧିକୁ ଅନୁମୋଦନ କଲେ ନାହିଁ। ୪୪ଟି ପରମାଣୁ କ୍ଷମତାସମ୍ପନ୍ନ ରାଷ୍ଟ୍ରମାନଙ୍କ ମଧ୍ୟରୁ କେବଳ ୨୫ଟି ରାଷ୍ଟ୍ର ଏହାର ଅନୁମୋଦନ କରିଥିଲେ। ୧୯୯୯ ମସିହା ଅକ୍ଟୋବର ୧୩ ତାରିଖ ଦିନ ଆମେରିକାର କଂଗ୍ରେସ ସଭା ଏହି ସନ୍ଧିକୁ ଅସ୍ୱୀକାର କରିଥିଲା। ଆମେରିକା କଂଗ୍ରେସ ସଭାରେ ଏହି ସନ୍ଧି ଗୃହୀତ ହେବା ପାଇଁ ୨/୩ ସଂଖ୍ୟା ଗରିଷ୍ଠର ଆବଶ୍ୟକ ଥିଲା। ଏହି ସନ୍ଧି ସପକ୍ଷରେ ୪୮ଟି ଭୋଟ ମିଳିଥିବା ବେଳେ ବିପକ୍ଷରେ ୫୧ଟି ଭୋଟ ମିଳିଥିଲା। ତେଣୁ ଏହା ଗୃହୀତ ହୋଇନପାରି କାଟ ଖାଇଯାଇଥିଲା।

ଏହି ସନ୍ଧି ଅନୁସାରେ କୌଣସି ଦେଶ ପରମାଣୁ ପରୀକ୍ଷଣ କରିପାରିବ ନାହିଁ। କିନ୍ତୁ ପରମାଣୁ କ୍ଷମତାସମ୍ପନ୍ନ ରାଷ୍ଟ୍ର ନିଜର ନିଜର ପରମାଣୁ ଶସ୍ତ୍ର ତିଆରି ପ୍ରକ୍ରିୟା ଜାରି ରଖିବେ ଏବଂ ପରୀକ୍ଷାଗରରେ ପରମାଣୁ ଅନୁସନ୍ଧାନ ପାଇଁ ପରୀକ୍ଷଣ କରିପାରିବେ। ପରମାଣୁ ଶସ୍ତ୍ର ବିହୀନ ରାଷ୍ଟ୍ର ପରମାଣୁ ଶସ୍ତ୍ର ତିଆରି କରିପାରିବେ ନାହିଁ କିମ୍ବା ଏଥିପାଇଁ କୌଣସି ପରୀକ୍ଷଣ ମଧ୍ୟ କରିବେ ନାହିଁ। ସେମାନେ ଶାନ୍ତି ଉଦ୍ଦେଶ୍ୟରେ ପରମାଣୁ ଜ୍ଞାନ କୌଶଳର ବିକାଶ କରିପାରିବେ ନାହିଁ ଏହି ସମ୍ବନ୍ଧରେ ସେମାନେ ନିଜର ପରମାଣୁକେନ୍ଦ୍ରଗୁଡ଼ିକୁ ଆନ୍ତର୍ଜାତିକ ନିରୀକ୍ଷଣ ପାଇଁ ମୁକ୍ତ ରଖିବେ। ଭାରତ ଭଳି ରାଷ୍ଟ୍ରମାନେ ଏହାକୁ ମୁକ୍ତ ରଖିବେ। ଭାରତ ଭଳି ରାଷ୍ଟ୍ରମାନେ ଏହାକୁ ପକ୍ଷପାତିତା କହି ଏହି ସନ୍ଧିକୁ ବିରୋଧ କରିଥିଲେ।

ଏହି ସନ୍ଧିର ମୁଖ୍ୟ ବିଷୟଗୁଡ଼ିକ ହେଲା—

୧. ସମସ୍ତ ଦେଶ ଦ୍ୱାରା ଯେ କୌଣସି ପ୍ରକାର ପରମାଣୁ ପରୀକ୍ଷଣ କରିବା ପାଇଁ ନିଷେଧ।

୨. ଏହି ସନ୍ଧିର ଉଲ୍ଲଙ୍ଘନ ରୋକିବା ପାଇଁ ଆନ୍ତର୍ଜାତିକ ଅନୁସନ୍ଧାନ ବ୍ୟବସ୍ଥାର ସ୍ଥାପନା କରିବା।

୩. ସନ୍ଧିରେ ହସ୍ତାକ୍ଷର କରିଥିବା ପରମାଣୁ ଶସ୍ତ୍ର ବିହୀନ ରାଷ୍ଟ୍ରର ବିହୀନ ରାଷ୍ଟ୍ରର ପରମାଣୁ ଗବେଷଣାଗାର ଏବଂ ପରମାଣୁ କେନ୍ଦ୍ର ଉପରେ ନଜର ରଖିବା।

୪. ପରମାଣୁ ଶସ୍ତ୍ର ସମ୍ପନ୍ନ ରାଷ୍ଟ୍ରମାନଙ୍କୁ ନିଜର ମହଜୁଦ ପରମାଣୁ ଶସ୍ତ୍ରଗୁଡ଼ିକୁ ଗବେଷଣାଗାରରେ ପରୀକ୍ଷଣ ଏବଂ କମ୍ପ୍ୟୁଟର ପରୀକ୍ଷଣ ପାଇଁ ସ୍ୱତନ୍ତ୍ରତା ପ୍ରଦାନ।

ଏହିସବୁ ସ୍ୱତନ୍ତ୍ରତା ଏବଂ ସୁବିଧା ସାଂଗକୁ ପରମାଣୁସମ୍ପନ୍ନ ରାଷ୍ଟ୍ରମାନଙ୍କୁ ସେମାନଙ୍କର ପରମାଣୁ କ୍ଷମତାକୁ ଜାରି ରଖିବା ପାଇଁ ସୁଯୋଗ ମିଳିଲା; କିନ୍ତୁ ଅନ୍ୟ ରାଷ୍ଟ୍ରମାନଙ୍କୁ ପରମାଣୁ ପରୀକ୍ଷଣ ପାଇଁ ଚେଷ୍ଟା ନକରିବା ପାଇଁ କୁହାଗଲା। ଏହି କାରଣ ଯୋଗୁଁ ଭାରତ ଭଳି ରାଷ୍ଟ୍ରଗୁଡ଼ିକ C.T.B.T. କୁ କଡ଼ା ବିରୋଧ କଲେ। ଭାରତ ଏପର୍ଯ୍ୟନ୍ତ ଏହି ସନ୍ଧିରେ ହସ୍ତାକ୍ଷର କରି ନାହିଁ।

ଭାରତ C.T.B.T. ରେ ହସ୍ତାକ୍ଷର ନ କରିବାର କାରଣଗୁଡ଼ିକ ହେଲା—

୧. C.T.B.T ର ଉଦ୍ଦେଶ୍ୟ ପରମାଣୁ ଶସ୍ତ୍ର ନିୟନ୍ତ୍ରଣ ନହୋଇ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ରର ଶ୍ରେୟତାକୁ ସ୍ଥାୟିତ୍ୱ ପ୍ରଦାନ କରିବା।

୨. ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରମାନେ ପରମାଣୁ ଶସ୍ତ୍ର ହାସଲ କରିସାରିବା ପରେ ଏହି ସନ୍ଧିର ଘୋଷଣା କରିଥିଲେ। ଏ ପର୍ଯ୍ୟନ୍ତ ଆମେରିକା ୧୦୨୯, ଋଷ ୭୧୫, ବ୍ରିଟେନ୍ ୪୫,ଫ୍ରାନ୍ସ ୧୯୧୧ ଏବଂ ଚୀନ୍ ୪୨ଥର ପରମାଣୁ ପରୀକ୍ଷଣ କରିସାରିଛନ୍ତି। ବର୍ତ୍ତମାନ ଆମେରିକା ପାଖରେ ୧୪,୫୦୦, ଋଷ ପାଖରେ ୨୯,୦୦୦, ଫ୍ରାନ୍ସ ପାଖରେ ୫୧୨, ବ୍ରିଟେନ୍ ପାଖରେ ୨୦୫ ଏବଂଚୀନ୍ ପାଖରେ ୨୮୪ଟି ପରମାଣୁ ବୋମା ମହଜୁଦ ଅଛି।

୩. C.T.B.T ଅସଂପୂର୍ଣ୍ଣ ଏବଂ ଏକପକ୍ଷୀୟ ଥିଲା। କାରଣ ଏହା ପରମାଣୁ ନିରସ୍ତ୍ରୀକରଣ ପାଇଁ କୌଣସି କାର୍ଯ୍ୟକ୍ରମ ରଖିନଥିଲା।

୪. ଫ୍ରାନ୍ସ ଏବଂ ଚୀନ୍ ୧୯୯୫ ମସିହା ପର୍ଯ୍ୟନ୍ତ ପରମାଣୁ ପରୀକ୍ଷଣ କରିଆସୁଥିଲେ ମଧ୍ୟ ସେମାନେ ଅନ୍ୟ ରାଷ୍ଟ୍ରକୁ ପରମାଣୁ ପରୀକ୍ଷଣ ପାଇଁ ମନା କରିବା ଯୁକ୍ତିଯୁକ୍ତ ନଥିଲା।

୫. ଏହି ସନ୍ଧି ପରମାଣୁ ଶସ୍ତ୍ର ବିହୀନ ରାଷ୍ଟ୍ରମାନଙ୍କ ବିରୋଧରେ କହୁଥିଲା ବେଳେ ପରମାଣୁ ଶକ୍ତିସଂପନ୍ନ ରାଷ୍ଟ୍ରମାନଙ୍କ ସମ୍ପର୍କରେ ଚୁପ ଥିଲା।

୬. C.T.B.T. ର ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଏବଂ ପରମାଣୁ ଶକ୍ତି ବିହୀନ ରାଷ୍ଟ୍ର ମଧ୍ୟରେ ପ୍ରାଚୀର ସୃଷ୍ଟି କରିବା ।

୭. କେତେକ ରାଷ୍ଟ୍ର ପୂର୍ବରୁ N.P.T. କୁ ଉଲ୍ଲଘଂନ କରି ଆସୁଥିଲେ । ବର୍ତ୍ତମାନ ମଧ୍ୟ କେତେକ ରାଷ୍ଟ୍ର C.T.B.T. କୁ ଉଲ୍ଲଘଂନ କରି ଆସୁଛନ୍ତି ।

୮. ଏହି ସନ୍ଧିକୁ ସଂପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବା ଅସମ୍ଭବ କାରଣ, କେତେକ ରାଷ୍ଟ୍ର ଗୁପ୍ତ ଭାବରେ ପରମାଣୁ ପରୀକ୍ଷଣ କରି ଆସୁଛନ୍ତି ।

ଉପଯୁକ୍ତ ଆଲୋଚନାକୁ ଆଧାର କରି ଭାରତ C.T.B.T. ରେ ସ୍ୱାକ୍ଷର କରିବା ପାଇଁ ମନା କରିଦେଇଥିଲା ।

୧୯୯୮ ମସିହା ମେ ମାସରେ ଭାରତ ୫ଟି ପରମାଣୁ ପରୀକ୍ଷଣ କରି ନିଜକୁ ପରମାଣୁ ଶକ୍ତିସଂପନ୍ନ ରାଷ୍ଟ୍ର ରୂପେ ଘୋଷିତ କରିବା ପରେ ପରେ ପାକିସ୍ଥାନ ମଧ୍ୟ ୬ଟି ପରମାଣୁ ବିସ୍ଫୋରଣ ଘଟାଇ ନିଜକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୂପେ ଘୋଷିତ କରିଥିଲା ।

ନିରସ୍ତୀକରଣ ଉଦ୍ଦେଶ୍ୟକୁ ଫଳବତୀକରିବା ପାଇଁ C.T.B.T. ଉପରେ ଅଧିକା ଭରସା କରାଯାଇପାରିବ ନାହିଁ । ଏହି ସନ୍ଧିର ମୂଳଭିତ୍ତି ହେଲା ସଂପୂର୍ଣ୍ଣ ପକ୍ଷପାତ ନୀତି । ଏହା ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ରଗୁଡ଼ିକୁ ସୁରକ୍ଷା ପ୍ରଦାନ କରୁଥିବା ବେଳେ, ପରମାଣୁ ଶସ୍ତ୍ର ବିହୀନ ରାଷ୍ଟ୍ର ଉପରେ ପ୍ରତିବନ୍ଧକ ସୃଷ୍ଟି କରେ । ତେଣୁ ଏହାକୁ ବିଶ୍ୱର ଅନେକ ରାଷ୍ଟ୍ର ନାପସନ୍ଦ କରିଆସୁଛନ୍ତି ।

**ପ୍ର.୭. ମାନବିକ ନିରାପତ୍ତା ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖ ।**

**(Write an essay on Human Security.)**

**ଉ.** ଜଣେ ବ୍ୟକ୍ତି ବା ମାନବ ଗୋଷ୍ଠୀର ନିରାପତ୍ତାକୁ ମାନବିକ ନିରାପତ୍ତା କୁହାଯାଏ । ନିଜର ବିକାଶ ପାଇଁ, କାମ ପାଇଁ, ବଂଚିବା ପାଇଁ ମଣିଷ ନିରାପତ୍ତା ଚାହେଁ । ବ୍ୟକ୍ତି ଓ ଗୋଷ୍ଠୀ ମଧ୍ୟରେ ଥିବା ସଂପର୍କ ତଥା କ୍ଷମତାର ବିକାଶ ସହ ମାନବିୟ ନିରାପତ୍ତାର ଉଦ୍ଭବ ହୋଇଛି । ମାତ୍ର ରାଷ୍ଟ୍ରର ନିରାପତ୍ତାକୁ ପ୍ରାଧାନ୍ୟ ଦିଆଯିବା ବେଳେ ବ୍ୟକ୍ତିର ନିରାପତ୍ତାକୁ ଗୌଣ ଆସନ ଦିଆଯିବାର ଦୃଷ୍ଟାନ୍ତ ପୃଥିବୀ ଇତିହାସରେ ପରିଦୃଷ୍ଟ ହୁଏ । ବିଗତ କିଛି ଦଶନ୍ଧି ହେଲା ବ୍ୟକ୍ତିର ମୁକ୍ତି, ସମ୍ମାନ ଓ ଅଧିକାର ଉପରେ ଗୁରୁତ୍ୱ ଦିଆଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ବ୍ୟକ୍ତିର ସାମାଗ୍ରିକ ସ୍ଥିତି ହିଁ ମାନବ ସମାଜର ଭାଗ୍ୟ ନିର୍ଦ୍ଧାରଣ କରେ ।

ପାରମ୍ପରିକ ଭାବେ ରାଷ୍ଟ୍ରର ନିରାପତ୍ତା ସହ ନାଗରିକର ନିରାପତ୍ତାକୁ ଏକ ସରଳ ରେଖାର ବିଚାର କରାଯାଉଥିଲା । ରାଷ୍ଟ୍ରର ନିରାପତ୍ତା ନିଶ୍ଚିନ୍ତ ହେବା ଦ୍ୱାରା ବ୍ୟକ୍ତି ନିରାପଦରେ ଜୀବନ ଧାରଣ କରିବ ବୋଲି ଯୁକ୍ତି ଉପସ୍ଥାପିତ କରାଯାଏ । ରାଷ୍ଟ୍ରର ସାର୍ବଭୌମତ୍ୱର ସୁରକ୍ଷା ସହ ଏହାର ଭୌଗୋଳିକ ସୀମାର ସୁରକ୍ଷା ପାଖରେ ବ୍ୟକ୍ତିର ନିରାପତ୍ତାକୁ ନିମ୍ନ ଅର୍ଥରେ ଦେଖାଯାଏ । ଆଭ୍ୟନ୍ତରୀଣ ଓ ବାହ୍ୟ ଶତ୍ରୁ କବଳରୁ ରାଷ୍ଟ୍ରର ସୁରକ୍ଷା ସରକାରଙ୍କର ସର୍ବୋଚ୍ଚ କର୍ତ୍ତବ୍ୟ ବୋଲି ସ୍ଥିର କରାଯାଇଛି । ମାତ୍ର ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ରାଷ୍ଟ୍ର କେନ୍ଦ୍ରିତ ନିରାପତ୍ତା ତତ୍ତ୍ୱରେ ପରିବର୍ତ୍ତନ ଆସିଲା । ଲୋକଙ୍କ ଜୀବନର ସୁରକ୍ଷା ସହ ରାଷ୍ଟ୍ରର ନିରାପତ୍ତା ଜଡ଼ିତ ବୋଲି ଯୁକ୍ତି ଉପସ୍ଥାପିତ କରାଗଲା । କ୍ରମେ ରାଷ୍ଟ୍ରର ନିରାପତ୍ତା ସାଧାରଣ ଲୋକ କେନ୍ଦ୍ରିତ ବୋଲି ଧାରଣା ଦାନା ବାନ୍ଧିଲା । ଫଳସ୍ୱରୂପ ମିଳିତ ଜାତିସଂଘର ସାଧାରଣ ପରିଷଦ ସାର୍ବଜନୀନ ମାନବିକ ଅଧିକାର ଘୋଷଣାପତ୍ର (Universal Declaration on Human Rights) ପ୍ରକାଶ କଲା । ଲୋକମାନଙ୍କ ପାଇଁ ଉନ୍ନତମାନର ଜୀବନଯାପନ ପାଇଁ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ସେମାନଙ୍କର ଅଧିକାରଗୁଡ଼ିକର ସୁରକ୍ଷା ସହିତ ସେମାନଙ୍କର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ କରାଗଲା । ରାଷ୍ଟ୍ରଗୁଡ଼ିକ ନିଜ ବିଧିବ୍ୟବସ୍ଥାରେ ପରିବର୍ତ୍ତନ ଆଣି ମାନବିକ ଅଧିକାର ସମ୍ବଳିତ ଘୋଷଣାନାମାକୁ ଲାଗୁ କରିବା କ୍ଷେତ୍ରରେ ଯତ୍ନବାନ ହେବା ଲକ୍ଷ୍ୟରେ ଭିଏନାଠାରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ୧୯୯୩ ମସିହାରେ ମାନବିକ ଅଧିକାର ସମ୍ବଳିତ ଏକ ପାଠଚକ୍ରର ଅଧିବେଶନ ଆୟୋଜନ କରାଗଲା । ଏଥିରେ ମାନବୀୟ ଅଧିକାରଗୁଡ଼ିକ ସୁରକ୍ଷା, ପ୍ରଦାନ ଓ ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସହଯୋଗକୁ ଗୁରୁତ୍ୱ ଦିଆଗଲା । ୧୯୪୧ ମସିହାରେ ଆମେରିକୀୟ ରାଷ୍ଟ୍ରପତି ରୁଜଭେଲ୍ଟ ମାନବିକ ଅଧିକାର ସମ୍ପର୍କୀତ ଉଦବୋଧନରେ ନିମ୍ନୋକ୍ତ ବିଷୟଗୁଡ଼ିକୁ ଗୁରୁତ୍ୱ ଦେବାକୁ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଲେ ।

୧. କଥା କହିବା ଓ ବ୍ୟକ୍ତବ୍ୟ ରଖିବା ବା ନିଜକୁ ପ୍ରଥମ କରିବାର ଅଧିକାର ।

୨ ନିଜ ହିସାବ ମୁତାବକ ଇଶ୍ୱରଙ୍କ ଉପାସନା କରିବା ।

୩. ସମସ୍ତଙ୍କୁ ଉନ୍ନତମାନର ଜୀବନଯାପନ କରିବା ପାଇଁ ବ୍ୟବସ୍ଥା କରିବା ।
୪. ଯୁଦ୍ଧ ଭୟ ହ୍ରାସ କରିବା ପାଇଁ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଉପରେ ରୋକ୍ ଲଗାଇବା ।

୧୯୯୪ ମସିହାରେ UNDPର Human Development Report ଅନୁଯାୟୀ ବିଶ୍ୱରେ ଗରୀବ, ବଂଚିତ ଓ ସୁଯୋଗ ପାଇନଥିବା ଲୋକମାନଙ୍କ ନିରାପତ୍ତାକୁ ନିଶ୍ଚିତ କରିବା ଦ୍ୱାରା ମାନବୀୟ ନିରାପତ୍ତା ସୁଦୃଢ଼ ହୋଇପାରିବ। ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତିକ ସ୍ଥିରତା ପାଇଁ ମାନବୀୟ ନିରାପତ୍ତାରେ ଦୃଢ଼ିକରଣ ଜରୁରୀ। ବିଦେଶୀ ଓ ଶତ୍ରୁରାଷ୍ଟ୍ରର ସମ୍ଭାବ୍ୟ ଆକ୍ରମଣ ଅପେକ୍ଷା ଦେଶ ମଧ୍ୟରେ ଥିବା ଆର୍ଥିକ ଓ ସାମାଜିକ ତାରତମ୍ୟ ଗୋଟିଏ ରାଷ୍ଟ୍ରର ନିରାପତ୍ତାକୁ ବିପନ୍ନ କରିବା ପାଇଁ ଯଥେଷ୍ଟ । ଏଣୁ ଦେଶରେ ବସବାସ କରୁଥିବା ଜନସାଧାରଣଙ୍କ ବିକାଶକୁ ଅଗ୍ରାଧିକାର ଦେବାକୁ ହେବ । ଅସ୍ତ୍ରଶସ୍ତ୍ରର ପ୍ରତିଯୋଗିତା ଦ୍ୱାରା ଦେଶ ନିଜକୁ ସୁରକ୍ଷିତ ରଖିପାରିବ ନାହିଁ। ରାଷ୍ଟ୍ରୀୟ ନିରାପତ୍ତା ଏକ ବହୁବିଧ ତତ୍ତ୍ୱ । ଧାରଣକ୍ଷମ ମାନବିକ ବିକାଶ ମାଧ୍ୟମରେ ବିଶ୍ୱର ଶାନ୍ତି ସ୍ଥାପନ ସହ ସ୍ଥିରତା ଆଣିହେବ। ସାରା ପୃଥିବୀରେ କର୍ମର ସଂସ୍ଥାନ ନିରାପତ୍ତା, ଆୟ ନିରାପତ୍ତା, ସ୍ୱାସ୍ଥ୍ୟ ନିରାପତ୍ତା, ପାରିବେଶିକ ନିରାପତ୍ତା, ଅପରାଧରୁ ସୁରକ୍ଷା, ଅସମାନତାର ବିଲୋପ, କ୍ଷୁଧାରୁ ମୁକ୍ତି, ସମସ୍ତଙ୍କ ପାଇଁ ଶିକ୍ଷା ଆଦି ମାନବୀୟ ନିରାପତ୍ତାର ବିଷୟ ପରିସର ଭୁକ୍ତ । ମାନବୀୟ ବିକାଶର ମାପଦଣ୍ଡ ହିସାବରେ ମାନବୀୟ ନିରାପତ୍ତାକୁ ନିଆଯାଇପାରେ । ଏହା କେବଳ ମଣିଷର ବସ୍ତୁଗତ ଆବଶ୍ୟକତା ପୂରଣ ପାଇଁ ନୁହେଁ। ପରନ୍ତୁ ମାନବର ମର୍ଯ୍ୟାଦାବୋଧ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ଅଭ୍ୟାସକୁ ମଧ୍ୟ ଏହା ଗୁରୁତ୍ୱ ଦିଏ । ମିଳିତ ଜାତିସଂଘର ତତ୍ତ୍ୱାବଧାନରେ ଆନ୍ତର୍ଜାତିକ ଆଇନ୍ ଅନୁଯାୟୀ ମାନବିକ ନିରାପତ୍ତାର କାର୍ଯ୍ୟାନ୍ୱୟନକୁ ତଦାରଖ କରି ଏହାର ଉପଲବ୍ଧିକୁ ମାନବଜାତିର ହିତ ପାଇଁ ନିଶ୍ଚିତ କରାଯାଇପାରିବ ।

**ମାନବୀକ ନିରାପତ୍ତାର ଲକ୍ଷଣ:**

(୧) ମାନବିକ ନିରାପତ୍ତା ରାଷ୍ଟ୍ରକେନ୍ଦ୍ରିତ ନ ହୋଇ ବ୍ୟକ୍ତି କେନ୍ଦ୍ରିତ ଅଟେ।
(୨) ଏହା ବହୁକେନ୍ଦ୍ରିକ ବା ବହୁବିଧ ହୋଇଥିବାରୁ ସମଗ୍ର ମାନବଜାତିର ଖାଦ୍ୟ, ସ୍ୱାସ୍ଥ୍ୟ, ଅଧିକାର ଆଦିକୁ ଗୁରୁତ୍ୱ ଦିଏ ।
(୩) ଏହା ଲୋକମାନଙ୍କ କ୍ଷମତା ବୃଦ୍ଧି କରି ସେମାନଙ୍କ ମୌଳିକ ଆବଶ୍ୟକତା ପୂରଣ ଓ ମୌଳିକ ଅଧିକାର ସୁରକ୍ଷାକୁ ଗୁରୁତ୍ୱ ଦିଏ ।
(୪) ଏହା ଏକ ଆନ୍ତର୍ଜାତିକ ବିଷୟ । ସମସ୍ତ ଦେଶରେ ଏହାକୁ ନିଶ୍ଚିତ କରି ଆନ୍ତର୍ଜାତିକ ନିରାପତ୍ତାକୁ ସାବ୍ୟସ୍ତ କରି ହେବ ।
(୫) ମାନବିକ ବିକାଶ ସହ ମାନବୀୟ ନିରାପତ୍ତା ଜଡ଼ିତ । କର୍ମସଂସ୍ଥାନ, ସୃଷ୍ଟି କ୍ଷୁଧାରୁ ମୁକ୍ତି, ସ୍ୱାସ୍ଥ୍ୟସେବା, ଅସମାନତାର ଦୂର ପରି ବିକାଶମୂଳକ କାର୍ଯ୍ୟକ୍ରମ ଦ୍ୱାରା ମାନବୀୟ ନିରାପତ୍ତା ନିଶ୍ଚିତ କରାଯାଇପାରିବ ।
(୬) ମାନବ ଜୀବନର ସୁରକ୍ଷା ମାନବିକ ନିରାପତ୍ତାର ମୁଖ୍ୟ ଉଦ୍ଦେଶ୍ୟ। ଯେ କୌଣସି ପ୍ରକାର ଭୟ ଉଦ୍ରେକ ବିଷୟ ଯଥା ହିଂସା, ଦଙ୍ଗା, ବିଦେଶୀ ରାଷ୍ଟ୍ରର ଆକ୍ରମଣ, ବ୍ୟାଧି ପାରିବେଶିକ ସମସ୍ୟା ଆଦି ମାନବଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ।

**ମାନବିକ ନିରାପତ୍ତାର ଗୁରୁତ୍ୱ (Significance) –**

(୧) ମାନବୀୟ ନିରାପତ୍ତା ଏକ ବିଶ୍ୱବ୍ୟାପି ଚର୍ଚ୍ଚିତ (universal) ବିଷୟ ।
(୨) ଏହାର ବିଭିନ୍ନ ଉପାଦାନ ଯେପରି ଦୁର୍ଭିକ୍ଷ, ବ୍ୟାଧି, ସନ୍ତ୍ରାସବାଦ ଆଦି ପରସ୍ପର ସଂପର୍କୀତ ।
(୩) ପ୍ରତିନିଧିମୂଳକ ପଦକ୍ଷେପ ଦ୍ୱାରା ମାନବୀୟ ନିରାପତ୍ତାକୁ ନିଶ୍ଚିତ କରିହେବ ।
(୪) ଏହା ଲୋକ କେନ୍ଦ୍ରିକ। ପୃଥିବୀର ସମସ୍ତ ରାଷ୍ଟ୍ର ଓ ସବୁ କିସମର ଜନସାଧାରଣ ଏଥି ସହ ଜଡ଼ିତ ।
(୫) ମାନବିକ ନିରାପତ୍ତା ପାଇଁ ଆନ୍ତର୍ଜାତିକ ସ୍ତରରେ ସମନ୍ୱିତ ପଦକ୍ଷେପ ମିଳିତଭାବେ ଗ୍ରହଣ କରିବାକୁ ହେବ।

**ପ୍ର.୮. ଆନ୍ତର୍ଜାତିକ ଦାରିଦ୍ର୍ୟତା ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖ।**

**(Write an essay on Global Poverty.)**

**ଉ.** ଦାରିଦ୍ର୍ୟତା ବା poverty ମୂଳତଃ ଏକ ଫରାସୀ ଶବ୍ଦ । ଏହା ଫରାସୀ ଶବ୍ଦ povertେରୁ ଆନୀତ; ଯାହାର ଅର୍ଥ pauper ବା poor/ ଗରିବ । ଅଭିଧାନଗତ ଅର୍ଥାନୁସାରେ poverty ଅର୍ଥ the state of being poor / ଗରିବ ଅବସ୍ଥା ବା

ବସ୍ତୁଗତ ସୁଖ, ସୁବିଧା ଦେବା ପାଇଁ ସାଧନର ଅଭାବ । ଦାରିଦ୍ରର ସଂଜ୍ଞା ପ୍ରଦାନ ସହଜ ନୁହେଁ । ଏହା ଅବସ୍ଥା କବଳିତ ଓ ସଂଜ୍ଞା ପ୍ରଦାନ କରୁଥିବା ବ୍ୟକ୍ତିର ଆଭିମୁଖ୍ୟ ଉପରେ ନିର୍ଭରଶୀଳ। ଏହା ଏକ ବହୁକୋଣୀୟ (multifacted) ବିଷୟ; ଯେଉଁଥିରେ ସାମାଜିକ, ଆର୍ଥୀକ ଓ ରାଜନୈତିକ ଉପାଦାନ ରହିଛି । ଏହାକୁ ଆପେକ୍ଷିକ ଓ ଐକାନ୍ତିକ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । ଦ୍ୱିତୀୟ କ୍ଷେତ୍ରରେ ଦାରିଦ୍ର୍ୟ ଅର୍ଥ ଜୀବନଧାରଣ ପାଇଁ ଅତ୍ୟାବଶ୍ୟକ ଯେପରି ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ସାଧନର ଅନୁପସ୍ଥିତି। ପ୍ରଥମ କ୍ଷେତ୍ରରେ ଗୋଟିଏ ଦେଶରେ କିଛି ଲୋକ ଅନ୍ୟମାନଙ୍କ ତୁଳନାରେ ସାଧାରଣ ଓ ସର୍ବନିମ୍ନ ଜୀବନଯାପନର ସୁବିଧା ନ ପାଇବାକୁ ଦାରିଦ୍ର୍ୟ କୁହାଯିବ । ସମାନ ଆଲେଖ୍ୟ ଗୋଟିଏ ଦେଶର ଲୋକମାନଙ୍କ ଜୀବନଧାରଣର ମାନ ଅନ୍ୟ ଦେଶର ଲୋକମାନଙ୍କ ଜୀବନ ଧାରଣର ମାନ ସହ ତୁଳନା କରି ମଧ୍ୟ ପ୍ରଦାନ କରିହେବ ।

ଦାରିଦ୍ର୍ୟ ସାଧାରଣ ଭାବେ ବସ୍ତୁଗତ ସୁଖ, ସୁବିଧା, ଅର୍ଥାଦିର ନିଅଣ୍ଟିଆ ଅବସ୍ଥାକୁ ବୁଝାଏ । ଏଣୁ ଆନ୍ତର୍ଜାତିକ ଦାରିଦ୍ର୍ୟତା କହିଲେ ଏହି ସାଧାରଣ ନିଅଣ୍ଟିଆ ଅବସ୍ଥାର ପୃଥିବୀ ବ୍ୟାପି ଉପସ୍ଥିତିକୁ ସୂଚୀତ କରେ । ଅନେକ ଆନ୍ତର୍ଜାତିକ ଆକଳନ ଅନୁଯାୟୀ ଆନ୍ତର୍ଜାତିକ ଦାରିଦ୍ର୍ୟତାର କ୍ରମାଗତ ବୃଦ୍ଧି ଘଟୁଛି । ୨୦୦୭ ମସିହାରେ ଏକ ରିପୋର୍ଟ ଅନୁଯାୟୀ ପୃଥିବୀର ୪୦ ଭାଗ ଲୋକ ରୋଜଗାର ଅସମାନ ବୃଦ୍ଧି ପାଉଥିବା ଅଞ୍ଚଳର ବାସବାସ କରୁଛନ୍ତି । ଏଥି ସହ ପୃଥିବୀର ଅର୍ଦ୍ଧାଧିକ ଲୋକ ୨୦୦୮ ମସିହାରେ ଦୈନିକ ୨.୫୦ ଆମେରିକୀୟ ଡଲାର ରୋଜଗାର କରି ଜୀବନଧାରଣ କରୁଥିଲେ । ଆର୍ନ୍ତଜାତିକ ସହମତି ଅନୁଯାୟୀ ଦୈନିକ ୧.୫୦ ଆମେରିକୀୟ ଡଲାର ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଅତିଶୟ ଦାରିଦ୍ର୍ୟର ଶୀକାର ବୋଲି ଗ୍ରହଣ କରାଯାଏ। ପୃଥିବୀରେ ଦାରିଦ୍ର୍ୟର ବ୍ୟାପ୍ତିକୁ ଭୌଗଳିକ ମାପଦଣ୍ଡରେ ଭାଗକଲେ ଅଞ୍ଚଳ ଭିତ୍ତିରେ ଏହାର ଭୟାବହତାକୁ sub-saharan Africa, ଦକ୍ଷୀଣ ଏସିଆ, Pacific East Asia, ଲାଟିନ୍ ଆମେରିକା ଓ the Caribbean, ଉତ୍ତର ଆଫ୍ରିକା ଓ ମଧ୍ୟ ପ୍ରାଚ୍ୟ ଏବଂ ୟୁରୋପ ଓ ମଧ୍ୟ ଏସିଆ କ୍ରମରେ ବ୍ୟକ୍ତ କରାଯାଇପାରିବ । ୨୦୧୨ ମସିହାର ଏକ ଆକଳନ ଅନୁଯାୟୀ ପୃଥିବୀର ୧.୨ ବିଲିଅନ୍‌ଲୋକ ଦୈନିକ ୧.୨୫ ଆମେରିକୀୟ ଡଲାର ରୋଜଗାର କରିବାକୁ ସକ୍ଷମ ନୁହଁନ୍ତି । World Bankର ଆକଳନ ଅନୁଯାୟୀ ୧୯୯୦ ରୁ ୨୦୧୫ ମଧ୍ୟରେ ପୃଥିବୀରେ ଅତିଶୟ ଦାରିଦ୍ର ମଧ୍ୟରେ ଜୀବନ ବିତାଉଥିବା ଜନସାଧାରଣଙ୍କ ସଂଖ୍ୟା ୩୭.୧% ରୁ ୯.୬% କୁ ଖସି ଆସିଛି । ତେବେ ବର୍ତ୍ତମାନର ଆର୍ଥିକ ପ୍ରଗତି ଓ GDP ମାପଦଣ୍ଡ ଅନୁଯାୟୀ ପୃଥିବୀର ଅତ୍ୟନ୍ତ ଦରିଦ୍ର ଲୋକମାନଙ୍କୁ ଦୈନିକ ୧.୨୫ ଆମେରିକୀୟ ଡଲାର ରୋଜଗାର କରିବାକୁ ଆହୁରି ଶହେ ବର୍ଷ ଲାଗିବ । ଅତିଶୟ ଦାରିଦ୍ରତା ଏକ ଆନ୍ତର୍ଯ୍ୟାତିକ ଆହ୍ୱାନ । ଏହା ପୃଥିବୀର ସବୁ ଦେଶ ଏପରିକି ଉନ୍ନତ ଦେଶଗୁଡ଼ିକର ମଧ୍ୟ ଦୃଷ୍ଟିଗୋଚର ହେଉଛି । ୟୁନିସେଫ୍‌ର ଆକଳନ ଅନୁଯାୟୀ ପୃଥିବୀର ଅର୍ଦ୍ଧେକ ଶିଶୁ, ପ୍ରାୟ ୧.୧ ବିଲିୟନ ଦାରିଦ୍ର୍ୟର ଶୀକାର ଅଟନ୍ତି । ପିଇବା ପାଣିର ଅଭାବ ଓ ଅପପୃଷ୍ଟି ଯୋଗୁଁ ପୃଥିବୀରେ ପ୍ରତିବର୍ଷ ୮ ବିଲିୟନ୍ ଲୋକ ଅକାଳ ମୃତ୍ୟୁର ଶୀକାର ହୁଅନ୍ତି । ଦାରିଦ୍ର୍ୟ ଯୋଗୁଁ ହିଂସା, ଗୋଷ୍ଠୀବିବାଦ ଓ ବିଦ୍ୱେଷ ଦେଶ ନିର୍ବିଶେଷରେ ବୃଦ୍ଧି ପାଉଛି । ମାନବ ଚାଲାଣ, ଶିଶୁ ସୈନିକ ପ୍ରଥା, ବେଶ୍ୟାବୃତ୍ତି ଆଦି ସହ ଦାରିଦ୍ର୍ୟର ସିଧାସଳଖ ସଂପର୍କ ରହିଛି । ପୃଥିବୀର ସବୁଠାରୁ ଦରିଦ୍ର ୨୦% ଲୋକ ପୃଥିବୀର ସଂପଦର ମାତ୍ର ୧.୫% ବ୍ୟବହାର କରୁଥିବାବେଳେ ସବୁଠାରୁ ଧନୀ ୨୦% ଲୋକ ସମୁଦାୟ ସମ୍ବଳର ଅନୁମାନିକ ୮୬% ବ୍ୟବହାର କରନ୍ତି। ଏବେ ମଧ୍ୟ ପୃଥିବୀର ୮୦୫ ମିଲିଅନ୍ ଲୋକ ଦୈନିକ ଭୋଜନପାଇଁ ପର୍ଯ୍ୟାପ୍ତ ଖାଦ୍ୟ ପାଆନ୍ତି ନାହିଁ। ଆଜିକାର Digital Ageରେ ମଧ୍ୟ ସମଗ୍ର ପୃଥିବୀର ଅନ୍ୟୁନ ୧.୬ ବିଲିଅନ୍ ଲୋକ ବିଜୁଳିଶକ୍ତି କ'ଣ ଜାଣନ୍ତି ନାହିଁ । ବିଶ୍ୱ ଖାଦ୍ୟ ଯୋଜନା ଅନୁଯାୟୀ ଗରୀବ ଲୋକମାନେ ହିଁ ଭୋକିଲା ଏବଂ ଦରିଦ୍ରତା ସେମାନଙ୍କୁ ଭୋକରୁ ନିସ୍ତାର ଦେଉ ନାହିଁ । ପୃଥିବୀ ବ୍ୟାପୀ ଆତଙ୍କ ସୃଷ୍ଟି କରିଥିବା HIV/AIDs, ମ୍ୟାଲେରିଆ ଓ ଯକ୍ଷ୍ମା ରୋଗରେ ପ୍ରତିବର୍ଷ ପୃଥିବୀରେ ଯେତିକି ଲୋକମରନ୍ତି ତା'ଠାରୁ ଅଧିକ ଲୋକ ଭୋକ କାରଣରୁ ମୃତ୍ୟୁମୁଖରେ ପଡ଼ନ୍ତି । ଆନ୍ତର୍ଜାତିକ ଦାରିଦ୍ର୍ୟତା ପାଇଁ କୌଣସି ଗୋଟିଏ କାରଣକୁ ଦାୟୀ କରାଯାଇପାରିବ ନାହିଁ। ତେବେ କାରଣ ଚିହ୍ନଟ ନ ହେଲେ ପ୍ରତିକାର ପନ୍ଥା ଗ୍ରହଣ କରିବା ଅସମ୍ଭବ । ନିମ୍ନରେ ସେହି କାରଣଗୁଡ଼ିକ ବର୍ଣ୍ଣନା କରାଗଲା ।

(୧) ପୃଥିବୀର ଅଧିକାଂଶ ଦରିଦ୍ର ରାଷ୍ଟ୍ର ପୂର୍ବରୁ ସାମ୍ରାଜ୍ୟବାଦୀ ଶକ୍ତିଗୁଡ଼ିକର ଉପନିବେଶ ରୂପେ ସ୍ୱୀକୃତି ପାଇଥିଲେ । ସେହି ଦେଶଗୁଡ଼ିକରୁ ପ୍ରାକୃତିକ ସମ୍ପଦ ସଂଗ୍ରହ, ଲୋକମାନଙ୍କୁ କ୍ରୀତଦାସ ଭାବେ ଚାଲାଣ ଏବଂ ପାରମ୍ପରିକ ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାର ଧ୍ୱଂସ ସାଧନ ଯୋଗୁଁ ଆଜିଯାଏ ସେହି ଦେଶଗୁଡ଼ିକ ଆର୍ଥିକ ଅନଟନର ଶିକାର ହୋଇଆସୁଛନ୍ତି ।

(୨) ଯୁଦ୍ଧ ଓ ରାଜନୀତିକ ଅସ୍ଥିରତା ଅଧିକାଂଶ ତୃତୀୟ ବିଶ୍ୱର ରାଷ୍ଟ୍ରଗୁଡ଼ିକରେ ଦାରିଦ୍ର୍ୟର ଉପସ୍ଥିତି ପାଇଁ ଦାୟୀ । ନିରାପତ୍ତା ଓ ସ୍ଥିରତା ବିପନ୍ନ ହେଲେ ଆର୍ଥିକ ଉନ୍ନତି ଓ prosperity ପ୍ରାଚୁର୍ଯ୍ୟ ସମ୍ଭବ ନୁହେଁ। ଏହି ରାଷ୍ଟ୍ରଗୁଡ଼ିକରେ ଗୃହଯୁଦ୍ଧ ଓ ଅପାରଗ ଦୁର୍ନିତିଗ୍ରସ୍ତ ସରକାର ଦେଶର ଆର୍ଥୀକ ଅବନତି ପାଇଁ ଦାୟୀ ।

(୩) ଅନେକ ଗରୀବ ଦେଶ ଆନ୍ତର୍ଜାତିକ ଆର୍ଥିକ ଅନୁଷ୍ଠାନ ଓ ଧନୀ ଦେଶଗୁଡ଼ିକରୁ ଋଣ ଆଣିଛନ୍ତି । ଋଣର ସୁଧ ଭାବରେ ପ୍ରତିବର୍ଷ ଏହି ଦେଶଗୁଡ଼ିକୁ ପର୍ଯ୍ୟାପ୍ତ ଅର୍ଥ ପଇଠ କରିବାକୁ ପଡ଼େ । ଋଣର ସର୍ତ୍ତ ଅନୁଯାୟୀ ଦେଶଗୁଡ଼ିକ ନିଜ ନିଜର ଅର୍ଥନୀତିକୁ ମୁକୁଳା କରିବା ଯୋଗୁଁ, ବହୁ ଦେଶୀୟ କମ୍ପାନୀଗୁଡ଼ିକର ଅନୈତିକ ବାଣିଜ୍ୟ ପ୍ରତିଯୋଗିତାର ଫଳ ସ୍ୱରୂପ ସ୍ଥାନୀୟ ଅର୍ଥନୀତି ମାଟି ଚାଟିଲାଣି ।

(୪) ସାମାଜିକ ଅସମାନତା ଓ ତାରତମ୍ୟ – ଅସମାନତା ଯୋଗୁଁ ଦାରିଦ୍ର୍ୟ ପରିସ୍ଥିତି ଅତି ଗମ୍ଭୀର ହୋଇପଡ଼େ । ଏଥିଯୋଗୁଁ ନିମ୍ନ ସାମାଜିକ ସ୍ଥିତି ଥିବା ମାନବୀକ ଗୋଷ୍ଠୀ ବଞ୍ଚିବା ଯୋଗୁଁ ନିମ୍ନ ସାମାଜିକ ସ୍ଥିତି ଥିବା ମାନବିକ ଗୋଷ୍ଠୀ ବଂଚିବା ପାଇଁ ସାଧନ ଓ କୌଶଳ ପାଇବାରୁ ବଂଚିତ ହୁଏ । ରୋଜଗାର, ଉତ୍ପାଦନକ୍ଷମ ସମ୍ପଦର ଅସମାନ ବଣ୍ଟନ, ମୌଳିକ ସାମାଜିକ ସେବା, ସୁଯୋଗ, ବଜାର ଓ ତଥ୍ୟର ଅସମାନ access /ପ୍ରାପ୍ତି ସୁବିଧା ସୃଷ୍ଟି କରେ ଓ ଏହାର ବୃଦ୍ଧି ପାଇଁ ଦାୟୀ ।

(୫) ପୃଥିବୀର ଯେଉଁ ଦାରିଦ୍ର୍ୟ ପ୍ରପିଡ଼ିତ ଅଞ୍ଚଳ ଗୁଡ଼ିକ ପ୍ରାକୃତିକ ଦୁର୍ବିପାକ ପ୍ରବଣ ସେଠାରେ ଦାରିଦ୍ର୍ୟ ଉନ୍ମୋଚନ କରିବା କଷ୍ଟକର । ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଲୋକଙ୍କ ଆର୍ଥୀକ ସ୍ଥିତି ବିଗିଡ଼ିଯାଏ । ଲୋକେ ନିଜ ଦେଶରେ କର୍ମସଂସ୍ଥାନ ପାଇଁ ଅନ୍ୟତ୍ର ବସବାସ କରନ୍ତି ବା ରିଫୁଜି ଭାବେ ଅନ୍ୟ ଦେଶରେ ବସବାସ କରିବାକୁ ବାଧ୍ୟ ହୁଅନ୍ତି । ସେମାନଙ୍କର ଆର୍ଥୀକ ଓ ସାମାଜିକ ଜୀବନ ଦୁର୍ବିପାକ ପରେ ଦୁର୍ବିସହ ହୋଇପଡ଼େ । ସରକାର ଏତେ ବଡ଼ ମାନବିକ ଓ ବସ୍ତୁଗତ କ୍ଷତିକୁ ଭରଣା କରିବା କ୍ଷେତ୍ରରେ ଅସହାୟତା ପ୍ରକାଶ କରନ୍ତି ।

ଲୋକମାନଙ୍କୁ ସବୁଦିନ ପାଇଁ ଦାରିଦ୍ର୍ୟତାରୁ ମୁକ୍ତ କରିବାପାଇଁ ଆର୍ଥିକ ଓ ମାନବିକ ପଦକ୍ଷେପଗୁଡ଼ିକୁ ଦାରିଦ୍ର୍ୟ ନିରାକରଣ ବା ଦାରିଦ୍ର୍ୟ ହାର ଜନିତ ପଦକ୍ଷେପ କୁହାଯାଏ । ହେନେରୀ ଜର୍ଜଙ୍କ ମତାନୁଯାୟୀ ଦାରିଦ୍ର୍ୟକୁ ଚିରଦିନ ପାଇଁ ଉନ୍ମୁଳନ ଉଦ୍ଦେଶ୍ୟରେ ଦରିଦ୍ର ଲୋକମାନଙ୍କୁ ସମ୍ପଦ ସୃଷ୍ଟିପାଇଁ ସକ୍ଷମ କରିବା ଉଦ୍ଦେଶ୍ୟରେ ଯେଉଁ ପଦକ୍ଷେପଗୁଡ଼ିକ ନିଆଯାଏ ତାହାକୁ ଦାରିଦ୍ର୍ୟ ଉନ୍ମୁଳନ ପଦକ୍ଷେପ କୁହାଯାଏ। ଉଭୟ ଉନ୍ନତ ଓ ଉନ୍ନତଶୀଳ ଦେଶଗୁଡ଼ିକରେ ଦାରିଦ୍ର୍ୟ ଦେଖିବାକୁ ମିଳେ। ମାତ୍ର ଉନ୍ନତଶୀଳ ଓ ଗରୀବ ଦେଶଗୁଡ଼ିକରେ ଏହାର ମାତ୍ରା ଅଧିକ । ଉଭୟ ପ୍ରକାର ରାଷ୍ଟ୍ର ନାନାପ୍ରକାର ଦାରିଦ୍ର ଦୂରୀକରଣ ଯୋଜନା ହାତକୁ ନେକାର ପରିଦୃଷ୍ଟ ହୁଏ । ନିମ୍ନରେ ଏହି ପଦକ୍ଷେପଗୁଡ଼ିକ ସମ୍ପର୍କରେ ଆଲୋଚନା କରାଗଲା ।

(୧) ଗରିବ ଲୋକମାନଙ୍କୁ କର୍ମସଂସ୍ଥାନ/ରୋଜଗାରର ମାଧ୍ୟମ ଯୋଗାଇବା । ପାରମ୍ପରିକ ବୃତ୍ତିରେ ସଂସ୍କାର ଏହାର ଅନ୍ୟତମ ଉଦ୍ୟମ ହୋଇପାରେ ।

(୨) ଗରିବ ଲୋକମାନଙ୍କୁ ଉତ୍ପାଦନକ୍ଷମ ସମ୍ବଳ, ଋଣ, ଶିକ୍ଷା ଓ ପ୍ରଶିକ୍ଷଣ ଯୋଗାଇବା।

(୩) ଦାରିଦ୍ର୍ୟ ଉନ୍ମୋଳନ ଯୋଜନା ପ୍ରଣୟନ କ୍ଷେତ୍ରରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ୍ କରିବା ।

(୪) ଦେଶର ସମ୍ପଦ ଓ ରୋଜଗାରର ସମତା ଭିତ୍ତିକ ବଣ୍ଟନକୁ ପ୍ରାଧାନ୍ୟ ଦେବା ସହ ସାମାଜିକ ନିରାପତ୍ତା ଯୋଗାଇବା ।

(୫) ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ପଦକ୍ଷେପ ଦ୍ୱାରା ଓ ସବୁ ବର୍ଗର ଲୋକଙ୍କ ସହଭାଗୀତାରେ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ।

(୬) ଲୋକଙ୍କ ଜୀବନ ଧାରଣମାନରେ ଉନ୍ନତି ଆଣିବା ପାଇଁ ବହନଯୋଗ୍ୟ ଆର୍ଥିକ ବିକାଶକୁ ଜୋର୍ ଦେଇ ପୁଞ୍ଜି ନିବେଶ ଓ ସଫଳ ଉଦ୍ୟୋଗୀ ସୃଷ୍ଟି କରିବାକୁ ପଡ଼ିବ ।

(୭) ମହିଳା ସଶକ୍ତିକରଣ, ଗରିବ ଲୋକମାନଙ୍କ ସଶକ୍ତିକରଣ ଓ ସେମାନଙ୍କ ସଂଗଠନଗୁଡ଼ିକୁ ପ୍ରୋତ୍ସାହନ।

(୮) ସମସ୍ତଙ୍କୁ ସାର୍ବଜନୀନ ସାମାଜିକ ସେବା ଯୋଗାଇବା ଓ ଜନସଂଖ୍ୟା ନିୟନ୍ତ୍ରଣ ।

(୯) ଆନ୍ତର୍ଜାତିକ ଆର୍ଥିକ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଶୈଳୀରେ ସଂସ୍କାର ସହ ଉନ୍ନତ ଦେଶଗୁଡ଼ିକୁ ଗରୀବ ଦେଶଗୁଡ଼ିକୁ ଉନ୍ନତ ବୈଷୟିକ କୌଶଳର ହସ୍ତାନ୍ତର କରିବା।

(୧୦) ପ୍ରଶାସନିକ କଳର ଦକ୍ଷତା ବୃଦ୍ଧି, ଶାସନ ପ୍ରକ୍ରିୟାର ଗଣତାନ୍ତ୍ରୀକରଣ, ଦୁର୍ନିତି ଲୋପ ଓ ଅନ୍ତର୍ଭୁକ୍ତି ବିକାଶକୁ ପ୍ରାଧାନ୍ୟ । ୧୯୯୩ ମସିହାରୁ ଅକ୍ଟୋବର ୧୭ ତାରିଖକୁ ପ୍ରତିବର୍ଷ ଆନ୍ତର୍ଜାତିକ ଦାରିଦ୍ର୍ୟ ଉନ୍ମୋଚନ ଦିବସ ଭାବେ ମିଳିତ ଜାତିସଂଘ ତରଫରୁ ପାଳନ କରାଯାଉଛି ।

**ପ୍ର.୯. ଅସମାନତା କିପରି ନିରାପତ୍ତା ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରେ।**

**(How does Inequality threat to Security.)**

ଉ : ପୃଥିବୀର ଉନ୍ନତ ଓ ଗରିବ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆର୍ଥିକ ଅସମାନତା ତଥା ଶିଳ୍ପବିଜ୍ଞାନ ସମ୍ବନ୍ଧୀୟ ତାରତମ୍ୟ ଜାତୀୟ ତଥା ଆନ୍ତର୍ଜାତୀୟ ନିରାପତ୍ତା ପାଇଁ ଅନ୍ୟତମ ପ୍ରମୁଖ ଆହ୍ୱାନ ଅଟେ । ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ ରାଷ୍ଟ୍ରଗୁଡ଼ିକ ଅପେକ୍ଷାକୃତ ଭାବେ ଶିଳ୍ପ ବୈଷୟିକ ବିଦ୍ୟାରେ ଉନ୍ନତ ଓ ସେମାନଙ୍କର ଅର୍ଥନୀତି ସମୃଦ୍ଧ । ଏହି କାରଣରୁ ଧନୀ ଦେଶଗୁଡ଼ିକ ଆନ୍ତର୍ଜାତୀକ ଅର୍ଥନୀତି ବ୍ୟବସ୍ଥାରେ ପ୍ରାଧାନ୍ୟ ବିସ୍ତାର କରିବା ସହ ଗରୀବ ଦେଶଗୁଡ଼ିକର ଅର୍ଥନୀତି ଓ ନୀତି ପ୍ରଣୟନ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଭାବ ବିସ୍ତାର କରିବାପାଇଁ ପଛଘୁଞ୍ଚା ଦେଉ ନାହାନ୍ତି। ନବ୍ୟ-ଉପନିବେଶବାଦର ଶୀକାର ଗରିବ ଓ ଅନୁନ୍ନତ ରାଷ୍ଟ୍ରସମୂହ ଶିଳ୍ପବିକାଶ, ପ୍ରଯୁକ୍ତି ବିଦ୍ୟା ଓ ଆର୍ଥିକ ଦୃଷ୍ଟିରୁ ପଛରେ ପଡ଼ିଥିବା ଯୋଗୁଁ ଧନୀ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭରଶୀଳ ହୋଇ ତିଷ୍ଠି ରହିଛନ୍ତି । ଉପନିବେଶବାଦରୁ ମୁକ୍ତ ହୋଇ ମଧ୍ୟ ଗରୀବ ଦେଶଗୁଡ଼ିକ ଦାରିଦ୍ର୍ୟ ଓ ଅନୁନ୍ନତ ଅବସ୍ଥାର କଷଟି ପଥରରେ ଜର୍ଜରିତ । ଏବେ ମଧ୍ୟ ସେମାନେ ଧନୀ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଆର୍ଥିକ ଶୋଷଣର ଶୀକାର ହେଉଛନ୍ତି । ବୈଦେଶିକ ସାହାଯ୍ୟ, ବହୁଦେଶୀୟ କମ୍ପାନୀ ଆନ୍ତର୍ଜାତିକ ଆର୍ଥିକ ଅନୁଷ୍ଠାନଗୁଡ଼ିକ ଉପରେ ନିୟନ୍ତ୍ରଣ ସୁରକ୍ଷାବାଦୀ ବାଣିଜ୍ୟ, ବ୍ୟବସାୟ ଓ ଆର୍ଥୀକ ନିତିର ସହାୟତାରେ ଧନୀରାଷ୍ଟ୍ରଗୁଡ଼ିକ ଗରିବ ରାଷ୍ଟ୍ରଗୁଡ଼ିକ ଉପରେ ନିୟନ୍ତ୍ରଣ ଜାରି ରଖିଛନ୍ତି । ମାତ୍ର ଏବେ ଗରିବ ରାଷ୍ଟ୍ର ସମୂହ ନିଜର ମର୍ଯ୍ୟଦାପୂର୍ଣ୍ଣ ଆନ୍ତର୍ଜାତିକ ଆସନ ପାଇଁ ଓ ନବ୍ୟ ଉପନିବେଶବାଦ ବିରୁଦ୍ଧରେ ସଂଗଠିତ ହେବାର ନଜିର୍ ଦେଖିବାକୁ ମିଳୁଛି। ଏଥିଯୋଗୁଁ ଉନ୍ନତ ଓ ଗରୀବ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସଂପର୍କ ତିକ୍ତ ହେବାର ଲାଗିଛି । ଶୀତଳ ଯୁଦ୍ଧର ପରବର୍ତ୍ତୀ ସମୟରେ ଏହି ପ୍ରକାର ତିକ୍ତ ସଂପର୍କ ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ପାଇଁ ସମସ୍ୟା ସୃଷ୍ଟି କରୁଛି । ଅନୁନ୍ନତ ରାଷ୍ଟ୍ରଗୁଡ଼ିକ ନିଜର ଆର୍ଥିକ ବିକାଶ ପାଇଁ ନିମ୍ନୋକ୍ତ ଦାବୀ ଉପସ୍ଥାପିତ କରୁଛନ୍ତି ।

(୧) ବର୍ତ୍ତମାନର ଆନ୍ତର୍ଜାତିକ ଆର୍ଥିକ ବ୍ୟବସ୍ଥାର ନୂତନ ଢାଞ୍ଚା ପ୍ରସ୍ତୁତି ।
(୨) ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କରେ ବ୍ୟାପକ ସଂସ୍କାର ଓ ସେଗୁଡ଼ିକର ପୁନର୍ଗଠନ ।
(୩) ବିଶ୍ୱ ବାଣିଜ୍ୟ ଓ ବ୍ୟବସାୟରେ ବର୍ଦ୍ଧିତ ଓ ନିର୍ଦ୍ଦିଷ୍ଟ ଭାବେ ଅଂଶୀଦାର ହେବା ।
(୪) ଗରିବ ରାଷ୍ଟ୍ରଗୁଡ଼ିକ ନେଇଥିବା ଆର୍ନ୍ତଜାତିକ ଋଣ ଛାଡ଼ କରିବା ।
(୫) ଆନ୍ତର୍ଜାତିକ ବିକାଶ ପାଣ୍ଠିର ସଂସ୍ଥାପନା ।
(୬) ଉନ୍ନତ ବୈଷୟିକ ବିଦ୍ୟା ଉନ୍ନତ ରାଷ୍ଟ୍ରଗୁଡ଼ିକ ଗରିବ ରାଷ୍ଟ୍ରଗୁଡ଼ିକ ହସ୍ତାନ୍ତର କରିବା ।
(୭) ଉଭୟ କୃଷି ଓ ଶିଳ୍ପର ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଆନ୍ତର୍ଜାତିକ ଅନୁଦାନ ଯୋଗାଣ ।
(୮) ଆନ୍ତର୍ଜାତିକ ନିଷ୍ପତି ପ୍ରକ୍ରିୟାରେ ଅନୁନ୍ନତ ଦେଶଗୁଡ଼ିକୁ ସାମିଲ୍ କରିବା ।

ଉପରୋକ୍ତ ଦାବୀଗୁଡ଼ିକର ଚରିତାର୍ଥ ପାଇଁ ଗରୀବ ରାଷ୍ଟ୍ରଗୁଡ଼ିକ ଉତ୍ତର-ଦକ୍ଷିଣ (North-South) କଥାବାର୍ତ୍ତା ଚାହୁଁଛନ୍ତି । ଏକ ନୂତନ ଆନ୍ତର୍ଜାତିକ ଆର୍ଥିକ ବ୍ୟବସ୍ଥା (NIEO) ସ୍ଥାପନ ଦ୍ୱାରା ସମସ୍ୟାର ସମାଧାନ ପାଇଁ ବାଟ ଖୋଲିପାରେ । ମାତ୍ର ଶିଳ୍ପୋନ୍ନତ ଓ ଧନୀ ରାଷ୍ଟ୍ରଗୁଡ଼ିକ ନିଜ ନିଜ ସ୍ଥିତିରେ ପରିବର୍ତ୍ତନ ଚାହୁଁ ନାହାନ୍ତି ।

**ପ୍ର.୧୦. ମାନବିକ ନିରାପତ୍ତା ରକ୍ଷା କ୍ଷେତ୍ରରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଭୂମିକା ଆଲୋଚନା କର।**

**(Discuss the role of Health and Education in maintaining Human Security.)**

ଉ. ବିଶ୍ୱ ସ୍ୱାସ୍ଥ୍ୟ କହିଲେ ପୃଥିବୀ ପରିପ୍ରେକ୍ଷୀରେ ସମଗ୍ର ଜନ ସମାଜର ସ୍ୱାସ୍ଥ୍ୟକୁ ବୁଝାଏ । ପୃଥିବୀର ସମସ୍ତ ଲୋକଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଓ ସ୍ୱାସ୍ଥ୍ୟ ରକ୍ଷାକ୍ଷେତ୍ରରେ ସମତା ସ୍ଥାପନ କରି ଏହାର ଅଧ୍ୟୟନ, ଗବେଷଣା ଓ ପ୍ରୟୋଗକୁ ପୃଥିବୀ ବ୍ୟାପି ସ୍ୱାସ୍ଥ୍ୟ ରକ୍ଷା କୁହାଯାଏ । ପୃଥିବୀ ବ୍ୟାପି ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ସମସ୍ୟାଗୁଡ଼ିକ ରାଷ୍ଟ୍ରଗୁଡ଼ିକର ସୀମା ଅତିକ୍ରମ ଆନ୍ତର୍ଜାତିକ

ରାଜନୀତି ଓ ଅର୍ଥନୀତି ଉପରେ ପ୍ରଭାବ ପକାଇବାର ସମ୍ଭାବନା ଥାଏ। ପୃଥିବୀ ବ୍ୟାପି ମଣିଷମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ଏହି ଦେଶ କ୍ଷେତ୍ରରେ ଦେଶ ଦେଶ ଓ ମାନବୀୟ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଥିବା ତାରତମ୍ୟ ହ୍ରାସ ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆନ୍ତର୍ଜାତିକ ବିପଦକୁ ସମନା କରିବା ଦ୍ୱାରା ପୃଥିବୀ ବ୍ୟାପି ସ୍ୱାସ୍ଥ୍ୟ ରକ୍ଷାରେ ସୁଧାର ଅଣାଯାଇପାରିବ । Global Health ଓ International Health ଏକା ନୁହେଁ । ଦ୍ୱିତୀୟ କ୍ଷେତ୍ରରେ ଉନ୍ନତଶୀଳ ରାଷ୍ଟ୍ରଗୁଡ଼ିକରେ ସାଧାରଣ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକ ପ୍ରଦାନ କରୁଥିବା ବୈଦେଶିକ ସାହାଯ୍ୟକୁ ବୁଝାଏ । ପୃଥିବୀ ବ୍ୟାପି ସ୍ୱାସ୍ଥ୍ୟ ରକ୍ଷାକୁ ଆକଳନ କରିବା ପାଇଁ ବିଭିନ୍ନ ବିଶ୍ୱବ୍ୟାପି ବ୍ୟାଧି ଗୁଡ଼ିକର କାର୍ଯ୍ୟକଳାପକୁ ଅନୁଧାନ କରିବା ପାଇଁ ହେବ। ଏଥିସହ ବିଶ୍ୱ ବ୍ୟାପି ବ୍ୟାଧିଗୁଡ଼ିକର ଅବସ୍ଥିତି ଓ ଏଗୁଡ଼ିକ ଯୋଗୁଁ ମଣିଷର ଜୀବନଯାପନ ଉପରେ ନକାରାତ୍ମକ ପ୍ରଭାବକୁ ମଧ୍ୟ ଆଧ୍ୟୟନ କରିବାକୁ ହେବ। ପୃଥିବୀ ବ୍ୟାପି ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସଂଗଠନ ଗୁଡ଼ିକ ହେଉଛି WHO, (World Health Organisation), ୟୁନିସେଫ୍, World Food Programme ଓ World Bank ମିଳିତ ଜାତିସଂଘର ସହସ୍ରାବ୍ଦି ବିକାଶ ଲକ୍ଷ୍ୟ ଓ ଧାରଣକ୍ଷମ ବିକାଶଲକ୍ଷ୍ୟ କାର୍ଯ୍ୟକ୍ରମ ବିଶ୍ୱବ୍ୟାପି ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ବିଶ୍ୱବ୍ୟାପି ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ କାମ କରୁଥିବା ସଂଗଠନ ଓ ବ୍ୟକ୍ତି ବିଶେଷ ନାନା ପ୍ରକାର ନୈତିକ ଓ ମାନବିକ ଅଧିକାର ସମ୍ବନ୍ଧୀୟ ପ୍ରଶ୍ନର ସମ୍ମୁଖୀନ ହୁଅନ୍ତି । ବିଶ୍ୱବ୍ୟାପି ସ୍ୱାସ୍ଥ୍ୟ କହିଲେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ନିଶ୍ଚିତ କରିବା ପାଇଁ ଆନ୍ତର୍ଜାତିକ ସ୍ତରରେ ସହଯୋଗ ଭିତ୍ତିରେ ଏହି ସମ୍ପର୍କୀୟ ଗବେଷଣା ଓ କାର୍ଯ୍ୟାନ୍ୱୟନକୁ ବୁଝାଏ ।

ଗୋଟିଏ ଦେଶର ଜନସାଧାରଣ ବିଶ୍ୱର ଅନ୍ୟ ପ୍ରାନ୍ତରେ ସାଧାରଣ ସ୍ୱାସ୍ଥ୍ୟ ରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ବ୍ୟାଧି ଯୋଗୁଁ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି । ଉଦାହରଣ ସ୍ୱରୂପ ୨୦୧୪ ମସିହାରେ Ebola Virus ସଂପର୍କୀୟ ସ୍ୱାସ୍ଥ୍ୟ ସମସ୍ୟା, ୨୦୦୩ ମସିହାର SARS ସଂକ୍ରାମକ ରୋଗ ଓ ୨୦୦୯ ମସିହାର $H_1N_1$ ଇନ୍‌ଫ୍ଲୁଏନ୍‌ଜା ସମଗ୍ର ବିଶ୍ୱର ଆତଙ୍କର ବାତାବରଣ ସୃଷ୍ଟି କରିଥିଲା । ବିଶ୍ୱବ୍ୟାପି ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବା ଦ୍ୱାରା ଦେଶଗୁଡ଼ିକରେ ମଧ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବାଦ୍ୱାରା ଦେଶଗୁଡ଼ିକରେ ମଧ୍ୟ ସ୍ୱାସ୍ଥ୍ୟ ସଂପର୍କୀୟ ବ୍ୟବସ୍ଥାରେ ଉନ୍ନତି ଆସିବ । ଏଥିଯୋଗୁଁ ଜାତୀୟ ଓ ଆନ୍ତର୍ଜାତୀୟ ନିରାପତ୍ତା ନିଶ୍ଚିନ୍ତ କରାଯାଇପାରିବ। ଏହା ସହ ସାରା ପୃଥିବୀର ରାଜନୀତିକ ସ୍ଥିରତା, କୂଟନୀତି ଓ ଆର୍ଥୀକ ପ୍ରଗତି ଜଡ଼ିତ । ଜଗତିକରଣପରେ ବ୍ୟବସାୟ ଓ ବାଣିଜ୍ୟ ପାଇଁ ଦେଶ ଦେଶ ମଧ୍ୟରେ ଉନ୍ନତମାନର ସଂପର୍କ ସ୍ଥାପିତ ହୋଇଛି । ବିଭିନ୍ନ ଦେଶର ଜନସାଧାରଣ ବ୍ୟବସାୟ ବାଣିଜ୍ୟ, ପର୍ଯ୍ୟାଟନ, ଶିକ୍ଷା, ବୃତ୍ତି ଆଦି ଉଦ୍ଦେଶ୍ୟରେ ବିଦେଶୀ ରାଷ୍ଟ୍ରଗୁଡ଼ିକୁ ମାତ୍ରାଧିକ ଥର ଯାତ୍ରା କରୁଛନ୍ତି । ଏଣୁ ବିଶ୍ୱ ବ୍ୟାପି ସ୍ୱାସ୍ଥ୍ୟ ଅନୁଧ୍ୟାନ, ଅଧ୍ୟୟନ ଓ ଗବେଷଣା ଏତେ ଅପରିହାର୍ଯ୍ୟ ହୋଇପଡ଼ିଛି । ଦିନକୁ ଦିନ ପୃଥିବୀରେ ନୂଆ ପ୍ରକାର ଓ ପୂର୍ବରୁ ଜଣାନଥିବା ରୋଗ ବ୍ୟାଧି ସଂକ୍ରମଣ ବୃଦ୍ଧି ପାଉଛି । ସଂକ୍ରାମକ ରୋଗଗୁଡ଼ିକର ଅନୁଧ୍ୟାନ ବ୍ୟବସ୍ଥାକୁ (surveillance system) ଦୃଢ଼ ନ କଲେ ଗୋଟିଏ ଦେଶରେ ଉତ୍ପନ୍ନ ରୋଗ ସହଜରେ ଅନ୍ୟ ଦେଶକୁ ସଂକ୍ରମଣ କରିବାର ସମ୍ଭାବନା ବୃଦ୍ଧିପାଇବା ତ୍ୱରିତ ଚିହ୍ନଟ ଓ ନିୟନ୍ତ୍ରଣ ବ୍ୟବସ୍ଥା ଦ୍ୱାରା ଉଦୀୟମାନ ସଂକ୍ରାମକ ରୋଗକୁ ବିଶ୍ୱ ସ୍ତରରେ ପ୍ରସାରିତ ହେବାରୁ କ୍ଷାନ୍ତ କରାଯାଇପାରୁଛି। ରାଷ୍ଟ୍ରଗୁଡ଼ିକ ମଧ୍ୟରେ ତଥ୍ୟର ଆଦାନପ୍ରଦାନ ଦ୍ୱାରା ଜଣାଶୁଣା ଥାଇ ଓ ଆନ୍ତର୍ଜାତିକ ବ୍ୟବସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରିବା କ୍ଷମତା ଥିବା ରୋଗ ତଥା ସାଧାରଣ ସ୍ୱାସ୍ଥ୍ୟ ସଂପର୍କୀୟ ଘଟଣାବଳୀକୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରାଯାଇପାରୁଛି । ବର୍ତ୍ତମାନର ଅନ୍ତଃଯୋଗାଯୋଗ ପୃଥିବୀରେ ଯଦି ଏସିଆ ବା ଆଫ୍ରିକାରେ ଯକ୍ଷ୍ମା ବା ନିମୋନିଆର ସଠିକ୍ ନିଦାନ କରାଯାଇପାରୁନାହିଁ । ତେବେ ତା'ର ପ୍ରଭାବ ଦିନେ ପରେ ଆମେରିକାରେ ଦୃଶ୍ୟ ହେବାର କିଛି ଆଶ୍ଚର୍ଯ୍ୟ ନାହିଁ। ଜୈବିକ ବିପଦ ଓ ଡ୍ରଗ ପ୍ରତିରୋଧ /ସ୍ୱାସ୍ଥ୍ୟ ସମସ୍ୟା ସାରା ପୃଥିବୀରେ ଲୋକମାନଙ୍କ ପାଇଁ ବିପଦର କାରଣ ପାଲଟିଛି । ସେଥିପାଇଁ ସଂକ୍ରାମକ ରୋଗ ବିପଦକୁ ସାମନା କରିବାପାଇଁ ଅଧିକ ଖର୍ଚ୍ଚ ବରାଦ ଆନ୍ତର୍ଜାତିକ ସ୍ତରରେ ଦେଖିବାକୁ ମିଳୁଛି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ୧୯୪ ସଦସ୍ୟ ରାଷ୍ଟ୍ର ମିଳିତ ଭାବରେ ଉଦୀୟମାନ ବିଶ୍ୱବ୍ୟାପି ରୋଗ ବ୍ୟାଧି ବିପଦକୁ ସାମନା କରିବା ପାଇଁ ଏକତ୍ର ହୋଇ କାର୍ଯ୍ୟାରମ୍ଭ କରିଛନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ଯେ କୌଣସି ଜାଗାରେ ରୋଗବ୍ୟଧି ବିପଦ ସମସ୍ତ ଯୋଗାଇ ରୋଗବ୍ୟାଧି ବିପଦ ରୂପେ ଗ୍ରହଣ କରାଯାଉଛି । ବିଶ୍ୱର ଅନେକ ଦେଶର ପରୀକ୍ଷାଗାରଗୁଡ଼ିକରେ ବିପଦପୂର୍ଣ୍ଣ କୀଟାଣୁ ପ୍ରସ୍ତୁତି ବା ଏହାର ଉନ୍ମୋଚନକୁ ତଦାରଖ କରିବାର ବେଳ ଏବେ ଉପନୀତ।

ନଚେତ୍ ନିମିଷକ ମଧ୍ୟରେ ବିଶ୍ୱବ୍ୟାପି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼େଇ ଦେଇ ହେବ ନାହିଁ । ଫ୍ଲୁର ପ୍ରତିକାର ଓ ଟିକାକରଣ ନିମିତ୍ତ ସାରା ବିଶ୍ୱରେ ଲାବୋରେଟୋରୀଗୁଡ଼ିକର କ୍ଷମତାବୃଦ୍ଧି ସ୍ୱାସ୍ଥ୍ୟ ସଂପର୍କୀୟ ତଥ୍ୟର ତ୍ୱରିତ ଓ ସଠିକ୍ ଭାଗୀଦାର ଓ ଅପାତକାଳୀନ ସେବାର ଭିତ୍ତିଭୂମି ଦୃଢ଼ୀକରଣ ଓ ଉନ୍ନତି ଦ୍ୱାରା ସାଧାରଣ ସ୍ୱାସ୍ଥ୍ୟ ସଂପର୍କୀୟ ସମସ୍ୟାକୁ ଶୀଘ୍ର ଜବାବ୍ ଦେଇ ହେବ । ଦେଶ ବ୍ୟାପି ଅନୁଧ୍ୟାନ ବ୍ୟବସ୍ଥା (surveillance system)କୁ ସାହାଯ୍ୟ ଯୋଗାଇଦେବା ଦ୍ୱାରା ରୋଗବ୍ୟାଧିକୁ ଚିହ୍ନଟ କରିବା ଓ ବିବରଣୀ ପ୍ରଦାନ କରିବା ଆଜିର ପୃଥିବୀରେ ସହଜ ହୋଇପାରିଛି । ବିଶ୍ୱବ୍ୟାପି ସ୍ୱାସ୍ଥ୍ୟ ପ୍ରକୃତରେ ଜାତୀୟ ଓ ଆନ୍ତର୍ଜାତୀୟ ନିରାପତ୍ତା ବ୍ୟବସ୍ଥାକୁ ପ୍ରଭାବିତ କରିବାର ଯଥେଷ୍ଟ କ୍ଷମତା ରଖିଛି । ବିଶ୍ୱବ୍ୟାପି ପ୍ରଚେଷ୍ଟା ଯେପରି ନିରସ୍ତ୍ରୀକରଣ ପାଇଁ ଉପାଦେୟ; ସେହିପରି ବିଶ୍ୱବ୍ୟାପି ସହଯୋଗୀତା ବୃଦ୍ଧି ଦ୍ୱାରା ପୃଥିବୀରେ ସ୍ୱାସ୍ଥ୍ୟ ରକ୍ଷାକୁ ଉଚିତ୍ ଦୃଷ୍ଟି ଦେଇ ହେବ ।

(b) ବିଶ୍ୱଶିକ୍ଷା ବା ପୃଥିବୀବ୍ୟାପି ଶିକ୍ଷା ଏକ ଜଟିଳ ଭାବନା ଦ୍ୱାରା ପୃଥିବୀ ସଂପର୍କୀତ ଜ୍ଞାନ ଜଣଙ୍କ ଠାରେ ବୃଦ୍ଧି କରାଯାଇପାରିବ । ଏହି ଶିକ୍ଷା ଦ୍ୱାରା ଏକିକୃତ ପୃଥିବୀର ବାସ୍ତବତା ଜାଣିବାପାଇଁ ଲୋକମାନଙ୍କ ଦୃଷ୍ଟିଭଙ୍ଗି ଓ ମାନସୀକତାରେ ପରିବର୍ତ୍ତନ ଆସେ । ଏହା ସେମାନଙ୍କୁ ଆୟ, ସମତା ଓ ମାନବିକ ଅଧିକାରକୁ ଆଧାର କରି ନୂଆ ପୃଥିବୀ ପରିକଳ୍ପନା କରିବାକୁ ସହାୟକ ହୁଏ । ପୃଥିବୀବ୍ୟାପି ଶିକ୍ଷାର ଶିକ୍ଷାନବିଶମାନେ ମାନବଜାତିର ଉନ୍ନତି କଳ୍ପେ ବିଶ୍ୱ ନାଗରିକର ଭୂମିକା ନିର୍ବାହ କରିବେ । ସ୍ୱତନ୍ତ୍ର ଶ୍ରେଣୀଗୃହ ବ୍ୟବସ୍ଥାରେ ଶିକ୍ଷା ଲାଭ କରି ସେମାନେ ଆର୍ନ୍ତଜାତିକ ସମୁଦାୟ, ସାମାଜିକ ଆୟ ବିଷୟବସ୍ତୁ, ଆନ୍ତର୍ଜାତିକ ଘଟଣାବଳୀ ଓ ଆନ୍ତର୍ଜାତିକ ଆଦର୍ଶ ସମ୍ପର୍କରେ ଅଧିକରୁ ଅଧିକ ଜାଣିବେ । ପୃଥିବୀ ପ୍ରତି ଥିବା ଲୋକମାନଙ୍କର ସାଧାରଣ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣି ଉନ୍ନତ ବିଶ୍ୱ ଗଠନରେ ପୃଥିବୀ ବ୍ୟାପି ଶିକ୍ଷା ସହାୟକ ହେବ । ଏହା ଲୋକମାନଙ୍କ ମଧ୍ୟରେ ସେବା ସହିତ ଶିକ୍ଷା ଲାଭ ବ୍ୟବସ୍ଥାକୁ ଲୋକପ୍ରିୟ କରାଇବ, ଗୋଷ୍ଠୀ ମଧ୍ୟରେ କ୍ରିୟାଶୀଳତାକୁ ଇନ୍ଧନ ଯୋଗାଇବା ସହ ପୃଥିବୀ ବ୍ୟାପି ପରିବର୍ତ୍ତନର ବାର୍ତ୍ତା ପ୍ରଚାର ଓ ପ୍ରସାର କରାଇବ । ଏହି ଶିକ୍ଷାର ଉପାଦାନ ଭାବେ ବିକାଶମୂଳକ ଶିକ୍ଷା, ମାନବିକ ଅଧିକାର ଶିକ୍ଷା, ଧାରଣକ୍ଷମ ବିକାଶର ଶିକ୍ଷା, ଶାନ୍ତି ପ୍ରତିଷ୍ଠା ଓ ଅଶାନ୍ତି ନିରାକରଣ ଶିକ୍ଷା ଏବଂ ଆନ୍ତଃ ସାଂସ୍କୃତିକ ଶିକ୍ଷା ବିଷୟରେ ବିଦ୍ୟାର୍ଥୀମାନଙ୍କୁ ସ୍ୱତନ୍ତ୍ରଭାବେ ତାଲିମ୍ ପ୍ରଦାନ କରାଯାଏ । ସାର୍ବଜନୀନ ମୂଲ୍ୟବୋଧ ଯଥା ସହନଶୀଳତା, ଏକତ୍ୱଭାବ, ସମାନତା, ନ୍ୟାୟ, ଅନ୍ତର୍ଭୁକ୍ତ, ସହଯୋଗୀତା ଓ ଅହିଂସା ସଂପର୍କରେ ବାସ୍ତବ ଶିକ୍ଷା ପ୍ରଦାନକୁ ବିଶ୍ୱବ୍ୟାପି ଶିକ୍ଷା କୁହାଯାଏ। ଏହା ଏକ ସୃଜନଶୀଳ ଶିକ୍ଷା ସଂପର୍କୀୟ ଦୃଷ୍ଟିକୋଣ; ଯାହାର ମାଧ୍ୟମରେ ଆମେ ନିଜ ସମାଜରେ ପରିବର୍ତ୍ତନ ବାର୍ତ୍ତାବହ ରୂପେ କାର୍ଯ୍ୟକରିପାରିବା । ଶିକ୍ଷାମାନଙ୍କ ମଧ୍ୟରେ ବିଶ୍ୱବ୍ୟାପି ଶିକ୍ଷା ସକରାତ୍ମକ ମୂଲ୍ୟବୋଧ ସୃଷ୍ଟି କରେ ।

ବିଶ୍ୱବ୍ୟାପି ଶିକ୍ଷା ବା ବିଶ୍ୱ ଶିକ୍ଷା ଏକ ପ୍ରକ୍ରିୟା, ଯାହା

(୧) ନିର୍ଦ୍ଦିଷ୍ଟ ସମସ୍ୟା ସମ୍ପର୍କରେ ପ୍ରଥମେ ସଚେତନତା ସୃଷ୍ଟି କରେ ।

(୨) ତତ୍‌ପରେ ସମସ୍ୟାର ଅନ୍ତର୍ନିହିତ କାରଣ ଓ ଏହାକୁ ହୃଦୟଙ୍ଗମ କରିବା ପାଇଁ ଶିକ୍ଷଣୀୟ ବାତାବରଣ ସୃଷ୍ଟି କରେ ।

(୩) ଲୋକମାନଙ୍କୁ ସମସ୍ୟାର ନିରାକରଣ ପାଇଁ ନିଜ ଭୂମିକା ନିର୍ବାହ କରିବାକୁ ଉତ୍ସାହିତ କରେ ।

(୪) ଏଥିପାଇଁ ଲୋକମାନଙ୍କ ବ୍ୟବହାର ଓ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣେ ।

(୫) ଲୋକମାନଙ୍କୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂର୍ତ୍ତି ପାଇଁ ପ୍ରୋତ୍ସାହିତ ଓ ସଶକ୍ତ କରେ ।

ବିଶ୍ୱବ୍ୟାପି ଶିକ୍ଷା ଦ୍ୱାରା ବ୍ୟବହୃତ କୌଶଳଗୁଡ଼ିକ ହେଲା;

(୧) ଶିକ୍ଷାର୍ଥୀ କେନ୍ଦ୍ରିକ

(୨) ଅଂଶଗ୍ରହଣ

(୩) ସହଯୋଗ ଭିତ୍ତିକ

(୪) ଅଭିଜ୍ଞତାର ଭିତ୍ତିକ

(୫) କ୍ରିୟାଶୀଳତା

(୬) ସଶକ୍ତିକରଣ

ବିଶ୍ୱବ୍ୟାପି ଶିକ୍ଷାର ଆବଶ୍ୟକତା ଓ ଗ୍ରହଣୀୟତା ରହିଛି କାରଣ ଏହା;

(୧) ଲୋକମାନଙ୍କୁ ନିଜ ଜୀବନ ସହ ପୃଥିବୀର ଅନ୍ୟ ଲୋକମାନଙ୍କ ଜୀବନ ଜଡ଼ିତ ବୋଲି ବୁଝାଏ ।

(୨) ଆମ ଜୀବନକୁ ଆକାର ଦେଉଥିବା ଆର୍ଥୀକ, ସାଂସ୍କୃତିକ, ରାଜନୀତିକ ଓ ପାରିବେଶିକ ପ୍ରଭାବ ସମ୍ପର୍କରେ ଆମର ବୁଝିବା କ୍ଷମତାକୁ ବ୍ୟାପକ କରେ ।

(୩) ଅନ୍ୟମାନଙ୍କ ସହ ମିଶି ପରିବର୍ତ୍ତନ ଆଣିବା ପାଇଁ ଓ ନିଜ ଜୀବନ ଉପରେ ନିଜ ନିୟନ୍ତ୍ରଣ ଜାହିର କରିବା ପାଇଁ ଏହା ଲୋକମାନଙ୍କର ଦକ୍ଷତା, ଦୃଷ୍ଟିକୋଣ ଓ ମୂଲ୍ୟବୋଧରେ ସକାରାତ୍ମକ ବୃଦ୍ଧି ଘଟାଏ ।

(୪) ପୃଥିବୀରେ କ୍ଷମତା ଓ ସମ୍ପଦର ସମତାଭିତ୍ତିକ ବଣ୍ଟନକୁ ସାବ୍ୟସ୍ତ କରି ଏକ ନ୍ୟାୟପୂର୍ଣ୍ଣ ଓ ଧାରଣକ୍ଷମ ବିଶ୍ୱ ଗଠନ ପାଇଁ ଏହା କାର୍ଯ୍ୟକରେ ।

ବିଶ୍ୱ ବ୍ୟାପି ଶିକ୍ଷା ବା ବିଶ୍ୱ ଶିକ୍ଷା ସହ ସଂପର୍କୀତ ସଂଗଠନ ଗୁଡ଼ିକ ହେଲା;

(୧) Consortium for Global Education

(୨) Global Teacher Network

(୩) Global Education Network of Young Europeans

(୪) Early Development of Global Education

ବିଶ୍ୱବ୍ୟାପି ଶିକ୍ଷା (Global Education) ଯୋଗୁଁ ଜାତୀୟ ଓ ଆନ୍ତର୍ଜାତୀୟ ନିରାପତ୍ତାକୁ ନିଶ୍ଚିତ କରାଯାଇ ପାରିବ । ସାମରିକ ପ୍ରସ୍ତୁତି ଓ ଅସ୍ତ୍ରଶସ୍ତ୍ର ଉତ୍ପାଦନ ତଥା ଏହାକୁ ଗଚ୍ଛିତ କରି ରଖିବା ଦ୍ୱାରା ରାଷ୍ଟ୍ରର ସୁରକ୍ଷାକୁ ସାବ୍ୟସ୍ତ କରାଯାଇପାରିବ ନାହିଁ । ବିଶ୍ୱବ୍ୟାପି ଶିକ୍ଷାର ବହୁଳ ଉପଯୋଗ ଦ୍ୱାରା ବରଂ ବିଶ୍ୱରେ ଶାନ୍ତି ଓ ସୌହାର୍ଦ୍ଧ୍ୟ ପ୍ରତିଷ୍ଠା କରି ରାଷ୍ଟ୍ରୀୟ ସୁରକ୍ଷା ସହ ବିଶ୍ୱବ୍ୟାପି ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରାଯାଇପାରିବ ।

❑❑❑

ଦଶମ ଅଧ୍ୟାୟ

# ପରିବେଶ ଓ ପ୍ରାକୃତିକ ସମ୍ପଦ
# [ ENVIRONMENT AND NATURAL RESOURCES]

## ବିଶ୍ୱ ପରିବେଶ ବିଷୟ–ବିକାଶ ଓ ପରିବେଶ, ବିଶ୍ୱଉତ୍ତପ୍ତିକରଣ ଓ ଜଳବାୟୁ ପରିବର୍ତ୍ତନ
**(Global Environmental Concerns : Development and Environment : Global Warming and Climate Change.)**

## 'ଗ' ବିଭାଗ (Group–C)

### ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

**ପ୍ର.୧. ପ୍ରାକୃତିକ ସମ୍ପଦ କହିଲେ କ'ଣ ବୁଝ ? ପ୍ରାକୃତିକ ସମ୍ପଦର ପ୍ରକାର ଭେଦ ବିଷୟରେ ଉଲ୍ଲେଖ କର ।**
**(What do you mean by Natural Resources ? Describe its types.)**

**ଉ:** ପ୍ରାକୃତିକ ସମ୍ପଦ କହିଲେ ପ୍ରକୃତିରେ ଦେଖାଯାଉଥିବା ବିଭିନ୍ନ ଜିନିଷକୁ ବୁଝାଏ, ଯାହା ମଣିଷର ଦୈନନ୍ଦିନ ବ୍ୟବହାରରେ ଆସିଥାଏ । ବାୟୁ, ବଣ, ଜଙ୍ଗଲ, ଜଳ, ମୃତ୍ତିକା, ବନ୍ୟଜନ୍ତୁ, ପଶୁପକ୍ଷୀ ଆଦିଙ୍କୁ ପ୍ରାକୃତିକ ସମ୍ପଦର ଆଖ୍ୟା ଦିଆଯାଇଅଛି । ସମସ୍ତ ପ୍ରକାରର ପ୍ରାକୃତିକ ସମ୍ପଦର ସମାହାରରେ ପରିବେଶର ସନ୍ତୁଳନ ଅବସ୍ଥା ସମ୍ଭବ ହୋଇଥାଏ । କାଳକ୍ରମେ ମନୁଷ୍ୟର ଉପଯୋଗରେ ଏହି ପ୍ରାକୃତିକ ସମ୍ପଦ ଆସୁଥିବାରୁ ଏହାର କାଳକ୍ରମେ ବିଲୟ ଘଟୁଛି, ଯାହା ପରିବେଶକୁ ଅସନ୍ତୁଳିତ କରୁଅଛି । ପ୍ରାକୃତିକ ସମ୍ପଦକୁ ସାଧାରଣତଃ ଦୁଇ ପ୍ରକାରରେ ବିଭକ୍ତ କରାଯାଇପାରେ; ଜୀବନ୍ତ ସମ୍ପଦ (Living Resource) ଯାହା ବଣ, ଜଙ୍ଗଲ, ବନ୍ୟଜନ୍ତୁ ଇତ୍ୟାଦିକୁ ବୁଝାଇଥାଏ, ସେହିପରି ଅନ୍ୟଟି ହେଲା ଅଜୈବ ସମ୍ପଦ (Non living resource) ଯାହା ଜଳ, ବାୟୁ, ମୃତ୍ତିକା, ଖଣିଜ ଲବଣ ଇତ୍ୟାଦିକୁ ବୁଝାଇଥାଏ । ପ୍ରାକୃତିକ ସମ୍ପଦକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି ।

( ୧ ) ନବୀକରଣଯୋଗ୍ୟ ସମ୍ପଦ (Renewable Resource)

( ୨ ) ନବୀକରଣ ଅଯୋଗ୍ୟ ସମ୍ପଦ (Non-Renewable Resource)

**( ୧ ) ନବୀକରଣଯୋଗ୍ୟ ସମ୍ପଦ–** ଯେଉଁ ପ୍ରାକୃତିକ ସମ୍ପଦକୁ ବାରମ୍ବାର ବ୍ୟବହାର କଲେ ମଧ୍ୟ ତାହାର ସମ୍ପୂର୍ଣ୍ଣ ବିଲୟ ହୋଇ ନଥାଏ, ତାହାକୁ ନବୀକରଣଯୋଗ୍ୟ ସମ୍ପଦ କୁହାଯାଏ । ଏହାର ବାରମ୍ବାର ବ୍ୟବହାର ହେଲେ ମଧ୍ୟ ଏହା ବିଭିନ୍ନ ଚକ୍ର ପ୍ରକ୍ରିୟାରେ ଏହା ପୂର୍ବାବସ୍ଥାକୁ ଫେରି ଆସିଥାଏ । ଜଳ, ବାୟୁ, ମୃତ୍ତିକା ଆଦି ପ୍ରାକୃତିକ ଉପାୟରେ କ୍ଷୟ ହେଉଥିଲେ ମଧ୍ୟ ଏହା ପ୍ରାକୃତିକ ଉପାୟରେ ଏହାର ପୂର୍ବସ୍ଥିତିକୁ ଫେରି ଆସିଥାଏ । ସେହିପରି ସୌରଶକ୍ତି, ତାପଜଶକ୍ତି, ବିଦ୍ୟୁତ୍ ଶକ୍ତି ଆଦି ନବୀକରଣଯୋଗ୍ୟ ସମ୍ପଦ ।

**( ୨ ) ନବୀକରଣ ଅଯୋଗ୍ୟ ସମ୍ପଦ (Non-Renewable Resource)–** ଯେଉଁ ପ୍ରାକୃତିକ ସମ୍ପଦର ବାରମ୍ବାର ବ୍ୟବହାର ଦ୍ୱାରା ଏହାର ବିଲୟ ସମ୍ପୂର୍ଣ୍ଣ ରୂପେ ହୋଇଥାଏ, ତାହାକୁ ନବୀକରଣ ଅଯୋଗ୍ୟ ସମ୍ପଦ କୁହାଯାଏ । ଏହି ପ୍ରାକୃତିକ ସମ୍ପଦଗୁଡ଼ିକ ବିଭିନ୍ନ ଚକ୍ର ପ୍ରକ୍ରିୟା ଦ୍ୱାରା ପ୍ରକୃତିରେ ପୁନର୍ବାର ଭରଣା ହୋଇପାରେ ନାହିଁ । ବିଭିନ୍ନ ଖଣିଜ ପଦାର୍ଥ, କୋଇଲା, ପେଟ୍ରୋଲିୟମ୍, ଲୁହା ଦସ୍ତା, ସୁନା, ଶିସା ତମ୍ବା ଆଦି ଏହି ଶ୍ରେଣୀର ସମ୍ପଦ । ଏଗୁଡ଼ିକର ବ୍ୟବହାର ହେଲେ ଏହାର ପରିମାଣ କ୍ରମାଗତ ଭାବେ ହ୍ରାସ ପାଏ । ପୁନର୍ବାର ଏହାର ଭରଣା ସମ୍ଭବପର ହୋଇନଥାଏ ।

ପ୍ରାକୃତିକ ସମ୍ପଦଗୁଡ଼ିକ ମଧ୍ୟ ଦୁଇଭାଗରେ ବିଭକ୍ତ କରାଯାଇପାରେ ।

( ୧ ) ଅସରନ୍ତି ସମ୍ପଦ (Inexhaustible Resource)

( ୨ ) ସରନ୍ତି ସମ୍ପଦ (Exhaustible Resource)

**( ୧ ) ଅସରନ୍ତି ସମ୍ପଦ (Inexhaustible Resource)–** ଯେଉଁ ସମ୍ପଦଗୁଡ଼ିକର ମନୁଷ୍ୟ ସମାଜ ଦ୍ୱାରା ବହୁଳ ଭାବରେ ବ୍ୟବହାର ହେଲେ ମଧ୍ୟ ଉକ୍ତ ସମ୍ପଦଗୁଡ଼ିକ ବିଲୟ ହୋଇନଥାଏ ସେଗୁଡ଼ିକୁ ଅସରନ୍ତି ସମ୍ପଦ କୁହାଯାଏ । ଏହି ଅସରନ୍ତି ସମ୍ପଦଗୁଡ଼ିକ ନବୀକରଣଯୋଗ୍ୟ ସମ୍ପଦର ଅନ୍ତର୍ଭୁକ୍ତ। ସୌରରଶ୍ମି ବାୟୁ, ଆଣବିକ ଶକ୍ତି ଇତ୍ୟାଦି ଏହି ଶ୍ରେଣୀର ସମ୍ପଦ । ଏଗୁଡ଼ିକର ବାରମ୍ବାର ବ୍ୟବହାର ହେଲେ ମଧ୍ୟ ଏହାର ବିଲୟ ହୋଇନଥାଏ । ସମୁଦ୍ର ଲହଡ଼ି ମଧ୍ୟ ଏହି ଶ୍ରେଣୀର ସମ୍ପଦ ।

**( ୨ ) ସରନ୍ତି ସମ୍ପଦ (Exhaustible Resource)–** ଯେଉଁ ପ୍ରାକୃତିକ ସମ୍ପଦର ବହୁଳ ବ୍ୟବହାର ଦ୍ୱାରା ଏହାର ବିଲୟ ଘଟିଥାଏ, ଏହାକୁ ସରନ୍ତି ସମ୍ପଦ କୁହାଯାଏ । ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି ଯାହା ଫଳରେ, ଏହି ସରନ୍ତି ପ୍ରାକୃତିକ ସମ୍ପଦର ବହୁଳ ବ୍ୟବହାର ଦେଖାଯାଇଛି । ମନୁଷ୍ୟ ଏହି ସମ୍ପଦର ବହୁଳ ବ୍ୟବହାର କରି ଏହାର ବିଲୟ ଘଟୁଛି । ଯାନବାହନ ଓ କଳକାରଖାନା ଆଦିର ଦ୍ରୁତ ବିକାଶ ଦ୍ୱାରା ଏହି ପ୍ରାକୃତିକ ସମ୍ପଦର ବିଲୟ ଘଟୁଛି । ମନୁଷ୍ୟକୃତ କାରଣରୁ ପରିବେଶ ଦୂଷିତ ହେଉଛି । ବର୍ତ୍ତମାନ ପରିସ୍ଥିତିରେ ମନୁଷ୍ୟ ଏହା ହୃଦୟଙ୍ଗମ କରି ଏହି ସମ୍ପଦର ସୁରକ୍ଷା କରିବା ଆବଶ୍ୟକ ।

**ପ୍ରାକୃତିକ ସମ୍ପଦ ଓ ପରିବେଶ ସନ୍ତୁଳନ :**

ପରିବେଶ ସନ୍ତୁଳନ ପ୍ରାକୃତିକ ସମ୍ପଦର ଉଚିତ ରକ୍ଷଣାବେକ୍ଷଣ ଉପରେ ନିର୍ଭର କରେ । ବାୟୁ, ଜଳ, ମୃତ୍ତିକା ଆଦି ସୁରକ୍ଷା ଅଭାବରୁ ପ୍ରଦୂଷିତ ହେଉଅଛି । କଳକାରଖାନାରୁ ବାହାରୁଥିବା ବିଷାକ୍ତ ବାଷ୍ପ, କାଗଜକଳରୁ ବାହାରୁଥିବା ବର୍ଜ୍ୟବସ୍ତୁ ଓ ଜଙ୍ଗଲ କଟା ଦ୍ୱାରା କ୍ରମାନ୍ୱୟରେ ବାୟୁ, ଜଳ, ପ୍ରଦୂଷିତ ହେଉଥିବା ସ୍ଥଳେ ମୃତ୍ତିକା କ୍ଷୟ ହେଉଛି ଯାହାକୁ ବି (Soil Pollution) କୁହାଯାଇପାରେ । ମନୁଷ୍ୟ ସମାଜର ଦ୍ରୁତ ବୃଦ୍ଧି ଦ୍ୱାରା ସଂରକ୍ଷିତ ପ୍ରାକୃତିକ ସମ୍ପଦ ଯଥା- କୋଇଲା, ଖଣିଜ ସମ୍ପଦ ଓ ପେଟ୍ରୋଲିୟମ୍ ଆଦିର ବହୁଳ ବ୍ୟବହାର ହେଉଅଛି । ଦିନ ଆସିବ ଯାହା କି ଦିନେ ପ୍ରକୃତି ଚିରଦିନ

ପାଇଁ ବିଲୁପ୍ତ ହୋଇଯିବ । ତେଣୁ ଏହି ସମ୍ପଦର ଉଚିତ ସୁରକ୍ଷା କରିବା ନିହାତି ଦରକାର, କାରଣ ପରିବେଶର ସନ୍ତୁଳନ ରକ୍ଷା କରିବାରେ ଏହା ବିଶେଷ ସହାୟକ ହୋଇଥାଏ । ତେଣୁ ଏହି ପ୍ରାକୃତିକ ସମ୍ପଦର ସଂରକ୍ଷଣ ଆଜି ନିହାତି ଜରୁରୀ ହୋଇଯାଇଛି । କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ଏହି ପ୍ରାକୃତିକ ସମ୍ପଦର ସଂରକ୍ଷଣ ସମ୍ଭବ ହୋଇପାରିବ ।

ଜନସଂଖ୍ୟା ନିୟନ୍ତ୍ରଣ କରିବା ପରିବେଶର ସୁରକ୍ଷା ନିମନ୍ତେ ସ୍କୁଲ, କଲେଜରେ ଶିକ୍ଷାଦାନ କରିବା, ସରନ୍ତି ସମ୍ପଦର ବ୍ୟବହାର ଯଥାସମ୍ଭବ ରୋକିବା, ପ୍ରାକୃତିକ ସମ୍ପଦର ଅଯଥା ବିନଷ୍ଟକୁ ନିୟନ୍ତ୍ରଣ କରିବା, କଳକାରଖାନା ପ୍ରସାର ରୋକିବା ଓ ଏଥିନିମନ୍ତେ ଆଇନ ପ୍ରଣୟନ କରିବା । ସର୍ବଶେଷରେ ପ୍ରାକୃତିକ ସମ୍ପଦର ଗୁରୁତ୍ୱ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଦ୍ୱାରା ଏହାର ସୁରକ୍ଷା ସମ୍ଭବ ହୋଇପାରିବ ।

**ପ୍ର.୨. ଜଳବାୟୁ ପରିବର୍ତ୍ତନର କାରଣଗୁଡ଼ିକ ଉଲ୍ଲେଖ କର।**

**(Describe the causes of Climate Change.)**

**ଉ :** ପୃଥିବୀ ପୃଷ୍ଠରେ ଦେଖାଯାଉଥିବା ଦୁଇଗୋଟି ଉପାଦାନ ମଧ୍ୟରେ ଅଜୈବିକ ଉପାଦାନର ଅଂଶ ଅଧିକ ଯାହାମଧ୍ୟରୁ ବାୟୁମଣ୍ଡଳ ଲକ ମୁଖ୍ୟ ଅଂଶ ଧାରଣ କରିଛି । ଏହି ବାୟୁମଣ୍ଡଳ ବିଭିନ୍ନ ଗ୍ୟାସ୍ ଓ ତରଳପଦାର୍ଥର ସମାହାର । ଏହି ତରଳ ଅବସ୍ଥା ପୃଥିବୀର ଚାରିପଟରେ ଏକ ଗ୍ୟାସୀୟ ଆବରଣ ସୃଷ୍ଟି କରୁଛି । ବାୟୁମଣ୍ଡଳର ଗଠନକୁ ଦୃଷ୍ଟିରେ ନେଲେ ଆମେ ଅବଗତ ହେବା ଯେ ବିଭିନ୍ନ ପ୍ରକାରର ଗ୍ୟାସ୍ ଯଥା- ଯବକ୍ଷାରଜାନ, ଅମ୍ଳଜାନ, ଉଦ୍‌ଜାନ, ଆଇରନ୍, କାର୍ବନ୍‌ଡ଼ାଇଅକ୍‌ସାଇଡ୍ ଏବଂ ଜଳକଣାଗୁଡ଼ିକ ହିଁ ବାୟୁର ମୁଖ୍ୟ ଉପାଦାନ । ବାୟୁମଣ୍ଡଳର ପ୍ରତିକ୍ଷଣର ଅବସ୍ଥା ବଦଳିଥାଏ । ବାୟୁମଣ୍ଡଳର ଉପରକୁ ଉପରକୁ ଗତିକଲେ ବିଭିନ୍ନ ସ୍ତର ଦେଖାଯାଏ । ଭୂପୃଷ୍ଠକୁ ଲାଗିରହିଥିବା ପ୍ରଥମ ସ୍ତରଟିକୁ ଟ୍ରପୋସ୍ପିୟର ବୋଲି କୁହାଯାଏ ଓ ଏହାର ଉପରିଭାଗକୁ ଷ୍ଟ୍ରାଟୋସ୍ପିୟର ବୋଲି କୁହାଯାଏ । ପାଣିପାଗ ଓ ଜଳବାୟୁ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଏହି ସ୍ତରମାନଙ୍କରେ ଘଟିଥାଏ । ପାଣିପାଗ ଓ ଜଳବାୟୁ ଦୁଇଟି ଭିନ୍ନ ଭିନ୍ନ ଶବ୍ଦ ଅଟେ ।

କୌଣସି ଏକ ନର୍ଦ୍ଦିଷ୍ଟ ସ୍ଥାନରେ ସ୍ୱଳ୍ପ ସମୟ ମଧ୍ୟରେ ବାୟୁମଣ୍ଡଳର ପରିବର୍ତ୍ତିତ ଅବସ୍ଥାକୁ ପାଣିପାଗ ବୋଲି ଧରାଯାଏ । ଉତ୍ତାପ ହ୍ରାସ ଓ ବୃଦ୍ଧି, ବୃଷ୍ଟିପାତ, ଆର୍ଦ୍ରତା ଇତ୍ୟାଦି ପାଣିପାଗ ସମ୍ବନ୍ଧୀୟ ଗୋଟିଏ ଗୋଟିଏ ପରିମାପକ ହୋଇଥିବାବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନର ପାଣିପାଗର ହାରାହାରି ଅବସ୍ଥାକୁ ୨୦ ବର୍ଷ ବ୍ୟବଧାନରେ ପ୍ରକାଶ କରିବାକୁ ସେହି ସ୍ଥାନର ଜଳବାୟୁ ବୋଲି କୁହାଯାଏ ।

ଏକବିଂଶ ଶତାବ୍ଦୀରେ ମନୁଷ୍ୟର ଚାଲିଚଳନୀ ଏବଂ ବିଳାସପୂର୍ଣ୍ଣ ଜୀବନଚର୍ଯ୍ୟା ଯୋଗୁଁ ବାୟୁମଣ୍ଡଳର ଉପାଦାନ ଗୁଡ଼ିକ ପ୍ରଭାବିତ ହେଉଛନ୍ତି ଯାହାକି ପରୋକ୍ଷରେ ଦୈନନ୍ଦିନ ପାଣିପାଗ ଓ ଜଳବାୟୁର ପରିବର୍ତ୍ତନ ପରି ବିପଦମାନ ସୃଷ୍ଟି ହେଉଛି ।

ବର୍ତ୍ତମାନ ଜନସଂଖ୍ୟାର ଦ୍ରୁତବୃଦ୍ଧି, କଳକାରଖାନାର ଅହେତୁକ ବୃଦ୍ଧି ଏବଂ ଅନ୍ୟାନ୍ୟ ମାନବକୃତ କାରଣ ଯୋଗୁଁ ଆମର ଗ୍ରହ ଉତ୍ତପ୍ତ ହେବାରେ ଲାଗିଛି; ଯାହାକି ଜଳବାୟୁ ପରିବର୍ତ୍ତନ ହେବାର ମୁଖ୍ୟକାରଣ ହୋଇଥାଏ ।

ତିନୋଟି ସୂଚକ ଯାହା ଜଳବାୟୁର ପରିବର୍ତ୍ତନକୁ କମ୍ କରିଥାନ୍ତି ସେଗୁଡ଼ିକ ହେଲା :-

(କ) ହିମସ୍ରୋତ (ଖ) ବରଫର ଆବରଣ (ଗ) ସାମୁଦ୍ରିକ ବରଫ

**ପାଗ ପରିବର୍ତ୍ତନ :**

ପାଣିପାଗ ବା ସଂକ୍ଷେପରେ ପାଗ ପରିବର୍ତ୍ତନ କହିଲେ ଦୀର୍ଘକାଳୀନ ଭିତ୍ତିରେ ପାଣିପାଗର ଦଶନ୍ଧି ଦଶନ୍ଧି ଧରି ବା ନିୟୁତ ନିୟୁତ ବର୍ଷ ଧରି ପରିସଂଖ୍ୟାନଗତ ବିସ୍ତୃତିରେ ପରିବର୍ତ୍ତନକୁ ବୁଝାଏ । ପରିବର୍ତ୍ତନ ବା ପାଗ ସମ୍ବନ୍ଧୀୟ ଘଟଣା (event) ବଳୀର ପରିବର୍ତ୍ତନ ମଧ୍ୟ ହୋଇପାରେ । ଉଦାହରଣତଃ ଅଧିକ ବା ସ୍ୱଳ୍ପ ଆଶାତୀତ (extreme) ପାଗ ସମ୍ବନ୍ଧିତ

ଘଟଣାବଳୀ ଯେପରି ନିକଟରେ ଓଡ଼ିଶା ସମୁଦ୍ର ଉପକୂଳରେ ମୃତ ତିମିମାନଙ୍କୁ ଠାବ କରାଯିବା ବା ପୁରୀ ସାମୁଦ୍ରିକ ବେଳାଭୂମିର କ୍ଷୟ । ପୃଥିବୀର ବାୟୁମଣ୍ଡଳରେ ସବୁଜଗୃହ ବାଷ୍ପର ମାତ୍ରାଧିକ ଉପସ୍ଥିତି ଏହାର କାରଣ ଅଟେ । ଏହା ମୋଟାମୋଟି ଭାବେ ମନୁଷ୍ୟକୃତ । ପୃଥିବୀର ଜନସଂଖ୍ୟାରେ ବ୍ୟାପକ ଅଭିବୃଦ୍ଧ ଯେପରି ୧୯୯୦ ମସିହାରେ ୫.୨ ବିଲିଅନ୍ ଜନସଂଖ୍ୟା ଥିବା ପୃଥିବୀ ୨୧୦୦ ମସିହା ବେଳକୁ ୧୧.୩ ବିଲିଅନ୍ ଯାଏ ବୃଦ୍ଧିପାଇବା ସମ୍ଭାବ୍ୟ କାରଣ ଯୋଗୁଁ ପ୍ରକୃତି ଉପରେ ମାତ୍ରାଧିକ ଚାପ ସୃଷ୍ଟି ହୋଇଛି । ପାଗ ପରିବର୍ତ୍ତନ ଯୋଗୁଁ ମାତ୍ରାଧିକ ପାଣିପାଗ ଘଟଣାଳବୀ ବିଗତ ୧୦୦ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଓ ଆଗାମୀ ଦିନରେ ଏହା ବହୁ ପରିମାଣରେ ବୃଦ୍ଧିପାଇବ । ୧୯୦୦-୦୯ ମଧ୍ୟରେ ୨.୫ଟି ମାତ୍ରାଧିକ ପାଣିପାଗ ଘଟଣା ତାଲିକାଭୁକ୍ତ କରାଯାଇଥିବା ବେଳେ ୨୦୦୦-୦୯ ମଧ୍ୟରେ ଏହି ସଂଖ୍ୟା ୩୫୦-୪କୁ ବୃଦ୍ଧି ପାଇଛି । ପାଗ ପରିବର୍ତ୍ତନ ଯୋଗୁଁ ଅସ୍ୱାଭାବିକ ବୃଷ୍ଟିପାତ ଅନେକ ଅଞ୍ଚଳରେ ଦେଖିବାକୁ ମିଳୁଛି । ୨୦୦୬ ମସିହାରେ ୨୪ ଘଣ୍ଟା ମଧ୍ୟରେ ଭାରତର ବାଣିଜ୍ୟିକ ରାଜଧାନୀ ମୁମ୍ବାଇରେ ୯୯୪ ମିଲିମିଟର ବର୍ଷା ହୋଇଥିଲା । ୨୦୧୪ ମସିହାରେ ଭାରତର ଜାମ୍ମୁ ଓ କାଶ୍ମୀରରେ ଗୋଟିଏ ଦିନରେ ୨୦୦ ମିଲିମିଟର ବର୍ଷା ହେବାରୁ ଭୂସ୍ଖଳନ ଘଟି ବ୍ୟାପକ ଧନଜୀବନ ନଷ୍ଟ ହୋଇଥିଲା । ୨୦୦୧ରୁ ୨୦୦୬ ମଧ୍ୟରେ ମାତ୍ରାଧିକ ପାଣିପାଗ ଘଟଣାବଳୀ ଯୋଗୁଁ ଉନ୍ନତଶୀଳ ଦେଶଗୁଡ଼ିକ ସେମାନଙ୍କ GDP ର ୧% କ୍ଷତି ରହିବା ବେଳେ ଉନ୍ନତ ରାଷ୍ଟ୍ରଗୁଡ଼ିକ ୦.୧% କ୍ଷତି ସହିଛନ୍ତି । କାରଣ ଉନ୍ନତ ରାଷ୍ଟ୍ରଗୁଡ଼ିକ ପ୍ରଯୁକ୍ତି ବିଦ୍ୟାର ସୀମାବଦ୍ଧ କରିବାକୁ ସକ୍ଷମ ହୋଇଥିଲେ ।

**ପାଣିପାଗ ପରିବର୍ତ୍ତନର ପ୍ରଭାବ :**

ବିଶ୍ୱ ତାପାୟନ ଓ ପାଣିପାଗ ପରିବର୍ତ୍ତନ ପରସ୍ପର ସଂପର୍କୀତ ହୋଇଥିବାରୁ ସେମାନଙ୍କର ପ୍ରଭାବ କ୍ଷେତ୍ରରେ ମଧ୍ୟ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳେ । ତଥାପି ନିର୍ଦ୍ଦିଷ୍ଟ ଭାବେ ପାଣିପାଗ ପରିବର୍ତ୍ତନର ନିମ୍ନୋକ୍ତ ପ୍ରଭାବ ରହିଛି ।

(୧) ସମୁଦ୍ର ଜଳ ସ୍ତର ବୃଦ୍ଧି ଯୋଗୁଁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ, ଶୈବଳା ପ୍ରାଚୀର ଓ ଆଦ୍ର ଭୂମି (Wet land) ପ୍ରଭାବିତ ହେବେ । ଗ୍ଲାସିଅର ତରଳିବା ଓ ସମୁଦ୍ର ଜଳର ଉତ୍ତାପ ବୃଦ୍ଧି ଏହାର କାରଣ ଅଟେ ।

(୨) ସୁମେରୁ ଅଞ୍ଚଳରେ ବରଫ ତରଳିବା ଯୋଗୁଁ ମହାସାଗର ଗୁଡ଼ିକରେ ଜଳ ପ୍ରବାହ ପ୍ରଭାବିତ ହୋଇଛି । ସୁମେରୁ ଅଞ୍ଚଳ ଅଧିକ ଉତ୍ତପ୍ତ ହେବାରେ ଲାଗିଛି ।

(୩) ସମୁଦ୍ର, ଜଳସ୍ତର ଉତ୍ତପ୍ତ ହେବା ଯୋଗୁଁ ଶୈବାଳ ବଂଶ ଲୋପ ପାଇବ । ଶୈବାଳ ଉପରେ ନିର୍ଭରଶୀଳ ଅନେକ ଜଳଜୀବ ମୃତ୍ୟୁର ଦ୍ୱାର ଦେଶରେ ।

(୪) ପୃଥିବୀର ବଡ଼ ବଡ଼ ଜଳାଶୟ ଓ ହ୍ରଦଗୁଡ଼ିକର ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି । ହ୍ରଦଗୁଡ଼ିକରେ ଅଦରକାରୀ ଦଳ ପ୍ରଜାତି ବୃଦ୍ଧି ସହ ଏଗୁଡ଼ିକର ସ୍ତର ବିନ୍ୟାସରେ ପରିବର୍ତ୍ତନ ଆସିଛି ।

(୫) ଋତୁଚକ୍ରରେ ପରିବର୍ତ୍ତନ ଅନୁଭୂତ ହେଉଛି । ଖାଦ୍ୟ ଶସ୍ୟ ଉପଯୋଗୀ ତୃଣ, ବୃକ୍ଷ ଲତା ଆଦିର ବୃଦ୍ଧି ଓ ତହିଁରୁ ଖାଦ୍ୟଶସ୍ୟ / ଫଳ ପାଇବାରେ ବ୍ୟତିକ୍ରମ ଲକ୍ଷ୍ୟ କରାଗଲାଣି ।

(୬) ସମୁଦ୍ର ଜଳର କ୍ଷାର ଅଂଶ ବୃଦ୍ଧି ପାଇବା ଯୋଗୁଁ ଜଳଜୀବଙ୍କ ଜୀବନଯାପନ ଉପରେ ପ୍ରଭାବ ବୃଦ୍ଧିପାଉଛି । ସମୁଦ୍ରରେ କ୍ଷାର ଅଂଶ ବୃଦ୍ଧିପାଇଁ ଅଂଗାରକାମ୍ଳ ବାଷ୍ପ ଦାୟୀ ।

(୭) ଆମାଜନ, ବ୍ରହ୍ମପୁତ୍ର ଆଦି ନଦୀର ତ୍ରିକୋଣଭୂମିରେ ଥିବା କ୍ରାନ୍ତୀୟ ଜଙ୍ଗଲ ଗଭୀରଭାବେ ପ୍ରଭାବିତ ହେବା ଯୋଗୁଁ ଜୈବ ବିବିଧତା ନଷ୍ଟ ହେବା ଗଛରଗଣ୍ଡି ଓ ଡାଳପତ୍ରରେ ସଞ୍ଚିତ ଅଙ୍ଗାରକାମ୍ଳ ଗ୍ୟାସ୍ ଜଙ୍ଗଲ ଧ୍ୱଂସ ଯୋଗୁଁ ବାୟୁମଣ୍ଡଳରେ ମିଳୁଛି ।

(୮) ପାଗ ପରିବର୍ତ୍ତନ ଯୋଗୁଁ ଅନେକ ବିଲୁପ୍ତିର ଦ୍ୱାର ଦେଶରେ ଥିବା ଜୀବଜନ୍ତୁ ପୃଥିବୀରୁ ଲୋପ ପାଇଯିବେ । ବିଶ୍ୱତାପାୟନ ୧.୫° ସେଣ୍ଟିଗ୍ରେଡ ବୃଦ୍ଧିପାଇଲେ ପୃଥିବୀରେ ଦେଖାଯାଉଥିବା । ଜୀବଯନ୍ତୁ ଓ ବୃକ୍ଷଲକ୍ଷା ପ୍ରଜାତିର ୨୦ ରୁ ୩୦ ଶତକଡ଼ା ବିଲିଅନ ହେବାର ଦ୍ୱାର ଦେଶରେ ଉପନିତ ହେବେ ।

(୯) ଏହା ରାଜନୈତିକ ଦୃଷ୍ଟିକୋଣରୁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ । ଦେଶର ଜାତୀୟ ନିରାପତ୍ତାକୁ ଏହା ପ୍ରଭାବିତ କରିବା ଏହା କେବଳ ପାରିବେଶକ ସମସ୍ୟା ସୃଷ୍ଟି ନୁହେଁ ବରଂ ବିଜ୍ଞାନ ସହ ସମାଜର ସଂପର୍କ ଉପରେ ଗଭୀର ରେଖାପାତ କରିବ ।

**ପ୍ର.୩. ବିଶ୍ୱ ଉତ୍ତପ୍ତିକରଣର କାରଣ ଓ ପ୍ରଭାବ ବିଷୟରେ ଆଲୋଚନା କର ।**

**(Write about the causes and effects of Global Warming.)**

ଉ. ସୂର୍ଯ୍ୟଙ୍କଠାରୁ ଆସୁଥିବା ଶକ୍ତି ପୃଥିବୀର ପାଗ ଓ ଜଳବାୟୁ ଉପରେ ପ୍ରଭାବ ପକାଇଥାଏ ଏବଂ ଏହା ପୃଥିବୀର ପୃଷ୍ଠକୁ ଉତ୍ତପ୍ତ କରିଥାଏ । ଏହା ଫଳରେ ପୃଥିବୀ ପୃଷ୍ଠରୁ ମଧ୍ୟ କିଛି ଶକ୍ତି ମହାକାଶକୁ ଫେରି ଯାଇଥାଏ । କିଛି ବାୟୁମଣ୍ଡଳୀୟ ବାଷ୍ପଗୁଡ଼ିକ ଯଥା- ଜଳୀୟବାଷ୍ପ, ଡ଼ାଇଅକ୍ସାଇଡ୍ ଏବଂ ଅନ୍ୟାନ୍ୟ ବାଷ୍ପଗୁଡ଼ିକ ବାହାର ଶକ୍ତିକୁ ବ୍ୟବହାର କରି ସବୁଜଗୃହରେ ଥିବା ଉଦ୍ଭିଦଗୁଡ଼ିକର ପୋଷଣ ପାଇଁ ବ୍ୟବହାର ହୁଏ, ସେଥିପାଇଁ ଏହି ଗ୍ୟାସଗୁଡ଼ିକ ସବୁଜ କୋଠରି ଗ୍ୟାସ୍ ବୋଲି କୁହାଯାଏ । ଏହି ଗ୍ୟାସଗୁଡ଼ିକର ଅଧିକ ନିର୍ଗତ ହେତୁ ବାୟୁମଣ୍ଡଳର ତାପମାତ୍ରା ଧୀରେ ଧୀରେ ବଢ଼ି ବଢ଼ି ଯାଏ । ଏହି ପ୍ରକ୍ରିୟାକୁ ବିଶ୍ୱ ଉତ୍ତପ୍ତିକରଣ ବୋଲି କୁହାଯାଏ । ବିଶ୍ୱର ଉତ୍ତାପ ବୃଦ୍ଧିରେ ଯେଉଁ ଛଅଟି ମୁଖ୍ୟ ସବୁଜକୋଠରୀ ଗ୍ୟାସ୍ ପ୍ରଭାବ ପକାଇଥାଏ ସେଗୁଡ଼ିକ ହେଲା –

କାର୍ବନ ଡ଼ାଇକ୍ସାଇଡ୍, ମିଥେନ୍ ନାଇଟ୍ରସ୍ ଅକ୍ସାଇଡ୍ ହାଇଡ୍ରୋଫ୍ଲୋରୋ କାର୍ବନ, ପେରୁଫ୍ଲୁରୋ କାର୍ବନ ଏବଂ ସଲଫର୍ ହେକ୍ସା ଫ୍ଲୁରାଇଡ୍ ।

**ବିଶ୍ୱ ତାପାୟନରେ ପ୍ରଭାବ :**

(୧) ପୃଥିବୀର ଉତ୍ତର ମେରୁ, ଦକ୍ଷିଣ ମେରୁ, ଅଣ୍ଟାର୍କଟିକା ମହାଦେଶ ଆଦି ବରଫାବୃତ୍ତ ଅଞ୍ଚଳରେ ବରଫ ତରଳିବା ଦ୍ରୁତତର ହୋଇଛି ।

(୨) ଆଣ୍ଟାର୍କଟିକାରେ ବାସ କରୁଥିବା ପେଙ୍ଗୁଇନ୍‌ମାନଙ୍କ ସଂଖ୍ୟାରେ ଆଶାତୀତ ଭାବେ ହ୍ରାସ ଘଟିଛି । ତୁନ୍ଦ୍ରା ଅଞ୍ଚଳର ଭାଲୁଙ୍କ ପାଇଁ ଆଗକୁ ଭୟଙ୍କର ବିପଦ ମାଡ଼ି ଆସୁଛି ।

(୩) ଗତ ଶତାବ୍ଦୀ ତୁଳନାରେ ସମୁଦ୍ର ଜଳସ୍ତର (Sea level) ଅଧିକ ମାତ୍ରାରେ ବୃଦ୍ଧି ପାଇଛି । ସମୁଦ୍ର ଜଳର ଉତ୍ତାପ ବୃଦ୍ଧି ପାଇଛି ଯାହା ଜଳଜୀବ ଓ ସାମୁଦ୍ରିକ ପାଣପାଗକୁ ପ୍ରଭାବିତ କରୁଛି ।

(୪) ଅନେକ ଦ୍ୱୀପ – ସେଠାରେ ବାସ କରୁଥିବା ମଣିଷ, ଜୀବଜନ୍ତୁ, ବୃକ୍ଷଲତା ଏବଂ ବିଭିନ୍ନ ଦେଶର ସମୁଦ୍ର କୂଳିଆ ଅଞ୍ଚଳ ଜଳାର୍ଣ୍ଣବ ହେବାର ସମ୍ଭାବନା ରହିଛି ।

(୫) ପୃଥିବୀର ସବୁ ଅଞ୍ଚଳରେ ବର୍ଷା ଓ ବରଫପାତ ଅସ୍ୱାଭାବିକଭାବେ ବୃଦ୍ଧି ପାଇଛି ।

(୬) ହୁରିକାନ୍, ବାତ୍ୟା, ଟର୍ଣ୍ଣାଡ଼ୋ ଆଦି ପ୍ରାକୃତିକ ଦୁର୍ବିପାକ ସଂଖ୍ୟା ଓ ନଷ୍ଟ କରିବାର ଶକ୍ତି ଦୃଷ୍ଟିକୋଣରୁ ବୃଦ୍ଧିପାଇଛି ।

(୭) ବୃକ୍ଷଲତାମାନଙ୍କର ପରାଗସଂଗମ ପ୍ରଭାବିତ ହୋଇଛି । କୀଟପତଙ୍ଗ ଅସ୍ୱାଭାବିକ ଆଚରଣ କରୁଛନ୍ତି । ଗୋଲାପ ଫୁଲର ରଂଗ ମଧ୍ୟ ପ୍ରଭାବିତ ହୋଇଛି ।

(୮) ବନ୍ୟା ଓ ମରୁଡ଼ି ପୃଥିବୀରେ ସାଧାରଣ ଘଟଣାଭାବେ ପରିଗଣିତ ହେବାକୁ ଯାଉଛି । ବନ୍ୟା ଓ ମରୁଡ଼ି ପ୍ରପିଡ଼ିତ ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହେବେ ।

(୯) ଶୁଦ୍ଧ ଜଳ ମିଳିବା କଷ୍ଟକର ହେବ । ପିଇବା ପାଣି ଓ ବିଦ୍ୟୁତ ଶକ୍ତି ଉତ୍ପନ୍ନ ପାଇଁ ଜଳ ମିଳିବାରେ ଅସୁବିଧା ସୃଷ୍ଟି ହେବ।

(୧୦) କେତେକ ରୋଗ ଯେପରି ମ୍ୟାଲେରିଆ ବୃଦ୍ଧିପାଏ । ତଥାକଥିତ ପୃଥିବୀର ଉତ୍ତର ଗୋଲାର୍ଦ୍ଧର ଥଣ୍ଡା ଅଂଚଳରେ ଏହି ରୋଗର ପାଦୁର୍ଭାବ ବୃଦ୍ଧି ପାଇବ ।

(୧୧) ପାରିବେଶିକ ବ୍ୟବସ୍ଥାର ଭାରସାମ୍ୟରେ ଅସନ୍ତୁଳନ ଅବସ୍ଥାର ଫଳସ୍ୱରୂପ ଅନେକ ଜୀବଜନ୍ତୁ ଓ ବୃକ୍ଷଲତା ବାସସ୍ଥାନ / ସାଧାରଣତଃ ଦେଖାଯାଉଥିବା ଯାଗା ପରିବର୍ତ୍ତନ କରିବେ ବା ସବୁଦିନ ପାଇଁ ପୃଥିବୀ ପୃଷ୍ଠରୁ ନିଷ୍ଚିହ୍ନ ହୋଇଯିବେ ।

(୧୨) ଖାଦ୍ୟଶସ୍ୟ ଉତ୍ପାଦନ ପ୍ରଭାବିତ ହେବା ଉଷ୍ମ ଜଳବାୟୁ ଯୋଗୁଁ ପରିବର୍ତ୍ତିତ ପରିସ୍ଥିତିରେ ଅନେକ ବୃକ୍ଷଲତା ଲୋପପାଇଯିବେ। ଖାଦ୍ୟଶସ୍ୟ ଠିକ୍‌ରେ ନ ମିଳିଲେ ଦେଶ ଦେଶ ମଧ୍ୟରେ ଓ ଦେଶ ଭିତରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ ।

(୧୩) ଅଂଶୁଘାତ ମୃତ୍ୟୁ ସଂଖ୍ୟାର ବୃଦ୍ଧି ଘଟିବ । ପୃଥିବୀର ଅନେକ ଅଞ୍ଚଳରେ ଗରମ ପବନ ବହି ଜୀବନହାନୀ କରିବା ବଣଜଙ୍ଗଲ ବାରମ୍ବାର ନିଆଁ ଲାଗିବ ।

(୧୪) ପୃଥିବୀରେ ଦେଶ ନିର୍ବିଶେଷରେ ଆର୍ଥୀକ ମାନ୍ଦାବସ୍ଥା ଲାଗି ରହିବା ଖାଦ୍ୟ ଶସ୍ୟ ଉତ୍ପାଦନ କମିବା ସହ କୃଷି ସହ ଜଡ଼ିତ ଶିଳ୍ପ କାରଖାନାଗୁଡ଼ିକର ଉତ୍ପାଦନ ପ୍ରଭାବିତ ହେବ। ଭୋକ ସାରା ପୃଥିବୀରେ ଆଧିପତ୍ୟ ବିସ୍ତାର କରିବା ପର୍ଯ୍ୟଟନ, ମତ୍ସ୍ୟଉତ୍ପାଦନ ଓ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳର ଅର୍ଥନୀତି ବିଗିଡ଼ିଯିବ ।

ବିଶ୍ୱ ଉତ୍ତପ୍ତିକରଣର ପ୍ରଭାବ :

ବିଶ୍ୱ ଉତ୍ତପ୍ତିକରଣ ଦ୍ୱାରା ସମାଜ ଉପରେ ପଡୁଥିବା ପ୍ରଭାବଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଉଛି ।

(୧) ବିଶ୍ୱ ତାପମାତ୍ରାରେ ଦ୍ରୁତ ବେଗରେ ପରିବର୍ତ୍ତନ

(୨) ପାଗର ଅବସ୍ଥାରେ ଉତ୍କଟତା

(୩) ଜୈବ ପରିବେଶରେ ପ୍ରଭାବ

(୪) ସମୁଦ୍ର ପତନର ବୃଦ୍ଧି

(୫) ମହାସାଗରଗୁଡ଼ିକର ଅମ୍ଳତ୍ୱ ବୃଦ୍ଧି

(୬) କୃଷିଭିତ୍ତିକ ଉତ୍ପାଦନ ହ୍ରାସ

(୭) ମାନବ ସମାଜ (ବିଶେଷଭାବେ ମହିଳା) ଉପରେ ପ୍ରଭାବ ।

**ପ୍ର.୪. ପରିବେଶର ସୁରକ୍ଷା ପାଇଁ ଆନ୍ତଃରାଷ୍ଟ୍ରୀୟ ସ୍ତରରେ ଗଠିତ ହୋଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷରିତ ଚୁକ୍ତି ବିଷୟରେ ସବିଶେଷ ଆଲୋଚନା କର।**

**(Define some important international protocols organised to save the the Environment.)**

ଉ. ମଣିଷର ପରିବେଶର ଏକ ମୁଖ୍ୟ ଅଙ୍ଗ। ସୁସ୍ଥ ଜୀବନଯାପନ ପାଇଁ ସୁସ୍ଥ ପରିବେଶ ଏକାନ୍ତ ଆବଶ୍ୟକ। ବର୍ତ୍ତମାନ ବିଭିନ୍ନ ମାନବକୃତ କାରଣ ଯୋଗୁଁ ଆମ ପରିବେଶର ଦ୍ରୁତ ଅବକ୍ଷୟ ଘଟିବାରେ ଲାଗିଛି। ପ୍ରାକୃତିକ ସମ୍ବଳ ଉପରେ ଅତ୍ୟଧିକ ଚାପ ସୃଷ୍ଟି ହେତୁ ଏହା ଧୀରେ ଧୀରେ କ୍ଷୟ ହେବାରେ ଲାଗିଲାଣି। ନିକଟ ଭବିଷ୍ୟତରେ ଏହି ମୂଲ୍ୟବାନ ସମ୍ପଦଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବିଲୁପ୍ତି ହେବାର ଆଶଙ୍କାକୁ ମଧ୍ୟ ସହଜରେ ଏଡ଼ାଇ ଦିଆଯାଇନପାରେ। ଆମ ପରିବେଶକୁ ଧ୍ୱଂସ ମୁଖରୁ ଉଦ୍ଧାର କରିବାକୁ ହେଲେ ଆମମାନଙ୍କୁ ସର୍ବପ୍ରଥମେ ସତର୍କ ହେବାକୁ ପଡ଼ିବ। ବର୍ତ୍ତମାନ ପରିବେଶକୁ ପ୍ରଦୂଷଣ ରୂପକ ରାକ୍ଷସର

କବଳରୁ ରକ୍ଷା କରିବାକୁ ଉଭୟ ରାଷ୍ଟ୍ରୀୟ ଓ ଆନ୍ତଃରାଷ୍ଟ୍ରୀୟ ସ୍ତରରେ ବିଭିନ୍ନ ପଦକ୍ଷେପମାନ ନିଆଯାଉଛି। ବିଶେଷକରି ଆନ୍ତଃରାଷ୍ଟ୍ରୀୟ ସ୍ତରରେ ଦେଖିବାକୁ ଗଲେ ଅନେକଗୁଡ଼ିଏ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସେଗୁଡ଼ିକ ମଧ୍ୟରେ ମନଟ୍ରିଏଲ୍ (Montreal) ଚୁକ୍ତି, କ୍ୟୋଟୋ (Kyoto) ଚୁକ୍ତି। ଜୈବବିବିଧତାର ସୁରକ୍ଷା ସମ୍ବନ୍ଧୀୟ ଆନ୍ତଃରାଷ୍ଟ୍ରୀୟ ଚୁକ୍ତି ଇତ୍ୟାଦି ଅନ୍ୟତମ। ମଣ୍ଟ୍ରିଏଲ୍ ଚୁକ୍ତି ଓଜୋନ ସ୍ତରର ସୁରକ୍ଷାପାଇଁ ପଦକ୍ଷେପମାନ ନିର୍ଦ୍ଧାରିତ କରିଥିଲା। ଏହି ଚୁକ୍ତି ପ୍ରଥମ ପିଢ଼ି ଓ ଦ୍ୱିତୀୟ ପିଢ଼ିର ଓଜୋନ ସ୍ତରର କ୍ଷତିକାରୀ ପଦାର୍ଥଗୁଡ଼ିକୁ ଚିହ୍ନଟ କରିଥିଲା। ଏହି ଉପାୟ ଅନୁସାରେ ଓଜୋନ ସ୍ତରକୁ ପୁନଃ ଗଚ୍ଛିତ ତଥା ଏହାର କ୍ଷୟ ରୋକିବା ପ୍ରୟାସ କରାଯାଇଛି। ପ୍ରତ୍ୟେକ ଦେଶ ଏହି ଚୁକ୍ତିକୁ ଅନୁମୋଦନ ପ୍ରଦାନ କରିଛନ୍ତି। ବିକଶିତ ଓ ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏଥିରେ ସାମିଲ୍ ଅଛନ୍ତି।

କ୍ୟୋଟୋ ଚୁକ୍ତି ଅନୁଯାୟୀ ଜଳବାୟୁ ପରିବର୍ତ୍ତନର ଭୟାବହତା ଓ ଏହାର ନିରାକରଣ ସମ୍ବନ୍ଧୀୟ ପଦକ୍ଷେପ ଅନୁସରଣ ପାଇଁ ସବୁ ରାଷ୍ଟ୍ର ଏକାଠି ହୋଇପାରନ୍ତି ଓ ଏମାନେ ଏକାଠି ହୋଇ ବିଶ୍ୱ ତାପନର ହ୍ରାସ କରାଇବା ଓ ଅହେତୁକ ତାପମାତ୍ରା ବୃଦ୍ଧି ହେତୁ ୧୫୦ ବର୍ଷ ପରେ ଶିଳ୍ପାୟନ ଯୋଗୁଁ ଆମ ପୃଥିବୀ କିପରି ଭୟାବହ ଅବସ୍ଥାରେ ପହଞ୍ଚିଥିବ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥାଏ। ସେହିପରି ଭାବରେ ଜୈବବିବିଧତା ସମ୍ବନ୍ଧୀୟ ଆନୁଷ୍ଠାନିକ ବୈଠକର ତିନୋଟି ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା ଜୈବବିବିଧତା ସଂରକ୍ଷଣ, ଜୈବବିବିଧତାର ଉପଯୁକ୍ତ ବ୍ୟବହାର ଓ ଜିନୀୟ ସମ୍ପଦର ଉପଯୁକ୍ତ ବଣ୍ଟନ ଓ ବ୍ୟବହାର। ଉପରୋକ୍ତ ତିନୋଟି ଉଦ୍ଦେଶ୍ୟକୁ ତର୍ଜମା କରି ଜଣାଯାଏ ଏହି ବୈଠକର ମୂଳ ଲକ୍ଷ୍ୟ ହେଲା ଉଜ୍ଜ୍ୱଳ ଜୀବ ସମାଜ ନିର୍ମାଣ କରିବା। ଏହି ବୈଠକ ଦୈବ ପ୍ରଯୁକ୍ତି ବିଦ୍ୟାକୁ ମଧ୍ୟ ସିଧାସଳଖ କିମ୍ବା ପରୋକ୍ଷ ଭାବରେ ପ୍ରଭାବିତ କରିପାରିଛି। ଏହାର ପ୍ରଭାବ ବିଜ୍ଞାନ, ରାଜନୀତି, ଶିକ୍ଷା, କୃଷି, ବ୍ୟବସାୟ କ୍ଷେତ୍ର, ୨୦ ସ୍ତରି ଏବଂ ଆହୁରି ଅନେକ କ୍ଷେତ୍ରରେ ପଡ଼ିଛି। ଏହି ବୈଠକଟି କାନାଡ଼ାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକଟି ରିଓଡି ଜେନେରିଓ, ବ୍ରାଜିଲ୍ ଦ୍ୱାରା ଜୁନ୍ ୫, ୧୯୯୨ରେ ଆରମ୍ଭ ହୋଇଥିଲା ଏବଂ ଡିସେମ୍ବର ୨୯, ୧୯୯୩ ମସିହାରେ ସ୍ୱୀକୃତି ପାଇଲା। ଭାରତକୁ ମିଶାଇ ଆଜି ପର୍ଯ୍ୟନ୍ତ ଏଥିରେ ମୋଟ ୧୯୩ଟି ଦଳ ସାମିଲ୍ ହୋଇଛନ୍ତି।

**ପ୍ର.୫. ସୁସ୍ଥ ପରିବେଶ ପାଇଁ କିପରି ଜନସଚେତନତା ସୃଷ୍ଟି କରାଯାଇପାରିବ ?**

**(Explain how the public awareness can be created for Healthy Environment ?)**

**ଉ.** ମନୁଷ୍ୟ ଦୈନନ୍ଦିନ ଜୀବନ ପ୍ରବାହ, ଆଚାର ବ୍ୟବହାର ଓ ସମାଜ ଉପରେ ପ୍ରଭାବ ପକାଉଥିବା ବାହ୍ୟିକ ଶକ୍ତି, ଆବେଷ୍ଟନୀ ତଥା ତା'ର ଆନୁଷଙ୍ଗିକ ପ୍ରଭାବ ସମୂହକୁ ପରିବେଶ କୁହାଯାଏ । ଆମ ପୃଥିବୀର ଜଳ, ସ୍ଥଳ ଓ ବାୟୁମଣ୍ଡଳ ପରିବେଶର ଅନ୍ତର୍ଗତ । ସାଧାରଣ କଥାରେ ପରିବେଶ କହିଲେ ଆମ ଚାରିପାଖରେ ସବୁ ଜିନିଷ ଓ ଅବସ୍ଥାକୁ ବୁଝାଏ । ବିବର୍ତ୍ତନବାଦର ବହୁ ସୋପାନ ଅତିକ୍ରମ କରି ମନୁଷ୍ୟ ଆଜି ସଭ୍ୟ ଓ ଶିକ୍ଷିତ ହୋଇପାରିଛି । ଏହି ସଭ୍ୟ ଓ ଶିକ୍ଷିତ ହେବା ମୂଳରେ ବିଜ୍ଞାନର ଅବଦାନକୁ ସ୍ୱୀକାର କରିବାକୁ ହେବ । ସାଂପ୍ରତିକ କାଳରେ ମନୁଷ୍ୟ ଯେତିକି ସୁଖ ସ୍ୱାଚ୍ଛନ୍ଦ୍ୟରେ ରହୁଛି ତା'ଠାରୁ ଅଧିକ ସଂକଟ ଅବସ୍ଥାରେ ବଞ୍ଚୁଛି । ଏହି ସଂକଟଗୁଡ଼ିକ ମଧ୍ୟରେ ଶିଳ୍ପର ପ୍ରସାର, ଜନସଂଖ୍ୟା ବିସ୍ଫୋରଣ, କୀଟନାଶକ ଔଷଧ, ଅରଣ୍ୟ ସମ୍ପଦ କ୍ଷୟ ଓ ବୈଜ୍ଞାନିକ ପରୀକ୍ଷା ପ୍ରଭୃତି ଅନ୍ତର୍ଭୁକ୍ତ । ଆମ ବାୟୁମଣ୍ଡଳ ଧୀରେ ଧୀରେ ଏହି ପ୍ରଦୂଷଣ ଯୋଗୁଁ କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ମଣିଷ ଏହି ବାୟୁ ସେବନ କରି ଜୀବନକୁ ସଂକଟମୟ କରୁଛି । ତେଣୁ ପରିବେଶକୁ ପ୍ରଦୂଷଣ ମୁକ୍ତ କରି ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଜନସଚେତନତା ଲୋଡ଼ା ।

ପ୍ରଦୂଷଣ ପ୍ରଭାବକୁ ହ୍ରାସ କରିବାପାଇଁ ଦୃଢ଼ ଜନମତ ଆବଶ୍ୟକ । ଆବାଳ ବୃଦ୍ଧ ବନିତା ସୁସ୍ଥ ପରିବେଶ ପାଇଁ ଜନମତ ସୃଷ୍ଟି କରିବା ଉଚିତ୍ । ମାନବ ସମାଜକୁ ଆସନ୍ନ ମୃତ୍ୟୁ କବଳରୁ ରକ୍ଷା କରିବାପାଇଁ ପରିବେଶର ସୁରକ୍ଷା ସର୍ବାଦୌ କରଣୀୟ । ଏଥିପାଇଁ ନାନାବିଧ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।

୧ । ଜନମତ ସୃଷ୍ଟି କରିବାପାଇଁ ସରକାରୀ ତଥା ବେସରକାରୀ ଉଦ୍ୟମ ଅବ୍ୟାହତ ରହିବା ଉଚିତ୍ । ପରିବେଶର ଉପଯୁକ୍ତ ସୁରକ୍ଷା ଓ ଉନ୍ନତିକଳ୍ପେ ବିଭିନ୍ନ କର୍ମଶାଳା, ପଦଯାତ୍ରା ଓ ଆଲୋଚନା ଚକ୍ର ପ୍ରଭୃତି ଅନୁଷ୍ଠିତ ହେବା ଦରକାର ।

୨ । ମହାବିଦ୍ୟାଳୟର N.S.S. Camp ଜରିଆରେ ଯୁବଗୋଷ୍ଠୀ ଓ ଛାତ୍ର ସମାଜ ସକ୍ରିୟ ଅଂଶ ଗ୍ରହଣ କରି ସୁସ୍ଥ ପରିବେଶ ସଂପର୍କୀୟ ଗ୍ରାମାଞ୍ଚଳରେ ଜନସଚେତନତା ସୃଷ୍ଟି କରିବା ଉଚିତ୍ ।

୩ । ପରିବେଶ ସଂରକ୍ଷଣ ଓ ବୃକ୍ଷରୋପଣ ମଧ୍ୟରେ ଅଙ୍ଗାଙ୍ଗୀ ସମ୍ପର୍କ ରହିଛି । ଆମେ ଜାଣିଥିଲୁ 'ଜଳ ହିଁ ଜୀବନ' । ଏବେ ତା' ସାଙ୍ଗକୁ 'ବୃକ୍ଷ ହିଁ ଜୀବନ' କୁହାଯାଇଛି । ତେଣୁ ଗୋଟିଏ ବୃକ୍ଷ, ଗୋଟିଏ ଜୀବନର ଦ୍ୱାହି ଦେଇ ଆମେ ବୃକ୍ଷରୋପଣ କରିବା ଉଚିତ୍ । ବୃକ୍ଷ ନ ରହିଲେ ପ୍ରାଣୀ ମୁହୂର୍ତ୍ତେ ବଞ୍ଚିପାରିବ ନାହିଁ । ବାୟୁରେ ମିଶିଥିବା ଅମ୍ଳଜାନକୁ ଆମେ ଶ୍ୱାସକ୍ରିୟାଦ୍ୱାରା ଦେହ ଭିତରକୁ ନେଇ ବଞ୍ଚିରହୁ । ଏହି ଅମ୍ଳଜାନକୁ ବୃକ୍ଷ ହିଁ ତିଆରି କରେ ।

୪ । ପରିବେଶ ପ୍ରଦୂଷଣର କୁପରିଣାମ ସଂପର୍କରେ ଜନଚେତନା ସୃଷ୍ଟି କରିବା ପାଇଁ ଦୂରଦର୍ଶନ, ପ୍ରାମାଣିକ ଚଳଚ୍ଚିତ୍ର ମାଧ୍ୟମରେ ସୁବନ୍ଦୋବସ୍ତ ହେବା ଉଚିତ୍ । ସରକାରୀ ଓ ବେସରକାରୀ ସଂସ୍ଥା ଆନୁକୂଲ୍ୟରେ ପ୍ରାମାଣିକ ଚିତ୍ର ଓ ପରିବେଶ ସଂପର୍କୀୟ ସ୍ଲାଇଡ୍ ଗାଁ ଗହଳରେ ପ୍ରଦର୍ଶିତ ହେବା ଆବଶ୍ୟକ ।

୫ । ସାମାଜିକ ବନୀକରଣ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯିବା ଉଚିତ୍ । ବନ୍ୟ ସମ୍ପଦ ଯେପରି କ୍ଷୟ ନହୁଏ ସେଥିପାଇଁ ବ୍ୟବସ୍ଥା ହେବା ଦରକାର । ଅନ୍ଧଭାବରେ ବୃକ୍ଷଛେଦନ ଏକ ଧର୍ତ୍ତବ୍ୟ ଅପରାଧ ହେବା ଉଚିତ୍ ।

୬ । ପାଠ୍ୟପୁସ୍ତକ ଓ ବିଭିନ୍ନ ପତ୍ରପତ୍ରିକାରେ ପରିବେଶ ପ୍ରଦୂଷଣ ଭୟାବହତା ଓ ପ୍ରତିକାର ସଂର୍ପକରେ ପ୍ରବନ୍ଧମାନ ସ୍ଥାନ ପାଇବା ଉଚିତ୍ । ଏପରିକି ସ୍କୁଲ ଓ କଲେଜର ପରିବେଶ ସମ୍ବନ୍ଧୀୟ ପାଠ୍ୟକ୍ରମ ଶିକ୍ଷା ଦିଆଯିବା ଦରକାର ।

୭ । ଗ୍ରାମାଞ୍ଚଳରେ ସୃଷ୍ଟି ହୋଇଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ସରକାରୀ ଆର୍ଥିକ ସାହାଯ୍ୟ ଯୋଗାଇଦେବା ଦରକାର । ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମାଞ୍ଚଳରେ ବିଭିନ୍ନ କର୍ମଶାଳା, ବକ୍ତୃତା ଓ ଚିତ୍ରାଙ୍କନ ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରିବା ଉଚିତ୍ ।

୮ । ଆମ ପରିବେଶରେ ଥିବା ଔଷଧ ବୃକ୍ଷଗୁଡ଼ିକର ସୁରକ୍ଷା ଏକାନ୍ତ ପ୍ରୟୋଜନ । କିନ୍ତୁ ଜଙ୍ଗଲ ଧ୍ୱଂସ ପାଇଯାଉଥିବାରୁ ଅନେକ ଦୁଷ୍ପ୍ରାପ୍ୟ, ବୃକ୍ଷଲତା, ଗୁଳ୍ମ ପୃଥିବୀପୃଷ୍ଠରୁ ଲୋପପାଇଗଲାଣି । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଙ୍ଗଲ ମାନବ ସମାଜର ଉପକାର କରିଥାଏ । ନିୟମିତ ବୃଷ୍ଟି ତଥା ମୃତ୍ତିକା ସଂରକ୍ଷଣରେ ଜଙ୍ଗଲ ବିଶେଷ ସହାୟକ ହୋଇଥାଏ । ସୁତରାଂ ବନ୍ୟ ସଂପଦର ସୁରକ୍ଷା ଦେବା ଏକାନ୍ତ ବିଧେୟ ।

୯ । ସହର ଓ ବଜାରର ଛକ ସ୍ଥାନରେ ଅନେକ ଗାଡ଼ି, ମଟର, ସ୍କୁଟର, ମଟରସାଇକେଲ୍ ଅଟକି ଯାଆନ୍ତି । ସେଗୁଡ଼ିକ ପାଞ୍ଚ, ଦଶ ମିନିଟ୍ ପର୍ଯ୍ୟନ୍ତ ଷ୍ଟପେଜ କରି ବିକଟ ଶବ୍ଦ କରନ୍ତି । ଯାହାଦ୍ୱାରା ଶବ୍ଦ ପ୍ରଦୂଷଣ ହୁଏ । ସୁତରାଂ ଗାଡ଼ି ଚାଳକମାନଙ୍କୁ ଶବ୍ଦ ପ୍ରଦୂଷଣ ସମ୍ପର୍କରେ ସଚେତନ କରିବା ଉଚିତ୍ ।

୧୦ । ଜନସଂଖ୍ୟା ବୃଦ୍ଧିକୁ ରୋକିପାରିଲେ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ । ତେଣୁ ପ୍ରତ୍ୟେକ ଦମ୍ପତି ଗୋଟିଏ କିମ୍ବା ଦୁଇଟି ସନ୍ତାନ ପାଇଁ ଶପଥ ନେବା ଉଚିତ୍ ।

୧୧ । ପରିବେଶ ମଇଳା ଯୋଗୁଁ ୧୯୯୪ ମସିହାରେ ସୁରତ ସହରରେ ପ୍ଲେଗ ମହାମାରୀ ରୂପ ନେଲା । ତେଣୁ ସୁନ୍ଦର, ବଜାର ପରିଷ୍କାର କରିବାପାଇଁ ଜନମତ ସୃଷ୍ଟି କରିବା ଲୋଡ଼ା ।

୧୨ । ପୋଖରୀହୁଡ଼ା କିମ୍ବା ନଦୀବନ୍ଧରେ ଝାଡ଼ା ନଫେରି ନିଜ ବାଡ଼ିରେ ପାଇଖାନା ସ୍ଥାପନ କରିବା ଉଚିତ୍ । ଫଳରେ ପୋଖରୀ ଓ ନଦୀ ଜଳ ଦୂଷିତରୁ ମୁକ୍ତି ପାଇବ ।

୧୩। କଳ ଓ କାରଖାନାର ମାଲିକମାନେ ପର୍ଯ୍ୟାପ୍ତ ପରିମାଣରେ ଗଛ ଲଗାଇବେ ।

୧୪। ପରିବେଶର ସୁରକ୍ଷା ହେଉଛି ମଣିଷ ଜାତିର ସୁରକ୍ଷା । ତେଣୁ ଲୋକ ସଚେତନତା ଦରକାର ।

୧୫। ନାଳନର୍ଦ୍ଦମା ଓ ଆବର୍ଜନାସ୍ଥଳୀଗୁଡ଼ିକୁ ବୈଜ୍ଞାନିକ ପ୍ରଣାଳୀରେ ବାଷ୍ପରହିତ କରିବାକୁ ପଡ଼ିବ ।

ତେଣୁ ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ତଥା ପ୍ରାକୃତିକ ପରିବେଶ ଧ୍ୱଂସ ହେଲେ ମାନବ ସଭ୍ୟତାର ଧ୍ୱଂସ ଅବଶ୍ୟମ୍ଭାବୀ । ସୁତରାଂ ଏହି ପରିବେଶକୁ ନିର୍ମଳ ତଥା ସୁସ୍ଥ ରଖିବା ସମସ୍ତଙ୍କର କର୍ତ୍ତବ୍ୟ । ବ୍ୟକ୍ତିର ହର୍ଷ ବିଷାଦ, ସଫଳତା ବିଫଳତା, ଜୀବନଯାପନ ପରିବେଶ ଉପରେ ହିଁ ନିର୍ଭର କରିଥାଏ । ଆମେ ସମସ୍ତେ ଜାଣି ରଖିବା ଉଚିତ୍ ଯେ ଏହି ବିଶାଳ ପୃଥିବୀରେ ଯେଉଁ ଜୀବଜଗତ ଅଛି ଆମେ ତାହାର ଅଂଶମାତ୍ର । ଆମେ ଯଦି ମାତୃରୂପିଣୀ ପ୍ରକୃତିଠାରୁ ଜୀବନଧାରଣର ନ୍ୟାଯ୍ୟ ଦାବିଗୁଡ଼ିକୁ ସଂଗ୍ରହ କରିବା ତାହାହେଲେ ସେହି ଜନନୀ ଆବଶ୍ୟକ ସମ୍ପଦ ଯୋଗାଇଦେବ । ଏହି ଦୃଷ୍ଟିରୁ ବିଚାରକଲେ ସୁସ୍ଥ ପରିବେଶ ପାଇଁ ରମଣୀୟ ପ୍ରକୃତିର ସୁରକ୍ଷା ଆବଶ୍ୟକ ଯାହା ମନୁଷ୍ୟକୁ ନିଶ୍ଚିତ ଧ୍ୱଂସ ମୁଖରୁ ରକ୍ଷା କରିପାରିବ । ତେବେ ମଣିଷ ନିଜର ସୁରକ୍ଷା ଦୃଷ୍ଟିରୁ କିଛି ଭିନ୍ନ ଚିନ୍ତା କରିବା ଅତି ଜରୁରୀ । ତା'ର ପ୍ରଥମ ଚିନ୍ତା ହେବ ନିଜର ଜୀବନଧାରାକୁ ବଦଳାଇବା, ମଣିଷର ଜୀବନ ଓ ସମାଜକୁ ପ୍ରକୃତି ଆଡ଼କୁ ମୁହାଁଇବା । ଏହା ହେବ ସର୍ବଶେଷ ସମାଧାନ । ତେଣୁ ଏହାର ଆରମ୍ଭ ରହିଛି ଜୀବମଣ୍ଡଳର ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟହାତରେ ।

❑❑❑

Democracy (ଗଣତନ୍ତ୍ର) — Rahul Sir

1. ଗଣତନ୍ତ୍ରର ଅର୍ଥ : (Meaning of Democracy)

(ଗଣତନ୍ତ୍ରଶବ୍ଦଟି ଗ୍ରୀକ୍ ଭାଷା Demos (ଜନ) ଓ Kratos (କ୍ଷମତା) ର ସମନ୍ୱୟ ଶବ୍ଦରେ ଗଠିତ ହୋଇଛି। Demos ର ଅର୍ଥ ହେଉଛି - Citizen ବା ନାଗରିକତା ବା ଲୋକମାନେ ଓ Kratos ର ଅର୍ଥ ହେଉଛି - Power ବା କ୍ଷମତା। ତେଣୁ ଏହାର ଆକ୍ଷରିକ ଅର୍ଥ ହେଉଛି ଜନଶାସନ)। (ଗଣତନ୍ତ୍ର ର ଅର୍ଥ ହେଉଛି ଲୋକମାନଙ୍କ ଶାସନ ବା ଯେଉଁ ଶାସନ ବ୍ୟବସ୍ଥାରେ କ୍ଷମତା ଲୋକମାନଙ୍କ ହାତରେ ନ୍ୟସ୍ତ ଥାଏ ଓ ଶାସନ ବ୍ୟବସ୍ଥାଟି ଲୋକମାନେ ନିଜେ ନିର୍ବାଚିତ କରିଥାନ୍ତି। ଏହିପରି ଶାସନବ୍ୟବସ୍ଥାକୁ ଆମେ ଗଣତନ୍ତ୍ର ବା Democracy କହିଥାଉ।) (ଏହି ଶାସନ ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାଧୀନତା, ବ୍ୟକ୍ତି ଅଧିକାର ଓ ବ୍ୟକ୍ତି ମାନଙ୍କର ମୌଳିକ ଅଧିକାର ଉପରେ ଏକ ~~ସର୍ବାଧିକ~~ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ତେଣୁ ଏହା ଏକ ଲୋକପ୍ରିୟ ଶାସନ ବ୍ୟବସ୍ଥା ଅଟେ।)

ସଂଜ୍ଞା :

- ଲର୍ଡ ବ୍ରାଇସ (Lord Bryce) ଙ୍କ ମତରେ, "ଯେଉଁ ସରକାରରେ କ୍ଷମତା ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକଙ୍କ ହାତରେ ନ ରହି ସମଗ୍ର ଗୋଷ୍ଠୀର ସଦସ୍ୟମାନଙ୍କ ହାତରେ ଆଇନତଃ ନ୍ୟସ୍ତ ଥାଏ, ତାକୁ ଗଣତନ୍ତ୍ର କୁହାଯାଏ।"
- ରାଜନୀତି ବିଜ୍ଞାନୀ ସିଲି (Seeley) କହିଛନ୍ତି, "ଗଣତନ୍ତ୍ର ହେଉଛି ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ସମସ୍ତଙ୍କର ଭାଗିଦାରି ରହିଥାଏ।"
- ଆମେରିକାର ଭୂତପୂର୍ବ ପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ (Abraham Lincoln) ଙ୍କ ମତରେ - "ଗଣତନ୍ତ୍ର ହେଉଛି ଜନସାଧାରଣଙ୍କର, ଜନସାଧାରଣଙ୍କ ଦ୍ୱାରା ଓ ଜନସାଧାରଣଙ୍କ କଲ୍ୟାଣ ପାଇଁ ପ୍ରତିଷ୍ଠିତ ସରକାର।"

ସୁତରାଂ ଗଣତନ୍ତ୍ର କହିଲେ ଆମେ ବୁଝିବା ଯେ, କୌଣସି ବ୍ୟକ୍ତି ବା ଗୋଷ୍ଠୀ ନୁହଁନ୍ତି, ସମସ୍ତ ବ୍ୟକ୍ତି ହିଁ ରାଷ୍ଟ୍ରର ସାର୍ବଭୌମ କ୍ଷମତାର ଅଧିକାରୀ। ଅର୍ଥାତ୍ ଗଣତନ୍ତ୍ର ହେଉଛି ଏପରି ଏକ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ଯେଉଁଥିରେ ରାଷ୍ଟ୍ରର ସାର୍ବଭୌମ କ୍ଷମତା ଜନସାଧାରଣଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ରହିଥାଏ ଏବଂ ଏଠାରେ ଲୋକମାନେ ପ୍ରତ୍ୟକ୍ଷ ଭାବରେ ଅଥବା ନିଜର ପ୍ରତିନିଧି ମାନଙ୍କ ଦ୍ୱାରା ଶାସନକୁ ଏକ ମୁକ୍ତ ନିର୍ବାଚନ (Free electoral system) ମାଧ୍ୟମରେ କ୍ଷମତାକୁ ନିର୍ଧାରିତ ବା କାର୍ଯ୍ୟକାରୀ କରିଥାନ୍ତି।

**ରାଜନୈତିକ ଗଣତନ୍ତ୍ର (Political Democracy):** ଗଣତନ୍ତ୍ର ସୃଷ୍ଟି ଏକ ସୁସ୍ଥ ରାଷ୍ଟ୍ର ଶାସନରେ ଶାସକମାନେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ଏହି ଗଣତନ୍ତ୍ର ପ୍ରକୃତ ଅର୍ଥ ନିର୍ବାଚନ ନିର୍ଦ୍ଦିଷ୍ଟ ସମୟରେ ଉତ୍ତରଦାୟୀ, ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକଙ୍କର ଭୋଟ ଦେବା ଓ ନିର୍ବାଚନ ଅଧିକାର ସ୍ୱୀକାର- ସାର୍ବଜନୀନ ମତଦାନ ର ଅଧିକାର ।

**ସାମାଜିକ ଗଣତନ୍ତ୍ର (Social Democracy):** ସମାଜରେ ସମ୍ପତ୍ତି, ସ୍ୱାଧୀନ, ଅଧିକାର, କ୍ଷମତା, ସୁଯୋଗ ସୁବିଧା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯଥାର୍ଥ ବିତରଣ କରିବ ।

**ସାର୍ବଭୌମତ୍ୱ (Sovereign):** ସାର୍ବଭୌମତ୍ୱ ଗଣତନ୍ତ୍ରର ପ୍ରଧାନ ବୈଶିଷ୍ଟ୍ୟ ଅଟେ । ଗଣତନ୍ତ୍ର ଶାସନରେ ଜନସମୂହ ସାର୍ବଭୌମ କ୍ଷମତାର ଉତ୍ସ ଓ ଅଧିକାରୀ । ଗଣତନ୍ତ୍ରରେ ଥିବା ସରକାର ଜନସମୂହ ନିଜଙ୍କୁ ନିର୍ବାଚନ ମାଧ୍ୟମରେ କ୍ଷମତା ପ୍ରଦାନ କରନ୍ତି ଓ ସେମାନଙ୍କ ନିକଟରେ ଉତ୍ତରଦାୟୀ ରହନ୍ତି । ସରକାର ଜନତାଦ୍ୱାରା ନିୟନ୍ତ୍ରିତ ଓ ପ୍ରଭାବିତ ହୁଏ । ଗଣତନ୍ତ୍ରରେ ଜନତାର ଇଚ୍ଛାକୁ ଗୁରୁତ୍ୱ ଦିଆଯାଏ ।

2. **ଗଣତନ୍ତ୍ରର ପ୍ରକାରଭେଦ (types of Democracy)**

| Direct Democracy (ପ୍ରତ୍ୟକ୍ଷ ଗଣତନ୍ତ୍ର) | Indirect Democracy (ପରୋକ୍ଷ ଗଣତନ୍ତ୍ର) |
|---|---|
| (1) ପ୍ରତ୍ୟକ୍ଷ ଗଣତନ୍ତ୍ରରେ ନିଷ୍ପତ୍ତି ନେବା କ୍ଷମତା ଓ ସାର୍ବଭୌମତ୍ୱ କ୍ଷମତା ଜନସାଧାରଣ ସିଧାସଳଖ ପ୍ରୟୋଗ କରନ୍ତି । | (1) ପରୋକ୍ଷ ଗଣତନ୍ତ୍ରରେ ନିଷ୍ପତ୍ତି ନେବା କ୍ଷମତା ଓ ସାର୍ବଭୌମତ୍ୱ କ୍ଷମତା ଜନସାଧାରଣ ନିର୍ବାଚିତ ପ୍ରତିନିଧି ମାନଙ୍କ ମାଧ୍ୟମରେ ପ୍ରୟୋଗ କରନ୍ତି । |
| (2) ପ୍ରତ୍ୟକ୍ଷ ଗଣତନ୍ତ୍ରର ମୋଟ 3 ପ୍ରକାର । ସେଗୁଡ଼ିକ ହେଲା- i. ଗଣଭୋଟ (Referendum) 2. ଗଣପ୍ରସ୍ତାବ (initiative) 3. ପ୍ରତ୍ୟାହାର (Recall) | (2) ପରୋକ୍ଷ ଗଣତନ୍ତ୍ର ଦୁଇ ମାଧ୍ୟମରେ ସମ୍ପାଦନ ହୋଇଥାଏ । ଯଥା- i. ସଂସଦୀୟ ଗଣତନ୍ତ୍ର (Parliamentary Democracy) ii. ରାଷ୍ଟ୍ରପତିଶାସିତ ଗଣତନ୍ତ୍ର (Presidental Democracy) |

(1) ଗଣଭୋଟ (Referendum)-

ଏ ପ୍ରକାର ସାଧାରଣ ତାତ୍ପର୍ଯ୍ୟ ହେଉଛି ବ୍ୟବସ୍ଥାପିକା ସଭାରେ ଗୃହୀତ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ, ଜନସାଧାରଣଙ୍କ ନିକଟରେ ମତାମତ ପାଇଁ ଉପସ୍ଥାପିତ କରାଯିବ । ଗଣଭୋଟ ମାଧ୍ୟମରେ ସଂଖ୍ୟାଗରିଷ୍ଠଙ୍କ ଦ୍ୱାରା ଗୃହୀତ ହେଲା ପରେ କାର୍ଯ୍ୟକାରୀ ହୋଇଥାଏ । ଏହାକୁ ଉପକ୍ରମ ମଧ୍ୟ କୁହାଯାଏ ।

(2) ଗଣଉଦ୍ୟମ:(Initiative)

ଯେତେବେଳେ ଲୋକମାନେ କୌଣସି ଆଇନ ପ୍ରଣୟନର ଆବଶ୍ୟକତା ଅନୁଭବ କରନ୍ତି, ସେତେବେଳେ ସ୍ୱାକ୍ଷର ପତ୍ର ଉପସ୍ଥାପିତ କରାଯାଏ । ଲୋକେ ଆଇନ ପ୍ରଣୟନରେ ପ୍ରାଥମିକ ଉପକ୍ରମ କରୁଥିବାରୁ ଏହାକୁ ଉପକ୍ରମ ମଧ୍ୟ କୁହାଯାଏ ।

(3) ପ୍ରତ୍ୟାହାର:(Re call)

ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ ସନ୍ତୋଷଜନକ ନହେଲେ, ତାଙ୍କୁ ସେ କୌଣସି ସମୟରେ ପ୍ରତିନିଧି ପଦରୁ ବହିଷ୍କୃତ କରିବାର ଅଧିକାର ନିର୍ବାଚକ ମଣ୍ଡଳୀର ରହିଥାଏ । ସେଥିପାଇଁ ଏହାକୁ 'ପ୍ରତ୍ୟାହାର' (Re call) କୁହାଯାଏ ।

(1) ସଂସଦୀୟ ଗଣତନ୍ତ୍ର:(Parliamentary Democracy)

a. ସାମୂହିକ ଉତ୍ତରଦାୟିତ୍ୱ (Collective Responsibility)

ସମ୍ବିଧାନର ଧାରା ୭୫(3) ରେ ଉଲ୍ଲେଖ ଅଛି ଯେ ମନ୍ତ୍ରୀମଣ୍ଡଳ ସାମୂହିକ ଭାବରେ ଲୋକସଭା ନିକଟରେ ଉତ୍ତରଦାୟୀ । ଯଦି ସଂସଦରେ ଅନାସ୍ଥା ପ୍ରସ୍ତାବ ପାସ ହୁଏ ତେବେ ସମସ୍ତଙ୍କୁ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେବାକୁ ହୋଇଥାଏ । ସାମୂହିକ ଉତ୍ତରଦାୟିତ୍ୱ ରେ ସଂସଦର ସଦସ୍ୟ ମାନଙ୍କ ମଧ୍ୟରୁ ମନ୍ତ୍ରୀ ମାନଙ୍କୁ ଚୟନ କରାଯାଇଥାଏ । ଯଦି କୌଣସି ମନ୍ତ୍ରୀ ସଂସଦର ସଦସ୍ୟ ନୁହଁନ୍ତି ତେବେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥାନ୍ତି ।

b. ସଂସଦୀୟ ଗଣତନ୍ତ୍ରରେ ଦ୍ୱୈତ ସଦସ୍ୟତା (Dual membership) ମଧ୍ୟ ଦେଖିବାକୁ ମିଳିଥାଏ । ଏଠାରେ ସଂସଦ ସଦସ୍ୟ ଓ ଶାସକ ଭାବେ କାର୍ଯ୍ୟ କରିଥାନ୍ତି ।

c. ସଂସଦୀୟ ଗଣତନ୍ତ୍ରରେ ବିଧାନସଭା ଭଙ୍ଗ (Dissolution of legislature) ର ବ୍ୟବସ୍ଥା ରହିଛି ।

d. ଏଥିରେ ରାଷ୍ଟ୍ର ମୁଖ୍ୟ ରାଷ୍ଟ୍ରପତି ହୋଇଥିବା ବେଳେ ସରକାର ମୁଖ୍ୟ ପ୍ରଧାନ ମନ୍ତ୍ରୀ ହୋଇଥାନ୍ତି ।

(2) ରାଷ୍ଟ୍ରପତି ଶାସିତ ଗଣତନ୍ତ୍ର:(Presidential Democracy)

a. ରାଷ୍ଟ୍ରପତି ଶାସିତ ଗଣତନ୍ତ୍ରରେ କ୍ଷମତାର ପୃଥକୀକରଣ (Distribution of Power) ହୋଇଥାଏ ।

b. ଏଠାରେ ଦ୍ୱୈତ ସଦସ୍ୟତା (Dual membership) ଏବଂ ବିଧାନସଭା ଭଙ୍ଗ (Dissolution of legislature) ଦେଖାଯାଏ ନାହିଁ । ଏଥିରେ କ୍ଷମତାକୁ ବିଭିନ୍ନ ଭାଗରେ ଭାଗ କରାଯାଇଥାଏ ।

c. ରାଷ୍ଟ୍ରପତି ଶାସିତ ଗଣତନ୍ତ୍ରରେ ଉଭୟ ରାଷ୍ଟ୍ରମୁଖ୍ୟ ଓ ସରକାରର ମୁଖ୍ୟ ରାଷ୍ଟ୍ରପତି ଥାଆନ୍ତି ।

୨. 'ଗଣତନ୍ତ୍ର ହେଉଛି ଏକ ଜୀବନ ଧାରା' - ଏହି ଉକ୍ତିଟିର ତାତ୍ପର୍ଯ୍ୟ ବିଶଦ ଆଲୋଚନା କର।

A) ଉ. ପ୍ରାଚୀନ କାଳରୁ ଗ୍ରୀସ ଦେଶରୁ ଅଧିବାସୀ ଗଣତନ୍ତ୍ରକୁ ଏକ ଅଧିବାସୀଙ୍କ ନୈତିକ ଉନ୍ନତି ଧାରଣା କରିଥିଲେ। ପ୍ରାଚୀନମାନଙ୍କ ମତରେ ଗଣତନ୍ତ୍ର ହେଉଛି ଏକ ଜୀବନ ଧାରା। ଗଣତନ୍ତ୍ର କେବଳ ଏକ ରାଜନୈତିକ ବ୍ୟବସ୍ଥା ନୁହେଁ। ଗଣତନ୍ତ୍ରର ତିନୋଟି ଦିଗ ସ୍ୱତନ୍ତ୍ରତା, ସମାନତା, ଭ୍ରାତୃତା ଓ ଆଧାରରେ ରହିଛି। ସ୍ୱତନ୍ତ୍ରତା - ବାକ ସ୍ୱାଧୀନତା, ମତ ପ୍ରକାଶ, ଧର୍ମ ପାଳନ, ସମ୍ପତ୍ତି ଭୋଗ କରିବାର ଓ।

ସମାନତା - ସମାନ ସୁଯୋଗ ଓ ସାମାଜିକ ସୁରକ୍ଷା

ସଂଜ୍ଞା (Defenation) ଭ୍ରାତୃତା - ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ମିଳି ମିଳି ଭାଇଚାରା ଭାବନା ରଖିବା, ବନ୍ଧୁତା କରିବା।

ଲର୍ଡ ବ୍ରାଇସ (Lord Bryce) ଙ୍କ ମତରେ, "ଯେଉଁ ସରକାରରେ ଶାସନ କ୍ଷମତା କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକଙ୍କ ହାତରେ ନ ରହି, ସମଗ୍ର ଗୋଷ୍ଠୀର ହାତରେ ନ୍ୟସ୍ତ ଥାଏ, ତାକୁ ଗଣତନ୍ତ୍ର କୁହାଯାଏ।"

ରାଜନୀତି ବିଜ୍ଞାନୀ ସିଲି (Seeley) କହିଛନ୍ତି, "ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ସମସ୍ତଙ୍କର ଭାଗିଦାରୀ ରହିଥାଏ।"

ଆମେରିକାର ଷୋଡ଼ଶ ପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ (Abraham Lincoln) ଙ୍କ ମତରେ - "ଗଣତନ୍ତ୍ର ହେଉଛି ଜନସାଧାରଣଙ୍କର, ଜନସାଧାରଣଙ୍କ ଦ୍ୱାରା ଓ ଜନସାଧାରଣଙ୍କ କଲ୍ୟାଣ ପାଇଁ ପ୍ରତିଷ୍ଠିତ ସରକାର।"

ଗଣତନ୍ତ୍ର ହେଉଛି ଏପରି ଏକ ସାମାଜିକ (Social) ଓ ରାଜନୈତିକ (Political) ବ୍ୟବସ୍ଥା ଯେଉଁଥିରେ ରାଷ୍ଟ୍ରର ସାର୍ବଭୌମତ୍ୱ କ୍ଷମତା ଜନସାଧାରଣଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ରହିଥାଏ। ଏଠାରେ ଶାସକ ମାନେ ଲୋକ ମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି। ଜନସାଧାରଣ ପ୍ରତ୍ୟକ୍ଷ ଭାବରେ ହୁଅନ୍ତୁ ଅଥବା ନିଜର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଶାସନ କୁ ପରିଚାଳିତ କରନ୍ତି। [redacted] ଏହା ଏକ ମୁକ୍ତ ନିର୍ବାଚନ କରନ୍ତି। [redacted] (Free electoral system) ମାଧ୍ୟମରେ କ୍ଷମତାକୁ ନିର୍ବାଚିତ / ହସ୍ତାନ୍ତର କରିଥାନ୍ତି।

ସାମାଜିକ ସମାନତା:(Social Equality)

ସାମାଜିକ ମର୍ଯ୍ୟାଦା, ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଧନୀ ଗରିବ ଆଦି ଭିତ୍ତିରେ ଆଧାରରେ କୌଣସି ଭେଦଭାବ ସୃଷ୍ଟି ନକରି ସାମାଜିକ ସମାନତା ବିରୋଧ କରେ। ଅର୍ଥାତ୍ ଆଇନ ଆଗରେ ସମସ୍ତେ ସମାନ।

Dr. Ambedkar କହିଥିଲେ, ଯେ ଭାରତରେ କେବଳ ଗଣତନ୍ତ୍ର ନୁହେଁ ସାମାଜିକ ଗଣତନ୍ତ୍ର ଆସିବା ଦରକାର । ଏହାର ଅର୍ଥ ହେଉଛି ଏକ ଗଣତନ୍ତ୍ରରେ ସ୍ୱାଧୀନତା (Liberty, ସମାନତା (equality) ଏବଂ ଭ୍ରାତୃତା / ଭାଇଚାରା (Fraternity) ର ନୀତିକୁ ଆବଶ୍ୟକ କରିଛି । ଯଦି ସ୍ୱାଧୀନତା ଓ ସମାନତା ରହେ କିନ୍ତୁ ଭ୍ରାତୃତା ନ ଥାଇ ରହେ ତେବେ ଭ୍ରାତୃତା / ଭାଇଚାରା ର ଅନୁପସ୍ଥିତିରେ ସାମାଜିକ ମୂଲ୍ୟ ହୀନ ହୋଇଯିବ ଏହା ଫଳରେ କେତେକମାନେ ଧନୀ ହୋଇ ଅଧିକ ସମୃଦ୍ଧ ହୋଇପାରନ୍ତି ନାହିଁ । ଯଦି ସମାନତା ଓ ଭ୍ରାତୃତା ରହି ସ୍ୱାଧୀନତା ହରିଯାଏ ତେବେ ଭାରତରେ ନାଗରିକ ଦେଖାଯିବ ନାହିଁ । କାରଣ କେତେକ ଶାସକ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ ଗୁଡିକ ଲୋକଙ୍କ ଉପରେ ଚାପିଦେଇ ଲାଗିପାରନ୍ତି । ପୁଣି, ଯଦି ସ୍ୱାଧୀନତା, ଭ୍ରାତୃତା/ଭାଇଚାରା ରହିଥିବ କିନ୍ତୁ ସମାନତା ନଥିବ ତାହାରେ ଭାରତରେ ଅଧିକ ବର୍ଗ ର ଶାସନ ସ୍ଥାପନା ହୋଇଯିବ । ତେଣୁ ସାମାଜିକ ଗଣତନ୍ତ୍ରରେ ତିନୋଟିର ଭୂମିକା ଜରୁରୀ । ଏଥି ମଧ୍ୟରୁ କେତେକ ଗୋଟିକର ଅନୁପସ୍ଥିତି ଭାରତକୁ ଦୁର୍ବଳ କରିପାରେ ।

ଅର୍ଥନୈତିକ ଗଣତନ୍ତ୍ର (Economic Democracy)

ଅର୍ଥନୈତିକ ଗଣତନ୍ତ୍ର ହେଉଛି ଏକ ଅବସ୍ଥା ଯେଉଁଠାରେ ଲୋକମାନେ ନିଜ ସମ୍ପତ୍ତିର ଉତ୍ପାଦନ ଉପରେ ମାଲିକାନା ରଖନ୍ତି ଏବଂ ସେମାନେ କିପରି ସେଗୁଡ଼ିକୁ କିପରି ବ୍ୟବହାର କରାଯିବ ତାହା ସ୍ଥିର କରିବାରେ ସମାନ ଭାବରେ ଅଂଶ ଗ୍ରହଣ କରନ୍ତି ।

ଅର୍ଥନୈତିକ ଗଣତନ୍ତ୍ର ସ୍ଥାନୀୟ ପରିସ୍ଥିତି [illegible] ଏବଂ ସୁବିଧା ଅନୁଯାୟୀ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦେଖାଯାଏ ।

2. 'ଗଣତନ୍ତ୍ର ହେଉଛି ଏକ ଜୀବନଧାରା' - ଏହି ଉକ୍ତିର ତାତ୍ପର୍ଯ୍ୟ ବିଷୟ ଆଲୋଚନା କର। (ବା ଗଣତନ୍ତ୍ରର ଅର୍ଥ ବିଷୟ ଆଲୋଚନା କର, ବିଭିନ୍ନ ଆଲୋଚନା କର।)

A) ସମ୍ବିଧାନ ପ୍ରଣେତା Dr. B.R. Ambedkar ଙ୍କ ମତରେ ଗଣତନ୍ତ୍ର କେବଳ ଏକ ରାଜନୈତିକ ବ୍ୟବସ୍ଥା ନୁହେଁ। ଏହା ହେଉଛି ଏକ ଜୀବନ ଧାରା। ଏହା ସମାଜରେ ସମ୍ମାନଜନକ ଜୀବନ ଯାପନ ଓ ଅନ୍ୟ ନାଗରିକ ମାନଙ୍କ ପ୍ରତି ସମ୍ମାନ ଭାବକୁ ବୁଝାଏ।

Dr. Ambedkar ଙ୍କ ମତରେ କେବଳ ରାଜନୈତିକ ସ୍ୱାଧୀନତା ସମ୍ପୂର୍ଣ୍ଣ ଗଣତନ୍ତ୍ରର ପରିଚାୟକ ନୁହେଁ। ସମ୍ପୂର୍ଣ୍ଣ ଗଣତନ୍ତ୍ର ରାଜନୈତିକ ଗଣତନ୍ତ୍ର, ଅର୍ଥନୈତିକ ଗଣତନ୍ତ୍ର ଓ ସାମାଜିକ ଗଣତନ୍ତ୍ରର ଏକ ମିଳିତ ସ୍ୱରୂପ।

ସାମାଜିକ ଗଣତନ୍ତ୍ର (Social Democracy) କହିଲେ Dr. Ambedkar ଙ୍କ ମତରେ ସମସ୍ତ ପ୍ରକାର ସାମାଜିକ ଭେଦଭାବର ଅନୁପସ୍ଥିତି। ସମାନ ସୁଯୋଗ, ଶିକ୍ଷା ଓ ବୃତ୍ତି କ୍ଷେତ୍ରରେ ଅନୁପାତ ମୂଳକ ପ୍ରତିନିଧିତ୍ୱକୁ ବୁଝାଏ।

ଅର୍ଥନୈତିକ ଗଣତନ୍ତ୍ର (economic Democracy) କହିଲେ - ଆୟର ନ୍ୟାୟପୂର୍ଣ୍ଣ ଅର୍ଜନ, ଉତ୍ପାଦନର ସାଧନମାନଙ୍କର ନ୍ୟାୟପୂର୍ଣ୍ଣ ବିତରଣକୁ ବୁଝାଏ।

ରାଜନୈତିକ ଗଣତନ୍ତ୍ର (Political Democracy) କହିଲେ Ambedkar ଙ୍କ ମତରେ - ଦଳିତ ଓ ଅବହେଳିତ ବର୍ଗର ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା, କାର୍ଯ୍ୟପାଳିକାରେ ଅବହେଳିତ ବର୍ଗର ପ୍ରତିନିଧିଙ୍କୁ ସାମିଲ କରିବା ଏବଂ ଦଳିତ ବର୍ଗର ପ୍ରକୃତ ପ୍ରତିନିଧିଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ଅବଗତ କରେଇବା।

ଏଥିରୁ ପ୍ରମାଣିତ ହେଲା ଯେ ଗଣତନ୍ତ୍ର କେବଳ ଏକ ରାଜନୈତିକ ବ୍ୟବସ୍ଥା ନୁହେଁ ବରଂ ଏହା ଭାରତରେ ସାମାଜିକ ଓ ନୈତିକ ଲକ୍ଷ୍ୟ ପ୍ରାପ୍ତି ଆଧାରରେ ନିର୍ଦ୍ଧାରିତ କରିଥାଏ।

(3) ଗଣତନ୍ତ୍ରର ବିଭିନ୍ନ ଅନ୍ତରାୟ ବା ଆହ୍ୱାନ ବିଷୟରେ ଆଲୋଚନା କର ।

A) ଭାରତୀୟ ଗଣତନ୍ତ୍ରରେ ବିଭିନ୍ନ ଆହ୍ୱାନ ଏବଂ ଅନ୍ତରାୟ ଅଛି, ଏହା ଭାରତୀୟ ଜନସାଧାରଣଙ୍କର ଆଶା ଓ ଆକାଂକ୍ଷା ପୂରଣ କରିବାରେ ସମର୍ଥ ହୋଇନାହିଁ । ଏକ ସଫଳ ଗଣତନ୍ତ୍ର ପ୍ରତିଷ୍ଠା କରିବା ପଥରେ ଗଣତନ୍ତ୍ରର ଅନ୍ତରାୟ ମାନଙ୍କର କିଛି ଆଲୋଚନା ଆବଶ୍ୟକ ।

ନିମ୍ନୋକ୍ତ ଅନ୍ତରାୟ ଗୁଡିକ ଭାରତୀୟ ଗଣତନ୍ତ୍ର ସମ୍ମୁଖରେ ବାଧା ସୃଷ୍ଟି କରୁଅଛନ୍ତି ।

i. ନିରକ୍ଷରତା (Illiteracy) : ଶିକ୍ଷା ମନୁଷ୍ୟର ସମ୍ପୂର୍ଣ୍ଣ ଚାରିତ୍ରିକ ମାନସିକ ଓ ଆଧ୍ୟାତ୍ମିକ ବିକାଶ କରିଥାଏ । ଏକ ସଫଳ ଗଣତନ୍ତ୍ର ନିମନ୍ତେ ନାଗରିକ ମାନଙ୍କର ଶିକ୍ଷିତ ହେବା ନିହାତି ଆବଶ୍ୟକ । ଶିକ୍ଷିତ ନାଗରିକ ଗଣତନ୍ତ୍ରର ମହତ୍ତ୍ୱ ବୁଝିପାରନ୍ତି ଓ ଗଣତାନ୍ତ୍ରିକ ପ୍ରକ୍ରିୟା ସମ୍ପର୍କରେ ଅବଗତ ହୁଅନ୍ତି ।

ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷକର ଅଭାବ, ବୃତ୍ତିମୂଳକ ଶିକ୍ଷା ଅବ୍ୟବସ୍ଥା, ବୈଜ୍ଞାନିକ ଶିକ୍ଷାର ଅଭାବ ଏବଂ ଶିକ୍ଷା ପ୍ରତି ଉଦାସୀନତା, ଆଦି କାରଣରୁ ଦେଶରେ ଶିକ୍ଷା ବ୍ୟବସ୍ଥା ଦୋହଲି ଏବଂ ଅଧିକ ଦୁର୍ବଳ ହୋଇଛି ।

ii. ଆଞ୍ଚଳିକତା ବାଦ (Regionalism) : ଆଞ୍ଚଳିକତା ବାଦ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଜନସାଧାରଣଙ୍କର ଉକ୍ତ ଅଞ୍ଚଳ ପ୍ରତି ଥିବା ମମତା ଓ ଭକ୍ତିକୁ ବୁଝାଇଥାଏ । ନକାରାତ୍ମକ ଆଞ୍ଚଳିକତା ବାଦ ଜାତୀୟ ସ୍ୱାର୍ଥ ବିନିମୟରେ ଆଞ୍ଚଳିକ ସ୍ୱାର୍ଥ ଓ ଆଞ୍ଚଳିକ ଭକ୍ତିକୁ ବୃଦ୍ଧି କରେଇଥାଏ ।

ବିଚ୍ଛିନ୍ନତା ବାଦ ଆଞ୍ଚଳିକତା ବାଦର ଏକ ଉଗ୍ର ରୂପ । ବିଚ୍ଛିନ୍ନତା ବାଦୀଙ୍କ ଉତ୍ତର-ପୂର୍ବ-ଭାରତ ଓ ଜମ୍ମୁ କାଶ୍ମୀର ରେ ଦେଖାଯାଏ । ନୂଆ ରାଜ୍ୟ ଗଠନ ଦାବି, ଷଷ୍ଠ ଅନୁସୂଚୀ - Autonomous District council ଗଠନ କରିବାର ଦାବି ବର୍ତ୍ତମାନ ଆଞ୍ଚଳିକତା ବାଦର ଅନ୍ୟତମ ରୂପ ।

iii. ନକ୍ସଲ ବାଦ (Naxalite Problem) : ନକ୍ସଲବାଦୀ କ୍ରିୟା ଭାରତରେ ଏକ ଗୁରୁତର ରୂପ ଧାରଣ କରିଛି । ନକ୍ସଲବାଦର କାରଣ ମାନଙ୍କ ମଧ୍ୟରେ ସାମାଜିକ (Social) ଓ ଆର୍ଥିକ (Economic) ବିକାଶର ଅଭାବ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଠିକାଦାରୀ ଶୋଷଣ ଅନ୍ୟତମ,

ସାମାଜିକ ଭେଦଭାବ, ରାଜନୈତିକ ଦମନ, ଆର୍ଥିକ ଶୋଷଣର ଲୋଭ ଓ ଜାତିପ୍ରଥା ଭଳି ପ୍ରଥାର ଆଦି ପ୍ରମୁଖ ।

ନକ୍ସଲ ବାଦ ସାମାଜିକ ବିଶୃଙ୍ଖଳା, ରାଜନୈତିକ ଅସ୍ଥିରତା, ଅର୍ଥନୀତିକ ଶାନ୍ତିରେ ବାଧା ଓ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅନୁଶାସନ ସୃଷ୍ଟି କରିଥାଏ, ନକ୍ସଲ ବାଦ ଗଣତନ୍ତ୍ରର ମୂଳ ଭିତ୍ତିକୁ ଆଘାତ କରେ ।

IV. ଅସମାନତା (Inequality) : ଅର୍ଥନୈତିକ ଓ ସାମାଜିକ ଅସମାନତା ଗଣତନ୍ତ୍ର ପ୍ରତି ଏକ ମୁଖ୍ୟ ଆହ୍ୱାନ ସୃଷ୍ଟି କରେ । ସମ୍ବିଧାନରେ ସାମାଜିକ ଅସମାନତା (Social Inequality) ଦୂର କରିବା ନିମନ୍ତେ ମୌଳିକ ଅଧିକାର ପ୍ରଦାନ କରାଯାଇଥିଲେ ମଧ୍ୟ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ ।

ଅର୍ଥନୈତିକ ଅସମାନତା (economic Inequality) ଦୂର କରିବା ନିମନ୍ତେ ସରକାରୀ ପ୍ରୟାସ ଓ ସାମ୍ବିଧାନିକ ପ୍ରାବଧାନ ସତ୍ତ୍ୱେ ଅର୍ଥନୈତିକ ଅସମାନତା ଦୂରୀଭୂତ ହୋଇପାରି ନାହିଁ ।

ଏହି ଅସମାନତା କାରଣରୁ ରାଷ୍ଟ୍ରରେ ଏକ ଅଭିଜାତ ସମ୍ପନ୍ନ ବର୍ଗ ଓ ଏକ ଅବହେଳିତ ବର୍ଗ ସୃଷ୍ଟି ହୋଇଥାଏ । ଅଭିଜାତ ସମ୍ପନ୍ନ ବର୍ଗ ରାଜନୀତି (Political) ଓ ଅର୍ଥନୀତି (economical)କୁ ନିୟନ୍ତ୍ରଣ କରନ୍ତି ଏବଂ ଅବହେଳିତ ବର୍ଗ ହିଁ ଅବହେଳିତ ହୋଇ ରୁହନ୍ତି ।

V. ଲିଙ୍ଗଗତ ବୈଷମ୍ୟ (Gender Inequality) : ଲିଙ୍ଗଗତ ବୈଷମ୍ୟ ବା ପୁରୁଷ ଓ ନାରୀ ମଧ୍ୟରେ ଥିବା ଭେଦଭାବ ଭାରତର ଗଣତନ୍ତ୍ର ପ୍ରତି ଏକ ଆହ୍ୱାନ ଅଟେ । ପାରମ୍ପରିକ ଭାବେ ଭାରତ ଏକ ପୁରୁଷପ୍ରଧାନ ସମାଜ । ଭାରତର ଅଧିକାଂଶ ମହିଳା ଆର୍ଥିକ କ୍ଷେତ୍ରରେ ସ୍ୱାଧୀନ ହୋଇନଥିବା ଯୋଗୁ ସେମାନେ ପୁରୁଷଙ୍କ ଉପରେ ନିର୍ଭର କରି ରହିଥାନ୍ତି । ତେଣୁ ସେମାନେ ପୁରୁଷଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇଥାନ୍ତି । ଭାରତ ସମ୍ବିଧାନ ସାର୍ବଜନୀନ ସାବାଳକ ଭୋଟ ପ୍ରଥା ଦ୍ୱାରା ଉଭୟ ପୁରୁଷ ଓ ନାରୀଙ୍କୁ ସମାନ ରାଜନୈତିକ ଅଧିକାର ପ୍ରଦାନ କରିଛନ୍ତି । ମାତ୍ର ମତଦାନ ସମୟରେ ଅଧିକାଂଶ ଭାରତୀୟ ମହିଳା ତାଙ୍କ ଅଭିଭାବକଙ୍କ ନିର୍ଦ୍ଦେଶରେ ଅନୁସାରେ ମତଦାନ କରିଥାନ୍ତି । 73 ଓ 74 ତମ ସମ୍ବିଧାନ ସଂଶୋଧନ ଆଇନ୍ ମାଧ୍ୟମରେ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌର ସଂସ୍ଥାମାନଙ୍କରେ

ପ୍ରତିନିଧିମାନଙ୍କ ଶାସନ ପରିଚାଳନା କରିଥିଲେ ହେଁ, ସେମାନଙ୍କ ସହାନୁଭୂତି ଓ ଦାବୀ ସେମାନଙ୍କର ପ୍ରତିନିଧିମାନେ ମାନି କାର୍ଯ୍ୟ କରିଥାନ୍ତି ।

4. ଗଣତନ୍ତ୍ରର ସଫଳତା ପାଇଁ ଆବଶ୍ୟକୀୟ ସର୍ତ୍ତଗୁଡ଼ିକ ବିଷୟରେ ଆଲୋଚନା କର ।
Or, ଗଣତନ୍ତ୍ରର ସଫଳ କାର୍ଯ୍ୟକାରିତା ନିମନ୍ତେ ସର୍ତ୍ତଗୁଡ଼ିକ ଆଲୋଚନା କର ।
(Discuss the conditions for 'successful working for Democracy

Ans. ଗଣତନ୍ତ୍ର ଶବ୍ଦଟି ଗ୍ରୀକ୍ ଶବ୍ଦ "Demos" (ଜନ) ଓ "Kratos" (କ୍ଷମତା) ରୁ ସୃଷ୍ଟି ହୋଇଅଛି । ଅର୍ଥାତ୍ ଆକ୍ଷରିକ ଅର୍ଥରେ ଗଣତନ୍ତ୍ର ଅର୍ଥ ଲୋକଶାସନ ବା ଜନଶାସନ। ଗଣତନ୍ତ୍ର ସମ୍ବନ୍ଧରେ କେତେକ ଗୁରୁତ୍ୱପୂର୍ଣ୍ଣ ସଜ୍ଞା ହେଲା :

(a) 'ଆବ୍ରାହମ ଲିଙ୍କନ' ଙ୍କ ମତରେ - "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାର" ।

(b) 'ଅଧ୍ୟାପକ ସିଲି' ଙ୍କ ମତରେ - "ଗଣତନ୍ତ୍ର ଏକ ଶାସନ ଆଧାର ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଥାଏ" । ...

"ଗଣତନ୍ତ୍ରର ସଫଳତା ପାଇଁ ନିମ୍ନଲିଖିତ କେତେକ ସର୍ତ୍ତ ବା ଉପାଦାନର ଆବଶ୍ୟକତା ରହିଅଛି ।

i. ବ୍ୟକ୍ତିର ନୈତିକ ଓ ବୌଦ୍ଧିକ ବିକାଶ

ଗଣତନ୍ତ୍ରର ସଫଳତା ସମ୍ପୂର୍ଣ୍ଣ ନାଗରିକମାନଙ୍କ ସଚେତନତା ଉପରେ ନିର୍ଭର କରୁଥିବାରୁ ସେମାନଙ୍କର ନୈତିକ ଓ ବୌଦ୍ଧିକ ବିକାଶ ହେବା ଉଚିତ୍ । ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନେ ସାଧୁ, ସଚ୍ଚୋଟ, ଆତ୍ମନିର୍ଭରଶୀଳ, ଶିକ୍ଷିତ, ସଚେତନ ଓ ଦୃଢ଼ମନା ହେବା ଆବଶ୍ୟକ ବିବେଚିତ । ସେମାନେ ଜାତି, ଧର୍ମ, ବର୍ଣ୍ଣ, ଆଞ୍ଚଳିକତାଠାରୁ ଦୂରରେ ରହି ସାମୂହିକ ଉନ୍ନତିରେ ବ୍ରତୀ ହେବା ଉଚିତ୍ ।

ii. ଗଣତାନ୍ତ୍ରିକ ମନୋବୃତ୍ତି :

ଗଣତନ୍ତ୍ର ଲୋକମାନଙ୍କର ଶାସନ ହୋଇଥିବାରୁ ଜନସାଧାରଣଙ୍କର ଗଣତନ୍ତ୍ରର ମୌଳିକନୀତି ଓ ଆଦର୍ଶ ପ୍ରତି ବିଶ୍ୱାସ ରହିବା ଉଚିତ୍ । ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ଉଦାରତା, ସହିଷ୍ଣୁତା, ସହଯୋଗ, ତ୍ୟାଗ, ଦୟା, ଆତ୍ମନିର୍ଭରଶୀଳତା, ଶୃଙ୍ଖଳା ଆଦି ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତିଫଳିତ ହେବା ଆବଶ୍ୟକ ।

iii. ଶିକ୍ଷାର ପ୍ରସାର :

ଗଣତନ୍ତ୍ରର ସଫଳତା ନାଗରିକମାନଙ୍କର ସଚେତନତା ଉପରେ ନିର୍ଭର କରିଥାଏ । ଶିକ୍ଷାର ପ୍ରସାର ଦ୍ୱାରା ହିଁ ନାଗରିକମାନଙ୍କ ମନରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜାଗ୍ରତ ହୋଇଥାଏ । ତେଣୁ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଶିକ୍ଷାକୁ ବାଧ୍ୟତାମୂଳକ ଓ ସାର୍ବଜନୀନ କରାଯାଇଥାଏ ।

iv. ଜାଗ୍ରତ ଜନମତ :

ଗଣତନ୍ତ୍ରର ପ୍ରତ୍ୟେକ ନାଗରିକ ଜାଗ୍ରତ ହେବା ଉଚିତ । ସେମାନେ ନିଜ ନିଜର ଅଧିକାର ସମ୍ପର୍କରେ ସଚେତନ ହେବା ଉଚିତ । ସରକାରଙ୍କ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ । ସେଥିପାଇଁ କୁହାଯାଏ, "ସତତ ଜାଗ୍ରତି ହିଁ ସ୍ୱାଧୀନତାର ରକ୍ଷା କବଚ" ।

v. ଅର୍ଥନୈତିକ ସମତା ପ୍ରତିଷ୍ଠା :

ସମାଜରେ ଅଧିକ ଅର୍ଥନୈତିକ ବୈଷମ୍ୟ ଦେଖାଦେଲେ ଦରିଦ୍ର ଓ ଅଭାବୀ ଜନସାଧାରଣ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଥାଏ । ଧନୀ ଓ ଦରିଦ୍ର ମଧ୍ୟରେ ତାରତମ୍ୟ ଦେଖାଦେଲେ ଶ୍ରେଣୀ ସଂଘର୍ଷ ହେବାର ସମ୍ଭାବନା ଥାଏ । ଦରିଦ୍ର, ଅବହେଳିତ ଓ ଦୁର୍ବଳ ଶ୍ରେଣୀର ଲୋକମାନେ ଧନିକ ଶୋଷଣର ଅତ୍ୟାଚାର ଓ ନିପୀଡ଼ନର ଶିକାର ହୋଇଥାନ୍ତି ।

vi. କର୍ତ୍ତବ୍ୟବୋଧ ଓ ଦାୟିତ୍ୱଜ୍ଞାନ :

